
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ନିର୍ଦ୍ଧାରିତ

# ବ୍ୟୁରୋ
# ଉଚ୍ଚ ମାଧ୍ୟମିକ

# ଅର୍ଥଶାସ୍ତ୍ର

## ଦ୍ୱାଦଶ ଶ୍ରେଣୀ



ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ପୁସ୍ତକ ଭବନ, ଭୁବନେଶ୍ୱର

ବ୍ୟୁରୋ

ଉଚ୍ଚ ମାଧ୍ୟମିକ

# ଅର୍ଥଶାସ୍ତ୍ର

## (ଦ୍ୱାଦଶ ଶ୍ରେଣୀ)

*(ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ୨୦୧୮ ଓ ପରବର୍ତ୍ତୀ ମସିହା ଉଚ୍ଚମାଧ୍ୟମିକ ପରୀକ୍ଷା ପାଇଁ ନିର୍ଦ୍ଧାରିତ ପାଠ୍ୟଖସଡ଼ା ଅନୁଯାୟୀ ଲିଖିତ)*

ଲେଖକ ମଣ୍ଡଳୀ

**ଡକ୍ଟର ପୁରୁଷୋତ୍ତମ ନାଥ**
ପ୍ରାକ୍ତନ ପ୍ରାଧ୍ୟାପକ ଓ ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

**ଡକ୍ଟର ରବିନାରାୟଣ ପାତ୍ର**
ଉପନିର୍ଦ୍ଦେଶକ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ
ଭୁବନେଶ୍ୱର

**ଡକ୍ଟର କାର୍ତ୍ତିକ ଚନ୍ଦ୍ର ଦାଶ**
ପ୍ରାଧ୍ୟାପକ, ଅର୍ଥଶାସ୍ତ୍ର ବିଭାଗ
ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର

**ଡକ୍ଟର ସୁଜାତା ପତି**
ଯୁଗ୍ମ ନିର୍ଦ୍ଦେଶିକା, ମଧୁସୂଦନ ଦାସ
ଆଞ୍ଚଳିକ ବିତ୍ତୀୟ ପରିଚାଳନା ଅନୁଷ୍ଠାନ
ଭୁବନେଶ୍ୱର

**ଡକ୍ଟର ନିରଞ୍ଜନ ରଣା**
ପ୍ରାଧ୍ୟାପକ, ରମାଦେବୀ କନିଷ୍ଠ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର

ପ୍ରକାଶକ

**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**
**ପୁସ୍ତକ ଭବନ, ଭୁବନେଶ୍ୱର**

# Bureau's
## Uchamadhyamika Arthasastra Class- XII

Published under the scheme of production of books and literature in Regional Language at the University level sponsored by the Commission for Scientific and Technical Terminology, Ministry of Human Resource Development (Department of Higher Education) Government of India, New Delhi.

Published by:
**The Odisha State Bureau of Textbook Preparation and Production, Pustak Bhavan, Bhubaneswar, Odisha, India.**

*First Edition*- 2017 / 2000 Copies.

*Reprint - 2017 / 2000 /* 2000 copies

*Publication* No. 577

ISBN 978-81-8005-383-2

© All rights reserved by the Odisha State Bureau of Textbook Preparation and Production, Pustak Bhavan, Bhubaneswar, Odisha. No part of this publication may be reproduced in any form or by any means without the written permission of the Publisher.

*Type Setting :*
**Print-tech Offset Pvt. Ltd., Bhubaneswar**

*Printed at:* **Devi Graphics, Cuttack**

***Price :* Rs. 160/- (Rupees One Hundred Sixty) Only.**

# ମୁଖବନ୍ଧ

ଓଡ଼ିଶାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅର୍ଥଶାସ୍ତ୍ରର ପାଠ୍ୟ ଖସଡ଼ା ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୧୮ ଏବଂ ପରବର୍ତ୍ତୀ ବର୍ଷମାନଙ୍କ ପାଇଁ ପୁନର୍ଗଠନ କରିଛନ୍ତି । ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ଯଥାରୀତି ନୂତନ ପାଠ୍ୟ ଖସଡ଼ା ଅନୁଯାୟୀ ଉଚ୍ଚ ମାଧ୍ୟମିକ ଅର୍ଥଶାସ୍ତ୍ର ପୁସ୍ତକ ପ୍ରକାଶ କରିଛନ୍ତି । ଓଡ଼ିଶାର ସାଧାରଣ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକଟି ଅତି ସରଳ ଏବଂ ସୁବୋଧ ଭାଷାରେ ଲେଖା ଯାଇଛି । ପୁସ୍ତକର ପରିଚ୍ଛେଦ ଶେଷରେ ସାରାଂଶ ଓ ବହୁ ସଂଖ୍ୟକ ବସ୍ତୁନିଷ୍ଠ, କ୍ଷୁଦ୍ର ଏବଂ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ସନ୍ନିବେଶିତ ହୋଇଛି । ପରିଷଦ ଦ୍ୱାରା ମନୋନୀତ ରାଜ୍ୟର କେତେକ ଅଭିଜ୍ଞ ଏବଂ ଖ୍ୟାତିସମ୍ପନ୍ନ ଶିକ୍ଷକଙ୍କ ଦ୍ୱାରା ଏହା ପ୍ରସ୍ତୁତ ହୋଇଛି ।

ପ୍ରାରମ୍ଭରେ ମୁଁ ପ୍ରଣେତା ଡକ୍ଟର ପୁରୁଷୋତ୍ତମ ନାଥ, ଡକ୍ଟର ଜତୀନ୍ଦ୍ର ନାଥ ପାତ୍ର, ଡକ୍ଟର ସୁଜାତା ପତି, ଡକ୍ଟର ନିରଞ୍ଜନ ରଣା ଓ ଡକ୍ଟର କାର୍ତ୍ତିକ ଚନ୍ଦ୍ର ରାଣାଙ୍କର ଅବଦାନ ଧନ୍ୟବାଦ ସହ ସ୍ୱୀକାର କରୁଛି ।

ଆଶା କରାଯାଏ, ଏହି ପୁସ୍ତକ ରାଜ୍ୟର ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କର ଅଭିଳାଷ ପୂରଣ କରିବ ଓ ସେମାନଙ୍କର ଅଭାବ ପୂରଣରେ ସହାୟକ ହେବ । ପୁସ୍ତକଟିର ଯେ କୌଣସି ଦିଗ ଉପରେ ମନ୍ତବ୍ୟ ଏବଂ ପରାମର୍ଶ ସଂସ୍ଥାଦ୍ୱାରା ସାନନ୍ଦ ସମାଦୃତ ହେବ ।

**ଶ୍ରୀ ଉମାକାନ୍ତ ତ୍ରିପାଠୀ**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା,
ପୁସ୍ତକ ଭବନ, ଭୁବନେଶ୍ୱର

# ଉପକ୍ରମଣିକା

ଅର୍ଥଶାସ୍ତ୍ର କେବଳ ଏକ ଗୁରୁତ୍ୱପୂର୍ଣ୍ଣ, ଉଦ୍ଦୀପକ ଏବଂ ଚିତ୍ତାକର୍ଷକ ବିଷୟ ନୁହେଁ, ଏହା ମଧ୍ୟ ଏକ ଜଟିଳ ବିଷୟ । ଏକ ଆର୍ଥନୀତିକ ମୂଳସୂତ୍ର ଅର୍ଥଶାସ୍ତ୍ରର ମୌଳିକ ସିଦ୍ଧାନ୍ତ ବୁଝିବା ଉଦ୍ଦେଶ୍ୟରେ ସଯତ୍ନ ପଠିତ ହୋଇଥାଏ ।

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ନୂତନ ପାଠ୍ୟ ଖସଡ଼ାନୁସାରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା ତରଫରୁ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଆମେ ବିଶେଷ ଆନନ୍ଦିତ । ଏହି ପାଠ୍ୟପୁସ୍ତକର ପ୍ରଥମ ଭାଗ କଳା ଓ ବିଜ୍ଞାନ ଏବଂ ଏହାର ଦ୍ୱିତୀୟ ଭାଗ କଳା, ବିଜ୍ଞାନ ଓ ବାଣିଜ୍ୟ ପାଇଁ ଉଦ୍ଦିଷ୍ଟ । ପୁସ୍ତକଟିକୁ ଆଲୋକପ୍ରଦ, ସାର୍ଥକ, ନିବିଡ଼, ସଂକ୍ଷିପ୍ତ, ସଂପୂର୍ଣ୍ଣ ଏବଂ ବୋଧଗମ୍ୟ କରିବା ସକାଶେ ସମସ୍ତ ପଦକ୍ଷେପ ନିଆଯାଇଛି । ନାନା ପ୍ରକାର ଆର୍ଥନୀତିକ ସମସ୍ୟା ବୋଧଗମ୍ୟ କରିବାରେ ଆମେ ସମସ୍ତ ପ୍ରାସଙ୍ଗିକ ଏବଂ ପ୍ରଚଳିତ ପରିସଂଖ୍ୟାନଗତ ତଥ୍ୟ ସନ୍ନିବିଷ୍ଟ କରିବାକୁ ଯଥାସାଧ୍ୟ ଉଦ୍ୟମ କରିଅଛୁ । ବିଭିନ୍ନ ଆଲୋଚ୍ୟ ବିଷୟର ନିହିତାର୍ଥ ଉଦାହରଣ, ତାଲିକା ଏବଂ ଚିତ୍ର ଆଦି ଦ୍ୱାରା ବିଶ୍ଳେଷଣ କରାଯାଇଛି । ଏହା ବିଷୟର ଅର୍ଥ ଏବଂ ଗୁରୁତ୍ୱ ହୃଦୟଙ୍ଗମ କରିବା ସକାଶେ ଛାତ୍ରଛାତ୍ରୀମାନଙ୍କୁ ସମର୍ଥ କରିବ ।

ନୂତନ ପାଠ୍ୟନିର୍ଘଣ୍ଟ ସାଫଲ୍ୟ ଉପଯୁକ୍ତ ପାଠ୍ୟପୁସ୍ତକର ସହଜ-ଲଭ୍ୟତା ଉପରେ ନିର୍ଭର କରେ । ପାଠ୍ୟପୁସ୍ତକ ପ୍ରଣେତାମାନେ ଆନନ୍ଦିତ ହୁଅନ୍ତି ଏବଂ ପୁରସ୍କୃତ ହୋଇଛନ୍ତି ବୋଲି ବିବେଚନା କରନ୍ତି ଯଦି ସେମାନଙ୍କର ପୁସ୍ତକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଠିତ, ବୋଧ ଏବଂ ଉପଭୋଗ୍ୟ ହୁଏ । ବର୍ତ୍ତମାନ ଆମର ଏହି ପୁସ୍ତକ ଏ ଦିଗରେ ଏକ ବିନମ୍ର ପ୍ରୟାସ ମାତ୍ର ।

ପୁସ୍ତକଟିରେ କୌଣସି ମୁଦ୍ରଣଗତ ତ୍ରୁଟି ପାଇଁ ଆମେ ପାଠକମାନଙ୍କୁ ସବିନୟ କ୍ଷମାପ୍ରାର୍ଥନା କରୁଛୁ । ପୁସ୍ତକଟିର ଶ୍ରୀବୃଦ୍ଧି ନିମନ୍ତେ ପରାମର୍ଶ ପ୍ରଣେତାମାନଙ୍କ ଦ୍ୱାରା କୃତଜ୍ଞତାର ସହ ସମାଦୃତ ହେବ । ପୁସ୍ତକଟିରେ ସମସ୍ତ ତ୍ରୁଟିବିଚ୍ୟୁତି ପାଇଁ ଲେଖକବର୍ଗ ପୂର୍ଣ୍ଣତଃ ଦାୟୀ ଅଟନ୍ତି ।

ପରିଶେଷରେ, ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥାର କର୍ମଚାରୀବୃନ୍ଦଙ୍କୁ ଏ ସମ୍ବନ୍ଧରେ ସେମାନଙ୍କର ନିରବଚ୍ଛିନ୍ନ ପ୍ରୋତ୍ସାହନ, ନିଷ୍ଠିତ ସୌଜନ୍ୟ, ଅନୁପ୍ରେରଣା ଏବଂ ପୂର୍ଣ୍ଣପ୍ରାଣ ସହଯୋଗ ନିମନ୍ତେ ଆମେ ଆମର ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛୁ ।

*ଲେଖକ ମଣ୍ଡଳୀ*

# SYLLABUS

## Paper - II

## Elementary Micro and Macro Economics

| A. | INTRODUCTORY MICRO ECONOMICS | |
|---|---|---|
| I. | Introduction | 10 Periods<br>10 Marks |
| | • Definition, scope and subject matter of ecomics<br>• Meaning of economy and central problems of an economy-scarcity and choice, what, how and for whom to produce?<br>• Basic concepts - wants, utility, goods, value, price and wealth | |
| II. | Consumption and Demand | 14 Periods<br>15 Marks |
| | • Laws of consumption - marginal and total utility, law of diminishing marginal utility, law of equimarginal utility and conditions of consumer's equilibrium<br>• Demand - meaning and determinants, individual and market demand, demand schedule and demand curve, movement along and shifts in the demand curve.<br>• Price elasticity of demand - concept, determinants, measurement of price elasticity of demand, percentage and geometric methods (linear demand curve), relation of price elasticity of demand with total expenditure. | |
| III. | Production | 10 Periods<br>10 Marks |
| | • Meaning of production and production function- short run and long run.<br>• Total Average and Marginal Product.<br>• Law of variable proportions and returns to a factor. | |
| IV. | Cost, Revenue and Supply | 12 Periods<br>10 Marks |
| | • Cost- money and real cost, implicit and explicit cost, fixed and variable cost, Total, average and marginal costs in the short run and their relationship (simple analysis)<br>• Revenue - Total, average and marginal revenue and their relationship<br>• Supply - meaning and law of supply | |

| | | |
|---|---|---|
| V. | Market | 08 Periods<br>10 Marks |
| | • Meaning and forms of market, pure and perfect competition, price determination under perfet competition and effects of shifts in demand and supply<br>• Meaning and features of monopoly, monopolistic competition and oligopoly. | |
| **B.** | **INTRODUCTORY MACRO ECONOMICS** | |
| VI. | Introduction | 04 Periods<br>05 Marks |
| | • Meaning of macroeconomics. Distinction between macro-and micro-economics, subject matter of macro economics | |
| VII. | National Income | 10 Periods<br>15 Marks |
| | • Meaning and aggregates related to national income - GNP, NNP, GDP and NDP at market price and factor cost.<br>• National disposable income (Gross and Net). Private Income, Personal income, Personal disposable income. Nominal and real national income.<br>• Income determination - Aggregate Demand and Supply and their components, simple Keynesian Theory of Income Determination. | |
| VIII. | Money, Banking and Public Finance | 12 Periods<br>20 Marks |
| | • Meaning and Functions of Money<br>• Meaning and Functions of Commercial Banks<br>• Meaning of Central Bank<br>• Meaning of Public Finance and Difference between public and private finance<br>• Budget - Meaning and objectives, balanced and unbalanced budget, surplus and deficit budget. | |

# ବିଷୟ ସୂଚୀ


| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| (କ) | ପ୍ରାରମ୍ଭିକ ବ୍ୟଷ୍ଟି ଅର୍ଥନୀତି | |
| ପ୍ରଥମ | ଉପକ୍ରମଣିକା | 1-105 |
| **1.1** | ଅର୍ଥନୀତିର ସଂଜ୍ଞା, ପରିସର ଓ ବିଷୟବସ୍ତୁ | **2-49** |
| 1.1.1 | ଅର୍ଥନୀତି କ'ଣ ଓ ଏହାର ସଂଜ୍ଞା | 2 |
| 1.1.2 | ଅର୍ଥନୀତିର ପରିସର ଓ ବିଷୟବସ୍ତୁ | 10 |
| **1.2** | ଅର୍ଥ ବ୍ୟବସ୍ଥାର କେନ୍ଦ୍ରୀୟ ସମସ୍ୟା | **14** |
| 1.2.1 | ଅର୍ଥବ୍ୟବସ୍ଥାର ଅର୍ଥ | 14 |
| 1.2.2 | ଅର୍ଥନୈତିକ ସମସ୍ୟା - ଦୁଷ୍ପ୍ରାପ୍ୟତା ଓ ମନୋନୟନ | 14 |
| 1.2.3 | ଅର୍ଥବ୍ୟବସ୍ଥାର କେନ୍ଦ୍ରୀୟ ସମସ୍ୟା | 15 |
| **1.3** | ଅର୍ଥଶାସ୍ତ୍ରର ମୌଳିକ ଅବଧାରଣା | **21** |
| 1.3.1 | ମାନବୀୟ ଅଭାବ | 21 |
| 1.3.2 | ଉପଯୋଗିତା | 28 |
| 1.3.3 | ଦ୍ରବ୍ୟ | 29 |
| 1.3.4 | ମୂଲ୍ୟ | 33 |
| 1.3.5 | ଦର | 33 |
| 1.3.6 | ସମ୍ପଦ | 34 |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |
| ଦ୍ୱିତୀୟ | ଉପଭୋଗ ଓ ଚାହିଦା | 50-106 |
| **2.1** | ଉପଭୋଗ | **51** |
| 2.1.1 | ଉପଭୋଗର ଗୁରୁତ୍ୱ | 51 |
| 2.1.2 | ମୋଟ ଉପଯୋଗିତା ଓ ସୀମାନ୍ତ ଉପଯୋଗିତା | 52 |

| | | |
|---|---|---|
| 2.1.3 | କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର | 55 |
| 2.1.4 | ସମସୀମାନ୍ତ ଉପଯୋଗିତା ସୂତ୍ର | 63 |
| 2.1.5 | ଉପଭୋକ୍ତା ସନ୍ତୁଳନର ସର୍ତ୍ତାବଳୀ | 69 |
| **2.2** | ଚାହିଦା | **71** |
| 2.2.1 | ଚାହିଦାର ଅର୍ଥ | 71 |
| 2.2.2 | ଚାହିଦାର ନିର୍ଣ୍ଣାୟକ | 72 |
| 2.2.3 | ଚାହିଦାର ପ୍ରକାର | 73 |
| 2.2.4 | ଚାହିଦା ଫଳନ | 74 |
| 2.2.5 | ଚାହିଦା ସୂତ୍ର | 75 |
| 2.2.6 | ଚାହିଦା ପରିମାଣରେ ପରିବର୍ତ୍ତନ ଓ ଚାହିଦାରେ ପରିବର୍ତ୍ତନ (ଚାହିଦା ରେଖାରେ ଗତି ଓ ଚାହିଦା ରେଖାର ସ୍ଥାନଚ୍ୟୁତି) | 82 |
| **2.3** | ଚାହିଦାର ଦର ସ୍ଥିତିସ୍ଥାପକତା | 84 |
| 2.3.1 | ଚାହିଦାର ଦର ସ୍ଥିତିସ୍ଥାପକତାର ପ୍ରକାର ଭେଦ | 86 |
| 2.3.2 | ଚାହିଦାର ଦର ସ୍ଥିତିସ୍ଥାପକତାର ପରିମାପ | 89 |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |
| ତୃତୀୟ | ଉତ୍ପାଦନ | **107-125** |
| **3.1** | ଉତ୍ପାଦନର ଅର୍ଥ, ଉତ୍ପାଦନର ସାଧନ ଓ ଉତ୍ପାଦନ ଫଳନ | **108** |
| 3.1.1 | ଉତ୍ପାଦନର ଅର୍ଥ | 108 |
| 3.1.2 | ଉତ୍ପାଦନ ସାଧନ | 110 |
| 3.1.3 | ଉତ୍ପାଦନ ଫଳନ | 111 |
| **3.2** | ମୋଟ ଉତ୍ପାଦ, ହାରାହାରି ଉତ୍ପାଦ ଓ ସୀମାନ୍ତ ଉତ୍ପାଦ | 113 |
| **3.3** | ପରିବର୍ତ୍ତୀ ଅନୁପାତ ସୂତ୍ର | 114 |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |

| | | |
|---|---|---|
| **ଚତୁର୍ଥ** | **ପରିବ୍ୟୟ, ଆୟ ଏବଂ ଯୋଗାଣ** | **126-177** |
| **4.1** | **ପରିବ୍ୟୟ** | **127** |
| 4.1.1 | ପରିବ୍ୟୟର ଅର୍ଥ | 127 |
| 4.12.2 | ପରିବ୍ୟୟର ପ୍ରକାର ଭେଦ<br>ସ୍ପଷ୍ଟ ପରିବ୍ୟୟ, ଅସ୍ପଷ୍ଟ ପରିବ୍ୟୟ, ଆର୍ଥନୀତିକ ପରିବ୍ୟୟ<br>ମୌଦ୍ରିକ ପରିବ୍ୟୟ, ବାସ୍ତବ ପରିବ୍ୟୟ ଏବଂ ବିକଳ୍ପ ପରିବ୍ୟୟ<br>ସ୍ୱଳ୍ପକାଳୀନ ପରିବ୍ୟୟ - ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ପରିବ୍ୟୟ<br>ମୋଟ ପରିବ୍ୟୟ, ହାରାହାରି ପରିବ୍ୟୟ ଏବଂ ସୀମାନ୍ତ ପରିବ୍ୟୟ | 127 |
| **4.2** | **ଆୟ** | **145** |
| **4.3** | **ଯୋଗାଣ** | **152** |
| 4.3.1 | ଯୋଗାଣର ଅର୍ଥ | 152 |
| 4.3.2 | ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନ | 153 |
| 4.3.3 | ଯୋଗାଣ ଫଳନ | 157 |
| 4.3.4 | ଯୋଗାଣ ସୂତ୍ର | 157 |
| 4.3.5 | ବ୍ୟକ୍ତିଗତ ଓ ବଜାର ଯୋଗାଣ ସୂଚୀ | 162 |
| 4.3.6 | ଯୋଗାଣ ଓ ଯୋଗାଣ ପରିମାଣରେ ପରିବର୍ତ୍ତନ | 164 |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |
| **ପଞ୍ଚମ** | **ବଜାର** | **178-210** |
| **5.1** | **ବଜାରର ଅର୍ଥ** | 179 |
| **5.2** | **ବଜାରର ଶ୍ରେଣୀ ବିଭାଗ** | **179** |
| 5.2.1 | ପୂର୍ଣ୍ଣ ପ୍ରତିଯୋଗିତା | 182 |
| 5.2.2 | ଶୁଦ୍ଧ ପ୍ରତିଯୋଗିତା | 184 |
| 5.2.3 | ଏକାଧିକାର | 185 |
| 5.2.4 | ଏକାଧିକାରମୂଳକ ପ୍ରତିଯୋଗିତା | 188 |
| 5.2.5 | ଅଳ୍ପାଧିକାର | 192 |

| | | |
|---|---|---|
| **5.3** | **ପୂର୍ଣ୍ଣ ପ୍ରତିଯୋଗିତାରେ ଦର ନିର୍ଦ୍ଧାରଣ** | **196** |
| 5.3.1 | ଚାହିଦା ଓ ଯୋଗାଣର ପରିବର୍ତ୍ତନ ଏବଂ ସନ୍ତୁଳନ ଦର | 200 |
| 5.4.2 | ଦର ନିର୍ଦ୍ଧାରଣରେ ସମୟର ଗୁରୁତ୍ୱ | 203 |
| **5.4** | **ବଜାର ଦର ଓ ସ୍ୱାଭାବିକ ଦର** | **204** |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |
| **(ଖ)** | **ପ୍ରାରମ୍ଭିକ ସମଷ୍ଟି ଅର୍ଥନୀତି** | |
| **ଷଷ୍ଠ** | **ସମଷ୍ଟି ଅର୍ଥନୀତିର ମୌଳିକ ତତ୍ତ୍ୱ** | **211-225** |
| **6.1** | **ବ୍ୟଷ୍ଟି ଓ ସମଷ୍ଟି ଅର୍ଥନୀତି** | **212** |
| 6.1.1 | ବ୍ୟଷ୍ଟି ଅର୍ଥନୀତିର ଅର୍ଥ | 213 |
| 6.1.2 | ସମଷ୍ଟି ଅର୍ଥନୀତିର ଅର୍ଥ | 214 |
| 6.1.3 | ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ମଧ୍ୟରେ ପାର୍ଥକ୍ୟ | 215 |
| 6.2 | ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ | 217 |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |
| **ସପ୍ତମ** | **ଜାତୀୟ ଆୟ** | **226-300** |
| 7.1 | ଜାତୀୟ ଆୟର ଅର୍ଥ | 227 |
| 7.2 | ଜାତୀୟ ଆୟ ଓ ସମ୍ବନ୍ଧିତ ଅବଧାରଣା | 228 |
| | ବଜାର ଦରରେ ମୋଟ ଘରୋଇ ଉତ୍ପାଦ | |
| | ବଜାର ଦରରେ ମୋଟ ଜାତୀୟ ଉତ୍ପାଦ | |
| | ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ | |
| | ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ | |
| | ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ | |
| | ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ | |
| | ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ | |
| | ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ | |

ଜାତୀୟ ପ୍ରଯୁଜ୍ୟ ଆୟ
ଜାତୀୟ ଆୟ
ନିଟ୍ ଘରୋଇ ଉତ୍ପାଦରୁ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଆୟ
ବେସରକାରୀ ଆୟ
ବ୍ୟକ୍ତିଗତ ଆୟ
ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ

| | | |
|---|---|---|
| 7.3 | ମୌଦ୍ରିକ ଘରୋଇ ଉତ୍ପାଦ ଓ ବାସ୍ତବ ଘରୋଇ ଉତ୍ପାଦ | 240 |
| 7.4 | ମୌଦ୍ରିକ ଜାତୀୟ ଆୟ ଓ ବାସ୍ତବ ଜାତୀୟ ଆୟ | 243 |
| 7.5 | ମୋଟ ଘରୋଇ ଉତ୍ପାଦ ଓ କଲ୍ୟାଣ | 244 |
| 7.6 | ଦୁଇ କ୍ଷେତ୍ର ବିଶିଷ୍ଟ ଅର୍ଥବ୍ୟବସ୍ଥାରେ ଆୟର ଚକ୍ରୀୟ ପ୍ରବାହ | 247 |
| 7.7 | ଜାତୀୟ ଆୟର ପରିମାପ | 251 |
| 7.7.1 | ଉତ୍ପାଦନ ପଦ୍ଧତି ବା ସଂଯୋଜିତ ମୂଲ୍ୟ ପଦ୍ଧତି | 251 |
| 7.7.2 | ଆୟ ପଦ୍ଧତି | 256 |
| 7.7.3 | ବ୍ୟୟ ପଦ୍ଧତି | 260 |
| 7.7.4 | ତିନି ପଦ୍ଧତିର ସମନ୍ୱୟ | 268 |
| 7.8 | ଆୟ ନିର୍ଦ୍ଧାରଣ | 274 |
| 7.8.1 | ସାମୂହିକ ଚାହିଦା | 274 |
| 7.8.2 | ସାମୂହିକ ଯୋଗାଣ | 281 |
| 7.8.3 | କେନ୍‌ସଙ୍କ ସରଳ ଆୟ ନିର୍ଦ୍ଧାରଣ ତତ୍ତ୍ୱ | 282 |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |
| ଅଷ୍ଟମ | ମୁଦ୍ରା, ବ୍ୟାଙ୍କିଙ୍ଗ୍, ରାଷ୍ଟ୍ରୀୟ ବିତ୍ତ | 301-396 |
| 8.1 | ମୁଦ୍ରା ଓ ମୁଦ୍ରାର କାର୍ଯ୍ୟ | 302 |
| 8.1.1 | ମୁଦ୍ରାର ଅର୍ଥ | 303 |
| 8.1.2 | ମୁଦ୍ରା ଓ ନିକଟ ମୁଦ୍ରା | 305 |
| 8.1.3 | ମୁଦ୍ରାର କାର୍ଯ୍ୟ | 310 |
| 8.2 | ବ୍ୟାଙ୍କିଙ୍ଗ୍ | 318 |

| | | |
|---|---|---|
| 8.2.1 | ବ୍ୟାଙ୍କର ଅର୍ଥ | 319 |
| 8.2.2 | ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟାବଳୀ | 319 |
| 8.2.3 | ବାଣିଜ୍ୟିକ ବ୍ୟାଙ୍କର ସନ୍ତୁଳନ ପତ୍ର | 327 |
| 8.2.4 | କେନ୍ଦ୍ରୀୟ ବ୍ୟାଙ୍କର ଅର୍ଥ | 334 |
| 8.2.4.1 | କେନ୍ଦ୍ରୀୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କ ମଧ୍ୟରେ ପାର୍ଥକ୍ୟ | 335 |
| 8.2.4.2 | କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟାବଳୀ | 336 |
| **8.3** | **ରାଷ୍ଟ୍ରୀୟ ବିତ୍ତ** | **348** |
| 8.3.1 | ରାଷ୍ଟ୍ରୀୟ ବିତ୍ତର ଅର୍ଥ | 349 |
| 8.3.2 | ରାଷ୍ଟ୍ରୀୟ ବିତ୍ତର ବିଷୟବସ୍ତୁ | 349 |
| 8.3.3 | ସରକାରୀ ରାଜସ୍ୱର ଉତ୍ସ | 350 |
| 8.3.4 | ପ୍ରତ୍ୟକ୍ଷ କର ଓ ପରୋକ୍ଷ କର | 360 |
| 8.3.5 | ସରକାରୀ ବ୍ୟୟ | 369 |
| | ରାଜସ୍ୱ ଓ ପୁଞ୍ଜି ବ୍ୟୟ | |
| | ଯୋଜନା ବ୍ୟୟ ଓ ଅଣ ଯୋଜନା ବ୍ୟୟ | |
| | ଉନ୍ନୟନ ଓ ଅଣଉନ୍ନୟନ ବ୍ୟୟ | |
| 8.3.6 | ବଜେଟ୍ | 377 |
| 8.3.6.1 | ବଜେଟ୍‌ର ପ୍ରକାରଭେଦ- ସମତୁଳ ବଜେଟ୍ ଓ ଅସମତୁଳ ବଜେଟ୍, | |
| | ବଳକା ଓ ନିଅଣ୍ଟିଆ ବଜେଟ୍ | 378 |
| 8.3.6.2 | ବଜେଟ୍‌ର ଲକ୍ଷ୍ୟ | 379 |
| 8.3.6.3 | ସମତୁଳ ବଜେଟ୍ ଓ ଅସମତୁଳ ବଜେଟ୍ ସପକ୍ଷ ଓ ବିପକ୍ଷରେ ଯୁକ୍ତି | 381 |
| | ସାରାଂଶ | |
| | ଆଦର୍ଶ ପ୍ରଶ୍ନାବଳୀ | |

(କ) ପ୍ରାରମ୍ଭିକ ବ୍ୟଷ୍ଟି ଅର୍ଥନୀତି

# (INTRODUCTORY MICROECONOMICS)

# ପ୍ରଥମ ପରିଚ୍ଛେଦ

## ଉପକ୍ରମଣିକା

- ଅର୍ଥନୀତିର ସଂଜ୍ଞା, ପରିସର ଓ ବିଷୟବସ୍ତୁ
- ଅର୍ଥ ବ୍ୟବସ୍ଥାର ଅର୍ଥ ଓ କେନ୍ଦ୍ରୀୟ ସମସ୍ୟା – ଅଭାବ ଓ ମନୋନୟନ, କ'ଣ, କିପରି ଓ କାହା ପାଇଁ ଉତ୍ପାଦନ ହେବ
- ମୌଳିକ ଅବଧାରଣା – ଅଭାବ, ଉପଯୋଗିତା, ଦ୍ରବ୍ୟ, ମୂଲ୍ୟ, ଦର ଓ ସମ୍ପଦ

# ପ୍ରଥମ ପରିଚ୍ଛେଦ

## ଉପକ୍ରମଣିକା

## (Introduction)

କୌଣସି ଏକ ବିଷୟ ସମ୍ବନ୍ଧରେ ସୁସଂଗଠିତ ଜ୍ଞାନରାଶିକୁ ବିଜ୍ଞାନ ଆଖ୍ୟା ଦିଆଯାଇଥାଏ । ସମାଜରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରୁଥିବାରୁ ଅର୍ଥଶାସ୍ତ୍ରକୁ ସମାଜ ବିଜ୍ଞାନ ବୋଲି କୁହାଯାଇଥାଏ । ମନୁଷ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ କରିଥାଏ । ସମାଜ ବିଜ୍ଞାନର ଗୋଟିଏ ନିର୍ଦ୍ଦିଷ୍ଟ ଶାଖା ସେ ସମସ୍ତ ବିଷୟରେ ଆଲୋକପାତ କରିପାରି ନ ଥାଏ । ପ୍ରତ୍ୟେକଟି ଶାଖା ସମାଜରେ ମଣିଷ ଆଚରଣର ଏକ ନିର୍ଦ୍ଦିଷ୍ଟ ଦିଗ ଅଧ୍ୟୟନ କରିଥାଏ । ଅର୍ଥନୀତି ବା ଅର୍ଥଶାସ୍ତ୍ର ସମାଜ ବିଜ୍ଞାନର ଏକ ଶାଖା ଯାହାକି ମାନବିକ ଜୀବନର ଅର୍ଥନୈତିକ ଦିଗଟି ଅଧ୍ୟୟନ ଓ ପର୍ଯ୍ୟାଲୋଚନା କରେ । ସୀମିତ ସମ୍ବଳର ଅନୁକୂଳତମ ବିନିଯୋଗ କରି ସର୍ବାଧିକ ପରିତୃପ୍ତି ଲାଭ କରିବା ନିମିତ୍ତ ଅର୍ଥନୀତି ମାନବଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ ।

### 1.1 ଅର୍ଥନୀତିର ସଂଜ୍ଞା, ପରିସର ଓ ବିଷୟବସ୍ତୁ
**(Definition, Scope and Subject matter of Economics)**

### 1.1.1 ଅର୍ଥନୀତି କ'ଣ ଓ ଏହାର ସଂଜ୍ଞା (Meaning and Definition of Economics)

ଅର୍ଥନୀତି (Economics) ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦ Oikos (household) ବା ପରିବାର ଏବଂ Nemein (to manage) ବା ପରିଚାଳନାରୁ ଗୃହୀତ ହୋଇଅଛି । ଏଣୁ ସର୍ବପ୍ରଥମେ ଅର୍ଥଶାସ୍ତ୍ର ସ୍ୱଳ୍ପ ସମ୍ବଳ ମାଧ୍ୟମରେ ପରିବାର

ପରିଚାଳନାକୁ ବୁଝାଯାଉଥିଲା । କିନ୍ତୁ ସମୟ ଅତିକ୍ରାନ୍ତ ହେବା ସହିତ ଏହାର ପରିସର ଏତେ ଅଧିକ ବ୍ୟାପକ ହୋଇଛି ଯେ ବର୍ତ୍ତମାନ ଅର୍ଥନୀତିକୁ ପରିବାରର ପରିଚାଳନା ଅର୍ଥରେ ଗ୍ରହଣ କରାଯାଉ ନାହିଁ ।

ସୁତରାଂ, ଅର୍ଥନୀତି କ'ଣ- ତାହା ଦର୍ଶାଇବା ସକାଶେ ଅର୍ଥନୀତିଜ୍ଞମାନଙ୍କ ଦ୍ୱାରା ପ୍ରଦତ୍ତ ଏହାର ସଂଜ୍ଞା ସମ୍ବନ୍ଧରେ ଆଲୋଚନା କରିବା ସମୀଚିନ ମନେହୁଏ । କିନ୍ତୁ ଅର୍ଥନୀତିର ସଂଜ୍ଞା ଉପରେ ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ ସହମତି ପ୍ରତିଷ୍ଠା ହୋଇପାରି ନାହିଁ ।

Mrs. Barbara Wootton ହାସ୍ୟୋଦ୍ଦୀପକ ଭାବରେ କହିଥିଲେ, "Whenever six economists are gathered there are seven opinions." ଅର୍ଥାତ୍ ଛଅ ଜଣ ଅର୍ଥଶାସ୍ତ୍ରୀ ଏକତ୍ର ହେଲେ ସାତଟି ମତର ଅବତରଣା କରନ୍ତି । Gunnar Myrdalଙ୍କ ମତରେ, ଅର୍ଥଶାସ୍ତ୍ର ଏକ ଗତିଶୀଳ ବିଷୟ (dynamic subject) ହୋଇଥିବାରୁ ଏହାର ପରିସର ବୃଦ୍ଧି ପାଉଛି । ଏଣୁ ଏହାର ସଠିକ୍ ସଂଜ୍ଞା ଦେବା ଏକ ଦୁରୂହ ବ୍ୟାପାର ।

Professor Eric Rollଙ୍କ ମତରେ, ଗୋଟିଏ ବିଷୟର ବିଜ୍ଞାନ ସମ୍ମତ ଏବଂ ଉପଯୁକ୍ତ ସଂଯୋଜିତ ଅଧ୍ୟୟନ ପାଇଁ ତାହାର ସଂଜ୍ଞା ନିରୂପଣ କରିବା ଆବଶ୍ୟକ । ତାଙ୍କ ମତାନୁସାରେ ଯେପରି ଜଣେ କୃଷକ ଜମିକୁ ଚାଷ କରିବା ପୂର୍ବରୁ ତାର କ୍ଷେତ୍ରର ଚୌହଦୀ ଜାଣିବା ଉଚିତ, ସେହିପରି ଅର୍ଥଶାସ୍ତ୍ରର ଛାତ୍ର ଅର୍ଥଶାସ୍ତ୍ରର ସଂଜ୍ଞା ଜାଣିବା ବାଞ୍ଛନୀୟ । ସଂଜ୍ଞାଗୁଡ଼ିକ ନିମ୍ନଲିଖିତ ଭାବରେ ଆଲୋଚନା କରାଯାଇପାରେ ।

A) ଆଡ଼ାମ୍ ସ୍ମିଥ୍‌ଙ୍କ ସଂପଦ ସଂଜ୍ଞା

B) ମାର୍ଶାଲଙ୍କ କଲ୍ୟାଣ ସଂଜ୍ଞା

C) ଲିଓନେଲ ରବିନ୍‌ସଙ୍କ ଦୁର୍ଲଭତା ସଂଜ୍ଞା

D) ସାମୁଏଲସନ୍‌ଙ୍କ ଅଭିବୃଦ୍ଧିମୁଖୀ ସଂଜ୍ଞା

**(A) ସମ୍ପଦ ସଂଜ୍ଞା (Wealth Definition)**

ସଂସ୍ଥାପିତ ଅର୍ଥଶାସ୍ତ୍ରୀ ଆଡ଼ାମ୍ ସ୍ମିଥ୍ ସର୍ବପ୍ରଥମେ ଅର୍ଥଶାସ୍ତ୍ରର ସଯୋଜିତ ସଂଜ୍ଞା ପ୍ରଦାନ କରିଥିଲେ । ତେଣୁ ଆଡ଼ାମ୍ ସ୍ମିଥ୍‌ଙ୍କୁ ଅର୍ଥଶାସ୍ତ୍ରର ଜନକ ବୋଲି କୁହାଯାଇଥାଏ । 1776 ମସିହାରେ ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକ An Enquiry into the Nature and Causes of the Wealth of Nations ରେ ସେ ଅର୍ଥଶାସ୍ତ୍ରକୁ ଏକ ସମ୍ପଦ ବିଜ୍ଞାନ ବୋଲି ବର୍ଣ୍ଣନା କରିଥିଲେ । ପୁସ୍ତକ ନାମରୁ ସୂଚିତ ହୁଏ ଯେ ଆଡ଼ାମ୍ ସ୍ମିଥ୍‌ଙ୍କ ମତାନୁସାରେ ଅର୍ଥଶାସ୍ତ୍ର ଜାତୀୟ ସମ୍ପଦର ବୈଶିଷ୍ଟ୍ୟ ଏବଂ କାରଣ ବିଷୟରେ ଅନୁସନ୍ଧାନ କରିଥାଏ । ଏହା ସଂପଦ ବିଜ୍ଞାନ ହୋଇଥିବାରୁ ଏହା ଜାତୀୟ ସମ୍ପଦ ଅଭିବୃଦ୍ଧିର ପ୍ରଣାଳୀ ବିଷୟରେ ଆଲୋକପାତ କରିଥାଏ । ଅର୍ଥାତ୍ ଅର୍ଥଶାସ୍ତ୍ର ସମ୍ପଦର ଉତ୍ପାଦନ ଏବଂ

ବଣ୍ଟନ ସମ୍ବନ୍ଧୀୟ ବିଜ୍ଞାନ ଅଟେ। ଆଡ଼ାମ୍ ସ୍ମିଥ୍‌ଙ୍କ ଏହି ମତକୁ ବିଶିଷ୍ଟ ଅର୍ଥନୀତିଜ୍ଞ ଜେ.ବି.ସେ, ଜେ.ଏସ୍.ମିଲ୍ ଏବଂ ୱାକର୍ ସମର୍ଥନ କରିଥିଲେ। ସ୍ମିଥ୍‌ଙ୍କ ସମ୍ପଦ-ସଂଜ୍ଞାର ବୈଶିଷ୍ଟ୍ୟ ଗୁଡ଼ିକ ହେଲା-

(i) ଅର୍ଥଶାସ୍ତ୍ର କେବଳ ସଂପଦ ବିଷୟରେ ଆଲୋଚନା କରିଥାଏ। ଏହା ସମ୍ପଦର ଉତ୍ପାଦନ, ବଣ୍ଟନ ଏବଂ ଉପଭୋଗ ସହିତ ଜଡ଼ିତ।

(ii) ସ୍ମିଥ୍ ଜଣେ ବସ୍ତୁବାଦୀ ଥିଲେ। ବସ୍ତୁଗତ ସାମଗ୍ରୀ ଯାହା ପ୍ରୟୋଜନୀୟ ଏବଂ ଦୁର୍ଲଭ, ତାହା କେବଳ ସମ୍ପଦ ପଦବାଚ୍ୟ ବୋଲି ସେ ମତ ଦେଇଥିଲେ। ଅଭୌତିକ ଦ୍ରବ୍ୟ ଯଥା ଶିକ୍ଷକ ଓ ଡାକ୍ତରଙ୍କ ସେବା ଏବଂ ଯେଉଁ ଦ୍ରବ୍ୟ ଗୁଡ଼ିକର ଯୋଗାଣ ଅସୀମ ଯଥା ମୁକ୍ତବାୟୁ ଓ ଜଳକୁ ସେ ସମ୍ପଦ ବୋଲି ବିବେଚନା କରି ନ ଥିଲେ।

(iii) ଅର୍ଥଶାସ୍ତ୍ର ସମ୍ପଦ ସଞ୍ଚୟନର ପ୍ରଣାଳୀ ବିଷୟରେ ଆଲୋଚନା କରିଥାଏ ଯାହାଦ୍ୱାରା ଦେଶର ଅଭିବୃଦ୍ଧି ଘଟିଥାଏ।

(iv) ବ୍ୟକ୍ତିଗତ ସମ୍ପଦର ବୃଦ୍ଧିଦ୍ୱାରା ଜାତୀୟ ସମ୍ପଦର ବୃଦ୍ଧି ଘଟିଥାଏ। ବ୍ୟକ୍ତି ସ୍ୱାର୍ଥ ଏବଂ ଜାତୀୟ ସ୍ୱାର୍ଥ ପରସ୍ପର ପରିପନ୍ଥୀ ନୁହଁନ୍ତି। ବ୍ୟକ୍ତିକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସେ ତାର ସମ୍ପଦର ଅଭିବୃଦ୍ଧି ଘଟାଇଥାଏ। ସବୁ ବ୍ୟକ୍ତିଙ୍କର ସମ୍ପଦର ବୃଦ୍ଧି ହେଲେ ଜାତୀୟ ସମ୍ପଦର ମଧ୍ୟ ବୃଦ୍ଧି ଘଟିଥାଏ। ସମ୍ପଦ ମନୁଷ୍ୟ ଜୀବନର ସବୁକିଛି ଅଟେ। ମନୁଷ୍ୟ ସବୁବେଳେ ସମ୍ପଦ ପଛରେ ଧାଇଁଥାଏ। ସେ ପ୍ରକାରର ମନୁଷ୍ୟକୁ 'ଅର୍ଥନୈତିକ ମନୁଷ୍ୟ ବା 'ସ୍ୱାର୍ଥପର ମନୁଷ୍ୟ' (Economic man) କୁହାଯାଇଥାଏ।

**ସମାଲୋଚନା**

ଆଡ଼ାମ୍ ସ୍ମିଥ୍‌ଙ୍କ ଏହି ସଂଜ୍ଞା ନିମ୍ନୋକ୍ତ ସମାଲୋଚନାର ଶରବ୍ୟ।

(1) **ସମ୍ପଦ ଉପରେ ପ୍ରାଧାନ୍ୟ:** ମନୁଷ୍ୟ ଉପରେ ଗୁରୁତ୍ୱ ନ ଦେଇ ସ୍ମିଥ୍ ସମ୍ପଦ ଉପରେ ଗୁରୁତ୍ୱ ଦେଇଥିଲେ। ବାସ୍ତବରେ ସମ୍ପଦ ମନୁଷ୍ୟର କଲ୍ୟାଣ ବୃଦ୍ଧିର ଏକ ମାଧ୍ୟମ ମାତ୍ର। ସୁତରାଂ, ଅର୍ଥଶାସ୍ତ୍ର ମଧ୍ୟ ମନୁଷ୍ୟ ବିଷୟରେ ଅନୁଧ୍ୟାନ କରିଥାଏ, ଏ କେବଳ ସମ୍ପଦ ବିଷୟରେ ସୀମିତ ନୁହେଁ।

ମାର୍ଶାଲ ଦେଖି କହିଛନ୍ତି, "ଏକ ପକ୍ଷରେ ଅର୍ଥଶାସ୍ତ୍ର ସମ୍ପଦର ଏକ ଅଧ୍ୟୟନ, ଅନ୍ୟ ପକ୍ଷରେ ତଥା ଅଧିକ ପ୍ରୟୋଜନୀୟପକ୍ଷେ ଏହା ମାନବାଧ୍ୟୟନର ଏକ ଅଂଶ।"

(2) **ସମ୍ପଦର ସୀମିତ ଅର୍ଥ:** ଅଭୌତିକ ଦ୍ରବ୍ୟ ଯଥା ଡାକ୍ତର, ଶିକ୍ଷକଙ୍କ ସେବାକୁ ସଂପଦ ମଧ୍ୟରେ ଅନ୍ତର୍ଭୁକ୍ତ ନ କରି ସ୍ମିଥ୍ ଅର୍ଥଶାସ୍ତ୍ରର ପରିସରକୁ ସୀମିତ କରିଅଛନ୍ତି।

(3) **କଲ୍ୟାଣକୁ ଉପେକ୍ଷା:** ସମ୍ପଦ ଅପେକ୍ଷା କଲ୍ୟାଣ ବେଶୀ ଗୁରୁତ୍ୱପୂର୍ଣ୍ଣ। ସମ୍ପଦର ସଂଚୟ ମାନବ କଲ୍ୟାଣର ଅଭିବୃଦ୍ଧି ସବୁବେଳେ କରି ନ ଥାଏ। ସମ୍ପଦର ସୁଷମ ବଣ୍ଟନ ସେଥିଲାଗି ଅପରିହାର୍ଯ୍ୟ। କିନ୍ତୁ, ସ୍ମିଥ୍ କଲ୍ୟାଣ ବିଷୟରେ କିଛି ଉଲ୍ଲେଖ କରି ନାହାନ୍ତି।

(4) **ଏହା ଆମକୁ ସ୍ୱାର୍ଥପର ହେବାକୁ ଶିକ୍ଷା ଦେଇଥାଏ:** Carlyle ଏବଂ Ruskin ଆଦି ଦାର୍ଶନିକ Adam Smithଙ୍କ ସଂଜ୍ଞାକୁ ସମାଲୋଚନା କରିଛନ୍ତି। ସେମାନଙ୍କ ମତରେ, ଅର୍ଥଶାସ୍ତ୍ର ଆମକୁ ସ୍ୱାର୍ଥପର ହେବାକୁ ଶିକ୍ଷାଦିଏ। ଏହା ଜୀବନର ଉତ୍ତମ ଦିଗ ବିଷୟରେ କିଛି ଶିକ୍ଷା ଦିଏ ନାହିଁ। Carlyle ଅର୍ଥଶାସ୍ତ୍ରକୁ Gospel of Mammon ବା ଆସୁରିକ ମତବାଦ ବୋଲି ବର୍ଣ୍ଣନା କରିଛନ୍ତି। Ruskin "Unto the Last" ପୁସ୍ତକରେ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି।

(5) **ଅର୍ଥନୈତିକ ମାନବ:** 'ଅର୍ଥନୈତିକ ମାନବ' ଯେ ସବୁବେଳେ ବ୍ୟକ୍ତି ସ୍ୱାର୍ଥ ଦ୍ୱାରା ପରିଚାଳିତ ହୁଏ, ସେହିପରି ଧାରଣା ଭ୍ରମାତ୍ମକ ଅଟେ। ବ୍ୟକ୍ତି ସ୍ୱାର୍ଥ ସମୟ ସମୟରେ ସାମୂହିକ ସ୍ୱାର୍ଥର ପରିପନ୍ଥୀ ହୋଇଥାଏ।

**(B) କଲ୍ୟାଣକାରୀ ସଂଜ୍ଞା (Welfare Definition)**

ନବ ସଂସ୍ଥାପିତ ଅର୍ଥଶାସ୍ତ୍ରୀ ଆଲ୍‌ଫ୍ରେଡ୍ ମାର୍ଶାଲ୍, 1890 ମସିହାରେ ପ୍ରକାଶିତ ତାଙ୍କ ପୁସ୍ତକ Principles of Economicsରେ ଅର୍ଥଶାସ୍ତ୍ରର କଲ୍ୟାଣକାରୀ ସଂଜ୍ଞା ଦେଇଛନ୍ତି। ତାଙ୍କ ମତରେ, "Economics is a study of mankind in the ordinary business of life; it examines that part of individual and social action which is most closely connected with the attainment and with the use of material requisites of well-being. Thus it is on the one side a study of wealth; on the other and more important side a part of the study of man." ଅର୍ଥାତ୍ "ଅର୍ଥନୀତି ମାନବର ଦୈନନ୍ଦିନ କାର୍ଯ୍ୟାବଳୀକୁ ଅଧ୍ୟୟନ କରେ। ଏହା ବ୍ୟକ୍ତିଗତ ଏବଂ ସାମାଜିକ କାର୍ଯ୍ୟାବଳୀର ସେହି ଦିଗକୁ ପରୀକ୍ଷା କରେ, ଯାହାକି ଭୌତିକ କଲ୍ୟାଣର ପ୍ରାପ୍ତି ଓ ଉପାଦାନର ବ୍ୟବହାର ସହିତ ନିବିଡ଼ ଭାବରେ ସଂପୃକ୍ତ। ତେଣୁ ଏକ ଦିଗରେ ଏହା ସମ୍ପଦର ଅଧ୍ୟୟନ କରିଥାଏ ଏବଂ ଅନ୍ୟ ଦିଗରେ ଯାହାକି ଅଧିକ ଗୁରୁତ୍ୱପୂର୍ଣ୍ଣ ମଣିଷର ଅଧ୍ୟୟନ କରିଥାଏ।" ଏହି ସଂଜ୍ଞା ସମ୍ପଦ ଅପେକ୍ଷା 'ମାନବ କଲ୍ୟାଣ' ବା ଭୌତିକ କଲ୍ୟାଣ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଥିବାରୁ ଏହା ଅର୍ଥଶାସ୍ତ୍ରର 'କଲ୍ୟାଣକାରୀ ସଂଜ୍ଞା' ରୂପେ ପରିଚିତ।

## ମାର୍ଶାଲ୍‌ଙ୍କ ସଂଜ୍ଞାର ବୈଶିଷ୍ଟ୍ୟ

ମାର୍ଶାଲ୍‌ଙ୍କ ସଂଜ୍ଞାର ବିଶଦ୍ ଆଲୋଚନା କଲେ ନିମ୍ନଲିଖିତ ତିନିଗୋଟି ବୈଶିଷ୍ଟ୍ୟ ଦେଖିବାକୁ ମିଳେ।

(i) ମାର୍ଶାଲଙ୍କ ମତରେ 'ସମ୍ପଦ' ମାନବ କଲ୍ୟାଣର ଏକ ମାଧ୍ୟମ ମାତ୍ର। ଯେ କୌଣସି ଉପାୟରେ ସମ୍ପଦ ବୃଦ୍ଧି କରିବା ଅର୍ଥଶାସ୍ତ୍ରର ମୂଳ ଲକ୍ଷ୍ୟ ନୁହେଁ। ଏହାର ଅଧ୍ୟୟନର ମୁଖ୍ୟ ଲକ୍ଷ୍ୟ ହେଲା, ମାନବ କଲ୍ୟାଣ ସାଧନ। ସୁତରାଂ ଅର୍ଥନୀତି ଅଧ୍ୟୟନରେ ସମ୍ପଦ ଉପରେ ବିଶେଷ ଗୁରୁତ୍ୱ ଦିଆ ନ ଯାଇ ମଣିଷ ଉପରେ ହିଁ ଅଧିକ ଗୁରୁତ୍ୱାରୋପ କରାଯାଇଥାଏ।

(ii) ଅର୍ଥଶାସ୍ତ୍ର ବ୍ୟକ୍ତି ଓ ସମାଜର ଯେଉଁ କାର୍ଯ୍ୟକ୍ରମ ମାନବିକ କଲ୍ୟାଣ ସହିତ ସମ୍ପୃକ୍ତ ତାହାର ଆଲୋଚନା କରେ। ମାନବିକ କଲ୍ୟାଣ ସାଧାରଣ ବା ଭୌତିକ ହୋଇପାରେ। ସାଧାରଣ କଲ୍ୟାଣ ଧାରଣା ଏକ ଭାବାତ୍ମକ ଧାରଣା। ଏହାର ପରିମାପ କଷ୍ଟସାଧ୍ୟ; ମାତ୍ର ଭୌତିକ ବା ଅର୍ଥନୈତିକ କଲ୍ୟାଣ ମୁଦ୍ରାଦ୍ୱାରା ପରିମାପିତ ହୁଏ। ତେଣୁ ଅର୍ଥଶାସ୍ତ୍ର ମାନବର ଅର୍ଥନୈତିକ କଲ୍ୟାଣ ବିଷୟରେ ଆଲୋଚନା କରେ।

(iii) ଅର୍ଥଶାସ୍ତ୍ର ସମାଜରେ ବସବାସ କରୁଥିବା ବ୍ୟକ୍ତିଙ୍କର ଅଧ୍ୟୟନ କରେ। ସମାଜରେ ରହୁଥିବା ସବୁ ମଣିଷ ସାଧାରଣ ମଣିଷ। ସମାଜର ଏହି ସାଧାରଣ ମଣିଷ ନିଜର ସ୍ୱାର୍ଥସିଦ୍ଧି ପାଇଁ ସମ୍ପଦ ଆହରଣକୁ ଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ଆଡ଼ାମ୍ ସ୍ମିଥ୍‌ଙ୍କର ମତକୁ ମାର୍ଶାଲ୍ ଗ୍ରହଣ କରି ନାହାନ୍ତି। ମାର୍ଶାଲ୍‌ଙ୍କ ମତରେ ମଣିଷର ବ୍ୟକ୍ତିଗତ ଅର୍ଥନୈତିକ କାର୍ଯ୍ୟାବଳୀର ମଧ୍ୟ ଏକ ସାମାଜିକ ଦିଗ ରହିଛି। ନିଜର ପରିବାର, ପଡ଼ୋଶୀ ବା ବନ୍ଧୁମାନଙ୍କ ପାଇଁ ତାଙ୍କର ସ୍ନେହ ଓ ମମତା ରହିଛି। ଅର୍ଥଶାସ୍ତ୍ର ଏକ ଦିଗରେ ମାନବ ଏବଂ ଅନ୍ୟ ଦିଗରେ ତାଙ୍କର ସାମାଜିକ କାର୍ଯ୍ୟାବଳୀର ଅଧ୍ୟୟନ କରେ।

## ସମାଲୋଚନା

ପ୍ରଫେସର ଲିଓନେଲ୍ ରବିନ୍‌ସଙ୍କ ଭଳି ଅର୍ଥନୀତଜ୍ଞମାନେ ମାର୍ଶାଲଙ୍କ ଏହି ସଂଜ୍ଞାକୁ ସମାଲୋଚନା କରିଛନ୍ତି।

(i) **ଅର୍ଥଶାସ୍ତ୍ର ଏକ ସାମାଜିକ ବିଜ୍ଞାନ ନୁହେଁ, ଏହା ଏକ ମାନବ ବିଜ୍ଞାନ:** ରବିନ୍‌ସ୍‌ଙ୍କ ମତରେ, ଅର୍ଥନୈତିକ କାର୍ଯ୍ୟକଳାପ ସବୁ ମଣିଷ ସମ୍ପାଦନ କରନ୍ତି, ସେ ସମାଜରେ ବସବାସ କରୁ ବା ନ କରୁ। ତେଣୁ ବାସ୍ତବରେ ଅର୍ଥଶାସ୍ତ୍ର ହେଲା ଏକ ମାନବ ବିଜ୍ଞାନ, କେବଳ ସମାଜ ବିଜ୍ଞାନ ନୁହେଁ।

(ii) **ଆତ୍ମନିଷ୍ଠ ବା ବ୍ୟକ୍ତିମୁଖୀ:** ମାର୍ଶାଲ୍‌ଙ୍କ ମତରେ ଅର୍ଥଶାସ୍ତ୍ର କଲ୍ୟାଣ ସମ୍ବନ୍ଧୀୟ ଏକ ଅଧ୍ୟୟନ। କଲ୍ୟାଣ ଏକ ବ୍ୟକ୍ତିମୁଖୀ ଧାରଣା ହୋଇଥିବାରୁ ଏହା ଏକ ବ୍ୟକ୍ତିମୁଖୀ ବିଷୟ ହୋଇଥାଏ। କିନ୍ତୁ ବିଜ୍ଞାନ ସଠିକ୍ ଏବଂ ବସ୍ତୁନିଷ୍ଠ ହେବା ଉଚିତ। କଲ୍ୟାଣ ସମ୍ବନ୍ଧୀୟ ଧାରଣା ବ୍ୟକ୍ତି ବିଶେଷରେ ପୃଥକ୍ ହୋଇଥାଏ।

(iii) **କଲ୍ୟାଣର ବର୍ଗୀକରଣ ବା ବିଭାଗୀକରଣ:** ମାର୍ଶାଲ କଲ୍ୟାଣକୁ ଦୁଇଟି ବିଭାଗ ଯଥା ଭୌତିକ ଏବଂ ଅଭୌତିକ କଲ୍ୟାଣରେ ବିଭକ୍ତ କରିଅଛନ୍ତି। ତାଙ୍କ ମତରେ, ଭୌତିକ କଲ୍ୟାଣ ଅର୍ଥଶାସ୍ତ୍ର ପରିସରରେ ଅନ୍ତର୍ଭୁକ୍ତ ହୋଇଥାଏ। କିନ୍ତୁ ସମାଲୋଚକମାନଙ୍କ ମତରେ କଲ୍ୟାଣ ଏକ ସାମଗ୍ରିକ ଧାରଣା। ଏହାକୁ ସାମଗ୍ରିକ ଭାବରେ ବୁଝାଯାଇଥାଏ। ଜଣଙ୍କର ଭୌତିକ କଲ୍ୟାଣ କମ୍ କିନ୍ତୁ ଅଭୌତିକ କଲ୍ୟାଣ ବେଶୀ କହିବା ଅତ୍ୟନ୍ତ ହାସ୍ୟାସ୍ପଦ। ଏଣୁ ମାର୍ଶାଲଙ୍କ କଲ୍ୟାଣକାରୀ ସଂଜ୍ଞା ବିଶ୍ଳେଷଣାତ୍ମକ ନୁହେଁ, ଏହା କେବଳ କଲ୍ୟାଣକୁ ବିଭାଗୀକରଣ କରିଥାଏ। ଅର୍ଥଶାସ୍ତ୍ରର ମୂଳ ସମସ୍ୟାକୁ ଏହା ବିଶ୍ଳେଷଣ କରି ନ ଥାଏ।

(iv) **ସୀମିତ ପରିସର:** ମାର୍ଶାଲଙ୍କ ମତରେ ଅର୍ଥଶାସ୍ତ୍ର କେବଳ କଲ୍ୟାଣ ବର୍ଦ୍ଧକ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥାଏ। କିନ୍ତୁ ରବିନ୍‌ସ ତାହାକୁ ସମାଲୋଚନା କରି କହିଛନ୍ତି ଯେ କେତେକ କାର୍ଯ୍ୟକଳାପ ଯଥା ସିଗାରେଟ୍, ମଦ, ବନ୍ଧୁକ ଏବଂ ବୋମା ଉତ୍ପାଦନ ଯାହାକି କଲ୍ୟାଣ ବୃଦ୍ଧି କରି ନ ଥାଏ ତାହା ମଧ୍ୟ ଅର୍ଥଶାସ୍ତ୍ରରେ ଆଲୋଚିତ ହୁଏ। ଏଣୁ ମାର୍ଶାଲଙ୍କ ସଂଜ୍ଞା ଅର୍ଥଶାସ୍ତ୍ରର ପରିସରକୁ ସଂକୁଚିତ କରିଥାଏ।

## (C) ସ୍ୱଳ୍ପତା ଅଥବା ଚୟନ ସଂଜ୍ଞା (Scarcity Definition)

ଚୟନ ସଂଜ୍ଞାକୁ ମଧ୍ୟ ଦୁର୍ଲଭତା ବା ଦୁଷ୍ପ୍ରାପ୍ୟତା ସଂଜ୍ଞା ଆଖ୍ୟା ଦିଆଯାଇଥାଏ। ଲିଓନେଲ୍ ରବିନ୍‌ସ ଏହି ପ୍ରକାରର ସଂଜ୍ଞା 1932 ମସିହାରେ ପ୍ରକାଶିତ ପୁସ୍ତକ An Essay on the Nature and Significance of Economic Scienceରେ ଦେଇଛନ୍ତି। ତାଙ୍କ ମତରେ, "Economics is a science which studies human behaviour as a relationship between ends and scarce means which have alternative uses." ଅର୍ଥାତ୍ "ଅସୀମ ଅଭାବ ଏବଂ ବିକଳ୍ପ ବ୍ୟବହାରଯୁକ୍ତ ଦୁର୍ଲଭ ସମ୍ବଳ ମଧ୍ୟରେ ଥିବା ସମ୍ପର୍କ ପରିପ୍ରେକ୍ଷୀରେ ମଣିଷର ଆଚରଣ ଅଧ୍ୟୟନ କରୁଥିବା ବିଜ୍ଞାନ ହିଁ ଅର୍ଥଶାସ୍ତ୍ର।" 'ଦୁଷ୍ପ୍ରାପ୍ୟତା' ଓ 'ମନୋନୟନ' ଉପରେ ଭିତ୍ତିକରି ରବିନ୍‌ସଙ୍କର ସଂଜ୍ଞା ଦିଆଯାଇଥିବାରୁ ଏହାକୁ ଦୁଷ୍ପ୍ରାପ୍ୟତା ସଂଜ୍ଞା କୁହାଯାଏ।

### ରବିନ୍‌ସଙ୍କ ସଂଜ୍ଞାର ବୈଶିଷ୍ଟ୍ୟ

ରବିନ୍‌ସଙ୍କ ସଂଜ୍ଞାରୁ ନିମ୍ନଲିଖିତ ବୈଶିଷ୍ଟ୍ୟ ପ୍ରତୀୟମାନ ହୁଏ।

(i) **ମନୁଷ୍ୟର ଅଭାବ ଅସୀମ:** ମନୁଷ୍ୟ ଅଭାବର ଅନ୍ତ ନାହିଁ। ଗୋଟିଏ ଅଭାବ ପୂରଣ ହୋଇସାରିଲେ, ଆଉ ଏକ ଅଭାବର ଆବିର୍ଭାବ ହୁଏ। ଅସୀମ ଅଭାବ ଅର୍ଥଶାସ୍ତ୍ରର ମୂଳପିଣ୍ଡ।

(ii) **ସମ୍ବଳର ଦୁର୍ଲଭତା:** ମନୁଷ୍ୟ ପାଖରେ ଥିବା ସମ୍ବଳ ଅଭାବ ତୁଳନାରେ ସୀମିତ। ସମ୍ବଳ ଭୌତିକ କିମ୍ବା ଅଭୌତିକ ହୋଇପାରେ। ଭୂମି, ପୁଞ୍ଜି, ଖଣିଜ ସମ୍ପଦ ଆଦି ହେଲା ଭୌତିକ ସମ୍ବଳ।

ଅଭୌତିକ ସମ୍ବଳ ହେଲା ସମୟ ଓ ବିଭିନ୍ନ ପ୍ରକାରର ସେବା। ମାନବର ଚାହିଦା ତୁଳନାରେ ସମ୍ବଳ ସୀମିତ ବା ସ୍ୱଳ୍ପ।

(iii) **ବିକଳ୍ପ ବ୍ୟବହାରକ୍ଷମ ସମ୍ବଳ:** ସୀମିତ ସମ୍ବଳ ବିକଳ୍ପ ବ୍ୟବହାରରେ ବିନିଯୋଗ କରାଯାଇପାରେ। ଅର୍ଥାତ୍ ଏହା ଗୋଟିଏ ବ୍ୟବହାର କିମ୍ବା ଅନ୍ୟ ଏକ ବ୍ୟବହାରରେ ଉପଯୋଗ କରାଯାଇପାରେ। ଉଦାହରଣ ସ୍ୱରୂପ କୋଇଲା ବିଜୁଳି କିମ୍ବା ସାର ଉତ୍ପାଦନ ସକାଶେ ବ୍ୟବହାର କରାଯାଇପାରେ। ସେହିପରି ଭୂମିକୁ କୃଷିକାର୍ଯ୍ୟରେ ବିନିଯୋଗ କରାଯାଇପାରେ ବା ସେହିଭୂମିରେ ଶିଳ୍ପ ପ୍ରତିଷ୍ଠା କରାଯାଇପାରେ। ଯଦି ପ୍ରତ୍ୟେକ ସମ୍ବଳର କେବଳ ମାତ୍ର ଗୋଟିଏ ବ୍ୟବହାର ଥାଆନ୍ତା, ବ୍ୟକ୍ତି ବିଶେଷଙ୍କର ମନୋନୟନ ପ୍ରଶ୍ନ ନ ଥାନ୍ତା ଏବଂ କୌଣସି ଅର୍ଥନୈତିକ ସମସ୍ୟାର ଉଦ୍ଭବ ହୁଅନ୍ତା ନାହିଁ।

(iv) **ଗୁରୁତ୍ୱ କ୍ରମରେ ଅଭାବର ଶ୍ରେଣୀ ବିଭାଗ:** ସବୁ ଅଭାବର ଏକ ପ୍ରକାର ଗୁରୁତ୍ୱ ନଥାଏ। କେତେଗୁଡ଼ିଏ ଅତ୍ୟନ୍ତ ଦରକାରୀ। ଆଉ କେତେକ କମ୍ ଦରକାରୀ। ଖାଦ୍ୟ, ବସ୍ତ୍ର ଓ ବାସଗୃହ ନିମିତ୍ତ ଅଭାବ ନିତାନ୍ତ ଦରକାରୀ। ଆମୋଦପ୍ରମୋଦ ପାଇଁ ଅଭାବ କମ୍ ଦରକାରୀ। ଯେହେତୁ ଆମର ସମ୍ବଳ ସୀମିତ, ଆମକୁ ମନୋନୟନ କରିବାକୁ ପଡ଼ିବ କେଉଁ ଅଭାବକୁ ସର୍ବପ୍ରଥମେ ପରିତୃପ୍ତ କରିବାକୁ ହେବ। ଏହା ହିଁ, ମୂଳ 'ଅର୍ଥନୀତିକ ସମସ୍ୟା ବା କାର୍ଯ୍ୟକଳାପ'। ଏଣୁ ରବିନସ୍‌ଙ୍କ ମତରେ, ଅର୍ଥଶାସ୍ତ୍ର ଏକ ଚୟନ ବା ମନୋନୟନ ବିଜ୍ଞାନ। ସମସ୍ତେ ଏହି ମନୋନୟନ ସମସ୍ୟାର ସମ୍ମୁଖୀନ ସମସ୍ତେ ହୋଇଥାନ୍ତି। ମଣିଷ ସମାଜରେ ବସବାସ କରୁଥାଉ ବା ନ ଥାଉ; ଏହା ଉନ୍ନତ ଦେଶର ସରକାର ହୋଇଥାଉ ବା ଅନୁନ୍ନତ ଦେଶର ସରକାର ହୋଇଥାଉ; ସମ୍ବଳ ସବୁ ସମୟରେ ସ୍ୱଳ୍ପ ହୋଇଥିବାରୁ ଅର୍ଥଶାସ୍ତ୍ରର ଗୁରୁତ୍ୱ ସବୁବେଳେ ରହିବ। ଅଭାବର ପରିତୃପ୍ତି ନିମିତ୍ତ ମନୁଷ୍ୟ ସଦା ସର୍ବଦା ଚେଷ୍ଟା କରିଥାଏ। ଏଣୁ ଅଭାବ, ପ୍ରଚେଷ୍ଟା ଏବଂ ପରିତୃପ୍ତି ଅର୍ଥଶାସ୍ତ୍ରର ମୂଳପିଣ୍ଡ।

ଉପାଦେୟତା

(i) ଅସୀମ ଅଭାବ ଏବଂ ସୀମିତ ସମ୍ବଳର ସଂଯୋଜନ ଫଳରେ କିପରି ସର୍ବାଧିକ ପରିତୃପ୍ତି ଲାଭ କରାଯାଇପାରିବ, ଏହି ବିଷୟରେ ଉପସ୍ଥାପନ କରି ରବିନ୍‌ସ୍ ଅର୍ଥଶାସ୍ତ୍ରକୁ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ପରି ଏକ ବିଜ୍ଞାନରେ ପରିଣତ କରିଛନ୍ତି। ଅର୍ଥଶାସ୍ତ୍ରର ପରିସରକୁ ମଧ୍ୟ ସାର୍ବଜନୀନ କରିଛନ୍ତି।

(ii) ରବିନ୍‌ସ୍‌ଙ୍କ ମତରେ, ଅର୍ଥଶାସ୍ତ୍ର ଏକ ସକାରାତ୍ମକ ବିଜ୍ଞାନ। ଏହା ଆଦର୍ଶନିଷ୍ଠ ବିଜ୍ଞାନ ନୁହେଁ। ସକାରାତ୍ମକ ବିଜ୍ଞାନରେ ବୈଜ୍ଞାନିକ ଗୋଟିଏ ଜିନିଷ ଭଲ ବା ମନ୍ଦ ବୋଲି ଅଭିମତ ଦେଇ ନଥାନ୍ତି।

ଅର୍ଥଶାସ୍ତ୍ରୀ ଧୂମପାନ ଭଲ ବା ମନ୍ଦ କହିବା ଉଚିତ ନୁହେଁ। ସେମାନେ କେବଳ କହନ୍ତି ଯଦି ଜଣେ ଧୂମପାନରୁ ବେଶୀ ପରିତୃପ୍ତି ପାଉଛି ସେଥିରେ ଅଧିକ ଖର୍ଚ୍ଚ କରିବା ଉଚିତ। ଆଦର୍ଶନିଷ୍ଠ ବିଜ୍ଞାନରେ ବୈଜ୍ଞାନିକ ଭଲ ବା ମନ୍ଦ ବିଷୟରେ ଅଭିମତ ଦିଏ। ଗୋଟିଏ କାର୍ଯ୍ୟ କଲ୍ୟାଣ ବୃଦ୍ଧି କରିବ କି ନାହିଁ ତାହା ମଧ୍ୟ ସେ କହିଥାଏ। ଏଣୁ ମାର୍ଶାଲଙ୍କ ସଂଜ୍ଞା ଅର୍ଥଶାସ୍ତ୍ରକୁ ଆଦର୍ଶନିଷ୍ଠ ବିଜ୍ଞାନ କରିଥାଏ। କିନ୍ତୁ ରବିନ୍ସ୍ ତାହାକୁ ସକାରାତ୍ମକ ବିଜ୍ଞାନ କରିଛନ୍ତି।

**ସମାଲୋଚନା**

ରବିନ୍ସଙ୍କ ସଂଜ୍ଞାକୁ ଅନେକ ଅର୍ଥନୀତିଜ୍ଞ ସମାଲୋଚନା କରିଛନ୍ତି।

1) **ଅର୍ଥଶାସ୍ତ୍ର କେବଳ ସକାରାତ୍ମକ ବିଜ୍ଞାନ ନୁହେଁ:** ରବିନ୍ସ୍ଙ୍କ ମତରେ, ଅର୍ଥଶାସ୍ତ୍ର ଏକ ସକାରାତ୍ମକ ବିଜ୍ଞାନ। କିନ୍ତୁ ସମାଲୋଚକଙ୍କ ମତରେ, ଅର୍ଥଶାସ୍ତ୍ର ଏକାଧାରରେ ଏକ ସକାରାତ୍ମକ ତଥା ଆଦର୍ଶନିଷ୍ଠ ବିଜ୍ଞାନ। ଅର୍ଥଶାସ୍ତ୍ରୀମାନେ ଗୋଟିଏ କାର୍ଯ୍ୟକୁ କୌଣସି ଅବସ୍ଥାରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ତାହା ଭଲ ବା ମନ୍ଦ କହିବା ଉଚିତ। ସେମାନେ ଆଦର୍ଶ ସମ୍ବନ୍ଧୀୟ ଅଭିମତ ଦେବା ବାଞ୍ଛନୀୟ।

2) **ଅର୍ଥନୈତିକ ସମସ୍ୟାର ପରିସର ବ୍ୟାପକ:** ରବିନ୍ସଙ୍କ ମତରେ, ସମ୍ବଳର ସ୍ୱଳ୍ପତା ଯୋଗୁ ଅର୍ଥନୈତିକ ସମସ୍ୟାର ଉଦ୍ଭବ ହୋଇଥାଏ। କିନ୍ତୁ ପ୍ରାଚୁର୍ଯ୍ୟ ଯୋଗୁଁ ମଧ୍ୟ ଅର୍ଥନୈତିକ ସମସ୍ୟା ଦେଖାଦେଇଥାଏ। 1929 ରୁ 1933 ମସିହା ମଧ୍ୟରେ ଆମେରିକାରେ ଦେଖାଦେଇଥିବା ଗୁରୁତର ମାନ୍ଦାବସ୍ଥା ହେଉଛି ଏହାର ଏକ ଉଦାହରଣ। ସେତେବେଳେ ଆମେରିକାରେ ସମ୍ବଳ ପ୍ରଚୁର ଥିଲା କିନ୍ତୁ ତା ତୁଳନାରେ ଚାହିଦାର ଅଭାବ ଥିଲା। ସୁତରାଂ ଅର୍ଥନୈତିକ ସମସ୍ୟାର ପରିସର ବ୍ୟାପକ।

3) **ଅର୍ଥଶାସ୍ତ୍ର ଏକ ଗତିଶୀଳ ବିଷୟ:** ରବିନ୍ସଙ୍କ ସଂଜ୍ଞା ଅର୍ଥଶାସ୍ତ୍ରକୁ ଏକ ଗତିହୀନ ବିଷୟ ଭାବେ ବିବେଚନା କରିଥାଏ। ସୀମିତ ସମ୍ବଳକୁ ଅସୀମ ଅଭାବ ମଧ୍ୟରେ ବଣ୍ଟନ ଅର୍ଥଶାସ୍ତ୍ରରେ ଆଲୋଚିତ ହୋଇଥାଏ। କିପରି ସୀମିତ ସମ୍ବଳର ଅଭିବୃଦ୍ଧି ହେବ ଏବଂ ଅର୍ଥନୈତିକ ପ୍ରଗତି ହେବ ସେ ବିଷୟରେ ରବିନ୍ସ କିଛି କହି ନାହାନ୍ତି। ଏଣୁ ରବିନ୍ସଙ୍କ ସଂଜ୍ଞାର ଗତିଶୀଳତା ନାହିଁ। କିନ୍ତୁ ବାସ୍ତବରେ ଅର୍ଥଶାସ୍ତ୍ର ଏକ ଗତିଶୀଳ ବିଜ୍ଞାନ।

## (D) ଅଭିବୃଦ୍ଧି ସମ୍ବନ୍ଧୀୟ ସଂଜ୍ଞା (Growth Oriented Definition)

ହେରଡ, ଡୋମାର ଏବଂ ସାମୁଏଲସନ୍ଙ୍କ ପରି ଆଧୁନିକ ଅର୍ଥଶାସ୍ତ୍ରୀମାନେ ସମ୍ପଦର ସୁବିନିଯୋଗ ଦ୍ୱାରା ଅଭିବୃଦ୍ଧି ଏବଂ ଅର୍ଥନୈତିକ ସ୍ଥିରତା କିପରି ହେବ ତାହା ଆଲୋଚନା କରିଛନ୍ତି। ତାହାଦ୍ୱାରା ଅର୍ଥନୀତିର ପରିସର

ବ୍ୟାପକ ହୋଇପାରିଛି । ସାମୁଏଲ୍‌ସନ୍‌ଙ୍କ ମତରେ, "Economics is the study of how men and Society choose with or without the use of money to employ scarce productive resources which could have alternative uses to produce commodities over time and distribute them for consumption, now and in the future, among various people and groups of society."

ସୀମିତ ସମ୍ବଳ ଦ୍ୱାରା ବ୍ୟକ୍ତିମାନେ ଏବଂ ସମାଜ କିପରି ବିଭିନ୍ନ ଦ୍ରବ୍ୟ ସମୟାନୁକ୍ରମେ ଉତ୍ପାଦନ କରନ୍ତି ଏବଂ ତାହା ବଣ୍ଟନ କରନ୍ତି, ତାହା ଅର୍ଥଶାସ୍ତ୍ରରେ ଆଲୋଚିତ ହୁଏ । ସମ୍ବଳ ଏବଂ ଅଭାବ ସମୟାନୁକ୍ରମେ ବୃଦ୍ଧି ପାଇଥାନ୍ତି । ରବିନ୍‌ସଙ୍କ ସଂଜ୍ଞା ଅପେକ୍ଷା ଏହା ଉତ୍କୃଷ୍ଟତର, କାରଣ ଏଠାରେ ମନୋନୟନ ସମସ୍ୟା ସମୟ ପରିପ୍ରେକ୍ଷୀରେ ଆଲୋଚିତ ହୋଇଥାଏ । ସାମୁଏଲସନ୍‌ଙ୍କ ସଂଜ୍ଞା ଅର୍ଥଶାସ୍ତ୍ରକୁ ଏକ ଗତିଶୀଳ ବିଷୟରେ ପରିଣତ କରିଅଛି ।


ଉପରୋକ୍ତ ଆଲୋଚନା ଭିତ୍ତିରେ ଅର୍ଥନୀତିର ଅର୍ଥ ସଂକ୍ଷେପରେ ଉଲ୍ଲେଖ କରାଯାଇପାରେ । ଅର୍ଥନୀତି ଏକ ବିଜ୍ଞାନ ଯାହାକି ବିକଳ୍ପ ବ୍ୟବହାରକ୍ଷମ ସୀମିତ ସମ୍ବଳ ଦ୍ୱାରା ବ୍ୟକ୍ତିମାନେ ଏବଂ ସମାଜ କିପରି ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରି ଅସୀମ ଅଭାବ ମନୋନୟନ ଭିତ୍ତିରେ ପୂରଣ କରନ୍ତି ଏବଂ ସମ୍ବଳ ତଥା ଅଭାବ କିପରି ସମୟାନୁକ୍ରମେ ବୃଦ୍ଧି ପାଇଥାନ୍ତି ତାହା ଅଧ୍ୟୟନ କରିଥାଏ ।

### 1.1.2 ଅର୍ଥନୀତିର ପରିସର ଓ ବିଷୟବସ୍ତୁ (Scope and Subject Matter of Economics)

ଅର୍ଥନୀତିର ବିଭିନ୍ନ ସଂଜ୍ଞାର ଆଲୋଚନାରୁ ଏହାର ପରିସର ଓ ବିଷୟବସ୍ତୁ ବାବଦରେ ସହଜରେ ଅବଧାରଣା କରିହୁଏ । ଏଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ, ଅର୍ଥନୀତି ମାନବୀୟ ଆଚରଣର ସେହି ଦିଗକୁ ଆଲୋକପାତ କରିଥାଏ ଯାହା ସୀମିତ ସମ୍ବଳ ଦ୍ୱାରା କିପରି ତାହାର ଅସୀମ ଅଭାବକୁ ଚୟନ ପ୍ରକ୍ରିୟା ଦ୍ୱାରା ତୁଷ୍ଟ କରିଥାଏ । ମାନବୀୟ ଅଭାବ ଅସୀମ । ଏହି ଅସୀମ ଅଭାବକୁ ପୂରଣ କରୁଥିବା ଆବଶ୍ୟକୀୟ ସମ୍ବଳ କିନ୍ତୁ ସୀମିତ । ଅବଶ୍ୟ ସମସ୍ତ ଅଭାବ ସମାନ ପରିମାଣର ଗୁରୁତ୍ୱ ବହନ କରେ ନାହିଁ । କେତେକ ଅଭାବ ଅନ୍ୟଗୁଡ଼ିକ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଅଧିକ ଗୁରୁତ୍ୱ ବହନ କରୁଥିବା ଅଭାବ ଚୟନ ପ୍ରକ୍ରିୟା ଦ୍ୱାରା ସୀମିତ ସମ୍ବଳ ସାହାଯ୍ୟରେ ପର୍ଯ୍ୟାୟ କ୍ରମେ ଏପରି ଭାବେ ପୂରଣ କରାଯାଏ ଯେ ପରିତୃପ୍ତିର ପରିମାଣ ସର୍ବାଧିକ ହୋଇଥାଏ ।

ଅଭାବ ସମସ୍ତ ଅର୍ଥନୈତିକ କାର୍ଯ୍ୟକଳାପର ମୂଳବିନ୍ଦୁ ଅଟେ । ମନୁଷ୍ୟର ଅଭାବଗୁଡ଼ିକ ପୂରଣ କରିବା ପାଇଁ ଆବଶ୍ୟକ ହୁଏ ସମ୍ବଳ । ପ୍ରଚେଷ୍ଟା ଦ୍ୱାରା ହିଁ ଏହି ସମ୍ବଳ ଆହରଣ କରିହୁଏ । ଉଦାହରଣ ସ୍ୱରୂପ ଜଣେ ଶିକ୍ଷକ ସମ୍ବଳ ଉପାର୍ଜନ ପାଇଁ ଶିକ୍ଷାଦାନ କରେ, ଜଣେ ଶ୍ରମିକ ତାର ଶ୍ରମଦାନ କରେ, ଜଣେ କୃଷକ କୃଷିକ୍ଷେତ୍ରରେ କାର୍ଯ୍ୟ

କରେ ଓ ଜଣେ ଆଇ.ଟି. ଇଞ୍ଜିନିୟର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ କାର୍ଯ୍ୟ କରେ । ସମସ୍ତ କାର୍ଯ୍ୟର ଉଦ୍ଦେଶ୍ୟ ହେଲା ଅଭାବ ପୂରଣ ପାଇଁ ସମ୍ବଳ ଉପାର୍ଜନ କରିବା । ଏହି ସମ୍ବଳକୁ ବିନିଯୋଗ କରି ଅଭାବ ପୂରଣରୁ ତାକୁ ମିଳେ ପରିତୃପ୍ତି । ଅତଏବ ଅଭାବ (want)ରୁ ଜନ୍ମନିଏ ପ୍ରଚେଷ୍ଟା (effort) ଏବଂ ପ୍ରଚେଷ୍ଟାରୁ ମିଳେ ପରିତୃପ୍ତି (satisfaction) । ସୁତରାଂ ଅଭାବ (want), ପ୍ରଚେଷ୍ଟା (effort) ଏବଂ ପରିତୃପ୍ତି (satisfaction) ତିନୋଟି ବିଷୟର ନିରବଚ୍ଛିନ୍ନ ଭାବେ ପୁନରାବୃତ୍ତି ଘଟିଥାଏ ଓ ଏହା ଅର୍ଥଶାସ୍ତ୍ରର ବିଷୟବସ୍ତୁର ମୂଳପିଣ୍ଡକୁ ସଂଗଠିତ କରିଥାଏ ।




ଚିତ୍ର 1.1 : ଅଭାବ, ପ୍ରଚେଷ୍ଟା ଓ ପରିତୃପ୍ତି ଚକ୍ର

ଅସୀମ ଅଭାବଗୁଡ଼ିକୁ ସୀମିତ ସମ୍ବଳ ଦ୍ୱାରା ପୂରଣ କରି ସର୍ବାଧିକ ତୃପ୍ତିସାଧନ ପ୍ରକ୍ରିୟା ଅର୍ଥଶାସ୍ତ୍ରର ବିଭିନ୍ନ ଦିଗଗୁଡ଼ିକ ଉପରେ ଆଲୋକପାତ କରିଥାଏ । ଏହି ଦିଗଗୁଡ଼ିକ ହେଲା ଅର୍ଥଶାସ୍ତ୍ର ଅଧ୍ୟୟନର ବିଷୟବସ୍ତୁ । ଯଥା–

(୧) ଉପଭୋଗ (Consumption) : ମାନବୀୟ ଅଭାବ ପୂରଣ ପାଇଁ ଦ୍ରବ୍ୟ ଓ ସେବାର ଉପଯୋଗିତାର ଉପଯୋଗକୁ ଉପଭୋଗ କୁହାଯାଏ ।

(୨) ଉତ୍ପାଦନ (Production) : ଉପଭୋଗ ପାଇଁ ଆବଶ୍ୟକ ହେଉଥିବା ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତା ସମ୍ପନ୍ନ ଦ୍ରବ୍ୟ ଓ ସେବାର ସୃଷ୍ଟିକୁ ଉତ୍ପାଦନ କୁହାଯାଏ ।

(୩) ବିନିମୟ (Exchange) : ଅସୀମ ଅଭାବ ପୂରଣ ପାଇଁ ବିନିମୟର ଆବଶ୍ୟକତା ଉପଲବ୍ଧି ହୁଏ । ଜଣେ ବ୍ୟକ୍ତି ନିଜେ ଉତ୍ପନ୍ନ କରୁଥିବା ସେବା ଓ ଦ୍ରବ୍ୟ ଦ୍ୱାରା ତାର ସମସ୍ତ ଅଭାବ ପୂରଣ କରିପାରେ ନାହିଁ । ତେଣୁ ଅନ୍ୟର ସେବା ଓ ଦ୍ରବ୍ୟ ସହ ବିନିମୟର ଆବଶ୍ୟକତା ହୁଏ । ବଜାରର ଅର୍ଥ ତଥା ବିଭିନ୍ନ ବଜାର ଓ ଦ୍ରବ୍ୟ ସେବାର ଆପେକ୍ଷିକ ମୂଲ୍ୟ କିପରି ନିର୍ଦ୍ଧାରଣ ହୁଏ ତାହା ବିନିମୟରେ ଆଲୋଚିତ ହୋଇଥାଏ ।

(୪) ଆବଣ୍ଟନ (Distribution) : ବିଭିନ୍ନ ଏକକ ସାଧନର ଦର ନିର୍ଦ୍ଧାରଣକୁ ଆବଣ୍ଟନ କୁହାଯାଏ ।

(୫) ମୁଦ୍ରା ଓ ବ୍ୟାଙ୍କ (Money & Banking) : ସାଧନମାନଙ୍କର ପାରଣା ପ୍ରଦାନ ଏବଂ ଦ୍ରବ୍ୟ ଓ ସେବାର ବିନିମୟ ପାଇଁ ଆବଶ୍ୟକ ହୁଏ ମୁଦ୍ରା । ମୁଦ୍ରାର ଦେଣନେଣ ପାଇଁ ସୁବିଧା ଯୋଗାଉଥିବା ଅନୁଷ୍ଠାନ ହେଉଛି ବ୍ୟାଙ୍କ । ତେଣୁ ମୁଦ୍ରା ଓ ବ୍ୟାଙ୍କର ବ୍ୟବସାୟ ବିଷୟରେ ଜ୍ଞାନ ଅର୍ଥଶାସ୍ତ୍ରରେ ଅନ୍ତର୍ଭୁକ୍ତ ।

(୬) ଅନ୍ତର୍ଦେଶୀୟ ବାଣିଜ୍ୟ (International Trade) : ଅଭାବ ପୂରଣ ପାଇଁ ସ୍ୱଦେଶରେ ନିର୍ମିତ ଦ୍ରବ୍ୟ ଓ ସେବାର ଦୁର୍ଲଭତା ଯୋଗୁଁ ବିଦେଶରୁ ଆମଦାନୀ ଓ ସେଥିପାଇଁ ଆବଶ୍ୟକ ହେଉଥିବା ବୈଦେଶିକ ମୁଦ୍ରାର ଅର୍ଜନ ପାଇଁ ସ୍ୱଦେଶୀୟ ଦ୍ରବ୍ୟ ଓ ସେବାର ରପ୍ତାନିକୁ ଅନ୍ତର୍ଦେଶୀୟ ବାଣିଜ୍ୟ କୁହାଯାଏ । ଦେଶୀୟ ମୁଦ୍ରାର ଦର ନିର୍ଦ୍ଧାରଣ ଅନ୍ତର୍ଦେଶୀୟ ବିନିମୟ ସର୍ତ୍ତାବଳୀ, ବୈଦେଶିକ ବିନିମୟର ସ୍ଥିତି (Balance of payment) ସମ୍ପର୍କିତ ତତ୍ତ୍ୱାବଳୀ ଇତ୍ୟାଦି ଅର୍ଥନୀତିର ବିଷୟବସ୍ତୁରେ ଅନ୍ତର୍ଭୁକ୍ତ ।

(୭) ରାଷ୍ଟ୍ରୀୟ ବିତ୍ତ (Public Finance) : ସରକାରଙ୍କର ଆୟବ୍ୟୟ ସମ୍ପର୍କିତ ବିଷୟବସ୍ତୁ ମଧ୍ୟ ଅର୍ଥନୀତିର ଏକ ଅଂଶ ଭାବେ ପରିଗଣିତ ହୋଇଥାଏ ।

## ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି

ସମୟକ୍ରମେ ଅର୍ଥନୀତିର ବିଷୟବସ୍ତୁରେ ବ୍ୟାପକ ଅଭିବୃଦ୍ଧି ଘଟିଛି । ଏହି ସମସ୍ତ ବିଷୟବସ୍ତୁକୁ ଅର୍ଥନୀତିର ଦୁଇଟି ପ୍ରମୁଖ ଶ୍ରେଣୀ ଯଥା– ବ୍ୟଷ୍ଟି ଅର୍ଥନୀତି (Macroeconomics) ଏବଂ ସମଷ୍ଟି ଅର୍ଥନୀତି (Macro economics)ରେ ଅନ୍ତର୍ଭୁକ୍ତ କରାଯାଇଛି ।

ବ୍ୟଷ୍ଟି ଅର୍ଥନୀତି ଗ୍ରୀକ୍ ଶବ୍ଦ 'ମାଇକ୍ରୋସ୍' (Mikros)ରୁ ଆନୀତ । 'ମାଇକ୍ରୋସ୍'ର ଅର୍ଥ ହେଲା କ୍ଷୁଦ୍ର । ବ୍ୟଷ୍ଟି ଅର୍ଥନୀତି କହିଲେ ଅର୍ଥଶାସ୍ତ୍ରର ସେହି ଶାଖାକୁ ବୁଝାଏ ଯାହା ଅର୍ଥବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକ ଯଥା ଉପଭୋକ୍ତା, ପରିବାର, ପ୍ରତିଷ୍ଠାନ, ବଜାର ଇତ୍ୟାଦିର ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ଳେଷଣ କରିଥାଏ । ବ୍ୟଷ୍ଟି ଅର୍ଥନୀତି ଅର୍ଥବ୍ୟବସ୍ଥାକୁ ସାମଗ୍ରିକ ଭାବରେ ଅଧ୍ୟୟନ କରି ନଥାଏ । ଏହା ଅର୍ଥ ବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକମାନଙ୍କୁ ବ୍ୟକ୍ତିଗତ ସ୍ତରରେ ଅଧ୍ୟୟନ କରିଥାଏ । ଉଦାହରଣ ସ୍ୱରୂପ, ଜଣେ ଉପଭୋକ୍ତା ଗୋଟିଏ ଦ୍ରବ୍ୟକୁ କେତେ ପରିମାଣରେ ଉପଭୋଗ କଲେ ସର୍ବାଧିକ ପରିତୃପ୍ତି ଲାଭ ପାଇପାରିବ; ଏକ ପରିବାର

ତାଙ୍କର ସୀମିତ ଆୟକୁ କିପରି ବିଭିନ୍ନ ଦ୍ରବ୍ୟରେ ବ୍ୟୟ କଲେ ସର୍ବାଧିକ ଉପଯୋଗିତା ମିଳିପାରିବ ବା ଏକ ପ୍ରତିଷ୍ଠାନ କେତେ ପରିମାଣରେ ଶ୍ରମ ଓ ପୁଞ୍ଜି ବିନିଯୋଗ କଲେ ଉତ୍ପାଦର ପରିମାଣକୁ ସର୍ବାଧିକ କରିପାରିବ ବା ଏହା କେତେ ପରିମାଣରେ ଦ୍ରବ୍ୟ ଉତ୍ପାଦନ କଲେ ତାର ସର୍ବାଧିକ ଲାଭ ହେବ- ଏହା ହିଁ ବ୍ୟଷ୍ଟି ଅର୍ଥନୀତିର ବିଷୟବସ୍ତୁ।

ବ୍ୟଷ୍ଟି ଅର୍ଥନୀତି ଅର୍ଥନୈତିକ ବ୍ୟବସ୍ଥାର ନିମ୍ନୋକ୍ତ ବିଷୟମାନଙ୍କୁ ଅଧ୍ୟୟନ କରିଥାଏ। ତାହାହେଲା-

(i) ଅର୍ଥନୈତିକ ବ୍ୟବସ୍ଥାର ସୀମିତ ସମ୍ବଳର ଆବଣ୍ଟନ

(ii) ଉପଭୋକ୍ତାର ପ୍ରବୃତ୍ତି ତତ୍ତ୍ୱ

(iii) ଉତ୍ପାଦନକାରୀର ପ୍ରବୃତ୍ତି ତତ୍ତ୍ୱ

(iv) ଦ୍ରବ୍ୟ ଦର ନିର୍ଦ୍ଧାରଣ ତତ୍ତ୍ୱ

(v) ଉତ୍ପାଦନ ସାଧନର ଦର ନିର୍ଦ୍ଧାରଣ ତତ୍ତ୍ୱ

(vi) ଆର୍ଥନୀତିକ କଲ୍ୟାଣ ତତ୍ତ୍ୱ

ମାର୍ଶାଲ, ପିଗୁ, ରବିନ୍‌ସ ଇତ୍ୟାଦି ନବ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ (Neo-classical economists) ବ୍ୟଷ୍ଟି ଅର୍ଥନୀତିକୁ ବଳିଷ୍ଠ ଓ ସୁଦୃଢ଼ କରିଥିଲେ। ଏହି ନବ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ସାମୁହିକ ନିଯୁକ୍ତି, ସାମୁହିକ ଉତ୍ପାଦନ, ଜାତୀୟ ଆୟ ଓ ହାରାହାରି ମୂଲ୍ୟ ସ୍ଥିର ରହେ ବୋଲି ବିବେଚନା କରି ଏକ ନିର୍ଦ୍ଦିଷ୍ଟ ଶିଳ୍ପ ପ୍ରତିଷ୍ଠାନରେ କିପରି ନିଯୁକ୍ତି ତଥା ଉତ୍ପାଦନ ନିର୍ଦ୍ଧାରିତ ହୁଏ ତାହା ଆଲୋଚନା କରିଥିଲେ। ମାର୍ଶାଲଙ୍କ ଦ୍ୱାରା ରଚିତ 'ଅର୍ଥନୀତି ତତ୍ତ୍ୱ' (୧୮୨୦) ବ୍ୟଷ୍ଟି ଅର୍ଥନୀତିର ଏକ ମୁଖ୍ୟ ଗ୍ରନ୍ଥ।

ସମଷ୍ଟି ଅର୍ଥନୀତି ଗ୍ରୀକ୍ ଶବ୍ଦ ମାକ୍ରୋସ୍ (Makros)ରୁ ଅଣାଯାଇଛି। 'ମାକ୍ରୋସ୍'ର ଅର୍ଥ ବୃହତ୍। ସମଷ୍ଟି ଅର୍ଥନୀତି କହିଲେ ଅର୍ଥନୀତିର ସେହି ଶାଖାକୁ ବୁଝାଏ ଯାହା ଅର୍ଥ ବ୍ୟବସ୍ଥାର ସାମୂହିକ ଆର୍ଥନୀତିକ ଏକକ ଏବଂ ସେମାନଙ୍କ ମଧ୍ୟରେ ଥିବା ସଂପର୍କକୁ ସ୍ଥାନ ଓ କାଳ ବିଶେଷରେ ବ୍ୟାଖ୍ୟା କରିଥାଏ। ସମଷ୍ଟି ଅର୍ଥନୀତି ଏକ ଅର୍ଥ ବ୍ୟବସ୍ଥାର ମୋଟ ଉତ୍ପାଦନ ମୋଟ ଆୟ, ସାମୂହିକ ନିୟୋଜନ ହାରାହାରି ଦର ସ୍ତର ଇତ୍ୟାଦି ସମଷ୍ଟିଗତ ବିଷୟକୁ ଅଧ୍ୟୟନ କରିଥାଏ। ଏଗୁଡ଼ିକୁ ଆର୍ଥନୀତିକ ସମଷ୍ଟି (Economic aggregates) କୁହାଯାଏ। ସମଷ୍ଟି ଅର୍ଥନୀତିରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଥାଏ। ଯଥା-

(୧) ଆୟ, ଉତ୍ପାଦନ ଓ ନିଯୁକ୍ତି ତତ୍ତ୍ୱ

(୨) ହାରାହାରି ମୂଲ୍ୟ ତତ୍ତ୍ୱ

(୩) ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ

(୪) ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ

ଅତଏବ ଅର୍ଥନୀତିରେ ଏକ ଅର୍ଥ ବ୍ୟବସ୍ଥାର ବିଭିନ୍ନ ଆର୍ଥନୀତିକ ଦିଗ ବିଷୟରେ ବିସ୍ତୃତ ଆଲୋଚନା ହୋଇଥାଏ।

## 1.2 ଅର୍ଥ ବ୍ୟବସ୍ଥାର କେନ୍ଦ୍ରୀୟ ସମସ୍ୟା

## (Central Problems of an Economy)

### 1.2.1 ଅର୍ଥବ୍ୟବସ୍ଥାର ଅର୍ଥ

ଯେଉଁ ବ୍ୟବସ୍ଥା ମାନବୀୟ ଅଭାବର ପୂର୍ତ୍ତିପାଇଁ ଦେଶରେ ଦ୍ରବ୍ୟ ଓ ସେବାର ଉତ୍ପାଦନ ଓ ବଣ୍ଟନକୁ ସଂଗଠିତ କରିଥାଏ ତାହାକୁ 'ଅର୍ଥବ୍ୟବସ୍ଥା' କୁହାଯାଏ। ଅର୍ଥନୀତିଜ୍ଞ ବ୍ରାଉନଙ୍କ ମତରେ "An economy is a system by which people get a living and satisfy their wants." ଅର୍ଥାତ୍ 'ଯେଉଁ ବ୍ୟବସ୍ଥା ଜନସାଧାରଣଙ୍କୁ ବଞ୍ଚିବାର ରାହା ଯୋଗାଇ ଦେଇ ସେମାନଙ୍କର ଅଭାବ ମୋଚନରେ ସହାୟକ ହୋଇଥାଏ, ତାହାକୁ 'ଅର୍ଥ ବ୍ୟବସ୍ଥା କୁହାଯାଏ'। ବ୍ୟବସାୟ ପ୍ରତିଷ୍ଠାନ, କଳକାରଖାନା, କର୍ମଶାଳା ଓ ଖଣି ଆଦି ନିୟୋଜନ ଓ ଉତ୍ପାଦନର ସମସ୍ତ ଉତ୍ସ ଏବଂ ଦ୍ରବ୍ୟ ଓ ସେବାର ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଅନୁଷ୍ଠାନକୁ ନେଇ ଅର୍ଥବ୍ୟବସ୍ଥା ଗଢ଼ି ଉଠିଥାଏ। ଆମେ ଭାରତୀୟ ଅର୍ଥବ୍ୟବସ୍ଥା, ଆମେରିକୀୟ ଅର୍ଥବ୍ୟବସ୍ଥା ଏବଂ ଜାପାନୀୟ ଅର୍ଥବ୍ୟବସ୍ଥା କଥା କହିଥାଉ। ଏଗୁଡ଼ିକ ଲୋକମାନଙ୍କୁ କାମ ଯୋଗାଇ ଦେଉଥିବା ଏବଂ ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦ୍ରବ୍ୟ ଓ ସେବା ଉତ୍ପାଦନ କରୁଥିବା ବିଭିନ୍ନ ବ୍ୟବସ୍ଥା ମାତ୍ର।

### 1.2.2 ଅର୍ଥନୈତିକ ସମସ୍ୟା- ଦୁଷ୍ପ୍ରାପ୍ୟତା ଓ ମନୋନୟନ (Ecoomic Problems- Scarcity and Choice)

ତିନିଗୋଟି ମୌଳିକ କାରଣରୁ ଅର୍ଥବ୍ୟବସ୍ଥାରେ ସମସ୍ୟାର ଉଦ୍ଭବ ହୋଇଥାଏ। ସେଗୁଡ଼ିକ ହେଲା-

(1) ମଣିଷର ଅଭାବ ଅସୀମ

(2) ଅଭାବ ପୂରଣ ନିମନ୍ତେ ଆବଶ୍ୟକ ହେଉଥିବା ସମ୍ବଳ ସୀମିତ ବା ଦୁଷ୍ପ୍ରାପ୍ୟ।

(3) ବିକଳ୍ପ ବ୍ୟବହାରକ୍ଷମ ସମ୍ବଳ।

ଅର୍ଥନୈତିକ ସମସ୍ୟାର ଏହି ମୌଳିକ କାରଣଗୁଡ଼ିକ ନିମ୍ନରେ ବିଶ୍ଳେଷଣ କରାଗଲା।

(1) **ଅସୀମ ମାନବୀୟ ଅଭାବ:** ମାନବୀୟ ଅଭାବ ଅସୀମ। କୌଣସି ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ଅଭାବ ପରିତୃପ୍ତ ହୋଇଗଲେ ତାହା ସ୍ଥାନରେ ଆଉ ଗୋଟିଏ ଅଭାବର ଉଦ୍ରେକ ହୁଏ। ଏଭଳି ଘଟଣା ମାନବ ଜୀବନରେ ନିରନ୍ତର ଘଟିଚାଲିଥାଏ।

(2) **ସୀମିତ ସମ୍ବଳ:** ଅଭାବ ପୂରଣ ନିମନ୍ତେ ଉପଲବ୍ଧ ହେଉଥିବା ମୁଦ୍ରା, ସମୟ, ଶକ୍ତି, ଦ୍ରବ୍ୟ ଓ ସେବା ଇତ୍ୟାଦିକୁ ଅର୍ଥଶାସ୍ତ୍ରୀମାନେ ସମ୍ବଳ ଆଖ୍ୟା ଦେଇଥାନ୍ତି। ମାନବର ଚାହିଦା ତୁଳନାରେ ଏହି ସମ୍ବଳର ଯୋଗାଣ ସୀମିତ ବା ସ୍ୱଳ୍ପ।

(3) **ବିକଳ୍ପ ବ୍ୟବହାରକ୍ଷମ ସମ୍ବଳ:** ରବିନ୍‌ସଙ୍କ ମତରେ ସମ୍ବଳଗୁଡ଼ିକ ବିକଳ୍ପ ବ୍ୟବହାରକ୍ଷମ। ଅର୍ଥାତ୍ ସେଗୁଡ଼ିକୁ ବିଭିନ୍ନ ଉଦ୍ଦେଶ୍ୟରେ ଉପଯୋଗ କରାଯାଇପାରେ। ଉଦାହରଣ ସ୍ୱରୂପ କୋଇଲାକୁ ବିଜୁଳିଶକ୍ତି ଉତ୍ପାଦନ ପାଇଁ, ରେଳ ଇଞ୍ଜିନ୍ ଚଳାଇବା ପାଇଁ କିମ୍ବା ଖାଦ୍ୟପଦାର୍ଥ ରନ୍ଧନ ପାଇଁ ଇନ୍ଧନ ଭାବରେ ବ୍ୟବହାର କରାଯାଇପାରେ।

ମାନବର ଅଭାବଗୁଡ଼ିକ ଅସୀମ ହୋଇଥିବାରୁ ଏବଂ ଅଭାବମୋଚନ ପାଇଁ ବ୍ୟବହାର ହେଉଥିବା ସମ୍ବଳଗୁଡ଼ିକ ସ୍ୱଳ୍ପ ତଥା ବିକଳ୍ପ ବ୍ୟବହାରକ୍ଷମ ହୋଇଥିବାରୁ, କେଉଁ ଅଭାବଟିକୁ ପ୍ରଥମେ ପୂରଣ କରାଯିବ ସେ ସମ୍ବନ୍ଧରେ ଅର୍ଥବ୍ୟବସ୍ଥାକୁ ମନୋନୟନ (ବା ଚୟନ) କରିବାକୁ ପଡ଼ିଥାଏ। ସୁତରାଂ ଦୁଷ୍ପ୍ରାପ୍ୟତା ଓ ମନୋନୟନ ଅର୍ଥନୈତିକ ସମସ୍ୟାର ଦୁଇଟି ବିଭାବ।

ଯଦି ମାନବର ଅଭାବ ସୀମିତ ହୋଇଥାନ୍ତା ଏବଂ ଏହି ଅଭାବ ପୂରଣ ନିମନ୍ତେ ପ୍ରଚୁର ପରିମାଣରେ ସମ୍ବଳ ଉପଲବ୍ଧ ହେଉଥାନ୍ତା ତାହାହେଲେ କୌଣସି ଅର୍ଥନୈତିକ ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ। ସମ୍ବଳର ଦୁଷ୍ପ୍ରାପ୍ୟତା ଅର୍ଥନୈତିକ ସମସ୍ୟାର ଗୋଟିଏ ବିଭାବ।

ସମସ୍ୟାର ଦ୍ୱିତୀୟ ବିଭାବଟି ହେଲା– ଆମର ସୀମିତ ସମ୍ବଳ ସାହାଯ୍ୟରେ ଆମେ ଆମର ଅଭାବ ପୂରଣ କରିପାରିବା ନାହିଁ। ସର୍ବାଧିକ ସମ୍ଭବ ସଂଖ୍ୟକ ଅଭାବ ପୂରଣ କରିବା ପାଇଁ ଏହି ସମ୍ବଳଗୁଡ଼ିକୁ ସାବଧାନତାର ସହ ଓ ଦକ୍ଷଭାବେ ବ୍ୟବହାର କରିବାକୁ ହେବ। ସମ୍ବଳର ଦୁଷ୍ପ୍ରାପ୍ୟତା ଯୋଗୁଁ ଆମେ ମନୋନୟନ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଏହି ସମସ୍ୟା ହେଲା– ଉତ୍ପାଦନର ବିଭିନ୍ନ ମାର୍ଗ ମଧ୍ୟରୁ କେଉଁ ମାର୍ଗରେ ସମ୍ବଳ ଉପଯୋଗ କରାଯିବ, ତାହା ବାଛିବା ସମସ୍ୟା। ସର୍ବାଧିକ ସମ୍ଭବ ଅଭାବ ପୂରଣ କରିବା ପାଇଁ ଦୁଷ୍ପ୍ରାପ୍ୟ ସମ୍ବଳର ବଣ୍ଟନ ଆମ ଆଗରେ ପ୍ରଧାନ ସମସ୍ୟା ହୋଇ ଦେଖାଦେଇଥାଏ। ତାହା ହିଁ ହେଲା ଅର୍ଥନୈତିକ ସମସ୍ୟା। ଏହାକୁ ମିତବ୍ୟୟିତା ଆଚରଣ ସମସ୍ୟା ବୋଲି ମଧ୍ୟ କୁହାଯାଇଥାଏ। ଦୁଷ୍ପ୍ରାପ୍ୟ ସମ୍ବଳ ଯୋଗୁଁ ମନୋନୟନ କରିବାର ଆବଶ୍ୟକତା ହେଲା ଅର୍ଥନୈତିକ ସମସ୍ୟା।

### 1.2.3 ଅର୍ଥବ୍ୟବସ୍ଥାର କେନ୍ଦ୍ରୀୟ ସମସ୍ୟା (Central Problem of an Economy)

ମଣିଷର ଅସଂଖ୍ୟ ଅଭାବ ତୁଳନାରେ ସମ୍ବଳର ଦୁଷ୍ପ୍ରାପ୍ୟତାଜନିତ ଅର୍ଥନୈତିକ ସମସ୍ୟା ମନୋନୟନ କରିବା ପାଇଁ ଅର୍ଥବ୍ୟବସ୍ଥାକୁ ବାଧ୍ୟ କରିଥାଏ। ଅର୍ଥବ୍ୟବସ୍ଥାକୁ ତିନିଟି ଗୁରୁତ୍ୱପୂର୍ଣ୍ଣ ମନୋନୟନ କରିବାକୁ ପଡ଼ିଥାଏ।

ଉକ୍ତ ତିନି ଗୁରୁତ୍ୱପୂର୍ଣ୍ଣ ମନୋନୟନ ସମସ୍ୟାକୁ ଅର୍ଥବ୍ୟବସ୍ଥାର ମୌଳିକ ସମସ୍ୟା ବା କେନ୍ଦ୍ରୀୟ ସମସ୍ୟା କୁହାଯାଇଥାଏ। ଏହି ସମସ୍ୟା ଗୁଡ଼ିକ ହେଲା–

(i) କ'ଣ ଓ କେତେ ଉତ୍ପାଦନ କରାଯିବ (What and how much to produce) ?

(ii) କିପରି ଉତ୍ପାଦନ କରିବାକୁ ହେବ (How to produce) ?

(iii) କାହାପାଇଁ ଉତ୍ପାଦନ କରାଯିବ (For whom to produce) ?

ଏତଦ୍‌ବ୍ୟତୀତ ଅର୍ଥବ୍ୟବସ୍ଥା ନିମ୍ନଲିଖିତ ଦୁଇଟି ସମସ୍ୟାର ସମ୍ମୁଖୀନ ହୋଇଥାଏ। ତାହା ହେଲା–

(iv) ସମ୍ବଳର ପୂର୍ଣ୍ଣ ନିୟୋଜନ ସମସ୍ୟା (Problem of Full Employment) ଓ

(v) ସମ୍ବଳର ଅଭିବୃଦ୍ଧି ସମସ୍ୟା (Problem of Growth) ।

ଉପରୋକ୍ତ ସମସ୍ୟାଗୁଡ଼ିକ ନିମ୍ନରେ ସଂକ୍ଷେପରେ ବର୍ଣ୍ଣିତ ହେଲା।

(i) **କ'ଣ ଓ କେତେ ଉତ୍ପାଦନ କରାଯିବ / ସମ୍ବଳ ବଣ୍ଟନ ସମସ୍ୟା (Problem of Allocation of Resource) :** ମଣିଷର ଅଭାବ ତୁଳନାରେ ସମ୍ବଳ ସୀମିତ। ତେଣୁ ମଣିଷ ଦରକାର କରୁଥିବା ସମସ୍ତ ଦ୍ରବ୍ୟ ଉତ୍ପାଦନ କରିବା ସମ୍ଭବ ନୁହେଁ। ସେଥିପାଇଁ ମଣିଷ ଦରକାର କରୁଥିବା ବିଭିନ୍ନ ଦ୍ରବ୍ୟ ଗୁଡ଼ିକ ମଧ୍ୟରୁ 'କେଉଁ ଦ୍ରବ୍ୟ ଉତ୍ପାଦନ' କରାଯିବ ଅର୍ଥବ୍ୟବସ୍ଥାକୁ ନିର୍ବାଚନ କରିବାକୁ ପଡ଼ିଥାଏ। ଯେହେତୁ ସମ୍ବଳ ସୀମିତ, ଯଦି ଗୋଟିଏ ନିର୍ଦ୍ଦିଷ୍ଟ ଦ୍ରବ୍ୟକୁ ଅଧିକ ଉତ୍ପାଦନ କରିବା ପାଇଁ ଅର୍ଥବ୍ୟବସ୍ଥା ସ୍ଥିର କରେ, ତେବେ ଅନ୍ୟ କୌଣସି ଦ୍ରବ୍ୟର ଉତ୍ପାଦନ କମାଇବାକୁ ହୁଏ।

ଯଦି କୌଣସି ଅର୍ଥବ୍ୟବସ୍ଥା ମୋଟର ଗାଡ଼ି ଉତ୍ପାଦନ ପାଇଁ ଅଧିକ ଇସ୍ପାତ ବ୍ୟବହାର କରିବାକୁ ସ୍ଥିର କରେ, ତେବେ ସେତୁ ଇତ୍ୟାଦି ନିର୍ମାଣ ପାଇଁ କମ୍ ଇସ୍ପାତ ମିଳିବ। ସେହିପରି ବିଳାସ ସାମଗ୍ରୀ ଉତ୍ପାଦିତ ହେଲେ ଅତ୍ୟାବଶ୍ୟକ ଦ୍ରବ୍ୟ କମ୍ ଉତ୍ପାଦିତ ହୋଇପାରିବ।


ତେଣୁ କୌଣସି ଅର୍ଥବ୍ୟବସ୍ଥା କେତେକ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଉତ୍ପାଦନ କରିବାକୁ ସ୍ଥିର କରିସାରିବା ପରେ, ସେହି ଦ୍ରବ୍ୟଗୁଡ଼ିକ କେତେ ପରିମାଣରେ ଉତ୍ପାଦିତ ହେବା ଉଚିତ ତାହା ସ୍ଥିର କରିବାକୁ ପଡ଼େ। ସମ୍ବଳ ଦୁଷ୍ପ୍ରାପ୍ୟ ହୋଇଥିବା ଯୋଗୁ ଅର୍ଥବ୍ୟବସ୍ଥାରେ ଏହି ମନୋନୀତ ଦ୍ରବ୍ୟଗୁଡ଼ିକର ମଧ୍ୟ ଅସୀମ ପରିମାଣ ଉତ୍ପାଦନ କରାଯାଇ ପାରିବ ନାହିଁ। ସୁତରାଂ କେଉଁ କେଉଁ ଦ୍ରବ୍ୟ କେତେ ପରିମାଣରେ ଉତ୍ପାଦନ କରାଯିବ– ଅର୍ଥାତ୍ କେତେ ପରିମାଣରେ ଗହମ ଉତ୍ପାଦନ

ହେବ, କେତେଗୋଟି ଡାକ୍ତରଖାନା ସ୍ଥାପନ କରିବାକୁ ପଡ଼ିବ, କେତେଗୋଟି ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ହେବ, କେତେଗୋଟି ଟେଲିଭିଜନ ଉତ୍ପାଦନ କରିବାକୁ ହେବ ଏବଂ କେତେ ମିଟର ଲୁଗା ଉତ୍ପାଦନ କରିବାକୁ ହେବ– ଅର୍ଥବ୍ୟବସ୍ଥାକୁ ତାହା ସ୍ଥିର କରିବାକୁ ହେବ।

**ଉତ୍ପାଦନ ସମ୍ଭାବ୍ୟତା ରେଖା (Production Possibility Curve)**

ଅର୍ଥ ବ୍ୟବସ୍ଥାର ଉପରୋକ୍ତ କେନ୍ଦ୍ରୀୟ ସମସ୍ୟାକୁ ଉତ୍ପାଦନ ସମ୍ଭାବ୍ୟତା ରେଖା (Production Possibility Curve) ବା ଉତ୍ପାଦନ ସମ୍ଭାବ୍ୟତା ସୀମା (Production Possibility Frontior) ସାହାଯ୍ୟରେ ଉପସ୍ଥାପନ କରାଯାଇପାରିବ।

ଉତ୍ପାଦନ ସମ୍ଭାବ୍ୟ ରେଖା ଏକ ରେଖା ଯାହା ସାହାଯ୍ୟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ସମ୍ବଳ ବିନିଯୋଗ ଦ୍ୱାରା ସର୍ବମୂଳକ ଭାବେ ଦୁଇଟି ଦ୍ରବ୍ୟର ଉତ୍ପାଦନ ହୋଇପାରୁଥିବା ବିଭିନ୍ନ ସମ୍ଭାବ୍ୟ ସଂଯୋଗକୁ ଉପସ୍ଥାପନ କରାଯାଇଥାଏ। ମନେକରାଯାଉ ଅର୍ଥ ବ୍ୟବସ୍ଥାର ଆବଶ୍ୟକତା ଅନୁସାରେ ଦୁଇଟି ଦ୍ରବ୍ୟ ମୋଟରଗାଡ଼ି ଓ ଲୁଗା ଉତ୍ପାଦନ ପାଇଁ ସ୍ଥିର କରାଗଲା, ତେବେ କେଉଁଥିରୁ କେତେ ଉତ୍ପାଦନ କରାଯାଇପାରିବ ତାହା ଏହି ଉତ୍ପାଦନ ସମ୍ଭାବ୍ୟତା ରେଖା ଦ୍ୱାରା ନିର୍ଣ୍ଣୟ କରିହେବ। ଏହା ଚିତ୍ର ୧.୨ରେ ପ୍ରଦର୍ଶିତ କରାଗଲା।




ଚିତ୍ର 1.2 : ଉତ୍ପାଦନ ସମ୍ଭାବ୍ୟତା ରେଖା

ଏଠାରେ AB ରେଖା ଅର୍ଥବ୍ୟବସ୍ଥାର ଉତ୍ପାଦନ ସମ୍ଭାବ୍ୟତା ରେଖା ଭାବେ ପ୍ରଦର୍ଶିତ ହୋଇଅଛି। ଏକ ନିର୍ଦ୍ଦିଷ୍ଟ ପରିମାଣର ସମ୍ବଳ ଦ୍ୱାରା ଉତ୍ପାଦନ କୌଶଳକୁ ଅପରିବର୍ତ୍ତିତ ରଖି ଅର୍ଥବ୍ୟବସ୍ଥାରେ ସର୍ବାଧିକ OA ପରିମାଣର ଲୁଗା କିମ୍ବା OB ପରିମାଣର ମୋଟରଗାଡ଼ି ପ୍ରସ୍ତୁତ କରାଯାଇପାରିବ। ଯଦି ମୋଟରଗାଡ଼ି ଓ ଲୁଗା ଉଭୟକୁ ଏକସଙ୍ଗେ ପ୍ରସ୍ତୁତ କରାଯାଏ, ତେବେ ନିଶ୍ଚିତ ଭାବେ OA ପରିମାଣ ଠାରୁ କମ୍ ଲୁଗା ଓ OB ପରିମାଣ ଠାରୁ କମ୍ ମୋଟରଗାଡ଼ି ଉତ୍ପାଦନ ହେବ। ଉଦାହରଣସ୍ୱରୂପ ଯଦି ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ B ବିନ୍ଦୁ ପରିବର୍ତ୍ତେ P ବିନ୍ଦୁରେ ହୁଏ, ତେବେ OB ପରିବର୍ତ୍ତେ OC ପରିମାଣର ମୋଟରଗାଡ଼ି ସହିତ OE ପରିମାଣର ଲୁଗା ଉତ୍ପାଦନ ହେବ। ଅର୍ଥାତ୍ OE ପରିମାଣର ଲୁଗା ଉତ୍ପାଦନ ପାଇଁ BC ପରିମାଣର ମୋଟରଗାଡ଼ି ଉତ୍ପାଦନ କମାଇବାକୁ ପଡ଼ିବ। କାରଣ ନିର୍ଦ୍ଦିଷ୍ଟ ପରିମାଣର ସମ୍ବଳରୁ ଯଦି କିଛି ପରିମାଣ ସମ୍ବଳ ଲୁଗା ଉତ୍ପାଦନ ପାଇଁ ବ୍ୟବହୃତ ହୁଏ, ତେବେ ସେତିକି ପରିମାଣର ସମ୍ବଳ ମୋଟରଗାଡ଼ି ଉତ୍ପାଦନରେ କମାଇବାକୁ ପଡ଼ିବ। ସେହିପରି ଯଦି ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ P ବିନ୍ଦୁ ପରିବର୍ତ୍ତେ ଉତ୍ପାଦନ ସମ୍ଭାବ୍ୟତା ରେଖାର ନିମ୍ନକୁ ଯଥା Q ବିନ୍ଦୁ କିମ୍ବା R ବିନ୍ଦୁରେ ସଂଗଠିତ ହୁଏ, ତେବେ କ୍ରମଶଃ ମୋଟରଗାଡ଼ିର ଉତ୍ପାଦନ ଯଥାକ୍ରମେ OD ଓ OE ପରିମାଣକୁ ହ୍ରାସ ପାଇବ ଏବଂ ଲୁଗା ଉତ୍ପାଦନ ପରିମାଣ ଯଥାକ୍ରମେ OF ଏବଂ OG ପରିମାଣକୁ ବୃଦ୍ଧି ପାଇବ। ଏଥିରୁ ସ୍ପଷ୍ଟ ସୂଚିତ ହେଉଛି ଯେ, ଅର୍ଥ ବ୍ୟବସ୍ଥାର ସମ୍ବଳ ସୀମିତ ଯୋଗୁଁ ଗୋଟିଏ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ସେହି ସମ୍ବଳ ଦ୍ୱାରା ଉତ୍ପାଦିତ ହେଉଥିବା ଅନ୍ୟ ଦ୍ରବ୍ୟର ଉତ୍ପାଦନ ପରିମାଣକୁ ହ୍ରାସ କରିବାକୁ ପଡ଼ିବ। ତେଣୁ ଆବଶ୍ୟକତା ଅନୁସାରେ ଅର୍ଥବ୍ୟବସ୍ଥାରେ କେଉଁ ଦ୍ରବ୍ୟ କେତେ ପରିମାଣରେ ଉତ୍ପାଦନ ହେବ, ସେ ନିଷ୍ପତ୍ତି ନେବାକୁ ପଡ଼ିବ ଏବଂ ତଦନୁଯାୟୀ ନିଷ୍ପତ୍ତି ନେବାକୁ ପଡ଼ିବ ଯେ, ଉତ୍ପାଦନ ସମ୍ଭାବ୍ୟତା ରେଖାର କେଉଁ ବିନ୍ଦୁରେ ଉତ୍ପାଦନ ସଂଗଠିତ କରାଯିବ।

**(ii) କିପରି ଉତ୍ପାଦନ କରିବାକୁ ହେବ / ଉତ୍ପାଦନ ପ୍ରବିଧି ମନୋୟନ (Problem of Choice of Technique of Production) :** ଅର୍ଥବ୍ୟବସ୍ଥାରେ କେଉଁ କେଉଁ ଦ୍ରବ୍ୟ କେତେ ପରିମାଣରେ ଉତ୍ପାଦିତ ହେବ ସ୍ଥିର ହୋଇସାରିବା ପରେ, ମନୋନୀତ ଦ୍ରବ୍ୟଗୁଡ଼ିକ କିପରି ଉତ୍ପାଦିତ ହେବ, ତାହା ସ୍ଥିର କରିବାକୁ ପଡ଼େ। ଗୋଟିଏ ଦ୍ରବ୍ୟ ଉତ୍ପାଦନ କରାଯିବାର ବିଭିନ୍ନ ବିକଳ୍ପ ପଦ୍ଧତି ରହିଛି। ଉଦାହରଣ ସ୍ୱରୂପ, ସ୍ୱୟଂଚାଳିତ ତନ୍ତରେ ବା ଶକ୍ତିଚାଳିତ ତନ୍ତରେ ବା ହସ୍ତତନ୍ତରେ ଲୁଗା ଉତ୍ପାଦିତ ହୋଇପାରିବ। ଧାନ ବା ଗହମ ଉତ୍ପାଦନ ନିମନ୍ତେ ନଳକୂପରୁ ବା ପୋଖରୀରୁ ବା କେନାଲରୁ କ୍ଷେତକୁ ପାଣି ମଡ଼ାଯାଇ ପାରିବ। ଅର୍ଥବ୍ୟବସ୍ଥାକୁ ସେହି ପଦ୍ଧତି ମଧ୍ୟରୁ ଗୋଟିଏ ବାଛି ନେବାକୁ ହେବ। ଏହା ହେଲା ଉତ୍ପାଦନ ପ୍ରବିଧି ମନୋନୟନର ସମସ୍ୟା।

ସାଧାରଣତଃ ଦ୍ରବ୍ୟ ଉତ୍ପାଦନ ସକାଶେ ପୁଞ୍ଜି ସଘନ ଉତ୍ପାଦନ ପଦ୍ଧତି କିମ୍ବା ଶ୍ରମ ସଘନ ଉତ୍ପାଦନ ପଦ୍ଧତି ବ୍ୟବହାର କରାଯାଇଥାଏ । ଯଦି ନିର୍ଦ୍ଦିଷ୍ଟ ପରିମାଣରେ ଦ୍ରବ୍ୟ ଉତ୍ପାଦନ ସକାଶେ ଶ୍ରମ ତୁଳନାରେ ଅଧିକ ପୁଞ୍ଜି ଆବଶ୍ୟକ ହୋଇଥାଏ, ସେହି ପଦ୍ଧତିକୁ ପୁଞ୍ଜି ସଘନ ଉତ୍ପାଦନ ପଦ୍ଧତି (Capital Intensive Technique) କୁହାଯାଏ । ସେହିପରି, ଯଦି ନିର୍ଦ୍ଦିଷ୍ଟ ପରିମାଣର ଦ୍ରବ୍ୟ ଉତ୍ପାଦନ ସକାଶେ ପୁଞ୍ଜି ତୁଳନାରେ ଅଧିକ ଶ୍ରମ ଆବଶ୍ୟକ ହୋଇଥାଏ, ସେହି ପଦ୍ଧତିକୁ ଶ୍ରମ ସଘନ ଉତ୍ପାଦନ ପଦ୍ଧତି (Labour Intensive Technique) କୁହାଯାଏ । 'କିପରି ଉତ୍ପାଦନ କରାଯିବ' ସମସ୍ୟା ହେଲା- ଗୋଟିଏ ଦ୍ରବ୍ୟର ଉତ୍ପାଦନ ପାଇଁ କେଉଁ ନିର୍ଦ୍ଦିଷ୍ଟ ଉତ୍ପାଦନ ପଦ୍ଧତି ବ୍ୟବହାର କରାଯିବ ସ୍ଥିର କରିବା ।

ସମ୍ବଳର ଦୁଷ୍ପ୍ରାପ୍ୟତା ଯୋଗୁଁ ବିଭିନ୍ନ ଦ୍ରବ୍ୟ ସବୁଠାରୁ ଦକ୍ଷ ପଦ୍ଧତିରେ ଉତ୍ପାଦିତ ହେବା ଉଚିତ । ଉପଲବ୍ଧ ବିଭିନ୍ନ ପଦ୍ଧତି ମଧ୍ୟରୁ ସବୁଠାରୁ ଦକ୍ଷ ପଦ୍ଧତିକୁ ବାଛିବା ସାଧାରଣତଃ ଉତ୍ପାଦନ ସାଧନର ଯୋଗ୍ୟତା ଓ ସେଗୁଡ଼ିକର ଦର ଉପରେ ନିର୍ଭର କରିଥାଏ । ସମାଜର ସ୍ୱାର୍ଥ ଦୃଷ୍ଟିରୁ କେବଳ ସେହି ପଦ୍ଧତି ନିୟୋଜିତ କରାଯିବା ଉଚିତ, ଯାହାକି ଅପେକ୍ଷାକୃତ ଅଧିକ ମିଳୁଥିବା ସମ୍ବଳଗୁଡ଼ିକର ସର୍ବାଧିକ ବ୍ୟବହାର କରି ପାରୁଥିବ ବା ଅପେକ୍ଷାକୃତ ଦୁଷ୍ପ୍ରାପ୍ୟ ସମ୍ବଳଗୁଡ଼ିକର ବ୍ୟବହାରରେ ଯଥାସମ୍ଭବ ମିତବ୍ୟୟିତା ଅବଲମ୍ବନ କରୁଥିବ ।

**(iii) କାହା ପାଇଁ ଉତ୍ପାଦନ କରାଯିବ / ଜାତୀୟ ଉତ୍ପାଦର ବଣ୍ଟନ (Distribution of National Product) :** 'କାହାପାଇଁ ଉତ୍ପାଦନ କରାଯିବ' କହିଲେ ସମାଜରେ ଲୋକଙ୍କ ମଧ୍ୟରେ କିଭଳିଭାବେ ଜାତୀୟ ଉତ୍ପାଦ ବଣ୍ଟନ କରାଯିବ, ତାହାକୁ ବୁଝାଯାଏ । ଅର୍ଥାତ୍ କାହାପାଇଁ ଉତ୍ପାଦନ କରାଯିବାର ଅର୍ଥ ହେଲା, ଦ୍ରବ୍ୟ ଓ ସେବାର ମୋଟ ପରିମାଣରୁ କିଏ କେତେ ପରିମାଣରେ ପାଇବା ଉଚିତ, ତାହା ନିର୍ଣ୍ଣୟ କରିବା । ସୁତରାଂ ଏହି ସମସ୍ୟାଟି ହେଲା ଜାତୀୟ ଉତ୍ପାଦର ବଣ୍ଟନ ସମସ୍ୟା । ଜାତୀୟ ଉତ୍ପାଦର ବଣ୍ଟନ, ଜାତୀୟ ଆୟ ବଣ୍ଟନ ଉପରେ ନିର୍ଭର କରେ ।

ଯଦି ଜାତୀୟ ଆୟର ଅଧିକ ଅଂଶ ଅଧିକ ଆୟ କରୁଥିବା ଲୋକମାନଙ୍କ ପାଖକୁ ଯାଏ, ଜାତୀୟ ଉତ୍ପାଦର ବେଶୀ ଅଂଶ ଏମାନେ ଅଧିକ ଉପଭୋଗ କରିବେ କାରଣ ଏମାନଙ୍କର ଦ୍ରବ୍ୟ ଓ ସେବା କ୍ରୟ ସାମର୍ଥ୍ୟ ଅଧିକ । ଫଳରେ ଜାତୀୟ ଉତ୍ପାଦ ସମାନ ଭାବରେ ବଣ୍ଟନ ହୋଇପାରିବ ନାହିଁ । ଆୟ ବଣ୍ଟନ ଯେତିକି ଅଧିକ ସମାନ ହେବ, ଉତ୍ପାଦ ବଣ୍ଟନ ସେତିକି ଅଧିକ ସମାନ ହେବ ।

କିନ୍ତୁ ଜାତୀୟ ଆୟ ବା ଉତ୍ପାଦ ବଣ୍ଟନରେ ସମ୍ପୂର୍ଣ୍ଣ ସମାନତା ଅଧିକ ଉତ୍ପାଦନ କରିବାର ପ୍ରେରଣା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଯଦି ସମାନତା ବୃଦ୍ଧି ଫଳରେ ଏହି ପ୍ରେରଣା ହ୍ରାସ ପାଏ, ବଣ୍ଟନ ପାଇଁ ମିଳୁଥିବା ମୋଟ ଜାତୀୟ ଉତ୍ପାଦର ପରିମାଣ ଏତେ କମ୍ ହେବ ଯେ, ଲୋକଙ୍କର ସାଧାରଣ ଜୀବନଧାଣର ମାନ ହ୍ରାସ ପାଇଯିବାର ଆଶଙ୍କା ଦେଖାଦେବ।

(iv) **ସମ୍ବଳର ପୂର୍ଣ୍ଣ ନିୟୋଜନ ସମସ୍ୟା (Problem of Full Employment of Resources):** ସମ୍ବଳର ସ୍ୱଳ୍ପତା ସତ୍ତ୍ୱେ ଅନେକ ସମୟରେ ସେଗୁଡ଼ିକର ପୂର୍ଣ୍ଣ ଉପଯୋଗ ହେଉ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଜମି ପଡ଼ିଆ ହୋଇ ପଡ଼ିରହେ, ଶ୍ରମିକମାନେ ବେକାର ରହିଥାନ୍ତି ଏବଂ କାରଖାନାଗୁଡ଼ିକ ଉତ୍ପାଦନ କ୍ଷମତାର ପୂର୍ଣ୍ଣ ଉପଯୋଗ କରିବାରେ ବିଫଳ ହୁଅନ୍ତି। ବଜାର ଅର୍ଥବ୍ୟବସ୍ଥାରେ ମାନ୍ଦା ଅବସ୍ଥା ଦେଖାଗଲେ ଜିନିଷପତ୍ର ଦର ହ୍ରାସ ହୁଏ, ଲାଭ ସଂକୁଚିତ ହୁଏ, ନିବେଶ ହ୍ରାସ ପାଏ ଓ ବେକାରି ବୃଦ୍ଧି ହୁଏ। 1930 ଦଶକରେ ପୃଥିବୀବ୍ୟାପୀ ଯେଉଁ 'ଗଭୀର ମାନ୍ଦାବସ୍ଥା' ଦୃଷ୍ଟିଗୋଚର ହୋଇଥିଲା ତାହା ବହୁଦିନ ପର୍ଯ୍ୟନ୍ତ ବଜାର ଅର୍ଥନୀତିଗୁଡ଼ିକୁ ପ୍ରଭାବିତ କରିଥିଲା। ଦୁର୍ଲଭ ସାଧନଗୁଡ଼ିକର ଅବନିୟୋଜନକୁ ଜାତୀୟ କ୍ଷତି ବୋଲି ବିଚାର କରାଯାଉଥିବାରୁ ଆଜିକାଲି ସମ୍ବଳର ପୂର୍ଣ୍ଣ ନିୟୋଜନ ନିମିତ୍ତ ବଜାର ଅର୍ଥନୀତିଗୁଡ଼ିକରେ ଉଦ୍ୟମ ଅବ୍ୟାହତ ରହିଛି।

(v) **ସମ୍ବଳର ଅଭିବୃଦ୍ଧି ସମସ୍ୟା (Problem of Growth of Resources) :** ପ୍ରତ୍ୟେକ ଦେଶର ମୁଖ୍ୟ ଲକ୍ଷ୍ୟ ହେଲା ଅର୍ଥନୈତିକ ସମୃଦ୍ଧି ହାସଲ କରିବା। ଅର୍ଥନୈତିକ ସମୃଦ୍ଧି ଏକ ପ୍ରକ୍ରିୟା ଯଦ୍ୱାରା କୌଣସି ଅର୍ଥବ୍ୟବସ୍ଥା ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦ୍ରବ୍ୟ ଓ ସେବା ଉତ୍ପାଦନ ବୃଦ୍ଧି କରିଥାଏ। ଅର୍ଥନୈତିକ ସମୃଦ୍ଧି ସମ୍ବଳର ଅଭିବୃଦ୍ଧି ଉପରେ ନିର୍ଭରଶୀଳ। ବିଗତ କିଛିବର୍ଷ ଧରି ସମ୍ବଳର ଦ୍ରୁତ ଅଭିବୃଦ୍ଧି ସଂଘଟିତ କରିବାରେ ସକ୍ଷମ ହୋଇଥିବାରୁ ଉନ୍ନତ ଦେଶମାନଙ୍କରେ ଲୋକମାନଙ୍କର ଜୀବନଧାରଣର ମାନ ଉନ୍ନତ ହୋଇପାରିଛି। ତେଣୁ ସମ୍ବଳର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଲୋକମାନଙ୍କର ଭୌତିକ ଦ୍ରବ୍ୟର ବର୍ଦ୍ଧିଷ୍ଣୁ ଚାହିଦା ମେଣ୍ଟାଇବାର ଯେ ଏକମାତ୍ର ଉପାୟ, ଏହା ବିକାଶୋନ୍ମୁଖୀ ଦେଶସମୂହ ହୃଦୟଙ୍ଗମ କଲେଣି। ଏଠାରେ ଏହା ସୂଚନାଯୋଗ୍ୟ ଯେ, ସମ୍ବଳର ଅଭିବୃଦ୍ଧି ଘଟିଲେ ଉତ୍ପାଦନ ସମ୍ଭାବ୍ୟତା ରେଖା ଡାହାଣକୁ ସ୍ଥାନାନ୍ତର ହୋଇଥାଏ। ଚିତ୍ର-1.2ରେ ଦର୍ଶାଯାଇଛି ଯେ, ଅର୍ଥ ବ୍ୟବସ୍ଥାରେ ସମ୍ବଳର ଅଭିବୃଦ୍ଧି ଯୋଗୁଁ ଏହାର ଉତ୍ପାଦନ ସମ୍ଭାବ୍ୟତା ରେଖା ABରୁ A' B'କୁ ସ୍ଥାନାନ୍ତର ହୋଇଛି।

ଉପରେ ଆଲୋଚନା କରାଯାଇଥିବା ସମସ୍ୟାଗୁଡ଼ିକ ସବୁ ଅର୍ଥବ୍ୟବସ୍ଥା ପାଇଁ ଅଳ୍ପବହୁତେ ପ୍ରଯୁଜ୍ୟ।

## 1.3 ଅର୍ଥଶାସ୍ତ୍ରର ମୌଳିକ ଅବଧାରଣା
## (BASIC CONCEPTS IN ECONOMICS)

ପ୍ରତ୍ୟେକ ବିଜ୍ଞାନରେ ନିର୍ଦ୍ଦିଷ୍ଟ ଅର୍ଥବୋଧକ କେତେଗୁଡ଼ିଏ ବୈଷୟିକ ଶବ୍ଦ ବ୍ୟବହୃତ କରାଯାଇଥାଏ। ଏହି ଶବ୍ଦଗୁଡ଼ିକ ଏହାର ଆଲୋଚନା ଓ ଅନୁଶୀଳନରେ ସହାୟକ ହୋଇଥାନ୍ତି। ସେହିପରି ଅର୍ଥଶାସ୍ତ୍ରରେ ମଧ୍ୟ ଏହିଭଳି କେତେକ ସୁପରିଚିତ ଶବ୍ଦ ସ୍ୱତନ୍ତ୍ର ଅର୍ଥରେ ବ୍ୟବହାର କରାଯାଇଥାଏ। ଅର୍ଥନୈତିକ ଆଲୋଚନାରେ ବାରମ୍ବାର ବ୍ୟବହୃତ ଏହିଭଳି କେତେକ ଶବ୍ଦର ଆଲୋଚନା ନିମ୍ନରେ କରାଯାଇଛି।

### 1.3.1 ମାନବୀୟ ଅଭାବ (Human Wants)

ଅଭାବ କହିଲେ କୌଣସି ଏକ ଦ୍ରବ୍ୟ ପ୍ରାପ୍ତିର ଇଚ୍ଛାକୁ ବୁଝାଏ। ସର୍ବନିମ୍ନ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଆଦି ମୌଳିକ ଅଭାବଗୁଡ଼ିକର ପୂରଣ ବିନା ମଣିଷର ଜୀବନଧାରଣ ଅସମ୍ଭବ। ଏତଦ୍‌ବ୍ୟତୀତ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରିବା ସଙ୍ଗେ ସଙ୍ଗେ ସାମାଜିକ ପ୍ରତିଷ୍ଠାର ଅଭିଳାଷ ଏବଂ କାର୍ଯ୍ୟ କରିବାରେ ଦକ୍ଷତା ବୃଦ୍ଧି ସକାଶେ ମଣିଷକୁ ବିଭିନ୍ନ ଅଭାବ ପୂରଣ କରିବା ଆବଶ୍ୟକ ହୋଇଥାଏ। ଏହି ସମସ୍ତ ଅଭାବଗୁଡ଼ିକର ପୂରଣ ପାଇଁ ମଣିଷ ତା ଜୀବନସାରା ବିଭିନ୍ନ ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପରେ ବ୍ୟାପୃତ ରହେ। ତାର ଅର୍ଥନୈତିକ ପ୍ରଚେଷ୍ଟା ଦ୍ୱାରା ସେ ଯେତିକି ଅଧିକ ଅଭାବ ପୂରଣ କରିପାରେ, ସେତିକି ଅଧିକ ସୁଖୀ ହୁଏ। ତେଣୁ Seligman ଯଥାର୍ଥରେ କହିଥିଲେ, 'ଅଭାବ ହିଁ ସମସ୍ତ ଅର୍ଥନୈତିକ କାର୍ଯ୍ୟକଳାପର ଆରମ୍ଭ ବିନ୍ଦୁ।'

#### 1.3.1.1 ମାନବୀୟ ଅଭାବର ବୈଶିଷ୍ଟ୍ୟ (Characteristics of Human Wants)

ଅଭାବର କେତେକ ବୈଶିଷ୍ଟ୍ୟ ରହିଛି। ତାହା ନିମ୍ନରେ ଆଲୋଚନା କରାଗଲା।

(i) **ମାନବର ଅଭାବ ଅସୀମ (Human Wants are Unlimited) :** ମନୁଷ୍ୟର ଅଭାବ ଅସୀମ। ସେଗୁଡ଼ିକ ଅସଂଖ୍ୟ ଏବଂ ଅକଳନୀୟ। ଗୋଟିଏ ଅଭାବ ପୂରଣ ହେଲେ ଆଉ ଗୋଟିଏ ଅଭାବ ଦେଖାଦିଏ। ଏହା ଏକ ଚିରନ୍ତନ ଧାରା, ଏହାର ଶେଷ ନାହିଁ। ସମ୍ବଳ ସୀମିତ ହୋଇଥିବାରୁ ସମସ୍ତ ଅଭାବ ପୂରଣ ହୋଇପାରେ ନାହିଁ। ମଣିଷ ବଞ୍ଚି ରହିବାପାଇଁ ପ୍ରଥମେ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ଆବଶ୍ୟକ କରେ। ଏହି ଅଭାବ ପୂରଣ ହୋଇସାରିବା ପରେ ସେ ଟେଲିଭିଜନ, ତାପରେ ମୋଟର ସାଇକେଲ ଓ ତାପରେ ମଟର ଗାଡ଼ିର ଅଭାବ ଅନୁଭବ କରେ। ଏହି ପ୍ରକ୍ରିୟା ପୁନରାବୃତ୍ତି ହୋଇଚାଲେ। ମଣିଷ ଜୀବନ ମୁଖ୍ୟତଃ ଅଭାବର ଏକ ସମାହାର।

(ii) **ନିର୍ଦ୍ଦିଷ୍ଟ ଅଭାବ ପରିତୃପ୍ତକ୍ଷମ (A Particular Want is Satiable) :** ମଣିଷର ଅଭାବ ଅସୀମ ହେଲେ ହେଁ କୌଣସି ଏକ ନିର୍ଦ୍ଦିଷ୍ଟ ଅଭାବ ପରିତୃପ୍ତ କ୍ଷମ। ପ୍ରତ୍ୟେକ ମାନବୀୟ ଅଭାବର ଏକ ସୀମା ଅଛି। ତେଣୁ କୌଣସି ଏକ ମାନବୀୟ ଅଭାବକୁ ପରିପୂରଣ ସହଜରେ କରାଯାଇପାରେ। ଯଦି କେହି ଜଣେ କ୍ଷୁଧାର୍ତ୍ତ, ତାହାହେଲେ କିଛି ଖାଦ୍ୟ ଗ୍ରହଣ କରି ସେ କ୍ଷୁଧା ନିବାରଣ କରିପାରିବ। ଯଦି କେହିଜଣେ ତୃଷାର୍ତ୍ତ, କିଛି ଜଳପାନ କରି ସେ ତାର ତୃଷା ନିବାରଣ କରିପାରିବ। ଆମେ ଯେ ନିର୍ଦ୍ଦିଷ୍ଟ ଅଭାବ ପୂରଣ କରିବାରେ ସମର୍ଥ, ତାର କାରଣ ହେଲା କୌଣସି ଦ୍ରବ୍ୟ ଅଧିକରୁ ଅଧିକ ମିଳିଲେ ତାକୁ ପାଇବାର ଇଚ୍ଛା କ୍ରମଶଃ ହ୍ରାସ ପାଇଥାଏ। ଅଭାବର ଏହି ବୈଶିଷ୍ଟ୍ୟ କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ନିୟମର ମୂଳଭିତ୍ତି।

(iii) **ଅଭାବଗୁଡ଼ିକ ପରସ୍ପରର ପ୍ରତିଯୋଗୀ (Wants are Competitive) :** ଅଭାବଗୁଡ଼ିକ ପରସ୍ପର ସହିତ ପ୍ରତିଯୋଗିତା କରନ୍ତି। ଏହାର କାରଣ ହେଲା ଅଭାବଗୁଡ଼ିକ ଅସୀମ, କିନ୍ତୁ ଅଭାବଗୁଡ଼ିକ ପୂରଣ କରିବାପାଇଁ ସମ୍ବଳଗୁଡ଼ିକ ସୀମିତ। ତେଣୁ ବିଭିନ୍ନ ଦ୍ରବ୍ୟ ମଧ୍ୟରେ ମନୋନୟନର ଆବଶ୍ୟକତା ଦେଖାଦିଏ। ପ୍ରଥମେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭାବଗୁଡ଼ିକ ପୂରଣ କରାଯାଏ ଏବଂ ପରେ ଅଳ୍ପ ଗୁରୁତ୍ୱପୂର୍ଣ୍ଣ ଅଭାବଗୁଡ଼ିକ ପୂରଣ କରାଯାଏ।

(iv) **ଅଭାବଗୁଡ଼ିକ ପରସ୍ପରର ପରିପୂରକ (Wants are Complementary) :** ମନୁଷ୍ୟର ଅଭାବ ପରସ୍ପରର ପରିପୂରକ। କେତେକ ଦ୍ରବ୍ୟ ଏକାଠି ଉପଭୋଗ ହେଲେ ଏକ ନିର୍ଦ୍ଦିଷ୍ଟ ଅଭାବ ପୂରଣ ହୋଇଥାଏ। ସୁତରାଂ ସେହି ସମସ୍ତ ଦ୍ରବ୍ୟ ପରସ୍ପରର ପରିପୂରକ ରୂପେ କାର୍ଯ୍ୟ କରନ୍ତି। ଉଦାହରଣ ସ୍ୱରୂପ, ଚା ପିଇବାକୁ ଚାହିଁଲେ ଏକ ସଙ୍ଗରେ ଚିନି, ଦୁଗ୍ଧ ଓ ଚା ଗୁଣ୍ଡର ଆବଶ୍ୟକତା ଦେଖାଦିଏ। ଗାଡ଼ି ଚଢ଼ିବା ପାଇଁ ଚାହିଁଲେ ଏକ ସଙ୍ଗରେ ଗାଡ଼ି ଓ ପେଟ୍ରୋଲର ଆବଶ୍ୟକତା ଦେଖାଦିଏ। ଯେଉଁ ଅଭାବଗୁଡ଼ିକ ଅନ୍ୟ ଅଭାବର ସାହାଯ୍ୟ ନ ନେଇ ପୂରଣ ହୋଇପାରେ ନାହିଁ, ତାହାକୁ ପରିପୂରକ ଅଭାବ କୁହାଯାଏ।

(v) **କେତେକ ଅଭାବ ଉଭୟ ପରିପୂରକ ଓ ପ୍ରତିଯୋଗୀ (Some Wants are both Complementary and Competitive) :** କେତେକ ଅଭାବ ପରିପୂରକ ହେଲେ ହେଁ ପରସ୍ପର ମଧ୍ୟରେ ପ୍ରତିଯୋଗୀତା କରିଥାନ୍ତି। ଉଦାହରଣ ସ୍ୱରୂପ, ଦ୍ରବ୍ୟ ଉତ୍ପାଦନ ସକାଶେ ଶ୍ରମିକ ଓ ଯନ୍ତ୍ରପାତି ଉଭୟ ଆବଶ୍ୟକ। ତେଣୁ ଏ ଉଭୟ ପରସ୍ପରର ପରିପୂରକ। କିନ୍ତୁ ଯନ୍ତ୍ରପାତିର ବହୁଳ ବ୍ୟବହାର ହେଲେ ଶ୍ରମିକର ଚାହିଦା କମିଯାଏ। କାରଣ ଯନ୍ତ୍ରପାତି ଓ ଶ୍ରମିକ ଏକପ୍ରକାର କାର୍ଯ୍ୟ କରିଥାନ୍ତି। ସୁତରାଂ, ଏ ଉଭୟ ପରସ୍ପରର ପ୍ରତିଯୋଗୀ।

(vi) **ଅଭାବ ବାରମ୍ବାର ଅନୁଭୂତ ହୁଏ (Wants Recur) :** ଅଭାବ ବାରମ୍ବାର ଅନୁଭୂତ ହୁଏ। କୌଣସି ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ଅଭାବ ପୂରଣ ହୋଇଗଲେ ତାହାର ସେହିଠାରେ ପରିସମାପ୍ତି ଘଟେ ନାହିଁ। ପୁଣି କିଛି ସମୟପରେ ବା କିଛି ଦିନ ପରେ ସେ ଅଭାବ ଆଉଥରେ ଅନୁଭୂତ ହୁଏ। ଉଦାହରଣ ସ୍ୱରୂପ କ୍ଷୁଧା ନିବାରଣ ପାଇଁ ଦିନ 11 ଘଟିକା ସମୟରେ କିଛି ଖାଦ୍ୟ ଗ୍ରହଣ କରାଗଲେ ମଧ୍ୟ, ରାତି ୨ ଘଟିକା ସମୟରେ ପୁଣି କ୍ଷୁଧା ଅନୁଭୂତ ହୁଏ ଓ ଖାଦ୍ୟ ଆବଶ୍ୟକ ପଡ଼େ। ଆରାମପ୍ରଦ ଦ୍ରବ୍ୟ ଓ ସୌଖୀନ ଦ୍ରବ୍ୟ କ୍ଷେତ୍ରରେ ମଧ୍ୟ ଏହିପରି ଘଟିଥାଏ।

(vii) **ଅଭାବଗୁଡ଼ିକ ପରସ୍ପର ବୈକଳ୍ପିକ (Wants are Alternatives) :** କେତେକ ଅଭାବ ବିଭିନ୍ନ ପ୍ରକାର ବିକଳ୍ପ ଦ୍ରବ୍ୟ ଦ୍ୱାରା ପୂରଣ କରାଯାଇଥାଏ। ମାନବର କ୍ଷୁଧା ରୁଟି, ଭାତ ବା ଫଳଦ୍ୱାରା ପୂରଣ କରାଯାଇପାରେ। ମାନବର ତୃଷା ପାଣି, ଲସି, ସର୍ବତ୍ ବା ମୃଦୁ ପାନୀୟ ଦ୍ୱାରା ପୂରଣ କରାଯାଇପାରେ।

(viii) **ସମସ୍ତ ଅଭାବର ଗୁରୁତ୍ୱ ସମାନ ନୁହେଁ (All Wants are not Equally Important) :** ସବୁ ଅଭାବ ସମାନଭାବେ ଅନୁଭୂତ ହୁଅନ୍ତି ନାହିଁ ବା ସବୁ ଅଭାବ ସମାନ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି। କେତେକ ଅଭାବ ତୀବ୍ରଭାବେ ଅନୁଭୂତ ହେଉଥିବାବେଳେ ଆଉ କେତେକର ତୀବ୍ରତା ଅପେକ୍ଷାକୃତ କମ୍। ପୁଣି ଆଉ କେତେକ ଅଭାବ ଆଦୌ ଗୁରୁତ୍ୱପୂର୍ଣ୍ଣ ହୋଇ ନଥାନ୍ତି। ସମ୍ବଳ ସୀମିତ ହୋଇଥିବାରୁ ଅଧିକ ଜରୁରୀ ଅଭାବ ପ୍ରଥମେ ପୂରଣ କରାଯାଇଥାଏ। କମ୍ ଗୁରୁତ୍ୱପୂର୍ଣ୍ଣ ଅଭାବକୁ ସ୍ଥଗିତ ରଖାଯାଇପାରେ ଓ ଆଦୌ ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥିବା ଅଭାବଗୁଡ଼ିକୁ ବାତିଲ କରାଯାଇପାରେ। ଜଣେ ଛାତ୍ର ସକାଶେ ପୁସ୍ତକ, କାଗଜ, କଲମ ଓ ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ ଅଧିକ ଜରୁରୀ ହୋଇଥିବାରୁ ଏହା ପ୍ରଥମେ ପୂରଣ କରାଯାଇଥାଏ। ଚଳଚ୍ଚିତ୍ର ଦେଖିବା ବା ଆନନ୍ଦପ୍ରମୋଦ କରିବା ସକାଶେ ବଣଭୋଜି କରିବା ଆଦୌ ଜରୁରୀ ହୋଇ ନଥାଏ।

(ix) **ସ୍ଥାନ, କାଳ ଓ ପାତ୍ର ଭେଦରେ ଅଭାବ ଭିନ୍ନ ହୁଏ (Wants differ with Place, Time & Person) :** ସବୁ ଲୋକଙ୍କ ଅଭାବ ସମାନ ହୋଇ ନ ଥାଏ। ଅଭାବ ବ୍ୟକ୍ତିବିଶେଷର ପରିବେଶ, ମନୋବୃତ୍ତି ଓ ସାମାଜିକ ସ୍ଥିତି ଉପରେ ନିର୍ଭର କରେ। ଜଣେ ସାଦାସିଧା ପୋଷାକ ପରିଧାନ କରୁଥିବାବେଳେ ଅନ୍ୟଜଣେ ମୂଲ୍ୟବାନ ପୋଷାକ ଚାହିଁପାରେ। ଜଣେ ଆମିଷ ଖାଦ୍ୟ ପସନ୍ଦ କରୁଥିବାବେଳେ ଅନ୍ୟ ଜଣେ ଶାକାହାରୀ ହୋଇପାରନ୍ତି।

ସ୍ଥାନ ଭେଦରେ ମଧ୍ୟ ଅଭାବ ଭିନ୍ନ ଭିନ୍ନ ହୋଇଥାଏ। ଗ୍ରୀଷ୍ମପ୍ରଧାନ ଦେଶରେ ହାଲୁକା ପୋଷାକ ଆବଶ୍ୟକ ହେଲାବେଳେ ଶୀତପ୍ରଧାନ ଦେଶରେ ଗରମ ପୋଷାକର ଆବଶ୍ୟକତା ରହିଛି।

ପୁନଶ୍ଚ, ସମୟଭେଦରେ ଅଭାବ ଭିନ୍ନ ଭିନ୍ନ ହୋଇଥାଏ। ଶୀତଦିନେ ଚା ଓ କଫି ଭଳି ଗରମ ପାନୀୟ ଦରକାର ହେଲାବେଳେ ଗ୍ରୀଷ୍ମଋତୁରେ ଥଣ୍ଡାପାନୀୟ ଦରକାର ହୋଇଥାଏ। ତେଣୁ ସ୍ଥାନ, କାଳ, ପାତ୍ର ଭେଦରେ ଅଭାବ ଭିନ୍ନ ହେବାର ଦେଖିବାକୁ ମିଳିଥାଏ।

**(x) ଅଭାବ ବିଜ୍ଞାପନ ଦ୍ୱାରା ପ୍ରଭାବିତ ହୁଏ (Wants are influenced by Advertisement):** ଆଜିକାଲି ଟି.ଭି., ରେଡ଼ିଓ ଓ ଖବରକାଗଜ ମାଧ୍ୟମରେ ଆକର୍ଷଣୀୟ ବିଜ୍ଞାପନ ଓ ପ୍ରଚାର ଦ୍ୱାରା ବିଭିନ୍ନ ଦ୍ରବ୍ୟ ସମ୍ପର୍କରେ ଲୋକମାନଙ୍କୁ ସୂଚନା ପ୍ରଦାନ କରାଯାଇଥାଏ। ଫଳରେ ଏହି ସମସ୍ତ ଦ୍ରବ୍ୟ ପାଇବା ପାଇଁ ଲୋକମାନେ ଇଚ୍ଛା ପ୍ରକାଶ କରିଥାନ୍ତି।

**(xi) କେତେକ ଅଭାବ ଅଭ୍ୟାସରେ ପରିଣତ ହୁଏ (Some Wants turn into Habits) :** କେତେକ ଅଭାବକୁ ନିୟମିତ ପୂରଣ କରାଗଲେ ତାହା ଅଭ୍ୟାସରେ ପରିଣତ ହୋଇଥାଏ। ଚା, କଫି, ଗୁଣ୍ଡି, ପାନ ଓ ସିଗାରେଟ୍ ଆଦି ନିୟମିତ ବ୍ୟବହାର କଲେ ତାହା କାଳକ୍ରମେ ଅଭ୍ୟାସରେ ପରିଣତ ହୋଇଥାଏ।

ମାନବୀୟ ଅଭାବର ଉପରୋକ୍ତ କେତେକ ବୈଶିଷ୍ଟ୍ୟ ମଧ୍ୟ ଉପଭୋଗ କ୍ଷେତ୍ରରେ କ୍ରମ ହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ଓ ସମସୀମାନ୍ତ ଉପଯୋଗିତା ସୂତ୍ରର ମୂଳଭିତ୍ତି ହୋଇଥାଏ।

**ମାନବୀୟ ଅଭାବର ଶ୍ରେଣୀ ବିଭାଗ (Classification of Wants)**

ମଣିଷର ଅଭାବ ଅସୀମ। ପୁନଶ୍ଚ, ସମସ୍ତ ଅଭାବ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି। ଅଭାବ ପୂରଣ କରିବା ନିମନ୍ତେ ମଣିଷର ସମ୍ବଳ ସୀମିତ ହୋଇଥିବାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଭାବକୁ କମ୍ ଗୁରୁତ୍ୱପୂର୍ଣ୍ଣ ଅଭାବଠାରୁ ଅଲଗା କରିବାକୁ ପଡ଼େ। ଗୁରୁତ୍ୱ ଅନୁଯାୟୀ ଅଭାବକୁ ସ୍ଥୂଳତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ତାହା ହେଲା-

(i) ଅତ୍ୟାବଶ୍ୟକ ଅଭାବ

(ii) ଆରାମପ୍ରଦ ଅଭାବ ଓ

(iii) ବିଳାସ ଦ୍ରବ୍ୟଜନିତ ଅଭାବ।

(i) **ଅତ୍ୟାବଶ୍ୟକ ଅଭାବ (Necessaries) :** ମଣିଷର ମୌଳିକ ଅଭାବ ପୂରଣ ସକାଶେ ଯେଉଁ ଦ୍ରବ୍ୟଗୁଡ଼ିକ ଅପରିହାର୍ଯ୍ୟ, ସେଗୁଡ଼ିକୁ ପାଇବାର ଇଚ୍ଛାକୁ ଅତ୍ୟାବଶ୍ୟକ ଅଭାବ କୁହାଯାଏ। ଅତ୍ୟାବଶ୍ୟକ ଅଭାବ ପୁଣି ତିନି ଭାଗରେ ବିଭକ୍ତ, ଯଥା-

(a) ଜୀବନଧାରଣ ନିମିତ୍ତ ଅତ୍ୟାବଶ୍ୟକ ଅଭାବ (Necessaries of life),

(b) କର୍ମଦକ୍ଷତା ନିମିତ୍ତ ଅତ୍ୟାବଶ୍ୟକ ଅଭାବ (Necessaries for Efficiency) ଓ

(c) ପରମ୍ପରାଗତ ଅତ୍ୟାବଶ୍ୟକ ଅଭାବ (Conventional Necessaries) ।

(a) **ଜୀବନଧାରଣ ନିମିତ୍ତ ଅତ୍ୟାବଶ୍ୟକ ଅଭାବ:** ଜୀବନଧାରଣ ପାଇଁ ଯେଉଁ ଦ୍ରବ୍ୟଗୁଡ଼ିକ ଅତି ଆବଶ୍ୟକ ହୋଇଥାଏ ସେଗୁଡ଼ିକୁ ଜୀବନଧାରଣ ନିମିତ୍ତ ଅତ୍ୟାବଶ୍ୟକ ଅଭାବ କୁହାଯାଏ। ସର୍ବନିମ୍ନ ଅତ୍ୟାବଶ୍ୟକ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଏହାର ଉଦାହରଣ। ଏହି ସର୍ବନିମ୍ନ ମୌଳିକ ଦ୍ରବ୍ୟବିନା ମଣିଷ ବଞ୍ଚି ରହିବା ଅସମ୍ଭବ। ଅବଶ୍ୟ ବିଭିନ୍ନ ସ୍ଥାନରେ ଥିବା ଭିନ୍ନ ଭିନ୍ନ ଅବସ୍ଥା ଯୋଗୁଁ ଜୀବନଧାରଣ ନିମିତ୍ତ ଅତ୍ୟାବଶ୍ୟକ ଦ୍ରବ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ମଧ୍ୟରେ ଏବଂ ଗୋଟିଏ ଦେଶରୁ ଅନ୍ୟ ଦେଶ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ।

(b) **କର୍ମଦକ୍ଷତା ନିମିତ୍ତ ଅତ୍ୟାବଶ୍ୟକ ଅଭାବ:** ସର୍ବନିମ୍ନ ଆବଶ୍ୟକତା ପୂରଣ ହେଲେ ମଣିଷ ବଞ୍ଚି ରହିପାରେ। କିନ୍ତୁ ତାହା ଦ୍ୱାରା ମଣିଷର ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ହୁଏ ନାହିଁ। ଯେଉଁସବୁ ଦ୍ରବ୍ୟ ଲୋକର କାର୍ଯ୍ୟଦକ୍ଷତା ବୃଦ୍ଧିକରେ ଏବଂ ଏକ କର୍ମଠ, ସୁସ୍ଥ ଓ ସତେଜ ଜୀବନଯାପନ କରିବାପାଇଁ ମଣିଷକୁ ସାହାଯ୍ୟ କରେ ସେଗୁଡ଼ିକୁ କର୍ମଦକ୍ଷତା ନିମିତ୍ତ ପ୍ରୟୋଜନୀୟ ଦ୍ରବ୍ୟ କୁହାଯାଏ। ଉତ୍ତମ ବାସଗୃହ, ପୁଷ୍ଟିକର ଖାଦ୍ୟ, ଉପଯୁକ୍ତ ପରିଧାନ, ସର୍ବନିମ୍ନ ସ୍ୱାସ୍ଥ୍ୟ ଓ ଶିକ୍ଷା ଇତ୍ୟାଦି ଶ୍ରମିକର ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ। ତେଣୁ ଏଗୁଡ଼ିକୁ କର୍ମଦକ୍ଷତା ନିମିତ୍ତ ପ୍ରୟୋଜନୀୟ ଦ୍ରବ୍ୟ କୁହାଯାଇଥାଏ।

(c) **ପରମ୍ପରାଗତ ଅତ୍ୟାବଶ୍ୟକ ଅଭାବ:** ସାମାଜିକ ପରମ୍ପରା, ଦେଶାଚାର ଓ ଅଭ୍ୟାସର ବଶବର୍ତ୍ତୀ ହୋଇ ଅନେକ ସମୟରେ ମଣିଷ କେତେକଗୁଡ଼ିଏ ଅଭାବ ପୂରଣ କରିବାକୁ ବାଧ୍ୟ ହୋଇଥାଏ। ବିବାହ, ବ୍ରତ, ଅନ୍ତେଷ୍ଟିକ୍ରିୟା ଓ ଶ୍ରାଦ୍ଧୋତ୍ସବ ପାଳନରେ ଆମକୁ ଯେଉଁ ବ୍ୟୟ କରିବାକୁ ପଡ଼ିଥାଏ, ତାହା ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥାଏ। ଅନେକ ଲୋକ କେବଳ ଅଭ୍ୟାସଗତ କାରଣରୁ ଚା, କଫି, ସିଗାରେଟ ଓ ପାନ ଆଦି ନିୟମିତ ରୂପେ

ବ୍ୟବହାର କରିଥାନ୍ତି। ଏଗୁଡ଼ିକ ଜୀବନଧାରଣ ବା ଦକ୍ଷତାବୃଦ୍ଧି ପାଇଁ ଆବଶ୍ୟକ ହୋଇ ନ ଥାନ୍ତି। ଉପରୋକ୍ତ ସମସ୍ତ ଦ୍ରବ୍ୟ ସାମାଜିକ ପ୍ରଥାର ତାଡ଼ନା ଓ ଅଭ୍ୟାସର ଚାପ ଯୋଗୁଁ ବ୍ୟବହାର ହେଉଥିବାରୁ ସେଗୁଡ଼ିକୁ ଅଭ୍ୟାସଜନିତ ଓ ପରମ୍ପରାଗତ ଅଭାବ ବୋଲି କୁହାଯାଏ।

(ii) **ଆରାମପ୍ରଦ ଅଭାବ (Comforts) :** ଜୀବନକୁ ସରଳ, ସରସ ଓ ସୁଖମୟ କରୁଥିବା ଦ୍ରବ୍ୟଗୁଡ଼ିକୁ ପାଇବାର ଇଚ୍ଛାକୁ ଆରାମଦାୟକ ଅଭାବ କୁହାଯାଏ। ଗରମ ପୋଷାକ ପରିଚ୍ଛଦ, ଆଧୁନିକ ସୁବିଧା ଥିବା ସୁସଜ୍ଜିତ ବାସଗୃହ, ବିଦ୍ୟୁତ ପଂଖା ଓ ଟେଲିଭିଜନ ଆଦି ଆରାମଦାୟକ ଦ୍ରବ୍ୟର ଉଦାହରଣ। ଏଗୁଡ଼ିକ ଜୀବନଧାରଣ ପାଇଁ ଆବଶ୍ୟକ ନୁହଁନ୍ତି, କିନ୍ତୁ ଏହାର ଅଭାବରେ ଦକ୍ଷତା ହ୍ରାସ ପାଇପାରେ। କାର୍ଯ୍ୟଦକ୍ଷତା ସକାଶେ ଅତ୍ୟାବଶ୍ୟକ ଦ୍ରବ୍ୟ ଓ ଆରାମଦାୟକ ଦ୍ରବ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ସୁସ୍ପଷ୍ଟ ନୁହେଁ। ଉଭୟ ଏକ ପ୍ରକାର ଦ୍ରବ୍ୟଭଳି ଜଣାପଡ଼େ। ତେବେ ଆରାମଦାୟକ ଦ୍ରବ୍ୟ ଦକ୍ଷତା ବୃଦ୍ଧି କରେ ସତ; କିନ୍ତୁ ଦକ୍ଷତା ପାଇଁ ଏହା ଅତି ଆବଶ୍ୟକ ନୁହେଁ।

(iii) **ବିଳାସ ଦ୍ରବ୍ୟଜନିତ ଅଭାବ (Luxuries) :** ଯେଉଁ ଦ୍ରବ୍ୟ ଜୀବନଧାରଣ ପାଇଁ କିମ୍ବା କର୍ମଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ନୁହେଁ, କିନ୍ତୁ ତାହା ବ୍ୟକ୍ତିବିଶେଷଙ୍କ ଅହମିକାକୁ ସନ୍ତୁଷ୍ଟ କରିବା ଏବଂ ସମ୍ପଦ ଓ ଆଭିଜାତ୍ୟର ପ୍ରଦର୍ଶନ ନିମନ୍ତେ ପାଇବାକୁ ଇଚ୍ଛା କରାଯାଇଥାଏ ତାହାକୁ ବିଳାସ ଦ୍ରବ୍ୟ ଜନିତ ଅଭାବ କୁହାଯାଏ। କେତେକ ସମୟରେ ସେଗୁଡ଼ିକ ସାମାଜିକ ପ୍ରତିଷ୍ଠାର ପ୍ରତୀକ ରୂପେ ବିବେଚିତ ହୋଇଥାନ୍ତି। ସୁଦୃଶ୍ୟ ରାଜକୀୟ ପ୍ରାସାଦ, ଅତିମୂଲ୍ୟବାନ ପୋଷାକ ପରିଚ୍ଛଦ, ମୂଲ୍ୟବାନ ଗହଣା ଓ ବହୁସଂଖ୍ୟକ ଦାସଦାସୀ ଆଦି ବହୁଲୋକଙ୍କ ପାଇଁ ବିଳାସଦ୍ରବ୍ୟ ରୂପେ ଗଣ୍ୟ।

ଅଭାବର ଉପରୋକ୍ତ ଶ୍ରେଣୀ ବିଭାଗ ଚିରସ୍ଥାୟୀ ବା ଅପରିବର୍ତ୍ତନୀୟ ନୁହେଁ। ଏହି ଶ୍ରେଣୀ ବିଭାଗ କେବଳ ଏକ ଆପେକ୍ଷିକ ଧାରଣା। ଗୋଟିଏ ଦ୍ରବ୍ୟ ଜଣକ ପାଇଁ ଅତ୍ୟାବଶ୍ୟକ, ଆଉ ଜଣକ ପାଇଁ ଆରାମଦାୟକ ଓ ଜଣେ ତୃତୀୟ ବ୍ୟକ୍ତିପାଇଁ ବିଳାସଦ୍ରବ୍ୟ ହୋଇପାରେ। ଉଦାହରଣ ସ୍ୱରୂପ, ଜଣେ ଡାକ୍ତରଙ୍କ ପାଇଁ ଗୋଟିଏ ମଟରଗାଡ଼ି ଅତ୍ୟାବଶ୍ୟକ ଦ୍ରବ୍ୟ ହୋଇପାରେ, କିନ୍ତୁ ଜଣେ ଛାତ୍ର ପାଇଁ ଏହା ଏକ ବିଳାସଦ୍ରବ୍ୟ ରୂପେ ବିବେଚନା କରାଯାଏ। ଇଂଲଣ୍ଡରେ ଜଣେ କୃଷକ ପାଇଁ ଗରମ ପୋଷାକ ଏକ ଅତ୍ୟାବଶ୍ୟକ ଦ୍ରବ୍ୟ ହୋଇପାରେ, କିନ୍ତୁ ଭାରତୀୟ କୃଷକ ପକ୍ଷରେ ତାହା ଏକ ବିଳାସ ଦ୍ରବ୍ୟ ରୂପେ ବିଚାର କରାଯାଇଥାଏ। ଅତ୍ୟାବଶ୍ୟକ, ଆରାମଦାୟକ ଓ ବିଳାସଦ୍ରବ୍ୟର ଅବଧାରଣାରେ ଦ୍ରୁତ ପରିବର୍ତ୍ତନ ହେଉଥିବାର ଲକ୍ଷ୍ୟ କରାଯାଉଛି। ଗତକାଲିର ବିଳାସ ଦ୍ରବ୍ୟ ଆଜିର ଅତ୍ୟାବଶ୍ୟକ ଦ୍ରବ୍ୟରେ ପରିଣତ ହୋଇଛି। ତେଣୁ ଅଭାବର ଏହି ଶ୍ରେଣୀ ବିଭାଗ ସ୍ଥାୟୀ ନୁହେଁ ବା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ।

**ବିଳାସ ଦ୍ରବ୍ୟ ଉପଭୋଗ ଯୁକ୍ତିଯୁକ୍ତ କି (Is Consumption of Luxuries Justified) ?**

କେତେକ ବିଳାସ ଦ୍ରବ୍ୟ ଉପଭୋଗକୁ ଯୁକ୍ତିଯୁକ୍ତ ବୋଲି ଦାବି କରୁଥିବାବେଳେ ଆଉ କେତେକ ଲୋକ ଏହାର ବ୍ୟବହାରକୁ ବିରୋଧ କରିଥାନ୍ତି।

**ବିଳାସ ଦ୍ରବ୍ୟ ଉପଭୋଗ ସପକ୍ଷରେ ଯୁକ୍ତି:** ନିମ୍ନଲିଖିତ କାରଣରୁ ବିଳାସ ଦ୍ରବ୍ୟ ଉପଭୋଗକୁ ଯୁକ୍ତିଯୁକ୍ତ ବୋଲି ଦାବି କରାଯାଇଥାଏ।

ପ୍ରଥମତଃ, ଯଦି ବିଳାସ ଦ୍ରବ୍ୟ ବ୍ୟବହାର ନିଷିଦ୍ଧ କରାଯାଏ, ତାହା ହେଲେ ଏହି ଦ୍ରବ୍ୟଗୁଡ଼ିକର ଉତ୍ପାଦନରେ ନିଯୁକ୍ତ ଲୋକମାନେ ବେକାର ହୋଇଯିବେ।

ଦ୍ୱିତୀୟତଃ, ବିଳାସ ଦ୍ରବ୍ୟ ଉପଭୋଗ ନୂତନ ଦ୍ରବ୍ୟ ଉତ୍ପାଦନର ନୂତନ ପଦ୍ଧତି ପ୍ରବର୍ତ୍ତନକୁ ଉତ୍ସାହିତ କରିଥାଏ। ଏହା ଦେଶର ଔଦ୍ୟୋଗିକ ଓ ପ୍ରାବିଧିକ ପ୍ରଗତିରେ ସହାୟକ ହୋଇଥାଏ।

ତୃତୀୟତଃ, ସମାଜରେ ସାଧାରଣତଃ ଧନୀ ଲୋକମାନେ ବିଳାସଦ୍ରବ୍ୟ ଉପଭୋଗ କରିଥାନ୍ତି। ଏହି ଦ୍ରବ୍ୟ ଉତ୍ପାଦନ ହେଲେ ଉତ୍ପାଦନ କରାଯାଉଥିବା ପ୍ରତିଷ୍ଠାନରେ ଗରିବ ଲୋକମାନେ ନିଯୁକ୍ତି ପାଇପାରିବେ। ଫଳରେ ଗରିବ ଲୋକମାନଙ୍କର ଆୟ ବୃଦ୍ଧି ପାଇବ ଏବଂ ସମାଜର ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ଅର୍ଥନୈତିକ ବୈଷମ୍ୟ ହ୍ରାସ ପାଇବ।

ଏହି ତିନିଗୋଟି ଯୁକ୍ତି ବିଶେଷ ସନ୍ତୋଷଜନକ ନୁହେଁ। ନିମ୍ନଲିଖିତ କାରଣରୁ ବିଳାସ ଦ୍ରବ୍ୟ ଉପଭୋଗ ଯୁକ୍ତିଯୁକ୍ତ ନୁହେଁ ବୋଲି ଦାବି କରାଯାଇଥାଏ।

ପ୍ରଥମତଃ, ବିଳାସ ଦ୍ରବ୍ୟ ଉପଭୋଗ ଜୀବନଧାରଣ ପାଇଁ କିମ୍ବା ଦକ୍ଷତା ବୃଦ୍ଧି ପାଇଁ ଆଦୌ ଆବଶ୍ୟକ ନୁହେଁ।

ଦ୍ୱିତୀୟତଃ, ବିଳାସ ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ ସମ୍ବଳ ଜାତୀୟ ସମ୍ବଳର ଅପଚୟ କହିଲେ ଭୁଲ ହେବ ନାହିଁ। ଯଦି ଏହି ସମ୍ବଳକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଉତ୍ପାଦନରେ ବିନିଯୋଗ କରାଯାଆନ୍ତା, ତାହାହେଲେ ଲୋକଙ୍କର କେତେକ ମୌଳିକ ଅଭାବ ପୂରଣ ହୋଇପାରନ୍ତା ଏବଂ ନିୟୋଜନ ମଧ୍ୟ ବୃଦ୍ଧି ପାଆନ୍ତା।

ତୃତୀୟତଃ, ବିଳାସ ଦ୍ରବ୍ୟ ଉପଭୋଗ ଶ୍ରେଣୀ ସଂଘର୍ଷ ସୃଷ୍ଟି କରିଥାଏ। ସମାଜର ଦରିଦ୍ର ଶ୍ରେଣୀ ବିଳାସ ଦ୍ରବ୍ୟ ବ୍ୟବହାରକାରୀ ଗୋଷ୍ଠୀ ବିପକ୍ଷରେ ବିଦ୍ରୋହୀ ହୋଇ ଉଠିଥାନ୍ତି। ବିଶେଷକରି ବାହାରକୁ ଦେଖାଇବା ଉଦ୍ଦେଶ୍ୟରେ ଓ ନିଜର ଅହମିକାକୁ ସନ୍ତୁଷ୍ଟ କରିବା ପାଇଁ ବିଳାସ ଦ୍ରବ୍ୟ ଉପଭୋଗ କରାଯାଉଥିବା ବେଳେ ଏହାକୁ ଆଦୌ ସମର୍ଥନ କରାଯାଇପାରିବ ନାହିଁ।

ବିଳାସ ଦ୍ରବ୍ୟ ଉପଭୋଗ ସପକ୍ଷରେ ଓ ବିପକ୍ଷରେ ଯୁକ୍ତି ବିଚାରକୁ ନେଇ ଏତିକି କୁହାଯାଇପାରେ ଯେ ଧନୀ ଓ ଉନ୍ନତ ଦେଶମାନଙ୍କରେ ବିଳାସ ଦ୍ରବ୍ୟ ଉପଭୋଗ କରାଯାଇ ପାରିବ। କିନ୍ତୁ ଭାରତଭଳି ଏକ ବିକାଶୋନ୍ମୁଖୀ ଦେଶରେ ଯେଉଁଠି ବହୁତ ଲୋକ ଦରିଦ୍ର ଏବଂ ଧନୀ ଓ ଦରିଦ୍ର ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ବହୁତ ବେଶୀ ମୁଷ୍ଟିମେୟ ଲୋକ ବିଳାସ ଦ୍ରବ୍ୟ ଉପଭୋଗ କରିବା ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଆଦୌ ସମୀଚୀନ ନୁହେଁ। ଏଠାରେ ବିଳାସ ଦ୍ରବ୍ୟ ଉପଭୋଗକୁ ନିୟନ୍ତ୍ରିତ କରି ଅତ୍ୟାବଶ୍ୟକ ଦ୍ରବ୍ୟ ଉତ୍ପାଦନ ବୃଦ୍ଧି କରିବା ଓ ସଞ୍ଚୟ ହାର ବୃଦ୍ଧି କରି ଶିଳ୍ପାୟନ ପାଇଁ ଆବଶ୍ୟକ ପୁଞ୍ଜି ଗଠନ କରିବା ପ୍ରଧାନ ଆବଶ୍ୟକତା। ଏହାଦ୍ୱାରା ଦେଶରୁ ଦାରିଦ୍ର୍ୟ ଓ ବେକାରି ହ୍ରାସ ହେବା ସହିତ ଅର୍ଥନୈତିକ ସମୃଦ୍ଧି ହୋଇପାରିବ।

### 1.3.2 ଉପଯୋଗିତା (Utility)

ସାଧାରଣ ଅର୍ଥରେ ଉପଯୋଗିତା କହିଲେ ଉପକାରିତାକୁ ବୁଝାଏ। କିନ୍ତୁ ଅର୍ଥଶାସ୍ତ୍ରରେ ଦ୍ରବ୍ୟ ବା ସେବାର ମାନବୀୟ ଅଭାବ ପୂରଣ କରିପାରୁଥିବା ସାମର୍ଥ୍ୟକୁ ଉପଯୋଗିତା କୁହାଯାଏ। ଅର୍ଥାତ୍, ଦ୍ରବ୍ୟ ବା ସେବାର ଯେଉଁ କ୍ଷମତା ବା ଶକ୍ତି ଦ୍ୱାରା ମାନବୀୟ ଅଭାବ ପରିତୃପ୍ତ ହୁଏ, ତାହାକୁ ଉପଯୋଗିତା କୁହାଯାଏ। ଉଦାହରଣ ସ୍ୱରୂପ ଜଣେ ଉପଭୋକ୍ତା ଦୁଇଖଣ୍ଡ ରୁଟି ଏବଂ ଗୋଟିଏ ପ୍ଲେଟ ଡାଲମା ଖାଇ କ୍ଷୁଧା ନିବାରଣ କଲେ, ରୁଟି ଓ ଡାଲମାର କ୍ଷୁଧା ନିବାରଣ ଶକ୍ତିକୁ ଉପଯୋଗିତା କୁହାଯାଏ।

**ଉପଯୋଗିତାର ବୈଶିଷ୍ଟ୍ୟ (Characterstics of Utility)**

(କ) **ଉପଯୋଗିତା ଉପକାରିତା ନୁହେଁ:** ସାଧାରଣ ଅର୍ଥରେ ଉପଯୋଗିତା କହିଲେ ଉପକାରିତା ବା ଉପାଦେୟତାକୁ ବୁଝାଇଥାଏ। କିନ୍ତୁ କେତେକ ଦ୍ରବ୍ୟ ଅଛି, ଯେଉଁଗୁଡ଼ିକ ଉପାଦେୟ ନୁହଁନ୍ତି ମାତ୍ର ସେଗୁଡ଼ିକର ଉପଯୋଗିତା ରହିଛି। ଉଦାହରଣ ସ୍ୱରୂପ, ସିଗାରେଟ, ମଦ୍ୟ, ଅଫିମ ଇତ୍ୟାଦିର ଉପକାରିତା ନାହିଁ। କିନ୍ତୁ କେତେକ ଲୋକ ଧୂମପାନ ଓ ମଦ୍ୟପାନ ଦ୍ୱାରା ସେମାନଙ୍କର ଅଭାବ ପୂରଣ କରୁଥିବାରୁ ସେମାନଙ୍କ ପାଇଁ ଏହି ସବୁ ଦ୍ରବ୍ୟର ଉପଯୋଗିତା ରହିଛି।

(ଖ) **ଉପଯୋଗିତା ଓ ଆନନ୍ଦ ଏକାର୍ଥବୋଧକ ଶବ୍ଦ ନୁହଁନ୍ତି:** ଔଷଧ ସେବନ ଆନନ୍ଦଦାୟକ ନୁହେଁ। କିନ୍ତୁ ଏହାର ଉପଯୋଗିତା ଯଥେଷ୍ଟ ବେଶୀ। କାରଣ ଏହା ରୋଗୀକୁ ରୋଗମୁକ୍ତ କରାଇଥାଏ।

(ଗ) **ଉପଯୋଗିତା ପରିତୃପ୍ତିଠାରୁ ଭିନ୍ନ:** ଉପଯୋଗିତା ଥିବାରୁ ଦ୍ରବ୍ୟଟିକୁ ଉପଭୋଗ କରାଯାଏ। କିନ୍ତୁ ଦ୍ରବ୍ୟ ଉପଭୋଗ କଲେ ପରିତୃପ୍ତି ମିଳିଥାଏ। ଅତଏବ ଦ୍ରବ୍ୟ ଅନ୍ତର୍ଗତ ଉପଯୋଗିତା ଉପଭୋଗର କାରଣ ଏବଂ ପରିତୃପ୍ତି ଏହାର ଫଳାଫଳ।

(ଘ) **ଉପଯୋଗିତା ଅବଧାରଣାଟି ବ୍ୟକ୍ତିପରକ:** ଅର୍ଥାତ, କୌଣସି ଦ୍ରବ୍ୟର ଉପଯୋଗିତା ସମସ୍ତଙ୍କ ପାଇଁ ସମାନ ହୋଇ ନପାରେ। ଉଦାହରଣ ସ୍ୱରୂପ ଶାକାହାରୀଙ୍କ ପାଇଁ ମାଂସର ଆଦୌ ଉପଯୋଗିତା ନ ଥିବା ବେଳେ ଜଣେ ଆମିଷାହାରୀଙ୍କ ପାଇଁ ଏହି ଦ୍ରବ୍ୟର ଯଥେଷ୍ଟ ଉପଯୋଗିତା ଥାଏ। ଅତଏବ ଉପଯୋଗିତା ଦ୍ରବ୍ୟର ସ୍ଥୁଳ ଓ ଅନ୍ତର୍ନିହିତ ଗୁଣ ନୁହେଁ। ଏହା ଦ୍ରବ୍ୟ ବ୍ୟବହାରକାରୀର ମାନସିକ ଅବସ୍ଥା ଉପରେ ନିର୍ଭର କରିଥାଏ। କୌଣସି ବ୍ୟକ୍ତି ପାଇଁ ଗୋଟିଏ ଦ୍ରବ୍ୟର ଉପଯୋଗିତା ସେ ସେହି ଦ୍ରବ୍ୟ ଉପରେ ଆରୋପ କରୁଥିବା ଗୁରୁତ୍ୱ ଉପରେ ନିର୍ଭର କରିଥାଏ। ସେହି କାରଣରୁ ଉପଯୋଗିତା କେବଳ ଅନୁଭବସିଦ୍ଧ ବୋଲି କୁହାଯାଇଥାଏ। ଏହା କେଉଁଣ, ତାହା କେବଳ ବ୍ୟବହାରକାରୀ ହିଁ ଜାଣେ।

## 1.3.3. ଦ୍ରବ୍ୟ (Goods)

ମାନବୀୟ ଅଭାବ ମୋଚନ କରିବାର ସାମର୍ଥ୍ୟ ଯେଉଁ ଜିନିଷ ଗୁଡ଼ିକର ଥାଏ, ଅର୍ଥଶାସ୍ତ୍ରରେ ସେଗୁଡ଼ିକୁ ଦ୍ରବ୍ୟ କୁହାଯାଏ। ଅଭାବ ମୋଚନ କରିବାର ସାମର୍ଥ୍ୟକୁ ଉପଯୋଗିତା କୁହାଯାଏ। ଅର୍ଥାତ୍ ଉପଯୋଗିତା ଥିବା ଜିନିଷଗୁଡ଼ିକୁ ଦ୍ରବ୍ୟ କୁହାଯାଏ। ପଣ୍ୟ (Commodity) ଓ ସେବା (Service) ଉଭୟକୁ ଦ୍ରବ୍ୟ ଶ୍ରେଣୀଭୁକ୍ତ କରାଯାଇଥାଏ। ଟେଲିଭିଜନ୍, ରେଫ୍ରିଜେରେଟର, ଗୃହ, ପୋଷାକ ଇତ୍ୟାଦି ଦୃଶ୍ୟମାନ ଜିନିଷଗୁଡ଼ିକ ଦ୍ରବ୍ୟ। ଡାକ୍ତର, ଶିକ୍ଷକ ଓ ଓକିଲଙ୍କ ସେବା ଭଳି ଅପାର୍ଥିବ ବା ଅଭୌତିକ ଜିନିଷ ମଧ୍ୟ ଦ୍ରବ୍ୟ। ପଣ୍ୟ ଓ ସେବାର ମାନବୀୟ ଅଭାବ ପୂରଣ କରିବାର କ୍ଷମତା ଥିବାରୁ ଉଭୟ ଅର୍ଥଶାସ୍ତ୍ରରେ ଦ୍ରବ୍ୟ ପଦବାଚ୍ୟ ଅଟନ୍ତି।

**ଦ୍ରବ୍ୟର ଶ୍ରେଣୀ ବିଭାଗ:** ବିଭିନ୍ନ ଦୃଷ୍ଟିକୋଣରୁ ଦ୍ରବ୍ୟର ଭିନ୍ନ ଭିନ୍ନ ଶ୍ରେଣୀ ବିଭାଗ କରାଯାଇଥାଏ। ତାହା ନିମ୍ନରେ ଆଲୋଚନା କରାଗଲା।

**ମୁକ୍ତ ଦ୍ରବ୍ୟ ଓ ଆର୍ଥନୀତିକ ଦ୍ରବ୍ୟ (Free Goods and Economic Goods)**

ଯେଉଁ ଦ୍ରବ୍ୟ ବିନା ଶ୍ରମରେ ବା ବିନାମୂଲ୍ୟରେ ଉପଲବ୍ଧ ହୋଇଥାଏ ତାହାକୁ ମୁକ୍ତ ଦ୍ରବ୍ୟ ବା ଅନାୟାସଲଭ୍ୟ ଦ୍ରବ୍ୟ କୁହାଯାଏ। ଏହା ପ୍ରକୃତିର ମୁକ୍ତ ଦାନ। ଚାହିଦା ତୁଳନାରେ ସେଗୁଡ଼ିକର ଯୋଗାଣ ପର୍ଯ୍ୟାପ୍ତ ହୋଇଥିବାରୁ ଯେ କେହି ବିନାଶ୍ରମରେ ବା ବିନା ମୂଲ୍ୟରେ ଉପଭୋଗ କରିଥାନ୍ତି। ଜଳ, ବାୟୁ, ସୂର୍ଯ୍ୟାଲୋକ ଆଦି ମୁକ୍ତ ଦ୍ରବ୍ୟର ଉଦାହରଣ। ଏହାର ଉପଯୋଗିତା ଥିଲେ ମଧ୍ୟ ଦୁଷ୍ପ୍ରାପ୍ୟତା ନ ଥିବାରୁ ଏହାର ବଜାର ଦର ନାହିଁ ଏବଂ ବିନିମୟ ମୂଲ୍ୟ ନାହିଁ।

ଅପରପକ୍ଷରେ, ଯେଉଁ ଦ୍ରବ୍ୟଗୁଡ଼ିକୁ ବଜାରରେ ଦାମ୍ ଦେଇ କ୍ରୟ କରାଯାଇଥାଏ କିମ୍ବା ଅର୍ଥନୈତିକ ଉଦ୍ୟମ ଦ୍ୱାରା ଉତ୍ପାଦନ କରାଯାଇଥାଏ, ତାହାକୁ ଆର୍ଥନୀତିକ ଦ୍ରବ୍ୟ କୁହାଯାଏ। ଏହା ପ୍ରକୃତିର ମୁକ୍ତ ଦାନ ନୁହେଁ।

ମାନବୀୟ ପ୍ରଚେଷ୍ଟା ଦ୍ୱାରା ଏହା ଉତ୍ପାଦିତ ହୋଇଥାଏ। ଆର୍ଥନୀତିକ ଦ୍ରବ୍ୟଗୁଡ଼ିକର ଯୋଗାଣ ଚାହିଦା ତୁଳନାରେ ସୀମିତ। ଉପଯୋଗିତା, ଦୁଷ୍ପ୍ରାପ୍ୟତା ଓ ବିନିମୟ ମୂଲ୍ୟ ଥିବା ସମସ୍ତ ସାମଗ୍ରୀ ଓ ସେବା ଆର୍ଥନୀତିକ ଦ୍ରବ୍ୟ ପଦବାଚ୍ୟ ଅଟନ୍ତି। ଟେଲିଭିଜନ, ରେଫ୍ରିଜେରେଟର, ଗୃହ, ପୋଷାକ, ପୁସ୍ତକ ଇତ୍ୟାଦି ଆର୍ଥନୀତିକ ଦ୍ରବ୍ୟର ଉଦାହରଣ।

ମୁକ୍ତ ଦ୍ରବ୍ୟ ଓ ଆର୍ଥନୀତିକ ଦ୍ରବ୍ୟ ମଧ୍ୟରେ ଦର୍ଶାଯାଇଥିବା ପାର୍ଥକ୍ୟ ଏତେ କଡ଼ାକଡ଼ି ବା ଚିରସ୍ଥାୟୀ ନୁହେଁ। ଏହା ସ୍ଥାନ, କାଳ ଓ ପରିସ୍ଥିତି ଉପରେ ନିର୍ଭର କରିଥାଏ। ଖୋଲା ପଡ଼ିଆରେ ବାୟୁ ଏକ ମୁକ୍ତ ଦ୍ରବ୍ୟ। କିନ୍ତୁ ଗୃହ ଭିତରେ ବିଜୁଳି ପଙ୍ଖାର ପବନ ଏକ ଆର୍ଥନୀତିକ ଦ୍ରବ୍ୟ। ନଦୀରେ ପ୍ରବାହିତ ଜଳ ଏକ ମୁକ୍ତ ଦ୍ରବ୍ୟ ହୋଇଥିବାବେଳେ ସହରରେ ଯୋଗାଇ ଦିଆଯାଉଥିବା ଜଳ ଆର୍ଥନୀତିକ ଦ୍ରବ୍ୟ ହୋଇଥାଏ। ଆଜିର ଆର୍ଥନୀତିକ ଦ୍ରବ୍ୟ ଦୁଷ୍ପ୍ରାପ୍ୟ ନ ହୋଇ ପ୍ରଚୁର ପରିମାଣରେ ମିଳିଲେ କାଲି ମୁକ୍ତ ଦ୍ରବ୍ୟରେ ପରିଣତ ହୋଇଯାଏ। ଅପରପକ୍ଷରେ, ଆଜିର ମୁକ୍ତ ଦ୍ରବ୍ୟ ଦୁଷ୍ପ୍ରାପ୍ୟ ହୋଇପଡ଼ିଲେ କାଲି ଆର୍ଥନୀତିକ ଦ୍ରବ୍ୟରେ ପରିଣତ ହୋଇଥାଏ। ଜନସଂଖ୍ୟା ବୃଦ୍ଧିହେତୁ ଅତୀତର ବହୁ ମୁକ୍ତ ଦ୍ରବ୍ୟ ଏବେ ଆର୍ଥନୀତିକ ଦ୍ରବ୍ୟରେ ପରିଣତ ହୋଇଛି।

**ଉପଭୋଗ ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ (Consumer Goods and Producer Goods)**

ଯେଉଁ ଦ୍ରବ୍ୟଗୁଡ଼ିକ ମାନବର ଅଭାବ ପ୍ରତ୍ୟକ୍ଷ ଭାବେ ପୂରଣ କରିପାରେ ସେଗୁଡ଼ିକୁ ଉପଭୋଗ ଦ୍ରବ୍ୟ କୁହାଯାଏ। ଖାଦ୍ୟ, ପୋଷାକ, କଲମ, ବହି, ସାଇକେଲ ଆଦି ଉପଭୋଗ ଦ୍ରବ୍ୟ ବା ଖାଉଟି ଦ୍ରବ୍ୟର ଉଦାହରଣ।

ଉପଭୋଗ ଦ୍ରବ୍ୟ ଦୁଇ ପ୍ରକାର, ଯଥା- ସ୍ୱଳ୍ପସ୍ଥାୟୀ ଉପଭୋଗ ଦ୍ରବ୍ୟ ଓ ଦୀର୍ଘସ୍ଥାୟୀ ଉପଭୋଗ ଦ୍ରବ୍ୟ। ସ୍ୱଳ୍ପସ୍ଥାୟୀ ଦ୍ରବ୍ୟ (Perishable goods) ଯଥା- ଖାଦ୍ୟ, ପାନୀୟ ଓ ଔଷଧ ଥରେ ମାତ୍ର ବ୍ୟବହାର ପରେ ନଷ୍ଟପ୍ରାପ୍ତ ହୋଇଥାଏ। କିନ୍ତୁ ଦୀର୍ଘସ୍ଥାୟୀ ଦ୍ରବ୍ୟ (Durable goods) ଯଥା- ବାସଗୃହ, ମୋଟରକାର, ରେଫ୍ରିଜେରେଟର ବହୁଦିନଧରି ବ୍ୟବହାର କରାଯାଇଥାଏ।

ଯେଉଁ ଦ୍ରବ୍ୟଗୁଡ଼ିକ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ ହୋଇଥାଏ, ସେଗୁଡ଼ିକୁ ଉତ୍ପାଦକ ଦ୍ରବ୍ୟ କୁହାଯାଏ। ଯନ୍ତ୍ରପାତି, କଳକାରଖାନା, କାରଖାନା ଗୃହ ଓ କଞ୍ଚାମାଲ ଆଦି ଉତ୍ପାଦକ ଦ୍ରବ୍ୟର ଉଦାହରଣ। ଏହି ଦ୍ରବ୍ୟଗୁଡ଼ିକ ପ୍ରତ୍ୟକ୍ଷ ଭାବେ ଅଭାବ ପୂରଣ କରିପାରି ନଥାନ୍ତି। ଏଗୁଡ଼ିକ ଉପଭୋଗ ଦ୍ରବ୍ୟ ଉତ୍ପାଦନ କହିବାରେ ସାହାଯ୍ୟ କରିଥାଆନ୍ତି, ଯାହାକି ଅଭାବ ପୂରଣ କରିବାରେ ସାହାଯ୍ୟ କରିଥାଏ।

ଉତ୍ପାଦକ ଦ୍ରବ୍ୟ ମଧ୍ୟ ଦୁଇ ପ୍ରକାର, ଯଥା- ସ୍ୱଳ୍ପସ୍ଥାୟୀ ଉତ୍ପାଦକ ଦ୍ରବ୍ୟ ଓ ଦୀର୍ଘସ୍ଥାୟୀ ଉତ୍ପାଦକ ଦ୍ରବ୍ୟ। କଞ୍ଚାମାଲ, ଡିଜେଲ, କୋଇଲା ଆଦି ଥରେ ମାତ୍ର ବ୍ୟବହାର୍ଯ୍ୟ ଉତ୍ପାଦକ ଦ୍ରବ୍ୟ ହୋଇଥିବାବେଳେ ଯନ୍ତ୍ରପାତି, କଳକାରଖାନା, କାରଖାନାଗୃହ ଆଦି ବାରମ୍ବାର ବ୍ୟବହୃତ ସ୍ଥାୟୀ ଉତ୍ପାଦକ ଦ୍ରବ୍ୟ ଅଟନ୍ତି।

ଉପରୋକ୍ତ ପାର୍ଥକ୍ୟ ସତ୍ତ୍ୱେ ଦ୍ରବ୍ୟର ବ୍ୟବହାର ଅନୁସାରେ ଏହା ଉପଭୋଗ ଦ୍ରବ୍ୟ ବା ଉତ୍ପାଦକ ଦ୍ରବ୍ୟ ହୋଇପାରେ। ଏକ କୋଠାଘରକୁ ନିଜ ବାସଗୃହ ରୂପେ ବ୍ୟବହାର କଲେ ତାହା ଉପଭୋଗ ଦ୍ରବ୍ୟ ହୋଇଥାଏ। କିନ୍ତୁ ଏହାକୁ କାରଖାନା ଗୃହ ରୂପେ ବ୍ୟବହାର କଲେ ତାହା ଉତ୍ପାଦକ ଦ୍ରବ୍ୟ ହୋଇଥାଏ।

**ଭୌତିକ ଦ୍ରବ୍ୟ ଓ ଅଭୌତିକ ଦ୍ରବ୍ୟ (Material Goods and Non-material Goods)**

ଯେଉଁ ଦ୍ରବ୍ୟଗୁଡ଼ିକର ନିର୍ଦ୍ଦିଷ୍ଟ ସ୍ଥିତି ଏବଂ ଆକୃତି ଥାଏ ଓ ଯାହାକୁ ସ୍ପର୍ଶ ଦ୍ୱାରା ଅନୁଭବ କରିହୁଏ, ଏବଂ ଦେଖିହୁଏ ସେହି ଦ୍ରବ୍ୟଗୁଡ଼ିକୁ ଭୌତିକ ଦ୍ରବ୍ୟ କୁହାଯାଏ। କୋଠାବାଡ଼ି, ମୋଟର ସାଇକେଲ, ଟେଲିଭିଜନ୍, ବହି, କଲମ ଓ ଘଣ୍ଟା ଇତ୍ୟାଦି ଭୌତିକ ଦ୍ରବ୍ୟର ଉଦାହରଣ।

ଅପରପକ୍ଷରେ, ଯେଉଁ ଦ୍ରବ୍ୟଗୁଡ଼ିକ ଦେଖିହୁଏ ନାହିଁ ବା ସ୍ପର୍ଶ କରିହୁଏ ନାହିଁ ଏବଂ ସେମାନଙ୍କର ଶାରୀରିକ ସ୍ଥିତି ବା ଆକୃତି ନ ଥାଏ ସେଗୁଡ଼ିକୁ ଅଭୌତିକ ଦ୍ରବ୍ୟ କୁହାଯାଏ। ଡାକ୍ତର, ଅଧ୍ୟାପକ, ଇଞ୍ଜିନିୟର, ଓକିଲ ଇତ୍ୟାଦିଙ୍କର ସେବା ଅଭୌତିକ ଦ୍ରବ୍ୟର ଉଦାହରଣ। ଏ ସମସ୍ତ ସେବାର ମୂଲ୍ୟ ଦେବାକୁ ପଡ଼ିଥାଏ। କୌଣସି ବ୍ୟବସାୟ ପ୍ରତିଷ୍ଠାନ ଅର୍ଜନ କରିଥିବା ସଦିଚ୍ଛା (good will)କୁ ମଧ୍ୟ ଅଭୌତିକ ଦ୍ରବ୍ୟ ଶ୍ରେଣୀଭୁକ୍ତ କରାଯାଇଥାଏ। ଏହା ବଜାରରେ କ୍ରୟ ବିକ୍ରୟ କରାଯାଇପାରେ। କିନ୍ତୁ ବାପା, ମାଆ, ଭାଇ ଓ ଭଉଣୀଙ୍କ ସେବାକୁ ଏହି ଶ୍ରେଣୀଭୁକ୍ତ କରାଯାଇ ନ ଥାଏ। କାରଣ ସେମାନଙ୍କ ସେବା ପାଇଁ କୌଣସି ମୂଲ୍ୟ ଦେବାକୁ ପଡ଼ିନଥାଏ।

**ଅନ୍ତର୍ବର୍ତ୍ତୀ ଦ୍ରବ୍ୟ ଓ ଅନ୍ତିମ ଦ୍ରବ୍ୟ (Intermediate Goods and Final Goods)**

ଯେଉଁ ଦ୍ରବ୍ୟ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ ହୁଏ, ତାହାକୁ ଅନ୍ତର୍ବର୍ତ୍ତୀ ଦ୍ରବ୍ୟ କୁହାଯାଏ। କଞ୍ଚାମାଲ, ଅର୍ଦ୍ଧନିର୍ମିତ ଦ୍ରବ୍ୟ ଇତ୍ୟାଦି ଏହାର ଉଦାହରଣ। ଜଣେ ବ୍ୟକ୍ତି କୋଠାଘର ନିର୍ମାଣ କରିବା ପାଇଁ ଇଟା, ବାଲି, ସିମେଣ୍ଟ, ଲୁହାଛଡ଼, ଟାଇଲ୍, ରଙ୍ଗ ଇତ୍ୟାଦି ଅନେକ ଦ୍ରବ୍ୟ ଆବଶ୍ୟକ କରିଥାନ୍ତି। ଏହିସବୁ ଦ୍ରବ୍ୟକୁ ଅନ୍ତର୍ବର୍ତ୍ତୀ ଦ୍ରବ୍ୟ କୁହାଯାଏ।

ଯେଉଁ ଦ୍ରବ୍ୟ ଚୂଡ଼ାନ୍ତ ଦ୍ରବ୍ୟ ହିସାବରେ ଖାଉଟି ମାନଙ୍କଦ୍ୱାରା ଉପଭୋଗ ପାଇଁ ବ୍ୟବହୃତ ହୋଇଥାଏ କିମ୍ବା ଉତ୍ପାଦନକାରୀମାନଙ୍କ ଦ୍ୱାରା ଉତ୍ପାଦନ ଦ୍ରବ୍ୟ ହିସାବରେ ବ୍ୟବହୃତ ହୋଇଥାଏ ତାହାକୁ ଅନ୍ତିମ ଦ୍ରବ୍ୟ କୁହାଯାଏ। ମୋଟରକାର୍, ଟ୍ରାକ୍ଟର, ମୋଟର ସାଇକେଲ, ଟେଲିଭିଜନ୍, ବହି, କଲମ, ପୋଷାକ ଇତ୍ୟାଦି ଅନ୍ତିମ ଦ୍ରବ୍ୟର ଉଦାହରଣ।

ଉପରୋକ୍ତ ପାର୍ଥକ୍ୟ ସତ୍ତ୍ୱେ କେତେକ ଦ୍ରବ୍ୟ ଅଛନ୍ତି ଯାହାକୁ ଅନ୍ତର୍ବର୍ତ୍ତୀ ଦ୍ରବ୍ୟ କିମ୍ବା ଅନ୍ତିମ ଦ୍ରବ୍ୟ କୁହାଯାଏ। ଉଦାହରଣ ସ୍ୱରୂପ ଛେନା ପ୍ରତ୍ୟକ୍ଷ ଭାବରେ ଉପଭୋଗ କରାଗଲେ ଏହା ଅନ୍ତିମ ଦ୍ରବ୍ୟ ପଦବାଚ୍ୟ ହୋଇଥାଏ। କିନ୍ତୁ ଛେନାକୁ ବ୍ୟବହାର କରି ରସଗୋଲା ତିଆରି କଲେ, ଏହା ଅନ୍ତର୍ବର୍ତ୍ତୀ ଦ୍ରବ୍ୟ ପଦବାଚ୍ୟ ହୁଏ।

ଜାତୀୟ ଆୟ ଆକଳନ କଲାବେଳେ ଅନ୍ତର୍ବର୍ତ୍ତୀ ଦ୍ରବ୍ୟର ମୂଲ୍ୟକୁ ମୋଟ ଉତ୍ପାଦ ମୂଲ୍ୟରୁ ବାଦ ଦିଆଯାଇଥାଏ।

**ଘରୋଇ ଦ୍ରବ୍ୟ ଓ ସର୍ବସାଧାରଣ ଦ୍ରବ୍ୟ (Private Goods and Public Goods)**

ଯେଉଁ ଦ୍ରବ୍ୟର ମାଲିକ ଜଣେ ବ୍ୟକ୍ତିବିଶେଷ ହୋଇଥାନ୍ତି, ତାହାକୁ ଘରୋଇ ଦ୍ରବ୍ୟ କୁହାଯାଏ।

**ବୈଶିଷ୍ଟ୍ୟ**

(i) ଯେଉଁ ବ୍ୟକ୍ତି ଘରୋଇ ଦ୍ରବ୍ୟର ମୂଲ୍ୟ ବାବଦ ପାଉଣା ଦିଅନ୍ତି ସେ ହିଁ ଏହାକୁ ଉପଭୋଗ କରନ୍ତି। କିନ୍ତୁ ଯିଏ ଏହି ଦ୍ରବ୍ୟ ପାଇଁ ସ୍ୱେଚ୍ଛାକୃତ ଭାବେ ପାଉଣା ଦିଅନ୍ତି ନାହିଁ ଉପଭୋଗରୁ ବାଦ୍ ପଡ଼ନ୍ତି।

(ii) ଯେଉଁ ଉପଭୋକ୍ତା ଘରୋଇ ଦ୍ରବ୍ୟ ଉପଭୋଗ କରନ୍ତି ସେ ହିଁ କେବଳ ତାର ପରିତୃପ୍ତି ପାଆନ୍ତି।

(iii) ଘରୋଇ ଦ୍ରବ୍ୟ ଉପଭୋଗ କ୍ଷେତ୍ରରେ ଜଣେ ଉପଭୋଗ କଲେ ଅନ୍ୟ ଜଣେ ସେଥିରୁ ବଞ୍ଚିତ ହୁଏ। ଅର୍ଥାତ୍ ଏହି ଦ୍ରବ୍ୟ କ୍ଷେତ୍ରରେ ବହିଷ୍କରଣ ନୀତି ପ୍ରଯୁଜ୍ୟ ହୁଏ।

(iv) ଘରୋଇ ଦ୍ରବ୍ୟ କ୍ଷେତ୍ରରେ ଜଣେ ଖାଉଟି ଅନ୍ୟ ଜଣଙ୍କର ପ୍ରତିଦ୍ୱନ୍ଦ୍ୱୀ ବିବେଚିତ ହୁଏ। ଧରାଯାଉ ହୋଟେଲ୍‌ରେ 10 ପ୍ଲେଟ୍ ମାଂସ ଉପଲବ୍ଧ ଅଛି। ଯଦି 'କ' 2 ପ୍ଲେଟ ମାଂସ କ୍ରୟ କରନ୍ତି, ତେବେ 'ଖ' ପାଇଁ ୮ ପ୍ଲେଟ୍ ମାଂସ ଉପଲବ୍ଧ ହେବ।

ଫଳ, ପନିପରିବା, ଚାଉଳ, ଲୁଗାପଟା ଇତ୍ୟାଦି ଘରୋଇ ଦ୍ରବ୍ୟର ଉଦାହରଣ।

ଯେଉଁ ଦ୍ରବ୍ୟ ସରକାରଙ୍କ ମାଲିକାନାରେ ଥାଏ, ତାହାକୁ ସର୍ବସାଧାରଣ ଦ୍ରବ୍ୟ କୁହାଯାଏ।

**ବୈଶିଷ୍ଟ୍ୟ**

(i) କୌଣସି ବ୍ୟକ୍ତିଙ୍କୁ ସ୍ୱେଚ୍ଛାକୃତ ଭାବେ ପାଉଣା ନ ଦେଇଥିବା କାରଣରୁ ସର୍ବସାଧାରଣ ଦ୍ରବ୍ୟ ଉପଭୋଗରୁ ବଞ୍ଚିତ କରାଯାଇ ପାରିବ ନାହିଁ।

(ii) ସର୍ବସାଧାରଣ ଦ୍ରବ୍ୟ କ୍ଷେତ୍ରରେ ଦ୍ରବ୍ୟରୁ ମିଳୁଥିବା ପରିତୃପ୍ତି କେବଳ ଖାଉଟିଙ୍କ ପାଇଁ ସୀମାବଦ୍ଧ ନୁହେଁ। ସର୍ବସାଧାରଣ ଦ୍ରବ୍ୟ କ୍ଷେତ୍ରରେ ସମାନ ଉପଭୋଗ ଏବଂ ସମକାଳୀନ ପରିତୃପ୍ତି ପ୍ରତ୍ୟେକଙ୍କୁ ମିଳିଥାଏ।

(iii) ସର୍ବସାଧାରଣ ଦ୍ରବ୍ୟ କ୍ଷେତ୍ରରେ ବହିଷ୍କରଣ ନୀତି (Principle of exclusion) ପ୍ରଯୁଜ୍ୟ ହୁଏ ନାହିଁ। ଥରେ ଏହି ଦ୍ରବ୍ୟର ଯୋଗାଣ ହେଲେ ସମ୍ମିଳିତ ଭାବେ ଏହାର ଉପଭୋଗ କରାଯାଇଥାଏ।

(iv) ଉପଭୋକ୍ତାମାନଙ୍କ ମଧ୍ୟରେ ଏହା ବିଭାଜନ ହେବା ସମ୍ଭବ ନୁହେଁ। ଜଣଙ୍କର ଉପଭୋଗ ଅନ୍ୟ ଜଣଙ୍କର ଉପଭୋଗକୁ ହ୍ରାସ କରିପାରେ ନାହିଁ। ଅର୍ଥାତ୍, ଜଣେ ଖାଉଟି ଅନ୍ୟ ଜଣଙ୍କର ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି।

ଜାତୀୟ ପ୍ରତିରକ୍ଷା, ରାସ୍ତା, ପୋଲିସ୍‌ସେବା ଇତ୍ୟାଦି ସର୍ବସାଧାରଣ ଦ୍ରବ୍ୟର ଉଦାହରଣ।

## 1.3.4 ମୂଲ୍ୟ (Value)

ମୂଲ୍ୟ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇପାରେ। ତାହା ହେଲା- ବ୍ୟବହାରିକ ମୂଲ୍ୟ (Value-in-use) ଏବଂ ବିନିମୟ ମୂଲ୍ୟ (Value-in-exchange)।

**ବ୍ୟବହାରିକ ମୂଲ୍ୟ:** ବ୍ୟବହାରିକ ମୂଲ୍ୟ କହିଲେ ଦ୍ରବ୍ୟର ଉପଯୋଗିତାକୁ ବୁଝାଏ। ସୂର୍ଯ୍ୟ ରଶ୍ମି, ବାୟୁ, ନଦୀଜଳ ଭଳି ମୁକ୍ତ ଦ୍ରବ୍ୟର କେବଳ ବ୍ୟବହାରିକ ମୂଲ୍ୟ ଥାଏ, କିନ୍ତୁ ବିନିମୟ ମୂଲ୍ୟ ନ ଥାଏ।

**ବିନିମୟ ମୂଲ୍ୟ:** ଅର୍ଥଶାସ୍ତ୍ରରେ ମୂଲ୍ୟ କହିଲେ ବିନିମୟ ମୂଲ୍ୟକୁ ବୁଝାଏ। ଗୋଟିଏ ଦ୍ରବ୍ୟ ବଦଳରେ ମିଳୁଥିବା ଅନ୍ୟାନ୍ୟ ଦ୍ରବ୍ୟର ପରିମାଣକୁ ସେହି ଦ୍ରବ୍ୟର ବିନିମୟ ମୂଲ୍ୟ କୁହାଯାଏ। ଯଦି ଖଣ୍ଡେ ବହି ବଦଳରେ 10ଟି କଲମ ମିଳେ, ତେବେ ଖଣ୍ଡେ ବହିର ବିନିମୟ ମୂଲ୍ୟ 10ଟି କଲମ ବୋଲି ଧରାଯାଏ।

କେବଳ ଆର୍ଥନୀତିକ ଦ୍ରବ୍ୟଗୁଡ଼ିକର ବିନିମୟ ମୂଲ୍ୟ ଥାଏ। ଆର୍ଥନୀତିକ ଦ୍ରବ୍ୟର ମଧ୍ୟ ଉପଯୋଗିତା ବା ବ୍ୟବହାରିକ ମୂଲ୍ୟ ଥାଏ। କାରଣ ଉପଯୋଗିତା ନ ଥିଲେ ଗୋଟିଏ ଦ୍ରବ୍ୟ ବିନିମୟରେ କେହି ଅନ୍ୟ କୌଣସି ଦ୍ରବ୍ୟ ଦେବାକୁ ରାଜି ହେବେ ନାହିଁ।

## 1.3.5 ଦର (Price)

ମୁଦ୍ରା ଆକାରରେ ଦ୍ରବ୍ୟର ପ୍ରକାଶିତ ମୂଲ୍ୟକୁ ଦର କୁହାଯାଏ। ଯେତେବେଳେ ଗୋଟିଏ ହାତଘଣ୍ଟାର ଦାମ୍ 2000 ଟଙ୍କା ବୋଲି କୁହାଯାଏ, ତା'ର ଅର୍ଥ ହେଲା ହାତଘଣ୍ଟାର ମୁଦ୍ରା ଆକାରରେ ମୂଲ୍ୟ 2000 ଟଙ୍କା। ବିଭିନ୍ନ ଦ୍ରବ୍ୟର ଦର ଜାଣିଗଲେ ସେମାନଙ୍କ ଆପେକ୍ଷିକ ମୂଲ୍ୟ ଜାଣିଥାଉ। ତେଣୁ 'ମୂଲ୍ୟ' ଓ 'ଦର' ଏକାର୍ଥବୋଧକ ଶବ୍ଦ ନୁହଁନ୍ତି।

ବିଭିନ୍ନ ଦ୍ରବ୍ୟ ଦର ଏକାବେଳକେ ବୃଦ୍ଧି ବା ହ୍ରାସ ହୋଇପାରେ। କିନ୍ତୁ ସମସ୍ତ ଦ୍ରବ୍ୟର ମୂଲ୍ୟ ଏକାବେଳକେ ବୃଦ୍ଧି ବା ହ୍ରାସ ହୋଇପାରିବ ନାହିଁ। ଉଦାହରଣ ସ୍ୱରୂପ ଏକାବେଳକେ ଖଣ୍ଡେ ବହିର ଦାମ୍ 200 ଟଙ୍କାରୁ 400 ଟଙ୍କା ଏବଂ କଲମର ଦାମ୍ 10 ଟଙ୍କାରୁ 20 ଟଙ୍କା ବୃଦ୍ଧି ପାଇପାରେ। କିନ୍ତୁ ଯଦି 1 ଖଣ୍ଡ ବହି = 20 ଗୋଟି କଲମରୁ 1 ଖଣ୍ଡ ବହି = 30 ଗୋଟି କଲମକୁ ବୃଦ୍ଧି ପାଏ ତେବେ ଗୋଟିଏ କଲମ = $^1/_{20}$ ଖଣ୍ଡ ବହିରୁ 1 ଗୋଟି କଲମ = $^1/_{30}$ ଖଣ୍ଡ ବହିକୁ ହ୍ରାସ ପାଇବ। ଏଥିରୁ ସ୍ପଷ୍ଟ ଯେ ଗୋଟିଏ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଲେ ଅନ୍ୟ ଦ୍ରବ୍ୟର ମୂଲ୍ୟ ହ୍ରାସ ପାଏ।

ସେହିପରି ଦ୍ରବ୍ୟର ଦାମ୍ ବୃଦ୍ଧି ହେଲେ ମୁଦ୍ରାର ମୂଲ୍ୟ ହ୍ରାସ ପାଏ ଏବଂ ଦାମ୍ ହ୍ରାସ ହେଲେ ମୁଦ୍ରାର ମୂଲ୍ୟ ବୃଦ୍ଧି ପାଇଥାଏ । ଅତଏବ ଦାମ୍ ଓ ମୁଦ୍ରାର ମୂଲ୍ୟ ମଧ୍ୟରେ ବିପରୀତମୁଖୀ ସମ୍ପର୍କ ଥାଏ ।

## 1.3.6 ସମ୍ପଦ (Wealth)

ସାଧାରଣ ଅର୍ଥରେ 'ସମ୍ପଦ' କହିଲେ କେବଳ ଧନ ସମ୍ପତ୍ତିକୁ ବୁଝାଯାଇଥାଏ । ଯାହାର ପ୍ରଚୁର ଅର୍ଥ, ଭୂସମ୍ପତ୍ତି, କୋଠାବାଡ଼ି, ସୁନା, ହୀରା ଇତ୍ୟାଦି ଅଛି, ସେ ଧନୀ ରୂପେ ଗଣାଯାଏ । କିନ୍ତୁ ଅର୍ଥଶାସ୍ତ୍ରରେ ଏହି ଶବ୍ଦ ଏକ ସ୍ୱତନ୍ତ୍ର ଅର୍ଥରେ ବ୍ୟବହୃତ ହୁଏ । ଯେଉଁ ଦ୍ରବ୍ୟର ଉପଯୋଗିତା ଥାଏ ଏବଂ ତାହା ଦୁଷ୍ପ୍ରାପ୍ୟ ହୋଇଥାଏ, କ୍ରୟ ବିକ୍ରୟ ବା ହସ୍ତାନ୍ତର ହୋଇପାରେ ଏବଂ ତାର ବାହ୍ୟିକ ସ୍ଥିତିଥାଏ ତାହାକୁ ଅର୍ଥଶାସ୍ତ୍ରରେ ସମ୍ପଦ କୁହାଯାଏ । ସଂକ୍ଷେପରେ କହିଲେ ଆର୍ଥନୀତିକ ଦ୍ରବ୍ୟଗୁଡ଼ିକୁ ସମ୍ପଦ କୁହାଯାଏ ।

### 1.3.6.1 ସମ୍ପଦର ବୈଶିଷ୍ଟ୍ୟ

ସମ୍ପଦ ରୂପେ ଗଣ୍ୟ ହେବାକୁ ହେଲେ ଦ୍ରବ୍ୟର ନିମ୍ନଲିଖିତ ବୈଶିଷ୍ଟ୍ୟ ଥିବା ଆବଶ୍ୟକ ।

**ଉପଯୋଗିତା (Utility)**

ଗୋଟିଏ ଦ୍ରବ୍ୟ ସମ୍ପଦ ପଦବାଚ୍ୟ ହେବାପାଇଁ ତାର ଉପଯୋଗିତା ଥିବା ଏକାନ୍ତ ଆବଶ୍ୟକ । ଉପଯୋଗିତା ଥିଲେ ହିଁ ଦ୍ରବ୍ୟର ଚାହିଦା ସୃଷ୍ଟି ହୁଏ ଓ ଦ୍ରବ୍ୟର ବିନିମୟ ମୂଲ୍ୟ ରହିଥାଏ । ପଚା ଅଣ୍ଡା ବା ପଚା ଫଳ ସମ୍ପଦ ନୁହେଁ କାରଣ ତାର ଅଭାବ ପୂରଣ କ୍ଷମତା (ବା ଉପଯୋଗିତା) ନ ଥାଏ । ଅନ୍ୟପକ୍ଷରେ ମଦ ଓ ଅଫିମ ନିଶାଦ୍ରବ୍ୟ ହେଲେ ମଧ୍ୟ ମାନବର ଅଭାବକୁ ପରିତୃପ୍ତ କରୁଥିବାରୁ ଏହା ସମ୍ପଦ ହୋଇପାରେ ।

**ସ୍ୱଳ୍ପତା ବା ଦୁଷ୍ପ୍ରାପ୍ୟତା (Scarcity)**

କେବଳ ଉପଯୋଗିତା ଥିଲେ ଗୋଟିଏ ଦ୍ରବ୍ୟକୁ ସମ୍ପଦ କୁହାଯିବ ନାହିଁ । ଉପଯୋଗୀ ହୋଇ ମଧ୍ୟ ଯଦି ଗୋଟିଏ ଦ୍ରବ୍ୟ ପର୍ଯ୍ୟାପ୍ତ ପରିମାଣରେ ମିଳୁଥାଏ, ତା ପାଇଁ କେହି କିଛି ପାଉଣା ଦେବେ ନାହିଁ । ତେଣୁ ତାହା ଅର୍ଥଶାସ୍ତ୍ର ପରିସର ବାହାରେ ରହିଯିବ । ସୂର୍ଯ୍ୟକିରଣ, ମୁକ୍ତବାୟୁ, ନଦୀର ଜଳ ଇତ୍ୟାଦିର ଉପଯୋଗିତା ଅଛି । ବାୟୁ ଓ ସୂର୍ଯ୍ୟକିରଣ ବିନା ପୃଥିବୀପୃଷ୍ଠରେ ଜୀବନଧାରଣ ଅସମ୍ଭବ । କିନ୍ତୁ ସେଗୁଡ଼ିକର ଯୋଗାଣ ଅସୀମ ହୋଇଥିବାରୁ ତାହା ବିନାମୂଲ୍ୟରେ ମିଳେ । ତେଣୁ ତାହା ସମ୍ପଦ ପଦବାଚ୍ୟ ନୁହେଁ । ଅତଏବ ଉପଯୋଗିତା ସହ ଦ୍ରବ୍ୟର ସ୍ୱଳ୍ପତା ବା ଦୁଷ୍ପ୍ରାପ୍ୟତା ଥିଲେ ହିଁ ଲୋକମାନେ ଦାମ୍ ଦେଇ ବଜାରରୁ କ୍ରୟ କରିବାପାଇଁ ପ୍ରସ୍ତୁତ ହୁଅନ୍ତି । ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ, କେବଳ ଆର୍ଥନୀତିକ ଦ୍ରବ୍ୟଗୁଡ଼ିକ ହିଁ ସମ୍ପଦ । ମୁକ୍ତ ଦ୍ରବ୍ୟଗୁଡ଼ିକର ସ୍ୱଳ୍ପତା ବା ଦୁଷ୍ପ୍ରାପ୍ୟତା ଗୁଣ ନ ଥିବାରୁ ତାହା ସମ୍ପଦ ପଦବାଚ୍ୟ ନୁହେଁ ।

**ବିକ୍ରୟ ଯୋଗ୍ୟତା ବା ସ୍ଥାନାନ୍ତର ଯୋଗ୍ୟତା (Marketability or Transferability)**

ସମ୍ପଦ ପଦବାଚ୍ୟ ହେବାପାଇଁ ଦ୍ରବ୍ୟର କେବଳ ଉପଯୋଗିତା ଓ ଦୁଷ୍ପ୍ରାପ୍ୟତା ଗୁଣ ଯଥେଷ୍ଟ ନୁହେଁ। ଉଦାହରଣ ସ୍ୱରୂପ, ଜଣେ ଶିଳ୍ପୀର କଳାକୌଶଳ, କବିର ପ୍ରତିଭା, ଜଣେ ଉତ୍ତମ ଚିକିତ୍ସକଙ୍କ ଦକ୍ଷତା ଇତ୍ୟାଦି ଦୁଷ୍ପ୍ରାପ୍ୟ ଓ ତାର ଉପଯୋଗିତା ରହିଛି। କିନ୍ତୁ ଏହି ଅନ୍ତର୍ନିହିତ ବା ବ୍ୟକ୍ତିଗତ ଗୁଣଗୁଡ଼ିକ ଜଣକ ପାଖରୁ ଅନ୍ୟଜଣକ ପାଖକୁ ସ୍ଥାନାନ୍ତର କରାଯାଇପାରିବ ନାହିଁ। ଦ୍ରବ୍ୟର ସ୍ଥାନାନ୍ତର ଯୋଗ୍ୟତା ନ ଥିଲେ ତାହା ବିକ୍ରୟ ଯୋଗ୍ୟ ହୋଇପାରିବ ନାହିଁ। ଦ୍ରବ୍ୟଟି ବିକ୍ରୟଯୋଗ୍ୟ ନ ହେଲେ ତାହା ସମ୍ପଦ ପଦବାଚ୍ୟ ହେବ ନାହିଁ। ସୁତରାଂ ଗୋଟିଏ ଦ୍ରବ୍ୟ ସମ୍ପଦ ପଦବାଚ୍ୟ ହେବ ଯଦି ତାହାର ସ୍ଥାନାନ୍ତର ଯୋଗ୍ୟତା ବା ବିକ୍ରୟ ଯୋଗ୍ୟତା ଥାଏ। ଭୂମି ଓ କୋଠାବାଡ଼ି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସଶରୀରେ ସ୍ଥାନାନ୍ତର ହୋଇପାରୁ ନ ଥିଲେ ମଧ୍ୟ ସେମାନଙ୍କର ମାଲିକାନା ସ୍ୱତ୍ୱ ସ୍ଥାନାନ୍ତର ହୋଇପାରିବ ଏବଂ ବିକ୍ରି କରାଯାଇପାରିବ। ତେଣୁ ଏହି ଦୃଷ୍ଟିରୁ ଭୂମି ଓ କୋଠାବାଡ଼ି ସମ୍ପଦ ପଦବାଚ୍ୟ।

**ବାହ୍ୟିକ ସ୍ଥିତି (External Possession)**

ସମ୍ପଦର ଅନ୍ୟତମ ବୈଶିଷ୍ଟ୍ୟ ହେଲା ବାହ୍ୟ ଅବସ୍ଥିତି। ବାହ୍ୟିକ ସ୍ଥିତି ନ ଥିଲେ ଦ୍ରବ୍ୟଟି ସ୍ଥାନାନ୍ତରିତ ହୋଇପାରିବ ନାହିଁ ବା କ୍ରୟ-ବିକ୍ରୟ ହୋଇପାରିବ ନାହିଁ। ବହୁତ ସମୟରେ ଲୋକେ କହିଥାନ୍ତି 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। କିନ୍ତୁ ଅର୍ଥଶାସ୍ତ୍ରରେ ସ୍ୱାସ୍ଥ୍ୟ ସମ୍ପଦ ନୁହେଁ, କାରଣ ଏହାର ବାହ୍ୟିକ ସ୍ଥିତି ନାହିଁ। ସେହିପରି ବୁଦ୍ଧିମତ୍ତା, ଜଣେ ଗାୟିକାଙ୍କ ସୁଲଳିତ କଣ୍ଠସ୍ୱର, ସାଧୁତା, ସୌନ୍ଦର୍ଯ୍ୟ, ଜଣେ ଅଧ୍ୟାପକଙ୍କ ଉଚ୍ଚକୋଟୀର ଶିକ୍ଷାଦାନ ଦକ୍ଷତା ଆଦି ବ୍ୟକ୍ତିଗତ ଗୁଣାବଳୀ ସମ୍ପଦ ନୁହେଁ କାରଣ ଏଗୁଡ଼ିକ ଜଣକ ଠାରୁ ଅନ୍ୟ ଜଣକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ ବା ବଜାରରେ ବିକ୍ରୟ କରାଯାଇ ପାରିବ ନାହିଁ। କିନ୍ତୁ ଭୂମି, କୋଠାବାଡ଼ି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସଶରୀରେ ଅନ୍ତରଣ ହୋଇପାରୁ ନ ଥିଲେ ମଧ୍ୟ ସେଗୁଡ଼ିକ ମାଲିକାନା ସ୍ୱତ୍ୱ ଅନ୍ତରଣ ହୋଇପାରିବ କାରଣ ସେଗୁଡ଼ିକର ବାହ୍ୟିକ ସ୍ଥିତି ଅଛି। ତେଣୁ ସେଗୁଡ଼ିକ ସମ୍ପଦ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ଉପରୋକ୍ତ ଚାରିଗୋଟି ବୈଶିଷ୍ଟ୍ୟ ଥିବା ଦ୍ରବ୍ୟ ଅର୍ଥଶାସ୍ତ୍ରରେ ସମ୍ପଦ ପଦବାଚ୍ୟ।

### 1.3.6.2 ସମ୍ପଦର ଶ୍ରେଣୀ ବିଭାଗ (Classification of Wealth)

ସମ୍ପଦର ଶ୍ରେଣୀ ବିଭାଗ ନିମ୍ନମତେ କରାଯାଇଥାଏ।

**ବ୍ୟକ୍ତିଗତ ସମ୍ପଦ (Individual Wealth)**

ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ସମସ୍ତ ଭୌତିକ ଓ ଅଭୌତିକ ଦ୍ରବ୍ୟ ବ୍ୟକ୍ତିଗତ ସମ୍ପଦରେ ଅନ୍ତର୍ଭୁକ୍ତ। ବାସଗୃହ, ଭୂମି, ମୋଟରକାର, ଟେଲିଭିଜନ ସେଟ୍, ମୋବାଇଲ୍ ସେଟ୍, ସୋଫାସେଟ୍ ଆଦି ଭୌତିକ

ଦ୍ରବ୍ୟ ଏବଂ କୌଣସି ବ୍ୟବସାୟ ପ୍ରତିଷ୍ଠାନ ଅର୍ଜନ କରିଥିବା ସଦିଚ୍ଛା, କପି ରାଇଟ୍ ଓ ପେଟେଣ୍ଟ ଅଧିକାର ଭଳି ଅଭୌତିକ ଦ୍ରବ୍ୟ ବ୍ୟକ୍ତିଗତ ସମ୍ପଦ ପଦବାଚ୍ୟ । କମ୍ପାନୀ ଅଂଶ (Share), ବଣ୍ଡ (Bond), ଡିବେଞ୍ଚର (Debenture) ଇତ୍ୟାଦି ମଧ୍ୟ ବ୍ୟକ୍ତିଗତ ସମ୍ପଦର ଅନ୍ତର୍ଭୁକ୍ତ । ବ୍ୟକ୍ତିଗତ ସମ୍ପଦ ନିର୍ଦ୍ଧାରଣ କଲାବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କର ସମ୍ପଦରୁ ଋଣାତ୍ମକ ସମ୍ପଦ, ଯଥା- କରଜ ବା ଦେୟକୁ ଅନ୍ତର କରିବାକୁ ହୁଏ ।

ମାର୍ଶାଲଙ୍କ ମତରେ ବ୍ୟକ୍ତିର ଅନ୍ତର୍ନିହିତ ଗୁଣ ଯଥା ଜଣେ ଡାକ୍ତରଙ୍କର ଦକ୍ଷତା, ଗାୟିକାଙ୍କର କଣ୍ଠସ୍ୱର, ସିନେମା ଶିଳ୍ପୀଙ୍କର ସୌନ୍ଦର୍ଯ୍ୟ ଆଦି ବ୍ୟକ୍ତିଗତ ସମ୍ପଦର ଅନ୍ତର୍ଭୁକ୍ତ ହେବା ଉଚିତ । କିନ୍ତୁ ଏହି ଗୁଣଗୁଡ଼ିକ ଅନ୍ତରଣୀୟ ନୁହନ୍ତି କାରଣ ଏହାର ବାହ୍ୟିକ ସ୍ଥିତି ନାହିଁ । ସୁତରାଂ ସେଗୁଡ଼ିକୁ ସମ୍ପଦ କୁହାଯାଇପାରିବ ନାହିଁ ।

**ସାମାଜିକ ସମ୍ପଦ ବା ସାମୂହିକ ସମ୍ପଦ (Social or Collective Wealth)**

ସାମୂହିକ ଭାବେ ଗୋଟିଏ ଗୋଷ୍ଠୀ ବା ଦଳର ଅଧୀନରେ ରହିଥିବା ସମ୍ପଦକୁ ସାମୂହିକ ସମ୍ପଦ କୁହାଯାଏ । କେନ୍ଦ୍ରସରକାର, ରାଜ୍ୟସରକାର, ମ୍ୟୁନିସିପାଲିଟି ଓ ପଞ୍ଚାୟତ ଆଦି ସାମୂହିକ ସଂସ୍ଥା ଅଧୀନରେ ଥିବା ସମସ୍ତ ଦ୍ରବ୍ୟ ସାମୂହିକ ସମ୍ପଦର ଉଦାହରଣ । ରାସ୍ତାଘାଟ, ଡାକ୍ତରଖାନା, ବିଦ୍ୟାଳୟ, ମହାବିଦ୍ୟାଳୟ, ଟାଉନହଲ୍, ସାଧାରଣ ପାଠାଗାର ଓ ସରକାରୀ କୋଠାବାଡ଼ି ଆଦି ସାମୂହିକ ସମ୍ପଦର ଉଦାହରଣ । ସାମୂହିକ ସମ୍ପଦକୁ 'ସାମାଜିକ ସମ୍ପଦ' ବା 'ସାଧାରଣ ସମ୍ପଦ' ମଧ୍ୟ କୁହାଯାଏ ।

**ଜାତୀୟ ସମ୍ପଦ (National Wealth)**

ସମଗ୍ର ଦେଶ ବା ଜାତି ମାଲିକାନାରେ ଥିବା ସମ୍ପଦର ସମଷ୍ଟିକୁ ଜାତୀୟ ସମ୍ପଦ କୁହାଯାଇଥାଏ । ଏହାକୁ କେତେକ ସାମାଜିକ ସମ୍ପଦ ବୋଲି କହିଥାନ୍ତି ।

ନିମ୍ନଲିଖିତ ଉପାଦାନଗୁଡ଼ିକୁ ଜାତୀୟ ସମ୍ପଦରେ ଅନ୍ତର୍ଭୁକ୍ତ କରାଯାଇଥାଏ ।

(i) ଦେଶର ସମସ୍ତ ନାଗରିକଙ୍କର ବ୍ୟକ୍ତିଗତ ସମ୍ପଦର ସମଷ୍ଟି ଜାତୀୟ ସମ୍ପଦରେ ଅନ୍ତର୍ଭୁକ୍ତ କରାଯାଇଥାଏ । ନାଗରିକମାନଙ୍କର ପରସ୍ପର ମଧ୍ୟରେ ଥିବା ସମସ୍ତ ଆଭ୍ୟନ୍ତରୀଣ ଋଣ, ଦେଶର ଦେୟ ଥିବା ସମସ୍ତ ବୈଦେଶିକ ଋଣକୁ ମୋଟ ଜାତୀୟ ସମ୍ପଦ ହିସାବରୁ ବାଦ ଦେଲେ ପ୍ରକୃତ ଜାତୀୟ ସମ୍ପଦ ନିର୍ଣ୍ଣୟ କରାଯାଇପାରେ ।

(ii) କୌଣସି ବ୍ୟକ୍ତିବିଶେଷଙ୍କ ଅଧୀନରେ ନ ଥିବା ରାସ୍ତାଘାଟ, ପୋଲ, ରେଳବାଇ, ବନ୍ଦର, କେନାଲ, ଡାକ୍ତରଖାନା, ଉଦ୍ୟାନ ଓ ଜଳଯୋଗାଣ ସଂସ୍ଥାଭଳି ସମସ୍ତ ପ୍ରକାର ସର୍ବସାଧାରଣ ଭୌତିକ ସମ୍ପତ୍ତି ଜାତୀୟ ସମ୍ପଦର ଅନ୍ତର୍ଭୁକ୍ତ କରାଯାଇଥାଏ ।

(iii) ବିଶିଷ୍ଟ ଅର୍ଥଶାସ୍ତ୍ରୀ ଆଲଫ୍ରେଡ୍ ମାର୍ଶାଲ ଦେଶ ମଧ୍ୟରେ ରହିଥିବା ପ୍ରକୃତିର ମୁକ୍ତ ଅବଦାନ ଯଥା ନଦୀ, ଜଙ୍ଗଲ, ଖଣିଜ ପଦାର୍ଥ ଆଦିକୁ ଜାତୀୟ ସମ୍ପଦ ବୋଲି ଅଭିହିତ କରିଛନ୍ତି। କେତେକ ଏହାକୁ ମୁକ୍ତ ଦ୍ରବ୍ୟ ବୋଲି କହି ସମ୍ପଦ ନୁହେଁ ବୋଲି କହିଥାନ୍ତି।

(iv) କେତେକ ଅର୍ଥଶାସ୍ତ୍ରୀ ଦେଶବାସୀଙ୍କର କର୍ମକୁଶଳତା, ଦକ୍ଷତା, ଔଦ୍ୟୋଗିକ ସାମର୍ଥ୍ୟ, ବୈଜ୍ଞାନିକ ଜ୍ଞାନକୌଶଳ ଏବଂ ବୈଜ୍ଞାନିକ ଆବିଷ୍କାର ଭଳି ଅଭୌତିକ ପଦାର୍ଥକୁ ଜାତୀୟ ସମ୍ପଦ ଭାବେ ଅଭିହିତ କରିଥାନ୍ତି। ଜର୍ମାନ୍, ଆମେରିକୀୟ, ଜାପାନୀ ଓ ଇଂରେଜ ଲୋକଙ୍କ କର୍ମକୁଶଳତା ଓ ସମୟାନୁବର୍ତ୍ତିତା ଭଳି ଜାତୀୟ ଚରିତ୍ର ସେମାନଙ୍କର ଅର୍ଥବ୍ୟବସ୍ଥାକୁ ଗଢ଼ିତୋଳିବାରେ ସାହାଯ୍ୟ କରିଥିବାରୁ ଏହା ସେହି ଦେଶମାନଙ୍କର ଜାତୀୟ ସମ୍ପଦ ପଦବାଚ୍ୟ। କିନ୍ତୁ ଠିକ୍‌ଭାବେ କହିବାକୁ ଗଲେ, ତାହା ବିକ୍ରୟଯୋଗ୍ୟ ହୋଇ ନ ଥିବାରୁ ଜାତୀୟ ସମ୍ପଦରେ ଅନ୍ତର୍ଭୁକ୍ତ କରିବା ଅନୁଚିତ।

**ଆନ୍ତର୍ଜାତିକ ସମ୍ପଦ (Cosmopolitan Wealth)**

ସମଗ୍ର ପୃଥିବୀରେ ସବୁ ଦେଶର ଜାତୀୟ ସମ୍ପଦର ସମଷ୍ଟିକୁ ଆନ୍ତର୍ଜାତିକ ସମ୍ପଦ କୁହାଯାଏ। କୌଣସି ନିର୍ଦ୍ଦିଷ୍ଟ ଦେଶର ଅଞ୍ଚଳଭୁକ୍ତ ହୋଇ ନ ଥିବା ମହାସାଗରଭଳି ପ୍ରକୃତିର ମୁକ୍ତଦାନ, ସମଗ୍ର ବିଶ୍ୱ ଭୋଗକରି ପାରୁଥିବା ବୈଜ୍ଞାନିକ କୌଶଳ ଓ ଯାନ୍ତ୍ରିକ ଉଦ୍ଭାବନ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ ଓ ମିଳିତ ଜାତିସଂଘ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। କିନ୍ତୁ ଆନ୍ତର୍ଜାତିକ ଋଣକୁ ଆନ୍ତର୍ଜାତିକ ସମ୍ପଦରୁ ବାଦ ଦିଆଯାଇଥାଏ। କାରଣ ଗୋଟିଏ ଦେଶ ଋଣଦାତା ହେଲେ ଆଉ ଗୋଟିଏ ଦେଶ ଋଣ ଗ୍ରହୀତା ହୋଇଥାଏ। ତେଣୁ ଏହି ଋଣ ପରସ୍ପରକୁ ଖଣ୍ଡନ କରିଥାଏ।

**ସମ୍ପଦ ଓ ସମ୍ପଦର ସ୍ୱତ୍ୱାଧିକାର (Wealth and Title to Wealth)**

ମଣିଷର ଅଭାବ ପୂରଣ କରିପାରୁଥିବା ସମସ୍ତ ଆର୍ଥନୀତିକ ଦ୍ରବ୍ୟ ସମ୍ପଦ। ଅପରପକ୍ଷରେ ସମ୍ପଦର ସ୍ୱତ୍ୱାଧିକାର କହିଲେ ଆର୍ଥନୀତିକ ଦ୍ରବ୍ୟ ଉପରେ ରହିଥିବା ଅଧିକାରକୁ ବୁଝାଇଥାଏ। ଏହାକୁ ମଧ୍ୟ ପ୍ରତିନିଧିମୂଳକ ସମ୍ପଦ କୁହାଯାଏ। କମ୍ପାନୀର ଅଂଶଧନ, ପ୍ରତିଭୂତି ଏବଂ ବିନିମୟ ପତ୍ର, ଚେକ୍, ବ୍ୟାଙ୍କ ଡ୍ରାଫ୍ଟ ଓ କାଗଜମୁଦ୍ରା ଆଦି ପ୍ରତିନିଧିମୂଳକ ସମ୍ପଦର ଉଦାହରଣ। ଏଗୁଡ଼ିକ ପ୍ରତ୍ୟକ୍ଷ ଭାବରେ ମାନବର ଅଭାବକୁ ପୂରଣ କରିପାରନ୍ତି ନାହିଁ। ତାହା କେବଳ ଅଭାବ ପୂରଣ କରିପାରୁଥିବା ଅନ୍ୟାନ୍ୟ ଦ୍ରବ୍ୟ ଓ ସେବା ପାଇବାରେ ସାହାଯ୍ୟ କରିଥାନ୍ତି। ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ ସମ୍ପଦର ସ୍ୱତ୍ୱାଧିକାର ସମ୍ପଦ ନୁହେଁ।

**ସମ୍ପଦ ଓ ଆୟ (Wealth and Income)**

ବହୁତ ଲୋକ ସମ୍ପଦ ଓ ଆୟକୁ ଏକ ବୋଲି ଭାବନ୍ତି। କିନ୍ତୁ ସମ୍ପଦ ଓ ଆୟ ଏକାର୍ଥବୋଧକ ଶବ୍ଦ ନୁହନ୍ତି।

ସମ୍ପଦ କହିଲେ ଏକ ନିର୍ଦ୍ଦିଷ୍ଟ ସମୟରେ ଆର୍ଥନୀତିକ ଦ୍ରବ୍ୟର ଭଣ୍ଡାରକୁ ବୁଝାଏ। ଅନ୍ୟ ଭାଷାରେ କହିଲେ ଉପଯୋଗିତା, ସ୍ୱଳ୍ପତା, ବିକ୍ରୟ ଯୋଗ୍ୟତା ଓ ବାହ୍ୟିକ ସ୍ଥିତି ଥିବା ଦ୍ରବ୍ୟର ସମଷ୍ଟି ହିଁ ସମ୍ପଦ ପଦବାଚ୍ୟ। ସମ୍ପଦ ଆୟର ଉତ୍ସ। ଅର୍ଥାତ୍ ଆୟ ସମ୍ପଦରୁ ସୃଜନ ହୋଇଥାଏ।

ଅନ୍ୟପକ୍ଷରେ ଆୟ କହିଲେ ଦ୍ରବ୍ୟ ଓ ସେବାର ପ୍ରବାହକୁ ବୁଝାଇଥାଏ। ଅର୍ଥାତ୍, ସମ୍ପଦ ଏକ ଭଣ୍ଡାର ହୋଇଥିବାବେଳେ ଆୟ ଏକ ପ୍ରବାହ। ଉଦାହରଣ ସ୍ୱରୂପ ଗୋଟିଏ ଗୃହ ଜଣେ ବ୍ୟକ୍ତିଙ୍କର ସମ୍ପଦ। ଗୃହରୁ ମିଳୁଥିବା ବାର୍ଷିକ ଭଡ଼ା ତାଙ୍କର ଆୟ। ତେଣୁ ସମ୍ପଦ ପରିସମ୍ପତ୍ତିକୁ ବୁଝାଏ ଏବଂ ପରିସମ୍ପତ୍ତିରୁ ମିଳୁଥିବା ଉପଯୋଗକୁ ଆୟ କୁହାଯାଏ।

**ସମ୍ପଦ ଓ ମୁଦ୍ରା (Wealth and Money)**

ସାଧାରଣ ଲୋକେ ମୁଦ୍ରାକୁ ସମ୍ପଦ ବୋଲି ବିବେଚନା କରନ୍ତି। ଯାହାର ଅଧିକ ମୁଦ୍ରା ଥାଏ ତାକୁ ସମ୍ପତ୍ତିବାନ ବୋଲି କୁହାଯାଏ। କିନ୍ତୁ ପ୍ରକୃତରେ ମୁଦ୍ରା ସମ୍ପଦ ନୁହେଁ।

ଯେଉଁ ଦ୍ରବ୍ୟର ଚାରିଗୋଟି ଗୁଣ, ଯଥା- ଉପଯୋଗିତା, ସ୍ୱଳ୍ପତା, ବିକ୍ରୟ ଯୋଗ୍ୟତା ଓ ବାହ୍ୟିକ ସ୍ଥିତି ଥାଏ, ତାହାକୁ ସମ୍ପଦ କୁହାଯାଏ। ମୁଦ୍ରାର ଯୋଗାଣ ସୀମିତ। ତେଣୁ ଏହା ଦୁଷ୍ପ୍ରାପ୍ୟ। ଏହା ବଦଳରେ ଅନ୍ୟ ଦ୍ରବ୍ୟ ମିଳିପାରେ। ତେଣୁ ଏହା ବିକ୍ରୟଯୋଗ୍ୟ। ଏହାର ମଧ୍ୟ ବାହ୍ୟିସ୍ଥିତି ରହିଛି। ଏହି ତିନିଟି ବୈଶିଷ୍ଟ୍ୟ, ଯଥା- ସ୍ୱଳ୍ପତା, ବିକ୍ରୟ ଯୋଗ୍ୟତା ଓ ବାହ୍ୟିକ ସ୍ଥିତି ମୁଦ୍ରା ଠାରେ ରହିଛି। ମୁଦ୍ରା ବିନିମୟର ଏକ ଉତ୍ତମ ମାଧ୍ୟମ ରୂପେ କାର୍ଯ୍ୟ କରିପାରେ ଏବଂ ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟ ପରିମାପ କରିଥାଏ। ସେହି ଦୃଷ୍ଟିରୁ ଏହାର ଉପଯୋଗିତା ଅଛି ବୋଲି କୁହାଯାଏ। ମୁଦ୍ରାର ସ୍ୱତଃ କୌଣସି ଉପଯୋଗିତା ନାହିଁ। ଉପଯୋଗିତା ଉଭୟ ବ୍ୟାବହାରିକ ମୂଲ୍ୟ ଓ ବିନିମୟ ମୂଲ୍ୟକୁ ବୁଝାଇଥାଏ। ଗୋଟିଏ କଲମର ଉଭୟ ବ୍ୟାବହାରିକ ମୂଲ୍ୟ ଓ ବିନିମୟ ମୂଲ୍ୟ ରହିଛି। ଆମେ ଲେଖିବା ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରୁଥିବାରୁ ଏହାର ବ୍ୟାବହାରିକ ମୂଲ୍ୟ ରହିଛି। ଏହା ବଦଳରେ ଅନ୍ୟ ଜିନିଷ ମିଳିପାରୁଥିବାରୁ ଏହାର ବିନିମୟ ମୂଲ୍ୟ ରହିଛି। କିନ୍ତୁ ମୁଦ୍ରାର କେବଳ ବିନିମୟ ମୂଲ୍ୟ ଅଛି। ଏହାର ବ୍ୟାବହାରିକ ମୂଲ୍ୟ ନାହିଁ। ଅର୍ଥାତ୍ ମୁଦ୍ରାର ସ୍ୱତଃ ଉପଯୋଗିତା ନାହିଁ। ଏହା କେବେହେଲେ ନିଜ ନିମିତ୍ତ ମାଗଣ ହୁଏ ନାହିଁ। ସୁତରାଂ ମୁଦ୍ରା ସମ୍ପଦ ନୁହେଁ। ଏହା ଏକ ସ୍ୱତ୍ୱାଧିକାର ମାତ୍ର।

**ସମ୍ପଦ ଏବଂ ପୁଞ୍ଜି (Wealth and Capital)**

ସମସ୍ତ ଆର୍ଥନୀତିକ ଦ୍ରବ୍ୟ ସମ୍ପଦ ପଦବାଚ୍ୟ। କିନ୍ତୁ ସମସ୍ତ ଆର୍ଥନୀତିକ ଦ୍ରବ୍ୟ ବା ସମ୍ପଦ ପୁଞ୍ଜି ନୁହନ୍ତି। ପୁଞ୍ଜି ସେହି ଆର୍ଥନୀତିକ ଦ୍ରବ୍ୟକୁ ବୁଝାଏ ଯାହା ଅନ୍ୟ ଦ୍ରବ୍ୟ ଉତ୍ପାଦନ ନିମିତ୍ତ ବ୍ୟବହାର କରାଯାଇପାରେ। ଅର୍ଥାତ୍ ସମସ୍ତ ପୁଞ୍ଜି ସମ୍ପଦର ଏକ ଅଂଶ ମାତ୍ର। ଉଦାହରଣ ସ୍ୱରୂପ ବାସ୍‌ଗୃହ, ସୋଫାସେଟ୍, ଟେବୁଲ୍, ଯନ୍ତ୍ରପାତି, କଳ

କଳକବ୍ଜା ଇତ୍ୟାଦି ସମ୍ପଦ ପଦବାଚ୍ୟ। କିନ୍ତୁ ଏମାନେ ସମସ୍ତେ ପୁଞ୍ଜି ନୁହନ୍ତି। ଏମାନଙ୍କ ମଧ୍ୟରୁ କେବଳ ଯନ୍ତ୍ରପାତି ଓ କଳକବ୍ଜା ପୁଞ୍ଜି, କାରଣ ଏହା ଅନ୍ୟ ଦ୍ରବ୍ୟ ଉତ୍ପାଦନ ସକାଶେ ବ୍ୟବହୃତ ହୁଏ। ଅନ୍ୟ ଦ୍ରବ୍ୟ ଯଥା– ବାସଗୃହ, ସୋଫାସେଟ୍, ଟେବୁଲ୍ ଆଦି ଉପଭୋଗ ଦ୍ରବ୍ୟ। ସୁତରାଂ, ସମ୍ପଦର ଏକ ଅଂଶ ଉପଭୋଗ ଦ୍ରବ୍ୟ ଏବଂ ଅନ୍ୟ ଏକ ଅଂଶ ପୁଞ୍ଜି। ତେଣୁ ସମସ୍ତ ପୁଞ୍ଜି ସମ୍ପଦ, କିନ୍ତୁ ସମସ୍ତ ସମ୍ପଦ ପୁଞ୍ଜି ନୁହେଁ। ପୁଞ୍ଜି ସମ୍ପଦର ଏକ ଅଂଶ ମାତ୍ର।

**ସମ୍ପଦ ଓ କଲ୍ୟାଣ (Wealth and Welfare)**

ସମ୍ପଦ ଓ କଲ୍ୟାଣ ସମାର୍ଥବୋଧକ ଶବ୍ଦ ନୁହନ୍ତି। ସମ୍ପଦ କହିଲେ ଉପଯୋଗିତା, ଦୁଷ୍ପ୍ରାପ୍ୟତା, ବିକ୍ରୟ ଯୋଗ୍ୟତା ଓ ବାହ୍ୟିକ ସ୍ଥିତି ଆଦି ଚାରିଗୋଟି ପ୍ରଧାନ ବୈଶିଷ୍ଟ୍ୟ ଥିବା କେତେକ ଭୌତିକ ଓ ଅଭୌତିକ ଦ୍ରବ୍ୟକୁ ବୁଝାଇଥାଏ। କିନ୍ତୁ କଲ୍ୟାଣ ଏକ ମାନସିକ ଅବସ୍ଥା। ଏହା ଏକ ସୁଖବୋଧ ଭାବ। ଅନେକ ଉପାଦାନ ଉପରେ କଲ୍ୟାଣ ନିର୍ଭର କରେ। ସମ୍ପଦର ଅଧିକାର ଏହି ବହୁବିଧ ଉପାଦାନ ମଧ୍ୟରୁ କେବଳ ଗୋଟିଏ ମାତ୍ର ଉପାଦାନ। ତେଣୁ ସମ୍ପଦ ବୃଦ୍ଧି ପାଇଲେ କଲ୍ୟାଣ ବୃଦ୍ଧି ପାଇବାର ନିଶ୍ଚିତତା ନାହିଁ।

ଆର୍ଥନୀତିକ ଦ୍ରବ୍ୟଗୁଡ଼ିକ ସମ୍ପଦ। ଆର୍ଥନୀତିକ ଦ୍ରବ୍ୟ ଉତ୍ପାଦନ ବୃଦ୍ଧି ପାଇଲେ ସମ୍ପଦ ବୃଦ୍ଧି ପାଇଥାଏ। କିନ୍ତୁ ସମସ୍ତ ଆର୍ଥନୀତିକ ଦ୍ରବ୍ୟ କଲ୍ୟାଣ ବୃଦ୍ଧି କରି ନ ଥାନ୍ତି। ଉଦାହରଣ ସ୍ୱରୂପ ମଦ, ଅଫିମ ଆଦି ନିଶାଦ୍ରବ୍ୟ ଉତ୍ପାଦନ ବୃଦ୍ଧି ପାଇଲେ ସମ୍ପଦ ବୃଦ୍ଧି ପାଇଥାଏ ଏବଂ ଏହାଦ୍ୱାରା କେତେକ ଲୋକ ଉପଯୋଗିତା ପାଇଥାନ୍ତି। କିନ୍ତୁ ଏହା ସାମାଜିକ କଲ୍ୟାଣ ବୃଦ୍ଧି କରିବା ପରିବର୍ତ୍ତେ ହ୍ରାସ କରିଥାଏ। ଠିକ୍ ସେହିପରି ଗୋଳାବାରୁଦ ଓ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଗୋଟିଏ ଜାତିର ସମ୍ପଦ ବୃଦ୍ଧି କରିପାରେ ଏବଂ ଦେଶର ଲୋକମାନେ ନିଜକୁ ଅଧିକ ନିରାପଦ ମନେ କରିପାରନ୍ତି ଓ ଆତ୍ମସନ୍ତୋଷ ଲାଭ କରିପାରନ୍ତି। କିନ୍ତୁ ଏହାଦ୍ୱାରା ସାମାଜିକ କଲ୍ୟାଣ ବୃଦ୍ଧି ପାଇ ନ ଥାଏ। ସେହିପରି, ଦ୍ରୁତ ଶିଳ୍ପାୟନ ଫଳରେ ଆର୍ଥନୀତିକ ଦ୍ରବ୍ୟ ଉତ୍ପାଦନ ବୃଦ୍ଧି ପାଇପାରେ। ସୁତରାଂ ଦ୍ରୁତ ଶିଳ୍ପାୟନ ଦେଶର ସମ୍ପଦ ବୃଦ୍ଧିରେ ସହାୟକ ହୋଇଥାଏ। କିନ୍ତୁ ଏହା ମଧ୍ୟ ଜାତୀୟ କଲ୍ୟାଣ ହ୍ରାସ କରାଇବାରେ ଏକ କାରଣ ହୋଇପାରେ। ଶିଳ୍ପାଞ୍ଚଳର ଘନ ଜନବସତି ଯୋଗୁଁ ଅନେକ ଅସୁବିଧା ଉପୁଜିପାରେ ଏବଂ ସେ ସ୍ଥାନର ଜଳ ଓ ବାୟୁ ଆଦି ଦୂଷିତ ହୋଇପାରେ।

ଜନକଲ୍ୟାଣ ସାଧନ ପାଇଁ ସମ୍ପଦ ଏକ ମାଧ୍ୟମ ମାତ୍ର। ସମ୍ପଦ ବୃଦ୍ଧି ସ୍ୱତଃ ଜନକଲ୍ୟାଣ ବୃଦ୍ଧି କରି ନ ଥାଏ। ଅନ୍ୟାନ୍ୟ ଆହୁରି ଅନେକ ସର୍ତ୍ତପୂରଣ ହେଲେ ଯାଇ ସମ୍ପଦ ଜନକଲ୍ୟାଣ ବୃଦ୍ଧି କରିପାରିବ। ତେଣୁ ସମ୍ପଦ ଓ କଲ୍ୟାଣ ଏକାର୍ଥବୋଧକ ଶବ୍ଦ ନୁହନ୍ତି। ସମ୍ପଦ ଏକ ସମ୍ବଳ ମାତ୍ର। ଏହାର ସର୍ବଶେଷ ଲକ୍ଷ୍ୟ ହେଲା କଲ୍ୟାଣସାଧନ କରିବା।

# ସାରାଂଶ

1. ଅର୍ଥଶାସ୍ତ୍ର ସମାଜ ବିଜ୍ଞାନର ଏକ ଶାଖା ଯାହା ମାନବ ଜୀବନର ଅର୍ଥନୈତିକ ଦିଗଟିକୁ ଅଧ୍ୟୟନ ଓ ପର୍ଯ୍ୟାଲୋଚନା କରେ।

2. **ସମ୍ପଦ ସଂଜ୍ଞା :** ଆଡାମ୍ ସ୍ମିଥ୍‌ଙ୍କ ମତରେ 'ଅର୍ଥଶାସ୍ତ୍ର ଏକ ସମ୍ପଦ ବିଜ୍ଞାନ'। ସମ୍ପଦର ଉପାର୍ଜନ ଓ ପରିବ୍ୟୟ ହିଁ ଅର୍ଥଶାସ୍ତ୍ରର ବିଷୟବସ୍ତୁ।

3. **ଭୌତିକ କଲ୍ୟାଣ ସଂଜ୍ଞା :** ଆଲଫ୍ରେଡ୍ ମାର୍ଶାଲଙ୍କ ମତରେ "ଅର୍ଥଶାସ୍ତ୍ର ମାନବର ଦୈନନ୍ଦିନ କାର୍ଯ୍ୟାବଳୀକୁ ଅଧ୍ୟୟନ କରେ। ଏହା ବ୍ୟକ୍ତିଗତ ଏବଂ ସାମାଜିକ କାର୍ଯ୍ୟାବଳୀର ସେହି ଦିଗକୁ ପରୀକ୍ଷା କରେ, ଯାହାକି ଭୌତିକ କଲ୍ୟାଣର ପ୍ରାପ୍ତି ଓ ଉପାଦନର ବ୍ୟବହାର ସହିତ ନିବିଡ଼ ଭାବରେ ସମ୍ପୃକ୍ତ। ତେଣୁ ଏକ ଦିଗରେ ଏହା ସମ୍ପଦର ଅଧ୍ୟୟନ କରିଥାଏ ଏବଂ ଅନ୍ୟ ଦିଗରେ ଯାହାକି ଅଧିକ ଗୁରୁତ୍ୱପୂର୍ଣ୍ଣ ମଣିଷର ଅଧ୍ୟୟନ କରିଥାଏ।"

4. **ଦୁର୍ଲଭତା ସଂଜ୍ଞା :** Lionel Robbinsଙ୍କ ମତରେ "ଅସୀମ ଅଭାବ ଓ ବିକଳ୍ପ ବ୍ୟବହାର ଯୁକ୍ତ ଦୁଷ୍ପ୍ରାପ୍ୟ ସମ୍ବଳ ମଧ୍ୟରେ ଥିବା ସମ୍ପର୍କ ପରିପ୍ରେକ୍ଷୀରେ ମଣିଷର ଆଚରଣ ଅଧ୍ୟୟନ କରୁଥିବା ବିଜ୍ଞାନ ହିଁ ଅର୍ଥଶାସ୍ତ୍ର।"

5. **(କ) ବ୍ୟଷ୍ଟି ଅର୍ଥନୀତି :** ବ୍ୟଷ୍ଟି ଅର୍ଥନୀତି କହିଲେ ଅର୍ଥଶାସ୍ତ୍ରର ସେହି ଶାଖାକୁ ବୁଝାଏ ଯାହା ଅର୍ଥବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକ ଯଥା ଉପଭୋକ୍ତା, ପରିବାର, ପ୍ରତିଷ୍ଠାନ, ବଜାର ଇତ୍ୟାଦିର ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ଳେଷଣ କରିଥାଏ। ଏହା ଅର୍ଥବ୍ୟବସ୍ଥାକୁ ସାମଗ୍ରିକ ଭାବରେ ଅଧ୍ୟୟନ କରି ନ ଥାଏ।

   **(ଖ) ସମଷ୍ଟି ଅର୍ଥନୀତି :** ଏହା ଅର୍ଥନୀତିର ସେହି ଶାଖାକୁ ବୁଝାଏ, ଯାହା ଅର୍ଥବ୍ୟବସ୍ଥାର ମୋଟ ଉତ୍ପାଦ, ଜାତୀୟ ଆୟ, ସାମୁହିକ ନିୟୋଜନ, ହାରାହାରି ଦର ସ୍ତର ଇତ୍ୟାଦି ସମଷ୍ଟିଗତ ବିଷୟକୁ ଅଧ୍ୟୟନ କରେ।

6. **ଅର୍ଥବ୍ୟବସ୍ଥା:** ଯେଉଁ ବ୍ୟବସ୍ଥା ମାନବ ଅଭାବର ପରିପୂର୍ତ୍ତିପାଇଁ ଦେଶର ଦ୍ରବ୍ୟ ଓ ସେବାର ଉତ୍ପାଦନ ଓ ବଣ୍ଟନକୁ ସଙ୍ଗଠିତ କରିଥାଏ ତାହାକୁ ଅର୍ଥବ୍ୟବସ୍ଥା କୁହାଯାଏ।

7. **ଆର୍ଥନୀତିକ ସମସ୍ୟା:** ମାନବର ଅସୀମ ଅଭାବ ତୁଳନାରେ ଉପଲବ୍ଧ ହେଉଥିବା ସମ୍ବଳର ପରିମାଣ ସୀମିତ ହୋଇଥିବା ଯୋଗୁଁ ଅର୍ଥନୀତିରେ ଯେଉଁ ସମସ୍ୟା ସୃଷ୍ଟି ହୁଏ ତାହାକୁ ଆର୍ଥନୀତିକ ସମସ୍ୟା କୁହାଯାଏ।

8. **ଅର୍ଥବ୍ୟବସ୍ଥାର କେନ୍ଦ୍ରୀୟ ସମସ୍ୟା:** ମଣିଷର ଅସଂଖ୍ୟ ଅଭାବ ତୁଳନାରେ ସମ୍ବଳ ଦୁଷ୍ପ୍ରାପ୍ୟ ହୋଇଥିବାରୁ ଅର୍ଥବ୍ୟବସ୍ଥା ମନୋନୟନ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଉକ୍ତ ମନୋନୟନ ସମସ୍ୟାକୁ ଅର୍ଥବ୍ୟବସ୍ଥାର ମୌଳିକ ସମସ୍ୟା କୁହାଯାଇଥାଏ। ଏହି ସମସ୍ୟାଗୁଡ଼ିକ ହେଲା-

(i) କ'ଣ ଉତ୍ପାଦନ କରାଯିବ ?

(ii) କିପରି ଉତ୍ପାଦନ କରାଯିବ ?

(iii) କାହାପାଇଁ ଉତ୍ପାଦନ କରାଯିବ ?

9. **ଅଭାବ:** କୌଣସି ଦ୍ରବ୍ୟ ବା ସେବା ପ୍ରାପ୍ତିର ଇଚ୍ଛାକୁ ଅଭାବ କୁହାଯାଏ।

10. **ଅଭାବର ବୈଶିଷ୍ଟ୍ୟ:** ଅଭାବ ଅସୀମ, ନିର୍ଦ୍ଦିଷ୍ଟ ଅଭାବ ପରିପୂରଣୀୟ, ଅଭାବ ପରିପୂରକ, ଅଭାବ ପ୍ରତିଯୋଗୀ, କେତେକ ଅଭାବ ଉଭୟ ପରିପୂରକ ଓ ପ୍ରତିଯୋଗୀ, ଅଭାବ ବୈକଳ୍ପିକ, ସମସ୍ତ ଅଭାବର ଗୁରୁତ୍ୱ ସମାନ ନୁହନ୍ତି, ଅଭାବ ସ୍ଥାନ, କାଳ, ପାତ୍ର ଭେଦରେ ପାର୍ଥକ୍ୟ ହୋଇଥାଏ।

11. **ଅଭାବର ଶ୍ରେଣୀ ବିଭାଗ:** ଅଭାବ ତିନିଭାଗରେ ବିଭକ୍ତ, ଯଥା- ଅତ୍ୟାବଶ୍ୟକ ଅଭାବ, ଆରାମପ୍ରଦ ଅଭାବ ଓ ବିଳାସଦ୍ରବ୍ୟ ଜନିତ ଅଭାବ।

12. **ଅତ୍ୟାବଶ୍ୟକ ଅଭାବ:** ମଣିଷ ବଞ୍ଚିବାପାଇଁ ଯେଉଁ ମୌଳିକ ଦ୍ରବ୍ୟ ଓ ସେବା ଆବଶ୍ୟକ କରିଥାଏ ତାହାକୁ ଅତ୍ୟାବଶ୍ୟକ ଅଭାବ କୁହାଯାଏ।

13. **ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ ଅଭାବ:** ଜୀବନଧାରଣ ପାଇଁ ଯେଉଁ ଦ୍ରବ୍ୟଗୁଡ଼ିକ ଅତି ଆବଶ୍ୟକ ହୋଇଥାଏ ସେଗୁଡ଼ିକୁ ପାଇବାର ଇଚ୍ଛାକୁ ଜୀବନଧାରଣ ନିମିତ୍ତ ଅତ୍ୟାବଶ୍ୟକ ଅଭାବ କୁହାଯାଏ।

14. **କର୍ମଦକ୍ଷତା ନିମିତ୍ତ ଅତ୍ୟାବଶ୍ୟକ ଅଭାବ:** ଯେଉଁସବୁ ଦ୍ରବ୍ୟ ଯଥା ଉତ୍ତମ ବାସଗୃହ, ଫ୍ୟାନ୍, ଟି.ଭି., ସର୍ବନିମ୍ନ ସ୍ୱାସ୍ଥ୍ୟସେବା, ଶିକ୍ଷା, ତାଲିମ ଇତ୍ୟାଦି ଯାହା ମାନବର କର୍ମଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ ତାହାକୁ ପାଇବାର ଇଚ୍ଛାକୁ ଆରାମଦାୟକ ଅଭାବ କୁହାଯାଏ।

15. **ପରମ୍ପରାଗତ ଅତ୍ୟାବଶ୍ୟକ ଅଭାବ:** ସାମାଜିକ ପରମ୍ପରା, ଦେଶାଚାର ଓ ଅଭ୍ୟାସର ବଶବର୍ତ୍ତୀ ହୋଇ ମଣିଷ ଯେଉଁସବୁ ଅଭାବ ପୂରଣ କରିବାକୁ ବାଧ୍ୟ ହୋଇଥାଏ, ସେଗୁଡ଼ିକୁ ପରମ୍ପରାଗତ ଅତ୍ୟାବଶ୍ୟକ ଅଭାବ କୁହାଯାଏ।

16. **ଆରାମପ୍ରଦ ଅଭାବ:** ଜୀବନକୁ ସରଳ, ସରସ ଓ ସୁଖମୟ କରୁଥିବା ଦ୍ରବ୍ୟଗୁଡ଼ିକୁ ପାଇବାର ଇଚ୍ଛାକୁ ଆରାମଦାୟକ ଅଭାବ କୁହାଯାଏ।

17. **ବିଳାସଦ୍ରବ୍ୟ ଜନିତ ଅଭାବ:** ଯେଉଁସବୁ ଦ୍ରବ୍ୟ ବ୍ୟକ୍ତିବିଶେଷଙ୍କ ଅହମିକାକୁ ସନ୍ତୁଷ୍ଟ କରିବା ଏବଂ ସମ୍ପଦ ଓ ଆଭିଜାତ୍ୟର ପ୍ରଦର୍ଶନ ନିମନ୍ତେ ପାଇବାକୁ ଇଚ୍ଛା କରାଯାଏ ତାହାକୁ ବିଳାସଦ୍ରବ୍ୟ ଜନିତ ଅଭାବ କୁହାଯାଏ।

18. **ଉପଯୋଗିତା:** ଦ୍ରବ୍ୟର ଅଭାବ ପୂରଣ କରିବା କ୍ଷମତାକୁ ଉପଯୋଗିତା କୁହାଯାଏ।

19. **ଦ୍ରବ୍ୟ:** ମାନବୀୟ ଅଭାବ ପୂରଣ କରିପାରୁଥିବା ଯେ କୌଣସି ପଦାର୍ଥ ବା ସେବାକୁ ଦ୍ରବ୍ୟ କୁହାଯାଏ।

20. **ମୁକ୍ତ ଦ୍ରବ୍ୟ:** ଯେଉଁ ଦ୍ରବ୍ୟ ବିନାମୂଲ୍ୟରେ ଉପଲବ୍ଧ ହୋଇଥାଏ, ତାହାକୁ ମୁକ୍ତ ଦ୍ରବ୍ୟ କୁହାଯାଏ। ଏହି ଦ୍ରବ୍ୟର ଯୋଗାଣ ଚାହିଦା ତୁଳନାରେ ଅଧିକ। ଏହା ପ୍ରକୃତିର ମୁକ୍ତ ଦାନ। ଉଦାହରଣ- ବାୟୁ, ନଦୀ ଜଳ ଓ ସୂର୍ଯ୍ୟକିରଣ ଇତ୍ୟାଦି।

21. **ଆର୍ଥନୀତିକ ଦ୍ରବ୍ୟ:** ଯେଉଁ ଦ୍ରବ୍ୟର ପ୍ରାପ୍ତି ନିମନ୍ତେ ମୂଲ୍ୟ ପ୍ରଦାନ କରିବାକୁ ପଡ଼ିଥାଏ ସେଗୁଡ଼ିକୁ ଆର୍ଥନୀତିକ ଦ୍ରବ୍ୟ କୁହାଯାଏ। ଏହାର ଯୋଗାଣ ଚାହିଦା ତୁଳନାରେ ସ୍ୱଳ୍ପ। ଏହାର ବ୍ୟବହାରିକ ଓ ବିନିମୟ ମୂଲ୍ୟ ଥାଏ।

22. **ଉପଭୋଗ ଦ୍ରବ୍ୟ:** ଯେଉଁ ଦ୍ରବ୍ୟ ମାନବୀୟ ଅଭାବକୁ ପ୍ରତ୍ୟକ୍ଷ ଭାବରେ ପୂରଣ କରିଥାଏ ତାହାକୁ ଉପଭୋଗ ଦ୍ରବ୍ୟ କୁହାଯାଏ। ଖାଦ୍ୟ, ପୋଷାକ, ବାସଗୃହ, ବହିପତ୍ର ଏହାର ଉଦାହରଣ।

23. **ଉତ୍ପାଦକ ଦ୍ରବ୍ୟ:** ଯେଉଁ ଦ୍ରବ୍ୟ ଅନ୍ୟ ଦ୍ରବ୍ୟର ଉତ୍ପାଦନରେ ସାହାଯ୍ୟ କରେ ତାହାକୁ ଉତ୍ପାଦକ ଦ୍ରବ୍ୟ କୁହାଯାଏ। ମେସିନ୍, ଯନ୍ତ୍ରପାତି, କଳକବ୍ଜା, କାରଖାନା ଗୃହ ଏହାର ଉଦାହରଣ।

24. **ଭୌତିକ ଦ୍ରବ୍ୟ:** ଦୃଶ୍ୟମାନ ପାର୍ଥିବ ବସ୍ତୁକୁ ଭୌତିକ ଦ୍ରବ୍ୟ କୁହାଯାଏ। ଉଦାହରଣ- କଲମ, ବହି, ଟି.ଭି., ଫ୍ରିଜ୍, ଟେବୁଲ୍ ଇତ୍ୟାଦି।

25. **ଅଭୌତିକ ଦ୍ରବ୍ୟ:** ଶାରୀରିକ ସ୍ଥିତି ନ ଥିବା ଏବଂ କେବଳ ଅନୁଭବ କରାଯାଇପାରୁଥିବା ଦ୍ରବ୍ୟକୁ ଅଭୌତିକ ଦ୍ରବ୍ୟ କୁହାଯାଏ। ଡାକ୍ତର, ଅଧ୍ୟାପକ ଓ ଓକିଲଙ୍କ ସେବା ଏହାର ଉଦାହରଣ।

26. **ଅନ୍ତର୍ବର୍ତ୍ତୀ ଦ୍ରବ୍ୟ:** ଯେଉଁ କଞ୍ଚାମାଲ ଓ ଅର୍ଦ୍ଧନିର୍ମିତ ଦ୍ରବ୍ୟ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ ହୁଏ, ତାହାକୁ ଅନ୍ତର୍ବର୍ତ୍ତୀ ଦ୍ରବ୍ୟ କୁହାଯାଏ।

27. **ଅନ୍ତିମ ଦ୍ରବ୍ୟ:** ଚୂଡ଼ାନ୍ତ ଦ୍ରବ୍ୟ ହିସାବରେ ବଜାରରେ ବିକ୍ରୟ ହେଉଥିବା ଉପଭୋଗ ଦ୍ରବ୍ୟ କିମ୍ବା ଉତ୍ପାଦକ ଦ୍ରବ୍ୟକୁ ଅନ୍ତିମ ଦ୍ରବ୍ୟ କୁହାଯାଏ।

28. **ଘରୋଇ ଦ୍ରବ୍ୟ:** ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ଓ ଉପଭୋଗରେ ବହିଷ୍କରଣ ନୀତି ପ୍ରଯୁଜ୍ୟ ହେଉଥିବା ଦ୍ରବ୍ୟକୁ ଘରୋଇ ଦ୍ରବ୍ୟ କୁହାଯାଏ। ଯଥା- ପୋଷାକ, ଖାଦ୍ୟ, ବହି, ଫଳ, ଯୋତା ଇତ୍ୟାଦି।

29. **ସର୍ବସାଧାରଣ ଦ୍ରବ୍ୟ:** ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଓ ବହିଷ୍କରଣ ନୀତି ପ୍ରଯୁଜ୍ୟ ହେଉ ନ ଥିବା ଦ୍ରବ୍ୟକୁ ସର୍ବସାଧାରଣ ଦ୍ରବ୍ୟ କୁହାଯାଏ। ଉଦାହରଣ- ସଡ଼କ, ଜାତୀୟ ପ୍ରତିରକ୍ଷା, ପୋଲିସ୍‌ସେବା, ରାସ୍ତା ଆଲୋକ ଇତ୍ୟାଦି।

30. **ସମ୍ପଦ:** ଯେଉଁ ସବୁ ଦ୍ରବ୍ୟର ଉପଯାଗିତା, ଦୁଷ୍ପ୍ରାପ୍ୟତା, ବିକ୍ରୟ ଯୋଗ୍ୟତା ଓ ବାହ୍ୟିକ ସ୍ଥିତି ଥାଏ ସେମାନଙ୍କୁ ସମ୍ପଦ କୁହାଯାଏ।

31. **ବ୍ୟକ୍ତିଗତ ସମ୍ପଦ:** ବ୍ୟକ୍ତିବିଶେଷଙ୍କ ଅଧିନସ୍ଥ ସମସ୍ତ ଭୌତିକ ଦ୍ରବ୍ୟର ସମାହାର ଓ ବ୍ୟବସାୟିକ ସଦିଚ୍ଛା କପି ରାଇଟ୍ ଓ ପେଟେଣ୍ଟ ଅଧିକାର ଭଳି ଅଭୌତିକ ଦ୍ରବ୍ୟ ଇତ୍ୟାଦି ବ୍ୟକ୍ତିଗତ ସମ୍ପଦ।

32. **ସାମାଜିକ ସମ୍ପଦ:** ସାମୂହିକ ଭାବେ ଗୋଟିଏ ଗୋଷ୍ଠୀ ବା ଦଳର ଅଧୀନରେ ରହିଥିବା ସମ୍ପଦକୁ ସାମୂହିକ ସମ୍ପଦ ବା ସାମାଜିକ ସମ୍ପଦ କୁହାଯାଏ।

33. **ଜାତୀୟ ସମ୍ପଦ:** ସମଗ୍ର ଦେଶ ବା ଜାତି ମାଲିକାନାରେ ଥିବା ସମ୍ପଦର ସମଷ୍ଟିକୁ ଜାତୀୟ ସମ୍ପଦ କୁହାଯାଏ। ଦେଶର ସମସ୍ତ ନାଗରିକଙ୍କର ବ୍ୟକ୍ତିଗତ ସମ୍ପଦର ସମଷ୍ଟି, କୌଣସି ବ୍ୟକ୍ତିବିଶେଷଙ୍କ ଅଧୀନରେ ନ ଥିବା ରାସ୍ତାଘାଟ, ପୋଲ, ବନ୍ଦର, ଡାକ୍ତରଖାନା ଆଦି ସମସ୍ତ ପ୍ରକାର ଭୌତିକ ସମ୍ପତ୍ତି, ତଥା ପ୍ରକୃତିର ମୁକ୍ତ ଅବଦାନ ଯଥା- ଜଙ୍ଗଲ, ନଦୀ ଆଦି ତଥା ଦେଶବାସୀଙ୍କର କର୍ମକୁଶଳତା ଜାତୀୟ ସମ୍ପଦରେ ଅନ୍ତର୍ଭୁକ୍ତ।

ସମଗ୍ର ପୃଥିବୀରେ ସବୁ ଦେଶର ଜାତୀୟ ସମ୍ପଦର ସମଷ୍ଟିକୁ ଆନ୍ତର୍ଜାତିକ ସମ୍ପଦ କୁହାଯାଏ।

34. **ସମ୍ପଦ ଓ ଆୟ:** ସମ୍ପଦ ସମସ୍ତ ଆର୍ଥନୀତିକ ଦ୍ରବ୍ୟର ଭଣ୍ଡାର ହୋଇଥିବାବେଳେ, ଆୟ ଏକ ପ୍ରବାହ।

35. **ସମ୍ପଦ ଓ ମୁଦ୍ରା:** ଉପଯୋଗିତା, ସ୍ୱଳ୍ପତା, ବିକ୍ରୟ ଯୋଗ୍ୟତା ଓ ବାହ୍ୟିକ ସ୍ଥିତି ଥିବା ଦ୍ରବ୍ୟ ସମୂହକୁ ସମ୍ପଦ କୁହାଯାଏ। ମୁଦ୍ରାର ସ୍ୱଳ୍ପତା, ବିକ୍ରୟ ଯୋଗ୍ୟତା ଓ ବାହ୍ୟିକ ସ୍ଥିତି ଭଳି ବୈଶିଷ୍ଟ୍ୟ ଥିଲେ ହେଁ ଏହାର ନିଜସ୍ୱ ଉପଯୋଗିତା ନ ଥାଏ।

36. **ସମ୍ପଦ ଓ ପୁଞ୍ଜି:** ସମସ୍ତ ପୁଞ୍ଜି ସମ୍ପଦ; କିନ୍ତୁ ସମସ୍ତ ସମ୍ପଦ ପୁଞ୍ଜି ନୁହଁନ୍ତି।

37. **ସମ୍ପଦ ଓ ସମ୍ପଦର ସ୍ୱତ୍ୱାଧିକାର:** କମ୍ପାନୀ ଅଂଶ, ବଣ୍ଡ, ପ୍ରତିଭୂତି ପତ୍ର ଇତ୍ୟାଦି ସମ୍ପଦର ସ୍ୱତ୍ୱାଧିକାର; କିନ୍ତୁ ସ୍ୱତଃ ସମ୍ପଦ ନୁହଁନ୍ତି।

38. **ମୂଲ୍ୟ ଓ ଦର:** ମୂଲ୍ୟ ଦୁଇ ପ୍ରକାର, ଯଥା- ବ୍ୟବହାରିକ ମୂଲ୍ୟ ଓ ବିନିମୟ ମୂଲ୍ୟ। ଗୋଟିଏ ଦ୍ରବ୍ୟ ବଦଳରେ ଅନ୍ୟ ଦ୍ରବ୍ୟର ପରିମାଣକୁ ବିନିମୟ ମୂଲ୍ୟ କୁହାଯାଏ। କୌଣସି ଦ୍ରବ୍ୟର ମୂଲ୍ୟକୁ ମୁଦ୍ରା ଆକାରରେ ପ୍ରକାଶ କଲେ ତାହାକୁ ଦର କୁହାଯାଏ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ- ବସ୍ତୁନିଷ୍ଠ ପ୍ରଶ୍ନ (ବାଧ୍ୟତାମୂଳକ)

(ପ୍ରତ୍ୟେକର ମୂଲ୍ୟ 1 ନମ୍ବର)

1. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ।

(a) ଅର୍ଥଶାସ୍ତ୍ରର 'ସମ୍ପଦ ସଂଜ୍ଞା' କିଏ ପ୍ରଦାନ କରିଥିଲେ ?

(i) ଆଲଫ୍ରେଡ୍ ମାର୍ଶାଲ୍ (ii) ଲିଓନେଲ୍ ରବିନ୍ସ

(iii) ପି.ଏ. ସାମୁଏଲସନ୍ (iv) ଆଡ଼ାମ୍ ସ୍ମିଥ୍

(b) ଅର୍ଥନୀତି ଏକ କଲ୍ୟାଣ ବିଜ୍ଞାନ ବୋଲି କିଏ କହିଥିଲେ ?

(i) ଆଡ଼ାମ୍ ସ୍ମିଥ୍ (ii) ଆଲଫ୍ରେଡ୍ ମାର୍ଶାଲ୍

(iii) ପି.ଏ. ସାମୁଏଲ୍ସନ୍ (iv) ଜେ.ଏମ୍. କେନ୍ସ

(c) ଅର୍ଥଶାସ୍ତ୍ରର ଦୁଷ୍ପ୍ରାପ୍ୟତା ସଂଜ୍ଞା କିଏ ପ୍ରଦାନ କରିଥିଲେ ?

(i) ଆଡାମ୍ ସ୍ମିଥ୍ (ii) ଆଲ୍‌ଫ୍ରେଡ୍ ମାର୍ଶାଲ୍

(iii) ଲିଓନେଲ୍ ରବିନ୍ସ (iv) ପି.ଏ. ସାମୁଏଲ୍ସନ୍

(d) ନିମ୍ନଲିଖିତ ମଧ୍ୟରୁ କେଉଁଟି ମାନବୀୟ ଅଭାବର ବୈଶିଷ୍ଟ୍ୟ ନୁହେଁ ?

(i) ମାନବର ଅଭାବ ଅସୀମ (ii) ଅଭାବଗୁଡ଼ିକ ପ୍ରତିଯୋଗୀ

(iii) ସମସ୍ତ ଅଭାବ ସମାନଭାବରେ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି

(iv) ଅଭାବଗୁଡ଼ିକ ପରିପୂରକ ନୁହନ୍ତି

(e) ଜଣେ କଲେଜ ଛାତ୍ରଙ୍କ ହାତବନ୍ଧା ଘଡ଼ି ଏକ:

(i) ଅତ୍ୟାବଶ୍ୟକ ଦ୍ରବ୍ୟ (ii) ଆରାମପ୍ରଦ ଦ୍ରବ୍ୟ

(iii) ବିଳାସ ଦ୍ରବ୍ୟ (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(f) ନିମ୍ନଲିଖିତ ମଧ୍ୟରୁ କେଉଁଟି ସାଧାରଣ ଦ୍ରବ୍ୟ ନୁହେଁ ?

(i) ପ୍ରତିରକ୍ଷା ସେବା (ii) ପୋଲିସ୍ ସେବା

(iii) ରାସ୍ତାରେ ଦିଆଯାଇଥିବା ବିଜୁଳି ଆଲୋକ (iv) ମଟର ସାଇକେଲ

(g) ନିମ୍ନଲିଖିତ ଦ୍ରବ୍ୟ ମଧ୍ୟରୁ କେଉଁଟି ସମ୍ପଦ ନୁହେଁ ?

(i) ବ୍ୟବସାୟ ପ୍ରତିଷ୍ଠାନର ସୁନାମ (ii) ମୁଦ୍ରା

(iii) ମୋଟର ଗାଡ଼ି (iv) ଟେଲିଭିଜନ୍

(h) +2 ସାର୍ଟିଫିକେଟ୍ ସମ୍ପଦ ନୁହେଁ, କାରଣ ଏହାର:

(i) ଉପଯୋଗିତା ନାହିଁ (ii) ଯୋଗାଣ ଅସୀମ

(iii) ବିକ୍ରୟ ଯୋଗ୍ୟତା ନାହିଁ (iv) ବାହ୍ୟିକ ସ୍ଥିତି ନାହିଁ

(i) ହିରାକୁଦ ଡ୍ୟାମ୍ କେଉଁ ସମ୍ପଦ ପଦବାଚ୍ୟ ?

(i) ବ୍ୟକ୍ତିଗତ ସମ୍ପଦ (ii) ଜାତୀୟ ସମ୍ପଦ

(iii) ଆନ୍ତର୍ଜାତିକ ସମ୍ପଦ (iv) ଉପରଲିଖିତ ମଧ୍ୟରୁ କେଉଁଟି ନୁହେଁ

(j) ନିମ୍ନ ପ୍ରଦତ୍ତ ଜିନିଷ ମଧ୍ୟରୁ କେଉଁଠି ଅତ୍ୟାବଶ୍ୟକ ଦ୍ରବ୍ୟ ?

(i) ଜଣେ ଛାତ୍ର ପାଇଁ ମୋଟର କାର

(ii) ଜଣେ ଚପରାସୀ ପାଇଁ ପାର୍କର ଫାଉଣ୍ଟେନ୍ ପେନ୍

(iii) ଜଣେ ଭାରତୀୟ କୃଷକ ପାଇଁ ଦାମିକା ପୋଷାକ

(iv) ଛାତ୍ର ପାଇଁ ପୁସ୍ତକ

(k) ନିମ୍ନଲିଖିତ ଦ୍ରବ୍ୟ ମଧ୍ୟରୁ କେଉଁଟି ବିଳାସ ଦ୍ରବ୍ୟ ନୁହେଁ ?

(i) ଶୀତତାପ ନିୟନ୍ତ୍ରିତ ଦାମୀ କାର (ii) ବହୁତଳ ବିଶିଷ୍ଟ ସୁରମ୍ୟ ଅଟ୍ଟାଳିକା

(iii) ହୀରାର ହାର (iv) ଗହମ

(l) ନିମ୍ନଲିଖିତ ଦ୍ରବ୍ୟ ମଧ୍ୟରୁ କେଉଁଟି ଅନ୍ତିମ ଦ୍ରବ୍ୟ ?

(i) କୋଇଲା (ii) ଲୁହାପଥର

(iii) ଇସ୍ପାତ (iv) ଟ୍ରାକ୍ଟର

(m) ନିମ୍ନଲିଖିତ ଦ୍ରବ୍ୟ ମଧ୍ୟରୁ କେଉଁଟି ଉତ୍ପାଦକ ଦ୍ରବ୍ୟ ?

(i) ଖାଦ୍ୟଶସ୍ୟ (ii) ପୋଷାକ

(iii) ସୋଫାସେଟ୍ (iv) ମେସିନ୍

(n) ଅର୍ଥଶାସ୍ତ୍ରରେ ଉପଯୋଗିତା ଅର୍ଥ କ'ଣ ?

(i) ଦ୍ରବ୍ୟର ଉପକାରିତା (ii) ଦ୍ରବ୍ୟରୁ ମିଳୁଥିବା ଆନନ୍ଦ

(iii) ଦ୍ରବ୍ୟ ବଦଳରେ ମିଳୁଥିବା ଅନ୍ୟ ଦ୍ରବ୍ୟ (iv) ଦ୍ରବ୍ୟର ଅଭାବ ପୂରଣ କ୍ଷମତା

(o) ନିମ୍ନଲିଖିତ ମଧ୍ୟରୁ କେଉଁଟି ଆର୍ଥନୀତିକ ଦ୍ରବ୍ୟ ନୁହେଁ ?

(i) ମାଲିକ ରହୁଥିବା ବାସଗୃହ (ii) ସହରର ପାଇପ ପାଣି

(iii) ସୂର୍ଯ୍ୟ ରଶ୍ମି (iv) ମଟରଗାଡ଼ି

(p) ନିମ୍ନଲିଖିତ ମଧ୍ୟରେ କେଉଁଟି ଉପଭୋଗ ଦ୍ରବ୍ୟ ?

(i) ମେସିନ୍ (ii) ରାସାୟନିକ ସାର

(iii) ଟ୍ରାକ୍ଟର (iv) ପୋଷାକ

2. I. ନିମ୍ନଲିଖିତ ଉକ୍ତିକୁ ଗୋଟିଏ ପଦରେ ପ୍ରକାଶ କର । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 1 ନମ୍ବର)

(a) ଦ୍ରବ୍ୟର ଅଭାବ ପୂରଣ କ୍ଷମତା ।

(b) ଦ୍ରବ୍ୟ ଓ ସେବା ପାଇବାର ଇଚ୍ଛା ।

(c) ଯେଉଁ ଦ୍ରବ୍ୟ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ ହୁଏ ।

(d) ଯେଉଁ ଦ୍ରବ୍ୟ ମାନବୀୟ ଅଭାବକୁ ପ୍ରତ୍ୟକ୍ଷ ଭାବେ ପୂରଣ କରିଥାଏ ।

(e) ଦ୍ରବ୍ୟର ମୁଦ୍ରାଗତ ମୂଲ୍ୟ ।

(f) ଗୋଟିଏ ଦ୍ରବ୍ୟ ବଦଳରେ ମିଳୁଥିବା ଅନ୍ୟ ଦ୍ରବ୍ୟର ପରିମାଣ ।

(g) ଯେଉଁ ଦ୍ରବ୍ୟ କ୍ଷେତ୍ରରେ ବହିଷ୍କରଣ ନୀତି ପ୍ରଯୁଜ୍ୟ ହୁଏ ନାହିଁ ।

(h) ସମ୍ପଦର ଯେଉଁ ଅଂଶ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ ବ୍ୟବହାର କରାଯାଏ ।

**II. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ସଠିକତା ପରୀକ୍ଷା କର । ଆବଶ୍ୟକ ସ୍ଥଳେ ରେଖାଙ୍କିତ ଅଂଶର ପରିବର୍ତ୍ତନ ନ କରି ସଂଶୋଧନ କର ।**

(a) ମହାନଦୀର ଜଳ ଆର୍ଥନୀତିକ ଦ୍ରବ୍ୟ ।

(b) ମୁକ୍ତଦ୍ରବ୍ୟର ବିନିମୟ ମୂଲ୍ୟ ଥାଏ ।

(c) ପ୍ରତିରକ୍ଷା ସେବା ଏକ ଘରୋଇ ଦ୍ରବ୍ୟର ଉଦାହରଣ ।

(d) ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାଇଁ ମୋଟରକାର ଏକ ବିଳାସ ଦ୍ରବ୍ୟ ।

(e) ଟେଲିଭିଜନ୍ ସେଟ୍ ଏକ ପୁଞ୍ଜି ଦ୍ରବ୍ୟ ।

(f) ଜଣେ ଶ୍ରମିକଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଦକ୍ଷତା ବର୍ଦ୍ଧକ ଅତ୍ୟାବଶ୍ୟକ ଦ୍ରବ୍ୟ ।

(g) ରେଫ୍ରିଜେରେଟର ଏକ ଅନ୍ତର୍ବର୍ତ୍ତୀ ଦ୍ରବ୍ୟ ।

(h) ଜଣେ ଛାତ୍ରଙ୍କର +2 ସାର୍ଟିଫିକେଟ୍ ସମ୍ପଦ ନୁହେଁ କାରଣ ଏହାର ଉପଯୋଗିତା ନାହିଁ ।

**III. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ଗୋଟିଏ ବାକ୍ୟରେ ଉତ୍ତର ଦିଅ ।**

(a) ଉପଯୋଗିତା କହିଲେ କ'ଣ ବୁଝ ?

(b) ମୁକ୍ତ ଦ୍ରବ୍ୟର ଅର୍ଥ କ'ଣ ?

(c) ବ୍ୟଷ୍ଟି ଅର୍ଥନୀତି କ'ଣ ?

(d) ଅର୍ଥଶାସ୍ତ୍ରର 'ସମ୍ପଦ ସଂଜ୍ଞା' କିଏ ପ୍ରଦାନ କରିଥିଲେ ?

(e) ଆର୍ଥନୀତିକ ଦ୍ରବ୍ୟ କ'ଣ ?

(f) ଅଭାବ କହିଲେ କ'ଣ ବୁଝ ?

(g) ଅତ୍ୟାବଶ୍ୟକ ଦ୍ରବ୍ୟ କହିଲେ କ'ଣ ବୁଝ ?

(h) ଦର କହିଲେ କ'ଣ ବୁଝ ?

(i) ଜଣେ ଗାୟିକାଙ୍କର କଣ୍ଠସ୍ୱର କାହିଁକି ସମ୍ପଦ ପଦବାଚ୍ୟ ନୁହେଁ ?

(j) ସହରରେ ଯୋଗାଇ ଦିଆଯାଉଥିବା ଜଳ କେଉଁ ଦ୍ରବ୍ୟର ଅନ୍ତର୍ଭୁକ୍ତ ?

(k) ସମ୍ପଦ କହିଲେ କ'ଣ ବୁଝ ?

(l) ପଚା ଅଣ୍ଡା କାହିଁକି ସମ୍ପଦ ପଦବାଚ୍ୟ ନୁହେଁ ?

(m) ଜଣେ ଅଧ୍ୟାପକଙ୍କ ଶିକ୍ଷାଦାନ ଦକ୍ଷତା କାହିଁକି ସମ୍ପଦ ପଦବାଚ୍ୟ ନୁହେଁ ?

(n) ବ୍ୟାଙ୍କଡ୍ରାଫ୍ଟ କେଉଁ ସମ୍ପଦରେ ଅନ୍ତର୍ଭୁକ୍ତ ?

(o) ମହାନଦୀ କେଉଁ ସମ୍ପଦରେ ଅନ୍ତର୍ଭୁକ୍ତ ?

(p) ଅର୍ଥନୀତି ଏକ 'ମନୋନୟନ ବିଜ୍ଞାନ'- କିଏ କହିଥିଲେ ?

## 'ଖ' - ବିଭାଗ (କ୍ଷୁଦ୍ର ଉତ୍ତର ସାପେକ୍ଷ)
## (ପ୍ରତ୍ୟେକର ମୂଲ୍ୟ 2 ନମ୍ବର)

3. ପ୍ରତ୍ୟେକ କ୍ଷେତ୍ରରେ ଦୁଇଟି ବା ତିନିଟି ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ:

(a) ଆର୍ଥନୀତିକ ଦ୍ରବ୍ୟ କ'ଣ ?

(b) ଆରାମଦାୟକ ଦ୍ରବ୍ୟ କ'ଣ ?

(c) ସର୍ବସାଧାରଣ ଦ୍ରବ୍ୟ କହିଲେ କ'ଣ ବୁଝ ?

(d) ଜାତୀୟ ସମ୍ପଦ କହିଲେ କ'ଣ ବୁଝ ?

(e) ବ୍ୟକ୍ତିଗତ ସମ୍ପଦ କ'ଣ ?

(f) ଦକ୍ଷତାବୃଦ୍ଧି ନିମିତ୍ତ ଅତ୍ୟାବଶ୍ୟକ ଦ୍ରବ୍ୟ କହିଲେ କ'ଣ ବୁଝ ?

(g) ଉପଯୋଗିତା କ'ଣ ?

(h) ଦର କହିଲେ କ'ଣ ବୁଝ ?

(i) ବିନିମୟ ମୂଲ୍ୟ କ'ଣ ?

(j) ବ୍ୟଷ୍ଟି ଅର୍ଥନୀତି କ'ଣ ?

(k) ଅନ୍ତିମ ଦ୍ରବ୍ୟ କହିଲେ କ'ଣ ବୁଝ ?

(l) ଅନ୍ତର୍ବର୍ତ୍ତୀ ଦ୍ରବ୍ୟ କ'ଣ ?

(m) ଉତ୍ପାଦକ ଦ୍ରବ୍ୟ କ'ଣ ?

(n) ଉପଭୋଗ ଦ୍ରବ୍ୟ କ'ଣ?

4. ପାର୍ଥକ୍ୟ ଦର୍ଶାଅ (ପ୍ରତ୍ୟେକକୁ ଛଅଟି ବାକ୍ୟରେ): (ପ୍ରତ୍ୟେକର ମୂଲ୍ୟ 3 ନମ୍ବର)

(a) ମୁକ୍ତ ଦ୍ରବ୍ୟ ଓ ଆର୍ଥନୀତିକ ଦ୍ରବ୍ୟ।

(b) ଖାଉଟି ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ।

(c) ଅର୍ନ୍ତବର୍ତ୍ତୀ ଦ୍ରବ୍ୟ ଓ ଅନ୍ତିମ ଦ୍ରବ୍ୟ।

(d) ଘରୋଇ ଦ୍ରବ୍ୟ ଓ ସର୍ବସାଧାରଣ ଦ୍ରବ୍ୟ।

(e) ମୂଲ୍ୟ ଓ ଦର।

(f) ସମ୍ପଦ ଓ ଆୟ।

(g) ସମ୍ପଦ ଓ କଲ୍ୟାଣ।

(h) ସମ୍ପଦ ଓ ପୁଞ୍ଜି।

(i) ସମ୍ପଦ ଓ ମୁଦ୍ରା।

(j) ଆରାମପ୍ରଦ ଅଭାବ ଓ ବିଳାସବାୟକ ଅଭାବ

(k) ଜୀବନଧାରଣ ନିମିତ୍ତ ଅତ୍ୟାବଶ୍ୟକ ଦ୍ରବ୍ୟ ଓ ଦକ୍ଷତାବର୍ଦ୍ଧନ ନିମିତ୍ତ ଅତ୍ୟାବଶ୍ୟକ ଦ୍ରବ୍ୟ।

(l) ବ୍ୟବହାରିକ ମୂଲ୍ୟ ଓ ବିନିମୟ ମୂଲ୍ୟ।

(m) ଭୌତିକ ଦ୍ରବ୍ୟ ଓ ଅଭୌତିକ ଦ୍ରବ୍ୟ।

## 'ଗ' ବିଭାଗ (ଦୀର୍ଘ ଉତ୍ତର ସାପେକ୍ଷ ପ୍ରଶ୍ନ)

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ $7^1/_2$ ନମ୍ବର)

5. ଅଭାବର ବୈଶିଷ୍ଟ୍ୟ ବର୍ଣ୍ଣନା କର।

6. ଅଭାବର ଶ୍ରେଣୀ ବିଭାଗ ବର୍ଣ୍ଣନା କର।

7. ସମ୍ପଦ କ'ଣ ? ସମ୍ପଦର ବୈଶିଷ୍ଟ୍ୟମାନ ଆଲୋଚନା କର।

8. ଅର୍ଥବ୍ୟବସ୍ଥାର କେନ୍ଦ୍ରୀୟ ସମସ୍ୟା ସଂକ୍ଷେପରେ ଆଲୋଚନା କର।

□□□

# ଦ୍ୱିତୀୟ ପରିଚ୍ଛେଦ

## ଉପଭୋଗ ଓ ଚାହିଦା
## (CONSUMPTION AND DEMAND)

- ଉପଭୋଗର ସୂତ୍ରାବଳୀ - ସୀମାନ୍ତ ଓ ମୋଟ ଉପଯୋଗିତା, କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର, ସମସୀମାନ୍ତ ଉପଯୋଗିତା ସୂତ୍ର, ଉପଭୋକ୍ତାର ସନ୍ତୁଳନ ସର୍ତ୍ତ।
- ଚାହିଦା - ଅର୍ଥ ଓ ନିର୍ଣ୍ଣାୟକ, ବ୍ୟକ୍ତିଗତ ଓ ବଜାର ଚାହିଦା, ଚାହିଦା ସୂଚୀ ଓ ଚାହିଦା ରେଖା, ଚାହିଦା ରେଖାରେ ଗତି ଓ ଚାହିଦା ରେଖାର ସ୍ଥାନଚ୍ୟୁତି
- ଚାହିଦାର ଦର ସ୍ଥିତିସ୍ଥାପକତା - ଧାରଣା, ନିର୍ଣ୍ଣାୟକ, ଚାହିଦାର ଦର ସ୍ଥିତିସ୍ଥାପକତାର ପରିମାପ, ପ୍ରତିଶତ ପଦ୍ଧତି, ଜ୍ୟାମିତିକ ପଦ୍ଧତି, ମୋଟ ବ୍ୟୟ ପଦ୍ଧତି, ଚାହିଦାର ଦର ସ୍ଥିତିସ୍ଥାପକତାର ମୋଟ ବ୍ୟୟ ସହିତ ସମ୍ପର୍କ

# ଦ୍ୱିତୀୟ ପରିଚ୍ଛେଦ


## ଉପଭୋଗ ଓ ଚାହିଦା

## (Consumption and Demand)

### 2.1 ଉପଭୋଗ (Consumption)

ଅର୍ଥଶାସ୍ତ୍ରରେ 'ଉପଭୋଗ' କହିଲେ ମନୁଷ୍ୟର ଅଭାବ ପୂରଣ ନିମନ୍ତେ କୌଣସି ଦ୍ରବ୍ୟ ଓ ସେବାର ଉପଯୋଗିତାର ବିନାଶକୁ ବୁଝାଇଥାଏ । ଗୋଟିଏ ଦ୍ରବ୍ୟକୁ କେବଳ ଥରେ ମାତ୍ର ବ୍ୟବହାର କରି ତାର ଉପଯୋଗିତାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇ ପାରେ ବା ଉପଭୋଗ ପ୍ରକ୍ରିୟା ଦୀର୍ଘଦିନ ଧରି ଚାଲିପାରେ । ଉଦାହରଣ ସ୍ୱରୂପ, ଗୋଟିଏ ରସଗୋଲାକୁ ଥରେ ଉପଭୋଗ କଲେ ତାର ଉପଯୋଗିତା ନିଃଶେଷ ହୋଇଯାଏ, କିନ୍ତୁ ଗୋଟିଏ ଟେଲିଭିଜନ୍ ସେଟ୍‌କୁ ଥରେ ବ୍ୟବହାର କଲେ ତାର ଉପଯୋଗିତା ସମ୍ପୂର୍ଣ୍ଣରୂପେ ନଷ୍ଟ ହୁଏ ନାହିଁ । ତାର ଉପଯୋଗିତା କ୍ରମଶଃ ଧୀରେ ଧୀରେ ନଷ୍ଟ ହୋଇଥାଏ ।

ଦ୍ରବ୍ୟର ଉପଯୋଗିତା ବିନାଶ ଦ୍ୱାରା ଯଦି ଅଭାବ ପରିତୃପ୍ତି ହୋଇପାରେ ନାହିଁ, ତାହା ଉପଭୋଗ ପଦବାଚ୍ୟ ହୋଇପାରେ ନାହିଁ । ଅଗ୍ନିକାଣ୍ଡ ବା ଦୁର୍ଘଟଣା ଯୋଗୁଁ ଉପଯୋଗିତା ହ୍ରାସ ବା ନଷ୍ଟ ହୋଇପାରେ । ଏହା ଦ୍ରବ୍ୟର ଧ୍ୱଂସ ସାଧନ ଅଟେ । ଏହା ଉପଭୋଗ ନୁହେଁ । ସୁତରାଂ ମାନବୀୟ ଅଭାବ ପୂରଣ ନିମନ୍ତେ ଦ୍ରବ୍ୟ ସନ୍ନିହିତ ଉପଯୋଗିତାର ବିନାଶକୁ ଉପଭୋଗ କୁହାଯାଏ ।




### 2.1.1 ଉପଭୋଗର ଗୁରୁତ୍ୱ

ଉପଭୋଗ ସମସ୍ତ ଅର୍ଥନୈତିକ କାର୍ଯ୍ୟକଳାପର ଆରମ୍ଭ ଓ ଶେଷ । ଏହା ଉତ୍ପାଦନ ପାଇଁ ପ୍ରୋତ୍ସାହିତ କରିଥାଏ । ଏହା ବିନିମୟକୁ ମଧ୍ୟ ପ୍ରଭାବିତ କରେ । ଉପଭୋଗ ବିନା ଉତ୍ପାଦନ କିମ୍ବା ବିନିମୟ ପ୍ରଶ୍ନ ଉଠିବ ନାହିଁ । ଦ୍ରବ୍ୟର ଉପଭୋଗ ପ୍ରତ୍ୟକ୍ଷ ସନ୍ତୋଷବିଧାନ କରେ । ତେଣୁ ଏହା ସମାଜ-କଲ୍ୟାଣ ବୃଦ୍ଧି କରାଏ ।

## 2.1.2 ମୋଟ ଉପଯୋଗିତା ଓ ସୀମାନ୍ତ ଉପଯୋଗିତା (Total Utility and Marginal Utility)

ଦ୍ରବ୍ୟ ବା ସେବାର ଅଭାବ ମୋଚନକାରୀ କ୍ଷମତାକୁ ଉପଯୋଗିତା କୁହାଯାଏ। ଉପଯୋଗିତାର ଦୁଇଟି ଅବଧାରଣା ରହିଛି। ତାହାହେଲା, ମୋଟ ଉପଯୋଗିତା (Total utility) ଏବଂ ସୀମାନ୍ତ ଉପଯୋଗିତା (Marginal utility)।

**ମୋଟ ଉପଯୋଗିତା:** ମୋଟ ଉପଯୋଗିତା କହିଲେ ଏକ ନିର୍ଦ୍ଦିଷ୍ଟ ସମୟରେ କୌଣସି ଦ୍ରବ୍ୟର ବିଭିନ୍ନ ଏକକରୁ ମିଳୁଥିବା ଉପଯୋଗିତାର ସମଷ୍ଟିକୁ ବୁଝାଏ। ଉଦାହରଣ ସ୍ୱରୂପ ଜଣେ ଉପଭୋକ୍ତା ରସଗୋଲା ଉପଭୋଗ କରୁଛନ୍ତି। ପ୍ରତ୍ୟେକ ରସଗୋଲାର ଉପଭୋଗରୁ କିଛି ଉପଯୋଗିତା ମିଳିଥାଏ। ସେହି ଉପଭୋକ୍ତା ଯଦି ଏକ ସମୟରେ ନିରବଚ୍ଛିନ୍ନ ଭାବରେ ୫ଟି ରସଗୋଲା ଉପଭୋଗ କରନ୍ତି, ତେବେ ସେହି 5 ଗୋଟି ରସଗୋଲାରୁ ପ୍ରାପ୍ତ ଉପଯୋଗିତାର ସମଷ୍ଟିକୁ ମୋଟ ଉପଯୋଗିତା କୁହାଯାଏ। ଅତଏବ ସୀମାନ୍ତ ଉପଯୋଗିତାର ସମଷ୍ଟି ହିଁ ମୋଟ ଉପଯୋଗିତା।

**ସୀମାନ୍ତ ଉପଯୋଗିତା:** କୌଣସି ଦ୍ରବ୍ୟର ଏକ ଅତିରିକ୍ତ ଏକକ ଉପଭୋଗ ଫଳରେ ସେହି ଦ୍ରବ୍ୟର ମୋଟ ଉପଯୋଗିତା ଯେତେ ପରିମାଣରେ ବୃଦ୍ଧି ପାଏ ତାକୁ ସୀମାନ୍ତ ଉପଯୋଗିତା କୁହାଯାଏ। ଉଦାହରଣ ସ୍ୱରୂପ ଉପଭୋକ୍ତା ଯଦି 5 ଗୋଟି ରସଗୋଲା ଉପଭୋଗ କରି 50 ଏକକ ମୋଟ ଉପଯୋଗିତା ପାଏ ଏବଂ 6 ଗୋଟି ରସଗୋଲା ଉପଭୋଗ କରି 60 ଏକକ ମୋଟ ଉପଯୋଗିତା ପାଏ, ତେବେ ଷଷ୍ଠ ରସଗୋଲାରୁ ମିଳୁଥିବା ଅତିରିକ୍ତ ଉପଯୋଗିତାକୁ ସୀମାନ୍ତ ଉପଯୋଗିତା କୁହାଯିବ। ଏଠାରେ ସୀମାନ୍ତ ଉପଯୋଗିତାର ପରିମାଣ ହେଲା 60 - 50 = 10 ଏକକ।

ସୀମାନ୍ତ ଉପଯୋଗିତା କହିଲେ ସୀମାନ୍ତ ଏକକ (ବା ଶେଷ ଏକକ)ରୁ ମିଳୁଥିବା ଉପଯୋଗିତାକୁ ମଧ୍ୟ ବୁଝାଏ। ଉଦାହରଣ ସ୍ୱରୂପ ଉପଭୋକ୍ତା ଯଦି ଗୋଟିଏ ରସଗୋଲା ଉପଭୋଗ କରନ୍ତି ତେବେ ପ୍ରଥମ ରସଗୋଲାର ଉପଯୋଗିତାକୁ ସୀମାନ୍ତ ଉପଯୋଗିତା କୁହାଯାଏ। ସେ ଯଦି 2ଟି ରସଗୋଲା ଉପଭୋଗ କରନ୍ତି ଦ୍ୱିତୀୟ ରସଗୋଲାର ଉପଯୋଗିତାକୁ ସୀମାନ୍ତ ଉପଯୋଗିତା କୁହାଯାଏ। ସୀମାନ୍ତ ଉପଯୋଗିତାକୁ ମଧ୍ୟ ପ୍ରାନ୍ତୀୟ ଉପଯୋଗିତା କୁହାଯାଏ।

ମୋଟ ଉପଯୋଗିତା ଓ ସୀମାନ୍ତ ଉପଯୋଗିତା ମଧ୍ୟରେ ଥିବା ସମ୍ପର୍କକୁ ଏକ କାଳ୍ପନିକ ଉଦାହରଣ ସାହାଯ୍ୟରେ ବ୍ୟାଖ୍ୟା କରାଯାଇପାରେ।

ସାରଣୀ – **2.1 :** ମୋଟ ଉପଯୋଗିତା ଓ ସୀମାନ୍ତ ଉପଯୋଗିତା ମଧ୍ୟରେ ସମ୍ପର୍କ

| ଦ୍ରବ୍ୟ (ରସଗୋଲା)ର ଏକକ | ସୀମାନ୍ତ ଉପଯୋଗିତା | ମୋଟ ଉପଯୋଗିତା |
|---|---|---|
| 1 | 50 | 50 |
| 2 | 40 | 90 |
| 3 | 30 | 120 |
| 4 | 20 | 140 |
| 5 | 10 | 150 |
| 6 | 0 | 150 |
| 7 | –10 | 140 |

ସାରଣୀ 2.1ରେ ଉପଭୋକ୍ତା 7 ଗୋଟି ରସଗୋଲା ଉପଭୋଗ କରୁଥିବା ପ୍ରତୀୟମାନ ହେଉଅଛି। ଏଠାରେ ସୀମାନ୍ତ ଉପଯୋଗିତା ଓ ମୋଟ ଉପଯୋଗିତା ଥିବା ସମ୍ପର୍କକୁ ନିମ୍ନରେ ଉପସ୍ଥାପନା କରାଯାଇଅଛି।

(i) ଉପଭୋକ୍ତା ଅଧିକରୁ ଅଧିକ ରସଗୋଲା ଉପଭୋଗ କଲାବେଳେ ପ୍ରତ୍ୟେକ ରସଗୋଲାର ସୀମାନ୍ତ ଉପଯୋଗିତା ହ୍ରାସ ପାଇଥାଏ ଓ ମୋଟ ଉପଯୋଗିତା କ୍ରମ ହ୍ରାସମାନ ଭାବରେ ବୃଦ୍ଧିପାଇଥାଏ।

(ii) ଯେତେବେଳେ ସୀମାନ୍ତ ଉପଯୋଗିତା ଶୂନ୍ୟ ହୁଏ, ସେତେବେଳେ ମୋଟ ଉପଯୋଗିତା ସର୍ବାଧିକ ହୁଏ। ସାରଣୀ 2.1ରେ ଷଷ୍ଠ ରସଗୋଲାର ସୀମାନ୍ତ ଉପଯୋଗିତା ଶୂନ୍ୟ ହେଲାବେଳେ ମୋଟ ଉପଯୋଗିତା 150 (ସର୍ବାଧିକ) ହୋଇଛି। ଯେତେ ପର୍ଯ୍ୟନ୍ତ ସୀମାନ୍ତ ଉପଯୋଗିତା ଧନାତ୍ମକ ଥାଏ ମୋଟ ଉପଯୋଗିତା ବୃଦ୍ଧି ପାଇଥାଏ। କିନ୍ତୁ ସୀମାନ୍ତ ଉପଯୋଗିତା ଶୂନ୍ୟ ହେଲେ ମୋଟ ଉପଯୋଗିତା ଆଉ ବୃଦ୍ଧି ପାଏ ନାହିଁ ଏବଂ ଏହା ସର୍ବାଧିକ ସ୍ତରରେ ପହଞ୍ଚିଥାଏ।

(iii) ଯେତେବେଳେ ସୀମାନ୍ତ ଉପଯୋଗିତା ଋଣାତ୍ମକ ହୁଏ, ସେତେବେଳେ ମୋଟ ଉପଯୋଗିତା ହ୍ରାସ ପାଏ। ସାରଣୀ 2.1ରେ ସପ୍ତମ ରସଗୋଲାର ସୀମାନ୍ତ ଉପଯୋଗିତା ଋଣାତ୍ମକ (–10) ହୋଇଥିବାରୁ ମୋଟ ଉପଯୋଗିତା 150 ରୁ 140କୁ ହ୍ରାସ ପାଇଅଛି।

(iv) ପ୍ରଥମ ଏକକ ଉପଭୋଗ କାଳରେ ସୀମାନ୍ତ ଏବଂ ମୋଟ ଉପଯୋଗିତା ସମାନ ହୋଇଥାଏ।

ସୀମାନ୍ତ ଓ ମୋଟ ଉପଯୋଗିତା ମଧ୍ୟରେ ପାର୍ଥକ୍ୟ

| ସୀମାନ୍ତ ଉପଯୋଗିତା | ମୋଟ ଉପଯୋଗିତା |
|---|---|
| 1. ଦ୍ରବ୍ୟର ଏକ ଅତିରିକ୍ତ ଏକକରୁ ପ୍ରାପ୍ତ ଉପଯୋଗିତାକୁ ସୀମାନ୍ତ ଉପଯୋଗିତା କୁହାଯାଏ। | 1. ଦ୍ରବ୍ୟର ପ୍ରତ୍ୟେକ ଏକକରୁ ପ୍ରାପ୍ତ ହେଉଥିବା ସୀମାନ୍ତ ଉପଯୋଗିତାର ସମଷ୍ଟିକୁ ମୋଟ ଉପଯୋଗିତା କୁହାଯାଏ। |
| 2. ଦ୍ରବ୍ୟର ଉପଭୋଗ ବୃଦ୍ଧି ହେଲେ ସୀମାନ୍ତ ଉପଯୋଗିତା ହ୍ରାସ ପାଏ। | 2. ଦ୍ରବ୍ୟର ଉପଭୋଗ ବୃଦ୍ଧି ହେଲେ ହ୍ରାସମାନ ଭାବରେ ମୋଟ ଉପଯୋଗିତା ବୃଦ୍ଧି ପାଇଥାଏ। |
| 3. ସୀମାନ୍ତ ଉପଯୋଗିତା ହ୍ରାସ ପାଇ ଶୂନ୍ୟରେ ପହଞ୍ଚେ। | 3. ସୀମାନ୍ତ ଉପଯୋଗିତା ଶୂନ୍ୟ ହେଲେ ମୋଟ ଉପଯୋଗିତା ସର୍ବାଧିକ ହୁଏ। |
| 4. ସୀମାନ୍ତ ଉପଯୋଗିତା ଋଣାତ୍ମକ ହୋଇପାରେ। | 4. ଯେତେବେଳେ ସୀମାନ୍ତ ଉପଯୋଗିତା ଋଣାତ୍ମକ ହୁଏ ସେତେବେଳେ ମୋଟ ଉପଯୋଗିତା ହ୍ରାସ ପାଇଥାଏ। |

## 2.1.3 କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର (The Law of Diminishing Marginal Utility)

ଜଣେ ବ୍ୟକ୍ତି ଅଭାବ ପୂରଣ ନିମିତ୍ତ ବିଭିନ୍ନ ଦ୍ରବ୍ୟ ଓ ସେବା ଉପଭୋଗ କରିଥାଏ। କିନ୍ତୁ ସେ କୌଣସି ଦ୍ରବ୍ୟ ଅଧିକରୁ ଅଧିକ ଉପଭୋଗ କଲେ, ଉକ୍ତ ଦ୍ରବ୍ୟକୁ ଉପଭୋଗ କରିବାର ଇଚ୍ଛା କ୍ରମଶଃ ହ୍ରାସ ପାଇବାରେ ଲାଗେ ଏବଂ ଏପରି ଏକ ସମୟ ଆସେ ଯେତେବେଳେ ସେ ଉକ୍ତ ଦ୍ରବ୍ୟକୁ ଉପଭୋଗ କରିବା ପାଇଁ ଆଦୌ ଇଚ୍ଛା କରେ ନାହିଁ। ମାନବର ଦୈନନ୍ଦିନ ଜୀବନର ଏହି ସାଧାରଣ ଅନୁଭୂତିକୁ ଆଧାର କରି ବିଶିଷ୍ଟ ଅର୍ଥଶାସ୍ତ୍ରୀ ପ୍ରଫେସର ଆଲଫ୍ରେଡ୍ ମାର୍ଶାଲ 'କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର' ପ୍ରଣୟନ କରିଛନ୍ତି।

### ସୂତ୍ରର ସଂଜ୍ଞା ଓ ଅର୍ଥ

ମାର୍ଶାଲ୍ ତାଙ୍କର ପ୍ରସିଦ୍ଧ ପୁସ୍ତକ Principles of Economics (1890)ରେ 'କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର'ର ସଂଜ୍ଞା ନିମ୍ନମତେ ପ୍ରଦାନ କରିଛନ୍ତି। "The additional benefits which a person derives

from a given increase in the stock of a thing decreases with every increase in the stock that he already has." ତାର ଅର୍ଥ ହେଲା "କୌଣସି ବ୍ୟକ୍ତି ପାଖରେ ଥିବା ଦ୍ରବ୍ୟର ପରିମାଣ ବୃଦ୍ଧି ହେବା ଯୋଗୁଁ ସେ ଯେଉଁ ଅତିରିକ୍ତ ଉପଯୋଗିତା ଲାଭ କରନ୍ତି, ତାହା ଦ୍ରବ୍ୟ ଭଣ୍ଡାରର ପ୍ରତ୍ୟେକ ବୃଦ୍ଧି ସହିତ ହ୍ରାସ ପାଏ।"

ଗୋଟିଏ ଦ୍ରବ୍ୟର ଏକକ ପରିମାଣ ବୃଦ୍ଧି ହେବାଯୋଗୁଁ ଯେତିକି ଅତିରିକ୍ତ ଉପଯୋଗିତା ଲାଭ ହୁଏ ତାହାକୁ ସୀମାନ୍ତ ଉପଯୋଗିତା କୁହାଯାଏ। ତେଣୁ କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ରକୁ ସରଳ ଭାଷାରେ ନିମ୍ନଲିଖିତ ଭାବେ ଉଲ୍ଲେଖ କରାଯାଇପାରେ। ଜଣେ ଉପଭୋକ୍ତା ଯଦି ଗୋଟିଏ ଦ୍ରବ୍ୟର ଅଧିକରୁ ଅଧିକ ଏକକ ଉପଭୋଗ କରନ୍ତି ଦ୍ରବ୍ୟର ସୀମାନ୍ତ ଉପଯୋଗିତା ହ୍ରାସ ପାଏ।

**କ୍ରମହ୍ରାସମାନ ଉପଯୋଗିତା ସୂତ୍ରର ସର୍ତ୍ତ (Assumptions)**

କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ରଟି କେତେଗୁଡ଼ିଏ ସର୍ତ୍ତ ଉପରେ ପର୍ଯ୍ୟବସିତ। ତାହା ନିମ୍ନରେ ପ୍ରଦାନ କରାଗଲା।

(1) **ସମଜାତୀୟ ଦ୍ରବ୍ୟ-** ଉପଭୋଗ କରାଯାଉଥିବା ଦ୍ରବ୍ୟଟିର ବିଭିନ୍ନ ଏକକ ଆକାର ଓ ଗୁଣ ଦୃଷ୍ଟିରୁ ସମଜାତୀୟ ହେବା ଅପରିହାର୍ଯ୍ୟ।

(2) **ନିରବଚ୍ଛିନ୍ନ ଉପଭୋଗ-** ଦ୍ରବ୍ୟର ଏକକ ଗୁଡ଼ିକ ନିରବଚ୍ଛିନ୍ନ ଭାବେ ଉପଭୋଗ ହେବା ଆବଶ୍ୟକ।

(3) **ଦ୍ରବ୍ୟର ଯଥାଯୋଗ୍ୟ ଆକାର-** ଉପଭୋଗ କରାଯାଉଥିବା ଦ୍ରବ୍ୟର ଆକାର ଉପଯୁକ୍ତ ହେବା ବିଧେୟ। ଉଦାହରଣ ସ୍ୱରୂପ ଜଣେ କ୍ଷୁଧାର୍ଥ ବ୍ୟକ୍ତିପାଇଁ ଗୋଟିଏ ପ୍ଲେଟ୍ ଭାତ ଉପଭୋଗ୍ୟ ଦ୍ରବ୍ୟର ଉପଯୁକ୍ତ ଆକାର ହିସାବରେ ଗ୍ରହଣ କରାଯାଇପାରେ। ଯଦି ଗୋଟିଏ ଚାମଚ ଭାତ ଉପଭୋଗର ଏକକ ହିସାବରେ ଗ୍ରହଣ କରାଯାଏ ଏହି ସୂତ୍ର କାର୍ଯ୍ୟକାରୀ ହୋଇ ନ ପାରେ।

(4) **ରୁଚି ଓ ଅଭ୍ୟାସ ଅପରିବର୍ତ୍ତିତ ରହିବ-** ଉପଭୋକ୍ତାର ରୁଚି ଓ ଅଭ୍ୟାସ ପରିବର୍ତ୍ତନ ହେଲେ ଏହି ସୂତ୍ର କାର୍ଯ୍ୟକାରୀ ହୋଇ ନପାରେ।

**ବ୍ୟାଖ୍ୟା**

କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ରଟି ହେଲା "ଜଣେ ଉପଭୋକ୍ତା ତାଙ୍କର ନିର୍ଦ୍ଦିଷ୍ଟ ଅଭାବ ପୂରଣ ନିମନ୍ତେ ଗୋଟିଏ ଦ୍ରବ୍ୟକୁ ଅଧିକରୁ ଅଧିକ ବ୍ୟବହାର କଲେ ଦ୍ରବ୍ୟର ସୀମାନ୍ତ ଉପଯୋଗିତା ହ୍ରାସ ପାଇଥାଏ।" ସାରଣୀ 2.2. ମାଧ୍ୟମରେ ଏହି ସୂତ୍ରକୁ ବ୍ୟାଖ୍ୟା କରାଯାଇ ପାରିବ।


**ସାରଣୀ - 2.2 : କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର**

| ଦ୍ରବ୍ୟ (ରସଗୋଲା)ର ଏକକ | ସୀମାନ୍ତ ଉପଯୋଗିତା | ମୋଟ ଉପଯୋଗିତା |
|---|---|---|
| 1 | 50 | 50 |
| 2 | 40 | 90 |
| 3 | 30 | 120 |
| 4 | 20 | 140 |
| 5 | 10 | 150 |
| 6 | 0 | 150 |
| 7 | -10 | 140 |

ସାରଣୀ 2.2ରୁ ପ୍ରତୀୟମାନ ହେଉଛି ଯେ ଯେତେବେଳେ ଉପଭୋକ୍ତା ଦ୍ରବ୍ୟର ଗୋଟିଏ ଏକକ ଉପଭୋଗ କରୁଥାଏ ସେତେବେଳେ ସୀମାନ୍ତ ଉପଯୋଗିତା 50 ଏକକ ଏବଂ ମୋଟ ଉପଯୋଗିତା ମଧ୍ୟ 50 ଏକକ ହୋଇଥାଏ। ଦ୍ରବ୍ୟର ଦ୍ୱିତୀୟ ଏକକ ଉପଭୋଗ କଲେ ସୀମାନ୍ତ ଉପଯୋଗିତା 40 ଏବଂ ମୋଟ ଉପଯୋଗିତା 90 ଏକକ ହୁଏ। ଦ୍ରବ୍ୟର ତୃତୀୟ ଏକକ ଉପଭୋଗ କଲେ ସୀମାନ୍ତ ଉପଯୋଗିତା 30 ଓ ମୋଟ ଉପଯୋଗିତା 120 ଏକକ ହୋଇଥାଏ। ଦ୍ରବ୍ୟର ଚତୁର୍ଥ ଏକକର ସୀମାନ୍ତ ଉପଯୋଗିତା 20 ଏବଂ ମୋଟ ଉପଯୋଗିତା 140 ଏକକ ହୁଏ। ସେହିପରି ଦ୍ରବ୍ୟର ପଞ୍ଚମ ଏକକ ଉପଭୋଗ କଲେ ସୀମାନ୍ତ ଉପଯୋଗିତା 10 ଏବଂ ମୋଟ ଉପଯୋଗିତା 150 ଏକକ ହୁଏ। ଏହିପରି ଷଷ୍ଠ ଏକକ ଉପଭୋଗ କଲେ ସୀମାନ୍ତ ଉପଯୋଗିତା ଶୂନ୍ୟ ଏବଂ ମୋଟ ଉପଯୋଗିତା 150 (ସର୍ବାଧିକ) ହୁଏ। ଏଥିରୁ ସ୍ପଷ୍ଟ ଯେ ଗୋଟିଏ ଦ୍ରବ୍ୟକୁ ଅଧିକରୁ ଅଧିକ ଉପଭୋଗ କଲେ ସୀମାନ୍ତ ଉପଯୋଗିତା ହ୍ରାସ ପାଏ। ସୀମାନ୍ତ ଉପଯୋଗିତା ଶୂନ୍ୟ ହେଲାବେଳେ ମୋଟ ଉପଯୋଗିତା ସର୍ବାଧିକ ହୁଏ। ସପ୍ତମ ଏକକ ଉପଭୋଗ କଲେ ସୀମାନ୍ତ ଉପଯୋଗିତା ଋଣାତ୍ମକ (-10) ହୁଏ, ଏବଂ ଦ୍ରବ୍ୟର ମୋଟ ଉପଯୋଗିତା 140 କୁ ହ୍ରାସ ପାଇଥାଏ। ଅର୍ଥାତ୍, ସୀମାନ୍ତ ଉପଯୋଗିତା ଧନାତ୍ମକ ଥିଲାବେଳେ ମୋଟ ଉପଯୋଗିତା ବୃଦ୍ଧି ପାଇଥାଏ। କିନ୍ତୁ ସୀମାନ୍ତ ଉପଯୋଗିତା ଋଣାତ୍ମକ ହେଲାବେଳେ ମୋଟ ଉପଯୋଗିତା ହ୍ରାସ ପାଏ। ଜଣେ ବିବେକୀ ଉପଭୋକ୍ତା ଯାହାର ଅନ୍ତିମ ଲକ୍ଷ୍ୟ ଦ୍ରବ୍ୟ ଉପଭୋଗରୁ ସର୍ବାଧିକ ଉପଯୋଗିତା ହାସଲ କରିବା ସେତିକି ପରିମାଣର ଦ୍ରବ୍ୟ ଉପଭୋଗ କରେ ଯେଉଁଠାରେ ସୀମାନ୍ତ ଉପଯୋଗିତା ଶୂନ୍ୟ ହୁଏ।

ଉପରୋକ୍ତ ଉଦାହରଣରେ ଜଣେ ବିବେକୀ ଉପଭୋକ୍ତା ଦ୍ରବ୍ୟର ୬ଟି ଏକକ ଉପଭୋଗ କରିବେ ଯେଉଁଠାରେ ସେ ସର୍ବାଧିକ ପରିତୃପ୍ତି (150 ଏକକ) ପାଇପାରିବେ।

କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ରେଖାଚିତ୍ର 2.2 ସାହାଯ୍ୟରେ ବ୍ୟାଖ୍ୟା କରାଯାଇପାରେ।




ଚିତ୍ର - 2.2 : କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ରେଖା

ଚିତ୍ର 2.2ର X- ଅକ୍ଷରେ ଦ୍ରବ୍ୟର ଏକକ ଓ Y- ଅକ୍ଷରେ ସୀମାନ୍ତ ଉପଯୋଗିତା ପ୍ରତିଫଳିତ ହୋଇଅଛି। ସୀମାନ୍ତ ଉପଯୋଗିତା ରେଖା MU ନିମ୍ନମୁଖୀ ବା ନିମ୍ନଗାମୀ ଅଟେ। ନିମ୍ନଗାମୀ ସୀମାନ୍ତ ଉପଯୋଗିତା ରେଖା ଦ୍ରବ୍ୟର ଏକକ ଏବଂ ସୀମାନ୍ତ ଉପଯୋଗିତା ମଧ୍ୟରେ ପ୍ରତିଲୋମୀ ସମ୍ବନ୍ଧ ଥିବା ଦର୍ଶାଇଥାଏ।

## ସୂତ୍ରର ଭିତ୍ତି

କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ଦୁଇଟି କାରଣ ଯୋଗୁଁ କାର୍ଯ୍ୟ କରିଥାଏ।

ପ୍ରଥମତଃ ଏକ ନିର୍ଦ୍ଦିଷ୍ଟ ମାନବୀୟ ଅଭାବ ପରିତୃପ୍ତକ୍ଷମ। ଜଣେ ବ୍ୟକ୍ତି ଦ୍ରବ୍ୟର ଗୋଟିଏ ଏକକ ଉପଭୋଗ କରିସାରିବା ପରେ ଅଭାବର ତୀବ୍ରତା ହ୍ରାସ ପାଇଥାଏ। ତେଣୁ ଦ୍ୱିତୀୟ ଏକକରୁ କମ ଉପଯୋଗିତା ପାଏ। ଏହିପରି ଦ୍ରବ୍ୟର ଅଧିକରୁ ଅଧିକ ଏକକ ଉପଭୋଗ କରି ଚାଲିଲେ ସୀମାନ୍ତ ଉପଯୋଗିତା କ୍ରମଶଃ ହ୍ରାସ ପାଇଥାଏ।

ଦ୍ୱିତୀୟତଃ ଗୋଟିଏ ଦ୍ରବ୍ୟ ଅନ୍ୟ ଦ୍ରବ୍ୟର ସମ୍ପୂର୍ଣ୍ଣ ପ୍ରତିସ୍ଥାପକ ନୁହେଁ। ଯଦି ରସଗୋଲା ସେଓର ଅଭାବ ଦୂର କରିପାରିବ ଅର୍ଥାତ୍ ଯଦି ରସଗୋଲା ସେଓର ସମ୍ପୂର୍ଣ୍ଣ ପ୍ରତିବଦଳକ୍ଷମ ହୁଏ, ତାହାହେଲେ ସେଓ ବା ଅନ୍ୟାନ୍ୟ ଫଳ ନ ମିଳିଲେ ତା' ସ୍ଥାନରେ ଅଧିକ ରସଗୋଲା ଉପଭୋଗ କରି ଫଳର ଅଭାବ ସମ୍ପୂର୍ଣ୍ଣରୂପେ ଦୂର କରାଯାଇ

ପାରିବ। ଫଳରେ ଅଧିକରୁ ଅଧିକ ରସଗୋଲା କ୍ରୟ କଲେ ସେ ରସଗୋଲା ଛଡ଼ା ଅନ୍ୟାନ୍ୟ ଦ୍ରବ୍ୟର ଅଭାବ ଦୂର କରୁଥିବାରୁ ତା'ର ସୀମାନ୍ତ ଉପଯୋଗିତା ହ୍ରାସ ପାଇବ ନାହିଁ। କିନ୍ତୁ ବାସ୍ତବ ଜଗତରେ ଏହା ସମ୍ଭବ ନୁହେଁ। ସୁତରାଂ ଜଣେ ଉପଭୋକ୍ତା ତାଙ୍କର ନିର୍ଦ୍ଦିଷ୍ଟ ଅଭାବ ମୋଚନ ନିମନ୍ତେ ଗୋଟିଏ ଦ୍ରବ୍ୟକୁ ଅଧିକରୁ ଅଧିକ ବ୍ୟବହାର କଲେ ତାହାର ସୀମାନ୍ତ ଉପଯୋଗିତା ହ୍ରାସ ପାଇବ।

**ସୂତ୍ରର ସୀମାବଦ୍ଧତା (Exceptions of the Law)**

କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ଅର୍ଥଶାସ୍ତ୍ରରେ ଏକ ମୌଳିକ ତତ୍ତ୍ୱଭାବେ ପରିଚିତ। ତେବେ, ସାମାଜିକ ବିଜ୍ଞାନର ଅନ୍ୟ ନିୟମ ଭଳି ଏହି ସୂତ୍ରର ମଧ୍ୟ କେତେକ ସୀମାବଦ୍ଧତା ବା ବ୍ୟତିକ୍ରମ ଅଛି। ତାହା ନିମ୍ନରେ ବର୍ଣ୍ଣନା କରାଗଲା।

(1) **ଅସ୍ୱାଭାବିକ ବ୍ୟକ୍ତି:** ଏହି ସୂତ୍ରରେ ଉପଭୋକ୍ତାଙ୍କୁ ବିଚାରବୁଦ୍ଧି ସମ୍ପନ୍ନ ସ୍ୱାଭାବିକ ବ୍ୟକ୍ତି ହିସାବରେ କଳ୍ପନା କରାଯାଇପାରେ। ମଦ୍ୟପ, କୃପଣ, କବି, ଦାର୍ଶନିକଙ୍କ ଭଳି ଅସ୍ୱାଭାବିକ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଏହି ସୂତ୍ର କାର୍ଯ୍ୟ କରି ନ ଥାଏ। ଜଣେ ମଦ୍ୟପ ଯେତେ ଅଧିକ ମଦ୍ୟପାନ କଲେ ମଧ୍ୟ ଆହୁରି ଅଧିକ ମଦ ପିଇବା ପାଇଁ ପ୍ରଲୋଭିତ ହେବ। କୃପଣ ଯେତେ ସମ୍ପତ୍ତି ପୁଞ୍ଜ କଲେ ମଧ୍ୟ ଅଧିକ ପାଇବା ପାଇଁ ଆଗ୍ରହ ପ୍ରକାଶ କରିଥାଏ। କବି ଓ ଦାର୍ଶନିକମାନେ ଏକ ନିର୍ଦ୍ଦିଷ୍ଟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର ହୋଇ ତାକୁ ଅଧିକରୁ ଅଧିକ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ଅର୍ଥଶାସ୍ତ୍ରରେ ଏହି ବ୍ୟକ୍ତିମାନଙ୍କୁ ଅସ୍ୱାଭାବିକ ବ୍ୟକ୍ତି ହିସାବରେ ବିଚାର କରାଯାଏ ଏମାନଙ୍କ କ୍ଷେତ୍ରରେ ଏହି ସୂତ୍ରଟି ପ୍ରଯୁଜ୍ୟ ନୁହେଁ।

(2) **ଦୁଷ୍ପ୍ରାପ୍ୟ ବସ୍ତୁ:** ଏହି ସୂତ୍ର କେତେକ ଦୁଷ୍ପ୍ରାପ୍ୟ ବସ୍ତୁ ଯଥା ପ୍ରାଚୀନ ମୁଦ୍ରା ଓ ଡାକଟିକଟ ସଂଗ୍ରହ ଭଳି ସୌଖୀନ ଅଭିରୁଚି କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ। ଦୁଷ୍ପ୍ରାପ୍ୟ ପୁରାତନ ମୁଦ୍ରା ସଂଗ୍ରହକାରୀ ଯେତେ ଅଧିକ ମୁଦ୍ରା ସଂଗ୍ରହ କଲେ ମଧ୍ୟ ତାଙ୍କର ଆଗ୍ରହ ହ୍ରାସ ପାଏ ନାହିଁ। ସେହିପରି ଜଣେ ଯେତେ ଅଧିକ ଦୁଷ୍ପ୍ରାପ୍ୟ ଡାକଟିକଟ ସଂଗ୍ରହ କଲେ ମଧ୍ୟ ତାଙ୍କର ଆଗ୍ରହ ହ୍ରାସ ପାଏ ନାହିଁ। କିନ୍ତୁ ଏ ଯୁକ୍ତି ସହିତ କେତେକ ଏକମତ ନୁହଁନ୍ତି। ଜଣେ ଦୁର୍ଲଭ ମୁଦ୍ରା ସଂଗ୍ରହକାରୀ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଅଧିକ ମୁଦ୍ରା ସଂଗ୍ରହ ପାଇଁ ଆଗ୍ରହୀ ନ ଥାନ୍ତି କିମ୍ବା ଜଣେ ଟିକଟ ସଂଗ୍ରାହକ ଏକ ପ୍ରକାରର ଅଧିକ ଟିକଟ ସଂଗ୍ରହ କରିବାପାଇଁ ଇଚ୍ଛାପ୍ରକାଶ କରିନଥାନ୍ତି।

(3) **ପ୍ରତିସ୍ଥାପକ ଓ ପରିପୂରକ ଦ୍ରବ୍ୟର ଉପଲବ୍ଧତା:** ଏହି ସୂତ୍ର ଅନୁଯାୟୀ ଉପଭୋଗ କରାଯାଉଥିବା ଦ୍ରବ୍ୟ ବଜାରରେ ମିଳୁଥିବା ଅନ୍ୟାନ୍ୟ ଦ୍ରବ୍ୟଠାରୁ ସମ୍ପୂର୍ଣ୍ଣ ଅଲଗା । ଅର୍ଥାତ୍ ଏହି ଦ୍ରବ୍ୟରୁ ମିଳୁଥିବା ଉପଯୋଗିତା ଅନ୍ୟ ଦ୍ରବ୍ୟର ଉପଲବ୍ଧତା ଉପରେ ନିର୍ଭର କରି ନ ଥାଏ । ବାସ୍ତବରେ ଏହି ଦ୍ରବ୍ୟର ଉପଯୋଗିତା ଏହାର ପ୍ରତିସ୍ଥାପକ ଓ ପରିପୂରକ ଦ୍ରବ୍ୟର ଯୋଗାଣ ଉପରେ ନିର୍ଭର କରିଥାଏ । ବଜାରରେ ପଇଡ଼ ମିଳିଲେ ସରବତର ସୀମାନ୍ତ ଉପଯୋଗିତା କ୍ଷିପ୍ରଭାବରେ ହ୍ରାସ ପାଇଥାଏ । ସେହିପରି ପେଟ୍ରୋଲ ନ ମିଳିଲେ ମୋଟର ସାଇକେଲର ଉପଯୋଗିତା ହ୍ରାସ ପାଇଥାଏ ।

(4) **ଉପଯୋଗିତା ପରିମାପକ୍ଷମ ନୁହେଁ:** ଏହି ନିୟମ ଅନୁଯାୟୀ ଉପଯୋଗିତା ପରିମାପକ୍ଷମ । ପ୍ରଫେସର ପିଗୁଙ୍କ ମତରେ ମୁଦ୍ରାକୁ ମାନଦଣ୍ଡ ହିସାବରେ ଗ୍ରହଣ କରି ଉପଯୋଗିତାର ପରିମାପ କରାଯାଇପାରିବ । ମାତ୍ର ଉପଯୋଗିତା ଏକ ମାନସିକ ଏବଂ ବ୍ୟକ୍ତିକୈନ୍ଦ୍ରିକ ଧାରଣା । ଦ୍ରବ୍ୟଟିକୁ ଉପଭୋଗ କରି ଉପଭୋକ୍ତା ଯେଉଁ ସନ୍ତୋଷଲାଭ କରେ, ତାହାର ବସ୍ତୁନିଷ୍ଠ ପରିମାପ ଅସମ୍ଭବ ।

(5) **ଉପଯୋଗିତା ନିର୍ଭର କରୁଥିବା ଅନ୍ୟାନ୍ୟ ଉପାଦାନର ପରିବର୍ତ୍ତନ:** କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ରର କାର୍ଯ୍ୟକାରିତା ସକାଶେ ଦ୍ରବ୍ୟର ଉପଯୋଗିତା ନିର୍ଭର କରୁଥିବା ଅନ୍ୟ କେତେକ ଉପାଦାନ ଯଥା ଖାଉଟିର ଅଭ୍ୟାସ, ଆୟ, ପ୍ରତିସ୍ଥାପକ ଓ ପରିପୂରକ ଦ୍ରବ୍ୟର ଦର ସ୍ଥିର ରହିବ ବୋଲି ଧରାଯାଇଥାଏ । ଯଦି ଏହି ଉପାଦାନମାନଙ୍କ ମଧ୍ୟରୁ କୌଣସି ଗୋଟିଏର ପରିବର୍ତ୍ତନ ହୁଏ, ଏହି ସୂତ୍ରଟି କାର୍ଯ୍ୟ କରି ନ ଥାଏ ।

**କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ରର ପ୍ରୟୋଗ (Application of the Law)**

(1) **ମୁଦ୍ରା ଓ ସୀମାନ୍ତ ଉପଯୋଗିତା:** ସାଧାରଣତଃ ମୁଦ୍ରା କ୍ଷେତ୍ରରେ ଏହି ନିୟମ କାର୍ଯ୍ୟ କରେ ନାହିଁ ବୋଲି କୁହାଯାଏ । ମୁଦ୍ରା ବିନିମୟର ଏକ ମାଧ୍ୟମ, ଏବଂ ସାଧାରଣ କ୍ରୟ ଶକ୍ତିର ମଧ୍ୟ ପ୍ରତୀକ । ଏହା ସାହାଯ୍ୟରେ ବିଭିନ୍ନ ପ୍ରକାର ବସ୍ତୁ ଓ ସେବା କ୍ରୟ କରାଯାଇପାରେ । ଆମ ପାଖରେ ମୁଦ୍ରାର ଭଣ୍ଡାର ବୃଦ୍ଧି ପାଇଲେ ଆମେ ଅଧିକ ଦ୍ରବ୍ୟ ଓ ସେବା ପାଇପାରିବା । ତେଣୁ ଅଧିକ ମୁଦ୍ରା କେବେହେଲେ ସୀମାନ୍ତ ଉପଯୋଗିତାକୁ ହ୍ରାସ କରେ ନାହିଁ ।

ଅନେକ ଅର୍ଥଶାସ୍ତ୍ରୀଙ୍କ ମତରେ ମୁଦ୍ରା କ୍ଷେତ୍ରରେ ମଧ୍ୟ କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା କାର୍ଯ୍ୟକାରୀ ହୋଇଥାଏ । ଜଣେ ବିତ୍ତଶାଳୀ ବ୍ୟକ୍ତି ଗୋଟିଏ ଟଙ୍କା ହଜାଇଲେ ବିବ୍ରତ ହୁଅନ୍ତି ନାହିଁ । କିନ୍ତୁ ଜଣେ ଦରିଦ୍ର ଲୋକ ଟଙ୍କାଟିଏ ହଜାଇଲେ ବିବ୍ରତ ହୋଇପଡ଼େ । କାରଣ ମୁଦ୍ରାର ଉପଯୋଗିତା ଧନୀ ବ୍ୟକ୍ତି କ୍ଷେତ୍ରରେ ଯଥେଷ୍ଟ କମ ଓ

ଗରିବ ଲୋକ କ୍ଷେତ୍ରରେ ଯଥେଷ୍ଟ ଅଧିକ। ଏଥିରୁ ସ୍ପଷ୍ଟ ଯେ ଆୟ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅତିରିକ୍ତ ମୁଦ୍ରା ଆୟର ସୀମାନ୍ତ ଉପଯୋଗିତା ହ୍ରାସ ପାଏ।

ତଥାପି ଏହି ସୂତ୍ରର ପ୍ରୟୋଗ ମୁଦ୍ରା ଓ ଅନ୍ୟାନ୍ୟ ଦ୍ରବ୍ୟ କ୍ଷେତ୍ରରେ ସମାନ ନୁହେଁ। ମୁଦ୍ରା କ୍ଷେତ୍ରରେ ଏହି ସୂତ୍ର ମନ୍ଥର ଗତିରେ କାର୍ଯ୍ୟ କରୁଥିଲାବେଳେ ଅନ୍ୟାନ୍ୟ ଦ୍ରବ୍ୟ କ୍ଷେତ୍ରରେ ଏହା କ୍ଷିପ୍ର ଗତିରେ ପ୍ରଯୁଜ୍ୟ ହୁଏ। ଦ୍ୱିତୀୟରେ ଅନ୍ୟାନ୍ୟ ଦ୍ରବ୍ୟ କ୍ଷେତ୍ରରେ ସୀମାନ୍ତ ଉପଯୋଗିତା ଶୂନ୍ୟରେ ପରିଣତ ହୋଇଥିଲାବେଳେ ମୁଦ୍ରା କ୍ଷେତ୍ରରେ ଏହା କେବେହେଲେ ଶୂନ ହୋଇ ନଥାଏ। ମୁଦ୍ରା କ୍ଷେତ୍ରରେ ସୀମାନ୍ତ ଉପଯୋଗିତା କେବେହେଲେ ଚୂଡ଼ାନ୍ତ ବିନ୍ଦୁରେ ଉପନୀତ ହୁଏ ନାହିଁ। ମୁଦ୍ରା କ୍ରୟଶକ୍ତିର ପ୍ରତୀକ ହୋଇଥିବାରୁ ଏହାର ପ୍ରତିବଦଳରେ ଅନେକ ଦ୍ରବ୍ୟ ମିଳୁଥିବାରୁ ଏହାର ସୀମାନ୍ତ ଉପଯୋଗିତା କେବେହେଲେ ଶୂନ୍ୟ ହେବ ନାହିଁ।

(2) **ଦର ଓ ସୀମାନ୍ତ ଉପଯୋଗିତା:** ଉପଭୋକ୍ତା ବଜାରରେ କୌଣସି ଦ୍ରବ୍ୟ କ୍ରୟ କଲାବେଳେ ଦ୍ରବ୍ୟର ଦର ସହ ଏହାର ସୀମାନ୍ତ ଉପଯୋଗିତାକୁ ତୁଳନା କରିଥାନ୍ତି। ସେ ଗୋଟିଏ ଜିନିଷ ପାଇଁ କେତେ ଦର ଦେବେ ତାହା ସେହି ଜିନିଷର ସୀମାନ୍ତ ଉପଯୋଗିତା ଉପରେ ନିର୍ଭର କରିଥାଏ। ଯେତେବେଳେ ଦ୍ରବ୍ୟର ସୀମାନ୍ତ ଉପଯୋଗିତା ଅଧିକ ଥାଏ ସେ ଅଧିକ ଦର ଦେବାପାଇଁ ପ୍ରସ୍ତୁତ ଥାନ୍ତି। କିନ୍ତୁ ଦ୍ରବ୍ୟର ଅଧିକ ଏକକ କ୍ରୟ କଲେ ସୀମାନ୍ତ ଉପଯୋଗିତା ହ୍ରାସ ପାଉଥିବାରୁ, ସେ ଆନୁକ୍ରମିକ ଏକକଗୁଡ଼ିକ ପାଇଁ କମ ଦର ଦେବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। କିନ୍ତୁ ବଜାରରେ ଏକ ଦ୍ରବ୍ୟର ସମସ୍ତ ଏକକ ସମାନ ଦରରେ ବିକ୍ରି ହୋଇଥାଏ। ସୁତରାଂ ଯେତେ ପର୍ଯ୍ୟନ୍ତ ଦ୍ରବ୍ୟର ସୀମାନ୍ତ ଉପଯୋଗିତା ଦ୍ରବ୍ୟର ଦର ଠାରୁ ଅଧିକ ହୋଇଥାଏ, ଉପଭୋକ୍ତା ଦ୍ରବ୍ୟ କ୍ରୟ କରିଚାଲନ୍ତି। ଯେତେବେଳେ ଦ୍ରବ୍ୟର ସୀମାନ୍ତ ଉପଯୋଗିତା ଦର ଠାରୁ କମ ହୁଏ ସେ ଦ୍ରବ୍ୟ କ୍ରୟ କରନ୍ତି ନାହିଁ। ଦ୍ରବ୍ୟର ସୀମାନ୍ତ ଉପଯୋଗିତା ଯେତେବେଳେ ଦର ସହିତ ସମାନ ହୁଏ, ସେହି ବିନ୍ଦୁରେ ଉପଭୋକ୍ତା ଦ୍ରବ୍ୟ କିଣିବା ବନ୍ଦ କରନ୍ତି।

(3) **ମୂଲ୍ୟର ବିରୋଧାଭାଷ (Paradox of Value) :** ଜଣେ ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ ପାଇଁ ଯେଉଁ ଦରପ୍ରଦାନ କରିବାକୁ ପ୍ରସ୍ତୁତ ଥାନ୍ତି ତାହା ହିଁ ଉକ୍ତ ଉପଭୋକ୍ତା ପାଇଁ ଦ୍ରବ୍ୟରୁ ମିଳୁଥିବା ଉପଯୋଗିତାର ନିଦର୍ଶନ। କିନ୍ତୁ ଅନେକ ଦ୍ରବ୍ୟ ଅଛି ଯେଉଁ କ୍ଷେତ୍ରରେ ଦର ଉପଯୋଗିତା ଉପରେ ନିର୍ଭର କରେ ନାହିଁ। ଉଦାହରଣ ସ୍ୱରୂପ ହୀରାର ଉପଯୋଗିତା କମ ହେଲେ ମଧ୍ୟ ବଜାରରେ ଏହାର ଦାମ ବହୁତ, କିନ୍ତୁ ମାନବଜୀବନ ପାଇଁ ଅତି ଆବଶ୍ୟକ ଜଳ ଅତି କମ ଦାମରେ ବା ବିନା ଦାମରେ ଉପଲବ୍ଧ ହୁଏ। ଅର୍ଥଶାସ୍ତ୍ରର ଜନକ ଆଡାମ୍ ସ୍ମିଥ୍ ଏହି ସମସ୍ୟାକୁ ମୂଲ୍ୟର ବିରୋଧାଭାଷ

(Paradox of value) ଆଖ୍ୟା ଦେଇଥିଲେ। ମୂଲ୍ୟର ବିରୋଧାଭାଷାକୁ ସାଧାରଣତଃ ଜଳ ଓ ହୀରାର ବିରୋଧାଭାଷ କୁହାଯାଏ। ଜୀବନ ପ୍ରତି ଅତ୍ୟନ୍ତ ଆବଶ୍ୟକ ଦ୍ରବ୍ୟ ଜଳ ମାଗଣାରେ ମିଳୁଥିବାବେଳେ ଏକ ଅନାବଶ୍ୟକ ଦ୍ରବ୍ୟ ହୀରାର ମୂଲ୍ୟ ବହୁତ ଅଧିକ। ଏହା ଆଡାମ୍ ସ୍ମିଥ୍‌ଙ୍କୁ ବିସ୍ମିତ କରିଥିଲା। କିନ୍ତୁ ସେ ଏ ସମସ୍ୟା ସମାଧାନ କରିପାରି ନଥିଲେ।

ମାର୍ଶାଲ ସୀମାନ୍ତ ଉପଯୋଗିତା ସାହାଯ୍ୟରେ ଏ ସମସ୍ୟା ସମାଧାନ କରିଥିଲେ। ମାର୍ଶାଲଙ୍କ ମତରେ ମୋଟ ଉପଯୋଗିତା ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରେ ନାହିଁ। ଯେକୌଣସି ଦ୍ରବ୍ୟର ମୂଲ୍ୟ ସୀମାନ୍ତ ଉପଯୋଗିତା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ସୀମାନ୍ତ ଉପଯୋଗିତା ଦ୍ରବ୍ୟର ପରିମାଣ ଉପରେ ନିର୍ଭରଶୀଳ। ଦ୍ରବ୍ୟ ପରିମାଣ ବୃଦ୍ଧି ପାଇଲେ ସୀମାନ୍ତ ଉପଯୋଗିତା ହ୍ରାସ ପାଇଥାଏ। ଫଳରେ ଦ୍ରବ୍ୟର ମୂଲ୍ୟ ମଧ୍ୟ ହ୍ରାସ ପାଇଥାଏ। ବାସ୍ତବକ୍ଷେତ୍ରରେ ଜଳ ବିପୁଳ ପରିମାଣରେ ମିଳୁଥିବାରୁ ତା'ର ସୀମାନ୍ତ ଉପଯୋଗିତା ଅତ୍ୟନ୍ତ କମ ଏବଂ ହୀରାର ଯୋଗାଣ ସୀମିତ ହୋଇଥିବାରୁ ଏହାର ସୀମାନ୍ତ ଉପଯୋଗିତା ବହୁତ। ସୁତରାଂ ଜଳର ମୂଲ୍ୟ କମ ଓ ହୀରାର ମୂଲ୍ୟ ଅଧିକ ହୋଇଥାଏ।

**କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ରର ଗୁରୁତ୍ୱ**

କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ଅର୍ଥଶାସ୍ତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସୂତ୍ର।

(1) **ଉପଭୋଗର ଅନ୍ୟାନ୍ୟ ସୂତ୍ରର ଭିତ୍ତିଭୂମି:** ଚାହିଦା ସୂତ୍ର ଓ ସମସୀମାନ୍ତ ଉପଯୋଗିତା ସୂତ୍ର ଏହି ସୂତ୍ର ଉପରେ ଆଧାରିତ। ଚାହିଦା ସୂତ୍ର ଅନୁସାରେ ଦର ବୃଦ୍ଧି ହେଲେ ଦ୍ରବ୍ୟର ଚାହିଦାର ପରିମାଣ ହ୍ରାସ ପାଏ ଏବଂ ଦର ହ୍ରାସ ହେଲେ ଦ୍ରବ୍ୟର ଚାହିଦାର ପରିମାଣ ବୃଦ୍ଧି ଘଟେ। ତା'ର କାରଣ ଉପଭୋକ୍ତା ଗୋଟିଏ ଦ୍ରବ୍ୟ ଅଧିକ ପରିମାଣରେ କ୍ରୟ କଲେ ତାର ସୀମାନ୍ତ ଉପଯୋଗିତା ହ୍ରାସ ପାଏ। ତେଣୁ ଦ୍ରବ୍ୟର ଦର ହ୍ରାସ ହେଲେ ସେ ଅଧିକ ପରିମାଣରେ କ୍ରୟ କରିବା ସକାଶେ ଇଚ୍ଛା କରେ।

ସେହିପରି ସମସୀମାନ୍ତ ଉପଯୋଗିତା ସୂତ୍ର ମଧ୍ୟ କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ଭିତ୍ତିରେ ପ୍ରଣୀତ ହୋଇଥାଏ।

(2) **ମୂଲ୍ୟର ବିରୋଧାଭାସ ସମସ୍ୟାର ସମାଧାନ:** ମୂଲ୍ୟର ବିରୋଧାଭାସ ସମସ୍ୟା ମଧ୍ୟ କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ସାହାଯ୍ୟରେ ସମାଧାନ କରାଯାଇଅଛି। ଜଳ କାହିଁକି କମ ମୂଲ୍ୟବାନ ଓ ହୀରା କାହିଁକି ଅଧିକ ମୂଲ୍ୟବାନ୍ ତାହା ଏହି ସୂତ୍ର ଦ୍ୱାରା ବୁଝାଇ ଦିଆଯାଇଛି।

(3) **ଉପଭୋକ୍ତାଙ୍କ ଉଦ୍‌ବୃତ୍ତ ଧାରଣାର ଆଧାର:** ଉପଭୋକ୍ତାଙ୍କ ଉଦ୍‌ବୃତ୍ତ କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ଉପରେ ଆଧାରିତ। ଯେଉଁ ବିନ୍ଦୁରେ ସୀମାନ୍ତ ଉପଯୋଗିତା ଓ ଦର ସମାନ ହୋଇଥାଏ ସେହିଠାରେ ଉପଭୋକ୍ତା ଦ୍ରବ୍ୟ କ୍ରୟ ବନ୍ଦ କରନ୍ତି। ତା' ପୂର୍ବ ଏକକର ସୀମାନ୍ତ ଉପଯୋଗିତା ଦରଠାରୁ ଅଧିକ ହୋଇଥାଏ ଏବଂ ତାହା ହିଁ ଉପଭୋକ୍ତାଙ୍କ ଉଦ୍‌ବୃତ୍ତ।

(4) **ପ୍ରଗାମୀକର ପ୍ରଚଳନର ଆଧାର:** ଏହି ସୂତ୍ର ରାଷ୍ଟ୍ରବିତ୍ତ କ୍ଷେତ୍ରରେ ପ୍ରଗାମୀକର ବ୍ୟବସ୍ଥାର ଯୁକ୍ତିଯୁକ୍ତତା ପ୍ରତିପାଦନ କରିଥାଏ। ଜଣେ ଧନୀ ଲୋକ କ୍ଷେତ୍ରରେ ମୁଦ୍ରାର ସୀମାନ୍ତ ଉପଯୋଗିତା କମ ଓ ଗରିବ ଲୋକ କ୍ଷେତ୍ରରେ ମୁଦ୍ରାର ସୀମାନ୍ତ ଉପଯୋଗିତା ଅଧିକ ହୋଇଥାଏ। ତେଣୁ ସମତା ଓ ନ୍ୟାୟ ଦୃଷ୍ଟିରୁ ଦରିଦ୍ରଙ୍କ ଅପେକ୍ଷା ଧନୀଙ୍କ ଉପରେ ଅଧିକ ହାରରେ କରଧାର୍ଯ୍ୟ କରାଯାଇଥାଏ।

## 2.1.4 ସମସୀମାନ୍ତ ଉପଯୋଗିତା ସୂତ୍ର (Law of Equimarginal Utility)

ଉପଭୋଗ କ୍ଷେତ୍ରରେ ସମସୀମାନ୍ତ ଉପଯୋଗିତା ସୂତ୍ର ଏକ ଗୁରୁତ୍ୱପୂର୍ଣ୍ଣ ସୂତ୍ର ଭାବେ ବିବେଚିତ। ଯେହେତୁ ମାନବୀୟ ଅଭାବ ଅସୀମ ଏବଂ ସେଇ ସମସ୍ତ ଅଭାବ ପୂରଣ ନିମନ୍ତେ ସମ୍ବଳ ସୀମିତ, ପ୍ରତ୍ୟେକ ଉପଭୋକ୍ତା ଏପରି ଭାବରେ ତାଙ୍କର ସୀମିତ ଆୟକୁ ଖର୍ଚ୍ଚ କରିବାକୁ ଚାହାନ୍ତି, ଯେପରି ସର୍ବାଧିକ ପରିତୃପ୍ତି ମିଳିପାରିବ। ଉପଭୋକ୍ତା ତାଙ୍କର ସୀମିତ ଆୟକୁ ବଜାରରେ ବିଭିନ୍ନ ଦ୍ରବ୍ୟ କ୍ରୟ କଲାବେଳେ କିପରି ଭାବରେ ଆବଣ୍ଟନ କଲେ ସର୍ବାଧିକ ପରିତୃପ୍ତି ପାଇପାରିବେ, ତାହା ହିଁ ସମସୀମାନ୍ତ ଉପଯୋଗିତା ସୂତ୍ର ବ୍ୟାଖ୍ୟା କରିଥାଏ।

**ସୂତ୍ରର ସଂଜ୍ଞା ଓ ଅର୍ଥ**

ବିଶିଷ୍ଟ ନବ୍ୟ-ସଂସ୍ଥାପକ ଅର୍ଥଶାସ୍ତ୍ରୀ ଆଲ୍‌ଫ୍ରେଡ୍ ମାର୍ଶାଲ୍ ସମସୀମାନ୍ତ ଉପଯୋଗିତା ସୂତ୍ରକୁ ନିମ୍ନଲିଖିତ ଭାଷାରେ ଉପସ୍ଥାପନା କରିଛନ୍ତି।

"ଯଦି କୌଣସି ବ୍ୟକ୍ତିଙ୍କର ବିଭିନ୍ନ ଭାବରେ ବ୍ୟବହୃତ ହୋଇପାରୁଥିବା ଏକ ପଦାର୍ଥ ଥାଏ, ତେବେ ସେ ଏହାକୁ ବିଭିନ୍ନ ବ୍ୟବହାରରେ ଏପରି ବଣ୍ଟନ କରିବେ ଯଦ୍ଵାରା ଏହାର ସୀମାନ୍ତ ଉପଯୋଗିତା ସମସ୍ତ କ୍ଷେତ୍ରରେ ସମାନ ହେବ"।

(If a person has a thing which can be put to several uses he will distribute it between such uses in such a way that it will have same marginal utility in all.)

ଅର୍ଥାତ୍ ଯେତେବେଳେ ଉପଭୋଗ କରାଯାଉଥିବା ସମସ୍ତ ଦ୍ରବ୍ୟର ସୀମାନ୍ତ ଉପଯୋଗିତା ପରସ୍ପର ସମାନ ସେତେବେଳେ ଉପଭୋକ୍ତା ସର୍ବାଧିକ ଉପଯୋଗିତା (ବା ପରିତୃପ୍ତି) ପାଇପାରିବେ।

ସମସ୍ତେ ଜାଣନ୍ତି ଯେ ମୁଦ୍ରା ଏକ ଦ୍ରବ୍ୟ ଯାହା ସାହାଯ୍ୟରେ ସମସ୍ତ ଦ୍ରବ୍ୟ କ୍ରୟ କରାଯାଇ ପାରିବ। ସୁତରାଂ, ସମସୀମାନ୍ତ ଉପଯୋଗିତା ସୂତ୍ରଟିକୁ ମୁଦ୍ରା ପରିପ୍ରେକ୍ଷୀରେ ନିମ୍ନ ଭାଷାରେ ଉପସ୍ଥାପନା କରାଯାଇପାରେ।

'ଯଦି ଜଣେ ଉପଭୋକ୍ତାଙ୍କର ନିର୍ଦ୍ଦିଷ୍ଟ ପରିମାଣରେ ମୁଦ୍ରା ଥାଏ, ସେ ଏହାକୁ ବିଭିନ୍ନ ଦ୍ରବ୍ୟ ମଧ୍ୟରେ ଏପରି ଭାବରେ ଆବଣ୍ଟନ କରିବେ ଯଦ୍ୱାରା ସମସ୍ତ ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ସମାନ ହେବ ଏବଂ ମୋଟ ଉପଯୋଗିତା ସର୍ବାଧିକ ହେବ।'

ଏଠାରେ ମନେରଖିବାକୁ ହେବ ଯେ ଗୋଟିଏ ଦ୍ରବ୍ୟରୁ ପ୍ରାପ୍ତ ସୀମାନ୍ତ ଉପଯୋଗିତାକୁ ଉକ୍ତ ଦରରେ ବିଭକ୍ତ କଲେ ବ୍ୟୟିତ ମୁଦ୍ରା- ଏକକର ସୀମାନ୍ତ ଉପଯୋଗିତା ଉପଲବ୍ଧ ହୋଇଥାଏ। ଅର୍ଥାତ୍, ଗୋଟିଏ ଦ୍ରବ୍ୟରେ

$$\text{ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା} = \frac{\text{ଏକ ଦ୍ରବ୍ୟର ଉପଯୋଗିତା}}{\text{ସେହି ଦ୍ରବ୍ୟର ଦର}}$$

ସମସୀମାନ୍ତ ଉପଯୋଗିତା ସୂତ୍ର ଅନୁସାରେ, ବିଭିନ୍ନ ଦ୍ରବ୍ୟରେ ବ୍ୟୟିତ ମୁଦ୍ରାର ସୀମାନ୍ତ ଉପଯୋଗିତା ସମାନ ହେଲେ ଉପଭୋକ୍ତାଙ୍କୁ ସର୍ବାଧିକ ଉପଯୋଗିତା (ପରିତୃପ୍ତି) ମିଳିଥାଏ।

## ସୂତ୍ରର ସର୍ତ୍ତ ସମୂହ (Assumptions)

ସମସୀମାନ୍ତ ଉପଯୋଗିତା ସୂତ୍ର ନିମ୍ନଲିଖିତ ସର୍ତ୍ତସମୂହ ଉପରେ ଆଧାରିତ:

(1) ଉପଭୋକ୍ତା ଜଣେ ବିଚାରବୁଦ୍ଧି ସମ୍ପନ୍ନ ସ୍ୱାଭାବିକ ବ୍ୟକ୍ତି ବା ବିବେକୀ ବ୍ୟକ୍ତି ହୋଇଥିବେ।

(2) ଉପଭୋଗ ସମୟରେ ତାଙ୍କର ରୁଚି ଓ ଆଗ୍ରହରେ କୌଣସି ପରିବର୍ତ୍ତନ ହେବ ନାହିଁ।

(3) ଉପଭୋକ୍ତାଙ୍କର ଆୟରେ କୌଣସି ପରିବର୍ତ୍ତନ ହେବ ନାହିଁ।

(4) ଉପଭୋକ୍ତା ବିଭିନ୍ନ ଦ୍ରବ୍ୟରେ ତାଙ୍କର ମୁଦ୍ରା- ଆୟକୁ ଗୋଟିଏ ଏକକ ପରେ ଆଉ ଗୋଟିଏ ଏକକ (ଅର୍ଥାତ୍ ଗୋଟିଏ ଟଙ୍କା ପରେ ଆଉ ଗୋଟିଏ ଟଙ୍କା) ବ୍ୟୟ କରିବେ।

(5) ଉପଭୋକ୍ତା କ୍ରୟ କରୁଥିବା ଦ୍ରବ୍ୟର ବଜାରଦର ସ୍ଥିର ରହିବ।

(6) ମୁଦ୍ରାର ସୀମାନ୍ତ ଉପଯୋଗିତା ସ୍ଥିର ରହିବ।

(7) ମୁଦ୍ରା ସାହାଯ୍ୟରେ ଉପଯୋଗିତାର ପରିମାଣାତ୍ମକ ପରିମାପ ସମ୍ଭବ।

(8) ଦ୍ରବ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ବିଭାଜ୍ୟ ହେଉଥିବା ଦରକାର।

## ସୂତ୍ରର ବ୍ୟାଖ୍ୟା

ସମସୀମାନ୍ତ ଉପଯୋଗିତା ସୂତ୍ର ଗୋଟିଏ ଉଦାହରଣ ସାହାଯ୍ୟରେ ବ୍ୟାଖ୍ୟା କରାଯାଇପାରେ। ଧରାଯାଉ, ଉପଭୋକ୍ତାଙ୍କ ପାଖରେ ୬ ଟଙ୍କା ଅଛି, ଯାହାକି ସେ A ଏବଂ B ଦ୍ରବ୍ୟ ଉପରେ ଟଙ୍କାଏ ପରେ ଟଙ୍କାଏ ଖର୍ଚ୍ଚ

କରିପାରିବେ। ସେ ଖର୍ଚ୍ଚ କଲାବେଳେ ଗୋଟିଏ ଦ୍ରବ୍ୟରେ ବ୍ୟୟିତ ଏକ ଟଙ୍କାର ସୀମାନ୍ତ ଉପଯୋଗିତାକୁ ଅନ୍ୟ ଦ୍ରବ୍ୟରେ ବ୍ୟୟିତ ଏକ ଟଙ୍କାର ସୀମାନ୍ତ ଉପଯୋଗିତା ସହିତ ତୁଳନା କରିବେ। ଯେଉଁ ଦ୍ରବ୍ୟ କ୍ଷେତ୍ରରେ ବ୍ୟୟିତ ଏକ ଟଙ୍କାର (ବ୍ୟୟିତ ମୁଦ୍ରା-ଏକକର) ସୀମାନ୍ତ ଉପଯୋଗିତା ଅଧିକ ହେବ ସେ ସେହି ଦ୍ରବ୍ୟରେ ଖର୍ଚ୍ଚ କରିବେ। ଯେତେବେଳେ ଉଭୟ ଦ୍ରବ୍ୟରେ ବ୍ୟୟିତ ଏକ ଟଙ୍କାର ବା ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ସମାନ ହେବ, ସେତେବେଳେ ସେ ଖର୍ଚ୍ଚ କରିବା ବନ୍ଦ କରିବେ। କାରଣ ସେତେବେଳେ ତାଙ୍କର ମୋଟ ଉପଯୋଗିତା ସର୍ବାଧିକ ହେବ। ଏହା ସାରଣୀ 2.3ରୁ ସ୍ପଷ୍ଟ ଜଣାପଡ଼େ।


**ସାରଣୀ - 2.3 : ଦୁଇଟି ଦ୍ରବ୍ୟର ସମସୀମାନ୍ତ ଉପଯୋଗିତା**

| ବ୍ୟୟିତ ମୁଦ୍ରାର ଏକକ (ଟଙ୍କା) | A ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକ (ଟଙ୍କା)ର ସୀମାନ୍ତ ଉପଯୋଗିତା | B ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକ (ଟଙ୍କା)ର ସୀମାନ୍ତ ଉପଯୋଗିତା |
|---|---|---|
| 1 | 50 | 42 |
| 2 | 45 | 35 |
| 3 | 40 | 28 |
| 4 | 35 | 21 |
| 5 | 30 | 14 |
| 6 | 25 | 7 |

ଏହି ସାରଣୀରୁ ପ୍ରତୀୟମାନ ହୁଏ ଯେ ଉପଭୋକ୍ତା ପ୍ରଥମ ଟଙ୍କାଟିକୁ ଯଦି ଦ୍ରବ୍ୟ Aରେ ବ୍ୟୟ କରେ ସେ 50 ଏକକ ଉପଯୋଗିତା ପାଇବ, କିନ୍ତୁ ଯଦି ଦ୍ରବ୍ୟ Bରେ ବ୍ୟୟ କରେ ସେ କମ ଉପଯୋଗିତା (42) ପାଇବ। ସୁତରାଂ ସେ ପ୍ରଥମ ଟଙ୍କାଟିକୁ ଦ୍ରବ୍ୟ Aରେ ବ୍ୟୟ କରିବ। ସେହିପରି ସେ ଦ୍ୱିତୀୟ ଟଙ୍କାଟିକୁ ମଧ୍ୟ ଦ୍ରବ୍ୟ Aରେ ବ୍ୟୟ କରିବ କାରଣ ସେ ଏଥିରୁ 45 ଏକକ ଉପଯୋଗିତା ପାଉଥିବାବେଳେ ଦ୍ରବ୍ୟ Bରେ ବ୍ୟୟ କଲେ କମ ଉପଯୋଗିତା (42 ଏକକ) ପାଇବ। ତୃତୀୟ ଟଙ୍କାଟିକୁ ସେ ଦ୍ରବ୍ୟ Bରେ ବ୍ୟୟ କରିବ କାରଣ ସେ ଏଥିରୁ 42 ଏକକ ପାଇବ, କିନ୍ତୁ ଦ୍ରବ୍ୟ Aରେ ବ୍ୟୟ କଲେ କମ ଉପଯୋଗିତା (40 ଏକକ) ପାଇବ। ସେହିପରି ଚତୁର୍ଥ ଟଙ୍କାକୁ ଦ୍ରବ୍ୟ Aରେ ବ୍ୟୟ କରିବ କାରଣ ସେ ଏଥିରେ 40 ଏକକ ଉପଯୋଗିତା ପାଉଥିବାବେଳେ ଦ୍ରବ୍ୟ Bରେ ବ୍ୟୟ କଲେ ମାତ୍ର 35 ଏକକ ଉପଯୋଗିତା ପାଇବ। ସେହିପରି ପଞ୍ଚମ ଟଙ୍କାଟିକୁ Aରେ ଏବଂ ଷଷ୍ଠ ଟଙ୍କାଟିକୁ Bରେ ବ୍ୟୟ କରିବ। ଅର୍ଥାତ୍ ଉପଭୋକ୍ତା ତା ପାଖରେ ଥିବା 6 ଟଙ୍କା ମଧ୍ୟରୁ 4 ଟଙ୍କା ଦ୍ରବ୍ୟ Aରେ ଏବଂ 2 ଟଙ୍କା Bରେ ବ୍ୟୟ କରିବ,

ସେତେବେଳେ A ଦ୍ରବ୍ୟରେ ବ୍ୟୟିତ ଚତୁର୍ଥ ଟଙ୍କା (ମୁଦ୍ରା ଏକକ)ର ସୀମାନ୍ତ ଉପଯୋଗିତା (35 ଏକକ) B ଦ୍ରବ୍ୟରେ ବ୍ୟୟିତ ଦ୍ୱିତୀୟ ଟଙ୍କା (ମୁଦ୍ରା ଏକକ)ର ସୀମାନ୍ତ ଉପଯୋଗିତା ସହିତ ସମାନ ହେବ। ଏଠାରେ ଉପଭୋକ୍ତା ମୋଟ ଉପଯୋଗିତା (50+45+42+40+35+35) = 247 ଏକକ ପାଇବ ଯାହାକି ସର୍ବାଧିକ ହେବ। ଯଦି ଉପଭୋକ୍ତା ଦ୍ରବ୍ୟ Aରେ 5 ଟଙ୍କା ଏବଂ ଦ୍ରବ୍ୟ Bରେ 1 ଟଙ୍କା ବ୍ୟୟ କରେ ଉଭୟ ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ସମାନ ହେବ ନାହିଁ ଏବଂ ମୋଟ ଉପଯୋଗିତା (50+45+40+35+30+42) = 242 ଏକକ ହେବ ଯାହାକି ପୂର୍ବ ଅପେକ୍ଷା କମ ହେବ। ସେହିପରି ଯଦି ସେ ଦ୍ରବ୍ୟ Aରେ 3 ଟଙ୍କା ଏବଂ ଦ୍ରବ୍ୟ Bରେ 3 ଟଙ୍କା ବ୍ୟୟ କରେ ଉଭୟ ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ସମାନ ହେବ ନାହିଁ ଏବଂ ମୋଟ ଉପଯୋଗିତା (50+45+40+42+35+28) = 240 ଏକକ ହେବ ଯାହାକି ପୂର୍ବ ଅପେକ୍ଷା କମ ହେବ। ଅର୍ଥାତ୍, ଉପଭୋକ୍ତା ଯଦି 4 ଟଙ୍କା ଦ୍ରବ୍ୟ Aରେ ବ୍ୟୟ କରେ ଏବଂ 2 ଟଙ୍କା Bରେ ବ୍ୟୟ କରେ ଉଭୟ ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ସମାନ ହେବ ଏବଂ ମୋଟ ଉପଯୋଗିତା ସର୍ବାଧିକ ହେବ। ସେତେବେଳେ ଉପଭୋକ୍ତା ସନ୍ତୁଳନ ଅବସ୍ଥାରେ ପହଞ୍ଚି ପାରିବ।

ସୀମାନ୍ତ ଉପଯୋଗିତା ସୂତ୍ରଟି ରେଖାଚିତ୍ର 2.3 ମାଧ୍ୟମରେ ବୁଝାଯାଇ ପାରିବ।




ଚିତ୍ର - 2.3 : ସମସୀମାନ୍ତ ଉପଯୋଗିତା ରେଖାଚିତ୍ର

ଚିତ୍ର 2.3ର A ଅଂଶରେ ଦ୍ରବ୍ୟ Aରେ ବ୍ୟୟିତ ଟଙ୍କା (ମୁଦ୍ରା ଏକକ)ର ସୀମାନ୍ତ ଉପଯୋଗିତା ଉପସ୍ଥାପିତ ହୋଇଥିବାବେଳେ, ଚିତ୍ର 2.3ର B ଅଂଶରେ ଦ୍ରବ୍ୟ Bରେ ବ୍ୟୟିତ ଟଙ୍କା (ମୁଦ୍ରା ଏକକ)ର ସୀମାନ୍ତ ଉପଯୋଗିତା ଉପସ୍ଥାପିତ ହୋଇଅଛି। ପ୍ରତ୍ୟେକ ଦ୍ରବ୍ୟର ଉପଭୋଗ କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ରର ବଶବର୍ତ୍ତୀ ହୋଇଥିବାରୁ ଦ୍ରବ୍ୟ Aରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ରେଖା EF ଏବଂ ଦ୍ରବ୍ୟ Bରେ ବ୍ୟୟିତ

ମୁଦ୍ରାର ଏକକ ସୀମାନ୍ତ ଉପଯୋଗିତା ରେଖା GH ବାମରୁ ଡାହାଣକୁ ନିମ୍ନାଭିମୁଖୀ ହୋଇଅଛି । ଚିତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଯଦି OM ଟଙ୍କା (4 ଟଙ୍କା) ଦ୍ରବ୍ୟ Aରେ ଏବଂ ON ଟଙ୍କା (2 ଟଙ୍କା) ଦ୍ରବ୍ୟ Bରେ ବ୍ୟୟ ହୁଏ, ଦ୍ରବ୍ୟ Aରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା (MK) ଦ୍ରବ୍ୟ Bରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା (NL) ପରସ୍ପର ସହ ସମାନ ହେବ ଏବଂ ମୋଟ ଉପଯୋଗିତା ସର୍ବାଧିକ ହେବ । ଅନ୍ୟ କୌଣସି ଢାଞ୍ଚାରେ ଉପଭୋକ୍ତାଙ୍କ ଆୟକୁ ଆବଣ୍ଟନ କଲେ ମୋଟ ଉପଯୋଗିତା ସର୍ବାଧିକ ହେବ ନାହିଁ ।

ଉଦାହରଣ ସ୍ୱରୂପ, ଯଦି ଉପଭୋକ୍ତା $MM_1$ ପରିମାଣର ମୁଦ୍ରା ଦ୍ରବ୍ୟ Aରେ କମ ବ୍ୟୟ କରି $NN_1$ ପରିମାଣର ମୁଦ୍ରା (ଏଠାରେ $MM_1=NN_1$) ଦ୍ରବ୍ୟ Bରେ ଅଧିକ ବ୍ୟୟ କରନ୍ତି, ଦ୍ରବ୍ୟ Aରେ $MM_1K_1K$ ଉପଯୋଗିତା ହ୍ରାସ ହେବ ଏବଂ ଦ୍ରବ୍ୟ Bରେ $NN_1L_1L$ ଉପଯୋଗିତା ବୃଦ୍ଧି ହେବ । ଯେହେତୁ $MM_1K_1K$ର କ୍ଷେତ୍ରଫଳ $NN_1L_1L$ଠାରୁ ଅଧିକ, ଏହି ନୂତନ ବ୍ୟୟ ପରିମାଣର ସଂଯୋଗ ସର୍ବାଧିକ ଉପଯୋଗିତା ପ୍ରଦାନ କରିପାରିବ ନାହିଁ ।

ଉପରୋକ୍ତ ଆଲୋଚନାରୁ ଆମେ ଏହି ଅନୁସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଯେତେବେଳେ ଦ୍ରବ୍ୟ Aରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ଏବଂ ଦ୍ରବ୍ୟ Bରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ସମାନ ହେବ ମୋଟ ଉପଯୋଗିତା ସର୍ବାଧିକ ହେବ ଏବଂ ଉପଭୋକ୍ତା ସନ୍ତୁଳନ ଅବସ୍ଥାରେ ପହଞ୍ଚିବ । ସୁତରାଂ, ସମସୀମାନ୍ତ ଉପଯୋଗିତା ସୂତ୍ରକୁ ନିମ୍ନମତେ ପ୍ରକାଶ କରାଯାଇପାରେ । ତାହାହେଲେ

$$\frac{\text{ଦ୍ରବ୍ୟ A ର ସୀମାନ୍ତ ଉପଯୋଗିତା}}{\text{ଦ୍ରବ୍ୟ A ର ଦର}} = \frac{\text{ଦ୍ରବ୍ୟ B ର ସୀମାନ୍ତ ଉପଯୋଗିତା}}{\text{ଦ୍ରବ୍ୟ B ର ଦର}}$$

ତେଣୁ ସମସୀମାନ୍ତ ଉପଯୋଗିତା ସୂତ୍ରକୁ ସମାନୁପାତିକ ନିୟମ ମଧ୍ୟ କୁହାଯାଏ । ଉପଭୋକ୍ତା ସର୍ବାଧିକ ଉପଯୋଗିତା ପାଇବା ସକାଶେ ଅଧିକ ସୀମାନ୍ତ ଉପଯୋଗିତା ଦ୍ରବ୍ୟକୁ ସ୍ୱଳ୍ପ ସୀମାନ୍ତ ଉପଯୋଗିତା ପାଉଥିବା ଦ୍ରବ୍ୟ ପାଇଁ ପ୍ରତିସ୍ଥାପନ କରୁଥିବାରୁ ଏହି ସୂତ୍ରକୁ ମଧ୍ୟ ପ୍ରତିସ୍ଥାପନ ସୂତ୍ର କୁହାଯାଏ ।

**ସୂତ୍ରର ସୀମାବଦ୍ଧତା**

ଏହି ସୂତ୍ରର କାର୍ଯ୍ୟକାରୀତା କେତେକ ସର୍ତ୍ତ ଉପରେ ଆଧାରିତ । ସେହି ସମସ୍ତ ସର୍ତ୍ତ ପୂରଣ ନ ହୋଇପାରିବା ଯୋଗୁଁ ଏହା ବାସ୍ତବ ଜଗତରେ କାର୍ଯ୍ୟକାରୀ ହୋଇପାରେ ନାହିଁ । ଉକ୍ତ ସୂତ୍ରର ସୀମାବଦ୍ଧତା ନିମ୍ନରେ ଉପସ୍ଥାପନା କରାଯାଇଅଛି ।

(1) ଜଣେ ବିଚାରବୁଦ୍ଧିସମ୍ପନ୍ନ ସ୍ୱାଭାବିକ ତଥା ବିବେକୀ ଉପଭୋକ୍ତା ସର୍ବଦା ବିଭିନ୍ନ ଦ୍ରବ୍ୟର ସୀମାନ୍ତ ଉପଯୋଗିତା ତୁଳନା କରି ସେଗୁଡ଼ିକୁ କ୍ରୟ କରିଥାନ୍ତି । କିନ୍ତୁ ବାସ୍ତବ ଜଗତରେ ଖାଉଟିମାନେ

ବିଭିନ୍ନ ଦ୍ରବ୍ୟର ଉପଯୋଗିତାକୁ ସଠିକ ଭାବରେ ହିସାବ କରି ନ ଥାନ୍ତି। କେତେକ କ୍ଷେତ୍ରରେ ବ୍ୟୟ ବିବେକ ଉପରେ ନିର୍ଭରଶୀଳ ନ ହୋଇ ପରମ୍ପରା ଜନିତ ହୋଇଥାଏ। ଅନ୍ତ୍ୟେଷ୍ଟିକ୍ରିୟା, ବିବାହ, ବ୍ରତ ଆଦିରେ ଖର୍ଚ୍ଚ ଏହି ପ୍ରକାରର ବ୍ୟୟ ଅଟେ।

(2) ଉପଯୋଗିତା ଏକ ବ୍ୟକ୍ତିପରକ ତଥା ମନୋଗତ ଧାରଣା ହୋଇଥିବାରୁ ଏହାର ପରିମାଣାତ୍ମକ ପରିମାପ ଅସମ୍ଭବ ହୋଇଥାଏ।

(3) ଅବିଭାଜ୍ୟ ତଥା ମୂଲ୍ୟବାନ ଦ୍ରବ୍ୟ ଯଥା ମୋଟରଗାଡ଼ି, ବାସଗୃହ, ରେଫ୍ରିଜେରେଟର ଆଦି କ୍ଷେତ୍ରରେ ଏହି ସୂତ୍ର ପ୍ରଯୁଜ୍ୟ ହେବ ନାହିଁ। ଏସବୁ ଦ୍ରବ୍ୟ କ୍ଷେତ୍ରରେ ଟଙ୍କାଏ ପରେ ଟଙ୍କାଏ ଖର୍ଚ୍ଚ କରାଯାଇ ପାରିବ ନାହିଁ। ସୁତରାଂ ଏହି ସମସ୍ତ ଦ୍ରବ୍ୟ କ୍ଷେତ୍ରରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତାକୁ ତୁଳନା କରିବା ଅସମ୍ଭବ।

(4) ଏହି ସୂତ୍ରର ଏକ ମୁଖ୍ୟ ସର୍ତ୍ତ ହେଲା ମୁଦ୍ରାର ପ୍ରାନ୍ତୀୟ ଉପଯୋଗିତା ସ୍ଥିର ରହିବ। କିନ୍ତୁ ଏହା ଅସମ୍ଭବ। ଉପଭୋକ୍ତାଙ୍କ ମୁଦ୍ରାର ପରିମାଣ ହ୍ରାସ ହେଲେ ସୀମାନ୍ତ ଉପଯୋଗିତା ବୃଦ୍ଧି ପାଇଥାଏ ଏବଂ ମୁଦ୍ରାର ପରିମାଣ ବୃଦ୍ଧି ହେଲେ ସୀମାନ୍ତ ଉପଯୋଗିତା ହ୍ରାସ ପାଇଥାଏ।

(5) ଦ୍ରବ୍ୟର ବଜାର ଦର ବାରମ୍ବାର ପରିବର୍ତ୍ତନ ହେଲେ ସୂତ୍ରଟିକୁ ଅନୁସରଣ କରି କ୍ରୟ କରିବା ଅସମ୍ଭବ ହୋଇପଡ଼େ। ଦର ପରିବର୍ତ୍ତନ ଯୋଗୁଁ ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତାର ମଧ୍ୟ ପରିବର୍ତ୍ତନ ହୋଇଥାଏ। ତେଣୁ ବିଭିନ୍ନ ଦ୍ରବ୍ୟ କ୍ଷେତ୍ରରେ ଏହାର ତୁଳନାତ୍ମକ ବିଚାର କଷ୍ଟସାଧ୍ୟ ହୁଏ।

(6) ମୁକ୍ତଦ୍ରବ୍ୟ କ୍ଷେତ୍ରରେ ଏହି ସୂତ୍ର ପ୍ରଯୁଜ୍ୟ ନୁହେଁ କାରଣ ଏଠାରେ ଦ୍ରବ୍ୟଟିକୁ ପାଇବା ପାଇଁ କିଛି ପାରଣା ଦେବାକୁ ପଡ଼େ ନାହିଁ। ଏଠାରେ ଦ୍ରବ୍ୟ ପାଇବା ପାଇଁ ବ୍ୟୟ କରିବାକୁ ପଡୁ ନ ଥିବାରୁ ଗୋଟିଏ ଦ୍ରବ୍ୟରୁ ଆଉ ଗୋଟିଏ ଦ୍ରବ୍ୟକୁ ମୁଦ୍ରା ବ୍ୟୟ ସ୍ଥାନାନ୍ତର କରିବା ଆବଶ୍ୟକ ପଡ଼େ ନାହିଁ।

**ସୀମାନ୍ତ ଉପଯୋଗିତା ସୂତ୍ରର ବ୍ୟବହାରିକ ଗୁରୁତ୍ୱ**

ଉପରଲିଖିତ ସୀମାବଦ୍ଧତା ସତ୍ତ୍ୱେ ସମସୀମାନ୍ତ ଉପଯୋଗିତା ସୂତ୍ର ଆର୍ଥନୀତିକ କାର୍ଯ୍ୟକଳାପର ପ୍ରତ୍ୟେକ ଶାଖାରେ ବହୁଳ ଭାବରେ ପ୍ରୟୋଗ କରାଯାଇଥାଏ।

(1) **ଉପଭୋଗ:** ଉପଭୋଗ କ୍ଷେତ୍ରରେ ଖାଉଟି ଏହି ନିୟମର ବଶବର୍ତ୍ତୀ। ସୀମିତ ଆୟରୁ ସର୍ବାଧିକ ଉପଯୋଗିତା ଲାଭ କରିବା ପ୍ରତ୍ୟେକ ଉପଭୋକ୍ତାଙ୍କ ପ୍ରଧାନ ଲକ୍ଷ୍ୟ। ଏହି ଲକ୍ଷ୍ୟ ସାଧନ ନିମିତ୍ତ

ସେ ଗୋଟିଏ ଦ୍ରବ୍ୟ ବଦଳରେ ଅନ୍ୟ ଗୋଟିଏ ଦ୍ରବ୍ୟ ପ୍ରତିସ୍ଥାପନ କରି ଚାଲିଥାନ୍ତି । ବିଭିନ୍ନ ଦ୍ରବ୍ୟରେ ବ୍ୟୟିତ ଶେଷମୁଦ୍ରା ଏକକର ଉପଯୋଗିତା ସମାନ ହେବାପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହେ । ସୁତରାଂ ଏହି ସୂତ୍ର ଉପଭୋଗ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

(2) **ଉତ୍ପାଦନ:** ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏହି ସୂତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉପଲବ୍ଧ ସମ୍ବଳ ବ୍ୟବହାର କରି ସର୍ବାଧିକ ଉତ୍ପାଦ ହାସଲ କରିବା ପ୍ରତ୍ୟେକ ଉତ୍ପାଦନକାରୀଙ୍କର ଲକ୍ଷ୍ୟ ହୋଇଥାଏ । ଏହି ଲକ୍ଷ୍ୟ ହାସଲ ନିମିତ୍ତ ଉତ୍ପାଦନକାରୀଙ୍କୁ ସ୍ୱଳ୍ପ ଉତ୍ପାଦିତା ବିଶିଷ୍ଟ ସାଧନ ସ୍ଥାନରେ ଅଧିକ ଉତ୍ପାଦିତ ବିଶିଷ୍ଟ ସାଧନଗୁଡ଼ିକୁ ପ୍ରତିସ୍ଥାପନ କରନ୍ତି ଯଦ୍ୱାରା ବିଭିନ୍ନ ସାଧନର ସୀମାନ୍ତ ଉତ୍ପାଦ ସମାନ ହେବ ଏବଂ ମୋଟ ଉତ୍ପାଦ ସର୍ବାଧିକ ହେବ ।

(3) **ରାଷ୍ଟ୍ରବିତ୍ତ:** ରାଷ୍ଟ୍ରବିତ୍ତ ସରକାରଙ୍କର ଆୟ, ବ୍ୟୟ ଓ ଋଣର ଅଧ୍ୟୟନ କରେ । ସରକାର ତାଙ୍କର ସମ୍ବଳକୁ ବିଭିନ୍ନ ବିଭାଗ ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, କୃଷି ଓ ଶିଳ୍ପରେ ଏପରି ଭାବରେ ବ୍ୟୟ କରନ୍ତି, ଯେପରି ପ୍ରତ୍ୟେକ କ୍ଷେତ୍ରରେ ବ୍ୟୟ ହେଉଥିବା ମୁଦ୍ରାର ସୀମାନ୍ତ ଉପଯୋଗିତା ସମାନ ହେବ । ଏହାଦ୍ୱାରା ରାଷ୍ଟ୍ରବ୍ୟୟରୁ ସାମାଜିକ କଲ୍ୟାଣ ସର୍ବାଧିକ ହୋଇଥାଏ ।

### 2.1.5 ଉପଭୋକ୍ତା ସନ୍ତୁଳନର ସର୍ତ୍ତାବଳୀ (Conditions of Consumer's Equilibrium)

'ସନ୍ତୁଳନ' କହିଲେ କୌଣସି ବ୍ୟକ୍ତି ବା ବସ୍ତୁର ଭାରସାମ୍ୟ ଅବସ୍ଥାକୁ ବୁଝାଇଥାଏ । ଅର୍ଥାତ୍ ଏକ ବ୍ୟକ୍ତି ବା ବସ୍ତୁର ସ୍ଥିତାବସ୍ଥାରେ ପରିବର୍ତ୍ତନ ହେବା ପ୍ରବୃତ୍ତିର ଅନୁପସ୍ଥିତିକୁ 'ସନ୍ତୁଳନ' କୁହାଯାଏ ।

ସାଧାରଣତଃ ଉପଭୋକ୍ତାଙ୍କୁ ଜଣେ ବିଚାର ବୁଦ୍ଧିସମ୍ପନ୍ନ ସ୍ୱାଭାବିକ ତଥା ବିବେକୀ ବ୍ୟକ୍ତି ବୋଲି ବିବେଚନା କରାଯାଏ । ତାଙ୍କର ସର୍ବଶ୍ରେଷ୍ଠ ଲକ୍ଷ୍ୟ ହେଲା ବିଭିନ୍ନ ଦ୍ରବ୍ୟ ଉପଭୋଗରୁ ସର୍ବାଧିକ ଉପଯୋଗିତା ବା ପରିତୃପ୍ତି ହାସଲ କରିବା । ଯେତେବେଳେ ସେ ତାଙ୍କର ଉପଲବ୍ଧ ସମ୍ବଳକୁ ବିଭିନ୍ନ ଦ୍ରବ୍ୟରେ ବ୍ୟୟ କରି ସର୍ବାଧିକ ପରିତୃପ୍ତି ପାଆନ୍ତି, ସେତେବେଳେ ସେ ସନ୍ତୁଳନ ଅବସ୍ଥାରେ ପହଞ୍ଚନ୍ତି ।

ଉପଭୋକ୍ତା ସନ୍ତୁଳନର ସର୍ତ୍ତାବଳୀ ନିମ୍ନରେ ଉପସ୍ଥାପନା କରାଯାଇଛି ।

(୧) ଉପଭୋକ୍ତା ବଜାରରେ କୌଣସି ଦ୍ରବ୍ୟ କ୍ରୟ କଲାବେଳେ ଦ୍ରବ୍ୟର ଦର ସହ ଏହାର ସୀମାନ୍ତ ଉପଯୋଗିତାକୁ ତୁଳନା କରିଥାଆନ୍ତି । ଦ୍ରବ୍ୟର ସୀମାନ୍ତ ଉପଯୋଗିତା ଯେତେବେଳେ ଦର ସହିତ ସମାନ ହୁଏ, ସେହି ବିନ୍ଦୁରେ ସେ ସର୍ବାଧିକ ପରିତୃପ୍ତି ପାଇଥାନ୍ତି । ସୁତରାଂ, ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ କ୍ରୟ କରିବା ସମୟରେ ସନ୍ତୁଳନ ଲାଭ କରିବେ ଯଦି

ଦ୍ରବ୍ୟର ସୀମାନ୍ତ ଉପଯୋଗିତା = ଦ୍ରବ୍ୟର ଦର।

(୨) କୌଣସି ଦ୍ରବ୍ୟ ବିନା ପାଉଣାରେ ଅସୀମ ପରିମାଣରେ ଉପଲବ୍ଧ ହେଲେ ମଧ୍ୟ ଉପଭୋକ୍ତା ସେହି ଦ୍ରବ୍ୟକୁ ସମ୍ପୂର୍ଣ୍ଣ ଉପଭୋଗ ନକରି ସେହି ପରିମାଣରେ ଉପଭୋଗ କରିବେ ଯେଉଁଠାରେ ସୀମାନ୍ତ ଉପଯୋଗିତା ଶୂନ୍ୟ ଓ ମୋଟ ଉପଯୋଗିତା ସର୍ବାଧିକ ହୁଏ। ସୁତରାଂ, ଉପଭୋକ୍ତା ସନ୍ତୁଳନ ସ୍ଥିତିରେ ପହଞ୍ଚିବେ ଯେତେବେଳେ

ସୀମାନ୍ତ ଉପଯୋଗିତା = ୦ (ଶୂନ୍ୟ)

(୩) ଜଣେ ଉପଭୋକ୍ତାଙ୍କ ପାଖରେ ଥିବା ମୁଦ୍ରା ବିଭିନ୍ନ ଦ୍ରବ୍ୟରେ ଏପରି ବ୍ୟୟ କରାଯିବା ଆବଶ୍ୟକ, ଯଦ୍ଵାରା ସମସ୍ତ ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା ସମାନ ହେବ ଏବଂ ମୋଟ ଉପଯୋଗିତା ସର୍ବାଧିକ ହେବ ଅର୍ଥାତ୍ ସେ ସନ୍ତୁଳନ ଲାଭ କରିବେ।

ଯଦି ଉପଭୋକ୍ତା ଦୁଇଟି ଦ୍ରବ୍ୟ ଯଥା A ଓ Bରେ ବ୍ୟୟ କରନ୍ତି ସେ ସନ୍ତୁଳନ ହାସଲ କରିବେ, ଯଦି

ଦ୍ରବ୍ୟ Aରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା = ଦ୍ରବ୍ୟ Bରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା

ଯେହେତୁ ଗୋଟିଏ ଦ୍ରବ୍ୟରେ ବ୍ୟୟିତ ମୁଦ୍ରା ଏକକର ସୀମାନ୍ତ ଉପଯୋଗିତା =

$$\frac{\text{ଦ୍ରବ୍ୟର ଉପଯୋଗିତା}}{\text{ସେହି ଦ୍ରବ୍ୟର ଦର}}$$ , ମୋଟ ଉପଯୋଗିତା ସର୍ବାଧିକ ହେବ ଏବଂ

ଉପଭୋକ୍ତା ସନ୍ତୁଳନ ହାସଲ କରିବେ ଯଦି

$$\frac{\text{ଦ୍ରବ୍ୟ Aର ସୀମାନ୍ତ ଉପଯୋଗିତା}}{\text{ଦ୍ରବ୍ୟ Aର ଦର}} = \frac{\text{ଦ୍ରବ୍ୟ Bର ସୀମାନ୍ତ ଉପଯୋଗିତା}}{\text{ଦ୍ରବ୍ୟ Bର ଦର}}$$

ଯଦି ଉପଭୋକ୍ତା $X_1, X_2, X_3, \ldots\ldots, X_n$ ନାମକ nଟି ଦ୍ରବ୍ୟରେ ତାଙ୍କ ପାଖରେ ଥିବା ମୁଦ୍ରାକୁ ବ୍ୟୟ କରନ୍ତି, ସେ ସନ୍ତୁଳନ ଅବସ୍ଥାରେ ପହଞ୍ଚିବେ ଯେତେବେଳେ

$$\frac{\text{ଦ୍ରବ୍ୟ } X_1 \text{ ର ସୀମାନ୍ତ ଉପଯୋଗିତା}}{\text{ଦ୍ରବ୍ୟ } X_1 \text{ ର ଦର}} = \frac{\text{ଦ୍ରବ୍ୟ } X_2 \text{ ର ସୀମାନ୍ତ ଉପଯୋଗିତା}}{\text{ଦ୍ରବ୍ୟ } X_2 \text{ ର ଦର}} \ldots\ldots$$

$$= \frac{\text{ଦ୍ରବ୍ୟ } X_n \text{ ର ସୀମାନ୍ତ ଉପଯୋଗିତା}}{\text{ଦ୍ରବ୍ୟ } Xn \text{ ର ଦର}}$$

ଅର୍ଥାତ୍, ଜଣେ ଉପଭୋକ୍ତା ତାଙ୍କର ଉପଲବ୍ଧ ସମ୍ବଳ (ବା ମୁଦ୍ରା)କୁ ବିଭିନ୍ନ ଦ୍ରବ୍ୟରେ ବ୍ୟୟ କରି ସନ୍ତୁଳନ ଅବସ୍ଥାରେ ପହଞ୍ଚିବେ ଯେତେବେଳେ ପ୍ରତ୍ୟେକ ଦ୍ରବ୍ୟର ସୀମାନ୍ତ ଉପଯୋଗିତା ଓ ଦରର ଅନୁପାତ ସମାନ ହେବ।

## 2.2 ଚାହିଦା (Demand)

### 2.2.1 ଚାହିଦାର ଅର୍ଥ

ସାଧାରଣ ଭାଷାରେ ଚାହିଦା କହିଲେ ଗୋଟିଏ ଦ୍ରବ୍ୟ ପାଇବାର ଇଚ୍ଛାକୁ ବୁଝାଏ। କିନ୍ତୁ ଅର୍ଥଶାସ୍ତ୍ରରେ 'ଚାହିଦା' ଶବ୍ଦର ଏକ ସ୍ୱତନ୍ତ୍ର ଅର୍ଥ ରହିଛି। କେବଳ ଦ୍ରବ୍ୟ ପାଇବାର ଇଚ୍ଛାକୁ ଚାହିଦା କୁହାଯାଇ ପାରିବ ନାହିଁ। ଅର୍ଥଶାସ୍ତ୍ରରେ ଚାହିଦା କହିଲେ ଦ୍ରବ୍ୟ ପ୍ରାପ୍ତିର ଫଳପ୍ରଦ ଇଚ୍ଛାକୁ ବୁଝାଏ। ଚାହିଦା ବା ଇଚ୍ଛାକୁ ଫଳପ୍ରଦ କରିବାକୁ ହେଲେ ତିନିଗୋଟି ସର୍ତ୍ତ ପୂରଣ କରିବାକୁ ହେବ। ତାହା ହେଲା- (i) ଉପଭୋକ୍ତାଙ୍କର ଗୋଟିଏ ଦ୍ରବ୍ୟ ବା ସେବା ପାଇବାକୁ ଇଚ୍ଛା ଥିବ, (ii) ତାଙ୍କର ପାଉଣା ବା ଦର ଦେବା ପାଇଁ ସାମର୍ଥ୍ୟ ଥିବ ଏବଂ (iii) ଆବଶ୍ୟକ ଅର୍ଥ ଖର୍ଚ୍ଚ କରିବାର ସମ୍ମତି ଥିବ। ଯଦି ଦ୍ରବ୍ୟ କ୍ରୟ କରିବାପାଇଁ ଉପଭୋକ୍ତାଙ୍କର ଆବଶ୍ୟକୀୟ ସାମର୍ଥ୍ୟ ନ ଥିବ ଏବଂ ପୁନଶ୍ଚ ଆର୍ଥିକ ସାମର୍ଥ୍ୟ ଥାଇ ମଧ୍ୟ ଯଦି ଦ୍ରବ୍ୟର ପାଉଣା ଦେବାପାଇଁ ତାଙ୍କର ଆଗ୍ରହ ନ ଥିବ, ଦ୍ରବ୍ୟ ପାଇବାର ଇଚ୍ଛାକୁ ଚାହିଦା କୁହାଯାଇ ପାରିବ ନାହିଁ। ତେଣୁ ଅର୍ଥଶାସ୍ତ୍ରରେ ଚାହିଦା କହିଲେ, ଦ୍ରବ୍ୟ ପ୍ରାପ୍ତିର ଇଚ୍ଛା ଥିବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ଦ୍ରବ୍ୟ କ୍ରୟପାଇଁ ଆବଶ୍ୟକ ସାମର୍ଥ୍ୟ ଓ ଅର୍ଥବ୍ୟୟ କରିବାର ସମ୍ମତିକୁ ବୁଝାଇଥାଏ।

ପୁନଶ୍ଚ, ଚାହିଦା ସର୍ବଦା ଦର ସମ୍ପର୍କିତ ହୋଇ ପ୍ରକାଶିତ ହୁଏ। ଯଦି ଆମେ କହିବା ଭଦ୍ରକରେ କୁକୁଡ଼ା ମାଂସର ଚାହିଦା 10 କୁଇଣ୍ଟାଲ, ଏହି ଉକ୍ତି ନିରର୍ଥକ ମନେହୁଏ। କିନ୍ତୁ ଆମେ ଯଦି କହିବା କିଲୋଗ୍ରାମ ପ୍ରତି 150 ଟଙ୍କା ଦରରେ ଭଦ୍ରକରେ କୁକୁଡ଼ା ମାଂସର ଚାହିଦା 10କୁଇଣ୍ଟାଲ ଏହାର ଅର୍ଥ କେତେକାଂଶରେ ବୁଝାପଡ଼େ। ଚାହିଦା ସମୟ ସହିତ ମଧ୍ୟ ସଂଶ୍ଳିଷ୍ଟ। ଚାହିଦା ସର୍ବଦା ଦ୍ରବ୍ୟ ଦର ଓ ସମୟର ଏକକ ଯଥା ଦିନ, ସପ୍ତାହ କିମ୍ବା ମାସ ସହ ଯୁକ୍ତ ହୋଇ ପ୍ରକାଶ କରାଯାଏ। ଯଦି ଆମେ କହିବା କିଲୋଗ୍ରାମ ପ୍ରତି କୁକୁଡ଼ା ମାଂସ ଦର 150 ଟଙ୍କା ଥିଲାବେଳେ ଭଦ୍ରକରେ ଗୋଟିଏ ଦିନରେ କୁକୁଡ଼ା ମାଂସର ଚାହିଦା 10 କୁଇଣ୍ଟାଲ, ଚାହିଦାର ଅର୍ଥ ସ୍ପଷ୍ଟ ହୋଇଥାଏ।

ସୁତରାଂ, ବଜାରରେ ଏକ ଦ୍ରବ୍ୟର ଏକ ନିର୍ଦ୍ଦିଷ୍ଟ ଦରରେ ଏକ ନିର୍ଦ୍ଧାରିତ ସମୟରେ କ୍ରୟ ହେଉଥିବା ଦ୍ରବ୍ୟର ପରିମାଣକୁ ଚାହିଦା କୁହାଯାଏ। ବିଶିଷ୍ଟ ଅର୍ଥଶାସ୍ତ୍ରୀ Benhamଙ୍କ ଭାଷାରେ "The demand for anything

at a given price is the amount of it which will be bought per unit of time at that price." ଅର୍ଥାତ୍, ଗୋଟିଏ ନିର୍ଦ୍ଦିଷ୍ଟ ଦରରେ ଏକ ଦ୍ରବ୍ୟର ଚାହିଦା କହିଲେ ଏକକ ସମୟରେ ସେହି ଦରରେ ଯେତିକି ପରିମାଣରେ ସେହି ଦ୍ରବ୍ୟ କିଣାଯିବ ତାହାକୁ ବୁଝାଯାଏ।

## 2.2.2 ଚାହିଦାର ନିର୍ଣ୍ଣାୟକ (ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ ସମୂହ)

କୌଣସି ଏକ ଦ୍ରବ୍ୟ ପାଇଁ ଚାହିଦା ବିଭିନ୍ନ ଉପାଦାନ ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ଉପାଦାନ ସମୂହକୁ ଚାହିଦାର ନିର୍ଣ୍ଣାୟକ କୁହାଯାଏ। ଏହିସବୁ ନିମ୍ନରେ ଆଲୋଚିତ ହୋଇଅଛି।

1. **ଦ୍ରବ୍ୟର ଦର:** ମୁଖ୍ୟତଃ ଦ୍ରବ୍ୟର ଚାହିଦା ତାହାର ଦର ଦ୍ୱାରା ପ୍ରଭାବିତ ହୋଇଥାଏ। ସାଧାରଣତଃ ଦ୍ରବ୍ୟର ଦର କମିଲେ ତାହାର ଚାହିଦାର ପରିମାଣ ବୃଦ୍ଧିପାଏ ଏବଂ ଦର ବଢ଼ିଲେ ତାହାର ଚାହିଦାର ପରିମାଣ ହ୍ରାସ ପାଏ।

2. **ଉପଭୋକ୍ତାର ଆୟ:** ଉପଭୋକ୍ତାର ଦ୍ରବ୍ୟ ପ୍ରତି ଚାହିଦା ତାର ଆୟ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ। ଆୟର ବୃଦ୍ଧି ଘଟିଲେ ଦ୍ରବ୍ୟର ଚାହିଦା ବୃଦ୍ଧି ପାଇଥାଏ। ଆୟ ହ୍ରାସ ପାଇଲେ ଦ୍ରବ୍ୟର ଚାହିଦା ହ୍ରାସ ପାଇଥାଏ। ଆୟ ଏବଂ ଚାହିଦା ମଧ୍ୟରେ ଧନାତ୍ମକ ସମ୍ପର୍କ ସ୍ୱାଭାବିକ ଦ୍ରବ୍ୟ କ୍ଷେତ୍ରରେ ହୋଇଥାଏ।

3. **ସମ୍ବନ୍ଧିତ ଦ୍ରବ୍ୟର ଦର:** ଦ୍ରବ୍ୟର ଚାହିଦା ଅନ୍ୟାନ୍ୟ ସମ୍ବନ୍ଧିତ ଦ୍ରବ୍ୟର ଦର ଉପରେ ମଧ୍ୟ ନିର୍ଭର କରିଥାଏ। ସମ୍ବନ୍ଧିତ ଦ୍ରବ୍ୟ ଦୁଇ ପ୍ରକାର। ତାହା ହେଲା– ପରିପୂରକ ଦ୍ରବ୍ୟ ଏବଂ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ। ରୁଟି ଓ ଲହୁଣୀ ପରିପୂରକ ଦ୍ରବ୍ୟର ଉଦାହରଣ। ରୁଟିର ଦାମ୍ କମିଲେ ଲହୁଣୀର ଚାହିଦା ବୃଦ୍ଧି ହେବ ଏବଂ ଲହୁଣୀର ଦାମ୍ କମିଲେ ରୁଟିର ଚାହିଦା ବୃଦ୍ଧି ହେବ। ଚା ଏବଂ କଫି ପ୍ରତିସ୍ଥାପନକ୍ଷମ ଦ୍ରବ୍ୟର ଉଦାହରଣ। କଫିର ଦାମ୍ ବୃଦ୍ଧି ହେଲେ ଚା'ର ଚାହିଦା ବୃଦ୍ଧି ହେବ ଏବଂ କଫି ଦାମ୍‌ର ହ୍ରାସ ହେଲେ ଚା'ର ଚାହିଦା ହ୍ରାସ ପାଇବ।

4. **ଉପଭୋକ୍ତାର ରୁଚି ଓ ଆଗ୍ରହ:** ଚାହିଦା ଉପଭୋକ୍ତାର ରୁଚି, ଆଗ୍ରହ, ଅଭ୍ୟାସ ଓ ସାମାଜିକ ପ୍ରଥା ଉପରେ ନିର୍ଭର କରେ। ଦ୍ରବ୍ୟର ଦର ଓ ଆୟ ସ୍ଥିର ରହି, ଏସବୁ ମଧ୍ୟରୁ ଯେକୌଣସି ଗୋଟିଏର ପରିବର୍ତ୍ତନ ହେଲେ ଚାହିଦାର ପରିବର୍ତ୍ତନ ଘଟିବ।

5. **ଆୟର ବଣ୍ଟନ:** ବଜାରରେ ସାମଗ୍ରିକ ଚାହିଦା ସମାଜରେ ଆୟର ବଣ୍ଟନ ଉପରେ ମଧ୍ୟ ନିର୍ଭର କରିଥାଏ। ଯଦି ଆୟର ସମବଣ୍ଟନ ହୁଏ, ଆୟର ଅଧିକ ଅଂଶ ଦରିଦ୍ର ଲୋକଙ୍କ ପାଖକୁ ଯିବ। ଫଳରେ ସାଧାରଣଭାବେ ଦରିଦ୍ର ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକ ଦ୍ରବ୍ୟର

ଚାହିଦା ବୃଦ୍ଧି ପାଇବ ଏବଂ ବିଳାସଦ୍ରବ୍ୟ ଉପଭୋଗ କରୁଥିବା ଧନୀ ଲୋକଙ୍କର ଚାହିଦା ହ୍ରାସ ପାଇବ । ସେହିପରି ଯଦି ଆୟ ବଣ୍ଟନ ଅସମାନ ହୁଏ ଧନୀ ଲୋକ ଉପଭୋଗ କରୁଥିବା ବିଳାସ ଦ୍ରବ୍ୟର ଚାହିଦା ବୃଦ୍ଧି ପାଇବ ।

6. **ଦର ପ୍ରତ୍ୟାଶା:** ଦ୍ରବ୍ୟର ଚାହିଦା କେବଳ ପ୍ରଚଳିତ ଦର ଉପରେ ନିର୍ଭର କରେ ନାହିଁ । ଦ୍ରବ୍ୟର ଭବିଷ୍ୟତ ଦର ଉପରେ ମଧ୍ୟ ଚାହିଦା ନିର୍ଭର କରିଥାଏ । ଯଦି ନିକଟ ଭବିଷ୍ୟତରେ ଦର ବୃଦ୍ଧିର ଆଶଙ୍କା ଥାଏ, ପ୍ରଚଳିତ ଦରରେ ଚାହିଦା ବୃଦ୍ଧି ହୋଇଥାଏ । ସେହିପରି ଯଦି ନିକଟ ଭବିଷ୍ୟତରେ ଦର ହ୍ରାସ ପାଇବାର ଆଶଙ୍କା ଥାଏ, ପ୍ରଚଳିତ ଦରରେ ଚାହିଦା ହ୍ରାସ ପାଇଥାଏ ।

7. **ସରକାରଙ୍କର କରନୀତି:** ଯଦି ସରକାର ଦ୍ରବ୍ୟ ଉପରେ ଅଧିକ ହାରରେ କର ଧାର୍ଯ୍ୟ କରନ୍ତି, ସେସବୁର ଚାହିଦା ହ୍ରାସ ପାଇଥାଏ । କର ହାର ହ୍ରାସ ପାଇଲେ ଦରର ଚାହିଦା ବୃଦ୍ଧି ଘଟେ ।

8. **ଦେଶର ଅର୍ଥନୈତିକ ଅବସ୍ଥା:** ଦ୍ରବ୍ୟର ଚାହିଦା ମଧ୍ୟ ଦେଶର ଅର୍ଥନୈତିକ ଅବସ୍ଥା ଉପରେ ନିର୍ଭର କରେ । ଯେତେବେଳେ ଅର୍ଥ ବ୍ୟବସ୍ଥାରେ ଅଭିବୃଦ୍ଧି ଘଟୁଥାଏ, ନିଯୁକ୍ତି ଏବଂ ଆୟ ଆଦି ବୃଦ୍ଧି ହୋଇଥାଏ ଏବଂ ସେଥିପାଇଁ ସମସ୍ତ ଦ୍ରବ୍ୟର ଦର ବୃଦ୍ଧି ପାଇଥାଏ । ଅବକ୍ଷୟ ସମୟରେ ସବୁ ଦ୍ରବ୍ୟର ଚାହିଦା ହ୍ରାସ ପାଇଥାଏ ।

9. **ଜନସଂଖ୍ୟାର ଆକାର, ଗଠନ ଓ ବୃଦ୍ଧିହାର:** ଦ୍ରବ୍ୟ ଗୁଡ଼ିକର ଚାହିଦା ଦେଶର ଜନସଂଖ୍ୟାର ଆକାର ଏବଂ ଗଠନ ଉପରେ ନିର୍ଭର କରିଥାଏ । ଜନସଂଖ୍ୟା ବୃଦ୍ଧି ପାଇଲେ ସବୁପ୍ରକାର ଦ୍ରବ୍ୟର ଚାହିଦା ମଧ୍ୟ ବୃଦ୍ଧି ପାଇଥାଏ ।

10. **ପ୍ରଦର୍ଶନ ପ୍ରଭାବ:** ଜଣେ ଉପଭୋକ୍ତାଙ୍କର ଚାହିଦା ତାଙ୍କର ପ୍ରତିବେଶୀର ଚାହିଦା ଦ୍ୱାରା ପ୍ରଭାବିତ ହୋଇଥାଏ । ଯଦି ତାଙ୍କର ପ୍ରତିବେଶୀ ତୁଳନାତ୍ମକ ଭାବେ ଅଧିକ ଧନୀ ହୋଇଥାନ୍ତି, ଏବଂ ସେ ଅଧିକ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରନ୍ତି ସେ ମଧ୍ୟ ତାଙ୍କୁ ଅନୁକରଣ କରି ସେହି ଦ୍ରବ୍ୟ କ୍ରୟ କରନ୍ତି । ଏହାକୁ ପ୍ରଦର୍ଶନ ପ୍ରଭାବ କୁହାଯାଏ ।

### 2.2.3 ଚାହିଦାର ପ୍ରକାର ଭେଦ

ନିମ୍ନରେ ବିଭିନ୍ନ ପ୍ରକାର ଚାହିଦାର ବ୍ୟାଖ୍ୟା କରାଗଲା ।

1. **ପ୍ରତ୍ୟକ୍ଷ ଚାହିଦା ଏବଂ ବ୍ୟୁତ୍ପନ୍ନ ଚାହିଦା:** ଦ୍ରବ୍ୟପାଇଁ ଚାହିଦା ହେଲା ପ୍ରତ୍ୟକ୍ଷ ଚାହିଦା (Direct demand) କାରଣ ଏହା ମାନବର ଅଭାବ ପ୍ରତ୍ୟକ୍ଷ ଭାବରେ ପୂରଣ କରିଥାଏ । କିନ୍ତୁ ଦ୍ରବ୍ୟ ଉତ୍ପାଦନ ନିମନ୍ତେ ଉତ୍ପାଦନର ସାଧନ ଯଥା ଭୂମି, ଶ୍ରମ, ପୁଞ୍ଜି ଓ ସଙ୍ଗଠନର ଚାହିଦା ସୃଷ୍ଟି ହୋଇଥାଏ । ଉତ୍ପାଦନର ଏହି ସାଧନଗୁଡ଼ିକର ଚାହିଦାକୁ ବ୍ୟୁତ୍ପନ୍ନ ଚାହିଦା (Derived demand) କୁହାଯାଏ ।

2. **ସଂଯୁକ୍ତ ଚାହିଦା ଓ ମିଶ୍ରିତ ଚାହିଦା:** ଗୋଟିଏ ନିର୍ଦ୍ଦିଷ୍ଟ ଅଭାବ ପୂରଣ କରିବା ନିମନ୍ତେ ଯଦି ଦୁଇଟି ଦ୍ରବ୍ୟର ଚାହିଦା ଏକସଙ୍ଗେ ସୃଷ୍ଟି ହୁଏ ତାହାକୁ ସଂଯୁକ୍ତ ଚାହିଦା କୁହାଯାଏ। ମୋଟର ସାଇକେଲ ଓ ପେଟ୍ରୋଲ ସଂଯୁକ୍ତ ଚାହିଦାର ଉଦାହରଣ। ବିଦ୍ୟୁତ୍ ଶକ୍ତିର ଚାହିଦା ବିଭିନ୍ନ ସୂତ୍ରରୁ ଆସିଥାଏ। ଆମେ ବିଦ୍ୟୁତ୍ ଶକ୍ତି ରନ୍ଧନପାଇଁ, ଆଲୋକପାଇଁ, ରେଳଗାଡ଼ିର ଇନ୍ଧନପାଇଁ, ଜଳସେଚନ ପାଇଁ ଆବଶ୍ୟକ କରିଥାଉ। ସୁତରାଂ ବିଦ୍ୟୁତ୍ ଶକ୍ତିର ଚାହିଦା ମିଶ୍ରିତ ଚାହିଦାର ଉଦାହରଣ।

3. **ବିକଳ୍ପ ଚାହିଦା:** ଗୋଟିଏ ନିର୍ଦ୍ଦିଷ୍ଟ ଚାହିଦା ପୂରଣ ନିମନ୍ତେ ଯଦି ବିଭିନ୍ନ ବିକଳ୍ପ ଦ୍ରବ୍ୟ ଉପଲବ୍ଧ ହୁଏ ସେସବୁର ଚାହିଦାକୁ ବିକଳ୍ପ ଚାହିଦା କୁହାଯାଇଥାଏ। କିରୋସିନି, ବିଦ୍ୟୁତଶକ୍ତି, ଗ୍ୟାସର ଚାହିଦାକୁ ବିକଳ୍ପ ଚାହିଦା କୁହାଯାଏ କାରଣ ଏ ସମସ୍ତ ଦ୍ରବ୍ୟ ଆଲୋକ ଦେବାପାଇଁ ବ୍ୟବହୃତ ହୋଇଥାଆନ୍ତି।

### 2.2.4. ଚାହିଦା ଫଳନ (Demand Function)

ପୂର୍ବରୁ ଆଲୋଚିତ ହୋଇଛି ଯେ ଗୋଟିଏ ଦ୍ରବ୍ୟର ଚାହିଦା ବିଭିନ୍ନ ଉପାଦାନ ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ଉପାଦାନ ଗୁଡ଼ିକରେ ପରିବର୍ତ୍ତନ ହେଲେ ଚାହିଦାରେ ପରିବର୍ତ୍ତନ ହୁଏ। ଚାହିଦା ଏବଂ ଉପାଦାନ ଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ଚାହିଦା ଫଳନ କୁହାଯାଏ।

ଗାଣିତିକ ଚିହ୍ନ ବ୍ୟବହାର କରି ଚାହିଦା ଫଳନ ନିମ୍ନମତେ ପ୍ରକାଶ କରାଯାଇପାରେ।

ଯଥା, $D_x = f(P_X, P_R, Y, T)$ ଏକ ଚାହିଦା ଫଳନ।

$D_x$ = X ଦ୍ରବ୍ୟର ଚାହିଦାର ପରିମାଣ।

$P_x$ = X ଦ୍ରବ୍ୟର ଦର।

$P_R$ = ସମ୍ବନ୍ଧିତ ଦ୍ରବ୍ୟର ଦର।

Y = ଉପଭୋକ୍ତାର ଆୟ।

T = ଉପଭୋକ୍ତାର ରୁଚି।

ଦ୍ରବ୍ୟର ଦର ବ୍ୟତୀତ ଚାହିଦାର ଅନ୍ୟାନ୍ୟ ଉପାଦାନ ଯଥା ଉପଭୋକ୍ତାର ଆୟ, ସମ୍ବନ୍ଧିତ ଦ୍ରବ୍ୟର ଦର ଓ ଉପଭୋକ୍ତାର ରୁଚି ଅପରିବର୍ତ୍ତିତ ରହିଲେ, ଦ୍ରବ୍ୟର ଚାହିଦାର ପରିମାଣ କେବଳ ତାର ଦର ଉପରେ ନିର୍ଭର କରିଥାଏ। ସେ କ୍ଷେତ୍ରରେ ଚାହିଦା ଫଳନକୁ $D_x = f(P_x)$ ବୋଲି ଲେଖାଯାଇପାରେ। ଏହି ସମ୍ବନ୍ଧକୁ ଚାହିଦା ସୂତ୍ର ମାଧ୍ୟମରେ ଅଧ୍ୟୟନ କରାଯାଏ।

### 2.2.5 ଚାହିଦା ସୂତ୍ର

ଦ୍ରବ୍ୟର ଦର ଓ ଚାହିଦାର ପରିମାଣ ମଧ୍ୟରେ ବିପରୀତ ସମ୍ପର୍କ ଚାହିଦା ସୂତ୍ର ଦ୍ୱାରା ପ୍ରକାଶିତ। ଏହି ସୂତ୍ର ଅନୁଯାୟୀ "ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ହ୍ରାସ ହେଲେ ଏହାର ଚାହିଦାର ପରିମାଣ ବୃଦ୍ଧି ପାଏ ଏବଂ ଦର ବୃଦ୍ଧି ହେଲେ ଚାହିଦାର ପରିମାଣ ହ୍ରାସ ପାଏ।" Alfred Marshall ଚାହିଦା ସୂତ୍ରର ସଂଜ୍ଞା ଦେବାକୁ ଯାଇ କହିଛନ୍ତି "ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହି କୌଣସି ଦ୍ରବ୍ୟର ଦର ହ୍ରାସ ହେଲେ ଚାହିଦାର ପରିମାଣ ବୃଦ୍ଧି ପାଏ ଏବଂ ଦର ବୃଦ୍ଧି ହେଲେ ଚାହିଦାର ପରିମାଣ ହ୍ରାସ ପାଏ।" ସେହିପରି Fergusonଙ୍କ ମତରେ "ଚାହିଦାର ପରିମାଣ ଦର ସହ ବିପରୀତ ଭାବେ ପରିବର୍ତ୍ତିତ ହୋଇଥାଏ।" Samuelsonଙ୍କ ଭାଷାରେ "ଚାହିଦା ସୂତ୍ର ବ୍ୟକ୍ତ କରେ ଯେ ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହିଲେ ଲୋକମାନେ କମ ଦରରେ ବେଶୀ କିଣିବେ ଏବଂ ବେଶୀ ଦରରେ କମ କିଣିବେ।"

ଚାହିଦା ସୂତ୍ର ଦ୍ରବ୍ୟ ଦର ଏବଂ ଚାହିଦାର ପରିମାଣ ମଧ୍ୟରେ ବିପରୀତ ସମ୍ପର୍କ ସ୍ଥାପନ କରୁଥିବାରୁ ଏହାକୁ ନିମ୍ନଲିଖିତ ସାଙ୍କେତିକ ଚିହ୍ନ ମାଧ୍ୟମରେ ପ୍ରକାଶ କରାଯାଇପାରେ। ତାହାହେଲା, $Q^d_x \propto \frac{1}{P_x}$, ceteris - paribus।

ଏଠାରେ $Q^d_x$ = X ଦ୍ରବ୍ୟର ଚାହିଦାର ପରିମାଣ।

$P_x$ = X ଦ୍ରବ୍ୟର ଦର।

Ceteris paribus = ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହିବା।

**ଚାହିଦା ସୂତ୍ରର ସର୍ତ୍ତ (Assumptions)**

ଚାହିଦା ସୂତ୍ର "ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହିବା" ସର୍ତ୍ତାବଳୀ ଉପରେ ପର୍ଯ୍ୟବସିତ। ସେଗୁଡ଼ିକ ହେଲା-

(1) ଉପଭୋକ୍ତା ଜଣେ ବିଚାରବୁଦ୍ଧିସମ୍ପନ୍ନ ସ୍ୱାଭାବିକ ବ୍ୟକ୍ତି ହୋଇଥିବେ।

(2) ଉପଭୋକ୍ତାଙ୍କ ଆୟର ପରିବର୍ତ୍ତନ ହେବ ନାହିଁ।

(3) ସମ୍ବନ୍ଧିତ ଦ୍ରବ୍ୟର ଦର ଅପରିବର୍ତ୍ତିତ ରହିବ।

(4) ଉପଭୋକ୍ତାଙ୍କ ରୁଚି ଅପରିବର୍ତ୍ତିତ ରହିବ।

(5) ସମାଜରେ ଆୟ ବଣ୍ଟନରେ ସ୍ଥିତାବସ୍ଥା ବଜାୟ ରହିବ।

(6) ଦ୍ରବ୍ୟଟି ସାଧାରଣ ଦ୍ରବ୍ୟ ହୋଇଥିବା ବାଞ୍ଛନୀୟ।

(7) ଜନସଂଖ୍ୟା ସ୍ଥିର ରହିବ।

**ସୂତ୍ରର ବ୍ୟାଖ୍ୟା**

ଚାହିଦା ସୂତ୍ର ଅନୁସାରେ ଗୋଟିଏ ଜିନିଷର ଦର ଏବଂ ତାର ଚାହିଦାର ପରିମାଣ ମଧ୍ୟରେ ବିପରୀତ ସମ୍ବନ୍ଧ ଥାଏ। ଏହା କିନ୍ତୁ ସମାନୁପାତିକ ସମ୍ବନ୍ଧ ହୋଇ ନପାରେ। ଅର୍ଥାତ୍ ଦ୍ରବ୍ୟର ଦର ଠିକ୍ ଅଧା ହୋଇଗଲେ ଦ୍ରବ୍ୟର ଚାହିଦାର ପରିମାଣ ଠିକ୍ ଦୁଇଗୁଣ ହୋଇ ନପାରେ। ଚାହିଦା ସୂତ୍ର କେବଳ ଦର ପରିବର୍ତ୍ତନ ଯୋଗୁଁ ଚାହିଦାର ପରିମାଣରେ ପରିବର୍ତ୍ତନର ଦିଗ ଦର୍ଶାଇଥାଏ। ସୂତ୍ରଟି (କ) ଚାହିଦା ସୂଚୀ ଏବଂ (ଖ) ଚାହିଦା ରେଖା ସାହାଯ୍ୟରେ ବ୍ୟାଖ୍ୟା କରିହେବ।

**ଚାହିଦା ସୂଚୀ**

ଚାହିଦା ସୂଚୀ ଦୁଇ ପ୍ରକାରର, ଯଥା (1) ବ୍ୟକ୍ତିଗତ ଚାହିଦା ସୂଚୀ (2) ବଜାର ଚାହିଦା ସୂଚୀ।

**(1) ବ୍ୟକ୍ତିଗତ ଚାହିଦା ସୂଚୀ:** ଜଣେ ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ବଜାରରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସେହି ଦ୍ରବ୍ୟର ବିଭିନ୍ନ ଦରରେ କରୁଥିବା ଚାହିଦାର ପରିମାଣର ଏକ ତାଲିକାକୁ ବ୍ୟକ୍ତିଗତ ଚାହିଦା ସୂଚୀ କୁହାଯାଇଥାଏ। ଏହା ସାରଣୀ 2.4 ମାଧ୍ୟମରେ ପ୍ରକାଶ କରାଯାଇପାରେ।

ସାରଣୀ – 2.4 : ବ୍ୟକ୍ତିଗତ ଚାହିଦା ସୂଚୀ

| ଦ୍ରବ୍ୟର ଦର ($P_x$) (କି:ଗ୍ରା: ପିଛା ଟଙ୍କା ଆକାରରେ) | ଗୋଟିଏ ଦିନରେ ଚାହିଦାର ପରିମାଣ ($Q_x$) (କି:ଗ୍ରା: ଆକାରରେ) |
|---|---|
| 6 | 2 |
| 5 | 3 |
| 4 | 4 |
| 3 | 5 |
| 2 | 6 |

ସାରଣୀରୁ ପ୍ରତୀୟମାନ ହେଉଛି ଯେ X ଦ୍ରବ୍ୟର ଦର ହ୍ରାସ ହେଲେ ତାର ଚାହିଦାର ପରିମାଣରେ ବୃଦ୍ଧି ଘଟେ।

**2. ବଜାର ଚାହିଦା ସୂଚୀ:** ବଜାର ଚାହିଦା ଗୋଟିଏ ଦ୍ରବ୍ୟର ବଜାରର ଅନ୍ତର୍ଭୁକ୍ତ ସମସ୍ତ ବ୍ୟକ୍ତିଙ୍କର ଚାହିଦାର ସମଷ୍ଟିକୁ ବୁଝାଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ଦ୍ରବ୍ୟର ବିଭିନ୍ନ ଦରରେ

ହେଉଥିବା ସମସ୍ତ ଉପଭୋକ୍ତାଙ୍କର ଚାହିଦାର ପରିମାଣର ତାଲିକାକୁ ବଜାର ଚାହିଦା ସୂଚୀ କୁହାଯାଇଥାଏ। ସରଳତା ଦୃଷ୍ଟିରୁ ଧରାଯାଉ, ଗୋଟିଏ ବଜାରରେ 2 ଜଣ ବ୍ୟକ୍ତି ଅଛନ୍ତି। ସେମାନେ ହେଲେ A ଏବଂ B। ବିଭିନ୍ନ ଦରରେ ଏହି ଦୁଇ ଜଣ ବ୍ୟକ୍ତିଙ୍କର ଚାହିଦାର ପରିମାଣ ମିଶାଇଲେ ସେହି ସମସ୍ତ ଦରରେ ବଜାର ଚାହିଦା ମିଳେ।

ସାରଣୀ 2.5 ବଜାର ଚାହିଦା ସୂଚୀ

| ଦ୍ରବ୍ୟର ଦର (କି.ଗ୍ରା. ପ୍ରତି ଟଙ୍କା ଆକାରରେ) | A ବ୍ୟକ୍ତିର ଚାହିଦା (କି.ଗ୍ରା.ରେ) | B ବ୍ୟକ୍ତିର ଚାହିଦା (କି.ଗ୍ରା.ରେ) | ମୋଟ ବଜାର ଚାହିଦା ((A+B)ଙ୍କର କି.ଗ୍ରା.ରେ) |
|---|---|---|---|
| 6 | 2 | 4 | 6 |
| 5 | 3 | 6 | 9 |
| 4 | 4 | 8 | 12 |
| 3 | 5 | 10 | 15 |
| 2 | 6 | 12 | 18 |

ଉପଭୋକ୍ତା A ଏବଂ ଉପଭୋକ୍ତା Bର ଚାହିଦା ସାରଣୀକୁ ଯୋଗକଲେ ବଜାର ଚାହିଦା ସୂଚୀ ମିଳିଥାଏ।


**ଚାହିଦା ରେଖା**

ଚାହିଦା ସାରଣୀକୁ ଚିତ୍ର ମାଧ୍ୟମରେ ଉପସ୍ଥାପନା କଲେ ଚାହିଦାରେଖା ଉପଲବ୍ଧ ହୋଇଥାଏ।

ଚାହିଦା ରେଖା ଦୁଇ ପ୍ରକାର, ଯଥା- (1) ବ୍ୟକ୍ତିଗତ ଚାହିଦା ରେଖା (2) ବଜାର ଚାହିଦା ରେଖା।

**(1) ବ୍ୟକ୍ତିଗତ ଚାହିଦା ରେଖା (Individual Demand Curve)**

ପୂର୍ବସୂଚିତ ବ୍ୟକ୍ତିଗତ ଚାହିଦା ସାରଣୀ ଚିତ୍ର ମାଧ୍ୟମରେ ଉପସ୍ଥାପନ କଲେ ଆମେ ବ୍ୟକ୍ତିଗତ ଚାହିଦାରେଖା ପାଇଥାଉ (ଚିତ୍ର 2.4)।




X ଦ୍ରବ୍ୟର ଚାହିଦାର ପରିମାଣ ($Q_x$)

ଚିତ୍ର - 2.4 : ବ୍ୟକ୍ତିଗତ ଚାହିଦା ରେଖା


X ଆନୁଭୂମିକ ଅକ୍ଷରେ ଦ୍ରବ୍ୟର ଚାହିଦା ପରିମାଣ ଦର୍ଶାଯାଇଅଛି । ଦ୍ରବ୍ୟର ଚାହିଦା ହେଲା ଆଶ୍ରିତ ଚଳ । ଏହା ସେହି ଦ୍ରବ୍ୟର ଦର $P_x$ ଉପରେ ନିର୍ଭର କରେ ଯାହା ହେଲା ସ୍ୱାଧୀନ ଚଳ । ସେଥିଲାଗି ଦ୍ରବ୍ୟର ଦର Y ଲମ୍ବ ଅକ୍ଷରେ ଦର୍ଶାଯାଇଅଛି । ବ୍ୟକ୍ତିଗତ ଚାହିଦା ସୂଚୀର ଦ୍ରବ୍ୟର ଦର ଓ ଚାହିଦା ପରିମାଣର ବିଭିନ୍ନ ଯୋଡ଼ା ମୂଲ୍ୟକୁ ପ୍ରତିଫଳିତ କରୁଥିବା ବିନ୍ଦୁ ଗୁଡ଼ିକୁ ଗ୍ରାଫ୍ କାଗଜରେ ଯୋଗକଲେ ଯେଉଁ ରେଖା ମିଳେ ତାକୁ ବ୍ୟକ୍ତିଗତ ଚାହିଦା ରେଖା କୁହାଯାଏ । ଏଠାରେ AB ବ୍ୟକ୍ତିଗତ ଚାହିଦା ରେଖା ସୂଚୀତ କରେ । ପ୍ରଥମରୁ ତାହା ନିରବଚ୍ଛିନ୍ନ ରେଖା ନ ଥାଇପାରେ କିନ୍ତୁ ପରେ ତାହାକୁ ନିରବଚ୍ଛିନ୍ନ କରାଯାଇପାରେ । ସାଧାରଣତଃ, ଏହି ରେଖା ନିମ୍ନଗାମୀ ହୋଇଥାଏ । ଏହା ଦ୍ରବ୍ୟର ଦର ଏବଂ ତାର ଚାହିଦା ମଧ୍ୟରେ ପ୍ରତିଲୋମୀ ବା ଋଣାତ୍ମକ ସମ୍ବନ୍ଧ ଯୋଗୁଁ ହୋଇଥାଏ ।

**2. ବଜାର ଚାହିଦା ରେଖା (Market Demand Curve)**

ବଜାର ଚାହିଦା ସୂଚୀକୁ ଚିତ୍ର ମାଧ୍ୟମରେ ପ୍ରକାଶ କଲେ ବଜାର ଚାହିଦାରେଖା ମିଳେ । ପୂର୍ବସୂଚିତ ସାରଣୀ 2.5କୁ ଚିତ୍ର 2.5 ମାଧ୍ୟମରେ ପ୍ରକାଶିତ କରାଯାଇଅଛି ।

Aର ଚାହିଦା ସୂଚୀକୁ ଚିତ୍ରରେ ପ୍ରକାଶ କରି ତାର ଚାହିଦା ରେଖା $D_A$ ଭାବେ ଚିହ୍ନିତ କରାଯାଇଅଛି । ସେହି ଉପାୟରେ Bର ଚାହିଦା ରେଖା $D_B$ ଭାବେ ଚିହ୍ନିତ କରାଯାଇଛି । ଚିତ୍ର ସୂଚାଇଅଛି ଯେ 6 ଟଙ୍କା ଦରବେଳେ A ଓ B ର ଚାହିଦାର ପରିମାଣ ଯଥାକ୍ରମେ 2 କି.ଗ୍ରା. ଓ 4 କି.ଗ୍ରା. । ଏଣୁ 6 ଟଙ୍କା ଦରରେ ବଜାର ଚାହିଦା 2 + 4 = 6 କି.ଗ୍ରା. ଆନୁଭୂମିକ ଅକ୍ଷରେ ଦର୍ଶାଯାଇଅଛି । ସେହିପରି ଅନ୍ୟ ଦରରେ ବଜାର ଚାହିଦାର ପରିମାଣ ମଧ୍ୟ ଆନୁଭୂମିକ ଅକ୍ଷରେ ଦର୍ଶାଗଲା । ଏଣୁ ବଜାର ଚାହିଦା ରେଖା ବ୍ୟକ୍ତିଗତ

ଚାହିଦା ରେଖା ଗୁଡ଼ିକର ଆନୁଭୂମିକ ସମଷ୍ଟି ଦ୍ୱାରା ନିର୍ଣ୍ଣୟ କରାଗଲା । ଏହା ମଧ୍ୟ ବ୍ୟକ୍ତିଗତ ଚାହିଦା ରେଖା ପରି ନିମ୍ନଗାମୀ କିନ୍ତୁ ବ୍ୟକ୍ତିଗତ ଚାହିଦା ରେଖା ଅପେକ୍ଷା ଅଧିକ ଚେପ୍ଟା ବା ଚଟକା ।




ଚିତ୍ର - 2.5 : ବ୍ୟକ୍ତିକ ଓ ବଜାର ଚାହିଦାରେଖା

### ଚାହିଦାରେଖା ନିମ୍ନଗାମୀ ହେବାର କାରଣ (ଚାହିଦା ସୂତ୍ର କାର୍ଯ୍ୟକାରୀ ହେବାର କାରଣ)

ଚାହିଦା ସୂତ୍ର ଗୋଟିଏ ଜିନିଷର ଦର ଏବଂ ତାର ଚାହିଦାର ପରିମାଣ ମଧ୍ୟରେ ବିପରୀତ ସମ୍ପର୍କକୁ ଦର୍ଶାଇଥାଏ । ଏଣୁ ଚାହିଦା ରେଖା ନିମ୍ନଗାମୀ ହୁଏ । ନିମ୍ନଲିଖିତ କାରଣ ଯୋଗୁଁ ଚାହିଦାରେଖା ନିମ୍ନଗାମୀ ହୋଇଥାଏ ଓ ଚାହିଦା ସୂତ୍ର କାର୍ଯ୍ୟ କରିଥାଏ ।

1. **କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର : (Diminishing Marginal Utility)** ଉପଭୋକ୍ତା ଗୋଟିଏ ଦ୍ରବ୍ୟରୁ ଅଧିକ ଏକକ ଉପଭୋଗ କଲେ ତାହାର ସୀମାନ୍ତ ଉପଯୋଗିତା ହ୍ରାସ ପାଏ । ଗୋଟିଏ ବିବେକୀ ଉପଭୋକ୍ତା ତାର ପରିତୃପ୍ତି ସର୍ବାଧିକ କରିବାକୁ ଚେଷ୍ଟିତ ଥାଏ । ଯେତେବେଳେ ଦର ସହ ସୀମାନ୍ତ ଉପଯୋଗିତା ସମାନ ହୁଏ ମୋଟ ପରିତୃପ୍ତି ସର୍ବାଧିକ ହୁଏ । ଯେତେବେଳେ ସେ ଦ୍ରବ୍ୟର ଅଧିକ ଏକକ ଉପଭୋଗ କରେ ତାର ସୀମାନ୍ତ ଉପଯୋଗିତା ହ୍ରାସ ପାଉଥିବାରୁ ସେ କମ ଦର ଦେବା ପାଇଁ ଚାହିଁଥାଏ ଏବଂ ଯେତେବେଳେ ସେ କମ ଉପଭୋଗ କରେ ତାର ସୀମାନ୍ତ ଉପଯୋଗିତା ଅଧିକ ହୁଏ ଏବଂ ସେ ଅଧିକ ଦର ଦେବାପାଇଁ ଚାହେଁ । ଏଣୁ ଦର ଅଧିକ ବେଳେ ସେ କମ କ୍ରୟ କରେ ଓ ଦର କମ ହେଲେ ଅଧିକ କ୍ରୟ କରେ ।

2. **ଆୟ ପ୍ରଭାବ (Income Effect) :** ଦ୍ରବ୍ୟର ଦର କମିଲେ ଉପଭୋକ୍ତାର ମୌଦ୍ରିକ ଆୟ ଅପରିବର୍ତ୍ତିତ ଥାଇ ତାର ବାସ୍ତବ ଆୟ ବୃଦ୍ଧି ପାଏ । ସେ ନିଜ ଅବସ୍ଥାକୁ ଅପେକ୍ଷାକୃତ ଭାବେ ଭଲ

ବୋଲି ବିଚାର କରେ। ସେଥିନିମନ୍ତେ ସେ ସେହି ଦ୍ରବ୍ୟକୁ ଅଧିକ କିଣିପାରେ ଯାହାକୁ ଆୟ ପ୍ରଭାବ କୁହାଯାଇଥାଏ।

ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ବୁଝାଯାଇ ପାରିବ। ଧରାଯାଉ, ଜଣେ ଉପଭୋକ୍ତା ଚକୋଲେଟ୍ ପିଛା 2 ଟଙ୍କା ଦରବେଳେ 10ଟି ଚକୋଲେଟ୍ ପ୍ରତ୍ୟେକ ଦିନ ଉପଭୋଗ କରେ। ସେ ଚକୋଲେଟ ବାବଦରେ 20 ଟଙ୍କା ଖର୍ଚ୍ଚ କରେ। ଧରାଯାଉ, ଚକୋଲେଟ୍‌ର ଦର 1 ଟଙ୍କା ହୋଇଗଲା। ତାର ଆୟ 20 ଟଙ୍କା ଅପରିବର୍ତ୍ତିତ ଥିଲେ ସେ ପୂର୍ବଭଳି 10ଟି ଚକୋଲେଟ୍ କିଣିସାରିବା ପରେ ଆହୁରି 10 ଟଙ୍କା ଉଦ୍‌ବୃତ୍ତ ରହିବ। ଏଠାରେ ତାର ମୌଦ୍ରିକ ଆୟ ବୃଦ୍ଧି ନ ପାଇ ମଧ୍ୟ ତା ପାଖରେ ଅଧିକ କ୍ରୟଶକ୍ତି ରହିଅଛି। ଏହାକୁ ବାସ୍ତବ ଆୟର ବୃଦ୍ଧି ବୋଲି କୁହାଯାଇଥାଏ। ଉଦ୍‌ବୃତ୍ତ 10 ଟଙ୍କା ସାହାଯ୍ୟରେ ଉପଭୋକ୍ତା ଯେଉଁ ଅଧିକ ଚକୋଲେଟ୍ କିଣିବ ତାହାକୁ ଆୟ ପ୍ରଭାବ କୁହାଯାଇଥାଏ।

3. ପ୍ରତିସ୍ଥାପନ ପ୍ରଭାବ (**Substitution Effect**) : ଗୋଟିଏ ଦ୍ରବ୍ୟର ଦର କମିଲେ ତାହା ଅନ୍ୟ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ତୁଳନାରେ ଅପେକ୍ଷାକୃତ ଶସ୍ତା ହୋଇଥାଏ। ଉପଭୋକ୍ତାଙ୍କର ସାଧାରଣ ମନସ୍ତତ୍ତ୍ୱ ଅନୁସାରେ ସେମାନେ ଅପେକ୍ଷାକୃତ ଅଧିକ ଦରର ଜିନିଷ ବଦଳରେ କମ ଦରର ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ କ୍ରୟ କରିଥାନ୍ତି। ଚା ଦର କମିଗଲେ ଲୋକମାନେ କଫି ବଦଳରେ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ଚାକୁ ଅଧିକ କ୍ରୟ କରନ୍ତି। ଏହାକୁ ପ୍ରତିସ୍ଥାପନ ପ୍ରଭାବ କୁହାଯାଇଥାଏ।

4. ନୂତନ ଉପଭୋକ୍ତାଙ୍କର ପ୍ରବେଶ (**New Consumers**) : କିଛି ଉପଭୋକ୍ତା ଦ୍ରବ୍ୟର ଦର ଅଧିକ ଥିଲାବେଳେ ଦ୍ରବ୍ୟଟିକୁ ଉପଭୋଗ କରିପାରି ନ ଥାନ୍ତି। ଦର ହ୍ରାସ ପାଇଲେ ସେମାନେ ତାକୁ ଉପଭୋଗ କରିବାକୁ ସମର୍ଥ ହୁଅନ୍ତି। ଏଣୁ ଦ୍ରବ୍ୟର ଦର ହ୍ରାସ ପାଇଲେ ବଜାର ଚାହିଦା ବୃଦ୍ଧି ପାଏ କାରଣ ପୁରାତନ ଉପଭୋକ୍ତାଙ୍କ ସାଙ୍ଗରେ ନୂତନ ଉପଭୋକ୍ତା ମାନେ ମଧ୍ୟ ଦ୍ରବ୍ୟକୁ ଉପଭୋଗ କରନ୍ତି।

**ସୂତ୍ରର ବ୍ୟତିକ୍ରମ ବା ସୀମାବଦ୍ଧତା (Exceptions)**

1. ଗିଫେନ୍ ଦ୍ରବ୍ୟ (**Giffen Goods**) : ଅତ୍ୟନ୍ତ ନିକୃଷ୍ଟ ଦ୍ରବ୍ୟ (ଅଥବା ଗିଫେନ୍ ଦ୍ରବ୍ୟ) କ୍ଷେତ୍ରରେ ସୂତ୍ରଟି କାର୍ଯ୍ୟ କରି ନ ଥାଏ। ଆୟାର୍ଲାଣ୍ଡର ଅର୍ଥନୀତିଜ୍ଞ Robert Giffenଙ୍କ ନାମ ଅନୁସାରେ ଏହାକୁ ଗିଫେନ୍‌ଙ୍କ ବିରୋଧାଭାସ ବୋଲି କୁହାଯାଇଥାଏ। ସେ ଦେଖିଲେ ଯେ ଆଳୁକୁ ଆୟାର୍ଲାଣ୍ଡର ଅଧିବାସୀମାନେ ନିକୃଷ୍ଟ ଦ୍ରବ୍ୟ ହିସାବରେ ବିବେଚନା କରୁଛନ୍ତି। ଏହା ଗରିବ ଲୋକମାନଙ୍କର ପ୍ରଧାନ ଖାଦ୍ୟ। ଆଳୁର ଦର ବୃଦ୍ଧି ହେଲାବେଳେ ସେମାନେ ଆଳୁ ପାଇଁ ଅଧିକ ମୁଦ୍ରା ଖର୍ଚ୍ଚ କରନ୍ତି। ତେଣୁ ତାଙ୍କ ପାଖରେ ମାଂସ ଆଦି କିଣିବା ପାଇଁ ମୁଦ୍ରା ରହେ ନାହିଁ। ବଂଚିବା ପାଇଁ ମାଂସ ବଦଳରେ ଆଉ କିଛି ଆଳୁ କିଣି ଚଳିଯିବା ବ୍ୟତୀତ ତାଙ୍କର ଆଉ କିଛି ଉପାୟ ନଥାଏ। ଏଣୁ ଆଳୁ ଭଳି ଏକ ନିକୃଷ୍ଟ ଦ୍ରବ୍ୟ କ୍ଷେତ୍ରରେ ଚାହିଦା ସୂତ୍ର କାର୍ଯ୍ୟ କରେ ନାହିଁ। କିଛି ଲୋକଙ୍କ ପାଇଁ

ଯାହା ଗିଫେନ୍ ଦ୍ରବ୍ୟ ଅନ୍ୟ କିଛି ଲୋକଙ୍କ ପାଇଁ ତାହା ଗିଫେନ୍ ଦ୍ରବ୍ୟ ନ ହୋଇପାରେ । ଗିଫେନ୍ ଦ୍ରବ୍ୟ କହିଲେ ଯେଉଁ ନିକୃଷ୍ଟ ଦ୍ରବ୍ୟ କ୍ଷେତ୍ରରେ ସୁରୁଚି ପ୍ରଯୁଜ୍ୟ ନୁହେଁ ତାକୁ ବୁଝାଇଥାଏ ।

2. **ଦୃଷ୍ଟି ଆକର୍ଷକ ଉପଭୋଗ ବା ବାହ୍ୟାଡମ୍ବରପୂର୍ଣ୍ଣ ଉପଭୋଗ (Conspicuous Consumption) :** କେତେଗୁଡ଼ିଏ ଦ୍ରବ୍ୟକୁ ଧନୀଶ୍ରେଣୀର ଲୋକମାନେ ତାର ଅନ୍ତର୍ନିହିତ ମୂଲ୍ୟ ପାଇଁ ନୁହେଁ ନିଜର ଅହମିକା ପାଇଁ ଚାହିଦା କରିଥାଆନ୍ତି । ସେଗୁଡ଼ିକ ସେମାନଙ୍କର ପଦମର୍ଯ୍ୟାଦା ପ୍ରତୀକ ଦ୍ରବ୍ୟ ଅଟେ । ଏହି କ୍ଷେତ୍ରରେ ଦରବୃଦ୍ଧି ହେଲେ ଲୋକେ ଅଧିକ ଚାହିଦା କରନ୍ତି । ଏହାର ଉଦାହରଣ ହେଲା ସୁନା ଏବଂ ହୀରା । ସୁନା ଏବଂ ହୀରାର ମୂଲ୍ୟ ବୃଦ୍ଧି ଘଟିଲେ ମଧ୍ୟ ଧନୀ ଲୋକମାନେ ସେଥିରୁ ଅଧିକ ଚାହିଦା କରନ୍ତି କାରଣ ଏହା ତାଙ୍କର ମର୍ଯ୍ୟାଦା ବୃଦ୍ଧି କରିବ । Thorstein Veblen ଏହାକୁ ଦୃଷ୍ଟି ଆକର୍ଷକ ଉପଭୋଗ କହିଛନ୍ତି । ସୁନାର ଦର ଅତ୍ୟନ୍ତ କମ ହେଲେ ତାକୁ କେହି କିଣିବେ ନାହିଁ, କାରଣ ତାହାର ଅନ୍ତର୍ନିହିତ ମୂଲ୍ୟ ବହୁତ କମ । କେବଳ ପ୍ରଦର୍ଶନ ପ୍ରଭାବ ଯୋଗୁଁ ସୁନାର ଚାହିଦା କରାଯାଇଥାଏ ।

3. **ଭବିଷ୍ୟତରେ ଦାମରେ ପରିବର୍ତ୍ତନର ଆଶା ଏବଂ ଫାଟକା କାରବାର (Expected Change in Price and Speculation) :** ଭବିଷ୍ୟତ ଦର ବିଷୟରେ ଲୋକଙ୍କର ଆଶା ଯୋଗୁଁ ମଧ୍ୟ ସମୟ ସମୟରେ ଚାହିଦାରେ ବ୍ୟତିକ୍ରମ ଦେଖା ଦେଇଥାଏ । ମଉଡ଼ି ସମୟରେ ଲୋକମାନେ ଚଢ଼ା ଦରରେ ମଧ୍ୟ ଅଧିକ ଚାହିଦା କରିଥାନ୍ତି । କାରଣ ସେମାନେ ଆଶଙ୍କା କରନ୍ତି ଯେ ଭବିଷ୍ୟତରେ ଦର ଆହୁରି ବୃଦ୍ଧି ପାଇବ । ସେହିପରି ଗୋଟିଏ ଦ୍ରବ୍ୟର ଦର ହ୍ରାସ ପାଉଥିଲାବେଳେ ଲୋକମାନେ ଅଧିକ ନ କିଣି କମ କିଣିପାରନ୍ତି କାରଣ ସେମାନେ ଆଶା କରନ୍ତି ଭବିଷ୍ୟତରେ ଦର ଆହୁରି ହ୍ରାସ ପାଇବ । ଏଠାରେ ଲୋକମାନେ ଫାଟକା କାରବାରରେ ଲିପ୍ତ ରହି ଥାଆନ୍ତି ।

4. **ଅତ୍ୟନ୍ତ ଆବଶ୍ୟକ ଦ୍ରବ୍ୟ (Necessaries for Life) :** ଦରକୁ ଦୃଷ୍ଟି ନ ରଖି ସମୟ ସମୟରେ ଲୋକମାନେ ଅତ୍ୟନ୍ତ ଆବଶ୍ୟକ ଦ୍ରବ୍ୟକୁ ଚାହିଦା କରିଥାଆନ୍ତି । ଦିଆସିଲି, ଲୁଣ ଆଦି ଦ୍ରବ୍ୟକୁ ଲୋକମାନେ ନିର୍ଦ୍ଦିଷ୍ଟ ପରିମାଣରେ ସବୁବେଳେ କିଣନ୍ତି । ଦର ସାଙ୍ଗରେ ଏହାର କିଛି ସମ୍ପର୍କ ନ ଥାଏ । ଆଧୁନିକ ଚଳଣିରେ କେତେଗୁଡ଼ିଏ ଦ୍ରବ୍ୟ ଯଥା ମୋବାଇଲ୍ ଫୋନ୍, ମୋଟର ସାଇକେଲ୍ ଇତ୍ୟାଦି ଅତ୍ୟାବଶ୍ୟକ ହୋଇ ପଡ଼ିଛି । ସେ କ୍ଷେତ୍ରରେ ଦର ଯାହାହେଲେ ମଧ୍ୟ ଲୋକମାନେ ତାକୁ କ୍ରୟ କରନ୍ତି ।


5. **ଅଜ୍ଞତା (Ignorance) :** ଖାଉଟି ବା ଉପଭୋକ୍ତାଙ୍କ ଅଜ୍ଞତା ଯୋଗୁଁ ସେମାନେ ଅଧିକ ଦରରେ ଚାହିଦା ମଧ୍ୟ କରିଥାନ୍ତି । ସେହି ଲୋକମାନଙ୍କର ଧାରଣା ଯେ ଅଧିକ ଦରର ଜିନିଷ ଉତ୍ତମମାନର ଅଟେ । ଏଣୁ ସେମାନେ ତାକୁ ଅଧିକ ଚାହିଦା କରନ୍ତି ।

## 2.2.6 ଚାହିଦା ପରିମାଣରେ ପରିବର୍ତ୍ତନ ଓ ଚାହିଦାରେ ପରିବର୍ତ୍ତନ ବା ଚାହିଦା ରେଖାରେ ଗତି ଓ ଚାହିଦା ରେଖାର ସ୍ଥାନଚ୍ୟୁତି (Change in Quantity Demanded and Change in Demand)

'ଚାହିଦାରେ ପରିବର୍ତ୍ତନ' ଓ 'ଚାହିଦା ପରିମାଣରେ ପରିବର୍ତ୍ତନ' ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଧାରଣା । ସୁତରାଂ ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ସମ୍ପର୍କରେ ବ୍ୟାଖ୍ୟା କରିବା ସମୀଚିନ ମନେହୁଏ ।

### ଚାହିଦା ପରିମାଣରେ ପରିବର୍ତ୍ତନ (ବା ଚାହିଦା ରେଖାରେ ଗତି)

ଦ୍ରବ୍ୟର ଦର ବ୍ୟତୀତ ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ ସମସ୍ତ ଉପାଦାନ, ଯଥା- ଉପଭୋକ୍ତାଙ୍କ ଆୟ, ସମ୍ବନ୍ଧିତ ଦ୍ରବ୍ୟଗୁଡ଼ିକର ଦର, ଉପଭୋକ୍ତାଙ୍କ ରୁଚି ଓ ଅଭ୍ୟାସ ଆଦି ସ୍ଥିର ରହି କେବଳ ଦ୍ରବ୍ୟର ଦର ପରିବର୍ତ୍ତନ ହେଲେ, ଦ୍ରବ୍ୟର ଚାହିଦା ପରିମାଣରେ ପରିବର୍ତ୍ତନ ହୋଇଥାଏ । ଏ କ୍ଷେତ୍ରରେ ଦର ପରିବର୍ତ୍ତନ ଯୋଗୁ ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ଚାହିଦା ରେଖାର ଗୋଟିଏ ବିନ୍ଦୁରୁ ଆଉ ଗୋଟିଏ ବିନ୍ଦୁକୁ ଗତି କରିଥାନ୍ତି । ଫଳରେ ଚାହିଦା 'ସମ୍ପ୍ରସାରଣ' ବା 'ସଂକୋଚନ' ଘଟିଥାଏ । ଅନ୍ୟାନ୍ୟ ଉପାଦାନ ସ୍ଥିର ରହି ଦ୍ରବ୍ୟର ଦର ବୃଦ୍ଧି ହେଲେ ଚାହିଦାର ପରିମାଣ ହ୍ରାସ ପାଏ ବା ଚାହିଦାର ସଂକୋଚନ ହୁଏ । ଅପର ପକ୍ଷରେ ଅନ୍ୟାନ୍ୟ ଉପାଦାନ ସ୍ଥିର ରହି ଦ୍ରବ୍ୟର ଦର ହ୍ରାସ ହେଲେ ଚାହିଦାର ପରିମାଣ ବୃଦ୍ଧି ହୁଏ ବା ଚାହିଦାର ସମ୍ପ୍ରସାରଣ ହୁଏ । ଚାହିଦା ପରିମାଣରେ ପରିବର୍ତ୍ତନ ଯୋଗୁ ଚାହିଦା ରେଖାର ସ୍ଥାନଚ୍ୟୁତି ହୋଇ ନ ଥାଏ; ଉପଭୋକ୍ତା ଚାହିଦା ରେଖାରେ ଗୋଟିଏ ବିନ୍ଦୁରୁ ଅନ୍ୟ ବିନ୍ଦୁକୁ ଗତି କରିଥାଏ । ଚିତ୍ର 2.6.ରୁ ଏହି ଧାରଣା ସ୍ପଷ୍ଟ ହୁଏ ।




ଚିତ୍ର - 2.6 : ଚାହିଦା ପରିମାଣରେ ପରିବର୍ତ୍ତନ (ବା ଚାହିଦା ରେଖାରେ ଗତି)

ଚିତ୍ର - 2.6ରେ ଦ୍ରବ୍ୟର OP ଦରରେ ଜଣେ ଉପଭୋକ୍ତା ଚାହିଦା ରେଖା $d_0d_0$ ର M ବିନ୍ଦୁରେ କ୍ରୟ କରନ୍ତି । ଏଠାରେ ଚାହିଦାର ପରିମାଣ OQ ହୋଇଥାଏ । ଦର $OP_1$କୁ ହ୍ରାସ ହେଲେ ସେ ଚାହିଦା ରେଖା $d_0d_0$ର

$d_2d_2$କୁ ସ୍ଥାନାନ୍ତରିତ ହୋଇଅଛି । ଅପରପକ୍ଷରେ ଉପଭୋକ୍ତାର ଆୟ ତଥା ମାଛପ୍ରତି ରୁଚିର ହ୍ରାସ ପାଇଲେ ମାଛର ସେହି $OP_0$ ଦରରେ ଚାହିଦା $OQ_0$ ରୁ $OQ_2$ କୁ ହ୍ରାସ ପାଇଛି । ଏ କ୍ଷେତ୍ରରେ ମୂଳ ଚାହିଦା ରେଖା $d_0d_0$ ବାମକୁ ଅର୍ଥାତ୍ $d_1d_1$କୁ ସ୍ଥାନାନ୍ତରିତ ହୋଇଅଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଚାହିଦା ପରିମାଣରେ ପରିବର୍ତ୍ତନ ଯୋଗୁଁ, ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ଚାହିଦା ରେଖାର ଏକ ବିନ୍ଦୁରୁ ଆଉ ଏକ ବିନ୍ଦୁକୁ ଗତି କରିଥାନ୍ତି । ମାତ୍ର ଚାହିଦାରେ ପରିବର୍ତ୍ତନ ଯୋଗୁଁ ଉପଭୋକ୍ତା ଗୋଟିଏ ଚାହିଦା ରେଖାରୁ ଆଉ ଏକ ଚାହିଦା ରେଖାକୁ ଗତି କରିଥାନ୍ତି । ପୂର୍ବୋକ୍ତ ଅବସ୍ଥାକୁ ଚାହିଦା ରେଖାରେ ଗତି କୁହାଯିବା ବେଳେ, ପରୋକ୍ତ ଅବସ୍ଥାକୁ ଚାହିଦା ରେଖାର ସ୍ଥାନଚ୍ୟୁତି କୁହାଯାଏ ।

**ଚାହିଦାରେ ପରିବର୍ତ୍ତନ ଓ ଚାହିଦା ପରିମାଣରେ ପରିବର୍ତ୍ତନ ମଧ୍ୟରେ ପାର୍ଥକ୍ୟ**

| ଚାହିଦାରେ ପରିବର୍ତ୍ତନ | ଚାହିଦା ପରିମାଣରେ ପରିବର୍ତ୍ତନ |
|---|---|
| 1. ଦ୍ରବ୍ୟର ଦର ସ୍ଥିର ରହି ଚାହିଦାର ଅନ୍ୟ ଉପାଦାନ ପରିବର୍ତ୍ତନ ହେଲେ ଚାହିଦାରେ ପରିବର୍ତ୍ତନ ହୋଇଥାଏ । | 1. ଚାହିଦାର ଅନ୍ୟ ଉପାଦାନ ଗୁଡ଼ିକ ସ୍ଥିର ରହି କେବଳ ଦ୍ରବ୍ୟର ଦର ପରିବର୍ତ୍ତନ ଯୋଗୁ ଦ୍ରବ୍ୟର ଚାହିଦା ପରିମାଣରେ ପରିବର୍ତ୍ତନ ହୋଇଥାଏ । |
| 2. ଏଠାରେ ଉପଭୋକ୍ତା ଏକ ଚାହିଦା ରେଖାରୁ ଅନ୍ୟ ଏକ ଚାହିଦା ରେଖାକୁ ଗତି କରିଥାନ୍ତି । ଫଳରେ ଚାହିଦା ରେଖା ବାମ ବା ଡାହାଣକୁ ସ୍ଥାନାନ୍ତରିତ ହୋଇଥାଏ । | 2. ଏ କ୍ଷେତ୍ରରେ ଚାହିଦା ରେଖାର ସ୍ଥିତି ସ୍ଥିର ରହେ । ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ଚାହିଦା ରେଖାର ଏକ ବିନ୍ଦୁରୁ ଅନ୍ୟ ବିନ୍ଦୁକୁ ଗତି କରିଥାନ୍ତି । |
| 3. ଚାହିଦାରେ ପରିବର୍ତ୍ତନକୁ ଚାହିଦାର ହ୍ରାସ ବା ଚାହିଦାର ବୃଦ୍ଧି କୁହାଯାଏ । | 3. ଚାହିଦାର ପରିମାଣରେ ପରିବର୍ତ୍ତନକୁ ଚାହିଦାର ସଂକୋଚନ ବା ସଂପ୍ରସାରଣ କୁହାଯାଏ । |

## 2.3 ଚାହିଦାର ଦର ସ୍ଥିତିସ୍ଥାପକତା (Price Elasticity of Demand)

ଚାହିଦା ସୂତ୍ର ଦ୍ରବ୍ୟର ଦର ଓ ଚାହିଦାର ପରିମାଣରେ ବିପରୀତମୁଖୀ ସମ୍ପର୍କ ସ୍ଥାପନ କରିଥାଏ । ଏହି ସୂତ୍ର ଅନୁସାରେ ଚାହିଦାର ଅନ୍ୟାନ୍ୟ ଉପାଦାନମାନ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ହ୍ରାସ ପାଇଲେ ଚାହିଦାର ପରିମାଣରେ ବୃଦ୍ଧି ଓ ଦର ବୃଦ୍ଧି ହେଲେ ଚାହିଦାର ପରିମାଣରେ ହ୍ରାସ ହୁଏ ବୋଲି ସୂଚାଇଥାଏ । କିନ୍ତୁ ଦ୍ରବ୍ୟର ଦରରେ ପରିବର୍ତ୍ତନ ଘଟିଲେ ଚାହିଦାର ପରିମାଣରେ ପରିବର୍ତ୍ତନର ମାତ୍ରା ବା ପରିବର୍ତ୍ତନର ହାର କେତେ ହୁଏ ସେ ବିଷୟରେ ଚାହିଦା ସୂତ୍ର ସୂଚନା ଦେଇ ନଥାଏ । ଚାହିଦାର ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ଏକ ନିର୍ଦ୍ଦିଷ୍ଟ ହାରରେ ପରିବର୍ତ୍ତନ ହେବା ଯୋଗୁଁ ଚାହିଦାର ପରିମାଣରେ ଘଟୁଥିବା ପରିବର୍ତ୍ତନର ମାତ୍ରାକୁ ବା ଚାହିଦାରେ ଘଟୁଥିବା

ସଙ୍କୋଚନ ବା ପ୍ରସାରଣ ମାତ୍ରାକୁ ଚାହିଦାର ଦର ସ୍ଥିତିସ୍ଥାପକତା କୁହାଯାଏ । ସାଧାରଣତଃ, ଚାହିଦାର ଦର ସ୍ଥିତିସ୍ଥାପକତା କହିଲେ ଚାହିଦାର ସ୍ଥିତିସ୍ଥାପକତାକୁ ବୁଝାଇଥାଏ ।

ଚାହିଦାର ସ୍ଥିତିସ୍ଥାପକତା କ'ଣ ସୂଚନା ଦେବାକୁ ଯାଇ ଆଲଫ୍ରେଡ୍ ମାର୍ଶାଲ୍ ଉଲ୍ଲେଖ କରିଛନ୍ତି "ଦରରେ ଏକ ନିର୍ଦ୍ଦିଷ୍ଟ ହ୍ରାସ ହେଲେ ଚାହିଦାର ପରିମାଣ ଅଧିକ ବା କମ ବୃଦ୍ଧି ପାଏ, ବା ଦରରେ ଏକ ନିର୍ଦ୍ଦିଷ୍ଟ ବୃଦ୍ଧି ହେଲେ ଚାହିଦାର ପରିମାଣ ଅଧିକ ବା କମ ହ୍ରାସ ପାଏ, ସେହି ଅନୁସାରେ ବଜାରରେ ଚାହିଦାର ସ୍ଥିତିସ୍ଥାପକତା (ବା ସମ୍ବେଦନଶୀଳତା) ଅଧିକ ବା କମ ହୋଇଥାଏ ।" ଅର୍ଥାତ୍, ଗୋଟିଏ ଦ୍ରବ୍ୟର ଦରରେ ଅଳ୍ପ ପରିବର୍ତ୍ତନ (ହ୍ରାସ ବା ବୃଦ୍ଧି ଘଟିଲେ) ଯଦି ତାର ଚାହିଦାରେ ଅପେକ୍ଷାକୃତ ବେଶୀ ପରିବର୍ତ୍ତନ (ବୃଦ୍ଧି ବା ହ୍ରାସ) ହୁଏ, ତେବେ ଚାହିଦାର ସ୍ଥିତିସ୍ଥାପକତା ଅଧିକ ହୋଇଥାଏ । ସେହିପରି ଦରରେ ବେଶୀ ପରିବର୍ତ୍ତନ ଘଟିଲେ ଯଦି ଚାହିଦାରେ ଅପେକ୍ଷାକୃତ କମ ପରିବର୍ତ୍ତନ ହୁଏ, ତେବେ ଚାହିଦାର ସ୍ଥିତିସ୍ଥାପକତା କମ ହୋଇଥାଏ ।

ଦରରେ ଏକ ନିର୍ଦ୍ଦିଷ୍ଟ ଆନୁପାତିକ (ବା ପ୍ରତିଶତ) ପରିବର୍ତ୍ତନ ଯୋଗୁଁ ଚାହିଦାର ପରିମାଣରେ ଯେଉଁ ଆନୁପାତିକ (ବା ପ୍ରତିଶତ) ପରିବର୍ତ୍ତନ ହୁଏ, ତାହାର ହାରକୁ ଚାହିଦାର ଦର ସ୍ଥିତିସ୍ଥାପକତା କୁହାଯାଏ । ଦ୍ରବ୍ୟର ଚାହିଦାରେ ପରିମାଣର ଆନୁପାତିକ (ବା ପ୍ରତିଶତ) ପରିବର୍ତ୍ତନକୁ ଦରର ଆନୁପାତିକ (ବା ପ୍ରତିଶତ) ପରିବର୍ତ୍ତନକୁ ବିଭାଜନ କରି ଚାହିଦାର ସ୍ଥିତିସ୍ଥାପକତା ହିସାବ କରାଯାଇପାରେ ।

ସୁତରାଂ, ଚାହିଦାର ଦର ସ୍ଥିତିସ୍ଥାପତାର ସୂତ୍ର ହେଲା–

$$E_p \text{ or } E_d = \frac{\text{ଚାହିଦାର ପରିମାଣରେ ଆନୁପାତିକ ପରିବର୍ତ୍ତନ}}{\text{ଦରରେ ଆନୁପାତିକ ପରିବର୍ତ୍ତନ}}$$

$$= \frac{\dfrac{\text{ଚାହିଦା ପରିମାଣରେ ପରିବର୍ତ୍ତନ}}{\text{ପ୍ରାରମ୍ଭିକ ଚାହିଦାର ପରିମାଣ}}}{\dfrac{\text{ଦରରେ ପରିବର୍ତ୍ତନ}}{\text{ପ୍ରାରମ୍ଭିକ ଦର}}}$$

$$= \frac{\dfrac{\Delta Q}{Q}}{\dfrac{\Delta P}{P}}$$

$$= \frac{\Delta Q}{Q} \cdot \frac{P}{\Delta P} = \frac{\Delta Q}{\Delta P} \cdot \frac{P}{Q}$$

ଏଠାରେ, $E_p$ or $E_d$ = ଚାହିଦାର ଦର ସ୍ଥିତିସ୍ଥାପକତା

$Q$ = ପ୍ରାରମ୍ଭିକ ଚାହିଦାର ପରିମାଣ

$\triangle Q$ = ଚାହିଦା ପରିମାଣରେ ପରିବର୍ତ୍ତନ

$P$ = ପ୍ରାରମ୍ଭିକ ଦର

$\triangle P$ = ଦରରେ ପରିବର୍ତ୍ତନ

ଗୋଟିଏ ଉଦାହରଣ ଦ୍ୱାରା ଏହା ବୁଝାଯାଇ ପାରିବ। ଧରାଯାଉ କମଳାର ଦାମ୍ 5 ଟଙ୍କା ବେଳେ ଗୋଟିଏ ପରିବାରର ଦୈନିକ ଚାହିଦାର ପରିମାଣ 10ଟି କମଳା। କମଳାର ଦର 4 ଟଙ୍କା ବେଳେ ଚାହିଦାର ପରିମାଣ 15ଟି କମଳା।

ସୁତରାଂ, $$Ed = \frac{\Delta Q}{Q}.\frac{P}{Q} = \frac{15-10}{4-5}.\frac{5}{10}$$

$$= \frac{5}{-1}.\frac{5}{10} = \frac{-25}{10} = -2.5 \qquad |Ed| = 2.5$$

ଚାହିଦାର ଦର ସ୍ଥିତିସ୍ଥାପକତା ସାଧାରଣତଃ ଋଣାତ୍ମକ କାରଣ ଦର ଓ ଚାହିଦା ମଧ୍ୟରେ ବିପରୀତମୁଖୀ ସମ୍ପର୍କ ଥାଏ। ଏହି ଋଣାତ୍ମକ ଚିହ୍ନକୁ ସାଧାରଣତଃ ଲେଖାଯାଇ ନ ଥାଏ। $E_d = 2.5$ ଅର୍ଥ ହେଲା ଦରର ଆନୁପାତିକ ପରିବର୍ତ୍ତନ ଯେତେ ଚାହିଦା ପରିମାଣର ଆନୁପାତିକ ପରିବର୍ତ୍ତନ ତାର 2.5 ଗୁଣ।


## 2.3.1 ଚାହିଦାର ଦର ସ୍ଥିତିସ୍ଥାପକତାର ପ୍ରକାରଭେଦ

ସମସ୍ତ ଦ୍ରବ୍ୟ କ୍ଷେତ୍ରରେ ଚାହିଦାର ଦର ସ୍ଥିତିସ୍ଥାପକତା ସମାନ ନୁହେଁ। କେତେକ ଦ୍ରବ୍ୟର ଚାହିଦା ଅଧିକ ସ୍ଥିତିସ୍ଥାପକ। ଅନ୍ୟ କେତେକ ଦ୍ରବ୍ୟର ଚାହିଦା କମ ସ୍ଥିତିସ୍ଥାପକ। ଦର ପରିବର୍ତ୍ତନ ଯୋଗୁଁ ଚାହିଦା ପରିମାଣରେ ପରିବର୍ତ୍ତନର ମାତ୍ରା ଉପରେ ଭିତ୍ତିକରି, ଚାହିଦାର ଦର ସ୍ଥିତିସ୍ଥାପକତାର ପାଞ୍ଚ ପ୍ରକାର ଅବସ୍ଥା ମିଳେ। ସେଗୁଡ଼ିକ ନିମ୍ନରେ ଆଲୋଚିତ ହେଲା।

1. **ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା (Perfectly Elastic Demand):** କୌଣସି ଦ୍ରବ୍ୟର ଦରରେ ସାମାନ୍ୟ ପରିବର୍ତ୍ତନ ଫଳରେ ଚାହିଦାରେ ଯଦି ଅକଳନୀୟ ପରିବର୍ତ୍ତନ ହୁଏ, ତେବେ ଚାହିଦାକୁ ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ କୁହାଯାଏ। ଅର୍ଥାତ୍, ଦରରେ ଅତି ନଗଣ୍ୟ ହ୍ରାସ ଯୋଗୁଁ ଯଦି ଚାହିଦାରେ ଅସୀମ ବୃଦ୍ଧି ହୁଏ ବା ଦରରେ ଅତି ସାମାନ୍ୟ ବୃଦ୍ଧି ଯୋଗୁଁ ଯଦି ଚାହିଦା 'ଶୂନ୍ୟ'ରେ ପରିଣତ ହୁଏ, ତେବେ ସେ କ୍ଷେତ୍ରରେ ଚାହିଦା ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ହୁଏ। ଗାଣିତିକ ଭାଷାରେ ସମ୍ପୂର୍ଣ୍ଣ


ସ୍ଥିତିସ୍ଥାପକତାକୁ ଅସୀମ ($E_d = \infty$) ବୋଲି ଧରାଯାଏ। ବାସ୍ତବ ଜୀବନରେ ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା ଅତି ବିରଳ।

ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ, ଚାହିଦା ରେଖା (DD) ଆନୁଭୂମିକ ଓ ଏହା OX ଅକ୍ଷ ସହିତ ସମାନ୍ତରାଳ ହୋଇ ଗତି କରେ। ଏହା ଚିତ୍ର - 2.୪ ରେ ପ୍ରଦର୍ଶିତ ହୋଇଅଛି।




ଚିତ୍ର - 2.୪ : ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା ରେଖା


2. **ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା (Perfectly Inelastic Demand):** ଦ୍ରବ୍ୟର ଦରରେ ବିଶେଷ ପରିବର୍ତ୍ତନ ସତ୍ତ୍ୱେ, ଚାହିଦା ପରିମାଣରେ ଯଦି କୌଣସି ପରିବର୍ତ୍ତନ ହୁଏ ନାହିଁ, ତେବେ ସେହି ଅବସ୍ଥାକୁ ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା କୁହାଯାଏ। ଅର୍ଥାତ, ଏ କ୍ଷେତ୍ରରେ ଦ୍ରବ୍ୟର ଦରରେ ବୃଦ୍ଧି ବା ହ୍ରାସ ହେଉଥିଲେ ସୁଦ୍ଧା ଚାହିଦାର ପରିମାଣ ସମ୍ପୂର୍ଣ୍ଣ ଅପରିବର୍ତ୍ତନୀୟ ରହିଥାଏ। ଗାଣିତିକ ଭାଷାରେ ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ, ଚାହିଦାର ସ୍ଥିତିସ୍ଥାପକତା ($E_d$)କୁ ଶୂନ୍ୟ ବୋଲି ଧରାଯାଏ। ବାସ୍ତବ ଜୀବନରେ ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା ଅତି ବିରଳ। ଚିତ୍ର - 2.୫ରେ ଉଲ୍ଲମ୍ବ ଚାହିଦା ରେଖା DD ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା ସୂଚିତ କରେ।




ଚିତ୍ର - 2.୫ : ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା ରେଖା


3. **ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା (Relatively Elastic Demand):** ଦ୍ରବ୍ୟର ସାମାନ୍ୟ ପରିବର୍ତ୍ତନ ଫଳରେ ଚାହିଦାର ପରିମାଣରେ ଯଦି ପ୍ରଚୁର ପରିବର୍ତ୍ତନ ଘଟେ, ତେବେ ଚାହିଦାକୁ

ଅପେକ୍ଷାକୃତ ଅଧିକ ସ୍ଥିତିସ୍ଥାପକ ଚାହିଦା କୁହାଯାଏ। ଏ କ୍ଷେତ୍ରରେ, ଦରରେ ଆନୁପାତିକ ପରିବର୍ତ୍ତନ ତୁଳନାରେ ଚାହିଦାର ପରିମାଣରେ ଆନୁପାତିକ ପରିବର୍ତ୍ତନ ଅପେକ୍ଷାକୃତ ଅଧିକ ହୋଇଥାଏ। ଉଦାହରଣ ସ୍ୱରୂପ, ଦର 5 ଶତାଂଶ ହ୍ରାସ ପାଇବା ଯୋଗୁଁ, ଚାହିଦାର ପରିମାଣ 10 ଶତାଂଶ ହ୍ରାସ ପାଏ, ଚାହିଦାର ସ୍ଥିତିସ୍ଥାପକତା 2 (1ରୁ ଅଧିକ) ହୁଏ। ଗାଣିତିକ ଭାଷାରେ, ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ $E_d > 1$ ହୁଏ। ଚିତ୍ର -2.10ରେ DD ଚାହିଦା ରେଖା ଅପେକ୍ଷାକୃତ ଚଟକା। ଏହା ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା ସୂଚିତ କରେ।




ଚିତ୍ର - 2.10 : ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା ରେଖା


4. **ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା (Relatively Inelastic Demand):** ଦ୍ରବ୍ୟର ଦରରେ ଉଲ୍ଲେଖନୀୟ ପରିବର୍ତ୍ତନ ସତ୍ତ୍ୱେ ଚାହିଦାର ପରିମାଣରେ ଯଦି ନଗଣ୍ୟ ପରିବର୍ତ୍ତନ ଘଟେ, ତେବେ ଚାହିଦାକୁ ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା କୁହାଯାଏ। ଏ କ୍ଷେତ୍ରରେ, ଦରରେ ଆନୁପାତିକ




ଚିତ୍ର - 2.11 : ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା ରେଖା

ପରିବର୍ତ୍ତନ ତୁଳନାରେ ଚାହିଦାର ପରିମାଣରେ ଆନୁପାତିକ ପରିବର୍ତ୍ତନ ଅପେକ୍ଷାକୃତ କମ ହୋଇଥାଏ। ଉଦାହରଣ ସ୍ୱରୂପ, ଦ୍ରବ୍ୟର ଦର 20 ଶତାଂଶ ହ୍ରାସ ହେବା ଯୋଗୁଁ, ଯଦି ଚାହିଦାର ପରିମାଣ 10 ଶତାଂଶ ବୃଦ୍ଧି ହୁଏ, ଚାହିଦାର ସ୍ଥିତିସ୍ଥାପକ $^1/_2$ ହୁଏ। ଅର୍ଥାତ୍ ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ $E_d < 1$ (ଅର୍ଥାତ୍ 1ରୁ କମ) ହୁଏ। ଚିତ୍ର - 2.11ରେ ଚାହିଦା ରେଖା DD ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା ସୂଚିତ କରେ। ଏହି ଚାହିଦା ରେଖା ଅପେକ୍ଷାକୃତ ଠିଆ। ଚିତ୍ର 2.12ରେ ଏକକ ସ୍ଥିତିସ୍ଥାପକ ଚାହିଦା ରେଖା ପ୍ରଦର୍ଶିତ ହୋଇଛି। ଏକକ ସ୍ଥିତିସ୍ଥାପକ ରେଖା (DD) ସରଳରେଖା ହୁଏ ନାହିଁ। ଏହା ଆୟତାକାର ଅତିପରବଳୟ (Rectangular hyperbola) ବିଶିଷ୍ଟ ହୋଇଥାଏ।

5. **ଏକକ ସ୍ଥିତିସ୍ଥାପକ ଚାହିଦା (Unitary Elastic Demand):** ଦ୍ରବ୍ୟ ଦରରେ ଏକ ଆନୁପାତିକ ପରିବର୍ତ୍ତନ ଯୋଗୁଁ ଯଦି ଚାହିଦାର ପରିମାଣରେ ସାମାନୁପାତିକ ପରିବର୍ତ୍ତନ ଘଟେ, ତେବେ ତାହାକୁ ଏକକ ସ୍ଥିତିସ୍ଥାପକ ଚାହିଦା କୁହାଯାଏ। ଉଦାହରଣ ସ୍ୱରୂପ, ଯଦି ଦର 20 ଶତାଂଶ ହ୍ରାସ ପାଇବା ଯୋଗୁଁ ଚାହିଦାର ପରିମାଣ 20 ଶତାଂଶ ବୃଦ୍ଧି ହୁଏ, ଚାହିଦାର ସ୍ଥିତିସ୍ଥାପକତା 1 ହୁଏ। ଏକକ ସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ $E_d = 1$ ହୁଏ।




ଚିତ୍ର - 2.12 : ଏକକ ସ୍ଥିତିସ୍ଥାପକ ଚାହିଦା ରେଖା

ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଯେ ବାସ୍ତବ ଜୀବନରେ କ୍ୱଚିତ ଏପରି ଦ୍ରବ୍ୟ ଦେଖାଯାଏ ଯାହାର ଚାହିଦା ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ବା ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ। ସ୍ଥିତିସ୍ଥାପକତା ମାତ୍ରା ବା ହାର ସହିତ ସମ୍ପୃକ୍ତ। ତେଣୁ କୌଣସି ଦ୍ରବ୍ୟର ଚାହିଦା ତୁଳନାତ୍ମକ ଭାବେ ଅପେକ୍ଷାକୃତ ଅଧିକ ସ୍ଥିତିସ୍ଥାପକ ବା କମ୍ ସ୍ଥିତିସ୍ଥାପକ କହିବା ଅଧିକ ସମୀଚୀନ।

## 2.3.2 ଚାହିଦାର ଦର ସ୍ଥିତିସ୍ଥାପକତାର ପରିମାପ (Measurement of Price Elasticity of Demand)

ଚାହିଦାର ଦର ସ୍ଥିତିସ୍ଥାପକତାର ପରିମାପ ନିମନ୍ତେ ତିନୋଟି ପଦ୍ଧତି ଯଥା–

1. ପ୍ରତିଶତ ପଦ୍ଧତି, 2. ମୋଟ ବ୍ୟୟ ପଦ୍ଧତି ଓ 3. ବିନ୍ଦୁ ପଦ୍ଧତି ନିମ୍ନରେ ବ୍ୟାଖ୍ୟା କରାଯାଇଛି।

### 1. ପ୍ରତିଶତ ପଦ୍ଧତି (Percentage Method)

ପ୍ରତିଶତ ପଦ୍ଧତି ଅନୁସାରେ ଦ୍ରବ୍ୟର ଚାହିଦା ପରିମାଣରେ ପ୍ରତିଶତ ପରିବର୍ତ୍ତନକୁ ଦରର ପ୍ରତିଶତ ପରିବର୍ତ୍ତନ ଦ୍ୱାରା ବିଭାଜନ କରି ଚାହିଦାର ଦର ସ୍ଥିତିସ୍ଥାପକତା ନିରୂପଣ କରାଯାଇଥାଏ।

ସୁତରାଂ, ଚାହିଦାର ଦର ସ୍ଥିତିସ୍ଥାପକତା (Ed) = $\dfrac{\text{ଚାହିଦା ପରିମାଣରେ ପ୍ରତିଶତ ପରିବର୍ତ୍ତନ}}{\text{ଦରରେ ପ୍ରତିଶତ ପରିବର୍ତ୍ତନ}}$

$$= \dfrac{\dfrac{\text{ଚାହିଦା ପରିମାଣରେ ପରିବର୍ତ୍ତନ}}{\text{ପ୍ରାରମ୍ଭିକ (ମୂଳ) ଚାହିଦାର ପରିମାଣ}} \times 100}{\dfrac{\text{ଦରରେ ପରିବର୍ତ୍ତନ}}{\text{ପ୍ରାରମ୍ଭିକ ଦର}} \times 100}$$

$$= \dfrac{\dfrac{\triangle Q}{Q} \times 100}{\dfrac{\triangle P}{P} \times 100}$$

ଏକ ଉଦାହରଣ ସାହାଯ୍ୟରେ ପ୍ରତିଶତ ପଦ୍ଧତିରେ ଚାହିଦାର ଦର ସ୍ଥିତିସ୍ଥାପକତାର କିପରି ନିରୂପଣ ହୁଏ ତାହା ବୁଝା ଯାଇପାରିବ। ଧରାଯାଉ ଆଳୁର ଦାମ୍ କି.ଗ୍ରା. ପ୍ରତି 10 ଟଙ୍କା ବେଳେ ଗୋଟିଏ ପରିବାରର ସାପ୍ତାହିକ ଚାହିଦାର ପରିମାଣ ୩ କି.ଗ୍ରା.। ଆଳୁର ଦାମ୍ କି.ଗ୍ରା. ପ୍ରତି ୫ ଟଙ୍କା ବେଳେ ସେହି ପରିବାରର ସାପ୍ତାହିକ ଚାହିଦାର ପରିମାଣ 4.5 କି.ଗ୍ରା.।

ଏଠାରେ ଆଳୁ ଦରରେ $\frac{10-8}{10} \times 100 = 20$ ପ୍ରତିଶତ

ପରିବର୍ତ୍ତନ ହୋଇଥିବା ବେଳେ ଆଳୁର ଚାହିଦା ପରିମାଣରେ $\frac{4.5-3}{3} \times 100 = 50$ ପ୍ରତିଶତ ପରିବର୍ତ୍ତନ

ହୋଇଅଛି । ସୁତରାଂ ପ୍ରତିଶତ ପଦ୍ଧତି ଅନୁସାରେ ଏଠାରେ ଚାହିଦାର ଦର ସ୍ଥିତିସ୍ଥାପକତା (Ed) =

$$\frac{50\text{ ପ୍ରତିଶତ}}{20\text{ ପ୍ରତିଶତ}} = 2.5$$

ଦ୍ରବ୍ୟର ଦର ଓ ଚାହିଦା ମଧ୍ୟରେ ବିପରୀତମୁଖୀ ସମ୍ପର୍କ ଥିବାରୁ ସାଧାରଣତଃ ଚାହିଦାର ଦର ସ୍ଥିତିସ୍ଥାପକତା ଋଣାତ୍ମକ ହୋଇଥାଏ । କିନ୍ତୁ ଏହି ଋଣାତ୍ମକ ଚିହ୍ନକୁ ସାଧାରଣତଃ ଲେଖାଯାଇ ନଥାଏ । ଏଠାରେ Ed = 2.5 ଅର୍ଥ ହେଲା ଦରରେ ପ୍ରତିଶତ ପରିବର୍ତ୍ତନ ଯେତେ ଚାହିଦା ପରିମାଣରେ ପ୍ରତିଶତ ପରିବର୍ତ୍ତନ ତାର 2.5 ଗୁଣ ।

**2. ମୋଟ ବ୍ୟୟ ପଦ୍ଧତି (Total outlay method)**

ମାର୍ଶାଲଙ୍କ ମତରେ, ଦ୍ରବ୍ୟର ଦର ପରିବର୍ତ୍ତନ ପୂର୍ବରୁ ଏବଂ ପରେ ହେଉଥିବା ମୋଟ ବ୍ୟୟର ତୁଳନା କରି ଚାହିଦାର ସ୍ଥିତିସ୍ଥାପକତା ନିରୂପଣ କରିହେବ । ଏହି ଦୁଇ ବ୍ୟୟ ଯଦି ସମାନ ରହେ ତବେ Ed = 1 ହୁଏ । ଯଦି ଦର ହ୍ରାସ ପରେ ମୋଟ ବ୍ୟୟ ପୂର୍ବବ୍ୟୟ ଅପେକ୍ଷା ଅଧିକ ହୁଏ, ଚାହିଦାର ସ୍ଥିତିସ୍ଥାପକତା 1 ରୁ ବେଶୀ ହୁଏ ଅଥବା Ed > 1 । ଯଦି ଦରରେ ହ୍ରାସ ହୁଏ ଏବଂ ନୂତନ ବ୍ୟୟ ପୂର୍ବ ଅପେକ୍ଷା କମ ହୁଏ ତେବେ ଚାହିଦାର ପରିମାଣ ବୃଦ୍ଧି ଅପେକ୍ଷାକୃତ କମ ଏବଂ ଚାହିଦାର ସ୍ଥିତିସ୍ଥାପକତା 1 ରୁ କମ ହୁଏ, ଅର୍ଥାତ୍ Ed < 1 । ଏହି ପ୍ରଣାଳୀ ଦ୍ୱାରା ଆମେ ଚାହିଦାର ସ୍ଥିତି ସ୍ଥାପକତାର ସଠିକ୍ ମାପ କରିପାରିବା ନାହିଁ, କେବଳ ତାହା 1 ରୁ ବେଶୀ ବା କମ କିମ୍ବା 1 ସହ ସମାନ ତାହା କହିପାରିବା । ମୋଟ ବ୍ୟୟ ପଦ୍ଧତିରେ ଚାହିଦା ସ୍ଥିତିସ୍ଥାପକତାର ନିରୂପଣ ସାରଣୀ - 2.6 ରେ ପ୍ରଦର୍ଶିତ ହୋଇଅଛି ।


**ସାରଣୀ 1.6 : ଚାହିଦାର ଦର ସ୍ଥିତିସ୍ଥାପକତା ନିରୂପଣର ମୋଟ ବ୍ୟୟ ପଦ୍ଧତି**

| କି.ଗ୍ରା. ପ୍ରତି ଦର (ଟଙ୍କାରେ) | ଚାହିଦାର ପରିମାଣ (କି.ଗ୍ରା) | ମୋଟ ବ୍ୟୟ (ଟଙ୍କାରେ) | ଦର ସ୍ଥିତିସ୍ଥାପକତାର ପରିମାଣ |
|---|---|---|---|
| 5 | 200 | 1000 | |
| 4 | 300 | 1200 | ଚାହିଦାର ସ୍ଥିତିସ୍ଥାପକତା 1 ରୁ ଅଧିକ, Ed > 1 |
| 3 | 400 | 1200 | ଚାହିଦାର ସ୍ଥିତିସ୍ଥାପତା = 1, Ed = 1 |
| 2 | 550 | 1100 | ଚାହିଦାର ସ୍ଥିତିସ୍ଥାପତା = 1ରୁ କମ, Ed < 1 |

ଉକ୍ତ ସାରଣୀରୁ ପ୍ରତୀୟମାନ ହୁଏ ଯେ, ପ୍ରାଥମିକ ଅବସ୍ଥାରେ ଦ୍ରବ୍ୟର ଦର କି.ଗ୍ରା. ପ୍ରତି 5 ଟଙ୍କା ବେଳେ ଚାହିଦାର ପରିମାଣ 200 କି.ଗ୍ରା. ଏବଂ ମୋଟ ବ୍ୟୟର ପରିମାଣ 1000 ଟଙ୍କା ହୋଇଥାଏ। କିନ୍ତୁ ଦ୍ରବ୍ୟର ଦର କି.ଗ୍ରା. ପ୍ରତି 4 ଟଙ୍କାକୁ ହ୍ରାସ ପାଇବା ଯୋଗୁଁ ଚାହିଦାର ପରିମାଣ 300 କି.ଗ୍ରା. ଏବଂ ମୋଟ ବ୍ୟୟର ପରିମାଣ 1200 ଟଙ୍କାକୁ ବୃଦ୍ଧି ପାଇଥାଏ। ଯେହେତୁ ଏଠାରେ ଦର ହ୍ରାସ ଯୋଗୁଁ ମୋଟ ବ୍ୟୟ ପୂର୍ବ ବ୍ୟୟ ଅପେକ୍ଷା ଅଧିକ ହୁଏ, ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ)ରୁ ବେଶୀ ଅଥବା ED > 1। କିନ୍ତୁ ଯଦି ଦ୍ରବ୍ୟର କି.ଗ୍ରା. ପ୍ରତି ଦର ମୂଳ 4 ଟଙ୍କାରୁ 3 ଟଙ୍କାକୁ ହ୍ରାସ ପାଏ ଓ ଚାହିଦାର ପରିମାଣ 400 କି.ଗ୍ରା.କୁ ବୃଦ୍ଧି ପାଏ, ତେବେ ମୋଟ ବ୍ୟୟର ପରିମାଣ ପୂର୍ବ ବ୍ୟୟ (1200 ଟଙ୍କା) ସହିତ ସମାନ ହୋଇଥାଏ। ସୁତରାଂ ଏଠାରେ ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ) ହୁଏ ଅଥବା Ed=1। ସେହିପରି ଯଦି ଦ୍ରବ୍ୟର ଦର କି.ଗ୍ରା. ପ୍ରତି ମୂଳ ଦର 3 ଟଙ୍କାରୁ 2 ଟଙ୍କାକୁ ହ୍ରାସ ପାଏ, ଚାହିଦାର ପରିମାଣ 550 କି.ଗ୍ରା.କୁ ବୃଦ୍ଧି ପାଇଥିଲେ ହେଁ ମୋଟ ବ୍ୟୟର ପରିମାଣ 1100 ଟଙ୍କାକୁ ହ୍ରାସ ପାଏ। ଯେହେତୁ ଏଠାରେ ଦର ହ୍ରାସ ଯୋଗୁଁ ମୋଟ ବ୍ୟୟ ପୂର୍ବ ବ୍ୟୟ ଅପେକ୍ଷା କମ୍ ହୁଏ, ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ)ରୁ କମ୍ ହୁଏ ଅଥବା Ed < 1।

### 3. ଜ୍ୟାମିତିକ ପଦ୍ଧତି (Geometric method)

ଏହି ପଦ୍ଧତି ଅନୁସାରେ ଚାହିଦା ରେଖାଟି ଏକ ସରଳରେଖା ହେଲେ ଏହାର ପ୍ରତ୍ୟେକ ବିନ୍ଦୁ ଉପରେ ଚାହିଦାର ସ୍ଥିତିସ୍ଥାପକତା ଭିନ୍ନ ହେବ। ସୁତରାଂ ଜ୍ୟାମିତିକ ପଦ୍ଧତିକୁ ବିନ୍ଦୁ ପଦ୍ଧତି (**Point method**) ମଧ୍ୟ କୁହାଯାଏ। ଚିତ୍ର 2.13 ମାଧ୍ୟମରେ ଏହାକୁ ବୁଝାଯାଇପାରିବ।




ଚିତ୍ର 2.13 : ଜ୍ୟାମିତିକ ପଦ୍ଧତିରେ ଚାହିଦା ରେଖାର ସ୍ଥିତିସ୍ଥାପକତା

X - ଅକ୍ଷରେ ଚାହିଦାର ପରିମାଣ ଏବଂ Y – ଅକ୍ଷରେ ଦ୍ରବ୍ୟର ଦର ପ୍ରକାଶିତ ହୋଇଥାଏ । KQ ଏକ ଚାହିଦା ରେଖା ଯାହାକି ସରଳରେଖା ଅଟେ। ଏହା ଦୁଇ ଅକ୍ଷକୁ K ଓ Q ବିନ୍ଦୁରେ ସ୍ପର୍ଶ କରେ । ନିମ୍ନ ସୂତ୍ର ସାହାଯ୍ୟରେ ଚାହିଦାର ଦର ସ୍ଥିତିସ୍ଥାପକତା ନିର୍ଣ୍ଣୟ କରିହେବ । ସୂତ୍ରର ବ୍ୟୁତ୍ପତ୍ତି ଆବଶ୍ୟକ ନ ଥିବାରୁ ସୂତ୍ରଟିକୁ ନିମ୍ନରେ ଉଲ୍ଲେଖ କରାଗଲା ।

$$\text{ଚାହିଦା ରେଖାର ଏକ ବିନ୍ଦୁରେ ଚାହିଦାର ସ୍ଥିତିସ୍ଥାପକତା} = \frac{\text{ଚାହିଦା ରେଖାର ନିମ୍ନତର ଅଂଶ}}{\text{ଚାହିଦା ରେଖାର ଉଚ୍ଚତର ଅଂଶ}}$$

ଚିତ୍ରରୁ ପ୍ରତୀୟମାନ ହେଉଛି ମଧ୍ୟବିନ୍ଦୁ M ରେ Ed = 1. N ବିନ୍ଦୁରେ ଏହା $\frac{NQ}{NK}$

ଅର୍ଥାତ୍ 1ରୁ ବେଶୀ ବା Ed>1

K ବିନ୍ଦୁରେ ଏହା $\frac{KQ}{O} = \infty$ ଅର୍ଥାତ୍ Ed = ∞

P ବିନ୍ଦୁରେ ଏହା $\frac{PQ}{PK}$. ଅର୍ଥାତ୍ Ed 1ରୁ କମ ବା Ed < 1

Q ବିନ୍ଦୁରେ ଏହା $\frac{O}{QK}$. ଅର୍ଥାତ୍ O ବା Ed = o

**ଚାହିଦାର ଦର ସ୍ଥିତିସ୍ଥାପକତାର ମୋଟ ବ୍ୟୟ ସହିତ ସମ୍ପର୍କ**
**(Relation of Price Elasticity of Demand with Total Expenditure)**

ଦ୍ରବ୍ୟର ଦର ଓ ଚାହିଦା ପରିମାଣର ଗୁଣଫଳକୁ ମୋଟ ବ୍ୟୟ କୁହାଯାଏ । ଅର୍ଥାତ୍, ଦ୍ରବ୍ୟ ଉପଭୋଗରେ ମୋଟ ବ୍ୟୟ = ଦ୍ରବ୍ୟର ଦର × ଚାହିଦାର ପରିମାଣ । ଦ୍ରବ୍ୟର ଦର ପରିବର୍ତ୍ତନ (ହ୍ରାସ ବା ବୃଦ୍ଧି) ହେଲେ ଚାହିଦାର ପରିମାଣ ପରିବର୍ତ୍ତନ (ବୃଦ୍ଧି ବା ହ୍ରାସ) ହୋଇଥାଏ । ମାର୍ଶାଲ୍‌ଙ୍କ ମତରେ ଦ୍ରବ୍ୟର ଦର ହ୍ରାସ ଯୋଗୁଁ ମୋଟ ବ୍ୟୟର ପରିମାଣ ବୃଦ୍ଧି ପାଇପାରେ, ସ୍ଥିର ରହିପାରେ ବା ହ୍ରାସ ପାଇପାରେ । ସେହିପରି ଦର ବୃଦ୍ଧି ଯୋଗୁଁ ମୋଟ ବ୍ୟୟର ପରିମାଣ ହ୍ରାସ ପାଇପାରେ, ସ୍ଥିର ରହିପାରେ ବା ବୃଦ୍ଧି ପାଇପାରେ ।

ମୋଟ ବ୍ୟୟ ଉପରେ ଦର ପରିବର୍ତ୍ତନର ପ୍ରଭାବ ଚାହିଦାର ଦର ସ୍ଥିତିସ୍ଥାପକତା ଉପରେ ନିର୍ଭର କରେ । ଯଦି ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ)ରୁ ଅଧିକ ହୁଏ, ଚାହିଦା ପରିମାଣରେ ପ୍ରତିଶତ ପରିବର୍ତ୍ତନ ଦରରେ

ପ୍ରତିଶତ ପରିବର୍ତ୍ତନ ଅପେକ୍ଷା ବେଶୀ ହୋଇଥାଏ। ଫଳରେ ଦର ହ୍ରାସ ହେଲେ ବ୍ୟୟର ପରିମାଣ ବୃଦ୍ଧି ପାଏ ଏବଂ ଦର ବୃଦ୍ଧିହେଲେ ବ୍ୟୟର ପରିମାଣ ହ୍ରାସ ପାଏ। ଯଦି ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ) ହୁଏ, ଚାହିଦା ପରିମାଣରେ ପ୍ରତିଶତ ପରିବର୍ତ୍ତନ ଦରରେ ପ୍ରତିଶତ ପରିବର୍ତ୍ତନ ସହିତ ସମାନ ହୁଏ। ଫଳରେ ଦର ହ୍ରାସ ହେଲେ ବା ବୃଦ୍ଧି ହେଲେ ବ୍ୟୟର ପରିମାଣ ଅପରିବର୍ତ୍ତିତ ରହେ। ଯଦି ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ)ରୁ କମ୍ ହୁଏ, ତେବେ, ଚାହିଦା ପରିମାଣରେ ପ୍ରତିଶତ ଦର ହ୍ରାସ ହେଲେ ବ୍ୟୟର ପରିମାଣ ହ୍ରାସ ପାଏ ଓ ଦର ବୃଦ୍ଧି ହେଲେ ବ୍ୟୟର ପରିମାଣ ବୃଦ୍ଧି ପାଏ।

ନିମ୍ନ ଉଦାହରଣ ମାଧ୍ୟମରେ ଦର ହ୍ରାସର ମୋଟ ବ୍ୟୟର ପରିମାଣ ଉପରେ ପ୍ରଭାବ ବୁଝାଯାଇପାରେ।

ଧରାଯାଉ ଦ୍ରବ୍ୟର ଦର 1 (ଏକ) ଟଙ୍କା ବେଳେ ଚାହିଦାର ପରିମାଣ 100 ଏକକ ଏବଂ ମୋଟ ବ୍ୟୟର ପରିମାଣ 100 ଟଙ୍କା ହୋଇଥାଏ। ଯଦି ଦ୍ରବ୍ୟର ଦର 10 ପ୍ରତିଶତ ହ୍ରାସ ପାଇ ୯୦ ପଇସା ହୁଏ ଚାହିଦାର ପରିମାଣ 20 ପ୍ରତିଶତ ବୃଦ୍ଧି ପାଇ 120 ଏକକ ହୁଏ। ତେବେ ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ)ରୁ ଅଧିକ ହୁଏ ଏବଂ ମୋଟ ବ୍ୟୟର ପରିମାଣ 100 ଟଙ୍କାରୁ 10୮ ଟଙ୍କାକୁ ବୃଦ୍ଧିପାଏ। କିନ୍ତୁ ଦ୍ରବ୍ୟର ଦରରେ ସେହି ପରିମାଣର (10 ପ୍ରତିଶତ) ହ୍ରାସ ଯୋଗୁଁ ଯଦି ଚାହିଦାର ପରିମାଣ 5 ପ୍ରତିଶତ ବୃଦ୍ଧି ପାଏ ମୋଟ ବ୍ୟୟ 105 ହୋଇଥାଏ, ତେବେ ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ)ରୁ କମ୍ ହୁଏ। ଫଳରେ ମୋଟ ବ୍ୟୟର ପରିମାଣ 100 ଟଙ୍କାରୁ ୯୪ ଟଙ୍କା 50 ପଇସାକୁ ହ୍ରାସ ପାଏ। କିନ୍ତୁ ଯଦି ଦ୍ରବ୍ୟର ଦରରେ ସେହି ପରିମାଣର (10 ପ୍ରତିଶତ) ହ୍ରାସ ଯୋଗୁଁ ଚାହିଦାର ପରିମାଣ 10 ପ୍ରତିଶତ ବୃଦ୍ଧି ପାଇ 110 ଏକକ ହୁଏ ତେବେ ଚାହିଦାର ଦର ସ୍ଥିତିସ୍ଥାପକତା 1 (ଏକ) ହୁଏ। ଏଠାରେ ମୋଟ ବ୍ୟୟର ପରିମାଣ ୯୯ ଟଙ୍କା ହୁଏ ଯାହାକି ପୂର୍ବ ପରିମାଣର ବ୍ୟୟ 100 ଟଙ୍କା ସହିତ ପ୍ରାୟ ସମାନ।

ଉପରୋକ୍ତ ଆଲୋଚନାକୁ ଆଧାର କରି ନିମ୍ନଲିଖିତ ତିନୋଟି ସିଦ୍ଧାନ୍ତ ଗ୍ରହଣ କରାଯାଇପାରେ।

୧. ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ, ଦର ହ୍ରାସ ହେଲେ ମୋଟ ବ୍ୟୟ ବୃଦ୍ଧି ପାଏ ଏବଂ ଦର ବୃଦ୍ଧି ହେଲେ ମୋଟ ବ୍ୟୟ ହ୍ରାସ ପାଏ।

୨. ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ, ଦର ହ୍ରାସ ହେଲେ ମୋଟ ବ୍ୟୟ ହ୍ରାସ ପାଏ ଏବଂ ଦର ବୃଦ୍ଧି ହେଲେ ମୋଟ ବ୍ୟୟ ବୃଦ୍ଧି ପାଏ।

୩. ଏକକ ସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ ଦର ବୃଦ୍ଧି ବା ହ୍ରାସ ଯୋଗୁଁ ମୋଟ ବ୍ୟୟ ଅପରିବର୍ତ୍ତିତ ରହେ।

ଚାହିଦାର ଦର ସ୍ଥିତିସ୍ଥାପକତାର ମୋଟ ବ୍ୟୟ ସହିତ ସମ୍ପର୍କ ସାରଣୀ - 2.7ରେ ପ୍ରଦର୍ଶିତ ହୋଇଅଛି।

**ସାରଣୀ 2.7 : ଚାହିଦାର ଦର ସ୍ଥିତିସ୍ଥାପକତାର ମୋଟ ବ୍ୟୟ ସହିତ ସମ୍ପର୍କ**

| ଚାହିଦାର ଦର ସ୍ଥିତିସ୍ଥାପକତାର ପ୍ରକାର ଏବଂ ତା'ର ମୂଲ୍ୟ | ଦର ପରିବର୍ତ୍ତନର ମୋଟ ବ୍ୟୟ ଉପରେ ପ୍ରଭାବ |
|---|---|
| ୧. ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା ($Ed > 1$) | ଦର ହ୍ରାସ ଯୋଗୁଁ ମୋଟ ବ୍ୟୟ ବୃଦ୍ଧି ପାଏ ଏବଂ ଦର ବୃଦ୍ଧି ଯୋଗୁଁ ମୋଟ ବ୍ୟୟର ହ୍ରାସ |
| ୨. ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା ($Ed < 1$) | ଦର ହ୍ରାସ ଯୋଗୁଁ ମୋଟ ବ୍ୟୟ ହ୍ରାସ ପାଏ ଏବଂ ଦର ବୃଦ୍ଧି ଯୋଗୁଁ ମୋଟ ବ୍ୟୟ ବୃଦ୍ଧି ପାଏ |
| ୩. ଏକକ ସ୍ଥିତିସ୍ଥାପକ ଚାହିଦା ($Ed = 1$) | ଦର ହ୍ରାସ ବା ବୃଦ୍ଧି ଯୋଗୁଁ ମୋଟ ବ୍ୟୟ ଅପରିବର୍ତ୍ତିତ ରହେ । |

## ଗୋଟିଏ ଦ୍ରବ୍ୟ ପାଇଁ ଚାହିଦାର ସ୍ଥିତିସ୍ଥାପକତାକୁ ନିର୍ଦ୍ଧାରଣ କରୁଥିବା ଉପାଦାନ ସମୂହ

**(Factors Determining Price Elasticity of Demand)**

ଗୋଟିଏ ଦ୍ରବ୍ୟର ଚାହିଦାର ଦର ସ୍ଥିତିସ୍ଥାପକତା ଅପେକ୍ଷାକୃତ ଅଧିକ ବା କମ ହୋଇପାରେ । ଏହା ନିମ୍ନରେ ପ୍ରଦତ୍ତ ଉପାଦାନ ସମୂହ ଉପରେ ନିର୍ଭର କରେ ।

1. **ଦ୍ରବ୍ୟର ପ୍ରକୃତି:** ଦ୍ରବ୍ୟ ଗୁଡ଼ିକ ଅତ୍ୟାବଶ୍ୟକ ଦ୍ରବ୍ୟ, ଆରାମଦାୟକ ଦ୍ରବ୍ୟ ଏବଂ ବିଳାସ ଦ୍ରବ୍ୟ ଆଦି ଭାଗରେ ବିଭାଗୀକରଣ କରାଯାଇଥାଏ । ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକ ଅପରିହାର୍ଯ୍ୟ ହୋଇଥିବାରୁ ଅପେକ୍ଷାକୃତ ଅସ୍ଥିତିସ୍ଥାପକ । ଆରାମଦାୟକ ଏବଂ ବିଳାସ ଦ୍ରବ୍ୟର ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ । ସେମାନଙ୍କର ଦର ସାମାନ୍ୟ ହ୍ରାସ ହେଲେ ସେମାନଙ୍କର ଚାହିଦା ଅଧିକ ହୋଇଥାଏ । ସେହିପରି ଦର ସାମାନ୍ୟ ବୃଦ୍ଧି ହେଲେ ଚାହିଦା ବହୁ ପରିମାଣରେ ହ୍ରାସ ହୁଏ ।

2. **ବିକଳ୍ପ ଦ୍ରବ୍ୟର ଉପଲବ୍ଧି:** କେତେକ ଅତ୍ୟାବଶ୍ୟକ ଦ୍ରବ୍ୟର ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ବା ବିକଳ୍ପ ଦ୍ରବ୍ୟ ଥାଏ ଏବଂ କେତେକଙ୍କର ନ ଥାଏ । ଯେଉଁ ଦ୍ରବ୍ୟର ବିକଳ୍ପ ଦ୍ରବ୍ୟ ଥାଏ ସେ କ୍ଷେତ୍ରରେ ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ ହୁଏ । ମାଂସର ଦାମ୍ ବଢ଼ିଲେ ଲୋକେ ମାଛ ଅଧିକ କିଣିପାରନ୍ତି ବା ଚାର ଦାମ୍ ବଢ଼ିଲେ କଫି ଅଧିକ କିଣି ପାରନ୍ତି । ଏଣୁ ଚାହିଦା ମାଛ ଓ ଚା କ୍ଷେତ୍ରରେ ଅପେକ୍ଷାକୃତ ସ୍ଥିତିସ୍ଥାପକ । ଲୁଣର ବିକଳ୍ପ ନ ଥିବାରୁ ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ ।

3. **ଆୟରେ ବ୍ୟୟର ଅନୁପାତ:** ଯେଉଁ ଦ୍ରବ୍ୟରେ ଆୟର କ୍ଷୁଦ୍ର ଅଂଶ ବ୍ୟୟ କରାଯାଏ ତାହାର ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ । ଉପଭୋକ୍ତାମାନେ ସେହିସବୁ ଦ୍ରବ୍ୟର ଦର ପ୍ରତି ସମ୍ବେଦନଶୀଳ

ନୁହଁନ୍ତି ବା ସେମାନେ ସେ ଦିଗରେ ଧ୍ୟାନ ଦେଇ ନ ଥାନ୍ତି । ଲୁଣ, ସାବୁନ, ଦିଆସିଲି ଏ ସବୁର ଉଦାହରଣ । ଅପରପକ୍ଷରେ, ଯେଉଁସବୁ ଦ୍ରବ୍ୟ ପାଇଁ ଆୟର ବୃହତ୍ ଅଂଶ ବ୍ୟୟ କରାଯାଏ ସେସବୁର ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ ।

4. **ବିକଳ୍ପ ବ୍ୟବହାର:** କୌଣସି ଦ୍ରବ୍ୟ ବା ସେବାର ନାନାବିଧ ବ୍ୟବହାର ଥିଲେ ତାର ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ ହେବ । ସେହି ଦ୍ରବ୍ୟର ଦର କମିଲେ ଲୋକେ ବିଭିନ୍ନ ଉଦ୍ଦେଶ୍ୟରେ ତାକୁ ବ୍ୟବହାର କରିବେ । ଏଣୁ ଏହାର ଚାହିଦା ଅଧିକ ବଢ଼ିଯିବ । ଉଦାହରଣ ସ୍ୱରୂପ ବିଜୁଳି ଶକ୍ତିର ଦର କମିଲେ ଲୋକମାନେ ଆଲୁଅ, ଶୀତଳୀକରଣ, ରାନ୍ଧେଣି ଆଦି ବିଭିନ୍ନ ଉଦ୍ଦେଶ୍ୟରେ ତାକୁ ବ୍ୟବହାର କରିବେ । ଏଣୁ ତାର ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ । ପକ୍ଷାନ୍ତରେ, କେବଳ ଗୋଟିଏ ବ୍ୟବହାରଥିବା ଦ୍ରବ୍ୟର ଚାହିଦା ଅସ୍ଥିତିସ୍ଥାପକ ହେବ । ପୁସ୍ତକ ପ୍ରତି ଚାହିଦା ବିଜୁଳି ଶକ୍ତି ତୁଳନାରେ ସେହି କାରଣରୁ ଅପେକ୍ଷାକୃତ ଅସ୍ଥିତିସ୍ଥାପକ ।

5. **ଉପଭୋଗର ସ୍ଥଗିତୀକରଣ:** କେତେକ ଦ୍ରବ୍ୟ କ୍ଷେତ୍ରରେ ଉପଭୋଗ କିଛିକାଳ ପାଇଁ ବିଳମ୍ବିତ କରାଯାଇପାରିବ । ସେ କ୍ଷେତ୍ରରେ ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ । ଯଦି ଉପଭୋଗକୁ କିଛିକାଳ ପାଇଁ ସ୍ଥଗିତ ରଖାଯାଇ ପାରିବ ତେବେ ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ ହେବ । ଖାଦ୍ୟଶସ୍ୟ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ କିନ୍ତୁ ଆରାମଦାୟକ ଦ୍ରବ୍ୟ, ବିଳାସଦ୍ରବ୍ୟ, ଦକ୍ଷତାବର୍ଦ୍ଧକ ଅତ୍ୟାବଶ୍ୟକ ଦ୍ରବ୍ୟ କ୍ଷେତ୍ରରେ ଚାହିଦା ଅପେକ୍ଷାକୃତ ସ୍ଥିତିସ୍ଥାପକ । ଛାତ୍ର ପାଇଁ ଟେବୁଲ, ଚୌକି ଆଦି ଦକ୍ଷତା ବର୍ଦ୍ଧକ ଦ୍ରବ୍ୟର ଉଦାହରଣ ।

6. **ସମୟସୀମା:** ସମୟର ସୀମା ସହିତ ଚାହିଦାର ସ୍ଥିତିସ୍ଥାପକତା ପରିବର୍ତ୍ତିତ ହୋଇଥାଏ । ଦୀର୍ଘକାଳରେ ଚାହିଦାର ସ୍ଥିତିସ୍ଥାପକତା ଅଧିକ ହୁଏ । ସ୍ୱଳ୍ପକାଳରେ ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ ହୁଏ । ଏହାର କାରଣ ଦ୍ରବ୍ୟର ଦର ପରିବର୍ତ୍ତନ ହେଲେ ଚାହିଦାରେ ତତ୍କ୍ଷଣାତ୍ ପରିବର୍ତ୍ତନ ହୁଏ ନାହିଁ । ଉପଭୋକ୍ତାଙ୍କ ଅଜ୍ଞତା ଏବଂ ବୈଷୟିକ କାରଣ ଯୋଗୁ ବିଜୁଳି ଶକ୍ତିର ଦର କମିଲେ ମଧ୍ୟ ଲୋକମାନେ ଅଧିକ ବୈଦ୍ୟୁତିକ ଯନ୍ତ୍ରପାତି କ୍ରୟ କରନ୍ତି ନାହିଁ । ତେଣୁ ଦର ହ୍ରାସ ହେଲେ ହେଁ ଏହାର ଚାହିଦା ବିଶେଷ ବୃଦ୍ଧି ହୁଏ ନାହିଁ । ତେଣୁ ସ୍ୱଳ୍ପକାଳରେ ବିଜୁଳି ଶକ୍ତିର ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ । କିନ୍ତୁ ଦୀର୍ଘକାଳରେ ଚାହିଦା ସ୍ଥିତିସ୍ଥାପକତା ଅଧିକ ।

7. **ଅଭ୍ୟାସ:** ଉପଭୋକ୍ତାର ଗୋଟିଏ ଦ୍ରବ୍ୟ ଅଭ୍ୟାସଗତ ହୋଇଗଲେ ଦର ବୃଦ୍ଧି ପାଇଲେ ମଧ୍ୟ ସେ ତାହାକୁ ଛାଡ଼ିପାରେ ନାହିଁ । ଧୂମପାନ କରୁଥିବା ବ୍ୟକ୍ତି ସିଗାରେଟ୍ ଦର ବଢ଼ିଲେ ମଧ୍ୟ ସିଗାରେଟ୍

ଛାଡ଼ିପାରେନା । ଏଣୁ ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ ହୁଏ ।

୮. **ସଂଯୁକ୍ତ ଚାହିଦା:** କାର୍ ଏବଂ ପେଟ୍ରୋଲ୍ ଭଳି ସଂଯୁକ୍ତ ଚାହିଦା କ୍ଷେତ୍ରରେ ଦ୍ୱିତୀୟ ଦ୍ରବ୍ୟର ଚାହିଦାର ସ୍ଥିତିସ୍ଥାପକତା ମୁଖ୍ୟ ଦ୍ରବ୍ୟର ଚାହିଦାର ସ୍ଥିତିସ୍ଥାପକତା ଉପରେ ନିର୍ଭର କରିଥାଏ। ଉଦାହରଣ ସ୍ୱରୂପ, ଯଦି କାର୍‌ର ଚାହିଦା ଅସ୍ଥିତିସ୍ଥାପକ ହୁଏ, ପେଟ୍ରୋଲର ଚାହିଦା ମଧ୍ୟ ଅସ୍ଥିତିସ୍ଥାପକ ହେବ।

୯. **ଦରର ବ୍ୟାପ୍ତି:** ଅତି ଶସ୍ତା ଓ ଅତି ମୂଲ୍ୟବାନ୍ ଦ୍ରବ୍ୟଗୁଡ଼ିକର ଚାହିଦା ଅସ୍ଥିତିସ୍ଥାପକ। ଅତି ମୂଲ୍ୟବାନ୍ ଦ୍ରବ୍ୟ ଯଥା ମୋଟରଗାଡ଼ି ଓ ବିଶାଳ ପ୍ରାସାଦ ଆଦି ମୁଷ୍ଟିମେୟ ଧନୀ ଲୋକଙ୍କର ଚାହିଦା ଥାଏ। ଦାମ୍‌ର ପରିବର୍ତ୍ତନରେ ଏସବୁ ଦ୍ରବ୍ୟର ଚାହିଦାରେ ପରିବର୍ତ୍ତନ ହୁଏ ନାହିଁ। ସେହିପରି ଲୁଣ, ଦିଆସିଲି ଆଦି ଶସ୍ତା ଦ୍ରବ୍ୟ ଗୁଡ଼ିକର ଦାମ୍ ପରିବର୍ତ୍ତନ ସେମାନଙ୍କ ଚାହିଦା ଉପରେ କୌଣସି ପ୍ରଭାବ ପକାଇ ନଥାଏ। ସେମାନଙ୍କର ଚାହିଦା ମଧ୍ୟ ଅପେକ୍ଷାକୃତ ଅସ୍ଥିତିସ୍ଥାପକ। ପରନ୍ତୁ ଯଦି ଦ୍ରବ୍ୟର ଦର ମଧ୍ୟମ ଧରଣର ତାହାର ଚାହିଦା ଅଧିକ ସ୍ଥିତିସ୍ଥାପକ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଯେ ନିମ୍ନଲିଖିତ ଦ୍ରବ୍ୟ କ୍ଷେତ୍ରରେ ଚାହିଦା ସ୍ଥିତିସ୍ଥାପକତା ଅଧିକ ହେବ। ତାହା ହେଲା-

(1) ଆରାମଦାୟକ ଦ୍ରବ୍ୟ ଓ ବିଳାସ ଦ୍ରବ୍ୟ (2) ଯେଉଁ ଦ୍ରବ୍ୟର ବିକଳ୍ପ ଉପଲବ୍ଧ ହେଉଥିବ (3) ଯେଉଁ ଦ୍ରବ୍ୟ ପାଇଁ ଆୟର ବୃହତ୍ ଅଂଶ ବ୍ୟୟ ହେଉଥିବ (4) ଯେଉଁ ଦ୍ରବ୍ୟ ନାନାବିଧ କାର୍ଯ୍ୟରେ ବ୍ୟବହାର କରାଯାଇ ପାରୁଥିବ (5) ଯେଉଁ ଦ୍ରବ୍ୟର ଉପଭୋଗ କିଛିକାଳ ପାଇଁ ସ୍ଥଗିତ ରଖାଯାଇ ପାରିବ (6) ଅଭ୍ୟାସଗତ ଦ୍ରବ୍ୟ ହୋଇ ନ ଥିବ। (7) ଅତି ମୂଲ୍ୟବାନ ଦ୍ରବ୍ୟ ଓ ଅତି ଶସ୍ତାରେ ମିଳୁଥିବା ଦ୍ରବ୍ୟ ହୋଇ ନ ଥିବ।

ଅପରପକ୍ଷରେ, ନିମ୍ନଲିଖିତ ଦ୍ରବ୍ୟ କ୍ଷେତ୍ରରେ ଚାହିଦା ସ୍ଥିତିସ୍ଥାପକତା କମ ହେବ ତାହା ହେଲା-

(1) ଅତ୍ୟାବଶ୍ୟକ ଦ୍ରବ୍ୟ (2) ଯେଉଁ ଦ୍ରବ୍ୟର ବିକଳ୍ପ ଉପଲବ୍ଧ ହେଉ ନ ଥିବ (3) ଯେଉଁ ଦ୍ରବ୍ୟରେ ଆୟର ଏକ କ୍ଷୁଦ୍ର ଅଂଶ ବ୍ୟୟ ହେଉଥିବ (4) ଯେଉଁ ଦ୍ରବ୍ୟର ଗୋଟିଏ ମାତ୍ର ବ୍ୟବହାର ଥିବ (5) ଯେଉଁ ଦ୍ରବ୍ୟର ଉପଭୋଗ ସ୍ଥଗିତ ରଖାଯାଇ ପାରୁ ନ ଥିବ (6) ଦ୍ରବ୍ୟ ଅଭ୍ୟାସଗତ ହୋଇ ଥିବ (7) ଯେଉଁ ଦ୍ରବ୍ୟର ଦର ଅତିବେଶୀ ବା ଅତି କମ ହୋଇ ଥିବ।

# ସାରାଂଶ

1. **ଉପଭୋଗ :** ମାନବର ଅଭାବ ପୂରଣ ନିମନ୍ତେ କୌଣସି ଦ୍ରବ୍ୟ ଓ ସେବାର ଉପଯୋଗିତାର ବିନାଶକୁ ଉପଭୋଗ କୁହାଯାଏ।
2. **ମୋଟ ଉପଯୋଗିତା :** ଏକ ନିର୍ଦ୍ଦିଷ୍ଟ ସମୟରେ କୌଣସି ଦ୍ରବ୍ୟର ବିଭିନ୍ନ ଏକକରୁ ମିଳୁଥିବା ଉପଯୋଗିତାର ସମଷ୍ଟିକୁ ମୋଟ ଉପଯୋଗିତା କୁହାଯାଏ।
3. **ସୀମାନ୍ତ ଉପଯୋଗିତା:** ଦ୍ରବ୍ୟର ଏକ ଅତିରିକ୍ତ ଏକକର ଉପଭୋଗରୁ ମୋଟ ଉପଯୋଗିତାର ଯେଉଁ ବୃଦ୍ଧି ଘଟିଥାଏ, ତାହାକୁ ସୀମାନ୍ତ ଉପଯୋଗିତା କୁହାଯାଏ।
4. **ସୀମାନ୍ତ ଉପଯୋଗିତା ଓ ମୋଟ ଉପଯୋଗିତା ମଧ୍ୟରେ ସମ୍ପର୍କ:** ସୀମାନ୍ତ ଉପଯୋଗିତା ହ୍ରାସ ପାଉଥିବା ବେଳେ ମୋଟ ଉପଯୋଗିତାର ବୃଦ୍ଧି ଘଟିଥାଏ। ସୀମାନ୍ତ ଉପଯୋଗିତା ଶୂନ ହେଲେ ମୋଟ ଉପଯୋଗିତା ସର୍ବାଧିକ ହୋଇଥାଏ। ସୀମାନ୍ତ ଉପଯୋଗିତା ଋଣାତ୍ମକ ହେଲେ ମୋଟ ଉପଯୋଗିତା ହ୍ରାସ ପାଏ।
5. **କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର:** ଜଣେ ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଅଧିକରୁ ଅଧିକ ଉପଭୋଗ କଲେ ସୀମାନ୍ତ ଉପଯୋଗିତା ହ୍ରାସ ପାଏ। ଏହି ସୂତ୍ର ଦୁଇଟି କାରଣ ଯୋଗୁଁ କାର୍ଯ୍ୟକାରୀ ହୋଇଥାଏ। ତାହାହେଲା- ଏକ ନିର୍ଦ୍ଦିଷ୍ଟ ଅଭାବର ପରିତୃପ୍ତି ସମ୍ଭବ ଏବଂ କୌଣସି ଅଭାବର ପରିତୃପ୍ତି ନିମନ୍ତେ ବିଭିନ୍ନ ଦ୍ରବ୍ୟ ସମ୍ପୂର୍ଣ୍ଣ ପ୍ରତିସ୍ଥାପକ ନୁହଁନ୍ତି।

**ସର୍ତ୍ତାବଳୀ**

(i) ସମଜାତୀୟ ଏକକ (ii) ନିରବଚ୍ଛିନ୍ନ ଉପଭୋଗ (iii) ଦ୍ରବ୍ୟର ଉପଯୁକ୍ତ ଆକାର (iv) ଅପରିବର୍ତ୍ତିତ ରୁଚି ଓ ଅଭ୍ୟାସ।

**ସୀମାବଦ୍ଧତା**

(i) ଅସ୍ୱାଭାବିକ ବ୍ୟକ୍ତି, ଯଥା- ମଦ୍ୟପ, କୃପଣ ଇତ୍ୟାଦିଙ୍କ କ୍ଷେତ୍ରରେ କାମ କରେ ନାହିଁ।

(ii) ଉପଯୋଗିତାର ପରିମାଣାତ୍ମକ ପରିମାପ ଅସମ୍ଭବ।

(iii) ଉପଭୋକ୍ତାର ରୁଚି ଓ ଅଭ୍ୟାସରେ ପରିବର୍ତ୍ତନ ହେଲେ ନିୟମ କାର୍ଯ୍ୟକାରୀ ହୁଏ ନାହିଁ।

(iv) ଦ୍ରବ୍ୟର ଉପଯୋଗିତା ସମ୍ପର୍କିତ ଦ୍ରବ୍ୟ ଉପରେ ନିର୍ଭର କରେ।

(v) ଦୁଷ୍ପ୍ରାପ୍ୟ ଦ୍ରବ୍ୟ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ନ ପାରେ।

(vi) ମୁଦ୍ରା କ୍ଷେତ୍ରରେ ସୀମାନ୍ତ ଉପଯୋଗିତା ହ୍ରାସର ହାର ମନ୍ଥର। ମୁଦ୍ରା କ୍ଷେତ୍ରରେ ସୀମାନ୍ତ ଉପଯୋଗିତା ଶୂନ୍ୟ ହୋଇ ନ ଥାଏ।

6. **ସମସୀମାନ୍ତ ଉପଯୋଗିତା ସୂତ୍ର:** ଯଦି କୌଣସି ବ୍ୟକ୍ତିଙ୍କର ବିଭିନ୍ନ ଭାବରେ ବ୍ୟବହୃତ ହୋଇପାରୁଥିବା ପଦାର୍ଥ ଥାଏ, ତେବେ ସେ ଏହାକୁ ବିଭିନ୍ନ ବ୍ୟବହାରରେ ଏପରି ବଣ୍ଟନ କରିବେ ଯଦ୍ୱାରା ଏହାର ସୀମାନ୍ତ ଉପଯୋଗିତା ସମସ୍ତ କ୍ଷେତ୍ରରେ ସମାନ ହେବ।

**ସର୍ତ୍ତାବଳୀ:** ଦ୍ରବ୍ୟର ଦର, ଉପଭୋକ୍ତାଙ୍କ ଆୟ ଓ ରୁଚି ଅପରିବର୍ତ୍ତିତ ରହିବ। ମୁଦ୍ରାର ପ୍ରାନ୍ତୀୟ ଆୟ ସ୍ଥିର ରହିବ।

7. **ଚାହିଦା:** ବଜାରରେ ଏକ ନିର୍ଦ୍ଦିଷ୍ଟ ଦରରେ ଏକ ନିର୍ଦ୍ଧାରିତ ସମୟରେ ଦ୍ରବ୍ୟର ଯେଉଁ ପରିମାଣ କ୍ରୟ ହୁଏ ତାହାକୁ ଚାହିଦା କୁହାଯାଏ।

8. **ଚାହିଦାର ନିର୍ଣ୍ଣାୟକ:** ଦ୍ରବ୍ୟର ଦର, ସମ୍ପର୍କୀୟ ଦ୍ରବ୍ୟର ଦର, ଉପଭୋକ୍ତାଙ୍କ ଆୟ, ରୁଚି ଓ ଅଭ୍ୟାସ, ଦେଶର ଜନସଂଖ୍ୟା, ଆର୍ଥନୀତିକ ଅବସ୍ଥା, ଆୟ ବଣ୍ଟନ, ଉପଭୋଗର ପ୍ରଦର୍ଶନ ପ୍ରଭାବ।

9. **ଚାହିଦା ସୂତ୍ର:** ଚାହିଦାର ଅନ୍ୟାନ୍ୟ ଉପାଦାନ ସ୍ଥିର ରହି ବଜାରରେ ଦ୍ରବ୍ୟର ଦର ହ୍ରାସ ହେଲେ ଚାହିଦାର ପରିମାଣ ବୃଦ୍ଧି ପାଏ ଏବଂ ଦର ବୃଦ୍ଧି ହେଲେ ଚାହିଦାର ପରିମାଣ ହ୍ରାସ ପାଏ।

10. **ଚାହିଦା ସୂଚୀ:** ଦ୍ରବ୍ୟର ବିଭିନ୍ନ ଦରରେ ଚାହିଦା ପରିମାଣର ତାଲିକାକୁ ଚାହିଦା ସୂଚୀ କୁହାଯାଏ।

11. **ଚାହିଦାରେଖା:** ଏହା ଚାହିଦା ସୂଚୀର ଏକ ରେଖାଙ୍କିତ ବିବରଣୀ। ଏହା ବାମରୁ ଡାହାଣକୁ ନିମ୍ନାଭିମୁଖୀ ହୋଇଥାଏ।

12. **ଚାହିଦା ରେଖା ନିମ୍ନାଭିମୁଖୀ ହେବାର କାରଣ:** (i) କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର, (ii) ଆୟ ପ୍ରଭାବ, (iii) ପ୍ରତିସ୍ଥାପନ ପ୍ରଭାବ।

13. **ଚାହିଦା ସୂତ୍ରର ବ୍ୟତିକ୍ରମ:** ଗିଫେନ୍ ଦ୍ରବ୍ୟ, ସମ୍ମାନ ବୃଦ୍ଧିକାରୀ ଦ୍ରବ୍ୟ, ମୂଲ୍ୟବାନ ଦ୍ରବ୍ୟ, ଦର ପରିବର୍ତ୍ତନର ପ୍ରତ୍ୟାଶା, ଅତ୍ୟାବଶ୍ୟକ ଦ୍ରବ୍ୟ କ୍ଷେତ୍ରରେ ଚାହିଦାସୂତ୍ର କାର୍ଯ୍ୟ କରେ ନାହିଁ।

14. **ଚାହିଦା ରେଖାରେ ଗତି :** ଦ୍ରବ୍ୟର ଦର ବ୍ୟତୀତ ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ ସମସ୍ତ ଉପାଦାନ ସ୍ଥିର ରହି କେବଳ ଦ୍ରବ୍ୟର ଦର ପରିବର୍ତ୍ତନ ହେଲେ ଚାହିଦା ପରିମାଣରେ ପରିବର୍ତ୍ତନ ହୋଇଥାଏ। ଫଳରେ ଚାହିଦା ରେଖାର ସ୍ଥାନଚ୍ୟୁତି ହୋଇ ନଥାଏ; ଉପଭୋକ୍ତା ଚାହିଦା ରେଖାରେ ଗୋଟିଏ ବିନ୍ଦୁରୁ ଅନ୍ୟ ବିନ୍ଦୁକୁ ଗତି କରିଥାଏ।

15. **ଚାହିଦା ରେଖାର ସ୍ଥାନଚ୍ୟୁତି:** ଦ୍ରବ୍ୟ ଦର ସ୍ଥିର ରହି ଅନ୍ୟାନ୍ୟ ଉପାଦାନ ପରିବର୍ତ୍ତନ ହେଲେ ଚାହିଦାରେ ପରିବର୍ତ୍ତନ ହୋଇଥାଏ । ଫଳରେ ଚାହିଦା ରେଖାର ସ୍ଥାନଚ୍ୟୁତି ହୋଇଥାଏ ।

16. **ଚାହିଦାର ଦର ସ୍ଥିତିସ୍ଥାପକତା:** କୌଣସି ଦ୍ରବ୍ୟର ନିର୍ଦ୍ଦିଷ୍ଟ ଆନୁପାତିକ ପରିବର୍ତ୍ତନ ଯୋଗୁଁ, ଉକ୍ତ ଦ୍ରବ୍ୟର ଚାହିଦା ପରିମାଣରେ ଆନୁପାତିକ ପରିବର୍ତ୍ତନ ଯେତେ ଗୁଣ ହୋଇଥାଏ, ତାହାକୁ ଚାହିଦାର ଦର ସ୍ଥିତିସ୍ଥାପକତା କୁହାଯାଏ ।

17. **ଦର ସ୍ଥିତିସ୍ଥାପକତାର ପ୍ରକାରଭେଦ:** ଚାହିଦାର ଦର ସ୍ଥିତିସ୍ଥାପକତା ପାଞ୍ଚ ପ୍ରକାର ଯଥା- ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ, ଅପେକ୍ଷାକୃତ ସ୍ଥିତିସ୍ଥାପକ, ଏକକ ସ୍ଥିତିସ୍ଥାପକ, ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଓ ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ।

18. **ଦର ସ୍ଥିତିସ୍ଥାପକତାର ନିର୍ଣ୍ଣାୟକ:** ଦର ସ୍ଥିତିସ୍ଥାପକତା ଦ୍ରବ୍ୟର ପ୍ରକୃତି, ପ୍ରତିସ୍ଥାପକ ଦ୍ରବ୍ୟର ସୁଲଭତା, ଦ୍ରବ୍ୟର ବିବିଧ ବ୍ୟବହାର, ମୋଟ ଆୟର ବ୍ୟୟିତ ଅଂଶ, ଉପଭୋଗ ସ୍ଥଗିତ ରଖିବାର ସମ୍ଭାବନା, ଦ୍ରବ୍ୟର ସ୍ଥାୟିତ୍ୱ ଇତ୍ୟାଦି ଉପରେ ନିର୍ଭର କରେ ।

❑❑❑

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ- ବସ୍ତୁନିଷ୍ଠ ପ୍ରଶ୍ନ (ବାଧ୍ୟତାମୂଳକ)

(ପ୍ରତ୍ୟେକର ମୂଲ୍ୟ 1 ନମ୍ବର)

1. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ।

(a) ଯେତେବେଳେ ସୀମାନ୍ତ ଉପଯୋଗିତା ହ୍ରାସ ପାଏ, ମୋଟ ଉପଯୋଗିତା

(i) ବୃଦ୍ଧି ପାଏ (ii) ହ୍ରାସ ପାଏ

(iii) ସ୍ଥିର ରହେ (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(b) ସୀମାନ୍ତ ଉପଯୋଗିତା ଋଣାତ୍ମକ ହେଲେ ମୋଟ ଉପଯୋଗିତା

(i) ବୃଦ୍ଧି ପାଏ (ii) ହ୍ରାସ ପାଏ

(iii) ସ୍ଥିର ରହେ (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(c) ସୀମାନ୍ତ ଉପଯୋଗିତା ଶୂନ୍ୟ ହେଲେ, ମୋଟ ଉପଯୋଗିତା

(i) ବୃଦ୍ଧି ପାଏ (ii) ହ୍ରାସ ପାଏ

(iii) ସର୍ବାଧିକ ହୋଇଥାଏ। (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(d) ଦ୍ରବ୍ୟର ସୀମାନ୍ତ ଉପଯୋଗିତା ରେଖା

(i) ଡାହାଣକୁ ଊର୍ଦ୍ଧ୍ୱଗାମୀ ହୁଏ (ii) ଡାହାଣକୁ ନିମ୍ନଗାମୀ ହୁଏ

(iii) X - ଅକ୍ଷ ସହିତ ସମାନ୍ତରାଳ ହୁଏ (iv) ଉଲମ୍ବ ସରଳରେଖା ହୁଏ

(e) କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର କେଉଁ କାରଣ ଯୋଗୁଁ କାର୍ଯ୍ୟକାରୀ ହୋଇଥାଏ ?

(i) ଅଭାବ ଅସୀମ (ii) ଏକ ନିର୍ଦ୍ଦିଷ୍ଟ ଅଭାବ ପରିତୃପ୍ତକ୍ଷମ

(iii) ଅଭାବ ପୂରଣ ପାଇଁ ଦ୍ରବ୍ୟ ସମୂହ ସମ୍ପୂର୍ଣ୍ଣ ପ୍ରତିବଳଦକ୍ଷମ ନୁହଁନ୍ତି।

(iv) ଉଭୟ (ii) ଏବଂ (iii)

(f) ଚାହିଦାର ଅନ୍ୟାନ୍ୟ ଉପାଦନ ସ୍ଥିର ରହି, ଦ୍ରବ୍ୟର ଦର ବୃଦ୍ଧି ହେଲେ, ଚାହିଦାର ପରିମାଣ:

(i) ହ୍ରାସ ପାଏ (ii) ବୃଦ୍ଧି ପାଏ

(iii) ସ୍ଥିର ରହେ (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(g) ଚାହିଦା ପରିମାଣରେ ପରିବର୍ତ୍ତନ କାହାର ପରିବର୍ତ୍ତନ ଯୋଗୁଁ ସମ୍ଭବ ହୋଇଥାଏ ?

(i) ଆୟ (ii) ଦ୍ରବ୍ୟର ଦର

(iii) ସମ୍ପର୍କିତ ଦ୍ରବ୍ୟର ଦର (iv) ରୁଚି

(h) ଚାହିଦା ରେଖାର ସ୍ଥାନଚ୍ୟୁତି କେଉଁ କାରଣ ଯୋଗୁଁ ହୋଇଥାଏ ?

(i) ଦ୍ରବ୍ୟର ଦର (ii) ଉପଭୋକ୍ତାର ଆୟ

(iii) ସମ୍ପର୍କିତ ଦ୍ରବ୍ୟର ଦର, ଖାଉଟିର ରୁଚି (iv) ଉଭୟ (ii) ଏବଂ (iii)

(i) ଚାହିଦାସୂତ୍ର ଯେଉଁ ଦୁଇଟି ଉପାଦାନର ସମ୍ପର୍କକୁ ବିଶ୍ଳେଷଣ କରାଯାଏ, ତାହା ହେଲା-

(i) ଦ୍ରବ୍ୟର ଦର ଓ ଦ୍ରବ୍ୟର ପରିମାଣ (ii) ଖାଉଟିଙ୍କ ଆୟ ଓ ଦ୍ରବ୍ୟର ପରିମାଣ

(iii) ସମ୍ପର୍କିତ ଦ୍ରବ୍ୟର ଦର ଓ ଦ୍ରବ୍ୟରପରିମାଣ (iv) ଖାଉଟିଙ୍କ ରୁଚି ଓ ଦ୍ରବ୍ୟର ପରିମାଣ

(j) ଚାହିଦା ସୂତ୍ର କାହା ଉପରେ ଆଧାରିତ ?

(i) କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର (ii) ସମସୀମାନ୍ତ ଉପଯୋଗିତା ସୂତ୍ର

(iii) ପରିବର୍ତ୍ତନୀୟ ଅନୁପାତ ସୂତ୍ର (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(k) ଯେତେବେଳେ ଦ୍ରବ୍ୟର ନିଅଣ୍ଟ ଆଶଙ୍କା କରାଯାଏ, ସେତେବେଳେ ଦରର ଚାହିଦା:

(i) କମ ହୁଏ (ii) ଅଧିକ ହୁଏ

(iii) ଶୂନ ହୁଏ (iv) ସ୍ଥିର ରହେ

(l) ଚାହିଦାର ପରିମାଣ ଯେତେବେଳେ ଦରର ପରିବର୍ତ୍ତନ ଦ୍ୱାରା ବିଶେଷଭାବେ ପ୍ରଭାବିତ ହୁଏ ନାହିଁ, ସେତେବେଳେ ଚାହିଦା

(i) ସ୍ଥିତିସ୍ଥାପକ ହୋଇଥାଏ (ii) ଅସ୍ଥିତିସ୍ଥାପକ ହୋଇଥାଏ

(iii) ଏକକ ସ୍ଥିତିସ୍ଥାପକ ହୋଇଥାଏ (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(m) ଦ୍ରବ୍ୟର ଦରରେ ଏକ ନିର୍ଦ୍ଦିଷ୍ଟ ଆନୁପାତିକ ପରିବର୍ତ୍ତନ ଯୋଗୁଁ ଯଦି ଚାହିଦା ପରିମାଣରେ ସମାନୁପାତିକ ପରିବର୍ତ୍ତନ ହୁଏ, ତେବେ ଦର ସ୍ଥିତିସ୍ଥାପକତା:

(i) ଏକରୁ ଅଧିକ ହେବ (ii) ଏକରୁ କମ ହେବ

(iii) ଶୂନ ହେବ (iv) ଏକ ହେବ

(n) ଦ୍ରବ୍ୟର ଦରରେ ସାମାନ୍ୟ ପରିବର୍ତ୍ତନ ହେଲେ ଯଦି ଚାହିଦାର ପରିମାଣରେ ପ୍ରଭୂତ ପରିବର୍ତ୍ତନ ଘଟେ, ଉକ୍ତ ଅବସ୍ଥାକୁ କ'ଣ କୁହାଯାଏ ?

(i) ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା (ii) ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା

(iii) ଏକକ ସ୍ଥିତିସ୍ଥାପକ ଚାହିଦା (iv) ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା

(o) ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ, ଚାହିଦା ରେଖାର ଆକାର କ'ଣ ହୋଇଥାଏ ?

(i) X - ଅକ୍ଷ ସହ ସମାନ୍ତରାଳ (ii) ଉଲମ୍ବ

(iii) ନିମ୍ନଗାମୀ (iv) ଊର୍ଦ୍ଧ୍ୱଗାମୀ

(p) ଦୁଇଟି ଦ୍ରବ୍ୟ X ଏବଂ Y. Yର ଦାମ ସ୍ଥିର ରହି, ଯେତେବେଳେ Xର ଦାମ ବଢ଼ିଯାଏ ସେତେବେଳେ Yର ଚାହିଦାର ପରିମାଣ ବୃଦ୍ଧି ପାଏ । ତେବେ X ଏବଂ Y ମଧ୍ୟରେ ସମ୍ପର୍କ କ'ଣ ?

(i) ପ୍ରତିସ୍ଥାପନକ୍ଷମ (ii) ପରସ୍ପର ପରିପୂରକ

(iii) ପ୍ରତିଯୋଗୀ (iv) ସମ୍ପର୍କ ଶୂନ୍ୟ

(q) ଯଦି ଗୋଟିଏ ଦ୍ରବ୍ୟର 10ଟି ଉପଭୋଗରୁ ମୋଟ ଉପଯୋଗିତା 120 ଏବଂ ସେହି ଦ୍ରବ୍ୟର 11ଟି ଉପଭୋଗରୁ ମୋଟ ଉପଯୋଗିତା 110 ହୁଏ, ତେବେ ସୀମାନ୍ତ ଉପଯୋଗିତା କେତେ ?

(i) 10 (ii) 21

(iii) -10 (iv) 12

2\. I. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ସଠିକତା ପରୀକ୍ଷା କର । ଆବଶ୍ୟକ ସ୍ଥଳେ ରେଖାଙ୍କିତ ଅଂଶର ପରିବର୍ତ୍ତନ ନ କରି ସଂଶୋଧନ କର । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 1 ନମ୍ବର)

(a) ଗୋଟିଏ ଦ୍ରବ୍ୟ କ୍ରୟ କଲାବେଳେ, ଜଣେ ଉପଭୋକ୍ତା ଏହାର ମୋଟ ଉପଯୋଗିତାକୁ ଦର ସହିତ ତୁଳନା କରେ ।

(b) କମ ଦରରେ ଚାହିଦା ଅଧିକ ହେଲେ ଏହାକୁ ଚାହିଦା ପରିବର୍ତ୍ତନ କୁହାଯାଏ ।

(c) ସୀମାନ୍ତ ଉପଯୋଗିତା ଶୂନ୍ୟ ହେଲେ ମୋଟ ଉପଯୋଗିତା ବୃଦ୍ଧି ପାଏ ।

(d) ସୀମାନ୍ତ ଉପଯୋଗିତା ରେଖା ଉଲ୍ଲମ୍ବ ଆକାର ହୋଇଥାଏ ।

(e) ସ୍ୱାଭାବିକ ଚାହିଦାରେଖା ନିମ୍ନଗାମୀ ହୋଇଥାଏ ।

(f) ସୀମାନ୍ତ ଉପଯୋଗିତା ଋଣାତ୍ମକ ହେଲେ ମୋଟ ଉପଯୋଗିତା ବୃଦ୍ଧି ପାଇଥାଏ ।

(g) ଗିଫେନ୍ ଦ୍ରବ୍ୟର ଚାହିଦା ତାର ଦର ବଢ଼ିବା ସଙ୍ଗେ ହ୍ରାସ ପାଇଥାଏ ।

(h) ପଦମର୍ଯ୍ୟାଦା ପ୍ରତୀକ ଦ୍ରବ୍ୟ କ୍ଷେତ୍ରରେ ଦର କମିଲେ ଚାହିଦା ହ୍ରାସ ପାଇଥାଏ ।

(i) ଖାଉଟିର ଆୟ ବୃଦ୍ଧିରେ ଚାହିଦାରେଖାର ସ୍ଥାନଚ୍ୟୁତି ବାମକୁ ହୋଇଥାଏ ।

(j) ବିଳାସ ଦ୍ରବ୍ୟର ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ ହୋଇଥାଏ ।

(k) ଦୀର୍ଘକାଳରେ ଚାହିଦା ଅପେକ୍ଷାକୃତ ଅସ୍ଥିତିସ୍ଥାପକ ହୋଇଥାଏ ।

(l) ଅତ୍ୟନ୍ତ ମୂଲ୍ୟବାନ ଦ୍ରବ୍ୟ କ୍ଷେତ୍ରରେ ଚାହିଦାର ସ୍ଥିତିସ୍ଥାପକତା ଅଧିକ ହୁଏ ।

(m) ଗୋଟିଏ ଚାହିଦାରେଖା ଉଲ୍ଲମ୍ବ ଆକାର ହେଲେ, ଚାହିଦାର ସ୍ଥିତିସ୍ଥାପକତା ଅସୀମ ହୋଇଥାଏ ।

(n) ଏକକ ସ୍ଥିତିସ୍ଥାପକ ଚାହିଦା କ୍ଷେତ୍ରରେ ଚାହିଦାରେଖା ଉଲ୍ଲମ୍ବ ଆକାର ଧାରଣ କରିଥାଏ ।

II. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ଗୋଟିଏ ବାକ୍ୟରେ ଉତ୍ତର ଦିଅ ।

(a) ସୀମାନ୍ତ ଉପଯୋଗିତାର ଅର୍ଥ କ'ଣ ?

(b) ମୋଟ ଉପଯୋଗିତା କହିଲେ କ'ଣ ବୁଝ ?

(c) ଉପଭୋଗ କହିଲେ କ'ଣ ବୁଝ ?

(d) ଚାହିଦା ଅର୍ଥ କ'ଣ ?

(e) ଚାହିଦା ସୂଚୀ କହିଲେ କ'ଣ ବୁଝ ?

(f) ଚାହିଦା ରେଖା କହିଲେ କ'ଣ ବୁଝ ?

(g) ଚାହିଦା ରେଖାର ସ୍ଥାନଚ୍ୟୁତି କହିଲେ କ'ଣ ବୁଝାଯାଏ ?

(h) ଚାହିଦା ରେଖାରେ ଗତି କହିଲେ କ'ଣ ବୁଝାଯାଏ ?

(i) ଚାହିଦାର ପ୍ରସାରଣ କହିଲେ କ'ଣ ବୁଝ ?

(j) ଚାହିଦାର ସଙ୍କୋଚନ କହିଲେ କ'ଣ ବୁଝ ?

(k) ଚାହିଦା ବୃଦ୍ଧିର ଅର୍ଥ କ'ଣ ?

(l) ଚାହିଦା ହ୍ରାସର ଅର୍ଥ କ'ଣ ?

(m) ଗିଫେନ୍ ଦ୍ରବ୍ୟ କହିଲେ କ'ଣ ବୁଝ ?

(n) ଚାହିଦା ରେଖାର ଆକୃତି କିପରି ?

(o) ଚାହିଦାର ଦର ସ୍ଥିତିସ୍ଥାପକତା କ'ଣ ?

### 'ଖ' - ବିଭାଗ (କ୍ଷୁଦ୍ର ଉତ୍ତର ସାପେକ୍ଷ)

(ପ୍ରତ୍ୟେକର ମୂଲ୍ୟ 2 ନମ୍ବର)

3. **ପ୍ରତ୍ୟେକ କ୍ଷେତ୍ରରେ ଦୁଇଟି ବା ତିନିଟି ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ:**

(a) ଚାହିଦା ରେଖା ବାମକୁ ସ୍ଥାନାନ୍ତରିତ ହେବାର ଅର୍ଥ କ'ଣ ?

(b) ଚାହିଦାର ଏକକ ସ୍ଥିତିସ୍ଥାପକତା କହିଲେ କ'ଣ ବୁଝ ?

(c) କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ନିୟମ କାହିଁକି କାର୍ଯ୍ୟକାରୀ ହୋଇଥାଏ ?

(d) ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା କ'ଣ ?

(e) ସମ୍ପୂର୍ଣ୍ଣ ଅସ୍ଥିତିସ୍ଥାପକ ଚାହିଦା କିହଲେ କ'ଣ ବୁଝ ?

(f) ଚାହିଦାରେ ପରିବର୍ତ୍ତନ କହିଲେ କ'ଣ ବୁଝ ?

(g) ଅପେକ୍ଷାକୃତ ସ୍ଥିତିସ୍ଥାପକ ଚାହିଦା ଅର୍ଥ କ'ଣ ?

(h) ଅପେକ୍ଷାକୃତ ଅସ୍ଥିତିସ୍ଥାପକ ଚାହିଦା କ'ଣ ?

4. **ପାର୍ଥକ୍ୟ ଦର୍ଶାଅ (ପ୍ରତ୍ୟେକକୁ ଛଅଟି ବାକ୍ୟରେ):** (ପ୍ରତ୍ୟେକର ମୂଲ୍ୟ 3 ନମ୍ବର)

(a) ସୀମାନ୍ତ ଉପଯୋଗିତା ଓ ମୋଟ ଉପଯୋଗିତା ।

(b) ଚାହିଦା ରେଖାରେ ଗତି ଓ ଚାହିଦା ରେଖାର ସ୍ଥାନଚ୍ୟୁତି ।

(c) ଚାହିଦାରେ ପରିବର୍ତ୍ତନ ଓ ଚାହିଦାର ପରିମାଣରେ ପରିବର୍ତ୍ତନ ।

(d) ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା ଓ ସମ୍ପୂର୍ଣ୍ଣ ଅଣସ୍ଥିତିସ୍ଥାପକ ଚାହିଦା ।

(e) ଅପେକ୍ଷାକୃତ ସ୍ଥିତିସ୍ଥାପକ ଓ ଅପେକ୍ଷାକୃତ ଅଣସ୍ଥିତିସ୍ଥାପକ ଚାହିଦା ।

## 'ଗ' ବିଭାଗ (ଦୀର୍ଘ ଉତ୍ତର ସାପେକ୍ଷ ପ୍ରଶ୍ନ)

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ $7^1/_2$ ନମ୍ବର)

5. କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ବ୍ୟାଖ୍ୟା କର ।

6. ସମସୀମାନ୍ତ ଉପଯୋଗିତା ସୂତ୍ର ବ୍ୟାଖ୍ୟା କର ।

7. ଚାହିଦା ସୂତ୍ର ବ୍ୟାଖ୍ୟା କର । ଏହାର ବ୍ୟତିକ୍ରମ ଗୁଡ଼ିକ ଦର୍ଶାଅ ।

8. ଚାହିଦାର ଦର ସ୍ଥିତିସ୍ଥାପକତା କହିଲେ କ'ଣ ବୁଝ ? କେଉଁ କେଉଁ ଉପାଦାନ ଉପରେ ଏହା ନିର୍ଭର କରେ ତାହା ବର୍ଣ୍ଣନା କର ।

❑❑❑

# ତୃତୀୟ ପରିଚ୍ଛେଦ

## ଉତ୍ପାଦନ

- ଉତ୍ପାଦନ ଓ ଉତ୍ପାଦନ ଫଳନର ଅର୍ଥ, ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଉତ୍ପାଦନ ଫଳନ
- ମୋଟ ଉତ୍ପାଦ, ହାରାହାରି ଉତ୍ପାଦ ଓ ସୀମାନ୍ତ ଉତ୍ପାଦ
- ପରିବର୍ତ୍ତୀ ଅନୁପାତ ସୂତ୍ର

# ତୃତୀୟ ପରିଚ୍ଛେଦ

## ଉତ୍ପାଦନ (Production)

## 3.1 ଉତ୍ପାଦନର ଅର୍ଥ, ଉତ୍ପାଦନର ସାଧନ ଓ ଉତ୍ପାଦନ ଫଳନ

ବ୍ୟଷ୍ଟି ଅର୍ଥନୀତିରେ ଉତ୍ପାଦନ ତତ୍ତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ । ଉତ୍ପାଦନ ବିନା ଉପଭୋଗ ସମ୍ଭବ ହୁଏ ନାହିଁ । ତେଣୁ ଉପଭୋକ୍ତାମାନଙ୍କର ଉପଭୋଗ ଚାହିଦା ପୂରଣ ପାଇଁ ଦ୍ରବ୍ୟ ଓ ସେବାର ଉତ୍ପାଦନ ନିହାତି ଜରୁରୀ । ଏହା ବ୍ୟତୀତ, କୌଣସି ଦେଶର ସମୃଦ୍ଧି ତଥା ସାମାଜିକ କଲ୍ୟାଣ, ମୋଟ ଉତ୍ପାଦିତ ଦ୍ରବ୍ୟ ଓ ସେବାର ପରିମାଣ ତଥା ଏହାର ଉତ୍କୃଷ୍ଟତା ଉପରେ ନିର୍ଭର କରେ । ତେଣୁ ଉତ୍ପାଦନ ତଥା ଉତ୍ପାଦନ ସାଧନ ଓ ଉତ୍ପାଦିତ ଦ୍ରବ୍ୟ ପରିମାଣ ସମ୍ବନ୍ଧୀୟ ଜ୍ଞାନ ପ୍ରତ୍ୟେକଙ୍କ ପାଇଁ ଅତ୍ୟନ୍ତ ପ୍ରୟୋଜନ ।

### 3.1.1 ଉତ୍ପାଦନର ଅର୍ଥ (Meaning of Production)

ସାଧାରଣ ଅର୍ଥରେ ଉତ୍ପାଦନ କହିଲେ ଭୌତିକ ଦ୍ରବ୍ୟ ସୃଷ୍ଟି କରିବା ପ୍ରକ୍ରିୟାକୁ ବୁଝାଯାଏ । ତେଣୁ ଜଣେ ବଢ଼େଇ ଖଣ୍ଡେ କାଠଗଡ଼ରୁ ଚୌକି ବା ମେଜ ତିଆରି କରିବାକୁ ଉତ୍ପାଦନ କୁହାଯାଏ । ମାତ୍ର ଭୌତିକ ଦ୍ରବ୍ୟ ଗୁଡ଼ିକୁ ସୃଷ୍ଟି କରାଯାଇପାରେ ନାହିଁ । ଏଗୁଡ଼ିକ ପ୍ରକୃତିଦତ୍ତ, ମାନବକୃତ ନୁହେଁ । ବଢ଼େଇ କାଠଗଡ଼ ସୃଷ୍ଟି କରିପାରେ ନାହିଁ । ସେ କେବଳ କାଠଗଡ଼ର ଆକାର ପରିବର୍ତ୍ତନ କରି ଏହାର ଉପଯୋଗିତା ସୃଷ୍ଟି କରିଥାଏ । ତେଣୁ ଅର୍ଥଶାସ୍ତ୍ରରେ ଉତ୍ପାଦନ କହିଲେ ଉପଯୋଗିତାର ସୃଷ୍ଟିକୁ ହିଁ ବୁଝାଯାଏ । ଏହି ପ୍ରସଙ୍ଗରେ ତିନୋଟି ବିଷୟ ପ୍ରଣିଧାନଯୋଗ୍ୟ । ପ୍ରଥମ, ଉଭୟ ଭୌତିକ ଦ୍ରବ୍ୟ ଏବଂ ସେବାରୁ ଉପଯୋଗିତା ମିଳିଥାଏ । ତେଣୁ ଭୌତିକ ଦ୍ରବ୍ୟ ଯଥା- ଚେୟାର, ମେଜ ଇତ୍ୟାଦି ତିଆରି କରିବା ଏବଂ ସେବା ଯଥା ଶିକ୍ଷକ, ଡାକ୍ତର, ଓକିଲମାନଙ୍କ ସେବାରୁ ଉପଯୋଗିତା ମିଳୁଥିବାରୁ, ଏ ଉଭୟ ପ୍ରକ୍ରିୟା ଉତ୍ପାଦନ ପରିସରଭୁକ୍ତ ଅଟେ । ଦ୍ୱିତୀୟ, କେବଳ ଉପଯୋଗିତାର ସୃଷ୍ଟି ଉତ୍ପାଦନ ପଦବାଚ୍ୟ ନୁହେଁ । ଉତ୍ପାଦନର ଅର୍ଥ ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତାର ସୃଷ୍ଟି । ଅର୍ଥାତ୍ ଯେଉଁ ଉପଯୋଗିତା ବଜାରରେ କ୍ରୟ, ବିକ୍ରୟ କରାଯାଇପାରେ, ସେପରି ଉପଯୋଗିତା ସୃଷ୍ଟିକୁ ଉତ୍ପାଦନ କୁହାଯାଏ । ତୃତୀୟ, ଉତ୍ପାଦନ

ସହିତ ନୈତିକତା ବା ମୂଲ୍ୟବୋଧ ଆଦିର କୌଣସି ସମ୍ପର୍କ ନାହିଁ। ତେଣୁ ଅର୍ଥଶାସ୍ତ୍ରରେ 'ଔଷଧ' ଏବଂ 'ମଦ'ର ପ୍ରସ୍ତୁତି ଉଭୟ ଉତ୍ପାଦନ ପଦବାଚ୍ୟ, ଯଦିଓ 'ମଦ'ର ପ୍ରସ୍ତୁତି ଏବଂ ବିକ୍ରି ସମାଜ ପାଇଁ ହାନିକାରକ। ତେଣୁ ଅର୍ଥଶାସ୍ତ୍ରରେ ଉତ୍ପାଦନର ଅର୍ଥ ବିନିମୟ ମୂଲ୍ୟ ଥିବା ଦ୍ରବ୍ୟ ବା ସେବାର ପ୍ରସ୍ତୁତି। (Production means creation of material goods and services having exchange value) ପ୍ରଫେସର **ମେୟରସ୍‌ଙ୍କ** ମତରେ, "ବିନିମୟ ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ବା ସେବାର ପ୍ରସ୍ତୁତି ପ୍ରକ୍ରିୟାକୁ ଉତ୍ପାଦନ କୁହାଯାଏ।" ଅର୍ଥାତ୍ ସାଧନକୁ ବିନିମୟ ମୂଲ୍ୟ ଥିବା ଉତ୍ପାଦନରେ ରୂପାନ୍ତର କରିବା ପ୍ରକ୍ରିୟା ହେଲା ଉତ୍ପାଦନ। ଉତ୍ପାଦନ ପ୍ରକ୍ରିୟା ବିଭିନ୍ନ ରୂପ ନେଇପାରେ। ଉଦାହରଣ ସ୍ୱରୂପ, ଉତ୍ପାଦନର ପ୍ରସ୍ତୁତି, ଏହାର ପରିବହନ, ଗଚ୍ଛିତକରଣ ଏବଂ ବିକ୍ରି ଇତ୍ୟାଦି ପ୍ରକ୍ରିୟାକୁ ମଧ୍ୟ ଉତ୍ପାଦନ କୁହାଯାଏ, କାରଣ ସମସ୍ତ ପ୍ରକ୍ରିୟାରେ ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତା ସୃଷ୍ଟି ହୋଇଥାଏ। ତେଣୁ ଏହା ମଧ୍ୟ କୁହାଯାଇପାରେ ଯେ ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତାର ସୃଷ୍ଟି ହିଁ ଉତ୍ପାଦନ।

**ଉପଯୋଗିତାର ପ୍ରକାରଭେଦ (Forms of Utility)**

ଉତ୍ପାଦନର ଅର୍ଥ ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତାର ସୃଷ୍ଟି। ସାଧାରଣତଃ କୌଣସି ଦ୍ରବ୍ୟର ଆକାର, ସ୍ଥାନ, କାଳ, ବା ସେବାର ପରିବର୍ତ୍ତନ କରି ଏହାର ଉପଯୋଗିତା ସୃଷ୍ଟି କରାଯାଇପାରେ। ଅର୍ଥାତ୍ ଉପଯୋଗିତା ସୃଷ୍ଟିକୁ ଚାରୋଟି ଶ୍ରେଣୀଭୁକ୍ତ କରାଯାଇପାରେ। ସେଗୁଡ଼ିକ ହେଲା-

1. **ଆକାରଗତ ଉପଯୋଗିତା (Form Utility) :** ଭୌତିକ ବସ୍ତୁର ଆକାର ପରିବର୍ତ୍ତନ କରି ଏହାର ଉପଯୋଗିତା ସୃଷ୍ଟି କରାଯାଇପାରେ। ଉଦାହରଣ ସ୍ୱରୂପ, ଜଣେ ବଢ଼େଇ ଖଣ୍ଡେ କାଠଗଣ୍ଡିରୁ ଚୌକି ବା ଟେବୁଲ ତିଆରି କରିବା ଫଳରେ କାଠଗଣ୍ଡିଟିର ଉପଯୋଗିତା ବୃଦ୍ଧି ପାଇଥାଏ। ଏହା ଆକାରଗତ ଉପଯୋଗିତା ଶ୍ରେଣୀଭୁକ୍ତ।

2. **ସ୍ଥାନଗତ ଉପଯୋଗିତା (Place Utility) :** କୌଣସି ଦ୍ରବ୍ୟ ବା ସେବାର ସ୍ଥାନ ପରିବର୍ତ୍ତନ କରି ଏହାର ଉପଯୋଗିତା ବୃଦ୍ଧି କରାଯାଇପାରେ। ଉଦାହରଣ ସ୍ୱରୂପ, ଦ୍ରବ୍ୟକୁ ଏହାର ଉତ୍ପାଦନ ସ୍ଥାନରୁ ବଜାରକୁ ସ୍ଥାନାନ୍ତରିତ କରି ଏହାର ଉପଯୋଗିତା ବୃଦ୍ଧି କରାଯାଇଥାଏ। ସେହିପରି କୌଣସି ଦ୍ରବ୍ୟକୁ ଏହାର ଅଧିକ ଉତ୍ପନ୍ନ ହେଉଥିବା ସ୍ଥାନରୁ କମ୍ ଉତ୍ପାଦନ କିମ୍ବା ଉତ୍ପାଦନ ହେଉ ନ ଥିବା ସ୍ଥାନକୁ ସ୍ଥାନାନ୍ତରିତ କରି ଏହାର ବିନିମୟ ମୂଲ୍ୟ ବୃଦ୍ଧି କରାଯାଇପାରେ। ସେହିପରି ଜଣେ ଶିକ୍ଷକର ଉପଯୋଗିତା ତାଙ୍କ ଘର ଠାରୁ ଶ୍ରେଣୀ ଗୃହରେ ଅଧିକ ହୋଇଥାଏ। ଏହି ସବୁ ପ୍ରକାର ଉପଯୋଗିତା ସୃଷ୍ଟିକୁ ସ୍ଥାନଗତ ଉପଯୋଗିତା କୁହାଯାଏ।

3. **କାଳଗତ ଉପଯୋଗିତା (Time Utility) :** ସାମଗ୍ରୀକୁ କିଛିକାଳ ଗଚ୍ଛିତ ରଖି ଏହାର ଉପଯୋଗିତା ତଥା ମୂଲ୍ୟବୃଦ୍ଧି କରାଯାଇପାରେ। ଏହି ପ୍ରକାର ଉପଯୋଗିତା ସୃଷ୍ଟିକୁ 'କାଳଗତ' ଉପଯୋଗିତା କୁହାଯାଏ। ସାଧାରଣତଃ ପନିପରିବା, ଫଳମୂଳ ଇତ୍ୟାଦିକୁ ଶୀତଳ ଭଣ୍ଡାରରେ ଗଚ୍ଛିତ ରଖି, ଅସମୟରେ ବିକ୍ରି କରାଯାଇଥାଏ। ଫଳରେ ଏସବୁର ଉପଯୋଗିତା ତଥା ମୂଲ୍ୟବୃଦ୍ଧି ଘଟିଥାଏ।

4. **ସେବାଗତ ଉପଯୋଗିତା (Service Utility) :** ବ୍ୟକ୍ତିଗତ ସେବା ମଧ୍ୟ ମଣିଷର ଚାହିଦା ପୂରଣ କରିଥାଏ। ଭୌତିକ ଦ୍ରବ୍ୟ ଉତ୍ପାଦନ ଭଳି 'ସେବା' ମଧ୍ୟ ଉତ୍ପାଦିତ ହୋଇଥାଏ। ସେବା ଉତ୍ପାଦନରେ ଉଭୟ ସାଧନ ଏବଂ ଉତ୍ପାଦ ସ୍ପର୍ଶନାତୀତ (Intangible) ହୋଇଥାନ୍ତି। ଶିକ୍ଷକ, ଡାକ୍ତର, ଅଭିନେତା ଇତ୍ୟାଦିଙ୍କ ସେବା ମୂଲ୍ୟଯୁକ୍ତ ଉପଯୋଗିତା ସୃଷ୍ଟି କରିଥାଏ। ତେଣୁ ଏ ସବୁକୁ 'ସେବାଗତ' ଉପଯୋଗିତାର ଉଦାହରଣ ରୂପେ ବିବେଚନା କରାଯାଇପାରେ।

### 3.1.2 ଉତ୍ପାଦନର ସାଧନ (Factors of Production or Inputs)

ଉତ୍ପାଦନ ସାଧନ କହିଲେ ଦ୍ରବ୍ୟ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହେଉଥିବା ସମସ୍ତ ଉପାଦାନଗୁଡ଼ିକୁ ବୁଝାଯାଏ। ଏଗୁଡ଼ିକ ମଧ୍ୟରୁ କେତେକ ଉପାଦାନ ଯଥା- କଞ୍ଚା ମାଲ, ଶକ୍ତି, ଅର୍ଦ୍ଧନିର୍ମିତ ଦ୍ରବ୍ୟ ଇତ୍ୟାଦି ପୂର୍ବ ପ୍ରସ୍ତୁତ ଅଟେ। ସେଗୁଡ଼ିକୁ ଅନ୍ତର୍ବର୍ତ୍ତୀ ସାଧନ (Intermediate input) କୁହାଯାଏ। ଉଦାହରଣ ସ୍ୱରୂପ, ବଢ଼େଇ ଚୌକି ତିଆରି କରିବା ପାଇଁ କାଠ, କଣ୍ଟା, ରଙ୍ଗ, ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର କରିଥାଏ। ଏସବୁ ଉପାଦାନ ଗୁଡ଼ିକୁ ଅନ୍ତର୍ବର୍ତ୍ତୀ ସାଧନ କୁହନ୍ତି। ଅନ୍ତର୍ବର୍ତ୍ତୀ ସାଧନ ବ୍ୟତୀତ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ସାଧନଗୁଡ଼ିକୁ ପ୍ରାଥମିକ ଉପାଦାନ ବା ପ୍ରାଥମିକ ସାଧନ (Primary input) କହନ୍ତି। ଅର୍ଥଶାସ୍ତ୍ରରେ ଆମେ ଚାରି ପ୍ରକାର ଉତ୍ପାଦନ ସାଧନ ବିଷୟରେ କହିଥାଉଁ। ସେଗୁଡ଼ିକ ସମ୍ପର୍କରେ ଏକ ସଂକ୍ଷିପ୍ତ ଆଲୋଚନା ନିମ୍ନରେ ଦିଆଯାଇଛି।

1. **ଭୂମି (Land):** ସାଧାରଣ ଅର୍ଥରେ ଭୂମି କହିଲେ ଆମେ ଧରାପୃଷ୍ଠକୁ ବୁଝିଥାଉ। ମାତ୍ର ଅର୍ଥଶାସ୍ତ୍ରରେ ଭୂମିର ଏକ ବ୍ୟାପକ ଅର୍ଥ ଅଛି। ଅର୍ଥଶାସ୍ତ୍ରରେ, ଈଶ୍ୱର ଦତ୍ତ ସମସ୍ତ ପ୍ରାକୃତିକ ସମ୍ପଦ ଯଥା: ଭୂମି, ଜଳ, ବୃକ୍ଷଲତା, ପର୍ବତ ଇତ୍ୟାଦି ଯାହାର ଯୋଗାଣ ଅପେକ୍ଷାକୃତ ସୀମିତ ତାହାକୁ ଭୂମି କୁହାଯାଏ। ଉତ୍ପାଦନର ଏହା ଏକ ମୌଳିକ ସାଧନ।

2. **ଶ୍ରମ (Labour):** ଅର୍ଥଶାସ୍ତ୍ରରେ 'ଶ୍ରମ' କହିଲେ ଆର୍ଥିକ ପାରିତୋଷିକ ପାଇଁ କରାଯାଉଥିବା ସମସ୍ତ ପ୍ରକାରର ଶାରୀରିକ ବା ମାନସିକ ପ୍ରଚେଷ୍ଟାକୁ ବୁଝାଯାଏ। ଭୂମି ଭଳି ଏହା ମଧ୍ୟ ଉତ୍ପାଦନର ଏକ ମୌଳିକ ସାଧନ।

3. **ପୁଞ୍ଜି (Capital):** ପୁଞ୍ଜି ହେଲା ଉତ୍ପାଦନର ଉତ୍ପାଦିତ ସାଧନ। ଏହା ଭୂମି ଓ ଶ୍ରମରୁ ଉତ୍ପାଦିତ ଏବଂ ଏହା ଦ୍ରବ୍ୟର ଅଧିକ ଉତ୍ପାଦନରେ ସାହାଯ୍ୟ କରିଥାଏ। ଯନ୍ତ୍ରପାତି, ଉପକରଣ, କଳକାରଖାନା ଇତ୍ୟାଦି ହେଲା ପୁଞ୍ଜିର ଉଦାହରଣ।

4. **ଉଦ୍ୟୋଗ (Enterprise):** ଭୂମି, ଶ୍ରମ ଓ ପୁଞ୍ଜିକୁ ବିନିଯୋଗ କରିବା ପ୍ରୟାସକୁ ଉଦ୍ୟୋଗ କୁହାଯାଏ। ଉଦ୍ୟୋଗୀ (entrepreneur) ଏସବୁ ଉତ୍ପାଦନ ସାଧନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସଙ୍ଗେ ସଙ୍ଗେ କ୍ଷତି, ଭୟ ଓ ଅନିଶ୍ଚିତତାର ସମ୍ମୁଖୀନ ହୋଇ ଦ୍ରବ୍ୟର ଉତ୍ପାଦନ କରିଥାଏ।

**ସ୍ଥିର ଉତ୍ପାଦନ ସାଧନ ଓ ପରିବର୍ତ୍ତୀ ଉତ୍ପାଦନ ସାଧନ (Fixed Factors and Variable Factors)**

ଉତ୍ପାଦନ କ୍ଷେତ୍ରରେ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମୁଖ୍ୟତଃ, ସମୟକୁ ଦୁଇ ଭାଗରେ ବିଭକ୍ତ କରାଯାଏ- ସ୍ୱଳ୍ପକାଳ ଓ ଦୀର୍ଘକାଳ। 'ସ୍ୱଳ୍ପକାଳ' କହିଲେ ଅପେକ୍ଷାକୃତ କମ୍ ସମୟ ଅବଧିକୁ ବୁଝାଯାଏ। ସ୍ୱଳ୍ପକାଳରେ ପ୍ରତିଷ୍ଠାନ ଦ୍ରବ୍ୟ ପରିମାଣର ପରିବର୍ତ୍ତନ ପାଇଁ ସମସ୍ତ ଉତ୍ପାଦନ ସାଧନ ପରିମାଣରେ ପରିବର୍ତ୍ତନ କରିପାରେ ନାହିଁ। ତେଣୁ ଏ କ୍ଷେତ୍ରରେ ଉତ୍ପାଦନକାରୀ କେତେକ ଉତ୍ପାଦନ ସାଧନର ପରିମାଣ ଅପରିବର୍ତ୍ତିତ ରଖି, ଅନ୍ୟ କେତେକ ସାଧନ ପରିମାଣରେ ପରିବର୍ତ୍ତନ କରି ଅଧିକ ପରିମାଣରେ ଦ୍ରବ୍ୟ ଉତ୍ପାଦନ କରିଥାଏ। ଅଧିକ ପରିମାଣରେ ଦ୍ରବ୍ୟ ଉତ୍ପାଦନ ନିମନ୍ତେ ଯେଉଁ ଉତ୍ପାଦନ ସାଧନଗୁଡ଼ିକର ପରିମାଣ ସ୍ୱଳ୍ପକାଳରେ ପରିବର୍ତ୍ତନ କରାଯାଇପାରେ ନାହିଁ, ସେଗୁଡ଼ିକୁ 'ସ୍ଥିର ଉତ୍ପାଦନ ସାଧନ' (Fixed factors) କୁହାଯାଏ। ଉତ୍ପାଦର ପରିମାଣ ଯାହା ହେଉନା କାହିଁକି, ସ୍ଥିର ସାଧନର ପରିମାଣ ସ୍ୱଳ୍ପକାଳରେ ସର୍ବଦା ସ୍ଥିର ଥାଏ। କାରଖାନା, ଭୂମି, ଯନ୍ତ୍ରପାତି, ନିର୍ମାଣ ଭବନ ଇତ୍ୟାଦି ସ୍ଥିର ଉତ୍ପାଦନ ସାଧନର ଉଦାହରଣ। ସ୍ୱଳ୍ପକାଳରେ ଯେଉଁ ଉତ୍ପାଦନ ସାଧନ ପରିମାଣରେ ପରିବର୍ତ୍ତନ କରାଯାଇପାରେ ତାହାକୁ ପରିବର୍ତ୍ତୀ ଉତ୍ପାଦନ ସାଧନ (Variable factors) କୁହାଯାଏ। ଏହି ସମୟରେ ଉତ୍ପାଦନକାରୀ ପରିବର୍ତ୍ତୀ ଉତ୍ପାଦନ ସାଧନର ପରିମାଣରେ ପରିବର୍ତ୍ତନ କରି ଉତ୍ପାଦିତ ଦ୍ରବ୍ୟ ପରିମାଣରେ ପରିବର୍ତ୍ତନ କରିଥାଏ। ତେଣୁ ସ୍ୱଳ୍ପକାଳରେ ଉତ୍ପାଦିତ ଦ୍ରବ୍ୟର ପରିମାଣ ବ୍ୟବହୃତ ପରିବର୍ତ୍ତୀ ସାଧନ ପରିମାଣ ଉପରେ ନିର୍ଭରଶୀଳ ହୋଇଥାଏ। ଶ୍ରମ, କଞ୍ଚାମାଲ ଇତ୍ୟାଦି ପରିବର୍ତ୍ତୀ ସାଧନର ଉଦାହରଣ।

### 3.1.3 ଉତ୍ପାଦନ ଫଳନ (Production Function)

ଉତ୍ପାଦନ ସାଧନକୁ ଦ୍ରବ୍ୟ ରୂପେ ରୂପାନ୍ତର କରିବା ପ୍ରକ୍ରିୟାକୁ ଉତ୍ପାଦନ କୁହାଯାଏ। 'ଉତ୍ପାଦନ ପ୍ରକ୍ରିୟା' ଉତ୍ପାଦନ ଫଳନ ମାଧ୍ୟମରେ ବ୍ୟାଖ୍ୟା କରାଯାଏ। ତେଣୁ ଉତ୍ପାଦନ ଫଳନ କହିଲେ, ଉତ୍ପାଦନ ସାଧନ ଓ ଉତ୍ପାଦ ମଧ୍ୟରେ ଥିବା ବୈଷୟିକ ସଂପର୍କକୁ ବୁଝାଯାଏ। ଏକ ନିର୍ଦ୍ଦିଷ୍ଟ ଉତ୍ପାଦ ସୃଷ୍ଟି ନିମନ୍ତେ ସର୍ବନିମ୍ନ କେତେ ପରିମାଣର ଉତ୍ପାଦନ ସାଧନ ଆବଶ୍ୟକ ତାହା 'ଉତ୍ପାଦନ ଫଳନ' ମାଧ୍ୟମରେ ସୂଚିତ ହୋଇଥାଏ। କୌଣସି ଦ୍ରବ୍ୟର ଉତ୍ପାଦନ

ଫଳନ, ସାରଣୀ, ରେଖାଚିତ୍ର ଓ ଗାଣିତିକ ସମୀକରଣ ମାଧ୍ୟମରେ ପ୍ରକାଶ କରାଯାଇପାରେ । ଧରାଯାଉ, ଗୋଟିଏ ପ୍ରତିଷ୍ଠାନ ମାତ୍ର ଦୁଇଟି ଉତ୍ପାଦନର ସାଧନ ଯଥା ଶ୍ରମ ଓ ପୁଞ୍ଜିକୁ ନିୟୋଜନ କରି ଦ୍ରବ୍ୟ ଉତ୍ପାଦନ କରେ । ସେ କ୍ଷେତ୍ରରେ ପ୍ରତିଷ୍ଠାନର ଉତ୍ପାଦନ ଫଳନଟି ନିମ୍ନ ସମୀକରଣ ମାଧ୍ୟମରେ ପ୍ରକାଶ କରାଯାଇପାରେ ।

$$Q = f(L, K)$$

ଏଠାରେ Q ଦ୍ରବ୍ୟର ଏକ ନିର୍ଦ୍ଦିଷ୍ଟ ପରିମାଣ, ଏବଂ L ଓ K ଯଥାକ୍ରମେ ଶ୍ରମ ଓ ପୁଞ୍ଜିର ସର୍ବନିମ୍ନ ପରିମାଣକୁ ସୂଚିତ କରୁଛି ଏବଂ f ସୂଚୀତ କରୁଛି Q ଏବଂ L ଓ K ମଧ୍ୟରେ ଥିବା କାର୍ଯ୍ୟାତ୍ମକ ସମ୍ପର୍କକୁ ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ଉତ୍ପାଦନ ଫଳନ, ଉତ୍ପାଦିତ ଦ୍ରବ୍ୟର ପରିମାଣ ଓ ଏଥି ନିମନ୍ତେ ଆବଶ୍ୟକ ସାଧନ ସମୂହ ମଧ୍ୟରେ ଥିବା କାର୍ଯ୍ୟାତ୍ମକ ସମ୍ପର୍କକୁ ପ୍ରକାଶ କରେ । ଏଠାରେ ଦୁଇଟି ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

1. ଉତ୍ପାଦନ ଫଳନର ବିଶ୍ଳେଷଣ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ କରାଯାଇଥାଏ । କାରଣ ଉତ୍ପାଦିତ ଦ୍ରବ୍ୟ ଓ ସାଧନ ପରିମାଣର ସଂପର୍କ ସମୟାନୁସାରେ ପରିବର୍ତ୍ତିତ ହୋଇଥାଏ । ଏଠାରେ 'ସମୟ' କହିଲେ ଉତ୍ପାଦନକାରୀଙ୍କୁ ଉତ୍ପାଦ ପ୍ରସ୍ତୁତ କରିବାପାଇଁ ମିଳୁଥିବା ସମୟ ଅବଧିକୁ ବୁଝାଯାଏ ।

2. ଉତ୍ପାଦନ ଫଳନ ସର୍ବଦା ଏକ ନିର୍ଦ୍ଦିଷ୍ଟ ପ୍ରଯୁକ୍ତି କୌଶଳ (technology) ଉପରେ ଆଧାରିତ ହୋଇଥାଏ । ତେଣୁ ପ୍ରଯୁକ୍ତି କୌଶଳ ପରିବର୍ତ୍ତନରେ ଉତ୍ପାଦନ ଫଳନର ପରିବର୍ତ୍ତନ ହୋଇଥାଏ ।

### ଉତ୍ପାଦନ ଫଳନର ପ୍ରକାର ଭେଦ (Types of Production Function)

ସମୟକୁ ଭିତ୍ତିକରି ଉତ୍ପାଦନ ଫଳନକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାପାରେ । ଯଥା- ସ୍ୱଳ୍ପକାଳୀନ ଉତ୍ପାଦନ ଫଳନ (Short run production function) ଏବଂ ଦୀର୍ଘକାଳୀନ ଉତ୍ପାଦନ ଫଳନ (Long run production function) ।

ସ୍ୱଳ୍ପକାଳରେ ସ୍ଥିର ଉତ୍ପାଦନ ସାଧନ ପରିମାଣରେ ପରିବର୍ତ୍ତନ କରାଯାଇପାରେ ନାହିଁ । ତେଣୁ ସ୍ୱଳ୍ପକାଳୀନ ଉତ୍ପାଦନ ଫଳନ, ଉତ୍ପାଦିତ ଦ୍ରବ୍ୟର ପରିମାଣ ଓ ସ୍ଥିର ଏବଂ ପରିବର୍ତ୍ତୀ ସାଧନ ପରିମାଣର ସମ୍ମିଶ୍ରଣ ମଧ୍ୟରେ ଥିବା କାର୍ଯ୍ୟାତ୍ମକ ସମ୍ପର୍କକୁ ବ୍ୟାଖ୍ୟା କରେ । ସାଙ୍କେତିକ ଭାଷାରେ, ସ୍ୱଳ୍ପକାଳୀନ ଉତ୍ପାଦନ ଫଳନ ନିମ୍ନମତେ ଉପସ୍ଥାପନ କରାଯାଇପାରେ ।

$$Q = f(\bar{K}, L)$$

ଏଠାରେ Q ଉତ୍ପାଦିତ ଦ୍ରବ୍ୟର ପରିମାଣ, $\bar{K}$ ସ୍ଥିର ସାଧନର ପରିମାଣ ଏବଂ L ପରିବର୍ତ୍ତୀ ସାଧନ ପରିମାଣକୁ ସୂଚୀତ କରୁଅଛି । ସ୍ୱଳ୍ପକାଳୀନ ଉତ୍ପାଦନ ଫଳନକୁ ମଧ୍ୟ ପରିବର୍ତ୍ତୀ ଅନୁପାତ ବିଶିଷ୍ଟ ଉତ୍ପାଦନ ଫଳନ (Variable Proportion Production Function) କୁହାଯାଏ । କାରଣ ସ୍ୱଳ୍ପ କାଳରେ ଉତ୍ପାଦନ ପରିମାଣ ପରିବର୍ତ୍ତନ କଲେ ସାଧନ ଅନୁପାତର ମଧ୍ୟ ପରିବର୍ତ୍ତନ ଘଟିଥାଏ । କାରଣ ସ୍ଥିର ସାଧନର ପରିମାଣ ଅପରିବର୍ତ୍ତିତ ରହି ପରିବର୍ତ୍ତୀ ସାଧନ ପରିମାଣ ପରିବର୍ତ୍ତନ ହୋଇଥାଏ । ସ୍ୱଳ୍ପକାଳୀନ ଉତ୍ପାଦନ ପ୍ରକ୍ରିୟା 'ପରିବର୍ତ୍ତୀ ଅନୁପାତ ସୂତ୍ର' (Law of variable proportions) ମାଧ୍ୟମରେ ବ୍ୟାଖ୍ୟା କରାଯାଇଥାଏ ।

ଅନ୍ୟପକ୍ଷରେ, ଦୀର୍ଘକାଳ କହିଲେ ଅପେକ୍ଷାକୃତ ଦୀର୍ଘ ସମୟ ଅବଧିକୁ ବୁଝାଯାଏ । ଦୀର୍ଘକାଳରେ ଉଦ୍ୟୋକ୍ତା ସମସ୍ତ ଉତ୍ପାଦନ ସାଧନ ପରିମାଣରେ ପରିବର୍ତ୍ତନ କରିପାରେ । ତେଣୁ ଦୀର୍ଘକାଳରେ ଉଦ୍ୟୋକ୍ତାଙ୍କ ପାଇଁ କୌଣସି ସାଧନ ସ୍ଥିର ନ ହୋଇ ସମସ୍ତ ସାଧନ ପରିବର୍ତ୍ତୀ ସାଧନ ରୂପେ ବିବେଚିତ ହୋଇଥାନ୍ତି ।

ଦୀର୍ଘକାଳୀନ ଉତ୍ପାଦନ ଫଳନ ଉତ୍ପାଦନ ପରିମାଣ ଓ ବ୍ୟବହୃତ ସମସ୍ତ ଉତ୍ପାଦନ ସାଧନ ପରିମାଣ ମଧ୍ୟରେ ଥିବା କାର୍ଯ୍ୟଗତ ସମ୍ବନ୍ଧର ବ୍ୟାଖ୍ୟା କରେ ।

ସାଙ୍କେତିକ ଭାଷାରେ ଏହା ନିମ୍ନମତେ ଉପସ୍ଥାପନ କରାଯାଇପାରେ ।

$$Q = f(K, L)$$

ଦୀର୍ଘକାଳୀନ ଉତ୍ପାଦନ ଫଳନକୁ ମଧ୍ୟ ସ୍ଥିର ଅନୁପାତବିଶିଷ୍ଟ ଉତ୍ପାଦନ ଫଳନ (Fixed proportion production function) କୁହାଯାଏ । କାରଣ ଦୀର୍ଘକାଳରେ ସାଧନ ଅନୁପାତକୁ ସ୍ଥିର ରଖି ଉତ୍ପାଦନ ପରିମାଣ ପରିବର୍ତ୍ତନ କରାଯାଏ ।

ଆୟତନଭିତ୍ତିକ ଉତ୍ପନ୍ନି (Returns to scale) ମାଧ୍ୟମରେ ଦୀର୍ଘକାଳୀନ ଉତ୍ପାଦନ ଫଳନର ପ୍ରକୃତିକୁ ଅଧ୍ୟୟନ କରାଯାଏ । (ଦୀର୍ଘକାଳୀନ ଉତ୍ପାଦନ ଫଳନ ପଠିତ ପୁସ୍ତକ ପରିସରଭୁକ୍ତ ନୁହେଁ) ।

## 3.2 ମୋଟ ଉତ୍ପାଦ (Total Product), ହାରାହାରି ଉତ୍ପାଦ (Average Product) ଓ ସୀମାନ୍ତ ଉତ୍ପାଦ (Marginal Product)

**ମୋଟ ଉତ୍ପାଦ (Total Product) :** ଏକ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ଉତ୍ପାଦନ ସାଧନ ପ୍ରୟୋଗ କରି ଉତ୍ପାଦିତ ଦ୍ରବ୍ୟର ପରିମାଣକୁ ମୋଟ ଉତ୍ପାଦ କୁହାଯାଏ । ଉତ୍ପାଦନ ଫଳନ $Q = f(K, L)$ରେ Q ମୋଟ ଉତ୍ପାଦ ପରିମାଣକୁ ସୂଚିତ କରେ ।

**ହାରାହାରି ଉତ୍ପାଦ (Avarage Product)**

ପରିବର୍ତ୍ତୀ ସାଧନର ଏକକ ପିଛା ଉତ୍ପାଦ ପରିମାଣକୁ ସାଧନର ହାରାହାରି ଉତ୍ପାଦ କୁହାଯାଏ।

$$\text{ତେଣୁ ହାରାହାରି ଉତ୍ପାଦ} = \frac{\text{ମୋଟ ଉତ୍ପାଦ}}{\text{ପରିବର୍ତ୍ତୀ ସାଧନର ପରିମାଣ}}$$

ସଙ୍କେତରେ,
$$\boxed{AP_L = \frac{Q}{L}}$$

ଏଠାରେ Q ମୋଟ ଉତ୍ପାଦର ପରିମାଣ ଓ L ଶ୍ରମ (ପରିବର୍ତ୍ତୀ ସାଧନ)ର ପରିମାଣ ସୂଚିତ କରେ।

**ସୀମାନ୍ତ ଉତ୍ପାଦ (Marginal Product)**

ପରିବର୍ତ୍ତୀ ସାଧନର ଏକକ ପରିମାଣ ପରିବର୍ତ୍ତନ ଯୋଗୁଁ ମୋଟ ଉତ୍ପାଦର ପରିବର୍ତ୍ତନ ହାରକୁ ସାଧନର ସୀମାନ୍ତ ଉତ୍ପାଦ କୁହାଯାଏ। ସାଙ୍କେତିକ ଭାଷାରେ $MP_L = \frac{\Delta Q}{\Delta L}$

ଏଠାରେ $\Delta Q$ ମୋଟ ଉତ୍ପାଦ ପରିମାଣରେ ପରିବର୍ତ୍ତନ ଏବଂ $\Delta L$ ପରିବର୍ତ୍ତୀ ସାଧନ ପରିମାଣର ପରିବର୍ତ୍ତନକୁ ସୂଚିତ କରୁଛି। ଅନ୍ୟ ଅର୍ଥରେ, ଏକ ଅତିରିକ୍ତ ପରିବର୍ତ୍ତୀ ସାଧନ ପ୍ରୟୋଗ ଫଳରେ ମୋଟ ଉତ୍ପାଦ ପରିମାଣର ପରିବର୍ତ୍ତନକୁ, ସାଧନର ସୀମାନ୍ତ ଉତ୍ପାଦ କୁହାଯାଏ। ସଂକେତରେ,

$$\boxed{MP_{nth} = TP_n - TP_{n-1}}$$

ଏଠାରେ n ସାଧନ ପରିମାଣର ଏକକକୁ ସୂଚିତ କରୁଛି।

## 3.3 ପରିବର୍ତ୍ତୀ ଅନୁପାତ ସୂତ୍ର (Law of Variable Proportions)

ପରିବର୍ତ୍ତୀ ଅନୁପାତ ସୂତ୍ର ଉତ୍ପାଦନର ଏକ ମୌଳିକ ସୂତ୍ର ଅଟେ। ସ୍ୱଳ୍ପକାଳରେ ପରିବର୍ତ୍ତୀ ଉତ୍ପାଦନ ସାଧନ ପରିମାଣ ପରିବର୍ତ୍ତନ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ପରିମାଣର ପରିବର୍ତ୍ତନ ପ୍ରକ୍ରିୟାକୁ, ଏହି ସୂତ୍ର ମାଧ୍ୟମରେ ବ୍ୟାଖ୍ୟା କରାଯାଇଥାଏ। ସାଧାରଣତଃ, ସ୍ୱଳ୍ପକାଳରେ ଅଧିକ ପରିମାଣ ଦ୍ରବ୍ୟର ଉତ୍ପାଦନ ଅଧିକ ପରିମାଣରେ ପରିବର୍ତ୍ତୀ ସାଧନର ନିୟୋଜନ ଯୋଗୁଁ ସମ୍ଭବ ହୋଇଥାଏ। କାରଣ ସମୟର ସ୍ୱଳ୍ପତା ହେତୁ ସ୍ଥିର ସାଧନ ପରିମାଣରେ ପରିବର୍ତ୍ତନ କରାଯାଇପାରେ ନାହିଁ। ତେଣୁ ସ୍ଥିର ସାଧନ ପରିମାଣକୁ ଅପରିବର୍ତ୍ତିତ ରଖି, ଅଧିକରୁ ଅଧିକ

ପରିମାଣରେ ପରିବର୍ତ୍ତୀ ସାଧନ ନିୟୋଜନ ଯୋଗୁଁ ବ୍ୟବହୃତ ସାଧନ ଗୁଡ଼ିକର ଅନୁପାତରେ ପରିବର୍ତ୍ତନ ହୋଇଥାଏ। ସାଧନ ଅନୁପାତ ପରିବର୍ତ୍ତନ ଯୋଗୁଁ, ଉତ୍ପାଦର ପରିମାଣ କିପରି ପରିବର୍ତ୍ତନ ହୁଏ ତାହା 'ପରିବର୍ତ୍ତୀ ଅନୁପାତ ସୂତ୍ର' ବ୍ୟାଖ୍ୟା କରିଥାଏ।

**ସୂତ୍ରର ସଂଜ୍ଞା**

ବିଭିନ୍ନ ଅର୍ଥଶାସ୍ତ୍ରୀମାନଙ୍କ ଦ୍ୱାରା ସୂତ୍ରଟି ବିଭିନ୍ନ ଭାବରେ ସଂଜ୍ଞାକୃତ ହୋଇଅଛି। Benhamଙ୍କ ମତରେ, "କୌଣସି ସାଧନ ସମ୍ମିଶ୍ରଣରେ, ଗୋଟିଏ ସାଧନ କ୍ରମାଗତ ଭାବେ ସମପରିମାଣରେ ବୃଦ୍ଧି କରାଗଲେ ସମୟକ୍ରମେ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁପରେ ପ୍ରଥମେ ଏହାର ସୀମାନ୍ତ ଉତ୍ପାଦ ଓ ପରେ ଏହାର ହାରାହାରି ଉତ୍ପାଦ ହ୍ରାସ ପାଇଥାଏ"। ମାର୍ଶାଲ୍ ଏହି ସୂତ୍ରଟିକୁ କୃଷିକାର୍ଯ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ତାଙ୍କ ମତରେ, "କୃଷିକଳାର ଉନ୍ନତି ନ କରି, ଭୂମିକର୍ଷଣରେ ବ୍ୟବହୃତ ପୁଞ୍ଜି ଓ ଶ୍ରମ ନିୟୋଜନର ବୃଦ୍ଧି, ସାଧାରଣତଃ ଉତ୍ପାଦ ପରିମାଣରେ ଅସମାନୁପାତିକ ବୃଦ୍ଧି କରିଥାଏ।"

ଉପରୋକ୍ତ ସଂଜ୍ଞାଗୁଡ଼ିକୁ ଆଧାର କରି, ପରିବର୍ତ୍ତୀ ଅନୁପାତ ସୂତ୍ରଟିକୁ ନିମ୍ନମତେ ଉପସ୍ଥାପିତ କରାଯାଇପାରେ। "ସ୍ଥିର ସାଧନ ପରିମାଣ ଅପରିବର୍ତ୍ତିତ ରଖି କେବଳ ଗୋଟିଏ ପରିବର୍ତ୍ତୀ ସାଧନ ସମପରିମାଣରେ ବୃଦ୍ଧି କଲେ, ସମୟକ୍ରମେ ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ପରେ, ପରିବର୍ତ୍ତୀ ସାଧନର ସୀମାନ୍ତ ଉତ୍ପାଦ ହ୍ରାସ ପାଏ ଏବଂ ମୋଟ ଉତ୍ପାଦ କ୍ରମହ୍ରାସମାନ ହାରରେ ବୃଦ୍ଧି ପାଇଥାଏ।"

**ସର୍ତ୍ତାବଳୀ (Assumptions)**

ପରିବର୍ତ୍ତୀ ଅନୁପାତ ସୂତ୍ର ନିମ୍ନୋକ୍ତ ସର୍ତ୍ତାବଳୀ ଉପରେ ପର୍ଯ୍ୟବସିତ।

1. କେବଳ ଗୋଟିଏ ସାଧନ ସମପରିମାଣରେ ବୃଦ୍ଧି କରି ସାଧନ ସମ୍ମିଶ୍ରଣ ଅନୁପାତରେ ପରିବର୍ତ୍ତନ କରାଯିବା ଆବଶ୍ୟକ। ତେଣୁ ବ୍ୟବହୃତ ସାଧନଗୁଡ଼ିକ ମଧ୍ୟରୁ କେବଳ ଗୋଟିଏକୁ ଛାଡ଼ି ଅନ୍ୟ ସମସ୍ତ ସାଧନ ପରିମାଣ ସ୍ଥିର ରଖିବା ବାଞ୍ଛନୀୟ।
2. ଉତ୍ପାଦନ କାଳରେ ବୈଷୟିକ କୌଶଳ ସ୍ଥିର ରଖାଯିବା ଆବଶ୍ୟକ।
3. ବ୍ୟବହୃତ ଉତ୍ପାଦନ ସାଧନ ଗୁଡ଼ିକ ସମଜାତୀୟ ହୋଇଥିବା ଆବଶ୍ୟକ।
4. ସାଧନର ଏକକ ପ୍ରତି ଦର ମଧ୍ୟ ସମାନ ଏବଂ ସ୍ଥିର ରହିବା ଆବଶ୍ୟକ।

**ସୂତ୍ରର ବ୍ୟାଖ୍ୟା (Explanation of the Law)**

'ପରିବର୍ତ୍ତୀ ଅନୁପାତ ସୂତ୍ର' ଗୋଟିଏ କାଳ୍ପନିକ ଉତ୍ପାଦନ ସାରଣୀ ମାଧ୍ୟମରେ ବ୍ୟାଖ୍ୟା କରାଯାଇପାରେ। ଏଥିପାଇଁ, ଏଠାରେ ଜଣେ କୃଷକର କୃଷିକାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଅଛି। ଧରାଯାଉ, କୃଷକଟି 1 ଏକର ଜମିକୁ ଭିନ୍ନ ଭିନ୍ନ ପରିମାଣରେ ଶ୍ରମ ନିୟୋଜନ କରି ଚାଷ କରୁଅଛି। ତେଣୁ ଏ କ୍ଷେତ୍ରରେ ଜମିକୁ ସ୍ଥିର ସାଧନ ଓ ଶ୍ରମକୁ ପରିବର୍ତ୍ତୀ ସାଧନ ରୂପେ ବିବେଚନା କରାଯାଇପାରେ। ଏଠାରେ, ସ୍ୱଳ୍ପକାଳୀନ ଉତ୍ପାଦନ ଫଳନକୁ ନିମ୍ନମତେ ଉପସ୍ଥାପିତ କରିହେବ।

$$Q = f(\overline{N}, L)$$

ଏଠାରେ Q ମୋଟ ଉତ୍ପାଦର ପରିମାଣ, $\overline{N}$ ସ୍ଥିର ସାଧନ (ଜମି)ର ପରିମାଣ ଏବଂ L ଶ୍ରମ ନିୟୋଜନର ପରିମାଣକୁ ସୂଚିତ କରୁଅଛି।

**ସାରଣୀ - 3.1: ସ୍ୱଳ୍ପକାଳୀନ ଉତ୍ପାଦନ ସାରଣୀ**

| ସ୍ଥିର ସାଧନ ପରିମାଣ (N) | ପରିବର୍ତ୍ତୀ ସାଧନ ପରିମାଣ (L) | ସାଧନ ଅନୁପାତ L:N | ମୋଟ ଉତ୍ପାଦ Q=f(N,L) | ସୀମାନ୍ତ ଉତ୍ପାଦ ($MP_L$) ଏକକରେ | ହାରାହାରି ଉତ୍ପାଦ $AP_L$ ଏକକରେ | କାର୍ଯ୍ୟାନୁଷ୍ଠାନ ପର୍ଯ୍ୟାୟ |
|---|---|---|---|---|---|---|
| 1 ଏକର | 1 | 1:1 | 20 | 20 | 20 | ପ୍ରଥମାବସ୍ଥା |
| 1 ଏକର | 2 | 2:1 | 48 | 28 | 24 | (ବର୍ଦ୍ଧମାନ ହାରାହାରି |
| 1 ଏକର | 3 | 3:1 | 78 | 30 | 26 | ଉତ୍ପାଦ ପର୍ଯ୍ୟାୟ) |
| 1 ଏକର | 4 | 4:1 | 104 | 26 | 26 | |
| 1 ଏକର | 5 | 5:1 | 125 | 21 | 25 | ଦ୍ୱିତୀୟାବସ୍ଥା |
| 1 ଏକର | 6 | 6:1 | 138 | 13 | 23 | (ହ୍ରାସମାନ ଉତ୍ପନ୍ନ ପର୍ଯ୍ୟାୟ) |
| 1 ଏକର | 7 | 7:1 | 138 | 0 | 19.7 | |
| 1 ଏକର | 8 | 1 | 126 | −12 | 15.9 | ତୃତୀୟାବସ୍ଥା |
| 1 ଏକର | 9 | 9:1 | 108 | −18 | 12 | (ଋଣାତ୍ମକ ଉତ୍ପନ୍ନ ପର୍ଯ୍ୟାୟ) |

ପରିବର୍ତ୍ତୀ ଅନୁପାତ ସୂତ୍ରକୁ ଆଧାର କରି, ଉତ୍ପାଦର ହାର ଓ ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ ସାରଣୀ 3.1ରେ ଅବତାରଣା କରାଯାଇଛି। ସ୍ୱଳ୍ପକାଳରେ, ଭୂମିର ପରିମାଣ ସ୍ଥିର ରଖି ଅଧିକରୁ ଅଧିକ ଶ୍ରମ ନିୟୋଜନ ଫଳରେ ଉତ୍ପାଦ ପରିମାଣ କିପରି ପରିବର୍ତ୍ତନ ହୁଏ ତାହାର ଏକ ଧାରଣା ଉକ୍ତ ସାରଣୀରେ ଦର୍ଶାଯାଇଛି।


## ଉତ୍ପାଦନର ତିନୋଟି ପର୍ଯ୍ୟାୟ

ପରିବର୍ତ୍ତୀ ଅନୁପାତ ସୂତ୍ରର କାର୍ଯ୍ୟକାରିତା ସାଧାରଣତଃ ତିନୋଟି ପର୍ଯ୍ୟାୟଭୁକ୍ତ। ଏହି ତିନୋଟି ଉତ୍ପନ୍ନ ପର୍ଯ୍ୟାୟ ସାରଣୀ 3.1 ରେ ଦର୍ଶାଯାଇଛି। ପ୍ରଥମ ଅବସ୍ଥାରେ, ଭୂମି (ସ୍ଥିର ସାଧନ)ର ପରିମାଣ ସ୍ଥିର ରଖି, ଅଧିକରୁ ଅଧିକ ଶ୍ରମ ନିୟୋଜନ ଫଳରେ ମୋଟ ଉତ୍ପାଦ ବର୍ଦ୍ଧମାନ ହାରରେ ବୃଦ୍ଧି ପାଏ। ଫଳରେ ସାଧନର ସୀମାନ୍ତ ଏବଂ ହାରାହାରି ଉତ୍ପାଦ ମଧ୍ୟ ବୃଦ୍ଧି ପାଏ। ପରିବର୍ତ୍ତୀ ଓ ସ୍ଥିର ସାଧନ ପରିମାଣର ଅନୁପାତ 3:1 ହେଲା ଯାଏ ଉଭୟ ସୀମାନ୍ତ ଓ ହାରାହାରି ଉତ୍ପାଦ ବୃଦ୍ଧି ପାଇବା ପରିଲକ୍ଷିତ ହେଉଛି। ଏହାପରେ ସୀମାନ୍ତ ଉତ୍ପାଦ ହ୍ରାସହେବା ଆରମ୍ଭ କରି, ସାଧନ ମାନଙ୍କର ଅନୁପାତ 4:1 ହେଲା ବେଳେ ଏହା ହାରାହାରି ଉତ୍ପାଦ ସହ ସମାନ ହେବାର ଦର୍ଶାଯାଇଛି। ପରିବର୍ତ୍ତୀ ଓ ସ୍ଥିର ସାଧନ ପରିମାଣର ଅନୁପାତ 1:1 ଠାରୁ 3:1 ପର୍ଯ୍ୟନ୍ତ ପର୍ଯ୍ୟାୟକୁ କ୍ରମବର୍ଦ୍ଧିଷ୍ଣୁ ଉତ୍ପନ୍ନ ପର୍ଯ୍ୟାୟ (Stage of increasing returns) କୁହାଯାଏ। ଅନୁପାତ 3:1 ଠାରୁ 4:1 ପର୍ଯ୍ୟନ୍ତ ହାରାହାରି ଉତ୍ପାଦ ସ୍ଥିର ଥିବାର ଦର୍ଶାଯାଇଛି।

ପରିବର୍ତ୍ତୀ ସାଧନର ସୀମାନ୍ତ ଉତ୍ପାଦ ଏହାର ହାରାହାରି ଉତ୍ପାଦ ସହ ସମାନ ହେବାବେଳେ ପ୍ରଥମ ପର୍ଯ୍ୟାୟ ଶେଷ ହୁଏ। ତା ପରଠାରୁ ପରିବର୍ତ୍ତୀ ଅନୁପାତ ସୂତ୍ରର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥାଏ। ଏହି ପର୍ଯ୍ୟାୟରେ ଅଧିକରୁ ଅଧିକ ଶ୍ରମ ନିୟୋଜନ ଫଳରେ ଉଭୟ ସୀମାନ୍ତ ଓ ହାରାହାରି ଉତ୍ପାଦ ହ୍ରାସ ପାଇଥାଏ ଏବଂ ମୋଟ ଉତ୍ପାଦ କ୍ରମହ୍ରାସମାନ ହାରରେ ବୃଦ୍ଧି ପାଇଥାଏ। ଏହାକୁ ହ୍ରାସମାନ ଉତ୍ପନ୍ନ ପର୍ଯ୍ୟାୟ (Stage of diminishing returns) କୁହାଯାଏ। ଏହି ପର୍ଯ୍ୟାୟକୁ ପରିବର୍ତ୍ତୀ ଅନୁପାତ ସୂତ୍ରର ଦ୍ୱିତୀୟ ପର୍ଯ୍ୟାୟ କୁହନ୍ତି। ଉକ୍ତ ପର୍ଯ୍ୟାୟ ମୋଟ ଉତ୍ପାଦ ସର୍ବାଧିକ ବା ସୀମାନ୍ତ ଉତ୍ପାଦ ଶୂନ୍ୟ ହୋଇଥିବାଯାଏ ବଳବତ୍ତର ରହିଥାଏ। ଏହି ଉତ୍ପାଦନ ସାରଣୀରେ ସାଧନମାନଙ୍କର ଅନୁପାତ 7:1 ହେଲା ଯାଏ, ଉତ୍ପାଦନକାରୀ ହ୍ରାସମାନ ଉତ୍ପନ୍ନ ପର୍ଯ୍ୟାୟ ଅନୁଭବ କରୁଥିବାର ଦର୍ଶାଯାଇଛି।

ପରିବର୍ତ୍ତୀ ଅନୁପାତ ସୂତ୍ରର ତୃତୀୟ ପର୍ଯ୍ୟାୟକୁ ଋଣାତ୍ମକ ଉତ୍ପନ୍ନ ପର୍ଯ୍ୟାୟ (Stage of negative returns) କୁହାଯାଏ। ଏହି ପର୍ଯ୍ୟାୟରେ ଅଧିକ ଶ୍ରମ ନିୟୋଜନ ଫଳରେ ମୋଟ ଉତ୍ପାଦର ପରିମାଣ କ୍ରମଶଃ ହ୍ରାସ ପାଇଥାଏ ଏବଂ ସୀମାନ୍ତ ଉତ୍ପାଦ ଋଣାତ୍ମକ ହୋଇଥାଏ।

ପରିବର୍ତ୍ତୀ ଅନୁପାତ ସୂତ୍ରର ଉପରଲିଖିତ ତିନୋଟି ପର୍ଯ୍ୟାୟକୁ ରେଖାଚିତ୍ର 3.1ରେ ଦର୍ଶାଯାଇଛି ।




ଚିତ୍ର - 3.1 : ପରିବର୍ତ୍ତୀ ଅନୁପାତ ସୂତ୍ରର ପର୍ଯ୍ୟାୟ

ରେଖାଚିତ୍ର 3.1ରେ ମୋଟ ଉତ୍ପାଦ, ହାରାହାରି ଉତ୍ପାଦ ଓ ସୀମାନ୍ତ ଉତ୍ପାଦ ରେଖା ଯଥାକ୍ରମେ TP, AP ଓ MP ଦ୍ୱାରା ଦର୍ଶାଯାଇଛି । ଏଠାରେ ଦର୍ଶାଯାଇଛି ଯେ ପ୍ରାଥମିକ ଅବସ୍ଥାରେ ଶ୍ରମ ନିୟୋଜନରେ ବୃଦ୍ଧି ଘଟିବା ଯୋଗୁଁ, ମୋଟ ଉତ୍ପାଦ ବର୍ଦ୍ଧମାନ ହାରରେ G ବିନ୍ଦୁ ପର୍ଯ୍ୟନ୍ତ ଓ ତାପରେ H ବିନ୍ଦୁ ପର୍ଯ୍ୟନ୍ତ କ୍ରମ ହ୍ରାସମାନ ହାରରେ ବୃଦ୍ଧି ଘଟିଛି । ଏଠାରେ Gକୁ 'ନତି ପରିବର୍ତ୍ତନ ବିନ୍ଦୁ' (Point of inflexion) କୁହାଯାଏ । ସୀମାନ୍ତ ଉତ୍ପାଦ ଶୂନ୍ୟ ହେଲେ ମୋଟ ଉତ୍ପାଦ H ବିନ୍ଦୁରେ ସର୍ବାଧିକ ହେବା ମଧ୍ୟ ଉକ୍ତ ଚିତ୍ରରେ ଦର୍ଶାଯାଇଛି । ଏହାଛଡ଼ା ସୀମାନ୍ତ ଉତ୍ପାଦ ଋଣାତ୍ମକ ହେଲେ, H ବିନ୍ଦୁ ପରେ ମୋଟ ଉତ୍ପାଦ ହ୍ରାସ ହେବା ମଧ୍ୟ ଚିତ୍ରରେ ଦର୍ଶାଯାଇଛି ।

### ସୂତ୍ର କାର୍ଯ୍ୟକାରିତାର କାରଣ

ପରିବର୍ତ୍ତୀ ଅନୁପାତ ସୂତ୍ରଟି ତିନୋଟି ଭିନ୍ନ ଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥାଏ । ପ୍ରାରମ୍ଭରେ ସ୍ଥିର ସାଧନର ପରିମାଣ, ପରିବର୍ତ୍ତୀ ସାଧନ ପରିମାଣ ତୁଳନାରେ ବହୁତ ଅଧିକ ଥାଏ । ଅଳ୍ପ ପରିମାଣର ପରିବର୍ତ୍ତୀ ସାଧନ ଯୋଗୁଁ ସ୍ଥିର ସାଧନର ପୂର୍ଣ୍ଣ ବିନିଯୋଗ ଘଟିପାରେ ନାହିଁ । ପରିବର୍ତ୍ତୀ ସାଧନ ପରିମାଣ କ୍ରମଶଃ ବୃଦ୍ଧି ହେଲେ, ଅପରିବର୍ତ୍ତିତ ସ୍ଥିର ସାଧନର ଉତ୍ତମ ବିନିଯୋଗ ଘଟିଥାଏ । ଏହାଛଡ଼ା ଅଧିକ ପରିମାଣରେ ପରିବର୍ତ୍ତୀ ସାଧନର ପ୍ରୟୋଗ ଯୋଗୁଁ ଶ୍ରମ ବିଭାଜନ କୌଶଳ ପ୍ରଚଳନ କରାଯାଇପାରିଥାଏ । ଏହା ପରିବର୍ତ୍ତୀ ସାଧନଗୁଡ଼ିକର କର୍ମକୁଶଳତା ବୃଦ୍ଧି କରେ । ଏହି ସବୁ କାରଣ ଯୋଗୁଁ ପରିବର୍ତ୍ତୀ ସାଧନର ସୀମାନ୍ତ ଉତ୍ପାଦ ବୃଦ୍ଧି ପାଏ ଏବଂ ମୋଟ ଉତ୍ପାଦ ବର୍ଦ୍ଧମାନ ହାରରେ ବୃଦ୍ଧି ପାଇଥାଏ । ସେଥିପାଇଁ ଏହି ପର୍ଯ୍ୟାୟକୁ ବର୍ଦ୍ଧମାନ ଉତ୍ପନ୍ନ ପର୍ଯ୍ୟାୟ କୁହାଯାଏ । ଉକ୍ତ ପର୍ଯ୍ୟାୟ ସ୍ଥିର ଓ ପରିବର୍ତ୍ତୀ ସାଧନ ପରିମାଣ ସଠିକ୍ ସମ୍ମିଶ୍ରଣ ପର୍ଯ୍ୟନ୍ତ ବଳବତ୍ତର ଥାଏ । ଏହା ପରିବର୍ତ୍ତୀ ଅନୁପାତ ସୂତ୍ରର ପ୍ରଥମ ପର୍ଯ୍ୟାୟ । ଏହି ପର୍ଯ୍ୟାୟରେ ବର୍ଦ୍ଧମାନ ଉତ୍ପନ୍ନ ସୂତ୍ର (Law of increasing returns) ବା କ୍ରମହ୍ରାସମାନ ପରିବ୍ୟୟ ସୂତ୍ର (Law of Diminishing cost) କାର୍ଯ୍ୟକାରୀ ହୋଇଥାଏ । Mrs. Joan Robinsonଙ୍କ

ମତରେ, ବର୍ଦ୍ଧମାନ ଉତ୍ପନ୍ନ ସୂତ୍ରର କାର୍ଯ୍ୟକାରିତା ଏକ ଅଭିଜ୍ଞତାସିଦ୍ଧ ଘଟଣା ଅଟେ (The law of increasing returns is an empirical fact) ।

ସ୍ୱଳ୍ପକାଳରେ ସାଧନମାନଙ୍କର ସଠିକ୍ ଅନୁପାତରେ ସମ୍ମିଶ୍ରଣ ସାଧନର ସୀମାନ୍ତ ଉତ୍ପାଦକୁ ସର୍ବାଧିକ କରିଥାଏ । ଏହି ଅବସ୍ଥା ପରେ ଯେତେବେଳେ ପରିବର୍ତ୍ତୀ ସାଧନର ପ୍ରୟୋଗ ପରିମାଣ ତଥାପି ବୃଦ୍ଧିପାଏ, ଏହା ସାଧନମାନଙ୍କର ସଠିକ୍ ଅନୁପାତକୁ ବ୍ୟାହତ କରେ । ଫଳରେ ପରିବର୍ତ୍ତୀ ଅନୁପାତ ସୂତ୍ରର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥାଏ । ଆବଶ୍ୟକତା ଠାରୁ ଅଧିକ ପରିମାଣରେ ପରିବର୍ତ୍ତୀ ସାଧନର ପ୍ରୟୋଗ ପ୍ରତିଷ୍ଠାନରେ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଏହା ଶ୍ରମ ବିଭାଜନ କୌଶଳକୁ ବ୍ୟାହତ କରିବା ସଙ୍ଗେ ସଙ୍ଗେ ପରିବର୍ତ୍ତୀ ସାଧନର କାର୍ଯ୍ୟକାରିତା ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଥାଏ । ଫଳରେ ସମୟକ୍ରମେ ପରିବର୍ତ୍ତୀ ସାଧନର ସୀମାନ୍ତ ଉତ୍ପାଦ ଓ ହାରାହାରି ଉତ୍ପାଦ ହ୍ରାସ ପାଇଥାଏ । ତେଣୁ ଏହି ପର୍ଯ୍ୟାୟରେ ଉତ୍ପାଦନକାରୀ କ୍ରମହ୍ରାସମାନ ଉତ୍ପନ୍ନ ସୂତ୍ରର କାର୍ଯ୍ୟକାରିତା ଅନୁଭବ କରିଥାଏ । Mrs. Joan Robinsonଙ୍କ ମତରେ, ଉତ୍ପାଦନ ସାଧନଗୁଡ଼ିକ ପରସ୍ପରର ବିକଳ୍ପ ହୋଇ ନ ଥାନ୍ତି । ଉଦାହରଣ ସ୍ୱରୂପ, ଏଠାରେ ଭୂମି ଓ ଶ୍ରମ ପରସ୍ପରର ବିକଳ୍ପ ଉତ୍ପାଦନ ସାଧନ ନୁହନ୍ତି । କାରଣ ଉତ୍ପାଦନ ପ୍ରକ୍ରିୟାରେ ଭୂମିର କାର୍ଯ୍ୟ, ଅଧିକ ଶ୍ରମ ଦ୍ୱାରା କରାଯାଇପାରେ ନାହିଁ । ତେଣୁ ଭୂମିର ପରିମାଣ ଅପରିବର୍ତ୍ତିତ ଥାଇ, ଆବଶ୍ୟକତାଠାରୁ ଅଧିକ ଶ୍ରମ ନିୟୋଜନ ନିଶ୍ଚିତ ରୂପେ ହ୍ରାସମାନ ଉତ୍ପନ୍ନର କାରଣ ହେବ । ସେଥିପାଇଁ Mrs. Joan Robinson କହିଥିଲେ, "କ୍ରମହ୍ରାସମାନ ଉତ୍ପନ୍ନ ସୂତ୍ର ଏକ ଯୁକ୍ତିସିଦ୍ଧ ସତ୍ୟତା (The law of diminishing returns is a logical necessity) ।"

ପରିବର୍ତ୍ତୀ ଅନୁପାତ ସୂତ୍ରର ଦ୍ୱିତୀୟ ପର୍ଯ୍ୟାୟ ମୋଟ ଉତ୍ପାଦ ସର୍ବାଧିକ ବା ସୀମାନ୍ତ ଉତ୍ପାଦ ଶୂନ୍ୟ ହେଲାଯାଏଁ ବଳବତ୍ତର ଥାଏ । ସୀମାନ୍ତ ଉତ୍ପାଦ ଶୂନ୍ୟ ହେଲାପରେ ତଥାପି ଅଧିକ ପରିମାଣର ପରିବର୍ତ୍ତୀ ସାଧନର ପ୍ରୟୋଗ କରାଗଲେ ଋଣାତ୍ମକ ଉତ୍ପନ୍ନ ଅବଶ୍ୟମ୍ଭାବୀ ହୋଇଥାଏ । ଯେପରି କଥାରେ ଅଛି, 'ଅତି ଲେମ୍ବୁ ଚିପୁଡ଼ିଲେ ପିତା' । ସେହିପରି ଆବଶ୍ୟକତାଠାରୁ ବହୁତ ଅଧିକ ପରିବର୍ତ୍ତୀ ସାଧନ ପ୍ରୟୋଗ ଫଳରେ ସୀମାନ୍ତ ଉତ୍ପାଦ ଋଣାତ୍ମକ ହେବା ଅସମ୍ଭବ ନୁହେଁ । ସୀମାନ୍ତ ଉତ୍ପାଦ ଋଣାତ୍ମକ ହେଲେ ମୋଟ ଉତ୍ପାଦ ହ୍ରାସ ପାଇଥାଏ । ଏହାକୁ ପରିବର୍ତ୍ତୀ ଅନୁପାତ ସୂତ୍ରର ତୃତୀୟ ପର୍ଯ୍ୟାୟ କୁହାଯାଏ । ଏଠାରେ ଉତ୍ପାଦନକାରୀ ଋଣାତ୍ମକ ଉତ୍ପନ୍ନ ସୂତ୍ର (Law of negative returns) ବା ବର୍ଦ୍ଧମାନ ପରିବ୍ୟୟ ସୂତ୍ର (Law of increasing cost)ର କାର୍ଯ୍ୟକାରିତା ଅନୁଭବ କରିଥାଏ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ପରିବର୍ତ୍ତୀ ଅନୁପାତ ସୂତ୍ରଟି ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥାଏ । ସାଧାରଣତଃ କୌଣସି ଉତ୍ପାଦନକାରୀ ତୃତୀୟ ପର୍ଯ୍ୟାୟରେ ଉତ୍ପାଦନ କରିବାକୁ ଇଚ୍ଛା କରନ୍ତି ନାହିଁ । କାରଣ ଏହି ପର୍ଯ୍ୟାୟରେ ପରିବର୍ତ୍ତୀ ସାଧନର ସୀମାନ୍ତ ଉତ୍ପାଦ ଋଣାତ୍ମକ ହୋଇଥାଏ । ସେହିପରି ପ୍ରଥମ ପର୍ଯ୍ୟାୟରେ

ସେମାନେ ଉତ୍ପାଦନ ପ୍ରକ୍ରିୟା ବନ୍ଦ କରିବାକୁ ପସନ୍ଦ କରନ୍ତି ନାହିଁ। କାରଣ ଏହା 'ବର୍ଦ୍ଧମାନ ଉତ୍ପନ୍ନ ପର୍ଯ୍ୟାୟ' ଅଟେ। ତେଣୁ ବାସ୍ତବ ଦୃଷ୍ଟିକୋଣରୁ ଦ୍ୱିତୀୟ ପର୍ଯ୍ୟାୟଟି ପ୍ରତ୍ୟେକ ଉତ୍ପାଦନକାରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ପର୍ଯ୍ୟାୟରେ ହିଁ ଜଣେ ବିବେକୀ ଉତ୍ପାଦନକାରୀ ଉତ୍ପାଦନ କରିଥାଏ ଏବଂ ସନ୍ତୁଳନ ଅବସ୍ଥା ପ୍ରାପ୍ତ ହୋଇଥାଏ। ସେଥିପାଇଁ ଅର୍ଥଶାସ୍ତ୍ରୀମାନେ ପରିବର୍ତ୍ତୀ ଅନୁପାତ ସୂତ୍ରକୁ ମଧ୍ୟ 'କ୍ରମହ୍ରାସମାନ ଉତ୍ପନ୍ନ ସୂତ୍ର' (Law of Diminishing Returns) ବୋଲି ଅଭିହିତ କରିଥାନ୍ତି।

ସ୍ୱଳ୍ପ କାଳରେ ଉତ୍ପାଦନ କ୍ଷେତ୍ରରେ ତିନିଗୋଟି ସୂତ୍ର ଯଥା କ୍ରମବର୍ଦ୍ଧିଷ୍ଣୁ ଉତ୍ପନ୍ନ ସୂତ୍ର, ସ୍ଥିର ଉତ୍ପନ୍ନ ସୂତ୍ର ଓ କ୍ରମହ୍ରାସମାନ ଉତ୍ପନ୍ନ ସୂତ୍ର କାର୍ଯ୍ୟକାରୀ ହୋଇଥାଏ। ଏହି ସମୟରେ କିନ୍ତୁ ଉତ୍ପାଦନ ସମ୍ବନ୍ଧୀୟ କେବଳ ଗୋଟିଏ ସୂତ୍ରର ସ୍ଥିତି ଥାଏ, ତାହା ହେଉଛି ପରିବର୍ତ୍ତୀ ଅନୁପାତ ସୂତ୍ର ଏବଂ ଏହାର ଉପରୋକ୍ତ ତିନୋଟି ପର୍ଯ୍ୟାୟ ପରିଲକ୍ଷିତ ହୁଏ।

### ସୂତ୍ରର ପ୍ରୟୋଗ (Application of the Law)

ସଂସ୍ଥାପକ ଅର୍ଥଶାସ୍ତ୍ରୀଙ୍କ ମତରେ ସ୍ୱଳ୍ପକାଳରେ ଉତ୍ପାଦନ କ୍ଷେତ୍ରରେ ତିନିଗୋଟି ପୃଥକ ନିୟମ ବା ସୂତ୍ର ଯଥା- କ୍ରମବର୍ଦ୍ଧିଷ୍ଣୁ ଉତ୍ପନ୍ନ ନିୟମ, ସ୍ଥିର ଉତ୍ପନ୍ନ ନିୟମ ଓ କ୍ରମହ୍ରାସମାନ ଉତ୍ପନ୍ନ ନିୟମ କାର୍ଯ୍ୟକାରୀ ହୋଇଥାଏ। କୃଷି କ୍ଷେତ୍ରରେ କ୍ରମହ୍ରାସମାନ ଉତ୍ପନ୍ନ ନିୟମ ଓ ଶିଳ୍ପ କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଉତ୍ପନ୍ନ ନିୟମର କାର୍ଯ୍ୟକାରିତା ଉପଲବ୍ଧ ହୁଏ ଏବଂ ସ୍ଥିର ଉତ୍ପନ୍ନ ନିୟମ (Law of Constant Returns)ର ବାସ୍ତବ ସ୍ଥିତି ପ୍ରାୟତଃ ନଥାଏ। ଏହାର କେବଳ ଏକ ତାତ୍ତ୍ୱିକ ସ୍ଥିତି (Theoretical existence) ଆଲୋଚିତ ହୋଇଥାଏ। ଏହି ପ୍ରସଙ୍ଗରେ ମାର୍ଶାଲ କ୍ରମହ୍ରାସମାନ ନିୟମ କାର୍ଯ୍ୟକାରିତାରେ 'ପ୍ରକୃତି (Nature)' ଏବଂ କ୍ରମବର୍ଦ୍ଧିଷ୍ଣୁ ଉତ୍ପନ୍ନ ନିୟମ କ୍ଷେତ୍ରରେ 'ମଣିଷ (Man)'ର ଭୂମିକାକୁ ପ୍ରାଧାନ୍ୟ ଦେଇଥିଲେ। ମାତ୍ର ଆଧୁନିକ ଅର୍ଥଶାସ୍ତ୍ରୀଙ୍କ ମତରେ ସ୍ୱଳ୍ପକାଳରେ ଉତ୍ପାଦନ କ୍ଷେତ୍ରରେ ମାତ୍ର ଗୋଟିଏ ନିୟମ କାର୍ଯ୍ୟକାରୀ ହୋଇଥାଏ। ତାହା ହେଉଛି ପରିବର୍ତ୍ତୀ ଅନୁପାତ ନିୟମ ଏବଂ ଏହି ନିୟମର ତିନୋଟି ପର୍ଯ୍ୟାୟ ଯଥା- କ୍ରମବର୍ଦ୍ଧିଷ୍ଣୁ ଉତ୍ପନ୍ନ ପର୍ଯ୍ୟାୟ, କ୍ରମହ୍ରାସ ମାନ ଉତ୍ପନ୍ନ ପର୍ଯ୍ୟାୟ ଓ ଋଣାତ୍ମକ ଉତ୍ପନ୍ନ ପର୍ଯ୍ୟାୟ ପରିଲକ୍ଷିତ ହୋଇଥାଏ। କିନ୍ତୁ ଉତ୍ପାଦନ ଦ୍ୱିତୀୟ ପର୍ଯ୍ୟାୟରେ ବା କ୍ରମହ୍ରାସମାନ ଉତ୍ପନ୍ନ ପର୍ଯ୍ୟାୟରେ ସଂଗଠିତ ହୋଇଥାଏ। ସର୍ବୋପରି ଏହି ନିୟମ କୃଷି, ଶିଳ୍ପ ତଥା ଅନ୍ୟ ସମସ୍ତ ଉତ୍ପାଦନ ପ୍ରକ୍ରିୟା ଯଥା ଖଣି, ଗୃହ ନିର୍ମାଣ, ମତ୍ସ୍ୟଚାଷ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ଅନୁଭୂତ ହୋଇଥାଏ। ଅର୍ଥାତ୍ ଯେଉଁ ଉତ୍ପାଦନ ପ୍ରକ୍ରିୟାରେ କେତେକ ସାଧନର ପରିମାଣ ସ୍ଥିର ରଖି ଅନ୍ୟ ସାଧନର ପରିମାଣ ପରିବର୍ତ୍ତନ କରାଯାଇଥାଏ, ସେ ସବୁ କ୍ଷେତ୍ରରେ ପରିବର୍ତ୍ତୀ ଅନୁପାତ ନିୟମ କାର୍ଯ୍ୟକାରୀ ହୋଇଥାଏ। ଅତଏବ ସ୍ୱଳ୍ପକାଳରେ ପରିବର୍ତ୍ତୀ ଅନୁପାତ ନିୟମ ଉତ୍ପାଦନର ସମସ୍ତ କ୍ଷେତ୍ରରେ କାର୍ଯ୍ୟକାରୀ ହେବାର ପରିଲକ୍ଷିତ ହୁଏ।

ଘଘଘ

## ସାରାଂଶ

1. **ଉତ୍ପାଦନ :** ଉତ୍ପାଦନ କହିଲେ ବିନିମୟ ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ଓ ସେବାର ପ୍ରସ୍ତୁତି ପ୍ରକ୍ରିୟାକୁ ବୁଝାଏ । ଅର୍ଥାତ୍ ଯେଉଁ ପ୍ରକ୍ରିୟାର ବିନିମୟ ମୂଲ୍ୟ ଥିବା ଉପଯୋଗିତା ସୃଷ୍ଟି ହୋଇଥାଏ, ତାହାକୁ ଉତ୍ପାଦନ କୁହାଯାଏ ।

2. **ଆକାରଗତ ଉପଯୋଗିତା :** ଭୌତିକ ବସ୍ତୁର ଆକାର ପରିବର୍ତ୍ତନ ଯୋଗୁଁ ସେହି ବସ୍ତୁର ଯେଉଁ ଉପଯୋଗିତା ସୃଷ୍ଟି ହୁଏ, ତାହାକୁ ଆକାରଗତ ଉପଯୋଗିତା କୁହାଯାଏ ।

3. **ସ୍ଥାନଗତ ଉପଯୋଗିତା:** କୌଣସି ଦ୍ରବ୍ୟ ବା ସେବାର ସ୍ଥାନ ପରିବର୍ତ୍ତନ ଯୋଗୁଁ ଯେଉଁ ଉପଯୋଗିତା ସୃଷ୍ଟି ହୁଏ, ତାହାକୁ ସ୍ଥାନଗତ ଉପଯୋଗିତା କୁହାଯାଏ ।

4. **କାଳଗତ ଉପଯୋଗିତା:** ସାମଗ୍ରୀକୁ କିଛିକାଳ ସଞ୍ଚିତ ରଖିବା ଯୋଗୁଁ ଯେଉଁ ଉପଯୋଗିତା ସୃଷ୍ଟି ହୁଏ, ତାହାକୁ କାଳଗତ ଉପଯୋଗିତା କୁହାଯାଏ ।

5. **ସେବାଗତ ଉପଯୋଗିତା:** ବ୍ୟକ୍ତିଗତ ସେବା ଯଥା ଶିକ୍ଷକ, ଡାକ୍ତର, ଓକିଲ ଇତ୍ୟାଦିଙ୍କ ସେବା ଦ୍ୱାରା ଯେଉଁ ଉପଯୋଗିତା ସୃଷ୍ଟି ହୁଏ, ତାହାକୁ ସେବାଗତ ଉପଯୋଗିତା କୁହାଯାଏ ।

6. **ଉତ୍ପାଦନ ଫଳନ:** ଉତ୍ପାଦନ ସାଧନର ପରିମାଣ ଓ ଉତ୍ପାଦର ପରିମାଣ ମଧ୍ୟରେ ଥିବା ବୈଷୟିକ ସମ୍ପର୍କକୁ ଉତ୍ପାଦନ ଫଳନ କୁହାଯାଏ ।

7. **ସ୍ଥିର ସାଧନ:** ଅଧିକ ପରିମାଣର ଉତ୍ପାଦନ ନିମନ୍ତେ ଯେଉଁ ଉତ୍ପାଦନ ସାଧନଗୁଡ଼ିକର ପରିମାଣ ସ୍ୱଳ୍ପକାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ, ସେଗୁଡ଼ିକୁ ସ୍ଥିର ସାଧନ କୁହାଯାଏ । ଉଦାହରଣ- ମେସିନ୍, କଳକବ୍ଜା ଇତ୍ୟାଦି ।

8. **ପରିବର୍ତ୍ତୀ ସାଧନ:** ସ୍ୱଳ୍ପକାଳରେ ଦ୍ରବ୍ୟ ଉତ୍ପାଦନ ପରିମାଣର ପରିବର୍ତ୍ତନ ନିମନ୍ତେ ଯେଉଁ ସାଧନ ପରିମାଣରେ ପରିବର୍ତ୍ତନ କରାଯାଇପାରେ, ତାହାକୁ ପରିବର୍ତ୍ତୀ ସାଧନ କୁହାଯାଏ । ଉଦାହରଣ- ଶ୍ରମ, କଞ୍ଚାମାଲ ଇତ୍ୟାଦି ।

9. **ମୋଟ ଉତ୍ପାଦ:** ଏକ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ଉତ୍ପାଦନ ସାଧନ ପ୍ରୟୋଗ କରି ଯେଉଁ ପରିମାଣରେ ଉତ୍ପାଦ ଉତ୍ପନ୍ନ କରାଯାଏ, ତାହାକୁ ମୋଟ ଉତ୍ପାଦ କୁହାଯାଏ।

10. **ହାରାହାରି ଉତ୍ପାଦ:** ପରିବର୍ତ୍ତୀ ସାଧନର ଏକକ ପିଛା ଉତ୍ପାଦ ପରିମାଣକୁ ହାରାହାରି ଉତ୍ପାଦ କୁହାଯାଏ।

11. **ସୀମାନ୍ତ ଉତ୍ପାଦ:** ପରିବର୍ତ୍ତୀ ସାଧନର ଏକକ ପରିମାଣ ପରିବର୍ତ୍ତନ ଯୋଗୁଁ ମୋଟ ଉତ୍ପାଦର ପରିବର୍ତ୍ତନ ହାରକୁ, ସାଧନର ସୀମାନ୍ତ ଉତ୍ପାଦ କୁହାଯାଏ। ଅନ୍ୟ ଅର୍ଥରେ ଏକ ଅତିରିକ୍ତ ପରିବର୍ତ୍ତୀ ସାଧନ ପ୍ରୟୋଗ ଫଳରେ ମୋଟ ଉତ୍ପାଦ ପରିମାଣର ପରିବର୍ତ୍ତନକୁ ସାଧନର ସୀମାନ୍ତ ଉତ୍ପାଦ କୁହାଯାଏ।

12. **ପରିବର୍ତ୍ତୀ ଅନୁପାତ ସୂତ୍ର:** ସ୍ୱଳ୍ପକାଳରେ ସ୍ଥିର ସାଧନ ପରିମାଣକୁ ସ୍ଥିର ରଖି ଅଧିକରୁ ଅଧିକ ପରିମାଣର ପରିବର୍ତ୍ତୀ ସାଧନ ନିୟୋଜନ ଯୋଗୁଁ ବ୍ୟବହୃତ ସାଧନଗୁଡ଼ିକର ଅନୁପାତରେ ପରିବର୍ତ୍ତନ ହୋଇଥାଏ। ସାଧନ ଅନୁପାତ ପରିବର୍ତ୍ତନ ଯୋଗୁଁ ଉତ୍ପାଦନ ପରିମାଣ କିପରି ପରିବର୍ତ୍ତନ ହୁଏ, ତାହା ପରିବର୍ତ୍ତୀ ଅନୁପାତ ସୂତ୍ର ଅଧ୍ୟୟନ କରିଥାଏ।

❑❑❑

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ- ବସ୍ତୁନିଷ୍ଠ ପ୍ରଶ୍ନ (ବାଧ୍ୟତାମୂଳକ)

(ପ୍ରତ୍ୟେକର ମୂଲ୍ୟ 1 ନମ୍ବର)

1. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ।

(a) ଉତ୍ପାଦନ ଅର୍ଥ କ'ଣ ?

(i) ବସ୍ତୁ ସୃଜନ (ii) ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତା ସୃଜନ

(iii) ମନୁଷ୍ୟର ଅଭାବଗୁଡ଼ିକର ସନ୍ତୋଷ ବିଧାନ (iv) ସାଧନର ଉପଯୋଗ

(b) ବିନିମୟ ଉଦ୍ଦେଶ୍ୟରେ ଦ୍ରବ୍ୟ ଓ ସେବା ସୃଷ୍ଟି କରୁଥିବା କାର୍ଯ୍ୟକଳାପକୁ କ'ଣ କୁହାଯାଏ ?

(i) ଉପଭୋଗ (ii) ଉତ୍ପାଦନ

(iii) ବଣ୍ଟନ (iv) ବିନିମୟ

(c) ଜଣେ ବଢ଼େଇ ଖଣ୍ଡେ କାଠକୁ ଚୌକି ତିଆରି କରିବା ଯୋଗୁଁ କେଉଁ ଉପଯୋଗିତା ସୃଷ୍ଟି କରେ ?

(i) କାଳଗତ (ii) ସେବାଗତ

(iii) ସ୍ଥାନଗତ (iv) ଆକାରଗତ

(d) ସାଧନର ଏକକ ପିଛା ଉତ୍ପାଦନ ପରିମାଣକୁ କ'ଣ କୁହାଯାଏ ?

(i) ହାରାହାରି ଉତ୍ପାଦ (ii) ସୀମାନ୍ତ ଉତ୍ପାଦ

(iii) ମୋଟ ଉତ୍ପାଦ (iv) ସୀମାନ୍ତ ପରିବ୍ୟୟ

(e) ସୀମାନ୍ତ ଉତ୍ପାଦ ଶୂନ୍ୟ ହେଲେ ମୋଟ ଉତ୍ପାଦର ପରିମାଣ କେତେ ?

(i) ସର୍ବନିମ୍ନ (ii) ସର୍ବୋଚ୍ଚ

(iii) ସ୍ଥିର (iv) ଶୂନ୍ୟ

(f) ସୀମାନ୍ତ ଉତ୍ପାଦ ଋଣାତ୍ମକ ହେଲେ ମୋଟ ଉତ୍ପାଦର କ'ଣ ହୁଏ ।

(i) ହ୍ରାସ ପାଏ (ii) ବୃଦ୍ଧି ପାଏ

(iii) ସ୍ଥିର ରହେ (iv) ଶୂନ୍ୟ ହୁଏ

(g) ଏକ ପରିବର୍ତ୍ତୀ ସାଧନର 10 ଟି ଏକକରୁ 100 କୁଇଣ୍ଟାଲ ଗହମ ଓ 11ଟି ଏକକରୁ 112 କୁଇଣ୍ଟାଲ ଗହମ ଉତ୍ପାଦନ ହେଲେ, ସୀମାନ୍ତ ଉତ୍ପାଦ କେତେ କୁଇଣ୍ଟାଲ ହେବ ?

(i) 10 (ii) 11

(iii) 12 (iv) 21

(h) 10 ଏକକ ପରିବର୍ତ୍ତୀ ସାଧନ ନିୟୋଜନରୁ ମୋଟ ଉତ୍ପାଦ 120 ଏକକ ହେଲେ ସାଧନର ହାରାହାରି ଉତ୍ପାଦ କେତେ ହେବ ?

(i) 10 (ii) 12

(iii) 120 (iv) 11

**2. ରେଖାଙ୍କିତ ଶବ୍ଦଗୁଡ଼ିକୁ ପରିବର୍ତ୍ତନ ନ କରି ନିମ୍ନଲିଖିତ ଉକ୍ତିଗୁଡ଼ିକର ଭୁଲ୍ ଥିଲେ ସଂଶୋଧନ କର ।**

(a) ଉପଯୋଗିତାର ବିନାଶକୁ ଉତ୍ପାଦନ କୁହାଯାଏ ।

(b) ପରିବର୍ତ୍ତୀ ଅନୁପାତ ସୂତ୍ର ଦୀର୍ଘକାଳରେ କାର୍ଯ୍ୟକାରୀ ହୁଏ ।

(c) ଟ୍ରକ୍ ଚାଳନା କାଳଗତ ଉପଯୋଗିତାର ଉଦାହରଣ ।

(d) ସୀମାନ୍ତ ଉତ୍ପାଦ ଶୂନ୍ୟ ହେଲେ ମୋଟ ଉତ୍ପାଦ ସର୍ବନିମ୍ନ ହୋଇଥାଏ ।

(e) ସୀମାନ୍ତ ଉତ୍ପାଦ ହାରାହାରି ଉତ୍ପାଦ ସହ ସମାନ ହୋଇଥାଏ, ଯେତେବେଳେ ସୀମାନ୍ତ ଉତ୍ପାଦ ସର୍ବୋଚ୍ଚ ଥାଏ ।

(f) ସୀମାନ୍ତ ଉପଯୋଗିତା ଋଣାତ୍ମକ ହେଲେ ମୋଟ ଉପଯୋଗିତା ବୃଦ୍ଧି ପାଇଥାଏ ।

## 'ଖ' - ବିଭାଗ (କ୍ଷୁଦ୍ର ଉତ୍ତର ସାପେକ୍ଷ)

(ପ୍ରତ୍ୟେକର ମୂଲ୍ୟ 2 ନମ୍ବର)

3. ପ୍ରତ୍ୟେକ କ୍ଷେତ୍ରରେ ଦୁଇଟି ବା ତିନିଟି ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ:

(a) ଉତ୍ପାଦନ କହିଲେ କ'ଣ ବୁଝ ?

(b) ସ୍ୱଳ୍ପକାଳ କ'ଣ ?

(c) ସ୍ଥିର ସାଧନ କ'ଣ ?

(d) ପରିବର୍ତ୍ତୀ ସାଧନ କ'ଣ ?

(e) ସୀମାନ୍ତ ଉତ୍ପାଦ କହିଲେ କ'ଣ ବୁଝ ?

(f) ଉତ୍ପାଦନ ଫଳନ ଅର୍ଥ କ'ଣ ?

4. ପାର୍ଥକ୍ୟ ଦର୍ଶାଅ (୫ଟି ବାକ୍ୟରେ) (ପ୍ରତ୍ୟେକର ମୂଲ୍ୟ 3 ନମ୍ବର)

(a) ସ୍ୱଳ୍ପକାଳ ଓ ଦୀର୍ଘକାଳ

(b) ସ୍ଥିର ସାଧନ ଓ ପରିବର୍ତ୍ତୀ ସାଧନ

(c) ସୀମାନ୍ତ ଉତ୍ପାଦ ଓ ମୋଟ ଉତ୍ପାଦ

(d) ପରିବର୍ତ୍ତୀ ଅନୁପାତ ସୂତ୍ରର ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ

(e) ସୀମାନ୍ତ ଉତ୍ପାଦ କହିଲେ କ'ଣ ବୁଝ ?

(f) ଉତ୍ପାଦନ ଫଳନ ଅର୍ଥ କ'ଣ ?

## 'ଗ' ବିଭାଗ (ଦୀର୍ଘ ଉତ୍ତର ସାପେକ୍ଷ ପ୍ରଶ୍ନ)

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ $7^1/_2$ ନମ୍ବର)

5. ପରିବର୍ତ୍ତୀ ଅନୁପାତ ସୂତ୍ର ବ୍ୟାଖ୍ୟା କର ।

6. ମୋଟ ଉତ୍ପାଦ, ସୀମାନ୍ତ ଉତ୍ପାଦ ଓ ହାରାହାରି ଉତ୍ପାଦ କହିଲେ କ'ଣ ବୁଝ ? ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କ ବିଶ୍ଳେଷଣ କର ।

# ଚତୁର୍ଥ ପରିଚ୍ଛେଦ

## ପରିବ୍ୟୟ, ଆୟ ଏବଂ ଯୋଗାଣ

- ପରିବ୍ୟୟ - ମୌଦ୍ରିକ ପରିବ୍ୟୟ, ବାସ୍ତବ ପରିବ୍ୟୟ, ଅବ୍ୟକ୍ତ ପରିବ୍ୟୟ, ସୁବ୍ୟକ୍ତ ପରିବ୍ୟୟ, ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ପରିବ୍ୟୟ, ସ୍ୱଳ୍ପକାଳରେ ମୋଟ, ହାରାହାରି ଓ ପ୍ରାନ୍ତୀୟ ପରିବ୍ୟୟ ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କ (ସରଳ ବିଶ୍ଳେଷଣ)
- ଆୟ - ମୋଟ, ହାରାହାରି ଓ ପ୍ରାନ୍ତୀୟ ଆୟ ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କ
- ଯୋଗାଣ - ଅର୍ଥ ଓ ଯୋଗାଣ ସୂତ୍ର

# ଚତୁର୍ଥ ପରିଚ୍ଛେଦ

## ପରିବ୍ୟୟ (Cost), ଆୟ (Revenue) ଓ ଯୋଗାଣ (Supply)

### 4.1 ପରିବ୍ୟୟ


### 4.1.1 ପରିବ୍ୟୟର ଅର୍ଥ

ଦ୍ରବ୍ୟ ଉତ୍ପାଦନ କରିବାର ଖର୍ଚ୍ଚକୁ ପରିବ୍ୟୟ (Cost) କୁହାଯାଏ। ଏକ ନିର୍ଦ୍ଦିଷ୍ଟ ପରିମାଣର ଦ୍ରବ୍ୟ ଉତ୍ପାଦନ କରିବାକୁ ଉତ୍ପାଦନକାରୀଙ୍କୁ ଯେଉଁ ପରିମାଣରେ ବ୍ୟୟ କରିବାକୁ ପଡ଼େ ତାହା ହେଲା ପରିବ୍ୟୟ। ଉତ୍ପାଦକ (Producer) କୌଣସି ଦ୍ରବ୍ୟ ଉତ୍ପାଦନ କରିବା ନିମିତ୍ତ ବିଭିନ୍ନ ପ୍ରକାର ସାଧନ ଯଥା- ଭୂମି, ଶ୍ରମ, ପୁଞ୍ଜି ଆଦି ବିନିଯୋଗ କରେ। ସେଥିପାଇଁ ତାକୁ ଅର୍ଥ ପ୍ରଦାନ କରିବାକୁ ପଡ଼େ। ଉତ୍ପାଦନକାରୀ ଉତ୍ପାଦନ କରିବା ନିମିତ୍ତ ବିନିଯୋଗ କରୁଥିବା ସାଧନଗୁଡ଼ିକ ପାଇଁ ଯେଉଁ ବ୍ୟୟ କରିଥାଏ ତାହା ପରିବ୍ୟୟ ଅଟେ।

ଉତ୍ପାଦନର ଖର୍ଚ୍ଚ ବା ପରିବ୍ୟୟ ମୁଖ୍ୟତଃ ତିନୋଟି ବିଷୟ ଉପରେ ନିର୍ଭର କରେ—

1. ଉତ୍ପାଦନ ନିମିତ୍ତ ନିୟୋଜିତ ସାଧନର ପରିମାଣ
2. ସାଧନଗୁଡ଼ିକର ଦର
3. ନିୟୋଜିତ ସାଧନଗୁଡ଼ିକର ଉତ୍ପାଦକତା

### 4.1.2 ପରିବ୍ୟୟର ପ୍ରକାରଭେଦ



ପରିବ୍ୟୟର ବିଭିନ୍ନ ଧାରଣା ନିମ୍ନରେ ଆଲୋଚନା କରାଗଲା।

(1) **ସୁବ୍ୟକ୍ତ ପରିବ୍ୟୟ (Explicit Cost):** ଚୁକ୍ତିଭିତ୍ତିରେ ଅଣାଯାଇଥିବା ଉତ୍ପାଦନର ସାଧନମାନଙ୍କୁ ଉଦ୍ୟୋକ୍ତା ଯେଉଁ ପାଉଣା ପ୍ରଦାନ କରିଥାନ୍ତି ତାହାକୁ ସୁବ୍ୟକ୍ତ ପରିବ୍ୟୟ ବା ପ୍ରକାଶ୍ୟ ପରିବ୍ୟୟ କୁହାଯାଏ। ଭଡ଼ାସୂତ୍ରେ ଅଣାଯାଇଥିବା ଭୂମି ଏବଂ ଗୃହ ପାଇଁ ପ୍ରଦାନ କରାଯାଉଥିବା ଅଧିଶେଷ, ନିୟୋଜିତ ଶ୍ରମିକମାନଙ୍କୁ ମଜୁରି ଏବଂ କରଜରେ ଅଣାଯାଇଥିବା ପୁଞ୍ଜି ପାଇଁ ସୁଧ ତଥା କଞ୍ଚାମାଲର ଦାମ୍ ସୁବ୍ୟକ୍ତ ପରିବ୍ୟୟରେ ଅନ୍ତର୍ଭୁକ୍ତ। ମୁଦ୍ରା ଆକାରରେ ଏହିସବୁ ପାଉଣା ବା ଦେୟତା ଉତ୍ପାଦନ ପରିବ୍ୟୟରେ ଅନ୍ତର୍ଭୁକ୍ତ ହୋଇଥାଏ। ହିସାବରକ୍ଷକ ଏକ ପ୍ରତିଷ୍ଠାନର ମୋଟ ଖର୍ଚ୍ଚ ପ୍ରାକ୍କଳନ କରିବା ସକାଶେ ଏହିସବୁ ପରିବ୍ୟୟର ଏକ ନଥି ବା ଅଭିଲେଖ ରଖିଥାନ୍ତି। ଏଣୁ ସୁବ୍ୟକ୍ତ ପରିବ୍ୟୟ ବା ପ୍ରକାଶ୍ୟ ପରିବ୍ୟୟକୁ ମଧ୍ୟ ହିସାବ ସମ୍ବନ୍ଧୀୟ ପରିବ୍ୟୟ କୁହାଯାଏ।

(2) **ଅବ୍ୟକ୍ତ ପରିବ୍ୟୟ (Implicit Cost):** ଜଣେ ଉଦ୍ୟୋଗୀ ନିଜର ଭୂମି, ଗୃହ, ପୁଞ୍ଜି, ଶ୍ରମ ଆଦି ସାଧନମାନ ନିଜ ପ୍ରତିଷ୍ଠାନରେ ବ୍ୟବହାର କରିପାରନ୍ତି। ସାଧାରଣତଃ ନିଜ ମାଲିକାନାରେ ଥିବା ସାଧନ ପାଇଁ ପାଉଣା ନିଅନ୍ତି ନାହିଁ। ତେଣୁ ସେହିସବୁ ସାଧନଗୁଡ଼ିକର ଦେୟତା ହିସାବରକ୍ଷକର ଅଭିଲେଖରେ ଅନ୍ତର୍ଭୁକ୍ତ ହୁଏ ନାହିଁ; କିନ୍ତୁ ନିଜ ପ୍ରତିଷ୍ଠାନରେ ଏହିସବୁ ସାଧନ ବ୍ୟବହାର କରିବା ପରିବର୍ତ୍ତେ ଯଦି ସେ ଏସବୁ ଅନ୍ୟମାନଙ୍କୁ ଦେବେ ସେ କିଛି ଆୟ ଅର୍ଜନ କରିବେ। ଜଣେ ଉଦ୍ୟୋକ୍ତା ନିଜର ସାଧନମାନଙ୍କ ସକାଶେ ସେମାନଙ୍କର ସର୍ବୋତ୍ତମ ବିକଳ୍ପ ପ୍ରୟୋଗରୁ ପ୍ରାପ୍ତ ସମ୍ଭାବ୍ୟ ଆୟକୁ ଅବ୍ୟକ୍ତ ପରିବ୍ୟୟ ବା ଲୁକ୍କାୟିତ ପରିବ୍ୟୟ କୁହାଯାଏ। ଅବ୍ୟକ୍ତ ପରିବ୍ୟୟରେ ନିମ୍ନଲିଖିତ ଉପାଦାନମାନ ଅନ୍ତର୍ଭୁକ୍ତ ହୋଇଥାଏ।

(a) ଉଦ୍ୟୋକ୍ତାଙ୍କର ନିଜ ଗୃହର ଆରୋପିତ ଅଧିଶେଷ।

(b) ଉଦ୍ୟୋକ୍ତାଙ୍କର ନିଜ ଶ୍ରମ ସକାଶେ ଆରୋପିତ ମଜୁରି।

(c) ଉଦ୍ୟୋକ୍ତାଙ୍କର ନିଜ ପ୍ରତିଷ୍ଠାନରେ ବ୍ୟବହାର କରାଯାଇଥିବା ନିଜ ପୁଞ୍ଜି ପାଇଁ ଆରୋପିତ ସୁଧ

(3) **ଆର୍ଥନୀତିକ ପରିବ୍ୟୟ (Economic Cost):** କୌଣସି ଏକ ଦ୍ରବ୍ୟ ଉତ୍ପାଦନ କରିବା ସକାଶେ ଜଣେ ଅର୍ଥଶାସ୍ତ୍ରୀଙ୍କ ଦ୍ୱାରା ନିର୍ଣ୍ଣିତ ହେଉଥିବା ବ୍ୟୟକୁ ଆର୍ଥନୀତିକ ପରିବ୍ୟୟ କୁହାଯାଏ। ଆର୍ଥନୀତିକ ପରିବ୍ୟୟ ଉଭୟ ସୁବ୍ୟକ୍ତ ପରିବ୍ୟୟ ଏବଂ ଲୁକ୍କାୟିତ ପରିବ୍ୟୟର ସମଷ୍ଟି।

ଏଣୁ,

| | | |
|---|---|---|
| ଆର୍ଥନୀତିକ ପରିବ୍ୟୟ | = | ସୁବ୍ୟକ୍ତ ପରିବ୍ୟୟ ବା ପ୍ରକାଶ୍ୟ ପରିବ୍ୟୟ<br>+<br>ଅବ୍ୟକ୍ତ ପରିବ୍ୟୟ ବା ଲୁକ୍କାୟିତ ପରିବ୍ୟୟ |

(4) **ମୌଦ୍ରିକ ପରିବ୍ୟୟ (Money Cost):** ଏକ ନିର୍ଦ୍ଦିଷ୍ଟ ପରିମାଣର ଉତ୍ପାଦ ଉତ୍ପାଦନ କରିବା ସକାଶେ ଉତ୍ପାଦନର ସାଧନଗୁଡ଼ିକୁ ଅର୍ଥ ଆକାରରେ ପ୍ରଦାନ କରାଯାଉଥିବା ମୋଟ ପାଉଣାର ମୌଦ୍ରିକ ପରିପ୍ରକାଶକୁ ମୌଦ୍ରିକ ପରିବ୍ୟୟ କୁହାଯାଏ। ଶ୍ରମପାଇଁ ମଜୁରି, କଞ୍ଚାମାଲ ଏବଂ ଶକ୍ତିପାଇଁ ଦେୟତା, କରଜ କରିଥିବା ପୁଞ୍ଜି ପାଇଁ ସୁଧ, ଭଡ଼ା ସୂତ୍ରରେ ଅଣାଯାଇଥିବା ଭୂମି ଏବଂ ଗୃହ ପାଇଁ ଅଧିଶେଷ, କର ବା ଜୀବନବୀମା ଦେୟତା ଏବଂ ଯନ୍ତ୍ରପାତିର ଅବକ୍ଷୟ ଜନିତ ପରିବ୍ୟୟାଦି ମୁଦ୍ରା ଆକାରରେ ପ୍ରତିଷ୍ଠାନ ଦ୍ୱାରା ଦିଆଯାଇଥାଏ। ଏହି ସମସ୍ତ ଦେୟତା ମୌଦ୍ରିକ ପରିବ୍ୟୟ ଅଟେ। ଉପରୋକ୍ତ ସାଧନଗୁଡ଼ିକୁ ଯେଉଁ ପାଉଣା ଉଦ୍ୟୋକ୍ତା ମୁଦ୍ରା ଆକାରରେ ପ୍ରଦାନ କରିଥାନ୍ତି, ତାକୁ ପ୍ରକାଶ୍ୟ ପରିବ୍ୟୟ ବା ସୁବ୍ୟକ୍ତ ପରିବ୍ୟୟ (Explicit Cost) ମଧ୍ୟ କୁହାଯାଏ।

(5) **ବାସ୍ତବ ପରିବ୍ୟୟ (Real Cost):** ସାଧନର ମାଲିକ ଉତ୍ପାଦନକାରୀଙ୍କୁ ସାଧନ ମାନ ଯୋଗାଣ କରିବାବେଳେ ଅନୁଭବ କରୁଥିବା ପରିଶ୍ରମ, କଷ୍ଟ, ଅସ୍ୱାଚ୍ଛନ୍ଦ୍ୟ, ଯନ୍ତ୍ରଣା, ନିରାନନ୍ଦ ଏବଂ ତ୍ୟାଗକୁ ବାସ୍ତବ ପରିବ୍ୟୟ କୁହାଯାଏ। ଉଦାହରଣସ୍ୱରୂପ ଶ୍ରମିକ କାର୍ଯ୍ୟ ସମ୍ପାଦନ କଲାବେଳେ ଯନ୍ତ୍ରଣା ବା କଷ୍ଟ ସ୍ୱୀକାର କରେ। ସେହିପରି ପୁଞ୍ଜି ମାଲିକ ପୁଞ୍ଜି ସଂଗ୍ରହ କରିବା ପାଇଁ ସଞ୍ଚୟ କରନ୍ତି, ସଞ୍ଚୟ କରିବା ନିମିତ୍ତ ସାମ୍ପ୍ରତିକ ଉପଭୋଗକୁ ହ୍ରାସ କରିବାକୁ ପଡ଼ିଥାଏ। ସାମ୍ପ୍ରତିକ ଉପଭୋଗକୁ ହ୍ରାସ କରିବା ଦ୍ୱାରା ତ୍ୟାଗ ବା କଷ୍ଟ ସ୍ୱୀକାର କରନ୍ତି। ତେଣୁ ଉତ୍ପାଦନରେ ନିୟୋଜିତ ସମସ୍ତ ଉତ୍ପାଦନର ସାଧନଗୁଡ଼ିକର ତ୍ୟାଗ, ଯନ୍ତ୍ରଣା ଓ କଷ୍ଟର ସମଷ୍ଟିକୁ ବାସ୍ତବ ପରିବ୍ୟୟ କୁହାଯାଏ। ଯନ୍ତ୍ରଣା, ଅସୁବିଧା, ତ୍ୟାଗ ଆଦି ମାନସିକ ଅନୁଭୂତି ହୋଇଥିବାରୁ ବାସ୍ତବ ପରିବ୍ୟୟର ପରିମାଣାତ୍ମକ ପରିମାପ ସମ୍ଭବ ହୁଏ ନାହିଁ।

(6) **ବିକଳ୍ପ ପରିବ୍ୟୟ (Opportunity Cost):** ଉତ୍ପାଦନର ପ୍ରତ୍ୟେକ ସାଧନକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇପାରେ। ସେଗୁଡ଼ିକ ଗୋଟିଏ କାର୍ଯ୍ୟରେ ନିୟୋଜିତ ହେଲେ, ଅନ୍ୟ କାର୍ଯ୍ୟରେ ନିୟୋଜନ ହେବାର ସୁଯୋଗରୁ ବଞ୍ଚିତ ହୁଅନ୍ତି। କାରଣ ସାଧନଗୁଡ଼ିକ ଦୁର୍ଲଭ ହୋଇଥିବାରୁ ଆବଶ୍ୟକତା ମୁତାବକ ସମସ୍ତ ବିକଳ୍ପ ପ୍ରୟୋଗରେ ନିୟୋଜିତ ହେବା ସମ୍ଭବ ହୁଏ ନାହିଁ।

ବିକଳ୍ପ ପରିବ୍ୟୟ ହେଉଛି ପରିବର୍ତ୍ତୀ ବିକଳ୍ପ ପ୍ରୟୋଗରୁ ବଞ୍ଚିତ ଅର୍ଜନ।

ମନେକର ଗୋଟେ ଜମିରେ ନିର୍ଦ୍ଦିଷ୍ଟ ପରିମାଣର ଶ୍ରମ ଓ ପୁଞ୍ଜି ବିନିଯୋଗ କଲେ ଆମେ ବର୍ଷକୁ ୭୫୦ ଟଙ୍କାର ଧାନ ବା ୬୦୦ ଟଙ୍କାର ଗହମ ବା ୧୦୦୦ ଟଙ୍କାର ଆଖୁ ଉତ୍ପାଦନ କରିପାରିବା। ତେଣୁ ପ୍ରଥମତଃ ସେ ଜମିରେ ଆଖୁ ଉତ୍ପାଦନ ହେବ। ଯଦି ଆଖୁ ଉତ୍ପାଦନ ନହେବ ତେବେ ୭୫୦ ଟଙ୍କାର ଧାନ କିମ୍ବା ୬୦୦ ଟଙ୍କାର ଗହମ ଉତ୍ପାଦନ କରାଯାଇପାରିବ। ୭୫୦ ଟଙ୍କା ଓ ୬୦୦ ଟଙ୍କା ହେଉଛି ଜମିର ବିକଳ୍ପ ଅର୍ଜନ। ୭୫୦ ଟଙ୍କା ସର୍ବୋତ୍ତମ ବିକଳ୍ପ ଅର୍ଜନ ଅଟେ। ଜମିରେ ଆଖୁଚାଷ କରିବା ଦ୍ୱାରା ୭୫୦ ଟଙ୍କାର ଧାନ ଉତ୍ପାଦନକୁ ପରିତ୍ୟାଗ କରିବାକୁ ପଡ଼ିଲା; ଏହା ବିକଳ୍ପ ପରିବ୍ୟୟ ଅଟେ। ଅତଏବ କୌଣସି ଦ୍ରବ୍ୟର ବିକଳ୍ପ ପରିବ୍ୟୟ ହେଉଛି ପରିତ୍ୟକ୍ତ ହୋଇଥିବା ସର୍ବୋତ୍ତମ ବକଳ୍ପ ପ୍ରୟୋଗର ଅର୍ଜନ।

ବିକଳ୍ପ ପରିବ୍ୟୟ ବା ସୁଯୋଗ ପରିବ୍ୟୟର କେତେକ ଗୁରୁତ୍ୱପୂର୍ଣ୍ଣ ସଂଜ୍ଞା–

୧. "ଏକ ଅନିର୍ଦ୍ଦିଷ୍ଟ ଦ୍ରବ୍ୟର ବିକଳ୍ପ ପରିବ୍ୟୟ କହିଲେ ତ୍ୟାଗ କରାଯାଇଥିବା ବିକଳ୍ପ ଦ୍ରବ୍ୟର ମୂଲ୍ୟକୁ ବୁଝାଏ, ଯାହାକୁ ସେହି ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ ସାଧନ ଦ୍ୱାରା ଉତ୍ପାଦନ କରାଯାଇ ପାରିଥାଆନ୍ତା।"

— ଲେଫ୍‌ଟ ଉଇଚ୍ (Left witch)

("Opportunity cost of a particular product is the value of a forgone alternative product that resources used in its production could have produced.")

୨. "କୌଣସି ଦ୍ରବ୍ୟର ବିକଳ୍ପ ପରିବ୍ୟୟ ହେଉଛି ତା'ର ସର୍ବୋତ୍ତମ ନିକଟତମ ବିକଳ୍ପର ପରିମାଣ, ଯାହାକୁ ସେହି ସାଧନ ବା ଅନୁରୂପ ସାଧନପୁଞ୍ଜ ଦ୍ୱାରା ସେତିକି ଖର୍ଚ୍ଚରେ ଉତ୍ପାଦନ କରାଯାଇ ପାରିଥାନ୍ତା।"

— ବେନହାମ୍ (Benham)

("The opportunity lost of anything is the next best alternative forgone, that could be produced instead by the same factors or by an equivalent group of factors costing same amount of money.")

## ସ୍ୱଳ୍ପକାଳୀନ ପରିବ୍ୟୟ

### ସ୍ଥିର ପରିବ୍ୟୟ (Fixed Cost) ଓ ପରିବର୍ତ୍ତୀ ପରିବ୍ୟୟ (Variable Cost)

ସ୍ୱଳ୍ପକାଳରେ କୌଣସି ଦ୍ରବ୍ୟ ଉତ୍ପାଦନ କରିବା ସକାଶେ ଏକ ପ୍ରତିଷ୍ଠାନ କେତେକ ସ୍ଥାୟୀ ସାଧନ ଏବଂ କେତେକ ପରିବର୍ତ୍ତୀ ସାଧନ ବ୍ୟବହାର କରିଥାଏ। ସେଥିପାଇଁ, ସ୍ୱଳ୍ପକାଳରେ ପ୍ରତିଷ୍ଠାନଦ୍ୱାରା ଭାରଗ୍ରସ୍ତ ହେଉଥିବା ମୌଳିକ ପରିବ୍ୟୟ ସ୍ଥିର ପରିବ୍ୟୟ ଏବଂ ପରିବର୍ତ୍ତୀ ପରିବ୍ୟୟ ଭାବରେ ବିଭକ୍ତ।

**ସ୍ଥାୟୀ ବା ସ୍ଥିର ପରିବ୍ୟୟ (Fixed Cost) :** ଉତ୍ପାଦନର ସ୍ଥାୟୀ ସାଧନ କ୍ରୟ କରିବା ସକାଶେ ଯେଉଁ ଖର୍ଚ୍ଚ କରାଯାଏ ଏବଂ ଉତ୍ପାଦ ପରିମାଣରେ ହ୍ରାସ ବୃଦ୍ଧି ସତ୍ତ୍ୱେ ଅପରିବର୍ତ୍ତିତ ରହିଥାଏ ତାହାକୁ 'ସ୍ଥିର ପରିବ୍ୟୟ' କୁହାଯାଏ। ଏହାକୁ କେତେକ ଅର୍ଥଶାସ୍ତ୍ରୀ 'ଉତ୍ପାଦନ ନିରପେକ୍ଷ ପରିବ୍ୟୟ' (Overhead Cost) ବୋଲି ମଧ୍ୟ କହିଥାନ୍ତି। ପ୍ରତିଷ୍ଠାନଟି ଦ୍ରବ୍ୟର ଗୋଟିଏ ବା ପଚାଶ କିମ୍ବା ଶହେଟି ଏକକ ଉତ୍ପାଦନ କଲେ ମଧ୍ୟ ମୋଟ ସ୍ଥିର ପରିବ୍ୟୟ ସମାନ ରହିଥାଏ। ଏପରିକି ଉତ୍ପାଦନର ପରିମାଣ ଶୂନ୍ୟ ହେଲେ ମଧ୍ୟ ପ୍ରତିଷ୍ଠାନକୁ ସେହି ପରିମାଣର ସ୍ଥିର ପରିବ୍ୟୟ କରିବାକୁ ପଡ଼ିଥାଏ। କାରଖାନା ଗୃହର ଭଡ଼ା, ବିନିଯୁକ୍ତ ପୁଞ୍ଜି ନିମନ୍ତେ ପ୍ରଦତ୍ତ ସୁଧ, ସ୍ଥାୟୀ କର୍ମଚାରୀଙ୍କୁ ପ୍ରଦତ୍ତ ବେତନ, ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରଦତ୍ତ ଅର୍ଥ, ବୀମା ପାଇଁ ଅର୍ଥ, ପ୍ରତିଷ୍ଠାନର ବାର୍ଷିକ ଲାଇସେନ୍ସ ଦେୟ ଇତ୍ୟାଦି ସ୍ଥିର ପରିବ୍ୟୟର ଉଦାହରଣ। ଏହାକୁ ଅନୁପୂରକ ପରିବ୍ୟୟ (Supplementary cost) ମଧ୍ୟ କୁହାଯାଏ।

**ପରିବର୍ତ୍ତୀ ପରିବ୍ୟୟ (Variable Cost) :** ଉତ୍ପାଦନର ପରିବର୍ତ୍ତୀ ସାଧନ କ୍ରୟ କରିବା ସକାଶେ ଯେଉଁ ବ୍ୟୟ କରାଯାଇଥାଏ ତାହାକୁ ପରିବର୍ତ୍ତୀ ପରିବ୍ୟୟ କୁହାଯାଏ। ଏହି ପରିବ୍ୟୟ ଉତ୍ପାଦ ପରିମାଣରେ ପରିବର୍ତ୍ତନ ସହ ପରିବର୍ତ୍ତିତ ହୋଇଥାଏ। ଉତ୍ପାଦ କମ୍ ହେଲେ ପରିବର୍ତ୍ତୀ ପରିବ୍ୟୟ କମ୍ ହୁଏ। ଉତ୍ପାଦ ବୃଦ୍ଧି ପାଇଲେ ପରିବର୍ତ୍ତୀ ପରିବ୍ୟୟର ବୃଦ୍ଧି ହୁଏ। ଉତ୍ପାଦନ ବନ୍ଦ ହୋଇଗଲେ, ଏହି ପରିବ୍ୟୟ ବହନ କରିବାକୁ ପଡ଼େ ନାହିଁ। ପରିବର୍ତ୍ତୀ ପରିବ୍ୟୟକୁ ପ୍ରଧାନ ପରିବ୍ୟୟ (Prime cost) ବା ପ୍ରତ୍ୟକ୍ଷ ପରିବ୍ୟୟ (Direct cost) ମଧ୍ୟ କୁହାଯାଏ। ପରିବର୍ତ୍ତୀ ସାଧନ ଯଥା- ଶ୍ରମିକ ମଜୁରି, ଉତ୍ପାଦନ ପାଇଁ କଞ୍ଚାମାଲ ବାବଦ ଖର୍ଚ୍ଚ, ବିଦ୍ୟୁତ୍ ଶକ୍ତି, ଇନ୍ଧନ ଖର୍ଚ୍ଚ ଆଦି ପରିବର୍ତ୍ତୀ ପରିବ୍ୟୟର ଉଦାହରଣ।

### ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ପରିବ୍ୟୟ ମଧ୍ୟରେ ପାର୍ଥକ୍ୟ

ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ପରିବ୍ୟୟ ମଧ୍ୟରେ ନିମ୍ନଲିଖିତ ପ୍ରଭେଦମାନ ପରିଲକ୍ଷିତ ହୋଇଥାଏ।

| ସ୍ଥିର ପରିବ୍ୟୟ | ପରିବର୍ତ୍ତୀ ପରିବ୍ୟୟ |
|---|---|
| i) ଉତ୍ପାଦନର ସ୍ଥାୟୀ ସାଧନ ସକାଶେ କରାଯାଉଥିବା ବ୍ୟୟକୁ ସ୍ଥିର ପରିବ୍ୟୟ କୁହାଯାଏ। | i) ଉତ୍ପାଦନର ପରିବର୍ତ୍ତୀ ସାଧନ ସକାଶେ କରାଯାଉଥିବା ବ୍ୟୟକୁ ପରିବର୍ତ୍ତୀ ପରିବ୍ୟୟ କୁହାଯାଏ। |

| | |
|---|---|
| ii) ସ୍ଥିର ପରିବ୍ୟୟ ଉତ୍ପାଦ ସ୍ତର ନିରପେକ୍ଷ ହୋଇଥାଏ। ଉକ୍ତ ପରିବ୍ୟୟ ଉତ୍ପାଦ ପରିମାଣର ହ୍ରାସ ବୃଦ୍ଧି ସତ୍ତ୍ୱେ ଅପରିବର୍ତ୍ତିତ ରହିଥାଏ। | ii) ପରିବର୍ତ୍ତୀ ପରିବ୍ୟୟ ଉତ୍ପାଦର ପରିମାଣ ଉପରେ ପ୍ରତ୍ୟକ୍ଷ ଭାବରେ ନିର୍ଭର କରିଥାଏ। ଉତ୍ପାଦର ପରିମାଣ ବୃଦ୍ଧି ହେଲେ ଏହା ବୃଦ୍ଧି ହୋଇଥାଏ ଏବଂ ଉତ୍ପାଦର ପରିମାଣ ହ୍ରାସ ହେଲେ ଏହା ହ୍ରାସ ହୋଇଥାଏ। |
| iii) ସ୍ଥିର ପରିବ୍ୟୟ କେବଳ ସ୍ୱଳ୍ପକାଳରେ ପରିଦୃଷ୍ଟ ହୋଇଥାଏ। | iii) ପରିବର୍ତ୍ତୀ ପରିବ୍ୟୟ ଉଭୟ ସ୍ୱଳ୍ପକାଳ ଓ ଦୀର୍ଘକାଳରେ ପରିଦୃଷ୍ଟ ହୋଇଥାଏ। |
| iv) ଉତ୍ପାଦିତ ପରିମାଣ ଶୂନ୍ୟ ହେଲେ ମଧ୍ୟ ଏହି ପରିବ୍ୟୟର ପରିମାଣ ଅପରିବର୍ତ୍ତିତ ଥାଏ | iv) ଉତ୍ପାଦିତ ପରିମାଣ ଶୂନ୍ୟ ହେଲେ ପରିବର୍ତ୍ତିତ ପରିବ୍ୟୟ ଶୂନ୍ୟ ହୋଇଥାଏ। |
| v) ସ୍ଥିର ବା ସ୍ଥାୟୀ ପରିବ୍ୟୟକୁ ଉତ୍ପାଦନ ନିରପେକ୍ଷ ପରିବ୍ୟୟ (Overhead cost) ଓ ଅନୁପୂରକ ପରିବ୍ୟୟ (Supplementary cost) ମଧ୍ୟ କୁହାଯାଏ। | v) ପରିବର୍ତ୍ତୀ ପରିବ୍ୟୟକୁ ପ୍ରଧାନ ପରିବ୍ୟୟ (Prime cost) ବା ପ୍ରତ୍ୟକ୍ଷ ପରିବ୍ୟୟ (Direct cost) ମଧ୍ୟ କୁହାଯାଏ। |

**ମୋଟ ପରିବ୍ୟୟ (Total Cost)**

ଏକ ନିର୍ଦ୍ଦିଷ୍ଟ ପରିମାଣର ଦ୍ରବ୍ୟ ଉତ୍ପାଦନ ସକାଶେ ଏକ ପ୍ରତିଷ୍ଠାନ ଦ୍ୱାରା ବିଭିନ୍ନ ସାଧନର ମାଲିକମାନଙ୍କୁ ପ୍ରଦାନ କରାଯାଇଥିବା ମୋଟ ପାରଣାକୁ ମୋଟ ପରିବ୍ୟୟ କୁହାଯାଏ। ସ୍ୱଳ୍ପକାଳରେ ଗୋଟିଏ ପ୍ରତିଷ୍ଠାନର ମୋଟ ପରିବ୍ୟୟ ହେଉଛି ମୋଟ ସ୍ଥିର ପରିବ୍ୟୟ ଏବଂ ମୋଟ ପରିବର୍ତ୍ତୀ ପରିବ୍ୟୟର ଯୋଗଫଳ। ଉତ୍ପାଦର ପରିମାଣ ଯାହା ହେଉନା କାହିଁକି ମୋଟ ସ୍ଥିର ପରିବ୍ୟୟ ଅପରିବର୍ତ୍ତିତ ରହୁଥିବାରୁ, ମୋଟ ବ୍ୟୟର ପରିବର୍ତ୍ତନ ମୋଟ ପରିବର୍ତ୍ତୀ ପରିବ୍ୟୟର ହ୍ରାସ ବୃଦ୍ଧି ଯୋଗୁଁ ହୋଇଥାଏ। ମୋଟ ପରିବ୍ୟୟ, ମୋଟ ସ୍ଥିର ପରିବ୍ୟୟ ଏବଂ ମୋଟ ପରିବର୍ତ୍ତୀ ପରିବ୍ୟୟ ନିମ୍ନଲିଖିତ ସମୀକରଣ ମାଧ୍ୟମରେ ପ୍ରକାଶ କରାଯାଇପାରେ।

ମୋଟ ବ୍ୟୟ = ମୋଟ ସ୍ଥିର ପରିବ୍ୟୟ + ମୋଟ ପରିବର୍ତ୍ତୀ ପରିବ୍ୟୟ

$$(TC = TFC + TVC)$$

**ମୋଟ ସ୍ଥିର ପରିବ୍ୟୟ:** ସ୍ୱଳ୍ପକାଳରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଦ୍ରବ୍ୟ ଉତ୍ପାଦନ ପାଇଁ ବ୍ୟବହାର କରାଯାଇଥିବା ସ୍ଥିର ସାଧନରେ ମୋଟ ବ୍ୟୟକୁ ମୋଟ ସ୍ଥିର ପରିବ୍ୟୟ କୁହାଯାଏ। ଉତ୍ପାଦନ ପରିମାଣ ଯାହା ହେଉନା କାହିଁକି ମୋଟ ସ୍ଥିର ପରିବ୍ୟୟ ସମାନ ରହେ।


**ମୋଟ ପରିବର୍ତ୍ତୀ ପରିବ୍ୟୟ:** ସ୍ୱଳ୍ପକାଳରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଦ୍ରବ୍ୟ ଉତ୍ପାଦନ ପାଇଁ ବ୍ୟବହାର କରାଯାଇଥିବା ପରିବର୍ତ୍ତୀ ସାଧନରେ ମୋଟ ବ୍ୟୟକୁ ମୋଟ ପରିବର୍ତ୍ତୀ ପରିବ୍ୟୟ କୁହାଯାଏ । ଉତ୍ପାଦନର ପରିମାଣ ବୃଦ୍ଧି ହେଲେ ମୋଟ ପରିବର୍ତ୍ତୀ ପରିବ୍ୟୟ ବୃଦ୍ଧି ହୁଏ । ଉତ୍ପାଦନ ପରିମାଣ ହ୍ରାସ ହେଲେ ମୋଟ ପରିବର୍ତ୍ତୀ ପରିବ୍ୟୟ ହ୍ରାସ ହୁଏ ।

ମୋଟ ବ୍ୟୟ, ମୋଟ ସ୍ଥିର ବ୍ୟୟ ଓ ମୋଟ ପରିବର୍ତ୍ତୀ ପରିବ୍ୟୟ ମଧ୍ୟରେ ସମ୍ପର୍କ ନିମ୍ନଲିଖିତ ସାରଣୀ ମାଧ୍ୟମରେ ବ୍ୟାଖ୍ୟା କରାଯାଇପାରେ ।

**ସାରଣୀ - 4.1 : ମୋଟ ସ୍ଥିର ପରିବ୍ୟୟ, ମୋଟ ପରିବର୍ତ୍ତୀ ପରିବ୍ୟୟ ଓ ମୋଟ ବ୍ୟୟ ମଧ୍ୟରେ ସମ୍ପର୍କ (ଟଙ୍କାରେ)**

| ଉତ୍ପାଦର ପରିମାଣ | ମୋଟ ସ୍ଥିର ପରିବ୍ୟୟ ପରିବ୍ୟୟ (TFC) | ମୋଟ ପରିବର୍ତ୍ତୀ ପରିବ୍ୟୟ (TVC) | ମୋଟ ପରିବ୍ୟୟ TC=TFC+TVC | ହାରାହାରି ସ୍ଥିର ପରିବ୍ୟୟ (AFC) | ହାରାହାରି ପରିବର୍ତ୍ତୀ ପରିବ୍ୟୟ (AVC) | ହାରାହାରି ପରିବ୍ୟୟ (AC) | ପ୍ରାନ୍ତୀୟ ପରିବ୍ୟୟ (MC) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 0 | 100 | 0 | 100 | - | 0 | - | - |
| 1 | 100 | 75 | 175 | 100 | 75 | 175 | 75 |
| 2 | 100 | 125 | 225 | 50 | 62.5 | 112.5 | 50 |
| 3 | 100 | 160 | 260 | 33.3 | 53.3 | 86.6 | 35 |
| 4 | 100 | 200 | 300 | 25 | 50 | 75 | 40 |
| 5 | 100 | 260 | 360 | 20 | 52 | 72 | 60 |
| 6 | 100 | 330 | 430 | 16.6 | 55 | 71.6 | 70 |
| 7 | 100 | 420 | 520 | 14.3 | 60 | 74.3 | 90 |
| 8 | 100 | 530 | 630 | 12.5 | 66.25 | 78.75 | 110 |
| 9 | 100 | 670 | 770 | 11.1 | 74.4 | 85.56 | 140 |

ସାରଣୀ - 4.1ରେ ସ୍ଥିର ପରିବ୍ୟୟ ଉତ୍ପାଦ ସ୍ତର ନିର୍ବିଶେଷରେ 100 ଟଙ୍କା ଦର୍ଶାଯାଇଛି । ଏପରିକି ଉତ୍ପାଦ ଶୂନ୍ୟ ହୋଇଥିବାବେଳେ ସ୍ଥିର ପରିବ୍ୟୟ 100 ଟଙ୍କା ହୋଇଥାଏ । ଏତିକିବେଳେ ମୋଟ ପରିବର୍ତ୍ତୀ ପରିବ୍ୟୟ ଶୂନ୍ୟ ହୋଇଥିବାରୁ ମୋଟ ପରିବ୍ୟୟ ମୋଟ ସ୍ଥିର ପରିବ୍ୟୟ ସହ ସମାନ (100 ଟଙ୍କା) ହୋଇଥାଏ । ପରନ୍ତୁ ଉତ୍ପାଦର ବୃଦ୍ଧି ସହ ପରିବର୍ତ୍ତୀ ପରିବ୍ୟୟ ଓ ମୋଟ ପରିବ୍ୟୟ ବୃଦ୍ଧି ପାଇଥାଏ । ସାରଣୀରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ପ୍ରାରମ୍ଭରେ ମୋଟ ପରିବର୍ତ୍ତୀ ପରିବ୍ୟୟ କ୍ରମହ୍ରାସମାନ ହାରରେ ବୃଦ୍ଧି ପାଇଥାଏ । କିନ୍ତୁ କିଛି ସମୟ ପରେ ଏହା କ୍ରମବର୍ଦ୍ଧିଷ୍ଣୁ ହାରରେ ବୃଦ୍ଧି ପାଇଥାଏ । ଏହା ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତୀ ଅନୁପାତ ସୂତ୍ରର କାର୍ଯ୍ୟକାରିତା ଯୋଗୁ ସମ୍ଭବ ହୋଇଥାଏ ।




**ଚିତ୍ର - 4.1 : ପରିବ୍ୟୟ ଓ ପରିବ୍ୟୟ ରେଖା**

ଚିତ୍ର - 4.1ରେ ମୋଟ ସ୍ଥିର ପରିବ୍ୟୟ, ମୋଟ ପରିବର୍ତ୍ତୀ ପରିବ୍ୟୟ ଓ ମୋଟ ପରିବ୍ୟୟ ରେଖାମାନ ପ୍ରଦର୍ଶିତ ହୋଇଅଛି ।

ଚିତ୍ର - 4.1ରେ ପ୍ରଦର୍ଶିତ ଆନୁଭୂମିକ ରେଖା (TFC) ମୋଟ ସ୍ଥିର ପରିବ୍ୟୟ ରେଖାକୁ ସୂଚିତ କରୁଅଛି ଏବଂ ଊର୍ଦ୍ଧ୍ୱଗାମୀ ରେଖା TVC ମୋଟ ପରିବର୍ତ୍ତୀ ପରିବ୍ୟୟ ରେଖାକୁ ସୂଚିତ କରୁଅଛି । ମୋଟ ସ୍ଥିର ପରିବ୍ୟୟ ରେଖା (TFC) ଏବଂ ମୋଟ ପରିବର୍ତ୍ତୀ ପରିବ୍ୟୟ ରେଖା (TVC)ର ଉଲ୍ଲମ୍ବ ମିଶ୍ରଣରୁ ମୋଟ ପରିବ୍ୟୟ ରେଖା (TC) ଉପଲବ୍ଧ ହୋଇଅଛି । ଉତ୍ପାଦର ପରିମାଣ 0 (ଶୂନ) ହୋଇଥିବାବେଳେ, ମୋଟ ସ୍ଥିର ପରିବ୍ୟୟ 100 ଟଙ୍କା ଏବଂ ମୋଟ ପରିବର୍ତ୍ତୀ ପରିବ୍ୟୟ 0 (ଶୂନ୍ୟ) ହୋଇଥାଏ । ତେଣୁ ମୋଟ ପରିବ୍ୟୟ 100 ଟଙ୍କା ହୋଇଥାଏ । ଉତ୍ପାଦନର

ସବୁ ସ୍ତରରେ ମୋଟ ସ୍ଥିର ପରିବ୍ୟୟ ସମାନ (100 ଟଙ୍କା) ରହିଥାଏ। ଉତ୍ପାଦର ପରିମାଣ ଶୂନ୍ୟ (0) ହୋଇଥିବା ବେଳେ ମୋଟ ପରିବର୍ତ୍ତୀ ପରିବ୍ୟୟ ଶୂନ୍ୟ (0) ହୋଇଥିଲେ ହେଁ ଉତ୍ପାଦର ପରିମାଣ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହା ବୃଦ୍ଧି ହୋଇଥାଏ। ତେଣୁ, ମୋଟ ପରିବର୍ତ୍ତୀ ପରିବ୍ୟୟ ରେଖା (TVC) ମୂଳ ବିନ୍ଦୁ ଠାରୁ ଆରମ୍ଭ ହୋଇ ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ହୋଇଥାଏ। ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତୀ ଅନୁପାତ ସୂତ୍ରର କାର୍ଯ୍ୟକାରିତା ଯୋଗୁଁ ମୋଟ ପରିବର୍ତ୍ତୀ ପରିବ୍ୟୟ ରେଖା (TVC) ଓଲଟା S ଭଳି ପ୍ରତୀୟମାନ ହୁଏ। ଉତ୍ପାଦର ପରିମାଣ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମୋଟ ପରିବ୍ୟୟ ବୃଦ୍ଧି ହୋଇଥାଏ। ସେଥିସକାଶେ, ମୋଟ ପରିବ୍ୟୟ ରେଖା (TC) ଊର୍ଦ୍ଧ୍ୱଗାମୀ ହୋଇଥାଏ ଏବଂ ଏହା ମୂଳ O ବିନ୍ଦୁ ଉପରକୁ ଉଲମ୍ବ ଅକ୍ଷରୁ (100 ଟଙ୍କା) ଆରମ୍ଭ ହୋଇ ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ହୋଇଥାଏ। ଏହା ମଧ୍ୟ ଓଲଟା S ଭଳି ପ୍ରତୀୟମାନ ହୋଇଥାଏ।

**ହାରାହାରି ପରିବ୍ୟୟ (Average Cost)**

ଦ୍ରବ୍ୟର ଏକକ ପ୍ରତି ଉତ୍ପାଦନ ପରିବ୍ୟୟକୁ ହାରାହାରି ପରିବ୍ୟୟ କୋହାଯାଏ। ମୋଟ ପରିବ୍ୟୟକୁ ଉତ୍ପାଦର ମୋଟ ପରିମାଣ ଦ୍ୱାରା ଭାଗକରି ହାରାହାରି ପରିବ୍ୟୟ ନିର୍ଣ୍ଣୟ କରାଯାଏ।

ସୁତରାଂ, ହାରାହାରି ପରିବ୍ୟୟ $= \dfrac{\text{ମୋଟ ପରିବ୍ୟୟ}}{\text{ମୋଟ ଉତ୍ପାଦିତ ଦ୍ରବ୍ୟର ପରିମାଣ}}$

ସାଙ୍କେତିକ ରୂପରେ, $AC = \dfrac{TC}{q}$

ସ୍ୱଳ୍ପକାଳରେ, ହାରାହାରି ପରିବ୍ୟୟ $= \dfrac{\text{ମୋଟ ସ୍ଥିର ପରିବ୍ୟୟ + ମୋଟ ପରିବର୍ତ୍ତୀ ପରିବ୍ୟୟ}}{\text{ମୋଟ ଉତ୍ପାଦିତ ଦ୍ରବ୍ୟର ପରିମାଣ}}$

ଅଥବା, $SAC = \dfrac{TFC + TVC}{q}$

ଅର୍ଥାତ୍,

ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ $= \dfrac{\text{ମୋଟ ସ୍ଥିର ପରିବ୍ୟୟ}}{\text{ମୋଟ ଉତ୍ପାଦିତ ଦ୍ରବ୍ୟର ପରିମାଣ}} + \dfrac{\text{ମୋଟ ପରିବର୍ତ୍ତୀ ପରିବ୍ୟୟ}}{\text{ମୋଟ ଉତ୍ପାଦିତ ଦ୍ରବ୍ୟର ପରିମାଣ}}$

ଅଥବା, ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ = ହାରାହାରି ସ୍ଥିର ପରିବ୍ୟୟ + ହାରାହାରି ପରିବର୍ତ୍ତୀ ପରିବ୍ୟୟ

ଅଥବା, $SAC = AFC + AVC$

ଏଠାରେ, TFC = ମୋଟ ସ୍ଥିର ପରିବ୍ୟୟ

TVC = ମୋଟ ପରିବର୍ତ୍ତୀ ପରିବ୍ୟୟ

AFC = ହାରାହାରି ସ୍ଥିର ପରିବ୍ୟୟ

AVC = ହାରାହାରି ପରିବର୍ତ୍ତୀ ପରିବ୍ୟୟ

SAC = ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ

q = ମୋଟ ଉତ୍ପାଦିତ ଦ୍ରବ୍ୟର ପରିମାଣ

ଏଣୁ ହାରାହାରି ପରିବ୍ୟୟ ହାରାହାରି ସ୍ଥିର ପରିବ୍ୟୟ ଏବଂ ହାରାହାରି ପରିବର୍ତ୍ତୀ ପରିବ୍ୟୟର ସମଷ୍ଟି ।

**ହାରାହାରି ସ୍ଥିର ପରିବ୍ୟୟ (AFC)**


ଦ୍ରବ୍ୟର ଏକକ ପ୍ରତି ସ୍ଥିର ପରିବ୍ୟୟକୁ ହାରାହାରି ସ୍ଥିର ପରିବ୍ୟୟ କୁହାଯାଏ । ମୋଟ ସ୍ଥିର ପରିବ୍ୟୟକୁ ଉତ୍ପାଦର ମୋଟ ପରିମାଣ ଦ୍ୱାରା ଭାଗ କରି ହାରାହାରି ସ୍ଥିର ପରିବ୍ୟୟ ନିର୍ଣ୍ଣୟ କରାଯାଏ ।

$$\text{ସୁତରାଂ, ହାରାହାରି ସ୍ଥିର ପରିବ୍ୟୟ} = \frac{\text{ମୋଟ ସ୍ଥିର ପରିବ୍ୟୟ}}{\text{ମୋଟ ଉତ୍ପାଦିତ ଦ୍ରବ୍ୟର ପରିମାଣ}}$$

ସାଂକେତିକ ରୂପରେ, $AFC = \frac{TFC}{q}$

ମୋଟ ସ୍ଥିର ପରିବ୍ୟୟ ସମସ୍ତ ଉତ୍ପାଦ ସ୍ତରରେ ସମାନ ହୋଇଥିବାରୁ ଉତ୍ପାଦର ପରିମାଣର ବୃଦ୍ଧି ହେଲେ ହାରାହାରି ସ୍ଥିର ପରିବ୍ୟୟ ହ୍ରାସ ପାଏ । ଉଦାହରଣ ସ୍ୱରୂପ ସାରଣୀ 4.1ରେ ମୋଟ ସ୍ଥିର ପରିବ୍ୟୟ 100 ଟଙ୍କା । ଉତ୍ପାଦର ପରିମାଣ 2 ହୋଇଥିବା ବେଳେ ହାରହାରି ସ୍ଥିର ପରିବ୍ୟୟ $\frac{100}{2} = 50$ ଟଙ୍କା ହୋଇଥାଏ । ଉତ୍ପାଦର ପରିମାଣ 5 କୁ ବୃଦ୍ଧି ହୋଇଥିବା ବେଳେ, ହାରାହାରି ସ୍ଥିର ପରିବ୍ୟୟ $\frac{100}{5} = 20$ ଟଙ୍କାକୁ ହ୍ରାସ ପାଏ । ଏଥିରୁ ସ୍ପଷ୍ଟ ଯେ, ଉତ୍ପାଦର ପରିମାଣ ବୃଦ୍ଧି ହେଲେ ହାରାହାରି ସ୍ଥିର ପରିବ୍ୟୟ ଏପରି ଭାବରେ ହ୍ରାସ ପାଇଥାଏ ଯେ, ଯେକୌଣସି ଉତ୍ପାଦ ସ୍ତରରେ ମୋଟ ସ୍ଥିର ପରିବ୍ୟୟ ($AFC \times q = TFC$) ସ୍ଥିର (100 ଟଙ୍କା) ରହିଥାଏ । (ସାରଣୀ 4.1, ସ୍ତମ୍ଭ 5)

ଚିତ୍ର 4.1ରେ ଉତ୍ପାଦର ପରିମାଣକୁ ଆନୁଭୂମିକ ଅକ୍ଷ (X-axis)ରେ ଏବଂ ହାରାହାରି ସ୍ଥିର ପରିବ୍ୟୟକୁ ଭର୍ଲମ୍ବ ଅକ୍ଷ (Y-axis)ରେ ପ୍ରଦର୍ଶନ କରାଯାଇ, ହାରାହାରି ସ୍ଥିର ପରିବ୍ୟୟ ରେଖା (AFC) ଅଙ୍କନ କରାଯାଇଅଛି।




**ଚିତ୍ର - 4.2 : ହାରାହାରି ସ୍ଥିର ପରିବ୍ୟୟ ରେଖା**

ହାରାହାରି ସ୍ଥିର ପରିବ୍ୟୟ ଓ ମୋଟ ଉତ୍ପାଦର ପରିମାଣ ପ୍ରତିଲୋମ ସମାନୁପାତ ଅଟେ। $AFC \propto \frac{1}{q}$

ଉତ୍ପାଦନର ପରିମାଣ ବୃଦ୍ଧି ପାଇଲେ ହାରାହାରି ସ୍ଥିର ପରିବ୍ୟୟ ହ୍ରାସ ପାଏ ଓ ଉତ୍ପାଦନର ପରିମାଣ ହ୍ରାସ ପାଇଲେ ହାରାହାରି ସ୍ଥିର ପରିବ୍ୟୟ ବୃଦ୍ଧି ପାଏ। ତେଣୁ ହାରାହାରି ସ୍ଥିର ପରିବ୍ୟୟ ରେଖା ବାମରୁ ଡାହାଣକୁ ନିମ୍ନଗାମୀ ହୁଏ। ଉତ୍ପାଦନର ପରିମାଣ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହା ଉତ୍ପାଦନ ପରିମାଣର ଅକ୍ଷ (X-axis)ର ଅଧିକରୁ ଅଧିକ ନିକଟବର୍ତ୍ତୀ ହୁଏ; ମାତ୍ର କେବେ ସ୍ପର୍ଶ କରେ ନାହିଁ।

$(AFC \times q = TFC)$

ହାରାହାରି ସ୍ଥିର ପରିବ୍ୟୟ ଓ ଉତ୍ପାଦନ ପରିମାଣର ଗୁଣଫଳ ମୋଟ ସ୍ଥିର ପରିବ୍ୟୟ ଅଟେ ଏବଂ ମୋଟ ସ୍ଥିର ପରିବ୍ୟୟ ଅପରିବର୍ତ୍ତିତ।

ହାରାହାରି ସ୍ଥିର ପରିବ୍ୟୟ ରେଖା (AFC) ଏକ ବର୍ତ୍ତୁଳାକାର ଜ୍ୟାମିତିକ ଅତି ପରାବଳୟ କ୍ଷେତ୍ର (Rectangular hyperbola) ସଦୃଶ ପ୍ରତୀୟମାନ ହୁଏ (ଚିତ୍ର 4.2)।

## ହାରାହାରି ପରିବର୍ତ୍ତୀ ପରିବ୍ୟୟ (AVC)


ଦ୍ରବ୍ୟର ଏକକ ପ୍ରତି ପରିବର୍ତ୍ତୀ ପରିବ୍ୟୟକୁ ହାରାହାରି ପରିବର୍ତ୍ତୀ ପରିବ୍ୟୟ କୁହାଯାଏ। ମୋଟ ପରିବର୍ତ୍ତୀ ପରିବ୍ୟୟକୁ ଉତ୍ପାଦର ମୋଟ ପରିମାଣ ଦ୍ୱାରା ଭାଗ କରି ହାରାହାରି ପରିବର୍ତ୍ତୀ ପରିବ୍ୟୟ ନିର୍ଣ୍ଣୟ କରାଯାଏ।

$$\text{ସୁତରାଂ, ହାରାହାରି ପରିବର୍ତ୍ତୀ ପରିବ୍ୟୟ} = \frac{\text{ମୋଟ ପରିବର୍ତ୍ତୀ ପରିବ୍ୟୟ}}{\text{ମୋଟ ଉତ୍ପାଦିତ ଦ୍ରବ୍ୟର ପରିମାଣ}}$$

$$AVC = \frac{TVC}{q}$$

ସାରଣୀ 4.1 ସ୍ତମ୍ଭ 6 ରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଉତ୍ପାଦର ପରିମାଣ ବୃଦ୍ଧି ଘଟିଲେ ପ୍ରାରମ୍ଭରେ ହାରାହାରି ପରିବର୍ତ୍ତୀ ପରିବ୍ୟୟ (AVC) ହ୍ରାସ ପାଏ। ଏହା ଉତ୍ପାଦନ କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦ ସୂତ୍ର ଯୋଗୁଁ ସମ୍ଭବ ହୋଇଥାଏ। କିଛି ସମୟପରେ, ହାରାହାରି ପରିବର୍ତ୍ତୀ ପରିବ୍ୟୟ ନ୍ୟୁନତମ ହୋଇଥାଏ ଏବଂ ତାପରେ ଏହା ବୃଦ୍ଧି ପାଇଥାଏ। ସୁତରାଂ, ହାରାହାରି ପରିବର୍ତ୍ତୀ ପରିବ୍ୟୟ ରେଖା ଇଂରେଜୀ ଅକ୍ଷର U ଭଳି ପ୍ରତୀୟମାନ ହୁଏ।

U ଆକୃତି ହାରାହାରି ପରିବର୍ତ୍ତୀ ରେଖା (AVC) ଚିତ୍ର 4.3ରେ ପ୍ରଦର୍ଶିତ ହୋଇଅଛି।




ଚିତ୍ର - 4.3 : ହାରାହାରି ପରିବର୍ତ୍ତୀ ପରିବ୍ୟୟ ରେଖା


ଚିତ୍ରରୁ ପ୍ରତୀୟମାନ ହେଉଛି ଯେ ଉତ୍ପାଦର ପରିମାଣ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ପ୍ରଥମେ ହାରାହାରି ପରିବର୍ତ୍ତୀ ରେଖା ନିମ୍ନଗାମୀ ହୋଇଥାଏ। ଉତ୍ପାଦ ପରିମାଣ OQ ହୋଇଥିବାବେଳେ ଏହା ସର୍ବନିମ୍ନ ହୋଇଥାଏ ଏବଂ ତାପରେ ଊର୍ଦ୍ଧ୍ୱଗାମୀ ହୋଇଥାଏ।

$$AVC \propto \frac{1}{AP}$$

ହାରାହାରି ପରିବର୍ତ୍ତୀ ପରିବ୍ୟୟ ଓ ହାରାହାରି ଉତ୍ପାଦ ପ୍ରତିଲୋମ ସମାନୁପାତ (Inversly Proportional)

### ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ

ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ ହାରାହାରି ସ୍ଥିର ପରିବ୍ୟୟ ଓ ହାରାହାରି ପରିବର୍ତ୍ତୀ ପରିବ୍ୟୟର ଯୋଗଫଳ ହୋଇଥିବାରୁ ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ ରେଖା ହାରାହାରି ସ୍ଥିର୍ ପରିବ୍ୟୟ ରେଖା ଓ ହାରାହାରି ପରିବର୍ତ୍ତୀ ପରିବ୍ୟୟ ରେଖାର ଲମ୍ବ ମିଶ୍ରଣରୁ ମିଳିଥାଏ ।




**ଚିତ୍ର - 4.4 : ହାରାହାରି ଓ ସୀମାନ୍ତ ପରିବ୍ୟୟ ରେଖାର ପ୍ରକୃତି**

SAC ଓ SAVC ମଧ୍ୟରେ ଦୂରତା SAFCର ପରିମାଣ

କାରଣ SAC = SAVC + SAFC

କିମ୍ବା SAC – SAVC = SAFC

ତେଣୁ SAC ଓ SAVC ରେଖା ମଧ୍ୟରେ

ପ୍ରଥମରେ ଦୂରତା ସର୍ବାଧିକ ରହିବ, ଧୀରେ ଧୀରେ କମି କମି ଯିବ ଏବଂ SMC ରେଖା SAVC ଓ SAC ରେଖାରେ ନିମ୍ନତମ ବିନ୍ଦୁରେ ଛେଦ କରିବ । SAC ରେଖାର ନ୍ୟୁନତମ ବିନ୍ଦୁ SAVC ରେଖାର ନ୍ୟୁନତମ ବିନ୍ଦୁର ସାମାନ୍ୟ ଡାହାଣକୁ ରହିବ ।

ଚିତ୍ର 4.4ରେ ପ୍ରଦର୍ଶିତ ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ ରେଖା (SAC) U ଆକାର ବିଶିଷ୍ଟ ହୋଇଥାଏ । ଉତ୍ପାଦର ପରିମାଣ ଠQ ହେବା ପର୍ଯ୍ୟନ୍ତ ଏହା କ୍ରମଶଃ ନିମ୍ନାଭିମୁଖୀ ହୋଇଥାଏ । ଉତ୍ପାଦର ପରିମାଣ ଠିକ୍ ଠQ

ହେବା ସମୟରେ ଏହା ସର୍ବନିମ୍ନ ହୋଇଥାଏ ଏବଂ ତାପରେ ହାରାହାରି ପରିବ୍ୟୟ ରେଖା ପୁନଃଶ୍ଚ ଉପରକୁ ଉଠିଥାଏ। ଉତ୍ପାଦନ କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦ ସୂତ୍ର କାର୍ଯ୍ୟକାରିତା ଯୋଗୁଁ ହାରାହାରି ପରିବ୍ୟୟ ବକ୍ରରେଖା ନିମ୍ନଗାମୀ ହୋଇଥିବାବେଳେ କ୍ରମହ୍ରାସମାନ ଉତ୍ପାଦ ସୂତ୍ର କାର୍ଯ୍ୟକାରିତା ଯୋଗୁ ଏହା ଊର୍ଦ୍ଧ୍ୱଗାମୀ ହୋଇଥାଏ।

**ସୀମାନ୍ତ ପରିବ୍ୟୟ (Marginal Cost)**

ଦ୍ରବ୍ୟର ଏକ ଅତିରିକ୍ତ ଏକକ ଉତ୍ପାଦନ ହେଲେ ମୋଟ ପରିବ୍ୟୟ ଯେଉଁ ପରିମାଣରେ ବୃଦ୍ଧି ପାଏ ତାହାକୁ ସୀମାନ୍ତ ପରିବ୍ୟୟ କୁହାଯାଏ। ଦ୍ରବ୍ୟର ଏକ ଅତିରିକ୍ତ ଏକକ ଉତ୍ପାଦନ ଯୋଗୁଁ ଉପସ୍ଥିତ ମୋଟ ପରିବ୍ୟୟ ଏବଂ ପୂର୍ବତନ ମୋଟ ପରିବ୍ୟୟ ମଧ୍ୟରେ ଯେଉଁ ପାର୍ଥକ୍ୟ ଦେଖାଯାଏ ତାହାକୁ ମଧ୍ୟ ସୀମାନ୍ତ ପରିବ୍ୟୟ କୁହାଯାଏ। ସାଙ୍କେତିକ ଭାଷାରେ,

$$MC_n = TC_n - TC_{n-1} \quad \text{.............................. (i)}$$

ମୋଟ ପରିବ୍ୟୟର ପରିବର୍ତ୍ତନ ହାର ଅର୍ଥାତ୍ ଉତ୍ପାଦନର ପରିମାଣ ପରିବର୍ତ୍ତନ ହେଲେ ମୋଟ ପରିବ୍ୟୟ ଯେଉଁ ହାରରେ ପରିବର୍ତ୍ତିତ ହୁଏ ତାକୁ ସୀମାନ୍ତ ପରିବ୍ୟୟ କୁହାଯାଏ।

ଏଠାରେ n କହିଲେ ଯେ କୌଣସି ସଂଖ୍ୟାକୁ ବୁଝାଏ। ସାରଣୀ 2.2ରୁ ପ୍ରତୀୟମାନ ହୁଏ ଯେ ଉତ୍ପାଦର ପରିମାଣ 2 ଏକକ ହୋଇଥିଲାବେଳେ ମୋଟ ପରିବ୍ୟୟ 225 ଟଙ୍କା ଏବଂ 3 ଏକକ ହୋଇଥିବାବେଳେ ମୋଟ ପରିବ୍ୟୟ 260 ଟଙ୍କା ହୋଇଥାଏ। ଏଠାରେ ତୃତୀୟ ଏକକ ଉତ୍ପାଦର ସୀମାନ୍ତ ପରିବ୍ୟୟ ହେଲା 260 ଟଙ୍କା - 225 ଟଙ୍କା = 35 ଟଙ୍କା।

ଯେତେବେଳେ ଉତ୍ପାଦ ଖୁମ୍ କମ୍ ପରିମାଣରେ ପରିବର୍ତ୍ତନ ହୁଏ, ସୀମାନ୍ତ ପରିବ୍ୟୟ ନିମ୍ନ ପ୍ରଦତ୍ତ ସାଂକେତିକ ରୂପରେ ପ୍ରକାଶ କରାଯାଇପାରେ।

$$MC = \frac{\Delta TC}{\Delta q} \quad \text{.............................. (ii)}$$

ଏଠାରେ, $\Delta TC$ = ମୋଟ ପରିବ୍ୟୟ ପରିବର୍ତ୍ତନର ପରିମାଣ

$\Delta q$ = ମୋଟ ଉତ୍ପାଦର ପରିବର୍ତ୍ତନ

ଏଣୁ, ସୀମାନ୍ତ ପରିବ୍ୟୟ ଏକକ ଉତ୍ପାଦ ପରିବର୍ତ୍ତନ ଯୋଗୁ ଯେଉଁ ହାରରେ ମୋଟ ପରିବ୍ୟୟ ପରିବର୍ତ୍ତନ ହୁଏ ତାହାକୁ ବୁଝାଏ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସୀମାନ୍ତ ପରିବ୍ୟୟ ମୋଟ ସ୍ଥିର ପରିବ୍ୟୟ ଉପରେ ନିର୍ଭର କରେ ନାହିଁ। ସୂତ୍ର (i) ରୁ ସୁସ୍ପଷ୍ଟ ଯେ,

$$MC_n = (TFC_n + TVC_n) - (TFC_{n-1} + TVC_{n-1})$$

ବା, $MC_n = TFC_n + TVC_{n-1} - TFC_n - TVC_{n-1}$

ବା, $\boxed{MC_n = TVC_n - TVC_{n-1}}$ ..................(iii) (since $TFC_n = TFC_{n-1}$)


ମୋଟ ସ୍ଥିର ବ୍ୟୟ ଉତ୍ପାଦନ ସ୍ତର ନିର୍ବିଶେଷରେ ସମାନ ହୋଇଥିବାରୁ, $TFC_n = TFC_{n-1}$ । ସୁତରାଂ, ସୀମାନ୍ତ ପରିବ୍ୟୟ ମୋଟ ପରିବର୍ତ୍ତୀ ପରିବ୍ୟୟ ପରିବର୍ତ୍ତନ ହାରକୁ ବୁଝାଯାଇପାରେ।

ଏଣୁ, ସୀମାନ୍ତ ପରିବ୍ୟୟ = $\frac{\text{ପରିବର୍ତ୍ତୀ ପରିବ୍ୟୟର ପରିବର୍ତ୍ତନ ପରିମାଣ}}{\text{ମୋଟ ଉତ୍ପାଦିତ ଦ୍ରବ୍ୟର ପରିବର୍ତ୍ତନ ପରିମାଣ}}$

$$\left[MC = \frac{\Delta TVC}{\Delta q}\right]$$

ସୀମାନ୍ତ ପରିବ୍ୟୟକୁ ମଧ୍ୟ ସୀମାନ୍ତ ପରିବର୍ତ୍ତୀ ପରିବ୍ୟୟ କୁହାଯାଇପାରେ।

ଚିତ୍ର 4.5ରେ ସୀମାନ୍ତ ପରିବ୍ୟୟ ରେଖା U ଆକାର ବିଶିଷ୍ଟ। ଅଧିକ ପରିମାଣର ଉତ୍ପାଦନ ହେଲେ, ପ୍ରଥମେ ଏହା ନିମ୍ନଗାମୀ ହୋଇଥାଏ। ଉତ୍ପାଦନ ପରିମାଣ OQ ହେଲାବେଳେ ଏହା ନ୍ୟୁନତମ ବିନ୍ଦୁରେ ପହଞ୍ଚି ଥାଏ ଏବଂ ତାପରେ ଏହା ଊର୍ଦ୍ଧ୍ୱଗାମୀ ହୋଇଥାଏ। ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତୀ ଅନୁପାତ ସୂତ୍ର କାର୍ଯ୍ୟକାରୀ ହେବା ଯୋଗୁଁ ପ୍ରାନ୍ତୀୟ ପରିବ୍ୟୟ ରେଖା U ଆକାର ବିଶିଷ୍ଟ ହୋଇଥାଏ। ସୀମାନ୍ତ ପରିବ୍ୟୟ ଓ ସୀମାନ୍ତ ଉତ୍ପାଦ ପ୍ରତିଲୋମ ସମାନୁପାତ ଅଟେ। $MC \propto \frac{1}{MP}$




ଚିତ୍ର - 4.5 : ସୀମାନ୍ତ ପରିବ୍ୟୟ ରେଖା

## ହାରାହାରି ପରିବ୍ୟୟ ଏବଂ ସୀମାନ୍ତ ପରିବ୍ୟୟ ମଧ୍ୟରେ ସମ୍ବନ୍ଧ

ହାରାହାରି ପରିବ୍ୟୟ ରେଖା ଏବଂ ସୀମାନ୍ତ ପରିବ୍ୟୟ ରେଖା ସାଧାରଣତଃ U ଆକାର ବିଶିଷ୍ଟ ହୋଇଥାଏ । ପ୍ରଥମେ, ଉତ୍ପାଦର ପରିମାଣ ବୃଦ୍ଧି ହେଲେ କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦ ସୂତ୍ରର କାର୍ଯ୍ୟକାରିତା ଯୋଗୁଁ ଉଭୟ ରେଖା ନିମ୍ନଗାମୀ ହୋଇଥାନ୍ତି । କିଛି ସମୟପରେ, ଉଭୟ ରେଖା ନ୍ୟୂନତମ ବିନ୍ଦୁରେ ପହଞ୍ଚନ୍ତି ଏବଂ ତାପରେ କ୍ରମହ୍ରାସମାନ ଉତ୍ପାଦ ସୂତ୍ରର କାର୍ଯ୍ୟକାରିତା ଯୋଗୁଁ ସେମାନେ ଊର୍ଦ୍ଧ୍ୱଗାମୀ ହୋଇଥାନ୍ତି । ହାରାହାରି ପରିବ୍ୟୟ ରେଖା SAC ଏବଂ ସୀମାନ୍ତ ପରିବ୍ୟୟ ରେଖା MC ଚିତ୍ର - 4.6ରେ ପ୍ରଦର୍ଶିତ ହୋଇଛି ।


ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ମଧ୍ୟରେ ସମ୍ବନ୍ଧ ନିମ୍ନରେ ଉଲ୍ଲେଖ କରାଯାଇଛି ।

1. ଯେତେବେଳେ ସୀମାନ୍ତ ପରିବ୍ୟୟ, ହାରାହାରି ପରିବ୍ୟୟ ଠାରୁ କମ୍ ହୁଏ, ହାରାହାରି ପରିବ୍ୟୟ ହ୍ରାସପାଏ ।
2. ଯେତେବେଳେ ସୀମାନ୍ତ ପରିବ୍ୟୟ ଓ ହାରାହାରି ପରିବ୍ୟୟ ସମାନ ହୁଅନ୍ତି, ହାରାହାରି ପରିବ୍ୟୟ ସ୍ଥିର ଏବଂ ନ୍ୟୂନତମ ହୋଇଥାଏ । ଏହି ସମୟରେ ପ୍ରତିଷ୍ଠାନର ଆକାର ଅନୁକୂଳତମ ହୋଇଥାଏ ।
3. ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ପରିବ୍ୟୟ ଠାରୁ ଅଧିକ ହୋଇଥାଏ, ହାରାହାରି ପରିବ୍ୟୟ ବୃଦ୍ଧିପାଏ ।




**ଚିତ୍ର - 4.6 : ହାରାହାରି ଓ ସୀମାନ୍ତ ପରିବ୍ୟୟ ମଧ୍ୟରେ ସମ୍ବନ୍ଧ**

4. ଏକ ପ୍ରତିଷ୍ଠାନରେ, ଅନୁକୂଳତମ ଉତ୍ପାଦରୁ କମ୍ ଉତ୍ପାଦ ହୋଇଥିବାବେଳେ ହାରାହାରି ପରିବ୍ୟୟ ହ୍ରାସ ପାଇଲେ ମଧ୍ୟ ସୀମାନ୍ତ ପରିବ୍ୟୟ ବୃଦ୍ଧିପାଇପାରେ ।




ଚିତ୍ର - 4.7 : ହାରାହାରି ଓ ସୀମାନ୍ତ ପରିବ୍ୟୟ ରେଖା ମଧ୍ୟରେ ସମ୍ବନ୍ଧ

ଚିତ୍ର - 4.7ରୁ ପ୍ରତୀୟମାନ ହେଉଛି ଯେ, ଯେଉଁ ପର୍ଯ୍ୟନ୍ତ ସୀମାନ୍ତ ପରିବ୍ୟୟ ରେଖା MC ହାରାହାରି ପରିବ୍ୟୟ ରେଖା SACର ନିମ୍ନରେ ରହିଥାଏ, ହାରାହାରି ପରିବ୍ୟୟ ହ୍ରାସ ପାଏ। ହାରାହାରି ପରିବ୍ୟୟ ରେଖା SAC ଉତ୍ପାଦର ପରିମାଣ OQ ବେଳେ ନ୍ୟୂନତମ ବିନ୍ଦୁ aରେ ପହଞ୍ଚେ। a ବିନ୍ଦୁରେ ସୀମାନ୍ତ ପରିବ୍ୟୟ ରେଖା ହାରାହାରି ପରିବ୍ୟୟ ରେଖାକୁ ଛେଦ କରିଥାଏ। ସେହି ସମୟରେ ହାରାହାରି ପରିବ୍ୟୟ ନ୍ୟୂନତମ ହେଲେ ମଧ୍ୟ ସୀମାନ୍ତ ପରିବ୍ୟୟ ବୃଦ୍ଧି ପାଇଥାଏ। ନ୍ୟୂନତମ ବିନ୍ଦୁ a ପରେ, ସୀମାନ୍ତ ପରିବ୍ୟୟ ରେଖା ହାରାହାରି ପରିବ୍ୟୟ ରେଖାର ଊର୍ଦ୍ଧ୍ୱରେ ରହିଥାଏ ଏବଂ ହାରାହାରି ପରିବ୍ୟୟ ରେଖା ଊର୍ଦ୍ଧ୍ୱଗାମୀ ହୋଇଥାଏ।

**ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ମଧ୍ୟରେ ସମ୍ପର୍କ (ସାରଣୀ 4.1, ଚିତ୍ର 4.4)**

ସ୍ୱଳ୍ପକାଳରେ

(1) ମୋଟ ପରିବ୍ୟୟ = ମୋଟ ସ୍ଥିର ପରିବ୍ୟୟ + ମୋଟ ପରିବର୍ତ୍ତୀ ପରିବ୍ୟୟ

$(TC = TFC + TVC)$

(2) ହାରାହାରି ପରିବ୍ୟୟ = ହାରାହାରି ସ୍ଥିର ପରିବ୍ୟୟ + ହାରାହାରି ପରିବର୍ତ୍ତୀ ପରିବ୍ୟୟ

$(AC = AFC + AVC)$


(3) ସୀମାନ୍ତ ପରିବ୍ୟୟ ଉତ୍ପାଦନ ପରିମାଣରେ ପରିବର୍ତ୍ତନ ହେତୁ ମୋଟ ପରିବ୍ୟୟର ହାରାହାରି ପରିବର୍ତ୍ତନର ପରିମାଣ

$$MC = \frac{\Delta TC}{\Delta q}$$

(4) ସୀମାନ୍ତ ପରିବ୍ୟୟ ସ୍ଥିର ପରିବ୍ୟୟ ଉପରେ ନିର୍ଭର କରେ ନାହିଁ। ତେଣୁ ସୀମାନ୍ତ ପରିବ୍ୟୟ ଉତ୍ପାଦନ ପରିମାଣରେ ପରିବର୍ତ୍ତନ ହେତୁ ମୋଟ ପରିବର୍ତ୍ତୀ ପରିବ୍ୟୟର ହାରାହାରି ପରିବର୍ତ୍ତନ ପରିମାଣ ଅଟେ।


$$MC = \frac{\Delta TC}{\Delta q} = \frac{\Delta TVC}{\Delta q}$$

(5) ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ପରିବର୍ତ୍ତୀ ପରିବ୍ୟୟଠାରୁ କମ୍ ଥାଏ, ସେତେବେଳେ ହାରାହାରି ପରିବର୍ତ୍ତୀ ପରିବ୍ୟୟ ହ୍ରାସ ପାଏ (ଈ ବିନ୍ଦୁ ପର୍ଯ୍ୟନ୍ତ)। ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ପରିବର୍ତ୍ତୀ ପରିବ୍ୟୟ ଠାରୁ ଅଧିକ ଥାଏ, ସେତେବେଳେ ହାରାହାରି ପରିବର୍ତ୍ତୀ ପରିବ୍ୟୟ ବୃଦ୍ଧି ପାଏ (ବିନ୍ଦୁ ଈ ପରଠାରୁ)। ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ପରିବର୍ତ୍ତୀ ପରିବ୍ୟୟ ସହିତ ସମାନ ଥାଏ, ପରିବର୍ତ୍ତୀ ପରିବ୍ୟୟ ସ୍ଥିର ରହେ। (ବିନ୍ଦୁ ଈ, ଚିତ୍ର 4.4)




6) ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ପରିବ୍ୟୟ ଠାରୁ କମ୍, ହାରାହାରି ପରିବ୍ୟୟ ହ୍ରାସ ପାଏ (ବିନ୍ଦୁ ଚ ପର୍ଯ୍ୟନ୍ତ)। ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ପରିବ୍ୟୟ ଠାରୁ ଅଧିକ, ହାରାହାରି ପରିବ୍ୟୟ ବୃଦ୍ଧି ପାଏ (ବିନ୍ଦୁ ଚ ପରଠାରୁ)।

ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ପରିବ୍ୟୟ ସହିତ ସମାନ ହୁଏ, ହାରାହାରି ପରିବ୍ୟୟ ସ୍ଥିର ରହେ (ବିନ୍ଦୁ ଚ)।




7) ସୀମାନ୍ତ ପରିବ୍ୟୟ ରେଖା ସର୍ବଦା ନ୍ୟୁନତମ ହାରାହାରି ପରିବ୍ୟୟ ଓ ନ୍ୟୁନତମ ହାରାହାରି ପରିବର୍ତ୍ତୀ ପରିବ୍ୟୟ ବିନ୍ଦୁରେ ଛେଦ କରେ।

MC = ସର୍ବନିମ୍ନ AC (ବିନ୍ଦୁ b)

MC = ସର୍ବନିମ୍ନ AVC (ବିନ୍ଦୁ a)

୪) ହାରାହାରି ପରିବ୍ୟୟ ରେଖାରେ ନ୍ୟୁନତମ ବିନ୍ଦୁ ହାରାହାରି ପରିବର୍ତ୍ତୀ ପରିବ୍ୟୟ ରେଖାର ନ୍ୟୁନତମ ବିନ୍ଦୁର ଦକ୍ଷିଣରେ ରହେ ।

୨) ଉତ୍ପାଦନର ପରିମାଣ ବଢ଼ିବା ସହିତ ହାରାହାରି ପରିବ୍ୟୟ ରେଖା ଓ ହାରାହାରି ପରିବର୍ତ୍ତୀ ପରିବ୍ୟୟ ରେଖା ମଧ୍ୟରେ ପାର୍ଥକ୍ୟ କ୍ରମଶଃ ହ୍ରାସ ପାଏ । କାରଣ

ହାରାହାରି ପରିବ୍ୟୟ – ହାରାହାରି ପରିବର୍ତ୍ତୀ ପରିବ୍ୟୟ = ହାରାହାରି ସ୍ଥିର ପରିବ୍ୟୟ

(AC – AVC = AFC)

ଏବଂ ହାରାହାରି ସ୍ଥିର ପରିବ୍ୟୟ ଉତ୍ପାଦନର ପରିମାଣ ବଢ଼ିବା ସଙ୍ଗେ ସଙ୍ଗେ କମି କମି ଯାଏ ।

**ସମୟ ଭେଦରେ ପରିବ୍ୟୟ (Cost of Production and Time Period)**

ଅର୍ଥନୀତି ବିଚାରରେ ଉତ୍ପାଦନ ପ୍ରକ୍ରିୟାରେ ଦୁଇଟି କାଳ ରହିଛି; ସ୍ୱଳ୍ପକାଳ (Short period) ଓ ଦୀର୍ଘକାଳ (Long period) । ଉତ୍ପାଦନ କାଳ ବା ସମୟ ସୀମା ଭିତ୍ତିରେ ସ୍ଥିର ଓ ପରିବର୍ତ୍ତୀ ପରିବ୍ୟୟର ପାର୍ଥକ୍ୟ ନିରୂପଣ କରାଯାଏ । ସ୍ଥିର ଉପାଦାନଗୁଡ଼ିକର ପରିବର୍ତ୍ତନ ସ୍ୱଳ୍ପକାଳରେ ସମ୍ଭବ ନୁହେଁ । ଦ୍ରବ୍ୟର ଯୋଗାଣ ବୃଦ୍ଧି ବା ହ୍ରାସ ନିମନ୍ତେ ସ୍ୱଳ୍ପ କାଳରେ ପ୍ରତିଷ୍ଠାନ ଶ୍ରମ, କଞ୍ଚାମାଲ ଆଦି ପରିବର୍ତ୍ତୀ ସାଧନଗୁଡ଼ିକୁ ପରିବର୍ତ୍ତନ କରି ଉତ୍ପାଦିତ ଦ୍ରବ୍ୟର ପରିମାଣରେ ହ୍ରାସ ବୃଦ୍ଧି କରିଥାନ୍ତି । ସେଥିପାଇଁ ସ୍ୱଳ୍ପକାଳରେ ଦୁଇ ପ୍ରକାର ପରିବ୍ୟୟ ଦେଖାଯାଏ । ସ୍ଥିର ସାଧନ ଦେୟ ନିମିତ୍ତ ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ସାଧନ ଦେୟ ନିମିତ୍ତ ଦେୟ ପରିବର୍ତ୍ତୀ ପରିବ୍ୟୟ । ଉଭୟ ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ପରିବ୍ୟୟର ସମଷ୍ଟି ହିଁ ମୋଟ ପରିବ୍ୟୟ ।

ଦୀର୍ଘକାଳ ଏକ ସମୟ ଅବଧି ଯେଉଁ ସମୟ ମଧ୍ୟର ସବୁପ୍ରକାରର ଉପାଦାନ ପରିବର୍ତ୍ତନ କରିବା ସମ୍ଭବ ହୋଇଥାଏ । ତେଣୁ ଦୀର୍ଘ କାଳରେ ଉତ୍ପାଦନର ପରିମାଣର ହ୍ରାସ ବୃଦ୍ଧି ପାଇଁ ଉତ୍ପାଦକ ତାର ସମସ୍ତ ସାଧନଗୁଡ଼ିକୁ ପରିବର୍ତ୍ତନ କରି ଦ୍ରବ୍ୟର ଉତ୍ପାଦିତ ପରିମାଣ ହ୍ରାସ ବୃଦ୍ଧି କରିବାକୁ ସମର୍ଥ ହୋଇଥାଏ । ଦୀର୍ଘକାଳରେ ସମସ୍ତ ସାଧନକୁ ପରିବର୍ତ୍ତନ କରାଯାଇ ପାରୁଥିବାରୁ ସ୍ଥିର ସାଧନ କିଛି ନଥାଏ; ସବୁ ସାଧନ ପରିବର୍ତ୍ତୀ ସାଧନ । ସେଥିପାଇଁ ଦୀର୍ଘକାଳରେ ସ୍ଥିର ପରିବ୍ୟୟ ବୋଲି କିଛି ନଥାଏ, କେବଳ ପରିବର୍ତ୍ତୀ ପରିବ୍ୟୟର ଉପସ୍ଥିତି ପରିଲକ୍ଷିତ ହୁଏ ।

## 4.2 ଆୟ (Revenue)

ଏକ ମୁକ୍ତ ବଜାର ଅର୍ଥବ୍ୟବସ୍ଥାରେ ପ୍ରତ୍ୟେକ ଉଦ୍ୟୋଗୀ ଲାଭକୁ ସର୍ବାଧିକ କରିବାକୁ ଲକ୍ଷ୍ୟ ରଖିଥାଏ । ଲାଭ କହିଲେ ଏକ ପ୍ରତିଷ୍ଠାନର ମୋଟ ବ୍ୟୟ ଉପରେ ମୋଟ ଆୟର ଉଦ୍‌ବୃତ୍ତକୁ ବୁଝାଏ । ସୁତରାଂ ସମସ୍ତ ପ୍ରତିଷ୍ଠାନ ସର୍ବାଧିକ ଲାଭ ହାସଲ କରିବା ସକାଶେ ଆୟକୁ ସର୍ବାଧିକ ଏବଂ ପରିବ୍ୟୟକୁ ନ୍ୟୁନତମ ସ୍ତରରେ ରଖିବାପାଇଁ ସର୍ବଦା ଚେଷ୍ଟିତ ଥାଆନ୍ତି ।

### ଆୟର ଅର୍ଥ

ଜଣେ ଉତ୍ପାଦନକାରୀ ତାଙ୍କର ଦ୍ରବ୍ୟକୁ ବିକ୍ରିକରି ଯେଉଁ ମୁଦ୍ରା ଅର୍ଜନ କରିଥାନ୍ତି ତାହା ହିଁ ଆୟ ବୋଲି ଅଭିହିତ ହୋଇଥାଏ । ଉତ୍ପାଦନକାରୀଙ୍କ ଲାଭର ପରିମାଣ ଆୟ ଉପରେ ନିର୍ଭର କରେ; କାରଣ ଆୟ ଓ ପରିବ୍ୟୟର ପାର୍ଥକ୍ୟ ହିଁ ଲାଭ । ଆୟ ତିନି ପ୍ରକାରର ଯଥା– ମୋଟ ଆୟ, ହାରାହାରି ଆୟ ଓ ସୀମାନ୍ତ ଆୟ । ଉତ୍ପାଦନକାରୀ ତାଙ୍କର ଉତ୍ପାଦିତ ଦ୍ରବ୍ୟକୁ ବଜାରରେ ବିକ୍ରୟ କରି ଯେଉଁ ଅର୍ଥ ପାଇଥାନ୍ତି ତାକୁ ମୋଟ ଆୟ କୁହାଯାଏ । ବିକ୍ରି ହୋଇଥିବା ଦ୍ରବ୍ୟର ପରିମାଣକୁ ଦ୍ରବ୍ୟର ଏକକ ପ୍ରତି ଦାମ୍ ସହିତ ଗୁଣିଲେ ତାହା ମୋଟ ଆୟ ସହ ସମାନ ହୁଏ ।

### ଆୟର ବିଭିନ୍ନ ଧାରଣା

**ମୋଟ ଆୟ (Total Revenue):** ବିକ୍ରି ହୋଇଥିବା ଦ୍ରବ୍ୟର ପରିମାଣକୁ ଦାମ୍ ସହ ଗୁଣିଲେ ଯାହା ହୁଏ ତାହା ସହ ମୋଟ ଆୟ ସମାନ ହୋଇଥାଏ । ମୋଟ ଆୟ = ଦ୍ରବ୍ୟର ଦର x ଦ୍ରବ୍ୟର ବିକ୍ରୟ ପରିମାଣ

ଅର୍ଥାତ୍, $TR = P \times Q$

ଏଠାରେ $TR$ = ମୋଟ ଆୟ

$P$ = ଦ୍ରବ୍ୟର ଦାମ୍

$Q$ = ବିକ୍ରି ପରିମାଣ

ଉଦାହରଣସ୍ୱରୂପ ଯଦି $P = 10$ ଟଙ୍କା $Q = 50$ ଏକକ ତେବେ ମୋଟ ଆୟ ଟ $(10 \times 50) = 500$ ଟଙ୍କା ହୁଏ ।

**ହାରାହାରି ଆୟ (Average Revenue):** ଉତ୍ପାଦନର ପ୍ରତି ଏକକରୁ ଲବ୍ଧ ଆୟକୁ ହାରାହାରି ଆୟ କୁହାଯାଏ । ମୋଟ ଆୟକୁ ବିକ୍ରି ପରିମାଣ ଦ୍ୱାରା ଭାଗ କରି ହାରାହାରି ଆୟ ନିର୍ଣ୍ଣୟ କରାଯାଇପାରେ ।

ଅର୍ଥାତ୍, ହାରାହାରି ଆୟ = $\frac{\text{ମୋଟ ଆୟ}}{\text{ବିକ୍ରି ପରିମାଣ}}$ $\left(AR = \frac{TR}{Q}\right)$

ଯଦି ମୋଟ ଆୟ ଟ 500 ହୁଏ ଓ ଉତ୍ପାଦନକାରୀ 50 ଏକକ ବିକ୍ରୟ କରନ୍ତି, ତେବେ ହାରାହାରି ଆୟ 10 ଟଙ୍କା ହେବ। $\left(\frac{ଟ\,500}{50} = ଟ\,10\right)$

ବା $$AR = \frac{TR}{Q} = \frac{P \times Q}{Q} = P$$

ବା $$AR = P$$

ଅର୍ଥାତ୍, ହାରାହାରି ଆୟ ସର୍ବଦା ଦ୍ରବ୍ୟର ଦର ସହ ସମାନ ହୋଇଥାଏ।

**ସୀମାନ୍ତ ଆୟ (Marginal Revenue):** ଉତ୍ପାଦର ଏକ ଅତିରିକ୍ତ ଏକକର ବିକ୍ରୟରୁ ଯେତିକି ଆୟ ମିଳିଥାଏ, ତାହାକୁ ସୀମାନ୍ତ ଆୟ କୁହାଯାଏ। ଦ୍ରବ୍ୟର ଅତିରିକ୍ତ ଏକକ ବିକ୍ରୟ ଦ୍ୱାରା ମୋଟ ଆୟରେ ଯେଉଁ ପରିମାଣରେ ବୃଦ୍ଧି ହୁଏ ତାହା ହେଉଛି ସୀମାନ୍ତଆୟ। ଉଦାହରଣସ୍ୱରୂପ ମନେକର ଜଣେ 10 ଟି ଦ୍ରବ୍ୟ ବିକ୍ରୟ କଲେ ମୋଟ 1000 ଟଙ୍କା ଏବଂ 11 ଏକକ ବିକ୍ରୟ ଦ୍ୱାରା 1200 ଟଙ୍କା ଅର୍ଜନ କରୁଛି, ତେବେ ସୀମାନ୍ତ ଆୟର ପରିମାଣ 200 ଟଙ୍କା ହୁଏ।

11ତମ ଦ୍ରବ୍ୟର ସୀମାନ୍ତ ଆୟ = 11ତମ ଦ୍ରବ୍ୟର ମୋଟ ଆୟ– 10ତମ ଦ୍ରବ୍ୟର ମୋଟ ଆୟ

$(MR_{11} = TR_{11} - TR_{10})$

ସାଙ୍କେତିକ ଭାଷାରେ, $MR_n = TR_n - TR_{n-1}$ ............ (i)

ଏଠାରେ n କହିଲେ ଯେକୌଣସି ସଂଖ୍ୟାକୁ ବୁଝାଏ। ଯଦି ଜଣେ ଉତ୍ପାଦନକାରୀ 5ଟି ସ୍କୁଟର ବିକ୍ରି କରି 1 ଲକ୍ଷ 25 ହଜାର ଟଙ୍କା ଓ ୬ଟି ସ୍କୁଟର ବିକ୍ରିକରି 1 ଲକ୍ଷ 50 ହଜାର ଟଙ୍କା ପାଏ, ଷଷ୍ଠ ସ୍କୁଟରର ସୀମାନ୍ତ ଆୟ 25 ହଜାର ଟଙ୍କା ହେବ।

ସୀମାନ୍ତ ଆୟ ନିମ୍ନସୂତ୍ର ସାହାଯ୍ୟରେ ମଧ୍ୟ ନିର୍ଣ୍ଣୟ କରାଯାଇପାରେ।

$$MR = \frac{\Delta TR}{\Delta q} \text{ ................. (ii)}$$

ଏଠାରେ, $\Delta TR$ = ମୋଟ ଆୟ ପରିବର୍ତ୍ତନର ପରିମାଣ

$\Delta q$ = ମୋଟ ବିକ୍ରିର ପରିବର୍ତ୍ତନ

ସୁତରାଂ ସୀମାନ୍ତ ବା ପ୍ରାନ୍ତୀୟ ଆୟ କହିଲେ ଉତ୍ପାଦର ଏକକ ବିକ୍ରିର ପରିବର୍ତ୍ତନ ଯୋଗୁ ଯେଉଁ ହାରରେ ମୋଟ ଆୟ ପରିବର୍ତ୍ତନ ହୁଏ ତାହାକୁ ବୁଝାଯାଏ ।

## ମୋଟ ଆୟ, ହାରାହାରି ଆୟ ଓ ସୀମାନ୍ତ ଆୟ ମଧ୍ୟରେ ସମ୍ବନ୍ଧ

1. ମୋଟ ଆୟ, ହାରାହାରି ଆୟ ଏବଂ ପ୍ରାନ୍ତୀୟ ଆୟ ପରସ୍ପର ସମ୍ପର୍କିତ ଅଟନ୍ତି ।

ସୀମାନ୍ତ ଆୟ ଧନାତ୍ମକ ହୋଇଥିବାବେଳେ ମୋଟ ଆୟ ବୃଦ୍ଧି ହୋଇଥାଏ । ସୀମାନ୍ତ ଆୟ ଶୂନ୍ୟ ହୋଇଥିବା ବେଳେ ମୋଟ ଆୟ ସର୍ବାଧିକ ହୋଇଥାଏ । ସୀମାନ୍ତ ଆୟ ଋଣାତ୍ମକ ହେଲେ ମୋଟ ଆୟ ହ୍ରାସ ପାଇଥାଏ ।

2. ସୀମାନ୍ତ ଆୟ ଓ ହାରାହାରି ଆୟ ମଧ୍ୟରେ ସମ୍ବନ୍ଧ ଦ୍ରବ୍ୟ ବିକ୍ରି ହେଉଥିବା ବଜାରର ପ୍ରକୃତି ଉପରେ ନିର୍ଭର କରେ ।


## ସମ୍ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର

ସଂପୂର୍ଣ୍ଣ ପ୍ରତିଯୋଗିତାରେ ଏକ ପ୍ରତିଷ୍ଠାନ ପାଇଁ ଦାମ୍ ବା ହାରାହାରି ଆୟ ସର୍ବଦା ସ୍ଥିର ଥାଏ । ଏଠାରେ ହାରାହାରି ଆୟ ଓ ସୀମାନ୍ତ ଆୟ ସର୍ବଦା ସମାନ ହୋଇଥାନ୍ତି । ସଂପୂର୍ଣ୍ଣ ପ୍ରତିଯୋଗିତାରେ ଏକ ପ୍ରତିଷ୍ଠାନର ମୋଟ ଆୟ, ହାରାହାରି ଆୟ ଏବଂ ସୀମାନ୍ତ ଆୟ ମଧ୍ୟରେ ସମ୍ବନ୍ଧ ସାରଣୀ 4.2 ଏବଂ ଚିତ୍ର 4.8 ଏବଂ 4.୨ରୁ ଜଣାପଡ଼େ ।


**ସାରଣୀ - 4.2 : ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ମୋଟ ଆୟ, ହାରାହାରି ଆୟ ଏବଂ ସୀମାନ୍ତ ଆୟ**

| ଉତ୍ପାଦର ଏକକ | ମୋଟ ଆୟ (ଟଙ୍କାରେ) | ହାରାହାରି ଆୟ (ଟଙ୍କାରେ) | ସୀମାନ୍ତ ଆୟ (ଟଙ୍କାରେ) |
|---|---|---|---|
| 1 | 100 | 100 | 100 |
| 2 | 200 | 100 | 100 |
| 3 | 300 | 100 | 100 |
| 4 | 400 | 100 | 100 |
| 5 | 500 | 100 | 100 |

ସାରଣୀ 4.2ରୁ ପ୍ରତୀୟମାନ ହେଉଛି ଯେ ମୋଟ ପରିମାଣ ବିକ୍ରି ଯାହା ହେଉନା କାହିଁକି ହାରାହାରି ଆୟ ସର୍ବଦା 100 ଟଙ୍କା ରହିଥାଏ । ସୀମାନ୍ତ ଆୟ ମଧ୍ୟ ସର୍ବଦା ହାରାହାରି ଆୟ ସହିତ ସମାନ (100 ଟଙ୍କା) ହୋଇଥାଏ । ବିକ୍ରିର ପରିମାଣ ବୃଦ୍ଧି ହେଲେ ମୋଟ ଆୟ ସ୍ଥିର ହାରରେ ବୃଦ୍ଧି ହୋଇଥାଏ ।




ଚିତ୍ର - 4.8 : ମୋଟ ଆୟ ଓ ବିକ୍ରୟ ପରିମାଣ




ଚିତ୍ର - 4.9 : ହାରାହାରି ଓ ସୀମାନ୍ତ ଆୟ ରେଖା

ଚିତ୍ର 4.8ରେ ମୋଟ ଆୟରେଖା (TR) ଏକ ଊର୍ଦ୍ଧ୍ୱଗାମୀ ସରଳରେଖା । ଏହା ଦର୍ଶାଏ ଯେ ବିକ୍ରିର ପରିମାଣ ବୃଦ୍ଧି ହେଲେ ମୋଟ୍ ଆୟର ବୃଦ୍ଧି ଏକ ସ୍ଥିର ହାରରେ ହୋଇଥାଏ । ଚିତ୍ର 4.9ରେ ଦାମ୍ = ହାରାହାରି ଆୟ = ସୀମାନ୍ତ ଆୟ ବୋଲି ପ୍ରତୀୟମାନ ହୁଏ । ସୁତରାଂ ହାରାହାରି ଆୟ ରେଖା (AR) ପ୍ରାନ୍ତୀୟ ଆୟରେଖା (MR) ସମାନ ହୋଇଥାଏ । ଏହା ଅନୁଭୂମିକ ରେଖା ସହିତ ସମାନ୍ତର ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଦରରେ ହାରାହାରି ଓ ସୀମାନ୍ତ ଆୟରେଖା ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ହୋଇଥାଏ ।

## ଅପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର

ଅପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର (Imperfect Competition)ରେ ମୋଟ ଆୟ, ହାରାହାରି ଆୟ ଓ ସୀମାନ୍ତ ଆୟ ମଧ୍ୟରେ ସମ୍ପର୍କ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର ଠାରୁ ଭିନ୍ନ । ଏହି ପ୍ରକାର ବଜାରରେ ଉତ୍ପାଦନକାରୀ ଦ୍ରବ୍ୟ ଦାମ୍‌ର ହ୍ରାସ ବୃଦ୍ଧି କରିପାରନ୍ତି । ଦାମ୍ ସ୍ତରକୁ ହ୍ରାସ କଲେ ବିକ୍ରୟ ପରିମାଣ ବୃଦ୍ଧି ଓ ଦାମ୍ ସ୍ତର ବୃଦ୍ଧି କଲେ


ବିକ୍ରୟ ପରିମାଣ ହ୍ରାସ ହୋଇଥାଏ। ସେଥିପାଇଁ ଅପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ଚାହିଦା ରେଖା ବା ହାରାହାରି ଆୟରେଖା ନିମ୍ନାଭିମୁଖୀ ଅଟେ।

ହାରାହାରି ଆୟରେଖା ନିମ୍ନାଭିମୁଖୀ ଥିବାରୁ ସୀମାନ୍ତ ଆୟରେଖା ହାରାହାରି ଆୟରେଖାର ନିମ୍ନରେ ରହେ। ଅର୍ଥାତ୍ ଅପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ସୀମାନ୍ତ ଆୟ ସର୍ବଦା ହାରାହାରି ଆୟ ଠାରୁ କମ୍ (ଚିତ୍ର 4.୫)।

ଅଧିକ ପରିମାଣରେ ଉତ୍ପାଦ ବିକ୍ରି ହେଲେ ହାରାହାରି ଆୟ ତଥା ସୀମାନ୍ତ ଆୟ ହ୍ରାସ ପାଇଥାଏ। ଫଳରେ ମୋଟ ଆୟ କ୍ରମହ୍ରାସମାନ ହାରରେ ବୃଦ୍ଧି ପାଇଥାଏ। ଯେତେବେଳେ ସୀମାନ୍ତ ଆୟ ଶୂନ୍ୟ ହୋଇଥାଏ, ମୋଟ ଆୟ ସର୍ବାଧିକ ହୋଇଥାଏ। ସୀମାନ୍ତ ଆୟ ଋଣାତ୍ମକ ହେଲେ, ମୋଟ ଆୟ ହ୍ରାସ ପାଇଥାଏ। ସୀମାନ୍ତ ଆୟ ସର୍ବଦା ଦର କିମ୍ବା ହାରାହାରି ଆୟ ଠାରୁ କମ୍ ହୋଇଥାଏ। ଏକାଧିକାରରେ ମୋଟ ଆୟ, ହାରାହାରି ଆୟ ଏବଂ ସୀମାନ୍ତ ଆୟ ମଧ୍ୟରେ ସମ୍ବନ୍ଧ ସାରଣୀ 4.3ରେ ତଥା ଚିତ୍ର 4.10ରୁ ପରିଦୃଷ୍ଟ ହୋଇଥାଏ।

**ସାରଣୀ - 4.3: ଏକାଧିକାରରେ ମୋଟ ଆୟ, ହାରାହାରି ଆୟ ଏବଂ ସୀମାନ୍ତ ଆୟ**

| ଉତ୍ପାଦର ଏକକ | ମୋଟ ଆୟ (ଟଙ୍କାରେ) | ହାରାହାରି ଆୟ (ଟଙ୍କାରେ) | ସୀମାନ୍ତ ଆୟ (ଟଙ୍କାରେ) |
|---|---|---|---|
| 1 | 10 | 10 | 10 |
| 2 | 18 | 9 | 8 |
| 3 | 24 | 8 | 6 |
| 4 | 28 | 7 | 4 |
| 5 | 30 | 6 | 2 |
| 6 | 30 | 5 | 0 |
| 7 | 28 | 4 | -2 |




ଚିତ୍ର - **4.10 :** ମୋଟ, ହାରାହାରି ଓ ପ୍ରାନ୍ତୀୟ ଆୟ ମଧ୍ୟରେ ସମ୍ପର୍କ

ଚିତ୍ର 4.10ର ଭାଗ Aରେ ମୋଟ ଆୟ ରେଖା TR ପ୍ରଦର୍ଶିତ ହୋଇଅଛି । ବିକ୍ରିର ପରିମାଣ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମୋଟ ଆୟ କ୍ରମ ହ୍ରାସମାନରେ ବୃଦ୍ଧି ହେଉଛି । ଯେତେବେଳେ ବିକ୍ରିର ପରିମାଣ OQ ହେଉଛି, ମୋଟ ଆୟ ସର୍ବାଧିକ ହେଉଛି । ସେତେବେଳେ ସୀମାନ୍ତ ଆୟ ଶୂନ୍ୟ ହେଉଅଛି । ବିକ୍ରିର ପରିମାଣ OQରୁ ଅଧିକ ହେଲେ ସୀମାନ୍ତ ଆୟ ଋଣାତ୍ମକ ହେଉଅଛି । ସୁତରାଂ ମୋଟ ଆୟ ହ୍ରାସ ପାଉଅଛି ଏବଂ ମୋଟ ଆୟ ରେଖା ନିମ୍ନଗାମୀ ହେଉଅଛି । ଚିତ୍ର 4.୨ର ଭାଗ Bରେ ହାରାହାରି ଆୟ ରେଖା AR ଏବଂ ସୀମାନ୍ତ ଆୟ ରେଖା MR ପ୍ରଦର୍ଶିତ ହୋଇଅଛି । ବିକ୍ରିର ପରିମାଣ ବୃଦ୍ଧି ହେଲେ ଉଭୟ ରେଖା ନିମ୍ନଗାମୀ ହୋଇଅଛନ୍ତି । କିନ୍ତୁ ସୀମାନ୍ତ ଆୟ ରେଖା ହାରାହାରି ଆୟ ରେଖାର ନିମ୍ନରେ ରହିଅଛି । ସୀମାନ୍ତ ଆୟ ଶୂନ୍ୟ ବା ଋଣାତ୍ମକ ହେଲେ ବି ହାରାହାରି ଆୟ କଦାପି ଶୂନ କିମ୍ବା ଋଣାତ୍ମକ ହୋଇ ନ ଥାଏ ।

ଅତଏବ–

1. ଅଧିକ ପରିମାଣରେ ଦ୍ରବ୍ୟ ବିକ୍ରି ହେଲେ ମୋଟ ଆୟରେ କ୍ରମ ହ୍ରାସମାନ ବୃଦ୍ଧି ହୁଏ । ସେତେବେଳେ ହାରାହାରି ଆୟ ଓ ସୀମାନ୍ତ ଆୟ ସମାନ ହୋଇଥାଆନ୍ତି । ମୋଟ ଆୟ ସର୍ବାଧିକ ବେଳେ ସୀମାନ୍ତ ଆୟ ଶୂନ୍ୟ ହୋଇଥାଏ । ମୋଟ ଆୟ ନିମ୍ନଗାମୀ ହେଲେ ସୀମାନ୍ତ ଆୟ ଋଣାତ୍ମକ ହୋଇଥାଏ ।

2. ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ପ୍ରତିଷ୍ଠାନର ହାରାହାରି ଆୟ, ସୀମାନ୍ତ ଆୟ ଓ ଦାମ୍ ସର୍ବଦା ସମାନ।

   (AR = MR = P)

3. ଅପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ପ୍ରତିଷ୍ଠାନର ହାରାହାରି ଆୟ ବା ଦ୍ରବ୍ୟର ଦର ସୀମାନ୍ତ ଆୟ ଠାରୁ ଅଧିକ।

   (AR = P > MR)

## 4.3 ଯୋଗାଣ (Supply)

ସାଧାରଣତଃ ଗୋଟିଏ ଦ୍ରବ୍ୟର ବଜାର ଦର ଏହାର ଯୋଗାଣ ଓ ଚାହିଦା ଉପରେ ନିର୍ଭରଶୀଳ। ସେଥିପାଇଁ ଚାହିଦା ଓ ଯୋଗାଣକୁ ବଜାର ଶକ୍ତି ରୂପେ ଅଭିହିତ କରାଯାଏ। ପଠିତ ପୁସ୍ତକରେ, ପୂର୍ବରୁ ଦ୍ରବ୍ୟର ଚାହିଦା ସମ୍ବନ୍ଧରେ ଆଲୋଚନା କରାଯାଇଛି। ଉକ୍ତ ଅନୁଚ୍ଛେଦରେ ଦ୍ରବ୍ୟର ଯୋଗାଣ ଓ ଏହାକୁ ପ୍ରଭାବିତ କରୁଥିବା ଉପାଦାନ ଗୁଡ଼ିକ ବିଷୟରେ ଆଲୋଚନା କରାଯାଉଛି।

### 4.3.1 ଯୋଗାଣର ଅର୍ଥ

ଅର୍ଥଶାସ୍ତ୍ରରେ ଯୋଗାଣ କହିଲେ ଅର୍ଥନୈତିକ ଦ୍ରବ୍ୟର ଯୋଗାଣକୁ ବୁଝାଯାଏ। କାରଣ ମୁକ୍ତ ଦ୍ରବ୍ୟ (Free goods) ଗୁଡ଼ିକ କ୍ଷେତ୍ରରେ ଯୋଗାଣର କୌଣସି ଆବଶ୍ୟକତା ପଡ଼େ ନାହିଁ। ସେଭଳି ଦ୍ରବ୍ୟ ପ୍ରକୃତିର ମୁକ୍ତଦାନ ହୋଇଥିବାରୁ ବିନାମୂଲ୍ୟରେ ଉପଲବ୍ଧ ହୋଇଥାନ୍ତି। ଅର୍ଥଶାସ୍ତ୍ରରେ, ଏକ ନିର୍ଦ୍ଦିଷ୍ଟ ସମୟ ଓ ଦରରେ ବିକ୍ରୟ ପାଇଁ ନିର୍ଦ୍ଦିଷ୍ଟ ପରିମାଣକୁ ଦ୍ରବ୍ୟର ଯୋଗାଣ କୁହାଯାଏ।

ତେଣୁ ଏହାର ସଂଜ୍ଞା ଏକ ନିର୍ଦ୍ଦିଷ୍ଟ ସମୟକୁ ଭିତ୍ତିକରି ପ୍ରଦାନ କରାଯାଇଥାଏ।

ଦ୍ରବ୍ୟର ଯୋଗାଣ ଏହାର ସଞ୍ଚିତ ପରିମାଣଠାରୁ ଭିନ୍ନ ଅଟେ। କୌଣସି ସମୟରେ ବିକ୍ରୟ କରିବା ପାଇଁ ମହଜୁଦ ଥିବା ପରିମାଣକୁ ଦ୍ରବ୍ୟର ସଞ୍ଚିତ ପରିମାଣ କୁହାଯାଏ। ମାତ୍ର କୌଣସି ସମୟରେ, ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରେତା ଯେଉଁ ପରିମାଣର ଦ୍ରବ୍ୟ ବିକ୍ରି କରିବାକୁ ରାଜି ହୋଇଥାନ୍ତି, ତାହାକୁ ଦ୍ରବ୍ୟର ଯୋଗାଣ କୁହାଯାଏ। କହିବା ବାହୁଲ୍ୟ ଯେ, ଯୋଗାଣ, ସଞ୍ଚିତ ପରିମାଣର ଏକ ଅଂଶ।

1. ଦ୍ରବ୍ୟର ଯୋଗାଣ କହିଲେ ଏହାର ଏକ ନିର୍ଦ୍ଦିଷ୍ଟ ଯୋଗାଣ ପରିମାଣକୁ ବୁଝାଯାଏ।
2. ଦ୍ରବ୍ୟର ଯୋଗାଣ ସର୍ବଦା ଏକ ନିର୍ଦ୍ଦିଷ୍ଟ ଦର ଉପରେ ପର୍ଯ୍ୟବସିତ ହୋଇଥାଏ।
3. ଦ୍ରବ୍ୟର ଯୋଗାଣ ଏକ ପ୍ରବାହ ଅଟେ।

ତେଣୁ ଯୋଗାଣ କହିଲେ, ଏକ ନିର୍ଦ୍ଦିଷ୍ଟ ସମୟ ଓ ଦରରେ ଦ୍ରବ୍ୟର ଯୋଗାଣ ପରିମାଣକୁ ବୁଝାଯାଏ। ନିମ୍ନରେ ଦିଆଯାଇଥିବା ବକ୍ତବ୍ୟରୁ ଦ୍ରବ୍ୟର ଯୋଗାଣ ସମ୍ବନ୍ଧରେ ଏକ ପୂର୍ଣ୍ଣ ଧାରଣା କରିହେବ। କଟକରେ ମାଛରେ ଯୋଗାଣ ହେଉଛି 2 କ୍ୱିଣ୍ଟାଲ। ଏହାକୁ ଏକ ଅବାନ୍ତରମୂଳକ ବକ୍ତବ୍ୟରୂପେ ବିବେଚନା କରାଯାଏ। କଟକରେ ମାଛ କିଲୋ ପ୍ରତି ଦର 50 ଟଙ୍କା ହେଲେ ଏହାର ଯୋଗାଣ ପରିମାଣ ହେଉଛି 2 କ୍ୱିଣ୍ଟାଲ। ଏହି ବ୍ୟକ୍ତବ୍ୟରୁ ମାଛର ଯୋଗାଣ ବିଷୟରେ ସମ୍ୟକ ଧାରଣା କରିହୁଏ। ସୁତରାଂ ଦ୍ରବ୍ୟର ଯୋଗାଣର ପରିମାଣକୁ ଏକ ନିର୍ଦ୍ଦିଷ୍ଟ ଦର ଓ ସମୟ ସହ ସଂଯୁକ୍ତ କରି ପ୍ରକାଶ କଲେ ଯୋଗାଣର ସମ୍ପୂର୍ଣ୍ଣ ଅର୍ଥର ପରିପ୍ରକାଶ ହୁଏ। ଅତଏବ ଯୋଗାଣର ସଂଜ୍ଞାର ବିଶେଷତ୍ୱ ହେଲା–

1. ଦ୍ରବ୍ୟର ଯୋଗାଣ ଏକ ପ୍ରବାହ, ଏକ ନିର୍ଦ୍ଦିଷ୍ଟ ଯୋଗାଣ ପରିମାଣକୁ ବୁଝାଏ।
2. ଦ୍ରବ୍ୟର ଯୋଗାଣ ଏକ ନିର୍ଦ୍ଦିଷ୍ଟ ଦର ଉପରେ ପର୍ଯ୍ୟବେସିତ ହୋଇଥାଏ।
3. ଦ୍ରବ୍ୟର ଯୋଗାଣ ଏକ ନିର୍ଦ୍ଦିଷ୍ଟ ସମୟ ସହ ଯୁକ୍ତ ହୋଇଥାଏ।

### 4.3.2 ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନ

ଚାହିଦାଭଳି ଦ୍ରବ୍ୟର ଯୋଗାଣ ମଧ୍ୟ ଅନେକଗୁଡ଼ିଏ ଉପାଦାନ ଉପରେ ନିର୍ଭର କରେ। ଏହି ଉପାଦାନଗୁଡ଼ିକୁ ଯୋଗାଣର ନିର୍ଣ୍ଣାୟକ କୁହାଯାଏ। ଯୋଗାଣକୁ ପ୍ରଭାବିତ କରୁଥିବା କେତୋଟି ପ୍ରମୁଖ ନିର୍ଣ୍ଣାୟକ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

1. **ଦ୍ରବ୍ୟର ଦର:** ଯୋଗାଣକୁ ପ୍ରଭାବିତ କରିବାରେ ସମ୍ପୃକ୍ତ ଦ୍ରବ୍ୟର ଦର ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଦ୍ରବ୍ୟର ଦର ଅଧିକ ହେଲେ, ଏଥିରୁ ଅଧିକ ଲାଭ ମିଳେ ଓ ତଦନୁସାରେ ପ୍ରତିଷ୍ଠାନ ଅଧିକ ପରିମାଣରେ ଦ୍ରବ୍ୟ ଉତ୍ପାଦନ କରିଥାଏ। ଫଳରେ ଦ୍ରବ୍ୟର ଯୋଗାଣରେ ମଧ୍ୟ ବୃଦ୍ଧି ଘଟିଥାଏ। ଦ୍ରବ୍ୟର ଦର ଓ ଏହାର ଯୋଗାଣ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ପରିଲକ୍ଷିତ ହୁଏ। ଯୋଗାଣ $\propto$ ଦ୍ରବ୍ୟର ଦର।

2. **ଉତ୍ପାଦନ ସାଧନର ଦର:** ଉତ୍ପାଦନରେ ବ୍ୟବହୃତ ସାଧନଗୁଡ଼ିକର ଦର ବୃଦ୍ଧିହେଲେ, ଉତ୍ପାଦନ ପରିବ୍ୟୟ ଅଧିକ ହୁଏ। ଫଳରେ ଲାଭ ପରିମାଣ ହ୍ରାସ ପାଇଥାଏ। ଏହାର ଦ୍ରବ୍ୟର ଯୋଗାଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ପଶ୍ଚାତରେ, ଉତ୍ପାଦନ ସାଧନଗୁଡ଼ିକର ଦର ହ୍ରାସ, ଉତ୍ପାଦନ ପରିବ୍ୟୟ ହ୍ରାସ କରି ଦ୍ରବ୍ୟ ଯୋଗାଣରେ ବୃଦ୍ଧି ଘଟାଇଥାଏ।

$$\text{ଦ୍ରବ୍ୟର ଯୋଗାଣ} \propto \frac{1}{\text{ଉତ୍ପାଦନ ସାଧନର ଦର}}, S \propto \frac{1}{P_f}$$

3. **ସଂପର୍କିତ ଦ୍ରବ୍ୟର ଦର:** କୌଣସି ଦ୍ରବ୍ୟର ଯୋଗାଣ ଏହାର ଦର ବ୍ୟତୀତ, ଅନ୍ୟାନ୍ୟ ସମ୍ପର୍କିତ ଦ୍ରବ୍ୟର ଦର ଉପରେ ମଧ୍ୟ ନିର୍ଭର କରିଥାଏ। ଏଠାରେ ସମ୍ପର୍କିତ ଦ୍ରବ୍ୟ କହିଲେ ପ୍ରତିସ୍ଥାପନକ୍ଷମ ଏବଂ ଅନୁପୂରକ ଦ୍ରବ୍ୟକୁ ବୁଝାଯାଏ। ଗୋଟାଏ ଦ୍ରବ୍ୟର ଦର ସ୍ଥିର ଥାଇ, ଏହାର ପ୍ରତିସ୍ଥାପନକ୍ଷମ ଦ୍ରବ୍ୟର ଦର ବୃଦ୍ଧି ହେଲେ, ପ୍ରଥମ ଦ୍ରବ୍ୟର ଯୋଗାଣ ହ୍ରାସ ପାଏ। କାରଣ ପ୍ରତିଷ୍ଠାନ ଅଧିକ ଲାଭ ଆଶାରେ ପ୍ରଥମ ଦ୍ରବ୍ୟ ବଦଳରେ ଏହାର ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ଉତ୍ପାଦନ କରିଥାଏ। ଉଦାହରଣ ସ୍ୱରୂପ, ମୋଟର ସାଇକେଲର ଦରବୃଦ୍ଧି ଏହାର ଯୋଗାଣ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସ୍କୁଟର ଯୋଗାଣରେ ହ୍ରାସ ଘଟାଇଥାଏ। ମୋଟର ସାଇକେଲ୍ ଯୋଗାଣରେ ବୃଦ୍ଧି ଘଟିଲେ, ଏଥିରେ ବ୍ୟବହୃତ ଉପକରଣଗୁଡ଼ିକ ଯୋଗାଣରେ ମଧ୍ୟ ବୃଦ୍ଧି ଘଟିଥାଏ। ଏଠାରେ ମୋଟର ସାଇକେଲ ଏବଂ ସ୍କୁଟର ଦୁଇଟି ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ଏବଂ ମୋଟର ସାଇକେଲ ଓ ଏହାର ଉପକରଣ ସମୂହ ପରସ୍ପରର ଅନୁପୂରକ ଦ୍ରବ୍ୟ ଅଟନ୍ତି।

ଅତଏବ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟର ଦାମ୍ ବୃଦ୍ଧି ହେଲେ ଦ୍ରବ୍ୟର ଯୋଗାଣ ହ୍ରାସ ପାଏ। ଅନୁପୂରକ ଦ୍ରବ୍ୟର ଦାମ୍ ବୃଦ୍ଧି ହେଲେ ଦ୍ରବ୍ୟର ଯୋଗାଣ ବୃଦ୍ଧି ହୁଏ।

ଯେତେବେଳେ X ଓ Y ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ହୋଇଥାନ୍ତି ସେତେବେଳେ Yର ଦର ବୃଦ୍ଧି ପାଇଲେ $\rightarrow$ Yର ଯୋଗାଣ ବୃଦ୍ଧି ପାଇବ $\rightarrow$ Xର ଯୋଗାଣ ହ୍ରାସ ହେବ।

ଅତଏବ $\left(S_X \propto \frac{1}{P_Y}\right)$।

ଦ୍ରବ୍ୟର ଯୋଗାଣ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟର ଦର ସହିତ ପ୍ରତିଲୋମ ସମାନୁପାତ ଅଟେ।

ଯଦି X ଓ Z ଅନୁପୂରକ ଦ୍ରବ୍ୟ ତା'ହେଲେ Zର ଦର ବୃଦ୍ଧି ପାଇଲେ →Zର ଯୋଗାଣ ବୃଦ୍ଧି ପାଇବ →Xର ଯୋଗାଣ ବୃଦ୍ଧି ପାଇବ। ତେଣୁ $(S_x \alpha P_z)$ ଦ୍ରବ୍ୟର ଯୋଗାଣ ଅନୁପୂରକ ଦ୍ରବ୍ୟର ଦର ସହିତ ଧନାତ୍ମକ ସମ୍ପର୍କ ରହିଛି।

4. **ପ୍ରତିଷ୍ଠାନର ଲକ୍ଷ୍ୟ:** କୌଣସି ଦ୍ରବ୍ୟର ଯୋଗାଣ ସଂପୃକ୍ତ ପ୍ରତିଷ୍ଠାନର ଉତ୍ପାଦନର ଉଦ୍ଦେଶ୍ୟ ବା ଲକ୍ଷ୍ୟ ଉପରେ ନିର୍ଭର କରେ। ସାଧାରଣତଃ କୌଣସି ପ୍ରତିଷ୍ଠାନ ଲାଭ ଅର୍ଜନ କରିବା, ବିକ୍ରୟ ବୃଦ୍ଧି କରିବା, ନିଯୋଜନ ସୃଷ୍ଟି କରିବା ଆଦି ଲକ୍ଷ୍ୟ ନେଇ ଦ୍ରବ୍ୟର ଉତ୍ପାଦନ କରିଥାଏ। ଏହିସବୁ ଲକ୍ଷ୍ୟ ଏବଂ ସେଥିରେ ପରିବର୍ତ୍ତନ ଦ୍ରବ୍ୟ ଯୋଗାଣକୁ ପ୍ରଭାବିତ କରିଥାଏ।

5. **ଉତ୍ପାଦନ କୌଶଳ:** ଉତ୍ପାଦନ ପ୍ରଣାଳୀରେ ପରିବର୍ତ୍ତନ ଯୋଗୁଁ ଦ୍ରବ୍ୟ ଯୋଗାଣରେ ମଧ୍ୟ ପରିବର୍ତ୍ତନ ଘଟିଥାଏ। ଉନ୍ନତ ବୈଷୟିକ ପ୍ରୟୋଗ ଉତ୍ପାଦନ ସାଧନ ଗୁଡ଼ିକର ଉତ୍ପାଦିକା ଶକ୍ତି ବୃଦ୍ଧି କରିପାରେ। ଫଳରେ ଉତ୍ପାଦ ପରିମାଣ ତଥା ଦ୍ରବ୍ୟ ଯୋଗାଣରେ ବୃଦ୍ଧି ଘଟିଥାଏ।


6. **ଦର ପ୍ରତ୍ୟାଶା :** ଦ୍ରବ୍ୟର ଯୋଗାଣ ଦ୍ରବ୍ୟର ଭବିଷ୍ୟତ ଦର ସମ୍ବନ୍ଧରେ ପ୍ରତ୍ୟାଶା ଉପରେ ମଧ୍ୟ ନିର୍ଭର କରେ। କାରଣ ଯଦି ବିକ୍ରେତା ନିକଟ ଭବିଷ୍ୟତରେ ଦର ହ୍ରାସ ପାଇବ ବୋଲି ଆଶଙ୍କା କରୁଥିବେ, ତେବେ ପ୍ରଚଳିତ ଦରରେ ଅଧିକ ପରିମାଣର ଦ୍ରବ୍ୟ ଯୋଗାଣ କରିବେ ଓ ଯଦି ନିକଟ ଭବିଷ୍ୟତରେ ଦର ବୃଦ୍ଧି ପାଇବାର ଆଶା କରୁଥିବେ, ତେବେ ପ୍ରଚଳିତ ଦରରେ କମ୍ ପରିମାଣର ଦ୍ରବ୍ୟ ଯୋଗାଣ କରିବେ।

7. **ସରକାରୀ ନୀତି :** ସରକାରୀ ସହାୟତା (Subsidy), ଅନୁଦାନ (Grant), ଟିକସ (Tax), ଆମଦାନୀ (Import), ରପ୍ତାନି (Export) ଆଦିକୁ ନେଇ ସରକାରୀ ନୀତିର ପ୍ରଣୟନ ଓ ପ୍ରଚଳନ, ଯୋଗାଣକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ ସରକାରୀ ସହାୟତା ପ୍ରଦାନ, ଟିକସ ରିହାତି ଇତ୍ୟାଦି ଦ୍ରବ୍ୟର ଉତ୍ପାଦନ ତଥା ଯୋଗାଣ ବୃଦ୍ଧି କରୁଥିଲା ବେଳେ ଦ୍ରବ୍ୟ ଉପରେ ବିକ୍ରିକର, ଉତ୍ପାଦନ କରର ପ୍ରଚଳନ ଯୋଗାଣ ହ୍ରାସ କରିଥାଏ।

8. **ଯୋଗାଣ ଓ ସମୟ :** ସମୟର ଅବଧି ଉପରେ ଯୋଗାଣ ନିର୍ଭର କରିଥାଏ। ଅତି ସ୍ୱଳ୍ପ କାଳ ବା ବଜାର ଅବଧି (Market Period)ରେ ଯୋଗାଣର ପରିମାଣ ସ୍ଥିର ରହେ। କାରଣ ଏହାର

ଅବଧି ଖୁବ୍ କମ୍ ହୋଇଥିବାରୁ ଦ୍ରବ୍ୟର ଦର ପରିବର୍ତ୍ତନ ହେବା ସହିତ ଯୋଗାଣର ପରିମାଣ ପରିବର୍ତ୍ତନ ହୋଇପାରେ ନାହିଁ; ଏହା ସ୍ଥିର ରହେ । ତେଣୁ ବଜାର କାଳରେ ଯୋଗାଣ ରେଖା ଲମ୍ବ ଅଟେ ।

ସ୍ୱଳ୍ପ କାଳରେ ଦର ପରିବର୍ତ୍ତନ ହେବା ସହିତ ଉତ୍ପାଦନକାରୀ ପରିବର୍ତ୍ତୀ ଉପାଦାନକୁ ପରିବର୍ତ୍ତନ କରି ଯୋଗାଣର ସ୍ୱଳ୍ପ ପରିବର୍ତ୍ତନ କରିବାରେ । ଦ୍ରବ୍ୟର ଦର ବୃଦ୍ଧି ହେଲେ ଅଧିକ ପରିବର୍ତ୍ତୀ ପରିବ୍ୟୟ ନିୟୋଜନ କରି ଉତ୍ପାଦନ କିଛିଟା ବଢ଼ାଯାଇପାରେ । ତେଣୁ ସ୍ୱଳ୍ପ କାଳରେ ଯୋଗାଣ ରେଖା ବାମରୁ ଡାହାଣକୁ ଉର୍ଦ୍ଧ୍ୱଗାମୀ ହୁଏ; ମାତ୍ର ଯୋଗାଣର ସ୍ଥିତିସ୍ଥାପକତା କମ୍ ଅଟେ । ଦୀର୍ଘ କାଳରେ ସମସ୍ତ ଉପାଦାନ ପରିବର୍ତ୍ତନଶୀଳ । ତେଣୁ ଦ୍ରବ୍ୟର ଦର ପରିବର୍ତ୍ତନ ସହିତ ତାଳ ମିଳାଇ ଯୋଗାଣର ପରିବର୍ତ୍ତନ ହେବା ସମ୍ଭବ ହୋଇଥାଏ । ତେଣୁ ଦୀର୍ଘ କାଳରେ ଯୋଗାଣ ରେଖା ବାମରୁ ଡାହାଣକୁ ଉର୍ଦ୍ଧ୍ୱଗାମୀ ଓ ଦୀର୍ଘ କାଳରେ ଯୋଗାଣର ସ୍ଥିତିସ୍ଥାପକତା ଅଧିକ । ଦର ଉପରେ କାଳର ପ୍ରଭାବ ଚିତ୍ର - 4.11ରେ ଦର୍ଶାଯାଇଛି ।




**ଚିତ୍ର - 4.11 : ଦର ଉପରେ କାଳର ପ୍ରଭାବ**

ମନେକର ଦ୍ରବ୍ୟର ଦର Pରୁ $P_1$କୁ ବୃଦ୍ଧି ପାଇଲା । ବଜାର କାଳରେ ଯୋଗାଣର ପରିମାଣ ଅପରିବର୍ତ୍ତିତ ରହୁଛି । ସ୍ୱଳ୍ପକାଳରେ ଦର ପରିବର୍ତ୍ତନ ସହିତ ଯୋଗାଣ କିଛି ପରିମାଣରେ ($QQ_S$) ବୃଦ୍ଧି ପାଉଛି; କିନ୍ତୁ ଦୀର୍ଘ କାଳରେ ଯୋଗାଣର ପରିମାଣ ଦର ବୃଦ୍ଧି ସହିତ ($QQ_L$)କୁ ବୃଦ୍ଧି ପାଉଛି ।

9. **ଅନ୍ୟାନ୍ୟ ନିର୍ଣ୍ଣାୟକ ସମୂହ:** ଆଲୋଚିତ କେତୋଟି ପ୍ରମୁଖ ଉପାଦାନ ବ୍ୟତୀତ, କୌଣସି ଦ୍ରବ୍ୟର ଯୋଗାଣ ଆହୁରି ଅନେକଗୁଡ଼ିଏ ଉପାଦାନ ଉପରେ ନିର୍ଭର କରିଥାଏ। ଏହି ଉପାଦାନଗୁଡ଼ିକ ମଧ୍ୟରେ ଦ୍ରବ୍ୟ ଉତ୍ପାଦନକାରୀଙ୍କ ସଂଖ୍ୟା, ସରକାରୀ ନୀତି, ପ୍ରାକୃତିକ ଉପାଦାନମାନଙ୍କର ଉପଲବ୍ଧତା, ପ୍ରାକୃତିକ ଦୁର୍ବିପାକ ଯଥା ବନ୍ୟା, ବାତ୍ୟା, ମରୁଡ଼ି ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ। କୌଣସି ଏକ ବା ଏକାଧିକ ନିର୍ଣ୍ଣାୟକର ପରିବର୍ତ୍ତନ ଦ୍ରବ୍ୟ ଯୋଗାଣରେ ମଧ୍ୟ ପରିବର୍ତ୍ତନ ଘଟାଇଥାଏ।

### 4.3.3 ଯୋଗାଣ ଫଳନ

ବଜାରରେ ଗୋଟିଏ ଦ୍ରବ୍ୟର ଯୋଗାଣ ଓ ଏହାକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକର ସମ୍ପର୍କ 'ଯୋଗାଣ ଫଳନ' ମାଧ୍ୟମରେ ପ୍ରକାଶ କରାଯାଇଥାଏ। ସଙ୍କେତରେ, ଗୋଟିଏ ଦ୍ରବ୍ୟ Xର ଯୋଗାଣ ଫଳନ ନିମ୍ନମତେ ପ୍ରକାଶ କରାଯାଇପାରେ।

$$Sx = f\{P_x, P_y, P_z, ... E_p, F_p, T, O_f\}$$

ଏଠାରେ, $S_x$ - ଦ୍ରବ୍ୟ ଯୋଗାଣର ପରିମାଣ

$P_x$ - X ଦ୍ରବ୍ୟର ଦର

$P_y, P_z$ - ସମ୍ପର୍କିତ ଦ୍ରବ୍ୟ (Y, Z) ଦର

$E_p$ - ଉତ୍ପାଦନକାରୀର ଉଦ୍ଦେଶ୍ୟ

$F_p$ - ଉତ୍ପାଦନ ସାଧନ ଗୁଡ଼ିକର ଦର

T - ବୈଷୟିକ କୌଶଳ

$O_f$ - ଅନ୍ୟାନ୍ୟ ନିର୍ଣ୍ଣାୟକ

'ଯୋଗାଣ ଫଳନ' ଏକ ବହୁମୂଲ୍ୟ ଭିତ୍ତିକ ଫଳନ ଅଟେ। ଏହି ଉପାଦାନଗୁଡ଼ିକ ମଧ୍ୟରୁ ଗୋଟିଏ ବା ଏକାଧିକ ଉପାଦାନର ପରିବର୍ତ୍ତନ ହେଲେ, ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ହୋଇଥାଏ।

### 4.3.4 ଯୋଗାଣ ସୂତ୍ର

ଯେକୌଣସି ଦ୍ରବ୍ୟର ଯୋଗାଣ ପରିମାଣ ସମ୍ପୃକ୍ତ ଦ୍ରବ୍ୟର ଦର, ଅନ୍ୟାନ୍ୟ ଦ୍ରବ୍ୟର ଦର, ଉତ୍ପାଦନକାରୀଙ୍କ ଆଭିମୁଖ୍ୟ, ଉତ୍ପାଦନ କୌଶଳର ସ୍ତର ଆଦି ଉପାଦାନ ଉପରେ ନିର୍ଭର କରେ। କିନ୍ତୁ ଏ ସମସ୍ତ ଉପାଦାନଗୁଡ଼ିକ

ମଧ୍ୟରୁ ଦ୍ରବ୍ୟର ଦର ଯୋଗାଣର ପରିମାଣକୁ ଅଧିକ ପ୍ରଭାବିତ କରେ। ତେଣୁ ଅନ୍ୟ ସମସ୍ତ ଅଣଦର ସମ୍ବନ୍ଧୀୟ ଉପାଦାନଗୁଡ଼ିକ ସ୍ଥିର ରଖି ଯୋଗାଣ ଉପରେ ଦର ପରିବର୍ତ୍ତନର ପ୍ରଭାବର ବ୍ୟାଖ୍ୟାକୁ ଯୋଗାଣ ସୂତ୍ର କୁହାଯାଏ।

ଯୋଗାଣକୁ ପ୍ରଭାବିତ କରୁଥିବା ଅନ୍ୟ ଉପାଦାନଗୁଡ଼ିକ ଅପରିବର୍ତ୍ତିତ ଥାଇ, କୌଣସି ଦ୍ରବ୍ୟର ଦର ବୃଦ୍ଧିରେ ଏହାର ଯୋଗାଣ ବୃଦ୍ଧି ଓ ଦର ହ୍ରାସରେ ଏହାର ଯୋଗାଣ ହ୍ରାସ ପାଇଥାଏ। ଏହାକୁ 'ଯୋଗାଣ ସୂତ୍ର' କୁହାଯାଏ। 'ଯୋଗାଣ ସୂତ୍ର' ଦ୍ରବ୍ୟର ଦର ଓ ଏହାର ଯୋଗାଣ ପରିମାଣ ମଧ୍ୟରେ ଥିବା ପ୍ରତ୍ୟକ୍ଷ ସମ୍ପର୍କକୁ ପ୍ରତିପାଦିତ କରେ। ସାଙ୍କେତିକ ଭାଷାରେ 'ଯୋଗାଣ ସୂତ୍ର' ନିମ୍ନମତେ ପ୍ରକାଶ କରାଯାଇପାରେ।

ଅପରିବର୍ତ୍ତନୀୟ ଅନ୍ୟାବସ୍ଥାରେ (Under ceteris paribus condition) ଯୋଗାଣର ପରିମାଣ ଓ ଦ୍ରବ୍ୟର ଦର ମଧ୍ୟରେ ପ୍ରତ୍ୟକ୍ଷ ସରଳ ସମ୍ବନ୍ଧ ରହିଛି। ଦ୍ରବ୍ୟର ଦର ବୃଦ୍ଧି ପାଇଲେ ଯୋଗାଣ ବୃଦ୍ଧି ପାଏ ଓ ଦ୍ରବ୍ୟ ଦରର ହ୍ରାସ ଘଟିଲେ ଯୋଗାଣର ପରିମାଣ ହ୍ରାସ ହୁଏ।

ଯେତେବେଳେ ଯୋଗାଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ଉପାଦାନଗୁଡ଼ିକ ସ୍ଥିର ଥାଆନ୍ତି;

ଯୋଗାଣର ପରିମାଣ, ଦ୍ରବ୍ୟର ଦର ସହିତ ବିପରୀତ ଦିଗରେ ପରିବର୍ତ୍ତିତ ହୁଏ।

$[S_x \propto P_x]$

**ସର୍ତ୍ତାବଳୀ**

ଯୋଗାଣ ସୂତ୍ର ନିମ୍ନଲିଖିତ ସର୍ତ୍ତାବଳୀ ଗୁଡ଼ିକ ଉପରେ ଆଧାରିତ।

1. ଉତ୍ପାଦନକାରୀ ବିବେକବାନ ହୋଇଥିବେ। ସେ ସର୍ବଦା ସର୍ବାଧିକ ଅର୍ଜନ କରିବା ଉଦ୍ଦେଶ୍ୟରେ ଦ୍ରବ୍ୟ ଉତ୍ପାଦନ କରୁଥିବେ।
2. ଦ୍ରବ୍ୟଟି ସମ୍ପୂର୍ଣ୍ଣ ଭାବରେ ବିଭାଜିତ ହୋଇପାରୁଥିବ।
3. ଆଲୋଚନା ସମୟ ଅବଧି ସ୍ୱଳ୍ପ ହୋଇଥିବ, ଯେଉଁ ସମୟରେ ଅଣଦର ନିର୍ଣ୍ଣାୟକ ଗୁଡ଼ିକ ଅପରିବର୍ତ୍ତିତ ରହି ପାରୁଥିବ।
4. ଦ୍ରବ୍ୟଟି ପୁନଃ-ଉତ୍ପାଦନକ୍ଷମ ହୋଇଥିବ।

**ସୂତ୍ରର ବ୍ୟାଖ୍ୟା**

ଅଣଦର ନିର୍ଣ୍ଣାୟକଗୁଡ଼ିକ ଅପରିବର୍ତ୍ତିତ ଥାଇ, ଦ୍ରବ୍ୟର ଦରବୃଦ୍ଧି ପ୍ରତିଷ୍ଠାନର ଲାଭ ପରିମାଣର ବୃଦ୍ଧି କରିଥାଏ। ତେଣୁ ପ୍ରତିଷ୍ଠାନ ଆହୁରି ଅଧିକ ଲାଭ ଆଶାରେ ଅଧିକ ଉତ୍ପାଦନ କରି ଦ୍ରବ୍ୟ ଯୋଗାଣରେ ବୃଦ୍ଧି

କରିଥାଏ। ପକ୍ଷାନ୍ତରେ, ଅନ୍ୟାନ୍ୟ ବିଷୟ ଅପରିବର୍ତ୍ତିତ ଥାଇ ଦ୍ରବ୍ୟର ଦର ହ୍ରାସ ପ୍ରତିଷ୍ଠାନର ଲାଭ ପରିମାଣରେ ହ୍ରାସ ଘଟାଇଥାଏ। ସେ କ୍ଷେତ୍ରରେ ପ୍ରତିଷ୍ଠାନ ଲାଭ ଆଶାରେ ଅନ୍ୟ ଦ୍ରବ୍ୟ ଉତ୍ପାଦନ କରିବାକୁ ଚେଷ୍ଟା କରେ। ଫଳରେ ଦର ହ୍ରାସ ଘଟୁଥିବା ଦ୍ରବ୍ୟର ଉତ୍ପାଦନ ତଥା ଏହାର ଯୋଗାଣ ପରିମାଣରେ ହ୍ରାସ ଘଟିଥାଏ।

ଅନ୍ୟାନ୍ୟ ବିଷୟ ସ୍ଥିର ଥାଇ, ଦ୍ରବ୍ୟର ଦର ଓ ଏହାର ଯୋଗାଣ ପରିମାଣ ମଧ୍ୟରେ ଥିବା ଧନାତ୍ମକ ସମ୍ପର୍କ ନିମ୍ନରେ ଦିଆଯାଇଥିବା ଯୋଗାଣ ସୂଚୀ ଏବଂ ଯୋଗାଣ ରେଖା ମାଧ୍ୟମରେ ଦର୍ଶାଯାଇଛି।

**ଯୋଗାଣ ସୂଚୀ**

ଏକ ନିର୍ଦ୍ଦିଷ୍ଟ ସମୟରେ, ଭିନ୍ନ ଭିନ୍ନ ସମ୍ଭାବ୍ୟ ଦ୍ରବ୍ୟର ଭିନ୍ନ ଭିନ୍ନ ଯୋଗାଣ ପରିମାଣର ଏକ କାଳ୍ପନିକ ତାଲିକାକୁ ଯୋଗାଣ ସୂଚୀ କୁହାଯାଏ।

ସାରଣୀ 4.4ରେ ଜଣେ ବିକ୍ରେତାଙ୍କ ଯୋଗାଣସୂଚୀ ଅବତାରଣା କରାଯାଇଅଛି

**ସାରଣୀ 4.4 କଲମ ବିକ୍ରେତାଙ୍କ ଯୋଗାଣସୂଚୀ**


| କଲମର ଏକକ ପ୍ରତି ଦର (ଟଙ୍କାରେ) | ସାପ୍ତାହିକ ଯୋଗାଣ ପରିମାଣ (ଏକକରେ) |
|---|---|
| 2 | 100 |
| 3 | 120 |
| 4 | 150 |
| 5 | 170 |
| 6 | 200 |

ଏହି ସୂଚୀରେ କଲମର ଦର ଓ ଏହାର ଯୋଗାଣ ପରିମାଣ ମଧ୍ୟରେ ଥିବା ପ୍ରତ୍ୟକ୍ଷ ସମ୍ପର୍କ ଦର୍ଶାଯାଇଛି। ଏଠାରେ ଦର୍ଶାଯାଇଛି ଯେ, 'କଲମ'ର ଏକକ ପିଛା ଦର 2 ଟଙ୍କାରୁ 3 ଟଙ୍କାକୁ ବୃଦ୍ଧି ଯୋଗୁଁ ଏହାର ସାପ୍ତାହିକ ଯୋଗାଣ ପରିମାଣ 100 ଏକକରୁ 120 ଏକକକୁ ବୃଦ୍ଧି ପାଇଛି। ସେହିପରି ଦ୍ରବ୍ୟର ଏକକ ଦର ହ୍ରାସରେ ଏହାର ଯୋଗାଣ ପରିମାଣରେ ହ୍ରାସ ମଧ୍ୟ ଯୋଗାଣ ସୂଚୀରେ ଦର୍ଶାଯାଇଛି।

**ଯୋଗାଣ ରେଖା**

ଯୋଗାଣ ଓ ଦରର ସମ୍ପର୍କକୁ ରେଖାଚିତ୍ର ମାଧ୍ୟମରେ ଉପସ୍ଥାପନ କଲେ ତାକୁ ଯୋଗାଣ ରେଖା କୁହାଯାଏ।

ନିମ୍ନ ରେଖାଚିତ୍ରରେ Y-axis ରେ ଦ୍ରବ୍ୟର ଦର ଓ X-axis ରେ ଦ୍ରବ୍ୟର ଯୋଗାଣ ପରିମାଣ ସୂଚିତ ହୋଇଛି।




ଚିତ୍ର - 4.12

ଚିତ୍ର 4.12ରେ ପ୍ରଦର୍ଶିତ SS ରେଖା ହେଲା ଦ୍ରବ୍ୟର ବ୍ୟକ୍ତିଗତ ଯୋଗାଣ ରେଖା ଅଟେ। ଏହା ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ହେବାର ଦର୍ଶାଯାଇଛି। ଦ୍ରବ୍ୟର ଦର $OP_1$ ରୁ $OP_2$ କୁ ବୃଦ୍ଧି ହେଲେ, ଏହାର ଯୋଗାଣ ପରିମାଣ $Oq_1$ ରୁ $Oq_2$କୁ ବୃଦ୍ଧି ପାଇଛି। ପକ୍ଷାନ୍ତରେ ଦ୍ରବ୍ୟର ଦର $OP_2$ ରୁ $OP_1$କୁ ହ୍ରାସ ହେଲେ ଏହାର ଯୋଗାଣ ପରିବାଣ $Oq_2$ ରୁ $Oq_1$କୁ ହ୍ରାସ ହେବା ମଧ୍ୟ ଦର୍ଶାଯାଇଛି।

ଉଭୟ ବ୍ୟକ୍ତିଗତ ଯୋଗାଣ ସୂଚୀ ଓ ବ୍ୟକ୍ତିଗତ ଯୋଗାଣ ରେଖାରେ ଦ୍ରବ୍ୟର ଦର ଓ ଏହାର ଯୋଗାଣ ପରିମାଣ ମଧ୍ୟରେ ଥିବା ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିପାଦନ କରାଯାଇଛି। ଅତଏବ ଦ୍ରବ୍ୟର ଦର ବୃଦ୍ଧି ପାଇଲେ ଯୋଗାଣ ପରିମାଣ ବୃଦ୍ଧି ପାଏ ଓ ଦ୍ରବ୍ୟର ଦର ହ୍ରାସ ହେଲେ ଯୋଗାଣ ପରିମାଣ ହ୍ରାସ ହୁଏ।

**ଯୋଗାଣ ସୂତ୍ରର ବ୍ୟତିକ୍ରମ**

ଯୋଗାଣ ସୂତ୍ରର କାର୍ଯ୍ୟକାରିତା ସମସ୍ତ କ୍ଷେତ୍ରରେ ସମ୍ଭବପର ହୋଇ ନ ଥାଏ। ଏହି ସୂତ୍ରର କେତୋଟି ବ୍ୟତିକ୍ରମ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି।

1. **ବିନା ଲାଭରେ ବିକ୍ରି:** କେତେକ କ୍ଷେତ୍ରରେ ଉତ୍ପାଦନକାରୀ ସ୍ୱଳ୍ପକାଳରେ ଲାଭ ଅର୍ଜନ ଉଦ୍ଦେଶ୍ୟରେ ଦ୍ରବ୍ୟ ଉତ୍ପାଦନ କରି ନ ଥାଏ। ବରଂ ସେ ଦୀର୍ଘକାଳରେ ବଜାରରେ ନିଜର ଏକାଧିକାର ସାବ୍ୟସ୍ତ କରିବା ପ୍ରଚେଷ୍ଟାରେ ଥାଏ। ଏହି କ୍ଷେତ୍ରରେ, ଉତ୍ପାଦନକାରୀ ସ୍ୱଳ୍ପକାଳରେ ଦ୍ରବ୍ୟର ଦର ହ୍ରାସ କରି ଏହାର ବିକ୍ରୟ ପରିମାଣରେ ବୃଦ୍ଧି କରିଥାଏ ଏବଂ କାଳକ୍ରମେ ଦ୍ରବ୍ୟର ସମ୍ପୂର୍ଣ୍ଣ ବଜାର

ଅଗ୍ରାଧିକାର କରିଥାଏ। ସେହିପରି ସ୍ଥିତିରେ ଯୋଗାଣ ନିୟମ କାର୍ଯ୍ୟ କରେ ନାହିଁ।

2. **ଗୋଦାମ ଖାଲି ବିକ୍ରି (Clearance Sale):** ଗୋଦାମ ଖାଲି ବିକ୍ରି ସାଧାରଣତଃ ବିକ୍ରେତା ସଞ୍ଚିତ ଦ୍ରବ୍ୟ ଖାଲି କରିବା ପାଇଁ କରୁଥିବାରୁ ଦର ହ୍ରାସ କରି ଅଧିକ ଯୋଗାଣ କରିଥାନ୍ତି।

3. **ପୁନରୁତ୍ପାଦନ ଅକ୍ଷମ ଦ୍ରବ୍ୟ (Non-reproducible goods):** ପୁନରୁତ୍ପାଦନ ଅକ୍ଷମ ଦ୍ରବ୍ୟ କହିଲେ ପୁନଃ ଉତ୍ପାଦନ କରି ହେଉ ନ ଥିବା ଦ୍ରବ୍ୟ ସମୂହକୁ ବୁଝାଯାଏ। ସେହିଭଳି ଦ୍ରବ୍ୟର ଯୋଗାଣରେ ପରିବର୍ତ୍ତନ କରିବା ଅସମ୍ଭବ ଅଟେ। ସେ କ୍ଷେତ୍ରରେ ଦ୍ରବ୍ୟର ଦର ଯାହା ହେଉନା କାହିଁକି ଏହାର ଯୋଗାଣରେ କୌଣସି ପରିବର୍ତ୍ତନ ଘଟି ନ ଥାଏ। ଏଭଳି ଦ୍ରବ୍ୟକୁ ମଧ୍ୟ ବିରଳ ବା ଦୁର୍ଲଭ ଦ୍ରବ୍ୟ କୁହାଯାଏ। ଦୁଷ୍ପ୍ରାପ୍ୟ କଳା, ବିରଳ ଚିତ୍ର, କୋହିନୁର ହୀରା ଇତ୍ୟାଦି ପୁନରୁତ୍ପାଦନ ଅକ୍ଷମ ଦ୍ରବ୍ୟର ଉଦାହରଣ। ଏଭଳି ଦ୍ରବ୍ୟ କ୍ଷେତ୍ରରେ ଯୋଗାଣ ରେଖା ଊର୍ଦ୍ଧ୍ୱଗାମୀ ନ ହୋଇ X ଅକ୍ଷ ପ୍ରତି ଲମ୍ବ ହୋଇଥାଏ।

4. **ନଗଦ ମୁଦ୍ରାର ଆବଶ୍ୟକତା:** ବିକ୍ରେତାର ନଗଦମୁଦ୍ରା ଜରୁରୀ ଆବଶ୍ୟକ ଥିଲେ, ସେ ଭବିଷ୍ୟତକୁ ଅପେକ୍ଷା ନ କରି କମ୍ ଦରରେ ଅଧିକ ପରିମାଣର ଦ୍ରବ୍ୟ ଯୋଗାଣ କରିଥାନ୍ତି। ସେହିପରି ଦ୍ରବ୍ୟ ଏକ ସଙ୍ଗରେ ଅଧିକ ପରିମାଣ କ୍ରୟ କଲେ, ବିକ୍ରେତା ଦ୍ରବଟିକୁ ପାଇକାରୀ ଦରରେ ବିକ୍ରି କରିଥାନ୍ତି। ଏହିସବୁ କ୍ଷେତ୍ରରେ ଯୋଗାଣ ନିୟମ ଫଳପ୍ରଦ ହୋଇ ନ ଥାଏ।

5. **ଅଣଦର ନିର୍ଣ୍ଣାୟକରେ ପରିବର୍ତ୍ତନ:** ଦ୍ରବ୍ୟର ଅଣଦର ନିର୍ଣ୍ଣାୟକଗୁଡ଼ିକର ପରିବର୍ତ୍ତନ ହେଲେ ଏହାର ଯୋଗାଣରେ ମଧ୍ୟ ପରିବର୍ତ୍ତନ ହୋଇଥାଏ। ଏହିସବୁ ଉପାଦାନ ଯଥା ଉତ୍ପାଦନ ପରିବ୍ୟୟ, ସମ୍ପର୍କିତ ଦ୍ରବ୍ୟର ଦର, ବୈଷୟିକ କୌଶଳ ଆଦିର ପରିବର୍ତ୍ତନ ଘଟିଲେ ଦ୍ରବ୍ୟର ଦର ସ୍ଥିର ଥାଇ ଏହାର ଯୋଗାଣରେ ପରିବର୍ତ୍ତନ ଘଟିଥାଏ। ତେଣୁ ସେ ସବୁ କ୍ଷେତ୍ରରେ ଯୋଗାଣ ନିୟମ ଫଳପ୍ରଦ ହୋଇ ନ ଥାଏ।

6. ଅତି ସ୍ୱଳ୍ପକାଳ: ଅତି ସ୍ୱଳ୍ପକାଳ ବା ବଜାର କାଳରେ ଦର ଯେତେ ବୃଦ୍ଧି ହେଲେ ମଧ୍ୟ ଯୋଗାଣ ବୃଦ୍ଧି ହୁଏ ନାହିଁ। ସୁତରାଂ ଅତି ସ୍ୱଳ୍ପକାଳରେ ଯୋଗାଣ ରେଖା X ଅକ୍ଷ ପ୍ରତି ଲମ୍ବ ହୋଇଥାଏ।

7. ଶ୍ରମର ଯୋଗାଣ : ଶ୍ରମ ବଜାରରେ ଯୋଗାଣ ସୂତ୍ର ଏକ ନିର୍ଦ୍ଦିଷ୍ଟ ସ୍ତରରେ ମଜୁରୀ ଦର ପହଞ୍ଚିଲା ପରେ କାର୍ଯ୍ୟ କରେ ନାହିଁ। କାରଣ ଏକ ନିର୍ଦ୍ଦିଷ୍ଟ ମଜୁରୀ ହାର ପରେ ଶ୍ରମିକ ଅବକାଶକୁ ଅଧିକ


ସାରଣୀ - 4.5 ଦ୍ରବ୍ୟର ବଜାର ଯୋଗାଣ ସୂଚୀ

| ଦ୍ରବ୍ୟର ଦର (ଟଙ୍କାରେ) | ବିକ୍ରେତା Aର ଯୋଗାଣ ପରିମାଣ (ଏକକରେ) | ବିକ୍ରେତା Bର ଯୋଗାଣ ପରିମାଣ (ଏକକରେ) | ଦ୍ରବ୍ୟର ବଜାର ଯୋଗାଣ ପରିମାଣ (ଏକକରେ) |
|---|---|---|---|
| 2 | 100 | 80 | 180 |
| 3 | 110 | 100 | 210 |
| 4 | 120 | 110 | 230 |
| 5 | 135 | 125 | 260 |

ସାରଣୀ 4.5ରେ ଉଭୟ ବିକ୍ରେତାଙ୍କ ବ୍ୟକ୍ତିଗତ 'ଯୋଗାଣ ସୂଚୀ' ଓ ଦ୍ରବ୍ୟର 'ବଜାର ଯୋଗାଣ ସୂଚୀ'ର ଅବତାରଣା 'ଯୋଗାଣ ସୂତ୍ର' ଅନୁସାରେ କରାଯାଇଛି । ଦ୍ରବ୍ୟର ଦର 2 ଟଙ୍କା ବେଳେ A ଓ Bର ଯୋଗାଣ ପରିମାଣ ଯଥାକ୍ରମେ 100 ଓ 80 ଏକକ । ତେଣୁ ସେହି ଦରରେ ଦ୍ରବ୍ୟର ମୋଟ ଯୋଗାଣ ପରିମାଣ 100+80 = 180 ଏକକ । ସେହିପରି ବିଭିନ୍ନ ଦରରେ ଦ୍ରବ୍ୟର ବଜାର ଯୋଗାଣ ପରିମାଣ ସାରଣୀରେ ଦର୍ଶାଯାଇଛି ।

### ବଜାର ଯୋଗାଣ ରେଖା

ବଜାର 'ଯୋଗାଣ ସୂଚୀ'ର ଏକ ରେଖାଙ୍କିତ ପରିପ୍ରକାଶକୁ 'ବଜାର ଯୋଗାଣ' ରେଖା କୁହାଯାଏ । ଦ୍ରବ୍ୟର 'ବଜାର ଯୋଗାଣ ରେଖା' ଉପସ୍ଥିତ ବିକ୍ରେତାମାନଙ୍କର ବ୍ୟକ୍ତିଗତ ଯୋଗାଣରେଖାର ଏକ ଆନୁଭୂମିକ ସମଷ୍ଟି (Horizontal) ଅଟେ । ପୂର୍ବରୁ ଆଲୋଚିତ ଦ୍ରବ୍ୟର ବଜାର ଯୋଗାଣ ରେଖାର ବ୍ୟୁତ୍ପତ୍ତି ଚିତ୍ର 4.14ରେ ଦର୍ଶାଯାଇଛି ।




ଚିତ୍ର - 4.14 : ବ୍ୟକ୍ତିଗତ ଓ ବଜାର ଯୋଗାଣ ରେଖା

ଚିତ୍ର 4.14ରେ $S_A$ ଏବଂ $S_B$ ଯଥାକ୍ରମେ ବିକ୍ରେତା A ଓ Bର ଯୋଗାଣ ରେଖା ଏବଂ $S_{A+B}$ ଦ୍ରବ୍ୟର ବଜାର ଯୋଗାଣ ରେଖା ଭାବେ ଦର୍ଶାଯାଇଛି। ଦ୍ରବ୍ୟର ଏକକ ପ୍ରତି ଦର $OP_1$ ହେଲେ A ଓ Bର ଯୋଗାଣ ପରିମାଣ ଯଥାକ୍ରମେ $Oq_1$ ଓ $Oq'_1$। ଏହି ଦରରେ ଦ୍ରବ୍ୟର ମୋଟ ଯୋଗାଣ ପରିମାଣ $Oq_1 + Oq'_1 = OQ_1$ ହେବ। $OP_1$ ଦରରେ ବଜାର ଯୋଗାଣ ପରିମାଣ ସୂଚନା $E_1$ ବିନ୍ଦୁରେ ଦର୍ଶାଯାଇଛି। ଦ୍ରବ୍ୟର ଦର $OP_2$କୁ ବୃଦ୍ଧି ପାଇଲେ ଦ୍ରବ୍ୟର ବଜାର ଯୋଗାଣ $Oq_2 + Oq'_2 = OQ_2$ ହେବ। $OP_2$ ଦରରେ ବଜାର ଯୋଗାଣ ପରିମାଣ ଚିତ୍ରରେ $E_2$ ବିନ୍ଦୁ ମାଧ୍ୟମରେ ଦର୍ଶାଯାଇଛି। ସେହିପରି ଦ୍ରବ୍ୟର ବିଭିନ୍ନ କାଳ୍ପନିକ ଦରରେ ବଜାର ଯୋଗାଣ ପରିମାଣ ସ୍ଥିର କରାଯାଇପାରେ। ବିଭିନ୍ନ ସମ୍ଭାବ୍ୟ ଦରରେ ଦ୍ରବ୍ୟର ବଜାର ଯୋଗାଣ ନିରୂପଣ କରୁଥିବା ବିନ୍ଦୁ ଗୁଡ଼ିକର ସଂଯୋଗରୁ $S_{A+B}$ ରେଖାର ବ୍ୟୁତ୍ପତ୍ତି ଚିତ୍ରରେ ଦର୍ଶାଯାଇଛି। $S_{A+B}$ ହେଲା ଦ୍ରବ୍ୟର ବଜାର ଯୋଗାଣ ରେଖା।

ବଜାର ଯୋଗାଣ ରେଖା ବ୍ୟକ୍ତିଗତ ଯୋଗାଣ ରେଖା ଭଳି ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ହୋଇଥାଏ। ତେଣୁ ଏହା ମଧ୍ୟ ଦ୍ରବ୍ୟର ଦର ଓ ଏହାର ବଜାର ଯୋଗାଣ ପରିମାଣ ମଧ୍ୟରେ ଥିବା ପ୍ରତ୍ୟକ୍ଷ ତଥା ଧନାତ୍ମକ ସମ୍ପର୍କକୁ ପ୍ରତିପାଦିତ କରେ।


### 4.3.6 ଯୋଗାଣ ଓ ଯୋଗାଣ ପରିମାଣରେ ପରିବର୍ତ୍ତନ

ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ଓ ଏହାର ଯୋଗାଣ ପରିମାଣରେ ପରିବର୍ତ୍ତନ ଏକାର୍ଥବୋଧକ ନୁହେଁ। ସାଧାରଣତଃ, ଦ୍ରବ୍ୟ ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକୁ ଦୁଇ ପର୍ଯ୍ୟାୟଭୁକ୍ତ କରାଯାଇପାରେ। ଯଥା: ଦ୍ରବ୍ୟର ଦର ଏବଂ ଦ୍ରବ୍ୟର ଅଣଦର ନିର୍ଣ୍ଣାୟକ ସମୂହ। ଏହାକୁ ଭିତ୍ତିକରି ଦ୍ରବ୍ୟର ଯୋଗାଣ ଓ ଏହାର ଯୋଗାଣ ପରିମାଣ ମଧ୍ୟରେ ଥିବା ପାର୍ଥକ୍ୟଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି।

**ଯୋଗାଣ ପରିମାଣରେ ପରିବର୍ତ୍ତନ**

1. ଅନ୍ୟାନ୍ୟ ନିର୍ଣ୍ଣାୟକ ଅପରିବର୍ତ୍ତିତ ଥାଇ ଦ୍ରବ୍ୟର ଦର ପରିବର୍ତ୍ତନ ହେଲେ, ଏହାର ଯୋଗାଣ ପରିମାଣରେ ପରିବର୍ତ୍ତନ ହୋଇଥାଏ।
2. ଦ୍ରବ୍ୟ ଯୋଗାଣ ପରିମାଣରେ ପରିବର୍ତ୍ତନ ସୂଚନା ଏହାର ଯୋଗାଣ ରେଖା ଉପରେ ଚଳନରୁ ଜାଣି ହୁଏ। ଅର୍ଥାତ୍ ଯୋଗାଣ ପରିମାଣରେ ସମ୍ପ୍ରସାରଣ ବା ସଙ୍କୋଚନ ଯୋଗାଣ ରେଖାର ଚଳନରୁ ନିର୍ଦ୍ଧାରଣ କରାଯାଏ। ଏ କ୍ଷେତ୍ରରେ ଯୋଗାଣ ରେଖାର କୌଣସି ସ୍ଥାନଚ୍ୟୁତି ଘଟି ନ ଥାଏ।

ଦ୍ରବ୍ୟ ଯୋଗାଣ ପରିମାଣରେ ପରିବର୍ତ୍ତନ ଚିତ୍ର 4.15ରେ ଦର୍ଶାଯାଇଛି।





ଚିତ୍ର - 4.15 : ଯୋଗାଣ ପରିମାଣରେ ପରିବର୍ତ୍ତନ

ଚିତ୍ର 4.15ରେ ଦ୍ରବ୍ୟର ଦର $OP_1$ ରୁ $OP_2$କୁ ବୃଦ୍ଧି ହେଲେ, ଏହାର ଯୋଗାଣ ପରିମାଣ $Oq_1$ ରୁ $Oq_2$କୁ ବୃଦ୍ଧି ହେବା ଦର୍ଶାଯାଇଛି। ଏହା ଦ୍ରବ୍ୟ ଯୋଗାଣର ସମ୍ପ୍ରସାରଣ। ସେହିପରି ଦର $OP_1$ ରୁ $OP_0$କୁ ହ୍ରାସ ଯୋଗୁଁ ଯୋଗାଣ ପରିମାଣ $Oq_1$ ରୁ $Oq_0$କୁ ହ୍ରାସ ହେବା ରେଖାଚିତ୍ରରେ ଦର୍ଶାଯାଇଛି। ଏହି ଦ୍ରବ୍ୟ ଯୋଗାଣର ସଙ୍କୋଚନ ଅଟେ। ତେଣୁ ଉଭୟ ଯୋଗାଣରେ ସଙ୍କୋଚନ ଓ ସମ୍ପ୍ରସାରଣ ଗୋଟିଏ ଯୋଗାଣ ରେଖାରେ ନିର୍ଦ୍ଧାରିତ ହୋଇଥାଏ। ଏ କ୍ଷେତ୍ରରେ ଯୋଗାଣ ସ୍ଥାନଚ୍ୟୁତି ଘଟି ନ ଥାଏ।

### ଯୋଗାଣରେ ପରିବର୍ତ୍ତନ

1. ଯୋଗାଣ ପରିବର୍ତ୍ତନ କହିଲେ, ସମାନ ଦରରେ ଦ୍ରବ୍ୟର ଅଧିକ କିମ୍ବା କମ୍ ଯୋଗାଣକୁ ବୁଝାଯାଏ। ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ଏହାର ଅଣଦର ନିର୍ଣ୍ଣାୟକ ସମୂହର ପରିବର୍ତ୍ତନ ଯୋଗୁଁ ଘଟିଥାଏ।
2. ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ଘଟିଲେ ଯୋଗାଣ ରେଖାର ସ୍ଥାନଚ୍ୟୁତି ଘଟିଥାଏ। ଦ୍ରବ୍ୟ ଯୋଗାଣ ଅଧିକ ହେଲେ ଯୋଗାଣ ରେଖାର ଡାହାଣକୁ ଓ ଯୋଗାଣ କମ୍ ହେଲେ ଯୋଗାଣରେଖାର ବାମକୁ ସ୍ଥାନଚ୍ୟୁତ ଘଟିଥାଏ।



ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ଚିତ୍ର 4.16ରେ ଦର୍ଶାଯାଇଛି ।




ଚିତ୍ର – 4.16 : ଯୋଗାଣରେ ପରିବର୍ତ୍ତନ

ଚିତ୍ର 4.16ରେ $SS_0$ ଦ୍ରବ୍ୟର ମୂଳ ଯୋଗାଣ ରେଖା ଭାବରେ ଦର୍ଶାଯାଇଛି । ଦ୍ରବ୍ୟ ଦର OP ବେଳେ ଏହାର ଯୋଗାଣ ପରିମାଣ $Oq_0$ ହେବାର ଦର୍ଶାଯାଇଛି । ବର୍ତ୍ତମାନ ଯଦି ଦ୍ରବ୍ୟର ଅଣଦର ନିର୍ଦ୍ଧାରକ ସମୂହର ପରିବର୍ତ୍ତନ ଯୋଗୁଁ ସେହି OP ଦରରେ ମଧ୍ୟ ଯୋଗାଣ ପରିମାଣ $Oq_1$ ହୁଏ, ତେବେ ଏହାକୁ ଦ୍ରବ୍ୟ ଯୋଗାଣରେ ବୃଦ୍ଧି କୁହାଯାଏ । ଏ କ୍ଷେତ୍ରରେ ଯୋଗାଣ ରେଖାର ଡାହାଣକୁ ସ୍ଥାନଚ୍ୟୁତି ଘଟି ଏହାର ସ୍ଥିତି $SS_1$ ହୋଇଥାଏ । ପକ୍ଷାନ୍ତରେ, ଦ୍ରବ୍ୟର ରେଖାର କୌଣସି ଅଣଦର ଉପାଦାନରେ ପରିବର୍ତ୍ତନ ଯୋଗୁଁ ସେହି OP ଦରରେ ଏହାର ଯୋଗାଣ $Oq_2$ ହେଲେ, ଏହାକୁ ଦ୍ରବ୍ୟ ଯୋଗାଣରେ ହ୍ରାସ କୁହାଯାଏ । ଏ କ୍ଷେତ୍ରରେ ଯୋଗାଣ ରେଖାର ବାମକୁ ସ୍ଥାନଚ୍ୟୁତି ଘଟି ଏହାର ସ୍ଥିତି $SS_2$ ହୋଇଥାଏ । ତେଣୁ ଯୋଗାଣରେ ପରିବର୍ତ୍ତନ, ଯୋଗାଣ ରେଖାର ସ୍ଥାନଚ୍ୟୁତି ଘଟାଇଥାଏ ।

## ଯୋଗାଣର ପରିବର୍ତ୍ତନ ଓ ଯୋଗାଣ ପରିମାଣର ପରିବର୍ତ୍ତନ ମଧ୍ୟରେ ପାର୍ଥକ୍ୟ

| ଯୋଗାଣ ପରିମାଣର ପରିବର୍ତ୍ତନ (Change in quantity supplied) | ଯୋଗାଣର ପରିବର୍ତ୍ତନ (Change in Supply) |
|---|---|
| 1. ଯୋଗାଣ ପରିମାଣର ପରିବର୍ତ୍ତନ କେବଳ ଦ୍ରବ୍ୟର ଦର ଓ ଯୋଗାଣ ମଧ୍ୟରେ ଥିବା ସମ୍ପର୍କକୁ ବୁଝାଏ। | 1. ଯୋଗାଣର ପରିବର୍ତ୍ତନ ଅନ୍ୟ ସବୁ ଅଣଦର ଉପାଦାନ ଓ ଯୋଗାଣ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଏ। |
| 2. ଯୋଗାଣ ପରିମାଣରେ ପରିବର୍ତ୍ତନ ବେଳେ କେବଳ ଦରର ପରିବର୍ତ୍ତନ ଘଟେ ଓ ଯୋଗାଣକୁ ପ୍ରଭାବିତ କରୁଥିବା ଅନ୍ୟ ସବୁ ଉପାଦାନ ସ୍ଥିର ରହିଥାନ୍ତି। | 2. ଯୋଗାଣର ପରିବର୍ତ୍ତନ ବେଳେ ଦ୍ରବ୍ୟର ଦର ସ୍ଥିର ରହେ ଓ ଅନ୍ୟ ଅଣଦର ଉପାଦାନରେ ପରିବର୍ତ୍ତନ ଘଟିଥାଏ। |
| 3. ଯୋଗାଣ ରେଖାର ସ୍ଥିତି ଅପରିବର୍ତ୍ତିତ ରହେ। ଯୋଗାଣର ପରିମାଣର ପରିବର୍ତ୍ତନ ସେହି ଯୋଗାଣ ରେଖାରେ ଊର୍ଦ୍ଧ୍ୱକୁ ବା ନିମ୍ନକୁ ଗତି ଦ୍ୱାରା ପ୍ରଦର୍ଶନ କରାଯାଏ। | 3. ଯୋଗାଣ ରେଖା ବାମକୁ କିମ୍ବା ଡାହାଣକୁ ସ୍ଥାନାନ୍ତରିତ ହୋଇଥାଏ। |
| 4. ଯୋଗାଣର ପରିମାଣ ବୃଦ୍ଧି ଓ ହ୍ରାସକୁ ଯୋଗାଣ 'ସମ୍ପ୍ରସାରଣ' ବା 'ସଂକୋଚନ' ମଧ୍ୟ କୁହାଯାଏ। | 4. ଯୋଗାଣର ପରିବର୍ତ୍ତନକୁ ଯୋଗାଣର ହ୍ରାସ ବା ଯୋଗାଣର ବୃଦ୍ଧି ବୋଲି କୁହାଯାଏ। |
| 5. ଚିତ୍ର 4.15   | 5. ଚିତ୍ର 4.16   |

# ସାରାଂଶ

1. **ପରିବ୍ୟୟ** – ଏକ ନିର୍ଦ୍ଦିଷ୍ଟ ପରିମାଣରେ ଉତ୍ପାଦ ଉତ୍ପାଦନ କରିବାକୁ ଏକ ପ୍ରତିଷ୍ଠାନ ଯେତିକି ପରିମାଣରେ ବ୍ୟୟ କରିଥାଏ, ତାହାକୁ ଉତ୍ପାଦନର ପରିବ୍ୟୟ କୁହାଯାଏ।

2. **ମୌଦ୍ରିକ ପରିବ୍ୟୟ** – ଏକ ନିର୍ଦ୍ଦିଷ୍ଟ ପରିମାଣର ଉତ୍ପାଦ ଉତ୍ପାଦନ କରିବା ସକାଶେ ଉତ୍ପାଦନର ସାଧନଗୁଡ଼ିକୁ ଅର୍ଥ ଆକାରରେ ପ୍ରଦାନ କରାଯାଉଥିବା ମୋଟ ପାଉଣାକୁ ମୌଦ୍ରିକ ପରିବ୍ୟୟ କୁହାଯାଏ।

3. **ବାସ୍ତବ ପରିବ୍ୟୟ** – ସାଧନ ଅଧିକାରୀ ଉତ୍ପାଦନକାରୀଙ୍କୁ ସାଧନ ଯୋଗାଣ କରିବାବେଳେ ଅନୁଭବ କରୁଥିବା କଷ୍ଟ, ଅସ୍ୱାଚ୍ଛନ୍ଦ୍ୟ, ଯନ୍ତ୍ରଣା, ନିରାନନ୍ଦ, ତ୍ୟାଗକୁ ବାସ୍ତବ ପରିବ୍ୟୟ କୁହାଯାଏ।

4. **ସୁବ୍ୟକ୍ତ ପରିବ୍ୟୟ** – ଚୁକ୍ତିଭିତ୍ତିରେ ଅଣାଯାଇଥିବା ସାଧନର ମାଲିକମାନଙ୍କୁ ଉଦ୍ୟୋଗୀମାନେ ଯେଉଁ ପାଉଣା ପ୍ରଦାନ କରିଥାନ୍ତି ତାହାକୁ ସୁବ୍ୟକ୍ତ ପରିବ୍ୟୟ ବା ପ୍ରକାଶ୍ୟ ପରିବ୍ୟୟ କୁହାଯାଏ।

5. **ଅବ୍ୟକ୍ତ ପରିବ୍ୟୟ ବା ଲୁକ୍କାୟିତ ପରିବ୍ୟୟ** – ଜଣେ ଉଦ୍ୟୋଗୀ ନିଜ ଉଦ୍ୟୋଗରେ ବ୍ୟବହାର କରୁଥିବା ନିଜର ସାଧନମାନଙ୍କ ସକାଶେ ସେମାନଙ୍କର ସର୍ବୋତ୍ତମ ବିକଳ୍ପ ପ୍ରୟୋଗରୁ ପ୍ରାପ୍ତ ସମ୍ଭାବ୍ୟ ଆୟକୁ ଅବ୍ୟକ୍ତ ପରିବ୍ୟୟ କୁହାଯାଏ।

6. **ଆର୍ଥନୀତିକ ପରିବ୍ୟୟ** – ଉଭୟ ସୁବ୍ୟକ୍ତ ପରିବ୍ୟୟ ଏବଂ ଲୁକ୍କାୟିତ ପରିବ୍ୟୟର ସମଷ୍ଟିକୁ ଆର୍ଥନୀତିକ ପରିବ୍ୟୟ କୁହାଯାଏ।

7. **ବିକଳ୍ପ ପରିବ୍ୟୟ** – କୌଣସି ଦ୍ରବ୍ୟ ଉତ୍ପାଦନ ସକାଶେ ବ୍ୟବହୃତ ହେଉଥିବା ସାଧନମାନଙ୍କର ପରବର୍ତ୍ତୀ ସର୍ବୋତ୍ତମ ବିକଳ୍ପ ପ୍ରୟୋଗରୁ ବଞ୍ଚିତ ଅର୍ଜନକୁ ସେହି ଦ୍ରବ୍ୟର ବିକଳ୍ପ ପରିବ୍ୟୟ କୁହାଯାଏ।

8. **ସ୍ଥିର ପରିବ୍ୟୟ** – ଏକ ପ୍ରତିଷ୍ଠାନ ଉତ୍ପାଦନ ସକାଶେ ସ୍ଥାୟୀ ସାଧନ କ୍ରୟ କରିବା ପାଇଁ ଯେଉଁ ଖର୍ଚ୍ଚ କରିଥାନ୍ତି ତାହାକୁ ସ୍ଥିର ପରିବ୍ୟୟ କୁହାଯାଏ। ଉତ୍ପାଦ ପରିମାଣରେ ହ୍ରାସ ବୃଦ୍ଧି ଯୋଗୁଁ ସ୍ଥିର ପରିବ୍ୟୟର ପରିବର୍ତ୍ତନ ହୋଇ ନ ଥାଏ।

9. **ପରିବର୍ତ୍ତୀ ପରିବ୍ୟୟ** – ଉତ୍ପାଦନର ପରିବର୍ତ୍ତୀ ସାଧନ ସକାଶେ ଯେଉଁ ବ୍ୟୟ କରାଯାଏ ତାହାକୁ ପରିବର୍ତ୍ତୀ ପରିବ୍ୟୟ କୁହାଯାଏ। ଏହି ପରିବ୍ୟୟ ଉତ୍ପାଦ ପରିମାଣରେ ପରିବର୍ତ୍ତନ ସହ ପ୍ରତ୍ୟକ୍ଷ ଭାବରେ ପରିବର୍ତ୍ତିତ ହୋଇଥାଏ।

10. ସ୍ୱଳ୍ପକାଳରେ ମୋଟ ପରିବ୍ୟୟ - ସ୍ୱଳ୍ପକାଳରେ ମୋଟ ପରିବ୍ୟୟ ମୋଟ ସ୍ଥିର ପରିବ୍ୟୟ ଓ ମୋଟ ପରିବର୍ତ୍ତୀ ପରିବ୍ୟୟର ସମଷ୍ଟି ।

11. ହାରାହାରି ସ୍ଥିର ପରିବ୍ୟୟ - ଦ୍ରବ୍ୟର ଏକକ ପ୍ରତି ସ୍ଥିର ପରିବ୍ୟୟକୁ ହାରାହାରି ସ୍ଥିର ପରିବ୍ୟୟ କୁହାଯାଏ ।

12. ହାରାହାରି ପରିବର୍ତ୍ତୀ ପରିବ୍ୟୟ - ଦ୍ରବ୍ୟର ଏକକ ପ୍ରତି ପରିବର୍ତ୍ତୀ ପରିବ୍ୟୟକୁ ହାରାହାରି ପରିବର୍ତ୍ତୀ ପରିବ୍ୟୟ କୁହାଯାଏ ।

13. ହାରାହାରି ପରିବ୍ୟୟ - ଦ୍ରବ୍ୟର ଏକକ ପ୍ରତି ଉତ୍ପାଦନ ପରିବ୍ୟୟକୁ ହାରାହାରି ପରିବ୍ୟୟ କୁହାଯାଏ ।

$$\text{ସୁତରାଂ, ହାରାହାରି ପରିବ୍ୟୟ} = \frac{\text{ମୋଟ ପରିବ୍ୟୟ}}{\text{ମୋଟ ଉତ୍ପାଦ}}$$

14. ସୀମାନ୍ତ ପରିବ୍ୟୟ - ଦ୍ରବ୍ୟର ଏକ ଅତିରିକ୍ତ ଏକକ ଉତ୍ପାଦନ ହେବା ହେତୁ ମୋଟ ପରିବ୍ୟୟ ଯେଉଁ ପରିମାଣରେ ବୃଦ୍ଧି ପାଏ ତାହାକୁ ପ୍ରାନ୍ତୀୟ ପରିବ୍ୟୟ ବା ସୀମାନ୍ତ ପରିବ୍ୟୟ କୁହାଯାଏ । ସୀମାନ୍ତ ପରିବ୍ୟୟ ମୋଟ ସ୍ଥିର ପରିବ୍ୟୟ ଉପରେ ନିର୍ଭର କରେ ନାହିଁ । ସୀମାନ୍ତ ସ୍ଥିର ପରିବ୍ୟୟ ସର୍ବଦା ଶୂନ୍ୟ ହୋଇଥିବାରୁ ସୀମାନ୍ତ ପରିବ୍ୟୟ କହିଲେ ସୀମାନ୍ତ ପରିବର୍ତ୍ତୀ ପରିବ୍ୟୟକୁ ବୁଝାଇଥାଏ ।

15. ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତୀ ଅନୁପାତ ନିୟମ କାର୍ଯ୍ୟକାରୀ ହେଉଥିବାରୁ ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ ରେଖା, ହାରାହାରି ପରିବର୍ତ୍ତୀ ପରିବ୍ୟୟ ରେଖା ଓ ସୀମାନ୍ତ ପରିବ୍ୟୟ ରେଖା U ଆକାର ବିଶିଷ୍ଟ ହୋଇଥାନ୍ତି ।

16. ଉତ୍ପାଦର ପରିମାଣ ବୃଦ୍ଧି ହେଲେ ହାରାହାରି ସ୍ଥିର ପରିବ୍ୟୟ ହ୍ରାସ ପାଇଥାଏ । ହାରାହାରି ସ୍ଥିର ପରିବ୍ୟୟ ରେଖା ଏକ ଚତୁର୍ଭୁଜାକାର ଜ୍ୟାମିତିକ ଅତିପରାବଳୟ କ୍ଷେତ୍ର (rectangular hyperbola) ସଦୃଶ ପ୍ରତୀୟମାନ ହୋଇଥାଏ ।

17. ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ମଧ୍ୟରେ ସମ୍ପର୍କ - ସୀମାନ୍ତ ପରିବ୍ୟୟ ଠାରୁ ହାରାହାରି ପରିବ୍ୟୟ କମ୍ ହେଲେ, ହାରାହାରି ପରିବ୍ୟୟ ହ୍ରାସ ପାଇଥାଏ । ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ସମାନ ହେଲେ ହାରାହାରି ପରିବ୍ୟୟ ନ୍ୟୂନତମ ହୋଇଥାଏ । ସୀମାନ୍ତ ପରିବ୍ୟୟ ହାରାହାରି ପରିବ୍ୟୟ ଠାରୁ ଅଧିକ ହେଲେ, ହାରାହାରି ପରିବ୍ୟୟ ବୃଦ୍ଧି ପାଇଥାଏ ।

18. ମୋଟ ଆୟ - ଏକ ନିର୍ଦ୍ଦିଷ୍ଟ ଦରରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଦ୍ରବ୍ୟ ବିକ୍ରିରୁ ପ୍ରତିଷ୍ଠାନ ପାଉଥିବା ମୋଟ ମୁଦ୍ରାକୁ ମୋଟ ଆୟ କୁହାଯାଏ । ବିକ୍ରି ହୋଇଥିବା ଦ୍ରବ୍ୟର ପରିମାଣକୁ ଦାମ ସହ ଗୁଣି ମୋଟ ଆୟ ନିର୍ଣ୍ଣୟ କରାଯାଏ । $TR = P \times Q$

19. **ହାରାହାରି ଆୟ** – ଉତ୍ପାଦନର ପ୍ରତି ଏକକରୁ ଲବ୍ଧ ଆୟକୁ ହାରାହାରି ଆୟ କୁହାଯାଏ। ମୋଟ ଆୟକୁ ବିକ୍ରି ପରିମାଣ ଦ୍ୱାରା ଭାଗ କରି ହାରାହାରି ଆୟ ନିର୍ଣ୍ଣୟ କରାଯାଏ। $AR = \frac{TR}{Q}$

20. **ସୀମାନ୍ତ ଆୟ**– ଉତ୍ପାଦର ଏକ ଅତିରିକ୍ତ ଏକକର ବିକ୍ରୟରୁ ଯେତିକି ଅଧିକ ଆୟ ମିଳିଥାଏ, ତାହାକୁ ସୀମାନ୍ତ ଆୟ କୁହାଯାଏ।

$$MR_{nth} = TR_n - TR_{n-1}$$

21. **ମୋଟ ଆୟ ଓ ସୀମାନ୍ତ ଆୟ ମଧ୍ୟରେ ସମ୍ପର୍କ**– ଯେତେବେଳେ ସୀମାନ୍ତ ଆୟ ଧନାତ୍ମକ ହୋଇଥାଏ, ମୋଟ ଆୟ ବୃଦ୍ଧି ହୁଏ। ସୀମାନ୍ତ ଆୟ ଋଣାତ୍ମକ ହେଲେ, ମୋଟ ଆୟ ହ୍ରାସ ପାଏ।

22. **ହାରାହାରି ଆୟ ଓ ସୀମାନ୍ତ ଆୟ ମଧ୍ୟରେ ସମ୍ପର୍କ**– ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ହାରାହାରି ଆୟ ଓ ସୀମାନ୍ତ ଆୟ ସମାନ ହୋଇଥାଏ। ଅସମ୍ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ହାରାହାରି ଆୟ ଠାରୁ ସୀମାନ୍ତ ଆୟ ନ୍ୟୁନ ହୋଇଥାଏ।

23. **ଯୋଗାଣ**– ଏକ ନିର୍ଦ୍ଦିଷ୍ଟ ସମୟ ଓ ଦରରେ ବିକ୍ରୟ ପାଇଁ ଉଦ୍ଦିଷ୍ଟ ପରିମାଣକୁ ଦ୍ରବ୍ୟର ଯୋଗାଣ କୁହାଯାଏ।

24. **'ଯୋଗାଣ'ର ନିର୍ଣ୍ଣାୟକ**– ଗୋଟିଏ ଦ୍ରବ୍ୟର ଯୋଗାଣ ମୁଖ୍ୟତଃ ଏହାର ଦର, ସମ୍ପର୍କିତ ଦ୍ରବ୍ୟମାନଙ୍କର ଦର, ଏହାର ଉତ୍ପାଦନ ପରିବ୍ୟୟ, ଦ୍ରବ୍ୟ ଉତ୍ପାଦନ ପ୍ରଣାଳୀ ଆଦି ଉପାଦାନ ଉପରେ ନିର୍ଭର କରେ।

25. **ଯୋଗାଣ ଫଳନ**– ଦ୍ରବ୍ୟର ଯୋଗାଣ ଓ ଏହାର ନିର୍ଣ୍ଣାୟକ ମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଯୋଗାଣ ଫଳନ କୁହାଯାଏ।

26. **ଯୋଗାଣ ସୂତ୍ର**– ଯୋଗାଣର ଅନ୍ୟାନ୍ୟ ଉପାଦାନମାନ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ବୃଦ୍ଧି ହେଲେ ଯୋଗାଣର ପରିମାଣ ବୃଦ୍ଧି ହୁଏ ଏବଂ ଦ୍ରବ୍ୟର ଦର ହ୍ରାସ ହେଲେ ଯୋଗାଣର ପରିମାଣ ହ୍ରାସ ହୁଏ।

27. **ଯୋଗାଣ ସୂଚୀ**– ଏକ ନିର୍ଦ୍ଦିଷ୍ଟ ସମୟରେ ବିଭିନ୍ନ ସମ୍ଭାବ୍ୟ ଦରରେ ଯୋଗାଣ ପରିମାଣର ଏକ କାଳ୍ପନିକ ସାରଣୀକୁ ଦ୍ରବ୍ୟର ଯୋଗାଣ ସୂଚୀ କୁହାଯାଏ।

ଯୋଗାଣ ସୂଚୀ ଦୁଇ ପ୍ରକାର– ବ୍ୟକ୍ତିଗତ ଯୋଗାଣ ସୂଚୀ ଓ ବଜାର ଯୋଗାଣ ସୂଚୀ।

28. **ଯୋଗାଣ ରେଖା**– ଯୋଗାଣ ରେଖା, ଯୋଗାଣ ସୂଚୀର ଏକ ରେଖାଙ୍କିତ ପରିପ୍ରକାଶ। ଯୋଗାଣ ରେଖା ସାଧାରଣତଃ ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ହୋଇଥାଏ।

29. **ଯୋଗାଣ ପରିମାଣରେ ପରିବର୍ତ୍ତନ / ଯୋଗାଣ ରେଖାରେ ଗତି:** ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହି, ଦ୍ରବ୍ୟ ଦରରେ ପରିବର୍ତ୍ତନ ହେଲେ ଏହାର ଯୋଗାଣ ପରିମାଣରେ ପରିବର୍ତ୍ତନ ହୋଇଥାଏ। ଯୋଗାଣ ପରିମାଣରେ ପରିବର୍ତ୍ତନ କହିଲେ ଯୋଗାଣର ସମ୍ପ୍ରସାରଣ ବା ସଙ୍କୋଚନକୁ ବୁଝାଯାଏ। ଏହା ଯୋଗୁଁ ସମାନ ଯୋଗାଣ ରେଖା ଉପରେ ଚଳନ ହୋଇଥାଏ।

30. **ଯୋଗାଣରେ ପରିବର୍ତ୍ତନ / ଯୋଗାଣ ରେଖାର ସ୍ଥାନଚ୍ୟୁତି:** ଦ୍ରବ୍ୟର ଦର ଅପରିବର୍ତ୍ତିତ ରହି, ଏହାର ଯୋଗାଣରେ ବୃଦ୍ଧି କିମ୍ବା ହ୍ରାସକୁ ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ କୁହାଯାଏ। ଅଣଦର ନିର୍ଣ୍ଣାୟକ ସମୂହର ପରିବର୍ତ୍ତନ ଯୋଗୁଁ ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ଘଟିଥାଏ। ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ହେଲେ, ଯୋଗାଣ ରେଖାର ସ୍ଥାନଚ୍ୟୁତି ହୁଏ।

❑❑❑

## ଆଦର୍ଶ ପ୍ରଶ୍ନାବଳୀ

### 'କ' – ବିଭାଗ (Group A)

ବସ୍ତୁନିଷ୍ଠ ପ୍ରଶ୍ନ (ପ୍ରତ୍ୟେକର ମୂଲ୍ୟ 1 ନମ୍ବର)

1. (a) ଉତ୍ପାଦନର ପରିବର୍ତ୍ତନୀୟ ପରିବ୍ୟୟ କ'ଣ ?

(i) ଯନ୍ତ୍ରପାତିର ମୂଲ୍ୟ (ii) କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି

(iii) ଉତ୍ପାଦନ ସହିତ ବଦଳୁଥିବା ବ୍ୟୟ (iv) କାରଖାନା ଅଧିକୃତ ଜମି ଭଡ଼ା

(b) ବାସ୍ତବ ପରିବ୍ୟୟ ଅର୍ଥ କ'ଣ ?

(i) ହୋଇଥିବା ଖର୍ଚ୍ଚ ପରିମାଣ (ii) ଶ୍ରମିକଙ୍କ ପାଉଣା

(iii) ଭୋଗ କରିଥିବା କଷ୍ଟ ଓ ଅସୁବିଧା (iv) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

(c) କେଉଁ ପରିବ୍ୟୟ ରେଖା ଆନୁଭୂମିକ ଅଟେ ?

(i) ପରିବର୍ତ୍ତୀ ପରିବ୍ୟୟ (ii) ସ୍ଥିର ପରିବ୍ୟୟ

(iii) ସୀମାନ୍ତ ପରିବ୍ୟୟ (iv) ହାରାହାରି ପରିବ୍ୟୟ

(d) ଗୋଟିଏ ଦ୍ରବ୍ୟର 10 ଏକକ ଉତ୍ପାଦନ ହେଲେ ପରିବ୍ୟୟ 150 ଟଙ୍କା ଓ 11 ଏକକ ଉତ୍ପାଦନ କଲେ ପରିବ୍ୟୟ 200 ଟଙ୍କା । ସୀମାନ୍ତ ପରିବ୍ୟୟ କେତେ ?

(i) 150 ଟଙ୍କା (ii) 200 ଟଙ୍କା

(iii) 50 ଟଙ୍କା (iv) 250 ଟଙ୍କା

(e) କେଉଁ ପରିବ୍ୟୟକୁ ମୁଦ୍ରାରେ ମାପ କରାଯାଇ ପାରେନାହିଁ ?

(i) ମୁଦ୍ରାଗତ ପରିବ୍ୟୟ (ii) ଅର୍ଥନୈତିକ ପରିବ୍ୟୟ

(iii) ହିସାବଗତ ପରିବ୍ୟୟ (iv) ବାସ୍ତବ ପରିବ୍ୟୟ

(f) କାହାକୁ ପ୍ରଧାନ ପରିବ୍ୟୟ କୁହାଯାଏ ?

(i) ସ୍ଥାୟୀ ପରିବ୍ୟୟ (ii) ପରିବର୍ତ୍ତୀ ପରିବ୍ୟୟ

(iii) ମୋଟ ପରିବ୍ୟୟ (iv) ହାରାହାରି ପରିବ୍ୟୟ

(g) ଉତ୍ପାଦନ ବୃଦ୍ଧି ହେଲେ ହାରାହାରି ସ୍ଥିର ପରିବ୍ୟୟ–

(i) ବୃଦ୍ଧି ପାଏ (ii) ସମାନ ରହେ

(iii) ହ୍ରାସ ପାଏ (iv) ଶୂନ୍ୟ ହୁଏ

(h) ଉତ୍ପାଦନ ବୃଦ୍ଧି ପାଇଲେ ମୋଟ ସ୍ଥିର ପରିବ୍ୟୟ–

(i) ବୃଦ୍ଧି ପାଏ (ii) ହ୍ରାସ ପାଏ

(iii) ଅପରିବର୍ତ୍ତିତ ରହେ (iv) ଶୂନ୍ୟ ହୁଏ

(i) ଯୋଗାଣ ଓ ଦ୍ରବ୍ୟର ଦର ମଧ୍ୟରେ କେଉଁ ସମ୍ପର୍କ ଥାଏ ?

(i) ବିପରୀତମୁଖୀ ସମ୍ପର୍କ (ii) ପ୍ରତ୍ୟକ୍ଷ ସମ୍ପର୍କ

(iii) ବିପରୀତମୁଖୀ (iv) କୌଣସି ସମ୍ପର୍କ ନଥାଏ

(j) ଯେତେବେଳେ ସୀମାନ୍ତ ପରିବ୍ୟୟ ହାରାହାରି ଠାରୁ କମ୍, ସେତେବେଳେ ହାରାହାରି ପରିବ୍ୟୟ–

(i) ହ୍ରାସ ପାଏ (ii) ବୃଦ୍ଧି ପାଏ

(iii) ସ୍ଥିର ନୁହେଁ (iv) କୌଣସିଟି ନୁହେଁ

(k) ନିମ୍ନ ପ୍ରଦତ୍ତ ପରିବ୍ୟୟମାନଙ୍କ ମଧ୍ୟରୁ କେଉଁଟି ସୁବ୍ୟକ୍ତ ପରିବ୍ୟୟ ନୁହେଁ ?

(i) ଶ୍ରମିକଙ୍କ ମଜୁରି　　(ii) ସରକାରଙ୍କୁ ଦିଆଯାଉଥିବା ଟିକସ

(iii) ଯନ୍ତ୍ରପାତି ପାଇଁ ବ୍ୟୟ　　(iv) ଉଦ୍ୟୋକ୍ତାଙ୍କ ନିଜସ୍ୱ ନିୟୋଜିତ ପୁଞ୍ଜି

(l) ଅର୍ଥନୈତିକ ପରିବ୍ୟୟ କ'ଣ ?

(i) ହିସାବଭୁକ୍ତ ପରିବ୍ୟୟ　　(ii) ଲୁକ୍କାୟିତ ପରିବ୍ୟୟ

(iii) ହିସାବଭୁକ୍ତ ଓ ଲୁକ୍କାୟିତ ପରିବ୍ୟୟର ସମଷ୍ଟି

(iv) ଉପରଲିଖିତ କୌଣସିଟି ନୁହେଁ

m. ଗୋଟିଏ ଦ୍ରବ୍ୟର 10 ଏକକ ଉତ୍ପାଦିତ ହେଲେ ମୋଟ ଆୟ 400 ଟଙ୍କା ଓ ଉତ୍ପାଦିତ ଦ୍ରବ୍ୟ 11 ଏକକ ଉତ୍ପାଦିତ ହେଲେ ମୋଟ ଆୟ 420 ଟଙ୍କା, ସୀମାନ୍ତ ଆୟ କେତେ ?

(i) 10　　(ii) 20　　(iii) 400　　(iv) 420

n. ପ୍ରାନ୍ତୀୟ ପରିବ୍ୟୟ ପରିମାପ କରିବା ପାଇଁ କେଉଁ ସୂତ୍ର ବ୍ୟବହାର କରାଯାଏ ?

(i) ସୀମାନ୍ତ ପରିବ୍ୟୟ + ହାରାହାରି ପରିବ୍ୟୟ

(ii) (ମୋଟ ପରିବ୍ୟୟ$_n$) – (ମୋଟ ପରିବ୍ୟୟ$_{n-1}$)

(iii) ଦର × ମୋଟ ଉତ୍ପାଦ　　(iv) ମୋଟ ପରିବ୍ୟୟ – ହାରାହାରି ପରିବ୍ୟୟ

21. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ପ୍ରଦାନ କର ।

(a) ସ୍ୱଳ୍ପ କାଳରେ ଯୋଗାଣ ରେଖାର ଆକାର କିପରି ଥାଏ ?

(b) ପ୍ରାନ୍ତୀୟ ପରିବ୍ୟୟ କ'ଣ ?

(c) ପ୍ରତିଷ୍ଠାନର ମାଲିକ ସ୍ୱଅଧିକାରଭୁକ୍ତ ଏବଂ ସ୍ୱନିୟୋଜିତ ସାଧନଗୁଡ଼ିକର ପାରିଶ୍ରମିକ ବାବଦରେ ଯେଉଁ ଆୟ ପାଇବାକୁ ହକ୍‌ଦାର, ତାହାକୁ କ'ଣ କୁହାଯାଏ ?

(d) ହାରାହାରି ପରିବ୍ୟୟ ରେଖାର ଆକାର କିପରି ?

(e) ମେସିନ୍‌ର ଦାମ୍ କେଉଁ ପ୍ରକାର ପରିବ୍ୟୟ ?

(f) କାରଖାନା ଗୃହ ନିର୍ମାଣ ଖର୍ଚ୍ଚ କେଉଁ ପରିବ୍ୟୟ ?

(g) କଞ୍ଚାମାଲ ପାଇଁ ପାରଣା କେଉଁ ପ୍ରକାର ପରିବ୍ୟୟ ?

(h) ଅର୍ଥନୈତିକ ପରିବ୍ୟୟ କହିଲେ କ'ଣ ବୁଝ ?

(i) ଯୋଗାଣ ସୂତ୍ର ଉଲ୍ଲେଖ କର ।

(j) ଉତ୍ପାଦନର ସ୍ତର ବୃଦ୍ଧି ପାଇବା ସମୟରେ ଯେଉଁ ପରିବ୍ୟୟ ଅପରିବର୍ତ୍ତିତ ରହେ ତାହାର ନାମ କ'ଣ ?

2 II. ନିମ୍ନଲିଖିତ ଉକ୍ତିଗୁଡ଼ିକର ସଠିକତା ପରୀକ୍ଷା କର । ଆବଶ୍ୟକ ସ୍ଥଳେ ରେଖାଙ୍କିତ ଅଂଶର ପରିବର୍ତ୍ତନ ନକରି ସଂଶୋଧନ କର ।

(a) ଶ୍ରମିକ ମଜୁରି ପରିବର୍ତ୍ତୀ ପରିବ୍ୟୟରେ ଅନ୍ତର୍ଭୁକ୍ତ ହୋଇଥାଏ ।

(b) କୌଣସି ଦ୍ରବ୍ୟର ଦର ବୃଦ୍ଧି ହେଲେ ଯୋଗାଣର ପରିମାଣ ହ୍ରାସ ପାଏ ।

(c) ସ୍ଥିର ପରିବ୍ୟୟ ଦୀର୍ଘ କାଳରେ ଦୃଷ୍ଟିଗୋଚର ହୁଏ ।

(d) ପରିବର୍ତ୍ତୀ ପରିବ୍ୟୟକୁ ଅତିରିକ୍ତ ପରିବ୍ୟୟ କୁହାଯାଏ ।

(e) ସ୍ୱଳ୍ପକାଳୀନ ହାରାହାରି ପରିବ୍ୟୟ ରେଖା ଉଲମ୍ବ ଆକୃତି ହୋଇଥାଏ ।

(f) ଉତ୍ପାଦନ ବୃଦ୍ଧି ପାଇଲେ ମୋଟ ସ୍ଥାୟୀ ପରିବ୍ୟୟ ବୃଦ୍ଧି ପାଏ ।

(g) ପ୍ରଚ୍ଛନ୍ନ ପରିବ୍ୟୟ ହିସାବଗତ ପରିବ୍ୟୟର ଅନ୍ତର୍ଭୁକ୍ତ ହୋଇଥାଏ ।

(h) ସୀମାନ୍ତ ପରିବ୍ୟୟ ହାରାହାରି ପରିବ୍ୟୟ ଠାରୁ ଅଧିକ ହେଲେ ହାରାହାରି ପରିବ୍ୟୟ ବୃଦ୍ଧି ପାଏ ।

(i) ସୀମାନ୍ତ ପରିବ୍ୟୟ ହାରାହାରି ପରିବ୍ୟୟ ଠାରୁ କମ୍ ହେଲେ ହାରାହାରି ପରିବ୍ୟୟ ବୃଦ୍ଧି ପାଏ ।

(j) ବିରଳ ବସ୍ତୁର ଯୋଗାଣ ରେଖା ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ହୋଇଥାଏ ।

## ଖ - ବିଭାଗ (Group B)

(ପ୍ରତ୍ୟେକର ମୂଲ୍ୟ 2 ନମ୍ବର)

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ଦିଅ–

(a) ବାସ୍ତବ ପରିବ୍ୟୟ କ'ଣ ?

(b) ବିକଳ୍ପ ପରିବ୍ୟୟ କ'ଣ ?

(c) ଅବ୍ୟକ୍ତ ପରିବ୍ୟୟ କ'ଣ ?

(d) ସୁବ୍ୟକ୍ତ ପରିବ୍ୟୟ କ'ଣ ?

(e) ସୀମାନ୍ତ ପରିବ୍ୟୟ କ'ଣ ?

(f) ସୀମାନ୍ତ ଆୟ କିପରି ଆକଳନ କରାଯାଏ ?

(g) ଗୋଟିଏ ପ୍ରତିଷ୍ଠାନର ଆୟ କହିଲେ କ'ଣ ବୁଝାଏ ?

(h) ଯୋଗାଣ କ'ଣ ?

(i) ଯୋଗାଣ ସୂଚୀ କ'ଣ ?

(j) ହାରାହାରି ସ୍ଥିର ପରିବ୍ୟୟ କହିଲେ କ'ଣ ବୁଝ ?

(k) ଅର୍ଥନୈତିକ ପରିବ୍ୟୟ କ'ଣ ?

(l) ହାରାହାରି ପରିବର୍ତ୍ତୀ ପରିବ୍ୟୟ କହିଲେ କ'ଣ ବୁଝ ?

(m) ଯୋଗାଣ ପରିମାଣର ପରିବର୍ତ୍ତନ କହିଲେ କ'ଣ ବୁଝ ?

(n) ଯୋଗାଣର ପରିବର୍ତ୍ତନ କହିଲେ କ'ଣ ବୁଝ ?

(o) ଦୁର୍ଲଭ ଓ ବିରଳ ଦ୍ରବ୍ୟ କ୍ଷେତ୍ରରେ ଯୋଗାଣ ସୂତ୍ର କାହିଁକି କାର୍ଯ୍ୟ କରେ ନାହିଁ।

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 3 ନମ୍ବର)

4. ପାର୍ଥକ୍ୟ ଦର୍ଶାଅ ।

(a) ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ

(b) ମୁଦ୍ରାଗତ ପରିବ୍ୟୟ ଓ ବାସ୍ତବ ପରିବ୍ୟୟ

(c) ସୁବ୍ୟକ୍ତ ପରିବ୍ୟୟ ଓ ଅବ୍ୟକ୍ତ ପରିବ୍ୟୟ

(d) ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ପରିବ୍ୟୟ

(e) ହାରାହାରି ଆୟ ଓ ସୀମାନ୍ତ ଆୟ

(f) ମୋଟ ଆୟ ଓ ସୀମାନ୍ତ ଆୟ

(g) ବ୍ୟକ୍ତିଗତ ଯୋଗାଣ ଓ ବଜାର ଯୋଗାଣ

(h) ଯୋଗାଣର ପରିବର୍ତ୍ତନ ଓ ଯୋଗାଣ ପରିମାଣର ପରିବର୍ତ୍ତନ

5. ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

(a) ହାରାହାରି ପରିବ୍ୟୟ

(b) ହାରାହାରି ଆୟ

(c) ଯୋଗାଣ ସୂତ୍ର

(d) ବଜାର ଯୋଗାଣ

(e) ବିକଳ୍ପ ପରିବ୍ୟୟ

(f) ହାରାହାରି ପରିବ୍ୟୟ ଓ ପ୍ରାନ୍ତୀୟ ପରିବ୍ୟୟ ମଧ୍ୟରେ ସମ୍ପର୍କ

(g) ହାରାହାରି ଆୟ ଓ ପ୍ରାନ୍ତୀୟ ଆୟ ମଧ୍ୟରେ ସମ୍ପର୍କ

(h) ଯୋଗାଣର ପରିବର୍ତ୍ତନ

(i) ଅର୍ଥନୈତିକ ପରିବ୍ୟୟ

(j) ସ୍ଥିର ପରିବ୍ୟୟ

(k) ଅପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ହାରାହାରି ଆୟ ଓ ପ୍ରାନ୍ତୀୟ ଆୟ ମଧ୍ୟରେ ସମ୍ପର୍କ

(l) ଶ୍ରମର ଯୋଗାଣ

## ଗ- ବିଭାଗ (Group C) (ଦୀର୍ଘ ଉତ୍ତରମୂଳକ)

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 7½ ନମ୍ବର)

6. ସ୍ୱଳ୍ପକାଳୀନ ପରିବ୍ୟୟ ସମ୍ବନ୍ଧରେ ଆଲୋଚନା କର।

7. ସ୍ୱଳ୍ପକାଳୀନ ପରିବ୍ୟୟଗୁଡ଼ିକ କ'ଣ ଓ ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ମଧ୍ୟରେ ଥିବା ସମ୍ପର୍କ ଆଲୋଚନା କର।

8. ଆୟ କ'ଣ ? ବିଭିନ୍ନ ପ୍ରକାରର ଆୟ ସମ୍ବନ୍ଧରେ ଆଲୋଚନା କର।

9. ଯୋଗାଣ ସୂତ୍ର ବ୍ୟାଖ୍ୟା କର ଓ ତାହାର ବ୍ୟତିକ୍ରମଗୁଡ଼ିକ ଉଲ୍ଲେଖ କର।

10. ଯୋଗାଣ କ'ଣ ? ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକ-ଆଲୋଚନା କର।

❑❑❑

# ପଞ୍ଚମ ପରିଚ୍ଛେଦ

## ବଜାର

- ବଜାରର ଅର୍ଥ, ବଜାରର ଶ୍ରେଣୀ ବିଭାଗ, ଶୁଦ୍ଧ ପ୍ରତିଯୋଗିତା ଓ ପୂର୍ଣ୍ଣ ପ୍ରତିଯୋଗିତା, ପୂର୍ଣ୍ଣ ପ୍ରତିଯୋଗିତାରେ ଦର ନିର୍ଦ୍ଧାରଣ, ଚାହିଦା ଓ ଯୋଗାଣ ପରିବର୍ତ୍ତନର ଦର ଉପରେ ପ୍ରଭାବ

  ବଜାର ଦର ଓ ସ୍ୱାଭାବିକ ଦର

- ଏକାଧିକାର, ଏକାଧିକାରମୂଳକ ପ୍ରତିଯୋଗିତା ଓ ଅଳ୍ପାଧିକାରର ଅର୍ଥ ଓ ବୈଶିଷ୍ଟ୍ୟ

# ପଞ୍ଚମ ପରିଚ୍ଛେଦ

## ବଜାର (Market)

### 5.1 ବଜାରର ଅର୍ଥ

ସାଧାରଣ ଅର୍ଥରେ ବଜାର କହିଲେ ଦ୍ରବ୍ୟ କ୍ରୟ ବିକ୍ରୟ ହେଉଥିବା ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ବୁଝାଏ । ଏହି ମର୍ମରେ ଆମେ ସ୍ଥାନୀୟ ବଜାର, ରାଷ୍ଟ୍ରୀୟ ବଜାର ବା ଆନ୍ତଃରାଷ୍ଟ୍ରୀୟ ବଜାର ବିଷୟରେ କହୁ । ମାତ୍ର ଅର୍ଥଶାସ୍ତ୍ରରେ ବଜାରର ଅର୍ଥ ଏକ ନିର୍ଦ୍ଦିଷ୍ଟ ସ୍ଥାନ ବା ଭୌଗୋଳିକ ଅଞ୍ଚଳ ମଧ୍ୟରେ ସୀମିତ ନୁହେଁ । ଏହାକୁ ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ ସହ ସମ୍ପୃକ୍ତ କରି ପ୍ରକାଶ କରାଯାଇଥାଏ । ଏହି ଅର୍ଥରେ ଆମେ ମାଛ ବଜାର, ପରିବା ବଜାର, ଅଂଶଧନ ବଜାର ଆଦି କହିଥାଉ । ଏସବୁ କ୍ଷେତ୍ରରେ ଗୋଟିଏ ଦ୍ରବ୍ୟର କ୍ରେତା, ବିକ୍ରେତା ବିଭିନ୍ନ ସ୍ଥାନରେ ରହି ମଧ୍ୟ ଏହାର କ୍ରୟ, ବିକ୍ରୟ କରିପାରନ୍ତି । ଏଥିପାଇଁ ସେମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହେବା ନିହାତି ଜରୁରୀ । ଏହି ସମ୍ପର୍କ ପ୍ରତ୍ୟକ୍ଷଭାବେ କିମ୍ବା ପରୋକ୍ଷଭାବେ ସ୍ଥାପନ କରାଯାଇପାରେ । ଆଜିକାଲି ଦୂରଭାଷ, ବେତାର, ବିଭିନ୍ନ ଗଣମାଧ୍ୟମ ଏବଂ ଇଣ୍ଟରନେଟ ଇତ୍ୟାଦିକୁ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ପରୋକ୍ଷ ସମ୍ପର୍କ ସ୍ଥାପନର ମାଧ୍ୟମ ରୂପେ ବ୍ୟବହାର କରାଯାଉଛି । ତେଣୁ ବଜାର କହିଲେ, କ୍ରେତା-ବିକ୍ରେତାଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରାଯାଇ କୌଣସି ଦ୍ରବ୍ୟର କ୍ରୟ-ବିକ୍ରୟ କରାଯିବାକୁ ହିଁ ବୁଝାଯାଏ । ଅନ୍ୟ ଅର୍ଥରେ, ଯେଉଁ ଆନୁଷ୍ଠାନିକ ବ୍ୟବସ୍ଥା ମାଧ୍ୟମରେ କୌଣସି ଦ୍ରବ୍ୟର କ୍ରେତା-ବିକ୍ରେତାଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରାଯାଇ ଏହାର ବିନିମୟ ସମ୍ଭବ ହୋଇଥାଏ, ତାହାକୁ ବଜାର କୁହାଯାଏ । ଜନ୍ ଏସ୍.ମିଲଙ୍କ ଭାଷାରେ, "ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିବା କ୍ରେତା-ବିକ୍ରେତା ଗୋଷ୍ଠୀକୁ ନେଇ ବଜାର ଗଠିତ ଯଦ୍ୱାରା ସେମାନଙ୍କ ମଧ୍ୟରେ ବିନିମୟ ସଂଘଟିତ ହୋଇଥାଏ ।"

ସୁତରାଂ ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ, ଏହାର କ୍ରେତା ଓ ବିକ୍ରେତା ଏବଂ ଦ୍ରବ୍ୟଟିର ବିନିମୟ ପାଇଁ ସେମାନଙ୍କ ମଧ୍ୟରେ ପାରସ୍ପରିକ ଘନିଷ୍ଠ ସମ୍ପର୍କ, ଅର୍ଥଶାସ୍ତ୍ରରେ ବଜାରର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟମାନ ଅଟେ । କ୍ରେତା-ବିକ୍ରେତାମାନଙ୍କ ପାରସ୍ପରିକ ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠା ଦ୍ୱାରା ଦ୍ରବ୍ୟର ବିନିମୟ ପାଇଁ ଯେକୌଣସି ଫଳପ୍ରଦ ବ୍ୟବସ୍ଥା ଅର୍ଥଶାସ୍ତ୍ରରେ ବଜାରର ସଂଜ୍ଞା ପ୍ରଦାନ କରିଥାଏ ।

### 5.2 ବଜାରର ଶ୍ରେଣୀ ବିଭାଗ (Classification of Markets)

ଅର୍ଥଶାସ୍ତ୍ରୀମାନେ ବିଭିନ୍ନ ମାନଦଣ୍ଡକୁ ଭିତ୍ତିକରି ବଜାରର ଶ୍ରେଣୀ ବିଭାଗ କରିଛନ୍ତି । ବଜାର ଶ୍ରେଣୀ ବିଭାଗର କେତୋଟି ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

1. **କ୍ରେତା ଓ ବିକ୍ରେତାଙ୍କ ସଂଖ୍ୟା ଓ ପ୍ରତିଯୋଗିତାର ମାତ୍ରା :** ଦ୍ରବ୍ୟର କ୍ରେତା ଓ ବିକ୍ରେତାମାନଙ୍କ ସଂଖ୍ୟା ଓ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ବଜାରର ଆକାର ଓ ପ୍ରକୃତିକୁ ପ୍ରଭାବିତ କରିଥାଏ। ବଜାରରେ ଗୋଟିଏ ଦ୍ରବ୍ୟର ଅନେକ ବିକ୍ରେତା ଥିଲେ, ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାର ମାତ୍ରା ଅଧିକ ହୋଇଥାଏ। ସେ କ୍ଷେତ୍ରରେ ଦ୍ରବ୍ୟର ଦର ଉପରେ ବିକ୍ରେତାଙ୍କର ବ୍ୟକ୍ତିଗତ ପ୍ରଭାବ ଅତି ନଗଣ୍ୟ ମନେହୁଏ। ମାତ୍ର ଯଦି ଦ୍ରବ୍ୟର ଜଣେ କିମ୍ବା ଅଳ୍ପସଂଖ୍ୟକ ବିକ୍ରେତା ଥାନ୍ତି ତେବେ ବିକ୍ରେତାମାନଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ବହୁମାତ୍ରାରେ ଏହାର ବଜାର ଦରକୁ ନିୟନ୍ତ୍ରଣ କରିଥାଏ। ସେହିପରି ଦ୍ରବ୍ୟ କ୍ରୟ କରିବା ପାଇଁ ଅନେକ କ୍ରେତା ଥିଲେ ଦ୍ରବ୍ୟଟିର ଦର ଅଧିକ ହୋଇଥାଏ; ମାତ୍ର କ୍ରେତାଙ୍କର ସଂଖ୍ୟା ଅଳ୍ପ ହୋଇଥିଲେ ଦର କମ୍ ହୋଇଥାଏ। କ୍ରେତା ଓ ବିକ୍ରେତାଙ୍କର ସଂଖ୍ୟା ଅଧିକ ହୋଇଥିଲେ ବଜାରର ଆକାର ବଡ଼ ହୋଇଥାଏ। ତେଣୁ କ୍ରେତା ଓ ବିକ୍ରେତାଙ୍କ ସଂଖ୍ୟା ଓ ତଜ୍ଜନିତ ପ୍ରତିଯୋଗିତାର ମାତ୍ରାକୁ ଭିତ୍ତିକରି ବଜାରକୁ ବିଭିନ୍ନ ଶ୍ରେଣୀଭୁକ୍ତ କରାଯାଇପାରେ।

2. **ଦ୍ରବ୍ୟର ପ୍ରକୃତି:** ବିକ୍ରୟ ହେଉଥିବା ଦ୍ରବ୍ୟର ପ୍ରକୃତି ଏହାର ବଜାରର ଆକାର ଓ ଦରକୁ ପ୍ରଭାବିତ କରେ। ଯଦି ଦ୍ରବ୍ୟର ସମସ୍ତ ଏକକ ଅଭିନ୍ନ ବା ସମଜାତୀୟ ହୋଇଥାଏ ତେବେ ସେ ସବୁର ବଜାରଦର ସମାନ ହୋଇଥାଏ। କାରଣ ଏକ ପ୍ରକାର ଦ୍ରବ୍ୟକୁ ଗୋଟିଏ ବଜାରରେ ଭିନ୍ନ ଭିନ୍ନ ଦରରେ ବିକ୍ରି କରିବା କଷ୍ଟକର। କିନ୍ତୁ ଦ୍ରବ୍ୟଗୁଡ଼ିକ ଭିନ୍ନ ଜାତୀୟ ହୋଇଥିଲେ ସେଗୁଡ଼ିକର ବଜାରଦର ଭିନ୍ନ ହେବା ସ୍ୱାଭାବିକ। ସେହିପରି ଦ୍ରବ୍ୟଟି ନିତ୍ୟ ବ୍ୟବହାର୍ଯ୍ୟ ଓ ବହୁକାଳ ସ୍ଥାୟୀ ହୋଇଥିଲେ ଏହାର ବଜାର ବ୍ୟାପକ ହୋଇଥାଏ। ମାତ୍ର ପଚନଶୀଳ ଦ୍ରବ୍ୟର ବଜାର ସୀମିତ ହୋଇଥାଏ। ତେଣୁ ଦ୍ରବ୍ୟର ପ୍ରକୃତିକୁ ଆଧାରକରି ବଜାରକୁ ବିଭିନ୍ନ ଶ୍ରେଣୀଭୁକ୍ତ କରାଯାଇଥାଏ।

3. **ଦ୍ରବ୍ୟ ଓ ଉତ୍ପାଦନ ସାଧନର ଗତିଶୀଳତା:** ଦ୍ରବ୍ୟ ଗୁଡ଼ିକର ବଜାର ମଧ୍ୟରେ ଅବାଧ ଚଳପ୍ରଚଳ ଏହାର ବଜାର ଦରରେ ସ୍ଥିରତା ଆଣିଥାଏ। ସେହିପରି ଉତ୍ପାଦନ ସାଧନ ଗୁଡ଼ିକର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରେ କିମ୍ବା ବିଭିନ୍ନ ବଜାର ମଧ୍ୟରେ ଅବାଧ ଗତି, ପ୍ରତିଷ୍ଠାନ ମାନଙ୍କଦ୍ୱାରା ଉତ୍ପାଦିତ ଦ୍ରବ୍ୟର ପରିବ୍ୟୟରେ ସମାନତା ଆଣିବାର ପ୍ରବୃତ୍ତି ସୃଷ୍ଟି କରିଥାଏ। ବଜାର ଦର ନିର୍ଦ୍ଧାରଣରେ ଉତ୍ପାଦନ ପରିବ୍ୟୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଦ୍ରବ୍ୟ ଏବଂ ଉତ୍ପାଦନ ସାଧନର ଅବାଧ ଗତିଶୀଳତା ଦ୍ରବ୍ୟର ବଜାରଦର ତଥା ବଜାରର ପ୍ରକୃତିକୁ ପ୍ରଭାବିତ କରିଥାଏ।

4. **ବଜାର ସମ୍ବନ୍ଧୀୟ ଜ୍ଞାନ:** କ୍ରେତା ଓ ବିକ୍ରେତାଙ୍କ ବଜାର ସମ୍ପର୍କୀୟ ଜ୍ଞାନ ବଜାର ଦରକୁ ପ୍ରଭାବିତ କରିପାରେ। ଉଦାହରଣ ସ୍ୱରୂପ ଦ୍ରବ୍ୟର ଗୁଣ ଏବଂ ଦର ସମ୍ପର୍କରେ କ୍ରେତାମାନଙ୍କର

ପ୍ରତ୍ୟକ୍ଷ ଜ୍ଞାନ ଥିଲେ ସେମାନେ ପ୍ରଚଳିତ ଦରଠାରୁ ଅଧିକ ଦେବାକୁ ଦ୍ୱିଧାବୋଧ କରିଥାନ୍ତି । ସେ କ୍ଷେତ୍ରରେ ଦ୍ରବ୍ୟର ସମସ୍ତ ଏକକ ସମାନ ଦରରେ ବିକ୍ରି ହୋଇଥାଏ । କ୍ରେତାମାନଙ୍କର ଅଜ୍ଞତାରୁ ବିକ୍ରେତାମାନେ ଫାଇଦା ଉଠାଇଥାନ୍ତି । ସେହିପରି ଉତ୍ପାଦନ ସାଧନ ଓ ଏହାର ମୂଲ୍ୟ ସମ୍ପର୍କରେ ସମସ୍ତ ଉତ୍ପାଦନକାରୀ ଅବଗତ ଥିଲେ ଦ୍ରବ୍ୟର ଉତ୍ପାଦନ ପରିବ୍ୟୟ ତଥା ଏହାର ବଜାର ଦର ମଧ୍ୟ ସମାନ ହୁଏ । ତେଣୁ ଉତ୍ପାଦିତ ଦ୍ରବ୍ୟର ଦର ଏବଂ ଏହାର ଉତ୍ପାଦନ ସାଧନର ମୂଲ୍ୟ ସମ୍ପର୍କରେ ଜ୍ଞାନ ବଜାରର ପ୍ରକୃତିକୁ ପ୍ରଭାବିତ କରିଥାଏ ।

5. **ପ୍ରବେଶ ଓ ପ୍ରସ୍ଥାନରେ ସ୍ୱାଧୀନତା:** ପ୍ରତିଷ୍ଠାନମାନଙ୍କର ବଜାରକୁ ଅବାଧ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ରବ୍ୟର ଯୋଗାଣ ପରିମାଣକୁ ପ୍ରଭାବିତ କରେ । ସେହିପରି କ୍ରେତାମାନଙ୍କର ପ୍ରବେଶ ଓ ପ୍ରସ୍ଥାନ ଚାହିଦା ପରିମାଣକୁ ପ୍ରଭାବିତ କରିଥାଏ । କ୍ରେତା ଓ ବିକ୍ରେତାଙ୍କର ଅବାଧ ପ୍ରବେଶ ଓ ପ୍ରସ୍ଥାନ ହେତୁ ଦର ସନ୍ତୁଳିତ, ସମାନ ଏବଂ ସ୍ଥିର ରହିଥାଏ । ଏହା ଫଳରେ କ୍ରେତା ଓ ସମସ୍ତ ପ୍ରତିଷ୍ଠାନ କେବଳ ସ୍ୱାଭାବିକ ଲାଭ ପାଇବାରେ ସକ୍ଷମ ହୋଇଥାନ୍ତି । ଅନ୍ୟପକ୍ଷରେ, ପ୍ରତିଷ୍ଠାନମାନଙ୍କର ବଜାର ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଥିଲେ, ଉପସ୍ଥିତ ପ୍ରତିଷ୍ଠାନମାନେ ଅସ୍ୱାଭାବିକ ଲାଭ ପାଇଥାନ୍ତି କିମ୍ବା କ୍ଷତି ସହିବାକୁ ବାଧ୍ୟ ହୋଇଥାନ୍ତି । ତେଣୁ କ୍ରେତା ଓ ବିକ୍ରେତାମାନଙ୍କର ପ୍ରବେଶ ଓ ପ୍ରସ୍ଥାନର ସ୍ୱାଧୀନତା ଦ୍ରବ୍ୟର ଦର ଓ ଏହାର ବଜାରର ପ୍ରକୃତି ନିରୂପଣ କରିଥାଏ ।

ଉପରୋକ୍ତ ପୃଷ୍ଠଭୂମିକୁ ଆଧାର କରି ବଜାରକୁ ମୁଖ୍ୟତଃ ପାଞ୍ଚୋଟି ଶ୍ରେଣୀଭୁକ୍ତ କରାଯାଇପାରେ । ସେଗୁଡ଼ିକ ହେଲା:

1. ପୂର୍ଣ୍ଣ ପ୍ରତିଯୋଗିତା (Perfect Competition)
2. ଶୁଦ୍ଧ ପ୍ରତିଯୋଗିତା (Pure Competition)
3. ଏକାଧିକାର (Monopoly)
4. ଏକାଧିକାରମୂଳକ ପ୍ରତିଯୋଗିତା (Monopolistic Competition)
5. ଅଳ୍ପାଧିକାର (Oligopoly)

ନିମ୍ନରେ ଏହି ବଜାରଗୁଡ଼ିକ ବିଷୟରେ ସଂକ୍ଷେପରେ ଆଲୋଚନା କରାଯାଇଛି ।

5.2.1 **ପୂର୍ଣ୍ଣ ପ୍ରତିଯୋଗିତା:** ଯେଉଁ ବଜାରରେ ବହୁ ସଂଖ୍ୟକ କ୍ରେତା ଓ ବିକ୍ରେତା ଏକ ସମଜାତୀୟ ଦ୍ରବ୍ୟକୁ ଏକ ନିର୍ଦ୍ଦିଷ୍ଟ ଦରରେ କିଣାବିକା ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଥାନ୍ତି ତାହାକୁ ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାର କୁହାଯାଏ। ଏଠାରେ ଉପସ୍ଥିତ ଥିବା କ୍ରେତା, ବିକ୍ରେତାଙ୍କ ସଂଖ୍ୟା ଏତେ ଅଧିକ ଯେ ସେମାନେ ବ୍ୟକ୍ତିଗତଭାବେ ଦ୍ରବ୍ୟର ପ୍ରଚଳିତ ଦରକୁ ତିଳେମାତ୍ର ପ୍ରଭାବିତ କରିପାରନ୍ତି ନାହିଁ। ଏ ପ୍ରକାର ସ୍ଥିତିରେ କ୍ରେତା-ବିକ୍ରେତାଙ୍କ ମଧ୍ୟରେ କୌଣସି ପ୍ରକାରର ଅନୁରକ୍ତି ବା ଆନୁଗତ୍ୟ ନ ଥାଏ। ସେମାନେ ବଜାର ସମ୍ବନ୍ଧୀୟ ସମସ୍ତ ଖବର ଜାଣିଥାନ୍ତି। ସେଥିପାଇଁ ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାରକୁ ଏକ ଆଦର୍ଶ ବଜାର ମଧ୍ୟ କୁହାଯାଏ। ଏଭଳି ଏକ ବଜାର ବ୍ୟବସ୍ଥା ବାସ୍ତବ ଜଗତରେ ପ୍ରାୟ ଦେଖିବାକୁ ମିଳେ ନାହିଁ।

ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାର ବ୍ୟବସ୍ଥାର କେତୋଟି ପ୍ରମୁଖ ବୈଶିଷ୍ଟ୍ୟ ନିମ୍ନରେ ଆଲୋଚନା କରାଯାଉଛି।

1. **ବହୁସଂଖ୍ୟକ କ୍ରେତା ଏବଂ ବିକ୍ରେତାଙ୍କ ଉପସ୍ଥିତି:** ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର ବହୁସଂଖ୍ୟକ କ୍ରେତା ଓ ବିକ୍ରେତା ଥାନ୍ତି। ସେମାନଙ୍କ ସଂଖ୍ୟା ଏତେ ଅଧିକ ଯେ କୌଣସି କ୍ରେତା ବା ବିକ୍ରେତା ନିଜର ବ୍ୟକ୍ତିଗତ ପ୍ରଭାବ ଯୋଗୁଁ ଦ୍ରବ୍ୟର ପ୍ରଚଳିତ ଦରରେ ସାମାନ୍ୟତମ ପରିବର୍ତ୍ତନ ମଧ୍ୟ ଆଣିପାରନ୍ତି ନାହିଁ। ବଜାରରେ ସେମାନଙ୍କର ବ୍ୟକ୍ତିଗତ ପ୍ରଭାବ ସମୁଦ୍ରକୁ ଶଙ୍ଖେ ସଦୃଶ ଅଟେ। ବଜାରରେ ପ୍ରଚଳିତ ଦରକୁ ଗ୍ରହଣ କରି ସେମାନେ କେବଳ କ୍ରୟ ବିକ୍ରୟର ପରିମାଣ ସ୍ଥିର କରିଥାନ୍ତି। ଏଠାରେ ଜଣେ ବିକ୍ରେତା ବା ଗୋଟିଏ ପ୍ରତିଷ୍ଠାନ କେବଳ ଦ୍ରବ୍ୟର ଦର ଗ୍ରହଣକାରୀ, ମାତ୍ର ଏହାର ଦର ନିର୍ଦ୍ଧାରକ ନୁହଁନ୍ତି।

2. **ସମଜାତୀୟ ଦ୍ରବ୍ୟ:** ପୂର୍ଣ୍ଣ ପ୍ରତିଯୋଗିତାରେ ପ୍ରତ୍ୟେକ ପ୍ରତିଷ୍ଠାନ ଅଭିନ୍ନ ବା ସମଜାତୀୟ ଦ୍ରବ୍ୟ ଉତ୍ପାଦନ କରିଥାନ୍ତି। ପ୍ରତିଷ୍ଠାନମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ପରସ୍ପରର ସମ୍ପୂର୍ଣ୍ଣ ବିକଳ୍ପ ବା ପ୍ରତିସ୍ଥାପନକ୍ଷମ ଅଟନ୍ତି। ତେଣୁ କ୍ରେତାମାନେ ଯେ କେହି ବିକ୍ରେତାଙ୍କଠାରୁ ଦ୍ରବ୍ୟ କ୍ରୟ କରିପାରନ୍ତି।

3. **ଅବାଧ ପ୍ରବେଶ ଓ ପ୍ରସ୍ଥାନ:** ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରୟ କରୁଥିବା ପ୍ରତିଷ୍ଠାନମାନଙ୍କର ବଜାରରେ ପ୍ରବେଶ ଓ ପ୍ରସ୍ଥାନ ଉପରେ କୌଣସି କଟକଣା ନ ଥାଏ। ଯଦି ଉପସ୍ଥିତ ବିକ୍ରେତାମାନେ ଅସ୍ୱାଭାବିକ ଲାଭ କରିବା ଆରମ୍ଭ କରନ୍ତି ତେବେ ନୂତନ ପ୍ରତିଷ୍ଠାନମାନ ଅବାଧରେ ବଜାର ମଧ୍ୟକୁ ପ୍ରବେଶ କରିଥାନ୍ତି। ବିକ୍ରେତାଙ୍କ ସଂଖ୍ୟା ଅଧିକ ହେଲେ ଦ୍ରବ୍ୟର ଯୋଗାଣ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ତୀବ୍ର ହୁଏ। ଫଳରେ ଦ୍ରବ୍ୟର ଦର ଓ ଲାଭ ସ୍ୱାଭାବିକ ସ୍ତରକୁ ଖସିଆସେ। ସେହିପରି କ୍ଷତିକାଳରେ,

ବିକ୍ରେତାମାନେ ଅନ୍ୟତ୍ର ଲାଭ ଆଶାରେ ବିନା ପ୍ରତିବନ୍ଧକରେ ବଜାର ପରିତ୍ୟାଗ କରିଥାନ୍ତି। ଏହା ଦ୍ରବ୍ୟର ଯୋଗାଣ ପରିମାଣ ହ୍ରାସ କରି ଏହାର ଦର ବୃଦ୍ଧି କରାଏ। ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାରରେ ପ୍ରତିଷ୍ଠାନ ମାନଙ୍କର ପ୍ରବେଶ ବା ପ୍ରସ୍ଥାନ ପ୍ରକ୍ରିୟା ଉପସ୍ଥିତ ସମସ୍ତ ବିକ୍ରେତା ସ୍ୱାଭାବିକ ଲାଭ ପାଇବା ପର୍ଯ୍ୟନ୍ତ ଚାଲିଥାଏ।

ଏଠାରେ ପ୍ରଣିଧାନଯୋଗ୍ୟ ଯେ ପ୍ରତିଷ୍ଠାନମାନଙ୍କର ଅବାଧ ପ୍ରବେଶ ଏବଂ ପ୍ରସ୍ଥାନ ପ୍ରକ୍ରିୟା କେବଳ ଦୀର୍ଘକାଳରେ ହିଁ ସମ୍ଭବପର ହୋଇଥାଏ। ସ୍ୱଳ୍ପକାଳରେ କ୍ଷତି ସହୁଥିବା ପ୍ରତିଷ୍ଠାନ ଗୁଡ଼ିକର ବଜାର ପରିତ୍ୟାଗ କରିବାର ପ୍ରବୃତ୍ତି ଥିଲେ ମଧ୍ୟ ପ୍ରକୃତରେ ବହୁବେଳେ ସେମାନେ ତାହା କରିପାରନ୍ତି ନାହିଁ।

4. **ବଜାର ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ:** ସମ୍ପୂର୍ଣ୍ଣ ପ୍ରତିଯୋଗିତାରେ କ୍ରେତା, ବିକ୍ରେତା ମାନଙ୍କର ବଜାର ସମ୍ବନ୍ଧୀୟ ସମସ୍ତ ଧାରଣା ଥାଏ। ପ୍ରଚଳିତ ଦର ଓ ଦ୍ରବ୍ୟର ପରିମାଣ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅବଗତ ଥାନ୍ତି। ଫଳରେ କୌଣସି ବିକ୍ରେତା, ଅନ୍ୟ ବିକ୍ରେତା ତୁଳନାରେ ଦ୍ରବ୍ୟର ପ୍ରଚଳିତ ଦରଠାରୁ ଅଧିକ ଦାବି କରିପାରେ ନାହିଁ। ଏହାଦ୍ୱାରା ଏକ ନିର୍ଦ୍ଦିଷ୍ଟ ସମୟରେ ବଜାରରେ ଦ୍ରବ୍ୟଟି ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରି ହୋଇଥାଏ।

5. **ଉତ୍ପାଦନ ସାଧନଗୁଡ଼ିକର ପୂର୍ଣ୍ଣ ଗତିଶୀଳତା:** ପୂର୍ଣ୍ଣ ପ୍ରତିଯୋଗିତାରେ ଉତ୍ପାଦନ ସାଧନଗୁଡ଼ିକ ଗୋଟିଏ ବ୍ୟବସାୟ ବା ପ୍ରତିଷ୍ଠାନରୁ ଅନ୍ୟ ଏକ ବ୍ୟବସାୟ ବା ପ୍ରତିଷ୍ଠାନକୁ ଅବାଧରେ ଚଳପ୍ରଚଳ କରିପାରନ୍ତି। ଏହାଦ୍ୱାରା ଉତ୍ପାଦନ ସାଧନ ଗୁଡ଼ିକର ପାରିତୋଷିକ ସର୍ବତ୍ର ସମାନ ହୋଇଥାଏ। ଏହା ସମସ୍ତ ପ୍ରତିଷ୍ଠାନମାନଙ୍କର ହାରାହାରି ଉତ୍ପାଦନ ପରିବ୍ୟୟ ସମାନ କରିବା ସଙ୍ଗେ ସଙ୍ଗେ, ସେମାନଙ୍କୁ କୌଣସି ନୂତନ ଦ୍ରବ୍ୟ ଉତ୍ପାଦନ କରି ଅନ୍ୟ ଏକ ବଜାରରେ ପ୍ରବେଶ କରିବାକୁ ସମର୍ଥ କରାଏ।

6. **ପରିବହନ ପରିବ୍ୟୟର ଅନୁପସ୍ଥିତି :** ସମ୍ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ଉଭୟ ପ୍ରତିଷ୍ଠାନ ଓ କ୍ରେତା ପରସ୍ପରର ନିକଟତର ଓ ଘନିଷ୍ଠ ଥାନ୍ତି। ଏହା ଫଳରେ ବଜାର ଠାରୁ ଏମାନଙ୍କର ସ୍ଥାନଗତ ଦୂରତା ଏତେ କମ୍ ହୋଇଯାଏ ଯେ ଦ୍ରବ୍ୟର ପରିବହନ ପାଇଁ ବ୍ୟୟ ଆବଶ୍ୟକ ହୁଏ ନାହିଁ।

7. **କ୍ରେତା ଓ ବିକ୍ରେତା ମଧ୍ୟରେ ଆସକ୍ତିର ଅଭାବ:** ଏଭଳି ବଜାର ବ୍ୟବସ୍ଥାରେ କ୍ରେତା-ବିକ୍ରେତାଙ୍କ ମଧ୍ୟରେ କୌଣସି ଆସକ୍ତି ନଥାଏ। ଅନ୍ୟ ଅର୍ଥରେ, ଏକ ନିର୍ଦ୍ଦିଷ୍ଟ ବିକ୍ରେତାର ଦ୍ରବ୍ୟ ପାଇଁ କ୍ରେତାମାନଙ୍କର କୌଣସି ସ୍ୱତନ୍ତ୍ର ଅନୁରାଗ ବା ଅଗ୍ରାଧିକାର ନ ଥାଏ।

8. **ଗୋଟିଏ ଦର:** ପୂର୍ଣ୍ଣ ପ୍ରତିଯୋଗିତାରେ ଉତ୍ପାଦିତ ଦ୍ରବ୍ୟର ଦର ସବୁଠାରେ ସମାନ ଥାଏ। ଦ୍ରବ୍ୟର ଦର ବଜାରର ଚାହିଦା ଏବଂ ଯୋଗାଣର ସନ୍ତୁଳନରୁ ସ୍ଥିର କରାଯାଇଥାଏ। ବିକ୍ରେତାମାନେ ଦ୍ରବ୍ୟର ପ୍ରଚଳିତ ବଜାର ଦରକୁ ବିଚାର କରି ନିଜ ନିଜର ଉତ୍ପାଦନ ପରିମାଣ ସ୍ଥିର କରିଥାନ୍ତି। ସେହିପରି କ୍ରେତାମାନେ ଦରକୁ ଦୃଷ୍ଟିରେ ରଖି କ୍ରୟ ପରିମାଣ ନିଷ୍ପତ୍ତି କରିଥାନ୍ତି। ଉଭୟ କ୍ରେତା ଓ ବିକ୍ରେତା ବ୍ୟକ୍ତିଗତ ଭାବେ ପ୍ରଚଳିତ ଦରକୁ କୌଣସି ରୂପରେ ପ୍ରଭାବିତ କରିପାରନ୍ତି ନାହିଁ। ସେଥିପାଇଁ ଏହି ବଜାର ବ୍ୟବସ୍ଥାରେ ଦ୍ରବ୍ୟର ଚାହିଦା ରେଖା ସମ୍ପୂର୍ଣ୍ଣ ନମନୀୟ ହୋଇଥାଏ।

ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାରରେ, ଦ୍ରବ୍ୟର ଦର ସର୍ବଦା ବଜାର ଚାହିଦା ଓ ଯୋଗାଣ ଉପରେ ନିର୍ଭରଶୀଳ। ବଜାର ଚାହିଦା ଓ ଯୋଗାଣର ଅବାଧ ପାରସ୍ପରିକ ପ୍ରକ୍ରିୟା ଦ୍ୱାରା ସେମାନଙ୍କର ପରିମାଣ ସମାନ ହୋଇ ଦ୍ରବ୍ୟର ସନ୍ତୁଳିତ ଦର (Equilibrium price) ନିର୍ଦ୍ଧାରିତ ହୋଇଥାଏ। ତେଣୁ ଚାହିଦା ଓ ଯୋଗାଣକୁ ବଜାର ଶକ୍ତି କୁହାଯାଏ।

**5.2.2 ଶୁଦ୍ଧ ପ୍ରତିଯୋଗିତା:** ଆମେରିକୀୟ ଅର୍ଥଶାସ୍ତ୍ରୀ ଇ.ଏଚ୍. ଚେମ୍ବରଲିନ୍ ଶୁଦ୍ଧ ପ୍ରତିଯୋଗିତା ମୂଳକ ବଜାର ସମ୍ପର୍କରେ ଧାରଣା ଦେଇଥିଲେ। ତାଙ୍କ ମତରେ, ଶୁଦ୍ଧ ପ୍ରତିଯୋଗିତା ହେଉଛି ଏକ ଏକାଧିକାର ଉପାଦାନ ରହିତ ବଜାର ବ୍ୟବସ୍ଥା। ସାଧାରଣତଃ ଏକାଧିକାର ଉପାଦାନର ଉପସ୍ଥିତି ମାଧ୍ୟମରେ ବିକ୍ରେତା ଦ୍ରବ୍ୟର ବଜାର ଦରକୁ ନିୟନ୍ତ୍ରଣ କରିଥାଏ। ତେଣୁ ଯେଉଁ ବଜାର ବ୍ୟବସ୍ଥାରେ ବିକ୍ରେତାମାନଙ୍କର ଦ୍ରବ୍ୟର ଦର ଉପରେ କୌଣସି ପ୍ରକାର ନିୟନ୍ତ୍ରଣ ନ ଥାଏ ତାହାକୁ ଶୁଦ୍ଧ ପ୍ରତିଯୋଗିତା କୁହାଯାଏ। ଅର୍ଥାତ୍ ଶୁଦ୍ଧ ପ୍ରତିଯୋଗିତା ଉତ୍ପାଦିତ ଦ୍ରବ୍ୟର ଦର ଉପରେ ଅନିୟନ୍ତ୍ରଣକୁ ବୁଝାଇଥାଏ। ଏଥିପାଇଁ ଖୁବ୍ କମ୍‌ରେ ତିନିଟି ସର୍ତ୍ତ ପୂରଣ ହେବା ଆବଶ୍ୟକ।


1. ବଜାରରେ ଦ୍ରବ୍ୟର ବହୁସଂଖ୍ୟକ କ୍ରେତା ଓ ବିକ୍ରେତା ଥିବେ।
2. ସେମାନଙ୍କର ବଜାର ପ୍ରବେଶ ଓ ପ୍ରସ୍ଥାନ ଅବାଧ ହୋଇଥିବ। ଏହାଦ୍ୱାରା କୌଣସି ବିକ୍ରେତା ବ୍ୟକ୍ତିଗତ ଭାବରେ ଦ୍ରବ୍ୟର ଦରକୁ ପ୍ରଭାବିତ କରିପାରନ୍ତି ନାହିଁ।
3. ଉତ୍ପାଦିତ ଦ୍ରବ୍ୟଟି କ୍ରେତାଙ୍କ ଦୃଷ୍ଟିରେ ସମ୍ପୂର୍ଣ୍ଣଭାବେ ଅଭିନ୍ନ ବା ସମଜାତୀୟ ହେବା ଆବଶ୍ୟକ।

ଉପରୋକ୍ତ ତିନିଟି ସର୍ତ୍ତ ବ୍ୟତୀତ ଅନ୍ୟ କେତେକ ସର୍ତ୍ତ ଯଥା ବଜାର ସମ୍ପର୍କୀୟ ସମ୍ପୂର୍ଣ୍ଣ ଧାରଣା, ଉତ୍ପାଦନ ସାଧନ ଗୁଡ଼ିକର ପୂର୍ଣ୍ଣ ଗତିଶୀଳତା ଇତ୍ୟାଦି ପୂରଣ ହେଲେ ଶୁଦ୍ଧ ବଜାର ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ରୂପାନ୍ତରିତ ହୋଇଥାଏ । ଅନ୍ୟ ଅର୍ଥରେ କହିଲେ ସମସ୍ତ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର ଶୁଦ୍ଧ ପ୍ରତିଯୋଗିତାମୂଳକ ବଜାର ମାତ୍ର ସମସ୍ତ ଶୁଦ୍ଧ ପ୍ରତିଯୋଗିତାମୂଳକ ବଜାର ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର ନୁହେଁ । ସୁତରାଂ, ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର ଏକ ବ୍ୟାପକ ବ୍ୟବସ୍ଥା । ଏହା କେବଳ ଶୁଦ୍ଧ ନୁହେଁ ବରଂ ଏହା ଅନ୍ୟ ସମସ୍ତ ଅସମ୍ପୂର୍ଣ୍ଣତାରୁ ମଧ୍ୟ ମୁକ୍ତ ।

## ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ପ୍ରତିଷ୍ଠାନର ଚାହିଦା ରେଖା

ଶୁଦ୍ଧ ଏବଂ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ଦ୍ରବ୍ୟର ଗୋଟିଏ ଦର ସର୍ବତ୍ର ପ୍ରଚଳିତ ହୋଇଥାଏ । ଏହି ଦର ବଜାରର ମୋଟ ଚାହିଦା ଓ ଯୋଗାଣର ସନ୍ତୁଳନରୁ ସୃଷ୍ଟି ହୋଇଥାଏ । ଏଭଳି ସ୍ଥିତିରେ ପ୍ରତ୍ୟେକ ବିକ୍ରେତା ଜଣେ ଜଣେ ଦର ଗ୍ରହଣକାରୀ ସଦୃଶ ବ୍ୟବହାର କରିଥାନ୍ତି । ସେମାନଙ୍କର ଦ୍ରବ୍ୟର ପ୍ରଚଳିତ ଦର ଉପରେ କୌଣସି ନିୟନ୍ତ୍ରଣ ନ ଥାଏ । ପ୍ରଚଳିତ ଦରରେ ସେମାନେ ଯଥାସମ୍ଭବ ପରିମାଣର ଦ୍ରବ୍ୟ ବିକ୍ରୟ କରିଥାନ୍ତି । ସେଥିପାଇଁ ସମସ୍ତ ବିକ୍ରେତା (ପ୍ରତିଷ୍ଠାନ) ସମ୍ମୁଖୀନ ହେଉଥିବା ଚାହିଦା ରେଖାର ଆକାର ଏକ ଆନୁଭୂମିକ ସରଳରେଖା ଏବଂ ଏହା X - ଅକ୍ଷ ପ୍ରତି ସମାନ୍ତରାଳ ହୋଇଥାଏ । ଅର୍ଥାତ୍ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର ବ୍ୟବସ୍ଥାରେ ପ୍ରତ୍ୟେକ ପ୍ରତିଷ୍ଠାନ ଏକ ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା ରେଖାର ସମ୍ମୁଖୀନ ହୋଇଥାନ୍ତି ।

ଚିତ୍ର 5.1ରେ ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାରରେ ପ୍ରତିଷ୍ଠାନର ଚାହିଦା ରେଖା ଦର୍ଶାଯାଇଛି । ଏଠାରେ ଦ୍ରବ୍ୟର ପ୍ରଚଳିତ ଦର OPରେ ଚାହିଦା ରେଖା PD ଆନୁଭୂମିକ ଅକ୍ଷ ପ୍ରତି ସମାନ୍ତରାଳ ହୋଇଅଛି । ଏହି ଦରରେ ବିକ୍ରେତା ଯେକୌଣସି ପରିମାଣ ଯଥା $OQ_1$ ଅଥବା $OQ_2$ ବିକ୍ରି କରିପାରେନ୍ତି । ଏଠାରେ ପ୍ରଚଳିତ ଦର ଦ୍ରବ୍ୟର ବିକ୍ରୟ ପରିମାଣ ଉପରେ ନିର୍ଭରଶୀଳ ନୁହେଁ । କାରଣ ଏପ୍ରକାର ବଜାର ବ୍ୟବସ୍ଥାରେ ବିକ୍ରେତା ଜଣେ ଦର ଗ୍ରହଣକାରୀ, ଦର ସୃଷ୍ଟିକାରୀ ନୁହେଁ । ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର ଗୋଟିଏ ଦର ଥିବାରୁ ପ୍ରାନ୍ତୀୟ ଓ ହାରାହାରି ଆୟ ସମାନ ହୋଇଥାଏ ।




**ଚିତ୍ର - 5.1: ପୂର୍ଣ୍ଣ ପ୍ରତିଯୋଗିତାରେ ଚାହିଦା ରେଖା**

**5.2.3 ଏକାଧିକାର:** ଏକାଧିକାର (Monopoly) ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦ ଯଥା 'ମନୋ' (Mono) ଏବଂ 'ପଲି' (Poly)ରୁ ବ୍ୟୁତ୍ପନ୍ନ ହୋଇଅଛି । ଏଠାରେ 'ମନୋ' ଅର୍ଥାତ୍ 'ଏକ' ଏବଂ 'ପଲି' ଅର୍ଥାତ୍ 'ଉତ୍ପାଦନକାରୀ'

ବା 'ବିକ୍ରେତା'। ତେଣୁ ଆକ୍ଷରିକ ଅର୍ଥରେ ଏକାଧିକାର ଶବ୍ଦର ଅର୍ଥ ହେଲା ଏକମାତ୍ର ଉତ୍ପାଦନକାରୀ ବା ଏକମାତ୍ର ବିକ୍ରେତା। ତେଣୁ ଯେଉଁ ବଜାରରେ ଦ୍ରବ୍ୟର କେବଳ ଜଣେ ମାତ୍ର ଉତ୍ପାଦନକାରୀ ତଥା ବିକ୍ରେତା ଥାନ୍ତି ତାହାକୁ ଏକାଧିକାର ବା ଏକଚାଟିଆ ବଜାର କୁହାଯାଏ। ଏ ପ୍ରକାର ବଜାରରେ ବିକ୍ରି ହେଉଥିବା ଦ୍ରବ୍ୟର କୌଣସି ନିକଟ ପ୍ରତିସ୍ଥାପନ କ୍ଷମ ଦ୍ରବ୍ୟ ନ ଥାଏ। ଏପରିକି ଉକ୍ତ ଦ୍ରବ୍ୟର କୌଣସି ଦୂର ବିକଳ୍ପ ମଧ୍ୟ ଉପଲବ୍ଧ ହୋଇ ନଥାଏ। ଦ୍ରବ୍ୟର ଏକମାତ୍ର ଉତ୍ପାଦନକାରୀ ବା ବିକ୍ରେତା ସମଗ୍ର ବଜାରକୁ ନିୟନ୍ତ୍ରଣ କରିଥାଏ। ଅର୍ଥାତ୍ ଏକାଧିକାର ବ୍ୟବସ୍ଥାରେ ଦ୍ରବ୍ୟର କୌଣସି ପ୍ରତିଦ୍ୱନ୍ଦ୍ୱୀ ବିକ୍ରେତା ନ ଥାନ୍ତି। ତେଣୁ ଏକାଧିକାରୀ ଦ୍ରବ୍ୟର ଯୋଗାଣ ପରିମାଣକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଏହାର ବଜାର ଦରକୁ ମଧ୍ୟ ନିୟନ୍ତ୍ରଣ କରିପାରେ। ଏକାଧିକାରୀ ଜଣେ ଦର ସୃଷ୍ଟିକାରୀ (Price-maker) ଅଟନ୍ତି। ଏକାଧିକାର, ପୂର୍ଣ୍ଣ ପ୍ରତିଯୋଗିତାର ସମ୍ପୂର୍ଣ୍ଣ ବିପରୀତ ଏକ ବଜାର ବ୍ୟବସ୍ଥା।

**ସଂଜ୍ଞା:** ଯେଉଁ ବଜାରରେ ଜଣେ ମାତ୍ର ଉତ୍ପାଦନକାରୀ ଏକ ନିକଟ ବିକଳ୍ପ ନ ଥିବା ଦ୍ରବ୍ୟ ଉତ୍ପାଦନ ଓ ବିକ୍ରୟ କରିଥାନ୍ତି, ତାହାକୁ ଏକାଧିକାର କୁହାଯାଏ। ଏକାଧିକାର କହିଲେ ସେହି ବଜାର ବ୍ୟବସ୍ଥାକୁ ବୁଝାଯାଏ ଯେଉଁଠି ଜଣେ ମାତ୍ର ଉତ୍ପାଦନକାରୀ ଏକ ଦ୍ରବ୍ୟ ବିକ୍ରୟ ପାଇଁ ଉତ୍ପାଦନ କରନ୍ତି ଯାହାର କୌଣସି ନିକଟ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ନ ଥାଏ।

**ବୈଶିଷ୍ଟ୍ୟ:** ଏକାଧିକାର ବଜାର ବ୍ୟବସ୍ଥାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି।

1. **ଜଣେ ବିକ୍ରେତା ଓ ବହୁସଂଖ୍ୟକ କ୍ରେତା:** ଏକାଧିକାର ବଜାରରେ ଦ୍ରବ୍ୟର ଜଣେ ମାତ୍ର ଉତ୍ପାଦନକାରୀ ତଥା ବିକ୍ରେତା ଏବଂ ବହୁ ସଂଖ୍ୟକ କ୍ରେତା ଥାନ୍ତି। ଗୋଟିଏ ସହରକୁ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏକାଧିକାର ବଜାର ବ୍ୟବସ୍ଥାର ଏକ ନମୁନା ଅଟେ। ଏ କ୍ଷେତ୍ରରେ ଦ୍ରବ୍ୟର ଜଣେ ମାତ୍ର ବିକ୍ରେତା ଏବଂ ବହୁସଂଖ୍ୟକ କ୍ରେତା ଦେଖିବାକୁ ମିଳେ।
2. **ନିକଟ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟର ଅନୁପସ୍ଥିତି:** ଏକାଧିକାର ବଜାରରେ ଉତ୍ପାଦିତ ଦ୍ରବ୍ୟର କୌଣସି ନିକଟ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ନ ଥାଏ। ଦ୍ରବ୍ୟରେ ନିକଟ ବିକଳ୍ପ ଉପଲବ୍ଧ ହେଲେ ପ୍ରତିଯୋଗିତା ଆରମ୍ଭ ହୁଏ ଏବଂ ଏକାଧିକାର ବ୍ୟବସ୍ଥାର ପରିସମାପ୍ତି ଘଟିଥାଏ।
3. **ପ୍ରବେଶରେ କଟକଣା:** ଏକାଧିକାର ବଜାରକୁ ନୂତନ ପ୍ରତିଷ୍ଠାନ ମାନଙ୍କର ପ୍ରବେଶ ଉପରେ ବଳିଷ୍ଠ ପ୍ରତିବନ୍ଧକ ଥାଏ। ଫଳରେ ନୂତନ ପ୍ରତିଷ୍ଠାନମାନେ ବଜାର ମଧ୍ୟକୁ ପ୍ରବେଶ କରିପାରନ୍ତି ନାହିଁ। ଏହି ପ୍ରତିବନ୍ଧକ ପ୍ରାକୃତିକ, କୃତ୍ରିମ ଅଥବା ଆଇନଗତ ହୋଇପାରେ। ପ୍ରତିଷ୍ଠାନ ମାନଙ୍କର ପ୍ରବେଶରେ ପ୍ରତିବନ୍ଧକ ଯୋଗୁଁ ଦ୍ରବ୍ୟର ଉତ୍ପାଦନ ଏବଂ ବିକ୍ରୟ ଉପରେ କେବଳ ଉତ୍ପାଦନକାରୀର ଏକଚାଟିଆ ନିୟନ୍ତ୍ରଣ ଥାଏ।


ପୂର୍ଣ୍ଣ ପ୍ରତିଯୋଗିତା ପରି ଏକାଧିକାର ମଧ୍ୟ ବଜାରର ଏକ ଚରମ ସ୍ଥିତି। କାରଣ ବାସ୍ତବ ଜଗତରେ ଏକାଧିକାର ବଜାର କ୍ୱଚିତ୍ ଦେଖିବାକୁ ମିଳିଥାଏ।

**ଏକାଧିକାରୀର ଚାହିଦା ରେଖା**

ଏକାଧିକାର ବଜାର ବ୍ୟବସ୍ଥାରେ ଦ୍ରବ୍ୟର ଜଣେ ମାତ୍ର ଉତ୍ପାଦନକାରୀ ତଥା ବିକ୍ରେତା ଥାନ୍ତି। ତାଙ୍କର ବଜାର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥାଏ। ତେଣୁ ସେ ଦ୍ରବ୍ୟର ଯୋଗାଣ ହ୍ରାସ କରି ଦର ବୃଦ୍ଧି କରିପାରନ୍ତି କିମ୍ବା ଦର ହ୍ରାସ କରି ଅଧିକ ପରିମାଣ ବିକ୍ରୟ କରିପାରନ୍ତି। ମାତ୍ର ଜଣେ ଏକାଧିକାରୀ ଏକ ସମୟରେ ଦ୍ରବ୍ୟର ଦର କିମ୍ବା ଏହାର ଯୋଗାଣ ପରିମାଣ ମଧ୍ୟରୁ ଗୋଟିଏ ହିଁ ନିୟନ୍ତ୍ରଣ କରିପାରେ। ଅର୍ଥାତ୍ ସେ ଏକ ସମୟରେ ଉଭୟ ଦରଧାର୍ଯ୍ୟକାରୀ ଏବଂ ପରିମାଣ ନିୟନ୍ତ୍ରଣକାରୀ ଭୂମିକା ନିର୍ବାହ କରିପାରନ୍ତି ନାହିଁ।

ଏକାଧିକାରୀ ଦ୍ରବ୍ୟର ଏକମାତ୍ର ଯୋଗାଣକାରୀ ହୋଇଥିବାରୁ, ତାଙ୍କୁ ସମଗ୍ର ବଜାର ଚାହିଦାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ସମ୍ପୃକ୍ତ ଦ୍ରବ୍ୟର ବଜାର ଚାହିଦା ରେଖା, ଏକାଧିକାରୀଙ୍କ ହାରାହାରି ଆୟରେଖା ମଧ୍ୟ ହୋଇଥାଏ। ଏଥିପାଇଁ ଏକାଧିକାରୀ ବିକ୍ରେତା ସମ୍ମୁଖୀନ ହେଉଥିବା ଚାହିଦା ବକ୍ରରେଖା ସାଧାରଣତଃ ବାମରୁ ଡାହାଣକୁ ନିମ୍ନଗାମୀ ହୋଇଥାଏ।

ଚିତ୍ର - 5.2ରେ DD ଏକାଧିକାରୀ ସମ୍ମୁଖୀନ ହେଉଥିବା ଏକ କାଳ୍ପନିକ ଚାହିଦା ରେଖା ଭାବେ ପ୍ରଦର୍ଶିତ ହୋଇଅଛି। ଏହା ବାମରୁ ଡାହାଣକୁ ନିମ୍ନମୁଖୀ ହୋଇଛି। ଏକାଧିକାରୀ ପାଇଁ ଏହା ହାରାହାରି ଆୟ ରେଖା। ଏଥିରେ ଦର୍ଶାଯାଇଛି ଯେ ଏକାଧିକାରୀ ଯୋଗାଣକୁ $Oq_2$ ରୁ $Oq_1$କୁ ହ୍ରାସ କରି ଦ୍ରବ୍ୟର ଦରକୁ $OP_2$ ରୁ $OP_1$କୁ ବୃଦ୍ଧି କରିପାରିବେ। କିନ୍ତୁ ବିକ୍ରି ପରିମାଣ $Oq_1$ ରୁ $Oq_2$କୁ ବୃଦ୍ଧି କରିବା ପାଇଁ ତାଙ୍କୁ ଦ୍ରବ୍ୟର ଦରକୁ $Op_1$ ରୁ $OP_2$କୁ ହ୍ରାସ କରିବାକୁ ପଡ଼ିବ।




ଏକାଧିକାରୀର ଚାହିଦା ବକ୍ରରେଖା

ଚିତ୍ର 5.2

### ଏକାଧିକାର ଓ ପୂର୍ଣ୍ଣ ପ୍ରତିଯୋଗିତା ମଧ୍ୟରେ ତୁଳନା

| ଏକାଧିକାର | ପୂର୍ଣ୍ଣ ପ୍ରତିଯୋଗିତା |
|---|---|
| 1. ବଜାରରେ ଦ୍ରବ୍ୟର ଜଣେ ମାତ୍ର ବିକ୍ରେତା ଏବଂ ବହୁ ସଂଖ୍ୟକ କ୍ରେତା ଥାନ୍ତି। | 1. ବଜାରରେ ଦ୍ରବ୍ୟର ବହୁ ସଂଖ୍ୟକ କ୍ରେତା ଓ ବହୁ ସଂଖ୍ୟକ ବିକ୍ରେତା ଥାନ୍ତି। |
| 2. ଉତ୍ପାଦିତ ଦ୍ରବ୍ୟର କୌଣସି ନିକଟ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ନ ଥାଏ। | 2. ଦ୍ରବ୍ୟର ପ୍ରତ୍ୟେକ ଏକକ ସର୍ବୋତଭାବେ ସମଜାତୀୟ ତଥା ପୂର୍ଣ୍ଣ ପ୍ରତିସ୍ଥାପନକ୍ଷମ। |
| 3. ଦ୍ରବ୍ୟର ଯୋଗାଣ ଉପରେ ଏକାଧିକାରୀର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥାଏ। | 3. ଦ୍ରବ୍ୟର ଯୋଗାଣ ଉପରେ ଜଣେ ବିକ୍ରେତାଙ୍କର ନିୟନ୍ତ୍ରଣ ଅତ୍ୟନ୍ତ ନଗଣ୍ୟ ଓ ପ୍ରଭାବଶୂନ୍ୟ |
| 4. ବିକ୍ରେତା ଦର ନିର୍ଦ୍ଧାରକ ଅଟନ୍ତି। | 4. ବିକ୍ରେତା ଦର ଗ୍ରହଣକାରୀ ଅଟନ୍ତି। |
| 5. ନୂତନ ପ୍ରତିଷ୍ଠାନମାନଙ୍କର ବଜାର ମଧ୍ୟକୁ ପ୍ରବେଶ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ। | 5. ନୂତନ ପ୍ରତିଷ୍ଠାନମାନେ ବଜାର ମଧ୍ୟକୁ ଅବାଧରେ ପ୍ରବେଶ କରିପାରନ୍ତି। |
| 6. ଚାହିଦା ରେଖା ବାମ ରୁ ଡାହାଣକୁ ନିମ୍ନଗାମୀ ହୋଇଥାଏ। | 6. ପ୍ରତିଷ୍ଠାନର ଚାହିଦା ରେଖା ଏକ ଆନୁଭୂମିକ ସମାନ୍ତରାଳ ସରଳରେଖା ହୋଇଥାଏ। |
| 7. ଏହି ବଜାରରେ ଉତ୍ପାଦିତ ଦ୍ରବ୍ୟର ଭିନ୍ନ ଭିନ୍ନ ଏକକକୁ ଭିନ୍ନ ଦରରେ ବିକ୍ରି କରିବା ସମ୍ଭବ | 7. ବଜାରରେ ଦ୍ରବ୍ୟର ସମସ୍ତ ଏକକ ସମାନ ଦରରେ ବିକ୍ରି ହୋଇଥାଏ। |

**5.2.4 ଏକାଧିକାରମୂଳକ ପ୍ରତିଯୋଗିତା:** ପ୍ରତିଯୋଗିତା ଏବଂ ଏକାଧିକାର ବଜାର ବ୍ୟବସ୍ଥାର ମୌଳିକ ଉପାଦାନ ଗୁଡ଼ିକୁ ନେଇ ଗଠିତ ବଜାରକୁ ଏକାଧିକାର ମୂଳକ ପ୍ରତିଯୋଗିତା କୁହାଯାଏ। ଅନ୍ୟ ଭାବରେ ପ୍ରକାଶ କଲେ, ଏକାଧିକାରମୂଳକ ପ୍ରତିଯୋଗିତା ଏପରି ଏକ ବଜାର ବ୍ୟବସ୍ଥା ଯେଉଁଠାରେ ଅନେକ ବିକ୍ରେତା ବିଭେଦୀକୃତ ମାତ୍ର ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ବିକ୍ରୟ ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିଥାନ୍ତି। ଏ ପ୍ରକାର ବଜାର ବ୍ୟବସ୍ଥାର ଧାରଣା ପ୍ରଥମେ ଆମେରିକୀୟ ଅର୍ଥଶାସ୍ତ୍ରୀ E.H. Chamberlin ତାଙ୍କ ରଚିତ "The Theory of Monopolistic Competition" (1933) ପୁସ୍ତକରେ ଦେଇଥିଲେ। ତାଙ୍କ ମତରେ, ଏହା ଏପରି ଏକ ବଜାର ବ୍ୟବସ୍ଥା ଯେଉଁଠାରେ ଏକାଧିକାରୀ ପ୍ରତିଷ୍ଠାନ ମାନେ ପରସ୍ପର ସହିତ ପ୍ରତିଯୋଗିତା କରିଥାନ୍ତି। ଏକାଧିକାର ପ୍ରତିଯୋଗିତା, ପୂର୍ଣ୍ଣ ପ୍ରତିଯୋଗିତା ବଜାର ବ୍ୟବସ୍ଥାଠାରୁ ମୁଖ୍ୟତଃ ଗୋଟିଏ ଦୃଷ୍ଟିରୁ ପୃଥକ୍ ଅଟେ। ତାହା ହେଲା, ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ଉପସ୍ଥିତ ପ୍ରତିଷ୍ଠାନ ଗୁଡ଼ିକ ଅଭିନ୍ନ ଏବଂ ସମଜାତୀୟ ଦ୍ରବ୍ୟ ଉତ୍ପାଦନ କରିଥାନ୍ତି। ମାତ୍ର ଏକାଧିକାରମୂଳକ ପ୍ରତିଯୋଗିତାରେ ପ୍ରତିଷ୍ଠାନମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଏକାପରି ମାତ୍ର ସର୍ବୋତ ଭାବେ ସମାନ ନୁହଁନ୍ତି।

ଦ୍ରବ୍ୟଗୁଡ଼ିକ ବିଭେଦୀକୃତ ମାତ୍ର ପ୍ରତିସ୍ଥାପନକ୍ଷମ ଅଟନ୍ତି। ସେଥିପାଇଁ ଏ ପ୍ରକାର ବଜାରରେ ପ୍ରତ୍ୟେକ ପ୍ରତିଷ୍ଠାନ ଗୋଟିଏ ଗୋଟିଏ ଏକାଧିକାରୀ ଭଳି କାର୍ଯ୍ୟ କରିଥାନ୍ତି।

ଏକାଧିକାରମୂଳକ ପ୍ରତିଯୋଗିତାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି।

1. **ବହୁସଂଖ୍ୟକ କ୍ରେତା ଓ ବିକ୍ରେତା (Large number of Buyers and Sellers) :** ଏକାଧିକାରମୂଳକ ପ୍ରତିଯୋଗିତାରେ ଦ୍ରବ୍ୟର ବହୁସଂଖ୍ୟକ କ୍ରେତା ଓ ବିକ୍ରେତା ଥାଆନ୍ତି। ଏଠାରେ କୌଣସି କ୍ରେତା ବା ବିକ୍ରେତା ବ୍ୟକ୍ତିଗତ ଭାବେ ବଜାର ଦରକୁ ପ୍ରଭାବିତ କରିପାରନ୍ତି ନାହିଁ।

2. **ଦ୍ରବ୍ୟର ବିଭେଦୀକରଣ (Product Differentiation) :** ଏକାଧିକାରମୂଳକ ପ୍ରତିଯୋଗିତାରେ ପ୍ରତ୍ୟେକ ପ୍ରତିଷ୍ଠାନ ଅନ୍ୟ ପ୍ରତିଷ୍ଠାନ ତୁଳନାରେ ଏକ ବିଭେଦୀକୃତ ଦ୍ରବ୍ୟ ଉତ୍ପାଦନ କରିଥାଏ। ଦ୍ରବ୍ୟଗୁଡ଼ିକ ନିକଟ ବିକଳ୍ପ ମାତ୍ର ସମ୍ପୂର୍ଣ୍ଣ ବିକଳ୍ପ ନୁହନ୍ତି। ଦାନ୍ତଘଷା ପେଷ୍ଟ, ଦାନ୍ତଘଷା ବ୍ରସ୍, ଗାଧୋଇବା ସାବୁନ ଆଦି ଦ୍ରବ୍ୟର ବଜାର ଏକାଧିକାରମୂଳକ ପ୍ରତିଯୋଗିତାର ଉଦାହରଣ ରୂପେ ନିଆଯାଇପାରେ। ଏଠାରେ ଉପଭୋକ୍ତାଙ୍କ ମତରେ ଭିନ୍ନ ପ୍ରତିଷ୍ଠାନ ମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଭିନ୍ନ ବିବେଚିତ ହୋଇଥାଏ। ଏହି ଭିନ୍ନତା ବାସ୍ତବ ବା କାଳ୍ପନିକ ହୋଇପାରେ। ମାତ୍ର ଏହା ଉପଭୋକ୍ତାଙ୍କ ମନରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରତିଷ୍ଠାନର ଦ୍ରବ୍ୟ ପ୍ରତି ଆସକ୍ତି ଜନ୍ମାଇଥାଏ। ଉଦାହରଣ ସ୍ୱରୂପ, Close-up ଓ Colgate ଦାନ୍ତ ଘଷା ପେଷ୍ଟ ଏକାପରି ହୋଇଥିଲେ ମଧ୍ୟ ଉପଭୋକ୍ତାମାନଙ୍କର ପ୍ରତ୍ୟେକଟି ପ୍ରତି ସ୍ୱତନ୍ତ୍ର ରୁଚି ବା ଆସକ୍ତି / ଅନାସକ୍ତି ଥାଏ। ଏହି ଆସକ୍ତି ବା ଆନୁଗତ୍ୟକୁ ଭିତ୍ତିକରି ବିକ୍ରେତାମାନେ ବଜାରରେ କିଛି ମାତ୍ରାରେ ନିଜର ଏକାଧିକାର ପଣିଆ ସାବ୍ୟସ୍ତ କରିଥାନ୍ତି।

ଦ୍ରବ୍ୟ ବିଭେଦୀକରଣ ଏକାଧିକାର ମୂଳକ ପ୍ରତିଯୋଗିତା ବଜାରର ଏକ ପ୍ରମୁଖ ବୈଶିଷ୍ଟ୍ୟ। ଏହା ସାଧାରଣତଃ ତିନୋଟି ଉପାୟରେ କରାଯାଇଥାଏ। ସେଗୁଡ଼ିକ ହେଲା–

1. ଦ୍ରବ୍ୟର ଗୁଣ ବା ଉତ୍କର୍ଷକୁ ଅଲଗା କରି,
2. ବିକ୍ରି କରିବାର କଳା ବା ପାରଦର୍ଶିତା ଯୋଗୁଁ, ଏବଂ
3. ବିଜ୍ଞାପନ ବା ପ୍ରଚାର ଦ୍ୱାରା।

3. **ସ୍ୱାଧୀନ ଦର ନିର୍ଦ୍ଧାରଣ ନୀତି (Independent Pricing Policy) :** ଏକାଧିକାରମୂଳକ ପ୍ରତିଯୋଗିତାରେ ଦ୍ରବ୍ୟ ବିଭେଦୀକରଣ ଯୋଗୁଁ ପ୍ରତ୍ୟେକ ପ୍ରତିଷ୍ଠାନର ସ୍ୱାର୍ଥ ସୁରକ୍ଷିତ ରହିପାରେ।

ଏଠାରେ ଉପଭୋକ୍ତା ମାନଙ୍କର ନିର୍ଦ୍ଦିଷ୍ଟ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ପ୍ରତି ଅହେତୁକ ଆସକ୍ତି ଥାଏ। ଏହାଯୋଗୁଁ ପ୍ରତିଷ୍ଠାନଗୁଡ଼ିକ ବଜାରରେ ନିଜ ନିଜର ଆଧିପତ୍ୟ ଜାହିର କରିବା ସଙ୍ଗେ ସଙ୍ଗେ ନିଜ ଦ୍ରବ୍ୟର ଦର ନିଜେ ନିର୍ଦ୍ଧାରଣ କରିଥାନ୍ତି। ଅର୍ଥାତ୍ ଦ୍ରବ୍ୟର ଦର ନିର୍ଦ୍ଧାରଣରେ ପ୍ରତ୍ୟେକ ପ୍ରତିଷ୍ଠାନ 'ସ୍ୱାଧୀନ ନୀତି' ଅନୁସରଣ କରିଥାନ୍ତି। ମାତ୍ର ଦ୍ରବ୍ୟର ଦର ନିର୍ଦ୍ଧାରଣରେ ସେମାନଙ୍କର ଏକାଧିକାରୀ ବିକ୍ରେତାଙ୍କ ପରି ପୂର୍ଣ୍ଣ ସ୍ୱାଧୀନତା ନ ଥାଏ। କାରଣ ବଜାରରେ ଉତ୍ପାଦିତ ଦ୍ରବ୍ୟର ଅନେକ ବିକଳ୍ପ ଦ୍ରବ୍ୟ ଉପଲବ୍ଧ ଥାଏ।

4. **ବଜାର ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନର ଅଭାବ (Lack of Perfect Knowledge) :** ଏକାଧିକାରମୂଳକ ପ୍ରତିଯୋଗିତାରେ ବିଭିନ୍ନ ପ୍ରତିଷ୍ଠାନମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ପରସ୍ପରଠାରୁ ସାମାନ୍ୟ ଭିନ୍ନ ହୋଇଥାଏ। କିନ୍ତୁ ସେହି ଦ୍ରବ୍ୟମାନଙ୍କ ମଧ୍ୟରେ ଥିବା ବିଭିନ୍ନତା ସମ୍ପର୍କରେ ବିକ୍ରେତାମାନଙ୍କର ସମ୍ପୂର୍ଣ୍ଣ ଧାରଣା ନ ଥାଏ।

5. **ବିଜ୍ଞାପନ (Advertisement) :** ଏଠାରେ ପ୍ରତିଷ୍ଠାନମାନଙ୍କର ଦ୍ରବ୍ୟ ବିଭେଦୀକୃତ ହୋଇଥିବା ଯୋଗୁଁ ପ୍ରତ୍ୟେକ ପ୍ରତିଷ୍ଠାନ (ବା ବିକ୍ରେତା) କ୍ରେତାମାନଙ୍କ ନିକଟରେ ନିଜ ଦ୍ରବ୍ୟର ଉତ୍କର୍ଷତା ସାବ୍ୟସ୍ତ କରିବା ନିମନ୍ତେ ପ୍ରୟାସୀ ଥାଆନ୍ତି। ସେଥିପାଇଁ ପ୍ରତ୍ୟେକ ପ୍ରତିଷ୍ଠାନ ବିଜ୍ଞାପନରେ ପ୍ରଚୁର ବ୍ୟୟ କରିଥାନ୍ତି। ବିଜ୍ଞାପନ ବା ପ୍ରଚାର ମାଧ୍ୟମରେ ପ୍ରତିଷ୍ଠାନମାନେ କ୍ରେତାମାନଙ୍କୁ ନିଜ ଦ୍ରବ୍ୟ ଆଡ଼କୁ ଆକର୍ଷିତ କରିଥାନ୍ତି।


**ଏକାଧିକାର ପ୍ରତିଯୋଗିତାରେ ଚାହିଦା ରେଖା :** ପୂର୍ଣ୍ଣ ପ୍ରତିଯୋଗିତାରେ ପ୍ରତିଷ୍ଠାନ ଜଣେ ଦରଗ୍ରହଣକାରୀର ଭୂମିକା ନିର୍ବାହ କରିଥାଏ। ସମସ୍ତ ପ୍ରତିଷ୍ଠାନମାନଙ୍କର ଦ୍ରବ୍ୟ ଅଭିନ୍ନ ଏବଂ ସମଜାତୀୟ ହୋଇଥିବାରୁ ସମଗ୍ର ବଜାରରେ ଦ୍ରବ୍ୟଟି ଗୋଟିଏ ଦରରେ ବିକ୍ରି ହୋଇଥାଏ। ସେଥିପାଇଁ ପ୍ରତିଷ୍ଠାନମାନେ ସମ୍ମୁଖୀନ ହେଉଥିବା ଚାହିଦା ରେଖା ଆନୁଭୂମିକ ସମାନ୍ତରାଳ ହୋଇଥାଏ।

ଅନ୍ୟପକ୍ଷରେ, ଏକାଧିକାରରେ ପ୍ରତିଷ୍ଠାନ ଦ୍ରବ୍ୟର ଦର ନିଜେ ଧାର୍ଯ୍ୟ କରିଥାଏ। ଏହି ବଜାରରେ କୌଣସି ପ୍ରତିଦ୍ୱନ୍ଦ୍ୱୀ ବିକ୍ରେତା ନ ଥାନ୍ତି। ସେଥିପାଇଁ ଏକାଧିକାରୀ ସମ୍ମୁଖୀନ ହେଉଥିବା ଚାହିଦା ରେଖା ନିମ୍ନଗାମୀ ହେବା ସଙ୍ଗେ ସଙ୍ଗେ ଅପେକ୍ଷାକୃତ କମ୍ ସ୍ଥିତିସ୍ଥାପକ ହୋଇଥାଏ।


ମାତ୍ର, ଏକାଧିକାରମୂଳକ ପ୍ରତିଯୋଗିତାରେ ପ୍ରତିଷ୍ଠାନଟି ଦର ଗ୍ରହଣକାରୀ ବା ସମ୍ପୂର୍ଣ୍ଣଭାବେ ଦର ଧାର୍ଯ୍ୟକାରୀ ହୋଇପାରେ ନାହିଁ। ଏଠାରେ ପ୍ରତ୍ୟେକ ପ୍ରତିଯୋଗୀ ପ୍ରତିଷ୍ଠାନ ବିଭିନ୍ନ ଦୃଷ୍ଟିରୁ ପରସ୍ପରଠାରୁ ସ୍ୱତନ୍ତ୍ରତା ଦାବି କରୁଥିବା ଦ୍ରବ୍ୟକୁ ବଜାରରେ ବିକ୍ରି କରିଥାନ୍ତି। ଦ୍ରବ୍ୟ ବିଭେଦୀକରଣ ଯୋଗୁଁ ସେମାନେ ଏକାଧିକାରୀ ଭଳି ବ୍ୟବହାର

କରିଥାନ୍ତି। ମାତ୍ର ଦ୍ରବ୍ୟର ଦର ନିର୍ଦ୍ଧାରଣରେ ସେମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ନ ଥାଏ। କାରଣ ବଜାରରେ ଉତ୍ପାଦିତ ଦ୍ରବ୍ୟର ଅନେକ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ଉପଲବ୍ଧ ହୋଇଥାଏ। ବଜାରରେ ନିକଟ ବିକଳ୍ପ ଦ୍ରବ୍ୟ ସହଜରେ ଉପଲବ୍ଧ ହେଉଥିବାରୁ ଦ୍ରବ୍ୟର ଚାହିଦା ଅଧିକ ସ୍ଥିତିସ୍ଥାପକ ହୋଇଥାଏ। ଫଳରେ, ପ୍ରତିଷ୍ଠାନ ସମ୍ମୁଖୀନ ହେଉଥିବା ଚାହିଦା ରେଖା ଡାହାଣକୁ ନିମ୍ନଗାମୀ ହେବା ସହ ଅଧିକ ଉଡ଼ାଣିଆ ବା ଢାଲୁ ହୋଇଥାଏ। ଅର୍ଥାତ୍ ଏ ପ୍ରକାର ସ୍ଥିତିରେ ପ୍ରତିଷ୍ଠାନ ସମ୍ମୁଖୀନ ହେଉଥିବା ଚାହିଦା ବକ୍ରରେଖା ଅପେକ୍ଷାକୃତ ଅଧିକ ସ୍ଥିତିସ୍ଥାପକ ହୋଇଥାଏ।

ନିମ୍ନରେ ଦିଆଯାଇଥିବା ଚିତ୍ର 5.3ରେ, ଏକାଧିକାରମୂଳକ ପ୍ରତିଯୋଗିତା ସ୍ଥିତିରେ ପ୍ରତିଷ୍ଠାନର ଚାହିଦା ରେଖା ଏବଂ 5.4ରେ ଗୋଟିଏ ପ୍ରତିଷ୍ଠାନ ଉପରୋକ୍ତ ତିନୋଟି ବଜାର ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା ଚାହିଦା ରେଖାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଇଛି।




ଚିତ୍ର - 5.3 : ଏକାଧିକାର ବଜାରରେ ଚାହିଦା ରେଖା




ଚିତ୍ର - 5.4 : ବିଭିନ୍ନ ପ୍ରକାର ବଜାରରେ ଚାହିଦା ରେଖା

ଚିତ୍ର - 5.3ରେ DD ଏକାଧିକାର ମୂଳକ ପ୍ରତିଯୋଗିତାରେ ଏକ କାଳ୍ପନିକ ନିମ୍ନମୁଖୀ ଚାହିଦା ରେଖା। ଏଠାରେ ଦର୍ଶାଯାଇଛି ଯେ ଦ୍ରବ୍ୟର ଦର $OP_1$ ରୁ $OP_2$କୁ ହ୍ରାସ ହେଲେ ଏହାର ଚାହିଦା $Oq_1$ ରୁ $Oq_2$କୁ ବୃଦ୍ଧି ପାଇଛି। ଏଠାରେ ଦରର ଆନୁପାତିକ ହ୍ରାସ ତୁଳନାରେ ଚାହିଦାର ଆନୁପାତିକ ବୃଦ୍ଧି ଅଧିକ। ତେଣୁ ଏହି ଚାହିଦା ରେଖାଟି ଅପେକ୍ଷାକୃତ ସ୍ଥିତିସ୍ଥାପକ।

ଚିତ୍ର - 5.4ରେ ପୂର୍ଣ୍ଣ ପ୍ରତିଯୋଗିତା, ଏକାଧିକାର ଓ ଏକାଧିକାର ମୂଳକ ପ୍ରତିଯୋଗିତା ସ୍ଥିତିରେ ଏକ ପ୍ରତିଷ୍ଠାନ ସମ୍ମୁଖୀନ ହେଉଥିବା ଚାହିଦା ରେଖାର ଏକ ତୁଳନାତ୍ମକ ଚିତ୍ର ଦର୍ଶାଯାଇଛି। ଏଠାରେ $PD_1$, $PD_2$ ଏବଂ $PD_3$ ଯଥାକ୍ରମେ ପୂର୍ଣ୍ଣ ପ୍ରତିଯୋଗିତା, ଏକାଧିକାର ମୂଳକ ପ୍ରତିଯୋଗିତା ଏବଂ ଏକାଧିକାର ବଜାର ବ୍ୟବସ୍ଥାରେ ଗୋଟିଏ ପ୍ରତିଷ୍ଠାନ ସମ୍ମୁଖୀନ ହେଉଥିବା ଚାହିଦା ରେଖା ଅଟନ୍ତି।

## ଏକାଧିକାର, ଏକାଧିକାରମୂଳକ ପ୍ରତିଯୋଗିତା ଏବଂ ପୂର୍ଣ୍ଣ ପ୍ରତିଯୋଗିତା ମଧ୍ୟରେ ତୁଳନା

| ପାର୍ଥକ୍ୟ ବିଷୟ | ଏକାଧିକାର | ଏକାଧିକାରମୂଳକ ପ୍ରତିଯୋଗିତା | ପୂର୍ଣ୍ଣ ପ୍ରତିଯୋଗିତା |
|---|---|---|---|
| 1. ବିକ୍ରେତାଙ୍କ ସଂଖ୍ୟା | ଏକ | ଅନେକ ମାତ୍ର ପୂର୍ଣ୍ଣ ପ୍ରତିଯୋଗିତା ଠାରୁ କମ୍ ସଂଖ୍ୟକ | ବହୁସଂଖ୍ୟକ |
| 2. ଦ୍ରବ୍ୟର ପ୍ରକୃତି | ସମଜାତୀୟ | ବିଭେଦୀକୃତ | ସମଜାତୀୟ |
| 3. ପ୍ରତିଷ୍ଠାନ / ବିକ୍ରେତା | ଦର ଧାର୍ଯ୍ୟକାରୀ | ଦର ଧାର୍ଯ୍ୟକାରୀ | ଦର ଗ୍ରହଣକାରୀ |
| 4. ପ୍ରତିଷ୍ଠାନମାନଙ୍କର ପ୍ରବେଶ | ସମ୍ଭବ ନୁହେଁ | ଅବାଧ | ଅବାଧ |
| 5. ବିକ୍ରି ପରିବ୍ୟୟ | ପ୍ରାୟ ନ ଥାଏ | ବେଶ୍‌କିଛି | ଆଦୌ ନ ଥାଏ |
| 6. ଦର ବିଭେଦୀକରଣ | ଅସମ୍ଭବ | ସମ୍ଭବ | ଅସମ୍ଭବ |

### 5.2.5 ଅଳ୍ପାଧିକାର

ବାସ୍ତବ ଜଗତରେ ବିଭିନ୍ନ ପ୍ରକାରର ଅପୂର୍ଣ୍ଣ ବଜାର ଦେଖିବାକୁ ମିଳେ । ଆମେ ଏଭଳି ଦୁଇ ପ୍ରକାର ବଜାର ବ୍ୟବସ୍ଥା ଯଥା– ଏକାଧିକାର ଏବଂ ଏକାଧିକାରମୂଳକ ପ୍ରତିଯୋଗିତା ବିଷୟରେ ଆଲୋଚନା କରିଛୁ । ଏକାଧିକାର ବଜାରରେ ଦ୍ରବ୍ୟର କେବଳ ଜଣେ ମାତ୍ର ବିକ୍ରେତା ଥାଆନ୍ତି । ଏହା ଏକ ପ୍ରତିଯୋଗିତାବିହୀନ ବଜାର ବ୍ୟବସ୍ଥା । ଅନ୍ୟପକ୍ଷରେ, ଏକାଧିକାରମୂଳକ ପ୍ରତିଯୋଗିତାରେ ନିକଟ ବିକଳ୍ପ ଦ୍ରବ୍ୟ ଉତ୍ପାଦନ କରୁଥିବା ବହୁସଂଖ୍ୟକ ପ୍ରତିଷ୍ଠାନ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଦେଖିବାକୁ ମିଳେ । ଏ ଦୁଇ ପ୍ରକାର ବ୍ୟବସ୍ଥା ମଧ୍ୟରେ ଅନ୍ୟ ଏକ ପ୍ରକାର ଅପୂର୍ଣ୍ଣ ବଜାର ଦୃଷ୍ଟିଗୋଚର ହୋଇଥାଏ, ଯେଉଁଠାରେ ଦ୍ରବ୍ୟର ମାତ୍ର ଅଳ୍ପ ସଂଖ୍ୟକ ପ୍ରତିଯୋଗୀ ବିକ୍ରେତା ଥାଆନ୍ତି । ସେ ପ୍ରକାର ବଜାର ବ୍ୟବସ୍ଥାକୁ ଅଳ୍ପାଧିକାର ବା କତିପୟ ବିକ୍ରେତା ନିୟନ୍ତ୍ରିତ ବଜାର କୁହାଯାଏ ।

ଅଳ୍ପାଧିକାର (Oligopoly) ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦ ଯଥା 'Olig' ଅର୍ଥାତ୍ 'ଅଳ୍ପସଂଖ୍ୟକ' ଏବଂ 'Poly' ଅର୍ଥାତ୍ 'ବିକ୍ରେତା'ରୁ ବ୍ୟୁତ୍ପନ୍ନ ହୋଇଅଛି । ତେଣୁ ଆକ୍ଷରିକ ଅର୍ଥରେ, ଯେଉଁ ବଜାର ବ୍ୟବସ୍ଥାରେ ଦ୍ରବ୍ୟର ଅଳ୍ପସଂଖ୍ୟକ ପ୍ରତିଯୋଗୀ ବିକ୍ରେତା ଥାଆନ୍ତି ତାହାକୁ ଅଳ୍ପାଧିକାର ବଜାର କୁହାଯାଏ । ଏଠାରେ ପ୍ରତ୍ୟେକ ପ୍ରତିଷ୍ଠାନ ବଜାର ଚାହିଦାର ଏକ ଉଲ୍ଲେଖନୀୟ ଅଂଶକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟାରେ ଅନବରତ ଲାଗିଥାନ୍ତି । ତେଣୁ ଏ

ପ୍ରକାର ବଜାରକୁ 'ଅଳ୍ପ କେତେକଙ୍କ ମଧ୍ୟରେ ପ୍ରତିଯୋଗିତା' ମଧ୍ୟ କୁହାଯାଏ। ବଜାରରେ ଅଳ୍ପସଂଖ୍ୟକ ବିକ୍ରେତା ଥିବାରୁ, ପ୍ରତ୍ୟେକ ବିକ୍ରେତାଙ୍କ ଦ୍ରବ୍ୟର ପରିମାଣ ଓ ଦର ସମ୍ପର୍କୀୟ ନୀତି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ବିକ୍ରେତାଙ୍କୁ ବହୁଭାବରେ ପ୍ରଭାବିତ କରିଥାଏ। ଅର୍ଥାତ୍ ଏ ପ୍ରକାର ସ୍ଥିତିରେ ବିକ୍ରେତାଙ୍କ ବଜାର ସମ୍ବନ୍ଧୀୟ ନୀତି ପରସ୍ପର ନିର୍ଭରଶୀଳ।

ଯେଉଁ ବଜାର ବ୍ୟବସ୍ଥାରେ ଅଳ୍ପ କେତେକ ପ୍ରତିଦ୍ୱନ୍ଦ୍ୱୀ ବିକ୍ରେତା ବଜାର ଚାହିଦାର ଏକ ଉଲ୍ଲେଖନୀୟ ଅଂଶକୁ ନିୟନ୍ତ୍ରଣ କରି ସ୍ୱ ଉତ୍ପାଦିତ ଦ୍ରବ୍ୟର ଦର ଓ ବିକ୍ରୟ ନୀତି ଦ୍ୱାରା ଅନ୍ୟ ବିକ୍ରେତାଙ୍କୁ ପ୍ରଭାବିତ କରିଥାନ୍ତି, ତାହାକୁ ଅଳ୍ପାଧିକାର କୁହାଯାଏ।

ଅଳ୍ପାଧିକାରୀ ବଜାର ବ୍ୟବସ୍ଥା ବାସ୍ତବ ଜଗତରେ ବହୁଭାବରେ ଦେଖାଯାଏ। ସାଇକେଲ ବଜାର, ଯନ୍ତ୍ରଚାଳିତ ଦୁଇଚକିଆ ଯାନର ବଜାର ଏବଂ ମୋଟରକାର ବଜାର ଆଦି ଅଳ୍ପାଧିକାର ବଜାର ବ୍ୟବସ୍ଥାର ଉଦାହରଣ।

ଅଳ୍ପାଧିକାର ବଜାର ବ୍ୟବସ୍ଥା ସାଧାରଣତଃ ଦୁଇପ୍ରକାର ଯଥା-ଶୁଦ୍ଧ ଅଳ୍ପାଧିକାର ଏବଂ ବିଭେଦୀକୃତ ଅଳ୍ପାଧିକାର। ଶୁଦ୍ଧ ଅଳ୍ପାଧିକାର ବଜାରରେ ସମସ୍ତ ବିକ୍ରେତା ଅନୁରୂପ ଦ୍ରବ୍ୟମାନ ଉତ୍ପାଦନ କରିଥାନ୍ତି। ଏହାକୁ ମଧ୍ୟ ସମ୍ପୂର୍ଣ୍ଣ ଅଳ୍ପାଧିକାର କୁହାଯାଏ। ଆଲୁମିନିୟମ୍ ଏବଂ ଷ୍ଟିଲ ନିର୍ମିତ ଦ୍ରବ୍ୟର ବଜାର ଇତ୍ୟାଦି ସମ୍ପୂର୍ଣ୍ଣ ଅଳ୍ପାଧିକାର ବଜାରର ଉଦାହରଣ। କିନ୍ତୁ ଅଳ୍ପ ସଂଖ୍ୟକ ବିକ୍ରେତା ବିଭେଦୀକୃତ ମାତ୍ର ନିକଟ ବିକଳ୍ପ ଦ୍ରବ୍ୟ ଉତ୍ପାଦନ କରୁଥିଲେ ଏହାକୁ ବିଭେଦୀକୃତ ବା ଅସମ୍ପୂର୍ଣ୍ଣ ଅଳ୍ପାଧିକାର କୁହାଯାଏ। ସାଇକେଲ, ଯନ୍ତ୍ରଚାଳିତ ଯାନ ଓ ମୋଟର କାର ଇତ୍ୟାଦିର ବଜାର ଏ ପ୍ରକାର ବଜାରର ଉଦାହରଣ। ଯେଉଁ ବଜାରରେ ଦ୍ରବ୍ୟର କେବଳ ମାତ୍ର ଦୁଇଜଣ ବିକ୍ରେତା ଥାନ୍ତି ତାହାକୁ 'ଦ୍ୱୟାଧିକାର' ବା 'ଦ୍ୱୈତ ବିକ୍ରେତା ବଜାର' (Duopoly) କୁହାଯାଏ। ସେହିପରି ଦ୍ରବ୍ୟର କେତେକ ଛୋଟ ଛୋଟ ପ୍ରତିଷ୍ଠାନ ଥିଲେ ମଧ୍ୟ ଗୋଟିଏ ବୃହତ୍ ପ୍ରତିଷ୍ଠାନ ବଜାରର ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ଉପରେ ପ୍ରଭାବ ବିସ୍ତାର କରୁଥିଲେ ତାହାକୁ 'ଦର ନେତୃତ୍ୱକାରୀ' ବଜାର (Price Leadership) ବ୍ୟବସ୍ଥା କୁହାଯାଏ।

## ବୈଶିଷ୍ଟ୍ୟ

ଅଳ୍ପାଧିକାର ବା କତିପୟ ବିକ୍ରେତା ନିୟନ୍ତ୍ରିତ ବଜାର ବ୍ୟବସ୍ଥାର କେତେକ ପ୍ରମୁଖ ବୈଶିଷ୍ଟ୍ୟ ନିମ୍ନରେ ଆଲୋଚନା କରାଯାଉଛି।

1. **ଅଳ୍ପସଂଖ୍ୟକ ବିକ୍ରେତା (Few Sellers) :** ଅଳ୍ପାଧିକାର ବଜାର ଅଳ୍ପସଂଖ୍ୟକ ବିକ୍ରେତାଙ୍କୁ ନେଇ ଗଠିତ। ଏ ପ୍ରକାର ବଜାରରେ ପ୍ରତିଦ୍ୱନ୍ଦ୍ୱିତାର ଅସଲ ରୂପ ଦେଖିବାକୁ ମିଳିଥାଏ। ଦ୍ରବ୍ୟର ବିକ୍ରେତାମାନେ ବଜାରର ଏକ ଉଲ୍ଲେଖନୀୟ ଅଂଶ ହାସଲ କରିବା ପାଇଁ ପରସ୍ପର ମଧ୍ୟରେ ଯେପରି ଦନ୍ତ ଓ ନଖ ଲଗାଇ ପ୍ରତିଦ୍ୱନ୍ଦ୍ୱିତା କରୁଥାନ୍ତି। ଏହା ଏକ ବିକ୍ରେତା ବିଶିଷ୍ଟ ଏକାଧିକାର, ବହୁ ବିକ୍ରେତା ବିଶିଷ୍ଟ ଏକାଧିକାରମୂଳକ ପ୍ରତିଯୋଗିତା ଏବଂ ଅସଂଖ୍ୟ ବିକ୍ରେତା ବିଶିଷ୍ଟ ସମ୍ପୂର୍ଣ୍ଣ ପ୍ରତିଯୋଗିତା ବଜାର ବ୍ୟବସ୍ଥା ଠାରୁ ଭିନ୍ନ।

2. **ପାରସ୍ପରିକ ନିର୍ଭରଶୀଳତା (Mutual Interdependence) :** ଅଳ୍ପାଧିକାରର ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଏଠାରେ ଅଳ୍ପସଂଖ୍ୟକ ପ୍ରତିଷ୍ଠାନ ଥାନ୍ତି । ସେମାନେ ବିକ୍ରି କରୁଥିବା ଦ୍ରବ୍ୟ ଗୁଡ଼ିକ ପରସ୍ପରର ନିକଟ ବିକଳ୍ପ ଅଟନ୍ତି । ସେଥିପାଇଁ କୌଣସି ପ୍ରତିଷ୍ଠାନ ସ୍ୱାଧୀନ ଭାବେ ଦ୍ରବ୍ୟର ଦର ସମ୍ବନ୍ଧୀୟ ନିଷ୍ପତ୍ତି ଗ୍ରହଣ କରିପାରନ୍ତି ନାହିଁ । ପ୍ରତ୍ୟେକ ପ୍ରତିଷ୍ଠାନ ନିଜ ଉତ୍ପାଦିତ ଦ୍ରବ୍ୟର ଦର ଓ ପରିମାଣ ସ୍ଥିର କଲାବେଳେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠାନ ମାନଙ୍କର ତଜ୍ଜନିତ ପ୍ରତିକ୍ରିୟାକୁ ବିଚାର କରିଥାନ୍ତି । ଉଦାହରଣ ସ୍ୱରୂପ, କୌଣସି ବିକ୍ରେତା ନିଜ ଦ୍ରବ୍ୟର ଦର କମ୍ ଓ ବିକ୍ରି ପରିମାଣ ବୃଦ୍ଧି କରିବାର ନିଷ୍ପତ୍ତି ନେଲେ, ପ୍ରତିଦ୍ୱନ୍ଦ୍ୱୀ ବିକ୍ରେତାମାନେ ଉକ୍ତ ନିଷ୍ପତ୍ତିର ମୁକାବିଲା ପାଇଁ ଅନୁରୂପ ପନ୍ଥା ଅବଲମ୍ବନ କରିଥାନ୍ତି । ସେଥିପାଇଁ ଅଳ୍ପାଧିକାରକୁ ରବିନ୍‌ସନ୍ ବିରାଡ଼ି ଓ ମୂଷା ଏକାଧିକାର ବୋଲି ବର୍ଣ୍ଣନା କରିଛନ୍ତି ।

3. **ଦଳଗତ ବ୍ୟବହାର (Group Behaviour) :** ଅଳ୍ପାଧିକାର ତତ୍ତ୍ୱ ଏକ ଦଳଗତ ବ୍ୟାବହାରିକ ତତ୍ତ୍ୱ ବା ସିଦ୍ଧାନ୍ତ ଅଟେ । ଏହା ପୂର୍ଣ୍ଣ ପ୍ରତିଯୋଗିତା ଏବଂ ଏକାଧିକାରମୂଳକ ପ୍ରତିଯୋଗିତାରେ ଥିବା ସମଷ୍ଟିଗତ ବ୍ୟବହାର କିମ୍ବା ଏକାଧିକାର ବଜାର ବ୍ୟବସ୍ଥାର ବ୍ୟକ୍ତିଗତ ବ୍ୟବହାର ଭଳି ନୁହେଁ । ଏଠାରେ ଦ୍ରବ୍ୟର ଉତ୍ପାଦନ ଓ ଦର ନିର୍ଦ୍ଧାରଣ ନୀତି ନିର୍ଣ୍ଣୟ କରିବାରେ ବିକ୍ରେତାମାନେ ପରସ୍ପର ଉପରେ ନିର୍ଭର କରିଥାନ୍ତି । ଅଳ୍ପାଧିକାର ବଜାରରେ ବିକ୍ରେତାମାନେ ସେମାନଙ୍କର ସାମୂହିକ ସ୍ୱାର୍ଥସାଧନ ତଥା ଅଧିକ ଲାଭ ଆଶାରେ ଏକ ବିକ୍ରେତା ସଂଘ ବା କାର୍ଟେଲ (Cartel) ଗଢ଼ିପାରନ୍ତି କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନିମନ୍ତେ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିପାରନ୍ତି । କାର୍ଟେଲ ସହଯୋଗୀ ପ୍ରତିଷ୍ଠାନ ମାନଙ୍କର ମତାମତକୁ ବିଚାରକରି ଗୋଟିଏ ବୃହତ୍ ପ୍ରତିଷ୍ଠାନ ବଜାର ସମ୍ବନ୍ଧୀୟ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରିଥାଏ । ଉକ୍ତ ନିଷ୍ପତ୍ତିକୁ 'କାର୍ଟେଲ'ର ସମସ୍ତ ସଦସ୍ୟ ମାନି ଥାଆନ୍ତି । ନିଷ୍ପତ୍ତି ଗ୍ରହଣ କରୁଥିବା ପ୍ରତିଷ୍ଠାନକୁ ଦର ନେତୃତ୍ୱକାରୀ (Price Leader) କୁହାଯାଏ । ଅଳ୍ପାଧିକାରରେ କାର୍ଟେଲ ଗଠନ କରିବାର କୌଣସି ନିର୍ଦ୍ଦିଷ୍ଟ ନିୟମ ନ ଥାଏ । ବିକ୍ରେତାମାନେ ନିଜ ଇଚ୍ଛା ଅନୁସାରେ କାର୍ଟେଲ ଗଠନ କରିପାରନ୍ତି ବା ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିଥାନ୍ତି ।

4. **ବିଜ୍ଞାପନ ଓ ବିକ୍ରୟ ପରିବ୍ୟୟ (Advertisement and Selling Cost) :** ଅଳ୍ପାଧିକାରରେ କୌଣସି ପ୍ରତିଷ୍ଠାନ ନିଜ ଉତ୍ପାଦିତ ଦ୍ରବ୍ୟର ଦର ହ୍ରାସ କରି ଏହାର ବିକ୍ରୟ ବୃଦ୍ଧି କରିବାକୁ ଚେଷ୍ଟା କଲେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ବିକ୍ରେତାମାନେ ମଧ୍ୟ ଅନୁରୂପ ପ୍ରୟାସ କରିଥାନ୍ତି । ଏହା ବିକ୍ରେତାମାନଙ୍କ ମଧ୍ୟରେ ଏକ ଦରଯୁଦ୍ଧର ସମ୍ଭାବନା ସୃଷ୍ଟି କରେ ଯାହା ସମସ୍ତଙ୍କ ସ୍ୱାର୍ଥ ହାନି କରିପାରେ । ସେଥିପାଇଁ ଅଳ୍ପାଧିକାର ବଜାରରେ ନିଜର ପ୍ରଭାବ ବୃଦ୍ଧି ପାଇଁ ବିକ୍ରେତାମାନେ ସାଧାରଣତଃ ଅଣଦର ପ୍ରତିଯୋଗିତାର ସାହାଯ୍ୟ ନେଇଥାନ୍ତି । ଅଣଦର ପ୍ରତିଯୋଗିତା କହିଲେ ମୁଖ୍ୟତଃ ବିଜ୍ଞାପନ ଏବଂ ଅନ୍ୟାନ୍ୟ ବିକ୍ରୟ ବୃଦ୍ଧି କରିବା କୌଶଳକୁ ବୁଝାଯାଏ । ଅଳ୍ପାଧିକାରରେ ବିକ୍ରେତାମାନେ ଅଣଦର ପ୍ରତିଯୋଗିତାରେ ପ୍ରଚୁର ବ୍ୟୟ କରିଥାନ୍ତି । ସେଥିପାଇଁ ପ୍ରଫେସର ବମଲ୍‌ଙ୍କ ଭାଷାରେ "କେବଳ ଅଳ୍ପାଧିକାରରେ ବିଜ୍ଞାପନ ନିଜର ପୂର୍ଣ୍ଣ କରାମତି ଦେଖାଇଥାଏ ।"

5. **ଅନିର୍ଦ୍ଧାରିତ ଚାହିଦା ରେଖା (Indeterminate Demand Curve) :** ଅଳ୍ପାଧିକାରରେ ପ୍ରତିଷ୍ଠାନ ଗୁଡ଼ିକ ପରସ୍ପର ଉପରେ ବହୁଭାବରେ ନିର୍ଭରଶୀଳ । କୌଣସି ପ୍ରତିଷ୍ଠାନ ତାର ପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠାନର ଦର ଏବଂ ଉତ୍ପାଦନ ନୀତିର ସଠିକ୍ ଆକଳନ କରିପାରେ ନାହିଁ । କାରଣ ପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠାନ ଗୁଡ଼ିକର ଆକାରଗତ ସମାନତା ନ ଥାଏ ଏବଂ ସେମାନେ ସେମାନଙ୍କର ବ୍ୟବସାୟିକ ରଣକୌଶଳ ଘନ ଘନ ପରିବର୍ତ୍ତନ କରୁଥାନ୍ତି । ଏହା ଫଳରେ ପ୍ରତିଷ୍ଠାନ ଗୁଡ଼ିକର ଚାହିଦା ରେଖା ସର୍ବଦା ଅନିଶ୍ଚିତ ହେବା ସଙ୍ଗେ ସଙ୍ଗେ ପରିବର୍ତ୍ତନଶୀଳ ମଧ୍ୟ ହୋଇଥାଏ । ଏଥିପାଇଁ ଅଳ୍ପାଧିକାରରେ ଦ୍ରବ୍ୟର ଦର ନିର୍ଣ୍ଣୟ କରିବା ପ୍ରକ୍ରିୟା ଅପେକ୍ଷାକୃତ କଷ୍ଟକର ହୋଇଥାଏ ।

ନିମ୍ନରେ ଏ ପର୍ଯ୍ୟନ୍ତ ଆଲୋଚନା କରାଯାଇଥିବା ପ୍ରମୁଖ ଅପୂର୍ଣ୍ଣ ବଜାରଗୁଡ଼ିକର ଏକ ତୁଳନାତ୍ମକ ବିବରଣୀ ଦିଆଯାଇଛି ।

| ପାର୍ଥକ୍ୟ ବିଷୟ | ଏକାଧିକାର | ଅଳ୍ପାଧିକାର | ଏକାଧିକାରମୂଳକ ପ୍ରତିଯୋଗିତା |
|---|---|---|---|
| 1. ବିକ୍ରେତାଙ୍କ ସଂଖ୍ୟା | ଏକ | ଏକାଧିକ ମାତ୍ର ଅଳ୍ପ ସଂଖ୍ୟକ | ବହୁସଂଖ୍ୟକ |
| 2. ଦ୍ରବ୍ୟର ପ୍ରକୃତି | କୌଣସି ନିକଟ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ନ ଥାଏ | ଶୁଦ୍ଧ ଅଳ୍ପାଧିକାରରେ ସମଜାତୀୟ ଏବଂ ବିଭେଦୀକୃତ ଅଳ୍ପାଧିକାରରେ ବିଭେଦୀକୃତ ମାତ୍ର ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ରହିଥାଏ | ବିଭେଦୀକୃତ ମାତ୍ର ପ୍ରତିସ୍ଥାପନ କ୍ଷମ ଦ୍ରବ୍ୟ ରହିଥାଏ । |
| 3. ଦରର ଭିନ୍ନତା | ରହି ନଥାଏ | ସୀମିତ ମାତ୍ରାରେ ଥାଏ | ସୀମିତ ମାତ୍ରାରେ ରହିଥାଏ |
| 4. ଚାହିଦା ବକ୍ରରେଖା | ନିମ୍ନମୁଖୀ ଏବଂ ଅପେକ୍ଷାକୃତ କମ୍ ନମନୀୟ | ଅନିଶ୍ଚିତ | ନିମ୍ନମୁଖୀ ଏବଂ ଅପେକ୍ଷାକୃତ ଅଧିକ ନମନୀୟ |
| 5. ବିକ୍ରୟ ପରିବ୍ୟୟ | ସୀମିତ | ପର୍ଯ୍ୟାପ୍ତ | ପର୍ଯ୍ୟାପ୍ତ |

## 5.3 ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ଦର ନିର୍ଦ୍ଧାରଣ

ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର କେବଳ ଗୋଟିଏ ମାତ୍ର ଦର ପ୍ରଚଳିତ ଥାଏ। ଏହି ଦର 'ବଜାର ଯୋଗାଣ ଓ ଚାହିଦା'ର ମଧ୍ୟ କ୍ରିୟା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ନିର୍ଦ୍ଧାରିତ ଦରକୁ ଉଭୟ ଦ୍ରବ୍ୟର କ୍ରେତା ଏବଂ ବିକ୍ରେତା ଗ୍ରହଣ କରିବାକୁ ବାଧ୍ୟ ହୋଇଥାନ୍ତି। କାରଣ ବଜାରରେ ଦ୍ରବ୍ୟର ବହୁସଂଖ୍ୟକ କ୍ରେତା ଓ ବିକ୍ରେତାଙ୍କ ଉପସ୍ଥିତି ସେମାନଙ୍କର ବ୍ୟକ୍ତିଗତ ପ୍ରଭାବକୁ ଅତି ନଗଣ୍ୟ କରିଦେଇଥାଏ। ସେଥିପାଇଁ ପୂର୍ଣ୍ଣପ୍ରତିଯୋଗିତାରେ ଉଭୟ କ୍ରେତା ଏବଂ ବିକ୍ରେତା ଦର ଗ୍ରହୀତା ମାତ୍ର ଦର ଧାର୍ଯ୍ୟକାରୀ ନୁହଁନ୍ତି।

ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର ଦର ନିର୍ଣ୍ଣୟ ବହୁଦିନ ଧରି ଏକ ବିବଦମାନ ବିଷୟ ହୋଇ ରହିଥିଲା। ଏ ସମ୍ପର୍କରେ ଅର୍ଥଶାସ୍ତ୍ରୀମାନେ ସାଧାରଣତଃ ଦୁଇ ପ୍ରକାର ମତପୋଷଣ କରୁଥିଲେ। ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ଦ୍ରବ୍ୟର ଦର ନିର୍ଣ୍ଣୟରେ ଏହାର ଉତ୍ପାଦନ ପରିବ୍ୟୟ ତଥା ଯୋଗାଣକୁ ପ୍ରାଥମିକତା ଦେଇଥିଲେ। ସେମାନଙ୍କ ମତରେ ଦ୍ରବ୍ୟର ସୀମାନ୍ତ ଉତ୍ପାଦନ ପରିବ୍ୟୟ ଏହାର ଯୋଗାଣକୁ ପ୍ରଭାବିତ କରେ ଏବଂ ଦ୍ରବ୍ୟର ଯୋଗାଣ ଏହାର ଦର ନିର୍ଦ୍ଧାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ଦ୍ରବ୍ୟର ଦର ନିର୍ଣ୍ଣୟରେ ଏହାର ସୀମାନ୍ତ ପରିବ୍ୟୟକୁ ପ୍ରାଧାନ୍ୟ ଦେଇଥିଲେ। ଅନ୍ୟପକ୍ଷରେ, ଅଷ୍ଟ୍ରୀୟ ଅର୍ଥଶାସ୍ତ୍ରୀ ଦ୍ରବ୍ୟର ଦର ନିର୍ଣ୍ଣୟରେ ଏହାର ଉପଯୋଗିତାକୁ ପ୍ରାଥମିକତା ଦେଇଥିଲେ। ସେମାନଙ୍କ ମତରେ, ଦ୍ରବ୍ୟର ସୀମାନ୍ତ ଉପଯୋଗିତା ଏହାର ଚାହିଦାକୁ ପ୍ରଭାବିତ କରେ ଏବଂ ଦ୍ରବ୍ୟର ଚାହିଦା ଏହାର ଦର ନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେଣୁ ଦ୍ୱିତୀୟ ପକ୍ଷ ଉପଯୋଗିତାବାଦୀ ଅର୍ଥଶାସ୍ତ୍ରୀମାନେ ଦ୍ରବ୍ୟର ଦର ନିର୍ଣ୍ଣୟରେ ଏହାର ସୀମାନ୍ତ ଉପଯୋଗିତାକୁ ପ୍ରାଧାନ୍ୟ ଦେଇଥିଲେ।

ଏଠାରେ ପ୍ରଣିଧାନଯୋଗ୍ୟ ଯେ ଉଭୟମତ ଏକପାକ୍ଷିକ। ତେଣୁ କୌଣସିଟି ଗ୍ରହଣୀୟ ନୁହେଁ। ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ ମାର୍ଶାଲ୍ ଏହି ଦୁଇ ପରସ୍ପର ବିରୋଧୀ ମତର ସଂଶ୍ଳେଷଣ କରିଥିଲେ। ତାଙ୍କ ମତରେ ଗୋଟିଏ ଦ୍ରବ୍ୟର ସନ୍ତୁଳନ ଦର ନିର୍ଦ୍ଧାରଣ କରିବାରେ ଉଭୟ ଯୋଗାଣ ଏବଂ ଚାହିଦା ସମାନଭାବେ ଗୁରୁତ୍ୱପୂର୍ଣ୍ଣ। ସେ ଦ୍ରବ୍ୟର ଯୋଗାଣ ଓ ଚାହିଦାକୁ ଗୋଟିଏ କଇଁଚିର ଦୁଇଧାର ସହ ତୁଳନା କରିଥିଲେ। ତାଙ୍କ ମତରେ, ଯେପରି କଇଁଚିର କାଟିବା କାର୍ଯ୍ୟରେ ଏହାର ଦୁଇଧାର ଏକାଭଳି ଆବଶ୍ୟକ, ସେହିପରି ଦ୍ରବ୍ୟର ଦର ନିର୍ଣ୍ଣୟରେ ଏହାର ଯୋଗାଣ ଓ ଚାହିଦା ଏକାଭଳି ଗୁରୁତ୍ୱପୂର୍ଣ୍ଣ। ମାର୍ଶାଲ୍‌ଙ୍କ ମତରେ ଦୁଇ ବଜାରଶକ୍ତି, ଯଥା ଦ୍ରବ୍ୟର ଯୋଗାଣ ଓ ଏହାର ଚାହିଦା ମଧ୍ୟରୁ ଦ୍ରବ୍ୟର ଦର ନିର୍ଣ୍ଣୟରେ କେଉଁଟି ଅଧିକ ସକ୍ରିୟ ତାହା ଜାଣିବାରେ 'ସମୟ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ତାଙ୍କ ସିଦ୍ଧାନ୍ତ ଅନୁଯାୟୀ ସ୍ୱଳ୍ପକାଳରେ ଚାହିଦା ଦ୍ରବ୍ୟର ଦର ନିର୍ଦ୍ଧାରଣରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିଥାଏ। ମାତ୍ର ଦୀର୍ଘକାଳରେ ଯୋଗାଣ ଦ୍ରବ୍ୟର ଦର ନିର୍ଦ୍ଧାରଣରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

## ସନ୍ତୁଳନ ଦର

ଅର୍ଥଶାସ୍ତ୍ରରେ 'ସନ୍ତୁଳନ' କହିଲେ ଏକ ଭାରସାମ୍ୟ ଅବସ୍ଥାକୁ ବୁଝାଇଥାଏ। ଏହା ଏପରି ଏକ ଅବସ୍ଥା ଯାହାର ପରିବର୍ତ୍ତନ ହେବାର ପ୍ରବୃତ୍ତି ନ ଥାଏ। ପୂର୍ଣ୍ଣ ପ୍ରତିଯୋଗିତାରେ କୌଣସି ସମୟରେ ଦ୍ରବ୍ୟର ଯେଉଁ ଦରରେ, ଏହାର ଚାହିଦାର ପରିମାଣ ଓ ଯୋଗାଣ ପରିମାଣ ସମାନ ହୁଏ, ସେହି ଦରକୁ ସନ୍ତୁଳନ ଦର କୁହାଯାଏ।

ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର ପ୍ରଚଳିତ ଦର ହିଁ ଏହାର ସନ୍ତୁଳନ ଦର। ଦ୍ରବ୍ୟର ଦର ଏହାର ସନ୍ତୁଳନ ଦର ଠାରୁ ଭିନ୍ନ ହେଲେ ଦ୍ରବ୍ୟର ପ୍ରଚଳିତ ଦର ଆପେ ଆପେ ଏହାର ସନ୍ତୁଳନ ଦର ସହ ସମାନ ହୋଇଯାଏ। ଉଦାହରଣ ସ୍ୱରୂପ, ଯଦି ପ୍ରଚଳିତ ଦର, ସନ୍ତୁଳନ ଦରଠାରୁ ଅଧିକ ହୁଏ ତେବେ ଦ୍ରବ୍ୟର ଯୋଗାଣ ଏହାର ଚାହିଦାଠାରୁ ଅଧିକ ହୋଇଯାଏ। ଫଳରେ ଦ୍ରବ୍ୟର ଦର ନିମ୍ନଗାମୀ ହୁଏ। ସେହିପରି ପ୍ରଚଳିତ ଦର, ସନ୍ତୁଳନ ଦରଠାରୁ କମ୍ ହେଲେ, ଦ୍ରବ୍ୟର ଚାହିଦା ଏହାର ଯୋଗାଣଠାରୁ ଅଧିକ ହୁଏ। ଏହା ଦ୍ରବ୍ୟର ଦରକୁ ଊର୍ଦ୍ଧଗାମୀ କରାଏ। ଏହି ପ୍ରକ୍ରିୟା ଦ୍ରବ୍ୟର ଯୋଗାଣ ଏବଂ ଏହାର ଚାହିଦା ପରସ୍ପର ସମାନ ହେବାଯାଏଁ ଚାଲିଥାଏ। ଦ୍ରବ୍ୟର ଯୋଗାଣ ଓ ଚାହିଦା ସମାନ ହେଲେ ପ୍ରଚଳିତ ଦର, ଦ୍ରବ୍ୟର ସନ୍ତୁଳନ ଦର ସହ ସମାନ ହୋଇଯାଏ। ତେଣୁ ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର ପ୍ରଚଳିତ ଦର ସର୍ବଦା ଏହାର ସନ୍ତୁଳନ ଦର ସହ ସମାନ ହେବାର ପ୍ରବୃତ୍ତି ରଖିଥାଏ।

## ସନ୍ତୁଳନ ଦର ନିର୍ଦ୍ଧାରଣ

ପୂର୍ଣ୍ଣପ୍ରତିଯୋଗିତାରେ ଦ୍ରବ୍ୟର ସନ୍ତୁଳନ ଦର, ଦ୍ରବ୍ୟର ବଜାର ଚାହିଦା ପରିମାଣକୁ ଏବଂ ଏହାର ବଜାର ଯୋଗାଣ ପରିମାଣ ସହିତ ସମାନ ହେବା ଅବସ୍ଥାରେ ନିର୍ଦ୍ଧାରିତ ହୋଇଥାଏ।

**ବଜାର ଚାହିଦା:** ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ଦରରେ ବଜାରରେ ସମସ୍ତ କ୍ରେତାଙ୍କ ଚାହିଦା ପରିମାଣର ସମଷ୍ଟିକୁ ଦ୍ରବ୍ୟର ବଜାର ଚାହିଦା କୁହାଯାଏ।

**ବଜାର ଯୋଗାଣ:** ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ଦରରେ ବଜାରରେ ସମସ୍ତ ବିକ୍ରେତାଙ୍କ ଯୋଗାଣ ପରିମାଣର ସମଷ୍ଟିକୁ ଦ୍ରବ୍ୟର ବଜାର ଯୋଗାଣ କୁହାଯାଏ।

ସାଧାରଣତଃ, ଦ୍ରବ୍ୟର ଦର ଓ ଏହାର ବଜାର ଚାହିଦା ପରିମାଣର ସମ୍ପର୍କ ଋଣାତ୍ମକ ହୋଇଥିବାବେଳେ ଦ୍ରବ୍ୟର ଦର ଓ ବଜାର ଯୋଗାଣ ମଧ୍ୟରେ ସମ୍ପର୍କ ଧନାତ୍ମକ ହୋଇଥାଏ । ଦ୍ରବ୍ୟର ଦର ବୃଦ୍ଧି ହେଲେ ଏହାର ବଜାର ଯୋଗାଣ ବୃଦ୍ଧି ଓ ଏହାର ବଜାର ଚାହିଦା ହ୍ରାସ ପାଇଥାଏ । ସେହିପରି ଦ୍ରବ୍ୟର ଦର ହ୍ରାସ ହେଲେ ଏହାର ବଜାର ଯୋଗାଣ ହ୍ରାସ ଓ ଏହାର ବଜାର ଚାହିଦା ବୃଦ୍ଧି ପାଇଥାଏ । ବଜାର ଚାହିଦା ଏବଂ ଯୋଗାଣର ଭାରସାମ୍ୟ ରକ୍ଷାକରୁଥିବା ନିର୍ଦ୍ଧାରିତ ଦରକୁ ଦ୍ରବ୍ୟର ସନ୍ତୁଳନ ଦର କୁହାଯାଏ । ପୂର୍ଣ୍ଣ ପ୍ରତିଯୋଗିତାରେ ପ୍ରତିଷ୍ଠାନ ବା ଉଦ୍ୟୋଗ ଦ୍ରବ୍ୟର ବଜାର ଚାହିଦା ଓ ଯୋଗାଣ ପରିମାଣ ସ୍ଥିର କରି ଏହାର ସନ୍ତୁଳନ ଦର ନିର୍ଦ୍ଧାରଣ କରିଥାଏ । ନିମ୍ନରେ ଦିଆଯାଇଥିବା କାଳ୍ପନିକ ବଜାର ଚାହିଦା ଓ ଯୋଗାଣ ସାରଣୀରେ ଦ୍ରବ୍ୟର ସନ୍ତୁଳନ ଦର ନିର୍ଣ୍ଣୟ ପ୍ରକ୍ରିୟା ଦର୍ଶାଯାଇଛି ।


**ସାରଣୀ- 5.1 : ଦ୍ରବ୍ୟର ବିଭିନ୍ନ ଦରରେ ବଜାର ଚାହିଦା ଓ ଯୋଗାଣର ପରିମାଣ**

| ଦର (ଟଙ୍କାରେ) | ଦ୍ରବ୍ୟର ଚାହିଦା ପରିମାଣ | ଦ୍ରବ୍ୟର ଯୋଗାଣ ପରିମାଣ | ସିଦ୍ଧାନ୍ତ |
|---|---|---|---|
| 5<br>6 | 100<br>90 | 60<br>70 | } ଅଧିକ ଚାହିଦା ସ୍ଥିତି |
| 7 | 80 | 80 | ବଜାର ଚାହିଦା = ବଜାର ଯୋଗାଣ |
| 8<br>9 | 70<br>60 | 90<br>100 | } ଅଧିକ ଯୋଗାଣ ସ୍ଥିତି |

ଉପରୋକ୍ତ ସାରଣୀରେ କାଳ୍ପନିକ ବଜାର ଚାହିଦା ଓ ଯୋଗାଣ ସାରଣୀର ଅବତାରଣା ଚାହିଦା ଏବଂ ଯୋଗାଣ ତତ୍ତ୍ୱ ଅନୁସାରେ କରାଯାଇଛି । ଏଥିରେ ଦ୍ରବ୍ୟର ଦର ସହିତ ଏହାର ବଜାର ଚାହିଦା ଓ ଯୋଗାଣର ଯଥାକ୍ରମେ ଋଣାତ୍ମକ ଓ ଧନାତ୍ମକ ସମ୍ପର୍କ ଦର୍ଶାଯାଇଛି । ସାରଣୀରୁ ଏହା ସ୍ପଷ୍ଟ ଯେ ଦ୍ରବ୍ୟର ଦର 7 ଟଙ୍କା ହେଲେ ଏହାର ଚାହିଦା ଏବଂ ଯୋଗାଣ ସମାନ ହେବେ । ତେଣୁ ଏଠାରେ ଦ୍ରବ୍ୟର ସନ୍ତୁଳନ ଦର 7 ଟଙ୍କା ଏବଂ ଏହାର ସନ୍ତୁଳନ ଚାହିଦା ଓ ଯୋଗାଣର ପରିମାଣ 80 ଏକକ ହୋଇଛି । ଅନ୍ୟ କୌଣସି ଦରରେ ଦ୍ରବ୍ୟର ଚାହିଦା ଓ

ଯୋଗାଣ ମଧ୍ୟରେ ଭାରସାମ୍ୟ ରହିପାରିବ ନାହିଁ । ତେଣୁ ସେସବୁ ଦର, ଦ୍ରବ୍ୟର ସନ୍ତୁଳନ ଦର ନୁହଁନ୍ତି । ଉଦାହରଣ ସ୍ୱରୂପ, ଦ୍ରବ୍ୟର ଦର 8 ଟଙ୍କା ହେଲେ ଏହାର ଯୋଗାଣ ଓ ଚାହିଦା ଯଥାକ୍ରମେ 90 ଏବଂ 70 ଏକକ ହେବେ । ଫଳରେ ବଜାରରେ ଏକ ଅଧିକ ଯୋଗାଣ ସ୍ଥିତିର ଆବିର୍ଭାବ ହେବ । ଏହା ଉପସ୍ଥିତ ବିକ୍ରେତାମାନଙ୍କ ମଧ୍ୟରେ ଦ୍ରବ୍ୟ ବିକ୍ରୟ କରିବାର ପ୍ରତିଯୋଗିତାକୁ ତୀବ୍ର କରିବା ସଙ୍ଗେ ସଙ୍ଗେ ଦ୍ରବ୍ୟର ଦରକୁ ନିମ୍ନଗାମୀ କରିବ । ଏ ପ୍ରକ୍ରିୟା ଦ୍ରବ୍ୟର ଦର 7 ଟଙ୍କା ହେଲାଯାଏଁ ଚାଲିବ । ସେହିପରି ଦ୍ରବ୍ୟର ପ୍ରଚଳିତ ଦର ଯଦି 6 ଟଙ୍କା ହୁଏ ତେବେ ଏହା ଏକ ଅଧିକ ଚାହିଦା ସ୍ଥିତି ସୃଷ୍ଟି କରିବ । ସେ କ୍ଷେତ୍ରରେ କ୍ରେତାମାନଙ୍କ ମଧ୍ୟରେ ଦ୍ରବ୍ୟ କ୍ରୟ କରିବା ପାଇଁ ପ୍ରତିଯୋଗିତା ସୃଷ୍ଟି ହୋଇ ଦ୍ରବ୍ୟର ଦର ବୃଦ୍ଧି କରିବ । ଏଭଳି ପ୍ରକ୍ରିୟା ମଧ୍ୟ ଦ୍ରବ୍ୟର ଦର 7 ଟଙ୍କା ହେଲାଯାଏ ଚାଲିବ ।

ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର ସନ୍ତୁଳନ ଦର ନିର୍ଦ୍ଧାରଣ ଚିତ୍ର 5.5ରେ ଦର୍ଶାଯାଇଛି ।




ଚିତ୍ର - 5.5 : ପୂର୍ଣ୍ଣ ପ୍ରତିଯୋଗିତାରେ ଦର ନିର୍ଦ୍ଧାରଣ

ଉକ୍ତ ଚିତ୍ରରେ DD ଦ୍ରବ୍ୟର ବଜାର ଚାହିଦା ଓ SS ଏହାର ବଜାର ଯୋଗାଣ ରେଖା ଭାବେ ପ୍ରଦର୍ଶିତ ହୋଇଛି । ଚିତ୍ରରେ E ହେଉଛି ଚାହିଦା ଓ ଯୋଗାଣର ସନ୍ତୁଳନ ବିନ୍ଦୁ । ଏହି ସ୍ଥିତିରେ ଦ୍ରବ୍ୟର ଦର 7 ଟଙ୍କା ଏବଂ ଏହାର ଚାହିଦା ଓ ଯୋଗାଣ ପରିମାଣ ପ୍ରତ୍ୟେକ 80 ଏକକ । ଏହି ଦରରେ ଚାହିଦା ଓ ଯୋଗାଣ ସମାନ ହୋଇଥିବାରୁ ଏହା ଦ୍ରବ୍ୟର ସନ୍ତୁଳନ ଦର । ପ୍ରଚଳିତ ଦର 7 ଟଙ୍କାଠାରୁ ଅଧିକ ହେଲେ ବଜାରରେ ଅଧିକ ଯୋଗାଣ ସ୍ଥିତି ଓ କମ୍ ହେଲେ ଅଧିକ ଚାହିଦା ସ୍ଥିତି ସୃଷ୍ଟି ହେବ । ସେ କ୍ଷେତ୍ରରେ ଦ୍ରବ୍ୟର ପ୍ରଚଳିତ ଦର ଏହାର ସନ୍ତୁଳିତ ଦର ସହ ସମାନ ହେବାର ପ୍ରବୃତ୍ତି ଦର୍ଶାଇବ ଏବଂ କାଳକ୍ରମେ ସନ୍ତୁଳିତ ଦର ସହ ସମାନ ହେବ ।


ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ରବ୍ୟର ସନ୍ତୁଳନ ଦର ଏହାର ଯୋଗାଣ ଓ ଚାହିଦା ଉପରେ ନିର୍ଭର କରେ । ମାତ୍ର ଆମେ ଜାଣୁ ଯେ ଉଭୟ ଯୋଗାଣ ଏବଂ ଚାହିଦା ଅନେକଗୁଡ଼ିଏ ଚଳ

ଉପରେ ନିର୍ଭରଶୀଳ। ତେଣୁ ପ୍ରକୃତରେ ଏହି ବଳଗୁଡ଼ିକ ଦ୍ରବ୍ୟର ସନ୍ତୁଳନ ଦର ନିର୍ଦ୍ଧାରଣ କରିଥାନ୍ତି। ଦ୍ରବ୍ୟର ଚାହିଦା ଏବଂ ଯୋଗାଣ ଏହି ବଳମାନଙ୍କର ଏକ ପରିପ୍ରକାଶ ବୋଲି କୁହାଯାଇପାରେ।

### 5.3.1 ଚାହିଦା ଓ ଯୋଗାଣର ପରିବର୍ତ୍ତନ ଏବଂ ସନ୍ତୁଳନ ଦର

ପୂର୍ଣ୍ଣ ପ୍ରତିଯୋଗିତାରେ ଯୋଗାଣ ଓ ଚାହିଦା ଶକ୍ତିର ଭାରସାମ୍ୟ ଅବସ୍ଥାରେ ଦ୍ରବ୍ୟର ସନ୍ତୁଳନ ଦର ନିର୍ଦ୍ଧାରିତ ହୋଇଥାଏ। ତେଣୁ ଚାହିଦା, ଯୋଗାଣ କିମ୍ବା ଉଭୟ ଚାହିଦା ଓ ଯୋଗାଣର ପରିବର୍ତ୍ତନ ହେଲେ ଦ୍ରବ୍ୟର ସନ୍ତୁଳନ ଦରରେ ପରିବର୍ତ୍ତନ ହେବା ସ୍ୱାଭାବିକ। ନିମ୍ନରେ ଦ୍ରବ୍ୟର ସନ୍ତୁଳନ ଦର ଉପରେ ଚାହିଦା ଓ ଯୋଗାଣ ଶକ୍ତିର ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଛି।

**ଚାହିଦାର ପରିବର୍ତ୍ତନ ଓ ସନ୍ତୁଳନ ଦର:** କୌଣସି ଦ୍ରବ୍ୟର ଚାହିଦାର ପରିବର୍ତ୍ତନ ହେଲେ ଏହାର ଚାହିଦା ରେଖାର ସ୍ଥାନଚ୍ୟୁତି ଘଟିଥାଏ। ଦ୍ରବ୍ୟର ଚାହିଦା ବଢ଼ିଲେ ଚାହିଦା ରେଖାର ଡାହାଣକୁ ଏବଂ କମିଲେ ଚାହିଦା ରେଖାର ବାମକୁ ସ୍ଥାନଚ୍ୟୁତି ଘଟେ। ଯୋଗାଣସ୍ଥିତି ଅପରିବର୍ତ୍ତିତ ଥାଇ ଚାହିଦା ରେଖାର ସ୍ଥାନଚ୍ୟୁତି ଘଟିଲେ ସନ୍ତୁଳନ ଅବସ୍ଥାରେ ପରିବର୍ତ୍ତନ ହୁଏ ଏବଂ ତଦନୁସାରେ ସନ୍ତୁଳନ ଦରରେ ମଧ୍ୟ ପରିବର୍ତ୍ତନ ଘଟେ।





ଚିତ୍ର - 5.6 : ସନ୍ତୁଳନ ଦର ଉପରେ ଚାହିଦା ପରିବର୍ତ୍ତନର ପ୍ରଭାବ

ଚିତ୍ର 5.6ରେ ସନ୍ତୁଳନ ଦର ଉପରେ ଦ୍ରବ୍ୟର ଚାହିଦାରେ ପରିବର୍ତ୍ତନର ପ୍ରଭାବ ଦର୍ଶାଯାଇଛି। ଉକ୍ତ ଚିତ୍ରରେ ଦ୍ରବ୍ୟର ଚାହିଦା ଓ ଯୋଗାଣ ରେଖା ଯଥାକ୍ରମେ $DD_1$ ଓ SS ଅଟନ୍ତି। ସେମାନଙ୍କ ଛେଦନ ବିନ୍ଦୁ $E_1$ ହେଉଛି ସନ୍ତୁଳନ ବିନ୍ଦୁ। ଦ୍ରବ୍ୟର ସନ୍ତୁଳନ ଦର $OP_1$ ଏବଂ ସନ୍ତୁଳନ ପରିମାଣ $Oq_1$ ଅଟେ। ବର୍ତ୍ତମାନ ଧରାଯାଉ, ଯୋଗାଣ ସ୍ଥିତି ସ୍ଥିର ଥାଇ ଦ୍ରବ୍ୟର ଚାହିଦା ବୃଦ୍ଧି ଯୋଗୁଁ, ଏହାର ଚାହିଦା ରେଖାର ଊର୍ଦ୍ଧ୍ୱଚ୍ୟୁତି ଘଟି ଏହା $DD_2$ ହୋଇଛି। ଫଳସ୍ୱରୂପ, ସନ୍ତୁଳନ ବିନ୍ଦୁ $E_2$କୁ ସ୍ଥାନାନ୍ତରିତ ହେବା ସଙ୍ଗେ ସଙ୍ଗେ ସନ୍ତୁଳନ ଦର $OP_2$ ଏବଂ ସନ୍ତୁଳନ ପରିମାଣ $Oq_2$ ହୋଇଛି। ସେହିପରି ଦ୍ରବ୍ୟର ଚାହିଦା କମିଲେ ଏହାର ଚାହିଦା ରେଖାର ନିମ୍ନଚ୍ୟୁତି ଘଟେ। ଚିତ୍ରରେ ଦର୍ଶାଯାଇଛି

ଯେ ଯୋଗାଣ ସ୍ଥିର ଥାଇ ଦ୍ରବ୍ୟର ଚାହିଦା ରେଖାର ନିମ୍ନଚ୍ୟୁତି ଘଟି ଏହା $DD_3$ ହୋଇଛି । ଫଳରେ, ସନ୍ତୁଳିତ ବିନ୍ଦୁ $E_3$କୁ ସ୍ଥାନାନ୍ତରିତ ହେବା ସଙ୍ଗେ ସଙ୍ଗେ ସନ୍ତୁଳନ ଦର $OP_3$ ଏବଂ ସନ୍ତୁଳନ ପରିମାଣ $Oq_3$ ହୋଇଛି । ଏଥିରୁ ସ୍ପଷ୍ଟ ଯେ, ଯୋଗାଣ ସ୍ଥିର ଥାଇ ଦ୍ରବ୍ୟର ଚାହିଦାରେ ବୃଦ୍ଧି ହେଲେ ଦର ବୃଦ୍ଧି ହୁଏ ଓ ଚାହିଦାରେ ହ୍ରାସ ଘଟିଲେ ଦର କମିଯାଏ ।

**ଯୋଗାଣରେ ପରିବର୍ତ୍ତନ ଓ ସନ୍ତୁଳନ ଦର:** ଯୋଗାଣରେ ପରିବର୍ତ୍ତନ କହିଲେ ଯୋଗାଣ ବୃଦ୍ଧି କିମ୍ବା ହ୍ରାସକୁ ବୁଝାଯାଏ । ଯୋଗାଣ ବୃଦ୍ଧି, ଯୋଗାଣ ରେଖାର ସ୍ଥାନଚ୍ୟୁତି ଡାହାଣକୁ ଏବଂ ହ୍ରାସ ଯୋଗାଣ ରେଖାର ସ୍ଥାନଚ୍ୟୁତି ବାମକୁ ଘଟାଇଥାଏ । ଚାହିଦା ସ୍ଥିତି ଅପରିବର୍ତ୍ତିତ ଥାଇ ଯୋଗାଣ ବୃଦ୍ଧି ଦ୍ରବ୍ୟର ଦର ହ୍ରାସ କରାଏ ଏବଂ ଯୋଗାଣ ହ୍ରାସ ଦ୍ରବ୍ୟର ଦର ବୃଦ୍ଧି କରାଏ । ଚାହିଦା ଅପରିବର୍ତ୍ତିତ ଥାଇ ଦ୍ରବ୍ୟର ସନ୍ତୁଳନ ଦର ଉପରେ ଯୋଗାଣ ପରିବର୍ତ୍ତନର ପ୍ରଭାବ ଚିତ୍ର 5.7ରେ ଦର୍ଶାଯାଇଛି ।





**ଚିତ୍ର - 5.7 : ସନ୍ତୁଳନ ଦର ଉପରେ ଯୋଗାଣ ପରିବର୍ତ୍ତନର ପ୍ରଭାବ**

ଚିତ୍ର 5.7ରେ DD ଓ $SS_1$ ମୂଳ ବଜାର ଚାହିଦା ଓ ଯୋଗାଣ ବକ୍ରରେଖା ଅଟେ । ସେମାନଙ୍କ ଛେଦବିନ୍ଦୁ $E_1$ ମୂଳ ସନ୍ତୁଳନ ବିନ୍ଦୁ । $OP_1$ ଦ୍ରବ୍ୟର ସନ୍ତୁଳନ ଦର ଏବଂ $Oq_1$ ଏହାର ସନ୍ତୁଳନ ପରିମାଣ । ବର୍ତ୍ତମାନ ଯୋଗାଣ ବୃଦ୍ଧି ଯୋଗୁଁ, ଯୋଗାଣ ରେଖାର ସ୍ଥାନଚ୍ୟୁତି ଘଟି ଏହା $SS_2$ ହୋଇଛି । ଚାହିଦା ସ୍ଥିତି ଅପରିବର୍ତ୍ତିତ ଥାଇ ଯୋଗାଣ ବୃଦ୍ଧି ସନ୍ତୁଳିତ ବିନ୍ଦୁକୁ $E_2$, ସନ୍ତୁଳିତ ଦରକୁ $OP_2$ ଓ ସନ୍ତୁଳିତ ପରିମାଣକୁ $Oq_2$କୁ ସ୍ଥାନାନ୍ତରିତ କରିଛି । ସେହିପରି $SS_3$ ଦ୍ରବ୍ୟର ଯୋଗାଣ ହ୍ରାସ ଅବସ୍ଥାକୁ ସୂଚାଇଛି । ଚାହିଦା ଅପରିବର୍ତ୍ତିତ ଥାଇ ଦ୍ରବ୍ୟର ଯୋଗାଣ ହ୍ରାସ ଯୋଗୁଁ ଛେଦ ବିନ୍ଦୁ $E_3$କୁ ପରିବର୍ତ୍ତିତ ହୋଇଛି । ଏହା ଫଳରେ ସନ୍ତୁଳନ ଦର $OP_3$କୁ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସନ୍ତୁଳିତ ପରିମାଣ $Oq_3$କୁ ହ୍ରାସ ପାଇଛି ।

**ଉଭୟ ଚାହିଦା ଏବଂ ଯୋଗାଣର ପରିବର୍ତ୍ତନ ଓ ସନ୍ତୁଳନ ଦର:** ଉଭୟ ଚାହିଦା ଓ ଯୋଗାଣରେ ଏକା ସଙ୍ଗରେ ପରିବର୍ତ୍ତନ ହେଲେ ଏହା ମଧ୍ୟ ଦ୍ରବ୍ୟର ସନ୍ତୁଳନ ଦରକୁ ପ୍ରଭାବିତ କରିଥାଏ । ଏ କ୍ଷେତ୍ରରେ ଚାହିଦା ଓ ଯୋଗାଣ

ପରିବର୍ତ୍ତନର ମାତ୍ରା ଦ୍ରବ୍ୟର ସନ୍ତୁଳନ ଦରକୁ ପ୍ରଭାବିତ କରେ । ଯଦି ଉଭୟ ଚାହିଦା ଓ ଯୋଗାଣରେ ସମାନ ମାତ୍ରାରେ ବୃଦ୍ଧି ହୁଏ ତେବେ ଏହା ଦ୍ରବ୍ୟର ସନ୍ତୁଳନ ଦରକୁ ପ୍ରଭାବିତ କରେ ନାହିଁ । କିନ୍ତୁ ଏ କ୍ଷେତ୍ରରେ ଦ୍ରବ୍ୟର ସନ୍ତୁଳନ ପରିମାଣ ବୃଦ୍ଧି ପାଇଥାଏ । ଯଦି ଚାହିଦାର ବୃଦ୍ଧି ଯୋଗାଣର ବୃଦ୍ଧି ଠାରୁ ବେଶୀ କିମ୍ବା କମ୍ ହୁଏ ତେବେ ସନ୍ତୁଳନ ଦରରେ ଯଥାକ୍ରମେ ବୃଦ୍ଧି କିମ୍ବା ହ୍ରାସ ହୋଇଥାଏ । ସେହିପରି ଯଦି ଦ୍ରବ୍ୟ ଯୋଗାଣର ବୃଦ୍ଧି ଏହାର ଚାହିଦାରେ ବୃଦ୍ଧି ଠାରୁ ଅଧିକ ବା କମ୍ ହୁଏ ତେବେ ସନ୍ତୁଳନ ଦର ଯଥାକ୍ରମେ ହ୍ରାସ କିମ୍ବା ବୃଦ୍ଧି ପାଇଥାଏ ।

ଚିତ୍ର ୫.୪ରେ ଉଭୟ ଚାହିଦା ଓ ଯୋଗାଣ ପରିବର୍ତ୍ତନର ସନ୍ତୁଳନ ଦର ଉପରେ ପ୍ରଭାବ ଦର୍ଶାଯାଇଛି । ଏଠାରେ ଧରାଯାଉ, $DD_1$ ଓ $SS_1$ ଯଥାକ୍ରମେ ଦ୍ରବ୍ୟର ଚାହିଦା ଓ ଯୋଗାଣ ରେଖା । $E_0$ ମୂଳ ସନ୍ତୁଳନ ବିନ୍ଦୁ ଏବଂ $OP_1$ ଓ $Oq_1$ ଯଥାକ୍ରମେ ମୂଳ ସନ୍ତୁଳନ ଦର ଓ ସନ୍ତୁଳନ ପରିମାଣ ଅଟେ । ବର୍ତ୍ତମାନ ଧରାଯାଉ, ଦ୍ରବ୍ୟର ଚାହିଦା ଓ ଯୋଗାଣର ଏକକାଳୀନ ବୃଦ୍ଧି ଯୋଗୁଁ ଚାହିଦା ଏବଂ ଯୋଗାଣ ରେଖାର ସ୍ଥାନଚ୍ୟୁତି ଘଟି ଏହା $DD_2$ ଓ $SS_2$ ହୋଇଛି । ଏହା ସନ୍ତୁଳନ ବିନ୍ଦୁକୁ $E_1$ ଓ ସନ୍ତୁଳିତ ପରିମାଣକୁ $Oq_3$ କରିଛି, ମାତ୍ର ସନ୍ତୁଳିତ ଦର $OP_1$ରେ ସ୍ଥିର ରହିଛି । ଚାହିଦା ଓ ଯୋଗାଣରେ ସମାନ ବୃଦ୍ଧି ଯୋଗୁଁ ଦର ସ୍ଥିର ରହିଛି । ମାତ୍ର ଚାହିଦା ବୃଦ୍ଧି ଯଦି ଯୋଗାଣ ବୃଦ୍ଧି ଠାରୁ କମ୍ ହୁଏ, ତେବେ ଚାହିଦା ରେଖା $DD_3$କୁ ସ୍ଥାନାନ୍ତରିତ ହେବା ଫଳରେ ସନ୍ତୁଳିତ ଦର $OP_2$କୁ ହ୍ରାସ ପାଇବ ଓ ପରିମାଣ $Oq_2$କୁ ବୃଦ୍ଧି ପାଇବ । ଏହି ଉଦାହରଣରେ ଦ୍ରବ୍ୟର ଯୋଗାଣର ମାତ୍ରାଧିକ ବୃଦ୍ଧି ଯୋଗୁଁ ସନ୍ତୁଳନ ଦର ହ୍ରାସ ଓ ସନ୍ତୁଳନ ପରିମାଣର ବୃଦ୍ଧି ଘଟିଛି ।




**ଚିତ୍ର - ୫.୪ : ସନ୍ତୁଳନ ଦର ଉପରେ ଉଭୟ ଚାହିଦା ଓ ଯୋଗାଣରେ ପରିବର୍ତ୍ତନର ପ୍ରଭାବ**

### 5.3.2 ଦର ନିର୍ଦ୍ଧାରଣରେ ସମୟର ଗୁରୁତ୍ୱ

ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାରରେ ଦ୍ରବ୍ୟର ଦର ଏହାର ଚାହିଦା ଓ ଯୋଗାଣ ଉପରେ ସମଭାବରେ ନିର୍ଭରଶୀଳ ଅଟେ। ଦ୍ରବ୍ୟର ଚାହିଦା କିମ୍ବା ଯୋଗାଣ ଅବସ୍ଥାର ପରିବର୍ତ୍ତନ ହେଲେ ଏହାର ସନ୍ତୁଳନ ଦର ପରିବର୍ତ୍ତିତ ହୋଇଥାଏ। ବଜାରରେ ଦ୍ରବ୍ୟର ଚାହିଦା ହଠାତ୍ ଯେ କୌଣସି ସମୟରେ ପରିବର୍ତ୍ତନ ହୋଇପାରେ। ଉଦାହରଣ ସ୍ୱରୂପ, ବିବାହ ଋତୁରେ ମୋଟର ସାଇକେଲ, ଟେଲିଭିଜନ୍ ଆଦି ସାମଗ୍ରୀର ଚାହିଦା ସାଧାରଣତଃ ବୃଦ୍ଧି ପାଇଥାଏ। ମାତ୍ର ଏ ସବୁ ଦ୍ରବ୍ୟର ଯୋଗାଣ ଉତ୍ପାଦନ ଉପରେ ନିର୍ଭର କରେ, ଯାହାକି ସମୟସାପେକ୍ଷ ଅଟେ। ତେଣୁ ଦ୍ରବ୍ୟର ଚାହିଦାନୁଯାୟୀ ଏହାର ଯୋଗାଣ ପରିବର୍ତ୍ତନରେ 'ସମୟ ଉପାଦାନ'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଏଠାରେ 'ସମୟ' କୌଣସି ମାସ ବା ଦିନସୂଚୀ ସମୟ ନୁହଁ ବରଂ ଏହା ଦ୍ରବ୍ୟର ଉତ୍ପାଦନ ସମୟକୁ ସୂଚିତ କରେ।

ପୂର୍ଣ୍ଣ ପ୍ରତିଯୋଗିତା ସ୍ଥିତିରେ ଦ୍ରବ୍ୟର ସନ୍ତୁଳନ ଦର ନିର୍ଦ୍ଧାରଣରେ ପ୍ରଫେସର ମାର୍ଶାଲ୍ 'ସମୟ ଉପାଦାନ'ର ଭୂମିକାକୁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ସେ ଚାହିଦା ଅନୁସାରେ ଦ୍ରବ୍ୟ ଯୋଗାଣର ପରିବର୍ତ୍ତନ ସମ୍ଭାବନାକୁ ବିଚାର କରି ତିନି ପ୍ରକାର ସମୟ ଅବଧିର ବ୍ୟାଖ୍ୟା କରିଛନ୍ତି। ସେଗୁଡ଼ିକ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି।

**ବଜାର କାଳ:** 'ବଜାର କାଳ' ଖୁବ୍ କମ୍ ସମୟ ଅବଧିକୁ ବୁଝାଏ। ଏହା ଏତେ କମ୍ ସମୟ ଯେ ଏହି ସମୟରେ ଦ୍ରବ୍ୟ ଯୋଗାଣରେ କୌଣସି ପରିବର୍ତ୍ତନ କରାଯାଇପାରେ ନାହିଁ। ଅର୍ଥାତ୍ ବଜାର କାଳରେ ଦ୍ରବ୍ୟର ଯୋଗାଣ ପରିମାଣ ସ୍ଥିର ରହିଥାଏ। ବଜାର କାଳରେ ଯୋଗାଣ ରେଖାର ଆକାର ଲମ୍ବ ହୋଇଥାଏ। ବଜାର କାଳ ମୁଖ୍ୟତଃ ଦ୍ରବ୍ୟର ପ୍ରକୃତି ଉପରେ ନିର୍ଭର କରେ। ନଷ୍ଟଶୀଳ ଦ୍ରବ୍ୟ ଯଥା ମାଛ, ପନିପରିବା କ୍ଷେତ୍ରରେ ଏହା ଘଣ୍ଟା ମଧ୍ୟ ହୋଇପାରେ। କିଛିକାଳ ସ୍ଥାୟୀ ଦ୍ରବ୍ୟ ଯଥା ଲୁଗାପଟା, ତେଜରାତି ଦ୍ରବ୍ୟ ଆଦି କ୍ଷେତ୍ରରେ ବଜାର କାଳ କିଛି ଦିନ ବା କିଛି ସପ୍ତାହ ହୋଇପାରେ। ବଜାର କାଳରେ ଦ୍ରବ୍ୟର ଦର ମୁଖ୍ୟତଃ ଏହାର ଚାହିଦା ଅନୁସାରେ ନିର୍ଦ୍ଧାରିତ ହୋଇଥାଏ। ଅର୍ଥାତ୍ ବଜାର କାଳରେ ଦ୍ରବ୍ୟର ଦର ନିର୍ଦ୍ଧାରଣରେ ଯୋଗାଣଠାରୁ ଚାହିଦା ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିଥାଏ।

**ସ୍ୱଳ୍ପକାଳ:** 'ସ୍ୱଳ୍ପକାଳର' ଅବଧି ବଜାର କାଳ ଠାରୁ ସାମାନ୍ୟ ଅଧିକ ଅଟେ। ସ୍ୱଳ୍ପକାଳରେ ଦ୍ରବ୍ୟ ଯୋଗାଣରେ କିଛି ମାତ୍ରାରେ ପରିବର୍ତ୍ତନ କରାଯାଇପାରେ। ଏହି ପରିବର୍ତ୍ତନ କେବଳ ଚଳ ଉତ୍ପାଦନ ସାଧନ ପରିମାଣର ପରିବର୍ତ୍ତନ ଯୋଗୁଁ ସମ୍ଭବ ହୋଇଥାଏ। କାରଣ ସ୍ୱଳ୍ପ କାଳରେ ସ୍ଥିର ଉତ୍ପାଦନ ସାଧନର ପରିମାଣ ପରିବର୍ତ୍ତନଶୀଳ ନୁହେଁ। ତେଣୁ 'ବଜାର କାଳ' ଭଳି ସ୍ୱଳ୍ପକାଳରେ ମଧ୍ୟ ଦ୍ରବ୍ୟଦର ନିର୍ଦ୍ଧାରଣରେ, ଯୋଗାଣ ତୁଳନାରେ ଚାହିଦା ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିଥାଏ।

**ଦୀର୍ଘକାଳ:** ସାଧାରଣତଃ 'ଦୀର୍ଘକାଳ' କହିଲେ ଦୀର୍ଘ ସମୟ ଅବଧିକୁ ବୁଝାଯାଏ । ଦୀର୍ଘକାଳରେ ଉତ୍ପାଦନକାରୀ ଉତ୍ପାଦନର ସମସ୍ତ ସାଧନର ପରିମାଣ ପରିବର୍ତ୍ତନ କରିପାରେ । ତେଣୁ ଏ କ୍ଷେତ୍ରରେ ଦ୍ରବ୍ୟର ଚାହିଦା ଅନୁସାରେ ଯୋଗାଣର ଯଥେଷ୍ଟ ପରିବର୍ତ୍ତନ ସମ୍ଭବପର ହୋଇଥାଏ । ଏହି ହେତୁ ଦୀର୍ଘକାଳରେ ଦ୍ରବ୍ୟର ସନ୍ତୁଳନ ଦର ନିର୍ଦ୍ଧାରଣରେ ଚାହିଦା ଠାରୁ ଯୋଗାଣ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିଥାଏ ।

## 5.4 ବଜାର ଦର ଓ ସ୍ୱାଭାବିକ ଦର

ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ଦ୍ରବ୍ୟର ସନ୍ତୁଳନ ଦର ନିର୍ଦ୍ଧାରଣ କରିବାରେ 'ସମୟ ଉପାଦାନ' ମହତ୍ତ୍ୱପୂର୍ଣ୍ଣ ଅଟେ । ଏ ପରିପ୍ରେକ୍ଷୀରେ କେବଳ ଦୁଇଟି ସମୟ ଅବଧି ପ୍ରଣିଧାନଯୋଗ୍ୟ । ତାହା ହେଲା 'ବଜାର କାଳ' ଓ 'ଦୀର୍ଘକାଳ' । ଏ ଦୁଇ ସମୟ ଅବଧିକୁ ଭିତ୍ତିକରି ଦୁଇ ପ୍ରକାର ଦର ବିଷୟରେ ଆଲୋଚନା କରାଯାଇପାରେ । ସେଗୁଡ଼ିକ ହେଲା– 'ବଜାର ଦର' ଓ 'ସ୍ୱାଭାବିକ ଦର' ।

### ବଜାର ଦର

କୌଣସି ନିର୍ଦ୍ଦିଷ୍ଟ ସମୟରେ ଦ୍ରବ୍ୟର ପ୍ରଚଳିତ ଦରକୁ ବଜାର ଦର କୁହାଯାଏ । ଚାହିଦା ଓ ଯୋଗାଣର ଅସ୍ଥାୟୀ ସନ୍ତୁଳନରୁ ଦ୍ରବ୍ୟର ବଜାର ଦର ନିର୍ଦ୍ଧାରଣ କରାଯାଏ । ଏହି ଦରରେ ହିଁ ଦ୍ରବ୍ୟର ପ୍ରକୃତ କିଣାବିକା ହୋଇଥାଏ । ସମୟର ସ୍ୱଳ୍ପତା ଯୋଗୁଁ ବଜାର କାଳରେ ଦ୍ରବ୍ୟର ଯୋଗାଣ ସ୍ଥିର ରହିଥାଏ । ତେଣୁ ବଜାର ଦର ନିର୍ଦ୍ଧାରଣରେ ଦ୍ରବ୍ୟର ଚାହିଦା ଏହାର ଯୋଗାଣଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଦ୍ରବ୍ୟର ଚାହିଦା ବୃଦ୍ଧିରେ ଏହାର ବଜାର ଦରରେ ବୃଦ୍ଧି ଓ ଦ୍ରବ୍ୟର ଚାହିଦା ହ୍ରାସରେ ଏହାର ବଜାର ଦରରେ ହ୍ରାସ ଘଟିଥାଏ । ଦ୍ରବ୍ୟର ଚାହିଦାରେ କୌଣସି ସ୍ଥିରତା ନ ଥିବାରୁ ଏହାର ବଜାର ଦରରେ ମଧ୍ୟ କୌଣସି ନିଶ୍ଚିତତା ନ ଥାଏ ।

### ସ୍ୱାଭାବିକ ଦର

ସ୍ୱାଭାବିକ ଦର କହିଲେ ଦ୍ରବ୍ୟର ଦୀର୍ଘକାଳ ସମ୍ଭାବିତ ଦରକୁ ବୁଝାଯାଏ । ଚାହିଦା ଓ ଯୋଗାଣର ଦୀର୍ଘକାଳୀନ ସନ୍ତୁଳନରୁ ଦ୍ରବ୍ୟର ସ୍ୱାଭାବିକ ଦର ନିର୍ଦ୍ଧାରଣ କରାଯାଏ । ଦୀର୍ଘକାଳରେ ଦ୍ରବ୍ୟର ଯୋଗାଣ ଏହାର ଚାହିଦା ଅନୁସାରେ ପରିବର୍ତ୍ତିତ ହୋଇପାରେ । ସୁତରାଂ ଚାହିଦାନୁଯାୟୀ ଯୋଗାଣର ଆବଶ୍ୟକୀୟ ପରିବର୍ତ୍ତନ ପୂର୍ବକ ନିର୍ଦ୍ଧାରିତ ସନ୍ତୁଳନ ଦରକୁ ସ୍ୱାଭାବିକ ଦର କୁହାଯାଏ । ଦ୍ରବ୍ୟର ସ୍ୱାଭାବିକ ଦର ନିର୍ଦ୍ଧାରଣରେ ଚାହିଦା ଅପେକ୍ଷା ଯୋଗାଣ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରେ ।

ସ୍ୱାଭାବିକ ଦର ଓ ବଜାର ଦର ମଧ୍ୟରେ ପାର୍ଥକ୍ୟ ବେଶ୍ ପ୍ରଣିଧାନଯୋଗ୍ୟ । ସ୍ୱାଭାବିକ ଦରକୁ ଏକ କାଳ୍ପନିକ ବା ଆଦର୍ଶ ଦର ରୂପେ ଚିନ୍ତା କରାଯାଇପାରେ । କାରଣ ବାସ୍ତବରେ ଏହା ନିର୍ଦ୍ଧାରଣ କରିବା ଅସମ୍ଭବ । ଏହି ଦର

ଦୀର୍ଘକାଳରେ ଦ୍ରବ୍ୟର ପ୍ରଚଳିତ ଦର ବୋଲି ଆମେ ଆଶା କରିଥାଉ, ଯେତେବେଳେ ଦ୍ରବ୍ୟର ଯୋଗାଣ ଏହାର ଚାହିଦା ସହିତ ପୂର୍ଣ୍ଣ ସମନ୍ୱୟ ରକ୍ଷା କରିପାରେ। କିନ୍ତୁ ବାସ୍ତବରେ, ଯେତେବେଳେ ଚାହିଦାନୁଯାୟୀ ଦ୍ରବ୍ୟର ଯୋଗାଣରେ ପରିବର୍ତ୍ତନ ହୋଇ ଏକ ନୂତନ ଦର ନିର୍ଦ୍ଧାରିତ ହୁଏ ତାହାକୁ ପୁଣି ଆମେ ବଜାର ଦର କହିଥାଉ। କାରଣ ବଜାରରେ ଦ୍ରବ୍ୟର ପ୍ରଚଳିତ ଦର ହିଁ ଏହାର 'ବଜାର ଦର'। ତେଣୁ ସ୍ୱାଭାବିକ ଦରକୁ ଏକ 'ସୂଚନା' ବା 'ପ୍ରବୃତ୍ତି' ହିସାବରେ ଗ୍ରହଣ କରାଯାଇପାରେ। ବଜାର ଦର ସର୍ବଦା ଅସ୍ଥିର ଏବଂ ଏହା ଦ୍ରବ୍ୟର ସ୍ୱାଭାବିକ ଦର ସହିତ ସମାନ ହେବାର ପ୍ରବୃତ୍ତି ରଖିଥାଏ। ଏ ପରିପ୍ରେକ୍ଷୀରେ ସ୍ୱାଭାବିକ ଦରକୁ ଗଭୀର ସମୁଦ୍ରର ଜଳସ୍ତର ଏବଂ ବଜାର ଦରକୁ ସମୁଦ୍ର କୂଳର ଜଳସ୍ତର ସହିତ ତୁଳନା କରାଯାଇପାରେ। ଗଭୀର ସମୁଦ୍ରର ଜଳସ୍ତର ଭଳି, ଦ୍ରବ୍ୟର ସ୍ୱାଭାବିକ ଦର ସର୍ବଦା ସ୍ଥିର, ନିଶ୍ଚଳ ଥାଏ, ମାତ୍ର ବଜାର ଦର ସମୁଦ୍ର କୂଳ ଜଳସ୍ତର ଭଳି ସର୍ବଦା ଅସ୍ଥିର ଏବଂ ଚଳଚଞ୍ଚଳ ଅଟେ। ସ୍ୱାଭାବିକ ଦର ଓ ବଜାର ଦର ମଧ୍ୟରେ ସମ୍ପର୍କ ନିମ୍ନ ଚିତ୍ରରେ ଦର୍ଶାଯାଇଛି।




ଚିତ୍ର - 5.2 : ବଜାର ଦର ଓ ସ୍ୱାଭାବିକ ଦର

ସାଧାରଣତଃ, ସମସ୍ତ ଦ୍ରବ୍ୟର ବଜାର ଦର ଥାଏ। ମାତ୍ର କେବଳ ପୁନଃ ଉତ୍ପାଦନକ୍ଷମ ଦ୍ରବ୍ୟର ହିଁ ସ୍ୱାଭାବିକ ଦର ଥାଏ। କାରଣ ସ୍ୱାଭାବିକ ଦର ନିର୍ଦ୍ଧାରଣରେ ଦ୍ରବ୍ୟର ଯୋଗାଣ ଏହାର ଚାହିଦା ଅନୁସାରେ ପରିବର୍ତ୍ତିତ ହୋଇଥାଏ। କେବଳ ପୁନଃ ଉତ୍ପାଦନକ୍ଷମ ଦ୍ରବ୍ୟର ଯୋଗାଣ ପରିବର୍ତ୍ତନ କରାଯାଇପାରେ। ତେଣୁ ସେଭଳି ଦ୍ରବ୍ୟର ସ୍ୱାଭାବିକ ଦର ଥାଏ। ମାତ୍ର ଯେଉଁ ଦ୍ରବ୍ୟର ପୁନଃ ଉତ୍ପାଦନ ସମ୍ଭବ ନୁହେଁ, ତାହାର ଯୋଗାଣ ଅପରିବର୍ତ୍ତିତ ରହେ। ତେଣୁ ଏପରି ଦ୍ରବ୍ୟର ସ୍ୱାଭାବିକ ଦର ନଥାଇ କେବଳ ବଜାର ଦର ହିଁ ଥାଏ। ଦୁଷ୍ପ୍ରାପ୍ୟ ମୁଦ୍ରା, ପୁରାତନ ଚିତ୍ରକଳା ଆଦି ଦ୍ରବ୍ୟକୁ ଏହାର ଉଦାହରଣ ଭାବେ ନିଆଯାଇପାରେ।

**ସ୍ୱାଭାବିକ ଦର ଓ ବଜାର ଦର ମଧ୍ୟରେ ତୁଳନା**

**ବଜାର ଦର**

1. ବଜାରରେ କୌଣସି ନିର୍ଦ୍ଦିଷ୍ଟ ସମୟରେ ଦ୍ରବ୍ୟର ପ୍ରଚଳିତ ଦରକୁ ବଜାର ଦର କୁହାଯାଏ। ଏହା ହେଲା ଏକ ବଳାରକାଳୀନ ବା ଅତ୍ୟନ୍ତ ସ୍ୱଳ୍ପକାଳୀନ ଦର।
2. ବଜାର ଦର ନିର୍ଦ୍ଧାରଣରେ ଦ୍ରବ୍ୟର ଚାହିଦା ଯୋଗାଣ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

3. ଯୋଗାଣ ଓ ଚାହିଦାର ସ୍ୱଳ୍ପକାଳୀନ, ଅସ୍ଥାୟୀ ସନ୍ତୁଳନରୁ ଦ୍ରବ୍ୟର ବଜାର ଦର ନିର୍ଦ୍ଧାରଣ କରାଯାଏ।
4. ବଜାରରେ ଉପଲବ୍ଧ ସମସ୍ତ ଦ୍ରବ୍ୟର ବଜାର ଦର ଥାଏ।
5. ବଜାର ଦର ସର୍ବଦା ଅସ୍ଥିର, ଏହା ସର୍ବଦା ଦ୍ରବ୍ୟର ସ୍ୱାଭାବିକ ଦର ସହିତ ସମାନ ହେବାର ପ୍ରବୃତ୍ତି ରଖିଥାଏ।

**ସ୍ୱାଭାବିକ ଦର**

1. ଦ୍ରବ୍ୟର ଏକ ଦୀର୍ଘକାଳୀନ ସମ୍ଭାବିତ ଦରକୁ ଏହାର ସ୍ୱାଭାବିକ ଦର କୁହାଯାଏ।
2. ସ୍ୱାଭାବିକ ଦର ନିର୍ଦ୍ଧାରଣରେ ଦ୍ରବ୍ୟର ଯୋଗାଣ ଚାହିଦା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।
3. ଦୀର୍ଘକାଳୀନ ଚାହିଦା ଓ ଯୋଗାଣର ସନ୍ତୁଳନରୁ ଦ୍ରବ୍ୟର ସ୍ୱାଭାବିକ ଦର ନିର୍ଦ୍ଧାରିତ ହୋଇଥାଏ। ଏଠାରେ ଦ୍ରବ୍ୟର ଯୋଗାଣ ଏହାର ଚାହିଦା ସହିତ ପୂର୍ଣ୍ଣ ସମନ୍ୱୟ ରକ୍ଷା କରିଥାଏ।
4. ବଜାରରେ ଉପଲବ୍ଧ କେବଳ ପୁନଃ ଉତ୍ପାଦନକ୍ଷମ ଦ୍ରବ୍ୟର ସ୍ୱାଭାବିକ ଦର ଥାଏ।
5. ସ୍ୱାଭାବିକ ଦର ସର୍ବଦା ସ୍ଥିର। ଏହା ଏକ କାଳ୍ପନିକ ଆଦର୍ଶ ଦର।

❑❑❑

# ସାରାଂଶ

1. ବଜାର- କୌଣସି ଦ୍ରବ୍ୟର କ୍ରେତା ଓ ବିକ୍ରେତାଙ୍କ ଉପସ୍ଥିତି, ସେମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ଏବଂ ସେହି ଦ୍ରବ୍ୟର ବିନିମୟକୁ ବଜାର କୁହାଯାଏ।
2. ପୂର୍ଣ୍ଣ ପ୍ରତିଯୋଗିତା- ଯେଉଁ ବଜାରରେ ବହୁ ସଂଖ୍ୟକ କ୍ରେତା ଓ ବିକ୍ରେତା ଏକ ସମଜାତୀୟ ଦ୍ରବ୍ୟକୁ ଏକ ନିର୍ଦ୍ଦିଷ୍ଟ ଦରରେ କିଣାବିକା ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଥାନ୍ତି ତାହାକୁ ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାର କୁହାଯାଏ।
3. ଶୁଦ୍ଧ ପ୍ରତିଯୋଗିତା- ଶୁଦ୍ଧ ପ୍ରତିଯୋଗିତା ଏକ ଏକାଧିକାର ଉପାଦାନ ରହିତ ବଜାର ବ୍ୟବସ୍ଥାକୁ ବୁଝାଏ।
4. ଏକାଧିକାର- ଯେଉଁ ବଜାରରେ ଜଣେ ମାତ୍ର ଉତ୍ପାଦନକାରୀ ଏକ ନିକଟ ବିକଳ୍ପ ନ ଥିବା ଦ୍ରବ୍ୟ ଉତ୍ପାଦନ ଓ ବିକ୍ରି କରିଥାନ୍ତି ତାହାକୁ ଏକାଧିକାର କୁହାଯାଏ।
5. ଏକାଧିକାରମୂଳକ ପ୍ରତିଯୋଗିତା- ଯେଉଁ ବଜାରରେ ଅନେକ ବିକ୍ରେତା ଏକ ବିଭେଦୀକୃତ ମାତ୍ର ପ୍ରତିସ୍ଥାପନକ୍ଷମ ଦ୍ରବ୍ୟ ବିକ୍ରିପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଥାନ୍ତି ତାହାକୁ ଏକାଧିକାର ମୂଳକ ପ୍ରତିଯୋଗିତା କୁହାଯାଏ।
6. ଅଳ୍ପାଧିକାର- ଯେଉଁ ବଜାର ବ୍ୟବସ୍ଥାରେ ଦ୍ରବ୍ୟର ଅଳ୍ପସଂଖ୍ୟକ ପ୍ରତିଯୋଗୀ ବିକ୍ରେତା ଥାନ୍ତି ତାହାକୁ ଅଳ୍ପାଧିକାର ବଜାର କୁହାଯାଏ।
7. ସନ୍ତୁଳନ ଦର- ଯେଉଁ ଦରରେ ଯୋଗାଣ ଓ ଚାହିଦା ସମାନ ହୋଇଥାଏ, ତାହାକୁ ସନ୍ତୁଳନ ଦର କୁହାଯାଏ।
8. ପୂର୍ଣ୍ଣପ୍ରତିଯୋଗିତାରେ ଦର ନିର୍ଦ୍ଧାରଣ- ପୂର୍ଣ୍ଣ ପ୍ରତିଯୋଗିତାରେ 'ଉଦ୍ୟୋଗ' ଦ୍ରବ୍ୟର ବଜାର ଚାହିଦା ଓ ଯୋଗାଣ ସମାନ କରି ଏହାର ସନ୍ତୁଳନ ଦର ନିର୍ଦ୍ଧାରଣ କରିଥାଏ।
9. ବଜାର ଦର- ବଜାର କାଳରେ ପ୍ରଚଳିତ ଦରକୁ 'ବଜାର ଦର' କୁହାଯାଏ। ଏହା ଦ୍ରବ୍ୟର ଚାହିଦା ଓ ଯୋଗାଣର ସ୍ୱଳ୍ପକାଳୀନ ଅସ୍ଥାୟୀ ସନ୍ତୁଳନରୁ ନିର୍ଦ୍ଧାରିତ ହୋଇଥାଏ। ତେଣୁ ଦ୍ରବ୍ୟର ବଜାର ଦର ସ୍ଥିର ନୁହେଁ। ବଜାରରେ ଉପଲବ୍ଧ ସମସ୍ତ ଦ୍ରବ୍ୟର ବଜାର ଦର ଥାଏ।
10. ସ୍ୱାଭାବିକ ଦର- ଦ୍ରବ୍ୟର ଦୀର୍ଘକାଳୀନ ସମ୍ଭାବିତ ଦରକୁ ସ୍ୱାଭାବିକ ଦର କୁହାଯାଏ। ଏହା ଦ୍ରବ୍ୟର ଚାହିଦା ଓ ଯୋଗାଣର ଦୀର୍ଘକାଳୀନ ସନ୍ତୁଳନ ସ୍ଥିତିରୁ ନିର୍ଦ୍ଧାରିତ ହୁଏ। ଏହା ଏକ କାଳ୍ପନିକ ଆଦର୍ଶ ଦର। କେବଳ ପୁନଃ ଉତ୍ପାଦନକ୍ଷମ ଦ୍ରବ୍ୟର ସ୍ୱାଭାବିକ ଦର ଥାଏ।

ପପପ

# ଆଦର୍ଶ ପ୍ରଶ୍ନାବଳୀ

## 'କ' - ବିଭାଗ: ବସ୍ତୁନିଷ୍ଠ ପ୍ରଶ୍ନ (ବାଧ୍ୟତାମୂଳକ)

(ପ୍ରତ୍ୟେକର ମୂଲ୍ୟ 1 ନମ୍ବର)

1. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ।

(a) ପୂର୍ଣ୍ଣ ପ୍ରତିଯୋଗିତାରେ ପ୍ରତିଷ୍ଠାନ ସମ୍ମୁଖୀନ ହେଉଥିବା ହାରାହାରି ଆୟରେଖାର ଆକାର:

(i) ଉଲ୍ଲମ୍ବ (ii) ଆନୁଭୂମିକ

(iii) ନିମ୍ନଗାମୀ (iv) ଊର୍ଦ୍ଧ୍ୱଗାମୀ

(b) ବଜାର କାଳରେ ଯୋଗାଣ ରେଖାର ଆକାର କିପରି ?

(i) ଆନୁଭୂମିକ (ii) ଉଲ୍ଲମ୍ବ

(iii) ଊର୍ଦ୍ଧ୍ୱଗାମୀ (iv) ଆୟତକାର ପରିବଳୟ

(c) ଅତି ସ୍ୱଳ୍ପକାଳରେ ପ୍ରଚଳିତ ଦରକୁ କୁହାଯାଏ:

(i) ସ୍ୱାଭାବିକ ଦର (ii) ବଜାର ଦର

(iii) ଆଦର୍ଶ ଦର (iv) ସ୍ଥିର ଦର

(d) ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକାଧିକାରର ବୈଶିଷ୍ଟ୍ୟ ନୁହେଁ ?

(i) ଏକମାତ୍ର କ୍ରେତା (ii) ବହୁତ ବିକ୍ରେତା

(iii) ନିକଟ ପ୍ରତିସ୍ଥାପନର ଦ୍ରବ୍ୟର ଅନୁପସ୍ଥିତି (iv) ଅବାଧ ପ୍ରବେଶ

(e) ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକାଧିକାର ମୂଳକ ପ୍ରତିଯୋଗିତାର ବୈଶିଷ୍ଟ୍ୟ ?

(i) ଅସଂଖ୍ୟ ବିକ୍ରେତା (ii) ଦ୍ରବ୍ୟର ବିଭେଦୀକରଣ

(iii) ବିଜ୍ଞାପନ ବ୍ୟୟ (iv) ଅବାଧ ପ୍ରବେଶ ଓ ପ୍ରସ୍ଥାନ

(f) ନିମ୍ନଲିଖିତ ମଧ୍ୟରୁ କେଉଁଟି ପୂର୍ଣ୍ଣ ପ୍ରତିଯୋଗିତାର ଏକ ବୈଶିଷ୍ଟ୍ୟ ନୁହେଁ ?

(i) ଅସଂଖ୍ୟ ବିକ୍ରେତା (ii) ଅବାଧ ପ୍ରବେଶ ଓ ପ୍ରସ୍ଥାନ

(iii) ବଜାର ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ (iv) ଦ୍ରବ୍ୟର ବିଭେଦୀକରଣ

(g) କେଉଁ ପ୍ରକାର ବଜାରରେ ହାରାହାରି ଆୟ ଓ ପ୍ରାନ୍ତୀୟ ଆୟ ସମାନ ?

(i) ଏକାଧିକାର (ii) ଏକାଧିକାରମୂଳକ ପ୍ରତିଯୋଗିତା

(iii) ସମ୍ପୂର୍ଣ୍ଣ ପ୍ରତିଯୋଗିତା (iv) ଅଳ୍ପାଧିକାର

(h) ଏକାଧିକାରରେ ଚାହିଦା ରେଖାର ଆକାର କିପରି ?

(i) ନିମ୍ନଗାମୀ (ii) ଉର୍ଦ୍ଧ୍ୱଗାମୀ

(iii) ଉଲ୍ଲମ୍ବ (iv) ଆନୁଭୂମିକ

2. ନିମ୍ନଲିଖିତ ଉକ୍ତିଗୁଡ଼ିକର ସଠିକତା ପରୀକ୍ଷା କର । ଆବଶ୍ୟକସ୍ଥଳେ, ରେଖାଙ୍କିତ ଅଂଶର ପରିବର୍ତ୍ତନ ନ କରି ସେଗୁଡ଼ିକ ସଂଶୋଧନ କର । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 1 ନମ୍ବର)

(a) ଏକାଧିକାରରେ <u>ପ୍ରତିଷ୍ଠାନ ନିଜେ ଏକ ଶିଳ୍ପ</u> ।

(b) ପୂର୍ଣ୍ଣ ପ୍ରତିଯୋଗିତାରେ <u>ଦ୍ରବ୍ୟଗୁଡ଼ିକ ବିଭେଦୀକରଣ ହୋଇଥାଏ</u> ।

(c) <u>ଏକାଧିକାରମୂଳକ ପ୍ରତିଯୋଗିତାରେ ଦ୍ରବ୍ୟଗୁଡ଼ିକ</u> ସମଜାତୀୟ <u>ହୋଇଥାନ୍ତି</u> ।

(d) <u>ପୂର୍ଣ୍ଣ ପ୍ରତିଯୋଗିତାରେ ଦର</u> ଏକ ପ୍ରତିଷ୍ଠାନ <u>ଦ୍ୱାରା ନିର୍ଦ୍ଧାରିତ ହୁଏ</u> ।

## ଖ - ବିଭାଗ: (କ୍ଷୁଦ୍ର ଉତ୍ତର ସାପେକ୍ଷ ପ୍ରଶ୍ନ)

(ପ୍ରତ୍ୟେକର ମୂଲ୍ୟ 2 ନମ୍ବର)

3. ପ୍ରତ୍ୟେକ କ୍ଷେତ୍ରରେ 2ଟି ବା 3ଟି ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ:

(a) ସ୍ୱାଭାବିକ ଦର କ'ଣ ?

(b) ବଜାର ଦର କ'ଣ ?

(c) ଏକାଧିକାର କ'ଣ ?

(d) ସ୍ୱଳ୍ପାଧିକାର କ'ଣ ?

(e) ଏକାଧିକାରମୂଳକ ପ୍ରତିଯୋଗିତା କ'ଣ ?

4. **ପାର୍ଥକ୍ୟ ଦର୍ଶାଅ, ଛଅଟି ବାକ୍ୟରେ । (ପ୍ରତ୍ୟେକର ମୂଲ୍ୟ 3 ନମ୍ବର)**

(a) ଏକାଧିକାର ଓ ଅଳ୍ପାଧିକାର ।

(b) ପୂର୍ଣ୍ଣପ୍ରତିଯୋଗିତା ଓ ଶୁଦ୍ଧ ପ୍ରତିଯୋଗିତା ।

(c) ଏକାଧିକାର ଓ ଏକାଧିକାରମୂଳକ ପ୍ରତିଯୋଗିତା ।

(d) ପୂର୍ଣ୍ଣ ପ୍ରତିଯୋଗିତା ଓ ଏକାଧିକାରମୂଳକ ପ୍ରତିଯୋଗିତା ।

(e) ବଜାର ଦର ଓ ସ୍ୱାଭାବିକ ଦର ।

**ଗ- ବିଭାଗ (ଦୀର୍ଘ ଉତ୍ତରମୂଳକ)**

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ $7\frac{1}{2}$ ନମ୍ବର)**

5. ପୂର୍ଣ୍ଣ ପ୍ରତିଯୋଗିତାରେ ଦର କିପରି ନିର୍ଦ୍ଧାରଣ କରାଯାଏ, ବ୍ୟାଖ୍ୟା କର ।

6. ପୂର୍ଣ୍ଣ ପ୍ରତିଯୋଗିତାର ବୈଶିଷ୍ଟ୍ୟଗୁଡ଼ିକ ବର୍ଣ୍ଣନା କର ।

❑❑❑

# (ଖ) ପ୍ରାରମ୍ଭିକ ସମଷ୍ଟି ଅର୍ଥନୀତି
# (INTRODUCTORY MACROECONOMICS)

## ଷଷ୍ଠ ପରିଚ୍ଛେଦ

### ସମଷ୍ଟି ଅର୍ଥନୀତିର ମୌଳିକ ତତ୍ତ୍ୱ

- ବ୍ୟଷ୍ଟି ଓ ସମଷ୍ଟି ଅର୍ଥନୀତି
- ସମଷ୍ଟି ଅର୍ଥନୀତି ଓ ବ୍ୟଷ୍ଟି ଅର୍ଥନୀତି ମଧ୍ୟରେ ପାର୍ଥକ୍ୟ
- ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ

# ଷଷ୍ଠ ପରିଚ୍ଛେଦ

## ସମଷ୍ଟି ଅର୍ଥନୀତିର ମୌଳିକ

### 6.1 ବ୍ୟଷ୍ଟି ଓ ସମଷ୍ଟି ଅର୍ଥନୀତି (Micro and Macroeconomics)

ଅର୍ଥନୀତିକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ତାହା ହେଲା: ବ୍ୟଷ୍ଟି ଅର୍ଥନୀତି (Microeconomics) ଓ ସମଷ୍ଟି ଅର୍ଥନୀତି (Macroeconomics) । ଇଂଲଣ୍ଡର ବିଶିଷ୍ଟ ଅର୍ଥଶାସ୍ତ୍ରୀ J.M. Keynesଙ୍କ ଲେଖନୀ ନିଃସୃତ ଯୁଗାନ୍ତକାରୀ ପୁସ୍ତକ "ନିଯୁକ୍ତି, ସୁଧ ଓ ମୁଦ୍ରା ସମ୍ବନ୍ଧୀୟ ସାଧାରଣ ତତ୍ତ୍ୱ" (The General Theory of Employment, Interest and Money) (1936)ର ପ୍ରକାଶନ ପୂର୍ବରୁ Adam Smith, T.R. Malthus ଓ J.B. Say ଇତ୍ୟାଦି ସଂସ୍ଥାପକ ଅର୍ଥଶାସ୍ତ୍ରୀ ଏବଂ Marshall, Pigou ଓ Robbins ଇତ୍ୟାଦି ନବସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ପ୍ରାୟତଃ ସମ୍ପୂର୍ଣ୍ଣ ଭାବରେ ବ୍ୟଷ୍ଟି ଅର୍ଥନୀତି ଆଲୋଚନାରେ ନିବଦ୍ଧ ଥିଲେ ଏବଂ ବ୍ୟଷ୍ଟି ଅର୍ଥନୀତିକୁ ବଳିଷ୍ଠ ଓ ସୁଦୃଢ଼ କରିଥିଲେ । ସମଷ୍ଟି ଅର୍ଥନୀତି ବ୍ୟଷ୍ଟି ଅର୍ଥନୀତିର ଏକ କନିଷ୍ଠ ସହଯୋଗୀ ଭାବରେ ପରିଗଣିତ ହେଉଥିଲା । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ଶେଷ ପର୍ଯ୍ୟନ୍ତ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନଙ୍କର ଦୃଢ଼ ଧାରଣା ଥିଲା ଯେ, ଏକ ଅର୍ଥ ବ୍ୟବସ୍ଥାରେ ପୂର୍ଣ୍ଣ ନିଯୋଜନ ଏକ ସ୍ୱାଭାବିକ ଅବସ୍ଥା । ସମଗ୍ର ଅର୍ଥ ବ୍ୟବସ୍ଥାର ଅର୍ଥନୈତିକ ସମଷ୍ଟି ଯଥା ମୋଟ ନିଯୋଜନ, ମୋଟ ଉତ୍ପାଦ ଓ ଜାତୀୟ ଆୟକୁ ସ୍ଥିର ଭାବେ ବିବେଚନା କରି ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ଅର୍ଥ ବ୍ୟବସ୍ଥା ଅନ୍ତର୍ଗତ ନିର୍ଦ୍ଦିଷ୍ଟ ଶିଳ୍ପ ପ୍ରତିଷ୍ଠାନରେ କିପରି ନିଯୁକ୍ତି ତଥା ଉତ୍ପାଦର ପରିମାଣ ନିର୍ଦ୍ଧାରିତ ହୁଏ, ତାହା ବ୍ୟାଖ୍ୟା କରୁଥିଲେ; କିନ୍ତୁ 1929 ମସିହାରୁ 1933 ମସିହା ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ସଂଘଟିତ 'ଗଭୀର ମାନ୍ଦାବସ୍ଥା' (Great Depression) ଓ ଉତ୍କଟ ବେକାରି ତତ୍କାଳୀନ ଅର୍ଥଶାସ୍ତ୍ରୀଙ୍କର ପୂର୍ଣ୍ଣ ନିଯୋଜନ କଳ୍ପନାରେ ଶକ୍ତ ଧକ୍କା ଦେଲା । ପୂର୍ଣ୍ଣ ନିଯୋଜନ ତତ୍ତ୍ୱର ମୂଳାଧାର ବୋଲି ପରିଗଣିତ ହେଉଥିବା J.B. Sayଙ୍କର ବଜାର ତତ୍ତ୍ୱ (ଯୋଗାଣ ସ୍ୱତଃ ନିଜର ଚାହିଦା ସୃଷ୍ଟି କରେ) କାର୍ଯ୍ୟକାରୀ ନହୋଇ ଅର୍ଥ ବ୍ୟବସ୍ଥାରେ ଅସନ୍ତୁଳନ (disequilibrium) ସୃଷ୍ଟି କଲା । ଉତ୍ପାଦନ, ନିଯୋଜନ, ନିବେଶ, ସଞ୍ଚୟ ଇତ୍ୟାଦି ହ୍ରାସ ପାଇବାକୁ ଲାଗିଲା । ଫଳରେ ସୃଷ୍ଟିହେଲା ମାନ୍ଦାବସ୍ଥାର ପାପଚକ୍ର (Vicious circle) । ଏହି ମାନ୍ଦାବସ୍ଥାକୁ ଦୂର କରି ନିଯୋଜନ, ଉତ୍ପାଦନ ତଥା ଆୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ସ୍ଥିରତା ଆଣିବା ସକାଶେ ବିଶିଷ୍ଟ ଅର୍ଥଶାସ୍ତ୍ରୀ J.M. Keynes, ତାଙ୍କର ଚିନ୍ତାଧାରାକୁ ଯୁଗାନ୍ତକାରୀ ପୁସ୍ତକ "ନିଯୁକ୍ତି, ସୁଧ ଓ ମୁଦ୍ରା ସମ୍ବନ୍ଧୀୟ ଏକ ସାଧାରଣ ତତ୍ତ୍ୱ" (The General Theory of Emploment, Interest and Money) (1936)ରେ ପରିପ୍ରକାଶ କଲେ । Keynesଙ୍କର

ଉପରୋକ୍ତ ପୁସ୍ତକ ପ୍ରକାଶନ ପରେ ଅର୍ଥଶାସ୍ତ୍ରୀଙ୍କର ବ୍ୟଷ୍ଟି ଅର୍ଥନୀତିର ଆପେକ୍ଷିକ ଅବହେଳାର ପରିସମାପ୍ତି ଘଟିଲା ଏବଂ ସମଷ୍ଟି ଅର୍ଥନୀତିର ଅଧ୍ୟୟନ ପ୍ରତି ଆଗ୍ରହ ସୃଷ୍ଟି ହେଲା। ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ ତଥା ଏହାର ପରିସର ସମ୍ବନ୍ଧରେ ବିଶେଷ ଜ୍ଞାନ ଆହରଣ ସକାଶେ ସର୍ବପ୍ରଥମେ ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତିର ଅର୍ଥ ଏବଂ ଏହି ଦୁଇଟି ଶାଖା ମଧ୍ୟରେ ଥିବା ତାରତମ୍ୟର ଅଧ୍ୟୟନ ସମୀଚିତ ମନେହୁଏ।

### 6.1.1 ବ୍ୟଷ୍ଟି ଅର୍ଥନୀତିର ଅର୍ଥ

ବ୍ୟଷ୍ଟି ଅର୍ଥନୀତି ଗ୍ରୀକ୍ ଶବ୍ଦ 'ମାଇକ୍ରୋସ୍' (Mikros)ରୁ ଆନୀତ। 'ମାଇକ୍ରୋସ୍'ର ଅର୍ଥ ହେଲା କ୍ଷୁଦ୍ର। ବ୍ୟଷ୍ଟି ଅର୍ଥନୀତି କହିଲେ ଅର୍ଥଶାସ୍ତ୍ରର ସେହି ଶାଖାକୁ ବୁଝାଏ ଯାହା ଅର୍ଥବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକ ଯଥା ନିର୍ଦ୍ଦିଷ୍ଟ ଉପଭୋକ୍ତା, ପରିବାର, ପ୍ରତିଷ୍ଠାନ, ବଜାର ଇତ୍ୟାଦିର ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ଳେଷଣ କରିଥାଏ। ବ୍ୟଷ୍ଟି ଅର୍ଥନୀତି ଏକ ଅର୍ଥବ୍ୟବସ୍ଥାକୁ ସାମଗ୍ରିକ ଭାବରେ ଅଧ୍ୟୟନ କରି ନ ଥାଏ। ଏହା ଅର୍ଥବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକମାନଙ୍କୁ ବ୍ୟକ୍ତିଗତ ସ୍ତରରେ ଅଧ୍ୟୟନ କରିଥାଏ। ଉଦାହରଣ ସ୍ୱରୂପ, ଜଣେ ଉପଭୋକ୍ତା ଗୋଟିଏ ଦ୍ରବ୍ୟକୁ କେତେ ପରିମାଣରେ ଉପଭୋଗ କଲେ ସର୍ବାଧିକ ପରିତୃପ୍ତି ଲାଭ କରିପାରିବ; ଏକ ପରିବାର ତାଙ୍କର ସୀମିତ ଆୟକୁ କିପରି ବିଭିନ୍ନ ଦ୍ରବ୍ୟରେ ବ୍ୟୟ କଲେ ସର୍ବାଧିକ ଉପଯୋଗିତା ମିଳିପାରିବ ବା ଏକ ପ୍ରତିଷ୍ଠାନ କେତେ ପରିମାଣରେ ଶ୍ରମ ଓ ପୁଞ୍ଜି ବିନିଯୋଗ କଲେ ଉତ୍ପାଦର ପରିମାଣକୁ ସର୍ବାଧିକ କରିପାରିବ ବା ଏହା କେତେ ପରିମାଣରେ ଦ୍ରବ୍ୟ ଉତ୍ପାଦନ କଲେ ତାର ଲାଭ ସର୍ବାଧିକ ହେବ– ଏହା ହିଁ ବ୍ୟଷ୍ଟି ଅର୍ଥନୀତି ଅଧ୍ୟୟନର ବିଷୟବସ୍ତୁ।

ବ୍ୟଷ୍ଟି ଅର୍ଥନୀତି ଅର୍ଥ ବ୍ୟବସ୍ଥାର ନିମ୍ନୋକ୍ତ ବିଷୟମାନଙ୍କୁ ଅଧ୍ୟୟନ କରିଥାଏ। ତାହା ହେଲା:

i) ଅର୍ଥନୈତିକ ବ୍ୟବସ୍ଥାରେ ସୀମିତ ସମ୍ବଳର ଆବଣ୍ଟନ।

ii) ଉପଭୋକ୍ତାର ପ୍ରବୃତ୍ତି ତତ୍ତ୍ୱ।

iii) ଉତ୍ପାଦନକାରୀର ପ୍ରବୃତ୍ତି ତତ୍ତ୍ୱ।

iv) ଦ୍ରବ୍ୟର ଦର ନିର୍ଦ୍ଧାରଣ ତତ୍ତ୍ୱ।

v) ଉତ୍ପାଦନ ସାଧନର ଦର ନିର୍ଦ୍ଧାରଣ ତତ୍ତ୍ୱ।

vi) ଆର୍ଥନୀତିକ କଲ୍ୟାଣ ତତ୍ତ୍ୱ।

Marshall, Pigou ଓ Robbins ଇତ୍ୟାଦି ନବସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ବ୍ୟଷ୍ଟି ଅର୍ଥନୀତିକୁ ବଳିଷ୍ଠ ଓ ସୁଦୃଢ଼ କରିଥିଲେ। ଏହି ନବ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ସାମୂହିକ ନିଯୁକ୍ତି, ସାମୂହିକ ଉତ୍ପାଦନ, ଜାତୀୟ ଆୟ ଓ ହାରାହାରି ମୂଲ୍ୟ ସ୍ଥିର ରହେ ବୋଲି ବିବେଚନା କରି ଏକ ନିର୍ଦ୍ଦିଷ୍ଟ ଶିଳ୍ପ ପ୍ରତିଷ୍ଠାନରେ କିପରି ନିଯୁକ୍ତି ତଥା ଉତ୍ପାଦନ ନିର୍ଦ୍ଧାରିତ ହୁଏ ତାହା ଆଲୋଚନା କରିଥିଲେ। ଅଧ୍ୟାପକ ମାର୍ଶାଲଙ୍କ ଦ୍ୱାରା ରଚିତ "ଅର୍ଥନୀତି ତତ୍ତ୍ୱ" (Principle of Economics) (1890) ବ୍ୟଷ୍ଟି ଅର୍ଥନୀତିର ଏକ ମୁଖ୍ୟ ଗ୍ରନ୍ଥ।

### 6.1.2 ସମଷ୍ଟି ଅର୍ଥନୀତିର ଅର୍ଥ

ସମଷ୍ଟି ଅର୍ଥନୀତି ଗ୍ରୀକ୍ ଶବ୍ଦ 'ମାକ୍ରୋସ୍' (Makros)ରୁ ଆନୀତ। 'ମାକ୍ରୋସ'ର ଅର୍ଥହେଲା ବୃହତ୍। ସମଷ୍ଟି ଅର୍ଥନୀତି କହିଲେ ଅର୍ଥଶାସ୍ତ୍ରର ସେହି ଶାଖାକୁ ବୁଝାଏ ଯାହା ଅର୍ଥବ୍ୟବସ୍ଥାର ସାମୂହିକ ଆର୍ଥନୀତିକ ଏକକ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସ୍ଥାନ ଓ କାଳ ବିଶେଷରେ ବ୍ୟାଖ୍ୟା କରିଥାଏ। ସମଷ୍ଟି ଅର୍ଥନୀତି ଏକ ଅର୍ଥବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକ ମାନଙ୍କୁ ବ୍ୟକ୍ତିଗତ ସ୍ତରରେ ଅଧ୍ୟୟନ କରି ନ ଥାଏ। ଏହା ଏକ ଅର୍ଥ ବ୍ୟବସ୍ଥାର ମୋଟ ଉତ୍ପାଦନ, ଜାତୀୟ ଆୟ, ସାମୂହିକ ନିଯୋଜନ, ହାରାହାରି ଦର ସ୍ତର ଇତ୍ୟାଦି ସମଷ୍ଟିଗତ ବିଷୟକୁ ଅଧ୍ୟୟନ କରିଥାଏ। ବିଶିଷ୍ଟ ଅର୍ଥଶାସ୍ତ୍ରୀ Gardner Ackleyଙ୍କ ମତରେ, "ସମଷ୍ଟି ଅର୍ଥନୀତି ସେହି ସମସ୍ତ ଶକ୍ତି ଓ ଉପାଦାନ ଅଧ୍ୟୟନ କରେ ଯାହାକି ଏକ ଅର୍ଥ ବ୍ୟବସ୍ଥାରେ ମୋଟ ଉତ୍ପାଦନ, ନିଯୁକ୍ତି ତଥା ହାରାହାରି ଦର ସ୍ତର ଓ ସେମାନଙ୍କର ସମୟାନୁସାରେ ପରିବର୍ତ୍ତନର ହାରକୁ ନିର୍ଦ୍ଧାରଣ କରୁଥାଏ।" (Macroeconomics is the study of the forces and factors that determine the level of aggregate production, employment and prices in an economy and their rates of change over time.)

Bouldingଙ୍କ ମତରେ "ସମଷ୍ଟି ଅର୍ଥନୀତି ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟର ପରିମାଣ ବିଷୟରେ ଅଧ୍ୟୟନ ନ କରି ସମସ୍ତ ଦ୍ରବ୍ୟର ମୋଟ ପରିମାଣ ସମ୍ପର୍କରେ ଅଧ୍ୟୟନ କରିଥାଏ; ଏକ ବ୍ୟକ୍ତିର ଆୟ ବିଷୟରେ ଅଧ୍ୟୟନ ନ କରି ଜାତୀୟ ଆୟ ସମ୍ପର୍କରେ ଅଧ୍ୟୟନ କରିଥାଏ; ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟର ଦର ବିଷୟରେ ବ୍ୟାଖ୍ୟା ନ କରି ହାରାହାରି ଦର ସମ୍ପର୍କରେ ବ୍ୟାଖ୍ୟା କରିଥାଏ; ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟର ଉତ୍ପାଦନ ସମ୍ପର୍କରେ ବ୍ୟାଖ୍ୟା ନ କରି ମୋଟ ଉତ୍ପାଦନ ସମ୍ପର୍କରେ ଅଧ୍ୟୟନ କରିଥାଏ।" (Macroeconomics deals not with individual quantity as such but with aggregates of such quantities, not with individual income but with the national income, not with individual prices but with the price level, not with individual output but with national output.)

ଉପରୋକ୍ତ ସଂଜ୍ଞାମାନଙ୍କରୁ ଏହା ସ୍ପଷ୍ଟ ଯେ, ସମଷ୍ଟି ଅର୍ଥନୀତି ଅର୍ଥବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଆର୍ଥନୀତିକ ଏକକଗୁଡ଼ିକର ଆଚରଣ ସମ୍ପର୍କରେ ଅଧ୍ୟୟନ କରି ନ ଥାଏ। ଅପରପକ୍ଷରେ ଏହା ଅର୍ଥନୈତିକ ସମଷ୍ଟି

ଯଥା- ଦେଶର ସାମୂହିକ ନିୟୋଜନ, ମୋଟ ଉତ୍ପାଦ, ଜାତୀୟ ଆୟ ତଥା ହାରାହାରି ଦର ଇତ୍ୟାଦିକୁ ଅଧ୍ୟୟନ କରିଥାଏ।

ବ୍ୟଷ୍ଟି ଅର୍ଥନୀତି ଅଧ୍ୟୟନରୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସ୍ପଷ୍ଟ ହୋଇଥାଏ :

i) ଅର୍ଥ ବ୍ୟବସ୍ଥାର ମୋଟ ଆୟ ବା ମୋଟ ଉତ୍ପାଦ ଓ ମୋଟ ନିୟୋଜନକୁ କେଉଁ ଉପାଦାନମାନ ପ୍ରଭାବିତ କରେ ?

ii) ଅର୍ଥ ବ୍ୟବସ୍ଥାରେ କିପରି ସନ୍ତୁଳିତ ଆୟ ବା ଉତ୍ପାଦ ଓ ନିୟୋଜନ ନିର୍ଦ୍ଧାରିତ ହୁଏ ?

iii) ଜାତୀୟ ଉତ୍ପାଦ ବା ଜାତୀୟ ଆୟ ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ମଧ୍ୟରେ କିପରି ଆବଣ୍ଟନ କରାଯାଏ ?

iv) ଅର୍ଥ ବ୍ୟବସ୍ଥାରେ ସ୍ଫୀତି ଓ ଅବସ୍ଫୀତି କାହିଁକି ସୃଷ୍ଟି ହୋଇଥାଏ ?

v) ସ୍ଫୀତି ଓ ଅବସ୍ଫୀତିକୁ କିପରି ନିୟନ୍ତ୍ରଣ କରାଯାଏ ?

vi) ସରକାରଙ୍କ ରାଜକୋଷୀୟ ନୀତି ଓ ମୌଦ୍ରିକ ନୀତି କିପରି ଅର୍ଥନୀତିକୁ ପ୍ରଭାବିତ କରେ ?

vii) ଦେଶର ଆଦାନ ପ୍ରଦାନ ସମତୁଳନରେ କାହିଁକି ଉଦ୍ବୃତ୍ତ ବା ନିअଣ୍ଟ ହୋଇଥାଏ ?

viii) ଅର୍ଥନୈତିକ ଅଭିବୃଦ୍ଧି କେଉଁ ଉପାଦାନମାନଙ୍କ ଉପରେ ନିର୍ଭର କରିଥାଏ ?

Keynesଙ୍କ ପ୍ରସିଦ୍ଧ ପୁସ୍ତକ (The General Theory of Emploment, Interest and Money) ବା 'ନିଯୁକ୍ତି, ସୁଧ ଓ ମୁଦ୍ରା ସମ୍ବନ୍ଧୀୟ ସାଧାରଣ ତତ୍ତ୍ୱ' (1936) ସମଷ୍ଟି ଅର୍ଥନୀତିର ସର୍ବପ୍ରଥମ ପରିପୂର୍ଣ୍ଣ ଓ ବିଧିବଦ୍ଧ ଭାବରେ ଲିଖିତ ଏକ ପ୍ରସିଦ୍ଧ ଗ୍ରନ୍ଥ।

### 6.1.3 ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ମଧ୍ୟରେ ପାର୍ଥକ୍ୟ

**(Difference between Micro and Macroeconomics**

ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତିର ତୁଳନାତ୍ମକ ବିଶ୍ଳେଷଣରୁ ସେମାନଙ୍କ ମଧ୍ୟରେ ନିମ୍ନୋକ୍ତ ପାର୍ଥକ୍ୟ ଥିବାର ପରିଲକ୍ଷିତ ହୁଏ।

1. ବ୍ୟଷ୍ଟି ଅର୍ଥନୀତି, ଅର୍ଥ ବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକ ଯଥା ନିର୍ଦ୍ଦିଷ୍ଟ ଉପଭୋକ୍ତା, ପରିବାର, ପ୍ରତିଷ୍ଠାନ, ବଜାର ଇତ୍ୟାଦିର ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ଳେଷଣ କରିଥାଏ। ଉଦାହରଣ ସ୍ୱରୂପ ଜଣେ ଉପଭୋକ୍ତା ଗୋଟିଏ ଦ୍ରବ୍ୟକୁ କେତେ ପରିମାଣରେ ଉପଭୋଗ କଲେ ସର୍ବାଧିକ ପରିତୃପ୍ତି ଲାଭ କରିପାରିବ; ଏକ ପରିବାର ତାଙ୍କର ସୀମିତ ଆୟକୁ କିପରି ବିଭିନ୍ନ

ଦ୍ରବ୍ୟରେ ବ୍ୟୟ କଲେ ସର୍ବାଧିକ ଉପଯୋଗିତା ପାଇପାରିବେ ବା ଏକ ପ୍ରତିଷ୍ଠାନ କେତେ ପରିମାଣରେ ଶ୍ରମ ଓ ପୁଞ୍ଜି ବିନିଯୋଗ କଲେ ମୋଟ ଉତ୍ପାଦନ କଲେ ମୋଟ ଉତ୍ପାଦନ ସର୍ବାଧିକ ହେବ ବା ଏହା କେତେ ପରିମାଣରେ ଦ୍ରବ୍ୟ ଉତ୍ପାଦନ କଲେ ତାର ଲାଭ ସର୍ବାଧିକ ହେବ, ତାହା ବ୍ୟଷ୍ଟି ଅର୍ଥନୀତି ଅଧ୍ୟୟନ କରିଥାଏ।

କିନ୍ତୁ ସମଷ୍ଟି ଅର୍ଥନୀତି ଅର୍ଥ ବ୍ୟବସ୍ଥାର ସାମୂହିକ ଆର୍ଥନୀତିକ ଏକକ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସ୍ଥାନ ଓ କାଳ ବିଶେଷରେ ବ୍ୟାଖ୍ୟା କରିଥାଏ। ଏହା ଅର୍ଥ ବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକମାନଙ୍କୁ ବ୍ୟକ୍ତିଗତ ସ୍ତରରେ ଅଧ୍ୟୟନ ନକରି ଅର୍ଥ ବ୍ୟବସ୍ଥାର ମୋଟ ଉତ୍ପାଦନ, ଜାତୀୟ ଆୟ, ସାମୂହିକ ନିୟୋଜନ, ହାରାହାରି ଦର ସ୍ତର ଇତ୍ୟାଦି ସମଷ୍ଟିଗତ ବିଷୟକୁ ଅଧ୍ୟୟନ କରିଥାଏ।

2. ବ୍ୟଷ୍ଟି ଅର୍ଥନୀତିରେ ସମଗ୍ର ଅର୍ଥବ୍ୟବସ୍ଥାର ମୋଟ ଉତ୍ପାଦନ, ନିୟୋଜନ, ଆୟ ଓ ବ୍ୟୟ ସ୍ଥିର ରହେ (Constant) ବୋଲି ଧରି ନିଆଯାଇଥାଏ। କିନ୍ତୁ ସମଷ୍ଟି ଅର୍ଥନୀତିରେ ଏ ସମସ୍ତଙ୍କୁ 'ଚଳ' (Variable) ବୋଲି ବିବେଚନା କରାଯାଏ। ସେହିଭଳି ସମଷ୍ଟି ଅର୍ଥନୀତିରେ ବିଭିନ୍ନ ଶିଳ୍ପ ଓ ପ୍ରତିଷ୍ଠାନ ମଧ୍ୟରେ ଉତ୍ପାଦ, ନିଯୁକ୍ତି ଓ ବ୍ୟୟର ବଣ୍ଟନ ସ୍ଥିର ରହେ ବୋଲି ଧରି ନିଆଯାଇଥାଏ। କିନ୍ତୁ ବ୍ୟଷ୍ଟି ଅର୍ଥନୀତିରେ ଏଗୁଡ଼ିକୁ ମୁଖ୍ୟ 'ଚଳ' ବୋଲି ବିବେଚନା କରାଯାଏ। ବ୍ୟଷ୍ଟି ଅର୍ଥନୀତି ଏକ ନିର୍ଦ୍ଦିଷ୍ଟ ଶିଳ୍ପ ପ୍ରତିଷ୍ଠାନରେ କିପରି ନିଯୁକ୍ତି ତଥା ଉତ୍ପାଦର ପରିମାଣ ନିର୍ଦ୍ଧାରିତ ହୁଏ ତାହା ଅଧ୍ୟୟନ କରିଥାଏ।

3. ବ୍ୟଷ୍ଟି ଅର୍ଥନୀତିରେ ଅଧ୍ୟୟନ କରାଯାଉଥିବା ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଆର୍ଥନୀତିକ ଏକକର ଆଚରଣ, ସମଷ୍ଟି ଅର୍ଥନୀତିରେ ଅଧ୍ୟୟନ କରାଯାଉଥିବା ଆର୍ଥିକ ସମଷ୍ଟିଗୁଡ଼ିକର ଆଚରଣ ଠାରୁ ଭିନ୍ନ। ଉଦାହରଣ ସ୍ୱରୂପ, ବିକଶିତ ରାଷ୍ଟ୍ରମାନଙ୍କରେ ସଞ୍ଚୟ ବ୍ୟକ୍ତି ବିଶେଷଙ୍କ ପାଇଁ ମଙ୍ଗଳ ହୋଇଥିବା ବେଳେ ସମଗ୍ର ଅର୍ଥ ବ୍ୟବସ୍ଥାରେ ସାମୂହିକ ସଞ୍ଚୟର ଅଭିବୃଦ୍ଧି ଅର୍ଥନୈତିକ ମାନ୍ଦାବସ୍ଥା ଓ ବେକାରି ବୃଦ୍ଧିର କାରଣ ହୋଇପାରେ। ସେହିପରି, ବିଶିଷ୍ଟ ନବ ସଂସ୍ଥାପକ ଅର୍ଥଶାସ୍ତ୍ରୀ Pigouଙ୍କ ମତରେ ମଜୁରି ହ୍ରାସ କଲେ ଶ୍ରମନିଯୁକ୍ତି ବୃଦ୍ଧି ହୋଇ ବେକାରି ସମସ୍ୟା ସମାଧାନ ହୋଇପାରେ। କିନ୍ତୁ Pigouଙ୍କର ଏହି ତତ୍ତ୍ୱ ଏକ ନିର୍ଦ୍ଦିଷ୍ଟ ଶିଳ୍ପାନୁଷ୍ଠାନ ପାଇଁ ପ୍ରଯୁଜ୍ୟ ହୋଇଥିବାବେଳେ, ସମଗ୍ର ଅର୍ଥବ୍ୟବସ୍ଥା ପାଇଁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ। କାରଣ ସମଗ୍ର ଅର୍ଥ ବ୍ୟବସ୍ଥାରେ ମଜୁରି ହ୍ରାସ ହେଲେ ସାମୂହିକ ନିଯୁକ୍ତି ବୃଦ୍ଧି ନ ପାଇ ଉତ୍କଟ ବେକାରି ସମସ୍ୟା ଦେଖାଯାଏ।

Ackleyଙ୍କ ମତରେ, ଯେପରି ବୃକ୍ଷମାନଙ୍କର ସମାହାରରେ ସୃଷ୍ଟ ଅରଣ୍ୟର ଆଚରଣ ବୃକ୍ଷମାନଙ୍କର ଆଚରଣ ଠାରୁ ଭିନ୍ନ, ସେହିପରି ସମଷ୍ଟି ଅର୍ଥନୀତି ବ୍ୟଷ୍ଟି ଅର୍ଥନୀତି ଠାରୁ ଭିନ୍ନ।

ଯଦିଓ ଉପରୋକ୍ତ ପାର୍ଥକ୍ୟମାନ ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ମଧ୍ୟରେ ମୁଖ୍ୟ ପ୍ରଭେଦକୁ ପରିଷ୍କାର କରିବାରେ ସାହାଯ୍ୟ କରିଥାଏ, ତଥାପି ଏହି ପାର୍ଥକ୍ୟ ବିଶେଷ ତୀକ୍ଷ୍ଣ ନୁହେଁ। ଏକ ଅର୍ଥନୈତିକ ସମସ୍ୟାକୁ ଉଭୟ ବ୍ୟକ୍ତିକ ଆର୍ଥନୀତିକ ଓ ସମଷ୍ଟିଗତ ଆର୍ଥନୀତିକ ଦିଗରୁ ବିଚାର କରାଯାଇଥାଏ। ଉଦାହରଣ ସ୍ୱରୂପ ସମଷ୍ଟିଗତ ଆର୍ଥନୀତିକ ଦୃଷ୍ଟିକୋଣରୁ ଦେଶର ସମ୍ବଳ ଆବଣ୍ଟନ ଅପରିବର୍ତ୍ତିତ ରହି ଉପଲବ୍ଧ ସମ୍ବଳର ସମ୍ପୂର୍ଣ୍ଣ ବିନିଯୋଗ ହେଲେ ସମାଜର କଲ୍ୟାଣ ସର୍ବାଧିକ ହେବ। କିନ୍ତୁ ବ୍ୟକ୍ତିକ ଆର୍ଥନୀତିକ ଦୃଷ୍ଟିକୋଣରୁ ଅର୍ଥବ୍ୟବସ୍ଥାର ଉପଲବ୍ଧ ସମ୍ବଳ ବିନିଯୋଗର ମାତ୍ରା ଅପରିବର୍ତ୍ତିତ ରହି ସମ୍ବଳର ଆବଣ୍ଟନ ଉତ୍କର୍ଷ ହେଲେ ସମାଜ କଲ୍ୟାଣ ସର୍ବାଧିକ ହେବ। ଏଥିରୁ ସ୍ପଷ୍ଟ ଯେ, ଉଭୟ ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ଅଧ୍ୟୟନର ଲକ୍ଷ୍ୟ ହେଲା ଜନସାଧାରଣଙ୍କର ସର୍ବାଧିକ ଆର୍ଥନୀତିକ କଲ୍ୟାଣ ହାସଲ କରିବା। ଉକ୍ତ ଲକ୍ଷ୍ୟ ସମ୍ବଳର ପୂର୍ଣ୍ଣ ବିନିଯୋଗ ତଥା ଅନୁକୂଳତମ ଆବଣ୍ଟନ ମାଧ୍ୟମରେ ହାସଲ ହୋଇପାରିବ। ଏହି ଦୃଷ୍ଟିରୁ ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ପରସ୍ପରର ପରିପୂରକ।

## 6.2 ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ (Subject matter of Macroeconomics)

ସମଷ୍ଟି ଅର୍ଥନୀତି ଅର୍ଥ ବ୍ୟବସ୍ଥାର ସାମୂହିକ ଏକକମାନଙ୍କୁ ବ୍ୟାଖ୍ୟା କରିଥାଏ। ସୁତରାଂ, ଜାତୀୟ ଆୟ, ମୋଟ ଉତ୍ପାଦ, ସାମୂହିକ ନିଯୋଜନ, ସାମୂହିକ ଚାହିଦା, ସାମୂହିକ ଯୋଗାଣ, ମୋଟ ସଞ୍ଚୟ, ମୋଟ ନିବେଶ ଏବଂ ହାରାହାରି ଦର ସ୍ତର ଇତ୍ୟାଦି ସମଷ୍ଟି ଅର୍ଥନୀତିରେ ଅଧ୍ୟୟନ କରାଯାଇଥାଏ।

ନିମ୍ନୋକ୍ତ ବିଷୟଗୁଡ଼ିକ ସମଷ୍ଟି ଅର୍ଥନୀତିରେ ଅନ୍ତର୍ଭୁକ୍ତ ହୋଇଥାଏ। ତାହା ହେଲା–

1) ଆୟ, ଉତ୍ପାଦ ଓ ନିଯୋଜନ ତତ୍ତ୍ୱ (Theory of Income, Output and Employment)

2) ହାରାହାରି ମୂଲ୍ୟ ତତ୍ତ୍ୱ (Theory of General Price level)

3) ବ୍ୟବସାୟ ତରଙ୍ଗ ତତ୍ତ୍ୱ (Theory of Business cycles)

4) ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ (Theory of Economic Growth

5) ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ (Macroeconomic Theories of Distribution)

ସମଷ୍ଟି ଅର୍ଥନୀତିର ଉପରୋକ୍ତ ବିଷୟମାନ ନିମ୍ନରେ ବ୍ୟାଖ୍ୟା କରାଯାଇଛି।

1) **ଆୟ, ଉତ୍ପାଦ ଓ ନିୟୋଜନ ତତ୍ତ୍ୱ (Theory of Income, Output and Employment) :** ଆୟ, ଉତ୍ପାଦ ଓ ନିୟୋଜନ ତତ୍ତ୍ୱ ସମଷ୍ଟି ଅର୍ଥନୀତିର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ । ଅର୍ଥ ବ୍ୟବସ୍ଥାରେ ସାମୂହିକ ନିୟୋଜନ ଓ ମୋଟ ଆୟ କେଉଁ ଉପାଦାନ ଉପରେ ନିର୍ଭର କରେ ଏବଂ ସନ୍ତୁଳନ ଆୟ ଓ ସନ୍ତୁଳନ ନିୟୋଜନ କିପରି ନିର୍ଦ୍ଧାରିତ ହୁଏ, ଏହା ବ୍ୟାଖ୍ୟା କରିଥାଏ । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ଶେଷ ପର୍ଯ୍ୟନ୍ତ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ, ଅର୍ଥ ବ୍ୟବସ୍ଥାରେ ପୂର୍ଣ୍ଣ ନିୟୋଜନ ସନ୍ତୁଳନ (full employment equilibrium) ସର୍ବଦା ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । କିନ୍ତୁ ୧୯୨୯ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ସଂଘଟିତ 'ଗଭୀର ମାନ୍ଦାବସ୍ଥା' (Great Depression) ଓ ଉତ୍କଟ ବେକାରି ତତ୍କାଳୀନ ଅର୍ଥଶାସ୍ତ୍ରୀଙ୍କର ପୂର୍ଣ୍ଣ ନିୟୋଜନ କଳ୍ପନା ଅବାସ୍ତବ ତଥା ଭୁଲ୍ ବୋଲି ପ୍ରମାଣିତ କଲା । ପୂର୍ଣ୍ଣ ନିୟୋଜନ ତତ୍ତ୍ୱର ମୂଳାଧାର ବୋଲି ପରିଗଣିତ ହେଉଥିବା J.B. Sayଙ୍କର ବଜାର ତତ୍ତ୍ୱ କାର୍ଯ୍ୟକାରୀ ନହୋଇ ଅର୍ଥ ବ୍ୟବସ୍ଥାରେ ଅସନ୍ତୁଳନ (disequilibrium) ସୃଷ୍ଟି କଲା । ଜାତୀୟ ଉତ୍ପାଦ, ଆୟ, ନିୟୋଜନ, ସଞ୍ଚୟ ଓ ନିବେଶ ହ୍ରାସ ପାଇବାକୁ ଲାଗିଲା ।

ବିଶିଷ୍ଟ ଅର୍ଥଶାସ୍ତ୍ରୀ J.M. Keynes ତାଙ୍କର ପ୍ରସିଦ୍ଧ ପୁସ୍ତକ 'ନିଯୁକ୍ତି, ସୁଧ ଓ ମୁଦ୍ରା ସମ୍ବନ୍ଧୀୟ ଏକ ସାଧାରଣ ତତ୍ତ୍ୱ'ରେ ଦୃଢ଼ ଭାବରେ ଘୋଷଣା କଲେ ଯେ, ସାମୂହିକ ଫଳପ୍ରଦ ଚାହିଦାର ସ୍ୱଳ୍ପତା ଆୟ, ଉତ୍ପାଦ ଓ ନିୟୋଜନ ହ୍ରାସ ବା ବେକାରିର ମୁଖ୍ୟ କାରଣ । ସାମୂହିକ ଚାହିଦାର ବୃଦ୍ଧି ଘଟିଲେ ଅର୍ଥ ବ୍ୟବସ୍ଥାରେ ବେକାରି ଦୂର ହେବା ସଙ୍ଗେ ସଙ୍ଗେ ଆୟ ବା ଉତ୍ପାଦର ପ୍ରସାରଣ ହୋଇପାରିବ ବୋଲି ସେ ମତବ୍ୟକ୍ତ କଲେ । ଉପଭୋଗ ଚାହିଦା, ନିବେଶ ଚାହିଦା, ଦ୍ରବ୍ୟ ଓ ସେବା ପାଇଁ ସରକାରଙ୍କ ଚାହିଦା ଓ ନିଟ୍ ରପ୍ତାନୀର ସମଷ୍ଟିକୁ ସାମୂହିକ ଚାହିଦା କୁହାଯାଏ । କିନ୍ତୁ ପରିବାର ଓ ପ୍ରତିଷ୍ଠାନମାନଙ୍କୁ ନେଇ ଗଠିତ ଏକ ସରଳ ଅର୍ଥ ବ୍ୟବସ୍ଥାରେ 'ଉପଭୋଗ ଚାହିଦା' ଓ 'ଘରୋଇ ନିବେଶ ଚାହିଦା'ର ସମଷ୍ଟିକୁ ସାମୂହିକ ଚାହିଦା ବୋଲି ଦର୍ଶାଯାଇଥାଏ । Keynesଙ୍କ ମତରେ, ଘରୋଇ ନିବେଶ ଚାହିଦାର ସ୍ୱଳ୍ପତା, ସାମୂହିକ ଚାହିଦାର ସ୍ୱଳ୍ପତା ତଥା ଚକ୍ରୀୟ ବେକାରି ବା ଅନିଯୋଗ (cyclical unemployment)ର ମୁଖ୍ୟ କାରଣ । ସୁତରାଂ ବେକାରି ଦୂର କରିବା ବା ନିୟୋଜନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସାମୂହିକ ଚାହିଦାର ବୃଦ୍ଧି ଅପରିହାର୍ଯ୍ୟ । ଯେହେତୁ ମାନ୍ଦାବସ୍ଥା ସମୟରେ ଘରୋଇ ନିବେଶ ସ୍ୱଳ୍ପ ହୋଇଥାଏ, ବେକାରି ଦୂର କରିବା ପାଇଁ ସରକାରୀ ନିବେଶର ବୃଦ୍ଧି ନିହାତି ଆବଶ୍ୟକ । ସରକାରୀ ନିବେଶ ବୃଦ୍ଧି ପାଇଲେ ସାମୂହିକ ଚାହିଦାର ବୃଦ୍ଧି ଘଟେ ଏବଂ ଫଳରେ ମୋଟ ନିୟୋଜନ ତଥା ମୋଟ ଆୟ ବୃଦ୍ଧି ହୋଇଥାଏ । Keynesଙ୍କ ମତରେ ସାମୂହିକ ଯୋଗାଣ ଓ ସାମୂହିକ ଚାହିଦା ସମାନ ହେଲେ ଅର୍ଥ ବ୍ୟବସ୍ଥାରେ ସନ୍ତୁଳନ ସୃଷ୍ଟି ହୁଏ । ଯେଉଁ ଆୟ ବା ନିୟୋଜନ ସ୍ତରରେ ଅର୍ଥ ବ୍ୟବସ୍ଥାରେ ସନ୍ତୁଳନ ସୃଷ୍ଟି ହୁଏ, ତାହାକୁ ସନ୍ତୁଳିତ ଆୟ ବା ସନ୍ତୁଳିତ ନିୟୋଜନ କୁହାଯାଏ ।

2) **ହାରାହାରି ମୂଲ୍ୟ ତତ୍ତ୍ୱ (Theory of General Price Level) :** ହାରାହାରି ମୂଲ୍ୟ ତତ୍ତ୍ୱ ବ୍ୟଷ୍ଟି ଅର୍ଥନୀତିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହା ଅର୍ଥ ବ୍ୟବସ୍ଥାରେ ହାରାହାରି ଦର ସ୍ତର କିପରି ନିର୍ଣ୍ଣୟ ହୁଏ ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ, ଅର୍ଥ ବ୍ୟବସ୍ଥାରେ ସ୍ଫୀତି ଓ ଅବସ୍ଫୀତି ସୃଷ୍ଟି ହେବାର କାରଣ ବିଶ୍ଳେଷଣ କରିଥାଏ । ବ୍ୟଷ୍ଟି ଅର୍ଥନୀତିର ଏହି ବିଭାଗରେ ମଧ୍ୟ ସ୍ଫୀତି ଓ ଅବସ୍ଫୀତିକୁ ନିୟନ୍ତ୍ରଣ କରାଯାଇ କିପରି ଆର୍ଥନୀତିକ ସ୍ଥିରତା ଅଣାଯାଇପାରିବ ଆଲୋଚିତ ହୋଇଥାଏ । ବିଶିଷ୍ଟ ସଂସ୍ଥାପକ ଅର୍ଥଶାସ୍ତ୍ରୀ Irving Fisher ଓ ନବସଂସ୍ଥାପକ ଅର୍ଥଶାସ୍ତ୍ରୀ Marshall, Pigou ଏବଂ Robertsonଙ୍କ ଦ୍ୱାରା ପ୍ରବର୍ତ୍ତ ମୁଦ୍ରାର ପରିମାଣ ତତ୍ତ୍ୱ (Quantity Theory of Money) ଅନୁସାରେ, ହାରାହାରି ଦର ସ୍ତର ମୁଦ୍ରାର ପରିମାଣ ଦ୍ୱାରା ନିର୍ଣ୍ଣୟ କରାଯାଏ । ସୁତରାଂ ମୁଦ୍ରାର ଯୋଗାଣ, ମୁଦ୍ରାର ଚାହିଦା ଠାରୁ ଅଧିକ ହେଲେ ଅର୍ଥ ବ୍ୟବସ୍ଥାରେ ଦର ବୃଦ୍ଧି ବା ସ୍ଫୀତି ସୃଷ୍ଟି ହୋଇଥାଏ । ସେହିପରି ମୁଦ୍ରାର ଯୋଗାଣ, ମୁଦ୍ରାର ଚାହିଦା ଠାରୁ ନ୍ୟୁନ ହେଲେ ଦର ହ୍ରାସ ବା ଅବସ୍ଫୀତି ସୃଷ୍ଟି ହୋଇଥାଏ । କିନ୍ତୁ Keynes ସଂସ୍ଥାପକ ଅର୍ଥଶାସ୍ତ୍ରୀମାନଙ୍କ ଦ୍ୱାରା ପ୍ରବର୍ତ୍ତ 'ମୁଦ୍ରାର ପରିମାଣ ତତ୍ତ୍ୱ'ର ତୀବ୍ର ସମାଲୋଚନା କରିବା ସଙ୍ଗେ ସଙ୍ଗେ ମତବ୍ୟକ୍ତ କଲେ ଯେ, ଦର ବୃଦ୍ଧି (ବା ସ୍ଫୀତି) ମୁଦ୍ରାର ଯୋଗାଣ ସମ୍ପ୍ରସାରଣ ଯୋଗୁଁ ହୋଇ ନଥାଏ, ବରଂ ସାମୂହିକ ଚାହିଦା ପୂର୍ଣ୍ଣ ନିୟୋଜନ ଯୋଗାଣ ଠାରୁ ଅଧିକ (ବା ବଳକା) ହେଲେ ଦର ବୃଦ୍ଧି ବା ସ୍ଫୀତି ଘଟେ । ଏହି ସ୍ଫୀତିକୁ ଚାହିଦା ଆକର୍ଷିତ (demand pull) ସ୍ଫୀତି କୁହାଯାଏ । ସାମୂହିକ ଚାହିଦା ପୂର୍ଣ୍ଣନିୟୋଗ- ଯୋଗାଣ ଠାରୁ ଯେତିକି ଅଧିକ ହୋଇଥାଏ ତାହାକୁ 'ସ୍ଫୀତି ବ୍ୟବଧାନ' (inflationary gap) କୁହାଯାଇଥାଏ । ସେହିପରି Keynesଙ୍କ ମତରେ, ଦର ହ୍ରାସ (ବା ଅବସ୍ଫୀତି) ମୁଦ୍ରାର ଯୋଗାଣ ସଂକୋଚନ ଯୋଗୁଁ ହୋଇ ନଥାଏ, ବରଂ ସାମୂହିକ ଚାହିଦା ପୂର୍ଣ୍ଣ ନିୟୋଗ-ଯୋଗାଣ ଠାରୁ ନ୍ୟୁନ (ବା ନିଅଣ୍ଟ) ହେଲେ ଦର ହ୍ରାସ ବା ଅବସ୍ଫୀତି ଘଟେ । ସାମୂହିକ ଚାହିଦା ପୂର୍ଣ୍ଣ ନିୟୋଜନ ଯୋଗାଣ ଠାରୁ ଯେତିକି ନ୍ୟୁନ ହୋଇଥାଏ ତାହାକୁ 'ଅବସ୍ଫୀତି ବ୍ୟବଧାନ' (deflationary gap) କୁହାଯାଇଥାଏ । ସ୍ଫୀତି ଓ ଅବସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ । ସେଗୁଡ଼ିକ ହେଲା– (i) ରାଜକୋଷୀୟ ନୀତି (Fiscal policy), (ii) ମୌଦ୍ରିକ ନୀତି (Monetary policy) ଓ (iii) ଅନ୍ୟାନ୍ୟ ନୀତି (Other policies) ।

3) **ବ୍ୟବସାୟ ତରଙ୍ଗ ତତ୍ତ୍ୱ (Theory of Trade Cycles) :** ବ୍ୟବସାୟ ତରଙ୍ଗ ତତ୍ତ୍ୱ ମଧ୍ୟ ସମଷ୍ଟି ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ତରଙ୍ଗାୟିତ ଉତ୍‌ଥାନ ପତନ (cyclical fluctuation) ହେଉଛି ବଜାର ଅର୍ଥନୀତିଗୁଡ଼ିକର ଏକ ବିଶେଷ ଲକ୍ଷଣ । ବଜାର ଅର୍ଥନୀତି ପ୍ରଚଳିତ ରାଷ୍ଟ୍ରମାନଙ୍କରେ ଅର୍ଥନୈତିକ ଅଭିବୃଦ୍ଧିର ଧାରା ସିଧାସଳଖ ନହୋଇ କେବେ କେବେ ଊର୍ଦ୍ଧ୍ୱମୁଖୀ ଓ କେବେ କେବେ ଅଧୋମୁଖୀ ହୋଇଥାଏ । ବିକାଶ ପଥରେ ଲୁଆର

ପରେ ଉଚ୍ଚା ଓ ଉଚ୍ଚା ପରେ କୁଆର ଏକ ପ୍ରାକୃତିକ ନିୟମ। ଅର୍ଥନୈତିକ ଅଭିବୃଦ୍ଧି ସଂଘଟିତ ହେଲେ ଅର୍ଥ ବ୍ୟବସ୍ଥା ବିକାଶର ଚରମ ସୋପାନରେ ଉପନୀତ ହୋଇଥାଏ। ଏହାକୁ ଅର୍ଥନୀତିର ଉତ୍ଥାନ ବା ପ୍ରସାରଣ (improvement) ବୋଲି କୁହାଯାଏ। ଏହାପରେ ଅର୍ଥନୈତିକ ଅଭିବୃଦ୍ଧିର ପତନ ଘଟି ମାନ୍ଦାବସ୍ଥା ବା ସଂକୋଚନ (depression) ଦେଖାଦିଏ। ସଂକୋଚନର ନିମ୍ନତମ ସ୍ତର (slump)ରୁ ପୁଣି ପ୍ରସାରଣର ସୂତ୍ରପାତ ହୁଏ ଓ ପ୍ରସାରଣର ଉଚ୍ଚତମ ସ୍ତର (boom)ରୁ ସଂକୋଚନର ଉଦ୍ଭବ ହୁଏ। ଏହି କ୍ରମରେ ଅର୍ଥ ବ୍ୟବସ୍ଥା ନିରବଚ୍ଛିନ୍ନ ଭାବେ ବ୍ୟବସାୟ ତରଙ୍ଗ (business cycle) ମଧ୍ୟ ଦେଇ ଗତି କରୁଥାଏ।

ମାନ୍ଦାବସ୍ଥା ମଧ୍ୟଦେଇ ଗତି କରୁଥିବା ବେଳେ ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ ଓ ନିୟୋଜନ ହ୍ରାସ ପାଇଥାଏ ଏବଂ ଚାହିଦା ଓ ଦରରେ ପତନ ପରିଲକ୍ଷିତ ହୁଏ। ଉତ୍ପାଦନକାରୀଙ୍କ ପକ୍ଷେ ଉତ୍ପାଦନ ପରିବ୍ୟୟ ଭରଣା କରିବା କଷ୍ଟକର ହୁଏ। ସୁତରାଂ ବ୍ୟବସାୟରେ ସେମାନଙ୍କର କ୍ଷତି ହୁଏ। ଫଳରେ ସେମାନେ ଉତ୍ପାଦନ ହ୍ରାସ କରିବାକୁ ବାଧ୍ୟ ହୋଇଥାନ୍ତି। ଏହାର ପରିଣତିସ୍ୱରୂପ ବେକାରି ବୃଦ୍ଧି ହୁଏ ଓ କ୍ରୟଶକ୍ତି ହ୍ରାସ ପାଏ।

ଅନ୍ୟ ପକ୍ଷରେ ପ୍ରସାରଣ ଘଟୁଥିବା ବେଳେ ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ, ଆୟ ଓ ନିୟୋଜନ ବୃଦ୍ଧି ପାଇଥାଏ। ଆୟ ବୃଦ୍ଧି ଯୋଗୁଁ ସାମୂହିକ ଚାହିଦାର ବୃଦ୍ଧି ହୋଇଥାଏ। ଉତ୍ପାଦନର ସାଧନମାନଙ୍କର ଯୋଗାଣ ଅନମନୀୟ ହୋଇଥିଲେ ସାମୂହିକ ଚାହିଦାର ବୃଦ୍ଧି ଫଳରେ ଦ୍ରବ୍ୟ ଓ ସେବାର ଦର ବୃଦ୍ଧି ଘଟେ। ଏହି ସ୍ଫୀତିକୁ ଚାହିଦା ଆକର୍ଷିତ ସ୍ଫୀତି କୁହାଯାଏ। ସ୍ଫୀତି ସମୟରେ ଦ୍ରବ୍ୟ, ସେବା ଓ ଉତ୍ପାଦନ ସାଧନମାନଙ୍କର ମୂଲ୍ୟ ବୃଦ୍ଧି ହୋଇ ପରିବ୍ୟୟଜନିତ (cost push) ସ୍ଫୀତିର ଉଦ୍ଭବ ହୁଏ। ଉକ୍ତ ସ୍ଫୀତିକୁ ନିୟନ୍ତ୍ରଣ କରା ନଗଲେ ଉଭୟ 'ଚାହିଦା ଆକର୍ଷିତ ସ୍ଫୀତି' ଓ 'ପରିବ୍ୟୟଜନିତ ସ୍ଫୀତି' ପରସ୍ପରକୁ ଅନୁଧାବନ କରନ୍ତି ଏବଂ ଅର୍ଥ ବ୍ୟବସ୍ଥାରେ 'ଅତିସ୍ଫୀତି' (hyper inflation)ର ଭୟାବହତା ଅନୁଭୂତ ହୋଇଥାଏ।

Keynes, Schumpeter, Hicks, Samuelson ଓ Kaldor ଇତ୍ୟାଦି ଅର୍ଥଶାସ୍ତ୍ରୀ ବ୍ୟଷ୍ଟି ଅର୍ଥନୀତିରେ ବିଭିନ୍ନ ବ୍ୟବସାୟ ତରଙ୍ଗ ତତ୍ତ୍ୱମାନଙ୍କର ବ୍ୟାଖ୍ୟା କରିଛନ୍ତି। ତରଙ୍ଗାୟିତ ଉତ୍ଥାନ ପତନକୁ ନିୟନ୍ତ୍ରଣ କରି ଅର୍ଥ ବ୍ୟବସ୍ଥାରେ ଆୟ, ଉତ୍ପାଦ, ନିୟୋଜନ ଓ ଦରରେ ସ୍ଥିରତା ବଜାୟ ରଖିବା ପାଇଁ ବିଭିନ୍ନ ଅର୍ଥଶାସ୍ତ୍ରୀମାନେ ମୌଦ୍ରିକ ନୀତି, ରାଜକୋଷୀୟ ନୀତି ଓ ଅନ୍ୟାନ୍ୟ ଉପାୟମାନ ଅବଲମ୍ବନ ସକାଶେ ପରାମର୍ଶ ଦେଇଛନ୍ତି। Harrod ଓ Domarଙ୍କ ପରେ ସମୃଦ୍ଧ ଅର୍ଥନୀତି ବା ବିକଶିତ ଅର୍ଥନୀତି ଆହୁରି ଅଧିକ ବିସ୍ତାରିତ ହୋଇଛି।

4) **ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ (Theory of Economic Growth) :** ସମ୍ପ୍ରତି ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ ସମଷ୍ଟି ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ବିବେଚନା କରାଯାଉଅଛି। ଅର୍ଥନୈତିକ ଅଭିବୃଦ୍ଧି (ବା ଅର୍ଥନୈତିକ ବିକାଶ) ଏକ ପ୍ରକ୍ରିୟା ଯଦ୍ୱାରା ଦେଶର ଜାତୀୟ ଆୟ କ୍ରମାଗତ ଭାବେ ଦୀର୍ଘକାଳରେ ବୃଦ୍ଧି ପାଇଥାଏ। ଅର୍ଥାତ୍ ଯଦି ଗୋଟିଏ ଦେଶର ଜାତୀୟ ଆୟ କ୍ରମାଗତ ଭାବେ ବହୁବର୍ଷ ଧରି ବୃଦ୍ଧି ପାଏ, ତେବେ ଅର୍ଥନୈତିକ ଅଭିବୃଦ୍ଧି ସଂଘଟିତ ହୋଇଥାଏ ବୋଲି କୁହାଯାଏ। ସଂସ୍ଥାପକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବିଭିନ୍ନ ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ ଅନୁସୃତ ହୋଇଅଛି। ସଂସ୍ଥାପକ ଅର୍ଥଶାସ୍ତ୍ରୀମାନଙ୍କ ମତରେ ଅର୍ଥନୈତିକ ଅଭିବୃଦ୍ଧି ପୁଞ୍ଜି ଗଠନ ଉପରେ ନିର୍ଭର କରେ। Keynes ଦେଶର ଅର୍ଥନୈତିକ ଅଭିବୃଦ୍ଧି ସମସ୍ୟା ଉପରେ ବିଶେଷ ଆଲୋକପାତ ନକରି ଅର୍ଥନୈତିକ ସ୍ଥିରତା ଉପରେ ଗୁରୁତ୍ୱ ଆରୋପ କରୁଥିଲେ। କିନ୍ତୁ Keynesଙ୍କ ପରବର୍ତ୍ତୀ ଅର୍ଥଶାସ୍ତ୍ରୀ Harrod ଏବଂ Domar ସେମାନଙ୍କ ଦ୍ୱାରା ପ୍ରଦତ୍ତ ବିକାଶ ପ୍ରତିରୂପ (Development model)ରେ ଦେଶର ଅର୍ଥନୈତିକ ବିକାଶ ନିମନ୍ତେ ନିବେଶ ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେମାନଙ୍କ ମତରେ ନିବେଶ ଦୁଇଟି ଭୂମିକା ତୁଲାଇଥାଏ। ପ୍ରଥମରେ ଏହା ଆୟ ବୃଦ୍ଧି କରିଥାଏ ଏବଂ ଆୟ ବୃଦ୍ଧି ମାଧ୍ୟମରେ ଚାହିଦା ବୃଦ୍ଧିରେ ସାହାଯ୍ୟ କରିଥାଏ। ଦ୍ୱିତୀୟରେ, ଏହା ଉତ୍ପାଦନର କ୍ଷମତା ବୃଦ୍ଧି କରିଥାଏ ଏବଂ ତଦ୍ୱାରା ଦ୍ରବ୍ୟର ଯୋଗାଣ ବୃଦ୍ଧିରେ ସାହାଯ୍ୟ କରିଥାଏ। Harrod ଏବଂ Domarଙ୍କ ମତରେ ନିବେଶ ସେହି ହାରରେ ବୃଦ୍ଧି ହେବା ଆବଶ୍ୟକ ଯଦ୍ୱାରା ଚାହିଦା ଓ ଯୋଗାଣର ବୃଦ୍ଧି ସମାନ ହେବ ଏବଂ ଦେଶରେ ସ୍ଥାୟୀ ଅଭିବୃଦ୍ଧି (steady growth) ସମ୍ଭବ ହୋଇପାରିବ। ସ୍ଥାୟୀ ଅଭିବୃଦ୍ଧି ବା ନିରବଚ୍ଛିନ୍ନ ଅଭିବୃଦ୍ଧି ଘଟିବ ଯେତେବେଳେ ଦେଶର ଜାତୀୟ ଆୟ ବୃଦ୍ଧି ସହିତ ଅର୍ଥନୈତିକ ସ୍ଥିରତା ବଜାୟ ରହିବ। Solow, Meade, Kaldor ଏବଂ Joan Robinson ଇତ୍ୟାଦି ଅର୍ଥଶାସ୍ତ୍ରୀମାନେ ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱମାନ ପ୍ରଦାନ କରି ବ୍ୟଷ୍ଟି ଅର୍ଥନୀତିକୁ ପରିପୁଷ୍ଟ କରିଛନ୍ତି। ଏହି ସମସ୍ତ ଅଭିବୃଦ୍ଧି ତତ୍ତ୍ୱ ମୁଖ୍ୟତଃ ବିକଶିତ ରାଷ୍ଟ୍ରମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ। ବିକାଶୋନ୍ମୁଖୀ ରାଷ୍ଟ୍ରମାନଙ୍କ ଅର୍ଥନୈତିକ ବିକାଶ ପରିପ୍ରେକ୍ଷୀରେ Nurkse ସମତୁଳ ସଂବୃଦ୍ଧି ତତ୍ତ୍ୱ (Balanced growth theory), ଓ Hirschman ଅସମତୁଳ ସଂବୃଦ୍ଧି ତତ୍ତ୍ୱ (Unbalanced growth theory) ପ୍ରଦାନ କରିଛନ୍ତି।

5) **ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ (Macro Distribution Tehory) :** ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ ସମଷ୍ଟି ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କୌଣସି ଦେଶର ଜାତୀୟ ଆୟ ସେହି ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ଓ ସେବାରୁ ଉଦ୍ଭବ ହୋଇଥାଏ। ଏକ ଗଣନ ବର୍ଷରେ ଦେଶର ଅନ୍ତିମ ଦ୍ରବ୍ୟ ଓ ସେବା ଉତ୍ପାଦନ ଲାଗି ବ୍ୟବହାର କରାଯାଉଥିବା ସମସ୍ତ ଉତ୍ପାଦନ ସାଧନ ଯଥା ଭୂମି, ଶ୍ରମ, ପୁଞ୍ଜି ଓ ସଂଗଠନ

ଦ୍ୱାରା ସୃଜନ କରାଯାଇଥିବା ଆୟର ସମଷ୍ଟିକୁ ଜାତୀୟ ଆୟ କୁହାଯାଏ। ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ ଉତ୍ପାଦନର ସାଧନମାନଙ୍କ ମଧ୍ୟରେ ଜାତୀୟ ଆୟ କିପରି ବିତରଣ ହୁଏ, ତାହା ବିଶ୍ଳେଷଣ କରିଥାଏ। ଅର୍ଥାତ୍ ପ୍ରତ୍ୟେକ ସାଧନ ଜାତୀୟ ଆୟର କେତେ ଅଂଶ ପାଇଥାନ୍ତି, ତାହା ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ ବ୍ୟାଖ୍ୟା କରିଥାଏ। ଦେଶର ସମସ୍ତ ଭୂମି ମାଲିକ ଜାତୀୟ ଆୟରେ ପାଇଥିବା ମୋଟ ଅଧିଶେଷର ଅଂଶ; ଦେଶର ସମସ୍ତ ଶ୍ରମିକମାନେ ପାଉଥିବା ମୋଟ ମଜୁରିର ଅଂଶ, ଦେଶର ସମସ୍ତ ଋଣଦାତା ପାଉଥିବା ମୋଟ ସୁଧର ଅଂଶ ଓ ଦେଶର ସମସ୍ତ ଉଦ୍ୟୋକ୍ତା ପାଉଥିବା ମୋଟ ଲାଭର ଅଂଶ ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱରେ ଆଲୋଚିତ ହୋଇଥାଏ।

Keynesଙ୍କ ପରେ ସମଷ୍ଟି ଅର୍ଥନୀତିର ପରିସର ଆହୁରି ବ୍ୟାପକ ହୋଇଛି। ଉଦାହରଣସ୍ୱରୂପ ସମଷ୍ଟି ଅର୍ଥନୀତିରେ ନିମ୍ନଲିଖିତ ବିଷୟମାନ ଅନ୍ତର୍ଭୁକ୍ତ ହୋଇଅଛି। ତାହା ହେଲା, ମୁଦ୍ରାବାଦୀ ଚିନ୍ତାଧାରା (monetarism), ଯୋଗାଣ ସପକ୍ଷ ଅର୍ଥନୀତି ଓ ସଂଗତ ପ୍ରତ୍ୟାଶା ତତ୍ତ୍ୱ।

# ସାରାଂଶ

1. **ସମଷ୍ଟି ଅର୍ଥନୀତି:** ଏହା ଅର୍ଥଶାସ୍ତ୍ରର ସେହି ଶାଖାକୁ ବୁଝାଏ, ଯାହା ଅର୍ଥବ୍ୟବସ୍ଥାର ମୋଟ ଉତ୍ପାଦ, ଜାତୀୟ ଆୟ, ସାମୂହିକ ନିୟୋଜନ, ହାରାହାରି ଦର ସ୍ତର ଇତ୍ୟାଦି ସମଷ୍ଟିଗତ ବିଷୟକୁ ଅଧ୍ୟୟନ କରେ।

2. **ବ୍ୟଷ୍ଟି ଅର୍ଥନୀତି:** ଏହା ଅର୍ଥଶାସ୍ତ୍ରର ସେହି ଶାଖାକୁ ବୁଝାଏ ଯାହା ଅର୍ଥ ବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଏକକ ଯଥା- ନିର୍ଦ୍ଦିଷ୍ଟ ଉପଭୋକ୍ତା, ପରିବାର, ପ୍ରତିଷ୍ଠାନ ଇତ୍ୟାଦିର ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ଳେଷଣ କରିଥାଏ।

3. **ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ :** ଅର୍ଥ ବ୍ୟବସ୍ଥାର ନିମ୍ନୋକ୍ତ ବିଷୟଗୁଡ଼ିକ ସମଷ୍ଟି ଅର୍ଥନୀତିରେ ଅନ୍ତର୍ଭୁକ୍ତ ହୋଇଥାଏ। ତାହା ହେଲା :

   - ଆୟ, ଉତ୍ପାଦ ଓ ନିଯୁକ୍ତି ତତ୍ତ୍ୱ
   - ହାରାହାରି ମୂଲ୍ୟ ତତ୍ତ୍ୱ
   - ବ୍ୟବସାୟ ତରଙ୍ଗ ତତ୍ତ୍ୱ
   - ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ
   - ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ

4. **ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ମଧ୍ୟରେ ପାର୍ଥକ୍ୟ :**

   (i) ବ୍ୟଷ୍ଟି ଅର୍ଥନୀତି ଏକ ଅର୍ଥ ବ୍ୟବସ୍ଥାର ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଅର୍ଥନୈତିକ ଏକକଗୁଡ଼ିକର ଆଚରଣ ସମ୍ପର୍କରେ ଅଧ୍ୟୟନ କରିଥାଏ। କିନ୍ତୁ ସମଷ୍ଟି ଅର୍ଥନୀତି ସମଗ୍ର ଅର୍ଥ ବ୍ୟବସ୍ଥାର ଅର୍ଥନୈତିକ ସମଷ୍ଟିଗୁଡ଼ିକର ଆଚରଣ ସମ୍ପର୍କରେ ଅଧ୍ୟୟନ କରିଥାଏ।

   (ii) ବ୍ୟଷ୍ଟି ଅର୍ଥନୀତିରେ ଯାହା ସ୍ଥିର, ସମଷ୍ଟି ଅର୍ଥନୀତିରେ ତାହା ଚଳ। ଅପର ପକ୍ଷରେ, ସମଷ୍ଟି ଅର୍ଥନୀତିରେ ଯାହା ସ୍ଥିର, ବ୍ୟଷ୍ଟି ଅର୍ଥନୀତିର ତାହା ଚଳ।

   (iii) ବ୍ୟଷ୍ଟି ଅର୍ଥନୀତିରେ ଅଧ୍ୟୟନ କରାଯାଉଥିବା ବିଭିନ୍ନ ନିଷ୍ପତ୍ତି ଗ୍ରହଣକାରୀ ଆର୍ଥନୀତିକ ଏକକର ଆଚରଣ, ବ୍ୟଷ୍ଟି ଅର୍ଥନୀତିରେ ଅଧ୍ୟୟନ କରାଯାଉଥିବା ଆର୍ଥିକ ସମଷ୍ଟିଗୁଡ଼ିକର ଆଚରଣ ଠାରୁ ଭିନ୍ନ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ- ବସ୍ତୁନିଷ୍ଠ ପ୍ରଶ୍ନ (ବାଧ୍ୟତାମୂଳକ)

(ପ୍ରତ୍ୟେକର ମୂଲ୍ୟ ଏକ ନମ୍ବର)

1. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ :

(a) ନିମ୍ନଲିଖିତ ମଧ୍ୟରୁ କେଉଁଟି ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ ?

(i) ଆୟ, ଉତ୍ପାଦନ ଓ ନିଯୁକ୍ତି ତତ୍ତ୍ୱ

(ii) ହାରାହାରି ମୂଲ୍ୟ ତତ୍ତ୍ୱ

(iii) ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ

(iv) ଉପର ଲିଖିତ ସମସ୍ତ

(b) ନିମ୍ନଲିଖିତ ଉପାଦାନ ମଧ୍ୟରୁ କେଉଁଟି ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ ନୁହେଁ ?

(i) ହାରାହାରି ମୂଲ୍ୟ ତତ୍ତ୍ୱ

(ii) ଉତ୍ପାଦନକାରୀର ପ୍ରବୃତ୍ତି ତତ୍ତ୍ୱ

(iii) ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ

(iv) ସମଷ୍ଟି ଆର୍ଥନୀତିକ ବଣ୍ଟନ ତତ୍ତ୍ୱ

(c) ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ବ୍ୟଷ୍ଟି ଅର୍ଥନୀତି ଅଧ୍ୟୟନ କରି ନଥାଏ ?

(i) ଅର୍ଥ ବ୍ୟବସ୍ଥାରେ କିପରି ସନ୍ତୁଳିତ ଆୟ ନିର୍ଦ୍ଧାରିତ ହୁଏ ?

(ii) ଅର୍ଥ ବ୍ୟବସ୍ଥାରେ ସ୍ଫୀତି ଓ ଅବସ୍ଫୀତି କାହିଁକି ସୃଷ୍ଟି ହୋଇଥାଏ ?

(iii) ପ୍ରତିଷ୍ଠାନ କେତେ ପରିମାଣରେ ଶ୍ରମ ଓ ପୁଞ୍ଜି ବିନିଯୋଗ କଲେ ମୋଟ ଉତ୍ପାଦନ ସର୍ବାଧିକ ହୁଏ ?

(iv) ଅର୍ଥନୈତିକ ଅଭିବୃଦ୍ଧି କେଉଁ ଉପାଦାନମାନଙ୍କ ଉପରେ ନିର୍ଭର କରେ ?

2.1 ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ପ୍ରଦାନ କର :

(a) ସମଷ୍ଟି ଅର୍ଥନୀତି କ'ଣ ?

(b) ସମଷ୍ଟି ଅର୍ଥନୀତିରେ କେଉଁ ବିଷୟମାନ ଆଲୋଚିତ ହୋଇଥାଏ।

II ନିମ୍ନଲିଖିତ ଉକ୍ତିଗୁଡ଼ିକର ସଠିକତା ପରୀକ୍ଷା କର । ଆବଶ୍ୟକ ସ୍ଥଳେ ରେଖାଙ୍କିତ ଅଂଶ ପରିବର୍ତ୍ତନ କରି ସଂଶୋଧନ କର :

(a) ବ୍ୟଷ୍ଟି ଅର୍ଥନୀତି ଏକ ଅର୍ଥ ବ୍ୟବସ୍ଥାର ମୋଟ ଉତ୍ପାଦନ ଓ ଜାତୀୟ ଆୟ ବିଷୟକୁ ଅଧ୍ୟୟନ କରିଥାଏ ।

(b) ସମଷ୍ଟି ଅର୍ଥନୀତିରେ ମୋଟ ଉତ୍ପାଦନ, ନିୟୋଜନ, ଆୟ ଓ ବ୍ୟୟ ସ୍ଥିର ବୋଲି ଧରି ନିଆଯାଇଥାଏ ।

(c) ସମଷ୍ଟି ଅର୍ଥନୀତିରେ ବିଭିନ୍ନ ଶିଳ୍ପ ଓ ପ୍ରତିଷ୍ଠାନ ମଧ୍ୟରେ ଉତ୍ପାଦ, ନିଯୁକ୍ତି ଓ ବ୍ୟୟର ବଣ୍ଟନ ସ୍ଥିର ରହେ ବୋଲି ଧରା ଯାଇଥାଏ ।

(d) ସମଷ୍ଟି ଅର୍ଥନୀତିରେ ମୋଟ ଉତ୍ପାଦନ, ନିୟୋଜନ, ଆୟ ଓ ବ୍ୟୟ ଚଳ ବୋଲି ବିବେଚନା କରାଯାଏ ।

## 'ଖ' ବିଭାଗ (ସଂକ୍ଷେପ ଉତ୍ତର ସାପେକ୍ଷ ପ୍ରଶ୍ନ)
## (ପ୍ରତ୍ୟେକ ପ୍ରଶ୍ନର ଉତ୍ତର 2 ନମ୍ବର)

3. ପ୍ରତ୍ୟେକ କ୍ଷେତ୍ରରେ ଦୁଇଟିରୁ ତିନୋଟି ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ :

(a) ସମଷ୍ଟି ଅର୍ଥନୀତି କ'ଣ ?

(b) ସମଷ୍ଟି ଅର୍ଥନୀତିର ବିଷୟବସ୍ତୁ କ'ଣ ?

4. ପାର୍ଥକ୍ୟ ଦର୍ଶାଅ: (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

(a) ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି

## 'ଗ' ବିଭାଗ (ଦୀର୍ଘ ଉତ୍ତର ସାପେକ୍ଷ ପ୍ରଶ୍ନ)
## (ପ୍ରତ୍ୟେକ ପ୍ରଶ୍ନର ଉତ୍ତର 7½ ନମ୍ବର)

5. ସମଷ୍ଟି ଅର୍ଥନୀତି କ'ଣ ? ଏହାର ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କର ।

6. ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ମଧ୍ୟରେ ପାର୍ଥକ୍ୟ ବ୍ୟାଖ୍ୟା କର ।

# ସପ୍ତମ ପରିଚ୍ଛେଦ

## ଜାତୀୟ ଆୟ

- ଜାତୀୟ ଆୟର ଅର୍ଥ
- ଜାତୀୟ ଆୟ ସମ୍ବନ୍ଧିତ ସମଷ୍ଟିଗତ ଅବଧାରଣା- ବଜାର ଦରରେ ଏବଂ ସାଧନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ, ନିଟ୍ ଜାତୀୟ ଉତ୍ପାଦ, ମୋଟ ଘରୋଇ ଉତ୍ପାଦ ଏବଂ ନିଟ୍ ଘରୋଇ ଉତ୍ପାଦ
- ଜାତୀୟ ପ୍ରଯୁଜ୍ୟ ଆୟ- ମୋଟ ଜାତୀୟ ପ୍ରଯୁଜ୍ୟ ଆୟ ଓ ନିଟ୍ ଜାତୀୟ ପ୍ରଯୁଜ୍ୟ ଆୟ, ବେସରକାରୀ ଆୟ, ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ, ମୌଦ୍ରିକ ଜାତୀୟ ଆୟ ଓ ବାସ୍ତବ ଜାତୀୟ ଆୟ
- ଆୟ ନିର୍ଦ୍ଧାରଣ - ସାମୂହିକ ଚାହିଦା ଓ ସାମୂହିକ ଯୋଗାଣ ଏବଂ ସେମାନଙ୍କର ଉପାଦାନ
- କେନସ୍‌ଙ୍କ ସରଳ ଆୟ ନିର୍ଦ୍ଧାରଣ ତତ୍ତ୍ୱ

# ସପ୍ତମ ପରିଚ୍ଛେଦ

## ଜାତୀୟ ଆୟ (National Income)

କୌଣସି ଦେଶର 'ଜାତୀୟ ଆୟ' ତାହାର ଅର୍ଥନୈତିକ ଅଭିବୃଦ୍ଧିର ପ୍ରଧାନ ପରିମାପକ ଭାବରେ ଗ୍ରହଣ କରାଯାଇଥାଏ । ଯେଉଁ ଦେଶର ଜାତୀୟ ଆୟ ଅଧିକ ତାହାକୁ ସାଧାରଣତଃ ସମୃଦ୍ଧ ରାଷ୍ଟ୍ରର ମାନ୍ୟତା ଦିଆଯାଇଥାଏ । ଅନ୍ୟପକ୍ଷରେ, ଯେଉଁ ଦେଶର ଜାତୀୟ ଆୟ ନ୍ୟୂନ ତାହାକୁ ଅନୁନ୍ନତ ବା ସ୍ୱଳ୍ପୋନ୍ନତ ରାଷ୍ଟ୍ର ଆଖ୍ୟା ଦିଆଯାଇଥାଏ । ଗୋଟିଏ ଦେଶରେ ଅଭିବୃଦ୍ଧି ହାର ଆକଳନ କରିବାକୁ ହେଲେ ତାହାର କିଛି ବର୍ଷର ଜାତୀୟ ଆୟର ତୁଳନାତ୍ମକ ବିଶ୍ଳେଷଣ କରିବାକୁ ପଡ଼େ । ଯଦି ଅଭିବୃଦ୍ଧି ହାର (actual growth rate) ଧାର୍ଯ୍ୟ ବୃଦ୍ଧି ହାର (targeted growth rate) ଠାରୁ ନ୍ୟୂନ ହୁଏ, ସରକାରଙ୍କୁ ଲକ୍ଷ୍ୟ ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହୋଇଥାଏ । ଭାରତ ଭଳି ଏକ ସ୍ୱଳ୍ପୋନ୍ନତ ରାଷ୍ଟ୍ରରେ ଜାତୀୟ ଆୟ ସଂକ୍ରାନ୍ତୀୟ ପରିସଂଖ୍ୟାନର ଗୁରୁତ୍ୱ ଅଧିକ । ଭାରତରେ ଦାରିଦ୍ର୍ୟ ଓ ବେକାରି ଅତ୍ୟନ୍ତ ଉତ୍କଟ ହୋଇଥିବାରୁ ଏହାର ଜାତୀୟ ଆୟ କମ୍ । ଏଠାରେ ଜନସଂଖ୍ୟା ଅତ୍ୟଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ନ୍ୟୂନ । ନାଗରିକମାନଙ୍କର ଜୀବନଧାରଣର ମାନ ତଥା ରାଷ୍ଟ୍ରୀୟ ଅର୍ଥନୈତିକ କଲ୍ୟାଣର ସ୍ତର ବୃଦ୍ଧି କରିବାକୁ ହେଲେ 'ଜାତୀୟ ଆୟ' ଓ 'ମୁଣ୍ଡ ପିଛା ଆୟ'ର ଅଭିବୃଦ୍ଧି ଅପରିହାର୍ଯ୍ୟ । ସୁତରାଂ ଜାତୀୟ ଆୟର ଅର୍ଥ ଓ ଏହାର ଆକଳନ ପଦ୍ଧତି ସମ୍ପର୍କରେ ଅଧ୍ୟୟନ ଆବଶ୍ୟକ ମନେହୁଏ ।

### 7.1 ଜାତୀୟ ଆୟର ଅର୍ଥ

କୌଣସି ଦେଶର ଜାତୀୟ ଆୟ ସେହି ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ଓ ସେବାରୁ ଉଦ୍ଭବ ହୋଇଥାଏ । ଯେଉଁ ଦେଶରେ ଅଧିକ ଦ୍ରବ୍ୟ ଓ ସେବା ଉତ୍ପାଦିତ ହୁଏ, ସେଠାରେ ଜାତୀୟ ଆୟ ବେଶୀ ହୁଏ । ଅନ୍ୟପକ୍ଷରେ ଯେଉଁ ଦେଶରେ କମ୍ ଦ୍ରବ୍ୟ ଓ ସେବା ଉତ୍ପାଦିତ ହୁଏ ଜାତୀୟ ଆୟ କମ୍ ହୁଏ । ପ୍ରତ୍ୟେକ ଦେଶରେ ଏକ ଗଣନ ବର୍ଷ (accounting year) ମଧ୍ୟରେ ଅସଂଖ୍ୟ ଦ୍ରବ୍ୟ ଯଥା- ଗହମ, କପଡ଼ା, ମୋଟରଗାଡ଼ି, ଲୁହାଛଡ଼, ସିମେଣ୍ଟ, ଚିନି ଓ ଖାଇବା ତେଲ ଇତ୍ୟାଦି ଉତ୍ପାଦନ ହୋଇଥାଏ । ବିଭିନ୍ନ ଦ୍ରବ୍ୟ ବିଭିନ୍ନ ଏକକ ସାହାଯ୍ୟରେ ମପା ଯାଉଥିବାରୁ ତାହାକୁ ମିଶାଇ ତାର ମୋଟ ପରିମାଣ ପ୍ରକାଶ କରିବା ସମ୍ଭବ ହୁଏ ନାହିଁ । ଏହି ସମସ୍ତ ଦ୍ରବ୍ୟ ବ୍ୟତୀତ ଗୋଟିଏ ଦେଶରେ ବିଭିନ୍ନ ଧରଣର ସେବା ସୃଷ୍ଟି ହୋଇଥାଏ । ଏସବୁ ସେବାର ପରିମାଣ ପାଇଁ ମଧ୍ୟ ସାଧାରଣ ଏକକ ବ୍ୟବହାର କରିବା ସମ୍ଭବ ହୋଇ ନ ଥାଏ । ଉଦାହରଣ ସ୍ୱରୂପ, ଜଣେ ଡାକ୍ତରଙ୍କ ରୋଗୀ ସେବା ସହିତ ଜଣେ ଅଧ୍ୟାପକଙ୍କ ଅଧ୍ୟାପନା ସେବାକୁ ମିଶାଇବା ଅସମ୍ଭବ ମନେହୁଏ । ତେଣୁ ଜାତୀୟ ଆୟ ଆକଳନ ସକାଶେ

ଅର୍ଥଶାସ୍ତ୍ରୀମାନେ ଦେଶର ଏକ ଗଣନ ବର୍ଷ ମଧ୍ୟରେ ଯେତିକି ଦ୍ରବ୍ୟ ଓ ସେବା ଉତ୍ପାଦିତ ହୋଇଅଛି ସେସବୁକୁ ଏକ ସାଧାରଣ ଏକକରେ ପ୍ରକାଶ କରିବା ପାଇଁ ମତବ୍ୟକ୍ତ କରିଛନ୍ତି । ମୁଦ୍ରା ସମସ୍ତ ଦ୍ରବ୍ୟ ଓ ସେବା ମୂଲ୍ୟର ପରିମାପକ ହୋଇଥିବାରୁ ଦେଶର ଉତ୍ପାଦିତ ସମସ୍ତ ଦ୍ରବ୍ୟ ଓ ସେବାର ମୂଲ୍ୟକୁ ମୁଦ୍ରା ଆକାରରେ ପ୍ରକାଶ କରାଯାଏ ।

ସୁତରାଂ, କୌଣସି ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଦେଶର ସମସ୍ତ କ୍ଷେତ୍ରରେ ସମସ୍ତ ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବାର ମୌଦ୍ରିକ ମୂଲ୍ୟକୁ ମୋଟ ଜାତୀୟ ଉତ୍ପାଦ ବୋଲି ଅଭିହିତ କରାଯାଇଥାଏ ।

ଏହି ସମସ୍ତ ଦ୍ରବ୍ୟ ଓ ସେବା ସକାଶେ ଭୂମି, ଶ୍ରମ, ପୁଞ୍ଜି ଓ ସଙ୍ଗଠନ ଭଳି ସାଧନ ବ୍ୟବହାର କରାଯାଇଥାଏ । ଏକ ଗଣନ ବର୍ଷରେ ଦେଶର ବାସିନ୍ଦାମାନେ ସାଧନର ମାଲିକ ହିସାବରେ ଅଧିଶେଷ, ମଜୁରି, ସୁଧ ଓ ଲାଭ ଆକାରରେ ଅର୍ଜନ କରୁଥିବା ଆୟ ସମୂହକୁ ଜାତୀୟ ଆୟ କୁହାଯାଏ । ଦେଶରେ ଉତ୍ପାଦିତ ଦ୍ରବ୍ୟ ଓ ସେବା ସମୂହକୁ କ୍ରୟ କରିବା ନିମିତ୍ତ ସମସ୍ତ ଆୟକୁ ବ୍ୟୟ କରିବାକୁ ପଡ଼ିଥାଏ । ତେଣୁ ଏହି ସାମୂହିକ ବ୍ୟୟକୁ ଜାତୀୟ ବ୍ୟୟ କୁହାଯାଏ । ସୁତରାଂ, ଜାତୀୟ ଆୟକୁ ତିନିଟି ଦୃଷ୍ଟିକୋଣରୁ ବିଚାର କରାଯାଇପାରେ, ଯଥା- ଜାତୀୟ ଉତ୍ପାଦ, ଜାତୀୟ ଆୟ ଓ ଜାତୀୟ ବ୍ୟୟ ।

1. **ଜାତୀୟ ଉତ୍ପାଦ (National Product) :** ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଏକ ଦେଶର ସମସ୍ତ କ୍ଷେତ୍ରରେ ଏହାର ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବାର ମୌଦ୍ରିକ ମୂଲ୍ୟକୁ ମୋଟ ଜାତୀୟ ଉତ୍ପାଦ କୁହାଯାଏ ।
2. **ଜାତୀୟ ଆୟ (National Income) :** ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଦେଶର ଅନ୍ତିମ ଦ୍ରବ୍ୟ ଓ ସେବା ଉତ୍ପାଦନ ସକାଶେ ବ୍ୟବହାର କରାଯାଇଥିବା ସାଧନ ଯଥା- ଭୂମି, ଶ୍ରମ, ପୁଞ୍ଜି ଓ ସଂଗଠନ ଦ୍ୱାରା ସୃଜନ କରାଯାଇଥିବା  ଆୟ ଯଥା- ଅଧିଶେଷ, ମଜୁରି, ସୁଧ ଓ ଲାଭର ସମଷ୍ଟିକୁ ଜାତୀୟ ଆୟ କୁହାଯାଏ ।
3. **ଜାତୀୟ ବ୍ୟୟ (National Expenditure) :** ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଦେଶର ଉତ୍ପାଦିତ ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବାକୁ କ୍ରୟ କରିବାରେ ଯେଉଁ ମୌଦ୍ରିକ ବ୍ୟୟ ହୋଇଥାଏ ତାହାକୁ ଜାତୀୟ ବ୍ୟୟ କୁହାଯାଏ ।

## 7.2 ଜାତୀୟ ଆୟ ଓ ସମ୍ବନ୍ଧିତ ଅବଧାରଣା (National Income Concepts)

ଏକ ଅର୍ଥବ୍ୟବସ୍ଥାରେ ଉତ୍ପାଦନକାରୀମାନେ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନ କରିବା ସକାଶେ ଭୂମି, ଶ୍ରମ ଓ ପୁଞ୍ଜି ଭଳି ଉତ୍ପାଦନ ସାଧନ ନିଯୁକ୍ତି ଦେଇଥାନ୍ତି । ଫଳରେ ଏକ ସମୟରେ ଉତ୍ପାଦନକାରୀମାନଙ୍କ ପାଇଁ ଦ୍ରବ୍ୟ ଓ ସେବାର ପ୍ରବାହ ସୃଷ୍ଟି ହୋଇଥିବାବେଳେ ଅଧିଶେଷ, ମଜୁରି, ସୁଧ ଓ ଲାଭ ଆକାରରେ ଉତ୍ପାଦନର ସାଧନମାନଙ୍କ

ପାଇଁ ଆୟର ପ୍ରବାହ ସୃଷ୍ଟି ହୋଇଥାଏ । ଉତ୍ପାଦନକାରୀମାନଙ୍କ ପାଇଁ ଯାହା ଉତ୍ପାଦ, ସାଧନମାନଙ୍କ ପାଇଁ ତାହା ଆୟ ହିସାବରେ ପରିଗଣିତ ହୁଏ । ତେଣୁ ଜାତୀୟ ଆୟକୁ ଏକ ଗଣନ ବର୍ଷରେ ଗୋଟିଏ ଦେଶର ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସମସ୍ତ ଅନ୍ତିମ ଦ୍ରବ୍ୟର ମୂଲ୍ୟକୁ ବଜାର ଦରରେ ପ୍ରକାଶ କଲେ ତାହା 'ଉତ୍ପାଦ ଧାରଣା' ହିସାବରେ ବିବେଚନା କରାଯାଉଥିବା ବେଳେ ଉତ୍ପାଦନ ବ୍ୟୟରେ ସଂଯୋଜିତ ମୂଲ୍ୟକୁ 'ଆୟ ଅବଧାରଣା' ଭାବରେ ପରିଗଣନା କରାଯାଏ ।

ସୁତରାଂ ଜାତୀୟ ଆୟ ସମ୍ବନ୍ଧିତ ସମଷ୍ଟିଗତ ଅବଧାରଣା ବିଷୟରେ ଆଲୋଚନା କରିବା ସମୀଚିନ ମନେହୁଏ ।

(1) ବଜାର ଦରରେ ମୋଟ ଘରୋଇ ଉତ୍ପାଦ **(Gross Domestic Product at Market Price):** ଗୋଟିଏ ଗଣନ ବର୍ଷରେ କୌଣସି ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା ସମୂହର ବଜାର ଦରରେ ପ୍ରକାଶିତ ମୌଦ୍ରିକ ମୂଲ୍ୟକୁ ବଜାର ଦରରେ ମୋଟ ଘରୋଇ ଉତ୍ପାଦ ବୋଲି କୁହାଯାଏ । ମୋଟ ଘରୋଇ ଉତ୍ପାଦ ଆକଳନ କରାଯାଉଥିବା ବର୍ଷ ବଜାରରେ ପ୍ରଚଳିତ ଦରକୁ ବଜାର ଦର ବା ଚଳନ୍ତି ଦର କୁହାଯାଏ । ଏହାର ନିର୍ଣ୍ଣୟ ନିମନ୍ତେ ଦୁଇଟି ବିଷୟରେ ତଥ୍ୟ ଆବଶ୍ୟକ ହୋଇଥାଏ । ତାହା ହେଲା–

(କ) ଏକ ଗଣନ ବର୍ଷରେ ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ହେଉଥିବା ବିଭିନ୍ନ ଅନ୍ତିମ ଦ୍ରବ୍ୟ ଓ ସେବାର ପରିମାଣ ଏବଂ

(ଖ) ଉତ୍ପାଦିତ ହେଉଥିବା ସେହି ସବୁ ଦ୍ରବ୍ୟର ସମ୍ପୃକ୍ତ ବଜାର ଦର ।

ଯଦି ଦେଶ ମଧ୍ୟରେ 1, 2, 3, ....., n ନାମକ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ ଏବଂ ସେମାନଙ୍କର ପରିମାଣ ଯଥାକ୍ରମେ $Q_1, Q_2, Q_3, \ldots, Q_n$ ହୁଏ ଏବଂ ସେମାନଙ୍କର ବଜାର ଦର ଯଥାକ୍ରମେ $P_1, P_2, P_3, \ldots, P_n$ ହୁଏ, ବଜାର ଦରରେ ମୋଟ ଘରୋଇ ଉତ୍ପାଦ (GDP at Market price) $= P_1Q_1 + P_2Q_2 + P_3Q_3 + P_nQ_n$ ହେବ ।

(2) ବଜାର ଦରରେ ମୋଟ ଜାତୀୟ ଉତ୍ପାଦ **(Gross National Product at Market Price):** କୌଣସି ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଏକ ଦେଶର ସମସ୍ତ କ୍ଷେତ୍ରରେ ସମସ୍ତ ବାସିନ୍ଦାଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବାର ପ୍ରଚଳିତ ବଜାର ଦରରେ ପ୍ରକାଶିତ ମୌଦ୍ରିକ ମୂଲ୍ୟକୁ ମୋଟ ଜାତୀୟ ଉତ୍ପାଦ କୁହାଯାଏ । ଏହା ନିମ୍ନଲିଖିତ ଦୁଇଟି ଉପାଦନର ସମଷ୍ଟି । ତାହା ହେଲା–

(କ) ବଜାର ଦରରେ ମୋଟ ଘରୋଇ ଉତ୍ପାଦ (Gross Domestic Product at Market Price)

(ଖ) ବିଦେଶାଗତ ନିଟ୍ ସାଧନ ଆୟ (Net Factor Income From Abroad)

**(କ) ବଜାର ଦରରେ ମୋଟ ଘରୋଇ ଉତ୍ପାଦ:** ଏକ ଗଣନ ବର୍ଷରେ ଦେଶର ଘରୋଇ ସୀମା ମଧ୍ୟରେ ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା ସମୂହର ପ୍ରଚଳିତ ବଜାର ଦରରେ ପ୍ରକାଶିତ ମୂଲ୍ୟକୁ ମୋଟ ଘରୋଇ ଉତ୍ପାଦ କୁହାଯାଏ । ବଜାର ଦରରେ ମୋଟ ଘରୋଇ ଉତ୍ପାଦ କିପରି ନିର୍ଣ୍ଣୟ କରାଯାଏ ତାହା ପୂର୍ବରୁ ଆଲୋଚିତ ହୋଇଅଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦେଶର ସୀମା ମଧ୍ୟରେ ଉଭୟ ବାସିନ୍ଦା ଓ ଅଣବାସିନ୍ଦାମାନେ ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାନ୍ତି । ଦେଶର ସୀମା ଭିତରେ ବସବାସ କରୁଥିବା ସମସ୍ତ ଦେଶବାସୀଙ୍କୁ ବାସିନ୍ଦା ମାନ୍ୟତା ଦିଆଯାଇଥାଏ । ଯେଉଁ ବିଦେଶୀମାନେ ଗୋଟିଏ ଦେଶ ଭିତରେ ଦୀର୍ଘକାଳ ବସବାସ କରନ୍ତି ଏବଂ ତାଙ୍କର ଅର୍ଥନୈତିକ ସ୍ୱାର୍ଥ ସେହି ଦେଶରେ ଜଡ଼ିତ ଥାଏ ସେମାନଙ୍କୁ ମଧ୍ୟ ସେହି ଦେଶର ବାସିନ୍ଦା ହିସାବରେ ଗଣନା କରାଯାଇଥାଏ । କିନ୍ତୁ ଯେଉଁ ବିଦେଶୀମାନେ ସ୍ୱଳ୍ପ ସମୟ (ବର୍ଷକରୁ କମ୍) ପାଇଁ ବସବାସ କରନ୍ତି ଏବଂ ସେମାନଙ୍କର ଅର୍ଥନୈତିକ ସ୍ୱାର୍ଥ ସେହି ଦେଶରେ ଜଡ଼ିତ ନ ଥାଏ ସେମାନେ ଅଣ ବାସିନ୍ଦା ଅଟନ୍ତି । ସୁତରାଂ ଗୋଟିଏ ଗଣନ ବର୍ଷରେ କୌଣସି ଦେଶର ସୀମା ମଧ୍ୟରେ ସମସ୍ତ ବାସିନ୍ଦା ଓ ଅଣବାସିନ୍ଦାଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବାସମୂହର ବଜାର ଦରରେ ପ୍ରକାଶିତ ମୂଲ୍ୟକୁ ବଜାର ଦରରେ ମୋଟ ଘରୋଇ ଉତ୍ପାଦ କୁହାଯାଏ ।

**(ଖ) ବିଦେଶାଗତ ନିଟ୍ ସାଧନ ଆୟ:** ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ଆକଳନ କଲାବେଳେ ବଜାର ଦରରେ ମୋଟ ଘରୋଇ ଉତ୍ପାଦରୁ ଦେଶର ସୀମା ମଧ୍ୟରେ ଅଣବାସିନ୍ଦାଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ବଜାର ଦରରେ ମୌଦ୍ରିକ ମୂଲ୍ୟକୁ ବାଦ ଦିଆଯାଇଥାଏ । ତତ୍ ସଙ୍ଗେ ସଙ୍ଗେ ବିଦେଶରେ ସ୍ୱଦେଶୀ ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ମୌଦ୍ରିକ ମୂଲ୍ୟକୁ ଯୋଗ କରାଯାଇଥାଏ ।

ବିଦେଶରେ ସ୍ୱଦେଶୀ ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ମୌଦ୍ରିକ ମୂଲ୍ୟ (ବା ସ୍ୱଦେଶୀ ବାସିନ୍ଦାମାନେ ସେମାନଙ୍କ ଭୂମି, ଶ୍ରମ ଓ ପୁଞ୍ଜି ଇତ୍ୟାଦି ବାବଦକୁ ବିଦେଶରୁ ସମସ୍ତ ସାଧନ ଆୟ)ରୁ ଦେଶର ସୀମା ଭିତରେ ଅଣବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ମୌଦ୍ରିକ ମୂଲ୍ୟ (ବା ଅଣବାସିନ୍ଦାମାନଙ୍କର ଶ୍ରମ ଓ ପୁଞ୍ଜି ଓ ଭୂମି ଇତ୍ୟାଦି ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ସାଧନ ଆୟ)କୁ ଅନ୍ତର କରି ବିଦେଶାଗତ ନିଟ୍ ସାଧନ ଆୟ ଆକଳନ କରାଯାଇଥାଏ ।

ଅର୍ଥାତ୍, ବିଦେଶାଗତ ନିଟ୍ ସାଧନ ଆୟ = ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ସ୍ୱଦେଶୀ ବାସିନ୍ଦାମାନେ ବିଦେଶରୁ ଗ୍ରହଣ କରୁଥିବା ସାଧନ ଆୟ - ଅଣବାସିନ୍ଦାମାନଙ୍କର ଦେଶ ଭିତରୁ ଗ୍ରହଣ କରୁଥିବା ସାଧନ ଆୟ।

ଉକ୍ତ ବିଦେଶାଗତ ନିଟ୍ ସାଧନ ଆୟକୁ ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସହ ମିଶାଇ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ଆକଳନ କରାଯାଏ।

**ଅର୍ଥାତ୍ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ।**

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଦେଶାଗତ ନିଟ୍ ସାଧନ ଆୟ ଶୂନ୍ୟ ହେଲେ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ଓ ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସମାନ ହୋଇଥାଏ। କିନ୍ତୁ ବିଦେଶାଗତ ନିଟ୍ ସାଧନ ଆୟ ଧନାତ୍ମକ ହେଲେ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ବଜାର ଦରରେ ମୋଟ ଘରୋଇ ଉତ୍ପାଦ ଅପେକ୍ଷା ଅଧିକ ହୋଇଥାଏ। ଅନ୍ୟ ପକ୍ଷରେ ବିଦେଶାଗତ ନିଟ୍ ସାଧନ ଆୟ ଋଣାତ୍ମକ ହେଲେ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ବଜାର ଦରରେ ମୋଟ ଘରୋଇ ଉତ୍ପାଦ ଅପେକ୍ଷା କମ୍ ହୋଇଥାଏ।

**ବଜାର ଦରରେ ମୋଟ ଜାତୀୟ ଉତ୍ପାଦର ବୈଶିଷ୍ଟ୍ୟ**

1. ମୋଟ ଜାତୀୟ ଉତ୍ପାଦ ଦେଶର ଘରୋଇ ସୀମା ମଧ୍ୟରେ ସୀମିତ ନୁହେଁ,
2. ବଜାର ଦରରେ ମୋଟ ଜାତୀୟ ଉତ୍ପାଦ କହିଲେ ଉକ୍ତ ଦରରେ ମୋଟ ଘରୋଇ ଉତ୍ପାଦ ସହ ବିଦେଶାଗତ ନିଟ୍ ସାଧନ ଆୟର ସମଷ୍ଟିକୁ ବୁଝାଇଥାଏ।
3. ଏହା କେବଳ ସେହି ଅନ୍ତିମ ଦ୍ରବ୍ୟ ଓ ସେବାକୁ ଅନ୍ତର୍ଭୁକ୍ତ କରିଥାଏ, ଯାହା ବଜାରରେ କ୍ରୟ ବିକ୍ରୟ ହୋଇଥାଏ।
4. ଯେଉଁ ଅନ୍ତିମ ଦ୍ରବ୍ୟ ଓ ସେବା ବିକ୍ରି ନ ହୋଇ ଉତ୍ପାଦନକାରୀଙ୍କ ନିଜସ୍ୱ ବ୍ୟବହାରରେ ଉପଯୋଗ କରାଯାଇଥାଏ ତାହାର ଆରୋପିତ ମୂଲ୍ୟକୁ ମୋଟ ଜାତୀୟ ଉତ୍ପାଦରେ ଅନ୍ତର୍ଭୁକ୍ତ କରାଯାଏ।
5. ଅନ୍ତରଣ ଦେୟ, ପୁଞ୍ଜି ଅଭିଲାଭ (Capital gain) ଏବଂ ଅବୈଧ ଉପାୟରେ ଅର୍ଜିତ ଧନକୁ ମୋଟ ଜାତୀୟ ଉତ୍ପାଦରେ ଅନ୍ତର୍ଭୁକ୍ତ କରାଯାଏ ନାହିଁ।
6. ପୁରୁଣା ଦ୍ରବ୍ୟ କ୍ରୟ, ବିକ୍ରୟ ଏଥିରେ ଅନ୍ତର୍ଭୁକ୍ତ ହୋଇ ନ ଥାଏ।
7. ମୋଟ ଜାତୀୟ ଉତ୍ପାଦରେ ଅବକ୍ଷୟ ଜନିତ ପାରଣା ମିଶି କରିଥାଏ।

(3) **ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ (Net Domestic Product at Market Price):** ଦ୍ରବ୍ୟ ଓ ସେବା ଉତ୍ପାଦିତ ହେବା ସମୟରେ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ସ୍ଥାୟୀ ପୁଞ୍ଜିର ଅବକ୍ଷୟ ଯୋଗୁଁ ତାହାର ମୂଲ୍ୟ ହ୍ରାସ ହୋଇଥାଏ। ସ୍ଥାୟୀ ପୁଞ୍ଜିର ଅବକ୍ଷୟଜନିତ ମୂଲ୍ୟହ୍ରାସକୁ ସ୍ଥାୟୀ ପୁଞ୍ଜିର ଉପଭୋଗ (capital consumption) କୁହାଯାଏ। ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଦେଶୀୟ ଅଞ୍ଚଳରେ ଉତ୍ପାଦିତ ହେଉଥିବା ସମସ୍ତ ଅନ୍ତିମଦ୍ରବ୍ୟ ଓ ସେବାର ବଜାର ଦରରେ ପ୍ରକାଶିତ ମୌଦ୍ରିକ ମୂଲ୍ୟ (ବଜାର ଦରରେ ମୋଟ ଘରୋଇ ଉତ୍ପାଦ)ରୁ ସ୍ଥାୟୀପୁଞ୍ଜିର ଉପଭୋଗ ବାଦ୍‌ଦେଲେ, ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ ଉପଲବ୍ଧ ହୋଇଥାଏ।

ସୁତରାଂ, ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ଉପଭୋଗ।

(4) **ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ (Net National Product at Market Price):** ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ବଜାର ଦରରେ ଦେଶର ମୋଟ ଜାତୀୟ ଉତ୍ପାଦରୁ ସ୍ଥାୟୀପୁଞ୍ଜିର ଉପଭୋଗ (ବା ସ୍ଥାୟୀ ପୁଞ୍ଜିର ମୂଲ୍ୟ ହ୍ରାସ) ଅନ୍ତର କଲେ, ଅନ୍ତରଫଳକୁ ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ କୁହାଯାଏ।

ସୁତରାଂ, ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଜାତୀୟ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ମୂଲ୍ୟ ହ୍ରାସ (ବା ସ୍ଥାୟୀ ପୁଞ୍ଜିର ଉପଭୋଗ)

ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ ସହିତ ବିଦେଶାଗତ ନିଟ୍ ସାଧନ ଆୟ ଯୋଗକଲେ ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ ମଧ୍ୟ ଉପଲବ୍ଧ ହୋଇଥାଏ।

ଅର୍ଥାତ୍, ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ = ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ।

(5) **ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ (Gross Domestic Product at Factor Cost):** ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ବଜାର ଦରରେ ଦେଶର ମୋଟ ଘରୋଇ ଉତ୍ପାଦ ଉତ୍ପାଦନକାରୀ ସଂସ୍ଥାମାନଙ୍କ ନିକଟରେ ପହଞ୍ଚି ନ ଥାଏ। ବଜାର ଦରରେ ମୋଟ ଘରୋଇ ଉତ୍ପାଦର ଯେତିକି ଅଂଶ ଉତ୍ପାଦନକାରୀ ସଂସ୍ଥାମାନଙ୍କ ନିକଟରେ ପହଞ୍ଚେ ତାହାକୁ ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ କୁହାଯାଏ। ବଜାର ଦରରେ ମୋଟ ଘରୋଇ ଉତ୍ପାଦରୁ ନିଟ୍ ପରୋକ୍ଷ କର ବିୟୋଗ କଲେ ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ ଉପଲବ୍ଧ ହୋଇଥାଏ।

ସୁତରାଂ, ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ - ନିଟ୍ ପରୋକ୍ଷ କର।

ନିଟ୍ ପରୋକ୍ଷ କର କହିଲେ ପରୋକ୍ଷ କର ଓ ସରକାର ପ୍ରଦାନ କରୁଥିବା ମୋଟ ଆର୍ଥିକ ସହାୟତାର ଅନ୍ତରକୁ ବୁଝାଇଥାଏ। ଦ୍ରବ୍ୟ ଓ ସେବା ଉପରେ ଧାର୍ଯ୍ୟ କରାଯାଇଥିବା ବିକ୍ରୟ କର ଓ ଉତ୍ପାଦନ କର ପରୋକ୍ଷ କରର ଉଦାହରଣ। ପରୋକ୍ଷ କର ଦ୍ରବ୍ୟର ବଜାର ଦର ବୃଦ୍ଧି କରିଥାଏ। ସରକାର କେତେକ ଦ୍ରବ୍ୟ ଓ ସେବାର ଉତ୍ପାଦନକୁ ପ୍ରୋତ୍ସାହନ ଦେବାପାଇଁ ଆର୍ଥିକ ସହାୟତା (Subsidy) ଯୋଗାଇ ଦେଇଥାନ୍ତି। ଏହି ଆର୍ଥିକ ସହାୟତା ବଜାର ଦରକୁ ହ୍ରାସ କରିଥାଏ। ମୋଟ ପରୋକ୍ଷ କରରୁ ମୋଟ ଆର୍ଥିକ ସହାୟତା ବିୟୋଗ କଲେ ବିୟୋଗ ଫଳକୁ ନିଟ୍ ପରୋକ୍ଷ କର କୁହାଯାଏ।

ଅର୍ଥାତ୍, ନିଟ୍ ପରୋକ୍ଷ କର = ମୋଟ ପରୋକ୍ଷ କର - ମୋଟ ଆର୍ଥିକ ସହାୟତା।

ସୁତରାଂ, ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ – (ମୋଟ ପରୋକ୍ଷ କର - ମୋଟ ଆର୍ଥିକ ସହାୟତା)।

କିମ୍ବା, ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ - ମୋଟ ପରୋକ୍ଷ କର + ମୋଟ ଆର୍ଥିକ ସହାୟତା।

**(6) ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ (Gross National Product at Factor Cost):** ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ବଜାର ଦରରେ ଦେଶର ମୋଟ ଜାତୀୟ ଆୟରୁ ନିଟ୍ ପରୋକ୍ଷ କର ଅନ୍ତର କଲେ, ଅନ୍ତର ଫଳକୁ ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ କୁହାଯାଏ।

ସୁତରାଂ, ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଜାତୀୟ ଉତ୍ପାଦ - ନିଟ୍ ପରୋକ୍ଷ କର।

ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦକୁ ଅନ୍ୟ ଏକ ପଦ୍ଧତିରେ ମଧ୍ୟ ଆକଳନ କରାଯାଇପାରେ। ତାହା ହେଲା, ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ = ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ।

ଅର୍ଥାତ୍, ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ ସହିତ ବିଦେଶାଗତ ନିଟ୍ ସାଧନ ଆୟ ଯୋଗକଲେ ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ ଉପଲବ୍ଧ ହୋଇଥାଏ।

(7) **ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ (Net Domestic Product at Factor Cost):** ବଜାର ଦରରେ ନିଟ୍ ଘରୋଇ ଉତ୍ପାଦରୁ ନିଟ୍ ପରୋକ୍ଷ କର ବିୟୋଗ କଲେ ବିୟୋଗଫଳକୁ ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ କୁହାଯାଏ।

ଅର୍ଥାତ୍, **ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ = ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ - ନିଟ୍ ପରୋକ୍ଷ କର।**

ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦକୁ ନିଟ୍ ଘରୋଇ ଆୟ କୁହାଯାଏ। କାରଣ ପ୍ରତିଷ୍ଠାନର ଉତ୍ପାଦନ ସକାଶେ ବ୍ୟୟ ହିଁ ସାଧନମାନଙ୍କର ଆୟ। ଠିକ୍ ସେହିପରି ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦକୁ ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ ମଧ୍ୟ କୁହାଯାଇଥାଏ।

(8) **ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ (Net National Product at Factor Cost):** ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦରୁ ସ୍ଥାୟୀ ପୁଞ୍ଜିର ଉପଭୋଗ ଅନ୍ତର କଲେ ଅନ୍ତରଫଳକୁ ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ କୁହାଯାଇଥାଏ।

ଅର୍ଥାତ୍, **ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ = ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ଉପଭୋଗ।**

ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ ଅନ୍ୟ ଏକ ପଦ୍ଧତିରେ ମଧ୍ୟ ଆକଳନ କରାଯାଇଥାଏ।

ତାହାହେଲା, **ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ = ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ।**

(9) **ଜାତୀୟ ପ୍ରଯୁଜ୍ୟ ଆୟ (National Disposable Income):** ଦେଶର ସମସ୍ତ ବାସିନ୍ଦାମାନଙ୍କ ପ୍ରଯୁଜ୍ୟ ଆୟର ସମଷ୍ଟିକୁ ଜାତୀୟ ପ୍ରଯୁଜ୍ୟ ଆୟ କୁହାଯାଏ। ଅର୍ଥାତ୍ ଗୋଟିଏ ଗଣନ ବର୍ଷରେ ଉପଭୋଗ ଓ ସଞ୍ଚୟ ନିମିତ୍ତ ଯେତିକି ଆୟ ଦେଶର ବାସିନ୍ଦାମାନଙ୍କ ପାଖରେ ଉପଲବ୍ଧ ହୋଇଥାଏ, ତାହାହିଁ ଜାତୀୟ ପ୍ରଯୁଜ୍ୟ ଆୟ।

ଜାତୀୟ ପ୍ରଯୁଜ୍ୟ ଆୟକୁ ମୋଟ ଜାତୀୟ ପ୍ରଯୁଜ୍ୟ ଆୟ ଓ ନିଟ୍ ଜାତୀୟ ପ୍ରଯୁଜ୍ୟ ଆୟ ଭାବରେ ଉପସ୍ଥାପନା କରାଯାଇପାରେ।

(a) **ମୋଟ ଜାତୀୟ ପ୍ରଯୁଜ୍ୟ ଆୟ (Gross National Disposable Income):** ଦେଶର ସମସ୍ତ ବାସିନ୍ଦାମାନଙ୍କ ମୋଟ ପ୍ରଯୁଜ୍ୟ ଆୟର ସମଷ୍ଟିକୁ ମୋଟ ଜାତୀୟ ପ୍ରଯୁଜ୍ୟ ଆୟ କୁହାଯାଏ।

ବଜାର ଦରରେ ମୋଟ ଜାତୀୟ ଆୟରେ ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ (current transfers) ଯୋଗ କରି ଅଣ-ବାସିନ୍ଦା (ବା ବିଦେଶୀ ବାସିନ୍ଦା)ମାନଙ୍କର ଦେଶ ଭିତରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ ବିୟୋଗ କଲେ, ମୋଟ ଜାତୀୟ ପ୍ରଯୁଜ୍ୟ ଆୟ ଉପଲବ୍ଧ ହୋଇଥାଏ।

ସୁତରାଂ, ମୋଟ ଜାତୀୟ ପ୍ରଯୁଜ୍ୟ ଆୟ = ବଜାର ଦରରେ ମୋଟ ଜାତୀୟ ଆୟ + ବାସିନ୍ଦାମାନଙ୍କର ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ – ବିଦେଶୀ ବାସିନ୍ଦାମାନଙ୍କର ଦେଶ ଭିତରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ।

ଅର୍ଥାତ, ମୋଟ ଜାତୀୟ ପ୍ରଯୁଜ୍ୟ ଆୟ = ବଜାର ଦରରେ ମୋଟ ଜାତୀୟ ଆୟ + ବାସିନ୍ଦାମାନଙ୍କର ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ନିଟ୍ ଚଳନ୍ତି ଅନ୍ତରଣ।

ଗୋଟିଏ ଗଣନ ବର୍ଷରେ ଯେତିକି ଆୟ ବାସିନ୍ଦାମାନଙ୍କର ଅନ୍ତିମ ଉପଭୋଗ ଓ ମୋଟ ସଞ୍ଚୟ ନିମନ୍ତେ ଉପଲବ୍ଧ ହୋଇଥାଏ, ତାହାକୁ ମଧ୍ୟ ମୋଟ ଜାତୀୟ ପ୍ରଯୁଜ୍ୟ ଆୟ କୁହାଯାଏ।

ସୁତରାଂ, ମୋଟ ଜାତୀୟ ପ୍ରଯୁଜ୍ୟ ଆୟ = ଅନ୍ତିମ ଉପଭୋଗ ବ୍ୟୟ + ମୋଟ ସଞ୍ଚୟ।

(b) **ନିଟ୍ ଜାତୀୟ ଆୟ (Net National Disposable Income) :** ଦେଶର ସମସ୍ତ ବାସିନ୍ଦାମାନଙ୍କ ନିଟ୍ ପ୍ରଯୁଜ୍ୟ ଆୟର ସମଷ୍ଟିକୁ ନିଟ୍ ଜାତୀୟ ପ୍ରଯୁଜ୍ୟ ଆୟ କୁହାଯାଏ।

ବଜାର ଦରରେ ନିଟ୍ ଜାତୀୟ ଆୟରେ ବାସିନ୍ଦାମାନଙ୍କର ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ ଯୋଗକରି ଅଣବାସିନ୍ଦା (ବା ବିଦେଶୀ ବାସିନ୍ଦା)ମାନଙ୍କର ଦେଶରୁ ଭିତରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ ବିୟୋଗ କଲେ, ନିଟ୍ ଜାତୀୟ ପ୍ରଯୁଜ୍ୟ ଆୟ ଉପଲବ୍ଧ ହୁଏ।

ସୁତରାଂ, ନିଟ୍ ଜାତୀୟ ପ୍ରଯୁଜ୍ୟ ଆୟ = ବଜାର ଦରରେ ନିଟ୍ ଜାତୀୟ ଆୟ + ବାସିନ୍ଦାମାନଙ୍କର ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ – ବିଦେଶୀ ବାସିନ୍ଦାମାନଙ୍କର ଦେଶ ଭିତରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ।

ଅର୍ଥାତ, ନିଟ୍ ଜାତୀୟ ପ୍ରଯୁଜ୍ୟ ଆୟ = ବଜାର ଦରରେ ନିଟ୍ ଜାତୀୟ ଆୟ + ବାସିନ୍ଦାମାନଙ୍କର ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ନିଟ୍ ଚଳନ୍ତି ଅନ୍ତରଣ।

ଗୋଟିଏ ଗଣନ ବର୍ଷରେ ଯେତିକି ଆୟ ବାସିନ୍ଦାମାନଙ୍କର ଅନ୍ତିମ ଉପଭୋଗ ଓ ନିଟ୍ ସଞ୍ଚୟ ନିମନ୍ତେ ଉପଲବ୍ଧ ହୋଇଥାଏ, ତାହାକୁ ମଧ୍ୟ ନିଟ୍ ଜାତୀୟ ପ୍ରଯୁଜ୍ୟ ଆୟ କୁହାଯାଏ।

ସୁତରାଂ, ନିଟ୍ ଜାତୀୟ ପ୍ରମୂଲ୍ୟ ଆୟ = ଅନ୍ତିମ ଉପଭୋଗ ବ୍ୟୟ + ନିଟ୍ ସଞ୍ଚୟ।

(10) **ଜାତୀୟ ଆୟ (National Income):** ଏକ ଗଣନ ବର୍ଷରେ ଦେଶୀୟ ଅଞ୍ଚଳ ମଧ୍ୟରେ ଉତ୍ପାଦନ ପ୍ରକ୍ରିୟାରେ ଉତ୍ପାଦନକାରୀମାନଙ୍କ ଦ୍ୱାରା ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନ ନିମିତ୍ତ ଉତ୍ପାଦନର ସାଧନ ମାଲିକମାନଙ୍କୁ ପ୍ରଦାନ କରାଯାଇଥିବା ଦେୟ ସମୂହ ଓ ବିଦେଶାଗତ ନିଟ୍ ସାଧନ ଆୟର ଯୋଗଫଳକୁ ଜାତୀୟ ଆୟ କୁହାଯାଏ। ଅର୍ଥାତ୍ ଏକ ଗଣନ ବର୍ଷରେ ଘରୋଇ ସାଧନ ଆୟ (Domestic Factor Income) ଏବଂ ବିଦେଶାଗତ ସାଧନ ଆୟ (Net Factor Income from Abroad)ର ସମଷ୍ଟିକୁ ଜାତୀୟ ଆୟ କୁହାଯାଏ।

**ଜାତୀୟ ଆୟ = ଘରୋଇ ସାଧନ ଆୟ + ବିଦେଶାଗତ ନିଟ୍ ସାଧନ ଆୟ।**

**ଘରୋଇ ସାଧନ ଆୟ:** ଗୋଟିଏ ଗଣନ ବର୍ଷରେ ଦେଶୀୟ ଅଞ୍ଚଳ ମଧ୍ୟରେ ଉତ୍ପାଦନ ପ୍ରକ୍ରିୟାରେ ଉତ୍ପାଦନକାରୀମାନଙ୍କ ଦ୍ୱାରା ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନ ନିମିତ୍ତ ଉତ୍ପାଦନର ସାଧନ ମାନଙ୍କ ପାଇଁ ସୃଷ୍ଟି ହୋଇଥିବା ଆୟର ସମଷ୍ଟିକୁ ଘରୋଇ ସାଧନ ଆୟ ବୋଲି କୁହାଯାଏ।

ଘରୋଇ ସାଧନ ଆୟ ତିନୋଟି ଉପାଦାନର ସମଷ୍ଟି। ଯଥା–(i) କର୍ମଚାରୀଙ୍କ କ୍ଷତିପୂରଣ (Compensation of Employees), (ii) କାର୍ଯ୍ୟକାରୀ ଉଦ୍‌ବୃତ୍ତ (Operating Surplus), (iii) ଆତ୍ମନିଯୁକ୍ତ ମାନଙ୍କର ମିଶ୍ରିତ ଆୟ (Mixed Income of Self employed)।

(i) **କର୍ମଚାରୀଙ୍କ କ୍ଷତିପୂରଣ (Compensation of employees):** ଉତ୍ପାଦନକାରୀମାନେ ସେମାନଙ୍କ କର୍ମଚାରୀମାନଙ୍କୁ ସେମାନଙ୍କର ସେବା ଓ କାର୍ଯ୍ୟ ବଦଳରେ ବେତନ ଓ ମଜୁରି ତଥା ସାମାଜିକ ସୁରକ୍ଷା ନିମିତ୍ତ ପ୍ରଦାନ କରୁଥିବା ସମସ୍ତ ପାଉଣାକୁ କର୍ମଚାରୀଙ୍କ କ୍ଷତିପୂରଣ କୁହାଯାଏ।

(ii) **କାର୍ଯ୍ୟକାରୀ ଉଦ୍‌ବୃତ୍ତ (Operating Surplus):** କାର୍ଯ୍ୟକାରୀ ଉଦ୍‌ବୃତ୍ତ ସମ୍ପତ୍ତିଗତ ଆୟ (ଯଥା- ଭୂମି ଓ କୋଠାବାଡ଼ିରୁ ମିଳୁଥିବା ଅଧିଶେଷ, ଆରୋପିତ ଅଧିଶେଷ, ରାଜଭାଗ ଓ ପୁଞ୍ଜିରୁ ମିଳୁଥିବା ସୁଧ) ଏବଂ ଉଦ୍ୟୋକ୍ତାଙ୍କର ଲାଭର ସମଷ୍ଟି।

(iii) **ଆତ୍ମନିଯୁକ୍ତ ମାନଙ୍କର ମିଶ୍ରିତ ଆୟ (Mixed Income of Selfemployed):** ଅଣସଙ୍ଗଠିତ କ୍ଷେତ୍ରରେ ଆତ୍ମନିଯୁକ୍ତ ବ୍ୟକ୍ତି ଯଥା ଡାକ୍ତର, ଓକିଲ ତଥା କ୍ଷୁଦ୍ର ନିର୍ମାତା, ମରାମତି ଦୋକାନୀ, କ୍ଷୁଦ୍ର ବ୍ୟବସାୟୀ ଇତ୍ୟାଦି ଆତ୍ମନିଯୁକ୍ତ ମାନଙ୍କର ଆୟକୁ ମିଶ୍ରିତ ଆୟ କୁହାଯାଏ। ଏହା ସମସ୍ତ ଆତ୍ମନିଯୁକ୍ତମାନଙ୍କର ଅଧିଶେଷ, ମଜୁରି, ସୁଧ ଓ ଲାଭର ସମ୍ମିଶ୍ରଣ।

ସୁତରାଂ, ଘରୋଇ ସାଧନ ଆୟ = କର୍ମଚାରୀଙ୍କ କ୍ଷତିପୂରଣ
+
କାର୍ଯ୍ୟକାରୀ ଉଦ୍‌ବୃତ୍ତ
+
ଆତ୍ମନିଯୁକ୍ତ ମାନଙ୍କର ମିଶ୍ରିତ ଆୟ

**ବିଦେଶାଗତ ନିଟ୍ ସାଧନ ଆୟ:** ଗୋଟିଏ ଗଣନ ବର୍ଷରେ ସ୍ୱଦେଶୀ ବାସିନ୍ଦାମାନେ ବିଦେଶରୁ ଗ୍ରହଣ କରୁଥିବା ସମସ୍ତ ଆୟରୁ ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ ବାଦ ଦେଲେ ବିଦେଶାଗତ ନିଟ୍ ସାଧନ ଆୟ ଉପଲବ୍ଧ ହୁଏ ।

ସୁତରାଂ, ବିଦେଶାଗତ ନିଟ୍ ସାଧନ ଆୟ = ଗୋଟିଏ ଗଣନ ବର୍ଷରେ ସ୍ୱଦେଶୀ ବାସିନ୍ଦାମାନଙ୍କର ବିଦେଶରୁ ପ୍ରାପ୍ତ ସମସ୍ତ ଆୟ - ବିଦେଶୀ ବାସିନ୍ଦାମାନଙ୍କର ଦେଶ ଭିତରୁ ପ୍ରାପ୍ତ ସମସ୍ତ ଆୟ ।

**(11) ନିଟ୍ ଘରୋଇ ଉତ୍ପାଦରୁ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଆୟ (Factor Income from Net Domestic Product Accruing to Private Sector):** କୌଣସି ଅର୍ଥ ବ୍ୟବସ୍ଥାକୁ ସରକାରୀ କ୍ଷେତ୍ର ଓ ବେସରକାରୀ କ୍ଷେତ୍ର ନାମକ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ସାଧାରଣ ସରକାର, ବିଭାଗୀୟ ସରକାରୀ ଉଦ୍ୟୋଗ ଓ ଅଣ ବିଭାଗୀୟ ସରକାରୀ ଉଦ୍ୟୋଗ ସରକାରୀ କ୍ଷେତ୍ର (Public Sector)ରେ ଅନ୍ତର୍ଭୁକ୍ତ କରାଯାଏ । ବେସରକାରୀ କ୍ଷେତ୍ର (Private Sector) ପରିବାର ସମୂହ ଓ ସମସ୍ତ ବେସରକାରୀ ଉଦ୍ୟୋଗମାନଙ୍କୁ ନେଇ ଗଠିତ ହୋଇଥାଏ ।

ସାଧାରଣ ସରକାର ଓ ବିଭାଗୀୟ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ଅର୍ଜିତ ଆୟ ସରକାର ଗ୍ରହଣ କରିଥାନ୍ତି । ସେହିପରି ଅଣ ବିଭାଗୀୟ ସରକାରୀ ଉଦ୍ୟୋଗ ଗୁଡ଼ିକ ଭବିଷ୍ୟତରେ ନିଜର ପ୍ରସାରଣ ଓ ଆଧୁନିକୀକରଣ ନିମନ୍ତେ ସେମାନଙ୍କ ଲାଭରୁ କିଛି ଅଂଶ ନିଜ ପାଖରେ ରଖିଥାନ୍ତି । ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦରୁ ଉପରୋକ୍ତ ପରିମାଣ ଦ୍ୱୟ ବାଦ୍ ଦିଆଗଲେ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଘରୋଇ ଉତ୍ପାଦ ଉପଲବ୍ଧ ହୁଏ ।

**ଅର୍ଥାତ୍, ନିଟ୍ ଘରୋଇ ଉତ୍ପାଦରୁ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଆୟ = ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ - ସାଧାରଣ ସରକାର ଓ ବିଭାଗୀୟ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ଅର୍ଜିତ ଆୟ - ଅଣ ବିଭାଗୀୟ ସରକାରୀ ଉଦ୍ୟୋଗମାନଙ୍କର ସଞ୍ଚୟ ।**

(12) ବେସରକାରୀ ଆୟ : ନିଟ୍ ଘରୋଇ ଉତ୍ପାଦରୁ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଆୟ ସହ ରାଷ୍ଟ୍ରୀୟ ଋଣ ବାବଦକୁ ପ୍ରାପ୍ୟ ନିଟ୍ ସୁଧ, ବିଦେଶାଗତ ନିଟ୍ ସାଧନ ଆୟ ଏବଂ ସରକାର ଓ ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ ମିଶି ବେସରକାରୀ ଆୟ ଆକଳନ କରାଯାଏ।

ସୁତରାଂ, **ବେସରକାରୀ ଆୟ = ନିଟ୍ ଘରୋଇ ଉତ୍ପାଦରୁ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଆୟ + ରାଷ୍ଟ୍ରୀୟ ଋଣ ବାବଦକୁ ପ୍ରାପ୍ୟ ନିଟ୍ ସୁଧ + ବିଦେଶାଗତ ନିଟ୍ ସାଧନ ଆୟ + ସରକାର ଓ ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ନିଟ୍ ଚଳନ୍ତି ଅନ୍ତରଣ।**

**ଜାତୀୟ ଆୟ ଓ ବେସରକାରୀ ଆୟ ମଧ୍ୟରେ ପାର୍ଥକ୍ୟ:**

i) ଉଭୟ ସରକାରୀ କ୍ଷେତ୍ର ଓ ବେସରକାରୀ କ୍ଷେତ୍ରର ଆୟର ସମଷ୍ଟିକୁ ଜାତୀୟ ଆୟ କୁହାଯାଏ। କିନ୍ତୁ ବେସରକାରୀ ଆୟ ଆକଳନ କଲାବେଳେ ସରକାରୀ କ୍ଷେତ୍ରରୁ ମିଳୁଥିବା ଅଧିକାଂଶ ଆୟ ଜାତୀୟ ଆୟରୁ ବାଦ୍ ଦିଆଯାଏ।

ii) ରାଷ୍ଟ୍ରୀୟ ଋଣ ବାବଦକୁ ପ୍ରାପ୍ୟ ନିଟ୍ ସୁଧ ଜାତୀୟ ଆୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ। କିନ୍ତୁ ଏହା ବେସରକାରୀ ଆୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

iii) ଅନ୍ତରଣ ଉପାର୍ଜନ ଜାତୀୟ ଆୟରେ ଅନ୍ତର୍ଭୁକ୍ତ କରାଯାଏ ନାହିଁ। କିନ୍ତୁ ସରକାର ଓ ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ନିଟ୍ ଚଳନ୍ତି ଅନ୍ତରଣ ବେସରକାରୀ ଆୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

(13) ବ୍ୟକ୍ତିଗତ ଆୟ (Personal Income): ଉତ୍ପାଦନର ସାଧନମାନଙ୍କ ଦ୍ୱାରା ସୃଜନ କରାଯାଉଥିବା ଆୟକୁ ଜାତୀୟ ଆୟ କୁହାଯାଏ। କିନ୍ତୁ ଉତ୍ପାଦନର ସାଧନକର୍ତ୍ତାମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଆୟକୁ ବ୍ୟକ୍ତିଗତ ଆୟ କୁହାଯାଏ। ଏହା ହିଁ ପରିବାର ସମୂହର ପ୍ରକୃତ ଆୟ।

ବ୍ୟକ୍ତିଗତ ଆୟ ଆକଳନ କଲାବେଳେ ଜାତୀୟ ଆୟରୁ କେତେକ ଉପାଦାନ ବାଦ୍ ଦିଆଯାଇଥାଏ ଏବଂ କେତେକ ଉପାଦାନ ଯୋଗ କରାଯାଇଥାଏ।

**ଜାତୀୟ ଆୟରୁ ବାଦ୍ ଦିଆଯାଉଥିବା ଉପାଦାନ ହେଲା-**

(a) ନିଗମମାନଙ୍କର ଅବିତରିତ ଲାଭ

(b) ନିଗମ ଲାଭ କର

(c) ଜାତୀୟ ସୁରକ୍ଷା ଯୋଜନା ଦେୟ

(d) ସରକାରୀ କ୍ଷେତ୍ରରେ ଉଦ୍‌ବୃତ୍ତ

ଜାତୀୟ ଆୟରେ ମିଶାଯାଇଥିବା ଉପାଦାନ ହେଲା-

(a) ସରକାର ଓ ବ୍ୟବସାୟ ପ୍ରତିଷ୍ଠାନରୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା, ବେକାରି ଭତ୍ତା, ବୃତ୍ତି ଓ ବୋନସ୍ ଭଳି ଅନ୍ତରଣ ଆୟ।

(b) ରାଷ୍ଟ୍ରୀୟ ଋଣ ବାବଦକୁ ନିଟ୍ ସୁଧ।

(c) ଅବଶିଷ୍ଟ ବିଶ୍ୱରୁ ମିଳୁଥିବା ନିଟ୍ ଅନୁଦାନ ଓ ପୁରସ୍କାର ଇତ୍ୟାଦି।

(d) ଲଟେରୀରୁ ପ୍ରାପ୍ତ ଅପ୍ରତ୍ୟାଶିତ ଆୟ।

ସୁତରାଂ, **ବ୍ୟକ୍ତିଗତ ଆୟ = ଜାତୀୟ ଆୟ - ଅବିତରିତ ଲାଭ - ନିଗମ ଲାଭ କର - ସାମାଜିକ ସୁରକ୍ଷା ଯୋଜନା ବ୍ୟୟ - ସରକାରୀ କ୍ଷେତ୍ରରେ ଉଦ୍‌ବୃତ୍ତ + ସରକାର ଓ ବ୍ୟବସାୟ ପ୍ରତିଷ୍ଠାନରୁ ପ୍ରାପ୍ତ ଅନ୍ତରଣ ଆୟ + ରାଷ୍ଟ୍ରୀୟ ଋଣ ବାବଦକୁ ନିଟ୍ ସୁଧ + ଅବଶିଷ୍ଟ ବିଶ୍ୱରୁ ମିଳୁଥିବା ଅନୁଦାନ ଓ ପୁରସ୍କାର + ଅପ୍ରତ୍ୟାଶିତ ଲାଭ।**

**(14) ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ (Personal Disposable Income):** ପରିବାର ଗୁଡ଼ିକ ଅର୍ଜନ କରୁଥିବା ସମସ୍ତ ବ୍ୟକ୍ତିଗତ ଆୟ ଖର୍ଚ୍ଚଯୋଗ୍ୟ ହୋଇ ନ ଥାଏ। ବ୍ୟକ୍ତିଗତ ଆୟରୁ ସରକାରଙ୍କୁ ପ୍ରଦାନ କରାଯାଇଥିବା ଆୟକର ଓ ଅନ୍ୟାନ୍ୟ ଦେୟଗୁଡ଼ିକ ବାଦ୍‌ଦେଲେ ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ ବା ବ୍ୟକ୍ତିଗତ ଖର୍ଚ୍ଚ ଯୋଗ୍ୟ ଆୟ ଉପଲବ୍ଧ ହୁଏ।

ସୁତରାଂ, **ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ = ବ୍ୟକ୍ତିଗତ ଆୟ - ପ୍ରତ୍ୟକ୍ଷ କର - ସରକାରଙ୍କୁ ପ୍ରଦାନ କରାଯାଇଥିବା ବିବିଧ ଦେୟ।**

ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟର ଏକ ଅଂଶ ଉପଭୋଗରେ ବ୍ୟୟ କରାଯାଉଥିବା ବେଳେ ଅନ୍ୟ ଅଂଶ ସଂଚୟ କରାଯାଇଥାଏ।

ଅର୍ଥାତ୍, **ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ = ଉପଭୋଗ ବ୍ୟୟ + ସଞ୍ଚୟ।**

**ବ୍ୟକ୍ତିଗତ ଆୟ ଓ ଜାତୀୟ ମଧ୍ୟରେ ପାର୍ଥକ୍ୟ**

(a) ଉତ୍ପାଦନ ସାଧନମାନଙ୍କ ଦ୍ୱାରା ସୃଜନ କରାଯାଉଥିବା ଆୟକୁ ଜାତୀୟ ଆୟ କୁହାଯାଏ। କିନ୍ତୁ ଉତ୍ପାଦନ ସାଧନ କର୍ତ୍ତାମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଆୟକୁ ବ୍ୟକ୍ତିଗତ ଆୟ କୁହାଯାଏ।

(b) ସାଧାରଣ ସରକାର ଓ ବିଭାଗୀୟ ସରକାରୀ ଉଦ୍ୟୋଗୀମାନଙ୍କ ଦ୍ୱାରା ଅର୍ଜିତ ଆୟ ସରକାର ଗ୍ରହଣ କରିଥାନ୍ତି। ଏହା ଜାତୀୟ ଆୟର ଅଂଶ ବିଶେଷ। କିନ୍ତୁ ଏହା ବ୍ୟକ୍ତିଗତ ଆୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ।

(c) ସମସ୍ତ ଉତ୍ପାଦନ ସାଧନମାନଙ୍କର ସେବା ବଦଳରେ ମିଳୁଥିବା ଆୟର ସମଷ୍ଟିକୁ ଜାତୀୟ ଆୟ କୁହାଯାଏ। କିନ୍ତୁ ବ୍ୟକ୍ତିଗତ ଆୟରେ ଉଭୟ ସାଧନ ଆୟ ତଥା ଅକରଣ ଉପାର୍ଜନ ସାମିଲ ହୋଇଥାଏ।

(d) ଅପ୍ରତ୍ୟାଶିତ ଲାଭ ବ୍ୟକ୍ତିଗତ ଆୟରେ ସାମିଲ ହୋଇଥିଲାବେଳେ ଜାତୀୟ ଆୟରେ ମିଶି ନ ଥାଏ।

(e) ନିଗମମାନଙ୍କର ଅବିତରିତ ଲାଭ ଓ ନିଗମ କର ଜାତୀୟ ଆୟରେ ଅନ୍ତର୍ଭୁକ୍ତ ହୋଇଥାଏ। କିନ୍ତୁ ବ୍ୟକ୍ତିଗତ ଆୟ ଆକଳନ କଲାବେଳେ ଜାତୀୟ ଆୟରୁ ଏହା ବାଦ ଦିଆଯାଇଥାଏ।

(f) ରାଷ୍ଟ୍ରୀୟ ଋଣ ବାବଦକୁ ନିଟ୍ ସୁଧ ଜାତୀୟ ଆୟରେ ସାମିଲ ହୋଇ ନ ଥିବାବେଳେ ବ୍ୟକ୍ତିଗତ ଆୟରେ ମିଶିଥାଏ।

**ବ୍ୟକ୍ତିଗତ ଆୟ ଓ ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ ମଧ୍ୟରେ ପାର୍ଥକ୍ୟ**

(a) ସମସ୍ତ ଉତ୍ସରୁ ଅର୍ଜିତ ପାରିବାରିକ ଚଳନ୍ତି ଆୟକୁ ବ୍ୟକ୍ତିଗତ ଆୟ ବୋଲି କୁହାଯାଏ। ଏହା ହିଁ ପରିବାର ସମୂହର ପ୍ରକୃତ ଆୟ। କିନ୍ତୁ ବ୍ୟକ୍ତିଗତ ଆୟରୁ ସରକାରଙ୍କୁ ପ୍ରଦାନ କରାଯାଉଥିବା ଆୟକର ଓ ଅନ୍ୟାନ୍ୟ ଦେୟ ବାଦ୍ କଲାପରେ ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ ବା ବ୍ୟକ୍ତିଗତ ଖର୍ଚ୍ଚଯୋଗ୍ୟ ଆୟ ଉପଲବ୍ଧ ହୁଏ।

(b) ବ୍ୟକ୍ତି ବିଶେଷଙ୍କର ଉପଭୋଗ ବ୍ୟୟ ଓ ସଂଚୟ ବ୍ୟକ୍ତିଗତ ଆୟ ଉପରେ ନିର୍ଭର କରେ ନାହିଁ। ତାହା ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ ଉପରେ ନିର୍ଭର କରେ।

## 7.3 ମୌଦ୍ରିକ ଘରୋଇ ଉତ୍ପାଦ (Nominal GDP) ଓ ବାସ୍ତବ ଘରୋଇ ଉତ୍ପାଦ (Real GDP)

### ମୌଦ୍ରିକ ଘରୋଇ ଉତ୍ପାଦ

ଗୋଟିଏ ଗଣନ ବର୍ଷରେ କୌଣସି ଦେଶର ଘରୋଇ ସୀମା ମଧ୍ୟରେ ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା ସମୂହର ପ୍ରଚଳିତ ବଜାର ଦରରେ ବା ଚଳନ୍ତି ଦରରେ ପ୍ରକାଶିତ ମୌଦ୍ରିକ ମୂଲ୍ୟକୁ ମୌଦ୍ରିକ ଘରୋଇ ଉତ୍ପାଦ କୁହାଯାଏ। ଏହାକୁ ଚଳନ୍ତି ଦରରେ ବା ବଜାର ଦରରେ ମୋଟ ଘରୋଇ ଉତ୍ପାଦ (GDP at current price ବା GDP at market price) ମଧ୍ୟ କୁହାଯାଇପାରେ।

ମୋଟ ଘରୋଇ ଉତ୍ପାଦ ଆକଳନ କରାଯାଇଥିବା ବର୍ଷ ବଜାରରେ ପ୍ରଚଳିତ ଦରକୁ ବଜାର ଦର ବା ଚଳନ୍ତି ଦର କୁହାଯାଏ। ଉଦାହରଣ ସ୍ୱରୂପ 2015-16 ଆର୍ଥିକ ବର୍ଷରେ ଭାରତର ମୋଟ ମୌଦ୍ରିକ ଘରୋଇ ଉତ୍ପାଦ ଆକଳନ କରିବାକୁ ହେଲେ, ସେହି ବର୍ଷରେ ଉତ୍ପାଦିତ ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବାକୁ ସେହି ବର୍ଷରେ ପ୍ରଚଳିତ ବଜାର ଦରରେ ଆକଳନ କରାଯାଇଥାଏ।

ଯଦି ଦେଶ ମଧ୍ୟରେ 1, 2, 3, ....., n ନାମକ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ ଏବଂ ସେମାନଙ୍କର ପରିମାଣ ଯଥାକ୍ରମେ $Q_1, Q_2, Q_3, ......, Q_n$ ହୁଏ ଏବଂ ସେମାନଙ୍କର ବଜାର ଦର ଯଥାକ୍ରମେ $P_1, P_2, P_3, ......, P_n$ ହୁଏ, ମୌଦ୍ରିକ ଘରୋଇ ଉତ୍ପାଦ (Normal GDP) $= P_1Q_1 + P_2Q_2 + P_3Q_3 + ..... + P_nQ_n$ ହେବ।

**ବାସ୍ତବ ଘରୋଇ ଉତ୍ପାଦ (Real GDP):**

ଏକ ଗଣନ ବର୍ଷରେ କୌଣସି ଦେଶର ଘରୋଇ ସୀମା ମଧ୍ୟରେ ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା ସମୂହର ସ୍ଥିର ଦରରେ ପ୍ରକାଶିତ ମୌଦ୍ରିକ ମୂଲ୍ୟକୁ ବାସ୍ତବ ଘରୋଇ ଉତ୍ପାଦ କୁହାଯାଏ। ଏହାକୁ ମଧ୍ୟ ସ୍ଥିର ମୂଲ୍ୟସୂଚୀ ଭିତ୍ତିକ ମୋଟ ଘରୋଇ ଉତ୍ପାଦ (GDP at constant price) ବୋଲି ଅଭିହିତ କରାଯାଏ।

କୌଣସି ଦେଶରେ ଆଧାର ବର୍ଷ (base year)ରେ ଦ୍ରବ୍ୟ ଓ ସେବାର ପ୍ରଚଳିତ ଦରକୁ ସ୍ଥିର ଦର କୁହାଯାଏ। ଆଧାର ବର୍ଷ ଏକ ପୂର୍ବ୍ବ ସ୍ୱାଭାବିକ ବର୍ଷ (normal year) ଯେଉଁ ବର୍ଷ ଦରଦାମ ଅପେକ୍ଷାକୃତ ସ୍ଥିର ଥାଏ। ଯଦି 2011-12 ବର୍ଷକୁ ଆଧାର ବର୍ଷ ବୋଲି ଧରାଯାଏ, ସେହି ବର୍ଷରେ ପ୍ରଚଳିତ ଦର ଭିତ୍ତିରେ 2015-16 ମସିହାରେ ମୋଟ ଘରୋଇ ଉତ୍ପାଦ ଆକଳନ କରିବାକୁ ହେଲେ ଦୁଇଟି ବିଷୟରେ ତଥ୍ୟ ଆବଶ୍ୟକ ହୋଇଥାଏ। ତାହା ହେଲା-

(କ) ଦେଶର ଘରୋଇ ସୀମା ମଧ୍ୟରେ 2015-16 ବର୍ଷ ଉତ୍ପାଦିତ ହେଉଥିବା ବିଭିନ୍ନ ଅନ୍ତିମ ଦ୍ରବ୍ୟ ଓ ସେବାର ପରିମାଣ ଏବଂ

(ଖ) 2011-12 ବର୍ଷ (ଆଧାର ବର୍ଷ)ରେ ସେହି ସମସ୍ତ ଦ୍ରବ୍ୟର ଦର।

ଯଦି 2015-16 ବର୍ଷରେ ଦେଶ ମଧ୍ୟରେ 1, 2, 3, ....., n ନାମକ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ ଏବଂ ସେମାନଙ୍କର ପରିମାଣ ଯଥାକ୍ରମେ $Q_1, Q_2, Q_3, ......, Q_n$ ହୁଏ ଏବଂ ଆଧାର ବର୍ଷ (2011-12)ରେ ସେମାନଙ୍କର ଦର ଯଥାକ୍ରମେ $P_1^0, P_2^0, P_3^0 ..... P_n^0$, ହୁଏ, ବାସ୍ତବ ମୋଟ ଘରୋଇ ଉତ୍ପାଦ ବା ସ୍ଥିର ମୂଲ୍ୟସୂଚୀ ଭିତ୍ତିକ ମୋଟ ଘରୋଇ ଉତ୍ପାଦ $= P_1^0.Q_1 + P_2^0.Q_2 + P_3^0.Q_3 + ..... + P_n^0.Q_n$ ହେବ।

ମୋଟ ମୌଦ୍ରିକ ଘରୋଇ ଉତ୍ପାଦ (ବା ଚଳନ୍ତି ମୂଲ୍ୟସୂଚୀ ଭିତ୍ତିକ ଘରୋଇ ଉତ୍ପାଦ)କୁ ମୋଟ ବାସ୍ତବ ଘରୋଇ ଉତ୍ପାଦ (ବା ସ୍ଥିର ମୂଲ୍ୟସୂଚୀ ଭିତ୍ତିକ ଘରୋଇ ଉତ୍ପାଦ)ରେ ନିମ୍ନପ୍ରଦତ୍ତ ସୂତ୍ର ସାହାଯ୍ୟରେ ରୂପାନ୍ତର ସମ୍ଭବ ହୋଇଥାଏ।

$$\text{ବାସ୍ତବ ଘରୋଇ ଉତ୍ପାଦ} = \frac{\text{ମୌଦ୍ରିକ ଘରୋଇ ଉତ୍ପାଦ}}{\text{ଚଳିତ ବର୍ଷର ମୂଲ୍ୟ ସୂଚାଙ୍କ}} \times 100$$

ମୌଦ୍ରିକ ଘରୋଇ ଉତ୍ପାଦ ଦେଶରେ ଅର୍ଥନୈତିକ ଅଭିବୃଦ୍ଧିର ପ୍ରକୃତ ଚିତ୍ର ଦେଇପାରେ ନାହିଁ। ତାହାର କାରଣ ହେଲା ମୋଟ ଅନ୍ତିମ ଦ୍ରବ୍ୟ ଓ ସେବା ଉତ୍ପାଦନର ପରିମାଣ ବୃଦ୍ଧି ନ ହୋଇ ଦରଦାମ୍ ବୃଦ୍ଧି ଘଟିଲେ ମୌଦ୍ରିକ ଘରୋଇ ଉତ୍ପାଦ ବୃଦ୍ଧି ପାଇଥାଏ। ଏହାଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ହୋଇ ନ ଥାଏ ବା ଲୋକଙ୍କର କଲ୍ୟାଣ ବୃଦ୍ଧି ହୋଇ ନ ଥାଏ। କିନ୍ତୁ ବାସ୍ତବ ଘରୋଇ ଉତ୍ପାଦ ବା ସ୍ଥିର ମୂଲ୍ୟସୂଚୀ ଭିତ୍ତିକ ଘରୋଇ ଉତ୍ପାଦ ବୃଦ୍ଧି ହେଲେ ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ହୋଇଥାଏ।

**ମୌଦ୍ରିକ ଘରୋଇ ଉତ୍ପାଦ ଓ ବାସ୍ତବ ଘରୋଇ ଉତ୍ପାଦ ମଧ୍ୟରେ ପାର୍ଥକ୍ୟ**

| ମୌଦ୍ରିକ ଘରୋଇ ଉତ୍ପାଦ | ବାସ୍ତବ ଘରୋଇ ଉତ୍ପାଦ |
|---|---|
| 1. ଏହାକୁ ଚଳନ୍ତି ଦରରେ ବା ବଜାର ଦରରେ ଘରୋଇ ଉତ୍ପାଦ କୁହାଯାଏ। | 1. ଏହାକୁ ସ୍ଥିର ଦରରେ ବା ସ୍ଥିର ମୂଲ୍ୟସୂଚୀ ଭିତ୍ତିକ ଘରୋଇ ଉତ୍ପାଦ କୁହାଯାଏ। |
| 2. ଏହା ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ପ୍ରଚଳିତ ବଜାର ଦର ଦ୍ୱାରା ଆକଳନ କରାଯାଇଥାଏ। | 2. ଏହା ଆଧାର ବର୍ଷରେ ପ୍ରଚଳିତ ଦର (ବା ମୂଲ୍ୟ ସୂଚାଙ୍କ) ଭିତ୍ତିରେ ଆକଳନ କରାଯାଇଥାଏ। |
| 3. ଉତ୍ପାଦନର ପରିମାଣ ବୃଦ୍ଧି ନହୋଇ ଦରଦାମ ବୃଦ୍ଧି ଯୋଗୁ ମଧ୍ୟ ମୌଦ୍ରିକ ଘରୋଇ ଉତ୍ପାଦ ବୃଦ୍ଧି ପାଇଥାଏ। | 3. ଦ୍ରବ୍ୟ ଓ ସେବାର ଉତ୍ପାଦନ ବୃଦ୍ଧି ହେଲେ ବାସ୍ତବ ଘରୋଇ ଉତ୍ପାଦ ବୃଦ୍ଧି ପାଇଥାଏ। |
| 4. ମୌଦ୍ରିକ ଘରୋଇ ଉତ୍ପାଦ ବୃଦ୍ଧି ହେଲେ ଅର୍ଥନୈତିକ ଅଭିବୃଦ୍ଧି ହୋଇ ନପାରେ। | 4. ଦେଶରେ ବାସ୍ତବ ଘରୋଇ ଉତ୍ପାଦ କ୍ରମାଗତ ଭାବରେ ବୃଦ୍ଧି ପାଇଲେ ଅର୍ଥନୈତିକ ଅଭିବୃଦ୍ଧି ହେଉଛି ବୋଲି କୁହାଯାଇପାରେ। |

## 7.4 ମୌଦ୍ରିକ ଜାତୀୟ ଆୟ (Nominal National Income) ଓ ବାସ୍ତବ ଜାତୀୟ ଆୟ (Real National Income)

### ମୌଦ୍ରିକ ଜାତୀୟ ଆୟ

ଗୋଟିଏ ଗଣନ ବର୍ଷରେ ଦେଶର ସମସ୍ତ ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା ସମୂହର ପ୍ରଚଳିତ ବଜାର ଦରରେ ପ୍ରକାଶିତ ମୌଦ୍ରିକ ମୂଲ୍ୟକୁ ମୌଦ୍ରିକ ଜାତୀୟ ଉତ୍ପାଦ କୁହାଯାଏ । ମୌଦ୍ରିକ ଜାତୀୟ ଉତ୍ପାଦର ଦୁଇଟି ଉପାଦାନ ଥାଏ । ତାହା ହେଲା, ମୌଦ୍ରିକ ଘରୋଇ ଉତ୍ପାଦ ଓ ବିଦେଶାଗତ ନିଟ୍ ସାଧନ ଆୟ । ମୌଦ୍ରିକ ଘରୋଇ ଉତ୍ପାଦ ବା ବଜାର ଦରରେ ମୋଟ ଘରୋଇ ଉତ୍ପାଦ ଓ ବିଦେଶାଗତ ନିଟ୍ ସାଧନ ଆୟର ସମଷ୍ଟିକୁ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ବା ମୌଦ୍ରିକ ଜାତୀୟ ଉତ୍ପାଦ କୁହାଯାଏ । ମୋଟ ମୌଦ୍ରିକ ଜାତୀୟ ଉତ୍ପାଦରୁ ସ୍ଥାୟୀ ପୁଞ୍ଜିର ଉପଭୋଗ ବିୟୋଗ କଲେ ନିଟ୍ ମୌଦ୍ରିକ ଜାତୀୟ ଉତ୍ପାଦ ଉପଲବ୍ଧ ହୋଇଥାଏ । ନିଟ୍ ମୌଦ୍ରିକ ଜାତୀୟ ଉତ୍ପାଦରୁ ନିଟ୍ ପରୋକ୍ଷ କର ବାଦ୍ ହେଲେ ଯାହା ମିଳେ ତାହାକୁ ମୌଦ୍ରିକ ଜାତୀୟ ଆୟ କୁହାଯାଏ ।

ସୁତରାଂ, ମୌଦ୍ରିକ ଜାତୀୟ ଆୟ = ବଜାର ଦରରେ ମୋଟ
ଘରୋଇ ଉତ୍ପାଦ (ବା ମୌଦ୍ରିକ ଘରୋଇ ଉତ୍ପାଦ) +
ବିଦେଶାଗତ ନିଟ୍ ସାଧନ ଆୟ – ସ୍ଥାୟୀ ପୁଞ୍ଜିର ଉପଭୋଗ
– ନିଟ୍ ପରୋକ୍ଷ କର

ଅର୍ଥାତ୍, ମୌଦ୍ରିକ ଜାତୀୟ ଆୟ = ମୌଦ୍ରିକ ଜାତୀୟ ଉତ୍ପାଦ –
ସ୍ଥାୟୀ ପୁଞ୍ଜିର ଉପଭୋଗ – ନିଟ୍ ପରୋକ୍ଷ କର ।

ସୁତରାଂ ଦେଶର ଜାତୀୟ ଆୟ ଚଳନ୍ତି ଦର ବା ପ୍ରଚଳିତ ବଜାର ଦରରେ ପ୍ରକାଶିତ ହେଲେ ତାହାକୁ ମୌଦ୍ରିକ ଜାତୀୟ ଆୟ କୁହାଯାଏ ।

### ବାସ୍ତବ ଜାତୀୟ ଆୟ

ଗୋଟିଏ ଗଣନ ବର୍ଷରେ ଦେଶର ସମସ୍ତ ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା ସମୂହର ସ୍ଥିର ଦରରେପ୍ରକାଶିତ ମୌଦ୍ରିକ ମୂଲ୍ୟକୁ ବାସ୍ତବ ଜାତୀୟ ଉତ୍ପାଦ କୁହାଯାଏ । ବାସ୍ତବ ଘରୋଇ ଉତ୍ପାଦ ଓ ବିଦେଶାଗତ ନିଟ୍ ସାଧନ ଆୟର ସମଷ୍ଟିକୁ ବାସ୍ତବ ଜାତୀୟ ଉତ୍ପାଦ କୁହାଯାଏ । ବାସ୍ତବ ଜାତୀୟ ଉତ୍ପାଦରୁ ସ୍ଥାୟୀ ପୁଞ୍ଜିର ଉପଭୋଗ (ବା ମୂଲ୍ୟ ହ୍ରାସ) ବିୟୋଗ କଲେ ବାସ୍ତବ ନିଟ୍

ଜାତୀୟ ଉତ୍ପାଦ ବା ବାସ୍ତବ ଜାତୀୟ ଆୟ ଉପଲବ୍ଧ ହୁଏ।

ମୌଦ୍ରିକ ଜାତୀୟ ଆୟକୁ ବାସ୍ତବ ଜାତୀୟ ଉତ୍ପାଦରେ ନିମ୍ନଲିଖିତ ସୂତ୍ର ସାହାଯ୍ୟରେ ରୂପାନ୍ତରିତ କରାଯାଇପାରେ।

$$\text{ବାସ୍ତବ ଜାତୀୟ ଆୟ} = \frac{\text{ମୌଦ୍ରିକ ଜାତୀୟ ଆୟ}}{\text{ଚଳିତ ବର୍ଷର ମୂଲ୍ୟ ସୂଚାଙ୍କ}} \times 100$$

ମୌଦ୍ରିକ ଜାତୀୟ ଆୟ ଦେଶରେ ଅର୍ଥନୈତିକ ଅଭିବୃଦ୍ଧିର ପ୍ରକୃତ ଚିତ୍ର ଦେଇପାରେ ନାହିଁ। ତାହାର କାରଣ ହେଲା ମୋଟ ଅନ୍ତିମ ଦ୍ରବ୍ୟ ଓ ସେବା ଉତ୍ପାଦନର ପରିମାଣ ବୃଦ୍ଧି ନହୋଇ ଦାମ୍ ବୃଦ୍ଧି ଘଟିଲେ ମୌଦ୍ରିକ ଜାତୀୟ ଆୟ ବୃଦ୍ଧି ପାଇଥାଏ। ଏହାଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ହୋଇ ନଥାଏ ବା ଲୋକଙ୍କ କଲ୍ୟାଣ ବୃଦ୍ଧି ହୋଇ ନଥାଏ। କିନ୍ତୁ ବାସ୍ତବ ଜାତୀୟ ଆୟ ବୃଦ୍ଧି ହେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହୋଇଥାଏ।

ମୌଦ୍ରିକ ଜାତୀୟ ଆୟ ଓ ବାସ୍ତବ ଜାତୀୟ ଆୟ ମଧ୍ୟରେ ପାର୍ଥକ୍ୟ

| ମୌଦ୍ରିକ ଜାତୀୟ ଆୟ | ବାସ୍ତବ ଜାତୀୟ ଆୟ |
|---|---|
| 1. ଏହା ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ପ୍ରଚଳିତ ବଜାର ଦର ଦ୍ୱାରା ଆକଳନ କରାଯାଏ। | 1. ଏହା ଆଧାର ବର୍ଷରେ ପ୍ରଚଳିତ ଦର ଭିତ୍ତିରେ ଆକଳନ କରାଯାଏ। |
| 2. ଉତ୍ପାଦନର ପରିମାଣ ବୃଦ୍ଧି ନହୋଇ ଦରଦାମ୍ ବୃଦ୍ଧି ଯୋଗୁଁ ମଧ୍ୟ ମୌଦ୍ରିକ ଜାତୀୟ ଆୟ ବୃଦ୍ଧି ପାଇଥାଏ। | 2. ଦ୍ରବ୍ୟ ଓ ସେବାର ଉତ୍ପାଦନ ବୃଦ୍ଧି ହେଲେ ବାସ୍ତବ ଜାତୀୟ ଆୟ ବୃଦ୍ଧି ପାଇଥାଏ। |
| 3. ମୌଦ୍ରିକ ଜାତୀୟ ଆୟ ବୃଦ୍ଧି ହେଲେ ଅର୍ଥନୈତିକ ଅଭିବୃଦ୍ଧି ହୋଇ ନପାରେ। | 3. ଦେଶରେ ବାସ୍ତବ ଜାତୀୟ ଆୟ କ୍ରମାଗତ ଭାବରେ ବୃଦ୍ଧି ପାଇଲେ ଅର୍ଥନୈତିକ ଅଭିବୃଦ୍ଧି ହେଉଛି ବୋଲି କୁହାଯାଇପାରେ। |

## 7.5 ମୋଟ ଘରୋଇ ଉତ୍ପାଦ ଓ କଲ୍ୟାଣ (Total Domestic Product and Welfare)

କଲ୍ୟାଣ ଏକ ବ୍ୟକ୍ତିପରକ ଧାରଣା। ଏହାର ବସ୍ତୁନିଷ୍ଠ ପରିମାପ ଅସମ୍ଭବ। ଏହା ସ୍ଥାନ, କାଳ, ପାତ୍ର ଭେଦରେ ଭିନ୍ନ ଭିନ୍ନ ହୋଇଥାଏ। ଆର୍ଥନୀତିକ କଲ୍ୟାଣ ବା ଭୌତିକ କଲ୍ୟାଣ ସମାଜ କଲ୍ୟାଣର ଏକ ମୁଖ୍ୟ

ଉପାଦାନ ବୋଲି ବିଚାର କରାଯାଇଥାଏ। ଆର୍ଥନୀତିକ କଲ୍ୟାଣ କହିଲେ ଜନସାଧାରଣଙ୍କୁ ଉପଲବ୍ଧ ହେଉଥିବା ଖାଉଟି ଦ୍ରବ୍ୟ ଓ ସେବାର ମିଳୁଥିବା ଉପଯୋଗିତାକୁ ବୁଝାଇଥାଏ। ସୁତରାଂ ବର୍ତ୍ତମାନ ଓ ଭବିଷ୍ୟତରେ ଉପଭୋକ୍ତାମାନଙ୍କର ଆବଶ୍ୟକତା ପୂରଣ କରିପାରୁଥିବା ଦ୍ରବ୍ୟ ଓ ସେବାର ପରିମାଣାତ୍ମକ ଓ ଗୁଣାତ୍ମକ ଅଭିବୃଦ୍ଧି ହେଲେ ଆର୍ଥନୀତିକ କଲ୍ୟାଣ ବୃଦ୍ଧି ହୋଇଥାଏ।

ବିଖ୍ୟାତ ସଂସ୍ଥାପକ ଅର୍ଥଶାସ୍ତ୍ରୀ Pigouଙ୍କ ମତରେ ମୋଟ ଘରୋଇ ଉତ୍ପାଦ ବୃଦ୍ଧି ହେଲେ ଆର୍ଥନୀତିକ କଲ୍ୟାଣର ଅଭିବୃଦ୍ଧି ହୋଇଥାଏ। କିନ୍ତୁ ଘରୋଇ ଉତ୍ପାଦ ବୃଦ୍ଧି ଭୌତିକ କଲ୍ୟାଣ ଅଭିବୃଦ୍ଧିର ଏକ ସଠିକ୍ ସୂଚକ ନୁହେଁ। ତାହା ନିମ୍ନରେ ପ୍ରଦତ୍ତ ଆଲୋଚନାରୁ ସୁସ୍ପଷ୍ଟ।

1. **ଦ୍ରୁତ ଜନସଂଖ୍ୟା ବୃଦ୍ଧି:** ଆର୍ଥନୀତିକ କଲ୍ୟାଣ ମୁଣ୍ଡପିଛା ଉତ୍ପାଦ ଉପରେ ନିର୍ଭର କରେ। ଯଦି ଦେଶର ଜନସଂଖ୍ୟାର ବୃଦ୍ଧି ହାର ଦେଶର ମୋଟ ଘରୋଇ ଉତ୍ପାଦ ବୃଦ୍ଧି ହାର ଅପେକ୍ଷା ଅଧିକ ହୁଏ ମୁଣ୍ଡପିଛା ଉତ୍ପାଦ ବୃଦ୍ଧି ହୋଇପାରେ ନାହିଁ। ସୁତରାଂ, ଦେଶର ମୋଟ ଘରୋଇ ଉତ୍ପାଦର ବୃଦ୍ଧି ଘଟିଲେ ମଧ୍ୟ ଆର୍ଥନୀତିକ କଲ୍ୟାଣର ବୃଦ୍ଧି ହୋଇ ନ ଥାଏ।

2. **ମୋଟ ଘରୋଇ ଉତ୍ପାଦର ଗଠନ:** ଆର୍ଥନୀତିକ କଲ୍ୟାଣ ମୋଟ ଘରୋଇ ଉତ୍ପାଦର ଗାଠନିକ ରୂପରେଖ ଉପରେ ନିର୍ଭର କରିଥାଏ। ଯଦି ଦେଶରେ ଅଧିକ ପରିମାଣର ମଦ୍ୟ, ସିଗାରେଟ୍, ଅଫିମ ଭଳି ମାଦକ ଦ୍ରବ୍ୟ ଉତ୍ପାଦନ ହୁଏ ସେଗୁଡ଼ିକ ମୋଟ ଘରୋଇ ଉତ୍ପାଦରେ ଅନ୍ତର୍ଭୁକ୍ତ ହେଉଥିବା ଯୋଗୁଁ ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହୋଇଥାଏ। କିନ୍ତୁ ସମାଜ କଲ୍ୟାଣ ବୃଦ୍ଧି ନ ହୋଇ, ହ୍ରାସ ପାଇଥାଏ। ସେହିପରି ପ୍ରତିରକ୍ଷା ସାମଗ୍ରୀ ଯଥା ବୋମା, କ୍ଷେପଣାସ୍ତ୍ର, କମାଣ ଓ ଗୋଳାବାରୁଦ ଅଧିକ ଉତ୍ପାଦ ହେଲେ ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହେଲେ ହେଁ ଆର୍ଥନୀତିକ କଲ୍ୟାଣର ଅଭିବୃଦ୍ଧି ଘଟି ନ ଥାଏ।

3. **ମୌଦ୍ରିକ ଘରୋଇ ଉତ୍ପାଦର ବୃଦ୍ଧି:** ଦେଶରେ ଅଧିକ ପରିମାଣର ଦ୍ରବ୍ୟ ଓ ସେବା ଉତ୍ପାଦନ ନ ହୋଇ ଯଦି ସେସବୁର ଦର ବୃଦ୍ଧି ହୁଏ, ମୌଦ୍ରିକ ଘରୋଇ ଉତ୍ପାଦ ବୃଦ୍ଧି ହୋଇଥାଏ। କିନ୍ତୁ ଲୋକମାନଙ୍କୁ ଅଧିକ ପରିମାଣର ଦ୍ରବ୍ୟ ଓ ସେବା ଉପଲବ୍ଧ ହୁଏ ନାହିଁ। ସୁତରାଂ ଅର୍ଥନୈତିକ କଲ୍ୟାଣ ବୃଦ୍ଧି ହୁଏ ନାହିଁ।

4. **ଅଣ-ବିପଣନ ବ୍ୟକ୍ତିଗତ ସେବା:** ବଜାରରେ କ୍ରୟ ବିକ୍ରୟ ହେଉ ନ ଥିବା ବ୍ୟକ୍ତିଗତ ସେବା ମୋଟ ଘରୋଇ ଉତ୍ପାଦ ଆକଳନରେ ବିଚାରକୁ ନିଆଯାଇ ନ ଥାଏ। ଉଦାହରଣ ସ୍ୱରୂପ ଗୃହିଣୀ

ଗୃହକାମ କରିବା ସହ ପିଲାମାନଙ୍କ ଲାଳନପାଳନ କରୁଥିଲେ ହେଁ ସେ କୌଣସି ମୌଦ୍ରିକ ପାରଣା ପାଇ ନ ଥିବାରୁ ତାଙ୍କର ସେବା ମୋଟ ଘରୋଇ ଉତ୍ପାଦ ଆକଳନରୁ ବାଦ୍ ଦିଆଯାଇଥାଏ। କିନ୍ତୁ ତାଙ୍କର ସେବା ପରିବାରର କଲ୍ୟାଣ ବୃଦ୍ଧି କରିବା ସହ ସମାଜ କଲ୍ୟାଣ ବୃଦ୍ଧି କରିଥାଏ। ସୁତରାଂ ମୋଟ ଘରୋଇ ଉତ୍ପାଦ କଲ୍ୟାଣର ସଠିକ୍ ସୂଚକ ହୋଇପାରେ ନାହିଁ।

5. **ମୋଟ ଘରୋଇ ଉତ୍ପାଦ ବୃଦ୍ଧିର ମାର୍ଗ:** ମୋଟ ଘରୋଇ ଉତ୍ପାଦ ବିଭିନ୍ନ ଉପାୟରେ ବୃଦ୍ଧି ହୋଇଥାଏ। ଯଦି ଶ୍ରମିକମାନଙ୍କୁ ଅଧିକ ସମୟ କର୍ମରେ ନିୟୋଜିତ କରି ଅର୍ଥାତ୍ ସେମାନଙ୍କର ଅବସର ସମୟ ହ୍ରାସକରି ଅଧିକ ଦ୍ରବ୍ୟ ଉତ୍ପାଦନ କରାଯାଏ ସାମାଜିକ କଲ୍ୟାଣ ବୃଦ୍ଧି ହୋଇ ନ ଥାଏ। ସୁତରାଂ ମୋଟ ଘରୋଇ ଉତ୍ପାଦ କଲ୍ୟାଣର ସଠିକ୍ ସୂଚକ ହୋଇ ନ ପାରେ।

6. **ଅନ୍ତରଣ ଦେୟର ବହିଷ୍କରଣ:** ମୋଟ ଘରୋଇ ଉତ୍ପାଦ ଆକଳନରେ ବାର୍ଦ୍ଧକ୍ୟ ଭତ୍ତା, ବେକାରି ଭତ୍ତା, ଛାତ୍ରବୃତ୍ତି ଭଳି ଅନ୍ତରଣ ଦେୟକୁ ବାଦ୍ ଦିଆଯାଇଥାଏ କାରଣ ଏହା ବାସ୍ତବ ଦ୍ରବ୍ୟ ଉତ୍ପାଦନକୁ ପ୍ରତିଫଳିତ କରି ନ ଥାଏ। କିନ୍ତୁ ଅନ୍ତରଣ ଦେୟ ବ୍ୟକ୍ତିଗତ ଆୟରେ ଅନ୍ତର୍ଭୁକ୍ତ ହୋଇଥାଏ। ସୁତରାଂ ଏହା ଆର୍ଥନୀତିକ କଲ୍ୟାଣ ବୃଦ୍ଧିରେ ସହାୟକ ହୋଇଥାଏ। ଯେହେତୁ ଅନ୍ତରଣ ଦେୟ ମୋଟ ଘରୋଇ ଉତ୍ପାଦରେ ମିଶି ନ ଥାଏ, ଏହା କଲ୍ୟାଣର ସଠିକ୍ ମାନଦଣ୍ଡ ନୁହେଁ।

7. **ମୋଟ ଘରୋଇ ଆୟର ବଣ୍ଟନ:** ମୋଟ ଘରୋଇ ଉତ୍ପାଦର ବୃଦ୍ଧି ସହିତ ଯଦି ଏହାର ସୁଷମ ବଣ୍ଟନ ହୁଏ, ଅର୍ଥନୈତିକ କଲ୍ୟାଣ ବୃଦ୍ଧି ହୋଇଥାଏ। ଅର୍ଥାତ୍ ଯଦି ସରକାର ତାଙ୍କର ରାଜକୋଷୀୟ ନୀତିଦ୍ୱାରା ବର୍ଦ୍ଧିଷ୍ଣୁ ଘରୋଇ ଉତ୍ପାଦର ବେଶୀ ଅଂଶ ଦରିଦ୍ର ଲୋକଙ୍କଠାରୁ ଧନୀକ ଲୋକଙ୍କ ନିକଟକୁ ସ୍ଥାନାନ୍ତରିତ ହୁଏ ଦେଶରେ ଅର୍ଥନୈତିକ ବୈଷମ୍ୟ ହ୍ରାସ ପାଏ ଏବଂ ଅର୍ଥନୈତିକ କଲ୍ୟାଣ ବୃଦ୍ଧି ହୁଏ। ଅପରପକ୍ଷେ, ମୋଟ ଘରୋଇ ଉତ୍ପାଦ ବୃଦ୍ଧି ସହିତ ଯଦି ଦେଶର ବୈଷମ୍ୟ ବୃଦ୍ଧି ହୁଏ, ଅର୍ଥନୈତିକ କଲ୍ୟାଣ ବୃଦ୍ଧି ହୋଇ ନ ଥାଏ। ସୁତରାଂ ମୋଟ ଘରୋଇ ଉତ୍ପାଦ କଲ୍ୟାଣର ଉପଯୁକ୍ତ ସୂଚକ ହୋଇ ନ ପାରେ।

8. **ପରିବେଶର ଗୁଣାତ୍ମକ ମାନ ହ୍ରାସ:** ମୋଟ ଘରୋଇ ଉତ୍ପାଦର ବୃଦ୍ଧି ସକାଶେ ପ୍ରାକୃତିକ ସମ୍ବଳର ଅଧିକ ବିନିଯୋଗ ହୋଇଥାଏ। ଫଳରେ ପରିବେଶର ସନ୍ତୁଳନ ନଷ୍ଟ ହୁଏ। ଉଦାହରଣ

ସ୍ୱରୂପ ଅଧିକ ଉତ୍ପାଦନ ସକାଶେ ଦେଶରେ ଶିଳ୍ପ ବିକାଶ, କୃଷି ବିକାଶ ତଥା ଗମନାଗମନ ଓ ପରିବହନର ବିକାଶ କରିବା ଆବଶ୍ୟକ ହୋଇଥାଏ। ଫଳରେ ଜଙ୍ଗଲ ଧ୍ୱଂସ, କାରଖାନାରୁ ନିର୍ଗତ ଧୂଆଁ, ରାସାୟନିକ ସାରର ପ୍ରୟୋଗ, ଯାନବାହାନ ଓ ଶକ୍ତି ଉତ୍ପାଦନରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ପରିବେଶ ପ୍ରଦୂଷଣ କରିଥାଏ। ମୋଟ ଘରୋଇ ଉତ୍ପାଦର ସକରାତ୍ମକ ଦିଗଟିକୁ ଆମେ ବିଚାରକୁ ନେଉଥିଲାବେଳେ ପରିବେଶ ଅବକ୍ଷୟର ନକରାତ୍ମକ ଦିଗକୁ ଆମେ ଉପେକ୍ଷା କରିବା ଦ୍ୱାରା ମୋଟ ଘରୋଇ ଉତ୍ପାଦ ମାନବ କଲ୍ୟାଣର ସଠିକ୍ ସୂଚକ ହୋଇପାରେ ନାହିଁ।

## 7.6 ଦୁଇ କ୍ଷେତ୍ର ବିଶିଷ୍ଟ ଅର୍ଥବ୍ୟବସ୍ଥାରେ ଆୟର ଚକ୍ରୀୟ ପ୍ରବାହ (Circular Flow of Income in a Two-Sector Economy)

ଯେଉଁ ବ୍ୟବସ୍ଥା ମାନବୀୟ ଅଭାବର ପୂର୍ତ୍ତି ପାଇଁ ଦେଶରେ ଦ୍ରବ୍ୟ ଓ ସେବାର ଉତ୍ପାଦନ ଓ ବଣ୍ଟନକୁ ସଙ୍ଗଠିତ କରିଥାଏ ତାହାକୁ ଅର୍ଥବ୍ୟବସ୍ଥା କୁହାଯାଏ। ବ୍ୟବସାୟ ପ୍ରତିଷ୍ଠାନ, କଳକାରଖାନା ଆଦି ନିୟୋଜନ ଓ ଉତ୍ପାଦନର ସମସ୍ତ ଉତ୍ସ ତଥା ଦ୍ରବ୍ୟ ଓ ସେବାର ଉପଭୋଗ ତଥା ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଅନୁଷ୍ଠାନ ମାନଙ୍କୁ ନେଇ ଅର୍ଥବ୍ୟବସ୍ଥା ଗଢ଼ି ଉଠିଥାଏ।

ଏକ ସରଳ ଅର୍ଥ ବ୍ୟବସ୍ଥାରେ ଦୁଇଟି କ୍ଷେତ୍ର ଥାଏ। ତାହାହେଲା– ପରିବାର ଓ ପ୍ରତିଷ୍ଠାନ।

**ପରିବାର:** ପରିବାର ଦ୍ରବ୍ୟ ଓ ସେବା ଉପଭୋଗର ଏକ ମୌଳିକ ଅନୁଷ୍ଠାନ। ପରିବାରର ସଭ୍ୟମାନେ ଏକ ଛାତତଳେ ବାସ କରନ୍ତି ଏବଂ ଉପଭୋଗ ନିମିତ୍ତ ମିଳିତ ନିଷ୍ପତ୍ତି ନିଅନ୍ତି। ପରିବାର ବା ପରିବାରର ସଭ୍ୟମାନେ ଯେତେବେଳେ ଉପଭୋଗ କରନ୍ତି, ସେତେବେଳେ ସେମାନେ ସର୍ବାଧିକ ପରିତୃପ୍ତି ପାଇବା ନିମିତ୍ତ ଲକ୍ଷ୍ୟ ରଖିଥାନ୍ତି। ପରିବାର ଉତ୍ପାଦନର ସାଧନ, ଯଥା– ଭୂମି, ଶ୍ରମ, ପୁଞ୍ଜି ଇତ୍ୟାଦି ବ୍ୟବସାୟ ପ୍ରତିଷ୍ଠାନକୁ ଯୋଗାଇଦେଇଥାଏ। ପ୍ରତି ବଦଳରେ ଅଧିଶେଷ, ମଜୁରି ଓ ସୁଧ ଆକାରରେ ସାଧନ ଆୟ ଗ୍ରହଣ କରିଥାଏ। ପରିବାରର ଗ୍ରହଣ କରିଥିବା ଆୟକୁ ବଜାର ମାଧ୍ୟମରେ ପ୍ରତିଷ୍ଠାନଠାରୁ ଦ୍ରବ୍ୟ ସାମଗ୍ରୀ କ୍ରୟ କରିବାରେ ବ୍ୟୟ କରିଥାଏ।

**ପ୍ରତିଷ୍ଠାନ:** ପ୍ରତିଷ୍ଠାନ ଉତ୍ପାଦନର ମୌଳିକ ଅନୁଷ୍ଠାନ। ପ୍ରତିଷ୍ଠାନ ପରିବାରଗୁଡ଼ିକ ଯୋଗାଇଦେଇଥିବା ଉତ୍ପାଦନର ସାଧନମାନଙ୍କୁ ଉପଯୋଗ କରି ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାନ୍ତି। ପରିବାର ଯେପରି ଉପଭୋଗ କ୍ଷେତ୍ରରେ ସର୍ବାଧିକ ପରିତୃପ୍ତି ପାଇବା ପାଇଁ ଲକ୍ଷ୍ୟ ରଖିଥାଏ, ପ୍ରତିଷ୍ଠାନ ସେହିପରି ଉତ୍ପାଦନ କ୍ଷେତ୍ରରେ ଲାଭର ସର୍ବାଧିକରଣ ନିମିତ୍ତ ଉଦ୍ୟମ କରେ। ପ୍ରତିଷ୍ଠାନଗୁଡ଼ିକ ପରିବାରମାନଙ୍କୁ ଦ୍ରବ୍ୟ ଯୋଗାଇ ଦେଇ ଏହାର ମୂଲ୍ୟ ବାବଦ ଆୟ ଗ୍ରହଣ କରିଥାଏ। ଅର୍ଥାତ୍ ପରିବାର ଦ୍ରବ୍ୟ ସକାଶେ ଯେଉଁ ବ୍ୟୟ କରିଥାଏ ତାହା ପ୍ରତିଷ୍ଠାନର ଆୟ ହୋଇଥାଏ।

**ଆୟର ଚକ୍ରୀୟ ପ୍ରବାହର ଅର୍ଥ:** ଆୟର ଚକ୍ରୀୟ ପ୍ରବାହ କହିଲେ ବ୍ୟବସାୟ ପ୍ରତିଷ୍ଠାନ ଓ ପରିବାର ମଧ୍ୟରେ ଆୟ ଓ ବ୍ୟୟର ଚକ୍ରାକାର ଗତିକୁ ବୁଝାଏ। ଅର୍ଥାତ୍ ପ୍ରତିଷ୍ଠାନ (ଉତ୍ପାଦନକାରୀ)ରୁ ପରିବାର (ଉପଭୋକ୍ତାକାରୀ)କୁ ଉତ୍ପାଦନ ସାଧନର ପାଉଣା ହିସାବରେ ଆୟର ପ୍ରବାହ ଓ ପରିବାରରୁ ଏହି ଆୟ, ଦ୍ରବ୍ୟର କ୍ରୟ ପାଇଁ ବ୍ୟୟ ହିସାବରେ ପ୍ରତିଷ୍ଠାନକୁ ପୁନଃ ପ୍ରତ୍ୟାବର୍ତ୍ତନ କରିବା ପ୍ରକ୍ରିୟାକୁ ଆୟର ଚକ୍ରୀୟ ପ୍ରବାହ କୁହାଯାଏ।

**ଆଧୁନିକ ଅର୍ଥନୀତି ବା ମୁଦ୍ରା ଅର୍ଥନୀତିରେ ଆୟର ଚକ୍ରୀୟ ପ୍ରବାହ (Circular Flow of Income in a Modern/Monetary Economy)**

ଆଧୁନିକ ଅର୍ଥନୀତି ଏକ ମୁଦ୍ରା ଅର୍ଥନୀତି ବା ମୁଦ୍ରା ଅର୍ଥ ବ୍ୟବସ୍ଥା। ମୁଦ୍ରା ଅର୍ଥ ବ୍ୟବସ୍ଥାରେ ପରିବାର ପ୍ରତିଷ୍ଠାନକୁ ଉତ୍ପାଦନର ସାଧନ ଯୋଗାଇ ଦେଇ ପ୍ରତିବଦଳରେ ଅଧିଶେଷ, ମଜୁରି ଓ ସୁଧ ଆକାରରେ ସାଧନ ଆୟ ଗ୍ରହଣ କରିଥାଏ। ଉତ୍ପାଦନର ସାଧନକୁ ବ୍ୟବହାର କରି ପ୍ରତିଷ୍ଠାନ ଦ୍ରବ୍ୟ ଉତ୍ପାଦନ କରିଥାଏ। ପରିବାର ଗ୍ରହଣ କରୁଥିବା ଆୟକୁ ବଜାର ମାଧ୍ୟମରେ ପ୍ରତିଷ୍ଠାନ ଠାରୁ ଦ୍ରବ୍ୟ କ୍ରୟ କରିବାରେ ବ୍ୟୟ କରିଥାଏ। ଫଳରେ ଦ୍ରବ୍ୟ ପରିବାରର ହସ୍ତଗତ ହୋଇଥିବାବେଳେ, ପରିବାର ବ୍ୟୟ ଆୟ ହିସାବରେ ପ୍ରତିଷ୍ଠାନର ହସ୍ତଗତ ହୋଇଥାଏ। ଅର୍ଥାତ୍ ପରିବାରର ଯାହା ଆୟ ବ୍ୟୟ ହିସାବରେ ପ୍ରତିଷ୍ଠାନକୁ ଆସିଥାଏ ଏବଂ ପ୍ରତିଷ୍ଠାନର ଯାହା ଆୟ, ତାହା ବ୍ୟୟ ହିସାବରେ ପରିବାରକୁ ଆସିଥାଏ। ଏହି ପ୍ରକ୍ରିୟା ପ୍ରାଞ୍ଜଳ ଭାବରେ ନିମ୍ନରେ ବ୍ୟାଖ୍ୟା କରାଯାଇପାରେ।

(1) ପରିବାର ପ୍ରତିଷ୍ଠାନକୁ ଉତ୍ପାଦନର ସାଧନ ଯଥା- ଭୂମି, ଶ୍ରମ ଓ ପୁଞ୍ଜି ଇତ୍ୟାଦି ଯୋଗାଇଥାଏ।

(2) ପ୍ରତିବଦଳରେ ପରିବାର ଅଧିଶେଷ, ମଜୁରି, ଅଧିଶେଷ ଓ ଲାଭ ଆକାରରେ ପ୍ରତିଷ୍ଠାନଠାରୁ ପାଉଣା ଗ୍ରହଣ କରିଥାଏ।

(3) ପରିବାରର ଏହି ମୌଦ୍ରିକ ଆୟ ପ୍ରତିଷ୍ଠାନଠାରୁ ଦ୍ରବ୍ୟ କ୍ରୟ କରିବାରେ ବ୍ୟୟ ହିସାବରେ ବ୍ୟବହୃତ ହୁଏ।

(4) ପ୍ରତିଷ୍ଠାନ ଦ୍ରବ୍ୟ ବାବଦରେ ପରିବାର ଠାରୁ ଯାହା ଆୟ କରେ ପରିବାର ଯୋଗାଉ ଥିବା ଉତ୍ପାଦନ ସାଧନର ପାଉଣା ବାବଦ ବ୍ୟୟ କରିଥାଏ।


(5) ଏହି ପ୍ରକ୍ରିୟାରେ ପରିବାରଠାରୁ ପ୍ରତିଷ୍ଠାନକୁ ସାଧନର ପ୍ରବାହ ଏବଂ ପ୍ରତିଷ୍ଠାନରୁ ପରିବାରକୁ ଦ୍ରବ୍ୟର ପ୍ରବାହ ସଙ୍ଗଠିତ ହୋଇଥାଏ।

ସୁତରାଂ ଦୁଇ କ୍ଷେତ୍ର ବିଶିଷ୍ଟ ମୁଦ୍ରା ଅର୍ଥବ୍ୟବସ୍ଥାରେ ଆୟର ଚକ୍ରୀୟ ପ୍ରବାହ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା-

(କ) ଭୌତିକ ପ୍ରବାହ ବା ବାସ୍ତବ ପ୍ରବାହ (ବା ସାଧନ ଏବଂ ଦ୍ରବ୍ୟର ପ୍ରବାହ)।

(ଖ) ମୌଦ୍ରିକ ପ୍ରବାହ (ବା ସାଧନ ଆୟ ଏବଂ ଦ୍ରବ୍ୟ ସକାଶେ ଉପଭୋଗ ବ୍ୟୟ ପ୍ରବାହ)।

ପରିବାରରୁ ପ୍ରତିଷ୍ଠାନକୁ ସାଧନର ପ୍ରବାହ ଏବଂ ପ୍ରତିଷ୍ଠାନରୁ ପରିବାରକୁ ଦ୍ରବ୍ୟର ପ୍ରବାହକୁ ଭୌତିକ ପ୍ରବାହ ବା ବାସ୍ତବ ପ୍ରବାହ କୁହାଯାଏ। ସେହିପରି ପ୍ରତିଷ୍ଠାନରୁ ପରିବାରକୁ ସାଧନ ଆୟ (ଅଧିଶେଷ, ମଜୁରି, ସୁଧ ଓ ଲାଭ) ପ୍ରବାହ ଏବଂ ପରିବାରରୁ ପ୍ରତିଷ୍ଠାନକୁ ଉପଭୋଗ ବ୍ୟୟ ପ୍ରବାହକୁ ମୌଦ୍ରିକ ପ୍ରବାହ କୁହାଯାଏ। ଚିତ୍ର-7.1ରେ ଭୌତିକ ପ୍ରବାହ ଆଭ୍ୟନ୍ତରୀଣ ରେଖା ଏବଂ ମୌଦ୍ରିକ ପ୍ରବାହ ବାହ୍ୟ ରେଖା ଦ୍ୱାରା ଚିହ୍ନିତ ହୋଇଅଛି।




ଚିତ୍ର- 7.1 : ସଞ୍ଚୟ ଓ ନିବେଶ ବିନା ଆୟର ଚକ୍ରୀୟ ପ୍ରବାହ

ଉପରୋକ୍ତ ଦୁଇ କ୍ଷେତ୍ର ବିଶିଷ୍ଟ ଅର୍ଥ ବ୍ୟବସ୍ଥାରେ ଆୟର ଚକ୍ରୀୟ ପ୍ରବାହ ନିମ୍ନଲିଖିତ ସର୍ତ୍ତାବଳୀ ଉପରେ ପର୍ଯ୍ୟବସିତ।


(i) ପରିବାର ସାଧନ ଆୟ ହିସାବରେ ଗ୍ରହଣ କରୁଥିବା ସମସ୍ତ ମୌଦ୍ରିକ ପାଉଣା ଉପଭୋଗରେ ବ୍ୟୟକରିଥାଏ।

(ii) ଉତ୍ପାଦନ କରୁଥିବା ସମସ୍ତ ପ୍ରତିଷ୍ଠାନ ସେମାନଙ୍କର ସମସ୍ତ ଆୟ ଉତ୍ପାଦନର ସାଧନମାନଙ୍କୁ ପାଉଣା ଦେବାରେ ବ୍ୟୟ କରନ୍ତି। ଅର୍ଥାତ୍ ସେମାନେ ଆଦୌ ନିବେଶ କରି ନ ଥାନ୍ତି।

**ସଞ୍ଚୟ ଓ ନିବେଶ ସହ ଚକ୍ରୀୟ ପ୍ରବାହ (Circular Flow with Saving and Investment)**

ବାସ୍ତବରେ ପରିବାରମାନେ ସେମାନଙ୍କ ସାଧନ ବିନିମୟରେ ପ୍ରତିଷ୍ଠାନମାନଙ୍କ ପାଖରୁ ଯେତିକି ଆୟ କରନ୍ତି ତାହା ଉପଭୋଗ ସକାଶେ ବ୍ୟୟ ହୋଇ ନ ଥାଏ । ଆୟର କିଛି ଅଂଶ ସଞ୍ଚୟ ହୋଇଥାଏ । ଲୋକମାନେ ଅର୍ଥ ବ୍ୟବସ୍ଥାରେ ବ୍ୟାଙ୍କ ଓ ଅଣ ବ୍ୟାଙ୍କ ଅନୁଷ୍ଠାନକୁ ନେଇ ଗଠିତ ହୋଇଥିବା ବିତ୍ତୀୟ ବଜାରରେ ସେମାନଙ୍କର ସଞ୍ଚୟ ଜମା କରିଥାନ୍ତି । ପ୍ରତିଷ୍ଠାନ ଏହି ସଞ୍ଚିତ ଅର୍ଥକୁ ବିନିଯୋଗ ପାଇଁ ବ୍ୟାଙ୍କ ମାନଙ୍କ ଠାରୁ ଋଣ ଆକାରରେ ଆଣିଥାନ୍ତି । ଏହି ଋଣ ପରିମାଣକୁ ଶିଳ୍ପ ପ୍ରତିଷ୍ଠା କରିବା, ନୂତନ ମେସିନ୍ ଓ କଞ୍ଚାମାଲ କ୍ରୟ କରିବାରେ ବ୍ୟୟ (ଅଥବା ନିବେଶ) କରିଥାନ୍ତି ଯାହା ଅର୍ଥବ୍ୟବସ୍ଥାରେ ଉତ୍ପାଦକତା ବୃଦ୍ଧିରେ ସହାୟକ ହୋଇଥାଏ । ଅର୍ଥାତ୍ ଆୟର ଯେଉଁ ଅଂଶ ଉପଭୋଗରେ ବ୍ୟୟ ନ ହୋଇ ସଞ୍ଚୟ ହୁଏ ନିବେଶରେ ବ୍ୟୟ ହେବା ଯୋଗୁଁ ମୋଟ ବ୍ୟୟ ଆୟ ସହିତ ସମାନ ହୋଇଥାଏ ଏବଂ ମୋଟ ବ୍ୟୟର ପ୍ରବାହ ବଜାୟ ରହେ । ଅର୍ଥାତ୍ ସଞ୍ଚୟ ଓ ନିବେଶର ସମାନତା ଦ୍ୱାରା ହିଁ ଆୟ ଓ ବ୍ୟୟର ଚକ୍ରୀୟ ପ୍ରବାହ ଚାଲୁ ରହିଥାଏ ।

ଚିତ୍ର 7.2ରେ ଦୁଇ କ୍ଷେତ୍ର ବିଶିଷ୍ଟ ଅର୍ଥ ବ୍ୟବସ୍ଥାରେ ସଂଚୟ ଓ ନିବେଶ ସହ ଚକ୍ରୀୟ ପ୍ରବାହ ଉପସ୍ଥାପନା କରାଯାଇଅଛି ।




ଚିତ୍ର 7.2 : ସଞ୍ଚୟ ଓ ନିବେଶ ସହ ଆୟର ଚକ୍ରୀୟ ପ୍ରବାହ

## 7.7 ଜାତୀୟ ଆୟର ପରିମାପ (Measurement of National Income)

ଯେକୌଣସି ଅର୍ଥବ୍ୟବସ୍ଥାରେ ଉତ୍ପାଦନ, ଆୟ ଓ ବ୍ୟୟ ଏହି ତିନିଟି କାର୍ଯ୍ୟକଳାପ ପରସ୍ପର ସମ୍ବନ୍ଧିତ ଓ ନିର୍ଭରଶୀଳ। ଉତ୍ପାଦନର ସାଧନ ମାନେ ଯଥା- ଭୂମି, ଶ୍ରମ, ପୁଞ୍ଜି ଓ ଉଦ୍ୟୋକ୍ତା ବିଭିନ୍ନ ଦ୍ରବ୍ୟ ଓ ସେବାର ଉତ୍ପାଦନ କ୍ରିୟାରେ ସହଯୋଗ କରି ନିଜ ପାଇଁ ଆୟ ସୃଜନ କରିଥାନ୍ତି। ସାଧନ ଆୟ ଯଥା- ଅଧିଶେଷ, ମଜୁରି, ସୁଧ ଓ ଲାଭ ବିଭିନ୍ନ ଦ୍ରବ୍ୟ ଓ ସେବାରେ ବ୍ୟୟ କରାଯାଇଥାଏ। ଉକ୍ତ ବ୍ୟୟ ଦ୍ରବ୍ୟ ଓ ସେବାର ଚାହିଦା ସୃଷ୍ଟି କରେ। ଦ୍ରବ୍ୟ ଓ ସେବାର ଚାହିଦା ଯୋଗୁଁ ଉତ୍ପାଦନ ହୋଇଥାଏ। ସୁତରାଂ ଏକ ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ, ଆୟ ଓ ବ୍ୟୟର ଚକ୍ରୀୟ ପ୍ରବାହ ଅବିରତ ଭାବରେ ଚାଲିଥାଏ। ତଦନୁଯାୟୀ ଜାତୀୟ ଆୟକୁ ଉତ୍ପାଦିତ ଦ୍ରବ୍ୟ ଓ ସେବାର ପ୍ରବାହ ବା ଉତ୍ପାଦନ ସାଧନମାନଙ୍କର ଆୟ ସୃଜନର ପ୍ରବାହ ବା ଦ୍ରବ୍ୟ ଓ ସେବା ନିମିତ୍ତ ବ୍ୟୟର ପ୍ରବାହ ଭାବରେ ବିବେଚନା କରାଯାଇଥାଏ।

ଜାତୀୟ ଆକଳନ ପାଇଁ ତିନୋଟି ପଦ୍ଧତି ଅନୁସୃତ ହୋଇଥାଏ। ତାହା ହେଲା-

1. ସଂଯୋଗିତ ମୂଲ୍ୟ ପଦ୍ଧତି (Value-added method) ବା ଉତ୍ପାଦନ ପଦ୍ଧତି (Product Method)
2. ଆୟ ପଦ୍ଧତି (Income Method)
3. ବ୍ୟୟ ପଦ୍ଧତି ((Expenditure Method)

ଉପରୋକ୍ତ ବିଭିନ୍ନ ପଦ୍ଧତିରେ ଜାତୀୟ ଆୟ ଆକଳନ କରାଯାଇଥିଲେ ମଧ୍ୟ ପ୍ରତ୍ୟେକ ପଦ୍ଧତିରେ ଆକଳନ ହୋଇଥିବା ପରିମାଣ ଏକ ଏବଂ ଅଭିନ୍ନ ହୋଇଥାଏ। ଅବଶ୍ୟ ବେଳେବେଳେ ପରିସଂଖ୍ୟାନଗତ ତ୍ରୁଟି ଯୋଗୁଁ ବିଭିନ୍ନ ପଦ୍ଧତିରେ ଆକଳନ କରାଯାଇଥିବା ପରିମାଣଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ପରିଦୃଷ୍ଟ ହୋଇଥାଏ।

ନିମ୍ନରେ ଜାତୀୟ ଆୟ ଆକଳନର ବିଭିନ୍ନ ପଦ୍ଧତି ସମ୍ବନ୍ଧରେ ଆଲୋଚନା କରାଯାଇଅଛି।

**7.7.1 ଉତ୍ପାଦନ ପଦ୍ଧତି ବା ସଂଯୋଗିତ ମୂଲ୍ୟ ପଦ୍ଧତି (Product Method or Value-Added Method) :** ଉତ୍ପାଦନ ପଦ୍ଧତିରେ ଜାତୀୟ ଆୟର ଆକଳନକୁ ଦୁଇଟି ଦୃଷ୍ଟି କୋଣରୁ ବିଚାର କରାଯାଇପାରେ। ତାହା ହେଲା- ଅନ୍ତିମ ଉତ୍ପାଦନ ପଦ୍ଧତି (Final output method) ଏବଂ ସଂଯୋଗିତ ମୂଲ୍ୟ ପଦ୍ଧତି (Value-added method)। ଉଭୟ ପଦ୍ଧତିରେ ଫଳାଫଳ ସମାନ ହୋଇଥାଏ।

ସଂଯୋଗିତ ମୂଲ୍ୟ ପଦ୍ଧତିରେ ଜାତୀୟ ଆୟ ଆକଳନ କଲାବେଳେ ପ୍ରତ୍ୟେକ ଉତ୍ପାଦନକାରୀ ଉତ୍ପାଦନ ପ୍ରକ୍ରିୟାରେ ଯୋଗ କରୁଥିବା ମୂଲ୍ୟ ପରିମାପ କରାଯାଇଥାଏ ଏବଂ ତାପରେ ସମସ୍ତ ଉତ୍ପାଦନକାରୀଙ୍କ ସଂଯୋଗିତ ମୂଲ୍ୟକୁ ମିଶାଇ ଦିଆଯାଏ। ଏହି ପଦ୍ଧତିରେ ଜାତୀୟ ଆୟ ଆକଳନ ପାଇଁ ନିମ୍ନଲିଖିତ ପର୍ଯ୍ୟାୟ ଗ୍ରହଣ କରିବାକୁ ପଡ଼ିଥାଏ।

**ପ୍ରଥମ ପର୍ଯ୍ୟାୟ**

**ଉଦ୍ୟୋଗ ଗୁଡ଼ିକର ଚିହ୍ନଟ ଓ ଶ୍ରେଣୀ ବିଭାଗ:**

ପ୍ରଥମ ପଦକ୍ଷେପ ସ୍ୱରୂପ, ଦେଶର ଘରୋଇ ଅଞ୍ଚଳକୁ ତିନୋଟି ମୌଳିକ କ୍ଷେତ୍ର, ଯଥା- ପ୍ରାଥମିକ କ୍ଷେତ୍ର, ମାଧ୍ୟମିକ କ୍ଷେତ୍ର ଓ ଆନୁସଙ୍ଗିକ କ୍ଷେତ୍ରରେ ବିଭକ୍ତ କରାଯାଏ।

**ପ୍ରାଥମିକ କ୍ଷେତ୍ର :** ପ୍ରାକୃତିକ ସମ୍ବଳ ବିନିଯୋଗ କରି ଯେଉଁ କ୍ଷେତ୍ର ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାଏ, ସେହି କ୍ଷେତ୍ରକୁ ପ୍ରାଥମିକ କ୍ଷେତ୍ର କୁହାଯାଏ। କୃଷି, ପଶୁପାଳନ, ଜଙ୍ଗଲ ଓ ମତ୍ସ୍ୟ ସମ୍ପଦ ଇତ୍ୟାଦି ଏହି କ୍ଷେତ୍ରରେ ଅନ୍ତର୍ଭୁକ୍ତ ହୋଇଥାଏ।

**ମାଧ୍ୟମିକ କ୍ଷେତ୍ର :** ଯେଉଁ କ୍ଷେତ୍ରର ଉଦ୍ୟୋଗଗୁଡ଼ିକ ଗୋଟିଏ ଭୌତିକ ବସ୍ତୁକୁ ଅନ୍ୟ ଏକ ଭୌତିକ ବସ୍ତୁରେ ରୂପାନ୍ତର କରୁଥାନ୍ତି ସେହି କ୍ଷେତ୍ରକୁ ମାଧ୍ୟମିକ କ୍ଷେତ୍ର କୁହାଯାଏ। ଏହି କ୍ଷେତ୍ରକୁ ମଧ୍ୟ ଶିଳ୍ପ କ୍ଷେତ୍ର କୁହାଯାଏ। ସମସ୍ତ ପ୍ରକାର ଶିଳ୍ପ, ନିର୍ମାଣ, ବିଦ୍ୟୁତ୍ ଶକ୍ତି, ଜଳଯୋଗାଣ ଇତ୍ୟାଦିକୁ ମାଧ୍ୟମିକ କ୍ଷେତ୍ରରେ ସାମିଲ କରାଯାଇଥାଏ।

**ଆନୁସଙ୍ଗିକ କ୍ଷେତ୍ର ବା ସେବା କ୍ଷେତ୍ର :** ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କ, ବୀମା, ବାଣିଜ୍ୟ, ପରିବହନ, ପରିଭ୍ରମଣ ସେବା ଓ ସରକାରୀ କାର୍ଯ୍ୟକଳାପକୁ ଆନୁସଙ୍ଗିକ କ୍ଷେତ୍ର ବା ସେବା କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇଥାଏ।

**ଦ୍ୱିତୀୟ ପର୍ଯ୍ୟାୟ**

**ମୋଟ ସଂଯୋଜିତ ମୂଲ୍ୟ ନିର୍ଣ୍ଣୟ:** ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥବ୍ୟବସ୍ଥାର ଘରୋଇ କ୍ଷେତ୍ରରେ ମୋଟ ସଂଯୋଜିତ ମୂଲ୍ୟ ନିର୍ଣ୍ଣୟ କରାଯାଏ। ବଜାର ଦରରେ ମୋଟ ସଂଯୋଜିତ ମୂଲ୍ୟ କଳନା କରିବା ସକାଶେ ପ୍ରଥମେ ଉତ୍ପାଦର ମୂଲ୍ୟ ଏବଂ ଦ୍ୱିତୀୟରେ ଅନ୍ତର୍ବର୍ତ୍ତୀ ଉପଭୋଗ ହିସାବ କରାଯାଏ। ଉତ୍ପାଦର ମୂଲ୍ୟରୁ ଅନ୍ତର୍ବର୍ତ୍ତୀ ଉପଭୋଗ ବାଦଦେଲେ ବଜାର ଦରରେ ମୋଟ ସଂଯୋଜିତ ମୂଲ୍ୟ ଉପଲବ୍ଧ ହୁଏ।

**ଅର୍ଥାତ୍, ବଜାର ଦରରେ ମୋଟ ସଂଯୋଜିତ ମୂଲ୍ୟ = ଉତ୍ପାଦର ମୂଲ୍ୟ - ଅନ୍ତର୍ବର୍ତ୍ତୀ ଉପଭୋଗ**

ମନେକରାଯାଉ, ଏକ ଅର୍ଥ ବ୍ୟବସ୍ଥାରେ କେବଳ କପା, ସୂତା, କପଡ଼ା ଓ ପୋଷାକ ଉତ୍ପାଦନ କରାଯାଉଅଛି। ପୋଷାକ ହେଉଛି ଏଠାରେ ଏକମାତ୍ର ଅନ୍ତିମ ଦ୍ରବ୍ୟ। ନିମ୍ନ ସାରଣୀ ସାହାଯ୍ୟରେ, ସଂଯୋଜିତ ମୂଲ୍ୟ ଆକଳନ କରିବାର ଉପାୟ ସମ୍ପର୍କରେ ଏକ ସ୍ପଷ୍ଟ ଧାରଣା ମିଳିପାରିବ।

ଏହିପରି ଭାବେ ପ୍ରତ୍ୟେକ ଉତ୍ପାଦନକାରୀଙ୍କ ଦ୍ୱାରା ସଂଯୋଗିତ ମୂଲ୍ୟକୁ ହିସାବ କରି ସାରିବା ପରେ ଅର୍ଥ ବ୍ୟବସ୍ଥାରେ ତିନୋଟି କ୍ଷେତ୍ର ଅନ୍ତର୍ଗତ ବଜାରରେ ମୋଟ ସଂଯୋଗିତ ମୂଲ୍ୟ ନିର୍ଣ୍ଣୟ କରାଯାଏ। ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟକୁ ବଜାର ଦରରେ ମୋଟ ଘରୋଇ ଉତ୍ପାଦ ମଧ୍ୟ କୁହାଯାଏ।

**ତୃତୀୟ ପର୍ଯ୍ୟାୟ**

**ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ ନିରୂପଣ:** ତୃତୀୟ ପର୍ଯ୍ୟାୟରେ, ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟରୁ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହେଉଥିବା ସ୍ଥାୟୀ ପୁଞ୍ଜିର ଉପଭୋଗ ବାଦ୍ ଦିଆଯାଇ ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ ନିରୂପଣ କରାଯାଏ।

ଅର୍ଥାତ୍, **ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ = ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ - ସ୍ଥାୟୀ ପୁଞ୍ଜିର ଉପଭୋଗ।**

**ଚତୁର୍ଥ ପର୍ଯ୍ୟାୟ**

**ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ ନିରୂପଣ:** ଚତୁର୍ଥ ପର୍ଯ୍ୟାୟରେ ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟରୁ ନିଟ୍ ପରୋକ୍ଷକର ବିୟୋଗ କରି ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ (Net value-added at factor cost) ନିର୍ଣ୍ଣୟ କରାଯାଏ।

ଅର୍ଥାତ୍, **ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ = ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ - ନିଟ୍ ପରୋକ୍ଷ କର।**

ପୂର୍ବ ବର୍ଣ୍ଣନାନୁଯାୟୀ, ନିଟ୍ ପରୋକ୍ଷ କର = ପରୋକ୍ଷ କର - ଆର୍ଥିକ ସହାୟତା।

ସୁତରାଂ, **ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ = ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ - ପରୋକ୍ଷ କର + ଆର୍ଥିକ ସହାୟତା।**

ଏହା ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ (Net Domestic product at factor cost) ସହ ସମାନ।

**ପଞ୍ଚମ ପର୍ଯ୍ୟାୟ**

**ବିଦେଶାଗତ ନିଟ୍ ସାଧନ ଆୟ ଆକଳନ:** ପ୍ରଥମରେ, ସମ୍ପୃକ୍ତ ଗଣନ ବର୍ଷରେ ସ୍ୱଦେଶୀ ବାସିନ୍ଦାମାନେ ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ସମସ୍ତ ଆୟରୁ ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ ବାଦ୍ ଦେଇ ବିଦେଶାଗତ ନିଟ୍ ସାଧନ ଆୟ ନିର୍ଣ୍ଣୟ କରାଯାଏ।

ଅର୍ଥାତ୍, ବିଦେଶାଗତ ନିଟ୍ ସାଧନ ଆୟ = ଗୋଟିଏ ଗଣନ ବର୍ଷରେ ସ୍ୱଦେଶୀମାନେ ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ସମସ୍ତ ଆୟ - ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ।

**ଷଷ୍ଠ ପର୍ଯ୍ୟାୟ**

**ଜାତୀୟ ଆୟ ନିରୂପଣ:** ଶେଷରେ, ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ ବା ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ ସହିତ ବିଦେଶାଗତ ନିଟ୍ ସାଧନ ଆୟକୁ ମିଶାଇ ଜାତୀୟ ଆୟ ନିର୍ଣ୍ଣୟ କରାଯାଇଥାଏ।

ସୁତରାଂ, ଜାତୀୟ ଆୟ = ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ = ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ।

ସାଧାରଣତଃ, ଯେଉଁ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ପ୍ରତ୍ୟେକ ବର୍ଷ ଉତ୍ପାଦନର ସମ୍ପୂର୍ଣ୍ଣ ଗଣନା ସମ୍ପନ୍ନ କରାଯାଏ, ସେଠାରେ ଜାତୀୟ ଆୟ ଆକଳନ ଭଳାଶେ ମୂଲ୍ୟ ସଂଯୋଗିତ ପଦ୍ଧତି ଅବଲମ୍ବନ କରାଯାଏ। ଯେଉଁ ଦେଶରେ କେବଳ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡ଼ିକର ଉତ୍ପାଦନ ତଥ୍ୟ ସଂଗୃହୀତ ହୁଏ, ସେଠାରେ ଏହି ପଦ୍ଧତି ସହିତ ଅନ୍ୟ ପଦ୍ଧତିର ମିଶ୍ରଣରେ ଜାତୀୟ ଆୟ ଆକଳନ କରାଯାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ପଦ୍ଧତିରେ ଜାତୀୟ ଆୟକୁ ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରରେ ଅବଦାନ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିଥାଏ।

**ସଂଯୋଗିତ ମୂଲ୍ୟ ପଦ୍ଧତିରେ ସତର୍କତା**

ସଂଯୋଗିତ ମୂଲ୍ୟ ପଦ୍ଧତିରେ ଜାତୀୟ ଆୟର ସଠିକ୍ ଆକଳନ ପାଇଁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ।

(1) ପରିବାର, ପ୍ରତିଷ୍ଠାନ ଓ ସରକାର ନିଜସ୍ୱ ଚାହିଦା ମେଣ୍ଟାଇବା ପାଇଁ ଉତ୍ପାଦନ କରୁଥିବା ସ୍ଥାୟୀ ଦ୍ରବ୍ୟର ଆରୋପିତ ମୂଲ୍ୟ ମୋଟ ଉତ୍ପାଦର ମୂଲ୍ୟ ସହିତ ଯୋଗ କରାଯାଏ।

(2) ଅର୍ଥ ବ୍ୟବସ୍ଥାରେ ବିଭିନ୍ନ କ୍ଷେତ୍ରରେ ନିଜସ୍ୱ ଚାହିଦା ମେଣ୍ଟାଇବା ପାଇଁ ଉତ୍ପାଦନ କରାଯାଉଥିବା ଉପଭୋଗ ଦ୍ରବ୍ୟର ଆରୋପିତ ମୂଲ୍ୟ ଉତ୍ପାଦର ମୂଲ୍ୟ ସହିତ ଯୋଗ କରାଯାଏ।

(3) ଗୃହ ମାଲିକ ରହୁଥିବା ବାସସ୍ଥାନ ଗୁଡ଼ିକର ଆରୋପିତ ଅଧିଶେଷ ମୋଟ ଉତ୍ପାଦରେ ଅନ୍ତର୍ଭୁକ୍ତ ହୁଏ।

(4) ଦେଶର ବିଭିନ୍ନ କ୍ଷେତ୍ରରେ ପୁରୁଣା ଦ୍ରବ୍ୟର କ୍ରୟ ବିକ୍ରୟ ସହିତ ସମ୍ପୃକ୍ତ ଥିବା ଦଲାଲ୍ ବା ମଧ୍ୟସ୍ଥଙ୍କୁ ପ୍ରଦାନ କରାଯାଉଥିବା ଦଲାଲି ବା ଦସ୍ତୁରୀ ମୋଟ ଉତ୍ପାଦ ମୂଲ୍ୟରେ ଅନ୍ତର୍ଭୁକ୍ତ ହୋଇଥାଏ। କିନ୍ତୁ ବ୍ୟବହୃତ ପୁରୁଣା ଦ୍ରବ୍ୟର ବିକ୍ରି ଖର୍ଚ୍ଚକୁ ସମ୍ପୃକ୍ତ ବର୍ଷର ଉତ୍ପାଦ ମୂଲ୍ୟ ଆକଳନରୁ ବାଦ୍ ଦିଆଯାଇଥାଏ।

(5) ଗୃହିଣୀଙ୍କ ସେବାର ମୌଦ୍ରିକ ମୂଲ୍ୟ ନ ଥିବାରୁ ତାହା ଉତ୍ପାଦର ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ।

(6) ଜୁଆଖେଳ, ଚୋରି, କଳାବଜାର, ଦ୍ରବ୍ୟର ଚୋରା ଚାଲାଣ ଇତ୍ୟାଦି ଅବୈଧ କାର୍ଯ୍ୟକଳାପ ଦ୍ୱାରା ଅର୍ଜିତ ଧନ ଉତ୍ପାଦନ ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ।

(7) ଦ୍ୱୈତଗଣନା ସମସ୍ୟାକୁ ଏଡାଇବା ପାଇଁ ଅନ୍ତର୍ବର୍ତ୍ତୀ ଦ୍ରବ୍ୟ ଯଥା- କଞ୍ଚାମାଲ, ଅର୍ଦ୍ଧନିର୍ମିତ ଦ୍ରବ୍ୟ / କଞ୍ଚାମାଲ ଇତ୍ୟାଦିର ମୂଲ୍ୟକୁ ଉତ୍ପାଦର ମୂଲ୍ୟରୁ ବିୟୋଗ କରାଯାଇଥାଏ।

### 7.7.2 ଆୟ ପଦ୍ଧତି (Income Method)

କୌଣସି ଦେଶରେ ଉତ୍ପାଦନକାରୀ ପ୍ରତିଷ୍ଠାନମାନେ ଭୂମି, ଶ୍ରମ, ପୁଞ୍ଜି ଓ ସଙ୍ଗଠନ ଭଳି ସାଧନ ଉପଯୋଗ କରି ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାନ୍ତି। ଏହି ସାଧନମାନଙ୍କ ସହଯୋଗରେ ଗୋଟିଏ ଗଣନ ବର୍ଷରେ ଯେତେ ପରିମାଣରେ ଦ୍ରବ୍ୟ ଓ ସେବା ଉତ୍ପାଦିତ ହୁଏ ତାର ମୌଦ୍ରିକ ମୂଲ୍ୟରୁ ଅନ୍ତର୍ବର୍ତ୍ତୀ ଉପଭୋଗ, ସ୍ଥାୟୀ ପୁଞ୍ଜିର ଉପଭୋଗ ଓ ନିଟ୍ ପରୋକ୍ଷ କର ବାଦ ଦେଇ ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଜିତ ମୂଲ୍ୟ ନିରୂପଣ କରାଯାଏ। ଏହା ଉତ୍ପାଦନର ସାଧନ ଅଧିକାରୀ (Owners of factors of production) ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ। ସୁତରାଂ ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଜିତ ମୂଲ୍ୟ ବା ଉତ୍ପାଦନ ବ୍ୟୟର ନିଟ୍ ଘରୋଇ ଉତ୍ପାଦ ସାଧନ ଅଧିକାରୀମାନଙ୍କର ଆୟର ସମଷ୍ଟି ସହ ସମାନ। ଏଥିରୁ ସୁସ୍ପଷ୍ଟ ଯେ ସଂଯୋଜିତ ମୂଲ୍ୟ ପଦ୍ଧତି ଅବଲମ୍ବନ କରି ଆକଳନ କରାଯାଇଥିବା ଜାତୀୟ ଆୟର ପରିମାଣ, ଆୟ ପଦ୍ଧତି ମାଧ୍ୟମରେ ଆକଳନ କରାଯାଉଥିବା ଜାତୀୟ ଆୟର ପରିମାଣ ସହ ସମାନ ହୋଇଥାଏ। ଅବଶ୍ୟ ବେଳେବେଳେ ପରିସଂଖ୍ୟାନଗତ ତ୍ରୁଟି ଯୋଗୁଁ ଉପଯୁକ୍ତ ପରିମାଣଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଥାଏ।

ଆୟ ପଦ୍ଧତିରେ ଜାତୀୟ ଆୟ ଆକଳନ କଲାବେଳେ ସର୍ବପ୍ରଥମେ ଅର୍ଥବ୍ୟବସ୍ଥାକୁ ଘରୋଇ ଅଞ୍ଚଳ (Domestic sector) ଓ ଅବଶିଷ୍ଟ ବିଶ୍ୱ (Rest of the world) ନାମକ ଦୁଇଟି କ୍ଷେତ୍ରରେ ବିଭକ୍ତ କରାଯାଇଥାଏ। ତା'ପରେ ଘରୋଇ ସାଧନ ଆୟ ବା ଘରୋଇ ଆୟ (Domestic income) ଏବଂ ବିଦେଶାଗତ ନିଟ୍ ସାଧନ ଆୟ (Net factor income from abroad) ନିର୍ଣ୍ଣୟ କରାଯାଇଥାଏ।

**ଘରୋଇ ଆୟ**

ଘରୋଇ ଆୟ ନିର୍ଦ୍ଧାରଣ ନିମିତ୍ତ ନିମ୍ନୋକ୍ତ ପର୍ଯ୍ୟାୟମାନ ଅବଲମ୍ବନ କରାଯାଇଥାଏ।

**ପ୍ରଥମ ପର୍ଯ୍ୟାୟ**

**ଘରୋଇ ଅଞ୍ଚଳକୁ ବିଭିନ୍ନ କ୍ଷେତ୍ରରେ ବିଭକ୍ତ ଓ ସେହି କ୍ଷେତ୍ରମାନଙ୍କରେ ଉଦ୍ୟୋଗ ଗୁଡ଼ିକର ଚିହ୍ନଟ:** ପ୍ରଥମେ ଦେଶର ଘରୋଇ ଅଞ୍ଚଳକୁ ତିନୋଟି ମୌଳିକ କ୍ଷେତ୍ର- ଯଥା, ପ୍ରାଥମିକ କ୍ଷେତ୍ର, ମାଧ୍ୟମିକ କ୍ଷେତ୍ର ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବିଭକ୍ତ କରାଯାଏ। ତାପରେ ସେହି କ୍ଷେତ୍ରମାନଙ୍କରେ ଥିବା ବିଭିନ୍ନ ଉଦ୍ୟୋଗବା ପ୍ରତିଷ୍ଠାନ ଚିହ୍ନଟ କରାଯାଏ। ସେହି ଉଦ୍ୟୋଗମାନେ ଉତ୍ପାଦନ ସକାଶେ ମୁଖ୍ୟତଃ ଚାରୋଟି ସାଧନ ଏବଂ କେତେକ ଅଣସାଧନ ଉପଯୋଗ କରିଥାନ୍ତି। ସେହି ଚାରୋଟି ସାଧନ ହେଲେ ଭୂମି, ଶ୍ରମ, ପୁଞ୍ଜି ଓ ସଙ୍ଗଠନ।

**ଦ୍ୱିତୀୟ ପର୍ଯ୍ୟାୟ**

**ବିଭିନ୍ନ ସାଧନ ଆୟର ଶ୍ରେଣୀ ବିଭାଗ:** ଦ୍ୱିତୀୟ ପର୍ଯ୍ୟାୟରେ, ବିଭିନ୍ନ ସାଧନ ଆୟକୁ ନିମ୍ନୋକ୍ତ ଶ୍ରେଣୀରେ ବିଭକ୍ତ କରାଯାଏ।

1. **କର୍ମଚାରୀମାନଙ୍କ କ୍ଷତିପୂରଣ :** ଉତ୍ପାଦନକାରୀମାନେ ସେମାନଙ୍କ କର୍ମଚାରୀମାନଙ୍କୁ ସେମାନଙ୍କର ସେବା ଓ କାର୍ଯ୍ୟ ବଦଳରେ ବେତନ ଓ ମଜୁରି ତଥା ସାମାଜିକ ସୁରକ୍ଷା ନିମିତ୍ତ ଦେୟ ପ୍ରଦାନ କରିଥାନ୍ତି। ଏହି ସମସ୍ତ ଦେୟକୁ କର୍ମଚାରୀମାନଙ୍କ କ୍ଷତିପୂରଣ ବୋଲି କୁହାଯାଏ।
2. ଅଧିଶେଷ
3. ସୁଧ
4. ଲାଭ : ଯୌଥ କମ୍ପାନୀମାନଙ୍କ ମୋଟ ଲାଭରେ ନିଗମ ଲାଭକର (Corporate profit tax), ଅବିତରିତ ଲାଭ (Undistrubuted profit) ଓ ବିତରିତ ଲାଭ (Dividend) ଅନ୍ତର୍ଭୁକ୍ତ ହୋଇଥାଏ।
5. **ଆତ୍ମ ନିଯୁକ୍ତମାନଙ୍କର ମିଶ୍ରିତ ଆୟ:** ଡାକ୍ତର ଓ ଓକିଲଙ୍କ ଭଳି ଆତ୍ମନିଯୁକ୍ତ ବ୍ୟକ୍ତି ତଥା କ୍ଷୁଦ୍ର ନିର୍ମାତା, ମରାମତି ଦୋକାନୀ, କ୍ଷୁଦ୍ର ବ୍ୟବସାୟୀ ଇତ୍ୟାଦି କରୁଥିବା ଆୟକୁ ଆତ୍ମନିଯୁକ୍ତମାନଙ୍କର ମିଶ୍ରିତ ଆୟ କୁହାଯାଏ। ଉକ୍ତ ଆୟରୁ ଲାଭ, ଅଧିଶେଷ ମଜୁରି ଓ ସୁଧକୁ ପୃଥକ କରିବା କଷ୍ଟକର ହୋଇଥାଏ। ଆତ୍ମନିଯୁକ୍ତିରୁ ପ୍ରାପ୍ତ ଆୟରେ ଅଧିଶେଷ, ମଜୁରି, ସୁଧ ଓ ଲାଭ ଇତ୍ୟାଦି ସମସ୍ତ

ଉପାଦାନ ମିଶ୍ରିତ ହୋଇ ରହିଥିବାରୁ ଏହାକୁ ଆତ୍ମନିଯୁକ୍ତିମାନଙ୍କର ମିଶ୍ରିତ ଆୟ ବୋଲି ବିବେଚନା କରାଯାଏ।

**ତୃତୀୟ ପର୍ଯ୍ୟାୟ**

**ସାଧନଗୁଡ଼ିକୁ ପ୍ରଦାନ କରାଯାଉଥିବା ପାଉଣାର ଆକଳନ:** ତୃତୀୟ ପର୍ଯ୍ୟାୟରେ, ସାଧନଗୁଡ଼ିକୁ ପ୍ରଦାନ କରାଯାଉଥିବା ପାଉଣାର ଆକଳନ କରାଯାଏ। ଗୋଟିଏ ପ୍ରତିଷ୍ଠାନ ବିତରଣ କରୁଥିବା ଆୟର ଆକଳନ କରିବା ସକାଶେ ସେହି ପ୍ରତିଷ୍ଠାନ କେଉଁ ସାଧନ କେତେ ପରିମାଣ ନିୟୋଜିତ କରିଛି ଏବଂ ବିଭିନ୍ନ ସାଧନର ପ୍ରତ୍ୟେକ ଏକକକୁ କେଉଁ ହାରରେ ଆୟ ପ୍ରଦାନ କରାଯାଉଛି, ସେହି ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଏ। ପ୍ରତ୍ୟେକ ସାଧନକୁ ଦିଆଯାଉଥିବା ପାରିତୋଷିକକୁ ସାଧନର ପରିମାଣ ସହିତ ଗୁଣନ କରି ପ୍ରତ୍ୟେକ ସାଧନର ଆୟ ଅଟକଳ କରାଯାଏ। ଗୋଟିଏ ପ୍ରତିଷ୍ଠାନ ଦ୍ୱାରା ନିୟୋଜିତ ହୋଇଥିବା ସମସ୍ତ ସାଧନର ଆୟକୁ ମିଶାଇ ସେହି ପ୍ରତିଷ୍ଠାନର ବା ଉଦ୍ୟୋଗର ସାଧନ ଆୟ ନିର୍ଣ୍ଣୟ କରାଯାଏ।

**ଚତୁର୍ଥ ପର୍ଯ୍ୟାୟ**

**ଘରୋଇ ଆୟର ଆକଳନ:** ଅର୍ଥବ୍ୟବସ୍ଥାର ସମସ୍ତ କ୍ଷେତ୍ରରେ ଥିବା ଉଦ୍ୟୋଗମାନଙ୍କର ଆୟକୁ ମିଶାଇ ଘରୋଇ ସାଧନ ଆୟ ବା ଘରୋଇ ଆୟ ଅଟକଳ କରାଯାଇଥାଏ। ଏହି ଘରୋଇ ସାଧନ ଆୟକୁ "ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ' ବା "ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଜିତ ମୂଲ୍ୟ" ବୋଲି ଅଭିହିତ କରାଯାଏ।

**ପଞ୍ଚମ ପର୍ଯ୍ୟାୟ**

**ବିଦେଶାଗତ ନିଟ୍ ସାଧନ ଆୟ (Net factor Income from abroad)ର ଆକଳନ:** ସମ୍ପୃକ୍ତ ଗଣନ ବର୍ଷରେ ସ୍ୱଦେଶୀ ବାସିନ୍ଦାମାନେ ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ସମସ୍ତ ଆୟରୁ ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ ବାଦ୍ ଦେଇ ବିଦେଶାଗତ ନିଟ୍ ସାଧନ ଆୟ ଆକଳନ କରାଯାଏ।

ଅର୍ଥାତ୍, ବିଦେଶାଗତ ନିଟ୍ ସାଧନ ଆୟ = ଗୋଟିଏ ଗଣନ ବର୍ଷରେ ସ୍ୱଦେଶୀମାନେ ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ସମସ୍ତ ଆୟ - ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ।

ଷଷ୍ଠ ପର୍ଯ୍ୟାୟ

**ଜାତୀୟ ଆୟ ନିରୂପଣ:** ଶେଷରେ, ଘରୋଇ ସାଧନ ଆୟ ସହିତ ବିଦେଶାଗତ ନିଟ୍ ସାଧନ ଆୟକୁ ମିଶାଇ ଜାତୀୟ ଆୟ ଆକଳନ କରାଯାଇଥାଏ।

ସୁତରାଂ, ଜାତୀୟ ଆୟ = ଘରୋଇ ଆୟ ବା ଘରୋଇ ସାଧନ ଆୟ
**(Domestic Factor Income) +**

ବିଦେଶାଗତ ନିଟ୍ ସାଧନ ଆୟ **(Net Factor Income from abroad)**

ଆୟ ପଦ୍ଧତିର ସବୁଠାରୁ ବଡ଼ ଆକର୍ଷଣ ହେଲା, ଏହା ଭୂମି ମାଲିକ, ପୁଞ୍ଜିପତି, ଶ୍ରମିକ ଓ ଉଦ୍ୟୋକ୍ତା ଆଦି ବିଭିନ୍ନ ଆୟକାରୀ ଗୋଷ୍ଠୀ ମଧ୍ୟରେ ଜାତୀୟ ଆୟ ବିତରଣ ସମ୍ବନ୍ଧରେ ଆଲୋକପାତ କରିଥାଏ।

**ସାବଧାନତା :** ଆୟ ପଦ୍ଧତିରେ ଜାତୀୟ ଆୟ ନିର୍ଦ୍ଧାରଣ କଲାବେଳେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ହୋଇଥାଏ।

1. ନିଜସ୍ୱ ଉପଭୋଗ ଉଦ୍ଦେଶ୍ୟରେ ବ୍ୟବହୃତ ସ୍ୱ ଉତ୍ପାଦିତ ଦ୍ରବ୍ୟର ଆରୋପିତ ମୂଲ୍ୟ ତଥା ନିଜ ଗୃହରେ ବସବାସ କରୁଥିବା ଗୃହମାଲିକମାନଙ୍କ କ୍ଷେତ୍ରରେ ସମ୍ପୃକ୍ତ ଘରର ଆରୋପିତ ଭଡ଼ାକୁ ଜାତୀୟ ଆୟରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ।
2. ଅନ୍ତରଣ ଦେୟ (Transfer payments)କୁ ଜାତୀୟ ଆୟ ନିର୍ଦ୍ଧାରଣରୁ ବାଦ ଦିଆଯିବା ଆବଶ୍ୟକ।
3. ଚୋରା ବେପାର, ଲାଞ୍ଚ ଗ୍ରହଣ, ପକେଟମାର ଓ ଚୋରି ଆଦିରୁ ମିଳୁଥିବା ବେଆଇନ୍ ରୋଜଗାରକୁ ଜାତୀୟ ଆୟ ଆକଳନରୁ ବାଦ୍ ଦିଆଯିବା ଦରକାର।
4. ଲଟେରି ଓ ପୁରସ୍କାର ଆଦିରୁ ପ୍ରାପ୍ତ ଅପ୍ରତ୍ୟାଶିତ ଆୟକୁ ଜାତୀୟ ଆୟରେ ସାମିଲ କରା ନ ଯିବା ଆବଶ୍ୟକ।
5. ପୁରୁଣା ବ୍ୟବହୃତ ସାମଗ୍ରୀ ତଥା ଆର୍ଥିକ ପରିସମ୍ପତ୍ତିରୁ ମିଳୁଥିବା ଆୟକୁ ମଧ୍ୟ ଜାତୀୟ ଆୟ ହିସାବରୁ ବାଦ୍ ଦିଆଯିବା ଦରକାର।
6. ମରଣୋତ୍ତର କର (Death duty), ସମ୍ପତ୍ତି କର (Wealth tax) ଏବଂ ଅପ୍ରତ୍ୟାଶିତ ଆୟ ଉପରେ କରକୁ ଜାତୀୟ ଆୟରେ ସାମିଲ କରା ନ ଯିବା ଦରକାର।

7. ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଦିଆଯାଇଥିବା ଭତ୍ତା ଅନ୍ତରଣ ଦେୟରେ ଅନ୍ତର୍ଭୁକ୍ତ ହୋଇ ନ ଥାଏ । ତେଣୁ ଏହାକୁ ଜାତୀୟ ଆୟରେ ସାମିଲ କରାଯାଏ ।

୪. ଯୁଦ୍ଧ ବା ଅନ୍ୟ ଅଣ ଉତ୍ପାଦକ ରାଷ୍ଟ୍ରୀୟ ଋଣ ବାବଦକୁ ସୁଧ ଜାତୀୟ ଆୟ ହିସାବରୁ ବାଦ୍ ଦିଆଯିବା ଆବଶ୍ୟକ ।

### 7.7.3 ବ୍ୟୟ ପଦ୍ଧତି (Expenditure Method)

ବ୍ୟୟ ପଦ୍ଧତିରେ ଜାତୀୟ ଆୟ ଆକଳନ କଲାବେଳେ ପ୍ରଥମେ ସମ୍ପୃକ୍ତ ଗଣନ ବର୍ଷରେ ଘରୋଇ ଅଞ୍ଚଳ ମଧ୍ୟରେ ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବା ନିମିତ୍ତ କରାଯାଇଥିବା ବ୍ୟୟ ହିସାବ କରାଯାଏ । ଏହାକୁ ମୋଟ ବଜାର ଦରରେ ଘରୋଇ ଉତ୍ପାଦ ପାଇଁ କରାଯାଇଥିବା ଅନ୍ତିମ ବ୍ୟୟ (Final Expenditure on Domestic Product) ବୋଲି ଅଭିହିତ କରାଯାଏ । ଏହା ବଜାର ଦରରେ ମୋଟ ଘରୋଇ ଉତ୍ପାଦ ( Gross Domestic Product at market Price) ସହ ସମାନ ହୋଇଥାଏ । ତାପରେ ବିଦେଶାଗତ ନିଟ୍ ସାଧନ ଆୟ କଳନା କରାଯାଇଥାଏ । ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସହିତ ବିଦେଶାଗତ ନିଟ୍ ସାଧନ ଆୟକୁ ମିଶାଇ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ଅଟକଳ କରାଯାଏ । ସୁତରାଂ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ଜାଣିବାକୁ ନିମ୍ନୋକ୍ତ ପର୍ଯ୍ୟାୟମାନ ଅବଲମ୍ବନ କରାଯାଇଥାଏ ।

ପ୍ରଥମେ ବଜାର ଦରରେ ଘରୋଇ ଉତ୍ପାଦ ସକାଶେ ଅନ୍ତିମ ବ୍ୟୟ (Final Expenditure on Gross Domestic Product) ବା ବଜାର ଦରରେ ମୋଟ ଘରୋଇ ଉତ୍ପାଦ (Gross Domestic product at market price) ନିର୍ଣ୍ଣୟ କରାଯାଏ । ତାହାପରେ ବିଦେଶାଗତ ନିଟ୍ ସାଧନ ଆୟ ଆକଳନ କରାଯାଏ । ଶେଷରେ ଜାତୀୟ ଆୟ ନିର୍ଦ୍ଧାରଣ କରାଯାଏ ।

**ପ୍ରଥମ ପର୍ଯ୍ୟାୟ**

**ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସକାଶେ ଅନ୍ତିମ ବ୍ୟୟ ନିର୍ଣ୍ଣୟ:** ବଜାର ଦରରେ ମୋଟ ଘରୋଇ ଉତ୍ପାଦ ପାଇଁ କରାଯାଇଥିବା ଅନ୍ତିମ ବ୍ୟୟ ନିମ୍ନୋକ୍ତ ଚାରି ପ୍ରକାର ବ୍ୟୟର ସମଷ୍ଟି ସହ ସମାନ । ସେଗୁଡ଼ିକ ହେଲା-

1. ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ (Private Final Consumption Expenditure)
2. ଅନ୍ତିମ ସରକାରୀ ଉପଭୋଗ ବ୍ୟୟ (General Government Final Consumption Expenditure)

3. ମୋଟ ଘରୋଇ ପୁଞ୍ଜି ଗଠନ (Gross Domestic Capital Formation) ବା ମୋଟ ଘରୋଇ ପୁଞ୍ଜି ନିବେଶ (Gross Domestic Investment)

4. ନିଟ୍ ରପ୍ତାନୀ (Net Exports) ବ୍ୟୟ

1. **ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ ($C_p$):** ଏକ ଗଣନ ବର୍ଷରେ ପରିବାର ସମୂହ ତଥା ଲାଭ ରହିତ ବେସରକାରୀ ଅନୁଷ୍ଠାନମାନଙ୍କରେ ଖାଦ୍ୟ, ପୋଷାକ, ଟେଲିଭିଜନ, ରେଫ୍ରିଜେରେଟର ଇତ୍ୟାଦି ଭଳି ଅନ୍ତିମ ଦ୍ରବ୍ୟ ସକାଶେ କରାଯାଇଥିବା ବ୍ୟୟକୁ ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ କୁହାଯାଏ । ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟରେ ନିମ୍ନୋକ୍ତ ବ୍ୟୟ ଅନ୍ତର୍ଭୁକ୍ତ ହୋଇଥାଏ । ସେଗୁଡ଼ିକ ହେଲା-

   (i) ଦେଶୀୟ ଅଞ୍ଚଳରୁ କ୍ରୟ କରାଯାଇଥିବା ଅନ୍ତିମ ଦ୍ରବ୍ୟ ଓ ସେବାରେ ବ୍ୟୟ ।

   (ii) ବୈଦେଶିକ ବଜାରରୁ ଉପଭୋଗ ପାଇଁ କ୍ରୟ କରାଯାଇଥିବା ଦ୍ରବ୍ୟ ଓ ସେବା ନିମିତ୍ତ ବ୍ୟୟ ।

   (iii) ନିଜସ୍ୱ ଚାହିଦା ମେଣ୍ଟାଇବା ପାଇଁ ଉତ୍ପାଦିତ ହେଉଥିବା ଦ୍ରବ୍ୟର ଆରୋପିତ ମୂଲ୍ୟ ।

   (iv) ମାଲିକ ନିଜେ ରହୁଥିବା ବାସସ୍ଥାନ ଗୁଡ଼ିକର ଆରୋପିତ ଭଡ଼ା ।

   (v) ନିଯୁକ୍ତିକାରୀଙ୍କ ଠାରୁ ପାଉଥିବା ସୁବିଧା ସୁଯୋଗ ଏବଂ ଦ୍ରବ୍ୟ ଆକାରରେ ମିଳୁଥିବା ଭତ୍ତା ଓ ପାଉଣା ।

ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ ଆକଳନ କରିବା ସକାଶେ ପ୍ରଥମେ ପରିବାର ସମୂହ ଓ ଲାଭ ରହିତ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ଦେଶୀୟ ଅଞ୍ଚଳରୁ କ୍ରୟ କରାଯାଉଥିବା ସମସ୍ତ ଦୀର୍ଘସ୍ଥାୟୀ, ଅର୍ଦ୍ଧସ୍ଥାୟୀ ଓ ସ୍ୱଳ୍ପସ୍ଥାୟୀ ଦ୍ରବ୍ୟର ପରିମାଣ ଓ ସେମାନଙ୍କର ବଜାର ଦର ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଏ । ତାହାପରେ ପ୍ରତ୍ୟେକ ଅନ୍ତିମ ଦ୍ରବ୍ୟ ଓ ସେବାର ପରିମାଣ ସହିତ ସମ୍ପୃକ୍ତ ଦ୍ରବ୍ୟର ଦାମ୍ ଗୁଣନ କରି ପ୍ରତ୍ୟେକ ଅନ୍ତିମ ଦ୍ରବ୍ୟ ଓ ସେବାରେ ବ୍ୟୟ ନିର୍ଣ୍ଣୟ କରାଯାଏ । ପୁନଶ୍ଚ ସମସ୍ତ ଅନ୍ତିମ ଦ୍ରବ୍ୟ ସକାଶେ କରାଯାଇଥିବା ବ୍ୟୟକୁ ମିଶାଇ ଦେଶୀୟ ଅଞ୍ଚଳରୁ କ୍ରୟ କରାଯାଇଥିବା ଅନ୍ତିମ ଦ୍ରବ୍ୟ ଓ ସେବାର ବ୍ୟୟ ନିର୍ଣ୍ଣୟ କରାଯାଏ ।

ବୈଦେଶିକ ବଜାରରୁ ଉପଭୋଗ ପାଇଁ କ୍ରୟ କରାଯାଇଥିବା ପ୍ରତ୍ୟେକ ଦ୍ରବ୍ୟ ଓ ସେବାର ପରିମାଣ ସହ ସମ୍ପୃକ୍ତ ଦର ସହ ଗୁଣନ କରି ପ୍ରତ୍ୟେକ ଦ୍ରବ୍ୟ ଓ ସେବା ସକାଶେ ବ୍ୟୟ ନିର୍ଦ୍ଧାରଣ କରାଯାଇଥାଏ । ତାହାପରେ

ସମସ୍ତ ଦ୍ରବ୍ୟ ଓ ସେବା ସକାଶେ କରାଯାଉଥିବା ବ୍ୟୟକୁ ମିଶାଇ ବୈଦେଶିକ ବଜାରରୁ ଉପଭୋଗ ପାଇଁ କ୍ରୟ କରାଯାଉଥିବା ଦ୍ରବ୍ୟ ଓ ସେବା ନିମିତ୍ତ ବ୍ୟୟ ଆକଳନ କରାଯାଏ।

ନିଜସ୍ୱ ଚାହିଦା ମେଣ୍ଟାଇବା ପାଇଁ ଉତ୍ପାଦନ କରାଯାଉଥିବା ଦ୍ରବ୍ୟର ଆରୋପିତ ମୂଲ୍ୟ କଳନା କରିବା ସକାଶେ ସେହି ସମସ୍ତ ଦ୍ରବ୍ୟର ପରିମାଣ ସହିତ ସେହି ଦ୍ରବ୍ୟର ବଜାର ଦରକୁ ଗୁଣନ କରାଯାଇଥାଏ।

ମାଲିକ ନିଜେ ରହୁଥିବା ବାସସ୍ଥାନଗୁଡ଼ିକର ଆରୋପିତ ଭଡ଼ା ମଧ୍ୟ ଅଟକଳ କରାଯାଇଥାଏ।

ନିଯୁକ୍ତିକାରୀମାନଙ୍କ ଠାରୁ ପାଉଥିବା ସୁବିଧା ସୁଯୋଗ ତଥା ଦ୍ରବ୍ୟ ଆକାରରେ ମିଳୁଥିବା ଭତ୍ତା ଓ ପାଉଣାର ମୌଦ୍ରିକ ମୂଲ୍ୟ ଆକଳନ କରାଯାଇଥାଏ।

ଉପରୋକ୍ତ ସମସ୍ତ ବ୍ୟୟକୁ ମିଶାଇ ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ ନିର୍ଦ୍ଧାରଣ କରାଯାଏ ଏବଂ ଇଂରେଜୀ ଅକ୍ଷର $C_p$ ଦ୍ୱାରା ଚିହ୍ନିତ କରାଯାଏ।

2. **ଅନ୍ତିମ ସରକାରୀ ଉପଭୋଗ ବ୍ୟୟ ($C_g$):** ଅନ୍ତିମ ସରକାରୀ ଉପଭୋଗ ବ୍ୟୟରେ ନିମ୍ନୋକ୍ତ ଦୁଇ ପ୍ରକାରର ବ୍ୟୟ ଅନ୍ତର୍ଭୁକ୍ତ କରାଯାଇଥାଏ। ତାହା ହେଲା-
   (a) କର୍ମଚାରୀମାନଙ୍କ କ୍ଷତିପୂରଣ
   (b) ଦ୍ରବ୍ୟ ଓ ସେବା କ୍ରୟ ନିମିତ୍ତ ନିଟ୍ ବ୍ୟୟ

3. **ମୋଟ ଘରୋଇ ପୁଞ୍ଜି ଗଠନ ବା ମୋଟ ଘରୋଇ ପୁଞ୍ଜି ନିବେଶ ($I_g$):** ମୋଟ ଘରୋଇ ପୁଞ୍ଜି ଗଠନ କହିଲେ ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଉତ୍ପାଦିତ ମୋଟ ସ୍ଥାୟୀ ପୁଞ୍ଜି ଓ ଭଣ୍ଡାରର ପରିବର୍ତ୍ତନର ସମଷ୍ଟିକୁ ସୂଚାଇଥାଏ।
   (a) **ମୋଟ ସ୍ଥାୟୀ ପୁଞ୍ଜି ଗଠନ (Gross Domestic Fixed Capital Formation):** ମୋଟ ସ୍ଥାୟୀ ପୁଞ୍ଜି ଗଠନ ମୁଖ୍ୟତଃ ନିମ୍ନଲିଖିତ ଦୁଇଟି ବ୍ୟୟର ସମଷ୍ଟି ସହ ସମାନ ହୋଇଥାଏ। ତାହା ହେଲା-
      (i) ନବ ନିର୍ମିତ ସ୍ଥାୟୀ ପୁଞ୍ଜି ଦ୍ରବ୍ୟ ଓ ପରିସମ୍ପତ୍ତି ଯଥା କୋଠାବାଡ଼ି, ରାସ୍ତାଘାଟ, ସେତୁ ଓ ଜଳସେଚନ ପ୍ରକଳ୍ପରେ ବ୍ୟୟ।
      (ii) ନୂତନ ଯନ୍ତ୍ରପାତି ଓ କଳକବ୍ଜା ନିମିତ୍ତ ବ୍ୟୟ।

ନବ ନିର୍ମିତ ସ୍ଥାୟୀପୁଞ୍ଜି ଦ୍ରବ୍ୟ ଓ ପରିସମ୍ପତ୍ତିର ବ୍ୟୟ ହିସାବ ସକାଶେ ନିମ୍ନଲିଖିତ ତଥ୍ୟ ସଂଗ୍ରହ କରାଯାଏ। ତାହା ହେଲା-

- ନୂତନ ସ୍ଥାୟୀ ପୁଞ୍ଜି ଦ୍ରବ୍ୟ ନିର୍ମାଣ କରିବା ସକାଶେ ଆବଶ୍ୟକ ହେଉଥିବା ଲୁହାଛଡ଼, ସିମେଣ୍ଟ, ବାଲି, ଇଟା, କାଠ ଆଦି ସାମଗ୍ରୀର ପରିମାଣ ଏବଂ
- ଏହି ସାମଗ୍ରୀମାନଙ୍କର ବଜାର ଦର।

ପ୍ରତ୍ୟେକ ସାମଗ୍ରୀର ପରିମାଣ ସହିତ ତା'ର ବଜାର ଦର ଗୁଣନ କରି ପ୍ରତ୍ୟେକ ସାମଗ୍ରୀ ସକାଶେ କରାଯାଇଥିବା ବ୍ୟୟ କଳନା କରାଯାଏ। ସମସ୍ତ ସାମଗ୍ରୀ ସକାଶେ କରାଯାଇଥିବା ବ୍ୟୟକୁ ମିଶାଇ କଞ୍ଚାମାଲ ସକାଶେ ବ୍ୟୟ ନିର୍ଦ୍ଧାରଣ କରାଯାଇପାରେ। ଏହି ବ୍ୟୟ ସହିତ କର୍ମଚାରୀଙ୍କ କ୍ଷତିପୂରଣ ଓ କାର୍ଯ୍ୟକାରୀ ଉଦ୍‌ବୃତ୍ତ ମିଶାଇ ନବ ନିର୍ମିତ ସ୍ଥାୟୀ ପୁଞ୍ଜି ଦ୍ରବ୍ୟ ଓ ପରିସମ୍ପତ୍ତି ସକାଶେ ହେଉଥିବା ବ୍ୟୟ ଅଟକଳ କରାଯାଇଥାଏ।

ଏହା ସହିତ ନିଜ ବ୍ୟବହାର ସକାଶେ କରାଯାଇଥିବା ସ୍ଥାୟୀ ପରିସମ୍ପତ୍ତି ଏବଂ ପରିବାର ସମୂହଙ୍କ ଦ୍ୱାରା କ୍ରୟ କରାଯାଉଥିବା ନୂତନ ଗୃହର ମୂଲ୍ୟକୁ ମଧ୍ୟ ସାମିଲ କରାଯାଇଥାଏ।

ପ୍ରତ୍ୟେକ ଉଦ୍ୟୋଗ ଦ୍ୱାରା କ୍ରୟ କରାଯାଉଥିବା ନୂତନ ଯନ୍ତ୍ରପାତି ଓ କଳକବ୍ଜା ନିମିତ୍ତ ବ୍ୟୟ ହିସାବ କରାଯାଏ। ତାପରେ ସମସ୍ତ ଉଦ୍ୟୋକ୍ତାମାନଙ୍କର ଏହି ବ୍ୟୟକୁ ମିଶାଇ ଅର୍ଥ ବ୍ୟବସ୍ଥାରେ ଯନ୍ତ୍ରପାତି ଓ କଳକବ୍ଜା ନିମିତ୍ତ ବ୍ୟୟ ଅଟକଳ କରାଯାଇଥାଏ।

(b) **ଭଣ୍ଡାର ପରିବର୍ତ୍ତନ (Change in Stock):** ଦେଶର ଘରୋଇ ଅଞ୍ଚଳରେ ସମସ୍ତ ଉତ୍ପାଦନକାରୀ ସଂସ୍ଥାର ଗୋଟିଏ ଗଣନ ବର୍ଷରେ ଭଣ୍ଡାରର ଅନ୍ତିମ ସ୍ଥିତି ଓ ଭଣ୍ଡାରର ପ୍ରାରମ୍ଭିକ ସ୍ଥିତିର ଅନ୍ତର ଫଳକୁ ଭଣ୍ଡାର ପରିବର୍ତ୍ତନ କୁହାଯାଏ।

ଯେଉଁ ସମସ୍ତ ଅନ୍ତିମ ଦ୍ରବ୍ୟ, ଅର୍ଦ୍ଧନିର୍ମିତ ଦ୍ରବ୍ୟ ଓ କଞ୍ଚାମାଲକୁ ନେଇ ଭଣ୍ଡାର ଗଠିତ ହୋଇଥାଏ ତାହାର ପରିମାଣ ସହିତ ସମ୍ପୃକ୍ତ ଦ୍ରବ୍ୟର ଦର ଗୁଣନ କରି ଭଣ୍ଡାରର ଅନ୍ତିମ ସ୍ଥିତି ଓ ପ୍ରାରମ୍ଭିକ ସ୍ଥିତି କଳନା କରାଯାଇଥାଏ। ତାପରେ ସେହି ଦୁଇଟିର ଅନ୍ତରଫଳକୁ ଭଣ୍ଡାର ପରିବର୍ତ୍ତନ ବୋଲି ଅଭିହିତ କରାଯାଏ।

ସୁତରାଂ, **ମୋଟ ଘରୋଇ ପୁଞ୍ଜି ଗଠନ = ନବ ନିର୍ମିତ ପୁଞ୍ଜି ଓ ପରିସମ୍ପତ୍ତି ନିମିତ୍ତ ବ୍ୟୟ + ନୂତନ ଯନ୍ତ୍ରପାତି ଓ କଳକବ୍ଜା ନିମିତ୍ତ ବ୍ୟୟ + ଭଣ୍ଡାର ପରିବର୍ତ୍ତନ।**

4. **ନିଟ୍ ରପ୍ତାନି ବ୍ୟୟ (X-M):** ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ ($C_h$), ଅନ୍ତିମ ସରକାରୀ ଉପଭୋଗ ବ୍ୟୟ ($C_g$) ଓ ମୋଟ ଘରୋଇ ପୁଞ୍ଜି ଗଠନ ($I_g$)ର ଯୋଗଫଳକୁ ଦେଶର ନାଗରିକ ମାନଙ୍କର ଅନ୍ତିମ ବ୍ୟୟ (Expenditure by Nationals of a Country) ଆଖ୍ୟା ଦିଆଯାଇଥାଏ। ଏହା ବଜାର ଦରରେ ମୋଟ ଘରୋଇ ଉତ୍ପାଦ ପାଇଁ କରାଯାଉଥିବା ଅନ୍ତିମ ବ୍ୟୟ (Final Expenditure on Gross Domestic Product) ବା ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସହ ସମାନ ହୋଇ ନ ଥାଏ।

ଦେଶର ନାଗରିକମାନଙ୍କର ଅନ୍ତିମ ବ୍ୟୟ ($C_h + C_g + I_g$)ରେ ପରିବାର, ପ୍ରତିଷ୍ଠାନ ଓ ସାଧାରଣ ସରକାରଙ୍କର ବିଦେଶରୁ ଆମଦାନି କରାଯାଉଥିବା ଦ୍ରବ୍ୟ ସକାଶେ ବ୍ୟୟ ଅନ୍ତର୍ଭୁକ୍ତ ହୋଇଥାଏ। କିନ୍ତୁ ଆମଦାନୀ କରାଯାଉଥିବା ଦ୍ରବ୍ୟ ସକାଶେ କରାଯାଉଥିବା ବ୍ୟୟ ଦେଶୀୟ ଉତ୍ପାଦନର ସାଧନମାନଙ୍କ ପାଇଁ ଆୟ ସୃଷ୍ଟି କରି ନ ଥାଏ। ସୁତରାଂ ବିଦେଶରୁ ଆମଦାନୀ କରାଯାଉଥିବା ଦ୍ରବ୍ୟ ସକାଶେ ଦେଶୀୟ ନାଗରିକମାନଙ୍କ ଦ୍ୱାରା କରାଯାଉଥିବା ବ୍ୟୟକୁ ଦେଶର "ନାଗରିକମାନଙ୍କର ଅନ୍ତିମ ବ୍ୟୟ"ରୁ ବାଦ୍ ଦିଆଯାଇଥାଏ। ବିଦେଶରୁ ଆମଦାନୀ କରାଯାଉଥିବା ଦ୍ରବ୍ୟ ନିମିତ୍ତ କରାଯାଉଥିବା ବ୍ୟୟକୁ ଇଂରେଜୀ ଅକ୍ଷର M ଦ୍ୱାରା ଚିହ୍ନିତ କରାଯାଏ।

କେତେକ ଅନ୍ତିମ ଦ୍ରବ୍ୟ ଦେଶୀୟ ଅଞ୍ଚଳ ମଧ୍ୟରେ ଉତ୍ପାଦିତ ହେଉଥିଲେ ହେଁ ତାହା ଦେଶ ଭିତରେ ବ୍ୟବହାର କରା ନ ଯାଇ ବିଦେଶକୁ ରପ୍ତାନି କରାଯାଇଥାଏ। ବିଦେଶକୁ ରପ୍ତାନି କରାଯାଉଥିବା ଦ୍ରବ୍ୟ ସକାଶେ ବିଦେଶୀ ନାଗରିକମାନେ କରୁଥିବା ବ୍ୟୟକୁ ଇଂରେଜୀ ଅକ୍ଷର X ଦ୍ୱାରା ଚିହ୍ନିତ କରାଯାଇଥାଏ। ଉକ୍ତ ବ୍ୟୟ ଦେଶୀୟ ଉତ୍ପାଦନର ସାଧନମାନଙ୍କ ପାଇଁ ଆୟ ସୃଷ୍ଟି କରୁଥିବାରୁ, ଏହାକୁ ଦେଶର ନାଗରିକମାନଙ୍କ ଅନ୍ତିମ ବ୍ୟୟ ($=C_h + C_g + I_g$) ସହ ମିଶାଇ ଦିଆଯାଏ। ଅର୍ଥାତ୍ "ଦେଶର ନାଗରିକମାନଙ୍କର ଅନ୍ତିମ ବ୍ୟୟ" ସହିତ ବିଦେଶୀ ନାଗରିକମାନଙ୍କ ଦ୍ୱାରା ଦେଶୀୟ ରପ୍ତାନି ଦ୍ରବ୍ୟ ସକାଶେ କରାଯାଉଥିବା ବ୍ୟୟ Xକୁ ଯୋଗ କରି ବିଦେଶରୁ ଆମଦାନୀ କରାଯାଉଥିବା ଦ୍ରବ୍ୟ ସକାଶେ ଦେଶୀୟ ନାଗରିକମାନଙ୍କ ଦ୍ୱାରା କରାଯାଉଥିବା ବ୍ୟୟ Mକୁ ବିୟୋଗ କରି "ବଜାର ଦରରେ ମୋଟ ଘରୋଇ ଉତ୍ପାଦ ପାଇଁ କରାଯାଉଥିବା ଅନ୍ତିମ ବ୍ୟୟ" ବା "ବଜାର ଦରରେ ମୋଟ ଘରୋଇ ଉତ୍ପାଦ" ନିର୍ଣ୍ଣୟ କରାଯାଇଥାଏ।


ବିଦେଶୀ ନାଗରିକମାନଙ୍କ ଦ୍ୱାରା ଦେଶୀୟ ରପ୍ତାନୀ ଦ୍ରବ୍ୟ ସକାଶେ କରାଯାଉଥିବା ବ୍ୟୟ X ଓ ବିଦେଶରୁ ଆମଦାନୀ କରାଯାଉଥିବା ଦ୍ରବ୍ୟ ସକାଶେ ଦେଶୀୟ ନାଗରିକମାନଙ୍କ ଦ୍ୱାରା କରାଯାଉଥିବା ବ୍ୟୟ Mର ପାର୍ଥକ୍ୟକୁ ନିଟ୍ ରପ୍ତାନି ବ୍ୟୟ X - M କୁହାଯାଏ। ଦେଶର ନାଗରିକମାନଙ୍କର ଅନ୍ତିମ ବ୍ୟୟ ସହିତ ନିଟ୍ ରପ୍ତାନି ବ୍ୟୟ ଯୋଗକରି ବଜାର ଦରରେ ମୋଟ ଘରୋଇ ଉତ୍ପାଦ ପାଇଁ କରାଯାଉଥିବା ଅନ୍ତିମ ବ୍ୟୟ ଆକଳନ କରାଯାଏ।

ସୁତରାଂ, ବଜାର ଦରରେ ଘରୋଇ ଉତ୍ପାଦ ପାଇଁ କରାଯାଇଥିବା ଅନ୍ତିମ ବ୍ୟୟ ବା ବଜାର ଦରରେ ମୋଟ ଘରୋଇ ଉତ୍ପାଦ = ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ + ଅନ୍ତିମ ସରକାରୀ ଉପଭୋଗ ବ୍ୟୟ + ମୋଟ ଘରୋଇ ପୁଞ୍ଜି ଗଠନ + ନିଟ୍ ରପ୍ତାନି ବ୍ୟୟ ।

ଗାଣିତିକ ସଙ୍କେତ ବ୍ୟବହାର କରି ଏହି ସମୀକରଣକୁ ନିମ୍ନମତେ ଦର୍ଶାଯାଇପାରେ ।

$$GDP_{MP} = C_h + C_g + I_g + (X - M)$$

ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ନିମ୍ନରେ ପ୍ରଦର୍ଶିତ ହୋଇଅଛି



ଦ୍ୱିତୀୟ ପର୍ଯ୍ୟାୟ

ବିଦେଶାଗତ ନିଟ୍ ସାଧନ ଆୟର ଆକଳନ **(Calculation of net factor income from abroad):** ଗୋଟିଏ ଗଣନ ବର୍ଷରେ ସ୍ୱଦେଶୀମାନେ ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ସମସ୍ତ ଆୟରୁ ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ ବାଦ ଦେଇ ବିଦେଶାଗତ ନିଟ୍ ସାଧନ ଆୟ ଆକଳନ କରାଯାଏ।

ଅର୍ଥାତ୍, ବିଦେଶାଗତ ନିଟ୍ ସାଧନ ଆୟ = ଗୋଟିଏ ଗଣନ ବର୍ଷରେ ସ୍ୱଦେଶୀମାନେ ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ସମସ୍ତ ଆୟ - ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ।

ତୃତୀୟ ପର୍ଯ୍ୟାୟ

ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ଓ ତତ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ସମଷ୍ଟିର ଆକଳନ **(Calculation of GNP at market prices and other related aggregates):** ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସହିତ ବିଦେଶାଗତ ନିଟ୍ ସାଧନ ଆୟକୁ ଯୋଗକରି ବଜାର ଦରରେ ଜାତୀୟ ଉତ୍ପାଦ ଆକଳନ କରାଯାଏ।

ସୁତରାଂ, ବଜାର ଦରରେ ମୋଟ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ।

ଗାଣିତିକ ସଙ୍କେତ ବ୍ୟବହାର କରି ଉକ୍ତ ସମୀକରଣ ନିମ୍ନମତେ ପ୍ରକାଶ କରାଯାଇପାରେ।

$$GDP_{MP} = C_h + C_g + I_d + (X - M) + NFIA$$

ଚତୁର୍ଥ ପର୍ଯ୍ୟାୟ

**ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ ନିରୂପଣ:** ବଜାର ଦରରେ ମୋଟ ଜାତୀୟ ଉତ୍ପାଦରୁ ସ୍ଥାୟୀ ପୁଞ୍ଜିର ଉପଭୋଗ (depreciation) ବାଦ ଦେଲେ ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ ନିର୍ଣ୍ଣୟ କରାଯାଏ।

ସୁତରାଂ, ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଜାତୀୟ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ଉପଭୋଗ

**ପଞ୍ଚମ ପର୍ଯ୍ୟାୟ**

**ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ ନିରୂପଣ:** ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦରୁ ନିଟ୍ ପରୋକ୍ଷ କର ବାଦ୍ ଦେଇ ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ ନିର୍ଣ୍ଣୟ କରାଯାଏ।

ଅର୍ଥାତ୍, **ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଆୟ = ବଜାର ଦରରେ ନିଟ୍ ଜାତୀୟ ଆୟ - ନିଟ୍ ପରୋକ୍ଷ କର ବା (ପରୋକ୍ଷ କର - ଆର୍ଥିକ ସହାୟତା)**

ଅଥବା, **ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଆୟ (ବ୍ୟୟ ପଦ୍ଧତିରେ ଆକଳନ କରାଯାଇଥିବା ଜାତୀୟ ଆୟ) = ବଜାର ଦରରେ ମୋଟ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ - ସ୍ଥାୟୀ ପୁଞ୍ଜିର ଉପଭୋଗ - ପରୋକ୍ଷ କର + ଆର୍ଥିକ ସହାୟତା।**

**ସତର୍କତା :** ବ୍ୟୟ ପଦ୍ଧତିରେ ଜାତୀୟ ଆୟ ନିର୍ଦ୍ଧାରିତ କଲାବେଳେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ହୋଇଥାଏ।

1. ଅନ୍ତିମ ବେସରକାରୀ ଉପଭୋଗ ($C_p$) ଆକଳନ କଲାବେଳେ ପୁରୁଣା ଦ୍ରବ୍ୟ ଆହରଣ ପାଇଁ କରାଯାଇଥିବା ବ୍ୟୟକୁ ସାମିଲ କରାଯିବା ଉଚିତ ନୁହେଁ।
2. ମାଧ୍ୟମିକ ବଜାର (Secondary market)ରୁ ପୁରୁଣା ଅଂଶପତ୍ର (Shares) ବା ଋଣପତ୍ର (Bonds) କ୍ରୟ ବାବଦରେ କରାଯାଇଥିବା ଖର୍ଚ୍ଚକୁ ମୋଟ ଘରୋଇ ପୁଞ୍ଜି ଗଠନ ବା ମୋଟ ଘରୋଇ ପୁଞ୍ଜି ନିବେଶ ($I_g$)ରେ ଅନ୍ତର୍ଭୁକ୍ତ କରା ନ ଯିବା ଆବଶ୍ୟକ।
3. ବାର୍ଦ୍ଧକ୍ୟ ଭତ୍ତା, ବେକାରି ଭତ୍ତା ଆଦି "ଅନ୍ତରଣ ଦେୟ" (Transfer payments) ବାବଦରେ ହେଉଥିବା ସରକାରୀ ବ୍ୟୟକୁ ଅନ୍ତିମ ସରକାରୀ ଉପଭୋଗ ବ୍ୟୟ ($C_g$)ରେ ସାମିଲ କରା ନ ଯିବା ଆବଶ୍ୟକ।
4. ନିଜସ୍ୱ ଚାହିଦା ପୂରଣ କରିବା ସକାଶେ ଉତ୍ପାଦିତ ଉପଭୋଗ ଦ୍ରବ୍ୟର ଆରୋପିତ ମୂଲ୍ୟକୁ ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ।
5. ନିଜସ୍ୱ ଚାହିଦା ମେଣ୍ଟାଇବା ପାଇଁ ଉତ୍ପାଦିତ ସ୍ଥାୟୀ ପରିସମ୍ପତ୍ତିର ମୂଲ୍ୟକୁ ମଧ୍ୟ ଅନ୍ତିମ ବ୍ୟୟରେ ସାମିଲ କରାଯିବା ଆବଶ୍ୟକ।

### 7.7.4 ତିନି ପଦ୍ଧତିର ସମନ୍ୱୟ

ଜାତୀୟ ଆୟର ପରିମାପ ପାଇଁ ତିନୋଟି ବିକଳ୍ପ ପଦ୍ଧତି ଅନୁସୃତ ହେଉଥିଲେ ମଧ୍ୟ ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ସମ୍ବନ୍ଧରେ ନିର୍ଭରଯୋଗ୍ୟ ଓ ସଠିକ୍ ସଂଖ୍ୟାକ ତଥ୍ୟାବଳୀ ଅଧିକାଂଶ ସମୟରେ ଉପଲବ୍ଧ ହେଉ ନ ଥିବାରୁ କୌଣସି ଗୋଟିଏ ପଦ୍ଧତି ମାଧ୍ୟମରେ ନିର୍ଭୁଲ ଭାବରେ ଜାତୀୟ ଆୟକୁ ଆକଳନ କରାଯାଇପାରେ ନାହିଁ। ପୁନଶ୍ଚ, କୌଣସି ଗୋଟିଏ ପଦ୍ଧତିରେ ଜାତୀୟ ଆୟ ଆକଳନ କଲେ ଅର୍ଥବ୍ୟବସ୍ଥାର ସମ୍ପୂର୍ଣ୍ଣ ଚିତ୍ର ମିଳି ନ ଥାଏ। ତେଣୁ ଜାତୀୟ ଆୟର ପରିମାପ ପାଇଁ ଗୋଟିଏ ପଦ୍ଧତି ପ୍ରୟୋଗ କରା ନ ଯାଇ ତିନୋଟିଯାକ ପଦ୍ଧତି ବ୍ୟବହାର କରାଯାଇଥାଏ। ଅବଶ୍ୟ ପ୍ରତ୍ୟେକ ପଦ୍ଧତିରେ ଅଟକଳ ହେଉଥିବା ଜାତୀୟ ଆୟର ପରିମାଣ ସମାନ ହୋଇଥାଏ। ବେଳେବେଳେ ପରିସଂଖ୍ୟାନଗତ ତ୍ରୁଟିଯୋଗୁଁ ବିଭିନ୍ନ ପଦ୍ଧତିରେ ଜାତୀୟ ଆୟର ପରିମାଣ ଭିନ୍ନ ହୋଇପାରେ। ବହୁତ ସମୟରେ ପରିଦୃଷ୍ଟ ହୁଏ ଯେ ଅର୍ଥବ୍ୟବସ୍ଥାରେ ଅନ୍ତିମ ବ୍ୟୟ ସମ୍ପର୍କରେ ସଠିକ୍ ତଥା ସମ୍ପୂର୍ଣ୍ଣ ତଥ୍ୟ ମିଳି ନ ଥାଏ। ସାଧାରଣତଃ, ବ୍ୟୟ ପଦ୍ଧତିରେ ଜାତୀୟ ଆୟ ଆକଳନ କଲେ ତାହାର ପରିମାଣ ସଂଯୋଜିତ ମୂଲ୍ୟ ତଥା ଆୟ ପଦ୍ଧତି ଅବଲମ୍ବନରେ ପରିମାପ କରାଯାଉଥିବା ଜାତୀୟ ଆୟର ପରିମାଣ ଅପେକ୍ଷା କମ୍ ହୋଇଥାଏ। ଅବଶ୍ୟ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଉପରୋକ୍ତ ତିନୋଟିଯାକ ପଦ୍ଧତି ଜାତୀୟ ଆୟ ସମ୍ପର୍କରେ ସମାନ ଫଳାଫଳ ପ୍ରଦାନ କରିଥାନ୍ତି। ତେଣୁ ପ୍ରତ୍ୟେକ ପଦ୍ଧତିକୁ ଅନ୍ୟ ପଦ୍ଧତିମାନଙ୍କର ସଠିକତା ନିରୂପଣ ପାଇଁ ପ୍ରୟୋଗ କରାଯାଇଥାଏ।

ବାସ୍ତବରେ ଦେଶର ଅର୍ଥନୈତିକ ବିକାଶସ୍ତର ଓ ଉପଲବ୍ଧ ହେଉଥିବା ତଥ୍ୟାବଳୀ ଭିତ୍ତିରେ ଜାତୀୟ ଆୟ ଆକଳନର ପଦ୍ଧତି ସ୍ଥିରୀକୃତ ହୋଇଥାଏ। ଉଦାହରଣ ସ୍ୱରୂପ, ଭାରତର ବିଭିନ୍ନ ଔଦ୍ୟୋଗିକ କ୍ଷେତ୍ରରେ ସୃଷ୍ଟି ହେଉଥିବା ଆୟର ଆକଳନ ନିମନ୍ତେ ଭିନ୍ନ ଭିନ୍ନ ପଦ୍ଧତି ସ୍ଥିରୀକୃତ ହୋଇଥାଏ ଏବଂ ସମସ୍ତ ଔଦ୍ୟୋଗିକ କ୍ଷେତ୍ରରେ ଆୟକୁ ଯୋଗ କରି ଜାତୀୟ ଆୟର ଆକଳନ କରାଯାଏ।

ଜାତୀୟ ଆୟର ଆକଳନ ନିମନ୍ତେ ବ୍ୟବହାର କରାଯାଉଥିବା ତିନି ପଦ୍ଧତିର ସମନ୍ୱୟ ନିମ୍ନରେ ପ୍ରଦର୍ଶିତ ହୋଇଛି।

**ମୋଟ ଜାତୀୟ ଉତ୍ପାଦ (Gross National Product) = ମୋଟ ଜାତୀୟ ଆୟ (Gross National Income) = ମୋଟ ଜାତୀୟ ବ୍ୟୟ (Gross National Expenditure) ।**

**ଅର୍ଥାତ, GNP = GNI = GNE**

ଉଦାହରଣ-1

ନିମ୍ନୋକ୍ତ ତଥ୍ୟ ଭିତ୍ତିରେ ସଂଯୋଗିତ ମୂଲ୍ୟ ପଦ୍ଧତି ଅବଲମ୍ବନ କରି (କ) ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ (ଖ) ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ, (ଗ) ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ, (ଘ) ବିଦେଶାଗତ ନିଟ୍ ସାଧନ ଆୟ, (ଙ) ଜାତୀୟ ଆୟ ଆକଳନ କର।

| | | କୋଟି ଟଙ୍କାରେ |
|---|---|---|
| 1. | (କ) ପ୍ରାଥମିକ କ୍ଷେତ୍ରରେ ଉତ୍ପାଦର ମୂଲ୍ୟ | 1,580 |
| | (ଖ) ମାଧ୍ୟମିକ କ୍ଷେତ୍ରରେଉତ୍ପାଦର ମୂଲ୍ୟ | 4,271 |
| | (ଗ) ଆନୁସଙ୍ଗିକ କ୍ଷେତ୍ରରେ ଉତ୍ପାଦର ମୂଲ୍ୟ | 3,845 |
| 2. | ଅନ୍ତର୍ବର୍ତ୍ତୀ ଉପଭୋଗ | 2,745 |
| 3. | ପରୋକ୍ଷ କର | 580 |
| 4. | ଆର୍ଥିକ ସହାୟତା | 272 |
| 5. | ସ୍ଥାୟୀ ପୁଞ୍ଜିର ଉପଭୋଗ | 450 |
| 6. | ଦେଶୀୟ ବାସିନ୍ଦାଙ୍କ ଅବଶିଷ୍ଟ ବିଶ୍ୱରୁ ଆୟ ଗ୍ରହଣ | 45 |
| 7. | ଅଣ ବାସିନ୍ଦାମାନଙ୍କ ଦେଶ ଭିତରୁ ଆୟ ଗ୍ରହଣ | 30 |

ସମାଧାନ

ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ = ଉତ୍ପାଦ ମୂଲ୍ୟ – ଅନ୍ତର୍ବର୍ତ୍ତୀ ଉପଭୋଗ

= (1,580 + 4,271 + 3,845) କୋଟି ଟଙ୍କା - 2,745 କୋଟି ଟଙ୍କା

= 9,696 କୋଟି ଟଙ୍କା - 2,745 କୋଟି ଟଙ୍କା = 6951 କୋଟି ଟଙ୍କା

ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ = ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ-ସ୍ଥାୟୀ ପୁଞ୍ଜିର ଉପଭୋଗ

= 6,951 କୋଟି ଟଙ୍କା - 450 କୋଟି ଟଙ୍କା = 6,501 କୋଟି ଟଙ୍କା

ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ = ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ-ନିଟ୍ ପରୋକ୍ଷକର

= 6,501 କୋଟି ଟଙ୍କା - (580 - 272) କୋଟି ଟଙ୍କା = 6,193 କୋଟି ଟଙ୍କା।

ବିଦେଶାଗତ ନିଟ୍ ସାଧନ ଆୟ = ଦେଶୀୟ ବାସିନ୍ଦାଙ୍କର ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ଆୟ - ଅଣବାସିନ୍ଦାଙ୍କର ଦେଶ ଭିତରୁ ଗ୍ରହଣ କରୁଥିବା ଆୟ ।

= 45 କୋଟି ଟଙ୍କା – 30 କୋଟି ଟଙ୍କା = 15 କୋଟି ଟଙ୍କା

ଜାତୀୟ ଆୟ = ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଜିତ ମୂଲ୍ୟ + ବିଦେଶାଗତ ନିଟ୍ ସାଧନ ଆୟ
= 6,193 କୋଟି ଟଙ୍କା + 15 କୋଟି ଟଙ୍କା
= 6,208 କୋଟି ଟଙ୍କା

**ଉଦାହରଣ-2**

ନିମ୍ନୋକ୍ତ ତଥ୍ୟ ଭିତ୍ତିରେ (କ) ବଜାର ଦରରେ ମୋଟ ସଂଯୋଜିତ ମୂଲ୍ୟ (ଖ) ଜାତୀୟ ଆୟ ହିସାବକର ।

| | | (କୋଟି ଟଙ୍କାରେ) |
|---|---|---|
| 1. | ବିକ୍ରି | 82,000 |
| 2. | ଭଣ୍ଡାରର ପ୍ରାରମ୍ଭିକ ସ୍ଥିତି | 13,280 |
| 3. | ଭଣ୍ଡାରର ଅନ୍ତିମ ସ୍ଥିତି | 10,180 |
| 4. | ଅନ୍ତର୍ବର୍ତ୍ତୀ ଉପଭୋଗ | 34,700 |
| 5. | ସ୍ଥାୟୀ ପୁଞ୍ଜିର ମୂଲ୍ୟ ହ୍ରାସ | 5,000 |
| 6. | ଆର୍ଥିକ ସହାୟତା | 8,000 |
| 7. | ପରୋକ୍ଷ କର | 12,000 |
| 8. | ବିଦେଶାଗତ ନିଟ୍ ସାଧନ ଆୟ | (-) 400 |

**ସମାଧାନ**

ମୋଟ ଉତ୍ପାଦ ମୂଲ୍ୟ = ବିକ୍ରି + ଭଣ୍ଡାର ପରିବର୍ତ୍ତନ
= 82,000 + (13,280 - 10,180)
= 82,000 + 3,100 = 85,100 କୋଟି ଟଙ୍କା

ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ = ଉତ୍ପାଦ ମୂଲ୍ୟ - ଅନ୍ତର୍ବର୍ତ୍ତୀ ଉପଭୋଗ

= 85,100 - 34,700 = 50,400 କୋଟି ଟଙ୍କା

ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ = ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ - ସ୍ଥାୟୀ ପୁଞ୍ଜିର ମୂଲ୍ୟ ହ୍ରାସ ।

= 50,400 - 5,000 = 45,400 କୋଟି ଟଙ୍କା

ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ = ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ - ନିଟ୍ ପରୋକ୍ଷକର ।

= 45,400 - (12,000 - 8,000) = 41,400 କୋଟି ଟଙ୍କା

ଜାତୀୟ ଆୟ = ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ + ବିଦେଶାଗତ ନିଟ୍ ସାଧନ ଆୟ

= 41,400 - 400 କୋଟି ଟଙ୍କା = 41,000 କୋଟି ଟଙ୍କା

ଉଦାହରଣ 3

ନିମ୍ନୋକ୍ତ ତଥ୍ୟ ଭିତ୍ତିରେ ଘରୋଇ ଆୟ ଓ ଜାତୀୟ ଆୟ ଆକଳନ କର ।

(କୋଟି ଟଙ୍କାରେ)

| | | |
|---|---|---|
| 1. | ଅଧିଶେଷ | -5,200 |
| 2. | ବିତରିତ ଲାଭ | 2,500 |
| 3. | ବିଦେଶାଗତ ନିଟ୍ ସାଧନ ଆୟ | 1,000 |
| 4. | ନିଗମ ଲାଭ କର | 300 |
| 5. | ମିଶ୍ରିତ ଆୟ | 3,200 |
| 6. | ସୁଧ | 1,700 |
| 7. | ଅବିତରିତ ଲାଭ | 780 |
| 8. | ସରକାରୀ କ୍ଷେତ୍ରରେ ଉଦ୍ବୃତ୍ତ | 52 |
| 9. | ସାମାଜିକ ସୁରକ୍ଷା ଯୋଜନା ଦେୟ | 548 |
| 10. | ମଜୁରି | 12,800 |

**ସମାଧାନ**

ଘରୋଇ ଆୟ = ମଜୁରି + ସାମାଜିକ ସୁରକ୍ଷା ଯୋଜନା ଦେୟ + ଅଧିଶେଷ + ବିତରିତ ଲାଭ + ଅବିତରିତ ଲାଭ + ନିଗମ ଲାଭ କର + ସରକାରୀ କ୍ଷେତ୍ରରେ ଉଦ୍‌ବୃତ୍ତ + ମିଶ୍ରିତ ଆୟ ।

= 12,800 + 548 + 5,200 + 1,700 + 2,500 + 780 + 300 + 52 + 3,200 = 27,080 କୋଟି ଟଙ୍କା

ଜାତୀୟ ଆୟ = 27,080 + 1,000 = 28,080 କୋଟି ଟଙ୍କା

**ଉଦାହରଣ-4**

ନିମ୍ନୋକ୍ତ ତଥ୍ୟ ଭିତ୍ତିରେ ଏକ ଅର୍ଥ ବ୍ୟବସ୍ଥାରେ ବ୍ୟୟ ପଦ୍ଧତି ଅବଲମ୍ବନ କରି

(i) ବଜାର ଦରରେ ମୋଟ ଘରୋଇ ଉତ୍ପାଦ

(ii) ବଜାର ଦରରେ ମୋଟ ଜାତୀୟ ଉତ୍ପାଦ

(iii) ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ ଓ

(iv)) ଜାତୀୟ ଆୟ ଆକଳନ କର

| | କୋଟି ଟଙ୍କାରେ |
|---|---|
| ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ | 2,940 |
| ଅନ୍ତିମ ସରକାରୀ ଉପଭୋଗ ବ୍ୟୟ | 1,560 |
| ନିଟ୍ ଘରୋଇ ସ୍ଥାୟୀ ପୁଞ୍ଜି ଗଠନ | 1,280 |
| ବିଦେଶାଗତ ନିଟ୍ ସାଧନ ଆୟ | – 270 |
| ଭଣ୍ଡାର ପରିବର୍ତ୍ତନ | 170 |
| ନିଟ୍ ପରୋକ୍ଷ କର | 744 |
| ସ୍ଥାୟୀପୁଞ୍ଜିର ମୂଲ୍ୟ ହ୍ରାସ | 320 |
| ନିଟ୍ ରପ୍ତାନି ବ୍ୟୟ | 40 |

(ସୂଚନା: ମୋଟ ଘରୋଇ ପୁଞ୍ଜି ଗଠନ = ନିଟ୍ ଘରୋଇ ସ୍ଥାୟୀ ପୁଞ୍ଜି ଗଠନ + ସ୍ଥାୟୀ ପୁଞ୍ଜିର ମୂଲ୍ୟ ହ୍ରାସ + ଭଣ୍ଡାର ପରିବର୍ତ୍ତନ)

**ସମାଧାନ**

i) ବଜାର ଦରରେ ମୋଟ ଘରୋଇ ଉତ୍ପାଦ = ଅନ୍ତିମ ବେସରକାରୀ ଉପଭୋଗ ବ୍ୟୟ + ଅନ୍ତିମ ସରକାରୀ ଉପଭୋଗ ବ୍ୟୟ + ମୋଟ ଘରୋଇ ପୁଞ୍ଜି ଗଠନ + ନିଟ୍ ରପ୍ତାନୀ ବ୍ୟୟ।

= 2940 + 1560 + (1280 + 320 + 170) + 40 = 6310 କୋଟି ଟଙ୍କା।

ii) ବଜାର ଦରରେ ମୋଟ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ = 6310 - 270 = 6040 କୋଟି ଟଙ୍କା।

iii) ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଜାତୀୟ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ମୂଲ୍ୟ ହ୍ରାସ = 6040 - 320 = 5720 କୋଟି ଟଙ୍କା।

iv) ଜାତୀୟ ଆୟ. = ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ – ନିଟ୍ ପରୋକ୍ଷ କର

= 5720 - 744 = 4976 କୋଟି ଟଙ୍କା।

## 7.8 ଆୟ ନିର୍ଦ୍ଧାରଣ

ଅର୍ଥ ବ୍ୟବସ୍ଥାର ସନ୍ତୁଳନ ଅବସ୍ଥାରେ ଯେଉଁ ଆୟ ବା ଉତ୍ପାଦ ନିର୍ଦ୍ଧାରିତ ହୁଏ, ତାହାକୁ ସନ୍ତୁଳିତ ଆୟ ବା ସନ୍ତୁଳିତ ଉତ୍ପାଦ କୁହାଯାଏ। ସାମୂହିକ ଚାହିଦା ଓ ସାମୂହିକ ଯୋଗାଣ ସମାନ ହେଲେ ଅର୍ଥ ବ୍ୟବସ୍ଥାରେ ସନ୍ତୁଳନ ସୃଷ୍ଟି ହୁଏ। ସୁତରାଂ ଅର୍ଥ ବ୍ୟବସ୍ଥାରେ ଆୟ ନିର୍ଦ୍ଧାରଣ ନିମନ୍ତେ ସାମୂହିକ ଚାହିଦା ଓ ସାମୂହିକ ଯୋଗାଣର ବ୍ୟାଖ୍ୟା ସମୀଚୀନ ମନେହୁଏ।

### 7.8.1 ସାମୂହିକ ଚାହିଦା (Aggregate Demand)

ସାମୂହିକ ଚାହିଦା କହିଲେ ଗୋଟିଏ ଅର୍ଥ ବ୍ୟବସ୍ଥାରେ ଏକକ ସମୟସୀମା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ହାରାହାରି ଦର ସ୍ତରରେ ମୋଟ ଚାହିଦାର ପରିମାଣକୁ ବୁଝାଏ। ଅନ୍ୟ ଭାଷାରେ, ସାମୂହିକ ଚାହିଦା କହିଲେ ଗୋଟିଏ ଅର୍ଥବ୍ୟବସ୍ଥାରେ ଉତ୍ପାଦିତ ହୋଇଥିବା ଅନ୍ତିମ ଦ୍ରବ୍ୟ ଓ ସେବା କ୍ରୟ କରିବା ସକାଶେ ସମସ୍ତ କ୍ଷେତ୍ର (ଯଥା ପରିବାର ସମୂହ, ଘରୋଇ ପ୍ରତିଷ୍ଠାନ, ସରକାର ଓ ଅବଶିଷ୍ଟ ବିଶ୍ୱ) ଏକକ ସମୟ ସୀମାରେ ଇଚ୍ଛା କରୁଥିବା ମୋଟ ବ୍ୟୟର ପରିମାଣକୁ ବୁଝାଇଥାଏ। ସାମୂହିକ ଚାହିଦା ଦ୍ରବ୍ୟର ହାରାହାରି ଦର ତଥା ସରକାରଙ୍କର ମୌଦ୍ରିକ, ରାଜକୋଷୀୟ

ଓ ଅନ୍ୟାନ୍ୟ ଆର୍ଥିକ ନୀତି ଉପରେ ନିର୍ଭର କରିଥାଏ । ସାମୂହିକ ଚାହିଦା ଓ ସାମୂହିକ ବ୍ୟୟ ପରସ୍ପର ସମାନ ହୋଇ ନ ପାରନ୍ତି । କାରଣ ସାମୂହିକ ବ୍ୟୟ କହିଲେ ପ୍ରକୃତ ବ୍ୟୟକୁ ବୁଝାଉଥିବା ବେଳେ ସାମୂହିକ ଚାହିଦା ପ୍ରତ୍ୟାଶିତ ବ୍ୟୟକୁ ବୁଝାଏ । ପୁନଶ୍ଚ, ସାମୂହିକ ବ୍ୟୟ ବା ମୋଟ ବ୍ୟୟ କହିଲେ ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବା କ୍ରୟ ସକାଶେ କରାଯାଉଥିବା ବ୍ୟୟର ସମଷ୍ଟିକୁ ବୁଝାଉଥିବା ବେଳେ, ସାମୂହିକ ଚାହିଦା କହିଲେ ନିର୍ଦ୍ଦିଷ୍ଟ ହାରାହାରି ଦର ସ୍ତରରେ ମୋଟ ଚାହିଦାର ପରିମାଣକୁ ସୂଚାଇଥାଏ ।

**ସାମୂହିକ ଚାହିଦାର ଉପାଦାନ (Components of Aggregate Demand)**

ପରିବାର ଓ ପ୍ରତିଷ୍ଠାନକୁ ନେଇ ଗଠିତ ଏକ ସରଳ ଅର୍ଥବ୍ୟବସ୍ଥାରେ ସାମୂହିକ ଚାହିଦା ଦୁଇଟି ଉପାଦାନର ସମଷ୍ଟି । ତାହା ହେଲା-

1. ପାରିବାରିକ ଉପଭୋଗ ଚାହିଦା (Household Consumption Demand)
2. ଘରୋଇ ନିବେଶ ଚାହିଦା (Private Investment Demand)

ମାତ୍ର ଆଧୁନିକ ଉନ୍ମୁକ୍ତ ଅର୍ଥ ବ୍ୟବସ୍ଥାରେ ଚାରୋଟି କ୍ଷେତ୍ର ଯଥା- ପରିବାର, ପ୍ରତିଷ୍ଠାନ, ସରକାର ଏବଂ ଅବଶିଷ୍ଟ ବିଶ୍ୱ ବିଦ୍ୟମାନ । ଏହିଭଳି ଏକ ଜଟିଳ ଅର୍ଥ ବ୍ୟବସ୍ଥାରେ ସାମୂହିକ ଚାହିଦା ଚାରୋଟି ଉପାଦାନର ସମଷ୍ଟି । ସେଗୁଡ଼ିକ ହେଲା-

1. ପାରିବାରିକ ଉପଭୋଗ ଚାହିଦା (Household Consumption Demand)
2. ଘରୋଇ ନିବେଶ ଚାହିଦା (Private Investment Demand)
3. ଦ୍ରବ୍ୟ ଓ ସେବା ପାଇଁ ସରକାରଙ୍କ ଚାହିଦା (Government Demand for Goods and Services)
4. ନିଟ୍ ରପ୍ତାନି ଚାହିଦା (Net Exports)

ସୁତରାଂ, ସାମୂହିକ ଚାହିଦା (Aggregate Demand) $= C + I + G + (X - M)$

ଏଠାରେ, $C$ = ପାରିବାରିକ ଚାହିଦା

$I$ = ଘରୋଇ ନିବେଶ ଚାହିଦା

$G$ = ଦ୍ରବ୍ୟ ଓ ସେବା ପାଇଁ ସରକାରଙ୍କ ଚାହିଦା

X = ରପ୍ତାନି

M = ଆମଦାନୀ

X-M = ନିଟ୍ ରପ୍ତାନି ଚାହିଦା

ଏଥିରୁ ସ୍ପଷ୍ଟ ଯେ ସାମୂହିକ ଚାହିଦାର ସ୍ୱରୂପ ଜାଣିବା ସକାଶେ ତାହାର ପ୍ରତ୍ୟେକ ଉପାଦାନ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ଯୁକ୍ତିଯୁକ୍ତ।

1. **ପାରିବାରିକ ଉପଭୋଗ ଚାହିଦା:** ପାରିବାରିକ ଉପଭୋଗ ଚାହିଦା କହିଲେ ଏକକ ସମୟସୀମା ମଧ୍ୟରେ ଆବଶ୍ୟକ ହେଉଥିବା ସମସ୍ତ ଦ୍ରବ୍ୟ ଓ ସେବା ପାଇଁ ପରିବାର ସମୂହ ଇଚ୍ଛା କରୁଥିବା ମୋଟ ବ୍ୟୟକୁ ବୁଝାଯାଏ। ହାରାହାରି ଦର ସ୍ତର ଅପରିବର୍ତ୍ତିତ ରହିଲେ, ଉକ୍ତ ବ୍ୟୟ ପାରିବାରିକ ଖର୍ଚ୍ଚଯୋଗ୍ୟ ଆୟ (Household Disposable Income) ଉପରେ ନିର୍ଭରଶୀଳ ହୁଏ। ମୋଟ ପାରିବାରିକ ଉପଭୋଗ ବ୍ୟୟ ଓ ପାରିବାରିକ ଖର୍ଚ୍ଚଯୋଗ୍ୟ ଆୟ ମଧ୍ୟରେ ଥିବା ସମ୍ପର୍କକୁ ଉପଭୋଗ ପ୍ରବୃତ୍ତି ବା ଉପଭୋଗ ଫଳନ (Consumption function) କୁହାଯାଏ। ଉପଭୋଗ ଫଳନକୁ ନିମ୍ନମତେ ଗାଣିତିକ ସଙ୍କେତ ମାଧ୍ୟମରେ ପ୍ରଦର୍ଶନ କରାଯାଇପାରେ। $C = f(Y)$ ହେଉଛି ଏକ ଉପଭୋଗ ଫଳନ।

ଅର୍ଥାତ୍ ପାରିବାରିକ ଉପଭୋଗ ବ୍ୟୟ (C) ପାରିବାରିକ ଖର୍ଚ୍ଚ ଯୋଗ୍ୟ ଆୟ (Y) ଉପରେ ନିର୍ଭର କରିଥାଏ। ଉପଭୋଗ ଫଳନ Keynesଙ୍କ ମନସ୍ତାତ୍ତ୍ୱିକ ତତ୍ତ୍ୱ (Keynes' Psychological law of consumption) ଉପରେ ପର୍ଯ୍ୟବସିତ। ଏହି ତତ୍ତ୍ୱାନୁସାରେ, ଆୟର ବୃଦ୍ଧି ଘଟିଲେ ପାରିବାରିକ ଉପଭୋଗ ଚାହିଦାରେ ବୃଦ୍ଧି ଘଟିଥାଏ। କିନ୍ତୁ ବର୍ଦ୍ଧିତ ଉପଭୋଗ ବ୍ୟୟ ($\Delta C$) ବର୍ଦ୍ଧିତ ଆୟ ($\Delta Y$) ଠାରୁ କମ୍ ହୋଇଥାଏ। ସେହିପରି ଆୟ ହ୍ରାସ ପାଇଲେ ପାରିବାରିକ ଉପଭୋଗ ବ୍ୟୟ ମଧ୍ୟ ହ୍ରାସ ପାଏ। କିନ୍ତୁ ଉପଭୋଗ ବ୍ୟୟର ହ୍ରାସ ପରିମାଣ ($\Delta C$) ଆୟର ହ୍ରାସ ପରିମାଣ ($\Delta Y$) ଠାରୁ କମ୍ ହୋଇଥାଏ। ଅର୍ଥାତ୍ $\Delta C < \Delta Y$

ଏଠାରେ $\Delta C$ = ଉପଭୋଗ ବ୍ୟୟ ପରିବର୍ତ୍ତନ (ହ୍ରାସ ବା ବୃଦ୍ଧି)ର ପରିମାଣ।

$\Delta Y$ = ଆୟ ପରିବର୍ତ୍ତନ (ହ୍ରାସ ଓ ବୃଦ୍ଧି)ର ପରିମାଣ।


ଉପଭୋଗ ବ୍ୟୟ ଓ ଆୟ ମଧ୍ୟରେ ଥିବା ସମ୍ପର୍କ (ଉପଭୋଗ ଫଳନ)କୁ ସାରଣୀ 7.2 ମାଧ୍ୟମରେ ପ୍ରଦର୍ଶନ କରାଯାଇଛି।

ସାରଣୀ - 7.2 : ଆୟ ଓ ଉପଭୋଗ ବ୍ୟୟ ମଧ୍ୟରେ ସମ୍ପର୍କ

| ପାରିବାରିକ ଖର୍ଚ୍ଚ ଯୋଗ୍ୟ ଆୟ (Y) (କୋଟି ଟଙ୍କାରେ) | ଉପଭୋଗ ବ୍ୟୟ (C) (କୋଟି ଟଙ୍କାରେ) | ସଞ୍ଚୟ (କୋଟି ଟଙ୍କାରେ) | ହାରାହାରି ଉପଭୋଗ ପ୍ରବୃତ୍ତି (APC = C/Y) | ପ୍ରାନ୍ତୀୟ ଉପଭୋଗ ପ୍ରବୃତ୍ତି $MPC = \frac{\Delta C}{\Delta Y}$ |
|---|---|---|---|---|
| 0 | 50 | -50 | - | - |
| 100 | 125 | -25 | 1.25 | 0.75 |
| 200 | 200 | 0 | 1.00 | 0.75 |
| 300 | 275 | 25 | 0.91 | 0.75 |
| 400 | 350 | 50 | 0.89 | 0.75 |
| 500 | 425 | 75 | 0.85 | 0.75 |

ସାରଣୀ 7.2ରୁ ପ୍ରତୀୟମାନ ହେଉଛି ପାରିବାରିକ ଖର୍ଚ୍ଚଯୋଗ୍ୟ ଆୟ ଶୂନ୍ୟ (0) ହୋଇଥିବାବେଳେ, ଉପଭୋଗ ବ୍ୟୟ 50 କୋଟି ଟଙ୍କା ହୋଇଅଛି। ଏହି ସମୟରେ ସଞ୍ଚୟ ସେତିକି ପରିମାଣରେ ଋଣାତ୍ମକ ହୋଇଥାଏ। ଆୟର ବୃଦ୍ଧି ସଙ୍ଗେ ସଙ୍ଗେ ଉପଭୋଗ ବ୍ୟୟ ବୃଦ୍ଧି ହେଉଥିଲେ ହେଁ ଉପଭୋଗ ବ୍ୟୟ ବୃଦ୍ଧି ପରିମାଣ (ΔC) ଆୟ ବୃଦ୍ଧିର ପରିମାଣ (ΔY) ଠାରୁ କମ୍ ହେଉଛି। ପାରିବାରିକ ଖର୍ଚ୍ଚଯୋଗ୍ୟ 200 କୋଟି ଟଙ୍କା ହୋଇଥିବା ବେଳେ ପାରିବାରିକ ଉପଭୋଗ ବ୍ୟୟ ମଧ୍ୟ 200 କୋଟି ଟଙ୍କା ହୋଇଅଛି। ଏହି ଆୟକୁ ଯୁକ୍ତଭଙ୍ଗୀ ଆୟ (Break-even income) ବୋଲି କୁହାଯାଇଥାଏ। ଆୟ ଯୁକ୍ତଭଙ୍ଗୀ ଆୟଠାରୁ ଅଧିକ ହେଲେ ଉପଭୋଗ ବ୍ୟୟ ଆୟ ଠାରୁ ନ୍ୟୂନ ହୁଏ ବା ସଞ୍ଚୟ ଧନାତ୍ମକ ହୁଏ।

ସାରଣୀ 7.2ରେ ପ୍ରଦତ୍ତ ତଥ୍ୟାବଳୀକୁ ବ୍ୟବହାର କରି ଅଙ୍କନ କରାଯାଇଥିବା ଚିତ୍ର 7.3 ମାଧ୍ୟମରେ ଆୟ ଓ ଉପଭୋଗ ବ୍ୟୟ ମଧ୍ୟରେ ସମ୍ପର୍କ (ଉପଭୋଗ ଫଳନ)ର ଅବତାରଣା କରାଯାଇଅଛି।




**ଚିତ୍ର - 7.4 : ପାରିବାରିକ ଖର୍ଚ୍ଚଯୋଗ୍ୟ ଆୟ ଓ ଉପଭୋଗ ବ୍ୟୟ ମଧ୍ୟରେ ସମ୍ପର୍କ**

ଉଲ୍ଲିଖିତ ଚିତ୍ରରେ ଆନୁଭୂମିକ ଅକ୍ଷରେ ପାରିବାରିକ ଖର୍ଚ୍ଚଯୋଗ୍ୟ ଆୟ (Y) ଓ ଭଲମ୍ବ ଅକ୍ଷରେ ପାରିବାରିକ ଉପଭୋଗ ବ୍ୟୟ (C) ସୂଚିତ ହୋଇଛି । 45° ରେଖା OZ ଆୟ ଓ ବ୍ୟୟର ସମାନତା ପ୍ରଦର୍ଶନ କରୁଥିବାରୁ ତାହା ଶୂନ ସଂଚୟ ରେଖା ରୂପେ ପ୍ରଦର୍ଶିତ ହୋଇଛି । ଏଠାରେ CC ରେଖାକୁ ଉପଭୋଗ ଫଳନ ଭାବରେ ଅଭିହିତ କରାଯାଇଛି । ଚିତ୍ରରୁ ସ୍ପଷ୍ଟଭାବେ ପ୍ରତୀୟମାନ ହେଉଛି ଯେ ଆୟ ଶୂନ ହେଲାବେଳେ ଉପଭୋଗ ବ୍ୟୟ 50 କୋଟି ଟଙ୍କା (OC) ହୋଇଛି । ଉକ୍ତ ଉପଭୋଗ ବ୍ୟୟକୁ ସ୍ୱୟଂଚାଳିତ ଉପଭୋଗ ବ୍ୟୟ (Autonomous consumption) ବୋଲି କୁହାଯାଇଥାଏ । ଆୟ ବୃଦ୍ଧି ପାଇଲେ ଉପଭୋଗ ବ୍ୟୟ ବୃଦ୍ଧି ପାଉଥିବାରୁ CC ଶୂନ ସଂଚୟ ରେଖାକୁ B ବିନ୍ଦୁରେ ଛେଦ କରୁଛି । ଏହି ବିନ୍ଦୁକୁ ସୁସ୍ଥଭଙ୍ଗୀ ବିନ୍ଦୁ ବୋଲି କୁହାଯାଏ । ସୁସ୍ଥଭଙ୍ଗୀ ବିନ୍ଦୁର ବାମକୁ CC ରେଖା ଶୂନ ସଂଚୟ ରେଖାର ଉପରେ ଥିବାରୁ ଉପଭୋଗ ବ୍ୟୟ ଆୟଠାରୁ ଅଧିକ ଓ ସଂଚୟ ଋଣାତ୍ମକ ହେବାର ସୂଚନା ମିଳୁଛି । ସେହିପରି ସୁସ୍ଥଭଙ୍ଗୀ ବିନ୍ଦୁର ଡାହାଣକୁ CC ରେଖା ଶୂନ ସଂଚୟ ରେଖାର ତଳକୁ ଥିବାରୁ ଉପଭୋଗ ବ୍ୟୟ ଆୟଠାରୁ ନ୍ୟୂନ ଓ ସଂଚୟ ଧନାତ୍ମକ ହେବାର ସୂଚନା ପ୍ରାପ୍ତ ହେଉଛି ।

ଉପଭୋଗ ପ୍ରବୃତ୍ତି (ବା ଉପଭୋଗ ଫଳନ)ର ସ୍ୱରୂପ, ହାରାହାରି ଉପଭୋଗ ପ୍ରବୃତ୍ତି (Average propensity to consume) ଓ ପ୍ରାନ୍ତୀୟ ଉପଭୋଗ ପ୍ରବୃତ୍ତି (Marginal propensity to consume) ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

**ହାରାହାରି ଉପଭୋଗ ପ୍ରବୃତ୍ତି**

ଉପଭୋଗ ବ୍ୟୟ ଓ ଆୟର ଅନୁପାତକୁ ହାରାହାରି ଉପଭୋଗ ପ୍ରବୃତ୍ତି (APC) କୁହାଯାଏ ।

ଅର୍ଥାତ୍‌, $APC = \frac{C}{Y}$

ଉଦାହରଣ ସ୍ୱରୂପ, ଯଦି ଆୟ 300 କୋଟି ଟଙ୍କା ହେଲାବେଳେ ଉପଭୋଗ ବ୍ୟୟ 275 କୋଟି ଟଙ୍କା ହୁଏ, APC $=\frac{275}{300}=0.91$ ହୋଇଥାଏ। ସାରଣୀ 7.2ରୁ ପ୍ରତୀୟମାନ ହେଉଛି ଯେ ଆୟ ବୃଦ୍ଧି ଘଟିଲେ ହାରାହାରି ପ୍ରବୃତ୍ତି ହ୍ରାସ ପାଉଛି। ସୁତରାଂ ଚିତ୍ର 7.4ରେ ଅଙ୍କିତ ଉପଭୋଗ ଫଳନ (CC)କୁ ଏକ ଅଣଆନୁପାତିକ ଉପଭୋଗ ଫଳନ (Non proportional consumption function) କୁହାଯାଇଥାଏ।

**ପ୍ରାନ୍ତୀୟ ଉପଭୋଗ ପ୍ରବୃତ୍ତି**

ବର୍ଦ୍ଧିତ ଉପଭୋଗ ବ୍ୟୟ ($\Delta C$) ଓ ବର୍ଦ୍ଧିତ ଆୟ ($\Delta Y$) ର ଅନୁପାତକୁ ପ୍ରାନ୍ତୀୟ ଉପଭୋଗ ପ୍ରବୃତ୍ତି (Marginal propensity to consume or MPC) କୁହାଯାଏ।

ଅର୍ଥାତ, $MPC = \frac{\Delta C}{\Delta Y}$

ଏଠାରେ $\Delta C$ = ବର୍ଦ୍ଧିତ ଉପଭୋଗ ବ୍ୟୟ, $\Delta Y$ = ବର୍ଦ୍ଧିତ ଆୟ। ଯେହେତୁ ବର୍ଦ୍ଧିତ ଉପଭୋଗ ବ୍ୟୟ ବର୍ଦ୍ଧିତ ଆୟଠାରୁ କମ୍ ହୋଇଥାଏ ($\Delta C < \Delta Y$), ପ୍ରାନ୍ତୀୟ ଉପଭୋଗ ପ୍ରବୃତ୍ତି 1ରୁ ନ୍ୟୁନ ହୁଏ। ଉଦାହରଣ ସ୍ୱରୂପ, ଆୟ 300 କୋଟି ଟଙ୍କାରୁ 400 କୋଟି ଟଙ୍କାକୁ ଓ ଉପଭୋଗ ବ୍ୟୟ 275 କୋଟି ଟଙ୍କାରୁ 350 କୋଟି ବୃଦ୍ଧି ପାଇଲେ, $MPC = \frac{\Delta C}{\Delta Y} = \frac{300-275}{400-300} = \frac{75}{100} = 0.75$ ହୋଇଥାଏ।


ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଉପଭୋଗ ଫଳନ CCର ନେଡି (Slope) ପ୍ରାନ୍ତୀୟ ଉପଭୋଗ ପ୍ରବୃତ୍ତି ସହ ସମାନ। ଚିତ୍ର 7.4ରେ ଅଙ୍କିତ ଉପଭୋଗ ଫଳନର ନେଡି ଯାହାକି ପ୍ରାନ୍ତୀୟ ଉପଭୋଗ ପ୍ରବୃତ୍ତି ସହ ସମାନ, ସମସ୍ତ ଆୟ ସ୍ଥିତିରେ ସ୍ଥିର (0.75) ରହିଅଛି। ଉକ୍ତ ଉପଭୋଗ ଫଳନଟି ଏକ ଊର୍ଦ୍ଧ୍ୱଗାମୀ ସରଳରେଖା ଭାବେ ପ୍ରଦର୍ଶିତ ହୋଇଛି। କିନ୍ତୁ ବାସ୍ତବରେ ଏହା ବକ୍ର ହୋଇପାରେ।

ଉପଭୋଗ ବ୍ୟୟ ଆୟ ଦ୍ୱାରା ନିୟନ୍ତ୍ରିତ ହେଲେ ମଧ୍ୟ ଆହୁରି ଅନେକ ନିର୍ଣ୍ଣାୟକ ଯଥା; ଆୟ ବଣ୍ଟନ, ଦରଦାମ୍, ଜନସଂଖ୍ୟା, ଅଭ୍ୟାସ, ରୁଚି, ଟିକସ୍ ଓ ଋଣ ବ୍ୟବସ୍ଥା ଇତ୍ୟାଦି ଏହାକୁ ପ୍ରଭାବିତ କରିଥାନ୍ତି। ଏହି ସମସ୍ତ ନିର୍ଣ୍ଣାୟକ ସ୍ୱଳ୍ପକାଳ (short run)ରେ ଅପରିବର୍ତ୍ତିତ ହୋଇଥିବାରୁ ଉପଭୋଗ ଫଳନ ସ୍ଥିର(stable) ରହେ।

2. **ଘରୋଇ ନିବେଶ ଚାହିଦା:** ଅର୍ଥନୈତିକ ପ୍ରଗତି ପୁଞ୍ଜି ଗଠନ ଉପରେ ନିର୍ଭର କରେ। ଅର୍ଥଶାସ୍ତ୍ରରେ ସମସ୍ତ ଉତ୍ପାଦକ ଦ୍ରବ୍ୟକୁ ପୁଞ୍ଜି କୁହାଯାଏ। ପୁଞ୍ଜି ଅଧିକ ଦ୍ରବ୍ୟ ଓ ଆୟ ଉପାର୍ଜନ ନିମନ୍ତେ

ବ୍ୟବହୃତ ହୁଏ । ବିଭିନ୍ନ ପ୍ରକାର ଯନ୍ତ୍ରପାତି, କଳକାରଖାନା ଓ ଯାନବାହାନ ଇତ୍ୟାଦି ଏହି ଶ୍ରେଣୀଭୁକ୍ତ ହୋଇଥାନ୍ତି । ନୂତନ ପୁଞ୍ଜି ଗଠନ ନିମିତ୍ତ ଘରୋଇ ପ୍ରତିଷ୍ଠାନମାନ ଏକକ ସମୟସୀମା ମଧ୍ୟରେ ଯେତିକି ବ୍ୟୟ କରିଥାନ୍ତି, ତାହାକୁ ବିନିଯୋଗ ବା ଘରୋଇ ନିବେଶ ଚାହିଦା କୁହାଯାଏ ।

ଘରୋଇ ବ୍ୟବସାୟ ପ୍ରତିଷ୍ଠାନର ବିନିଯୋଗ ପ୍ରତିକ୍ଷିତ ଲାଭର ହାର ଉପରେ ନିର୍ଭର କରେ । ପାରିବାରିକ ବ୍ୟୟଯୋଗ୍ୟ ଆୟ ଅଭିବୃଦ୍ଧି ଘଟିଲେ, ଖାଉଟି ଦ୍ରବ୍ୟର ଚାହିଦା ବୃଦ୍ଧି ଘଟେ । ଫଳରେ ଏହିସବୁ ଦ୍ରବ୍ୟର ଦରବୃଦ୍ଧି ଘଟେ ଏବଂ ପ୍ରତିକ୍ଷିତ ଲାଭର ହାର ଅଧିକ ହୁଏ । ତେଣୁ, ନିବେଶ ଚାହିଦା ଅଧିକ ହୁଏ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଆୟର ଅଭିବୃଦ୍ଧି ଘଟିଲେ ଘରୋଇ ନିବେଶ ଚାହିଦାର ବୃଦ୍ଧି ଘଟେ । ସୁତରାଂ ଘରୋଇ ନିବେଶ ଚାହିଦା ରେଖା ଡାହାଣକୁ ଊର୍ଦ୍ଧ୍ୱଗାମୀ ହୋଇଥାଏ ।




ଚିତ୍ର - 7.4 : ଆୟ ଓ ଘରୋଇ ନିବେଶ ମଧ୍ୟରେ ସମ୍ପର୍କ

ଚିତ୍ର 7.4ର ଆନୁଭୂମିକ ଅକ୍ଷରେ ଆୟ ଓ ଲମ୍ବ ଅକ୍ଷରେ ଘରୋଇ ନିବେଶର ପରିମାଣ ସୂଚିତ ହୋଇଅଛି । ଊର୍ଦ୍ଧ୍ୱଗାମୀ ରେଖା (OI) ନିବେଶ ଚାହିଦା ରେଖା ଭାବରେ ପ୍ରଦର୍ଶିତ ହୋଇଅଛି ।

3. **ଦ୍ରବ୍ୟ ଓ ସେବା ପାଇଁ ସରକାରଙ୍କ ଚାହିଦା:** ଆଧୁନିକ ରାଷ୍ଟ୍ର ଏକ ଜନମଙ୍ଗଳ ରାଷ୍ଟ୍ର । ଏକ ଜନମଙ୍ଗଳ ରାଷ୍ଟ୍ରରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏଠାରେ ସରକାର ଶୃଙ୍ଖଳା ରକ୍ଷା କରିବା, ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଓ ଦେଶ ରକ୍ଷା ଭଳି କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଜନହିତକର କାର୍ଯ୍ୟ ଯଥା ରାସ୍ତାଘାଟ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, କୃଷିର ଉନ୍ନତି ସକାଶେ କେନାଲ, ବନ୍ଧ ଓ ପୋଲ ଆଦି ନିର୍ମାଣ, ଶିଳ୍ପର ଉନ୍ନତି ପାଇଁ ଭିତ୍ତିଭୂମି ଓ ଶକ୍ତି ପ୍ରକଳ୍ପ ନିର୍ମାଣ କରିବା, ଡାକ, ତାର, ରେଳବାଇ ଭଳି ସେବା

ଯୋଗାଇ ଦେଇ ଦେଶର ସାମୂହିକ ଉନ୍ନତି କରିଥାନ୍ତି । ଏହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ନିମିତ୍ତ ସରକାର ଆବଶ୍ୟକ କରୁଥିବା ସମସ୍ତ ଦ୍ରବ୍ୟ ଓ ସେବା ବାବଦ ବ୍ୟୟକୁ ସରକାରଙ୍କ ଚାହିଦା ବୋଲି କୁହାଯାଏ ।

4. **ନିଟ୍ ରପ୍ତାନି ଚାହିଦା:** ଆଧୁନିକ ପୃଥିବୀରେ ସମସ୍ତ ଅର୍ଥବ୍ୟବସ୍ଥା ଉନ୍ମୁକ୍ତ (Open Economy) । ଏପରି ଏକ ଉନ୍ମୁକ୍ତ ଅର୍ଥବ୍ୟବସ୍ଥାରେ ପ୍ରତ୍ୟେକ ବର୍ଷ କିଛି ଦ୍ରବ୍ୟ ଓ ସେବା ବିଦେଶରୁ ନିଜର ଆବଶ୍ୟକତା ଦୃଷ୍ଟି କୋଣରୁ ଆମଦାନୀ କରାଯାଏ ଏବଂ ଅନ୍ୟ କିଛି ଦ୍ରବ୍ୟ ଓ ସେବା ବିଦେଶକୁ ରପ୍ତାନି କରାଯାଏ । ଦେଶର ରପ୍ତାନି ମୂଲ୍ୟ (Exports)ରୁ ଆମଦାନୀ ମୂଲ୍ୟ (Imports) ବାଦ ଦେଇ ନିଟ୍ ରପ୍ତାନି ଚାହିଦା ନିର୍ଣ୍ଣୟ କରାଯାଇଥାଏ ।

ସୁତରାଂ, ନିଟ୍ ରପ୍ତାନି ଚାହିଦା (Net Export Demand) = ରପ୍ତାନି - ଆମଦାନୀ ।

ନିଟ୍ ରପ୍ତାନି ଚାହିଦା ଧନାତ୍ମକ ଅଥବା ଋଣାତ୍ମକ ହୋଇଥାଏ । ଯଦି କୌଣସି ଦେଶର ଆର୍ଥିକ ବର୍ଷ ମଧ୍ୟରେ ମୋଟ ରପ୍ତାନିର ମୂଲ୍ୟ ଆମଦାନୀ ମୂଲ୍ୟଠାରୁ ଅଧିକ ହୁଏ, ନିଟ୍ ରପ୍ତାନି ଚାହିଦା ଧନାତ୍ମକ ହୁଏ । ଅପରପକ୍ଷରେ, ଯଦି ସେହି ସମୟ ମଧ୍ୟରେ ଦେଶର ମୋଟ ଆମଦାନି ମୂଲ୍ୟ ଅଧିକ ହୁଏ, ନିଟ୍ ରପ୍ତାନି ଚାହିଦା ଋଣାତ୍ମକ ହୁଏ ।

ନିଟ୍ ରପ୍ତାନି ଚାହିଦାର ପରିମାଣ ଅନେକ ଉପାଦନ ଉପରେ ନିର୍ଭରଶୀଳ । ସେଗୁଡ଼ିକ ହେଲା- ସମ୍ପୃକ୍ତ ଦେଶର ଅନ୍ୟ ଦେଶମାନଙ୍କ ସହିତ ଥିବା ବାଣିଜ୍ୟିକ ସମ୍ପର୍କ, ସେମାନଙ୍କର ଜାତୀୟ ଆୟ, ମୁଦ୍ରା ବିନିମୟ ହାର ଏବଂ ଦ୍ରବ୍ୟ ଓ ସେବାର ହାରାହାରି ଦର ଇତ୍ୟାଦି ।

### 7.8.2 ସାମୂହିକ ଯୋଗାଣ (Aggregate Supply)

ସାମୂହିକ ଯୋଗାଣ କହିଲେ ଗୋଟିଏ ଅର୍ଥବ୍ୟବସ୍ଥାରେ ଏକକ ସମୟସୀମା ମଧ୍ୟରେ ସମସ୍ତ ଉତ୍ପାଦନକାରୀମାନେ ଏକ ନିର୍ଦ୍ଦିଷ୍ଟ ହାରାହାରି ଦର ସ୍ତରରେ ଉତ୍ପାଦନ ଓ ବିକ୍ରି କରିବାକୁ ଇଚ୍ଛା ପ୍ରକାଶ କରୁଥିବା ଦ୍ରବ୍ୟ ଓ ସେବାର ମୋଟ ପରିମାଣକୁ ବୁଝାଯାଏ । ସାମୂହିକ ଯୋଗାଣ ମୁଖ୍ୟତଃ ଦୁଇଟି ଉପାଦାନ ଉପରେ ନିର୍ଭର କରେ । ତାହାହେଲା– ହାରାହାରି ଦର (ବା ସାଧାରଣ ଦରସ୍ତର) ଓ ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ କ୍ଷମତା ଉପଯୋଗର ମାତ୍ରା । ଅନ୍ୟାନ୍ୟ ଉପାଦାନ ଅପରିବର୍ତ୍ତିତ ରହିଲେ, ଅଧିକ ହାରାହାରି ଦରସ୍ତରରେ ଉତ୍ପାଦନକାରୀମାନେ ଏକକ ସମୟସୀମାରେ ଅଧିକ ପରିମାଣର ଦ୍ରବ୍ୟ ଓ ସେବା ଉତ୍ପାଦନ ଓ ବିକ୍ରି କରିବାକୁ ଇଚ୍ଛାପ୍ରକାଶ କରିଥାନ୍ତି । ସୁତରାଂ, କୌଣସି ଦ୍ରବ୍ୟ କ୍ଷେତ୍ରରେ ଯେପରି ଯୋଗାଣ ରେଖା ଊର୍ଦ୍ଧ୍ୱଗାମୀ ହୋଇଥାଏ, ସାମୂହିକ ଯୋଗାଣ ରେଖା ମଧ୍ୟ ଊର୍ଦ୍ଧ୍ୱଗାମୀ ହୋଇଥାଏ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସାମୂହିକ ଯୋଗାଣ ମୋଟ ଉତ୍ପାଦ ସହ ସମାନ ହୋଇପାରେ ବା ନ ହୋଇ ପାରେ। କାରଣ, ଜାତୀୟ ଆୟ କହିଲେ ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟସୀମାରେ ସମସ୍ତ ଉତ୍ପାଦନକାରୀମାନେ ଉତ୍ପାଦନ କରୁଥିବା ପ୍ରକୃତ ଉତ୍ପାଦନ ମୌଦ୍ରିକ ମୂଲ୍ୟକୁ ବୁଝାଉଥିବାବେଳେ, ସାମୂହିକ ଯୋଗାଣ କହିଲେ ଏକ ନିର୍ଦ୍ଦିଷ୍ଟ ହାରାହାରି ଦର ସ୍ତରରେ ଉତ୍ପାଦନକାରୀମାନେ ଉତ୍ପାଦନ ଓ ବିକ୍ରି କରିବାକୁ ଇଚ୍ଛା କରୁଥିବା ଦ୍ରବ୍ୟ ଓ ସେବାର ମୋଟ ପରିମାଣକୁ ବୁଝାଇଥାଏ। ସେତିକିବେଳେ ସମୂହ ଯୋଗାଣ ଓ ମୋଟ ଜାତୀୟ ଆୟ ପରସ୍ପର ସମାନ ହୁଏ, ଯେତେବେଳେ ହାରାହାରି ଦର ସ୍ତର ଏପରି ହୋଇଥାଏ ଯେ, ପ୍ରତିଷ୍ଠାନମାନେ ପ୍ରକୃତରେ ଯେତିକି ଦ୍ରବ୍ୟ ଓ ସେବା ଉତ୍ପାଦନ କରୁଥାନ୍ତି ସେତିକି ଦ୍ରବ୍ୟ ଓ ସେବା ଉତ୍ପାଦନ କରିବାକୁ ଇଚ୍ଛା ପ୍ରକାଶ କରୁଥାନ୍ତି।

### 7.8.3 କେନ୍ସଙ୍କ ସରଳ ଆୟ ନିର୍ଦ୍ଧାରଣ ତତ୍ତ୍ୱ (Simple Keynesian Theory of Income Determination)

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ଶେଷ ପର୍ଯ୍ୟନ୍ତ ସଂସ୍ଥାପକ ଅର୍ଥ ଶାସ୍ତ୍ରୀମାନଙ୍କର ଦୃଢ଼ ଧାରଣା ଥିଲା ଯେ ଏକ ଅର୍ଥ ବ୍ୟବସ୍ଥାରେ ପୂର୍ଣ୍ଣ ନିୟୋଜନ ଏକ ସ୍ୱାଭାବିକ ଅବସ୍ଥା। ଅର୍ଥ ବ୍ୟବସ୍ଥାରେ ପୂର୍ଣ୍ଣ ନିୟୋଜନ ସନ୍ତୁଳନ (Full employment equilibrium) ସର୍ବଦା ସୃଷ୍ଟି ହୋଇଥାଏ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କିନ୍ତୁ 1929 ମସିହାରୁ 1933 ମସିହା ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ଗଭୀର ମାନ୍ଦାବସ୍ଥା ଓ ଉତ୍କଟ ବେକାରି ସମସ୍ୟା ତଥା ଇଂଲଣ୍ଡର ବିଶିଷ୍ଟ ଅର୍ଥନୀତିଜ୍ଞ J.M. Keynesଙ୍କ ଲେଖନୀ ନିସୃତ ଯୁଗାନ୍ତକାରୀ ପୁସ୍ତକ "ନିଯୁକ୍ତି, ସୁଧ ଓ ମୁଦ୍ରା ସମ୍ବନ୍ଧୀୟ ଏକ ସାଧାରଣ ତତ୍ତ୍ୱ" (1936)ର ପ୍ରକାଶନ ଭଳି ଘଟଣାବଳୀ ସଂସ୍ଥାପକ ଅର୍ଥଶାସ୍ତ୍ରୀଙ୍କର ପୂର୍ଣ୍ଣ ନିୟୋଜନ କଳ୍ପନାରେ ଶକ୍ତ ଧକ୍କା ଦେଇଥିଲେ। ଏହିସବୁ ଘଟଣାର ଅବଲୋକନରେ ଅର୍ଥଶାସ୍ତ୍ରୀମାନେ ଅନୁଭବ କରିବାକୁ ଲାଗିଲେ ଯେ ଅବନିୟୋଜନ- ସନ୍ତୁଳନ (underemployment equilibrium) ଏକ ସ୍ୱାଭାବିକ ଘଟଣା। ସାମୂହିକ ଚାହିଦାର ସ୍ୱଳ୍ପତା ଅର୍ଥ ବ୍ୟବସ୍ଥାର ମାନ୍ଦାବସ୍ଥା ଓ ତତ୍ଜନିତ ଉତ୍ପାଦନ ଓ ନିଯୁକ୍ତି ହ୍ରାସର ମୁଖ୍ୟ କାରଣ ବୋଲି Keynes ଦୃଢ଼ଭାବେ ଘୋଷଣା କଲେ। ଅର୍ଥ ବ୍ୟବସ୍ଥାରେ ସଙ୍ଗଠିତ ମାନ୍ଦାବସ୍ଥା ଦୂର କରିବା ପାଇଁ ସାମୂହିକ ଚାହିଦାର ବୃଦ୍ଧି ହିଁ ଏକମାତ୍ର ପନ୍ଥା ବୋଲି ସେ ମତବ୍ୟକ୍ତ କରିଥିଲେ।

Keynesଙ୍କ ମତରେ ଏକ ଅର୍ଥବ୍ୟବସ୍ଥାରେ ଉତ୍ପାଦନକାରୀମାନେ ଦ୍ରବ୍ୟ ଓ ସେବା ଉତ୍ପାଦନ ସକାଶେ ଉତ୍ପାଦନର ସାଧନମାନଙ୍କୁ ନିଯୁକ୍ତି ଦେଲେ ଦ୍ରବ୍ୟ ଓ ସେବାର ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ସାଧନମାନଙ୍କ ପାଇଁ ଆୟ ସୃଷ୍ଟି ହୋଇଥାଏ। ସୁତରାଂ Keynesଙ୍କ 'ନିଯୁକ୍ତି ତତ୍ତ୍ୱ'କୁ 'ଆୟ ନିର୍ଦ୍ଧାରଣ ତତ୍ତ୍ୱ' ଭାବରେ ବିବେଚନା କରାଯାଇପାରେ। Keynesଙ୍କ ମତରେ ସାମୂହିକ ଯୋଗାଣ ଓ ସାମୂହିକ ଚାହିଦା ସମାନ ହେଲେ ଅର୍ଥ ବ୍ୟବସ୍ଥାରେ

ସନ୍ତୁଳନ (equilibrium) ସୃଷ୍ଟି ହୁଏ। ଯେଉଁ ଆୟ ବା ଉତ୍ପାଦ ସ୍ତରରେ ଅର୍ଥବ୍ୟବସ୍ଥାର ସନ୍ତୁଳନ ସୃଷ୍ଟି ହୁଏ ବା ସାମୂହିକ ଚାହିଦା ଓ ସାମୂହିକ ଯୋଗାଣ ସମାନ ହୁଏ, ତାହାକୁ ସନ୍ତୁଳିତ ଆୟ ବା ସନ୍ତୁଳିତ ଉତ୍ପାଦ କୁହାଯାଏ।

ଏକ ସରଳ ଅର୍ଥବ୍ୟବସ୍ଥାରେ କିପରି ସନ୍ତୁଳିତ ଆୟ ନିର୍ଣ୍ଣୟ କରାଯାଇ ପାରିବ ତାହା ହେଲା ବର୍ତ୍ତମାନର ଆଲୋଚ୍ୟ ବିଷୟ।

**(ii) ସର୍ତ୍ତାବଳୀ:** ଆୟ ନିର୍ଦ୍ଧାରଣ ତତ୍ତ୍ୱ ନିମ୍ନୋକ୍ତ ସର୍ତ୍ତାବଳୀ ଉପରେ ପର୍ଯ୍ୟବସିତ।

1. ଅର୍ଥ ବ୍ୟବସ୍ଥା କେବଳ ପରିବାର ଓ ପ୍ରତିଷ୍ଠାନମାନଙ୍କୁ ନେଇ ଗଠିତ। ଏହିଭଳି ସରଳ ଅର୍ଥ ବ୍ୟବସ୍ଥାରେ ସରକାର ଏବଂ ବିଦେଶ ବାଣିଜ୍ୟ କ୍ଷେତ୍ର (Foreign Trade Sector) ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ନ ଥାନ୍ତି। ତେଣୁ ଏଠାରେ ଉପଭୋଗ ବ୍ୟୟ ଓ ଘରୋଇ ନିବେଶ ଚାହିଦାର ସମଷ୍ଟିକୁ ସାମୂହିକ ଚାହିଦା କୁହାଯାଏ। ଅର୍ଥାତ୍, ସାମୂହିକ ଚାହିଦା (AD)= ଉପଭୋଗ ଚାହିଦା (C) + ଘରୋଇ ନିବେଶ ଚାହିଦା (I)।
2. ଏଠାରେ କୌଣସି ବ୍ୟବସାୟ ପ୍ରତିଷ୍ଠାନ ବା ଉଦ୍ୟୋଗ ନିଗମ ପର୍ଯ୍ୟାୟଭୁକ୍ତ ନୁହେଁ। ସୁତରାଂ ଏପରି ଏକ ଅର୍ଥବ୍ୟବସ୍ଥାରେ ସମସ୍ତ ଲାଭ ଅଂଶୀଦାର ମାନଙ୍କ ମଧ୍ୟରେ ବଣ୍ଟନ ହୋଇଥାଏ।
3. ସମସ୍ତ ଲାଭ ଅଂଶୀଦାରମାନଙ୍କ ମଧ୍ୟରେ ବିତରିତ ହେଉଥିବାରୁ ଏକ ସରଳ ଅର୍ଥବ୍ୟବସ୍ଥାରେ ଜାତୀୟ ଆୟ ମୋଟ ବ୍ୟକ୍ତିଗତ ଆୟ ସହ ସମାନ ହୋଇଥାଏ।
4. ସରକାର ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରୁ ନଥିବାରୁ ସେ କୌଣସି ଟିକସ ବସାନ୍ତି ନାହିଁ କିମ୍ବା କୌଣସି ପ୍ରକାର ରିହାତି ପ୍ରଦାନ କରନ୍ତି ନାହିଁ। ତେଣୁ ନିଟ୍ ଜାତୀୟ ଉତ୍ପାଦ, ଜାତୀୟ ଆୟ, ବ୍ୟକ୍ତିଗତ ଆୟ ଓ ଖର୍ଚ୍ଚଯୋଗ୍ୟ ବ୍ୟକ୍ତିଗତ ଆୟ ପରସ୍ପର ସମାନ ହୋଇଥାଏ।
5. ହାରାହାରି ଦର ସ୍ତର ସ୍ଥିର ରହିଥାଏ।
6. ଉକ୍ତ ତତ୍ତ୍ୱ ସ୍ୱଳ୍ପକାଳରେ ପ୍ରଯୁଜ୍ୟ ହୋଇଥାଏ।
7. ଜାତୀୟ ଆୟ ଯାହା ହେଉନା କାହିଁକି, ଘରୋଇ ନିବେଶ ସମସ୍ତ ଆୟ ସ୍ତରରେ ସମାନ ହୋଇଥାଏ।

ଏହିଭଳି ଏକ ସରଳ ଅର୍ଥବ୍ୟବସ୍ଥାରେ, ପ୍ରକୃତ ସାମୂହିକ ବ୍ୟୟ ଓ ଜାତୀୟ ଆୟ (ବା ଖର୍ଚ୍ଚଯୋଗ୍ୟ ବ୍ୟକ୍ତିଗତ ଆୟ) ପରସ୍ପର ସମାନ।

ଏଠାରେ, ପ୍ରକୃତ ସାମୂହିକ ବ୍ୟୟ = $C + I$

ଏବଂ ବ୍ୟକ୍ତିଗତ ଖର୍ଚ୍ଚ ଯୋଗ୍ୟ ଆୟ = $C + S$

$C$ = ପ୍ରକୃତ ଉପଭୋଗ ବ୍ୟୟ (Actual consumption expenditure)

$I$ = ପ୍ରକୃତ ନିବେଶ (Actual investment)

$S$ = ପ୍ରକୃତ ସଞ୍ଚୟ (Actual saving)

ଯେହେତୁ ଅର୍ଥ ବ୍ୟବସ୍ଥାରେ ପ୍ରକୃତ ଜାତୀୟ ଆୟ ଏବଂ ପ୍ରକୃତ ସାମୂହିକ ବ୍ୟୟ ସର୍ବଦା ସମାନ, ଉଭୟଙ୍କୁ Y ଦ୍ୱାରା ଚିହ୍ନିତ କରାଯାଇଥାଏ। ଗାଣିତିକ ସଙ୍କେତ ବ୍ୟବହାର କରି ନିମ୍ନଲିଖିତ ସମୀକରଣ ମାଧ୍ୟମରେ ପ୍ରମାଣ କରାଯାଇପାରେ ଯେ, ଆୟ ସ୍ତର ଯାହା ହେଉନା କାହିଁକି ପ୍ରକୃତ ସଞ୍ଚୟ ବା ସାଧିତ ସଞ୍ଚୟ (Ex post saving) ଏବଂ ପ୍ରକୃତ ନିବେଶ ବା ସାଧିତ ନିବେଶ (Ex post investment) ସର୍ବଦା ସମାନ।

$Y = C + I$

ଏବଂ $Y = C + S$

ବା $C + I = C + S$

ବା $I = S$

ବା ସାଧିତ ନିବେଶ = ସାଧିତ ସଞ୍ଚୟ।

ସାଧିତ ନିବେଶ ଓ ସାଧିତ ସଞ୍ଚୟ ସର୍ବଦା ସମାନ ହେଲେ ହେଁ ସମସ୍ତ ଆୟ ସ୍ତରରେ ଅର୍ଥବ୍ୟବସ୍ଥା ସନ୍ତୁଳନରେ ରହି ନ ଥାଏ। ଯେତେବେଳେ ପ୍ରତ୍ୟାଶିତ ନିବେଶ (Planned investment ବା Ex ante investment) ଓ ପ୍ରତ୍ୟାଶିତ ସଞ୍ଚୟ (Planned saving ବା Ex-ante saving) ସମାନ ହୁଏ, ସେତେବେଳେ ଅର୍ଥବ୍ୟବସ୍ଥାରେ ସନ୍ତୁଳନ ଅବସ୍ଥା ସୃଷ୍ଟି ହୁଏ।

(iii) ବ୍ୟାଖ୍ୟା: ପୂର୍ବରୁ ବର୍ଣ୍ଣିତ ହୋଇଅଛି ଯେ ଯେଉଁ ଆୟ ସ୍ତରରେ ସାମୂହିକ ଯୋଗାଣ ଓ ସାମୂହିକ ଚାହିଦା ସମାନ ହୁଏ, ତାହାକୁ ସନ୍ତୁଳିତ ଆୟ ବା ସନ୍ତୁଳିତ ଉତ୍ପାଦ କୁହାଯାଏ। ବର୍ତ୍ତମାନର ଆଲୋଚ୍ୟ ବିଷୟ 'ଆୟ ନିର୍ଦ୍ଧାରଣ ତତ୍ତ୍ୱ'ରେ 'ସାମୂହିକ ଚାହିଦା' ଓ 'ସାମୂହିକ ଯୋଗାଣ' ଶବ୍ଦ ସ୍ଥାନରେ ଯଥାକ୍ରମେ 'ମୋଟ ବ୍ୟୟ' ଓ 'ମୋଟ ଉତ୍ପାଦ' ବା 'ମୋଟ ଆୟ' ବ୍ୟବହାର କରାଯାଇଅଛି।

ମୋଟ ବ୍ୟୟ କହିଲେ ଏକ ନିର୍ଦ୍ଦିଷ୍ଟ ଏକକ ସମୟରେ ଅନ୍ତିମ ଖାଉଟି ଦ୍ରବ୍ୟ ଓ ଉତ୍ପାଦନଶୀଳ ଦ୍ରବ୍ୟ ସକାଶେ କରାଯାଇଥିବା ବ୍ୟୟର ସମଷ୍ଟିକୁ ବୁଝାଏ। ଏହାର ଦରସ୍ତର ସହିତ ସମ୍ପର୍କ ନ ଥାଏ।

ଅର୍ଥାତ୍, ମୋଟ ବ୍ୟୟ = ଉପଭୋଗ ବ୍ୟୟ (C) + ନିବେଶ ବ୍ୟୟ (I)।

କିନ୍ତୁ ସାମୂହିକ ଚାହିଦା କହିଲେ ଗୋଟିଏ ଅର୍ଥବ୍ୟବସ୍ଥାରେ ପରିବାର ସମୂହ ଓ ଘରୋଇ ପ୍ରତିଷ୍ଠାନମାନଙ୍କର ନିର୍ଦ୍ଦିଷ୍ଟ ଏକକ ସମୟରେ ହାରାହାରି ଦରସ୍ତରରେ ଉତ୍ପାଦିତ ହେଉଥିବା ଅନ୍ତିମ ଖାଉଟି ଦ୍ରବ୍ୟ ଓ ଉତ୍ପାଦନଶୀଳ ଦ୍ରବ୍ୟର ଚାହିଦାର ପରିମାଣକୁ ବୁଝାଏ।

ସେହିପରି ମୋଟ ଉତ୍ପାଦ (Aggregate output) କହିଲେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କୌଣସି ଅର୍ଥ ବ୍ୟବସ୍ଥାରେ ଉତ୍ପାଦିତ ହେଉଥିବା ନିଟ୍ ଦ୍ରବ୍ୟ ଓ ସେବାର ପ୍ରବାହକୁ ବୁଝାଇଥାଏ। ଏହା ମୋଟ ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ (Disposable personal income) ସହ ସମାନ ହୋଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ,

ମୋଟ ଉତ୍ପାଦ ବା ମୋଟ ଆୟ = ଉପଭୋଗ ବ୍ୟୟ + ସଞ୍ଚୟ

ବା Aggregate output (AO) or Aggregate income (Y) = C + S

କିନ୍ତୁ, ସାମୂହିକ ଯୋଗାଣ କହିଲେ ଗୋଟିଏ ଅର୍ଥବ୍ୟବସ୍ଥାରେ ଏକକ ସମୟରେ ସମସ୍ତ ଉତ୍ପାଦନକାରୀମାନେ ଏକ ନିର୍ଦ୍ଦିଷ୍ଟ ହାରାହାରି ଦର ସ୍ତରରେ ଉତ୍ପାଦନ ଓ ବିକ୍ରି କରିଥିବାକୁ ଇଚ୍ଛା ପ୍ରକାଶ କରୁଥିବା ଦ୍ରବ୍ୟ ଓ ସେବାର ମୋଟ ପରିମାଣକୁ ବୁଝାଏ।

ଏକ ଅର୍ଥ ବ୍ୟବସ୍ଥାରେ ପ୍ରକୃତ ସାମୂହିକ ବ୍ୟୟ, ମୋଟ ଉତ୍ପାଦ ବା ମୋଟ ଆୟ ସହ ସମାନ ହୋଇ ନ ପାରେ। ଯେତେବେଳେ, ପ୍ରତ୍ୟାଶିତ ସାମୂହିକ ବ୍ୟୟ ମୋଟ ଉତ୍ପାଦ ବା ମୋଟ ଆୟ ସହ ସମାନ ହୁଏ, ସେତେବେଳେ ଅର୍ଥବ୍ୟବସ୍ଥାରେ ସନ୍ତୁଳନ ସୃଷ୍ଟି ହୁଏ ଏବଂ ସନ୍ତୁଳିତ ଆୟ ନିର୍ଦ୍ଧାରିତ ହୋଇଥାଏ।

ଅର୍ଥ ବ୍ୟବସ୍ଥାର ସନ୍ତୁଳନ ତଥା ସନ୍ତୁଳିତ ଆୟ ନିର୍ଦ୍ଧାରଣ ସକାଶେ ଆବଶ୍ୟକ ସର୍ତ୍ତ ନିମ୍ନ ସମୀକରଣ ମାଧ୍ୟମରେ ପ୍ରକାଶ କରାଯାଇପାରେ। ତାହା ହେଲା-

(i) ମୋଟ ଆୟ ବା ମୋଟ ଉତ୍ପାଦ = ମୋଟ ବ୍ୟୟ (ପ୍ରତ୍ୟାଶିତ)

ବା $Y = C + I$ (Ex ante)

ବା

(ii) $C + S = C + I$

ବା ଉପଭୋଗ ଆୟ + ସଞ୍ଚୟ = ଉପଭୋଗ ବ୍ୟୟ + ନିବେଶ ବ୍ୟୟ।

ବା S (Ex ante) = I (Ex ante)

ବା ପ୍ରତ୍ୟାଶିତ ସଞ୍ଚୟ (Ex ante Saving) = ପ୍ରତ୍ୟାଶିତ ନିବେଶ (Ex ante Investment)

ଏକ ସରଳ ଅର୍ଥବ୍ୟବସ୍ଥାରେ ପ୍ରତ୍ୟାଶିତ ମୋଟ ବ୍ୟୟ ଓ ମୋଟ ଆୟ ବା ପ୍ରତ୍ୟାଶିତ ସଞ୍ଚୟ ଓ ପ୍ରତ୍ୟାଶିତ ନିବେଶ ପାରସ୍ପରିକ କ୍ରିୟା ମାଧ୍ୟମରେ କିପରି ସନ୍ତୁଳିତ ଆୟ ନିର୍ଣ୍ଣୟ କରାଯାଏ ତାହା ଦୁଇଟି ଉପାୟରେ ବ୍ୟାଖ୍ୟା କରାଯାଇପାରେ।

ସାରଣୀ ମାଧ୍ୟମରେ

ଲେଖଚିତ୍ର ମାଧ୍ୟମରେ

**ସାରଣୀ ମାଧ୍ୟମରେ ବ୍ୟାଖ୍ୟା:** ସାରଣୀ 7.3ର ତଥ୍ୟାବଳୀ ସାହାଯ୍ୟରେ ସନ୍ତୁଳିତ ଆୟ ନିର୍ଣ୍ଣୟ କରାଯାଇପାରେ।

ସାରଣୀ - 7.3 : ମୋଟ ଆୟ, ମୋଟ ପ୍ରତ୍ୟାଶିତ ବ୍ୟୟ, ପ୍ରତ୍ୟାଶିତ ସଞ୍ଚୟ ଓ ପ୍ରତ୍ୟାଶିତ ନିବେଶ ସାହାଯ୍ୟରେ ଆୟ ନିର୍ଣ୍ଣୟ

| ମୋଟ ଆୟ (Y=C+S) ବା ଉତ୍ପାଦ (କୋଟି ଟଙ୍କାରେ) | ପ୍ରତ୍ୟାଶିତ ଉପଭୋଗ ବ୍ୟୟ (C) (କୋଟି ଟଙ୍କାରେ) | ପ୍ରତ୍ୟାଶିତ ସଞ୍ଚୟ (S) (କୋଟି ଟଙ୍କାରେ) | ପ୍ରତ୍ୟାଶିତ ନିବେଶ (I) (କୋଟି ଟଙ୍କାରେ) | ମୋଟ ପ୍ରତ୍ୟାଶିତ ବ୍ୟୟ (C+I) (କୋଟି ଟଙ୍କାରେ) | ଆୟର ପରିବର୍ତ୍ତନ (କୋଟି ଟଙ୍କାରେ) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 200 | 220 | - 20 | 10 | 230 | ବୃଦ୍ଧି |
| 250 | 260 | -10 | 10 | 270 | ବୃଦ୍ଧି |
| 300 | 300 | 0 | 10 | 310 | ବୃଦ୍ଧି |
| 350 | 340 | 10 | 10 | 350 | ସନ୍ତୁଳନ |
| 400 | 380 | 20 | 10 | 390 | ହ୍ରାସ |
| 450 | 420 | 30 | 10 | 430 | ହ୍ରାସ |
| 500 | 460 | 40 | 10 | 470 | ହ୍ରାସ |


ସାରଣୀ 7.3 କୁ ପର୍ଯ୍ୟବେକ୍ଷଣ କଲେ ପ୍ରତୀୟମାନ ହେଉଛି ଯେ, ଜାତୀୟ ଆୟର ପରିମାଣ 350 କୋଟି ଟଙ୍କା ହେଉଥିବାବେଳେ ମୋଟ ଉତ୍ପାଦ ଓ ମୋଟ ପ୍ରତ୍ୟାଶିତ ବ୍ୟୟ (ପ୍ରତ୍ୟେକ 350 କୋଟି ଟଙ୍କା) ସମାନ ଓ ପ୍ରତ୍ୟାଶିତ ସଞ୍ଚୟ ଓ ପ୍ରତ୍ୟାଶିତ ନିବେଶ (ପ୍ରତ୍ୟେକ 10 କୋଟି) ସମାନ ହେଉଛନ୍ତି। ଏହି ସ୍ଥିତିରେ ଅର୍ଥବ୍ୟବସ୍ଥାରେ ସନ୍ତୁଳନ ସୃଷ୍ଟି ହୁଏ। ତେଣୁ ଏହି ଆୟ (350 କୋଟି)କୁ 'ସନ୍ତୁଳିତ ଆୟ' ବୋଲି କୁହାଯାଏ।

କିନ୍ତୁ ଏହି ସ୍ଥିତି ପୂର୍ବରୁ ମୋଟ ପ୍ରତ୍ୟାଶିତ ବ୍ୟୟ ମୋଟ ଉତ୍ପାଦଠାରୁ ଅଥବା ପ୍ରତ୍ୟାଶିତ ନିବେଶ ଓ ପ୍ରତ୍ୟାଶିତ ସଞ୍ଚୟଠାରୁ ବେଶୀ ହୁଏ। ଏହି ସମୟରେ ଉତ୍ପାଦନକାରୀମାନେ ସେମାନଙ୍କ ଉତ୍ପାଦନ ବ୍ୟୟ ଭରଣା କରିବା ପରେ ଲାଭ ଅର୍ଜନ କରିଥାନ୍ତି ଓ ଅଧିକ ଲାଭ ଆଶାରେ ସେମାନେ ଉତ୍ପାଦନ ପ୍ରସାରଣ ଘଟାଇଥାନ୍ତି। ଆୟ ବୃଦ୍ଧି ପାଇ 350 କୋଟି ଟଙ୍କା ପହଞ୍ଚିବା ପରେ ଏହା ଆଉ ବୃଦ୍ଧି ନ ପାଇ ସ୍ଥିର ରହେ ଏବଂ ଅର୍ଥ ବ୍ୟବସ୍ଥା ସନ୍ତୁଳିତ ଅବସ୍ଥାରେ ରହେ।

ଅନ୍ୟପକ୍ଷରେ, ଜାତୀୟ ଆୟ 350 କୋଟି ଟଙ୍କାରୁ ଅଧିକ ହେଲେ ମୋଟ ଉତ୍ପାଦ ମୋଟ ପ୍ରତ୍ୟାଶିତ ବ୍ୟୟଠାରୁ ଅଥବା ପ୍ରତ୍ୟାଶିତ ସଞ୍ଚୟ ପ୍ରତ୍ୟାଶିତ ନିବେଶ ଠାରୁ ଅଧିକ ହୁଏ। ଫଳରେ ଉତ୍ପାଦନକାରୀମାନେ ସେମାନଙ୍କର ଖର୍ଚ୍ଚ ଭରଣା କରିବା ପାଇଁ ସମର୍ଥ ହୁଅନ୍ତି ନାହିଁ। ତେଣୁ ସେମାନେ ଉତ୍ପାଦନ ସଙ୍କୋଚନ କରାଇଥାନ୍ତି।

ଆୟ ହ୍ରାସ ପାଇ 350 କୋଟି ଟଙ୍କାରେ ପହଞ୍ଚିଲେ ଆଉ ଏହା ହ୍ରାସ ପାଏ ନାହିଁ। ଅର୍ଥାତ୍ ଅର୍ଥବ୍ୟବସ୍ଥା ସନ୍ତୁଳିତ ଅବସ୍ଥାରେ ରହେ।

**ଲେଖାଚିତ୍ର ମାଧ୍ୟରେ ବ୍ୟାଖ୍ୟା:** ସାରଣୀ 7.3ର ତଥ୍ୟ ବ୍ୟବହାର କରି ଅଙ୍କିତ ହୋଇଥିବା ଚିତ୍ର 7.5 ସାହାଯ୍ୟରେ ସନ୍ତୁଳିତ ଆୟ ନିର୍ଣ୍ଣୟ ପ୍ରଣାଳୀ ବର୍ଣ୍ଣନା କରାଯାଇଛି।




**ଚିତ୍ର - 7.5 : କେନ୍‌ସଙ୍କ ଆୟ ନିର୍ଦ୍ଧାରଣ ମଡେଲ**

ଚିତ୍ର 7.5 (A) ଓ (B)ର ଆନୁଭୂମିକ ଅକ୍ଷରେ ଆୟ ସୂଚିତ ହୋଇଅଛି। 7.6 (A)ର ଉଲ୍ଲମ୍ବ ଅକ୍ଷ ଉପଭୋଗ ଓ ନିବେଶ ବ୍ୟୟ ସୂଚିତ କରୁଥିବାବେଳେ 7.6 (B)ର ଉଲ୍ଲମ୍ବ ଅକ୍ଷରେ ସଞ୍ଚୟ ଓ ନିବେଶ ପରିମାଣ ସୂଚିତ ହୋଇଛି। ଚିତ୍ର 7.6 (A)ରେ ପ୍ରତ୍ୟାଶିତ ମୋଟ ବ୍ୟୟ ରେଖା (C+I) ଓ 45° (OZ) ରେଖା ବା Y = C + S ରେଖା E ବିନ୍ଦୁରେ ଛେଦ କରନ୍ତି। E ବିନ୍ଦୁରେ ମୋଟ ଉତ୍ପାଦ ଓ ପ୍ରତ୍ୟାଶିତ ମୋଟ ବ୍ୟୟ ସମାନ ହେଉଥିବାରୁ ଏହା ଅର୍ଥବ୍ୟବସ୍ଥାର ସନ୍ତୁଳନ ବିନ୍ଦୁ (Equilibrium) ବୋଲି କୁହାଯାଏ। ଏହି ବିନ୍ଦୁରେ ନିର୍ଣ୍ଣିତ ହୋଇଥିବା ଆୟର ପରିମାଣ 350 କୋଟି ଟଙ୍କାକୁ 'ସନ୍ତୁଳିତ ଆୟ' ରୂପେ ପରିଗଣନା କରାଯାଇଥାଏ। ଯଦି ଆୟର ପରିମାଣ ଏହାଠାରୁ

ବେଶୀ ହୁଏ ବା କମ୍ ହୁଏ ମୋଟ ପ୍ରତ୍ୟାଶିତ ବ୍ୟୟ ଉତ୍ପାଦର ପରସ୍ପର କ୍ରିୟା ପ୍ରକ୍ରିୟା ଦ୍ୱାରା ତାହା ପୁଣି ସେହି ସନ୍ତୁଳିତ ସ୍ତରକୁ ଫେରିଆସେ।

ଚିତ୍ର 7.6 (B)ରେ ପ୍ରତ୍ୟାଶିତ ସଂଚୟ ରେଖା (SS) ଓ ପ୍ରତ୍ୟାଶିତ ନିବେଶ ରେଖା (II) $E_1$ ବିନ୍ଦୁରେ ପରସ୍ପରକୁ ଛେଦ କରୁଛନ୍ତି। $E_1$ ବିନ୍ଦୁରେ ପ୍ରତ୍ୟାଶିତ ସଂଚୟ ଓ ପ୍ରତ୍ୟାଶିତ ନିବେଶ ପରସ୍ପର ସମାନ (10 କୋଟି ଟଙ୍କା) ହୋଇଥିବାରୁ ଏହି ବିନ୍ଦୁକୁ ମଧ୍ୟ ସନ୍ତୁଳନ ବିନ୍ଦୁ କୁହାଯାଏ। ଏଠାରେ ନିର୍ଣ୍ଣିତ ହୋଇଥିବା ଆୟର ପରିମାଣ 350 କୋଟି ଟଙ୍କା 'ସନ୍ତୁଳିତ ଆୟ' ବୋଲି ପରିଗଣନା କରାଯାଇଥାଏ। ପ୍ରତ୍ୟାଶିତ ନିବେଶ ପ୍ରତ୍ୟାଶିତ ସଂଚୟ ଠାରୁ ଅଧିକ ହେଲେ ଆୟର ପ୍ରସାରଣ ହୁଏ। ଫଳରେ ସଞ୍ଚୟ ବୃଦ୍ଧି ପାଏ। ସଞ୍ଚୟ ବୃଦ୍ଧି ପାଇ ତାହା ଯେତେବେଳେ ନିବେଶ ସହ ସମାନ ହୁଏ, ଅର୍ଥବ୍ୟବସ୍ଥା ଉଚ୍ଚ ଆୟ ସ୍ତରରେ ସନ୍ତୁଳିତ ଅବସ୍ଥାରେ ପୁନଃ ସ୍ଥାପିତ ହୁଏ। ଅପର ପକ୍ଷରେ, ପ୍ରତ୍ୟାଶିତି ସଂଚୟ ପ୍ରତ୍ୟାଶିତ ନିବେଶଠାରୁ ଅଧିକ ହେଲେ ଆୟର ହ୍ରାସ ଘଟେ। ଫଳରେ ସଂଚୟ ହ୍ରାସ ପାଏ। ସଂଚୟ ହ୍ରାସ ପାଇ ତାହା ଯେତେବେଳେ ନିବେଶ ସହ ସମାନ ହୁଏ, ଅର୍ଥ ବ୍ୟବସ୍ଥା ନିମ୍ନ ଆୟ ସ୍ତରରେ ସନ୍ତୁଳିତ ଅବସ୍ଥାରେ ପୁନଃ ସ୍ଥାପିତ ହୋଇଥାଏ।

ଉପରୋକ୍ତ ଆଲୋଚନାକୁ ଆଧାର କରି ନିମ୍ନୋକ୍ତ ସିଦ୍ଧାନ୍ତମାନ ଗ୍ରହଣ କରାଯାଇପାରେ।

a) ଯେଉଁ ଆୟ ସ୍ତରରେ ମୋଟ ଉତ୍ପାଦ ଓ ମୋଟ ପ୍ରତ୍ୟାଶିତ ବ୍ୟୟ ଚାହିଦା ସମାନ ହୁଏ ତାହାକୁ ସନ୍ତୁଳିତ ଆୟ କୁହାଯାଏ।

b) ସନ୍ତୁଳିତ ଆୟ ସ୍ଥିତିରେ ପ୍ରତ୍ୟାଶିତ ସଂଚୟ ପରିମାଣ ଓ ପ୍ରତ୍ୟାଶିତ ନିବେଶ ପରିମାଣ ସମାନ ହୋଇଥାଏ।

c) ମୋଟ ଉତ୍ପାଦ ଓ ମୋଟ ପ୍ରତ୍ୟାଶିତ ବ୍ୟୟ ଅସମାନ ହେଲେ ଅଥବା ପ୍ରତ୍ୟାଶିତ ସଂଚୟ ଓ ପ୍ରତ୍ୟାଶିତ ନିବେଶ ଅସମାନ ହେଲେ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର ବ୍ୟବସ୍ଥାରେ ସେମାନଙ୍କର ପାରସ୍ପରିକ କ୍ରିୟା ଓ ପ୍ରକ୍ରିୟା ଦ୍ୱାରା ମୋଟ ପ୍ରତ୍ୟାଶିତ ବ୍ୟୟ ଓ ମୋଟ ଉତ୍ପାଦ ସମାନ ହୁଏ ତଥା ପ୍ରତ୍ୟାଶିତ ସଂଚୟ ଓ ପ୍ରତ୍ୟାଶିତ ନିବେଶ ସମାନ ହୁଏ। ଫଳରେ ସନ୍ତୁଳନ ପୁନଃ ସ୍ଥାପନ ହୋଇଥାଏ।

ଘଘଘ

## ସାରାଂଶ

1. **ବଜାର ଦରରେ ମୋଟ ଘରୋଇ ଉତ୍ପାଦ:** ଏକ ଗଣନ ବର୍ଷରେ ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦନକାରୀଙ୍କ ଦ୍ୱାରା ଉତ୍ପାଦିତ ଅନ୍ତିମ ଦ୍ରବ୍ୟ ଓ ସେବାର ବଜାର ଦରରେ ମୌଦ୍ରିକ ମୂଲ୍ୟକୁ ଘରୋଇ ଉତ୍ପାଦ କୁହାଯାଏ।

2. **ବଜାର ଦରରେ ମୋଟ ଜାତୀୟ ଉତ୍ପାଦ:** ଗୋଟିଏ ଗଣନ ବର୍ଷରେ କୌଣସି ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା ସମୂହର ବଜାର ଦରରେ ପ୍ରକାଶିତ ମୌଦ୍ରିକ ମୂଲ୍ୟ (ବଜାର ଦରରେ ମୋଟ ଘରୋଇ ଉତ୍ପାଦ) ସହ ବିଦେଶାଗତ ନିଟ୍ ସାଧନ ଆୟ ଯୋଗ କଲେ ଯୋଗଫଳକୁ ବଜାର ଦରରେ ମୋଟ ଜାତୀୟ ଉତ୍ପାଦ କୁହାଯାଏ। ଅର୍ଥାତ୍, ବଜାର ଦରରେ ମୋଟ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ।

3. **ବଜାର ଦରରେ ନିଟ୍ ଘରୋଇ ଉତ୍ପାଦ** = ବଜାର ଦରରେ ମୋଟ ଘରୋଇ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ଉପଭୋଗ।

4. **ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ:** ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ = ବଜାର ଦରରେ ମୋଟ ଜାତୀୟ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ଉପଭୋଗ।

5. **ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ** = ବଜାର ଦରରେ ମୋଟ ଘରୋଇ ଉତ୍ପାଦ - ନିଟ୍ ପରୋକ୍ଷ କର।

6. **ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ** = ବଜାର ଦରରେ ମୋଟ ଜାତୀୟ ଉତ୍ପାଦ - ନିଟ୍ ପରୋକ୍ଷ କର।

7. **ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ** = ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ଉପଭୋଗ।

8. **ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ** = ଉତ୍ପାଦ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ - ସ୍ଥାୟୀ ପୁଞ୍ଜିର ଉପଭୋଗ।

9. ଜାତୀୟ ପ୍ରଯୁଜ୍ୟ ଆୟ = ଦେଶର ସମସ୍ତ ବାସିନ୍ଦାମାନଙ୍କର ପ୍ରଯୁଜ୍ୟ ଆୟର ସମଷ୍ଟିକୁ ଜାତୀୟ ପ୍ରଯୁଜ୍ୟ ଆୟ କୁହାଯାଏ।

10. ଜାତୀୟ ଆୟ = ଘରୋଇ ସାଧନ ଆୟ + ବିଦେଶାଗତ ନିଟ୍ ସାଧନ ଆୟ।

11. ନିଟ୍ ଘରୋଇ ଉତ୍ପାଦରୁ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଆୟ = ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ - ସାଧାରଣ ସରକାର ଓ ବିଭାଗୀୟ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ଅର୍ଜିତ ଆୟ - ଅଣ ବିଭାଗୀୟ ସରକାରୀ ଉଦ୍ୟୋଗମାନଙ୍କର ସଞ୍ଚୟ।

12. ବେସରକାରୀ ଆୟ = ନିଟ୍ ଘରୋଇ ଉତ୍ପାଦରୁ ବେସରକାରୀ କ୍ଷେତ୍ରକୁ ପ୍ରବାହିତ ଆୟ + ରାଷ୍ଟ୍ରୀୟ ଋଣ ବାବଦକୁ ନିଟ୍ ସୁଧ + ବିଦେଶାଗତ ନିଟ୍ ସାଧନ ଆୟ + ସରକାର ଓ ଅବଶିଷ୍ଟ ବିଶ୍ୱରୁ ପ୍ରାପ୍ତ ଚଳନ୍ତି ଅନ୍ତରଣ।

13. ବ୍ୟକ୍ତିଗତ ଆୟ= ଜାତୀୟ ଆୟ - ଅବିତରିତ ଲାଭ - ନିଗମ ଲାଭ କର - ସାମାଜିକ ସୁରକ୍ଷା ବ୍ୟୟ - ସରକାରୀ କ୍ଷେତ୍ରରେ ଉଦ୍‌ବୃତ୍ତ + ସରକାର ଓ ବ୍ୟବସାୟ ପ୍ରତିଷ୍ଠାନରୁ ପ୍ରାପ୍ତ ଅନ୍ତରଣ ଆୟ + ରାଷ୍ଟ୍ରୀୟ ଋଣ ବାବଦକୁ ମୋଟ ସୁଧ + ଅବଶିଷ୍ଟ ବିଶ୍ୱରୁ ମିଳୁଥିବା ଅନୁଦାନ + ଅପ୍ରତ୍ୟାଶିତ ଲାଭ।

14. ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ = ବ୍ୟକ୍ତିଗତ ଆୟ - ପ୍ରତ୍ୟକ୍ଷ କର - ସରକାରଙ୍କୁ ପ୍ରଦାନ କରାଯାଉଥିବା ବିବିଧ ଦେୟ।

15. ବିଦେଶାଗତ ନିଟ୍ ସାଧନ ଆୟ = ଗୋଟିଏ ଗଣନ ବର୍ଷରେ ସ୍ୱଦେଶୀମାନେ ଅବଶିଷ୍ଟ ବିଶ୍ୱରୁ ଗ୍ରହଣ କରୁଥିବା ସମସ୍ତ ଆୟ - ବିଦେଶୀ ବାସିନ୍ଦାମାନେ ଦେଶ ଭିତରୁ ଗ୍ରହଣ କରୁଥିବା ସମସ୍ତ ଆୟ।

16. ନିଟ୍ ପରୋକ୍ଷ କର= ମୋଟ ପରୋକ୍ଷ କର - ମୋଟ ଆର୍ଥିକ ସରକାରୀ ସହାୟତା।

17. **ସ୍ଥାୟୀପୁଞ୍ଜିର ଉପଭୋଗ:** ସ୍ଥାୟୀପୁଞ୍ଜିର ଉପଭୋଗ କହିଲେ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହେଉଥିବା ସ୍ଥାୟୀ ପୁଞ୍ଜି ଯଥା ଯନ୍ତ୍ରପାତି, କଳକବ୍ଜା, କୋଠାବାଡ଼ିର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅବକ୍ଷୟଜନିତ ମୂଲ୍ୟ ହ୍ରାସକୁ ବୁଝାଏ।

18. **ବାସ୍ତବ ଘରୋଇ ଉତ୍ପାଦ:** ଏକ ଗଣନ ବର୍ଷରେ ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ସମସ୍ତ ଅନ୍ତିମ ଦ୍ରବ୍ୟର ମୌଦ୍ରିକ ମୂଲ୍ୟକୁ ସ୍ଥିର ଦରରେ ପ୍ରକାଶ କରିବାକୁ ବାସ୍ତବ ଘରୋଇ ଉତ୍ପାଦ ବୁଝାଏ।

19. **ମୌଦ୍ରିକ ଘରୋଇ ଉତ୍ପାଦ:** ଏକ ଗଣନ ବର୍ଷରେ ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ସମସ୍ତ ଅନ୍ତିମ ଦ୍ରବ୍ୟର ବଜାର ଦରରେ ବା ଚଳନ୍ତି ଦରରେ ମୂଲ୍ୟକୁ ମୌଦ୍ରିକ ଘରୋଇ ଉତ୍ପାଦ ବୁଝାଏ।

20. **ଆୟର ଚକ୍ରୀୟ ପ୍ରଭାବ:** ପ୍ରତିଷ୍ଠାନରୁ ପରିବାରକୁ ଉତ୍ପାଦନ ସାଧନର ପାଉଣା ହିସାବରେ ଆୟର ପ୍ରବାହ ଓ ପରିବାରରୁ ଏହି ଆୟ ଦ୍ରବ୍ୟର କ୍ରୟ ପାଇଁ ବ୍ୟୟ ହିସାବରେ ପ୍ରତିଷ୍ଠାନକୁ ପୁନଃ ପ୍ରତ୍ୟାବର୍ତ୍ତନ କରିବା ପ୍ରକ୍ରିୟାକୁ ଆୟର ଚକ୍ରୀୟ ପ୍ରବାହ ବୁଝାଯାଏ।

21. **ଜାତୀୟ ଆୟର ପରିମାପ:** ସାଧାରଣତଃ ତିନୋଟି ପଦ୍ଧତି ସାହାଯ୍ୟରେ ଜାତୀୟ ଆୟର ଆକଳନ କରାଯାଇଥାଏ।

(A) **ସଂଯୋଗିତ ମୂଲ୍ୟ ପଦ୍ଧତି ବା ଉତ୍ପାଦନ ପଦ୍ଧତି:** ଉକ୍ତ ପଦ୍ଧତିରେ ନିମ୍ନ ପର୍ଯ୍ୟାୟମାନ ଅନୁସରଣ କରାଯାଇ ଜାତୀୟ ଆୟ ଆକଳନ କରାଯାଏ।

**ପ୍ରଥମ ପର୍ଯ୍ୟାୟ:** ପ୍ରଥମେ ଦେଶର ଘରୋଇ ଅଞ୍ଚଳକୁ ତିନୋଟି ମୌଳିକ କ୍ଷେତ୍ର- ଯଥା, ପ୍ରାଥମିକ କ୍ଷେତ୍ର, ମାଧ୍ୟମିକ କ୍ଷେତ୍ର ଓ ଆନୁସଙ୍ଗିକ କ୍ଷେତ୍ରରେ ବିଭକ୍ତ କରାଯାଏ।

**ଦ୍ୱିତୀୟ ପର୍ଯ୍ୟାୟ:** ଦ୍ୱିତୀୟରେ ସମସ୍ତ କ୍ଷେତ୍ରରେ ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ ନିର୍ଣ୍ଣୟ କରାଯାଏ। ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟ = ଉତ୍ପାଦନ ମୂଲ୍ୟ - ଅନ୍ତର୍ବର୍ତ୍ତୀ ଉପଭୋଗ।

**ତୃତୀୟ ପର୍ଯ୍ୟାୟ:** ତୃତୀୟରେ ବଜାର ଦରରେ ମୋଟ ସଂଯୋଗିତ ମୂଲ୍ୟରୁ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହେଉଥିବା ସ୍ଥାୟୀ ପୁଞ୍ଜିର ଉପଭୋଗ ବାଦ୍ ଦିଆଯାଇ ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ ନିରୂପଣ କରାଯାଏ।

**ଚତୁର୍ଥ ପର୍ଯ୍ୟାୟ:** ଚତୁର୍ଥରେ, ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟରୁ ନିଟ୍ ପରୋକ୍ଷ କର ବାଦ ଦେଇ ଉତ୍ପାଦନ ବ୍ୟୟରେ ନିଟ୍ ସଂଯୋଗିତ ମୂଲ୍ୟ ନିର୍ଣ୍ଣୟ କରାଯାଏ।

ଅର୍ଥାତ୍, ଉତ୍ପାଦନ ବ୍ୟୟରେ ସଂଯୋଗିତ ମୂଲ୍ୟ = ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ - ନିଟ୍ ପରୋକ୍ଷ କର।

**ପଞ୍ଚମ ପର୍ଯ୍ୟାୟ:** ସମ୍ପୃକ୍ତ ଗଣନ ବର୍ଷରେ ବିଦେଶାଗତ ନିଟ୍ ସାଧନ ଆୟ ଆକଳନ କରାଯାଏ।

**ଶେଷ ପର୍ଯ୍ୟାୟ:** ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ ସହିତ ବିଦେଶାଗତ ନିଟ୍ ସାଧନ ଆୟ ଯୋଗ କରି, ଜାତୀୟ ଆୟ ଆକଳନ କରାଯାଏ।

ଅର୍ଥାତ୍, ଜାତୀୟ ଆୟ = ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ + ବିଦେଶାଗତ ନିଟ୍ ସାଧନ ଆୟ = ଉତ୍ପାଦନ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ।

(B) ଆୟ ପଦ୍ଧତି : ଆୟ ପଦ୍ଧତିରେ ନିମ୍ନ ପର୍ଯ୍ୟାୟମାନ ଅନୁସରଣ କରି ଜାତୀୟ ଆୟ ଆକଳନ କରାଯାଏ।

ପ୍ରଥମ ପର୍ଯ୍ୟାୟ: ପ୍ରଥମେ ଦେଶର ଘରୋଇ ଅଞ୍ଚଳକୁ ପ୍ରାଥମିକ କ୍ଷେତ୍ର, ମାଧ୍ୟମିକ କ୍ଷେତ୍ର ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବିଭକ୍ତ କରାଯାଏ।

ଦ୍ୱିତୀୟ ପର୍ଯ୍ୟାୟ: ଉଦ୍ୟୋଗମାନେ ବ୍ୟବହାର କରୁଥିବା ସାଧନମାନଙ୍କର ଆୟ ଯଥା- କର୍ମଚାରୀଙ୍କ କ୍ଷତିପୂରଣ, କାର୍ଯ୍ୟକାରୀ ଉଦ୍‌ବୃତ୍ତ ଓ ମିଶ୍ରିତ ଆୟ ଆକଳନ କରାଯାଏ। ଏହି ସମସ୍ତ ଉପାଦାନକୁ ମିଶାଇ ଘରୋଇ ସାଧନ ଆୟ ନିର୍ଣ୍ଣୟ କରାଯାଏ।

ତୃତୀୟ ପର୍ଯ୍ୟାୟ: ତୃତୀୟରେ ବିଦେଶାଗତ ନିଟ୍ ସାଧନ ଆୟ ଆକଳନ କରାଯାଏ।

ଚତୁର୍ଥ ପର୍ଯ୍ୟାୟ: ଶେଷରେ, ଘରୋଇ ସାଧନ ଆୟ ସହିତ ବିଦେଶାଗତ ନିଟ୍ ସାଧନ ଆୟକୁ ମିଶାଇ ଜାତୀୟ ଆୟ ଆକଳନ କରାଯାଏ।

(C) ବ୍ୟୟ ପଦ୍ଧତି: ବ୍ୟୟ ପଦ୍ଧତିରେ ନିମ୍ନ ପର୍ଯ୍ୟାୟମାନ ଅନୁସରଣ କରି ଜାତୀୟ ଆୟ ଆକଳନ କରାଯାଏ।

ପ୍ରଥମ ପର୍ଯ୍ୟାୟ: ପ୍ରଥମେ ବଜାର ଦରରେ ମୋଟ ଘରୋଇ ଉତ୍ପାଦ ବା ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସକାଶେ ଅନ୍ତିମ ବ୍ୟୟ ନିର୍ଣ୍ଣୟ କରାଯାଏ।

ଦ୍ୱିତୀୟ ପର୍ଯ୍ୟାୟ: ଦ୍ୱିତୀୟରେ, ବିଦେଶାଗତ ନିଟ୍ ସାଧନ ଆୟ ଆକଳନ କରାଯାଏ।

ତୃତୀୟ ପର୍ଯ୍ୟାୟ: ଶେଷରେ, ବଜାର ଦରରେ ମୋଟ ଘରୋଇ ଉତ୍ପାଦ ସହିତ ବିଦେଶାଗତ ନିଟ୍ ସାଧନ ଆୟକୁ ଯୋଗ କରି ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ନିର୍ଣ୍ଣୟ କରାଯାଏ।

22. **ସାମୂହିକ ଚାହିଦା:** ସାମୂହିକ ଚାହିଦା କହିଲେ ଗୋଟିଏ ଅର୍ଥ ବ୍ୟବସ୍ଥାରେ ଏକକ ସମୟସୀମା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ହାରାହାରି ଦର ସ୍ତରରେ ମୋଟ ପରିମାଣ ଦ୍ରବ୍ୟର ଚାହିଦାକୁ ବୁଝାଏ। ଅନ୍ୟ ଭାଷାରେ, ସାମୂହିକ ଚାହିଦା କହିଲେ ଗୋଟିଏ ଅର୍ଥ ବ୍ୟବସ୍ଥାରେ ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବା କ୍ରୟ କରିବା ସକାଶେ ଏକ ସମୟ ସୀମା ମଧ୍ୟରେ ସମସ୍ତ କ୍ଷେତ୍ର ଇଚ୍ଛା କରୁଥିବା ମୋଟ ବ୍ୟୟର ପରିମାଣକୁ ବୁଝାଏ।

23. **ସାମୂହିକ ଚାହିଦାର ଉପାଦାନ:** ଆଧୁନିକ ଉନ୍ମୁକ୍ତ ଅର୍ଥ ବ୍ୟବସ୍ଥାରେ ସାମୂହିକ ଚାହିଦାର ଚାରୋଟି ଉପାଦାନ ରହିଛି। ତାହାହେଲା- ପାରିବାରିକ ଉପଭୋଗ ଚାହିଦା, ଘରୋଇ ନିବେଶ ଚାହିଦା, ଦ୍ରବ୍ୟ ଓ ସେବା ପାଇଁ ସରକାରୀ ଚାହିଦା ଓ ନିଟ୍ ରପ୍ତାନି ଚାହିଦା।

24. **ସାମୂହିକ ଯୋଗାଣ:** ସାମୂହିକ ଯୋଗାଣ କହିଲେ ଗୋଟିଏ ଅର୍ଥ ବ୍ୟବସ୍ଥାରେ ଏକକ ସମୟସୀମା ମଧ୍ୟରେ ସମସ୍ତ ଉତ୍ପାଦନକାରୀମାନେ ଏକ ନିର୍ଦ୍ଦିଷ୍ଟ ହାରାହାରି ଦର ସ୍ତରରେ ଉତ୍ପାଦନ ଓ ବିକ୍ରି କରିବାକୁ ଇଚ୍ଛା କରୁଥିବା ଦ୍ରବ୍ୟ ଓ ସେବାର ମୋଟ ପରିମାଣକୁ ବୁଝାଇଥାଏ।

25. **କେନ୍‌ସଙ୍କ ଆୟ ନିର୍ଦ୍ଧାରଣ ତତ୍ତ୍ୱ:** କେନ୍‌ସଙ୍କ ମତରେ ସନ୍ତୁଳନ ଆୟ କହିଲେ ସେହି ନିର୍ଦ୍ଦିଷ୍ଟ ଆୟ ସ୍ତରକୁ ବୁଝାଏ ଯେଉଁଠାରେ ସାମୂହିକ ଯୋଗାଣ ଓ ସାମୂହିକ ଚାହିଦା ପରସ୍ପର ସମାନ ହୋଇଥାନ୍ତି।

❑❑❑

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ- ବସ୍ତୁନିଷ୍ଠ ପ୍ରଶ୍ନ (ବାଧ୍ୟତାମୂଳକ)

(ପ୍ରତ୍ୟେକର ମୂଲ୍ୟ ଏକ ନମ୍ବର)

1. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ ।

(a) ନିମ୍ନଲିଖିତ ମଧ୍ୟରୁ କେଉଁଟି ବଜାର ଦରରେ ମୋଟ ଘରୋଇ ଉତ୍ପାଦରେ ଅନ୍ତର୍ଭୁକ୍ତ ହୋଇ ନ ଥାଏ ?

(i) ଅବକ୍ଷୟଜନିତ ପାଉଣା

(ii) ମାଲିକ ରହୁଥିବା ଗୃହର ଆରୋପିତ ଭଡ଼ା

(iii) ବ୍ୟବହୃତ ପୁରୁଣା ଦ୍ରବ୍ୟର ବିକ୍ରୟରୁ ମିଳୁଥିବା ଆୟ

(iv) ପ୍ରବାସୀମାନଙ୍କ ଦ୍ୱାରା ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ

(b) ନିମ୍ନଲିଖିତ ଉପାଦାନ ମଧ୍ୟରୁ କେଉଁଟି ବଜାର ଦରରେ ନିଟ୍ ଘରୋଇ ଉତ୍ପାଦରେ ଅନ୍ତର୍ଭୁକ୍ତ ହୋଇ ନ ଥାଏ ?

(i) ପ୍ରବାସୀମାନଙ୍କ ଦ୍ୱାରା ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ

(ii) ମାଲିକ ରହୁଥିବା ଗୃହର ଆରୋପିତ ଭଡ଼ା

(iii) ସ୍ୱଦେଶୀମାନଙ୍କ ଦ୍ୱାରା ଦେଶର ଆଞ୍ଚଳିକ ସୀମା ମଧ୍ୟରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ

(iv) ଅବକ୍ଷୟ ଜନିତ ପାଉଣା

(c) ଜାତୀୟ ଉତ୍ପାଦ ଘରୋଇ ଉତ୍ପାଦ ସହ ସମାନ ହୁଏ, ଯେତେବେଳେ

(i) ବିଦେଶାଗତ ନିଟ୍ ସାଧନ ଆୟ ଋଣାତ୍ମକ ହୁଏ

(ii) ବିଦେଶାଗତ ନିଟ୍ ସାଧନ ଆୟ ଶୂନ୍ୟ ହୁଏ

(iii) ବିଦେଶାଗତ ନିଟ୍ ସାଧନ ଆୟ ଧନାତ୍ମକ ହୁଏ

(iv) ଉପରଲିଖିତ ମଧ୍ୟରୁ କେଉଁଟି ନୁହେଁ

(d) ବଜାର ଦରରେ ମୋଟ ଜାତୀୟ ଉତ୍ପାଦରୁ ନିମ୍ନଲିଖିତ ଉପାଦାନ ମଧ୍ୟରୁ କେଉଁଟି ବାଦ ଦେଲେ ନିଟ୍ ଉତ୍ପାଦନ ବ୍ୟୟରେ ଜାତୀୟ ଉତ୍ପାଦ ମିଳିଥାଏ ?

(i) ଅବକ୍ଷୟଜନିତ ପାଉଣା (ii) ନିଟ୍ ପରୋକ୍ଷ କର

(iii) ଉଭୟ (i) ଓ (ii) (iv) ବିଦେଶାଗତ ନିଟ୍ ସାଧନ ଆୟ

(e) ବ୍ୟକ୍ତିଗତ ଆୟ ପାଇବା ନିମିତ୍ତ ଜାତୀୟ ଆୟରୁ ନିମ୍ନଲିଖିତ କେଉଁ ଉପାଦାନ ବାଦ ଦେବାକୁ ପଡ଼େ ?

(i) ନିଗମମାନଙ୍କର ଅବିତରିତ ଲାଭ (ii) ନିଗମ ଲାଭ କର

(iii) ସାମାଜିକ ସୁରକ୍ଷା ଯୋଜନା ଦେୟ (iv) ଉପରଲିଖିତ ସମସ୍ତ

(f) ଜାତୀୟ ଆୟର ଆକଳନ ପାଇଁ ନିମ୍ନ ଉପାଦାନମାନଙ୍କ ମଧ୍ୟରୁ କେଉଁଟି ଅନ୍ତର୍ଭୁକ୍ତ ହୋଇ ନ ଥାଏ ?

(i) କର୍ମଚାରୀଙ୍କ କ୍ଷତିପୂରଣ (ii) କାର୍ଯ୍ୟକାରୀ ଉଦ୍‌ବୃତ୍ତ

(iii) ଆତ୍ମନିଯୁକ୍ତମାନଙ୍କର ମିଶ୍ରିତ ଆୟ (iv) ଅନ୍ତରଣ ଆୟ

(g) ନିମ୍ନଲିଖିତ ଉପାଦାନମାନଙ୍କ ମଧ୍ୟରୁ କେଉଁଟି ବ୍ୟକ୍ତିଗତ ଆୟରୁ ଅନ୍ତର କଲେ ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ ମିଳିଥାଏ ?

(i) ପ୍ରତ୍ୟକ୍ଷ କର (ii) ସରକାରଙ୍କୁ ପ୍ରଦତ୍ତ ବିବିଧ ଦେୟ

(iii) ଅନ୍ତରଣ ଆୟ (iv) ଉଭୟ (i) ଏବଂ (ii)

(h) ନିମ୍ନଲିଖିତ ମଧ୍ୟରୁ କେଉଁଟି ମୋଟ ଘରୋଇ ପୁଞ୍ଜି ଗଠନର ଉପାଦାନ ?

(i) ନବ ନିର୍ମାଣ ପରିସମ୍ପତ୍ତିରେ ବ୍ୟୟ

(ii) ନୂତନ ଯନ୍ତ୍ରପାତି ଓ କଳକବ୍‌ଜାଜନିତ ବ୍ୟୟ

(iii) ଭଣ୍ଡାର ପରିବର୍ତ୍ତନ (iv) ଉପରଲିଖିତ ସମସ୍ତ

(i) ନିମ୍ନଲିଖିତ ମଧ୍ୟରୁ କେଉଁ ସମ୍ମିଶ୍ରଣଟି ସାମୂହିକ ଯୋଗାଣରେ ପ୍ରତିଫଳନ ?

(i) ସାମଗ୍ରିକ ଉପଭୋଗ ଓ ସାମଗ୍ରିକ ସଞ୍ଚୟ

(ii) ସାମଗ୍ରିକ ସଞ୍ଚୟ ଓ ସାମଗ୍ରିକ ବିନିଯୋଗ

(iii) ସାମଗ୍ରିକ ଉପଭୋଗ ଓ ସାମଗ୍ରିକ ବିନିଯୋଗ

(iv) ଉପରଲିଖିତ କୌଣସିଟି ନୁହେଁ

(j) କେନ୍‌ସଙ୍କ 'ନିଯୁକ୍ତି, ସୁଧ ଓ ମୁଦ୍ରା ସମ୍ବନ୍ଧୀୟ ଏକ ସାଧାରଣ ତତ୍ତ୍ୱ' ପୁସ୍ତକ କେଉଁ ମସିହାରେ ପ୍ରକାଶିତ ହୋଇଥିଲା ?

(i) 1929 (ii) 1933 (iii) 1936 (iv) 1939

(k) ସନ୍ତୁଳନ ଆୟ ସ୍ତରରେ

(i) ସଞ୍ଚୟ ନିବେଶଠାରୁ ଅଧିକ ହୋଇଥାଏ (ii) ନିବେଶ ସଞ୍ଚୟଠାରୁ ଅଧିକ ହୋଇଥାଏ

(iii) ସଞ୍ଚୟ ସହ ନିବେଶ ସମାନ ହୋଇଥାଏ (iv) ଉପରଲିଖିତ ମଧ୍ୟରୁ କୌଣସିଟି ନୁହେଁ

(l) ଯୁଗ୍ମଭଙ୍ଗୀ ଆୟ ସ୍ତରରେ:

(i) ଆୟ ଓ ଉପଭୋଗ ସମାନ ହୁଏ (ii) ଆୟ ଉପଭୋଗଠାରୁ କମ୍ ହୋଇଥାଏ

(iii) ଆୟ ଉପଭୋଗଠାରୁ ଅଧିକ ହୁଏ (iv) ସଞ୍ଚୟ ସହ ନିବେଶ ସମାନ ହୋଇଥାଏ

(m) ଏକ ସରଳ ଅର୍ଥବ୍ୟବସ୍ଥାରେ, ସାମୂହିକ ଚାହିଦାର ନିମ୍ନଲିଖିତ କେଉଁ ଉପାଦାନ ଥାଏ ?

(i) ପାରିବାରିକ ଉପଭୋଗ ଚାହିଦା (ii) ଘରୋଇ ନିବେଶ ଚାହିଦା

(iii) ନିଟ୍ ରପ୍ତାନି ଚାହିଦା (iv) ଉଭୟ (i) ଏବଂ (ii)

(n) ଯୁଗ୍ମଭଙ୍ଗୀ ଆୟ ପୂର୍ବରୁ ହାରାହାରି ଉପଭୋଗ ପ୍ରବୃତ୍ତି:

(i) ଏକରୁ ଅଧିକ ହୋଇଥାଏ (ii) ଏକରୁ କମ୍ ହୋଇଥାଏ

(iii) ଏକ ହୋଇଥାଏ (iv) ଶୂନ ହୋଇଥାଏ

2. I. ନିମ୍ନଲିଖିତ ପ୍ରତ୍ୟେକ ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ପ୍ରଦାନ କର:

(a) ସମଷ୍ଟି ଅର୍ଥନୀତି କ'ଣ ?

(b) ବଜାର ଦରରେ ମୋଟ ଘରୋଇ ଉତ୍ପାଦ କ'ଣ ? ବା ମୌଦ୍ରିକ ଘରୋଇ ଉତ୍ପାଦ କ'ଣ ?

(c) ବାସ୍ତବ ଘରୋଇ ଉତ୍ପାଦ କହିଲେ କ'ଣ ବୁଝ ?

(d) ବଜାର ଦରରେ ମୋଟ ଜାତୀୟ ଉତ୍ପାଦ କ'ଣ ?

(e) ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ କ'ଣ ?

(f) କେଉଁ ପରିସ୍ଥିତିରେ ଜାତୀୟ ଉତ୍ପାଦ ଘରୋଇ ଉତ୍ପାଦ ସହିତ ସମାନ ହୁଏ ?

(g) ସ୍ଥାୟୀ ପୁଞ୍ଜିର ଉପଭୋଗ (ବା ଅବକ୍ଷୟ ଜନିତ ପାଉଣା) କହିଲେ କ'ଣ ବୁଝ ?

(h) 'ନିଟ୍ ପରୋକ୍ଷ କର' କହିଲେ କ'ଣ ବୁଝ ?

(i) 'ବିଦେଶାଗତ ନିଟ୍ ସାଧନ ଆୟ' କହିଲେ କ'ଣ ବୁଝ ?

(j) 'ଉତ୍ପାଦନ ବ୍ୟୟରେ ନିଟ୍ ଘରୋଇ ଉତ୍ପାଦ' କହିଲେ କ'ଣ ବୁଝାଯାଏ ?

(k) କେଉଁ ପରିସ୍ଥିତିରେ 'ବଜାର ଦରରେ ନିଟ୍ ଜାତୀୟ ଉତ୍ପାଦ' ଓ 'ଉତ୍ପାଦ ବ୍ୟୟରେ ନିଟ୍ ଜାତୀୟ ଉତ୍ପାଦ' ପରସ୍ପର ସମାନ ହୋଇଥାଏ ?

(l) 'ଘରୋଇ ଆୟ' କହିଲେ କ'ଣ ବୁଝ ?

(m) 'ଜାତୀୟ ଆୟ' କ'ଣ ?

(n) 'ମିଶ୍ରିତ ଆୟ' କ'ଣ ?

(o) ବ୍ୟକ୍ତିଗତ ଆୟ କ'ଣ ?

(p) ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ କହିଲେ କ'ଣ ବୁଝ ?

(q) 'ମୋଟ ଘରୋଇ ଆୟ' କହିଲେ କ'ଣ ବୁଝାଯାଏ ?

(r) ସାମୂହିକ ଚାହିଦାର ଉପାଦାନ ଗୁଡ଼ିକର ନାମ ଉଲ୍ଲେଖ କର ।

(s) ସାମୂହିକ ଯୋଗାଣ କହିଲେ କ'ଣ ବୁଝ ?

(t) ସାମୂହିକ ଚାହିଦା କ'ଣ ?

(u) ସନ୍ତୁଳନ ଆୟ କହିଲେ କ'ଣ ବୁଝ ?

(v) ସ୍ୱୟଂଭଙ୍ଗୀ ଆୟ କହିଲେ କ'ଣ ବୁଝ ?

(w) ଘରୋଇ ଉତ୍ପାଦ 10,000 କୋଟି ଟଙ୍କା ଏବଂ ବିଦେଶଗତ ନିଟ୍ ସାଧନ ଆୟ - 500 କୋଟି ଟଙ୍କା ହେଲେ ଜାତୀୟ ଉତ୍ପାଦ କେତେ ହେବ ?

(x) ଅନ୍ତରଣ ଦେୟ କ'ଣ ?

**II. ନିମ୍ନଲିଖିତ ଉକ୍ତିଗୁଡ଼ିକର ସଠିକତା ପରୀକ୍ଷା କର । ଆବଶ୍ୟକ ସ୍ଥଳେ ରେଖାଙ୍କିତ ଅଂଶ ପରିବର୍ତ୍ତନ ନ କରି ସଂଶୋଧନ କର:**

(a) ଏକ ଗଣନ ବର୍ଷରେ ଦେଶ ଭିତରେ ଉତ୍ପାଦିତ ସମସ୍ତ ଦ୍ରବ୍ୟର ମୌଦ୍ରିକ ମୂଲ୍ୟକୁ ମୋଟ ଘରୋଇ ଉତ୍ପାଦ କୁହାଯାଏ ।

(b) ଅନ୍ତରଣ ଆୟ ଜାତୀୟ ଆୟରେ ଅନ୍ତର୍ଭୁକ୍ତ ହୋଇ ଥାଏ ।

(c) ସ୍ଥାୟୀ ପୁଞ୍ଜିର ଉପଯୋଗ ନିଟ୍ ଜାତୀୟ ଉତ୍ପାଦର ଏକ ଅଂଶବିଶେଷ ।

4. ପାର୍ଥକ୍ୟ ଦର୍ଶାଅ । ପ୍ରତ୍ୟେକ କ୍ଷେତ୍ରରେ ଉତ୍ତର ଛଅଟି ବାକ୍ୟରେ ସୀମିତ ରହିବା ଆବଶ୍ୟକ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 3 ନମ୍ବର)
   (a) ମୋଟ ଘରୋଇ ଉତ୍ପାଦ ଓ ମୋଟ ଜାତୀୟ ଉତ୍ପାଦ ।
   (b) ମୋଟ ଜାତୀୟ ଉତ୍ପାଦ ଓ ନିଟ୍ ଜାତୀୟ ଉତ୍ପାଦ ।
   (c) ବଜାର ଦରରେ ମୋଟ ଘରୋଇ ଉତ୍ପାଦ ଓ ଉତ୍ପାଦନ ବ୍ୟୟରେ ମୋଟ ଘରୋଇ ଉତ୍ପାଦ ।
   (d) ଜାତୀୟ ଆୟ ଓ ବ୍ୟକ୍ତିଗତ ଆୟ ।
   (e) ବ୍ୟକ୍ତିଗତ ଆୟ ଓ ବ୍ୟକ୍ତିଗତ ପ୍ରଯୁଜ୍ୟ ଆୟ ।
   (f) ଜାତୀୟ ଆୟ ଓ ଘରୋଇ ଆୟ ।
   (g) ବଜାର ଦରରେ ମୋଟ ଜାତୀୟ ଉତ୍ପାଦ ଓ ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ ।
   (h) ସାଧନ ଆୟ ଓ ଅନ୍ତରଣ ଆୟ ।
   (i) ଘରୋଇ ଉତ୍ପାଦ ଓ କଲ୍ୟାଣ ।
   (j) ମୌଦ୍ରିକ ଘରୋଇ ଉତ୍ପାଦ ଓ ବାସ୍ତବ ଘରୋଇ ଉତ୍ପାଦ ।

## 'ଗ' ବିଭାଗ (ଦୀର୍ଘ ଉତ୍ତର ସାପେକ୍ଷ ପ୍ରଶ୍ନ)

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ $7^1/_2$ ନମ୍ବର)

5. ଜାତୀୟ ଆୟ କ'ଣ ? ମୂଲ୍ୟ ସଂଯୋଗିତ ପଦ୍ଧତିରେ ଜାତୀୟ ଆୟ ଗଣନା ବ୍ୟାଖ୍ୟା କର ।
6. ଆୟ ପଦ୍ଧତିରେ ଜାତୀୟ ଆୟ ଗଣନା ବ୍ୟାଖ୍ୟା କର ।
7. ବ୍ୟୟ ପଦ୍ଧତିରେ ଜାତୀୟ ଆୟ ଗଣନା ବ୍ୟାଖ୍ୟା କର ।
8. ଏକ ଦୁଇକ୍ଷେତ୍ର ବିଶିଷ୍ଟ ସରଳ ଅର୍ଥ ବ୍ୟବସ୍ଥାରେ ଆୟର ଚକ୍ରୀୟ ପ୍ରବାହ ବର୍ଣ୍ଣନା କର ।
9. ମୋଟ ଘରୋଇ ଉତ୍ପାଦ କଲ୍ୟାଣର ଏକ ସଠିକ୍ ମାନଦଣ୍ଡ କି ? ଆଲୋଚନା କର ।
10. କେନ୍‌ସଙ୍କ ପ୍ରଭାବ ଆୟ ନିର୍ଦ୍ଧାରଣ ତତ୍ତ୍ୱ ବ୍ୟାଖ୍ୟା କର ।
11. ସାମୁହିକ ଚାହିଦା କ'ଣ ? ଏହାର ଉପାଦାନଗୁଡ଼ିକୁ ବ୍ୟାଖ୍ୟା କର ।

❑❑❑

# ଅଷ୍ଟମ ପରିଚ୍ଛେଦ

## ମୁଦ୍ରା, ବ୍ୟାଙ୍କିଙ୍ଗ, ରାଷ୍ଟ୍ରୀୟ ବିତ୍ତ

- ମୁଦ୍ରାର ଅର୍ଥ ଓ କାର୍ଯ୍ୟ
- ବାଣିଜ୍ୟିକ ବ୍ୟାଙ୍କର ଅର୍ଥ ଓ କାର୍ଯ୍ୟ
- କେନ୍ଦ୍ରୀୟ ବ୍ୟାଙ୍କର ଅର୍ଥ ଓ କାର୍ଯ୍ୟ
- ରାଷ୍ଟ୍ରୀୟ ବିତ୍ତର ଅର୍ଥ ଓ ରାଷ୍ଟ୍ରୀୟ ବିତ୍ତ ଏବଂ ଘରୋଇ ବିତ୍ତ ମଧ୍ୟରେ ପାର୍ଥକ୍ୟ
- ବଜେଟ୍ - ଅର୍ଥ ଓ ଲକ୍ଷ୍ୟ, ସମତୁଲ ଓ ଅସମତୁଲ ବଜେଟ୍, ବଳକା ଓ ନିଅଣ୍ଟିଆ ବଜେଟ୍

# ଅଷ୍ଟମ ପରିଚ୍ଛେଦ

## ମୁଦ୍ରା, ବ୍ୟାଙ୍କିଙ୍ଗ୍ ଓ ରାଷ୍ଟ୍ରୀୟ ବିତ୍ତ

## (Money, Banking and Public Finance)

### 8.1 ମୁଦ୍ରା ଓ ମୁଦ୍ରାର କାର୍ଯ୍ୟ (Money and Functions of Money)

ଆଧୁନିକ ଅର୍ଥ ବ୍ୟବସ୍ଥା ମୁଖ୍ୟତଃ ଏକ ମୌଦ୍ରିକ ଅର୍ଥ ବ୍ୟବସ୍ଥା। ସାମ୍ପ୍ରତିକ ଅର୍ଥ ବ୍ୟବସ୍ଥା ସହ ମୁଦ୍ରା ଓତଃପ୍ରୋତଃ ଭାବେ ଜଡ଼ିତ। ଏଠାରେ ମୁଦ୍ରା ସମସ୍ତ କ୍ଷେତ୍ରରେ ଅବାଧରେ ଏବଂ ବ୍ୟାପକ ଭାବରେ ବ୍ୟବହୃତ ହୋଇଥାଏ। ସୁତରାଂ, ଆଧୁନିକ ଅର୍ଥ ବ୍ୟବସ୍ଥାରେ ମୁଦ୍ରାକୁ ସମସ୍ତ ଆର୍ଥନୀତିକ କାର୍ଯ୍ୟାବଳୀର କେନ୍ଦ୍ରବିନ୍ଦୁ ଭାବେ ବିବେଚନା କରାଯାଏ। ସଂପ୍ରତି ମନୁଷ୍ୟ ମୁଦ୍ରା ସହିତ ଏତେ ମାତ୍ରାରେ ଘନିଷ୍ଠ ଯେ ମୁଦ୍ରା ବିନା ଆଧୁନିକ ସମାଜର ପରିକଳ୍ପନା ଅସମ୍ଭବ।

ମାନବ ସଭ୍ୟତାର ବିବର୍ତ୍ତନ ସହ ମୁଦ୍ରାର କ୍ରମ ବିବର୍ତ୍ତନ ହୋଇଚାଲିଛି। ସଭ୍ୟତାର ପ୍ରାରମ୍ଭରେ ମନୁଷ୍ୟ ମୁଦ୍ରାର ଆବଶ୍ୟକତା ଅନୁଭବ କରୁ ନ ଥିଲା। କାଳକ୍ରମେ ସେ ହୃଦୟଙ୍ଗମ କଲା ଯେ ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା କଦାପି ସମସ୍ତ ଅର୍ଥନୈତିକ ଅଭାବ ପୂରଣ କରାଯାଇ ପାରିବ ନାହିଁ। ତେଣୁ ତାକୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ। ସୁତରାଂ ସେ କେତେକ ଦ୍ରବ୍ୟ ଉତ୍ପାଦନ କରିବା ଦିଗରେ ମନୋନିବେଶ କଲା। ସେହି ଦ୍ରବ୍ୟକୁ ନିଜେ ଉପଭୋଗ କରିବା ପରେ ଯାହା ଉଦ୍‌ବୃତ୍ତ ରହିଲା ତାହାକୁ ଅନ୍ୟମାନଙ୍କର ଉଦ୍‌ବୃତ୍ତ ଦ୍ରବ୍ୟାଦି ସହ ବିନିମୟ କରିବାକୁ ଆରମ୍ଭ କଲା। ବିଭିନ୍ନ ଦ୍ରବ୍ୟ ସମୂହ ମଧ୍ୟରେ ପ୍ରତ୍ୟକ୍ଷ ବା ସିଧାସଳଖ ବିନିମୟକୁ ପଣ୍ୟ ବିନିମୟ (barter) ବା ପ୍ରତ୍ୟକ୍ଷ ବିନିମୟ ବୋଲି କୁହାଯାଉଥିଲା। ଅର୍ଥନୈତିକ କାର୍ଯ୍ୟକଳାପର ପ୍ରକୃତି ସରଳ ଥିବା ପର୍ଯ୍ୟନ୍ତ ପଣ୍ୟ ବିନିମୟ ବ୍ୟବସ୍ଥା ପ୍ରଚଳିତ ଥିଲା। ପରନ୍ତୁ କାଳକ୍ରମେ ମନୁଷ୍ୟର ଅଭାବ ବୃଦ୍ଧି ପାଇବାକୁ ଲାଗିଲା। ଉତ୍ପାଦନ ପଦ୍ଧତି ଜଟିଳତର ହେଲା। ବିନିମୟର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଲା ଓ ମୂଲ୍ୟର ପରିବର୍ତ୍ତନ ହେଲା। ଏହା ଫଳରେ ପ୍ରତ୍ୟକ୍ଷ ବିନିମୟ ପ୍ରକୃତ ସମସ୍ୟା ସୃଷ୍ଟି କଲା। ତେଣୁ ଦ୍ରବ୍ୟ ଓ ସେବାର ପ୍ରତ୍ୟକ୍ଷ ବିନିମୟ ବହୁତ କଷ୍ଟସାଧ୍ୟ ହେଲା। ପ୍ରତ୍ୟକ୍ଷ ବିନିମୟ ପ୍ରଥାର ଅସୁବିଧା ଦୂର କରବା ପାଇଁ ମୁଦ୍ରାର ଉଦ୍ଭାବନ ହେଲା।

ଆବଶ୍ୟକତା ଉଦ୍ଭାବନର ଜନନୀ। ମୁଦ୍ରା କ୍ଷେତ୍ରରେ ତାହା ହିଁ ପ୍ରଯୁଜ୍ୟ। ମୁଦ୍ରା ମାନବର ଶ୍ରେଷ୍ଠ ଉଦ୍ଭାବନ ମାନଙ୍କ ମଧ୍ୟରେ ଅନ୍ୟତମ। କ୍ରାଉଥରଙ୍କ ମତରେ "ମୁଦ୍ରା ମାନବର ଏକ ମୌଳିକ ଉଦ୍ଭାବନ। ଜ୍ଞାନର ପ୍ରତ୍ୟେକ ଶାଖାର ଏକ ମୌଳିକ ଆବିଷ୍କାର ଥାଏ। ଏହା ଯନ୍ତ୍ର ବିଜ୍ଞାନରେ ଚକ୍ର, ବିଜ୍ଞାନରେ ଅଗ୍ନି ଏବଂ ରାଜନୀତିରେ ଭୋଟାଧିକାର। ସେହିପରି ଅର୍ଥଶାସ୍ତ୍ରରେ, ବିଶେଷତଃ ବ୍ୟବସାୟ କ୍ଷେତ୍ରରେ, ମୁଦ୍ରା ମନୁଷ୍ୟର ଏକ ଅତ୍ୟାବଶ୍ୟକ ଉଦ୍ଭାବନ ଯାହା ଉପରେ ଅନ୍ୟ ସମସ୍ତ ବିଷୟ ଆଧାରିତ।" ଆଧୁନିକ କାଳରେ ଉତ୍ପାଦନ, ଉପଭୋଗ, ବିନିମୟ, ବଣ୍ଟନାଦି କାର୍ଯ୍ୟକଳାପ ତଥା ବହିର୍ବାଣିଜ୍ୟ ଓ ଲୋକବିତ୍ତ ମୁଦ୍ରା ଦ୍ୱାରା ବହୁଳ ଭାବରେ ପ୍ରଭାବିତ ହେଉଅଛି। ମାନବ ଜୀବନର ସମସ୍ତ କାର୍ଯ୍ୟକଳାପରେ ମୁଦ୍ରା ପ୍ରଭୁତ୍ୱ ବିସ୍ତାର କରିଅଛି। ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାରେ ମୁଦ୍ରା ପ୍ରମୁଖ ଭୂମିକା ଗ୍ରହଣ କରିଅଛି ଏବଂ ଏହାକୁ ଅର୍ଥନୈତିକ ବିକାଶର ଏକ ମୁଖ୍ୟ ଆୟୁଧ ଭାବରେ ବିବେଚନା କରାଯାଉଅଛି।

### 8.1.1 ମୁଦ୍ରାର ଅର୍ଥ

ଆମେ ସମସ୍ତେ ଏକ ମୌଦ୍ରିକ ଅର୍ଥ ବ୍ୟବସ୍ଥାରେ ବାସ କରୁଥିବାରୁ ମୁଦ୍ରା ସହିତ ସୁପରିଚିତ। ତଥାପି, ମୁଦ୍ରାର ଅର୍ଥ ଜାଣିବା ସକାଶେ କେତେକ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦ୍ୱାରା ପ୍ରଦତ୍ତ ସଂଜ୍ଞାର ବିଶ୍ଳେଷଣ କରିବା ଆବଶ୍ୟକ ମନେହୁଏ। ବ୍ୟାପକ ଅର୍ଥରେ ମୁଦ୍ରାର ସଂଜ୍ଞାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ତାହା ହେଲା-

(1) କାର୍ଯ୍ୟଗତ ସଂଜ୍ଞା
(2) ସାଧାରଣ ଗ୍ରହଣୀୟତା ଉପରେ ଆଧାରିତ ସଂଜ୍ଞା
(3) ବୈଧାନିକ ସଂଜ୍ଞା

ଏହି ସମସ୍ତ ସଂଜ୍ଞାର ବ୍ୟାଖ୍ୟା ନିମ୍ନରେ ପ୍ରଦାନ କରାଯାଇଅଛି।

**(1) କାର୍ଯ୍ୟଗତ ସଂଜ୍ଞା (Functional Definition) :** କେତେକ ଅର୍ଥଶାସ୍ତ୍ରୀ ମୁଦ୍ରାର କାର୍ଯ୍ୟାନୁସାରେ ସଂଜ୍ଞା ନିର୍ଦ୍ଧାରଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରାଉଥର୍ ଏବଂ ୱାକର୍ଙ୍କ ଦ୍ୱାରା ପ୍ରଦତ୍ତ ସଂଜ୍ଞା ବିଶେଷ ପ୍ରଣିଧାନଯୋଗ୍ୟ। କ୍ରାଉଥରଙ୍କ ମତରେ "ଯେକୌଣସି ଦ୍ରବ୍ୟ ଯାହା ବିନିମୟର ମାଧ୍ୟମ ରୂପେ (ଅର୍ଥାତ୍ ଋଣ ପରିଶୋଧର ସାଧନ ରୂପେ) ସର୍ବଜନଗ୍ରାହ୍ୟ ହୋଇଥିବା ସଙ୍ଗେ ସଙ୍ଗେ ମୂଲ୍ୟର ପରିମାପକ ଓ ମୂଲ୍ୟର ନିଧାନ ରୂପେ କାର୍ଯ୍ୟ କରେ ତାହାକୁ ମୁଦ୍ରା କୁହାଯାଏ।" (Money can be anything that is generally acceptable as a means of exchange, i.e., as a means of settling debts, and that at the same time acts as a measure and a store of value) ଉକ୍ତ ସଂଜ୍ଞାରୁ ଏହା ସ୍ପଷ୍ଟ ଯେ ମୁଦ୍ରା ଯେ କୌଣସି ଦ୍ରବ୍ୟ ହୋଇପାରେ ଯାହା ମୁଖ୍ୟତଃ ତିନୋଟି କାର୍ଯ୍ୟ ଯଥା ବିନିମୟର ମାଧ୍ୟମ, ମୂଲ୍ୟର ପରିମାପକ

ଏବଂ ସଞ୍ଚୟର ଧାରକ ବା ମୂଲ୍ୟର ନିଧାନ ରୂପେ କାର୍ଯ୍ୟ ସମ୍ପାଦନ କରିଥାଏ। ଫ୍ରାନ୍ସିସ୍ ୱାକରଙ୍କ ମତରେ "ମୁଦ୍ରା ଯାହା କରେ ତାହା ମୁଦ୍ରା" (Money is what money does)।

ଉକ୍ତ ସଂଜ୍ଞାରୁ ଏହା ସ୍ପଷ୍ଟ ଯେ ମୁଦ୍ରାର କାର୍ଯ୍ୟାବଳୀରୁ ଏହାର ଗୁରୁତ୍ୱ ଉପଲବ୍ଧ ହୋଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୁଦ୍ରାର କାର୍ଯ୍ୟାବଳୀ ସମୟର ଆବର୍ତ୍ତନରେ ବ୍ୟାପକତର ହେଉଅଛି। ଅତୀତରେ ମୁଦ୍ରାକୁ ନିଷ୍କ୍ରିୟଭାବ ମୁଦ୍ରା (neutral money) ଭାବରେ ବିବେଚନା କରାଯାଉଥିଲା। ଅର୍ଥାତ, ଏହା କେବଳ ଦ୍ରବ୍ୟ ଓ ସେବା ବିନିମୟର ଏକ ମାଧ୍ୟମ ରୂପେ କାର୍ଯ୍ୟ କରୁଥିଲା। ଏହା ଉତ୍ପାଦନ, ନିଯୋଜନ, ସଞ୍ଚୟ ଓ ନିବେଶ ଆଦି ବାସ୍ତବ ଚଳ ମାନଙ୍କୁ ପ୍ରଭାବିତ କରିପାରୁ ନ ଥିଲା। କିନ୍ତୁ ଆଧୁନିକ ଅର୍ଥବ୍ୟବସ୍ଥାରେ ମୁଦ୍ରାକୁ ସମସ୍ତ ଆର୍ଥନୀତିକ କାର୍ଯ୍ୟକଳାପର ମୁଖ୍ୟ ନିର୍ଣ୍ଣାୟକ ଭାବରେ ବିବେଚନା କରାଯାଉଅଛି। ସୁତରାଂ ୱାକରଙ୍କ ସଂଜ୍ଞା ଅତି ପ୍ରାସଙ୍ଗିକ।

(2) **ସାଧାରଣ ଗ୍ରହଣୀୟତା ଉପରେ ଆଧାରିତ ସଂଜ୍ଞା (Definition of Money based on General Acceptabilities) :** କେତେକ ଅର୍ଥନୀତିଜ୍ଞ ସାଧାରଣ ଭାବେ ଗୃହୀତ ହେଉଥିବା ଦ୍ରବ୍ୟକୁ ମୁଦ୍ରା କୁହାଯାଏ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରବର୍ଟସନ୍ ଏବଂ ସେଲିଗ୍‌ମ୍ୟାନ୍‌ଙ୍କ ଦ୍ୱାରା ପ୍ରଦତ୍ତ ସଂଜ୍ଞା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ରବର୍ଟସନ୍‌ଙ୍କ ଭାଷାରେ "Money is a commodity which is used to denote anything that is widely accepted in payment for goods or in discharge of other kinds of business and obligations" ଅର୍ଥାତ୍ "ଦ୍ରବ୍ୟର ମୂଲ୍ୟ ପ୍ରଦାନ ଏବଂ ଅନ୍ୟପ୍ରକାର ଦାୟମୁକ୍ତ ହେବା ନିମନ୍ତେ ଯେଉଁ ବସ୍ତୁ ବ୍ୟାପକ ଭାବେ ଗ୍ରହଣୀୟ ହୁଏ, ତାହାକୁ ମୁଦ୍ରା କୁହାଯାଏ।" ସେଲିଗ୍‌ମ୍ୟାନ୍‌ଙ୍କ ମତରେ "ସାଧାରଣ ସ୍ୱୀକୃତି ବା ସାର୍ବଜନୀନ ଗ୍ରହଣୀୟତା ଥିବା ଦ୍ରବ୍ୟ ମୁଦ୍ରା ଅଟେ।" (Money is anything that possesses general acceptability)। ଏହି ସଂଜ୍ଞାମାନ ସାର୍ବଜନୀନ ସ୍ୱୀକୃତି ବା ସାଧାରଣ ଗ୍ରହଣୀୟତା ଉପରେ ଗୁରୁତ୍ୱଆରୋପ କରୁଅଛନ୍ତି। ଅର୍ଥାତ୍ ଦ୍ରବ୍ୟର ମୂଲ୍ୟ ପ୍ରଦାନର ସାଧନ ଭାବରେ ଯେଉଁ ବସ୍ତୁକୁ ସର୍ବସାଧାରଣ ବିନା ଦ୍ୱିଧାରେ ଗ୍ରହଣ କରିଥାଆନ୍ତି, ତାହା ହିଁ ମୁଦ୍ରା। ଏହା ସ୍ମରଣୀୟ ଯେ ମୁଦ୍ରାର ଗ୍ରହଣୀୟତା ଐଚ୍ଛିକ ବା ସ୍ୱେଚ୍ଛା ପ୍ରଣୋଦିତ ହେବା ଆବଶ୍ୟକ। ମାତ୍ର ଆଇନ୍ ଦ୍ୱାରା ବାଧ୍ୟତାମୂଳକ ନୁହେଁ।

(3) **ବୈଧାନିକ ସଂଜ୍ଞା (Legal Definition) :** ଏହି ସଂଜ୍ଞାମାନ ରାଷ୍ଟ୍ରର ସ୍ୱୀକୃତି ଉପରେ ଗୁରୁତ୍ୱାରୋପ କରିଥାନ୍ତି। ଏହି ସଂଜ୍ଞାର ପ୍ରବକ୍ତାମାନଙ୍କ ମତରେ, ଯେଉଁ ଦ୍ରବ୍ୟର ସାହାଯ୍ୟରେ ବୈଧଭାବରେ ଋଣ ପରିଶୋଧ ନିଶ୍ଚିତ ହୋଇଥାଏ, ତାହା ହିଁ ମୁଦ୍ରା ଭାବେ ବିବେଚିତ ହୋଇଥାଏ।

ଜର୍ମାନର ଅର୍ଥଶାସ୍ତ୍ରୀ ନାପ୍ ଏବଂ ବ୍ରିଟେନ୍‌ର ଅର୍ଥଶାସ୍ତ୍ରୀ ହଟ୍ରେ ଏହି ଶ୍ରେଣୀର ଅନ୍ତର୍ଗତ । ନାପ୍‌ଙ୍କ ମତରେ "କେବଳ ଋଣ ପରିଶୋଧ ନିମନ୍ତେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଯେକୌଣସି ଦ୍ରବ୍ୟ ମୁଦ୍ରା ଅଟେ ।" (Any commodity assigned by the state the role of settling debt shall be deemed as money) । ହଟ୍ରେଙ୍କ ମତରେ "ଅର୍ଥ ପ୍ରଦାନର ଆଇନାନୁମୋଦିତ ସାଧନ ହିଁ ମୁଦ୍ରା ଭାବରେ ଗ୍ରହଣୀୟ ହେବା ଉଚିତ ।" (Only legal means of payment should be accepted as money) । ଏହି ସଂଜ୍ଞାମାନଙ୍କରେ ମୁଦ୍ରା ଅତି ସଂକୀର୍ଣ୍ଣ ଅର୍ଥରେ ବ୍ୟବହୃତ ହୋଇଅଛି । ବେଳେବେଳେ ମୁଦ୍ରାର ବିଧିଗ୍ରାହ୍ୟତା ଥିଲେ ମଧ୍ୟ ଏହା ଲୋକଙ୍କ ଦ୍ୱାରା ଗୃହୀତ ହୋଇ ନ ପାରେ । ଅଧିକନ୍ତୁ, ମୁଦ୍ରାର ମୂଲ୍ୟ ଅତିମାତ୍ରାରେ ହ୍ରାସ ପାଇଲେ ରାଷ୍ଟ୍ର ଲୋକମାନଙ୍କୁ ତାହା ଗ୍ରହଣ କରିବାକୁ ବାଧ୍ୟ କରି ନ ପାରନ୍ତି । ଉଦାହରଣ ସ୍ୱରୂପ, ଜର୍ମାନୀର ରାଷ୍ଟ୍ରୀୟ ମୁଦ୍ରା 'ମାର୍କ' ଦୁଇ ବିଶ୍ୱଯୁଦ୍ଧର ମଧ୍ୟବର୍ତ୍ତୀ କାଳରେ ଅତିସ୍ଫୀତି (hyper inflation) ଯୋଗୁ ଲୋକମାନଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇ ନ ଥିଲା ।

ଉପରୋକ୍ତ ସମସ୍ତ ସଂଜ୍ଞାମାନଙ୍କରୁ ଏହା ସୂଚୀତ ଯେ କୌଣସି ଏକ ସଂଜ୍ଞା ସୁସ୍ପଷ୍ଟ, ସଂପୂର୍ଣ୍ଣ, ପୂର୍ଣ୍ଣାଙ୍ଗ, ବ୍ୟାପକ ଏବଂ ସାଧାରଣ ପ୍ରୟୋଗ ଯୋଗ୍ୟ ନୁହେଁ । କୌଣସି ସଂଜ୍ଞା ମୁଦ୍ରାର ସମସ୍ତ ଅତ୍ୟାବଶ୍ୟକ କାର୍ଯ୍ୟାବଳୀକୁ ପ୍ରତିଫଳିତ କରେ ନାହିଁ । ତଥାପି ଏମାନେ ମୁଦ୍ରାର ମୌଳିକ ଉପାଦାନ ମାନଙ୍କୁ ଚିହ୍ନିତ କରିବାରେ ସମର୍ଥ ହୋଇଛନ୍ତି । ସେହି ସମସ୍ତ ମୌଳିକ ଉପାଦାନ ନିମ୍ନରେ ପ୍ରଦାନ କରାଗଲା ।

(1) ମୁଦ୍ରା ଯେକୌଣସି ଦ୍ରବ୍ୟ ହୋଇପାରେ ଯାହାକି (ଏପରିକି ଏକ ମୂଲ୍ୟହୀନ କାଗଜଖଣ୍ଡ ହୋଇପାରେ) ବିନିମୟର ମାଧ୍ୟମ ଭାବରେ ଅଥବା କ୍ରୟ କ୍ଷମତା ହସ୍ତାନ୍ତରର ସର୍ବଜନଗ୍ରାହ୍ୟ ମାଧ୍ୟମରୂପେ କାର୍ଯ୍ୟ କରିଥାଏ ।

(2) ଏହା ଦ୍ରବ୍ୟ ଓ ସେବାର ମୂଲ୍ୟ ପ୍ରଦାନ ତଥା ଭବିଷ୍ୟତ ପାଉଣା ପ୍ରଦାନ ସମେତ ନେଣଦେଣ ସମ୍ପାଦନ କରିବା ନିମନ୍ତେ ବ୍ୟାପକ ଭାବରେ ଗୃହୀତ ହୋଇଥାଏ ।

(3) ମୁଦ୍ରା ପ୍ରଦାନ କରୁଥିବା ବ୍ୟକ୍ତିର ପଦବୀ ଉପରେ ଗୁରୁତ୍ୱ ଦିଆ ନ ଯାଇ ସର୍ବସାଧାରଣଙ୍କ ଦ୍ୱାରା ଗୃହୀତ ହେବା ବିଧେୟ । କାରଣ, ମୁଦ୍ରା ସାଧାରଣ କ୍ରୟ ଶକ୍ତିର ଆଧାର ।

(4) ମୁଦ୍ରା ଆଇନାନୁମୋଦିତ ହୋଇଥିବା ଆବଶ୍ୟକ ବା ମୁଦ୍ରା ପଛରେ ରାଷ୍ଟ୍ରର ସ୍ୱୀକୃତି ଥିବା ଆବଶ୍ୟକ ।

### 8.1.2 ମୁଦ୍ରା ଓ ନିକଟ ମୁଦ୍ରା (Money and Near Moeny)

**ମୁଦ୍ରା :** ପାରମ୍ପରିକ ସଂଜ୍ଞାରେ ସାର୍ବଜନୀନ ସ୍ୱୀକୃତି ବା ସାଧାରଣ ଗ୍ରହଣୀୟତା ଥିବା ଯେ କୌଣସି ବସ୍ତୁକୁ ମୁଦ୍ରା କୁହାଯାଏ । ମୁଦ୍ରାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା– ବିଧିଗ୍ରାହ୍ୟ ମୁଦ୍ରା ଓ ବ୍ୟାଙ୍କ ମୁଦ୍ରା ।

**ବିଧିଗ୍ରାହ୍ୟ ମୁଦ୍ରା (Legal Tender Money) :** ଯେଉଁ ମୁଦ୍ରା ପଛରେ ସାର୍ବଜନୀନ ସ୍ୱୀକୃତି ଓ ଆଇନର ସମର୍ଥନ ଥାଏ ତାହାକୁ ବିଧିଗ୍ରାହ୍ୟ ମୁଦ୍ରା ବା ସାଧାରଣ ମୁଦ୍ରା କୁହାଯାଏ। ସମସ୍ତେ ଏହାକୁ ଗ୍ରହଣ କରିବାକୁ ବାଧ୍ୟ। ବିଧିଗ୍ରାହ୍ୟ ମୁଦ୍ରା ଦୁଇ ପ୍ରକାର ହୋଇପାରେ, ଯଥା– ଅସୀମ ବିଧିଗ୍ରାହ୍ୟ ମୁଦ୍ରା ଓ ସୀମିତ ବିଧିଗ୍ରାହ୍ୟ ମୁଦ୍ରା।

**ଅସୀମ ବିଧିଗ୍ରାହ୍ୟ ମୁଦ୍ରା (Unlimited Legal Tender Money) :** ଦେଶର ଲୋକମାନଙ୍କର ଦେୟ ଓ ଋଣ ପରିଶୋଧ ପାଇଁ ଯେଉଁ ମୁଦ୍ରା ଅସୀମ ପରିମାଣରେ ଗ୍ରହଣୀୟ ହୋଇଥାଏ, ତାହାକୁ ଅସୀମ ବିଧିଗ୍ରାହ୍ୟ ମୁଦ୍ରା କୁହାଯାଏ। ଆମ ଦେଶରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଚଳିତ ନୋଟ (2 ଟଙ୍କିଆ ନୋଟଠାରୁ 2000 ଟଙ୍କିଆ ନୋଟ ପର୍ଯ୍ୟନ୍ତ) ଓ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଏକ ଟଙ୍କିଆ ନୋଟ୍ ଏବଂ କଏନ୍ ଅସୀମ ବିଧିଗ୍ରାହ୍ୟ ମୁଦ୍ରାରେ ଅନ୍ତର୍ଭୁକ୍ତ।

**ସୀମିତ ବିଧିଗ୍ରାହ୍ୟ ମୁଦ୍ରା (Limited Legal Tender Money) :** ଦେୟ ଓ ଋଣ ପରିଶୋଧ କ୍ଷେତ୍ରରେ ଯେଉଁ ମୁଦ୍ରା ସୀମିତ ପରିମାଣରେ ଗ୍ରହଣୀୟ ହୋଇଥାଏ, ତାହାକୁ ସୀମିତ ବିଧିଗ୍ରାହ୍ୟ ମୁଦ୍ରା କୁହାଯାଏ। ଆମ ଦେଶରେ ପ୍ରଚଳିତ 50 ପଇସା, 25 ପଇସା, 20 ପଇସା ଓ 10 ପଇସା ଇତ୍ୟାଦି ଏହି ଶ୍ରେଣୀଭୁକ୍ତ। ପୁନଶ୍ଚ, ବିଧିଗ୍ରାହ୍ୟ ମୁଦ୍ରା ବା ସାଧାରଣ ମୁଦ୍ରାକୁ ହିସାବ ମୁଦ୍ରା ଓ ବାସ୍ତବ ମୁଦ୍ରା ଭାବରେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ।

**ହିସାବ ମୁଦ୍ରା (Money of Account) :** ଯେଉଁ ମୁଦ୍ରା ମାଧ୍ୟମରେ ସମସ୍ତ ଦ୍ରବ୍ୟର ମୂଲ୍ୟ ପ୍ରକାଶିତ ହୁଏ, ତାକୁ ହିସାବ ମୁଦ୍ରା କୁହାଯାଏ। ଭାରତରେ ଟଙ୍କା, ଆମେରିକାରେ ଡଲାର, ଜାପାନରେ ୟେନ୍, ଚୀନ୍‌ରେ ୟୁଆନ୍, ଇଂଲଣ୍ଡରେ ପାଉଣ୍ଡ, ଜର୍ମାନୀରେ ମାର୍କ, ଇଟାଲୀରେ ଲିରା, ଋଷିଆରେ ରୁବଲ୍ ଓ ଫ୍ରାନ୍ସରେ ଫ୍ରାଙ୍କକୁ ହିସାବ ମୁଦ୍ରା କୁହାଯାଏ।

**ବାସ୍ତବ ମୁଦ୍ରା (Money Proper) :** ଯେଉଁ ମୁଦ୍ରା ଦ୍ୱାରା କ୍ରୟ-ବିକ୍ରୟ ଓ ପାଉଣା ପରିଶୋଧ ହୋଇଥାଏ, ତାହାକୁ ବାସ୍ତବ ମୁଦ୍ରା କୁହାଯାଏ। ପ୍ରଚଳିତ ବିଭିନ୍ନ ମୂଲ୍ୟର କାଗଜ ଓ ଧାତୁମୁଦ୍ରା ବାସ୍ତବ ମୁଦ୍ରା। ସୁତରାଂ, ବିଧିଗ୍ରାହ୍ୟ ବାସ୍ତବ ମୁଦ୍ରା ଧାତବ ମୁଦ୍ରା ଓ କାଗଜ ମୁଦ୍ରା ଆକାରରେ ପ୍ରଚଳିତ ହୁଏ।

**ଧାତବ ମୁଦ୍ରା (Metallic Money) :** ଯେଉଁ ମୁଦ୍ରା ଧାତୁରେ ନିର୍ମିତ ହୋଇଥାଏ ତାହାକୁ ଧାତବ ମୁଦ୍ରା କୁହାଯାଏ। ଧାତବ ମୁଦ୍ରା ଦୁଇ ପ୍ରକାର, ଯଥା– ପ୍ରାମାଣିକ ମୁଦ୍ରା ଓ ପ୍ରତୀକ ମୁଦ୍ରା।


**ପ୍ରାମାଣିକ ମୁଦ୍ରା (Standard Money) :** ଯେଉଁ ମୁଦ୍ରାର ମୁଖାଙ୍କିତ ମୂଲ୍ୟ ତାହାର ଅନ୍ତର୍ନିହିତ ମୂଲ୍ୟ ସହ ସମାନ ହୋଇଥାଏ ତାହାକୁ ପ୍ରାମାଣିକ ମୁଦ୍ରା କୁହାଯାଏ। ଏହି ମୁଦ୍ରାକୁ ହିସାବ ମୁଦ୍ରା ରୂପେ ବ୍ୟବହାର କରାଯାଇଥାଏ। ଏହା ଅସୀମ ବିଧିଗ୍ରାହ୍ୟ ମୁଦ୍ରା ଅଟେ। ଏହା ସାଧାରଣତଃ ମୂଲ୍ୟବାନ ଧାତୁରେ ତିଆରି ହୋଇଥାଏ। ଏହି ମୁଦ୍ରା ଅବାଧ ମୁଦ୍ରଣ ପାଇଁ ଉନ୍ମୁକ୍ତ।

**ପ୍ରତୀକ ମୁଦ୍ରା (Token Money) :** ପ୍ରତୀକ ମୁଦ୍ରାର ମୁଖାଙ୍କିତ ମୂଲ୍ୟ ତା'ର ଅନ୍ତର୍ନିହିତ ମୂଲ୍ୟଠାରୁ ଅଧିକ। ଏହା ନିକୃଷ୍ଟ ଧରଣର ଧାତୁରେ ତିଆରି ହୋଇଥାଏ। ଏହା ସୀମିତ ବିଧିଗ୍ରାହ୍ୟ ମୁଦ୍ରା। ଏହାର ଅବାଧ ମୁଦ୍ରଣ ନଥାଏ।

**କାଗଜ ମୁଦ୍ରା (Paper Money) :** ଯେଉଁ ମୁଦ୍ରା କାଗଜରେ ତିଆରି ହୋଇଥାଏ ତାହାକୁ କାଗଜ ମୁଦ୍ରା କୁହାଯାଏ । କାଗଜ ମୁଦ୍ରା ଦୁଇ ପ୍ରକାର, ଯଥା- ରୂପାନ୍ତରଣୀୟ କାଗଜ ମୁଦ୍ରା ଓ ଅରୂପାନ୍ତରଣୀୟ କାଗଜ ମୁଦ୍ରା ।

ଯେଉଁ ପ୍ରକାର କାଗଜ ମୁଦ୍ରାକୁ ଯେ କୌଣସି ସମୟରେ ସମାନ ମୂଲ୍ୟର ଧାତୁରେ ରୂପାନ୍ତର କରାଯାଇପାରେ ତାହାକୁ ରୂପାନ୍ତରଣୀୟ କାଗଜ ମୁଦ୍ରା କୁହାଯାଏ । ଅତୀତରେ ଯେତିକି ପରିମାଣରେ କେନ୍ଦ୍ରୀୟ ବ୍ୟାଙ୍କରେ ସୁନା ଗଚ୍ଛିତ ରଖାଯାଉଥିଲା ତାହାର ସମପରିମିତ କାଗଜ ମୁଦ୍ରା ପ୍ରଚଳନ କରାଯାଉଥିଲା । ସୁତରାଂ ସେହି କାଗଜ ମୁଦ୍ରାକୁ ରୂପାନ୍ତରଣୀୟ କାଗଜମୁଦ୍ରା କୁହାଯାଉଥିଲା । କିନ୍ତୁ ଯେଉଁ କାଗଜମୁଦ୍ରା ସରକାରଙ୍କ ଆଦେଶ ଦ୍ୱାରା ପ୍ରଚଳିତ ହୋଇଥାଏ ଏବଂ ଏହା ବଦଳରେ ସମପରିମାଣ ଧାତୁ ମିଳେ ନାହିଁ, ତାହାକୁ ଆଦେଶ ମୁଦ୍ରା ବା ଅରୂପାନ୍ତରଣୀୟ କାଗଜ ମୁଦ୍ରା କୁହାଯାଏ । ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଏକ ଟଙ୍କିଆ କାଗଜ ମୁଦ୍ରା ଏହାର ଉଦାହରଣ ।

**ବ୍ୟାଙ୍କ ମୁଦ୍ରା (Bank Money) :** ବାଣିଜ୍ୟିକ ବ୍ୟାଙ୍କମାନେ ଋଣ ମଞ୍ଜୁର କଲାବେଳେ ଋଣଗ୍ରହୀତାଙ୍କୁ ସମ୍ପୂର୍ଣ୍ଣ ଋଣ ପରିମାଣ କୁ ନଗଦ ଆକାରରେ ପ୍ରଦାନ ନ କରି ତାଙ୍କ ନାମରେ ଏକ ଜମା ସୃଷ୍ଟି କରିଥାନ୍ତି । ଚେକ୍ ମାଧ୍ୟମରେ ଏହି ଜମାରୁ ମୁଦ୍ରା ଉଠାଣ ପାଇଁ ଅନୁମତି ଦିଆଯାଇଥାଏ । ଏହା ଦ୍ୱାରା ବ୍ୟାଙ୍କ ଜମା ସୃଷ୍ଟି ହୁଏ ଯାହା ବ୍ୟାଙ୍କ ମୁଦ୍ରା ହିସାବରେ ପ୍ରଚଳିତ ହୁଏ । ଏହା ଫଳରେ ଦେଶରେ ମୁଦ୍ରା ଯୋଗାଣ ବୃଦ୍ଧି ହୁଏ । ବ୍ୟାଙ୍କ ମୁଦ୍ରା ଦେଶରେ ମୁଦ୍ରା ଯୋଗାଣର ଏକ ବୃହତ୍ତର ଅଂଶବିଶେଷ ।



ସଂପ୍ରତି ମୁଦ୍ରାକୁ ତରଳତା ଭିତ୍ତିରେ ସଂଜ୍ଞା ପ୍ରକରଣ ଓ ବର୍ଗୀକରଣ କରାଯାଇଅଛି । ଆମ ପାଖରେ ଥିବା ସମସ୍ତ ପରିସମ୍ପତ୍ତି ମଧ୍ୟରେ ମୁଦ୍ରା ସର୍ବୋତ୍କୃଷ୍ଟ ବା ପରିପୂର୍ଣ୍ଣ ତରଳ ପରିସମ୍ପତ୍ତି । ତରଳ ପରିସମ୍ପତ୍ତି କହିଲେ ସେହି ପଦାର୍ଥକୁ ବୁଝାଏ ଯାହାକୁ ଯେକୌଣସି ସମୟରେ ଦ୍ରବ୍ୟ ଓ ସେବାରେ ବିନିମୟ ମାଧ୍ୟମରେ ପରିବର୍ତ୍ତିତ କରିହେବ । ଆମ ଦେଶରେ ପ୍ରଚଳିତ ନୋଟ୍ ଓ ଧାତବ ମୁଦ୍ରା ଶତପ୍ରତିଶତ ତରଳ ପରିସମ୍ପତ୍ତି କାରଣ ଏହା ବିନିମୟରେ ଆମେ ଯେକୌଣସି ଦ୍ରବ୍ୟ ଓ ସେବା ଆହରଣ କରିପାରୁ । ବ୍ୟାଙ୍କ ମୁଦ୍ରା ସାହାଯ୍ୟରେ ଦ୍ରବ୍ୟ ଓ ସେବା କ୍ରୟ କରିପାରୁଥିବାରୁ ଏହା ମଧ୍ୟ ବିଧିଗ୍ରାହ୍ୟ ମୁଦ୍ରା ପରି ତରଳ ବିବେଚିତ ହୋଇଥାଏ ।

## ନିକଟ ମୁଦ୍ରା

ଆଧୁନିକ ଅର୍ଥବ୍ୟବସ୍ଥାରେ କେତେକ ପରିସମ୍ପତ୍ତି ଦେଖିବାକୁ ମିଳେ ଯାହା ସର୍ବଜନ ଗ୍ରହଣୀୟ ବା ଆଇନସମ୍ମତ ନ ହେଲେ ମଧ୍ୟ ମୁଦ୍ରାର କେତେକ କାର୍ଯ୍ୟ କରିଥାଏ । ଏହି ସବୁ ପରିସମ୍ପତ୍ତି ବିଶେଷ ସମୟ ବା ମୂଲ୍ୟର ଅପଚୟ ନ ଘଟାଇ ସହଜରେ ମୁଦ୍ରାକୁ ରୂପାନ୍ତରିତ ହୋଇପାରିବ । ସୁତରାଂ, ସେହି ପ୍ରକାର ପରିସମ୍ପତ୍ତିକୁ ନିକଟ ମୁଦ୍ରା କୁହାଯାଏ । କୌଣସି ଏକ ପରିସମ୍ପତ୍ତି ନିକଟ ମୁଦ୍ରା ପଦବାଚ୍ୟ ହେବାକୁ ହେଲେ ତାହା ଅତ୍ୟନ୍ତ ତରଳ ହେବା ଆବଶ୍ୟକ । ଅନାୟାସରେ ତଥା ବିନା ସମୟ ଓ ମୂଲ୍ୟ ଅପଚୟରେ ପରିସମ୍ପତ୍ତିର ମୁଦ୍ରାକୁ ରୂପାନ୍ତରିତ ହେବାକୁ ହିଁ ତରଳତା କୁହାଯାଏ । ତରଳତା ଯେତେ ବେଶୀ ହେବ, ପରିସମ୍ପତ୍ତିଟି ମୁଦ୍ରାର ସେତିକି ନିକଟବର୍ତ୍ତୀ ହେବ ଏବଂ ତରଳତା ଯେତେ କମ୍ ହେବ ପରିସମ୍ପତ୍ତିଟି ମୁଦ୍ରାଠୁଁ ସେତେ ଦୂରେଇ ଯିବ । ସବୁ ପରିସମ୍ପତ୍ତି ମୁଦ୍ରାର ନିବିଡ଼ ପ୍ରତିସ୍ଥାପକ କିନ୍ତୁ ସମ୍ପୂର୍ଣ୍ଣ ମୁଦ୍ରା ନୁହଁନ୍ତି । ତେଣୁ ସେଗୁଡ଼ିକ ନିକଟ ମୁଦ୍ରାର ଅନ୍ତର୍ଗତ । ଆଇନଗ୍ରାହ୍ୟ ହୋଇ ନ ଥିବା ମୁଦ୍ରା ଓ ଇଚ୍ଛାଧିନ ମୁଦ୍ରା ନିକଟ ମୁଦ୍ରା ଭାବେ ବିବେଚିତ । ସୁତରାଂ "ନିକଟ ମୁଦ୍ରା କହିଲେ ଅଧିକ ତରଳତା ସମ୍ପନ୍ନ ସେହି ପରିସମ୍ପତ୍ତିକୁ ବୁଝାଏ ଯାହା ମୂଲ୍ୟର ଅପଚୟ ବିନା ସ୍ୱଳ୍ପ ସମୟରେ ମୁଦ୍ରାରେ ପରିଣତ କରାଯାଇପାରେ ।"

ନିକଟ ମୁଦ୍ରାର ଉଦାହରଣ ହେଲା– (1) ବିନିମୟ ମୂଲ୍ୟ ପତ୍ର (Bill of exchange), (2) ସଞ୍ଚୟ ଜମା (Saving Deposit), (3) ମିଆଦୀ ଜମା (Term Deposit), (4) ରାଜକୋଷୀୟ ମୂଲ୍ୟ ପତ୍ର (Treasury Bills), (5) ସରକାରୀ ପ୍ରତିଭୂତି (Government Securities), (6) କମ୍ପାନୀର ଅଂଶ (Company Shares), (7) ବଣ୍ଡ ବା ବନ୍ଧକ ବା ଋଣ ପତ୍ର (Bonds), (8) ଜୀବନବୀମା ପଲିସି (Life Insurance Policy)ର ନଗଦମୁଦ୍ରା ସମର୍ପଣ ମୂଲ୍ୟ, (9) ଭବିଷ୍ୟନିଧି ସଞ୍ଚୟ (Provident Fund), ତମସୁକ ପତ୍ର (Debentures) ଇତ୍ୟାଦି ।

ଏହି ସମସ୍ତ ନିକଟ ମୁଦ୍ରାକୁ ସିଧାସଳଖ କାରବାର ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ । ନିକଟ ମୁଦ୍ରା ବା ପ୍ରତିସ୍ଥାପକ ମୁଦ୍ରାର ସାଧନ ସବୁ ଦାବି ଆକାରରେ ରହିଥାଏ । ଜଣେ ବ୍ୟକ୍ତିକୁ ଅନ୍ୟ ଜଣେ ବ୍ୟକ୍ତିର ଋଣକୁ ଏହା ସ୍ୱୀକାର କରେ । ଏହିସବୁ ପରିସମ୍ପତ୍ତି ବ୍ୟୟପୂର୍ବରୁ ପ୍ରଥମେ ପ୍ରକୃତ ମୁଦ୍ରାରେ ରୂପାନ୍ତରିତ ହୋଇଯାଏ । ଯେଉଁ ପରିସମ୍ପତ୍ତି ଅନାୟାସରେ ତଥା ବିଶେଷ ସମୟ ଓ ମୂଲ୍ୟର ଅପଚୟ ନ ଘଟାଇ ବଜାରରେ ବିକ୍ରୟ ହୋଇପାରେ

ବା ମୁଦ୍ରାରେ ରୂପାନ୍ତରିତ ହୋଇପାରେ ତାହା ନିକଟ ମୁଦ୍ରା ପଦବାଚ୍ୟ ହୋଇଥାଏ। ନିକଟ ମୁଦ୍ରାର ତ୍ୱରିତ ତରଳତା ନଥାଏ; ଯାହା ମୁଦ୍ରାରେ ଥାଏ।

ନିମ୍ନରେ ମୁଦ୍ରା ଓ ନିକଟ ମୁଦ୍ରା ମଧ୍ୟରେ ତୁଳନା ପ୍ରଦାନ କରାଯାଇଅଛି।

**ସାଦୃଶ୍ୟ:** ମୁଦ୍ରା ଓ ନିକଟ ମୁଦ୍ରା ମଧ୍ୟରେ ନିମ୍ନଲିଖିତ ସାମଞ୍ଜସ୍ୟ ପ୍ରତୀୟମାନ ହୁଏ।

(1) ଉଭୟ ମୁଦ୍ରା ଓ ନିକଟ ମୁଦ୍ରା ଦାବି ଅଟନ୍ତି। ଧାତବ ମୁଦ୍ରା ଓ କାଗଜ ମୁଦ୍ରା ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କ (ଯେକି ମୁଦ୍ରାର ପ୍ରଚଳନକାରୀ) ଉପରେ ଦାବି ହୋଇଥିବାବେଳେ ବ୍ୟାଙ୍କ ମୁଦ୍ରା ଜମା ରଖାଯାଇଥିବା ବ୍ୟାଙ୍କ ଉପରେ ଦାବି ଅଟେ। ସେହିପରି ନିକଟ ମୁଦ୍ରା ଏହାକୁ ପ୍ରଚଳନ କରୁଥିବା କର୍ତ୍ତୃପକ୍ଷଙ୍କ ଉପରେ ଦାବି ଅଟେ। ଉଦାହରଣ ସ୍ୱରୂପ, ସରକାରଙ୍କ ଦ୍ୱାରା ନିର୍ଗମିତ ହୋଇଥିବା ବନ୍ଧକପତ୍ର ସରକାରଙ୍କ ଉପରେ ଦାବି ଭାବରେ ବିଚାର କରାଯାଏ।

(2) ତରଳତା ଉଭୟ ମୁଦ୍ରା ଏବଂ ନିକଟ ମୁଦ୍ରାର ସାଧାରଣ ଧର୍ମ ବା ଗୁଣ। ଅବଶ୍ୟ, ମୁଦ୍ରା ନିକଟ ମୁଦ୍ରାଠାରୁ ଅଧିକ ତରଳ ହୋଇଥାଏ, କାରଣ ଏହାର ତ୍ୱରିତ ତରଳତା ଅଛି।

(3) ଉଭୟ ମୁଦ୍ରା ଏବଂ ନିକଟ ମୁଦ୍ରା ସଞ୍ଚୟର ଧାରକ ଭାବେ କାର୍ଯ୍ୟ କରିଥାନ୍ତି। ମାତ୍ର ନିକଟ ମୁଦ୍ରା ମୂଲ୍ୟ ସଞ୍ଚୟର ଧାରକ ହେବା ସହିତ ଆୟ ଅର୍ଜନ କରୁଥିବାରୁ ଏହା ମୁଦ୍ରାଠାରୁ ଅଧିକ ପସନ୍ଦଯୋଗ୍ୟ।

**ପାର୍ଥକ୍ୟ:** ମୁଦ୍ରା ଏବଂ ନିକଟ ମୁଦ୍ରା ମଧ୍ୟରେ ନିମ୍ନଲିଖିତ ପାର୍ଥକ୍ୟ ଦେଖାଯାଏ।

(1) ଧାତବ ମୁଦ୍ରା, କାଗଜ ମୁଦ୍ରା ଏବଂ ବ୍ୟାଙ୍କର ଚାହିଦା ଜମା ମୁଦ୍ରାର ଅନ୍ତର୍ଭୁକ୍ତ। ମାତ୍ର ସମୟ ଜମା, ବିନିମୟ ପତ୍ର, ବନ୍ଧକ ପତ୍ର, ପ୍ରତିଭୂତି ଆଦି ଆର୍ଥିକ ପରିସମ୍ପତ୍ତି ନିକଟ ମୁଦ୍ରାର ଅନ୍ତର୍ଭୁକ୍ତ।

(2) ମୁଦ୍ରା ସମ୍ପୂର୍ଣ୍ଣ ଭାବେ ତରଳ। ଏହା ଶତକଡ଼ା ଶହେ ଭାଗ ତରଳ। ପରନ୍ତୁ ନିକଟ ମୁଦ୍ରା ଶତକଡ଼ା ଶହେ ଭାଗ ତରଳ ନୁହେଁ। ଅବଶ୍ୟ ତାହା ଅନାୟାସରେ ସମୟ ଓ ମୂଲ୍ୟର ବିଶେଷ ଅପଚୟ ନ ଘଟାଇ ମୁଦ୍ରାରେ ରୂପାନ୍ତରିତ ହୋଇପାରେ।

(3) ମୁଦ୍ରା ହିସାବର ଏକକ ଏବଂ ମୂଲ୍ୟର ସାଧାରଣ ପରିମାପକ ହିସାବରେ କାର୍ଯ୍ୟ କରିଥାଏ। ସମସ୍ତ ଦ୍ରବ୍ୟର ଦାମ୍ ମୁଦ୍ରା ଆକାରରେ ପ୍ରକାଶିତ ହୋଇଥାଏ। ନିକଟ ମୁଦ୍ରା ସେଭଳି କାର୍ଯ୍ୟ ସମ୍ପାଦନ କରି ନ ଥାଏ। ବରଂ ଏହାର ନିଜର ମୂଲ୍ୟ ମୁଦ୍ରା ଆକାରରେ ପ୍ରକାଶିତ ହୋଇଥାଏ।

(4) ଅର୍ଥନୈତିକ କାରବାର ନିମନ୍ତେ ମୁଦ୍ରା ସିଧାସଳଖ ବ୍ୟବହୃତ ହୋଇଥାଏ। ନିକଟ ମୁଦ୍ରା କିନ୍ତୁ ବିନିମୟର ଏକ ପରୋକ୍ଷ ମାଧ୍ୟମ। ଏହାର ଅର୍ଥ ଏହି ଯେ ସର୍ବପ୍ରଥମେ ନିକଟ ମୁଦ୍ରାକୁ ନଗଦ ମୁଦ୍ରାରେ ରୂପାନ୍ତରିତ କରିବାକୁ ପଡ଼ିଥାଏ ଏବଂ ତାପରେ ତାହା କାରବାରରେ ବ୍ୟବହୃତ ହୋଇଥାଏ।

(5) ମୁଦ୍ରା ଏକ ଆୟ ଅର୍ଜନକାରୀ ପରିସମ୍ପତ୍ତି ନୁହେଁ। ମୁଦ୍ରା ରଖିଥିବା ବ୍ୟକ୍ତିକୁ ଏହା ଆୟ ପ୍ରଦାନ କରି ନ ଥାଏ। ମାତ୍ର ନିକଟ ମୁଦ୍ରା ଆୟ ଉତ୍ପନ୍ନ କରିଥାଏ।

ମୁଦ୍ରା ଏବଂ ନିକଟ ମୁଦ୍ରା ମଧ୍ୟରେ ପାର୍ଥକ୍ୟ ବେଳେବେଳେ କଠିନ ହୋଇଥାଏ। କାରଣ ସମସ୍ତ ପରିସମ୍ପତ୍ତି ବିଭିନ୍ନ ମାତ୍ରାରେ ତରଳତା ଏବଂ ମୁଦ୍ରାତ୍ୱ ଗୁଣର ଅଧିକାରୀ ହୋଇଥାନ୍ତି। ଯେ ଯାହାହେଉ, ଏହା ସ୍ୱୀକାର କରିବାକୁ ହେବ ଯେ ନିକଟ ମୁଦ୍ରାର ସତ୍ତା ମୁଦ୍ରାର ସଂଜ୍ଞାକୁ ସମ୍ପ୍ରସାରିତ ଏବଂ ବ୍ୟାପକ କରିଛି, ସାମଗ୍ରିକ ତରଳତା ସ୍ତରର ଅଭିବୃଦ୍ଧି କରିଛି, ମୁଦ୍ରାର ଗତିକୁ ବଢ଼ାଇଛି ଏବଂ ସର୍ବୋପରି ସାମଗ୍ରିକ ବ୍ୟୟ ସ୍ତରର ଅଭିବୃଦ୍ଧି କରିଛି। ତଥାପି, ମୌଦ୍ରିକ ବ୍ୟବସ୍ଥାର ସାର୍ଥକ ଏବଂ ଫଳପ୍ରଦ ରୂପାୟନରେ ନିକଟ ମୁଦ୍ରାର ପରିମାଣ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଦୃଷ୍ଟିରୁ ଏହା ଯଥାର୍ଥ ଦୃଷ୍ଟି ଆକର୍ଷଣ କରିଥାଏ। ସୁତରାଂ ନିକଟ ମୁଦ୍ରା ତାତ୍ପର୍ଯ୍ୟପୂର୍ଣ୍ଣ।

### 8.1.3 ମୁଦ୍ରାର କାର୍ଯ୍ୟ (Functions of Money)

ମୁଦ୍ରା ମାନବର ସବୁଠୁଁ ମହତ୍ତ୍ୱପୂର୍ଣ୍ଣ ଉଦ୍‌ଭାବନ। ଆମେ ମୁଦ୍ରା ସହ ଏପରି ନିବିଡ଼ ଭାବେ ସଂଶ୍ଳିଷ୍ଟ ଏବଂ ଏହା ଆମ ଜୀବନକୁ ଏପରି ଗଭୀର ଭାବେ ପ୍ରଭାବିତ କରୁଛି ଯେ ଆଜିର ଅର୍ଥ ବ୍ୟବସ୍ଥା ମୌଦ୍ରିକ ଅର୍ଥ ବ୍ୟବସ୍ଥା ରୂପେ ବର୍ଣ୍ଣିତ। ୱାକରଙ୍କ ମତରେ "ମୁଦ୍ରା ଯାହା କରେ ତାହା ମୁଦ୍ରା।" ଉକ୍ତ ସଂଜ୍ଞାର ସାରମର୍ମ ହେଲା ଯେ ମୁଦ୍ରାର ଗୁରୁତ୍ୱ ତାହାର କାର୍ଯ୍ୟାବଳୀରେ ପ୍ରତିଫଳିତ ହୁଏ। ମୁଦ୍ରାର କାର୍ଯ୍ୟ ପରିପ୍ରେକ୍ଷୀରେ ହାର୍ଟଲି ୱିଦର୍ସଙ୍କ ଦୁଇପାଦ ବିଶିଷ୍ଟ ମିତ୍ରାକ୍ଷର ପଦ ଉଲ୍ଲେଖନୀୟ। ତାହା ହେଲା–

"Money is a matter of functions four
A medium, a measure, a standard and a store."

ଅର୍ଥାତ୍ ଚାରିଗୋଟି କାର୍ଯ୍ୟ ମୁଦ୍ରା କରିବାର ମାଧ୍ୟମ, ମାପକ, ମାନକ, ଭଣ୍ଡାର।

ଅର୍ଥାତ୍ ମୁଦ୍ରା ଚାରୋଟି କାର୍ଯ୍ୟ ସମ୍ପାଦନ କରିଥାଏ ଯଥା: ବିନିମୟର ମାଧ୍ୟମ, ମୂଲ୍ୟର ପରିମାପକ, ସ୍ଥଗିତ ପ୍ରାପ୍ୟ ପ୍ରଦାନର ମାନ ଏବଂ ମୂଲ୍ୟ ସଞ୍ଚୟର ଧାରକ ବା ମୂଲ୍ୟର ଏକ ନିଧାନ। ପ୍ରଥାନୁସାରେ ମୁଦ୍ରାର କାର୍ଯ୍ୟାବଳୀକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ତାହା ହେଲା

(A) ପ୍ରାଥମିକ କାର୍ଯ୍ୟାବଳୀ

(i) ବିନିମୟର ମାଧ୍ୟମ

(ii) ମୂଲ୍ୟର ପରିମାପକ

(B) ମାଧ୍ୟମିକ କାର୍ଯ୍ୟାବଳୀ

(i) ସ୍ଥଗିତ ପ୍ରାପ୍ୟ ପ୍ରଦାନର ମାନ

(ii) ମୂଲ୍ୟର ଏକ ନିଧାନ ବା ମୂଲ୍ୟ ସଞ୍ଚୟର ଧାରକ

(iii) ମୂଲ୍ୟ ସ୍ଥାନାନ୍ତରକରଣର ସାଧନ

(C) ଆନୁସଙ୍ଗିକ କାର୍ଯ୍ୟ

(i) ଋଣ ବ୍ୟବସ୍ଥାର ମୂଳ ଭିତ୍ତି

(ii) ଜାତୀୟ ଉତ୍ପାଦର ବଣ୍ଟନ

(iii) ସର୍ବାଧିକ ପରିତୃପ୍ତି ତଥା ସର୍ବାଧିକ ଲାଭ ହାସଲ କରିବାର ସାଧନ

(iv) ସମ୍ପଦର ତରଳତା ବହନ

ମୁଦ୍ରାର ଏହି କାର୍ଯ୍ୟାବଳୀ ବିଶଦ ଭାବେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

(A) ପ୍ରାଥମିକ କାର୍ଯ୍ୟାବଳୀ (**Primary Functions**))

(i) **ବିନିମୟର ମାଧ୍ୟମ (Medium of Exchange) :** ମୁଦ୍ରା ବିନିମୟର ଏକ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ଅର୍ଥାତ୍, ଦ୍ରବ୍ୟ ଓ ସେବା ଆଦିର ବିନିମୟ ମୁଦ୍ରା ମାଧ୍ୟମରେ ସମ୍ପନ୍ନ ହୋଇଥାଏ । ମୁଦ୍ରା ବିନିମୟର ମାଧ୍ୟମ ରୂପେ କାର୍ଯ୍ୟ କରୁଥିବାରୁ ଦ୍ରବ୍ୟର କ୍ରୟ ବିକ୍ରୟ ସହଜ ହୋଇଥାଏ । ମୁଦ୍ରାର ଏହି କାର୍ଯ୍ୟର ସୁଫଳଗୁଡ଼ିକ ନିମ୍ନରେ ଦିଆଯାଇଛି ।

ପ୍ରଥମତଃ, ପ୍ରତ୍ୟକ୍ଷ ବିନିମୟ ବ୍ୟବସ୍ଥାରେ ଅଭାବର ଦ୍ୱୈତ ସଙ୍ଗତିର ଅନୁପସ୍ଥିତି ଯୋଗୁ ଲୋକମାନେ ଦ୍ରବ୍ୟ ବିନିମୟ କ୍ଷେତ୍ରରେ ଯେଉଁ ଅସୁବିଧା ଭୋଗ କରନ୍ତି, ମୁଦ୍ରା ତାହା ଦୂର କରିଥାଏ । ପ୍ରତ୍ୟକ୍ଷ ବିନିମୟ ବ୍ୟବସ୍ଥାରେ

ଜଣେ ବ୍ୟକ୍ତିକୁ ସେ ଆବଶ୍ୟକ କରୁଥିବା ଦ୍ରବ୍ୟର ଅଧିକାରୀ ଜଣଙ୍କୁ ଖୋଜି ବାହାର କରିବାକୁ ପଡ଼ିଥାଏ, ଯିଏକି ପ୍ରତିବଦଳରେ ତା ପାଖରେ ଥିବା ଦ୍ରବ୍ୟକୁ ଗ୍ରହଣ କରିବାକୁ ଇଚ୍ଛୁକ ଥାଏ। ଅନେକ ସମୟରେ ଏହା ବିରାଟ ଅସୁବିଧା ସୃଷ୍ଟି କରେ। ବିନିମୟର ମାଧ୍ୟମ ଭାବରେ ମୁଦ୍ରା ଏହି ଅସୁବିଧା ଦୂର କରିଥାଏ। ମୁଦ୍ରାର ପ୍ରବର୍ତ୍ତନ ଯୋଗୁଁ ବିନିମୟ ପ୍ରକ୍ରିୟା ଦୁଇଟି କାର୍ଯ୍ୟକଳାପରେ ବିଭକ୍ତ ହୁଏ। ପ୍ରଥମେ ଦ୍ରବ୍ୟାଦିକୁ ମୁଦ୍ରା ସହ ବିନିମୟ କରାଯାଏ। ପରେ ସେହି ମୁଦ୍ରା ସାହାଯ୍ୟରେ ଅନ୍ୟାନ୍ୟ ଯେ କୌଣସି ଦ୍ରବ୍ୟ ଇଚ୍ଛା ମୁତାବକ କିଣାଯାଇପାରେ।

ଦ୍ୱିତୀୟତଃ, ବିନିମୟର ମାଧ୍ୟମ ଭାବରେ ମୁଦ୍ରା ସେବା ପ୍ରଭୃତିର ବିନିମୟକୁ ସହଜ କରେ। ଶିକ୍ଷକ, ଚିକିତ୍ସକ, ଇଞ୍ଜିନିୟର ପ୍ରଭୃତି ସେବାଗତ ଉପଯୋଗିତା ସୃଷ୍ଟି କରୁଥିବା ବ୍ୟକ୍ତିମାନେ ସେବା ବିନିମୟରେ ଅର୍ଥ ଉପାର୍ଜନ କରନ୍ତି। ଏହି ଅର୍ଥ ବିନିମୟରେ ଯେ କୌଣସି ଦ୍ରବ୍ୟ କ୍ରୟ କରାଯାଇପାରେ।

ତୃତୀୟତଃ, ସର୍ବଜନଗ୍ରାହ୍ୟ ବିନିମୟ ମାଧ୍ୟମ ଭାବେ ମୁଦ୍ରା ପ୍ରତ୍ୟକ୍ଷ ବିନିମୟ ପ୍ରଥା ଅନ୍ତର୍ଗତ ଅବିଭାଜ୍ୟ ଦ୍ରବ୍ୟ ସମୂହର ବିଭାଜ୍ୟତା ସମ୍ପର୍କିତ ଅସୁବିଧା ଦୂର କରିଥାଏ। ପ୍ରତ୍ୟକ୍ଷ ବିନିମୟ ବ୍ୟବସ୍ଥାରେ ଅଳ୍ପ ପରିମାଣର ଚାଉଳ କିଣିବାର ଆବଶ୍ୟକତା ଥିଲେ ବା ବିଭିନ୍ନ ଦ୍ରବ୍ୟ ଆବଶ୍ୟକ ହେଉଥିଲେ ସେଥିପାଇଁ ଏକ ଛେଳିର ବିନିମୟ ଅସମ୍ଭବ ହୋଇଥାଏ। କିନ୍ତୁ ମୌଦ୍ରିକ ଅର୍ଥ ବ୍ୟବସ୍ଥାରେ ଜଣେ ତାର ଛେଳିକୁ ବିକ୍ରିକରି ମୁଦ୍ରା ଲାଭ କରିପାରେ ଏବଂ ଉପଲବ୍ଧ ମୁଦ୍ରା ସାହାଯ୍ୟରେ ସେ ଆବଶ୍ୟକ ଅନୁସାରେ ଚାଉଳ ଓ ଅନ୍ୟାନ୍ୟ ଦ୍ରବ୍ୟ କ୍ରୟ କରିପାରେ। ଅର୍ଥାତ୍ ଆଧୁନିକ କାଳରେ ମୁଦ୍ରାକୁ ଅର୍ଥ ପ୍ରଦାନର ଏକ ଉପାୟ ବା ସାଧନ ଭାବରେ ବ୍ୟବହାର କରାଯାଇପାରୁଛି।

ଚତୁର୍ଥରେ, ବିନିମୟର ଏକ ମାଧ୍ୟମ ଆକାରରେ ମୁଦ୍ରା ବିଶେଷୀକରଣ କରିବାକୁ ଉତ୍ସାହିତ କରିଥାଏ। ଆଜିକାଲି, କୌଣସି ବ୍ୟକ୍ତିବିଶେଷଙ୍କୁ ସେ ଆବଶ୍ୟକ କରୁଥିବା ସମସ୍ତ ଦ୍ରବ୍ୟକୁ ନିଜେ ଉତ୍ପାଦନ କରିବାକୁ ପଡ଼େ ନାହିଁ। ସେ କେବଳ ସେହି ଜିନିଷ ନିଜେ ଉତ୍ପାଦନ କରେ ଯାହାକୁ ସେ ଅନ୍ୟମାନଙ୍କ ତୁଳନାରେ କମ୍ ଖର୍ଚ୍ଚରେ ଉତ୍ପାଦନ କରିବାକୁ ସମର୍ଥ ହୋଇଥାଏ। ତାପରେ ସେ ନିଜର ଉତ୍ପାଦିତ ଦ୍ରବ୍ୟର ବିକ୍ରି ଲବ୍ଧ ମୁଦ୍ରା ସାହାଯ୍ୟରେ ଅନ୍ୟାନ୍ୟ ଦ୍ରବ୍ୟକୁ କ୍ରୟ କରିପାରେ। ସୁତରାଂ, ମୁଦ୍ରା ଲୋକମାନଙ୍କୁ ବିଶେଷୀକରଣ ପାଇଁ ପ୍ରୋତ୍ସାହନ ଦେଇଥାଏ। ବିଶେଷୀକରଣ ଯୋଗୁଁ ଉତ୍ପାଦନ ବୃଦ୍ଧି ହୋଇଥାଏ ଓ ଦ୍ରବ୍ୟର ଦର ସାଧାରଣ ସ୍ତରରେ ରହିଥାଏ। ସଂକ୍ଷେପରେ କହିଲେ, ଲୋକମାନଙ୍କର ଜୀବନଧାରଣର ମାନ ବୃଦ୍ଧି କରିବାରେ ମୁଦ୍ରା ବିଶେଷ ଭାବରେ ସହାୟକ ହୋଇଥାଏ।

(ii) ମୂଲ୍ୟର ପରିମାପକ (**Measure of Value**) : ଯେପରି ମିଟର ସାହାଯ୍ୟରେ ଦୂରତା ଏବଂ ଗ୍ରାମ୍ ସାହାଯ୍ୟରେ ଓଜନର ପରିମାପ କରାଯାଇପାରେ, ମୁଦ୍ରା ଅନ୍ୟାନ୍ୟ ସମସ୍ତ ଦ୍ରବ୍ୟ ଓ ସେବାର ଏକ ମୂଲ୍ୟ ପରିମାପକ ଭାବରେ କାର୍ଯ୍ୟ କରିଥାଏ। ମୁଦ୍ରା ସାହାଯ୍ୟରେ ଦ୍ରବ୍ୟର ମୂଲ୍ୟ ପ୍ରକାଶ କରାଗଲେ ତାହାକୁ ଦ୍ରବ୍ୟର ଦାମ୍ କୁହାଯାଏ। ବିଭିନ୍ନ ଦ୍ରବ୍ୟର ଦାମ୍‌କୁ ତୁଳନା କରି ସେମାନଙ୍କ

ମଧ୍ୟରେ ବିନିମୟର ହାର ନିର୍ଦ୍ଧାରଣ କରାଯାଇପାରେ। ମୂଲ୍ୟର ସାଧାରଣ ପରିମାପକ ଭାବରେ ମୁଦ୍ରା ନିମ୍ନଲିଖିତ ଉପକାର ପ୍ରଦାନ କରିଥାଏ।

ପ୍ରଥମତଃ, ଏହା ଦ୍ରବ୍ୟ ଓ ସେବା କାରବାରକୁ ସୁଗମ କରିଥାଏ। ପଣ୍ୟ ବିନିମୟ ବ୍ୟବସ୍ଥାରେ ବିଭିନ୍ନ ଦ୍ରବ୍ୟାଦି ମଧ୍ୟରେ ପାରସ୍ପରିକ ବିନିମୟ ହାର ନିର୍ଦ୍ଧାରଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଥିଲା। ଯଦି ବଜାରରେ 100ଟି ଦ୍ରବ୍ୟ କ୍ରୟ ବିକ୍ରୟ ହେଉଥିଲା ପ୍ରତ୍ୟେକ ଦ୍ରବ୍ୟର ମୂଲ୍ୟ ଅନ୍ୟ ୯୯ଟି ଦ୍ରବ୍ୟ ଆକାରରେ ପ୍ରକାଶ କରିବା ଫଳରେ ମୋଟ: C(100,2) = 4950ଟି ବିନିମୟ ହାର ନିର୍ଦ୍ଧାରଣ କରିବାକୁ ପଡୁଥିଲା। ମୁଦ୍ରାର ଅନୁପସ୍ଥିତିରେ ଏତେ ସଂଖ୍ୟକ ବିନିମୟ ହାର ମନେରଖିବା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଥିଲା। କିନ୍ତୁ ମୁଦ୍ରାର ବ୍ୟବହାର ଯୋଗୁଁ ବର୍ତ୍ତମାନ ପ୍ରତ୍ୟେକ ଦ୍ରବ୍ୟର ମୂଲ୍ୟକୁ ଏକ ସାଧାରଣ ମାଧ୍ୟମ କରିଆରେ ପ୍ରକାଶ କରାଯାଇ ପାରୁଛି। ଦ୍ରବ୍ୟର ମୌଦ୍ରିକ ମୂଲ୍ୟକୁ ଦାମ୍ କୁହାଯାଇଅଛି। ବିଭିନ୍ନ ଦ୍ରବ୍ୟର ଦାମ୍‌କୁ ତୁଳନା କରାଯାଇ ସେମାନଙ୍କ ମଧ୍ୟରେ ବିନିମୟ ହାର ନିର୍ଦ୍ଧାରଣ କରାଯାଇପାରୁଛି। ଫଳରେ ଦ୍ରବ୍ୟ ଓ ସେବା କାରବାର ଅତ୍ୟନ୍ତ ସହଜ ଓ ସୁଗମ ହେଉଅଛି।

ଦ୍ୱିତୀୟତଃ, ମୁଦ୍ରା 'ହିସାବ'ର ଏକ ଏକକ ଭାବରେ କାର୍ଯ୍ୟ କରିଥାଏ। ଜାତୀୟ ଉତ୍ପାଦ ମୁଦ୍ରା ଆକାରରେ ପ୍ରକାଶ କରାଯାଇପାରେ। ଏକ ନିର୍ଦ୍ଦିଷ୍ଟ ଗଣନ ବର୍ଷରେ ଗୋଟିଏ ଦେଶର ସମସ୍ତ ସ୍ୱାଭାବିକ ବାସିନ୍ଦାମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସମସ୍ତ ଅନ୍ତିମ ଦ୍ରବ୍ୟ ଓ ସେବାର ମୌଦ୍ରିକ ମୂଲ୍ୟର ସମଷ୍ଟିକୁ ଜାତୀୟ ଉତ୍ପାଦ କୁହାଯାଏ। ଜାତୀୟ ସମ୍ପଦ ମଧ୍ୟ ମୁଦ୍ରା ଆକାରରେ ଆକଳନ କରାଯାଇଥାଏ। ବିଭିନ୍ନ ଦେଶରେ ହିସାବର ଏକକ ଭିନ୍ନ ଭିନ୍ନ ନାମରେ ପରିଚିତ। ଉଦାହରଣ ସ୍ୱରୂପ ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତରାଜ୍ୟ, ଋଷିଆ ଓ ଇଟାଲୀର ହିସାବର ଏକକ ଯଥାକ୍ରମେ ଟଙ୍କା, ଡଲାର, ପାଉଣ୍ଡ, ଷ୍ଟର୍ଲିଂ, ରୁବଲ୍ ଓ ଲିରା ନାମରେ ନାମିତ।

ତୃତୀୟତଃ, ମୁଦ୍ରାର ବ୍ୟବହାର ଯୋଗୁଁ ବିଭିନ୍ନ ସମୟରେ ଏବଂ ବିଭିନ୍ନ ସ୍ଥାନରେ ପ୍ରଚଳିତ ଦ୍ରବ୍ୟର ମୂଲ୍ୟ ତୁଳନା କରାଯାଇପାରେ। ଅବଶ୍ୟ, ଯଦି ମୁଦ୍ରାର ମୂଲ୍ୟ (ବା କ୍ରୟ କ୍ଷମତା) ସର୍ବଦା ସ୍ଥିର ରହେ ଏହା ମୂଲ୍ୟର ଏକ ଉତ୍ତମ ପରିମାପକ ଭାବରେ କାର୍ଯ୍ୟ କରିଥାଏ। ମାତ୍ର ବର୍ତ୍ତମାନ ସମଗ୍ର ବିଶ୍ୱରେ ଦ୍ରବ୍ୟର ଦାମ୍ କ୍ରମାଗତ ଭାବରେ ବୃଦ୍ଧି ପାଉଥିବାରୁ ମୁଦ୍ରାର ମୂଲ୍ୟ ଦ୍ରୁତ ଭାବରେ ହ୍ରାସ ଘଟୁଅଛି। ସୁତରାଂ ମୁଦ୍ରା ମୂଲ୍ୟର ଏକ ଉତ୍ତମ ପରିମାପକ ରୂପେ କାର୍ଯ୍ୟ କରିବାରେ ବାଧା ଉପୁଜୁଛି।

**(B) ମାଧ୍ୟମିକ କାର୍ଯ୍ୟାବଳୀ (Secondary Functions)**

(i) **ସ୍ଥଗିତ ପ୍ରାପ୍ୟ ପ୍ରଦାନର ମାନ (Standard of Deferred Payment) :** ମୁଦ୍ରା ଉଭୟ ନଗଦ କାରବାର ଓ ଋଣ କାରବାରକୁ ସୁଗମ କରିଥାଏ। ନଗଦ କାରବାରରେ ଦ୍ରବ୍ୟ କ୍ରୟ କରିବା

ସମୟରେ ଦେୟ ବାବଦ ନଗଦ ଅର୍ଥ ପ୍ରଦାନ କରାଯାଇଥାଏ। କିନ୍ତୁ ଋଣ କାରବାରରେ ଦ୍ରବ୍ୟ କ୍ରୟ କରିବା ସମୟରେ ନଗଦ ଅର୍ଥ ପ୍ରଦାନ କରା ନ ଯାଇ ଦେୟକୁ ଭବିଷ୍ୟତ ଦିନ ପାଇଁ ସ୍ଥଗିତ ରଖାଯାଇଥାଏ। ସୁତରାଂ ସ୍ଥଗିତ ପ୍ରାପ୍ୟ ପ୍ରଦାନ ଋଣ କାରବାର ସହିତ ସମ୍ପୃକ୍ତ। ଋଣ କାରବାର ହେଲେ ତାହା ସହିତ ସ୍ଥଗିତ ପ୍ରାପ୍ୟ ପ୍ରଦାନର ପ୍ରଶ୍ନ ସ୍ୱତଃ ଉଠିଥାଏ। ଆଜିକାଲି ଅଧିକାଂଶ ସ୍ଥଗିତ ପ୍ରାପ୍ୟ ପ୍ରଦାନ ନିମନ୍ତେ ମୁଦ୍ରା ଏକ ସାଧାରଣ ମାନ ଭାବରେ କାର୍ଯ୍ୟ କରୁଅଛି। ସୁଧ ସହିତ ଋଣ ପ୍ରତ୍ୟର୍ପଣ, ପେନ୍‌ସନ୍ ପ୍ରଦାନ, ଘରଭଡ଼ା, ଜୀବନବୀମା ପ୍ରିମିୟମ ତଥା ଦରମା ପ୍ରଦାନ ଆଦି ସ୍ଥଗିତ ପ୍ରାପ୍ୟର ଉଦାହରଣ।

ସ୍ଥଗିତ ପ୍ରାପ୍ୟ ପ୍ରଦାନ ନିମନ୍ତେ ମୁଦ୍ରାକୁ ବ୍ୟବହାର କରିବା ଦ୍ୱାରା ଋଣଦାତା ଯେପରି ପ୍ରଦତ୍ତ ଋଣ ଅପେକ୍ଷା ଆବଶ୍ୟକ ଠାରୁ ଅଧିକ ଫେରି ନ ପାଏ ସେ ବିଷୟରେ ଆମେ ନିଶ୍ଚିତ ହୋଇପାରିବା। ସେହିପରି ଋଣ ଗ୍ରହୀତାକୁ ମଧ୍ୟ ଋଣଠୁଁ ବହୁ ଅଧିକ ମୂଲ୍ୟ ପରିଶୋଧ କରିବାକୁ ପଡୁ ନାହିଁ ବୋଲି ଆମେ ନିଶ୍ଚିତ ହୋଇପାରିବା। ଏହାଦ୍ୱାରା ଋଣ କାରବାର ସରଳ, ସହଜ ହୁଏ। କିନ୍ତୁ ଦ୍ରବ୍ୟ ପ୍ରଭୃତି ମାଧ୍ୟମରେ ଋଣ କାରବାର ଅନୁଷ୍ଠିତ ହେଲେ କ୍ଷତିର ଆଶଙ୍କା ଥାଏ ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। କାରଣ ଅନ୍ୟାନ୍ୟ ଦ୍ରବ୍ୟାଦିର ମୂଲ୍ୟର ଦ୍ରୁତ ପରିବର୍ତ୍ତନ ଘଟିଥାଏ। କିନ୍ତୁ ମୁଦ୍ରାର ମୂଲ୍ୟ ଅପେକ୍ଷାକୃତ ସ୍ଥିର ରହେ।

ମୁଦ୍ରା ସ୍ଥଗିତ ପ୍ରାପ୍ୟର ଏକ ସାଧାରଣ ମାନ ଭାବରେ କାର୍ଯ୍ୟ କରି ଋଣଦାନ ଓ ଋଣ ଗ୍ରହଣ ପ୍ରକ୍ରିୟାକୁ ସରଳ କରିବା ଦ୍ୱାରା ଋଣ ଉପରେ ନିର୍ଭରଶୀଳ ବ୍ୟାପାର ଓ ବାଣିଜ୍ୟର ପ୍ରସାର ଦିଗରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ମୁଦ୍ରା ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ସଂଯୋଗ ରକ୍ଷା କରିଥାଏ। ଋଣ କାରବାରରେ ବର୍ତ୍ତମାନ ଦ୍ରବ୍ୟ କିଣାଯାଇଥାଏ ଏବଂ ଚୁକ୍ତି ମୁତାବକ ସେଗୁଡ଼ିକର ଦାମ୍ ଭବିଷ୍ୟତରେ ମୁଦ୍ରା ଆକାରରେ ଦିଆଯାଇଥାଏ। ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ ହ୍ରାସ କରିବାରେ ମୁଦ୍ରା ସହାୟକ ହୋଇଥାଏ।

ତଥାପି, ମୁଦ୍ରା ସ୍ଥଗିତ ପ୍ରାପ୍ୟର ମାନ ହିସାବରେ କେତେକ ବିପଦ ସୃଷ୍ଟି କରିଥାଏ। ଋଣ ଆଣିବା ଏବଂ ପରିଶୋଧ କରିବାର ମଧ୍ୟବର୍ତ୍ତୀରେ ମୁଦ୍ରା ମୂଲ୍ୟ ପରିବର୍ତ୍ତନ ହୋଇପାରେ। ମୁଦ୍ରା ମୂଲ୍ୟର ବୃଦ୍ଧି ହେଲେ ଋଣଗ୍ରହୀତାମାନେ କ୍ଷତିଗ୍ରସ୍ତ ହୁଅନ୍ତି ଏବଂ ଋଣଦାତାମାନେ ଲାଭବାନ ହୁଅନ୍ତି। ମୁଦ୍ରା ମୂଲ୍ୟ ହ୍ରାସ ହେଲେ ଋଣଗ୍ରହୀତା ମାନେ ଲାଭବାନ୍ ହୁଅନ୍ତି ଓ ଋଣଦାତାମାନେ କ୍ଷତିଗ୍ରସ୍ତ ହୋଇଥାନ୍ତି। ସୁତରାଂ ମୁଦ୍ରା ମୂଲ୍ୟରେ ଦ୍ରୁତ ପରିବର୍ତ୍ତନ ନ ହେଲେ ଏହା ସ୍ଥଗିତ ପ୍ରାପ୍ୟ ପ୍ରଦାନର ଏକ ଉତ୍ତମ ମାଧ୍ୟମ ଭାବରେ କାର୍ଯ୍ୟ କରିପାରେ।

(ii) **ମୂଲ୍ୟର ଏକ ନିଧାନ ବା ମୂଲ୍ୟ ସଞ୍ଚୟର ଧାରକ (Store of Value) :** ପ୍ରତ୍ୟେକ ବ୍ୟକ୍ତି ନିଜ ଆୟର କିଛି ଅଂଶ ମୁଦ୍ରା ଆକାରରେ ସଞ୍ଚୟ କରିଥାନ୍ତି। ଅଦୃଷ୍ଟପୂର୍ବ ଜରୁରୀ ପରିସ୍ଥିତିର ସମ୍ମୁଖୀନ ହେବା ତଥା ଭବିଷ୍ୟତରେ ଉନ୍ନତି କରିବା ସକାଶେ ସଞ୍ଚୟ ଅପରିହାର୍ଯ୍ୟ। ନିମ୍ନୋକ୍ତ କାରଣ ଯୋଗୁଁ ମୁଦ୍ରା ମୂଲ୍ୟର ଏକ ଉତ୍ତମ ନିଧାନ ରୂପେ କାର୍ଯ୍ୟ କରିଥାଏ।

ପ୍ରଥମତଃ, ମୁଦ୍ରାକୁ ଦୀର୍ଘକାଳ ପର୍ଯ୍ୟନ୍ତ ସଞ୍ଚିତ ରଖିବା ସମ୍ଭବ ଏବଂ ସାଧାରଣତଃ ଏହାର ମୂଲ୍ୟ ଅପେକ୍ଷାକୃତ ସ୍ଥିର ରହିଥାଏ।

ଦ୍ୱିତୀୟତଃ, ଅତ୍ୟନ୍ତ କମ୍ ସ୍ଥାନରେ ବହୁ ମୂଲ୍ୟ ମୁଦ୍ରା ଦ୍ୱାରା ସଞ୍ଚୟ କରାଯାଇପାରେ।

ତୃତୀୟତଃ, ମୁଦ୍ରା ସାଧାରଣ କ୍ରୟ ଶକ୍ତିର ପ୍ରତିନିଧିତ୍ୱ କରିଥାଏ। ଅର୍ଥାତ୍ ମୁଦ୍ରା ଆକାରରେ ସଞ୍ଚୟ କଲେ ତାହା ବଦଳରେ ଯେ କୌଣସି ଇପ୍ସିତ ଦ୍ରବ୍ୟ କ୍ରୟ କରାଯାଇପାରେ। ମୁଦ୍ରା ସାଧାରଣ କ୍ରୟ କ୍ଷମତା ବିଶିଷ୍ଟ ହୋଇଥିବାରୁ ମୁଦ୍ରାକୁ ଧାରଣ କରି ଜଣେ ଅନ୍ୟାନ୍ୟ ଦ୍ରବ୍ୟାଦିର ମୂଲ୍ୟକୁ ମଧ୍ୟ ଧାରଣ କରିପାରେ।

ଚତୁର୍ଥତଃ, ମୁଦ୍ରା ଏକ ପୂର୍ଣ୍ଣାଙ୍ଗ ତରଳ ସମ୍ପତ୍ତି। ଜଣେ ଇଚ୍ଛା କଲାମାତ୍ରେ ଏହାକୁ ସହଜରେ ଦ୍ରବ୍ୟ ଓ ସେବାରେ ପରିଣତ କରିପାରିବ।

ପଞ୍ଚମରେ, ମୁଦ୍ରା ଆକାରରେ ସଞ୍ଚୟ କଲେ ଲୋକେ ସେମାନଙ୍କର ସମ୍ପତ୍ତି ବିଷୟରେ ଗୋପନୀୟତା ରକ୍ଷାପାରନ୍ତି।

ଷଷ୍ଠରେ, ମୁଦ୍ରା ମୂଲ୍ୟ ସଞ୍ଚୟର ଧାରକ ଭାବରେ କାର୍ଯ୍ୟ କରୁଥିବାରୁ ସଞ୍ଚୟ ଉତ୍ସାହିତ ହୁଏ। ସଞ୍ଚୟ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୁଏ।

ମୁଦ୍ରା ସଞ୍ଚୟର ଧାରକ ରୂପରେ ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ସଂଯୋଗ ରକ୍ଷା କରିଥାଏ। ଆମେ ମୁଦ୍ରା ଆକାରରେ ଆମର ବର୍ତ୍ତମାନ ଆୟର କିଛି ଅଂଶ ସଞ୍ଚୟ କରିଥାଉଁ ଏବଂ ଭବିଷ୍ୟତରେ ଏହା ବ୍ୟୟ କରୁ।

ଏଠାରେ ମନେ ରଖିବାକୁହେବ ଯେ ମୂଲ୍ୟ ସଞ୍ଚୟର ଏକ ଆଦର୍ଶ ଧାରକ ରୂପେ କାର୍ଯ୍ୟ କରିବା ସକାଶେ ମୁଦ୍ରା ମୂଲ୍ୟ ଅପେକ୍ଷାକୃତ ସ୍ଥିର ରହିବା ଆବଶ୍ୟକ। ଯଦି ଦରଦାମ୍ ବୃଦ୍ଧି ପାଇବାକୁ ଲାଗେ ମୁଦ୍ରାର ମୂଲ୍ୟ ଦ୍ରୁତ ବେଗରେ ହ୍ରାସ ପାଇବ। ସେପରି ସ୍ଥଳେ ମୁଦ୍ରା ସଞ୍ଚୟ କରିବାର କୌଣସି ମୂଲ୍ୟ ରହିବ ନାହିଁ। ଅବଶ୍ୟ, ଆଧୁନିକ ଅର୍ଥ ବ୍ୟବସ୍ଥାରେ ମୂଲ୍ୟ ସଞ୍ଚୟର ଧାରକ କେବଳ ମୁଦ୍ରା ନୁହେଁ। ଆଜିକାଲି ଜଣେ ବ୍ୟକ୍ତି ନିଜର ସଞ୍ଚୟକୁ ବିତ୍ତୀୟ ସମ୍ପତ୍ତି ଆକାରରେ ଯଥା ବନ୍ଧକପତ୍ର, ଋଣ ସ୍ୱୀକାର ପତ୍ର ଆକାରରେ ଆୟ ଅର୍ଜନ ନିମନ୍ତେ ରଖିପାରନ୍ତି କିମ୍ବା ଜଣେ ବ୍ୟକ୍ତି ନିଜର ସଞ୍ଚୟକୁ ମୁଦ୍ରାସ୍ଫୀତିର ରକ୍ଷାକବଚ ହିସାବରେ ବାସ୍ତବ ପରିସମ୍ପତ୍ତି ଯଥା ଭୂମି, କୋଠାବାଡ଼ି, ସୁନା ଆଦି ଆକାରରେ ରଖିପାରନ୍ତି। ତଥାପି ଲୋକେ ସେମାନଙ୍କ ସମ୍ପଦର ଏକ ଅଂଶ ମୁଦ୍ରା ଆକାରରେ ରଖନ୍ତି, କାରଣ ମୁଦ୍ରା ତରଳତା ପ୍ରଦାନ କରିଥାଏ। ଅର୍ଥାତ୍ ବିନିମୟର ମାଧ୍ୟମ ଭାବେ ମୁଦ୍ରାର ସର୍ବଜନଗ୍ରାହ୍ୟତା, ନିଶ୍ଚିତତା ଏବଂ ପୂର୍ଣ୍ଣ ପ୍ରତ୍ୟାଗମନ ବା ପ୍ରତ୍ୟାବୃତ୍ତି ଗୁଣ ଥାଏ। ଏହି ଗୁଣାବଳୀ ଅନ୍ୟ ପରିସମ୍ପତ୍ତି ଗୁଡ଼ିକରେ ନ ଥାଏ। ଏଣୁ ମୁଦ୍ରା ସମ୍ପତ୍ତିର ଏକ ପ୍ରୟୋଜନୀୟ ନିଧାନ ବା ଧାରକ ହୋଇଥାଏ।

(iii) **ମୂଲ୍ୟ ସ୍ଥାନାନ୍ତରଣର ସାଧନ (Means of Transferring Value) :** ମୂଲ୍ୟ ସ୍ଥାନାନ୍ତରଣର ଏକ ମୁଖ୍ୟ ସାଧନ ଭାବରେ ମୁଦ୍ରା କାର୍ଯ୍ୟ କରିଥାଏ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ, ଏକ ବ୍ୟକ୍ତିଠାରୁ ଅନ୍ୟ ଏକ ବ୍ୟକ୍ତି ପାଖକୁ ସହଜରେ ଏବଂ ଶୀଘ୍ର ମୂଲ୍ୟ ସ୍ଥାନାନ୍ତର କରିବା ପାଇଁ ମୁଦ୍ରା ଆମକୁ ସମର୍ଥ କରିଥାଏ । ଏହାର କାରଣ ହେଲା ମୁଦ୍ରା ସମସ୍ତଙ୍କ ଦ୍ୱାରା ବିନା ଦ୍ୱିଧାରେ ଗ୍ରହଣୀୟ ହୋଇଥାଏ । ଏତଦ୍‌ବ୍ୟତୀତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଖୁବ୍ କମ୍ ବ୍ୟୟରେ ସ୍ଥାନାନ୍ତରଣ କରାଯାଇପାରେ । ଉଦାହରଣ ସ୍ୱରୂପ ବ୍ୟାଙ୍କଡ୍ରାଫ୍‌ଟ ଏବଂ ଚେକ୍ ଜରିଆରେ ବହୁ ମୂଲ୍ୟର ମୁଦ୍ରା କ୍ଷିପ୍ରତାର ଏବଂ ତତ୍ପରତାର ସହ ସ୍ୱଳ୍ପ ବ୍ୟୟରେ ସୁଦୂରକୁ ପ୍ରେରଣ କରାଯାଇପାରେ । କିନ୍ତୁ ସେତିକି ମୂଲ୍ୟର ଦ୍ରବ୍ୟ, ଯଥା ଚାଉଳ ବା ଗହମ ସ୍ଥାନାନ୍ତରଣ କରିବା କଷ୍ଟସାଧ୍ୟ, ବ୍ୟୟବହୁଳ ଏବଂ ଅପଚୟଯୁକ୍ତ ହୋଇଥାଏ ।

(C) **ଆନୁସଙ୍ଗିକ କାର୍ଯ୍ୟ (Ancillary Functions)**

ମୁଦ୍ରାର ପ୍ରାଥମିକ ଏବଂ ମାଧ୍ୟମିକ କାର୍ଯ୍ୟାବଳୀରୁ ଆନୁସଙ୍ଗିକ କାର୍ଯ୍ୟାବଳୀର ଉଦ୍ଭବ ହୋଇଛି । କିନ୍‌ଲିଙ୍କ ମତରେ, ଅଧୁନା ମୁଦ୍ରା କେତେଗୁଡ଼ିଏ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିଥାଏ । ସେସବୁ ଆନୁସଙ୍ଗିକ କାର୍ଯ୍ୟ ନିମ୍ନରେ ବର୍ଣ୍ଣନା କରାଯାଇଛି ।

(i) **ଋଣ ବ୍ୟବସ୍ଥାର ମୂଳଭିତ୍ତି (Basis of Credit) :** ମୁଦ୍ରା ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ଋଣ ସୃଷ୍ଟି କରିବାରେ ସମର୍ଥ କରିଥାଏ । ମୁଦ୍ରାର ଯୋଗାଣ ବୃଦ୍ଧି ଘଟିଲେ, ଅଧିକ ପରିମାଣର ମୁଦ୍ରା ଲୋକମାନଙ୍କ ପାଖକୁ ଆସିଥାଏ । ତେଣୁ ସେମାନେ ବ୍ୟାଙ୍କରେ ଅଧିକ ଅର୍ଥ ଜମା କରିଥାନ୍ତି । ଏହାକୁ ସକ୍ରିୟ ଜମା (Primary deposit) କୁହାଯାଏ । ଉକ୍ତ ସକ୍ରିୟ ଜମା ଭିତ୍ତିରେ ବ୍ୟାଙ୍କଗୁଡ଼ିକ ବହୁଗୁଣ ବ୍ୟୁତ୍ପନ୍ନ ଜମା (derivative deposit) ସୃଷ୍ଟି କରିଥାନ୍ତି । ଏହି ବ୍ୟୁତ୍ପନ୍ନ ଜମା ହିଁ ଋଣ । ଏହିପରି ଭାବରେ ମୁଦ୍ରା ବ୍ୟାଙ୍କମାନଙ୍କ ଦ୍ୱାରା ଋଣ ସୃଷ୍ଟି କରିବାର ଭିତ୍ତି ଭାବରେ କାର୍ଯ୍ୟ କରିଥାଏ । ଋଣର ପ୍ରସାରଣ ଏବଂ ସଙ୍କୋଚନ ମୋଟ ମୁଦ୍ରା ଯୋଗାଣରେ ବୃଦ୍ଧି ହ୍ରାସର କାରଣ ଅଟେ । ଯେକୌଣସି ଆଧୁନିକ ଅର୍ଥନୀତିକ ସଙ୍ଗଠନରେ ଋଣର ସ୍ଥାନ ଅତୀବ ଗୁରୁତ୍ୱପୂର୍ଣ୍ଣ । ଋଣ ବିନା ଅର୍ଥନୈତିକ ପ୍ରଗତି ଅସମ୍ଭବ ।

(ii) **ଜାତୀୟ ଉତ୍ପାଦର ବଣ୍ଟନ (Distribution of National Product) :** ମୁଦ୍ରା ସାହାଯ୍ୟରେ ଉତ୍ପାଦନର ସାଧନମାନଙ୍କ ମଧ୍ୟରେ ଜାତୀୟ ଉତ୍ପାଦର ବଣ୍ଟନ ସମ୍ଭବ ହୋଇଥାଏ । ବିଭିନ୍ନ ଉତ୍ପାଦନ ସାଧନ ଯଥା ଭୂମି, ଶ୍ରମ, ପୁଞ୍ଜି ଏବଂ ଉଦ୍ୟୋକ୍ତାର ସହଯୋଗ ଦ୍ୱାରା ଉତ୍ପାଦନ ସମ୍ଭବ ହୋଇଥାଏ । ଉତ୍ପାଦନ ପ୍ରକ୍ରିୟାରେ ଦ୍ରବ୍ୟ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଉତ୍ପାଦନ ସାଧନ

ମାଲିକମାନଙ୍କ ସକାଶେ ଅଧିଶେଷ, ମଜୁରି, ସୁଧ ଏବଂ ଲାଭ ଆକାରରେ ଆୟ ସୃଷ୍ଟି ହୋଇଥାଏ। ଏକ ଗଣନବର୍ଷ ମଧ୍ୟରେ ଗୋଟିଏ ଦେଶର ଘରୋଇ ଅଞ୍ଚଳରେ ସମସ୍ତ ଉତ୍ପାଦନ ସାଧନମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଅନ୍ତିମ ଦ୍ରବ୍ୟ ଓ ସେବାର ମୌଦ୍ରିକ ମୂଲ୍ୟକୁ ଜାତୀୟ ଉତ୍ପାଦ କୁହାଯାଏ। ଏହି ଜାତୀୟ ଉତ୍ପାଦକୁ ଉତ୍ପାଦନ ସାଧନର ମାଲିକମାନଙ୍କ ମଧ୍ୟରେ ଅଧିଶେଷ, ମଜୁରି, ସୁଧ ଏବଂ ଲାଭାଂଶ ମୁଦ୍ରା ଆକାରରେ ପ୍ରଦତ୍ତ ହୋଇଥାଏ। ମୁଦ୍ରାର ଅନୁପସ୍ଥିତିରେ ବିଭିନ୍ନ ଦାବିଦାରଙ୍କ ମଧ୍ୟରେ ଉତ୍ପନ୍ନ ଦ୍ରବ୍ୟ ସମୂହର ଆବଣ୍ଟନ ଜଟିଳ ତଥା ଅସମ୍ଭବ ହୁଅନ୍ତା। ଜାତୀୟ ଉତ୍ପାଦର ବଣ୍ଟନକୁ ସୁଗମ କରି ମୁଦ୍ରା ଆର୍ଥନୀତିକ ପ୍ରଗତିକୁ ସମ୍ଭବ ଓ ତ୍ୱରାନ୍ୱିତ କରିଅଛି।

(iii) **ସର୍ବାଧିକ ପରିତୃପ୍ତି ଓ ସର୍ବାଧିକ ଲାଭ ହାସଲରେ ସହାୟତା (Facilitates Maximisation of Satisfaction of Profit) :** ମୁଦ୍ରା ଆକାରରେ ଉପଯୋଗିତା ଏକ ସ୍ୱଚ୍ଛ ପରିପ୍ରକାଶ ପାଇଥାଏ। ଏହା ଉପଭୋକ୍ତାମାନଙ୍କୁ ତାଙ୍କର ସୀମିତ ସମ୍ବଳରୁ ସର୍ବାଧିକ ପରିତୃପ୍ତି ହାସଲ କରିବାରେ ସହାୟକ ହୋଇଥାଏ। ସୀମିତ ସମ୍ବଳରୁ ସର୍ବାଧିକ ପରିତୃପ୍ତି ଲାଭ କରିବା ପାଇଁ ଉପଭୋକ୍ତା ସମସୀମାନ୍ତ ଉପଯୋଗିତା ସୂତ୍ର ପ୍ରୟୋଗ କରିଥାଏ। ଜଣେ ବ୍ୟକ୍ତି ତା ନିକଟରେ ଥିବା ସୀମିତ ପରିମାଣର ମୁଦ୍ରାକୁ ବିଭିନ୍ନ ଦ୍ରବ୍ୟ ଓ ସେବା ମଧ୍ୟରେ ଏପରି ଭାବରେ ଆବଣ୍ଟନ କରେ ଯେପରି ସମସ୍ତ ଦ୍ରବ୍ୟ କ୍ଷେତ୍ରରେ ମୁଦ୍ରା ବ୍ୟୟର ସୀମାନ୍ତ ଉପଯୋଗିତା ସମାନ ହେବ ଏବଂ ତଦ୍ୱାରା ମୋଟ ଉପଯୋଗିତା ସର୍ବାଧିକ ହୋଇପାରିବ। ସେହିପରି ଉତ୍ପାଦନକାରୀମାନେ ଉତ୍ପାଦନର ପରିବ୍ୟୟକୁ ମୁଦ୍ରା ଆକାରରେ ନିର୍ଦ୍ଧାରଣ କରିଥାନ୍ତି। ତଦନୁଯାୟୀ ଦ୍ରବ୍ୟର ଦାମ୍ ସ୍ଥିର କରନ୍ତି ଯେପରି ସେମାନେ ସର୍ବାଧିକ ଲାଭ ହାସଲ କରିପାରିବେ। ସୁତରାଂ ମୁଦ୍ରା ଉତ୍ପାଦନକାରୀମାନଙ୍କୁ ସର୍ବାଧିକ ଲାଭ ହାସଲ କରିବାରେ ସମର୍ଥ କରାଇଥାଏ।

(iv) **ସମ୍ପଦର ତରଳତା, ଏକ ରୂପତା ଏବଂ ସମାନତା (Liquidity of Wealth, Uniformity and Equality) :** ମୁଦ୍ରା ସମସ୍ତ ପରିସମ୍ପତ୍ତି ମାନଙ୍କ ମଧ୍ୟରେ ଅଧିକ ତରଳ ହୋଇଥିବାରୁ ମୁଦ୍ରା ଆକାରରେ ସମ୍ପଦ ଧାରଣ କରିବାକୁ ଲୋକମାନେ ପସନ୍ଦ କରିଥାନ୍ତି। ମୁଦ୍ରା ଯେକୌଣସି ପରିସମ୍ପତ୍ତିକୁ କ୍ରୟ କରିପାରେ ଏବଂ ସମସ୍ତ ପରିସମ୍ପତ୍ତିକୁ ମୁଦ୍ରା ଆକାରରେ ରୂପାନ୍ତର କରାଯାଇପାରେ। ସୁତରାଂ, ମୁଦ୍ରା ସମସ୍ତ ପରିସମ୍ପତ୍ତିକୁ ତରଳତା ପ୍ରଦାନ କରିଥାଏ। ମୁଦ୍ରାକୁ ଯେକୌଣସି କାର୍ଯ୍ୟରେ ଯେକୌଣସି ସମୟରେ ବ୍ୟବହାର କରାଯାଇପାରେ। ଅନ୍ୟ କୌଣସି ସମ୍ପଦର ଏ ସୁବିଧା ନ ଥାଏ। ଏହାଛଡ଼ା, ସମସ୍ତ ପରିସମ୍ପତ୍ତିର ମୌଦ୍ରିକ ମୂଲ୍ୟକୁ ମିଶାଇ ଜଣେ ବ୍ୟକ୍ତି ବା ଗୋଟିଏ ଦେଶର ମୋଟ ସମ୍ପଦର ମୂଲ୍ୟ ଆକଳନ କରାଯାଇପାରେ। ସୁତରାଂ, ମୁଦ୍ରା ଗୋଟିଏ ଦେଶର ସମସ୍ତ ସମ୍ପଦକୁ ଏକ ରୂପତା ପ୍ରଦାନ କରିଥାଏ।

ମୁଦ୍ରାର ଉପର୍ଯ୍ୟୁକ୍ତ କାର୍ଯ୍ୟାବଳୀରୁ ସ୍ପଷ୍ଟ ପ୍ରତୀୟମାନ ହୋଇଛି ଯେ ଆଧୁନିକ ଅର୍ଥ ବ୍ୟବସ୍ଥାରେ ଏହା ଅପରିହାର୍ଯ୍ୟ। ମାନବର ଆର୍ଥନୀତିକ କାର୍ଯ୍ୟକଳାପ ସମ୍ପାଦନ କରିବାରେ ମୁଦ୍ରାର ଗୁରୁତ୍ୱ ଏତେ ଅଧିକ ଯେ ମୁଦ୍ରା ବିନା ଆଧୁନିକ ଜୀବନର ପରିକଳ୍ପନା ଅସମ୍ଭବ। ଯଥାର୍ଥରେ କୁହାଯାଇପାରେ ଯେ "ମୁଦ୍ରା ମାନବର ଏକ ଅତ୍ୟାବଶ୍ୟକ ଉଦ୍‌ଭାବନ ଯାହା ଉପରେ ଅନ୍ୟ ସମସ୍ତ ବିଷୟ ଆଧାରିତ" ବା "ମୁଦ୍ରା ସମଗ୍ର ଆର୍ଥନୀତିକ କାର୍ଯ୍ୟକଳାପକୁ ପ୍ରଭାବିତ କରୁଥିବା ଏକ ବିରାଟ ସକ୍ରିୟ ଶକ୍ତି।"

## 8.2 ବ୍ୟାଙ୍କିଙ୍ଗ୍ (Banking)

ବ୍ୟାଙ୍କ ଶବ୍ଦ ଇଟାଲୀୟ ଶବ୍ଦ 'ବ୍ୟାଙ୍କୋ'ରୁ ବ୍ୟୁତ୍ପନ୍ନ। ବ୍ୟାଙ୍କୋ ଶବ୍ଦର ଅର୍ଥ ଏକ ବେଞ୍ଚ। ଇଂରେଜମାନେ ମୁଦ୍ରା ବ୍ୟବସାୟୀ ବା ବିନିମୟକାରୀଙ୍କୁ ମଧ୍ୟ ଯୁଗରେ ବେଞ୍ଚର ବା ବ୍ୟାଙ୍କର ବୋଲି କହୁଥିଲେ। ସେମାନଙ୍କର ବ୍ୟବସାୟକୁ (ମୁଦ୍ରା କାରବାର) ବେଞ୍ଚିଙ୍ଗ୍ ବା ବ୍ୟାଙ୍କିଙ୍ଗ୍ କୁହାଯାଉଥିଲା। ଏହିପରି ଭାବେ ବ୍ୟାଙ୍କ ଶବ୍ଦର ସୃଷ୍ଟି ହୋଇଛି। କେତେକଙ୍କ ମତରେ, ବ୍ୟାଙ୍କ ଶବ୍ଦଟି ଜର୍ମାନ୍ ଭାଷାରୁ ଆନୀତ। ଜର୍ମାନ୍ ଭାଷାରେ ବ୍ୟାଙ୍କ ଶବ୍ଦର ଅର୍ଥ ଏକ ଉଚ୍ଚସ୍ଥାନ। ବ୍ୟାଙ୍କ କାରବାରର ପ୍ରାରମ୍ଭରେ ଜର୍ମାନ୍ ବଣିକମାନେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲାଭଳି ଏକ ଉଚ୍ଚସ୍ଥାନରେ ବସୁଥିଲେ ଏବଂ ଜମା ଗ୍ରହଣ କରିବା ସହ ଋଣ ପ୍ରଦାନ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ଅନୁଷ୍ଠାନ ବ୍ୟାଙ୍କ ନାମରେ କଥିତ। ଐତିହାସିକମାନଙ୍କ ମତରେ, ଦ୍ୱାଦଶ ଶତାବ୍ଦୀର ମଧ୍ୟଭାଗରେ ଇଟାଲୀରେ ବ୍ୟାବସାୟିକ ସଙ୍ଗଠନ ହିସାବରେ ବ୍ୟାଙ୍କ କାରବାର ଆରମ୍ଭ ହୋଇଥିଲା। ତେଣୁ 1157 ମସିହାରେ ପ୍ରତିଷ୍ଠିତ 'ଭେନିସ୍‌ର ବ୍ୟାଙ୍କ' (Bank of Venice)କୁ ପୃଥିବୀର ସର୍ବପୁରାତନ ବାଣିଜ୍ୟିକ ବ୍ୟାଙ୍କ ରୂପେ ବିବେଚନା କରାଯାଏ। ଆଧୁନିକ ଅର୍ଥ ବ୍ୟବସ୍ଥାରେ ବ୍ୟାଙ୍କ୍‌ର ଭୂମିକା ନିତାନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥନୀତିକ ସଙ୍ଗଠନର ସାର୍ଥକ ଏବଂ ଯଥାର୍ଥ କାର୍ଯ୍ୟକାରିତା ରୂପାୟନରେ ବ୍ୟାଙ୍କର ଏକ ବିଶିଷ୍ଟ ଏବଂ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସଭ୍ୟତାର କ୍ରମବିକାଶ ସହ ବ୍ୟାଙ୍କମାନଙ୍କର କାର୍ଯ୍ୟକଳାପ ବିସ୍ତୃତ ଏବଂ ବ୍ୟାପକ ହୋଇଅଛି। କ୍ରମଶଃ ବ୍ୟାଙ୍କ ସମୂହ ବୃହତ୍ତର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଆଜିକାଲି ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଲୋକଙ୍କ ସହ ବିଶେଷ ଭାବରେ ପରିଚିତ। ବର୍ତ୍ତମାନର ବ୍ୟାଙ୍କଗୁଡ଼ିକର ତିନି ପୂର୍ବପୁରୁଷମାନେ ହେଲେ ବଣିକ, ମହାଜନ ଏବଂ ବଣିଆ। ବଣିକ ହିସାବରେ ବ୍ୟାଙ୍କ ବିଦେଶୀ ବେପାରର ବିତ୍ତୀୟ ବ୍ୟବସ୍ଥା କରିଥାଏ, ମହାଜନ ଭାବରେ ଋଣ ପ୍ରଦାନ କରିଥାଏ ଏବଂ ବଣିଆ ହିସାବରେ ମୂଲ୍ୟବାନ ଜିନିଷଗୁଡ଼ିକୁ ନିରାପଦରେ ରଖିବା ପାଇଁ ସୁବିଧା ଯୋଗାଇଥାଏ।

### 8.2.1. ବ୍ୟାଙ୍କର ଅର୍ଥ

ବ୍ୟାଙ୍କର ଅର୍ଥ ଜାଣିବା ପାଇଁ ଏହାର ସଂଜ୍ଞା ବ୍ୟାଖ୍ୟା କରିବା ଆବଶ୍ୟକ। ଅର୍ଥନୀତିଜ୍ଞମାନେ ବ୍ୟାଙ୍କର ସଂଜ୍ଞା ବିଭିନ୍ନ ଭାବରେ ପ୍ରଦାନ କରିଛନ୍ତି। ନିମ୍ନରେ ବିଭିନ୍ନ ଅର୍ଥଶାସ୍ତ୍ରୀଙ୍କ ପ୍ରଦତ୍ତ କେତେକ ସଂଜ୍ଞା ଦିଆଯାଇଛି। ହୋରେସ୍ ହ୍ୱାଇଟ୍‌ଙ୍କ ମତରେ "ଯେଉଁ ଅନୁଷ୍ଠାନ ଋଣ ସୃଷ୍ଟି କରେ ଏବଂ ବିନିମୟକୁ ସୁଗମ କରିବା ଦିଗରେ ଏକ ସାଧନ ଭାବରେ କାର୍ଯ୍ୟ କରିଥାଏ ତାହାକୁ ବ୍ୟାଙ୍କ କୁହାଯାଏ।" ଏ.ଜି. ହାର୍ଟଙ୍କ ମତରେ "ଯେଉଁ ଅନୁଷ୍ଠାନ ସାଧାରଣ ବ୍ୟବସାୟ ପ୍ରକ୍ରିୟାରେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ନିକଟରୁ ଚଳନ୍ତି ଜମା ଆକାରରେ ଅର୍ଥ ଗ୍ରହଣ ପୂର୍ବକ ସେମାନେ କାଟିଥିବା ଚେକ୍‌କୁ ସମ୍ମାନ ଦିଏ, ତାହା ବ୍ୟାଙ୍କ ବୋଲି କଥିତ।" କ୍ରାଉଥର୍‌ଙ୍କ ମତରେ, "ବ୍ୟାଙ୍କ ଏପରି ଏକ ଅନୁଷ୍ଠାନ ଯାହା ନିଜ ଋଣ ଏବଂ ଅନ୍ୟାନ୍ୟ ଲୋକଙ୍କ ଋଣର ବ୍ୟବସାୟ କରେ। ଏହି ଅନୁଷ୍ଠାନ ଲୋକଙ୍କର ଉଦ୍‌ବୃତ୍ତ ଆୟ କିମ୍ବା ସେମାନଙ୍କ ଆୟରୁ କରୁଥିବା ସଞ୍ଚୟକୁ ସଂଗ୍ରହ କରେ ଏବଂ ଏହି ଅର୍ଥ ଆବଶ୍ୟକ କରୁଥିବା ଲୋକମାନଙ୍କୁ ଋଣ ଆକାରରେ ଦିଏ।" ପ୍ରଫେସର୍ ସେୟାର୍‌ସଙ୍କ ମତରେ, "ଯେଉଁ ଅନୁଷ୍ଠାନର ଋଣ ସମୂହ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ଋଣ ପରିଶୋଧ ନିମନ୍ତେ ବ୍ୟାପକଭାବେ ଗୃହୀତ ହୁଏ ତାହାକୁ ବ୍ୟାଙ୍କ କୁହାଯାଏ।" ଏଣୁ ବ୍ୟାଙ୍କ ଏକ ଅନୁଷ୍ଠାନ ଯାହା ବିଶେଷଭାବରେ ମୁଦ୍ରା ବା ଋଣ କାରବାର କରିଥାଏ। ବ୍ୟାଙ୍କମାନେ ଲୋକଙ୍କଠାରୁ ଜମା ଗ୍ରହଣ କରିଥାନ୍ତି ଏବଂ ଅଭାବୀ ଲୋକଙ୍କୁ ମୁଦ୍ରା କରଜ ଆକାରରେ ଦେଇଥାନ୍ତି। ତେଣୁ ସେମାନେ ଋଣ ଦେବାକୁ ଋଣ କରିଥାନ୍ତି। ବଳକା ମୁଦ୍ରା ଥିବା ଲୋକ ଏବଂ ଅଭାବୀ ଲୋକଙ୍କ ମଧ୍ୟରେ ସେମାନେ ଏକ ସଂଯୋଗର ସେତୁ ହିସାବରେ କାମ କରିଥାନ୍ତି। ରିକାର୍ଡୋଙ୍କ ମତରେ, "ଏକ ସ୍ୱତନ୍ତ୍ର କାର୍ଯ୍ୟ ସେତେବେଳେ ପ୍ରାରମ୍ଭ ହୁଏ ଯେତେବେଳେ ସେ ଅନ୍ୟର ମୁଦ୍ରା କାରବାର କରେ।"

### 8.2.2 ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟାବଳୀ (Functions of Commercial Banks)

ଆଜିକାଲି ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଆର୍ଥନୀତିକ ଅଭିବୃଦ୍ଧିର ଏକ ଅପରିହାର୍ଯ୍ୟ ଅଙ୍ଗ ଭାବରେ ବିବେଚିତ ହୋଇଛନ୍ତି। ସେମାନେ ସମାଜକୁ ବିନିଯୋଗର ଏକ ସାଧନ ପ୍ରଦାନ କରିଥାନ୍ତି ଏବଂ ସମାଜର ନିଷ୍କ୍ରିୟ ପୁଞ୍ଜିକୁ ଉତ୍ପାଦନଶୀଳ ବ୍ୟବହାରରେ ନିୟୋଜିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ବ୍ୟାଙ୍କ ବ୍ୟବସ୍ଥା ଚକ୍ରାକାର ଉତ୍ପାଦନ ପ୍ରକ୍ରିୟାରେ ସହାୟକ ହୋଇଥାଏ। ଉତ୍ପନ୍ନ ଦ୍ରବ୍ୟର ଅନ୍ତିମ ବିପଣନରେ ବ୍ୟାଙ୍କଗୁଡ଼ିକ ସହାୟକ ହୋଇଥାନ୍ତି। ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ସକ୍ରିୟ ସହଯୋଗ ବିନା ବ୍ୟବସାୟ, ବାଣିଜ୍ୟ, କୃଷି ଏବଂ ଶିଳ୍ପାଦିର ଅଭିବୃଦ୍ଧି ସୁଦୂରପରାହତ ଏବଂ ଅସମ୍ଭବ। ଆଧୁନିକ ଅର୍ଥ ବ୍ୟବସ୍ଥାରେ ବାଣିଜ୍ୟିକ ବ୍ୟାଙ୍କର ଭୂମିକା ଅନୁଧ୍ୟାନ କରିବା ନିମନ୍ତେ ସେମାନେ ସମ୍ପାଦିତ କରୁଥିବା କାର୍ଯ୍ୟାବଳୀର ବିଶଦ ଏବଂ ଯଥାର୍ଥ ବିଶ୍ଳେଷଣ ଏକାନ୍ତ ଅପରିହାର୍ଯ୍ୟ। ବାଣିଜ୍ୟିକ ବ୍ୟାଙ୍କ ସମ୍ପନ୍ନ

କରୁଥିବା କାର୍ଯ୍ୟାବଳୀକୁ ମୁଖ୍ୟତଃ ପାଞ୍ଚ ଶ୍ରେଣୀରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଲା-

(A) ପ୍ରାଥମିକ ବା ମୁଖ୍ୟ କାର୍ଯ୍ୟ, (B) ପ୍ରତିନିଧିମୂଳକ କାର୍ଯ୍ୟ, (C) ସାଧାରଣ ଉପଯୋଗିତା ମୂଳକ କାର୍ଯ୍ୟ, (D) ଆର୍ଥନୀତିକ ବିକାଶର ବାହକ ଓ (E) ସାମାଜିକ କାର୍ଯ୍ୟାବଳୀ।

(A) **ପ୍ରାଥମିକ ବା ମୁଖ୍ୟ କାର୍ଯ୍ୟ (Primary Functions) :** ବ୍ୟାଙ୍କର ପ୍ରାଥମିକ କାର୍ଯ୍ୟ ହିଁ ତାର ମୁଖ୍ୟ କାର୍ଯ୍ୟ। ବାଣିଜ୍ୟିକ ବ୍ୟାଙ୍କର ପ୍ରାଥମିକ କାର୍ଯ୍ୟାବଳୀ ନିମ୍ନରେ ବର୍ଣ୍ଣିତ ହେଲା।

(1) **ଜମା ଗ୍ରହଣ (Accepting Deposits) :** ଜମା ଗ୍ରହଣ ବାଣିଜ୍ୟିକ ବ୍ୟାଙ୍କର ଏକ ପ୍ରଧାନ କାର୍ଯ୍ୟ। ଏହି ବ୍ୟାଙ୍କ ଲୋକଙ୍କଠାରୁ ସଞ୍ଚୟ ସଂଗ୍ରହ କରେ। ସଞ୍ଚୟ କରୁଥିବା ଲୋକଙ୍କଠାରୁ ଜମା ଆକାରରେ ଏହା ଋଣ କରିଥାଏ। ଉଦ୍‌ବୃତ୍ତ ମୁଦ୍ରାଥିବା ଲୋକେ ବ୍ୟାଙ୍କରେ ଏହି ଜମା ଦେଇଥାନ୍ତି। ବ୍ୟାଙ୍କ ଏହି ଜମାର ସୁରକ୍ଷା ପ୍ରଦାନ କରିଥାଏ ଏବଂ ଏଥି ସହିତ ଜମା ଉପରେ କିଛି ସୁଧ ମଧ୍ୟ ଦେଇଥାଏ। ଏହା ଗ୍ରାହକମାନଙ୍କୁ ବ୍ୟାଙ୍କରେ ଜମା ରଖିବାକୁ ପ୍ରବର୍ତ୍ତାଇଥାଏ। ବ୍ୟାଙ୍କ ଜମାକାରୀଙ୍କୁ ଚାହିଁବା ମାତ୍ରେ କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟ ପରେ ଜମାରୁ ଅର୍ଥ କାଢ଼ିବା ପାଇଁ ସୁବିଧା ଦେଇଥାଏ। ବ୍ୟାଙ୍କ ସମାଜର ବିକ୍ଷିପ୍ତ ସମ୍ବଳକୁ ଜମା ଆକାରରେ ଏକତ୍ରିତ କରିଥାଏ। ଜମା ତିନି ପ୍ରକାରର ହୋଇଥାଏ। ସେଗୁଡ଼ିକ ହେଲା ଚଳନ୍ତି ଜମା, ସଞ୍ଚୟ ଜମା ଏବଂ ମିଆଦୀ ଜମା।

(i) **ଚଳନ୍ତି ବା ଚାହିଦା ଜମା (Current or Demand Deposits) :** ଚାହିଦା ଜମା ବା ଚଳନ୍ତି ଜମା ନିଜ ପାଖରେ ଥିବା ମୁଦ୍ରା ସଦୃଶ ଅଟେ। ଜମାକାରୀ ପୂର୍ବରୁ ବ୍ୟାଙ୍କକୁ କୌଣସି ନୋଟିସ ନ ଦେଇ ଯେ କୌଣସି କାର୍ଯ୍ୟ ଦିବସରେ ଏହି ଜମାରୁ ମୁଦ୍ରା ଉଠାଇ ପାରନ୍ତି। ବ୍ୟାଙ୍କ ଏଭଳି ଜମାକୁ ଅନ୍ୟତ୍ର ଲାଭଜନକଭାବେ ବିନିଯୋଗ କରିପାରେ ନାହିଁ। କାରଣ ଚାହିଁବା ମାତ୍ରେ ଜମାକାରୀଙ୍କୁ ମୁଦ୍ରା ଦେବାପାଇଁ ବ୍ୟାଙ୍କ ସର୍ବଦା ଏହାକୁ ନିଜ ପାଖରେ ନଗଦ ମୁଦ୍ରା ଆକାରରେ ରଖିଥାଏ। ବ୍ୟାଙ୍କ ସାଧାରଣତଃ ଏହି ଜମା ଉପରେ ଅତି ସାମାନ୍ୟ ସୁଧ ଦେଇଥାଏ। ଯଦି ଏହି ଜମା ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ପରିମାଣରୁ କମ୍ ହୋଇଥାଏ, ବ୍ୟାଙ୍କ ନିଜର କମିସନ୍ ଆକାରରେ ଗ୍ରାହକଙ୍କଠୁଁ ସାମାନ୍ୟ କିଛି ଅର୍ଥ ଆଦାୟ କରିଥାଏ। ଚେକ୍ ଦ୍ୱାରା ଏହି ହିସାବର ପ୍ରଚଳନ କରାଯାଇଥାଏ। ଏହି ଜମାରେ ଅର୍ଥ ପ୍ରତ୍ୟାହାର ଉପରେ କୌଣସି କଟକଣା ନ ଥାଏ। ବ୍ୟାଙ୍କ ଜମାକାରୀଙ୍କୁ ଚାହିଁବାମାତ୍ରେ ଅର୍ଥ ପ୍ରଦାନ କରୁଥିବାରୁ ଚଳନ୍ତି ଜମାକୁ ଚାହିଦା ଜମା ମଧ୍ୟ କୁହାଯାଏ।

(ii) **ମିଆଦୀ ଜମା (Term Deposits) :** ମିଆଦୀ ଜମା ସ୍ଥାୟୀ ଜମାଭାବେ ପରିଚିତ । ଏହି ଜମା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ କରାଯାଇଥାଏ । ସେହି ସମୟ ଅତିକ୍ରାନ୍ତ ହେବା ପୂର୍ବରୁ ଅର୍ଥ ପ୍ରତ୍ୟାହାର କଲେ ଜମାକାରୀ ନିର୍ଦ୍ଧାରିତ ହାରଠାରୁ କମ୍ ସୁଧ ପାଏ । ଆବଶ୍ୟକ ସ୍ଥଳେ ଜମାକାରୀ ମିଆଦୀ ଜମାର ଏକ ଅଂଶ ଋଣ କରିପାରନ୍ତି ଏବଂ ସେହି ଋଣ ପରିମାଣ ଉପରେ ଅଧିକ ସୁଧ ପ୍ରଦାନ କରିଥାନ୍ତି । ବ୍ୟାଙ୍କ ଏହି ଜମାକୁ କେତେକ ଲାଭଜନକ ସଂସ୍ଥାରେ ବିନିଯୋଗ କରି କିଛି ଲାଭ ଅର୍ଜନ କରିଥାଏ । ଏହି ଜମା ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବା ସକାଶେ ବ୍ୟାଙ୍କ ଅଧିକ ହାରରେ ସୁଧ ପ୍ରଦାନ କରିଥାଏ । ଜମାର ସମୟ ଯେତିକି ଦୀର୍ଘତର ହୋଇଥାଏ, ସାଧାରଣତଃ ଏହି ଜମା ଉପରେ ସୁଧହାର ସେତିକି ଅଧିକ ହୋଇଥାଏ । ଅବଶ୍ୟ ସର୍ବାଧିକ ସୁଧହାରର ସୀମା ଥାଏ । ଏହି ଜମାର ନ୍ୟୁନତମ ଅବଧି 7 ଦିନ ହୋଇଥାଏ । ଏହି ଜମା ମଧ୍ୟ ଏକ ବର୍ଷ, 2 ବର୍ଷ, 3 ବର୍ଷ, 5 ବର୍ଷ ବା ଆହୁରି ଅଧିକ ବର୍ଷ ପର୍ଯ୍ୟନ୍ତ ହୋଇଥାଏ । ଏହି ଜମା ଉପରେ ସୁଧ ଅଧିକ ତତ୍ପରତାର ସହ ଦିଆଯାଇଥାଏ । କାରଣ ଏହି ଜମା ଚାହିଦା ଜମାଠାରୁ ଅଧିକ ମୁକ୍ତଭାବରେ ବିନିଯୋଗ କରାଯାଇପାରେ । ମିଆଦୀ ଜମାର ମୁଖ୍ୟ ଉଦ୍ଦେଶ୍ୟ ହେଲା ମୁଦ୍ରାର ନିରାପଦ ସଂରକ୍ଷଣ ଏବଂ ସୁଧ ଆକାରରେ ଆୟ ଅର୍ଜନ ।

(iii) **ସଞ୍ଚୟ ଜମା (Saving Deposits) :** ସଞ୍ଚୟ ଜମା ସ୍ୱଳ୍ପ ସଞ୍ଚୟ ଆକର୍ଷଣ କରିବାକୁ ଉଦ୍ଦିଷ୍ଟ । ଲୋକମାନଙ୍କ ମଧ୍ୟରେ ମିତବ୍ୟୟିତା ଏବଂ ସଞ୍ଚୟର ଆଗ୍ରହ ସୃଷ୍ଟି ସଞ୍ଚୟ ଜମାର ମୁଖ୍ୟ ଉଦ୍ଦେଶ୍ୟ । ଏହା ସାଧାରଣ ଆୟ ବିଶିଷ୍ଟ ଲୋକଙ୍କର ସହାୟକ ହୋଇଥାଏ । ଲୋକେ ସେମାନଙ୍କର ଉଦ୍‌ବୃତ୍ତ ଆୟକୁ ସଞ୍ଚୟ ଜମାରେ ଗଚ୍ଛିତ ରଖିପାରନ୍ତି । ପରେ କୌଣସି ଜରୁରୀ ଆବଶ୍ୟକତା ପୂରଣ ପାଇଁ ସେମାନେ ଏହି ଜମା ଉପରେ ନିର୍ଭର କରିପାରନ୍ତି । ଏହି ଜମାରୁ ଟଙ୍କା କାଢ଼ିବା ଉପରେ କେତେକ ବିଧିନିଷେଧ ଥାଏ । ଜମାକାରୀଙ୍କୁ ସପ୍ତାହରେ ଥରେ ବା ଦୁଇ ଥରରୁ ବେଶୀ ଟଙ୍କା ଉଠାଇବାକୁ ଅନୁମତି ମିଳି ନ ଥାଏ । ସେହିପରି ସପ୍ତାହରେ ଏକ ନିର୍ଦ୍ଦିଷ୍ଟ ପରିମାଣଠାରୁ ଅଧିକ ଅର୍ଥ ଉଠାଇବା ପାଇଁ ଅନୁମତି ନ ମିଳିପାରେ । ଅଧିକ ପରିମାଣର ଅର୍ଥ ଉଠାଣ ପାଇଁ ଆଗୁଆ ସୂଚନା ଆବଶ୍ୟକ ହୋଇପାରେ । ଏହି ଜମା ଉପରେ ବ୍ୟାଙ୍କ ଅଳ୍ପ ହାରରେ ସୁଧ ଦେଇଥାଏ । ଗ୍ରାମାଞ୍ଚଳରେ ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ଏହି ଜମା ବିଶେଷ ସହାୟ ହୋଇଥାଏ ।

(iii) **ପୁନଃ ପୌନିକ ଜମା (Recurring Deposits) :** ଉପର ବର୍ଣ୍ଣିତ ତିନି ପ୍ରକାର ଜମା ସହିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଆଉ ଏକ ପ୍ରକାର ଜମା ଗ୍ରହଣ କରିଥାନ୍ତି, ଯାହାକୁ

ପୁନଃପୌନିକ ଜମା ବା Recurring Deposit କୁହାଯାଏ । ଏହି ଜମାରେ ଜମାକାରୀ ଏକ ନିର୍ଦ୍ଦିଷ୍ଟ ପରିମାଣର ମୁଦ୍ରା ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ପ୍ରତି ମାସ ବ୍ୟାଙ୍କରେ ଜମା ଦେଇଥାନ୍ତି । ଅବଧି ପୂର୍ଣ୍ଣ ହେଲେ ଜମାକାରୀଙ୍କୁ ଜମା ହୋଇଥିବା ପରିମାଣ ସୁଧ ସହିତ ମିଳିଥାଏ । ଏହି ଜମା ମିଆଦୀ ଜମା ଶ୍ରେଣୀଭୁକ୍ତ

(2) ଋଣ ପ୍ରଦାନ (Advancing Loans) : ବାଣିଜ୍ୟିକ ବ୍ୟାଙ୍କର ଦ୍ୱିତୀୟ ପ୍ରଧାନ କାର୍ଯ୍ୟ ହେଲା ଋଣ ଏବଂ ଅଗ୍ରିମ ପ୍ରଦାନ । କେତେକଙ୍କ ମତରେ ଋଣ ପ୍ରଦାନ ଏହି ବ୍ୟାଙ୍କର ସର୍ବପ୍ରଧାନ କାର୍ଯ୍ୟ । ବାସ୍ତବତଃ, ଋଣ ଏବଂ ଅଗ୍ରିମ ପ୍ରଦାନ ନିମନ୍ତେ ବ୍ୟାଙ୍କ ଜମା ଆକାରରେ ଅର୍ଥ ଗ୍ରହଣ କରିଥାଏ । ବିନା ଋଣ ପ୍ରଦାନରେ ବ୍ୟାଙ୍କ ଲାଭ ଅର୍ଜନ କରିପାରେନା । ବ୍ୟାଙ୍କ ନିଜ ଅଭିଜ୍ଞତାରୁ ଜାଣେ ଯେ ସର୍ବସାଧାରଣଙ୍କଠୁଁ ମିଳିଥିବା ମୋଟ ଜମାର ଏକ କ୍ଷୁଦ୍ର ଅଂଶ ନିଜ ପାଖରେ ସଞ୍ଚିତ ଆକାରରେ ରଖିଲେ ନଗଦୀ ପାଇଁ ହେଉଥିବା ଚାହିଦା ସେ ପୂରଣ କରିପାରିବ । ବାକିତକ ଜମା ବ୍ୟାଙ୍କ ଋଣ ଆକାରରେ ଦେଇଥାଏ । ଋଣ ପ୍ରଦାନ ବ୍ୟାଙ୍କ ଆୟର ମୂଳ ଉତ୍ସ । ଲାଭ ଅର୍ଜନ ନିମନ୍ତେ ବ୍ୟାଙ୍କ ସରକାରୀ ପ୍ରତିଭୂତିରେ ବା ଅନ୍ୟ କୌଣସି ଲାଭଜନକ ସଂସ୍ଥାରେ ମଧ୍ୟ ପାଣ୍ଠି ବିନିଯୋଗ କରିଥାଏ । ବ୍ୟାଙ୍କ ବ୍ୟବସାୟୀ ବା ବେପାରୀମାନଙ୍କୁ ଅଗ୍ରିମ ଋଣ ମଧ୍ୟ ଦେଇଥାଏ । ରିକାର୍ଡ଼ୋଙ୍କ ମତରେ, "ଜଣେ ଲୋକ ଯେତେବେଳେ ବ୍ୟାଙ୍କ ପରିଚାଳକ ବା ବ୍ୟାଙ୍କ ଅଧିକାରୀ ହୁଏ ଯେତେବେଳେ ସେ ଅନ୍ୟ ଲୋକର ମୁଦ୍ରାରୁ ଋଣ ଦେବା ଆରମ୍ଭ କରେ ।" ବ୍ୟାଙ୍କ ନିମ୍ନୋକ୍ତ ପ୍ରକାରରେ ଋଣ ପ୍ରଦାନ କରିଥାଏ ।

(i) ନଗଦୀ ଋଣ ପଦ୍ଧତି (Casch credit system): ଏହି ପଦ୍ଧତି ଅନୁସାରେ ବ୍ୟାଙ୍କ ଋଣ କର୍ତ୍ତା ନାମରେ ଏକ ଚଳନ୍ତି ହିସାବ ଖାତା ଖୋଲି ମଞ୍ଜୁରି ପ୍ରାପ୍ତ ଋଣକୁ ସେଥିରେ ଜମା କରିଥାଏ । ଋଣକର୍ତ୍ତା ନିଜ ଆବଶ୍ୟକତା ଅନୁସାରେ ପରେ ଚେକ୍ ସାହାଯ୍ୟରେ ସେହି ହିସାବ ଖାତାରୁ ଟଙ୍କା ଉଠାଇ ପାରନ୍ତି । ମଞ୍ଜୁରୀ ପ୍ରାପ୍ତ ଋଣର ସମଗ୍ର ଅର୍ଥ ଏକାଥରକେ ଋଣକର୍ତ୍ତାଙ୍କୁ ଦିଆଯାଏ ନାହିଁ । ଋଣକର୍ତ୍ତା ସମଗ୍ର ଋଣ ନିମନ୍ତେ ସୁଧ ନ ଦେଇ ପ୍ରକୃତରେ ବ୍ୟବହାର କରିଥିବା ଅର୍ଥ ନିମନ୍ତେ ସୁଧ ଦେଇଥାନ୍ତି । ଋଣକର୍ତ୍ତାଙ୍କ ତରଫରୁ ଅନ୍ତତଃ ଦୁଇ ଜଣ ବ୍ୟକ୍ତି ଜାମିନ୍ ରହିଥାନ୍ତି । ଏହା ବ୍ୟତୀତ ନଗଦୀ ଋଣ ପ୍ରଦାନ ବେଳେ ବ୍ୟାଙ୍କ କେତେକ ସାଂପାର୍ଶ୍ୱିକ ପ୍ରତିଭୂତି ଯଥା ପ୍ରତିଭୂତି, ବନ୍ଧକପତ୍ର, କମ୍ପାନୀ ଅଂଶ ଏବଂ ଧାନ, କପା ଆଦି ଦ୍ରବ୍ୟ ବନ୍ଧକ ରଖିଥାନ୍ତି । ସ୍କଟଲାଣ୍ଡରେ ଏହି ପଦ୍ଧତି ସବିଶେଷ ବିକାଶପ୍ରାପ୍ତ

ଏବଂ ପରିପୁଷ୍ଟ । ଭାରତରେ ମଧ୍ୟ ଏହି ପଦ୍ଧତି ଖୁବ୍ ଲୋକପ୍ରିୟ ଏବଂ ବିସ୍ତାରିତଭାବେ ବ୍ୟବହୃତ । ମ୍ୟାକ୍‌ଲିଓଡ୍‌ଙ୍କ ଭାଷାରେ, "ମିଶର ପ୍ରତି ନୀଳନଦୀ ଯାହା, ସ୍କଟ୍‌ଲାଣ୍ଡ ପ୍ରତି ନଗଦୀ ଋଣ ତାହା- ଏହା ଏକ ରାସାୟନିକ ସାର ।"

(ii) **ଅତିରିକ୍ତ ଉଠାଣ (Overdraft system):** ଏହି ବ୍ୟବସ୍ଥାନୁସାରେ ଜମାକାରୀମାନେ ବ୍ୟାଙ୍କ ନିକଟରେ ରଖିଥିବା ସେମାନଙ୍କର ଜମା ପରିମାଣଠାରୁ ଅଧିକ ମୁଦ୍ରା ଉଠାଇବାର ସୁବିଧା ପାଇଥାନ୍ତି । ବ୍ୟାଙ୍କ ପାଖରେ ଥିବା ସେମାନଙ୍କ ଜମା ପରିମାଣ ବାହାରେ ଅତିରିକ୍ତ ଉଠାଣ ବ୍ୟବସ୍ଥାରେ ଦର୍ଶାଯାଇଥିବା ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଚେକ୍ କାଟିବାକୁ ବ୍ୟାଙ୍କ ଏହାର ଗ୍ରାହକଙ୍କୁ ଅନୁମତି ଓ ସୁବିଧା ଦେଇଥାଏ । ଏହି ସୁବିଧା କିଛି ବନ୍ଧକୀ ବଦଳରେ କେବଳ ମିଳିଥାଏ । ମଞ୍ଜୁରୀପ୍ରାପ୍ତ ଋଣର ପରିମାଣ ପର୍ଯ୍ୟନ୍ତ ଜମାକାରୀ ଅର୍ଥ ପ୍ରତ୍ୟାହାର କରିପାରେ । ଜମାକାରୀଙ୍କୁ ନିଜ ଜମାଠୁଁ ଅଧିକ ଉଠାଇଥିବା ଟଙ୍କା ଉପରେ କେବଳ ସୁଧ ଦେବାକୁ ପଡ଼ିଥାଏ । ଅତିରିକ୍ତ ଉଠାଣ ଏକ ବ୍ୟକ୍ତିଗତ ଋଣ ହିସାବରେ ବିବେଚିତ ହୋଇଥାଏ ଏବଂ ଗ୍ରାହକ ସେଥିପାଇଁ ସୁଧ ଦେଇଥାଏ ।

(iii) **ପ୍ରତ୍ୟକ୍ଷ ଋଣ ପଦ୍ଧତି (Direct loan system):** ଏହା ଏକ ସରଳ ପଦ୍ଧତି । ଏହାକୁ ଏକ ସ୍ୱଳ୍ପ ଅଗ୍ରିମ ପଦ୍ଧତି କୁହାଯାଏ । ପ୍ରତିଭୂତି ବା କେତେକ ଅଙ୍ଗୀକାର ରଖି ବ୍ୟକ୍ତିବିଶେଷ ବା ପ୍ରତିଷ୍ଠାନକୁ ବ୍ୟାଙ୍କ ଋଣ ଦେଇଥାଏ । ଋଣ ଗ୍ରହୀତାଙ୍କ ନାମରେ ଏକ ହିସାବ ଖାତା ଖୋଲି ଏହିପରି ଋଣ ଅନୁମୋଦନ କରାଯାଇଥାଏ । ଋଣ ଗ୍ରହୀତା ଚେକ୍ ସାହାଯ୍ୟରେ ନିଜ ଆବଶ୍ୟକତା ମୁତାବକ ନିଜ ହିସାବ ଖାତାରୁ ଟଙ୍କା କାଢ଼ିଥାନ୍ତି । ଏହି ଧରଣର ଋଣ ଦେବାବେଳେ ଋଣ ଗ୍ରହୀତାର ପରିଶୋଧ କ୍ଷମତା ଏବଂ ସାଧୁତା ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥାଏ । ତେଣୁ ଏହି ଉଦ୍ଦେଶ୍ୟରେ ବ୍ୟକ୍ତିଗତ ପ୍ରତିଶ୍ରୁତି, ଅଙ୍ଗୀକାର ବା ପ୍ରତିଭୂତିକୁ ଯଥେଷ୍ଟ ବୋଲି ବିବେଚନା କରାଯାଇଥାଏ ।

(iv) **ବିନିମୟ ପତ୍ରର ଅବମୂଲ୍ୟନ (Discounting bills of exchange):** ଋଣ ପ୍ରଦାନ କରିବା କ୍ଷେତ୍ରରେ ଏହି ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ । ବିନିମୟ ପତ୍ରର ପରିପକ୍ୱତା ପୂର୍ବରୁ ବ୍ୟାଙ୍କଠାରୁ ବିନିମୟ ପତ୍ରର ମୂଲ୍ୟ ପ୍ରାପ୍ତି ପ୍ରକ୍ରିୟାକୁ ଏହାର ଅବମୂଲ୍ୟନ କୁହାଯାଏ । ଆଧୁନିକ ବ୍ୟବସାୟ ମୁଖ୍ୟତଃ ଋଣକାରବାର ଉପରେ ନିର୍ଭରଶୀଳ । ଋଣର ଭିତ୍ତି ଉପରେ କ୍ରୟ ବିକ୍ରୟ ହୋଇଥାଏ । ଧରାଯାଉ, ବ୍ରହ୍ମପୁରର ଜଣେ ବସ୍ତ୍ର ବ୍ୟବସାୟୀ ବମ୍ବେରେ ନିଉଗ୍ରେଟ୍ ମିଲ୍‌ଙ୍କ ନିକଟରୁ ସୁନ୍ଦର ବିଛଣାଚାଦର ଧାରସୂତ୍ରେ ଆଣିବାକୁ ଚାହାଁନ୍ତି । ସେ କ୍ଷେତ୍ରରେ ବମ୍ବେର

ନିଉଗ୍ରେଟ୍ ମିଲ୍ ଏକ ବିନିମୟ ପତ୍ର ପ୍ରସ୍ତୁତ କରି ବ୍ରହ୍ମପୁରସ୍ଥ କ୍ରେତାଙ୍କ ଦ୍ୱାରା ଗୃହୀତ ହେବା ପାଇଁ ପଠାଇ ଦିଅନ୍ତି। ସେହି ବିନିମୟ ପତ୍ରରେ ବିକ୍ରେତା ଏକ ନିର୍ଦ୍ଦିଷ୍ଟ ପରିମାଣ ଅର୍ଥ କ୍ରେତାଙ୍କୁ ତିନି ମାସ ପରେ ପରିଶୋଧ କରିବାକୁ ଆଦେଶ ଦେଇଥାନ୍ତି। ଏହି ବିନିମୟ ପତ୍ରଟିରେ କ୍ରେତା (ବା ଋଣକର୍ତ୍ତା) ବା ବ୍ରହ୍ମପୁରର ବସ୍ତ୍ର ବ୍ୟବସାୟୀଙ୍କ ଦସ୍ତଖତ ପରେ ତାଙ୍କୁ ବିକ୍ରେତା ଉଲ୍ଲିଖିତ ମୂଲ୍ୟର ବିକ୍ରୟଶାଟାଦର ପଠାଇ ଦିଅନ୍ତି। ବମ୍ବେର ନିଉଗ୍ରେଟ୍ ମିଲ୍ ତିନି ମାସ ପର୍ଯ୍ୟନ୍ତ ବିନିମୟ ପତ୍ରଟି ନିଜ ପାଖରେ ରଖନ୍ତି। ତିନି ମାସ ଅତିକ୍ରାନ୍ତ ହେବାପରେ ବ୍ରହ୍ମପୁରର ବସ୍ତ୍ର ବ୍ୟବସାୟୀ ବିନିମୟ ପତ୍ରରେ ଉଲ୍ଲିଖିତ ଅର୍ଥ ପରିଶୋଧ କରିଦିଅନ୍ତି। ବିନିମୟ ପତ୍ରର ମିଆଦ ଶେଷ ହେବା ପୂର୍ବରୁ ବମ୍ବେର ନିଉଗ୍ରେଟ୍ ମିଲ୍ ଅର୍ଥ ଆବଶ୍ୟକ କଲେ କୌଣସି ବ୍ୟାଙ୍କକୁ ବିନିମୟ ପତ୍ରର ଅବମୂଲ୍ୟନ ନିମନ୍ତେ ଅନୁରୋଧ କରିପାରନ୍ତି। ବ୍ୟାଙ୍କ ବାକିଥିବା ସମୟ ପାଇଁ ବିନିମୟ ପତ୍ରରେ ଅଙ୍କିତ ମୂଲ୍ୟରୁ କିଛି କମିଶନ୍ କାଟିରଖି ବମ୍ବେର ନିଉଗ୍ରେଟ୍ ମିଲ୍କୁ ତାଙ୍କର ପ୍ରାପ୍ୟ ଦେଇଥାଏ। ଏକ ନିର୍ଦ୍ଦିଷ୍ଟ ବିନିମୟ ପତ୍ର ବଦଳରେ ବିନିମୟ ପତ୍ରରେ ଅଙ୍କିତ ମୂଲ୍ୟଠାରୁ କମ୍ ମୂଲ୍ୟ ପ୍ରଦାନ କରିବା ପ୍ରକ୍ରିୟାକୁ ଅବମୂଲ୍ୟନ କୁହାଯାଏ। ଏହାପରେ ବ୍ୟାଙ୍କ ବିନିମୟ ପତ୍ରଟି ପରିପକ୍ୱ ହେବା ପର୍ଯ୍ୟନ୍ତ ଅପେକ୍ଷା କରେ ଏବଂ ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ହେବାପରେ ବ୍ରହ୍ମପୁରସ୍ଥ ବସ୍ତ୍ର ବ୍ୟବସାୟୀଙ୍କ ନିକଟରୁ ବିନିମୟ ପତ୍ରରେ ଉଲ୍ଲିଖିତ ଅର୍ଥ ସଂଗ୍ରହ କରିଥାଏ। କୌଣସି କାରଣ ବଶତଃ ବ୍ରହ୍ମପୁରର ବସ୍ତ୍ର ବ୍ୟବସାୟୀ ଯଦି ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ଅର୍ଥ ଦେବାକୁ ଅସମର୍ଥ ହୁଏ, ତେବେ ବ୍ୟାଙ୍କ ବମ୍ବେର ନିଉଗ୍ରେଟ୍ ମିଲ ନିକଟରୁ ସେହି ଅର୍ଥ ଆଇନତଃ ଆଦାୟ କରିପାରେ। ବିନିମୟ ପତ୍ରର ଅବମୂଲ୍ୟନ ଦ୍ୱାରା ବ୍ୟାଙ୍କ ଅନ୍ତର୍ବାଣିଜ୍ୟ ଏବଂ ବହିର୍ବାଣିଜ୍ୟରେ ବିଶେଷ ସହାୟ ହୋଇଥାଏ।

(3) **ମୁଦ୍ରା ସୃଜନ (Credit Creation) :** ବାଣିଜ୍ୟିକ ବ୍ୟାଙ୍କ କେବଳ ଯେ ମୁଦ୍ରା ଯୋଗାଣ ବା କାରବାର କରିଥାଏ ତାହା ନୁହେଁ, ଏହା ମୁଦ୍ରା ସୃଜନ ମଧ୍ୟ କରିଥାଏ। ବ୍ୟାଙ୍କ ଜମା ଆକାରରେ ଯେତେ ଅର୍ଥ ସଂଗ୍ରହ କରିଥାଏ ତାହା ଠୁଁ ବହୁତ ଅଧିକ ଋଣ ଦେଇଥାଏ। ଏହି ଋଣ ଦେବା ପ୍ରକ୍ରିୟାରେ ହିଁ ବ୍ୟାଙ୍କ ଋଣମୁଦ୍ରା ସୃଷ୍ଟି କରିଥାଏ। ବ୍ୟାଙ୍କ ନିଜ ଅଭିଜ୍ଞତାରୁ ଜାଣିଥାଏ ଯେ ଜମାକାରୀମାନେ ସେମାନଙ୍କର ସମସ୍ତ ଅର୍ଥ ବ୍ୟାଙ୍କରୁ ଏକକାଳୀନ ଉଠାଇବେ ନାହିଁ। ତେଣୁ ବ୍ୟାଙ୍କ ପ୍ରତ୍ୟେକ ଦିନ ଜମାକାରୀମାନେ ଆବଶ୍ୟକ କରୁଥିବା ଜମାକୁ ନଗଦ ମୁଦ୍ରା ଉପରେ ରଖି, ଅବଶିଷ୍ଟ ଜମାକୁ ଋଣ ଦେଇଥାଏ। ଯେତେବେଳେ ବ୍ୟାଙ୍କ ଋଣ ମଞ୍ଜୁର କରେ, ସାଧାରଣତଃ ନଗଦ ମୁଦ୍ରା ଆକାରରେ ଦିଏ ନାହିଁ। ବ୍ୟାଙ୍କ ଋଣଗ୍ରହୀତାଙ୍କ ନାମରେ ଏକ ଜମା ସୃଷ୍ଟି କରିଥାଏ।

ଜମାକାରୀଙ୍କୁ ଏହି ଜମା ବିପରୀତରେ ଟଙ୍କା ଉଠାଇବାର ସୁଯୋଗ ଚେକ୍ ମାଧ୍ୟମରେ ଦିଆଯାଇଥାଏ। ଋଣ ଗ୍ରହୀତା ଚେକ୍ କାଟି ଅନ୍ୟ କାହାର ପ୍ରାପ୍ୟ ପରିଶୋଧ କଲେ ସେ ଆସି ବ୍ୟାଙ୍କରେ ଉକ୍ତ ଚେକ୍ ଜମା ଦିଅନ୍ତି। ସେ କ୍ଷେତ୍ରରେ ବ୍ୟାଙ୍କ ଚେକ୍‌ରେ ଉଲ୍ଲିଖିତ ଅର୍ଥକୁ ପ୍ରଥମ ବ୍ୟକ୍ତିର ଜମାରୁ କାଢ଼ି ଦ୍ୱିତୀୟ ବ୍ୟକ୍ତିର ଜମାରେ ଯୋଗ କରିଥାଏ। ଏହି ପ୍ରକ୍ରିୟାରେ ଜମା ସୃଷ୍ଟି ହୋଇଥାଏ। ତେଣୁ କୁହାଯାଇଛି ପ୍ରତ୍ୟେକ ଋଣ ଏକ ଜମା ସୃଷ୍ଟି କରେ। ଏହା ଦ୍ୱାରା ଦେଶରେ ମୁଦ୍ରା ଯୋଗାଣ ବୃଦ୍ଧି ହୁଏ। ବ୍ୟାଙ୍କ ଶୂନ୍ୟରୁ ମୁଦ୍ରା ବା ଋଣ ସୃଷ୍ଟି କରି ନ ଥାଏ। ବ୍ୟାଙ୍କର ପ୍ରାଥମିକ ଜମା ମୁଦ୍ରାଯୋଗାଣ ବୃଦ୍ଧି କରୁ ନ ଥିବାବେଳେ ସକ୍ରିୟ ବା ବ୍ୟୁତ୍ପନ୍ନ ଜମା ମୁଦ୍ରାଯୋଗାଣ ବୃଦ୍ଧି କରିଥାଏ। ବ୍ୟୁତ୍ପନ୍ନ ବା ସକ୍ରିୟ ଜମା ବ୍ୟାଙ୍କର ଋଣ ଦାନ କାର୍ଯ୍ୟରୁ ସୃଷ୍ଟି। ଦେଶର ମୋଟ ମୁଦ୍ରା ଯୋଗାଣରେ ଏହି ଋଣମୁଦ୍ରା ବା ବ୍ୟାଙ୍କ ମୁଦ୍ରା ଏକ ପ୍ରଧାନ ଅଂଶ। ମାତ୍ର ବ୍ୟାଙ୍କର ଅସୀମ ପରିମାଣରେ ମୁଦ୍ରା ସୃଷ୍ଟି କରିବାର କ୍ଷମତା ନ ଥାଏ। ବ୍ୟାଙ୍କର ମୁଦ୍ରା ସୃଷ୍ଟି କରିବାର କ୍ଷମତା ପର୍ଯ୍ୟାପ୍ତ ପରିମାଣର ନଗଦମୁଦ୍ରା ସଂରକ୍ଷଣ ଅନୁପାତ, ଲୋକଙ୍କର ମୁଦ୍ରା ଏବଂ ବ୍ୟାଙ୍କ ଅଭ୍ୟାସ, ଅନ୍ୟାନ୍ୟ ବ୍ୟାଙ୍କର ବ୍ୟବହାର, ଦେଶର ମୋଟ ପ୍ରତିଭୂତି ଏବଂ ବାଣିଜ୍ୟିକ ବ୍ୟାଙ୍କ ପତ୍ରର ପରିମାଣ, ବ୍ୟବସାୟ ବାଣିଜ୍ୟର ଅବସ୍ଥା, ଦେଶର ମୋଟ ମୁଦ୍ରା ଯୋଗାଣ ଏବଂ ସର୍ବୋପରି କେନ୍ଦ୍ରୀୟ ବ୍ୟାଙ୍କର ନୀତି ଉପରେ ନିର୍ଭର କରିଥାଏ। ବ୍ୟାଙ୍କ ମୁଦ୍ରା ସୃଷ୍ଟି ହେବା ଯୋଗୁ ଦେଶର ବ୍ୟବସାୟ, ବାଣିଜ୍ୟ ଓ ଶିଳ୍ପ ବିକାଶ ସମ୍ଭବ ହୋଇଥାଏ।

(B) ପ୍ରତିନିଧିମୂଳକ କାର୍ଯ୍ୟାବଳୀ (**Representative Functions**) : ବାଣିଜ୍ୟିକ ବ୍ୟାଙ୍କ ଅନେକ ପ୍ରତିନିଧି ମୂଳକ କାର୍ଯ୍ୟ ସମ୍ପାଦନ କରିଥାଏ। ଯଥା-

(i) ଏହା ପ୍ରତିଭୂତି କ୍ରୟବିକ୍ରୟ କରିଥାଏ ଏବଂ ଲାଭାଂଶ ଏବଂ ସୁଧ ଏହାର ଗ୍ରାହକଙ୍କ ତରଫରୁ ସଂଗ୍ରହ କରିଥାଏ।

(ii) ବ୍ୟାଙ୍କ ଗ୍ରାହକମାନଙ୍କର ପ୍ରତିନିଧି ବା ସମ୍ପତ୍ତିର ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରିଥାଏ।

(iii) ଏହା ଗ୍ରାହକମାନଙ୍କ ଇଚ୍ଛାପତ୍ର କାର୍ଯ୍ୟକାରୀ କରିଥାଏ ଏବଂ ସେମାନଙ୍କ ପାଇଁ ଆଇନ୍ ପ୍ରତିନିଧି ହିସାବରେ କାର୍ଯ୍ୟ ସମ୍ପାଦନ କରିଥାଏ।

(iv) ବ୍ୟାଙ୍କ ଗ୍ରାହକଙ୍କ ତରଫରୁ ପ୍ରାପ୍ୟ ସଂଗ୍ରହ କରିଥାଏ ଏବଂ ଦେୟ ପ୍ରଦାନ କରିଥାଏ। ବ୍ୟାଙ୍କ ଯୌଥ କମ୍ପାନୀର ବ୍ୟାଙ୍କରୂପେ କାର୍ଯ୍ୟ କରିଥାଏ।

(v) ବ୍ୟାଙ୍କ ବୈଦେଶିକ ମୁଦ୍ରା କାରବାର କରିଥାଏ ଏବଂ ଋଣପତ୍ର ଓ ପର୍ଯ୍ୟଟକ ଚେକ୍ ଦେଇଥାଏ। ଯେହେତୁ ଏସବୁ କ୍ଷେତ୍ରରେ ବ୍ୟାଙ୍କ ତାହାର ଗ୍ରାହକମାନଙ୍କର ପ୍ରତିନିଧି ଭାବରେ କାର୍ଯ୍ୟ କରେ ତେଣୁ ଏହି ସେବାଗୁଡ଼ିକୁ ବ୍ୟାଙ୍କର ପ୍ରତିନିଧି ମୂଳକ ସେବା କୁହାଯାଇଥାଏ।

(C) **ସାଧାରଣ ଉପଯୋଗିତା ମୂଳକ କାର୍ଯ୍ୟାବଳୀ (General Utility Services) :** ବାଣିଜ୍ୟିକ ବ୍ୟାଙ୍କ ସମାଜରେ ନିଜର ଉପଯୋଗିତା ସିଦ୍ଧ କରିବା ପାଇଁ କେତେକ ସାଧାରଣ କାର୍ଯ୍ୟାବଳୀ ସମ୍ପାଦନ କରିଥାଏ।

(i) ବ୍ୟାଙ୍କ ସେମାନଙ୍କ ଗ୍ରାହକମାନଙ୍କୁ ବ୍ୟବସାୟିକ ତଥ୍ୟ ଯୋଗାଇଥାଏ।

(ii) ଅର୍ଥ ଏବଂ ଅନ୍ୟାନ୍ୟ ମୂଲ୍ୟବାନ୍ ସାମଗ୍ରୀକୁ ନିରାପଦରେ ରଖିବାପାଇଁ ସିନ୍ଦୁକ ଏବଂ ଗଚ୍ଛାଘର (Locker) ସୁବିଧା ପ୍ରଦାନ କରିଥାଏ।

(iii) ବ୍ୟାଙ୍କ ଋଣପତ୍ର (Credit card) ଏବଂ ATM ସେବା ପ୍ରଦାନ କରିଥାଏ।

(iv) ବିନିମୟ ପତ୍ରକୁ ଏହା ଗ୍ରହଣ କରେ ଏବଂ ସମର୍ଥନ କରିଥାଏ। ଏହା ପର୍ଯ୍ୟଟକ ଚେକ୍ ପ୍ରଦାନ କରିଥାଏ।

(v) ବ୍ୟାଙ୍କ ଡ୍ରାଫ୍ଟ ଏବଂ ଚେକ ଜରିଆରେ ବ୍ୟାଙ୍କ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ମୁଦ୍ରା ପ୍ରେରଣ କରିଥାଏ।

ଉପର୍ଯ୍ୟୁକ୍ତ କାର୍ଯ୍ୟଗୁଡ଼ିକ ବ୍ୟତୀତ ବାଣିଜ୍ୟିକ ବ୍ୟାଙ୍କ ମଧ୍ୟ ଭାରତର ଆର୍ଥନୀତିକ ବିକାଶର ପ୍ରମୁଖ ଭୂମିକା ନିର୍ବାହ କରିଥାଏ।

(D) **ଆର୍ଥନୀତିକ ବିକାଶର ବାହକ (Carrier of Economic Development) :** ବାଣିଜ୍ୟିକ ବ୍ୟାଙ୍କମାନେ ଦେଶର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏକ ସୁସଙ୍ଗଠିତ ବ୍ୟାଙ୍କ ବ୍ୟବସ୍ଥା ବିନା ବିକାଶଶୀଳ ଦେଶମାନଙ୍କରେ ବିକାଶ ଉଦ୍ୟମ ପ୍ରତିହତ ହୋଇଥାଏ। ବାଣିଜ୍ୟିକ ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନକୁ କାର୍ଯ୍ୟଶୀଳ ପୁଞ୍ଜି ଯୋଗାଇଥାନ୍ତି। ସେମାନେ ଦୀର୍ଘକାଳୀନ ଋଣ ଦିଅନ୍ତି ନାହିଁ ସତ୍ୟ ମାତ୍ର ବାସ୍ତବ କ୍ଷେତ୍ରରେ ସେମାନେ ଦେଉଥିବା ସ୍ୱଳ୍ପକାଳୀନ ଋଣ ଦୀର୍ଘକାଳୀନ ପୁଞ୍ଜିଭାବେ କାମ କରିଥାଏ। ଯେତେଶୀଘ୍ର ଏକ ବ୍ୟବସାୟ ପ୍ରତିଷ୍ଠାନ ଋଣ ପରିଶୋଧ କରେ ସେତେଶୀଘ୍ର ତାହାକୁ ଆଉ ଗୋଟିଏ ଋଣ ମଞ୍ଜୁର କରାଯାଇଥାଏ। ଏହିପରି ଭାବରେ ବର୍ଷ ବର୍ଷ ଧରି ବ୍ୟବସାୟ ପ୍ରତିଷ୍ଠାନଟି ବାଣିଜ୍ୟିକ ବ୍ୟାଙ୍କରୁ ଋଣ ନେଇଥାନ୍ତି ଯାହା ଦୀର୍ଘକାଳୀନ ଋଣ ସଙ୍ଗେ ସମାନ। ଏହି ଦୃଷ୍ଟିରୁ ବିଚାର କଲେ ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଋଣ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବା କଷ୍ଟସାଧ୍ୟ। ବର୍ତ୍ତମାନ ଆମ ଦେଶରେ ଏହି ବ୍ୟାଙ୍କମାନେ ଆର୍ଥନୀତିକ ବିକାଶର ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଭାରତରେ ଗ୍ରାମାଞ୍ଚଳର ବିକାଶ ଦାୟିତ୍ୱ ଏମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏମାନେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, କ୍ଷୁଦ୍ର ଉଦ୍ୟୋଗ ଓ କୁଟିରଶିଳ୍ପର ବିକାଶ ସକାଶେ ଋଣ ଯୋଗାଉଛନ୍ତି। କେତେକ ବାଣିଜ୍ୟିକ ବ୍ୟାଙ୍କ ଗୋଟିଏ ଜିଲ୍ଲା ବା ଅଞ୍ଚଳକୁ ପୋଷ୍ୟ ଅଞ୍ଚଳ ବା ପୋଷ୍ୟ ଜିଲ୍ଲା ରୂପେ ଗ୍ରହଣ କରି ଏହାର ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରୁଛନ୍ତି। ଏହିଭଳି ଭାବରେ ବାଣିଜ୍ୟିକ ବ୍ୟାଙ୍କମାନେ ଦିନକୁ ଦିନ ଅଧିକ ବିକାଶମୂଳକ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରୁଛନ୍ତି।

**(E) ସାମାଜିକ କାର୍ଯ୍ୟାବଳୀ (Social Functions) :** ଭାରତରେ ଜାତୀୟକରଣ ବାଣିଜ୍ୟିକ ବ୍ୟାଙ୍କ ସମୂହ ନିମ୍ନଲିଖିତ ସାମାଜିକ କାର୍ଯ୍ୟମାନ ସମ୍ପାଦନ କରୁଛନ୍ତି।

କ) ବ୍ୟାଙ୍କ ନ ଥିବା କିମ୍ବା ସ୍ୱଳ୍ପବ୍ୟାଙ୍କ ଥିବା ଅଞ୍ଚଳରେ ବ୍ୟାଙ୍କ ସୁବିଧାର ବିସ୍ତାର ଏବଂ ପ୍ରସାରଣ।

ଖ) ସମାଜର ଦୁର୍ବଳ ଶ୍ରେଣୀର ଲୋକ (କ୍ଷୁଦ୍ର କାରିଗର, ଶିଳ୍ପକାର ଏବଂ କୃଷି ଶ୍ରମିକ)ଙ୍କର ଆର୍ଥିକ ଆବଶ୍ୟକତା ପୂରଣ।

ଗ) ଯୁବକ, ମେଧାବୀ ଏବଂ ଅଭାବଗ୍ରସ୍ତ ଉଦ୍ୟୋଗୀଙ୍କୁ ସାହାଯ୍ୟ ପ୍ରଦାନ ଏବଂ ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି।

ଘ) ଅଧିକ ଲାଭାର୍ଥି ବ୍ୟବସାୟ ଏବଂ ଅନୁତ୍ପାଦକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ପୂର୍ବକ ବ୍ୟାଙ୍କ ମୁଦ୍ରାର ଯଥାର୍ଥ, ଯୁକ୍ତିସିଦ୍ଧ ବ୍ୟବହାର ନିଶ୍ଚିତ କରିବା।

ଙ) ପୋଷ୍ୟ ଜିଲ୍ଲା ଓ ଗ୍ରାମ ଗ୍ରହଣ ପରିକଳ୍ପନାରେ ଯୋଜନାର ବିତ୍ତୀୟ ପ୍ରବନ୍ଧନ କରିବା।

### 8.2.3 ବାଣିଜ୍ୟିକ ବ୍ୟାଙ୍କର ସନ୍ତୁଳନ ପତ୍ର (Balance Sheet of a Commercial Bank)

ବ୍ୟାଙ୍କ ଏକ ବ୍ୟବସାୟିକ ଅନୁଷ୍ଠାନ। ଏହା ଜମାକାରୀଙ୍କ ପାଣ୍ଠିକୁ ନେଇ ବ୍ୟବସାୟ କରିଥାଏ। ତେଣୁ ଗ୍ରାହକମାନଙ୍କ ଅବଗତି ନିମନ୍ତେ ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ବ୍ୟାଙ୍କକୁ ନିଜ ଆୟ ବ୍ୟୟ ସମ୍ବନ୍ଧୀୟ ଏକ ବିବରଣୀ ପ୍ରକାଶ କରିବାକୁ ହୋଇଥାଏ। ଏହି ସାମୟିକ ବିବରଣୀ (ବାର୍ଷିକ ବିବରଣୀ)କୁ ବ୍ୟାଙ୍କର ସନ୍ତୁଳନ ପତ୍ର କୁହାଯାଏ। ସନ୍ତୁଳନ ପତ୍ରଟି ବ୍ୟାଙ୍କର ପାଉଣା ବା ପରିସମ୍ପତ୍ତି ଏବଂ ଦେଣାର ଏକ ବିବରଣୀ ମାତ୍ର। ଏଥିରେ ବ୍ୟାଙ୍କର ବ୍ୟବସାୟିକ କାର୍ଯ୍ୟକଳାପ ପ୍ରତିଫଳିତ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ ସନ୍ତୁଳନ ପତ୍ରରୁ ତାହାର ଆର୍ଥିକ ସ୍ଥିତି ସମ୍ବନ୍ଧରେ ସୂଚନା ମିଳିଥାଏ। ଜି.ଏଲ୍. ବାକ୍‌ଙ୍କ ଭାଷାରେ, "ଏହା ଏକ ବର୍ଷ, ମାସ କିମ୍ବା ଏକ ନିଶ୍ଚିତ ଅବଧି ନିମନ୍ତେ ସମ୍ପୃକ୍ତ ପ୍ରତିଷ୍ଠାନର ଆର୍ଥିକ ସ୍ଥିତି ସମ୍ବନ୍ଧରେ ଏକ ତାତ୍କାଳିକ, ସଂକ୍ଷିପ୍ତ ଚିତ୍ର ପ୍ରଦାନ କରିଥାଏ।" ସନ୍ତୁଳନ ପତ୍ର ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବ୍ୟାଙ୍କର ଦେଣା ପାଉଣାର ଏକ ବିବରଣୀ। ଏହା ଏକ ଦର୍ପଣ ଯାହା ବ୍ୟାଙ୍କର ସାଧାରଣ ସ୍ୱାସ୍ଥ୍ୟ ଏବଂ କାରବାରକୁ ପ୍ରତିବିମ୍ବିତ କରିଥାଏ। ଏହା ବ୍ୟାଙ୍କର ଆର୍ଥିକ ସ୍ୱଭାବର ପରିଚୟ ଦେଇଥାଏ। ସନ୍ତୁଳନ ପତ୍ରର ଉଭୟ ପାର୍ଶ୍ୱକୁ ବିଶ୍ଳେଷଣ କଲେ ଆମେ ବ୍ୟାଙ୍କର ଆର୍ଥିକ ସ୍ଥିତି, ସ୍ୱଚ୍ଛଳତା, ତରଳତା ଆଦିର ମୂଲ୍ୟାୟନ କରିପାରିବା। ସନ୍ତୁଳନ ପତ୍ରକୁ ପରୀକ୍ଷା କରିବା ଦ୍ୱାରା ଜଣେ ବ୍ୟାଙ୍କ ଋଣର ପ୍ରକୃତି ଏବଂ ଏହା ପଛରେ ଥିବା ରହସ୍ୟ ବିଷୟରେ ଏକ ସମ୍ୟକ ଧାରଣା ପାଇଥାଏ।

ସନ୍ତୁଳନ ପତ୍ରର ଦୁଇଟି ପାର୍ଶ୍ୱ ଥାଏ। ବାମ ପାର୍ଶ୍ୱରେ ବ୍ୟାଙ୍କର ଦେଣା (ଦେୟତା) ଏବଂ ଦକ୍ଷିଣ ପାର୍ଶ୍ୱରେ ପରିସମ୍ପତ୍ତି (ପାଉଣା) ପ୍ରକାଶ କରାଯାଇଥାଏ। ଋଣଗ୍ରହୀତା ହିସାବରେ ବ୍ୟାଙ୍କର କାର୍ଯ୍ୟକଳାପ ସନ୍ତୁଳନ ପତ୍ରର ଦେୟତା ପାର୍ଶ୍ୱରେ ଦର୍ଶାଯାଇଥାଏ। ପାଉଣା ପାର୍ଶ୍ୱ ବା ପରିସମ୍ପତ୍ତି ପାର୍ଶ୍ୱ ବ୍ୟାଙ୍କର ସମ୍ପଦର ପରିମାଣ ସମ୍ବନ୍ଧରେ ସୂଚନା

ଦେଇଥାଏ। ବ୍ୟାଙ୍କ କିପରି ପାଣ୍ଠି ବା ଅର୍ଥ ସଂଗ୍ରହ କରିଛି ଏବଂ ସଂଗୃହୀତ ପାଣ୍ଠିକୁ କିପରି ବିନିଯୋଗ କରିଛି ତାହା ସନ୍ତୁଳନ ପତ୍ର ଦର୍ଶାଇଥାଏ। ସନ୍ତୁଳନ ପତ୍ରର 'ସନ୍ତୁଳନ' ଶବ୍ଦଟି ସର୍ବଦା ପାଉଣା ପାର୍ଶ୍ୱ ଏବଂ ଦେଣା ପାର୍ଶ୍ୱର ସମତାର ସୂଚନା ଦେଇଥାଏ। ବ୍ୟାଙ୍କର ଭବିଷ୍ୟତକୁ ଏହା ଉଜ୍ଜ୍ୱଳ କରିବା ବା ନଷ୍ଟ କରିବାର ଆୟୁଧ ରୂପେ କାର୍ଯ୍ୟ କରେ। ସନ୍ତୁଳନ ପତ୍ରଟି ବ୍ୟାଙ୍କ ପ୍ରତି ଜନସାଧାରଣଙ୍କର ବିଶ୍ୱସନୀୟତା ବୃଦ୍ଧି କରିବାରେ ସହାୟ ହୋଇଥାଏ। ବ୍ୟାଙ୍କର ସମୂହ କାରବାର ଜନତାର ବିଶ୍ୱାସ ଉପରେ ଆଧାରିତ। ସନ୍ତୁଳନ ପତ୍ରରେ ଦେଣା ଓ ପାଉଣା ଗୁଡ଼ିକୁ ଏକ ଶୃଙ୍ଖଳିତ ଢଙ୍ଗରେ ବିନ୍ୟାସ କରାଯାଇ ସେମାନଙ୍କର ସନ୍ତୁଳନ ସୂଚିତ କରାଯାଇଥାଏ। ନିମ୍ନରେ ଏକ ନମୁନା ସନ୍ତୁଳନ ପତ୍ର ଦିଆଯାଇଛି।

### ସନ୍ତୁଳନ ପତ୍ରର ନମୁନା

| ଦେଣା (ଦେୟତା) | ପାଉଣା (ପରିସମ୍ପତ୍ତି) |
|---|---|
| 1) ପ୍ରଦତ୍ତ ପୁଞ୍ଜି | 1) ବ୍ୟାଙ୍କ ପାଖରେ ଥିବା ନଗଦ ମୁଦ୍ରା, ଅନ୍ୟାନ୍ୟ ମୁଦ୍ରା ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାଙ୍କରେ ଥିବା ନଗଦ ମୁଦ୍ରା |
| 2) ସଂରକ୍ଷିତ ପାଣ୍ଠି | 2) ଚାହିଦା ମାତ୍ରେ ପ୍ରାପ୍ୟ ଏବଂ ସ୍ୱଳ୍ପ ମିଆଦୀ ଋଣ |
| 3) ଜମା:<br>(କ) ଚଳନ୍ତି ବା ଚାହିଦା ଜମା<br>(ଖ) ମିଆଦୀ ଜମା<br>(ଗ) ସଂଚୟ ଜମା | 3) ଅବମୂଲ୍ୟନ ହୋଇଥିବା ବିନିମୟ ପତ୍ର ଓ ରାଜକୋଷୀୟ ପତ୍ର |
| 4) ଅନ୍ୟ ବ୍ୟାଙ୍କକୁ ଦେବାକୁ ଥିବା ବିନିମୟ ପତ୍ର ଓ ଡ୍ରାଫ୍ଟ | 4) ଗ୍ରାହକମାନଙ୍କୁ ଦେଇଥିବା ଋଣ ଏବଂ ଅଗ୍ରିମ |
| 5) ଗ୍ରାହକମାନଙ୍କ ତରଫରୁ ସ୍ୱୀକୃତି ଓ ପୃଷ୍ଠାଙ୍କନ | 5) ସରକାରୀ ପ୍ରତିଭୂତିରେ ବିନିଯୋଗ ଏବଂ ଅନ୍ୟାନ୍ୟ ଅନୁମୋଦିତ ବିନିଯୋଗ |
| 6) ଅନ୍ୟାନ୍ୟ ଦେଣା | 6) ଗ୍ରାହକମାନଙ୍କ ତରଫରୁ ସ୍ୱୀକୃତି ଇତ୍ୟାଦି (ସ୍ୱୀକୃତି ଓ ପୃଷ୍ଠାଙ୍କନ) |
| | 7) କୋଠାବାଡ଼ି ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି |

**ଦେଣା (Liabilities) :** ସମସ୍ତ ଦେଣା ବ୍ୟାଙ୍କର ଋଣ। ଦେଣା କହିଲେ କୌଣସି ବ୍ୟାଙ୍କ ଅନ୍ୟମାନଙ୍କୁ ଦେବାକୁ ଥିବା ଦେୟତାକୁ ବୁଝାଏ। ସନ୍ତୁଳନ ପତ୍ରର ବାମ ପାର୍ଶ୍ୱରେ ବ୍ୟାଙ୍କ ତାହାର ଅଂଶୀଦାର, ଜମାକାରୀ ଏବଂ ଅନ୍ୟମାନଙ୍କୁ ପରିଶୋଧ କରିବାକୁ ଥିବା ଅର୍ଥର ପରିମାଣ ସୂଚିତ କରିଥାଏ। ବିଭିନ୍ନ ବ୍ୟକ୍ତି ଏବଂ ସଂସ୍ଥାମାନଙ୍କର କୌଣସି ବ୍ୟାଙ୍କର ପରିସମ୍ପତ୍ତିର ଅଂଶଗ୍ରହଣର ଅଧିକାରକୁ ଦେଣା କୁହାଯାଏ। ଦେଣା ପାର୍ଶ୍ୱରେ ନିମ୍ନଲିଖିତ ବିଷୟସବୁ ଉଲ୍ଲିଖିତ ହୋଇଥାଏ।

1) **ପ୍ରଦତ୍ତ ପୁଞ୍ଜି (Paid-up Capital) :** ବାଣିଜ୍ୟିକ ବ୍ୟାଙ୍କ ଏକ ଯୌଥମୂଳଧନୀ ସଂସ୍ଥା ହୋଇଥିବାରୁ ଅଂଶ ବିକ୍ରୟ କରି ଏହା ପୁଞ୍ଜି ସଂଗ୍ରହ କରିଥାଏ। ଅଂଶୀଦାରମାନେ ବ୍ୟାଙ୍କକୁ ପୁଂଜି ପ୍ରଦାନ କରିଥାନ୍ତି। ଅଂଶପୁଂଜିର ପରିମାଣ ଅଧିକ ହେଲେ ଜମାକାରୀମାନଙ୍କର ବ୍ୟାଙ୍କ ପ୍ରତି ଆସ୍ଥା ସୃଷ୍ଟି ହୋଇଥାଏ। ବ୍ୟାଙ୍କ ଯେଉଁ ସର୍ବୋଚ୍ଚ ପରିମାଣର ଅଂଶ ଜାରି କରିବା କ୍ଷମତାପ୍ରାପ୍ତ ହୋଇଥାଏ ତାହାକୁ ଅନୁମୋଦିତ ପୁଂଜି (authorised capital) କୁହାଯାଏ। ଅନୁମୋଦିତ ପୁଂଜିର ଯେଉଁ ଅଂଶ ପ୍ରକୃତରେ ବଜାରରେ ଜାରି କରାଯାଇଥାଏ, ତାହାକୁ ପ୍ରଚଳିତ ପୁଂଜି (issued capital) କହନ୍ତି। ପ୍ରଚଳିତ ପୁଂଜିର ଯେଉଁ ଅଂଶ ବିକ୍ରୟ ହୋଇଥାଏ ତାହାକୁ ଅଭିଦତ୍ତ ପୁଂଜି (subscribed capital) କୁହାଯାଏ। ଅଂଶଧାରୀମାନେ କିଣିଥିବା ଅଂଶର ଯେଉଁ ଭାଗ ସେମାନେ ପ୍ରଥମାବସ୍ଥାରେ ନଗଦମୁଦ୍ରା ଆକାରରେ ଦିଅନ୍ତି ତାହାକୁ ପ୍ରଦତ୍ତ ପୁଂଜି (paid up capital) କୁହାଯାଏ। ପ୍ରଦତ୍ତ ପୁଂଜି ହିଁ ପ୍ରକୃତରେ ବ୍ୟାଙ୍କର ଦେୟତା ବା ଦେଣା।

2) **ସଂରକ୍ଷିତ ପାଣ୍ଠି (Reserve Fund) :** ବର୍ଷ ବର୍ଷ ଧରି ବ୍ୟାଙ୍କର ବିତରିତ ନ ହୋଇଥିବା ସଂଚିତ ଲାଭରୁ ସଂରକ୍ଷିତ ପାଣ୍ଠିର ସୃଷ୍ଟି ହୋଇଥାଏ। ଅପ୍ରତ୍ୟାଶିତ କ୍ଷତିର ସମ୍ମୁଖୀନ ହେଲେ ତାହାର ସହଜ ଉପସମନ କରିବା ନିମନ୍ତେ ଏହି ବିଶେଷ ପାଣ୍ଠି ବ୍ୟବହୃତ ହୋଇଥାଏ। ଏହି ପାଣ୍ଠି ବ୍ୟାଙ୍କର ଧନ ସମ୍ପନ୍ନତା ବୃଦ୍ଧି କରିଥାଏ। ଭାରତର ବ୍ୟାଙ୍କମାନଙ୍କୁ ସେମାନଙ୍କର ବାର୍ଷିକ ନିଟ୍ ଲାଭର ଶତକଡ଼ା 20 ଭାଗ ଏହି ପାଣ୍ଠିରେ ରଖିବାକୁ ପଡ଼ିଥାଏ। ସଂରକ୍ଷିତ ପାଣ୍ଠି ସୃଷ୍ଟି ବ୍ୟାଙ୍କ ପ୍ରତି ସର୍ବସାଧାରଣଙ୍କ ଆସ୍ଥା ଏବଂ ବିଶ୍ୱାସ ଜନ୍ମାଇଥାଏ। ଏଥିରେ ସଂଚିତ ହୋଇ ରହିଥିବା ଅର୍ଥର ପରିମାଣ ଅଂଶୀଦାରମାନଙ୍କ ମଧ୍ୟରେ ବ୍ୟାଙ୍କ ପ୍ରତି ତାଙ୍କର ଆସ୍ଥା ଏବଂ ବିଶ୍ୱାସ ସୃଷ୍ଟି କରିଥାଏ। ଏଥିରେ ସଂଚିତ ହୋଇ ରହିଥିବା ଅର୍ଥ ଅଂଶୀଦାରମାନଙ୍କର ହୋଇଥିବାରୁ ଏହା ବ୍ୟାଙ୍କର ଅଂଶୀଦାରମାନଙ୍କ ପ୍ରତି ଏକ ଦେଣା।

3) **ଜମା (Deposits) :** ଜମା ବ୍ୟାଙ୍କର ସର୍ବେ... ଦେୟତା। ଏହା ଜମାକାରୀଙ୍କ ପ୍ରତି ବ୍ୟାଙ୍କର ଦେଣା ବା ଋଣ ସୂଚିତ କରେ। ଏହା ବ୍ୟା...ର କାର୍ଯ୍ୟକାରୀ ପୁଁଜିର ପ୍ରଧାନ ଅଂଶ ହୋଇଥାଏ। ଜମା ତିନି ପ୍ରକାରର, ଯଥା ଚଳନ୍ତି ଜମା, ସଂଚୟ ଜମା ଓ ମିଆଦୀ ଜମା। ଚଳନ୍ତି ଜମାକୁ ଚାହିଁବା ମାତ୍ରେ ଚେକ୍ ଦ୍ୱାରା ଉଠାଇ ନେବା ସମ୍ଭବ ହୋଇଥାଏ। ବ୍ୟବସାୟୀମାନେ ସାଧାରଣତଃ ଏହି ହିସାବରେ ଅର୍ଥ ଜମା ରଖିବାକୁ ପସନ୍ଦ କରିଥାନ୍ତି। ଏହି ଜମା ହାତରେ ଥିବା ମୁଦ୍ରା ଭଳି। ଏହି ଜମାକୁ ଲାଭଜନକ ଭାବରେ କେଉଁଠି ବିନିଯୋଗ କରାଯାଏ ନାହିଁ। ଏହି ଜମା ପାଇଁ ଅତି ଅଳ୍ପ ସୁଧ ଦିଆଯାଇଥାଏ। ଗ୍ରାହକମାନେ ନିଜ ଇଚ୍ଛାମୁତାବକ ଏହି ଜମାରୁ ଟଙ୍କା ଉଠାଇ ପାରନ୍ତି। ଏବଂ ଏଥିରୁ ଟଙ୍କା ଉଠାଇବା ଉପରେ କିଛି କଟକଣା ନ ଥାଏ। ମାତ୍ର ସଂଚୟ ଜମାରୁ 6 ମାସ ମଧ୍ୟରେ 50 ଥରରୁ ବେଶୀଥର ଟଙ୍କା ଉଠାଇବାକୁ ଅନୁମତି ମିଳି ନ ପାରେ। ଏହି ଜମା ମଧ୍ୟବିତ୍ତ ଶ୍ରେଣୀ ଏବଂ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ସୁହାଇଥାଏ। ଏହି ଜମା ଉପରେ ସାମାନ୍ୟ ସୁଧ ଦିଆଯାଇଥାଏ। ମିଆଦୀ ଜମାରୁ ଏକ ନିର୍ଦ୍ଦିଷ୍ଟ ସମୟ ପରେ ହିଁ ଟଙ୍କା ଉଠାଇବା ସମ୍ଭବପର ହୋଇଥାଏ। ଏହି ଜମା ଉପରେ ଅଧିକ ସୁଧ ଦିଆଯାଇଥାଏ। ଏହି ଜମାକୁ ବ୍ୟାଙ୍କ ଲାଭ ଅର୍ଜନ ନିମନ୍ତେ ଅନ୍ୟତ୍ର ବିନିଯୋଗ କରିଥାଏ। ବ୍ୟାଙ୍କ ପାଇଁ ଏହି ଜମା ଅଧିକ ଉପଯୋଗୀ ହୋଇଥାଏ।

4) **ଅନ୍ୟାନ୍ୟ ବ୍ୟାଙ୍କକୁ ଦେବାକୁ ଥିବା ବିନିମୟ ପତ୍ର ଏବଂ ଡ୍ରାଫ୍ଟ (Bills and Drafts Payable) :** ବ୍ୟାଙ୍କମାନେ ଗ୍ରାହକମାନଙ୍କୁ ପାଣ୍ଠି ପ୍ରେରଣ ପାଇଁ ଡ୍ରାଫ୍ଟ ଦେଇଥାନ୍ତି। ଏହି ଡ୍ରାଫ୍ଟ ଗୋଟିଏ ବ୍ୟାଙ୍କର ଅନ୍ୟ ସ୍ଥାନରେ ଥିବା ତାହାର ଶାଖା ବ୍ୟାଙ୍କକୁ କିମ୍ବା ଅନ୍ୟ ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ନିର୍ଦ୍ଦିଷ୍ଟ ଗ୍ରାହକଙ୍କୁ ପ୍ରଦାନ ନିମନ୍ତେ ଆଦେଶ। ଗ୍ରାହକ ଏହି ଡ୍ରାଫ୍ଟକୁ ଭଙ୍ଗାଇବା ପାଇଁ ଉପସ୍ଥାପନ କଲେ ଉଦ୍ଦିଷ୍ଟ ବ୍ୟାଙ୍କ ତାଙ୍କୁ ଡ୍ରାଫ୍ଟର ନିର୍ଦ୍ଦିଷ୍ଟ ଅର୍ଥ ପ୍ରଦାନ କରିଥାନ୍ତି। ପରେ ସେହି ବ୍ୟାଙ୍କ, ଡ୍ରାଫ୍ଟ ଜାରି କରିଥିବା ବ୍ୟାଙ୍କରୁ ସମ ପରିମାଣ ଅର୍ଥ ସଂଗ୍ରହ କରିଥାଏ। ଏଣୁ ଏହା ବ୍ୟାଙ୍କ ଦେଣା ହିସାବରେ ଗୃହୀତ ହୋଇଥାଏ।

5) **ସ୍ୱୀକୃତି ଓ ପୃଷ୍ଠାଙ୍କନ (Acceptances and Endorsements) :** ଗ୍ରାହକମାନଙ୍କ ତରଫରୁ ବିନିମୟ ପତ୍ର ସ୍ୱୀକୃତି ଦେବା ଫଳରେ ବିନିମୟ ପତ୍ର ପରିପକ୍ୱ ହେବା ପରେ ଗ୍ରାହକ ଯଦି ପ୍ରାପ୍ୟ ପରିଶୋଧ କରିବାକୁ ଅସମର୍ଥ ହୁଅନ୍ତି ତେବେ ବ୍ୟାଙ୍କକୁ ହିଁ ବିନିମୟ ପତ୍ରରେ ଉଲ୍ଲିଖିତ ମୂଲ୍ୟ ପରିଶୋଧ କରିବାକୁ ପଡ଼ିଥାଏ। ଏହାଦ୍ୱାରା ବ୍ୟାଙ୍କ ଆକସ୍ମିକ ଦେୟତା ସୃଷ୍ଟି କରିଥାଏ। ଏହି

ବିଷୟଟି ସନ୍ତୁଳନ ପତ୍ରର ଉଭୟ ଦେଣା ପାଉଣା ପାଖରେ ଦେଖାଯାଇଥାଏ। ଗ୍ରାହକଙ୍କ ତରଫରୁ ଋଣାଧିକାର ପତ୍ର, ଜାମିନ ଇତ୍ୟାଦି ପାଇଁ ଦାୟିତ୍ୱ ବହନ କରିବା ଫଳରେ ବ୍ୟାଙ୍କ ଆକସ୍ମିକ ଦେଣା ବା ଦେୟତାର ସମ୍ମୁଖୀନ ହୋଇଥାଏ। ଏହା ବ୍ୟାଙ୍କର ଆନୁସଙ୍ଗିକ ଦେଣା। ଏହି ବିଷୟଟି ପାଉଣା ପାଖରେ ଦେଖାଇବାର କାରଣ ହେଲା- ଏହି ଦାୟିତ୍ୱ ଭରଣା କରିବା ପାଇଁ ଅର୍ଥ ଯୋଗାଇଦେବା ଗ୍ରାହକମାନଙ୍କର ଦାୟିତ୍ୱ।

**ପାଉଣା ବା ପରିସମ୍ପତ୍ତି (Assets) :** ସନ୍ତୁଳନ ପତ୍ରର ପରିସମ୍ପତ୍ତି ପାର୍ଶ୍ୱ ବ୍ୟାଙ୍କର ଅନ୍ୟମାନଙ୍କ ଉପରେ ଦାବିକୁ ପ୍ରତିଫଳିତ କରିଥାଏ। ଏଥିରୁ ବ୍ୟାଙ୍କର ଋଣଦାନ କାର୍ଯ୍ୟର ସୂଚନା ମିଳିଥାଏ। ପ୍ରକାରାନ୍ତରେ, ବ୍ୟାଙ୍କ ନିକଟରେ ଥିବା ସମ୍ବଳର କିପରି ବିନିଯୋଗ କରାଯାଇଥାଏ ତାହାର ଏକ ନିଖୁଣ ଚିତ୍ର ପରିସମ୍ପତ୍ତି ବିଶ୍ଳେଷଣରୁ ଜଣାପଡ଼ିଥାଏ। ତରଳତା, ନିରାପତ୍ତା ଏବଂ ଲାଭାର୍ଜନ କ୍ଷମତାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ତାର ସମ୍ବଳକୁ ନାନାଭାବେ ବିନିଯୋଗ କରିଥାଏ। ନିମ୍ନରେ ପରିସମ୍ପତ୍ତି ପାର୍ଶ୍ୱର ଏକ ସଂକ୍ଷିପ୍ତ ବିଶ୍ଳେଷଣ କରାଯାଇଛି।

1) **ନଗଦମୁଦ୍ରା (Cash in hand) :** ନଗଦ ମୁଦ୍ରା ସର୍ବାଧିକ ତରଳ ପରିସମ୍ପତ୍ତି। ବ୍ୟାଙ୍କର ନିଜ ପାଖରେ ଥିବା ତରଳ ମୁଦ୍ରା, ଅନ୍ୟାନ୍ୟ ବ୍ୟାଙ୍କ ନିକଟରେ ଥିବା ମୁଦ୍ରା ଏବଂ କେନ୍ଦ୍ରୀୟ ବ୍ୟାଙ୍କଠାରେ ଗଚ୍ଛିତ ଥିବା ମୁଦ୍ରା ଏହି ବିଷୟଟିର ଅନ୍ତର୍ଗତ। ନିଜର ପ୍ରତିରକ୍ଷା ପାଇଁ ବ୍ୟାଙ୍କ ମୋଟ ଜମାର କିଛି ଅଂଶ ନଗଦ ମୁଦ୍ରା ଆକାରରେ ରଖିଥାଏ। ପ୍ରତିଦିନ ଚେକ୍ ବିନିମୟରେ ମୁଦ୍ରା ପ୍ରଦାନ କରିବା ନିମନ୍ତେ ବ୍ୟାଙ୍କ ପାଇଁ ମୁଦ୍ରାର ଆବଶ୍ୟକତା ଥାଏ। ବ୍ୟାଙ୍କ କୌଣସି ଚେକ୍ ନ ଭଙ୍ଗାଇ ପାରିଲେ ବ୍ୟାଙ୍କ ଉପରୁ ଲୋକଙ୍କର ଆସ୍ଥା ତୁଟି ଯିବାର ଆଶଙ୍କା ଥାଏ। ଆଶଙ୍କା ସତ୍ୟ ହେଲେ ଲୋକେ ବ୍ୟାଙ୍କରୁ ସେମାନଙ୍କ ଜମା ପ୍ରତ୍ୟାହାର କରିନେବେ। ଫଳରେ ବ୍ୟାଙ୍କ ଦେବାଳିଆ ହେବ। ଏଣୁ ବ୍ୟାଙ୍କ ଗ୍ରାହକ ମାନଙ୍କର ଚାହିଦା ମୁତାବକ ଅର୍ଥ ଦେବାପାଇଁ ନିଜ ପାଖରେ ଯଥେଷ୍ଟ ପରିମାଣର ନଗଦ ମୁଦ୍ରା ରଖିଥାନ୍ତି। କେତେ ନଗଦମୁଦ୍ରା ରଖିବାକୁ ହେବ ତାହା ବ୍ୟାଙ୍କ ନିଜ ଅନୁଭୂତିରୁ ଜାଣିଥାଏ। ଦ୍ୱିତୀୟତଃ, ପ୍ରତ୍ୟେକ ଦେଶର ବାଣିଜ୍ୟିକ ବ୍ୟାଙ୍କ ପରମ୍ପରା ହେଉ କିମ୍ବା ଆଇନଯୋଗୁଁ ହେଉ ମୋଟ ଜମାର କିୟଦଂଶ ନଗଦ ଆକାରରେ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଗଚ୍ଛିତ ରଖିଥାନ୍ତି। ଏହାକୁ ନଗଦ ଆରକ୍ଷିକ ଅନୁପାତ କୁହାଯାଏ। ଆଇନତଃ, ଏହି ଆରକ୍ଷିତ ନଗଦମୁଦ୍ରାକୁ ବ୍ୟାଙ୍କ ଜମାକାରୀଙ୍କର ଚାହିଦାକୁ ପୂରଣ କରିବାରେ ବ୍ୟବହାର କରିପାରିବେନି। ଏଣୁ ବ୍ୟାଙ୍କ ଅନ୍ୟ ବ୍ୟାଙ୍କରେ ତଥା ନିଜ ବ୍ୟାଙ୍କ ସିନ୍ଦୁକରେ ନଗଦ ମୁଦ୍ରା ରଖିଥାନ୍ତି। ଏହାକୁ ହସ୍ତସ୍ଥ ମୁଦ୍ରା ବା Cash in hand କୁହାଯାଏ। ନଗଦ ମୁଦ୍ରା ଉପରେ କୌଣସି ସୁଧ ମିଳେନି। ଏହି ନଗଦ ମୁଦ୍ରା ବ୍ୟାଙ୍କର ପ୍ରଥମ ଧାଡ଼ିର ପ୍ରତିରକ୍ଷା କବଚ।

2) **ଚାହିଁବା ମାତ୍ରେ ପ୍ରାପ୍ୟ ଏବଂ ସ୍ୱଳ୍ପ ମିଆଦୀ ଋଣ (Money at call and short Notices):** ନଗଦ ମୁଦ୍ରା ପରେ ଏହା ବ୍ୟାଙ୍କର ସର୍ବାପେକ୍ଷା ତରଳ ପରିସମ୍ପତ୍ତି । ଏହା ବ୍ୟାଙ୍କର ଦ୍ୱିତୀୟ ଧାଡ଼ିର ପ୍ରତିରକ୍ଷା କବଚ । 24 ଘଣ୍ଟାରୁ 7 ଦିନ ସମୟ ମଧ୍ୟରେ ଏହି ଋଣ ଫେରସ୍ତ ମିଳିପାରେ । ଏହି ଋଣ ଉପରେ ସାମାନ୍ୟ ସୁଧ ମିଳିଥାଏ । ଚାହିଁବା ମାତ୍ରେ ପ୍ରାପ୍ୟ ବଡ଼ ବ୍ୟବସାୟୀଙ୍କୁ ଏବଂ ଅଂଶଧନ ବଜାରରେ ଦଲାଲମାନଙ୍କୁ ସାମୟିକ ଋଣ ଦେବାରେ ବ୍ୟବହୃତ ହୋଇଥାଏ । ଭାରତରେ ଏହା ବ୍ୟାଙ୍କର ଏକ ପ୍ରଧାନ ପରିସମ୍ପତ୍ତି ରୂପେ ବିବେଚିତ ହୁଏ ନାହିଁ । ଇଂଲଣ୍ଡରେ ବାଣିଜ୍ୟିକ ବ୍ୟାଙ୍କମାନେ ମୋଟ ଜମାର ୬ ରୁ ୮ ଶତାଂଶ ଏ ପ୍ରକାର ପରିସମ୍ପତ୍ତି ଆକାରରେ ରଖିଥାନ୍ତି । ଆବଶ୍ୟକସ୍ଥଳେ ଏହି ଋଣ 24 ଘଣ୍ଟା ମଧ୍ୟରେ ପ୍ରତ୍ୟାହୃତ କରାଯାଇପାରେ । ଏପରି ଋଣ ଅଭାବରେ ବ୍ୟାଙ୍କ ଅଧିକରୁ ଅଧିକ ନଗଦମୁଦ୍ରା ପାଖରେ ରଖିବାକୁ ବାଧ୍ୟ । ଏହି ପାଉଣାକୁ ଅତି ସହଜରେ ନଗଦ ମୁଦ୍ରାରେ ପରିଣତ କରାଯାଇପାରେ । ଏହାକୁ ସ୍ୱଳ୍ପକାଳୀନ ପରିଶୋଧନୀୟ ଋଣ ମଧ୍ୟ କୁହାଯାଏ ।

3) **ଅବମୂଲ୍ୟନ ହୋଇଥିବା ବିନିମୟ ପତ୍ର (Bills Discounted) :** ବ୍ୟାଙ୍କର ବିନିମୟ ପତ୍ରରେ ହୋଇଥିବା ବିନିଯୋଗ ଆକର୍ଷଣୀୟ ବୋଲି ବିବେଚିତ ହୋଇଥାଏ । ଏହା ଗ୍ରାହକମାନଙ୍କ ପ୍ରତି ବ୍ୟାଙ୍କର ଋଣକୁ ବୁଝାଏ । ଏହା ସ୍ୱଳ୍ପକାଳୀନ ଋଣ । ବିଲ୍ ସ୍ୱୟଂ ସମାପନୀୟ ହୋଇଥିବାରୁ ଏଥିରେ ବିନିଯୋଗ ଆକର୍ଷଣ ହୋଇଥାଏ । ବିନିମୟ ପତ୍ରର ଅବମୂଲ୍ୟନ ସମୟରେ ବ୍ୟାଙ୍କ କିଛି କମିଶନ୍ କାଟି ରଖି ଗ୍ରାହକଙ୍କୁ ଆଗତୁରା ବାକି ଟଙ୍କା ଦେଇଥାଏ । ବିନିମୟ ପତ୍ରଟି ପିରପକ୍ୱ ହେଲାପରେ ତହିଁରେ ଉଲ୍ଲିଖିତ ସମ୍ପୂର୍ଣ୍ଣ ମୂଲ୍ୟ ସମ୍ପୃକ୍ତ ପକ୍ଷଙ୍କ ନିକଟରୁ ବ୍ୟାଙ୍କ ସଂଗ୍ରହ କରେ । ବ୍ୟାଙ୍କ ପକ୍ଷରେ ନିର୍ଦ୍ଦିଷ୍ଟ ସମୟ ପରେ ପାଉଣା ପାଇବାକୁ କିଛି ଅସୁବିଧା ହୁଏ ନାହିଁ । ଆବଶ୍ୟକସ୍ଥଳେ ଏହି ବିଲ୍ ଗୁଡ଼ିକୁ କେନ୍ଦ୍ରୀୟ ବ୍ୟାଙ୍କ ଠାରେ ପୁନଃ ଅବମୂଲ୍ୟନ କରାଯାଇପାରେ । ଏହା ଫଳରେ ବ୍ୟାଙ୍କ ଆବଶ୍ୟକ ମୁଦ୍ରା ସହଜରେ ପାଇପାରିଥାଏ । ମାତ୍ର ରାଜକୋଷୀୟ ପତ୍ର ସହ ଏହାର ତରଳତା ତୁଳନା କଲେ ଏହା ଅପେକ୍ଷାକୃତ କମ୍ ତରଳ ପରିସମ୍ପତ୍ତି ବୋଲି ମନେ ହୁଏ । କାରଣ ରାଜକୋଷୀୟ ପତ୍ରକ୍ଷେତ୍ରରେ ସରକାର ଋଣକର୍ତ୍ତା ହୋଇଥିବାରୁ ଋଣ ଫେରସ୍ତ ହେବାର ନିଶ୍ଚିତତା ଥାଏ । ଏହା ବ୍ୟାଙ୍କର ଦ୍ୱିତୀୟ ଧାଡ଼ିର ପ୍ରତିରକ୍ଷା କବଚ ।

4) **ବିନିଯୋଗ (Investments) :** ବ୍ୟାଙ୍କ ତାହାର ସମ୍ବଳର ଏକ ଅଂଶ କମ୍ପାନୀ ଅଂଶ ଏବଂ ଋଣପତ୍ରରେ ବିନିଯୋଗ କରିଥାଏ । ଏହାଛଡ଼ା ବ୍ୟାଙ୍କ ତାହାର ସମ୍ବଳ ରାଜ୍ୟସରକାର, କେନ୍ଦ୍ରସରକାର ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାର ପ୍ରତିଭୂତି ଏବଂ ଋଣ ପତ୍ରାଦିରେ ବିନିଯୋଗ

କରିଥାଏ। ଏହି ପ୍ରକାରର ବିନିଯୋଗରୁ ବ୍ୟାଙ୍କକୁ ଭଲ ଆୟ ମିଳିଥାଏ। ଏହି ବିନିଯୋଗ ବିଲଠାରୁ ଅଧିକ ସୁଧହାର ବହନ କରିଥାଏ। ବିନିଯୋଗ ଦୀର୍ଘକାଳୀନ ବା ସ୍ୱଳ୍ପକାଳୀନ ହୋଇପାରେ। ସ୍ୱଳ୍ପକାଳୀନ ସରକାରୀ ପ୍ରତିଭୂତିକୁ ରାଜକୋଷୀୟ ପତ୍ର କୁହାଯାଏ। ଏହାକୁ ସରକାର ଋଣ ଉଠାଇବା ପାଇଁ ପ୍ରଧାନ ଅସ୍ତ୍ର ରୂପେ ବ୍ୟବହାର କରିଥାନ୍ତି। ବ୍ୟାଙ୍କ ଏ କ୍ଷେତ୍ରରେ ବିନିଯୋଗକୁ ଅଗ୍ରାଧିକାର ଦେଇଥାଏ। ମାତ୍ର କମ୍ପାନୀ ଅଂଶର ମୂଲ୍ୟ ବଜାରରେ ପ୍ରତ୍ୟହ ପରିବର୍ତ୍ତିତ ହେଉଥିବାରୁ ବ୍ୟାଙ୍କ କ୍ଷତିର ସମ୍ଭାବନା ମଧ୍ୟ ବହନ କରିଥାଏ।

5) **ଋଣ ଏବଂ ଅଗ୍ରିମ (Loans and Advances) :** ବ୍ୟାଙ୍କର ସନ୍ତୁଳନ ପତ୍ରରେ ଋଣ ଏବଂ ଅଗ୍ରିମ ସର୍ବାପେକ୍ଷା ଲାଭଜନକ। ମାତ୍ର ସମସ୍ତ ପରିସମ୍ପତ୍ତି ମଧ୍ୟରେ ଏଗୁଡ଼ିକର ତରଳତା ସବୁଠାରୁ କମ୍। ବ୍ୟାଙ୍କ ଅତିରିକ୍ତ ଉଠାଣ, ଅଗ୍ରିମ କିମ୍ବା ନଗଦ ଋଣ ଆକାରରେ ଅଗ୍ରିମ ପ୍ରଦାନ କରିଥାଏ। ବ୍ୟାଙ୍କ ନଗଦ ଅର୍ଥ ଆକାରରେ ଋଣ ନ ଦେଇ ଋଣ କର୍ତ୍ତାଙ୍କ ନାମରେ ଗୋଟିଏ ଜମା ହିସାବ ଖୋଲିଥାଏ। ଋଣକର୍ତ୍ତା ଏହି ଜମା ବିପରୀତରେ ଟଙ୍କା ଉଠାଇବା ସୁବିଧା ପାଇଥାଏ। ବ୍ୟାଙ୍କ ବନ୍ଧକ ବଦଳରେ ସ୍ୱଳ୍ପକାଳୀନ ଋଣ ଦେଇଥାଏ। ଏଗୁଡ଼ିକ ବ୍ୟାଙ୍କର ସର୍ବାଧିକ ଲାଭଜନକ ପରିସମ୍ପତ୍ତି। ଋଣ ପ୍ରଦାନ ଦ୍ୱାରା ବ୍ୟାଙ୍କ ସର୍ବାଧିକ ଲାଭ ଉଠାଇ ପାରେ। ଏହା ସ୍ମରଣୀୟ ଯେ ତରଳତା ଏବଂ ଲାଭାର୍ଜନ ଅଭିପ୍ରାୟ ଦୁଇଟି ପରସ୍ପର ବିରୋଧୀ ଆଭିମୁଖ୍ୟ ଅଟେ। ଏକ ପକ୍ଷରେ ବ୍ୟାଙ୍କ ସର୍ବାଧିକ ଲାଭ ପାଇବାକୁ ଆଗ୍ରହୀ ହୋଇଥାଏ ଏବଂ ଅନ୍ୟ ପକ୍ଷରେ ଲୋକମାନଙ୍କର ଆସ୍ଥାଭାଜନ ହେବାକୁ ଚାହିଁଥାଏ। ଏହି ଦୁଇ ପରସ୍ପର ବିରୋଧୀ ଆଭିମୁଖ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିଲେ ବ୍ୟାଙ୍କ ବିଜ୍ଞତାର ପରିଚୟ ଦେଇଥାଏ।

6) **ଗ୍ରାହକମାନଙ୍କ ତରଫରୁ ସ୍ୱୀକୃତି (Acceptances on Bahalf of Customers) :** ବାଣିଜ୍ୟିକ ବ୍ୟାଙ୍କ ଅବମୂଲ୍ୟନ କରିଥିବା ବିନିମୟ ପତ୍ରମାନ ବ୍ୟାଙ୍କର ଦେଣାଭାବେ ଗୃହୀତ ହୋଇଥାଏ। ପରନ୍ତୁ ଏହି ବିନିମୟ ପତ୍ରଗୁଡ଼ିକ ପରିପକ୍ୱ ହେଲେ ବ୍ୟାଙ୍କ୍ ସ୍ୱତଃ ଗ୍ରାହକମାନଙ୍କ ନିକଟରୁ ବିନିମୟ ପତ୍ରରେ ଉଲ୍ଲିଖିତ ହୋଇଥିବା ଅର୍ଥ ଲାଭ କରିଥାଏ। ଏଣୁ ବିନିମୟ ପତ୍ରାବଳୀ ବ୍ୟାଙ୍କର ପରିସମ୍ପତ୍ତି ବା ପାଉଣା ହୋଇଥାଏ। ବ୍ୟାଙ୍କ ଦ୍ୱାରା ସ୍ୱୀକୃତ ବିଲ୍ ଏବଂ ଦଲିଲ୍ ଏହାର ଅନ୍ତର୍ଭୁକ୍ତ।

7) **କୋଠାବାଡ଼ି ଏବଂ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି (Buildings and Other Fixed Assets) :** ବ୍ୟାଙ୍କର କୋଠାବାଡ଼ି, ଆସବାବ ପତ୍ର ଏବଂ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ବ୍ୟାଙ୍କର ପାଉଣା ବା ପରିସମ୍ପତ୍ତିରେ ଅନ୍ତର୍ଭୁକ୍ତ। ଏସବୁ ବ୍ୟାଙ୍କର ବ୍ୟବସାୟ ନିମନ୍ତେ ଉଦ୍ଦିଷ୍ଟ। ପ୍ରତ୍ୟକ୍ଷଭାବେ, ଏଗୁଡ଼ିକ ଆୟ ଅର୍ଜନ ପାଇଁ ବ୍ୟବହୃତ ହୁଏ ନାହିଁ। ତଥାପି ଏ ଗୁଡ଼ିକୁ ବ୍ୟାଙ୍କର ସ୍ଥାୟୀ ପରିସମ୍ପତ୍ତି ହିସାବରେ ବିବେଚନା କରାଯାଇଥାଏ।

## 8.2.4 କେନ୍ଦ୍ରୀୟ ବ୍ୟାଙ୍କ (Central Bank)

ପ୍ରତ୍ୟେକ ଦେଶର ବ୍ୟାଙ୍କ ବ୍ୟବସ୍ଥାର ଶୀର୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ଅବସ୍ଥିତ। ଏକ ଅର୍ଥ ବ୍ୟବସ୍ଥାର ସୁଚାରୁ କ୍ରିୟାକଳାପ ନିମନ୍ତେ କେନ୍ଦ୍ରୀୟ ବ୍ୟାଙ୍କ ନିତାନ୍ତ ଅପରିହାର୍ଯ୍ୟ। ଏଥିପାଇଁ ପୃଥିବୀର ପ୍ରାୟ ସବୁ ଦେଶରେ କେନ୍ଦ୍ରୀୟ ବ୍ୟାଙ୍କ ରହିଥିବାର ଦେଖାଯାଏ। ସ୍ୱିଡ଼େନ୍‌ର ରିକ୍ସ ବ୍ୟାଙ୍କ ପୃଥିବୀର ପ୍ରାଚୀନତମ କେନ୍ଦ୍ରୀୟ ବ୍ୟାଙ୍କ। ଏହା 1656 ମସିହାରେ ସ୍ଥାପିତ ହୋଇଥିଲା। ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ପ୍ରାୟ ସମସ୍ତ ୟୁରୋପୀୟ ଦେଶରେ କେନ୍ଦ୍ରୀୟ ବ୍ୟାଙ୍କ ସ୍ଥାପିତ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡ଼େରାଲ୍ ରିଜର୍ଭ ସିଷ୍ଟମ୍ 1913 ମସିହାରେ ପ୍ରତିଷ୍ଠା ହୋଇଥିଲା। ଆମ ଦେଶରେ କେନ୍ଦ୍ରୀୟ ବ୍ୟାଙ୍କର ନାମ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (R.B.I) ବା ଭାରତୀୟ ରିଜର୍ଭ ବ୍ୟାଙ୍କ। ଏହି ବ୍ୟାଙ୍କ 1935 ମସିହାରେ ସ୍ଥାପିତ ହୋଇଥିଲା।

କେନ୍ଦ୍ରୀୟ ବ୍ୟାଙ୍କ ପ୍ରତ୍ୟେକ ଦେଶର ବ୍ୟାଙ୍କ ବ୍ୟବସ୍ଥାର ମୂଳ କେନ୍ଦ୍ର ରୂପେ ବିବେଚିତ ହୋଇଥାଏ। ଏହା ଜାତୀୟ ଅର୍ଥନୈତିକ ଜୀବନରେ ସ୍ଥିରତା ଆଣିଥାଏ। ତେଣୁ କେନ୍ଦ୍ରୀୟ ବ୍ୟାଙ୍କ ହେଉଛି ଦେଶର ମୌଦ୍ରିକ ଏବଂ ବିତ୍ତୀୟ ବ୍ୟବସ୍ଥାର ମୁଖ୍ୟ ତତ୍ତ୍ୱାବଧାରକ ଏବଂ ଅଭିଭାବକ। କେନ୍ଦ୍ରୀୟ ବ୍ୟାଙ୍କ ଉପରେ ଦେଶର ମୌଦ୍ରିକ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନ୍ୟସ୍ତ। ଏହା ଦେଶର ମୁଦ୍ରା ଯୋଗାଣ ତଥା ସୁଧହାରକୁ ନିୟନ୍ତ୍ରଣ କରି ଦରସ୍ତରରେ ସ୍ଥିରତା ଆଣିବାକୁ ପ୍ରୟାସ କରିଥାଏ। ଦେଶର ଆର୍ଥିକ ନୀତିର ସଫଳ ରୂପାୟନରେ କେନ୍ଦ୍ରୀୟ ବ୍ୟାଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ଫଳପ୍ରଦ ମୌଦ୍ରିକ ନୀତି କାର୍ଯ୍ୟକାରୀ କରି ଦେଶରେ ଆର୍ଥନୀତିକ ସ୍ଥିରତା ରକ୍ଷା କରିବା ସଙ୍ଗେ ସଙ୍ଗେ ଦେଶର ଦ୍ରୁତ ବିକାଶ ହାସଲ କରିବାରେ କେନ୍ଦ୍ରୀୟ ବ୍ୟାଙ୍କର ଭୂମିକା ଅନବଦ୍ୟ। ୱିଲ୍ ରୋଜର୍ସଙ୍କ ମତରେ "ମଣିଷ ଜାତି ପାଇଁ ଅଗ୍ନି, ଚକ ଏବଂ କେନ୍ଦ୍ରୀୟ ବ୍ୟାଙ୍କ, ତିନୋଟି ମହତ୍ ଏବଂ ପ୍ରଖ୍ୟାତ ଉଦ୍ଭାବନ।"

କେନ୍ଦ୍ରୀୟ ବ୍ୟାଙ୍କ ଏକ ଅନୁଷ୍ଠାନ ଯାହା ଦେଶର ସର୍ବାଧିକ କଲ୍ୟାଣ ନିମନ୍ତେ ନଗଦ ମୁଦ୍ରା ଏବଂ ଋଣର ସମ୍ପ୍ରସାରଣ ଏବଂ ସଂକୋଚନ କରିଥାଏ ଏବଂ ସାଧାରଣ କ୍ଷେତ୍ରରେ ବାଣିଜ୍ୟିକ ବ୍ୟାଙ୍କ ଭଳି ଲାଭ ଅର୍ଜନର ଆଶା ରଖି ନ ଥାଏ। ଅବଶ୍ୟ ବିଭିନ୍ନ ଅର୍ଥନୀତିଜ୍ଞ କେନ୍ଦ୍ରୀୟ ବ୍ୟାଙ୍କର ବିଭିନ୍ନ ସଂଜ୍ଞା ପ୍ରଦାନ କରିଛନ୍ତି।

ସେୟର୍ସଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କର ଏକ ଅଂଶ ବିଶେଷ। ତାଙ୍କ ମତରେ, "ସରକାରଙ୍କ ପ୍ରଧାନ ଆର୍ଥିକ କାରବାରର ଦାୟିତ୍ୱ ବହନ କରୁଥିବା ଏବଂ ଉକ୍ତ କାରବାର ସମ୍ପାଦନ ଏବଂ ଅନ୍ୟ ଉପାୟରେ ସରକାରଙ୍କ ଆର୍ଥିକ ନୀତିର ସହାୟକ ହୋଇ ଆର୍ଥିକ ଅନୁଷ୍ଠାନ ମାନଙ୍କର କାର୍ଯ୍ୟାବଳୀକୁ ପ୍ରଭାବିତ କରିବା ହେଉଛି କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟ।"

ଏମ୍.ଏଚ୍. ଡି କକ୍ ଦେଇଥିବା କେନ୍ଦ୍ରୀୟ ବ୍ୟାଙ୍କର ସଂଜ୍ଞା ସର୍ବାଧିକ ମାନ୍ୟତାପ୍ରାପ୍ତ ଏବଂ ସର୍ବଜନଗ୍ରାହ୍ୟ। ତାଙ୍କ ମତରେ "ଯେଉଁ ବ୍ୟାଙ୍କ ଦେଶରେ ମୁଦ୍ରା ଏବଂ ବ୍ୟାଙ୍କ ବ୍ୟବସ୍ଥାର ଶୀର୍ଷରେ ଅଧିଷ୍ଠିତ ଏବଂ ସମ୍ପୃକ୍ତ ଦେଶର ଆର୍ଥନୀତିକ ସ୍ୱାର୍ଥସାଧନ ସକାଶେ ନାନା ପ୍ରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରେ ତାହାକୁ କେନ୍ଦ୍ରୀୟ ବ୍ୟାଙ୍କ କୁହାଯାଏ।"

**8.2.4.1 କେନ୍ଦ୍ରୀୟ ବ୍ୟାଙ୍କ ଏବଂ ବାଣିଜ୍ୟିକ ବ୍ୟାଙ୍କ ମଧ୍ୟରେ ପାର୍ଥକ୍ୟ (Differences between the Central Bank and Commercial Banks)**

କେନ୍ଦ୍ରୀୟ ବ୍ୟାଙ୍କର ସଙ୍ଗଠନ ଏବଂ କାର୍ଯ୍ୟପ୍ରଣାଳୀ ଅନ୍ୟାନ୍ୟ ବ୍ୟାଙ୍କଠାରୁ ଭିନ୍ନ। ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଶୀର୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ଅଧିଷ୍ଠିତ। କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କର ବନ୍ଧୁ, ଦାର୍ଶନିକ ଏବଂ ପଥପ୍ରଦର୍ଶକ ରୂପେ ବିବେଚିତ। ନିମ୍ନରେ ଉଭୟ ବ୍ୟାଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଯାଇଛି।

1) କେନ୍ଦ୍ରୀୟ ବ୍ୟାଙ୍କ ଏବଂ ବାଣିଜ୍ୟିକ ବ୍ୟାଙ୍କର ଲକ୍ଷ୍ୟ ଭିନ୍ନ। କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟାବଳୀ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଏବଂ ଅଭିପ୍ରେତ। ଲାଭ ଅର୍ଜନ ଏହାର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ। ଦେଶରେ ଆର୍ଥନୀତିକ ସ୍ଥିରତା ଏବଂ ମୁଦ୍ରା ବ୍ୟବସ୍ଥାର ଭାରସାମ୍ୟ ରକ୍ଷା ପୂର୍ବକ ଜାତୀୟ ସ୍ୱାର୍ଥ ସାଧନ କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ଲକ୍ଷ୍ୟ। ଦେଶର ଆର୍ଥନୀତିକ ବିକାଶ ନିମନ୍ତେ ଏହା ଉପଯୁକ୍ତ ମୁଦ୍ରାନୀତି ପ୍ରଣୟନ କରିଥାଏ। ବାଣିଜ୍ୟିକ ବ୍ୟାଙ୍କର ପ୍ରଧାନ ଲକ୍ଷ୍ୟ ଲାଭ ଅର୍ଜନ କରିବା। ଏହି ବ୍ୟାଙ୍କ ସର୍ବାଧିକ ଲାଭାର୍ଜନ ପ୍ରତ୍ୟାଶାରେ କାର୍ଯ୍ୟ କରିଥାଏ।

2) କେନ୍ଦ୍ରୀୟ ବ୍ୟାଙ୍କ, ବ୍ୟାଙ୍କ ମାନଙ୍କର ବ୍ୟାଙ୍କ ଭାବେ କାର୍ଯ୍ୟ ସମ୍ପାଦନ କରିଥାଏ। ସମସ୍ତ ମୁଦ୍ରା ବ୍ୟବସ୍ଥାର ନିରାପତ୍ତା ଏହା ଉପରେ ନ୍ୟସ୍ତ। ବାଣିଜ୍ୟିକ ବ୍ୟାଙ୍କ କେନ୍ଦ୍ରୀୟ ବ୍ୟାଙ୍କର ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ କରିଥାଏ। ଏହା କେନ୍ଦ୍ରୀୟ ବ୍ୟାଙ୍କଠାରେ ଜମା ସଞ୍ଚିତ ରଖିଥାଏ। କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ତତ୍ତ୍ୱାବଧାରକ।

3) ସର୍ବସାଧାରଣଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କ ବ୍ୟବସାୟିକ ସମ୍ପର୍କରେ ଲିପ୍ତ ହୁଏ ନାହିଁ। ଏହା ସରକାର ଏବଂ ଅନ୍ୟାନ୍ୟ ବ୍ୟାଙ୍କ ସହ ଘନିଷ୍ଠ ସମ୍ପର୍କ ରକ୍ଷା କରିଥାଏ। ବାଣିଜ୍ୟିକ ବ୍ୟାଙ୍କର ଗ୍ରାହକ ହେଉଛନ୍ତି ଜନସାଧାରଣ। କେନ୍ଦ୍ରୀୟ ବ୍ୟାଙ୍କର ଗ୍ରାହକ ହେଉଛନ୍ତି ବାଣିଜ୍ୟିକ ବ୍ୟାଙ୍କ ସମୂହ। ସର୍ବସାଧାରଣଙ୍କ ସହ ବାଣିଜ୍ୟିକ ବ୍ୟାଙ୍କର ଯେଉଁ ସମ୍ପର୍କ, କେନ୍ଦ୍ରୀୟ ବ୍ୟାଙ୍କର ବାଣିଜ୍ୟିକ ବ୍ୟାଙ୍କ ସହ ସେହି ସମ୍ପର୍କ। ପୁନଶ୍ଚ, ବାଣିଜ୍ୟିକ ବ୍ୟାଙ୍କ ଯେପରି ଗ୍ରାହକ ମାନଙ୍କ ଆବଶ୍ୟକତାନୁଯାୟୀ ଋଣ ଦେଇଥାଏ, କେନ୍ଦ୍ରୀୟ ବ୍ୟାଙ୍କ ସେହିପରି ଆପଦ ବିପଦବେଳେ ବାଣିଜ୍ୟିକ ବ୍ୟାଙ୍କକୁ ଋଣ ଆକାରରେ ଆର୍ଥିକ ସହାୟତା ଦେଇଥାଏ।

ବ୍ୟାଙ୍କକୁ ନୋଟ ପ୍ରଚଳନକାରୀ ବ୍ୟାଙ୍କ ବୋଲି କୁହାଯାଇଥାଏ। ମୁଦ୍ରା ପ୍ରଚଳନ ଦାୟିତ୍ୱ ସରକାରଙ୍କର। ସରକାର ନିଜେ ଏ ଦାୟିତ୍ୱ ବହନ ନ କରି କେନ୍ଦ୍ରୀୟ ବ୍ୟାଙ୍କ ଜରିଆରେ ନୋଟ ପ୍ରଚଳନ କରିଥାନ୍ତି। କେନ୍ଦ୍ରୀୟ ବ୍ୟାଙ୍କ୍ ସରକାରଙ୍କ ପ୍ରତିନିଧିଭାବେ ଏହି କାର୍ଯ୍ୟ କରିଥାଏ। ଏକାଧିକାର କ୍ଷମତା ବଳରେ କେନ୍ଦ୍ରୀୟ ବ୍ୟାଙ୍କ ଯେଉଁ ନୋଟ ପ୍ରଚଳନ କରେ ତାହା ଦେଶର ବିଧିଗ୍ରାହ୍ୟ ମୁଦ୍ରାର ମାନ୍ୟତା ପାଇଥାଏ। ପୂର୍ବେ ଦେଶରେ ସରକାର କିମ୍ବା ବାଣିଜ୍ୟିକ ବ୍ୟାଙ୍କମାନେ ନୋଟ ପ୍ରଚଳନ କରୁଥିଲେ। ଏହା ଯୋଗୁଁ ଗୁରୁତର ଅସୁବିଧାମାନ ସୃଷ୍ଟି ହେଉଥିଲା। ଏହି ନୋଟ ପ୍ରଚଳନରେ ସମତା ଓ ସ୍ଥିତିସ୍ଥାପକତାର ଅଭାବ ଥିଲା। ଫଳରେ ଦେଶରେ ମୁଦ୍ରାସ୍ଫିତି ଏବଂ ଅବସ୍ଫିତି ଭଳି ଆର୍ଥନୀତିକ ସମସ୍ୟାମାନ ସୃଷ୍ଟି ହେଉଥିଲା। କେନ୍ଦ୍ରୀୟ ବ୍ୟାଙ୍କ ନୋଟ ପ୍ରଚଳନ କରିବା ଫଳରେ ନୋଟ ପ୍ରଚଳନର ସମତା ଏବଂ ବ୍ୟବସ୍ଥାରେ ସ୍ଥିତିସ୍ଥାପକତା ରକ୍ଷା ହୋଇଥାଏ ଏବଂ ଦେଶରେ ମୋଟ ମୁଦ୍ରା ଯୋଗାଣର ପରିମାଣକୁ ନିୟନ୍ତ୍ରଣ କରିବା ସମ୍ଭବ ହୋଇଥାଏ। ମୋଟ ମୁଦ୍ରା ହେଉଛି ନଗଦ ମୁଦ୍ରା ଏବଂ ଋଣ ମୁଦ୍ରାର ସମଷ୍ଟି। ମାତ୍ର ନଗଦ ମୁଦ୍ରା ହେଉଛି ଋଣ ମୁଦ୍ରାର ଭିତ୍ତି। ବାଣିଜ୍ୟିକ ବ୍ୟାଙ୍କମାନେ ଋଣମୁଦ୍ରା ସୃଷ୍ଟି କରିଥାନ୍ତି। ଏଣୁ କେନ୍ଦ୍ରୀୟ ବ୍ୟାଙ୍କ ନଗଦ ମୁଦ୍ରା ପ୍ରଚଳନ ନିୟନ୍ତ୍ରିତ କରି ବାଣିଜ୍ୟିକ ବ୍ୟାଙ୍କମାନଙ୍କର ଋଣମୁଦ୍ରା ସୃଷ୍ଟିର କ୍ଷମତାକୁ ପରୋକ୍ଷଭାବେ ନିୟନ୍ତ୍ରିତ କରିଥାଏ। ଏହା କେନ୍ଦ୍ରୀୟ ବ୍ୟାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ମୋଟ ମୁଦ୍ରା ପ୍ରଚଳନକୁ ନିୟନ୍ତ୍ରିତ କରିବା ଦ୍ୱାରା କେନ୍ଦ୍ରୀୟ ବ୍ୟାଙ୍କ ଦେଶର ମୋଟ ଆର୍ଥନୀତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରିଥାଏ।

ସାଧାରଣତଃ ଏହି ନୋଟ ପ୍ରଚଳନ ବ୍ୟବସ୍ଥା ଚାରି ପ୍ରକାର ଯଥା: (a) ସ୍ଥାୟୀ ପ୍ରତ୍ୟୟୀ ବ୍ୟବସ୍ଥା (Fixed Fiduciary System), (b) ସର୍ବାଧିକ ପ୍ରତ୍ୟୟୀ ବ୍ୟବସ୍ଥା (Maximum Fiduciary System), (c) ଆନୁପାତିକ ସଂରକ୍ଷଣ ବ୍ୟବସ୍ଥା (Proportional Reserve System) ଏବଂ (d) ସର୍ବନିମ୍ନ (ନ୍ୟୂନତମ) ସଂରକ୍ଷଣ ପଦ୍ଧତି (Minimum Reserve System)।

ସ୍ଥାୟୀ ପ୍ରତ୍ୟୟୀ ବ୍ୟବସ୍ଥାକୁ ଆଂଶିକ ପ୍ରତ୍ୟୟୀ ବ୍ୟବସ୍ଥା ମଧ୍ୟ କୁହାଯାଏ। ମନିଟାରିଷ୍ଟଙ୍କ ମତାନୁସାରେ ନୋଟ ପ୍ରଚଳନକୁ ସମର୍ଥନ କରିବାକୁ ସମ ପରିମାଣର ମୂଲ୍ୟବାନ ଧାତୁର ସଂରକ୍ଷଣ ଆବଶ୍ୟକ। ବ୍ୟାଙ୍କିଙ୍ଗ୍ ସମ୍ବନ୍ଧୀୟ ମତବାଦ ଅନୁସାରେ ନୋଟ ପ୍ରଚଳନ ପଛରେ ଶତ ପ୍ରତିଶତ ମୂଲ୍ୟବାନ ଧାତୁ ସଂରକ୍ଷଣ ଆବଶ୍ୟକ ନୁହେଁ। (a) **ସ୍ଥାୟୀ ବା ଆଂଶିକ ପ୍ରତ୍ୟୟୀ ପଦ୍ଧତି** ଅନୁସାରେ ମୂଲ୍ୟବାନ ଧାତୁ ସଂରକ୍ଷଣ କରାଯାଇ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ନୋଟ ପ୍ରଚଳନ କରାଯାଇପାରେ। **(b) ସର୍ବାଧିକ ପ୍ରତ୍ୟୟୀ ବ୍ୟବସ୍ଥା**ନୁସାରେ କୌଣସି ସ୍ୱର୍ଣ୍ଣ ସମର୍ଥନ ବିନା ସର୍ବାଧିକ ପରିମାଣରେ ନୋଟ ପ୍ରଚଳନ କରାଯିବା ଆଇନ୍ ଦ୍ୱାରା ସ୍ଥିର କରାଯାଇଥାଏ। **(c) ଆନୁପାତିକ ସଂରକ୍ଷଣ ପଦ୍ଧତି** ଅନୁଯାୟୀ ମୋଟ ପ୍ରଚଳିତ ନୋଟର ଏକ ନିର୍ଦ୍ଦିଷ୍ଟ ଶତାଂଶ ପଛରେ ସ୍ୱର୍ଣ୍ଣ ସଂରକ୍ଷଣର

ସମର୍ଥନ ରହିଥାଏ। **(d) ନ୍ୟୁନତମ ସଂରକ୍ଷଣ ପଦ୍ଧତି** ଅନୁସାରେ ନୋଟ ପ୍ରଚଳନ ପାଇଁ ସୁନା ବା ବୈଦେଶିକ ବିନିମୟ ମୁଦ୍ରା ବା ଉଭୟର ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ସଂରକ୍ଷଣ ରହିଥାଏ। ନୋଟ ପ୍ରଚଳନର ପ୍ରଥମ ପଦ୍ଧତି ଅସ୍ଥିତିସ୍ଥାପକ ଏବଂ ଅପଚୟମୂଳକ। ଦ୍ୱିତୀୟ ପଦ୍ଧତି ମୁଦ୍ରାସ୍ଫୀତି କାରକ। ତୃତୀୟ ପଦ୍ଧତି ଅପବ୍ୟୟ ସୂଚକ ଏବଂ ଚତୁର୍ଥ ପଦ୍ଧତି ସ୍ଥିତିସ୍ଥାପକ ହେଲେ ହେଁ ଅତିପ୍ରଚଳନର ସମ୍ଭାବନା ଏବଂ ମୁଦ୍ରାସ୍ଫୀତିର ଆଶଙ୍କା ସୃଷ୍ଟି କରିଥାଏ। ଆମ ଦେଶରେ ରିଜର୍ଭ ବ୍ୟାଙ୍କ 1957 ମସିହା ଠାରୁ ନ୍ୟୁନତମ ସଂରକ୍ଷଣ ପଦ୍ଧତି ଅନୁସାରେ ନୋଟ ପ୍ରଚଳନ କରୁଅଛି। ଭାରତରେ ନୋଟ ପ୍ରଚଳନ ପାଇଁ ସର୍ବନିମ୍ନ ସଂରକ୍ଷଣ 200 କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ଏ ମଧ୍ୟରୁ ସଂରକ୍ଷିତ ସୁନାର ମୂଲ୍ୟ 115 କୋଟି ଟଙ୍କା ଏବଂ ଅବଶିଷ୍ଟ 85 କୋଟି ଟଙ୍କା ବୈଦେଶିକ ବିନିମୟ ମୁଦ୍ରା ମାଧ୍ୟମରେ ସଂରକ୍ଷିତ କରାଯାଇଛି।

ନୋଟ ପ୍ରଚଳନ ବିଷୟରେ କେନ୍ଦ୍ରୀୟ ବ୍ୟାଙ୍କ ତିନୋଟି ବିଚାର ବା ବିବେଚନା ଦ୍ୱାରା ଚାଳିତ ହୋଇଥାଏ ଯଥା: ଏକରୂପତା, ସ୍ଥିତିସ୍ଥାପକତା ଏବଂ ନିରାପତ୍ତା।

2) **ସରକାରଙ୍କ ବ୍ୟାଙ୍କ, ଅଭିକର୍ତ୍ତା (ପ୍ରତିନିଧି) ଏବଂ ଉପଦେଷ୍ଟା (Banker, Agent and Advisor to the Government) :** କେନ୍ଦ୍ରୀୟ ବ୍ୟାଙ୍କ ପ୍ରତ୍ୟେକ ଦେଶରେ ସରକାରଙ୍କ ବ୍ୟାଙ୍କ, ଅର୍ଥ ସଂକ୍ରାନ୍ତୀୟ ପ୍ରତିନିଧି, ଆର୍ଥିକ ପରାମର୍ଶଦାତା ଓ ଉପଦେଷ୍ଟାଭାବେ କାର୍ଯ୍ୟ କରିଥାଏ। ଏହା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ରାଷ୍ଟ୍ରୀୟ ଉଦ୍ୟୋଗ ମାନଙ୍କର ବ୍ୟାଙ୍କ ସଂକ୍ରାନ୍ତୀୟ ହିସାବ ରଖିଥାଏ ଏବଂ ସରକାରଙ୍କ ତରଫରୁ ଅର୍ଥ ଗ୍ରହଣ ଏବଂ ଅର୍ଥଦାନ କରିଥାଏ। ଅସ୍ଥାୟୀ ଅସୁବିଧା ଦୂରୀକରଣାର୍ଥେ ଏହା ସରକାରଙ୍କୁ ସ୍ୱଳ୍ପକାଳୀନ ଋଣ ଏବଂ ଅଗ୍ରିମ ଦେଇ ସାହାଯ୍ୟ କରିଥାଏ। ଏହି ଋଣକୁ କାମଚଳା ଋଣ କୁହାଯାଏ। ଅବସ୍ଫୀତି, ଯୁଦ୍ଧ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଏହା ସରକାରଙ୍କୁ ବିଶେଷ ଅଗ୍ରିମ ମଧ୍ୟ ପ୍ରଦାନ କରିଥାଏ।

ସରକାରଙ୍କ ପ୍ରତିନିଧିଭାବରେ ଏହି ବ୍ୟାଙ୍କ ସରକାରଙ୍କ ପାଇଁ ଋଣ ଉଠାଇଥାଏ। କେନ୍ଦ୍ରୀୟ ବ୍ୟାଙ୍କ ମାଧ୍ୟମରେ ସବୁ ସରକାରୀ ଋଣ ଉଠାଣ ହୋଇଥାଏ। ସରକାରଙ୍କ ତରଫରୁ ଏହି ବ୍ୟାଙ୍କ ଋଣପତ୍ର ଏବଂ ପ୍ରତିଭୂତିର କ୍ରୟ ବିକ୍ରୟରେ ଅଂଶ ଗ୍ରହଣ କରିଥାଏ। **ସରକାରଙ୍କ ଉପଦେଷ୍ଟା** ଭାବରେ ଏହି ବ୍ୟାଙ୍କ ସରକାରଙ୍କୁ ମୌଦ୍ରିକ ଏବଂ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ବିଷୟମାନଙ୍କ ସମ୍ପର୍କରେ ପରାମର୍ଶ ଦେଇଥାଏ। ବ୍ୟାଙ୍କ ସଂକ୍ରାନ୍ତୀୟ ଯାବତୀୟ ଦାୟିତ୍ୱ କେନ୍ଦ୍ରୀୟ ବ୍ୟାଙ୍କଠାରେ ନ୍ୟସ୍ତ ଥାଏ। ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟନିମନ୍ତେ ଏହି ବ୍ୟାଙ୍କ ମୁଦ୍ରା ଯୋଗାଣ ଦାୟିତ୍ୱ ନେଇଥାଏ। ତେଣୁ କେନ୍ଦ୍ରୀୟ ବ୍ୟାଙ୍କକୁ କେନ୍ଦ୍ରସରକାରଙ୍କର ଏକ ଅଂଶ ବୋଲି କୁହାଯାଇଛି।

3) **ବ୍ୟାଙ୍କ ମାନଙ୍କର ବ୍ୟାଙ୍କ (Bankers' Bank) :** କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କ ମାନଙ୍କର ବ୍ୟାଙ୍କ ଭାବେ କାର୍ଯ୍ୟ କରିଥାଏ। ଜନସାଧାରଣଙ୍କର ବାଣିଜ୍ୟିକ ବ୍ୟାଙ୍କ ସହ ଯେପରି ଘନିଷ୍ଠ ସମ୍ପର୍କ ଥାଏ, ବାଣିଜ୍ୟିକ ବ୍ୟାଙ୍କର କେନ୍ଦ୍ରୀୟ ବ୍ୟାଙ୍କ ସହ ଅନୁରୂପ ସମ୍ପର୍କ ଥାଏ। କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କର ନଗଦମୁଦ୍ରା ସଂରକ୍ଷଣର ଅଭିଭାବକ। ଆଜିକାଲି ପ୍ରତ୍ୟେକ ଦେଶରେ ପରମ୍ପରା ଦୃଷ୍ଟିରୁ ହେଉ କିମ୍ବା ଆଇନ୍ ଦୃଷ୍ଟିରୁ ହେଉ ବାଣିଜ୍ୟିକ ବ୍ୟାଙ୍କ ତାଙ୍କ ମୋଟ ଜମାର ଏକ ଅଂଶ କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ଜମା ଆକାରରେ ରଖିଥାନ୍ତି। ବାଣିଜ୍ୟିକ ବ୍ୟାଙ୍କ ତାଙ୍କ ମୋଟ ଜମାର ଯେଉଁ ଅନୁପାତ କେନ୍ଦ୍ରୀୟ ବ୍ୟାଙ୍କରେ ଜମା ରଖନ୍ତି ତାହାକୁ **ନଗଦ ସଂରକ୍ଷଣ ଅନୁପାତ** କୁହାଯାଏ। ନଗଦମୁଦ୍ରା ସଂରକ୍ଷଣ ପ୍ରଥା ବ୍ୟାଙ୍କ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଏହା ଋଣ ସ୍ଥଳନ ଗଠନକୁ ବିଶାଳ ଏବଂ ସ୍ଥିତିସ୍ଥାପକ ତଥା ନମନୀୟ କରିଥାଏ। ଏହା କେନ୍ଦ୍ରୀୟ ବ୍ୟାଙ୍କର ବାଣିଜ୍ୟିକ ବ୍ୟାଙ୍କ ଉପରେ ଅଧିକାର, କ୍ଷମତା ଏବଂ ପ୍ରଭାବ ବୃଦ୍ଧି କରିଥାଏ। ସାଧାରଣ ଜରୁରୀକାଳ ବେଳେ ତଥା ଋତୁକାଳୀନ ସଙ୍କଟ ବେଳେ ଏହି ସଂରକ୍ଷଣ ଲାଭଜନକ ଭାବରେ ନିୟୋଜିତ କରାଯାଇଥାଏ। ଏହି ସଂରକ୍ଷଣ ଆନ୍ତଃବ୍ୟାଙ୍କ ହିସାବନିକାଶ କରିବାରେ କେନ୍ଦ୍ରୀୟ ବ୍ୟାଙ୍କକୁ ବହୁ ସାହାଯ୍ୟ କରିଥାଏ। ବିଭିନ୍ନ ବ୍ୟାଙ୍କରେ ନଗଦମୁଦ୍ରା ବିକ୍ଷିପ୍ତ ଭାବେ ସଂରକ୍ଷିତ ରଖିବା ଅପେକ୍ଷା କେନ୍ଦ୍ରୀଭୂତ ନଗଦମୁଦ୍ରା ସଂରକ୍ଷଣ ଏକ ବୃହତ୍ତର ଓ ଅଧିକ ସ୍ଥିତିସ୍ଥାପକ ଋଣ ଭଣ୍ଡାର ଭିତ୍ତିରୂପେ କାର୍ଯ୍ୟ କରିଥାଏ। ପୁନଶ୍ଚ, କେନ୍ଦ୍ରୀଭୂତ ନଗଦ ମୁଦ୍ରା ସଂରକ୍ଷଣ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ସଙ୍କଟ ଏବଂ ଜରୁରୀ ପରିସ୍ଥିତିର ମୁକାବିଲା କରିବାକୁ ସମର୍ଥ କରିଥାଏ। ଏହାଛଡ଼ା ବାଣିଜ୍ୟିକ ବ୍ୟାଙ୍କ ମାନଙ୍କର ନଗଦ ମୁଦ୍ରା ସଂରକ୍ଷଣ ଅନୁପାତ ବୃଦ୍ଧି କରି ବା ହ୍ରାସ କରି ସେମାନଙ୍କର ଋଣ ସୃଷ୍ଟି କ୍ଷମତାକୁ ନିୟନ୍ତ୍ରଣ କରିବାରେ ଏହା କେନ୍ଦ୍ରୀୟ ବ୍ୟାଙ୍କକୁ ସମର୍ଥ କରିଥାଏ। ଏହିପରି ଭାବରେ ମୁଦ୍ରା ସଂରକ୍ଷଣ କେନ୍ଦ୍ରୀକରଣ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଋଣ ସଂରଚନାର ସ୍ଥିତିସ୍ଥାପକତା, ମିତବ୍ୟୟିତା ଏବଂ ତରଳତା ବୃଦ୍ଧି କରିଥାଏ। ସମଗ୍ର ଅର୍ଥ ବ୍ୟବସ୍ଥା ଦୃଷ୍ଟିକୋଣରୁ ଏହା ନିତାନ୍ତ ଗୁରୁତ୍ୱପୂର୍ଣ୍ଣ।

4) **ଅନ୍ତିମ ପର୍ଯ୍ୟାୟର ଋଣଦାତା ଏବଂ ପୁନଃ ଅବମୂଲ୍ୟନ ବ୍ୟାଙ୍କ (Lender of Last Resort and Bank of Rediscount) :** କେନ୍ଦ୍ରୀୟ ବ୍ୟାଙ୍କ ଋଣ ଦାନର ଶେଷ ଆଶ୍ରୟ ସ୍ଥଳ। ଏହା ବ୍ୟାଙ୍କମାନଙ୍କର ବ୍ୟାଙ୍କ ହିସାବରେ ବିତ୍ତୀୟ ଆବଶ୍ୟକତା ସମୟରେ ବ୍ୟାଙ୍କମାନଙ୍କୁ ସାହାଯ୍ୟ କରିଥାଏ। ନଗଦ ଅର୍ଥ ଆବଶ୍ୟକ ବେଳେ ବାଣିଜ୍ୟିକ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାକୁ ଉପଯୁକ୍ତ ସରକାରୀ ପ୍ରତିଭୂତି ବିପରୀତ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ଋଣ ଯୋଗାଇଥାଏ। କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କୁ ଋଣଦେବା ମାଧ୍ୟମରେ ଏହି କାର୍ଯ୍ୟଟି ମଧ୍ୟ ସମ୍ପାଦନ କରିଥାଏ। ଏହା

କେନ୍ଦ୍ରୀୟ ବ୍ୟାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ବିନିମୟ ପତ୍ରଗୁଡ଼ିକର ପୁନଃ ଅବମୂଲ୍ୟନ ବ୍ୟବସ୍ଥା ଦ୍ୱାରା କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କମାନଙ୍କ ନିମନ୍ତେ ଋଣ ବ୍ୟବସ୍ଥା କରିଥାଏ । ଏହା ସମଗ୍ର ଋଣ ବ୍ୟବସ୍ଥାର ତରଳତା ଏବଂ ସ୍ଥିତିସ୍ଥାପକତା ବୃଦ୍ଧି କରିଥାଏ । ସଂକ୍ଷେପରେ, ବାଣିଜ୍ୟିକ ବ୍ୟାଙ୍କ ମାନଙ୍କର ବିନିମୟ ପତ୍ରର ପୁନଃ ଅବମୂଲ୍ୟନ କରି ସେମାନଙ୍କୁ ଆର୍ଥିକ ସଙ୍କଟରୁ ତ୍ରାହି ପାଇବା ପାଇଁ ଏହା ମୁଦ୍ରା ଯୋଗାଇଥାଏ । ଦ୍ୱିତୀୟରେ, ସରକାରୀ ଋଣପତ୍ର ବନ୍ଧକ ରଖି ଏହା ବାଣିଜ୍ୟିକ ବ୍ୟାଙ୍କ ମାନଙ୍କୁ ଋଣ ଦେଇଥାଏ । ସେଥିପାଇଁ ଏହି ବ୍ୟାଙ୍କକୁ ପୁନଃ ଅବମୂଲ୍ୟନ ବ୍ୟାଙ୍କ (Bank of rediscount) କୁହାଯାଇଥାଏ ।

5) **କେନ୍ଦ୍ରୀୟ ପରିଶୋଧନ ବ୍ୟାଙ୍କ (Central Clearing House) :** କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଆନ୍ତଃ ବ୍ୟାଙ୍କ୍ ପରିଶୋଧନ ଗୃହ (clearing house) ହିସାବରେ କାର୍ଯ୍ୟ କରିଥାଏ । ଏହା ବାଣିଜ୍ୟିକ ବ୍ୟାଙ୍କ ମାନଙ୍କର ପାରସ୍ପରିକ ଦାବି ମେଣ୍ଟାଇବାକୁ ସାହାଯ୍ୟ କରିଥାଏ । ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ସେମାନଙ୍କ ଜମାର ଏକ ନିର୍ଦ୍ଦିଷ୍ଟ ଅଂଶ କେନ୍ଦ୍ରୀୟ ବ୍ୟାଙ୍କଠାରେ ଜମା ରଖିଥାନ୍ତି । ଏଣୁ ବ୍ୟାଙ୍କମାନଙ୍କର ପାରସ୍ପରିକ ଦାବିକୁ କେନ୍ଦ୍ରୀୟ ବ୍ୟାଙ୍କଠାରେ ଥିବା ସଂରକ୍ଷିତ ଅର୍ଥ ସାହାଯ୍ୟରେ ସୁବିଧାରେ ପରିଶୋଧ କରାଯାଇ ପାରିଥାଏ । ଆନ୍ତଃ ବ୍ୟାଙ୍କ ଦେଣା ପାଉଣା କେନ୍ଦ୍ରୀୟ ବ୍ୟାଙ୍କର ହିସାବ ବହିରେ ସହଜରେ ପରିଶୋଧ କରାଯାଇ ପାରିଥାଏ । ଏଥିଲାଗି ବ୍ୟାଙ୍କ-ବ୍ୟାଙ୍କ ମଧ୍ୟରେ ନଗଦ ମୁଦ୍ରାକାରବାର ଅନାବଶ୍ୟକ ହୋଇଥାଏ । ଏହାଦ୍ୱାରା କେନ୍ଦ୍ରୀୟ ବ୍ୟାଙ୍କ କରବାରରେ ନଗଦ ମୁଦ୍ରାର ପ୍ରତ୍ୟକ୍ଷ ବ୍ୟବହାରକୁ ଅନେକାଂଶରେ ହ୍ରାସ କରିବାକୁ ସମର୍ଥ ହୋଇଥାଏ ଏବଂ ବାଣିଜ୍ୟିକ ବ୍ୟାଙ୍କମାନଙ୍କର ତରଳତାର ବିକାଶ ଘଟାଇଥାଏ । କେନ୍ଦ୍ରୀୟ ବ୍ୟାଙ୍କର ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।

6) **ଋଣ ନିୟନ୍ତ୍ରକ (Controller of Credit) :** ଅଧିକାଂଶ ଅର୍ଥନୀତିଜ୍ଞଙ୍କ ମତରେ ଋଣ ନିୟନ୍ତ୍ରଣ କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ । ଅଧୁନା ପ୍ରତ୍ୟେକ ଉନ୍ନତ ଦେଶରେ ଋଣ ମୁଦ୍ରାର ବ୍ୟାପକ ଏବଂ ବହୁଳ ପ୍ରଚଳନ ଦେଖିବାକୁ ମିଳିଥାଏ । ଋଣର ମୋଟ ପରିମାଣରେ ପରିବର୍ତ୍ତନ ଯୋଗୁଁ ଦରସ୍ତରରେ ପରିବର୍ତ୍ତନ ଘଟିପାରେ । ଫଳତଃ, ଉତ୍ପାଦନ ଏବଂ ନିଯୁକ୍ତିର ପରିମାଣ ବିଶେଷଭାବେ ପ୍ରଭାବିତ ହୋଇଥାଏ । ଲାଭ ପ୍ରଲୋଭନର ବଶବର୍ତ୍ତୀ ହୋଇ ବାଣିଜ୍ୟିକ ବ୍ୟାଙ୍କ ସବୁ ଯଦି ଆବଶ୍ୟକତାଠୁଁ ଅଧିକ ଋଣ ସୃଷ୍ଟି କରନ୍ତି ତାହାହେଲେ ମୋଟ ମୁଦ୍ରାଯୋଗାଣରେ ବୃଦ୍ଧି ଯୋଗୁଁ ଦର ବୃଦ୍ଧି ପାଇଥାଏ । ଫଳରେ ମୁଦ୍ରାସ୍ଫୀତି ଦେଖାଦେଇଥାଏ । ସେହିପରି ଋଣ ସୃଷ୍ଟିର ସ୍ୱଳ୍ପତା ଦେଶରେ ଅବସ୍ଫୀତି ବା ମାନ୍ଦାବସ୍ଥା ସୃଷ୍ଟି କରିଥାଏ । ଉଭୟ ପ୍ରକାର ଅବସ୍ଥା ପ୍ରଚଳିତ ଅର୍ଥବ୍ୟବସ୍ଥାରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ । ଏଣୁ କେନ୍ଦ୍ରୀୟ ବ୍ୟାଙ୍କ ଚଳନ୍ତି ମୁଦ୍ରା ଏବଂ ଋଣର ପରିମାଣକୁ ନିୟନ୍ତ୍ରଣ କରି

ଦେଶରେ ଅର୍ଥନୈତିକ ସ୍ଥିରତା ରକ୍ଷା କରିଥାଏ। ଋଣ ନିୟନ୍ତ୍ରଣର ତିନିଗୋଟି ଆଭିମୁଖ୍ୟ ଅଛି। ପ୍ରଥମତଃ, ଦେଶରେ ମୁଦ୍ରାର ଆଭ୍ୟନ୍ତରୀଣ ମୂଲ୍ୟରେ ସ୍ଥିରତା ନିମନ୍ତେ ଋଣ ନିୟନ୍ତ୍ରଣ ଅପରିହାର୍ଯ୍ୟ। ଦ୍ୱିତୀୟତଃ, କର୍ମସଂସ୍ଥାନରେ ସ୍ଥିରତା ପାଇଁ ଋଣ ମୁଦ୍ରାର ନିୟନ୍ତ୍ରଣ ହେବା ଆବଶ୍ୟକ। ତୃତୀୟତଃ, ଦେଶରେ କ୍ଷିପ୍ର ଆର୍ଥନୀତିକ ଅଭିବୃଦ୍ଧି ନିମନ୍ତେ ସମ୍ବଳର ସଦୁପଯୋଗ ପାଇଁ ଋଣ ବ୍ୟବସ୍ଥାର ସମ୍ପ୍ରସାରଣ ସ୍ୱୀକାର୍ଯ୍ୟ। ଅର୍ଥନୈତିକ ଦୃଷ୍ଟିକୋଣରୁ ଯେଉଁ ଉତ୍ପାଦନ ଲୋଡ଼ଣୀୟ ସେହି ଉତ୍ପାଦନ କ୍ଷେତ୍ରକୁ ଋଣ ସଂଚାଳନ କରିବା ପାଇଁ ଋଣ ନିୟନ୍ତ୍ରଣ ଆବଶ୍ୟକ।

ଋଣ ନିୟନ୍ତ୍ରଣ ପଦ୍ଧତି ଦୁଇ ପ୍ରକାର। ପ୍ରଥମ ପ୍ରକାର ଋଣ ନିୟନ୍ତ୍ରଣକୁ ସାଧାରଣ ବା ପରିମାଣାତ୍ମକ ଏବଂ ଦ୍ୱିତୀୟ ପ୍ରକାର ଋଣ ନିୟନ୍ତ୍ରଣକୁ ଗୁଣାତ୍ମକ ବା ଚୟନାତ୍ମକ ଋଣ ନିୟନ୍ତ୍ରଣ କୁହାଯାଏ। ପରିମାଣାତ୍ମକ ଋଣ ନିୟନ୍ତ୍ରଣର ଉଦ୍ଦେଶ୍ୟ ହେଲା ଋଣର ମୋଟ ପରିମାଣକୁ ନିୟନ୍ତ୍ରଣ କରିବା। ଗୁଣାତ୍ମକ ଋଣ ନିୟନ୍ତ୍ରଣ ବ୍ୟବସ୍ଥା ଅନୁସାରେ ଋଣର ବ୍ୟବହାରକୁ ନିୟନ୍ତ୍ରଣ କରାଯାଇଥାଏ।

(a) **ପରିମାଣାତ୍ମକ ନିୟନ୍ତ୍ରଣ (Quantitative Credit Control) :** ବାଣିଜ୍ୟିକ ବ୍ୟାଙ୍କମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ମୋଟ ଋଣ ନିୟନ୍ତ୍ରଣ କରିବା ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ନିମ୍ନଲିଖିତ ଅସ୍ତ୍ର (Instrument) ବ୍ୟବହାରକରିଥାନ୍ତି।

(1) ବ୍ୟାଙ୍କ ହାର (Bank Rate)

(2) ଖୋଲା ବଜାର କାରବାର (Open Market Operation)

(3) ସଂରକ୍ଷିତ ଜମା ଅନୁପାତର ପରିବର୍ତ୍ତନ (Change in Cash Reserve Ratio)

i) **ବ୍ୟାଙ୍କ ହାର:** କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ଋଣ ପ୍ରଦାନ କଲାବେଳେ ଯେଉଁ ସୁଧହାର ଦାବି କରନ୍ତି ତାହାକୁ 'ବ୍ୟାଙ୍କ ହାର' କୁହାଯାଏ। ସାଧାରଣତଃ, କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କମାନଙ୍କର ବଚନ ପତ୍ର (IOUs) ବନ୍ଧକ ରଖି ତଥା ପ୍ରଥମଶ୍ରେଣୀୟ ବିନିମୟ ପତ୍ର ବା ଅନ୍ୟାନ୍ୟ ଅନୁମୋଦିତ ଋଣପତ୍ର ଗୁଡ଼ିକୁ ପୁନଃ ଅବମୂଲ୍ୟନ (re-discount) କରି ଋଣ ପ୍ରଦାନ କରିଥାନ୍ତି। ଋଣ ପ୍ରଦାନ କଲାବେଳେ କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାଙ୍କ ହାର ଦାବି କରିଥାନ୍ତି। ଉକ୍ତ "ବ୍ୟାଙ୍କ ହାର"କୁ ହ୍ରାସ ଓ ବୃଦ୍ଧି କରି କେନ୍ଦ୍ରୀୟ ବ୍ୟାଙ୍କ ଋଣ ପରିମାଣକୁ ବୃଦ୍ଧି କିମ୍ବା ହ୍ରାସ କରନ୍ତି।

ଅବସ୍ଥିତି ରୋକିବା ପାଇଁ ଋଣ ମୁଦ୍ରା ପରିମାଣରେ ବୃଦ୍ଧି ଆବଶ୍ୟକ ହୋଇଥାଏ। ଋଣ ମୁଦ୍ରା ପରିମାଣର ବୃଦ୍ଧି ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାଙ୍କ ହାର ହ୍ରାସ କରେ। ଫଳରେ କେନ୍ଦ୍ରୀୟ ବ୍ୟାଙ୍କଠାରୁ ଋଣ ଆଣିବା ବେଳେ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ କମ୍ ସୁଧ ଦେବାକୁ ପଡ଼େ। ତେଣୁ ବାଣିଜ୍ୟିକ ବ୍ୟାଙ୍କମାନେ ନିଜେ ଦେଉଥିବା ଋଣ ଉପରେ

କମ୍ ସୁଧ ଦାବି କରନ୍ତି । ଋଣ ସୁଲଭ ହେବା ଯୋଗୁଁ ବ୍ୟବସାୟୀ ଓ ଉଦ୍ୟୋଗୀମାନେ ଅଧିକ ଋଣ କରିବାକୁ ଆଗ୍ରହୀ ହୁଅନ୍ତି । ପରିଣାମ ସ୍ୱରୂପ, ଋଣ ମୁଦ୍ରା ପରିମାଣର ପ୍ରସାରଣ ହୁଏ ଏବଂ ଅବସ୍ଫୀତି ନିୟନ୍ତ୍ରିତ ହୁଏ ।

ଅନ୍ୟପକ୍ଷରେ, ମୁଦ୍ରାସ୍ଫୀତି ସୁଧାରିବା ପାଇଁ ଋଣମୁଦ୍ରା ପରିମାଣ ହ୍ରାସ କରିବା ଆବଶ୍ୟକ ହୋଇଥାଏ । ସେଥି ସକାଶେ କେନ୍ଦ୍ରୀୟ ବ୍ୟାଙ୍କ 'ବ୍ୟାଙ୍କ ହାର' ବୃଦ୍ଧି କରେ । ବ୍ୟାଙ୍କ ହାର ବୃଦ୍ଧି ପାଇଲେ ବଜାର ସୁଧହାର ମଧ୍ୟ ବୃଦ୍ଧି ପାଏ । ଋଣ ଅଧିକ ମହାର୍ଘ ହେବା ଫଳରେ ବ୍ୟବସାୟୀ ଓ ଉଦ୍ୟୋଗୀମାନେ କମ୍ ଋଣ ନିଅନ୍ତି । ପରିଣାମ ସ୍ୱରୂପ, ଋଣ ମୁଦ୍ରା ପରିମାଣରେ ହ୍ରାସ ଘଟେ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ହୁଏ । ଏହିପରି ଭାବରେ ମୁଦ୍ରାସ୍ଫୀତି ଏବଂ ଅବସ୍ଫୀତିକୁ କେନ୍ଦ୍ରୀୟ ବ୍ୟାଙ୍କ ନିୟନ୍ତ୍ରିତ କରିଥାଏ ।

ମାତ୍ର ବ୍ୟାଙ୍କ ହାର ପଦ୍ଧତି କେବଳ ଏକ ସଂଗଠିତ, ବିକଶିତ ମୁଦ୍ରା ବଜାରରେ ଫଳପ୍ରଦ ହୋଇଥାଏ । ଏହାଛଡ଼ା ବ୍ୟାଙ୍କ ହାରରେ ପରିବର୍ତ୍ତନ ହେଲେ ବଜାର ସୁଧହାର ସମ ହାରରେ ପରିବର୍ତ୍ତନ ହୋଇ ନ ପାରେ । ବାଣିଜ୍ୟିକ ବ୍ୟାଙ୍କ ସମୂହ କେନ୍ଦ୍ରୀୟ ବ୍ୟାଙ୍କରୁ ଋଣ ନ ଆଣି ନିଜ ପାଣ୍ଠିରୁ ସୃଷ୍ଟି ଋଣକୁ ସମ୍ପ୍ରସାରିତ କଲେ ବ୍ୟାଙ୍କହାର ନୀତି ଫଳପ୍ରସୂ ହୁଏ ନାହିଁ । ଏହାଛଡ଼ା ବ୍ୟାଙ୍କହାର ବୃଦ୍ଧି ହେଲେ ମଧ୍ୟ ଅଧିକ ଲାଭ ହେଉଥିଲେ ବା ଅଧିକ ଲାଭର ସମ୍ଭାବନା ଥିଲେ ଗ୍ରାହକମାନେ ଅଧିକ ଋଣ କରିଥାନ୍ତି । ଫଳରେ, ଦେଶର ଋଣ ମୁଦ୍ରା ସଂକୁଚିତ ହେବା ପରିବର୍ତ୍ତେ ସମ୍ପ୍ରସାରିତ ହୋଇଥାଏ । ସେହିପରି ସରକାରୀ ବ୍ୟବସାୟ କ୍ଷେତ୍ରରେ ଜାତୀୟ କଲ୍ୟାଣ ଦୃଷ୍ଟିରୁ ବ୍ୟବସାୟ ପରିଚାଳିତ ହେଉଥିବା ହେତୁ ସୁଧହାର ଅଧିକ ହେଲେ ମଧ୍ୟ ସରକାରୀ ବ୍ୟବସାୟୀ ଅଧିକ ଋଣ କରିଥାନ୍ତି । ଏହା ଫଳରେ ଋଣର ପରିମାଣ ସଂକୁଚିତ ନ ହୋଇ ଅଧିକ ବୃଦ୍ଧି ପାଏ ।

ii) **ଖୋଲାବଜାର କାରବାର:** ଖୋଲାବଜାରରେ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସରକାରୀ ପ୍ରତିଭୂତି ଓ ଅନୁମୋଦିତ ଋଣପତ୍ର ଆଦିର କ୍ରୟ ବିକ୍ରୟକୁ 'ଖୋଲାବଜାର କାରବାର' କୁହାଯାଏ ।

ଅବସ୍ଫୀତିଜନିତ ପରିସ୍ଥିତିର ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଋଣ ପରିମାଣ ପ୍ରସାରଣ କରିବା ଆବଶ୍ୟକ ମନେ କରିଥାଏ । ତେଣୁ କେନ୍ଦ୍ରୀୟ ବ୍ୟାଙ୍କ ଖୋଲା ବଜାରରୁ ପ୍ରତିଭୂତି କ୍ରୟ କରିଥାଏ । ଫଳରେ ଜନସାଧାରଣଙ୍କ ନିକଟରେ ଥିବା ମୁଦ୍ରାରପରିମାଣ ବୃଦ୍ଧି ପାଏ ତଥା ବାଣିଜ୍ୟିକ ବ୍ୟାଙ୍କମାନଙ୍କର ନଗଦ ଜମା ବୃଦ୍ଧି ପାଏ । ଏହାଦ୍ୱାରା ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଋଣ ସୃଷ୍ଟି କରିବା କ୍ଷମତା ବୃଦ୍ଧି ପାଏ । ବାଣିଜ୍ୟିକ ବ୍ୟାଙ୍କମାନେ ବ୍ୟବସାୟୀ ଓ ଉଦ୍ୟୋଗୀମାନଙ୍କୁ ଅଧିକ ଋଣ ଦେବାକୁ ସକ୍ଷମ ହୋଇଥାନ୍ତି । ଏହା ଋଣମୁଦ୍ରା ଯୋଗାଣରେ ବୃଦ୍ଧି ଘଟାଇଥାଏ ।

ଅନ୍ୟପକ୍ଷରେ, ଋଣମୁଦ୍ରା ପରିମାଣ ହ୍ରାସ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ସରକାରୀ ପ୍ରତିଭୂତିକୁ ବିକ୍ରୟ କରନ୍ତି । ଏହିସବୁ ପ୍ରତିଭୂତିକୁ ଜନସାଧାରଣ ଏବଂ ବ୍ୟାଙ୍କ ସମୂହ କ୍ରୟ କରନ୍ତି । ଫଳରେ, ବ୍ୟାଙ୍କ ସମୂହର ନଗଦ ଜମାର ପରିମାଣ ପ୍ରତ୍ୟକ୍ଷ ଭାବରେ ହ୍ରାସ ପାଏ । ସୁତରାଂ ସେମାନଙ୍କର ଋଣ ସୃଜନ କ୍ଷମତା ହ୍ରାସ ପାଇବା ସଙ୍ଗେ ସଙ୍ଗେ

ଋଣମୁଦ୍ରା ପରିମାଣରେ ହ୍ରାସ ଘଟିଥାଏ। ତେଣୁ ଅବସ୍ଫୀତି ସମୟରେ କେନ୍ଦ୍ରୀୟ ବ୍ୟାଙ୍କ ଖୋଲା ବଜାରରୁ ପ୍ରତିଭୂତି କିଣିଥାଏ ଏବଂ ମୁଦ୍ରାସ୍ଫୀତି ବେଳେ ଏହି ବ୍ୟାଙ୍କ ଖୋଲା ବଜାରରେ ପ୍ରତିଭୂତି ବିକ୍ରି କରିଥାଏ। ଏହିପରି ଭାବରେ ପ୍ରତିଭୂତି କିଣା ବିକା କରି କେନ୍ଦ୍ରୀୟ ବ୍ୟାଙ୍କ ଅବସ୍ଫୀତି ଏବଂ ମୂଲ୍ୟସ୍ଫୀତିକୁ ନିୟନ୍ତ୍ରଣ କରିଥାଏ।

ମାତ୍ର ଋଣପତ୍ରର କାରବାର ନିମନ୍ତେ ମୁଦ୍ରାବଜାର ସକ୍ରିୟ ଏବଂ ପ୍ରଶସ୍ତ ହେବା ଅପରିହାର୍ଯ୍ୟ। ଅଧିକନ୍ତୁ, କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଯଥେଷ୍ଟ ପରିମାଣରେ ବିଭିନ୍ନ ପ୍ରକାର ଋଣପତ୍ର ରହିବା ଏକାନ୍ତ ବାଞ୍ଛନୀୟ। ପୁନଶ୍ଚ, ଖୋଲାବଜାର କାରବାର ଫଳରେ ବାଣିଜ୍ୟିକ ବ୍ୟାଙ୍କମାନଙ୍କ ପାଖରେ ଥିବା ନଗଦ ମୁଦ୍ରାର ପରିମାଣ ପରିବର୍ତ୍ତିତ ହେବା ଉଚିତ। ଋଣ ନିୟନ୍ତ୍ରଣ ନିମନ୍ତେ ଖୋଲାବଜାର କାରବାର ଏକ ବିକଶିତ ଏବଂ ସୁସଙ୍ଗଠିତ ମୁଦ୍ରା ବଜାରରେ ଅଧିକ ଫଳପ୍ରଦ ହୋଇଥାଏ। ସାଧାରଣତଃ ଖୋଲାବଜାର କାରବାର ମାଧ୍ୟମରେ ଋଣ ସମ୍ପ୍ରସାରଣ ଅପେକ୍ଷା ଋଣ ସଂକୋଚନ ଅଧିକ ସହଜସାଧ୍ୟ ହୋଇଥାଏ। ସେଥିପାଇଁ ଖୋଲାବଜାର କାରବାର ମୁଦ୍ରାସ୍ଫୀତିର ଗତିରୋଧ କରିପାରେ ମାତ୍ର ଅବସ୍ଫୀତିର ପ୍ରତିରୋଧ କରିବାରେ ସେତେଟା ଫଳପ୍ରଦ ହୁଏ ନାହିଁ।

ଖୋଲା ବଜାର କାରବାର ବ୍ୟାଙ୍କ ସୁଧହାର ପରିବର୍ତ୍ତନ ତୁଳନାରେ ଅଧିକ ସଫଳତାର ସହ କାର୍ଯ୍ୟ କରିଥାଏ। କାରଣ ଏହି ବ୍ୟବସ୍ଥାରେ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ସହଯୋଗ ଉପରେ ନିର୍ଭର କରିବାକୁ ପଡ଼ି ନ ଥାଏ। କେନ୍ଦ୍ରୀୟ ବ୍ୟାଙ୍କ ପ୍ରତ୍ୟକ୍ଷ ଭାବରେ ମୁଦ୍ରା ବଜାରରେ ଋଣପତ୍ର କ୍ରୟ ବିକ୍ରୟ କରୁଥିବାରୁ ଋଣ ନିୟନ୍ତ୍ରଣ ଫଳପ୍ରଦଭାବେ କରାଯାଇପାରେ। ସେଥିପାଇଁ ଏସ୍.ଇ. ହାରିସ୍ ଖୋଲାବଜାର କାରବାରକୁ ଦ୍ୱିତୀୟ ଶ୍ରେଣୀର ଫଳପ୍ରଦ ଅସ୍ତ୍ରଭାବେ ବିବେଚନା କରନ୍ତି।

iii) **ସଂରକ୍ଷିତ ଜମା ଅନୁପାତରେ ପରିବର୍ତ୍ତନ:** ଆଇନତଃ ବାଣିଜ୍ୟିକ ବ୍ୟାଙ୍କମାନେ ସେମାନଙ୍କ ମୋଟ ଜମାର ଏକ ଅଂଶ କେନ୍ଦ୍ରୀୟ ବ୍ୟାଙ୍କଠାରେ ସଞ୍ଚିତ ରଖିଥାନ୍ତି। ଏହାକୁ ସଂରକ୍ଷିତ ଜମା ଅନୁପାତ (Cash Reserve Ratio) ଭାବରେ ଅଭିହିତ କରାଯାଇଥାଏ। ଏହି ଅନୁପାତକୁ ହ୍ରାସ ବା ବୃଦ୍ଧି କରି କେନ୍ଦ୍ରୀୟ ବ୍ୟାଙ୍କ ଦେଶରେ ମୋଟ ଋଣର ପରିମାଣକୁ ନିୟନ୍ତ୍ରଣ କରିପାରେ।

ଋଣମୁଦ୍ରା ପରିମାଣ ବୃଦ୍ଧି କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ସଂରକ୍ଷିତ ଜମା ଅନୁପାତକୁ ହ୍ରାସ କରିଥାନ୍ତି। ଫଳରେ, ବାଣିଜ୍ୟିକ ବ୍ୟାଙ୍କମାନେ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ପୂର୍ବାପେକ୍ଷା କମ୍ ମୁଦ୍ରା ସଞ୍ଚିତ ରଖନ୍ତି। ଏହାଯୋଗୁଁ ବାଣିଜ୍ୟିକ ବ୍ୟାଙ୍କମାନଙ୍କର ଋଣ ସୃଷ୍ଟି କରିବା କ୍ଷମତା ସ୍ୱତଃ ପ୍ରସାରିତ ହୁଏ। ଫଳରେ, ଋଣ ମୁଦ୍ରା ପରିମାଣର ବୃଦ୍ଧି ଘଟେ।

ଅନ୍ୟପକ୍ଷରେ, ଋଣମୁଦ୍ରା ପରିମାଣ ହ୍ରାସ କରିବା ନିମନ୍ତେ କେନ୍ଦ୍ରୀୟ ବ୍ୟାଙ୍କ ସଂରକ୍ଷିତ ଜମା ଅନୁପାତକୁ ବୃଦ୍ଧି କରିଥାଏ। ଫଳରେ, ବାଣିଜ୍ୟିକ ବ୍ୟାଙ୍କମାନେ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ପୂର୍ବାପେକ୍ଷା ଅଧିକ ମୁଦ୍ରା ସଞ୍ଚିତ ରଖିବାକୁ ବାଧ୍ୟ ହୁଅନ୍ତି। ଏହାଯୋଗୁଁ ବାଣିଜ୍ୟିକ ବ୍ୟାଙ୍କମାନଙ୍କର ଋଣ ସୃଷ୍ଟି କରିବା କ୍ଷମତା ସ୍ୱତଃ ସଙ୍କୁଚିତ ହୁଏ। ଫଳରେ, ଋଣମୁଦ୍ରା ପରିମାଣ ହ୍ରାସ ପାଇଥାଏ।

ଏହି ପଦ୍ଧତିଟି ଋଣ ନିୟନ୍ତ୍ରଣରେ ଏକ ସାର୍ଥକ ଏବଂ ଫଳପ୍ରଦ ପଦ୍ଧତିଭାବେ ବିବେଚିତ। କାରଣ ଏହା ଋଣ ସୃଷ୍ଟି ଉପରେ ତତ୍କାଳ ପ୍ରଭାବ ପକାଇଥାଏ। ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ଅସଙ୍ଗଠିତ ଏବଂ ଅବିକଶିତ ମୁଦ୍ରା ବଜାରରେ ସଂରକ୍ଷିତ ନଗଦ ମୁଦ୍ରାର ପରିମାଣ ହ୍ରାସ ହେଲେ ବି ବାଣିଜ୍ୟିକ ବ୍ୟାଙ୍କମାନେ ସେମାନଙ୍କ ମୁଦ୍ରା ସୃଷ୍ଟି କ୍ଷମତା ହ୍ରାସ କରି ନ ପାରନ୍ତି। ଦ୍ୱିତୀୟରେ, ଏହି ବ୍ୟବସ୍ଥା ବୃହତ୍ ଏବଂ କ୍ଷୁଦ୍ର ବ୍ୟାଙ୍କ ପ୍ରତି ସମଭାବରେ ପ୍ରଯୁଜ୍ୟ ହେଉଥିବାରୁ କ୍ଷୁଦ୍ର ବ୍ୟାଙ୍କମାନେ ଏହାଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି। ତୃତୀୟରେ, କେତେକ କ୍ଷେତ୍ରରେ ବାଣିଜ୍ୟିକ ବ୍ୟାଙ୍କମାନେ ନିଜ ପାଖରେ ଆବଶ୍ୟକତାଠାରୁ ଅଧିକ ମୁଦ୍ରା ମହଜୁଦ କରି ରଖିଥାନ୍ତି। ଫଳରେ, କେନ୍ଦ୍ରୀୟ ବ୍ୟାଙ୍କର ଋଣ ସଂକୋଚନ ନୀତି ବ୍ୟାହତ ହୋଇଥାଏ। ପୁନଶ୍ଚ, ଆମଦାନିଠାରୁ ରପ୍ତାନୀ ଅଧିକ ହେଉଥିଲେ ଦେଶ ମଧ୍ୟକୁ ପୁଂଜି ପ୍ରବାହିତ ହୋଇଥାଏ ଏବଂ ବ୍ୟାଙ୍କ ଗୁଡ଼ିକର ଜମା ବୃଦ୍ଧି ହୋଇଥାଏ। ଫଳରେ, ସଂରକ୍ଷିତ ଜମା ଅନୁପାତକୁ ବୃଦ୍ଧି କରି ଆଶାନୁରୂପ ଫଳଲାଭ କରାଯାଇ ନ ଥାଏ। ଏସବୁ କ୍ଷେତ୍ରରେ ଋଣ ନିୟନ୍ତ୍ରଣର ଏହି ଉପାୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇ ନ ଥାଏ।

b) **ଗୁଣାତ୍ମକ ବା ଚୟନମୂଳକ ଋଣ ନିୟନ୍ତ୍ରଣ (Qualitative Credit Control) :** ଯେଉଁ ପଦ୍ଧତି ଅନୁସାରେ ଋଣର ବ୍ୟବହାର ଅନୁଯାୟୀ ଋଣ ନିୟନ୍ତ୍ରଣ କରାଯାଇଥାଏ ତାହାକୁ ଗୁଣାତ୍ମକ ଋଣ ନିୟନ୍ତ୍ରଣ ପଦ୍ଧତି କୁହାଯାଏ। ଏହି ପଦ୍ଧତି ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ କେବଳ ଉପଯୁକ୍ତ ବ୍ୟବହାର ନିମନ୍ତେ ଋଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥାଏ। ଗୁଣାତ୍ମକ ଋଣ ନିୟନ୍ତ୍ରଣ ପଦ୍ଧତି ସମଗ୍ର ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କରି ନ ଥାଏ। ଅର୍ଥ ବ୍ୟବସ୍ଥାର ଯେଉଁ କ୍ଷେତ୍ର ଗୁଡ଼ିକରେ ଋଣ ବିନିଯୋଗ ବାଞ୍ଛନୀୟ ନୁହେଁ କେବଳ ମାତ୍ର ସେହି କ୍ଷେତ୍ରଗୁଡ଼ିକୁ ଏହା ପ୍ରଭାବିତ କରିଥାଏ। ତେଣୁ ଗୁଣାତ୍ମକ ଋଣ ନିୟନ୍ତ୍ରଣ ପଦ୍ଧତି ପରିମାଣାତ୍ମକ ଋଣ ନିୟନ୍ତ୍ରଣ ପଦ୍ଧତି ଅପେକ୍ଷା ଶ୍ରେୟସ୍କର।

ଋଣର ଗୁଣାତ୍ମକ ନିୟନ୍ତ୍ରଣ ନିମନ୍ତେ ଯେଉଁ ପଦ୍ଧତିମାନ ଅନୁସରଣ କରାଯାଇଥାଏ, ତାହା ହେଲା- (i) ପ୍ରୟୋଜନୀୟ ପ୍ରାନ୍ତୀୟ ଜମାର ପରିବର୍ତ୍ତନ, (ii) ଖାଉଟି ଋଣ ନିୟନ୍ତ୍ରଣ, (ii) ନୈତିକ ପ୍ରବର୍ତ୍ତନା, (iv) ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ। ଏହି ପଦ୍ଧତିମାନଙ୍କ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଯାଇଅଛି।

(i) **ପ୍ରୟୋଜନୀୟ ପ୍ରାନ୍ତୀୟ ଜମାର ପରିବର୍ତ୍ତନ (Change in Margin Requirements) :** ବାଣିଜ୍ୟିକ ବ୍ୟାଙ୍କରୁ ପ୍ରତିଭୂତି ବଦଳରେ ଋଣ ଗ୍ରହଣ କଲାବେଳେ ଋଣଗ୍ରହୀତାମାନଙ୍କୁ ସେଠାରେ ଏକ ସର୍ବନିମ୍ନ ଜମା ପୈଠ କରିବାକୁ ପଡ଼େ। ଏହାକୁ ଆବଶ୍ୟକୀୟ ପ୍ରାନ୍ତୀୟ ଜମା କୁହାଯାଏ। ଏହାର ପରିମାଣ କେନ୍ଦ୍ରୀୟ ବ୍ୟାଙ୍କ ସ୍ଥିର କରିଥାନ୍ତି। ଏଠାରେ ପ୍ରାନ୍ତୀୟ ଜମା ପ୍ରତିଭୂତିର ବଜାର

ମୂଲ୍ୟ ଏବଂ ସେହି ପ୍ରତିଭୂତି ବଦଳରେ ମିଳୁଥିବା ଋଣର ପାର୍ଥକ୍ୟ ସହ ସମାନ । ମନେକରାଯାଉ ଜଣେ ବ୍ୟକ୍ତି 10,000 ଟଙ୍କା ମୂଲ୍ୟର ପ୍ରତିଭୂତି ବଦଳରେ ବାଣିଜ୍ୟିକ ବ୍ୟାଙ୍କରୁ ୫,000 ଟଙ୍କା ଋଣ ଗ୍ରହଣ କଲେ । ଏହି କ୍ଷେତ୍ରରେ ପ୍ରାନ୍ତୀୟ ଜମା ଶତକଡ଼ା 20 ହୋଇଥାଏ ।

ଋଣ ମୁଦ୍ରାର ପରିମାଣର ନିୟନ୍ତ୍ରଣ ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ଆବଶ୍ୟକୀୟ ପ୍ରାନ୍ତୀୟ ଜମା ବୃଦ୍ଧି କରେ । ଫଳରେ ବାଣିଜ୍ୟିକ ବ୍ୟାଙ୍କ ନିର୍ଦ୍ଦିଷ୍ଟ ପରିମାଣର ପ୍ରତିଭୂତି ବଦଳରେ କମ୍ ପରିମାଣରେ ଋଣ ପ୍ରଦାନ କରେ । ଅନ୍ୟ ପକ୍ଷରେ, ଋଣମୁଦ୍ରା ପରିମାଣରେ ବୃଦ୍ଧି ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ଏହି ଜମା ପରିମାଣ ହ୍ରାସ କରିଥାଏ । ଏହାଦ୍ୱାରା ବାଣିଜ୍ୟିକ ବ୍ୟାଙ୍କମାନଙ୍କ ଦ୍ୱାରା ଋଣ ପରିମାଣ ବୃଦ୍ଧି କରାଯାଇଥାଏ ।

(ii) **ଖାଉଟି ଋଣ ନିୟନ୍ତ୍ରଣ (Consumer Credit Regulation) :** ଆଜିକାଲି ସର୍ବତ୍ର ଲୋକମାନେ ବ୍ୟାଙ୍କରୁ ଋଣ ନେଇ ମୋଟର କାର, ସ୍କୁଟର, ଟେଲିଭିଜନ, ରେଫ୍ରିଜେରେଟର ପରି ବିଭିନ୍ନ ଦୀର୍ଘସ୍ଥାୟୀ ଖାଉଟି ଦ୍ରବ୍ୟ କିସ୍ତିବନ୍ଦି ସୂତ୍ରରେ କ୍ରୟ କରିଥାନ୍ତି । ଏହିପରି ଋଣକୁ ଖାଉଟି ଋଣ କୁହାଯାଏ । ଅତ୍ୟଧିକ ଖାଉଟି ଋଣ ସୃଷ୍ଟି ହେବା ଯୋଗୁଁ ମୁଦ୍ରାସ୍ଫୀତି ଘଟିଥାଏ । ତେଣୁ କେନ୍ଦ୍ରୀୟ ବ୍ୟାଙ୍କ ଖାଉଟି ଋଣର ବ୍ୟବହାର ଉପରେ ସର୍ତ୍ତାଦି ଓ ବିଧିନିଷେଧ ଆରୋପ କରି କିସ୍ତିବନ୍ଦି ମୂଳକ କ୍ରୟକୁ ନିୟନ୍ତ୍ରଣ କରିଥାନ୍ତି । ଅଧିକ ଋଣମୁଦ୍ରା ପରିମାଣ ଓ ତଜ୍ଜନିତ ମୁଦ୍ରାସ୍ଫୀତି ଅବସ୍ଥାକୁ ସମ୍ଭାଳିବା ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ନିମ୍ନ ଦୁଇଟି ଉପାୟରେ ଖାଉଟି ଋଣର ପରିମାଣକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପ୍ରଥମତଃ, କେନ୍ଦ୍ରୀୟ ବ୍ୟାଙ୍କ ଦ୍ରବ୍ୟର ବିକ୍ରୟ ସମୟରେ କ୍ରେତା ଦେଉଥିବା ପ୍ରଥମ କିସ୍ତିର ପରିମାଣକୁ ବୃଦ୍ଧି କରିବାକୁ ଓ ଦ୍ୱିତୀୟତଃ, ଖାଉଟି ଋଣ ପରିଶୋଧ କରିବାର କିସ୍ତି ସଂଖ୍ୟା ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି । ଫଳରେ, ବାଣିଜ୍ୟିକ ବ୍ୟାଙ୍କମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ଋଣମୁଦ୍ରା ପରିମାଣର ହ୍ରାସ ଘଟିଥାଏ ।

ଅନ୍ୟପକ୍ଷରେ, ଋଣ ମୁଦ୍ରା ପରିମାଣର ହ୍ରାସ ଘଟିଥିଲେ ଓ ତଜ୍ଜନିତ ଅବସ୍ଫୀତି ଅବସ୍ଥାକୁ ନିୟନ୍ତ୍ରଣ କରିବା ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ଦ୍ରବ୍ୟର ବିକ୍ରୟ ସମୟରେ କ୍ରେତା ଦେଉଥିବା ପ୍ରଥମ କିସ୍ତିର ପରିମାଣକୁ ହ୍ରାସ କରିବାକୁ ଓ ଖାଉଟି ଋଣ ପରିଶୋଧ କରିବାରେ କିସ୍ତି ସଂଖ୍ୟା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି । ଫଳରେ ଋଣଗ୍ରହୀତାମାନେ ଅଧିକ ପରିମାଣରେ ଋଣ ନେବାକୁ ଆଗ୍ରହ ପ୍ରକାଶ କରିଥାନ୍ତି ଏବଂ ଋଣମୁଦ୍ରା ପରିମାଣର ବୃଦ୍ଧି ଘଟିଥାଏ । ଏହିପରି ଭାବରେ କେନ୍ଦ୍ରୀୟ ବ୍ୟାଙ୍କ କିସ୍ତିବନ୍ଦିମୂଳକ ଋଣକୁ ଉତ୍ସାହିତ ବା ନିରୁତ୍ସାହିତ କରିଥାଏ ।

(iii) **ନୈତିକ ପ୍ରବର୍ତ୍ତନା (Moral Suasion) :** କେନ୍ଦ୍ରୀୟ ବ୍ୟାଙ୍କ ହେଉଛି ବ୍ୟାଙ୍କ ମାନଙ୍କର ବ୍ୟାଙ୍କ । ଏହାର ଉପଦେଶ ଓ ପ୍ରବର୍ତ୍ତନା ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ପ୍ରଭାବିତ କରିଥାଏ । କେନ୍ଦ୍ରୀୟ ବ୍ୟାଙ୍କ

ବିଭିନ୍ନ ବ୍ୟାଙ୍କମାନଙ୍କୁ ଋଣ ନିୟନ୍ତ୍ରଣ ସମ୍ପର୍କୀୟ ନୀତି ନିୟମ ପାଳନ ନିମନ୍ତେ ଉପଦେଶ ଦେଲେ କିମ୍ବା ପ୍ରବର୍ତ୍ତାଇଲେ ତାହାକୁ ନୈତିକ ପ୍ରବର୍ତ୍ତନା କୁହାଯାଏ। ମୁଦ୍ରାସ୍ଫୀତି ସ୍ଥିତିରେ ଋଣ ପରିମାଣ ସଙ୍କୋଚନ ଓ ଅବସ୍ଫୀତି ସ୍ଥିତିରେ ଋଣ ପରିମାଣ ପ୍ରସାରଣ କରିବା ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଥାଏ। ଋଣ ନିୟନ୍ତ୍ରଣର ଏହି ପଦ୍ଧତିଟି ସୁସଙ୍ଗଠିତ ମୁଦ୍ରା ବଜାରମାନଙ୍କରେ ଅଧିକ ଫଳପ୍ରଦ ହୁଏ। କାରଣ ସେଠାରେ ସମସ୍ତ ବ୍ୟାଙ୍କ ଅନୁଷ୍ଠାନଗୁଡ଼ିକ ଉପରେ କେନ୍ଦ୍ରୀୟ ବ୍ୟାଙ୍କର ଯଥେଷ୍ଟ କର୍ତ୍ତୃତ୍ୱ ଓ ପ୍ରଭାବ ଥାଏ ଓ ସମସ୍ତେ କେନ୍ଦ୍ରୀୟ ବ୍ୟାଙ୍କର ନିର୍ଦ୍ଦେଶ ମାନି ଚଳନ୍ତି।

(iv) ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ (**Direct Action**) : ବାଣିଜ୍ୟିକ ବ୍ୟାଙ୍କମାନଙ୍କ ଅନୁଚିତ କାର୍ଯ୍ୟକଳାପ ବିରୋଧରେ କେନ୍ଦ୍ରୀୟ ବ୍ୟାଙ୍କର ଯେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ କୁହାଯାଏ।

ଋଣ ମୁଦ୍ରା ପରିମାଣର ହ୍ରାସ ସକାଶେ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ କେଉଁ କ୍ଷେତ୍ରରେ ଋଣ ପ୍ରଦାନ କରା ନ ଯିବ ଏବଂ କେଉଁ ନିର୍ଦ୍ଦିଷ୍ଟ ଦ୍ରବ୍ୟ ବନ୍ଧକ ରଖି ଋଣ ପ୍ରଦାନ କରାଯିବ ତଥା ଋଣର ବିଭିନ୍ନ ଉପଯୋଗ ନିମନ୍ତେ କେତେ ସୁଧ ଧାର୍ଯ୍ୟ କରାଯିବ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥାଏ। କୌଣସି ବ୍ୟାଙ୍କ ଏହିସବୁ ଆଦେଶ ଅମାନ୍ୟ କଲେ ବ୍ୟାଙ୍କ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ। ଉଦାହରଣ ସ୍ୱରୂପ, କେନ୍ଦ୍ରୀୟ ବ୍ୟାଙ୍କ ଆଦେଶ ଅମାନ୍ୟକାରୀ ବ୍ୟାଙ୍କ ଉପରେ ବ୍ୟାଙ୍କ ହାରଠାରୁ ଅଧିକ ଶାସ୍ତିମୂଳକ ହାର ଧାର୍ଯ୍ୟ କରିପାରେ ଏବଂ ତାହାକୁ ପୁନଃ ଅବମୂଲ୍ୟନ ମାଧ୍ୟମରେ ଋଣ ପାଇବା ସୁବିଧାରୁ ବଞ୍ଚିତ କରିପାରେ।

ଗୁଣାତ୍ମକ ଋଣ ନିୟନ୍ତ୍ରଣ କୌଶଳସମୂହ ମୁଖ୍ୟତଃ ବାଣିଜ୍ୟିକ ବ୍ୟାଙ୍କମାନଙ୍କ ପ୍ରତି ପ୍ରଯୁଜ୍ୟ। ସଙ୍ଗଠିତ ଆର୍ଥିକ ଅନୁଷ୍ଠାନ ମାନଙ୍କ ଉପସ୍ଥିତି ବିନା ସେଭଳି ନିୟନ୍ତ୍ରଣର ସୁଯୋଗ ବା ପରିସର ସୀମିତ। ବିଶେଷତଃ, ବାଣିଜ୍ୟିକ ବ୍ୟାଙ୍କମାନେ ଚାହିଁଲେ ମଧ୍ୟ ଋଣର ନିର୍ଦ୍ଧାରିତ ବ୍ୟବହାର ସମ୍ବନ୍ଧରେ ନିଶ୍ଚିତ ହେବା ବିଷୟରେ ସଫଳକାମ ହୁଅନ୍ତି ନାହିଁ। ଏଣୁ ଋଣର ବ୍ୟବହାରକୁ ନିୟନ୍ତ୍ରଣ କରିବା କଷ୍ଟସାଧ୍ୟ ହୋଇଥାଏ। ଏତଦ୍‌ବ୍ୟତୀତ, ବିନିଯୋଗ ଦ୍ୱାରା ସୃଷ୍ଟ ଆୟ ଉପରେ ବାଣିଜ୍ୟିକ ବ୍ୟାଙ୍କମାନଙ୍କର ନିୟନ୍ତ୍ରଣ ମଧ୍ୟ ନ ଥାଏ। ଗୁଣାତ୍ମକ ନିୟନ୍ତ୍ରଣମାନ ଉଭୟ ଋଣଦାତା ଏବଂ ଋଣକର୍ତ୍ତାଙ୍କର କାର୍ଯ୍ୟ ସ୍ୱାଧୀନତା ଉପରେ ଅଯଥା ହସ୍ତକ୍ଷେପ କରିଥାନ୍ତି ଏବଂ ଅର୍ଥନୈତିକ ସମ୍ବଳର ସର୍ବାଧିକ ବ୍ୟବହାର ବ୍ୟାହତ କରିପାରନ୍ତି। ଏଣୁ ଗୁଣାତ୍ମକ ଋଣ 'ନିୟନ୍ତ୍ରଣ ପଦ୍ଧତି ପ୍ରୟୋଗରେ ଅର୍ଥନୈତିକ ଲକ୍ଷ୍ୟ, ସ୍ଥିରତା ଏବଂ ଅଭିବୃଦ୍ଧି ପ୍ରତିପାଦନ କରିବା ଏକ ଦୁରୁହ ବ୍ୟାପାର।

7) **ବୈଦେଶିକ ବିନିମୟ ମୁଦ୍ରାର ତତ୍ତ୍ୱାବଧାରକ (Custodian of Foreign Exchange Reserves) :** କେନ୍ଦ୍ରୀୟ ବ୍ୟାଙ୍କ ଦେଶର ମହଜୁଦ ବୈଦେଶିକ ମୁଦ୍ରାର ତତ୍ତ୍ୱାବଧାରକ ଭାବରେ କାର୍ଯ୍ୟ କରିଥାଏ । ଦେଶରେ ପ୍ରଚଳିତ ମୁଦ୍ରାର ଆଭ୍ୟନ୍ତରୀଣ ଏବଂ ବୈଦେଶିକ ମୂଲ୍ୟରେ ସ୍ଥିରତା ଆଣିବା ସକାଶେ ଏହା ସ୍ୱର୍ଣ୍ଣ ଓ ଆନ୍ତର୍ଜାତୀୟ ମୁଦ୍ରା ମହଜୁଦ ରଖିଥାଏ । ଆଭ୍ୟନ୍ତରୀଣ ଧାତୁ ମହଜୁଦକୁ ମୁଦ୍ରା ପ୍ରଚଳନ ବୈପରୀତ୍ୟରେ ବ୍ୟବହାର କରାଯାଇଥାଏ । ବୈଦେଶିକ ବିନିମୟ ମୁଦ୍ରାର ମହଜୁଦକୁ ମୁଦ୍ରାର ବୈଦେଶିକ ମୂଲ୍ୟର  ସ୍ଥିରତା ନିମନ୍ତେ ଏବଂ ବୈଦେଶିକ ବିନିମୟ ମୁଦ୍ରାଜନିତ ସମସ୍ୟାର ସମାଧାନ ନିମିତ୍ତ ବ୍ୟବହାର କରାଯାଇଥାଏ ।

8) **ଆର୍ଥନୀତିକ ଉନ୍ନୟନର ଅଧିକର୍ତ୍ତା ଓ ବାହକ (Leader and Carrier of Economic Development) :** କେନ୍ଦ୍ରୀୟ ବ୍ୟାଙ୍କ ଅନୁନ୍ନତ ତଥା ବିକାଶଶୀଳ ଦେଶମାନଙ୍କରେ ଆର୍ଥନୀତିକ ଜୀବନଧାରଣର ମାନ ବୃଦ୍ଧି କରିବାରେ ନେତୃତ୍ୱ ନେଇଥାଏ । ଦେଶର ବିକାଶ ନିମିତ୍ତ ଆବଶ୍ୟକୀୟ ମୁଦ୍ରା ଯୋଗାଣ କରିବା ସଙ୍ଗେ ସଙ୍ଗେ ଏହା ବୈଦେଶିକ ମୁଦ୍ରା ସଂଗ୍ରହ କରିଥାଏ । ଋଣର ପରିମାଣକୁ ନିୟନ୍ତ୍ରଣ ଏବଂ ପରିଚାଳନା କରି ଏହା ମୂଲ୍ୟ ସ୍ତରରେ ସ୍ଥିରତା ରକ୍ଷା କରିଥାଏ ଏବଂ ଅର୍ଥନୈତିକ ବିକାଶସ୍ତରକୁ କ୍ଷିପ୍ର କରିଥାଏ । ବିକାଶଶୀଳ ଅର୍ଥବ୍ୟବସ୍ଥାକୁ ପୁନରୁଦ୍ଧାର କରିବାରେ, ନୂତନ ଶକ୍ତି ସଂଚାର କରିବାରେ ତଥା ସଜୀବ କରିବାରେ କେନ୍ଦ୍ରୀୟ ବ୍ୟାଙ୍କର ଏକ ବିଶିଷ୍ଟ ଭୂମିକା ରହିଥାଏ । କେତେକ ବିଶେଷ ଋଣ ପ୍ରଦାନକାରୀ ସଂସ୍ଥା ପ୍ରତିଷ୍ଠା କରି ଏହା ଶିଳ୍ପଗୁଡ଼ିକୁ ଋଣ ଦେବାରେ ସହାୟକ ହୋଇଥାଏ ଏବଂ ଶିଳ୍ପାୟନକୁ ତ୍ୱରାନ୍ୱିତ କରିଥାଏ । ଏହା କୃଷି ନିମନ୍ତେ ସୁଲଭରେ ଋଣ ଯୋଗାଇଥାଏ ଏବଂ କୃଷିର ପୁନର୍ଗଠନ କରିବା ସହିତ ଏହାକୁ ନବଜୀବନ ଓ ଶକ୍ତି ପ୍ରଦାନ କରିଥାଏ । ଉନ୍ନୟନମୂଳକ କାର୍ଯ୍ୟକଳାପ ଫଳରେ ଏହିସବୁ ଦେଶରେ ଉପୁଜୁଥିବା ମୁଦ୍ରାସ୍ଫିତିଜନିତ ପରିସ୍ଥିତିର ଉଚିତ ମୁକାବିଲା ପାଇଁ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପମାନ ନେଇଥାଏ । ବିକାଶଶୀଳ ଦେଶମାନଙ୍କରେ କେନ୍ଦ୍ରୀୟ ବ୍ୟାଙ୍କକୁ ସେଥିପାଇଁ ବିକାଶର ବାହକ ବା ଆର୍ଥନୀତିକ ବିକାଶର ଏକ ମୁଖ୍ୟ ଅଙ୍ଗଭାବରେ ବିଚାର ଏବଂ ବିବେଚନା କରାଯାଇଥାଏ । ଏକ ନିର୍ଦ୍ଦିଷ୍ଟ ଅର୍ଥବ୍ୟବସ୍ଥାରେ ମୌଦ୍ରିକ ସମ୍ପ୍ରସାରଣର ଅନୁପସ୍ଥିତିରେ ଅର୍ଥନୈତିକ ବିକାଶ ହାର ପ୍ରତିହତ ହୋଇଥାଏ । କେନ୍ଦ୍ରୀୟ ବ୍ୟାଙ୍କର ଉଭୟ ମୌଦ୍ରିକ ପ୍ରସାରଣ ଏବଂ ମୌଦ୍ରିକ ନିୟନ୍ତ୍ରଣ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ଆବଶ୍ୟକ ତଥା ଅପରିହାର୍ଯ୍ୟ । କେନ୍ଦ୍ରୀୟ ବ୍ୟାଙ୍କ ଏଠାରେ ଦ୍ୱୈତଭୂମିକା ତୁଲାଇଥାଏ ଯଥା ବିକାଶମୂଳକ ଏବଂ ନିୟନ୍ତ୍ରଣାତ୍ମକ । ଏସବୁ ଦେଶରେ କେନ୍ଦ୍ରୀୟ ବ୍ୟାଙ୍କର ଆଭିମୁଖ୍ୟ ନିୟନ୍ତ୍ରିତ ପ୍ରସାରଣ ହେବା ବାଞ୍ଛନୀୟ ।

## 8.3 ରାଷ୍ଟ୍ରୀୟ ବିତ୍ତ (Public Finance)

ଆଧୁନିକ ରାଷ୍ଟ୍ରକୁ ଏକ ଜନକଲ୍ୟାଣକାରୀ ରାଷ୍ଟ୍ରଭାବେ ବିବେଚନା କରାଯାଉଛି। କିନ୍ତୁ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ରାଷ୍ଟ୍ରକୁ ଏକ 'ଶାନ୍ତିଶୃଙ୍ଖଳାକାରୀ ରାଷ୍ଟ୍ର' (Police State) ଆଖ୍ୟା ଦେଇଥିଲେ। ସେମାନେ 'ଅବାଧ ନୀତି' (Laissez faire)ରେ ବିଶ୍ୱାସ କରୁଥିଲେ। ଦେଶର ଆର୍ଥନୀତିକ କାର୍ଯ୍ୟକଳାପରେ ସରକାରୀ ହସ୍ତକ୍ଷେପକୁ ଅନାବଶ୍ୟକ ବୋଲି ଭାବୁଥିଲେ। ଆଭ୍ୟନ୍ତରୀଣ ଆଇନ୍‌ଶୃଙ୍ଖଳା ବଜାୟ ରଖିବା, ନ୍ୟାୟ ପ୍ରଦାନ କରିବା ଏବଂ ଦେଶକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା କରିବା ସରକାରଙ୍କର ମୁଖ୍ୟ କାର୍ଯ୍ୟ ବୋଲି ମନେକରୁଥିଲେ। ଏହି ତିନୋଟି କାର୍ଯ୍ୟନିର୍ବାହ ନିମନ୍ତେ ଆବଶ୍ୟକ ହେଉଥିବା ସରକାରୀ ବ୍ୟୟ ହିଁ କେବଳ ଦରକାରୀ ଓ ଉତ୍ପାଦନଶୀଳ ବୋଲି ବିବେଚନା ହେଉଥିଲା। ସରକାରୀ ବ୍ୟୟ ସୀମିତ ଥିବାରୁ ସରକାରଙ୍କର ସ୍ୱଳ୍ପ ଆୟର ଆବଶ୍ୟକତା ଅନୁଭବ କରାଯାଉଥିଲା। ଅଧିକ ଟିକସ ବସାଇବା ପସନ୍ଦ କରାଯାଉ ନ ଥିଲା। ସରକାରଙ୍କର ସୀମିତ ବ୍ୟୟ ଓ ସ୍ୱଳ୍ପ ଆୟ ଦୃଷ୍ଟିରୁ ସରକାରଙ୍କ ଦ୍ୱାରା ଏକ କ୍ଷୁଦ୍ର ତଥା ସମତୁଲ ବଜେଟ୍ (Budget) ପ୍ରସ୍ତୁତ କରିବା ସମୀଚିନ ବୋଲି ମନେ କରାଯାଉଥିଲା। କିନ୍ତୁ ଇଂଲଣ୍ଡର ବିଶିଷ୍ଟ ଅର୍ଥନୀତିଜ୍ଞ ଜେ.ଏମ୍.କେନ୍‌ସ (J.M. Keynes)ଙ୍କ ଦ୍ୱାରା ଲିଖିତ ଯୁଗାନ୍ତକାରୀ ପୁସ୍ତକ 'ନିଯୁକ୍ତି, ସୁଧ ଓ ମୁଦ୍ରା ସମ୍ବନ୍ଧୀୟ ସାଧାରଣ ତତ୍ତ୍ୱ' (The General Theory of Employment, Interest and Money) ପ୍ରକାଶିତ ହେବାପରେ ସଂସ୍ଥାପକ ଅର୍ଥଶାସ୍ତ୍ରୀମାନଙ୍କର ରାଷ୍ଟ୍ର ସମ୍ପର୍କରେ ରକ୍ଷଣଶୀଳ ମନୋବୃତ୍ତି ତଥା ସରକାରଙ୍କ ପାରମ୍ପରିକ କାର୍ଯ୍ୟକଳାପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି। ସମ୍ପ୍ରତି 'ଅବାଧନୀତି'ରେ ବିଶ୍ୱାସ କରାଯାଉ ନାହିଁ। ସରକାରଙ୍କ ହସ୍ତକ୍ଷେପ ବିନା କୌଣସି ଆର୍ଥନୀତିକ ସମସ୍ୟା ସମାଧାନ ହୋଇପାରିବ ନାହିଁ ବୋଲି ଅନୁଭବ କରାଯାଉଛି। ଆଭ୍ୟନ୍ତରୀଣ ଆଇନ୍ ଶୃଙ୍ଖଳା ବଜାୟ ରଖିବା ତଥା ଦେଶକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା କରିବା ଆଦି ପାରମ୍ପରିକ କାର୍ଯ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ଜଳଯୋଗାଣ, ଗମନାଗମନ ଇତ୍ୟାଦି ଅତ୍ୟାବଶ୍ୟକ ଦ୍ରବ୍ୟ ଓ ସେବା ଯୋଗାଇ ଦେଉଛନ୍ତି। ଏତଦ୍‌ବ୍ୟତୀତ ବେକାରି ତଥା ଦାରିଦ୍ର୍ୟର ବିଲୋପ, ଧନୀ ଦରିଦ୍ର ମଧ୍ୟରେ ଥିବା ଆୟ ଓ ସମ୍ପତ୍ତି ବଣ୍ଟନରେ ତାରତମ୍ୟର ଦୂରୀକରଣ, ଦରଦାମରେ ସ୍ଥିରତା ରକ୍ଷା ଏବଂ ସର୍ବୋପରି ସ୍ୱଳ୍ପ ବିକଶିତ ରାଷ୍ଟ୍ରମାନଙ୍କରେ ଆର୍ଥନୀତିକ ବିକାଶ ହାରକୁ ତ୍ୱରାନ୍ୱିତ କରିବାରେ ସରକାର ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ଏହିଭଳି ବହୁବିଧ କାର୍ଯ୍ୟ ସମ୍ପାଦନା ନିମନ୍ତେ ସରକାରଙ୍କୁ ବିପୁଳ ବ୍ୟୟ କରିବାକୁ ପଡୁଛି। ଏହି ବ୍ୟୟକୁ ଭରଣା କରିବା ନିମିତ୍ତ ସରକାରଙ୍କୁ ବିଭିନ୍ନ ଉପାୟରେ ସମ୍ବଳ ସଂଗ୍ରହ କରିବା ଆବଶ୍ୟକ ହେଉଛି। ସୁତରାଂ ରାଷ୍ଟ୍ରୀୟ ବିତ୍ତର ଅଧ୍ୟୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## 8.3.1 ରାଷ୍ଟ୍ରୀୟ ବିତ୍ତର ଅର୍ଥ

ଅନେକ ଅର୍ଥଶାସ୍ତ୍ରୀ ରାଷ୍ଟ୍ରୀୟବିତ୍ତକୁ ସରକାରୀ ବିତ୍ତ (Government Finance) ଭାବରେ ନାମିତ କରିଛନ୍ତି। ଏହାକୁ ମଧ୍ୟ ଲୋକବିତ୍ତ କୁହାଯାଏ। ଦୁଇଟି ଶବ୍ଦ ଯଥା 'ଲୋକ' ଓ 'ବିତ୍ତ'ର ସମାହାରରୁ 'ଲୋକବିତ୍ତ' ସୃଷ୍ଟି। ସାଧାରଣ ଅର୍ଥରେ ଲୋକ କହିଲେ ଏକ ନିର୍ଦ୍ଦିଷ୍ଟ ପ୍ରଶାସନିକ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ କର୍ତ୍ତୃପକ୍ଷ (ସରକାର)ଙ୍କୁ ବୁଝାଏ ଏବଂ ବିତ୍ତ କହିଲେ ଆୟ-ବ୍ୟୟ ଓ ଏହାର ପରିଚାଳନାକୁ ବୁଝାଏ। ସରକାର (କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ପୌରସଭା, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପଞ୍ଚାୟତ ଭଳି ସ୍ୱାୟତ୍ତ ଶାସନ ସଂସ୍ଥା) ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ପୂର୍ବରୁ ବର୍ଣ୍ଣିତ ବହୁବିଧ କାର୍ଯ୍ୟ କରନ୍ତି ଏବଂ ସେଥିପାଇଁ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରନ୍ତି। ଏହି ବ୍ୟୟ ସକାଶେ ସରକାର ବିଭିନ୍ନ ଉପାୟରେ ସମ୍ବଳ ସଂଗ୍ରହ କରିଥାନ୍ତି। ସରକାରଙ୍କର ଏହି ଆୟ-ବ୍ୟୟ କାର୍ଯ୍ୟାବଳୀର ଅଧ୍ୟୟନ କରୁଥିବା ବିଷୟଟିକୁ ଲୋକବିତ୍ତ ବା ରାଷ୍ଟ୍ରୀୟ ବିତ୍ତ କୁହାଯାଏ। ରାଷ୍ଟ୍ରୀୟ ବିତ୍ତର ଅର୍ଥ ଜାଣିବା ସକାଶେ କେତେକ ବିଶିଷ୍ଟ ଅର୍ଥଶାସ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ସଂଜ୍ଞା ଉପସ୍ଥାପନ କରିବା ଆବଶ୍ୟକ ମନେହୁଏ।

ଡାଲଟନ୍‌ଙ୍କ ମତରେ, "ରାଷ୍ଟ୍ରୀୟ ବିତ୍ତ ସେହି ବିଷୟମାନଙ୍କ ମଧ୍ୟରେ ଅନ୍ୟତମ ଯାହା ଅର୍ଥନୀତି ଓ ରାଜନୀତିର ସୀମାରେଖାରେ ଅବସ୍ଥିତ। ଏହା ସରକାରଙ୍କ ଆୟ ଓ ବ୍ୟୟ ଏବଂ ଗୋଟିକର ଅନ୍ୟଟି ସହିତ ସମାଯୋଜନ ସହ ସମ୍ପୃକ୍ତ।" (Public finance is one of those subjects that lie on the borderline between economics and politics. It is concerned with the income and expenditure of public authorities and with the adjustment of one to the other)।

ବିଶିଷ୍ଟ ଅର୍ଥଶାସ୍ତ୍ର ବିଶାରଦ ବାଷ୍ଟାବଲ୍‌ଙ୍କ ଭାଷାରେ "ରାଷ୍ଟ୍ରୀୟ ବିତ୍ତ, ରାଷ୍ଟ୍ରର ସାଧାରଣ କର୍ତ୍ତୃପକ୍ଷଙ୍କ ବ୍ୟୟ ଓ ଆୟ ଏବଂ ସେମାନଙ୍କ ପାରସ୍ପରିକ ସମ୍ପର୍କ ତଥା ବିତ୍ତୀୟ ପ୍ରଶାସନ ଓ ନିୟନ୍ତ୍ରଣର ଅଧ୍ୟୟନ ସହ ସମ୍ପୃକ୍ତ।" (Public finance deals with expenditure and income of public authorities of the state and their mutual relation as also with the financial administration and control)।

## 8.3.2 ରାଷ୍ଟ୍ରୀୟବିତ୍ତର ବିଷୟବସ୍ତୁ (Subject Matter of Public Finance)

ରାଷ୍ଟ୍ରୀୟ ବିତ୍ତର ବିଷୟବସ୍ତୁକୁ ମୂଳତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥାଏ। ସେଗୁଡ଼ିକ ହେଲା- ସରକାରୀ ବ୍ୟୟ, ସରକାରୀ ଆୟ, ସରକାରୀ ଋଣ, ରାଜକୋଷୀୟ ପ୍ରଶାସନ ଏବଂ ସଂଘୀୟ ବିତ୍ତ।

1. **ସରକାରୀ ବ୍ୟୟ:** ଜନସାଧାରଣଙ୍କ କଲ୍ୟାଣ ତଥା ଆର୍ଥନୀତିକ ବିକାଶ ନିମିତ୍ତ ସରକାର ସମ୍ପାଦନ କରୁଥିବା ବହୁବିଧ କାର୍ଯ୍ୟ ସମ୍ପର୍କିତ ବ୍ୟୟକୁ ସରକାରୀ ବ୍ୟୟ କୁହାଯାଏ। ରାଷ୍ଟ୍ରୀୟ ବିତ୍ତର ଏହି ବିଭାଗ ସରକାରୀ ବ୍ୟୟ ସମ୍ବନ୍ଧୀୟ ନୀତି ଓ ସମସ୍ୟା ସହିତ ସମ୍ପୃକ୍ତ।

2. **ସରକାରୀ ଆୟ:** ରାଷ୍ଟ୍ରୀୟ ବିତ୍ତର ଏହି ବିଭାଗ ସରକାରଙ୍କ ବିଭିନ୍ନ ଆୟର ଉତ୍ସ ଯଥା କର-ରାଜସ୍ୱ ଓ ଅଣକର-ରାଜସ୍ୱ ସମ୍ବନ୍ଧରେ ଆଲୋଚନା କରିଥାଏ। ତତ୍ ସଙ୍ଗେ ସଙ୍ଗେ ବିଭିନ୍ନ କରଦାତାଙ୍କ ମଧ୍ୟରେ କରାଧାନ ଭାର ବଣ୍ଟନକୁ ନିୟନ୍ତ୍ରଣ କରୁଥିବା ନୀତି ଏବଂ ଲୋକମାନଙ୍କ ଉପରେ କରାଧାନର ପ୍ରଭାବ ଏହି ବିଭାଗ ଅଧ୍ୟୟନ କରିଥାଏ।

3. **ସରକାରୀ ଋଣ:** ଏହି ବିଭାଗରେ ସରକାରୀ ଋଣ ଗ୍ରହଣର ବିଭିନ୍ନ ଉପାୟ, ଋଣର ପରିମାଣ, ଋଣ ପରିଶୋଧର ବିଭିନ୍ନ ପଦ୍ଧତି ତଥା ସରକାରୀ ଋଣର ଆର୍ଥନୀତିକ ପ୍ରଭାବ ସମ୍ପର୍କରେ ଅଧ୍ୟୟନ କରାଯାଇଥାଏ।

4. **ରାଜକୋଷୀୟ ପ୍ରଶାସନ:** ରାଜକୋଷୀୟ ପ୍ରଶାସନ ରାଷ୍ଟ୍ରର ବିଭିନ୍ନ ବିତ୍ତୀୟ କାର୍ଯ୍ୟକଳାପ ସମ୍ପାଦନ କରିବାରେ ସରକାରୀ କଳର କାର୍ଯ୍ୟକାରିତା ବିଷୟରେ ଆଲୋକପାତ କରିଥାଏ। ବିଶେଷତଃ ବଜେଟ୍ ପ୍ରସ୍ତୁତି, ବଜେଟ ଉପସ୍ଥାପନା ଓ ଗୃହୀତ ହେବା ଇତ୍ୟାଦି କାର୍ଯ୍ୟ ଏହି ବିଭାଗରେ ଆଲୋଚନା କରାଯାଏ।

5. **ସଂଘୀୟ ବିତ୍ତ:** ଏହି ବିଭାଗରେ ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ ଥିବା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିତ୍ତୀୟ ସମ୍ପର୍କ, ବିତ୍ତୀୟ ସମ୍ବଳର ଆବଣ୍ଟନ ଏବଂ ବିତ୍ତୀୟ ସମାଯୋଜନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥାଏ।

ରାଷ୍ଟ୍ରୀୟ ଆୟବ୍ୟୟର ପରିସର ଓ ବିଷୟବସ୍ତୁ ସ୍ଥାଣୁ ନୁହେଁ। ଏଥିରେ ପ୍ରଗତିଗାମୀ ଉପାଦାନ ରହିଛି। ରାଷ୍ଟ୍ରର କାର୍ଯ୍ୟରେ ପରିବର୍ତ୍ତନ ସହ ରାଷ୍ଟ୍ରୀୟ ବିତ୍ତ ନିରବଚ୍ଛିନ୍ନ ଭାବେ ବ୍ୟାପକତର ହେବାରେ ଲାଗିଛି। ସୁତରାଂ, ସମୟର ରଥଚକ୍ରରେ ରାଷ୍ଟ୍ରୀୟ ବିତ୍ତର ପରିସର ଓ ବିଷୟର ପରିବର୍ତ୍ତନ ଅବଶ୍ୟମ୍ଭାବୀ।

### 8.3.3 ସରକାରୀ ରାଜସ୍ୱର ଉତ୍ସ (Sources of Government/Public Revenue)

ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ସରକାରଙ୍କୁ ବହୁବିଧ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଥାଏ। ଏହି ସମସ୍ତ କାର୍ଯ୍ୟ ସମ୍ପର୍କରେ ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି। ସରକାର ସମ୍ପାଦନ କରୁଥିବା ବିସ୍ତୃତ କାର୍ଯ୍ୟାବଳୀ ନିମନ୍ତେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ। ଏହି ବ୍ୟୟର ଭରଣା ନିମନ୍ତେ ସରକାର ବିଭିନ୍ନ ଉପାୟରେ ସମ୍ବଳ ବା ଅର୍ଥ ସଂଗ୍ରହ କରିଥାନ୍ତି। ସମସ୍ତ ଉତ୍ସରୁ ସରକାରଙ୍କ ପାଖକୁ ଆସୁଥିବା ପ୍ରାପ୍ତିକୁ ସରକାରୀ ଆୟ କୁହାଯାଏ। ବିଶିଷ୍ଟ

ଅର୍ଥଶାସ୍ତ୍ରୀ ଡାଲଟନ୍ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ରାଷ୍ଟ୍ରୀୟ ବିତ୍ତ' (Public Finance)ରେ ସରକାରୀ ଆୟକୁ ଦୁଇଟି ଅର୍ଥରେ ବ୍ୟାଖ୍ୟା କରିଛନ୍ତି । ସଂକୀର୍ଣ୍ଣ ଅର୍ଥରେ ସରକାରୀ ଆୟକୁ ସରକାରୀ ରାଜସ୍ୱ କୁହାଯାଏ । ନିଜ ଉପରେ ଦେୟତା ବୃଦ୍ଧି ନ କରି ସରକାର ଯେଉଁ ଆୟ ଗ୍ରହଣ କରିଥାନ୍ତି ତାହାକୁ ସରକାରୀ ରାଜସ୍ୱ କୁହାଯାଏ । କିନ୍ତୁ ବ୍ୟାପକ ଅର୍ଥରେ, ସରକାରୀ ଆୟ କହିଲେ ସମସ୍ତ ଉତ୍ସରୁ ସରକାରଙ୍କର ପ୍ରାପ୍ତିକୁ ବୁଝାଏ । ଏହି ଅର୍ଥରେ ସରକାରୀ ରାଜସ୍ୱ ତଥା ସରକାରୀ ଋଣ ଓ ଅଧିକ ନୋଟ ମୁଦ୍ରଣର ସମଷ୍ଟିକୁ ସରକାରୀ ପ୍ରାପ୍ତି କୁହାଯାଏ ।


ସରକାରୀ ପ୍ରାପ୍ତି (Government receipts) = ସରକାରୀ ରାଜସ୍ୱ + ସରକାରୀ ଋଣ + ଅଧିକ ନୋଟ ମୁଦ୍ରଣ

ସରକାରୀ ରାଜସ୍ୱକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ତାହା ହେଲା-

(a) କର ରାଜସ୍ୱ (Tax Revenue)

(b) ଅଣକର ରାଜସ୍ୱ (Non-tax Revenue)

ନିମ୍ନରେ ଦିଆଯାଇଥିବା ଚିତ୍ରରୁ ସରକାରୀ ରାଜସ୍ୱର ଉତ୍ସ ସମ୍ପର୍କରେ ସମ୍ୟକ ଧାରଣା ମିଳିଥାଏ ।




ଚିତ୍ର - ୪.1 : ସରକାରୀ ରାଜସ୍ୱର ଉତ୍ସ

ସମସ୍ତ କର ରାଜସ୍ୱ ଓ ଅଣକର ରାଜସ୍ୱର ସମଷ୍ଟିକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା- ଉପାର୍ଜିତ ଆୟ (Earned Revenue) ଏବଂ ଅନୁପାର୍ଜିତ ଆୟ (Unearned Revenue) । ବାଣିଜ୍ୟିକ ଆୟ, ଯଥା ସରକାରୀ ଅଧିକୃତ ଭାଗରୁ ଆୟ ଏବଂ ସରକାରୀ ଉଦ୍ୟୋଗରୁ ଆୟ ଉପାର୍ଜିତ ଆୟରେ ଅନ୍ତର୍ଭୁକ୍ତ ହୋଇଥାଏ । ଅପରପକ୍ଷରେ, କର, ପ୍ରଶାସନିକ ରାଜସ୍ୱ, ଦାନ ଓ ଅନୁଦାନ ଅନୁପାର୍ଜିତ ଆୟରେ ଅନ୍ତର୍ଭୁକ୍ତ ହୋଇଥାଏ ।

ନିମ୍ନରେ ସରକାରୀ ରାଜସ୍ୱର ବିଭିନ୍ନ ଉତ୍ସ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

(A) **କର ରାଜସ୍ୱ (Tax Revenue) :** କର ସରକାରୀ ରାଜସ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉତ୍ସ । କରରୁ ମିଳୁଥିବା ରାଜସ୍ୱକୁ କର ରାଜସ୍ୱ କୁହାଯାଏ । କରର ଅର୍ଥ ଜାଣିବା ପାଇଁ କେତେକ ବିଶିଷ୍ଟ ଅର୍ଥଶାସ୍ତ୍ରୀଙ୍କର ସଂଜ୍ଞା ଉପସ୍ଥାପନ କରିବା ଆବଶ୍ୟକ ମନେହୁଏ । ଫିଲିପ୍ ଟେଲରଙ୍କ ମତରେ "କରଦାତା କୌଣସି ପ୍ରତ୍ୟକ୍ଷ ଲାଭ ବା ସୁବିଧାର ଆଶା ନ ରଖି ସରକାରଙ୍କୁ ଦେଉଥିବା ଏକ ବାଧ୍ୟତାମୂଳକ ଅର୍ଥ ପ୍ରଦାନକୁ କର କୁହାଯାଏ ।" (Taxes are compulsory payments to Governments without expectation of direct returns of benefits to the tax payer) ।

ସେଲିଗ୍‌ମେନଙ୍କ ମତରେ, "କୌଣସି ବିଶେଷ ଉପକାର ସହିତ ସମ୍ପର୍କ ନ ଥାଇ ସର୍ବସାଧାରଣଙ୍କ ସ୍ୱାର୍ଥ ସାଧନ ସକାଶେ ହେଉଥିବା ବ୍ୟୟର ଭରଣା ନିମିତ୍ତ ବ୍ୟକ୍ତିବିଶେଷ ସରକାରଙ୍କୁ ଅର୍ଥ ଆକାରରେ ଯେଉଁ ବାଧ୍ୟତାମୂଳକ ଦେୟ ଦେଇଥାନ୍ତି, ତାହାକୁ କର କୁହାଯାଏ ।" (A tax is a compulsory contribution from a person to the Government to defray the expenses incurred in the common interest of all without reference to special benefits conferred) ।

ଏହି ସମସ୍ତ ସଂଜ୍ଞାରେ କରର ନିମ୍ନଲିଖିତ ବୈଶିଷ୍ଟ୍ୟ ପରିଦୃଷ୍ଟ ହୋଇଥାଏ ।

1. କର ଏକ ବାଧ୍ୟତାମୂଳକ ଦେୟ । ଆଇନ ଅନୁଯାୟୀ ଯେଉଁ ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କ ଉପରେ କର ଧାର୍ଯ୍ୟ କରାଯାଏ ସେ କର ଦେବାକୁ ବାଧ୍ୟ । ସେ କର ନ ଦେବା ବା ଫାଙ୍କିବା ଆଇନ୍ ଦୃଷ୍ଟିରୁ ଏକ ଦଣ୍ଡନୀୟ ଅପରାଧ ।
2. କର ଦାନ ଏକ ବ୍ୟକ୍ତିଗତ ଦାୟିତ୍ୱ । ଏହା ଲୋକଙ୍କ ଆୟ, ଦ୍ରବ୍ୟ ବା ସମ୍ପତ୍ତି ଉପରେ ଆରୋପିତ ହୋଇପାରେ । କିନ୍ତୁ ଏହା ଲୋକମାନଙ୍କଠାରୁ ଆଦାୟ କରାଯାଇଥାଏ ।
3. କର ଦାନରେ କରଦାତାର ତ୍ୟାଗ ନିହିତ ହୋଇଥାଏ । ବ୍ୟକ୍ତିବିଶେଷ ସମ୍ପତ୍ତି ତଥା ଶ୍ରମରୁ ମିଳୁଥିବା ଆୟରୁ ସରକାରଙ୍କୁ କର ଦେବା ଯୋଗୁଁ ତାଙ୍କର ଖର୍ଚ୍ଚଯୋଗ୍ୟ ଆୟ ହ୍ରାସ ପାଇଥାଏ । ଫଳରେ କରଦାତାର ଉପଭୋଗ ପରିମାଣ ହ୍ରାସ ପାଇଥାଏ । ତେଣୁ କୌଣସି ବ୍ୟକ୍ତି ହସମୁଖ ହୋଇ କର ଦେଇ ନଥାନ୍ତି ।

(i) ଫିସ୍ (Fee)

(ii) ଲାଇସେନ୍‌ସ ଫିସ୍ (Licence Fee)

(iii) ଜୋରିମାନା (Fines)

(iv) ବାଜ୍ୟାପ୍ତି (Forfeitures)

(v) ଉତ୍ତରାଧିକାରୀ ଅଭାବରେ ସମ୍ପତ୍ତି ବାଜ୍ୟାପ୍ତି (Escheat)

(vi) ସ୍ୱତନ୍ତ୍ର ନିର୍ଦ୍ଧାରଣ (Special Assessment)

(i) **ଫିସ୍:** ସରକାର ଜନସାଧାରଣଙ୍କ ହିତ ଦୃଷ୍ଟିରୁ କେତେକ ସେବା ପୁନଃପୌନିକ ଭାବରେ ସମ୍ପାଦନ କରିଥାନ୍ତି। ଏହିଭଳି ପ୍ରତ୍ୟେକ ସେବା ପ୍ରଦାନରେ ବ୍ୟୟ ତୁଲାଇବା ସକାଶେ ଯେଉଁ ବ୍ୟକ୍ତି ଏଥିରୁ ସ୍ୱତନ୍ତ୍ର ସୁବିଧା ପାଆନ୍ତି ତାଙ୍କଠାରୁ ସରକାର କିଛି ପାଉଣା ଆଦାୟ କରିଥାନ୍ତି। ଉକ୍ତ ପାଉଣାକୁ ଫିସ୍ କୁହାଯାଏ। ସେଲିଗ୍‌ମେନ୍‌ଙ୍କ ମତରେ "ଫିସ୍ ହେଉଛି ଏକ ଅର୍ଥଦାନ ଯାହାକି ମୁଖ୍ୟତଃ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କିନ୍ତୁ ଫିସ୍‌ଦାତାଙ୍କୁ ପରିମାପଯୋଗ୍ୟ ସ୍ୱତନ୍ତ୍ର ସୁବିଧା ଦେବାପାଇଁ ସରକାରଙ୍କ ଦ୍ୱାରା ସମ୍ପାଦିତ ହେଉଥିବା ପ୍ରତ୍ୟେକ ସେବାର ଖର୍ଚ୍ଚ ତୁଲାଇବା ସକାଶେ ପ୍ରଦାନ କରାଯାଇଥାଏ।" (Fee is a payment to defray the cost of each recurring service undertaken by the government primarily in the public interest but conferring a measurable special advantage on the fee payer) । ଅର୍ଥାତ୍, ସର୍ବସାଧାରଣଙ୍କ ଉପକାର ସକାଶେ ସରକାରଙ୍କ ଦ୍ୱାରା ସମ୍ପାଦିତ ହେଉଥିବା ସେବାରୁ ଜଣେ ବ୍ୟକ୍ତି ନିଜେ ଉପଭୋଗ କରୁଥିବା ସ୍ୱତନ୍ତ୍ର ସୁବିଧା ପାଇଁ ସରକାରଙ୍କୁ ଦେଉଥିବା ବାଧ୍ୟତାମୂଳକ ଅର୍ଥ ଦାନକୁ ଫିସ୍ କୁହାଯାଏ। କୋର୍ଟ ଫିସ୍ ଓ କଲେଜ୍ ଟ୍ୟୁସନ୍ ଫିସ୍ ଇତ୍ୟାଦି ଏହାର ଉଦାହରଣ।

ଫିସ୍‌ର ତିନୋଟି ବୈଶିଷ୍ଟ୍ୟ ପରିଦୃଷ୍ଟ ହୋଇଥାଏ। ପ୍ରଥମତଃ, ଯେଉଁ ବ୍ୟକ୍ତି ସରକାରଙ୍କ ସେବା ପ୍ରଦାନରୁ ସ୍ୱତନ୍ତ୍ର ସୁବିଧା ପାଆନ୍ତି ତାଙ୍କ ଉପରେ ଫିସ୍ ଧାର୍ଯ୍ୟ କରାଯାଏ। ଦ୍ୱିତୀୟତଃ, ଫିସ୍ ଆକାରରେ ଦିଆଯାଉଥିବା ପାଉଣା ପ୍ରାପ୍ତ ଉପକାର ମୂଲ୍ୟର ଆନୁପାତିକ ବା ଅଣଆନୁପାତିକ ହୋଇପାରେ। ତୃତୀୟତଃ, ଯଦି ଜଣେ ବ୍ୟକ୍ତି ସରକାରଙ୍କ ପ୍ରଦତ୍ତ ସେବାରୁ ପାଉଥିବା ସୁବିଧାକୁ ପରିତ୍ୟାଗ କରିବାକୁ ପ୍ରସ୍ତୁତ ସେ ଫିସ୍ ଦେବାର ପ୍ରୟୋଜନ ନ ଥାଏ।

(ii) **ଲାଇସେନ୍ସ ଫିସ୍:** ସେଲିଗ୍‌ମେନ୍‌ଙ୍କ ମତରେ "ସେହି ସମସ୍ତ କ୍ଷେତ୍ରରେ ଲାଇସେନ୍ସ ଫିସ୍ ପ୍ରଦାନ କରାଯାଇଥାଏ ଯେଉଁଠାରେ କୌଣସି ନିର୍ଦ୍ଦିଷ୍ଟ ବା ସ୍ପଷ୍ଟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଫିସ୍‌ଦାତାଙ୍କୁ

ବିଶେଷ ଅନୁମତି ବା ସୁବିଧା ଦିଆଯାଇଥାଏ।" (A licence fee is paid in those instances in which the government authority is invoked simply to confer a permission or a privilege rather to perform a service of more tangible and definite sort) । ଅର୍ଥାତ୍, ଯେତେବେଳେ ସରକାର ଜଣେ ବ୍ୟକ୍ତିକୁ ଗୋଟିଏ କାର୍ଯ୍ୟ କରିବାକୁ ଅନୁମତି ବା ସୁବିଧା ଦେଇଥାନ୍ତି ତାଙ୍କଠାରୁ ଲାଇସେନ୍ସ ଫି ଆଦାୟ କରନ୍ତି। କିନ୍ତୁ ଯେତେବେଳେ ସରକାର ଜଣେ ବ୍ୟକ୍ତିଙ୍କୁ ଏକ ସକରାତ୍ମକ ସେବା ପ୍ରଦାନ କରିଥାନ୍ତି ତାଙ୍କଠାରୁ ଫିସ୍ ଆଦାୟ କରନ୍ତି। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ମୋଟର କାର ଚଳାଇବା ସକାଶେ ଅନୁମତି ପାଇବା ପାଇଁ ହେଲେ ସରକାରଙ୍କୁ ଲାଇସେନ୍ସ ଫିସ୍ ଦେବାକୁ ପଡ଼ିବ। ଠିକ୍ ସେହିପରି ମଦ, ଗଞ୍ଜେଇ, ଅଫିମ ଆଦି ମାଦକଦ୍ରବ୍ୟ ବ୍ୟବସାୟ କରିବାକୁ ହେଲେ ସରକାରଙ୍କୁ ଲାଇସେନ୍ସ ଫିସ୍ ଦେବାକୁ ହେବ। ଏଠାରେ ମନେ ରଖିବାକୁ ହେବ ଯେ, ଲାଇସେନ୍ସ ଫିସ୍ ବସାଇବା ଉଦ୍ଦେଶ୍ୟ କେବଳ ରାଜସ୍ୱ ଆଦାୟ କରିବା ନୁହେଁ ବରଂ ଏହାଦ୍ୱାରା ବ୍ୟକ୍ତିବିଶେଷଙ୍କ ଆଚରଣକୁ ନିୟନ୍ତ୍ରଣ କରିବା।

(iii) **ଜୋରିମାନା:** ଆଇନ ଭଙ୍ଗ କଲେ ଯେଉଁ ଆର୍ଥିକ ଦଣ୍ଡ ଦିଆଯାଏ ତାହାକୁ ଜୋରିମାନା କୁହାଯାଏ। ସରକାରଙ୍କର ଜୋରିମାନା ଆଦାୟ କରିବାର ଉଦ୍ଦେଶ୍ୟ ରାଜସ୍ୱ ସଂଗ୍ରହ ନୁହେଁ, ବରଂ ଜନସାଧାରଣଙ୍କୁ ବେଆଇନ୍ ଓ ଅସାମାଜିକ କାର୍ଯ୍ୟରୁ ନିବୃତ୍ତ କରାଇବା। ଏହି ସୂତ୍ରରୁ ଆଦାୟ କରାଯାଉଥିବା ରାଜସ୍ୱ ପରିମାଣ ଦୃଷ୍ଟିରୁ ନିତାନ୍ତ ନଗଣ୍ୟ।

(iv) **ବ୍ୟାଜ୍ୟାପ୍ତି:** ନାଗରିକମାନେ ଆଇନ ଅନୁଯାୟୀ କରିଥିବା ଚୁକ୍ତି ଭଙ୍ଗ କଲେ ବା ଅଙ୍ଗୀକାରରୁ ଓହରିଲେ ଦଣ୍ଡ ସ୍ୱରୂପ ସେମାନଙ୍କ ପ୍ରାପ୍ୟ ଅର୍ଥରୁ ତାଙ୍କୁ ବଞ୍ଚିତ କରାଯାଏ। ଏହାକୁ ବ୍ୟାଜ୍ୟାପ୍ତି କୁହାଯାଏ। ଉଦାହରଣ ସ୍ୱରୂପ, ଚୁକ୍ତି ଅନୁଯାୟୀ ଜାମିନରେ ଛଡ଼ାଯାଇଥିବା ଜଣେ ଅଭିଯୁକ୍ତ ଅଦାଲତରେ ଠିକ୍ ସମୟରେ ହାଜର ନ ହେଲେ ଦଣ୍ଡ ସ୍ୱରୂପ ତାଙ୍କର ଅଙ୍ଗୀକାର ପତ୍ର ଏବଂ ଜମା ବ୍ୟାଜ୍ୟାପ୍ତି ହୋଇଥାଏ। ସେହିପରି, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ପ୍ରାର୍ଥୀ ଯଦି ସ୍ଥିରୀକୃତ ପରିମାଣରୁ କମ୍ ଭୋଟ ପାଇଥାନ୍ତି ତାଙ୍କର ଜମା ବ୍ୟାଜ୍ୟାପ୍ତି ହୋଇଥାଏ। ଜୋରିମାନା ପରି ବ୍ୟାଜ୍ୟାପ୍ତିରୁ ମିଳୁଥିବା ରାଜସ୍ୱର ପରିମାଣ ମଧ୍ୟ ଅତ୍ୟନ୍ତ ନଗଣ୍ୟ।

(v) **ସ୍ୱତନ୍ତ୍ର ନିର୍ଦ୍ଧାରଣ:** ସେଲିଗ୍‌ମେନ୍‌ଙ୍କ ମତରେ, "ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟ ହେଲେ ତାହାର ଖର୍ଚ୍ଚ ତୁଲାଇବା ପାଇଁ ଯେଉଁ ସମ୍ପତ୍ତିର ନିର୍ଦ୍ଦିଷ୍ଟ ଭାବରେ ଉନ୍ନତି ହୋଇଥାଏ ତାହାର ମାଲିକ ଉପରେ ବିଶେଷ ସୁବିଧା ପ୍ରାପ୍ତି ଅନୁପାତରେ ଧାର୍ଯ୍ୟ କରାଯାଉଥିବା

ବାଧ୍ୟତାମୂଳକ ଦେୟକୁ ବିଶେଷ ନିର୍ଦ୍ଧାରଣ କୁହାଯାଏ।" (Special assessement is a compulsory contribution, levied in proportion to the special benefits derived to defray the cost of a specific improvement to property undertaken in the public interest)।

ରାସ୍ତା ନିର୍ମାଣ ଓ ଜଳସେଚନର ସୁବିଧା ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା କେନାଲ ଖନନ ଭଳି କେତେକ ଉନ୍ନୟନମୂଳକ କାର୍ଯ୍ୟ ଦ୍ୱାରା ସାଧାରଣ ଭାବେ ସମାଜର ମଙ୍ଗଳ ହୋଇଥାଏ। ତତ୍ ସଙ୍ଗେ ସଙ୍ଗେ ସେହି ରାସ୍ତା ନିକଟରେ ଥିବା ଘର ବା ଜମି ଏବଂ କେନାଲ କୂଳରେ ଥିବା ଜମିର ମୂଲ୍ୟ ବୃଦ୍ଧି ହେବା ଯୋଗୁଁ ସେହି ଘର ଏବଂ ଜମିର ମାଲିକମାନେ ବିଶେଷ ସୁବିଧା ପାଇଥାନ୍ତି। ଏହି ଉନ୍ନୟନ କାର୍ଯ୍ୟ ପାଇଁ କରାଯାଉଥିବା ସାଧାରଣ ବ୍ୟୟର ଅଂଶ ସ୍ୱରୂପ ଏହାଦ୍ୱାରା ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇଥିବା ସମ୍ପତ୍ତି ମାଲିକଙ୍କଠାରୁ ସ୍ୱତନ୍ତ୍ର ନିର୍ଦ୍ଧାରଣ ଆଦାୟ କରାଯାଇଥାଏ।

ସ୍ୱତନ୍ତ୍ର ନିର୍ଦ୍ଧାରଣକୁ ସମୁନ୍ନତିକର (Betterment levy) ବୋଲି ମଧ୍ୟ କୁହାଯାଏ। ଉଦାହରଣ ସ୍ୱରୂପ, ଏକ ଜାତୀୟ ରାଜପଥ ବା ଏକ ବହୁମୁଖୀ ନଦୀବନ୍ଧ ଯୋଗୁଁ ଯେଉଁ ଅଞ୍ଚଳ ଉନ୍ନତ ହୁଏ, ସରକାର ସେହି ଅଞ୍ଚଳରେ ସମୁନ୍ନତି କର ଧାର୍ଯ୍ୟ କରିପାରିବେ।

ସ୍ୱତନ୍ତ୍ର ନିର୍ଦ୍ଧାରଣର ପ୍ରଧାନ ବୈଶିଷ୍ଟ୍ୟ ହେଲା-

(a) ସରକାରଙ୍କର ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ କରାଯାଉଥିବା ଉନ୍ନୟନ କାର୍ଯ୍ୟଦ୍ୱାରା ଯେଉଁ ସମ୍ପତ୍ତି ମାଲିକ ସ୍ୱତନ୍ତ୍ର ସୁବିଧା ପାଆନ୍ତି କେବଳ ତାଙ୍କ ଉପରେ ବିଶେଷ ନିର୍ଦ୍ଧାରଣ ଧାର୍ଯ୍ୟ କରାଯାଇଥାଏ।

(b) ବିଶେଷ ନିର୍ଦ୍ଧାରଣ, ମିଳୁଥିବା ବିଶେଷ ସୁବିଧା ସହିତ ସମାନୁପାତିକ ହୋଇଥାଏ।

(c) ବିଶେଷ ନିର୍ଦ୍ଧାରଣର ପରିସର ସୀମିତ।

(d) ଏହା ଥରେ ମାତ୍ର ପ୍ରଦାନ କରାଯାଇଥାଏ।

b. **ବାଣିଜ୍ୟିକ ରାଜସ୍ୱ:** ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଉତ୍ପାଦିତ ଦ୍ରବ୍ୟ ଓ ସେବା ବିକ୍ରୟରୁ ଏବଂ ସରକାରୀ ଅଧିକୃତ ଭୂଭାଗରୁ ମିଳୁଥିବା ଆୟକୁ ବାଣିଜ୍ୟିକ ଆୟ କୁହାଯାଏ। ସୁତରାଂ ବାଣିଜ୍ୟିକ ଆୟ ମୂଳତଃ ଦୁଇଟି ଉତ୍ସରୁ ମିଳିଥାଏ। ତାହା ହେଲା-

(i) **ସରକାରୀ ଅଧିକୃତ ଭୂଭାଗରୁ ଆୟ (Income from Public Domain):** ରାଷ୍ଟ୍ର ଅଧୀନରେ ଥିବା ଭୂଭାଗ, ଖଣି, ଜଙ୍ଗଲ, ନଦନଦୀ ଆଦିରୁ ରାଷ୍ଟ୍ର କିଛି ଆୟ କରିଥାଏ।

ସରକାରୀ ଜମି ଓ ଖଣିକୁ ପଟ୍ଟାଦେଇ ସରକାର ଖଜଣା ଓ ରୟାଲଟି ଆଦାୟ କରିଥାନ୍ତି। କାଠ, କାଇଁଶ, କେନ୍ଦୁପତ୍ର ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟରୁ ମଧ୍ୟ କିଛି ଆୟ ମିଳିଥାଏ। ଅବଶ୍ୟ, ଏହି ସୂତ୍ରରୁ ମିଳୁଥିବା ରାଜସ୍ୱର ଗୁରୁତ୍ୱ ବର୍ତ୍ତମାନ କାଳରେ ହ୍ରାସ ପାଇଛି।

(ii) ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଆୟ (Income from Public Enterprises): କେତେକ ବାଣିଜ୍ୟିକ ଉଦ୍ୟୋଗ ଯଥା ରେଳ ଓ ବିମାନ ପରିବହନ, ଡାକ ଓ ତାର, ଟେଲିଯୋଗାଯୋଗ, ଗ୍ୟାସ ଉତ୍ପାଦନ, ଜଳଯୋଗାଣ, ଲୌହ ଓ ଇସ୍ପାତ କାରଖାନା, ଆଲୁମିନିୟମ କାରଖାନା ଇତ୍ୟାଦି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ସରକାର ନିଜ ଅଧୀନରେ ପରିଚାଳନା କରୁଛନ୍ତି। ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଦ୍ୱାରା ଉତ୍ପାଦିତ ହେଉଥିବା ଦ୍ରବ୍ୟ ତଥା ସେବାକୁ ବିକ୍ରୟ କରି ସରକାର ଦର ଆକାରରେ ରାଜସ୍ୱ ଅର୍ଜନ କରିଥାନ୍ତି।

(c) ଦାନ ଓ ଅନୁଦାନ: ଦେଶପ୍ରେମୀ ତଥା ପରୋପକାରୀ ବ୍ୟକ୍ତିବିଶେଷ ଏବଂ ବଦାନ୍ୟ ବେସରକାରୀ ଅନୁଷ୍ଠାନମାନେ ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ସରକାରଙ୍କୁ ସ୍ୱେଚ୍ଛାକୃତ ଭାବରେ ପ୍ରଦାନ କରୁଥିବା ଅର୍ଥ ବା ଦ୍ରବ୍ୟକୁ ଦାନ (Gift) କୁହାଯାଏ। ଏହି ସ୍ୱେଚ୍ଛାକୃତ ଦାନ ସାଧାରଣତଃ କେତେକ ବିଶେଷ ପାଣ୍ଠି ଯଥା ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି, ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି, ଜାତୀୟ ପ୍ରତିରକ୍ଷା ପାଣ୍ଠିରେ ଜମା କରାଯାଏ।

ଗୋଟିଏ ସରକାର ଅନ୍ୟ ଏକ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବା ନିମିତ୍ତ ଦେଉଥିବା ଆର୍ଥିକ ସହାୟତାକୁ ଅନୁଦାନ (Grant) କୁହାଯାଏ। ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଦାରିଦ୍ର୍ୟ ଦୂରୀକରଣ, ଶିଶୁବିକାଶ, ହରିଜନ ଓ ଆଦିବାସୀ କଲ୍ୟାଣ, ଗ୍ରାମାଞ୍ଚଳ ବିକାଶ ତଥା ନିରକ୍ଷରତା ଦୂରୀକରଣ ଭଳି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସାହାଯ୍ୟକାରୀ ଅନୁଦାନ (Grants-in-aid) ଦେଇଥାନ୍ତି। ରାଜ୍ୟ ସରକାରମାନେ ସ୍ଥାନୀୟ ସରକାରମାନଙ୍କୁ ବିଭିନ୍ନ ପ୍ରକାରର କାର୍ଯ୍ୟ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି।

**କର ଓ ଫିସ୍ ମଧ୍ୟରେ ତୁଳନା (Comparison between Tax and Fees)**

କର ଓ ଫିସ୍ ମଧ୍ୟରେ ନିମ୍ନଲିଖିତ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ।

(a) ଫିସ୍ ପ୍ରଦାନ କରୁଥିବା ବ୍ୟକ୍ତି ସରକାରଙ୍କ ପ୍ରଦତ୍ତ ସେବାରୁ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି। କିନ୍ତୁ କରଦାତା ସରକାରଙ୍କ ପାଖରୁ କୌଣସି ପ୍ରତ୍ୟକ୍ଷ ସୁବିଧା ପାଇ ନ ଥାନ୍ତି।

(b) ଫିସ୍ ପ୍ରଦାନକାରୀ ସରକାରୀ ସେବାରୁ ପାଉଥିବା ସ୍ୱତନ୍ତ୍ର ସୁବିଧା ଯଦି ପରିତ୍ୟାଗ କରିବାକୁ ପ୍ରସ୍ତୁତ, ତାହାହେଲେ ତାଙ୍କର ଫିସ୍ ଦେବାର ପ୍ରୟୋଜନ ନାହିଁ। କିନ୍ତୁ ଜଣେ କରଦାତା ସରକାରୀ ସୁବିଧା ଉପଭୋଗ କରନ୍ତୁ ବା ନ କରନ୍ତୁ କର ଧାର୍ଯ୍ୟ କରାଗଲେ ସେ କର ଦେବାକୁ ବାଧ୍ୟ।

(c) ଜନସାଧାରଣଙ୍କ ହିତ ଦୃଷ୍ଟିରୁ କିନ୍ତୁ ଫିସ୍‌ଦାତାଙ୍କୁ ପରିମାଣଯୋଗ୍ୟ ସ୍ୱତନ୍ତ୍ର ସୁବିଧା ଦେବାପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରତ୍ୟେକ ସେବାର ଖର୍ଚ୍ଚ ତୁଲାଇବା ସକାଶେ ଫିସ୍ ପ୍ରଦାନ କରାଯାଇଥାଏ। କିନ୍ତୁ କରଦାତାଙ୍କ ପ୍ରତ୍ୟକ୍ଷ ସୁବିଧା ପାଇଁ କୌଣସି ନିର୍ଦ୍ଦିଷ୍ଟ ସେବା ପ୍ରଦାନ ଉଦ୍ଦେଶ୍ୟରେ କର ଆଦାୟ କରାଯାଇ ନ ଥାଏ।

**ଫିସ୍ ଓ ସ୍ୱତନ୍ତ୍ର ନିର୍ଦ୍ଧାରଣ ମଧ୍ୟରେ ପାର୍ଥକ୍ୟ (Comparison between Fees and Special Assesment) :** ଫିସ୍ ଓ ସ୍ୱତନ୍ତ୍ର ନିର୍ଦ୍ଧାରଣକୁ ତୁଳନା କଲେ କେତେକ ସାଦୃଶ୍ୟ ଓ କେତେକ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ।

**ସାଦୃଶ୍ୟ**

(a) ଯେଉଁ ବ୍ୟକ୍ତିବିଶେଷ ସରକାର ସମ୍ପାଦନ କରୁଥିବା ସେବାରୁ ସ୍ୱତନ୍ତ୍ର ସୁବିଧା ଉପଭୋଗ କରନ୍ତି ସେମାନେ ସ୍ୱତନ୍ତ୍ର ନିର୍ଦ୍ଧାରଣ ଓ ଫିସ୍ ପ୍ରଦାନ କରିଥାନ୍ତି।

(b) ଯେଉଁ ବ୍ୟକ୍ତି ସାଧାରଣ ଉଦ୍ଦେଶ୍ୟରେ କରାଯାଉଥିବା ସରକାରୀ ସେବାରୁ ବିଶେଷ ସୁବିଧା ପାଇବେ ସେ ଫିସ୍ ଦେବାକୁ ବାଧ୍ୟ। ସେହିଭଳି କେତେକ ଉନ୍ନୟନ କାର୍ଯ୍ୟଦ୍ୱାରା ପ୍ରତ୍ୟକ୍ଷଭାବେ ଉପକୃତ ହେଉଥିବା ସମ୍ପତ୍ତିମାଲିକ ମାନେ ସ୍ୱତନ୍ତ୍ର ନିର୍ଦ୍ଧାରଣ ଦେବାକୁ ବାଧ୍ୟ।

(c) ଫିସ୍ ଓ ସ୍ୱତନ୍ତ୍ର ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରତ୍ୟକ୍ଷ ନେଣଦେଣ ବ୍ୟବସ୍ଥା ଅଛି।

**ପାର୍ଥକ୍ୟ**

(a) ସ୍ୱତନ୍ତ୍ର ନିର୍ଦ୍ଧାରଣ ସ୍ଥାନୀୟ ଉନ୍ନୟନ ପାଇଁ ଧାର୍ଯ୍ୟ କରାଯାଇଥାଏ। ଏହା ସୀମିତ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥାଏ। କିନ୍ତୁ ଫିସ୍‌ର କ୍ଷେତ୍ର ବ୍ୟାପକ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯେକୌଣସି ପ୍ରକାର ସେବା ସକାଶେ ଫିସ୍ ଧାର୍ଯ୍ୟ କରାଯାଇଥାଏ।

(b) ସ୍ୱତନ୍ତ୍ର ନିର୍ଦ୍ଧାରଣ କେବଳ ଥରେ ମାତ୍ର ପ୍ରଦାନ କରାଯାଇଥାଏ । କିନ୍ତୁ ପୌନଃପୌନିକ ସେବା ପ୍ରଦାନ ସକାଶେ ଫିସ୍ ବାରମ୍ବାର ଆଦାୟ କରାଯାଏ ।

(c) ଫିସ୍ କେବଳ ସେହି ବ୍ୟକ୍ତିଙ୍କ ଉପରେ ଧାର୍ଯ୍ୟ କରାଯାଇଥାଏ, ଯିଏକି ସରକାରୀ ସେବାରୁ ବିଶେଷ ସୁବିଧା ପାଇଥାନ୍ତି, କିନ୍ତୁ ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପରୁ ସ୍ୱତନ୍ତ୍ର ସୁବିଧା ପାଉଥିବା ଗୋଷ୍ଠୀର ସଭ୍ୟ ହିସାବରେ ଜଣେ ବ୍ୟକ୍ତି ଉପରେ ସ୍ୱତନ୍ତ୍ର ନିର୍ଦ୍ଧାରଣ ଧାର୍ଯ୍ୟ କରାଯାଇଥାଏ ।

(d) ସରକାର ଗୋଟିଏ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କଲେ ସେଠାରେ ଉନ୍ନତି ହୋଇଥାଏ । ସ୍ଥାନୀୟ ଉନ୍ନତି ପାଇଁ ବିଶେଷ ନିର୍ଦ୍ଧାରଣ ଆଦାୟ କରାଯାଏ । ସେହି ସ୍ଥାନୀୟ ଉନ୍ନତିର ସୁଯୋଗ ଜଣେ ବ୍ୟକ୍ତି ହାତଛଡ଼ା କଲେ ମଧ୍ୟ ସେ ବିଶେଷ ନିର୍ଦ୍ଧାରଣ ଦେବାକୁ ବାଧ୍ୟ । କିନ୍ତୁ ଫିସ୍ ଦେଉଥିବା ବ୍ୟକ୍ତି ଯଦି ବିଶେଷ ସୁବିଧା ତ୍ୟାଗ କରନ୍ତି, ତାଙ୍କୁ ଫିସ୍ ଦେବାକୁ ପଡ଼େ ନାହିଁ ।

**କର ଓ ସ୍ୱତନ୍ତ୍ର ନିର୍ଦ୍ଧାରଣ ମଧ୍ୟରେ ତୁଳନା (Comparison between Tax and Special Assessment)** : କର ଓ ସ୍ୱତନ୍ତ୍ର ନିର୍ଦ୍ଧାରଣକୁ ତୁଳନା କଲେ କେତେକ ସାମଞ୍ଜସ୍ୟ ଓ କେତେକ ପାର୍ଥକ୍ୟ ପରିଦୃଷ୍ଟ ହୋଇଥାଏ ।

**ସାମଞ୍ଜସ୍ୟ**

(a) ଉଭୟ କର ଓ ସ୍ୱତନ୍ତ୍ର ନିର୍ଦ୍ଧାରଣ ବାଧ୍ୟତାମୂଳକ ଦେୟ ।

(b) ଉଭୟ କର ଓ ସ୍ୱତନ୍ତ୍ର ନିର୍ଦ୍ଧାରଣରୁ ମିଳୁଥିବା ରାଜସ୍ୱ ଜନସାଧାରଣଙ୍କ ହିତ ସକାଶେ ବ୍ୟୟ କରାଯାଇଥାଏ ।

**ପାର୍ଥକ୍ୟ**

(a) କରଦାନ ସହିତ ସୁବିଧା ଉପଭୋଗର ପ୍ରତ୍ୟକ୍ଷ ସମ୍ପର୍କ ନ ଥାଏ । ଯେଉଁ ବ୍ୟକ୍ତି କର ଦିଅନ୍ତି, କରଦେବା ବଦଳରେ ସେ ସରକାରଙ୍କଠାରୁ କୌଣସି ସୁବିଧା ପାଇ ନ ଥାନ୍ତି । କିନ୍ତୁ ଯେଉଁ ବ୍ୟକ୍ତିଙ୍କ ଉପରେ ସ୍ୱତନ୍ତ୍ର ନିର୍ଦ୍ଧାରଣ ଧାର୍ଯ୍ୟ କରାଯାଏ ସେ ସରକାରଙ୍କ ନିର୍ଦ୍ଦିଷ୍ଟ ଉନ୍ନତିମୂଳକ କାର୍ଯ୍ୟର ବିଶେଷ ସୁବିଧା ଉପଭୋଗ କରିଥାନ୍ତି ।

(b) କର ପ୍ରଗାମୀ, ପ୍ରତିଗାମୀ ବା ଆନୁପାତିକ ହୋଇପାରେ । କିନ୍ତୁ ସ୍ୱତନ୍ତ୍ର ନିର୍ଦ୍ଧାରଣ ସରକାରଙ୍କର ନିର୍ଦ୍ଦିଷ୍ଟ ଉନ୍ନତିମୂଳକ କାର୍ଯ୍ୟରୁ ମିଳୁଥିବା ବିଶେଷ ସୁବିଧା ଅନୁପାତରେ ଧାର୍ଯ୍ୟ କରାଯାଇଥାଏ ।

(c) କରର ପରିସର ବ୍ୟାପକ। ସାରା ଦେଶରେ ଅଧିବାସୀମାନେ କର ଦେଇଥାନ୍ତି। ଅପରପକ୍ଷରେ, ବିଶେଷ ନିର୍ଦ୍ଧାରଣ କେବଳ ସରକାରୀ ଉନ୍ନତିମୂଳକ କାର୍ଯ୍ୟରୁ ଯେଉଁମାନେ ବିଶେଷ ସୁବିଧା ପାଇଥାନ୍ତି ସେମାନଙ୍କ ଉପରେ ଧାର୍ଯ୍ୟ କରାଯାଇଥାଏ। ସୁତରାଂ, ଏହାର ପରିସର ସୀମିତ।

(d) ସରକାରୀ ସେବା ବା ସାଧାରଣ ପ୍ରଶାସନ ବା ଉନ୍ନତିମୂଳକ କାର୍ଯ୍ୟକ୍ରମ ସକାଶେ ହେଉଥିବା ବ୍ୟୟର ଭରଣା ନିମନ୍ତେ କର ଆଦାୟ କରାଯାଏ। କିନ୍ତୁ ନିର୍ଦ୍ଦିଷ୍ଟ ପ୍ରକଳ୍ପର ପରିବ୍ୟୟ ଭରଣା କରିବା ନିମନ୍ତେ ସ୍ୱତନ୍ତ୍ର ନିର୍ଦ୍ଧାରଣ ଧାର୍ଯ୍ୟ କରାଯାଏ।

(e) ଆୟକର ବାର୍ଷିକ ଆୟ ଉପରେ ପ୍ରତ୍ୟେକ ବର୍ଷ ଆଦାୟ କରାଯାଏ। ଦ୍ରବ୍ୟ ଉପରେ ଧାର୍ଯ୍ୟ ହେଉଥିବା କର ବାରମ୍ବାର ଆଦାୟ କରାଯାଏ। କିନ୍ତୁ ବିଶେଷ ନିର୍ଦ୍ଧାରଣ ଥରେ ମାତ୍ର ଧାର୍ଯ୍ୟ କରାଯାଏ।

**କର ଓ ଦର (Tax and Price)**

କର ଓ ଦର ମଧ୍ୟରେ ନିମ୍ନଲିଖିତ ପାର୍ଥକ୍ୟ ପରିଦୃଷ୍ଟ ହୁଏ।

(a) ରାଷ୍ଟ୍ରୀୟର ଉଦ୍ୟୋଗରେ ଉତ୍ପାଦିତ ଦ୍ରବ୍ୟ ଓ ସେବା ବିକ୍ରୟରୁ ସରକାର ପାଉଥିବା ରାଜସ୍ୱକୁ ଦର କୁହାଯାଏ। ବିଭିନ୍ନ ଉଦ୍ୟୋଗରେ ସରକାର ପୁଞ୍ଜି ନିବେଶ କରିଥିବାରୁ ଦର ଆକାରରେ ରାଜସ୍ୱ ସଂଗ୍ରହ କରିଥାନ୍ତି। ତେଣୁ ଦର ଏକ ଉପାର୍ଜିତ ଆୟ। ଅପରପକ୍ଷରେ, କର ଏକ ଅନୁପାର୍ଜିତ ଆୟ।

(b) ଦର ଏକ ସ୍ୱେଚ୍ଛାକୃତ ଅର୍ଥ ପ୍ରଦାନ। ଯଦି ଜଣେ ବ୍ୟକ୍ତି ସରକାରଙ୍କ ପାଖରୁ ବିଦ୍ୟୁତ୍ କିଣେ ବା ରେଳଯାତ୍ରା କରେ ତେବେ ସେ ସରକାରଙ୍କୁ ପାଉଣା ଦେଇଥାଏ। ଯଦି ସେ ବିଦ୍ୟୁତ୍ ବ୍ୟବହାର ନ କରେ ବା ରେଳଯାତ୍ରା ନ କରେ, ତାକୁ ପାଉଣା ଦେବା ଦରକାର ହୋଇ ନ ଥାଏ। ଅପରପକ୍ଷରେ, କର ଏକ ବାଧ୍ୟତାମୂଳକ ଅର୍ଥ ପ୍ରଦାନ।

**8.3.4 ପ୍ରତ୍ୟକ୍ଷ କର ଓ ପରୋକ୍ଷ କର (Direct Tax and Indirect Tax)**

କର ସରକାରୀ ରାଜସ୍ୱର ଏକ ପ୍ରଧାନ ଉତ୍ସ। କରକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ। ତାହାହେଲା- ପ୍ରତ୍ୟକ୍ଷ କର ଓ ପରୋକ୍ଷ କର। ଏହି ଦୁଇ ପ୍ରକାର କର ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି।

### ପ୍ରତ୍ୟକ୍ଷ କର

ପ୍ରତ୍ୟକ୍ଷ କର କହିଲେ ସେହି କରକୁ ବୁଝାଯାଏ ଯାହାର ପ୍ରାରମ୍ଭିକ ମୁଦ୍ରାଭାର (କରାପାତ) ଓ ଅନ୍ତିମ ମୁଦ୍ରାଭାର (କରାଘାତ) ଜଣେ ବ୍ୟକ୍ତି ବହନ କରିଥାଏ । ଅର୍ଥାତ୍ ଯେଉଁ ବ୍ୟକ୍ତି ଉପରେ କର ଧାର୍ଯ୍ୟ କରାଯାଇଥାଏ ସେ ଯଦି କର ଭାର ବହନ କରେ ତାହାହେଲେ ସେ ପ୍ରକାର କର ଏକ ପ୍ରତ୍ୟକ୍ଷ କର । ପ୍ରତ୍ୟକ୍ଷ କର ଯେଉଁ ବ୍ୟକ୍ତି ଉପରେ ଧାର୍ଯ୍ୟ କରାଯାଏ ସେ ଏହି କରର ମୁଦ୍ରାଭାର ଅନ୍ୟ କାହା ଉପରକୁ ସ୍ଥାନାନ୍ତର କରିପାରନ୍ତି ନାହିଁ । ତେଣୁ ପରିଶେଷରେ ସେହି ବ୍ୟକ୍ତି ନିଜେ ଅନ୍ତିମ କରଭାର ବହନ କରିଥାନ୍ତି । ଆୟକର, ସମ୍ପତ୍ତିକର, ବୃତ୍ତିକର ଆଦି ପ୍ରତ୍ୟକ୍ଷ କରର ଉଦାହରଣ ।

### ପରୋକ୍ଷ କର

ପରୋକ୍ଷ କର କହିଲେ ସେହି କରକୁ ବୁଝାଯାଏ ଯାହାର ପ୍ରାରମ୍ଭିକ ମୁଦ୍ରାଭାର (କରାପାତ) ଜଣେ ବ୍ୟକ୍ତି ଉପରେ ଓ ଅନ୍ତିମ ମୁଦ୍ରାଭାର (କରାଘାତ) ଅନ୍ୟ ଜଣେ ବ୍ୟକ୍ତି ଉପରେ ପଡ଼ିପାରେ । ଅର୍ଥାତ୍ ଯେଉଁ ବ୍ୟକ୍ତି ଉପରେ କର ଧାର୍ଯ୍ୟ କରାଯାଇଥାଏ ସେ ଯଦି ଅନ୍ୟ କାହା ଉପରକୁ କର ଭାର ସ୍ଥାନାନ୍ତର କରିଦେଇ ପାରନ୍ତି ସେ ପ୍ରକାର କର ଏକ ପରୋକ୍ଷ କର । ଉଦାହରଣ ସ୍ୱରୂପ, ଲୁଗା ଉପରେ ବସାଯାଇଥିବା ଉତ୍ପାଦନ କରର ପ୍ରାରମ୍ଭିକ ମୁଦ୍ରାଭାର ଉତ୍ପାଦନକାରୀ ଉପରେ ପଡ଼ିଥାଏ । ଲୁଗା ଉତ୍ପାଦନକାରୀ ଉତ୍ପାଦନ କର ସରକାରଙ୍କୁ ଦେଇଥାନ୍ତି । କିନ୍ତୁ ସେ ଏହି କରଭାରକୁ ଲୁଗାର ଦର ମାଧ୍ୟମରେ ଉପଭୋକ୍ତାମାନଙ୍କ ଉପରକୁ ସ୍ଥାନାନ୍ତର କରିଦେଇ ପାରନ୍ତି । ଏଠାରେ ଉତ୍ପାଦନ କରର କରାଘାତ ଉତ୍ପାଦନକାରୀ ଉପରେ ପଡୁଥିବାବେଳେ କରାପାତ ଉପଭୋକ୍ତାମାନଙ୍କ ଉପରେ ପଡ଼ିଥାଏ । ତେଣୁ ଉତ୍ପାଦନ କର ଏକ ପରୋକ୍ଷ କର । ପରୋକ୍ଷ କରର ଅନ୍ୟ ଉଦାହରଣ ହେଲା ବିକ୍ରୟ କର, ଆମଦାନୀ କର, ରପ୍ତାନି କର ଇତ୍ୟାଦି ।

ପ୍ରତ୍ୟକ୍ଷ କର ଓ ପରୋକ୍ଷ କର ମଧ୍ୟରେ ତାରତମ୍ୟ ନିମ୍ନଲିଖିତ ସଂଜ୍ଞାରୁ ନିରୂପଣ କରାଯାଇପାରେ । ଡାଲଟନ୍‌ଙ୍କ ମତରେ, "ଏକ ପ୍ରତ୍ୟକ୍ଷ କର ଯେଉଁ ବ୍ୟକ୍ତି ଉପରେ ଆଇନତଃ ଧାର୍ଯ୍ୟ କରାଯାଇଥାଏ ବାସ୍ତବରେ ସେ ନିଜେ ତାହା ପ୍ରଦାନ କରୁଥିଲାବେଳେ, ଏକ ପରୋକ୍ଷ କର ଜଣଙ୍କ ଉପରେ ଧାର୍ଯ୍ୟ କରାଯାଇଥାଏ କିନ୍ତୁ ଅନ୍ୟ ଜଣେ ତାହାକୁ ଆଂଶିକ ବା ସମ୍ପୂର୍ଣ୍ଣ ଭାବରେ ପ୍ରଦାନ କରିଥାନ୍ତି ।" (A direct tax is really paid by the person on whom it is legally imposed, while an indirect tax is imposed on one person, but paid partly or wholly by another) । J.S. Millଙ୍କ ମତରେ, "ଏକ ପ୍ରତ୍ୟକ୍ଷ କର ହେଉଛି ସେହି କର ଯାହା ଯେଉଁ ବ୍ୟକ୍ତି ପାଖରୁ ଦାବି କରାଯାଏ ସେ ବ୍ୟକ୍ତି ନିଜେ ତାହା ପ୍ରଦାନ କରନ୍ତୁ ବୋଲି ଆଶା କରାଯାଏ ବା ଇଚ୍ଛା କରାଯାଏ, ମାତ୍ର ପରୋକ୍ଷ କରଗୁଡ଼ିକ ତାହା, ଯାହା ଜଣଙ୍କ ପାଖରୁ ଆଦାୟ କରାଯାଏ କିନ୍ତୁ ସେ ଅନ୍ୟର ଅସୁବିଧା ସାଧନ ପୂର୍ବକ (ଅନ୍ୟର

କ୍ଷତିପୂର୍ବକ) ନିଜକୁ ଏଥିରୁ ମୁକ୍ତ କରିପାରିବ ବୋଲି ଆଶା ବା ଇଚ୍ଛା କରାଯାଏ।" (A direct tax is one which is demanded from the very person who is intended or desired should pay it. Indirect taxes are those which are demanded from one person in the expectation and intention that he shall indemnify himself at the expense of another) ।

ଉପରୋକ୍ତ ସଂଜ୍ଞାମାନଙ୍କରୁ ଏହା ସ୍ପଷ୍ଟ ଯେ ଯେଉଁ କରର କରାଘାତ ଓ କରାପାତ ଏକା ବ୍ୟକ୍ତି ଉପରେ ପଡ଼ିଥାଏ ତାହା ପ୍ରତ୍ୟକ୍ଷ କର। ଅପରପକ୍ଷରେ, ଯେଉଁ କରର କରାଘାତ ଓ କରାପାତ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଉପରେ ପଡ଼ିଥାଏ ତାହା ପରୋକ୍ଷ କର।

**ପ୍ରତ୍ୟକ୍ଷ କରର ସୁବିଧା (Advantages of Direct Tax)**

ପ୍ରତ୍ୟକ୍ଷ କର ସପକ୍ଷରେ ନିମ୍ନଲିଖିତ ଯୁକ୍ତିମାନ ଉପସ୍ଥାପନା କରାଯାଇପାରେ।

a) **ନ୍ୟାୟସଙ୍ଗତ (Justice) :** ପ୍ରତ୍ୟକ୍ଷକର ଦେଇପାରିବାର ସାମର୍ଥ୍ୟ ନୀତି ଉପରେ ପର୍ଯ୍ୟବସିତ। ଆୟକର ଏକ ପ୍ରତ୍ୟକ୍ଷକରର ଉଦାହରଣ। ନ୍ୟୁନତର ଆୟ କରଯୋଗ୍ୟ ହୋଇ ନ ଥାଏ। କରଯୋଗ୍ୟ ଆୟ ବୃଦ୍ଧି ହେବା ସଙ୍ଗେ ସଙ୍ଗେ କର ହାର ବୃଦ୍ଧି ହୋଇଥାଏ। ଗରିବଶ୍ରେଣୀର ଲୋକମାନେ ଆୟକରରୁ ଅବ୍ୟାହତି ପାଇଥିବାବେଳେ, ମଧ୍ୟମ ଆୟକାରୀମାନେ ନିମ୍ନ ହାରରେ ଏବଂ ଉଚ୍ଚ ଆୟକାରୀମାନେ ଉଚ୍ଚତର ହାରରେ ଆୟକର ଦେଇଥାନ୍ତି। ସୁତରାଂ ପ୍ରତ୍ୟକ୍ଷକର ନ୍ୟାୟସଙ୍ଗତ।

b) **ତାରତମ୍ୟ ହ୍ରାସକ (Reduction of Inequality) :** ପ୍ରତ୍ୟକ୍ଷ କର ଏକ ପ୍ରଗାମୀ କର କାରଣ ଏହା ନିମ୍ନତର ଆୟକୁ କରରୁ ଅବ୍ୟାହତି ଦେଉଥିବାବେଳେ ଉଚ୍ଚତର ଆୟ ଉପରେ ଉଚ୍ଚତର ହାରରେ ଧାର୍ଯ୍ୟ କରାଯାଇଥାଏ। ତେଣୁ ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ମଧ୍ୟରେ ଥିବା ଆୟର ବୈଷମ୍ୟ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

c) **ନିଶ୍ଚିତତା (Certain) :** ପ୍ରତ୍ୟକ୍ଷକର କ୍ଷେତ୍ରରେ ନିଶ୍ଚିତତା ନୀତି ପ୍ରଯୁଜ୍ୟ ହୋଇଥାଏ। କରର ପରିମାଣ ଓ କର ପ୍ରଦାନର ସମୟ କରଦାତାଙ୍କୁ ଆଗରୁ ଜଣାଥାଏ। ସେହିପରି ପ୍ରତ୍ୟକ୍ଷ କର କେତେ ପରିମାଣରେ ଆଦାୟ ହେବ ସରକାର ମଧ୍ୟ ପ୍ରାକ୍କଳନ କରିପାରନ୍ତି। ଯେହେତୁ ପ୍ରତ୍ୟକ୍ଷ କରର ମୁଦ୍ରାଭାର ଅନ୍ୟ କାହାରି ଉପରକୁ ସ୍ଥାନାନ୍ତର କରାଯାଇପାରେ ନାହିଁ ଏହା ଯେତିକି ପରିମାଣରେ ମିଳିବ ବୋଲି ଆଶା କରାଯାଏ ପ୍ରାୟ ସେତିକି ପରିମାଣରେ ଆଦାୟ ହୋଇଥାଏ।

d) **ସ୍ଥିତିସ୍ଥାପକ (Elastic) :** ସାଧାରଣତଃ ଧନୀ ଶ୍ରେଣୀର ଲୋକ ପ୍ରତ୍ୟକ୍ଷ କର ଦେବାପାଇଁ ଯୋଗ୍ୟ ହୋଇଥାନ୍ତି । ଗରିବ ଶ୍ରେଣୀର ଲୋକଙ୍କୁ ଏହି କର ଦେବା ପାଇଁ ପଡ଼ି ନ ଥାଏ । ତେଣୁ ଅଧିକ ସମ୍ବଳର ଆବଶ୍ୟକ ହେଲେ ସରକାର ସହଜରେ ପ୍ରତ୍ୟକ୍ଷକରର ହାର ବୃଦ୍ଧି କରି ଅଧିକ ସମ୍ବଳ (ଆୟ) ସଂଗ୍ରହ କରିବାରେ ସକ୍ଷମ ହୋଇପାରନ୍ତି । ସୁତରାଂ ପ୍ରତ୍ୟକ୍ଷ କର ସ୍ଥିତିସ୍ଥାପକ ।

e) **ମିତବ୍ୟୟିତା (Economy) :** ପ୍ରତ୍ୟକ୍ଷ କର ଆଦାୟ କରିବାରେ କମ୍ ଖର୍ଚ୍ଚ ହୋଇଥାଏ । ଏହା ସାଧାରଣତଃ ଆୟର ଉତ୍ସରୁ ଆଦାୟ କରାଯାଇଥାଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତିର ପ୍ରତ୍ୟେକ ମାସର ବେତନରୁ ଆୟକର କାଟି ରଖାଯାଏ । ଏଥିପାଇଁ ସରକାରଙ୍କୁ ଆଦୌ ଅଧିକ ବ୍ୟୟ କରିବାକୁ ପଡ଼େ ନାହିଁ । ଅଧିକନ୍ତୁ, ପ୍ରତ୍ୟକ୍ଷ କର କେବଳ ଧନୀଲୋକଙ୍କ ଉପରେ ଧାର୍ଯ୍ୟ କରାଯାଇଥାଏ । କରଦାତାଙ୍କ ସଂଖ୍ୟା କମ୍ ହୋଇଥିବାରୁ, କର ଆଦାୟ କରିବା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ ।

f) **ଉତ୍ପାଦନଶୀଳ (Productive) :** ପ୍ରତ୍ୟକ୍ଷକର ଉତ୍ପାଦନଶୀଳ । ଦେଶର ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷକରରୁ ଆୟ ସ୍ୱତଃ ବୃଦ୍ଧି ପାଇଥାଏ ।

g) **ନାଗରିକ ସଚେତନତା (Citizen Awarness) :** ପ୍ରତ୍ୟକ୍ଷ କର କରଦାତାଙ୍କର ନାଗରିକ ଚେତନା ଉଦ୍ରେକ କରିଥାଏ । କରଦାତା କରର ଭାର ବହନ କରୁଥିବାରୁ ସେ ଜଣେ ନାଗରିକ ହିସାବରେ ନିଜର ଅଧିକାର ସମ୍ପର୍କରେ ସଚେତନ ରହିଥାଏ । ଜନସାଧାରଣଙ୍କ ଠାରୁ ପ୍ରତ୍ୟକ୍ଷ କର ଆକାରରେ ସରକାରଙ୍କର ଅର୍ଜିତ ଆୟ କିପରି ଭାବରେ ବ୍ୟୟ କରାଯାଉଛି ସେ ବିଷୟରେ କରଦାତାମାନେ ଦୃଷ୍ଟି ରଖିଥାନ୍ତି । ଏହିଭଳି ଭାବେ ପ୍ରତ୍ୟକ୍ଷ କର ନାଗରିକ ଚେତନା ବୃଦ୍ଧି କରିଥାଏ ।

**ପ୍ରତ୍ୟକ୍ଷ କରର ଅସୁବିଧା (Disadvantages of Direct Tax)**

ଉପରୋକ୍ତ ସୁବିଧା ସତ୍ତ୍ୱେ ପ୍ରତ୍ୟକ୍ଷ କରର ନିମ୍ନଲିଖିତ ଅସୁବିଧା ରହିଛି ।

a) **ଅସୁବିଧାଜନକ (Inconvenient) :** ପ୍ରତ୍ୟକ୍ଷ କର ପ୍ରଦାନ କରିବା ଅସୁବିଧାଜନକ ଓ ବିରକ୍ତିକର । ଅନେକ ସମୟରେ ଏହା ଏକାବେଳକେ ମୋଟା ଅଙ୍କରେ ଆଦାୟ କରାଯାଇଥାଏ । ସୁତରାଂ ତାହା କରଦାତାଙ୍କୁ ବାଧିଥାଏ । ପୁନଶ୍ଚ, ପ୍ରତ୍ୟକ୍ଷ କର ପ୍ରଦାନ କରିବା ସମୟରେ କରଦାତାମାନଙ୍କୁ ଆୟ ଓ ସମ୍ପତ୍ତି ସମ୍ବନ୍ଧରେ ହିସାବ ଦାଖଲ କରିବାକୁ ହୋଇଥାଏ । ଭାରତଭଳି ଏକ ସ୍ୱଳ୍ପୋନ୍ନତ ରାଷ୍ଟ୍ରରେ, ଯେଉଁଠି ସାକ୍ଷରତା ହାର କମ୍, ପ୍ରତ୍ୟକ୍ଷ କର ସମ୍ପର୍କୀୟ ଆଇନ୍ ଓ ହିସାବ ଦାଖଲ ପ୍ରଣାଳୀ ସଂକ୍ରାନ୍ତରେ ଅଧିକାଂଶ କରଦାତା ଅଜ୍ଞ ଥାଆନ୍ତି । ତେଣୁ ଏଥି ସକାଶେ ଅଧିକାଂଶ କରଦାତା ପେସାଦାର ପରାମର୍ଶଦାତାଙ୍କ ସାହାଯ୍ୟ ନେଇଥାନ୍ତି । ଏହିପରି ଭାବରେ ପ୍ରତ୍ୟକ୍ଷ କର ଦେବାକୁ ଅସୁବିଧାଜନକ ହୋଇଥାଏ ।

b) **ପ୍ରେରଣାହାନୀ ପ୍ରଭାବ (Discourages work, Saving and Investment) :** ପ୍ରତ୍ୟକ୍ଷକର କାର୍ଯ୍ୟ, ସଞ୍ଚୟ ଓ ବିନିଯୋଗକୁ ନିରୁତ୍ସାହିତ କରିଥାଏ । ଉଦାହରଣ ସ୍ୱରୂପ, ଆୟ ବୃଦ୍ଧି ହେଲେ ଆୟକରର ହାର ବୃଦ୍ଧି ହୋଇଥାଏ । ତେଣୁ ଲୋକମାନେ ଅଧିକ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରି ନ ପାରନ୍ତି । ସେହିପରି ସମ୍ପତ୍ତିର ପରିମାଣ ବୃଦ୍ଧି ହେଲେ ସମ୍ପତ୍ତି କର ହାର ବୃଦ୍ଧି ହେଉଥିବାରୁ ସଞ୍ଚୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । କମ୍ପାନୀ ଲାଭରେ ମଧ୍ୟ ପୁଞ୍ଜି ନିବେଶ କରିବାକୁ ପ୍ରତ୍ୟକ୍ଷ କର ନିରୁତ୍ସାହିତ କରିଥାଏ ।

c) **କର ଫାଙ୍କିବା ସମ୍ଭାବନା (Possibility of Evasion) :** ଯେଉଁ ଲୋକମାନେ ତାଙ୍କର ଆୟ ବା ସମ୍ପଦକୁ ଗୋପନ ନ ରଖି ପ୍ରକାଶ କରନ୍ତି ସେମାନେ ଅଧିକ ପ୍ରତ୍ୟକ୍ଷ କର ଦେଇଥାନ୍ତି । ଯଦି ଲୋକମାନେ ନିଜର ଆୟ ଓ ସମ୍ପଦ ଲୁଚାଇ ରଖନ୍ତି ବା ସେମାନଙ୍କ ଆୟ ଓ ସମ୍ପତ୍ତିର ଭୁଲ ହିସାବ ଦାଖଲ କରିଥାନ୍ତି, ସେମାନେ କର ଫାଙ୍କି ଦେଇପାରନ୍ତି । ଅର୍ଥାତ୍ ପ୍ରତ୍ୟକ୍ଷ କର ସାଧୁତା ଉପରେ ଏକ କର । ଅନେକ ଲୋକ ସେମାନଙ୍କ ଆୟକୁ ଲୁଚାଇ ରଖୁଥିବାରୁ ପ୍ରତ୍ୟକ୍ଷ କରରେ କର ବଞ୍ଚନ ସମ୍ଭାବନା ରହିଥାଏ ।

d) **ସଂକୀର୍ଣ୍ଣ ପରିସର (Narrow in Scope) :** ଗରିବ ଲୋକମାନେ ପ୍ରତ୍ୟକ୍ଷକରରୁ ଅବ୍ୟାହତି ପାଉଥିବାବେଳେ ମଧ୍ୟମ ଆୟକାରୀମାନେ ନିମ୍ନହାରରେ ଏବଂ ଉଚ୍ଚ ଆୟକାରୀମାନେ ଉଚ୍ଚତର ହାରରେ ପ୍ରତ୍ୟକ୍ଷ କର ପ୍ରଦାନ କରିଥାନ୍ତି । ସ୍ୱଳ୍ପୋନ୍ନତ ରାଷ୍ଟ୍ରରେ ଅଧିକାଂଶ ଲୋକ ଗରିବ ହୋଇଥିବାରୁ ପ୍ରତ୍ୟକ୍ଷ କରର ପରିସର ଅତ୍ୟନ୍ତ ସଂକୀର୍ଣ୍ଣ । ଅର୍ଥାତ୍ ପ୍ରତ୍ୟକ୍ଷକରରୁ ସରକାର ଅପେକ୍ଷାକୃତ କମ୍ ରାଜସ୍ୱ ପାଇଥାନ୍ତି ।

e) **ମନମୁଖୀ (Autocratic) :** ପ୍ରତ୍ୟକ୍ଷ କର ମନମୁଖୀ ବୋଲି କୁହାଯାଏ । କେଉଁ ଆୟକାରୀ ଗୋଷ୍ଠୀ କେଉଁ ହାରରେ କର ଦେବେ ତାହା କରଧାର୍ଯ୍ୟ କରୁଥିବା ପ୍ରାଧିକାରୀଙ୍କ ଇଚ୍ଛା ଉପରେ ନିର୍ଭର କରିଥାଏ ।

f) **ଲୋକପ୍ରିୟ ନୁହେଁ (Unpopular) :** ପ୍ରତ୍ୟକ୍ଷକର ଲୋକମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଆୟରୁ ସିଧାସଳଖ ସରକାରଙ୍କୁ ଦେଉଥିବାରୁ ସେମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଥାଏ । ତେଣୁ ଏହା ଲୋକପ୍ରିୟ ନୁହେଁ ।

**ପରୋକ୍ଷ କରର ସୁବିଧା (Advantages of Indirect Tax)**

ପରୋକ୍ଷ କର ସପକ୍ଷରେ ନିମ୍ନଲିଖିତ ଯୁକ୍ତିମାନ ଉପସ୍ଥାପନ କରାଯାଇପାରେ ।

a) **ସୁବିଧାଜନକ (Convenient) :** ପରୋକ୍ଷ କର ପ୍ରଦାନ କରିବା ସୁବିଧାଜନକ । ଦ୍ରବ୍ୟ ଉପରେ ଧାର୍ଯ୍ୟ ହେଉଥିବା କର ପରୋକ୍ଷ କରର ଉଦାହରଣ । ଖାଉଟିମାନେ ଦ୍ରବ୍ୟ କ୍ରୟ କଲାବେଳେ ତାହା ଦେଇଥାନ୍ତି । କର ଦ୍ରବ୍ୟର ଦରରେ ମିଶି ରହିଥିବାରୁ ଖାଉଟି କର ଭାର ଅନୁଭବ କରି ନ ଥାଏ । କ୍ରେତା ଦ୍ରବ୍ୟର ବିକ୍ରେତାକୁ ଯେତିକି ଅର୍ଥ ପ୍ରଦାନ କରେ ସେ ଦ୍ରବ୍ୟର ଦର ବୋଲି ଭାବିଥାନ୍ତି ।

b) **କର ଫାଙ୍କିବା କଷ୍ଟକର (Evasion is Difficult) :** ପରୋକ୍ଷ କର ଦ୍ରବ୍ୟର ଦର ସହିତ ମିଶି ରହିଥିବାରୁ ଦ୍ରବ୍ୟ କିଣିଲେ ଏହାକୁ ଦେବା ବାଧ୍ୟ । ପରୋକ୍ଷ କରକୁ ଏଡାଇବାକୁ ହେଲେ ଦ୍ରବ୍ୟ ଓ ସେବା ଉପଭୋଗରୁ ବଞ୍ଚିତ ହେବାକୁ ହେବ । ଅବଶ୍ୟ କେତେକ କ୍ଷେତ୍ରରେ ବ୍ୟବସାୟୀମାନେ ଭୁଲ ହିସାବ ଦେଖାଇ ବା କର ଅଧିକାରୀମାନଙ୍କୁ ଲାଞ୍ଚ ଦେଇ କର ଫାଙ୍କନ୍ତି । କିନ୍ତୁ ତାହା ନିୟମର ବ୍ୟତିକ୍ରମ ଅଟେ ।

c) **ବ୍ୟାପକ ପରିସର (Wider Scope) :** ପରୋକ୍ଷକର ସମସ୍ତ ପ୍ରକାର ଦ୍ରବ୍ୟ ଯଥା, ଅତ୍ୟାବଶ୍ୟକ ଦ୍ରବ୍ୟ, ଆରାମଦାୟକ ଦ୍ରବ୍ୟ ଓ ବିଳାସଦ୍ରବ୍ୟ ଉପରେ ଧାର୍ଯ୍ୟ କରାଯାଇଥାଏ । ତେଣୁ ଧନୀ ଦରିଦ୍ର ସମସ୍ତେ ଏହି କର ଦେଇଥାନ୍ତି । ସୁତରାଂ, ପରୋକ୍ଷ କରର ପରିସର ବ୍ୟାପକ । ସ୍ୱଳ୍ପୋନ୍ନତ ରାଷ୍ଟ୍ରମାନେ ପରୋକ୍ଷ କରରୁ ଅପେକ୍ଷାକୃତ ଅଧିକ ରାଜସ୍ୱ ସଂଗ୍ରହ କରିଥାନ୍ତି ।

d) **ଉତ୍ପାଦୀ (Productive) :** ସାଧାରଣତଃ ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକର ଚାହିଦା ଅନମନୀୟ । ଏହି ଦ୍ରବ୍ୟ ଉପରେ କର ଧାର୍ଯ୍ୟ କରାଗଲେ ମଧ୍ୟ ଚାହିଦା କମି ନ ଥାଏ । ତେଣୁ ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ କର ଧାର୍ଯ୍ୟ କରି ଆବଶ୍ୟକସ୍ଥଳେ ସରକାର ଅଧିକ ରାଜସ୍ୱ ସଂଗ୍ରହ କରିପାରନ୍ତି ।

e) **କ୍ଷତିକାରକ ଦ୍ରବ୍ୟ ଉପଭୋଗର ନିୟନ୍ତ୍ରଣ (Regulation of Consumption of Harmful Goods):** ସିଗାରେଟ, ଅଫିମ, ଗଞ୍ଜେଇ ଓ ମଦ ଆଦି ନିଶାଦ୍ରବ୍ୟ ଉପରେ ପରୋକ୍ଷକର ଉଚ୍ଚହାରରେ ଧାର୍ଯ୍ୟ କରାଯାଇଥାଏ । ଏ ପ୍ରକାର କରଧାର୍ଯ୍ୟ ହେବା ଦ୍ୱାରା ଜନସାଧାରଣଙ୍କ ଦ୍ୱାରା କ୍ଷତିକାରକ ଦ୍ରବ୍ୟଗୁଡ଼ିକର ଉପଭୋଗକୁ ନିୟନ୍ତ୍ରଣ କରାଯାଇପାରି ଥାଏ ।

f) **ଅସମତା ହ୍ରାସ (Reduction of Inequality) :** ଉଚ୍ଚ ଆୟକାରୀ ଗୋଷ୍ଠୀ ବ୍ୟବହାର କରୁଥିବା ବିଳାସ ଦ୍ରବ୍ୟ ଓ ଆରାମଦାୟକ ଦ୍ରବ୍ୟ ଯଥା ମୋଟର କାର, ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ରେଫ୍ରିଜେରେଟର, ଲୁଗାଧୁଆ ମେସିନ୍, ରଙ୍ଗିନ୍ ଟିଭି, ଧଳା ସିମେଣ୍ଟ ଇତ୍ୟାଦି ଉପରେ ପରୋକ୍ଷ କର ଉଚ୍ଚହାରରେ ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ ଏହା କମ୍ ହାରରେ ଧାର୍ଯ୍ୟ କରାଯାଏ । ଫଳରେ ଧନୀ ଓ ଦରିଦ୍ର ମଧ୍ୟରେ ଥିବା ଅର୍ଥନୈତିକ ବୈଷମ୍ୟ ହ୍ରାସ ହୋଇପାରେ ।

g) **ସମ୍ବଳର ଉପଯୁକ୍ତ ଆବଣ୍ଟନ (Rational Resource Allocation) :** ସମ୍ବଳ ସୀମିତ ହୋଇଥିବାରୁ ଏହାର ଉପଯୁକ୍ତ ଆବଣ୍ଟନ ଆବଶ୍ୟକ । ଯଦି ସରକାର ବିଳାସ ଦ୍ରବ୍ୟ ଉପରେ ଉଚ୍ଚ ହାରରେ ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ କମ୍ ହାରରେ ପରୋକ୍ଷକର ଧାର୍ଯ୍ୟ କରନ୍ତି ତେବେ ବିଳାସ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରୁ ସମ୍ବଳ ପ୍ରତ୍ୟାହୃତ ହୋଇ ଅତ୍ୟାବଶ୍ୟକ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରକୁ ସ୍ଥାନାନ୍ତରିତ ହୋଇଥାଏ । ଫଳରେ ଦେଶରେ ଅଧିକ ପରିମାଣରେ ଅତ୍ୟାବଶ୍ୟକ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ ଏବଂ ସମାଜର ଅଧିକ ମଙ୍ଗଳ ହୋଇଥାଏ ।

h) **ସଞ୍ଚୟର ଅଭିବୃଦ୍ଧି (Growth of Savings) :** ଆରାମଦାୟକ, ବିଳାସ ଦ୍ରବ୍ୟ ଓ ଅପେକ୍ଷାକୃତ କମ୍ ଆବଶ୍ୟକ ଦ୍ରବ୍ୟ ଉପରେ ପରୋକ୍ଷ କର ଉଚ୍ଚହାରରେ ଧାର୍ଯ୍ୟ କରାଗଲେ ଏସବୁ ଦ୍ରବ୍ୟର ଦର ବୃଦ୍ଧି ଘଟିଥାଏ। ଫଳରେ ଏସବୁ ଦ୍ରବ୍ୟର ଉପଭୋଗ ହ୍ରାସ ପାଏ ଓ ସଞ୍ଚୟ ବୃଦ୍ଧି ହୁଏ। ଏହାଦ୍ୱାରା ନିବେଶ ସକାଶେ ଅଧିକ ସମ୍ବଳ ମିଳେ ଓ ପୁଞ୍ଜିଗଠନ ହୋଇଥାଏ।

i) **ଘରୋଇ ଶିଳ୍ପର ବିକାଶ (Development of Domestic Industries) :** ସରକାର ବିଦେଶରୁ ଆମଦାନୀ ହେଉଥିବା ଦ୍ରବ୍ୟ ଉପରେ ଆମଦାନୀ କର ଧାର୍ଯ୍ୟ କଲେ ସେ ସମସ୍ତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହୋଇଥାଏ। ଫଳରେ ଲୋକମାନେ ବିଦେଶୀ ଦ୍ରବ୍ୟର ଚାହିଦା ହ୍ରାସ କରି ଦେଶୀୟ ଶିଳ୍ପରୁ ଉତ୍ପାଦିତ ଦ୍ରବ୍ୟର ଚାହିଦା ବୃଦ୍ଧି କରିଥାଆନ୍ତି। ଏଥିରୁ ସୁସ୍ପଷ୍ଟ ଯେ, ପରୋକ୍ଷ କର ଘରୋଇ ଶିଳ୍ପକୁ ବିଦେଶୀ ଶକ୍ତିଶାଳୀ ଶିଳ୍ପର ପ୍ରତିଯୋଗିତାରୁ ସୁରକ୍ଷା ପ୍ରଦାନ କରି ଏହାର ବିକାଶରେ ସାହାଯ୍ୟ କରିଥାଏ।

**ପରୋକ୍ଷ କରର ଅସୁବିଧା (Disadvantages of Indirect Tax)**

ପରୋକ୍ଷକର କ୍ଷେତ୍ରରେ ନିମ୍ନଲିଖିତ ଅସୁବିଧାମାନ ପରିଲକ୍ଷିତ ହୋଇଥାଏ।

a) **ପ୍ରତିଗାମୀ (Regressive) :** ପରୋକ୍ଷ କର ସମସ୍ତ ଶ୍ରେଣୀର ଲୋକମାନଙ୍କ ଉପରେ ସମାନ ହାରରେ ଧାର୍ଯ୍ୟ ହୋଇଥାଏ। ତେଣୁ ଗରିବ ଲୋକଙ୍କ କ୍ଷେତ୍ରରେ ଧନୀ ଲୋକମାନଙ୍କ ତୁଳନାରେ ଅପେକ୍ଷାକୃତ ତ୍ୟାଗ ଅଧିକ ମାତ୍ରାରେ ହୋଇଥାଏ। ପୁନଶ୍ଚ ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ କର ବସିଲେ ଗରିବ ଲୋକମାନେ ଧନୀ ଲୋକଙ୍କ ଅପେକ୍ଷା ଅଧିକ କର ଭାର ବହନ କରିଥାନ୍ତି କାରଣ ସେମାନଙ୍କର ଆୟର ଅଧିକାଂଶ ଅଂଶ ଏହିସବୁ ଦ୍ରବ୍ୟ ଉପରେ ବ୍ୟୟ ହୋଇଥାଏ। ତେଣୁ ପରୋକ୍ଷ କର ପ୍ରତିଗାମୀ।

b) **ନ୍ୟାୟସଙ୍ଗତ ନୁହେଁ (Unjustified) :** ପରୋକ୍ଷ କର ଭାର ଧନୀ ଶ୍ରେଣୀର ଲୋକଙ୍କ ଅପେକ୍ଷା ଗରିବ ଲୋକ ବେଶିମାତ୍ରାରେ ବହନ କରୁଥିବାରୁ ଏହା ସମାଜରେ ଅର୍ଥନୈତିକ ଅସମତା ବୃଦ୍ଧି କରିଥାଏ। ସୁତରାଂ ପରୋକ୍ଷ କର ନ୍ୟାୟସଙ୍ଗତ ନୁହେଁ।

c) **ବ୍ୟୟବହୁଳ (Expensive) :** ପରୋକ୍ଷ କର ବ୍ୟୟବହୁଳ। ଏହି କର ଉତ୍ପାଦନକାରୀ, ପାଇକାରୀ ବିକ୍ରେତା, ଖୁଚୁରା ବିକ୍ରେତା ଇତ୍ୟାଦିଙ୍କ ମାଧ୍ୟମରେ ଆଦାୟ କରାଯାଇଥାଏ। ଯେହେତୁ ପରୋକ୍ଷ କର ସହିତ ବହୁ ସଂଖ୍ୟକ ଲୋକ ସଂପୃକ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବହୁତ ପ୍ରଶାସନିକ କର୍ମଚାରୀ ଆବଶ୍ୟକ ହୋଇଥାନ୍ତି। ସେମାନଙ୍କ ଦରମା ଓ ଭତ୍ତା ବାବଦରେ ସରକାରଙ୍କୁ ବହୁତ ବ୍ୟୟ କରିବାକୁ ପଡ଼ିଥାଏ।

d) **ଦରବୃଦ୍ଧିର ସହାୟକ (Promotes Price Rise) :** ବିଭିନ୍ନ ଦ୍ରବ୍ୟ ଉପରେ ପରୋକ୍ଷକର ଧାର୍ଯ୍ୟହେବା ଦ୍ୱାରା ଦ୍ରବ୍ୟ ଦର ବୃଦ୍ଧି ପାଇଥାଏ। କେତେକ ମୌଳିକ ଦ୍ରବ୍ୟ ଯଥା ପେଟ୍ରୋଲ, ଡିଜେଲ, ଓ ସାର ଉପରେ ପରୋକ୍ଷ କର ବସିଲେ, ତାହା କେବଳ ସେହି ଦ୍ରବ୍ୟ ନୁହେଁ, ଅନ୍ୟ ଦ୍ରବ୍ୟର ଉତ୍ପାଦନ ବ୍ୟୟକୁ ମଧ୍ୟ ବୃଦ୍ଧି କରିଥାଏ। ତେଣୁ ଉତ୍ପାଦନକାରୀମାନେ ଦ୍ରବ୍ୟ ଦର ବୃଦ୍ଧି କରିଥାନ୍ତି।

e) **ଅନିଶ୍ଚିତ (Uncertain) :** ପରୋକ୍ଷ କର ବିଶେଷ ଭାବେ ଅନିଶ୍ଚିତ। ଦ୍ରବ୍ୟ ଉପରେ ପରୋକ୍ଷ କର ଧାର୍ଯ୍ୟ ହେଲେ ଦର ବୃଦ୍ଧି ଘଟିଥାଏ। ଫଳରେ ଦ୍ରବ୍ୟର ଚାହିଦା ହ୍ରାସ ପାଏ। ଯଦି ଦ୍ରବ୍ୟର ଚାହିଦା ଅଧିକ ନମନୀୟ ହୋଇଥାଏ, ଦରବୃଦ୍ଧି ଯୋଗୁ ଚାହିଦା ଅଧିକ ଅନୁପାତରେ ହ୍ରାସ ହୋଇଥାଏ। ସୁତରାଂ ପରୋକ୍ଷ କର ମାଧ୍ୟମରେ ସରକାର ଆଶାନୁରୂପ ରାଜସ୍ୱ ଆଦାୟ କରିପାରନ୍ତି ନାହିଁ।

f) **ନାଗରିକ ସଚେତନଶୀଳତାର ଅଭାବ (Lack of Citizen Awareness) :** ପରୋକ୍ଷ କର ଦ୍ରବ୍ୟର ଦରରେ ମିଶିକରି ଥିବାରୁ ଦ୍ରବ୍ୟ କ୍ରୟ କରିବା ସମୟରେ କ୍ରେତା କର ଭାର ଅନୁଭବ କରି ନ ଥାଏ। ତେଣୁ କରଦାତା ସରକାରଙ୍କ କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦିଅନ୍ତି ନାହିଁ। ଅର୍ଥାତ୍ ପରୋକ୍ଷ କର କରଦାତାଙ୍କ ମଧ୍ୟରେ କୌଣସି ସାମାଜିକ ଚେତନା ସୃଷ୍ଟି କରି ନ ଥାନ୍ତି।

**ପ୍ରତ୍ୟକ୍ଷ କର ଓ ପରୋକ୍ଷ କର ମଧ୍ୟରେ ତୁଳନା (Comparision Between Direct and Indirect Taxes)**

ମୁଖ୍ୟତଃ ତିନିଗୋଟି ଦୃଷ୍ଟିକୋଣରୁ ପ୍ରତ୍ୟକ୍ଷ କର ଓ ପରୋକ୍ଷ କର ମଧ୍ୟରେ ତୁଳନା କରାଯାଇଥାଏ। ତାହାହେଲା-

(a) ସମ୍ବଳ ଆବଣ୍ଟନ (Alocation of Resources)

(b) କର ପ୍ରଶାସନ (Tax Administration)

(c) ଆୟ ବଣ୍ଟନ (Income Distribution)

(a) **ସମ୍ବଳ ଆବଣ୍ଟନ:** ସମ୍ବଳ ଆବଣ୍ଟନ ଦୃଷ୍ଟିକୋଣରୁ ପ୍ରତ୍ୟକ୍ଷ କର ପରୋକ୍ଷ କର ଠାରୁ ଉତ୍କୃଷ୍ଟତର ବୋଲି ବିଚାର କରାଯାଇପାରେ। ଯଦି ଏକ ନିର୍ଦ୍ଦିଷ୍ଟ ପରିମାଣର ମୁଦ୍ରା କର ମାଧ୍ୟମରେ ଆଦାୟ କରାଯାଏ, ପ୍ରତ୍ୟକ୍ଷ କର ଯୋଗୁଁ ପରୋକ୍ଷ କର ତୁଳନାରେ ସମାଜ ଉପରେ କର ଭାର କମ୍ ହେବ।

(b) **କର ପ୍ରଶାସନ:** ପ୍ରଶାସନିକ ଦୃଷ୍ଟିକୋଣରୁ ବିଚାର କଲେ ପରୋକ୍ଷ କର ପ୍ରତ୍ୟକ୍ଷ କରଠାରୁ ଉତ୍କୃଷ୍ଟତର ବୋଲି ମନେହୁଏ। ପରୋକ୍ଷ କର ଦ୍ରବ୍ୟ ଉପରେ ଧାର୍ଯ୍ୟ ହୁଏ। କର ପରିମାଣ ଦ୍ରବ୍ୟର ଦରରେ ମିଶିକରି ଥିବାରୁ କ୍ରେତାମାନେ କରଦାନ ଜନିତ ପ୍ରତ୍ୟକ୍ଷ ଯନ୍ତ୍ରଣା ଅନୁଭବ କରି ନ ଥାନ୍ତି। ତେଣୁ ପରୋକ୍ଷ କର ଆଦାୟ କରିବା ସହଜ ସାଧ୍ୟ।

ଅପରପକ୍ଷରେ ପ୍ରତ୍ୟକ୍ଷ କର ପ୍ରଦାନ କରିବା ଅସୁବିଧାଜନକ । ପ୍ରତ୍ୟକ୍ଷ କର ପ୍ରଦାନ କରିବା ସମୟରେ କରଦାତାମାନଙ୍କୁ ଆୟ ଓ ସମ୍ପତ୍ତି ସମ୍ବନ୍ଧରେ ହିସାବ ଦାଖଲ କରିବାକୁ ହୋଇଥାଏ । ସ୍ୱଳ୍ପୋନ୍ନତ ରାଷ୍ଟ୍ରମାନଙ୍କରେ ଯେଉଁଠି ସାକ୍ଷରତା ହାର କମ୍ ପ୍ରତ୍ୟକ୍ଷକର ସମ୍ବନ୍ଧୀୟ ଆଇନ୍ ଓ ହିସାବ ଦାଖଲ ପ୍ରଣାଳୀ ସଂକ୍ରାନ୍ତରେ ଅଧିକାଂଶ କରଦାତା ଅଜ୍ଞ ଥାଆନ୍ତି । ପୁନଶ୍ଚ ପ୍ରତ୍ୟକ୍ଷ କର ନିୟମ ବାରମ୍ବାର ପରିବର୍ତ୍ତନ ହୋଇଥାଏ । ତେଣୁ ପ୍ରତ୍ୟକ୍ଷ କର ପ୍ରଦାନ କ୍ଷେତ୍ରରେ କରଦାତା ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥାଏ ।

(ଗ) **ଆୟ ବଣ୍ଟନ:** କର କେବଳ ସରକାରୀ ରାଜସ୍ୱର ଏକ ଉତ୍ସ ନୁହେଁ । ଏହା ସମାଜରେ ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଆୟ ଓ ସମ୍ପତ୍ତିର ତାରତମ୍ୟ ହ୍ରାସ କରିବାରେ ଏକ ମୁଖ୍ୟ ଆୟୁଧ ରୂପେ କାର୍ଯ୍ୟ କରିଥାଏ । ଆୟ ଓ ସମ୍ପତ୍ତିର ବଣ୍ଟନ ଦୃଷ୍ଟିକୋଣରୁ ପ୍ରତ୍ୟକ୍ଷ କର ପରୋକ୍ଷ କରଠାରୁ ଉତ୍କୃଷ୍ଟତର ବୋଲି ବିଚାର କରାଯାଇପାରେ । ପ୍ରତ୍ୟକ୍ଷ କର ଏକ ପ୍ରଗାମୀ କର । ଧନୀଲୋକମାନେ ପ୍ରତ୍ୟକ୍ଷ କର ଉଚ୍ଚ ହାରରେ ପ୍ରଦାନ କରିଥାନ୍ତି । ଅପରପକ୍ଷରେ ପରୋକ୍ଷ କର ସାଧାରଣତଃ ପ୍ରତିଗାମୀ । ଧନୀ ଓ ଗରିବ ଉଭୟଙ୍କ ଉପରେ ପରୋକ୍ଷ କର ସମାନ ହାରରେ ଧାର୍ଯ୍ୟ କରାଯାଉଥିବାରୁ ଗରିବ ଲୋକମାନଙ୍କୁ ଅଧିକ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଥାଏ । ସୁତରାଂ, ପ୍ରତ୍ୟକ୍ଷକର ଧନୀ ଓ ଗରିବ ମଧ୍ୟରେ ଆୟ ଓ ସମ୍ପତ୍ତିର ତାରତମ୍ୟ ହ୍ରାସ କରୁଥିବାବେଳେ ପରୋକ୍ଷ କର ତାରତମ୍ୟ ବୃଦ୍ଧି କରେ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଯେ, ଉଭୟ ପ୍ରତ୍ୟକ୍ଷ କର ଓ ପରୋକ୍ଷ କରର ସୁବିଧା ଓ ଅସୁବିଧା ରହିଛି । ପ୍ରତ୍ୟକ୍ଷ କର ସପକ୍ଷରେ ପ୍ରଧାନ ଯୁକ୍ତି ହେଲା ଯେ, ଏହା ନ୍ୟାୟ ସଙ୍ଗତ । ଏହା ଧନୀ ଓ ଦରିଦ୍ର ଶ୍ରେଣୀ ଲୋକଙ୍କ ମଧ୍ୟରେ ଆୟ ଓ ସମ୍ପତ୍ତିର ତାରତମ୍ୟ ହ୍ରାସରେ ସହାୟକ ହୋଇଥାଏ । କିନ୍ତୁ ପ୍ରତ୍ୟକ୍ଷ କରର ବିପକ୍ଷରେ ପ୍ରଧାନ ଯୁକ୍ତି ହେଲା ଯେ ଏହାର ପରିସର ସଂକୀର୍ଣ୍ଣ । ତେଣୁ ବିକାଶଶୀଳ ରାଷ୍ଟ୍ରରେ ଏହି କର ଅଧିକ ସମ୍ବଳ ସଂଗ୍ରହରେ ସହାୟକ ହୋଇ ନ ଥାଏ । ଅପର ପକ୍ଷରେ ପରୋକ୍ଷ କର ବିକାଶଶୀଳ ରାଷ୍ଟ୍ରରେ ପର୍ଯ୍ୟାପ୍ତ ପରିମାଣର ସମ୍ବଳ ସଂଗ୍ରହ କରିବାରେ ସହାୟକ ହେଉଥିବା ବେଳେ ଏହା ନ୍ୟାୟସଙ୍ଗତ ନୁହେଁ । ଏହା ଧନୀ ଓ ଦରିଦ୍ର ମଧ୍ୟରେ ବୈଷମ୍ୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

ପର୍ଯ୍ୟାପ୍ତ ପରିମାଣରେ ସମ୍ବଳ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଧନୀ ଦରିଦ୍ର ମଧ୍ୟରେ ବୈଷମ୍ୟ ହ୍ରାସ କରିବା ଏକ ଉତ୍ତମ କର ବ୍ୟବସ୍ଥାର ଲକ୍ଷ୍ୟ ହୋଇଥିବା ଯୋଗୁଁ ଉଭୟ ପ୍ରତ୍ୟକ୍ଷ କର ଓ ପରୋକ୍ଷ କର ପରସ୍ପରର ପରିପୂରକ ବୋଲି ବିବେଚନା କରାଯାଏ ।

### 8.3.5 ସରକାରୀ ବ୍ୟୟ (Public Expenditure)

ଆଧୁନିକ ଯୁଗରେ ପୃଥିବୀବ୍ୟାପୀ ସମସ୍ତ ରାଷ୍ଟ୍ରରେ ସରକାରଙ୍କର କାର୍ଯ୍ୟ ପରିସରରେ ବୃଦ୍ଧି ଘଟିଅଛି । ଆଭ୍ୟନ୍ତରିଣ ଆଇନ୍ ଶୃଙ୍ଖଳା ବଜାୟ ରଖିବା ତଥା ଦେଶକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା କରିବା ଆଦି ପାରମ୍ପରିକ କାର୍ଯ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କର କଲ୍ୟାଣ ନିମନ୍ତେ ସରକାର ବହୁବିଧ ଦ୍ରବ୍ୟ ଓ ସେବା ଯୋଗାଇ ଦେଉଛନ୍ତି । ତତ୍ ସଙ୍ଗେ ସଙ୍ଗେ ବେକାରି ତଥା ଦାରିଦ୍ର୍ୟର ବିଲୋପ, ଧନୀ-ଗରିବ ମଧ୍ୟରେ ଥିବା ଆୟ ଓ ସଂପତ୍ତି ବଣ୍ଟନର ତାରତମ୍ୟରେ ହ୍ରାସ, ଦରଦାମ୍‌ରେ ସ୍ଥିରତା ରକ୍ଷା ତଥା ସ୍ୱଳ୍ପ ବିକଶିତ ରାଷ୍ଟ୍ରମାନଙ୍କର ଆର୍ଥନୀତିକ ଅଭିବୃଦ୍ଧି ହାର ତ୍ୱରାନ୍ୱିତ କରିବାରେ ସରକାର ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଏହିଭଳି ବହୁବିଧ କାର୍ଯ୍ୟ ସରକାରଙ୍କୁ ସମ୍ପାଦନ କରିବାକୁ ପଡୁଥିବାରୁ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରିବାକୁ ପଡୁଛି । ତେଣୁ ସରକାରୀ ବ୍ୟୟର ପରିମାଣ ମଧ୍ୟ ଦିନକୁ ଦିନ ଦ୍ରୁତ ବେଗରେ ବୃଦ୍ଧି ପାଇବାରେ ଲାଗିଛି ।

**ସରକାରୀ ବ୍ୟୟର ଅର୍ଥ:** "ଜନସାଧାରଣ କର୍ତ୍ତୃପକ୍ଷ (କେନ୍ଦ୍ର, ରାଜ୍ୟ ବା ସ୍ଥାନୀୟ ସରକାର) ଲୋକମାନଙ୍କର ସମଷ୍ଟିଗତ ଅଭାବ ପୂରଣ ଓ ଅର୍ଥନୈତିକ କଲ୍ୟାଣ ସାଧନ ନିମିତ୍ତ ଯେଉଁ ବ୍ୟୟ ବହନ କରନ୍ତି ତାହାକୁ ସାଧାରଣ ବ୍ୟୟ ବା ସରକାରୀ ବ୍ୟୟ କୁହାଯାଏ ।" ଅର୍ଥାତ୍ ଦେଶରକ୍ଷା ସେବା, ବେସାମରିକ ପ୍ରଶାସନ ସେବା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ସାମାଜିକ ଓ ଗୋଷ୍ଠୀ ସେବା ଓ ଆର୍ଥନୀତିକ ସେବା ପ୍ରଦାନ କରିବା ସକାଶେ ସରକାର ଯେଉଁ ବ୍ୟୟ କରନ୍ତି, ତାହାକୁ ସରକାରୀ ବ୍ୟୟ କୁହାଯାଏ ।

**ସରକାରୀ ବ୍ୟୟର ପ୍ରକାରଭେଦ**

**(A) ରାଜସ୍ୱ ଓ ପୁଞ୍ଜି ବ୍ୟୟ (Revenue and Capital Expenditure):** ସରକାରଙ୍କ ବ୍ୟୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି । ତାହାହେଲା- ରାଜସ୍ୱ ବ୍ୟୟ (Revenue expenditure) ଓ ପୁଞ୍ଜି ବ୍ୟୟ (Capital expenditure) । ଏହି ଦୁଇ ପ୍ରକାର ବ୍ୟୟ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

**ରାଜସ୍ୱ ବ୍ୟୟ**

ଯେଉଁ ପ୍ରକାର ସରକାରୀ ବ୍ୟୟ ସରକାରୀ ବିଭାଗ ଗୁଡ଼ିକର ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟ ସମ୍ପାଦନ ତଥା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁଦାନ ଆଦି ବହୁବିଧ ସେବା ପ୍ରଦାନ କରିବା ସକାଶେ ଆବଶ୍ୟକ ହୋଇଥାଏ ତାହାକୁ ରାଜସ୍ୱ ବ୍ୟୟ କୁହାଯାଏ । ଏହି ବ୍ୟୟ କୌଣସି ପରିସମ୍ପତ୍ତି ସୃଷ୍ଟି କରି ନ ଥାଏ । ଏହି ବ୍ୟୟ ରାଜସ୍ୱ ଆୟ ଯଥା କର ରାଜସ୍ୱ, ପ୍ରଶାସନିକ ରାଜସ୍ୱ ଓ ବାଣିଜ୍ୟିକ ରାଜସ୍ୱରୁ ଭରଣା କରାଯାଇଥାଏ ।

ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଇଥିବା ସମସ୍ତ ଚଳନ୍ତି ବ୍ୟୟକୁ ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ ।

i) **ସାଧାରଣ ସେବା (General Services) :** ସାଧାରଣ ସେବା ସକାଶେ ରାଜସ୍ୱ ବ୍ୟୟରେ ନିମ୍ନଲିଖିତ ବ୍ୟୟ ଅନ୍ତର୍ଭୁକ୍ତ କରାଯାଇଥାଏ।

(a) ସରକାରଙ୍କର ବିଭିନ୍ନ ଅଙ୍ଗ ଯଥା- ସଂସଦ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ମନ୍ତ୍ରିମଣ୍ଡଳ ଓ ନ୍ୟାୟପାଳିକାଙ୍କ ଅଧିକାରୀ ତଥା କାର୍ଯ୍ୟାଳୟ ସମ୍ପର୍କିତ ଚଳନ୍ତି ବ୍ୟୟ।

(b)) ବେସାମରିକ ପ୍ରଶାସନ, ଯଥା- କେନ୍ଦ୍ର ଲୋକସେବା ଆୟୋଗ, ସଚିବାଳୟ, ପୋଲିସ୍ ଓ ଜେଲରେ ନିଯୁକ୍ତ କର୍ମଚାରୀମାନଙ୍କର ଦରମା, ଭତ୍ତା, ପେନ୍‌ସନ ଓ ଅନ୍ୟାନ୍ୟ ଚଳନ୍ତି ଖର୍ଚ୍ଚ।

(c) ରାଜକୋଷୀୟ ସେବା, ଯଥା- ସରକାର ଧାର୍ଯ୍ୟ କରୁଥିବା ବିଭିନ୍ନ କର ଆଦାୟ, ଅଡିଟ୍ ଏବଂ ମୁଦ୍ରା ଓ ନୋଟ୍ ତିଆରି କରିବା ସକାଶେ କରାଯାଇଥିବା ଚଳନ୍ତି ବ୍ୟୟ।

(d) ସରକାରଙ୍କର ଆଭ୍ୟନ୍ତରୀଣ ତଥା ବୈଦେଶିକ ଋଣ ଉପରେ ଦିଆଯାଇଥିବା ସୁଧ।

ii) **ପ୍ରତିରକ୍ଷା ସେବା (Defence Services) :** ପ୍ରତିରକ୍ଷା ସେବା ସକାଶେ ରାଜସ୍ୱ ବ୍ୟୟରେ ଜଳ, ସ୍ଥଳ ଓ ଆକାଶ ବାହିନୀରେ ନିଯୁକ୍ତ ସୈନ୍ୟ, ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କର ଦରମା, ଭତ୍ତା ତଥା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପେନସନ୍ ଇତ୍ୟାଦି ବ୍ୟୟ ଅନ୍ତର୍ଭୁକ୍ତ କରାଯାଇଥାଏ।

iii) **ସାମାଜିକ ଓ ଗୋଷ୍ଠୀ ସେବା (Social and Community Services) :** ସାମାଜିକ ଓ ଗୋଷ୍ଠୀ ସେବା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଜଳଯୋଗାଣ, ପରିମଳ, ବାସଗୃହ ନିର୍ମାଣ, ନଗର ଉନ୍ନୟନ, ସମାଜ ମଙ୍ଗଳ, ସାମାଜିକ ନିରାପତ୍ତା ଇତ୍ୟାଦିରେ କରାଯାଇଥିବା ଚଳନ୍ତି ବ୍ୟୟକୁ ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

iv) **ଅର୍ଥନୈତିକ ସେବା (Economic Services) :** ଦେଶର ଅର୍ଥନୈତିକ ବିକାଶ ନିମନ୍ତେ କୃଷି, ଶିଳ୍ପ, ଜଳସେଚନ, ଗମନାଗମନ, ପରିବହନ, ଶକ୍ତି ପ୍ରକଳ୍ପ ଓ ବନ୍ଦର ନିର୍ମାଣ ଇତ୍ୟାଦିରେ କରାଯାଇଥିବା ଚଳନ୍ତି ବ୍ୟୟକୁ ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

v) **ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁଦାନ (Grants to States and Union Territories):** ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ସରକାର ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳ ସରକାରମାନଙ୍କୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସକାଶେ ଅନୁଦାନ ଦେଇଥାନ୍ତି। ଏହା ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ ହୋଇଥାଏ।

**ପୁଞ୍ଜି ବ୍ୟୟ**

ଯେଉଁ ପ୍ରକାର ସରକାରୀ ବ୍ୟୟ ଭୂମି, କୋଠାବାଡ଼ି, ଯନ୍ତ୍ରପାତି, କଳକବ୍‌ଜା ଭଳି ସ୍ଥାୟୀ ପରିସମ୍ପତ୍ତି ନିର୍ମାଣ ତଥା ଆହରଣ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ଋଣ ଓ ଅଗ୍ରିମ ଦେବାରେ ବ୍ୟୟ କରାଯାଇଥାଏ, ତାହାକୁ ପୁଞ୍ଜି ବ୍ୟୟ କୁହାଯାଏ। ଆଭ୍ୟନ୍ତରୀଣ ଋଣ, ବୈଦେଶିକ ଋଣ ଓ ସହାୟତା, ସରକାରୀ ଉଦ୍ୟୋଗରୁ ପ୍ରତ୍ୟାହାର କରାଯାଇଥିବା ପୁଞ୍ଜି ଓ ଋଣ ଆଦାୟରୁ ମିଳୁଥିବା ପୁଞ୍ଜି ଆୟ, ପୁଞ୍ଜି ବ୍ୟୟକୁ ଭରଣା କରିଥାଏ।

ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଇଥିବା ସମସ୍ତ ପୁଞ୍ଜିବ୍ୟୟକୁ ଭାରତ ସରକାରଙ୍କ ପୁଞ୍ଜିବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

a) **ସାଧାରଣ ସେବା:** ସାଧାରଣ ସେବା ପ୍ରଦାନ କରିବା ସକାଶେ ପୁଞ୍ଜି ବ୍ୟୟରେ ନିମ୍ନଲିଖିତ ବ୍ୟୟକୁ ଅନ୍ତର୍ଭୁକ୍ତ କରାଯାଇଥାଏ।

(i) ନୋଟ ଛାପାକାରଖାନା ଓ ମୁଦ୍ରାଶାଳା ନିର୍ମାଣ ଓ ସେଠାରେ ବ୍ୟବହାର କରାଯାଉଥିବା ଯନ୍ତ୍ରପାତି ଓ କଳକବ୍‌ଜା ସୃଷ୍ଟି କରିବା ସକାଶେ ବ୍ୟୟ।

(ii) ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଥିବା ନିର୍ମାଣ ବ୍ୟୟ, ବିଶେଷତଃ ଆବାସିକ ଗୃହ ନିର୍ମାଣ ବ୍ୟୟ।

(iii) ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କକୁ ଦିଆଯାଉଥିବା ପାଉଣା।

b) **ପ୍ରତିରକ୍ଷା ସେବା:** ପ୍ରତିରକ୍ଷା ସେବା ସକାଶେ ପୁଞ୍ଜିବ୍ୟୟରେ ଜଳ, ସ୍ଥଳ, ଆକାଶବାହିନୀ ପାଇଁ ଗୋଳାବାରୁଦ କାରଖାନା, ଯୁଦ୍ଧ ବିମାନ, ରଣତରୀ ନିର୍ମାଣ ପାଇଁ କାରଖାନା, ଅଣ ଆବାସିକ କୋଠାବାଡ଼ି ନିର୍ମାଣ ତଥା ଯନ୍ତ୍ରପାତି ନିର୍ମାଣ ପାଇଁ ବ୍ୟୟ ଅନ୍ତର୍ଭୁକ୍ତ କରାଯାଇଥାଏ।

c) **ସାମାଜିକ ଓ ଗୋଷ୍ଠୀ ସେବା:** ସାମାଜିକ ଓ ଗୋଷ୍ଠୀସେବା, ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଜଳଯୋଗାଣ, ପରିମଳ, ବାସଗୃହ, ନଗର ଉନ୍ନୟନ, ସମାଜମଙ୍ଗଳ, ହରିଜନ ଓ ଆଦିବାସୀ କଲ୍ୟାଣ, ସାମାଜିକ ନିରାପତ୍ତା ଇତ୍ୟାଦିରେ ପରିସମ୍ପତ୍ତି ସୃଷ୍ଟି ନିମିତ୍ତ ହେଉଥିବା ବ୍ୟୟ ପୁଞ୍ଜି ବ୍ୟୟରେ ଅନ୍ତର୍ଭୁକ୍ତ ହୋଇଥାଏ।

d) **ଆର୍ଥନୀତିକ ସେବା:** ଆର୍ଥନୀତିକ ସେବା, ଯଥା- କୃଷି, ଜଳସେଚନ, ଶିଳ୍ପୋଦ୍ୟୋଗ, ଖଣି, ଖାଦାନ, ଶକ୍ତି ପ୍ରକଳ୍ପ, ଗମନାଗମନ, ପରିବହନ, ବନ୍ଦର ଇତ୍ୟାଦିରେ ସ୍ଥାୟୀ ପରିସମ୍ପତ୍ତି ନିର୍ମାଣ ବା ଆହରଣ ପାଇଁ ହେଉଥିବା ସମସ୍ତ ବ୍ୟୟ ପୁଞ୍ଜିବ୍ୟୟରେ ଅନ୍ତର୍ଭୁକ୍ତ କରାଯାଏ।

ee) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରଦତ୍ତ ଋଣ ଓ ଅଗ୍ରିମ: ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ସରକାର ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳ ସରକାରମାନଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ପୁଞ୍ଜି ସୃଷ୍ଟି ନିମିତ୍ତ ଯେଉଁ ଋଣ ଓ ଅଗ୍ରିମ ଦେଇଥାନ୍ତି, ତାହା ପୁଞ୍ଜି ବ୍ୟୟରେ ଅନ୍ତର୍ଭୁକ୍ତ ହୋଇଥାଏ।

**(B) ଯୋଜନା ବ୍ୟୟ ଓ ଅଣ ଯୋଜନା ବ୍ୟୟ (Plan and Non-plan Expenditure)**

ଆଧୁନିକ ରାଷ୍ଟ୍ରରେ ଆର୍ଥନୀତିକ ଯୋଜନା ପ୍ରଣୟନ ଓ ରୂପାୟନ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟ ହୋଇଛି। ଏହି ଦୃଷ୍ଟିରୁ ସରକାରୀ ବ୍ୟୟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଯଥା- ଯୋଜନା ବ୍ୟୟ ଓ ଅଣ ଯୋଜନା ବ୍ୟୟ।

**ଯୋଜନା ବ୍ୟୟ**

ଯୋଜନାବ୍ୟୟ କହିଲେ ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟକ୍ରମ ରୂପାୟନ କରିବା ସକାଶେ ବ୍ୟୟ ତଥା ରାଜ୍ୟମାନଙ୍କ ପାଇଁ ଯୋଜନା ସହାୟତାକୁ ବୁଝାଏ।

ଯୋଜନା ବ୍ୟୟକୁ ପୁନଶ୍ଚ ଦୁଇ ଭାଗରେ ଉପବିଭାଜନ କରାଯାଇଅଛି। ତାହାହେଲା-

(a) ଯୋଜନା ବ୍ୟୟ ଅନ୍ତର୍ଗତ ରାଜସ୍ୱ ହିସାବ (Plan expenditure on revenue account)

(b) ଯୋଜନା ବ୍ୟୟ ଅନ୍ତର୍ଗତ ପୁଞ୍ଜି ହିସାବ (Plan expenditure on capital account)

ଏହି ଦୁଇ ପ୍ରକାର ଯୋଜନା ବ୍ୟୟ ସମ୍ବନ୍ଧରେ ନିମ୍ନରେ ବ୍ୟାଖ୍ୟା କରାଯାଇଛି।

(a) **ଯୋଜନା ବ୍ୟୟ ଅନ୍ତର୍ଗତ ରାଜସ୍ୱ ହିସାବ:** ଯେଉଁ ଯୋଜନା ବ୍ୟୟ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ ଚଳନ୍ତି ଖର୍ଚ୍ଚ ଭରଣା ପାଇଁ ନିୟୋଜିତ ହୁଏ ତାହାକୁ ଯୋଜନାବ୍ୟୟର ରାଜସ୍ୱ ହିସାବ କୁହାଯାଏ। ଏହି ବ୍ୟୟ କୌଣସି ପରିସମ୍ପତ୍ତି ସୃଷ୍ଟି କରି ନ ଥାଏ। ରାଜସ୍ୱ ଆୟରୁ ଏହି ବ୍ୟୟ ଭରଣା କରାଯାଇଥାଏ।

ଯୋଜନା ବ୍ୟୟ ଅନ୍ତର୍ଗତ ରାଜସ୍ୱ ହିସାବରେ ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଉଥିବା ସମସ୍ତ ଚଳନ୍ତି ବ୍ୟୟକୁ ଅନ୍ତର୍ଭୁକ୍ତ କରାଯାଇଥାଏ।

(କ) ସାମାଜିକ ଓ ଗୋଷ୍ଠୀ ସେବା

(ଖ) ଆର୍ଥନୀତିକ ସେବା

(ଗ) ରାଜ୍ୟମାନଙ୍କ ଅନୁଦାନ

(b) **ଯୋଜନା ବ୍ୟୟ ଅନ୍ତର୍ଗତ ପୁଞ୍ଜି ହିସାବ:** ଯେଉଁ ଯୋଜନାବ୍ୟୟ ଦେଶରେ ପରିସମ୍ପତ୍ତି ସୃଷ୍ଟି ବା ପୁଞ୍ଜିଗଠନରେ ବିନିଯୋଗ ହୋଇଥାଏ, ତାହାକୁ ଯୋଜନା ବ୍ୟୟରେ ପୁଞ୍ଜି ହିସାବ କୁହାଯାଏ। ଏହି ବ୍ୟୟ ସରକାରଙ୍କ ପୁଞ୍ଜି ଆୟରୁ ଭରଣା କରାଯାଇଥାଏ। ଯୋଜନା ବ୍ୟୟ ଅନ୍ତର୍ଗତ ପୁଞ୍ଜି ହିସାବରେ ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଇଥିବା ସମସ୍ତ ପୁଞ୍ଜି ବ୍ୟୟକୁ ଅନ୍ତର୍ଭୁକ୍ତ କରାଯାଇଥାଏ।

(a) ସାମାଜିକ ଓ ଗୋଷ୍ଠୀ ସେବା

(b) ଆର୍ଥନୀତିକ ସେବା

(c) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରଦତ୍ତ ଋଣ ଓ ଅଗ୍ରିମ

(d) ସରକାରୀ ଉଦ୍ୟୋଗମାନଙ୍କୁ ଦିଆଯାଇଥିବା ଋଣ ଓ ଅଗ୍ରିମ

**ଅଣଯୋଜନା ବ୍ୟୟ**

ଅଣ ଯୋଜନା ବ୍ୟୟ କହିଲେ ସରକାରଙ୍କର ଯୋଜନା ବ୍ୟୟରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ଅନ୍ୟ ସମସ୍ତ ବ୍ୟୟକୁ ବୁଝାଏ। ପୂର୍ବ ଯୋଜନାମାନଙ୍କରେ ଆରମ୍ଭ ହୋଇଥିବା ଅସମ୍ପୂର୍ଣ୍ଣ ପରିକଳ୍ପନାରେ ଧାରାବାହିକ ବ୍ୟୟ ତଥା ପୂର୍ବ ଯୋଜନାମାନଙ୍କରେ ସୃଷ୍ଟି ହୋଇଥିବା ପରିସମ୍ପତ୍ତିର ରକ୍ଷଣାବେକ୍ଷଣ କରିବାରେ ହେଉଥିବା ବ୍ୟୟ ଅଣଯୋଜନା ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

ଅଣଯୋଜନା ବ୍ୟୟକୁ ପୁନଶ୍ଚ ଦୁଇ ଭାଗରେ ଉପବିଭାଜନ କରାଯାଇପାରେ। ତାହାହେଲା-

(a) ଅଣଯୋଜନା ରାଜସ୍ୱ ବ୍ୟୟ

(b)) ଅଣଯୋଜନା ପୁଞ୍ଜି ବ୍ୟୟ

ଏହି ଦୁଇ ପ୍ରକାର ଅଣଯୋଜନା ବ୍ୟୟ ସମ୍ବନ୍ଧରେ ନିମ୍ନରେ ବ୍ୟାଖ୍ୟା କରାଯାଇଅଛି।

(a) **ଅଣଯୋଜନା ରାଜସ୍ୱ ବ୍ୟୟ:** ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଇଥିବା ସମସ୍ତ ଚଳନ୍ତି ବ୍ୟୟ ଅଣଯୋଜନା ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

i) **ଋଣ ପରିଶୋଧ (Debt Repayment) :** ଦ୍ରୁତ ଅର୍ଥନୈତିକ ବିକାଶ ନିମନ୍ତେ ଯୋଜନାମାନ କାର୍ଯ୍ୟକାରୀ କରିବା ନିମନ୍ତେ ରାଜସ୍ୱ ଆୟ ଯଥେଷ୍ଟ ନହେଲେ ସରକାର ଋଣ ଉପରେ ବିଶେଷ ଭାବରେ ନିର୍ଭର କରନ୍ତି। ଋଣର ପରିମାଣ ବୃଦ୍ଧି ପାଇଲେ ସୁଧ ପରିଶୋଧ ଭାର ମଧ୍ୟ ବୃଦ୍ଧି ପାଏ।

ଫଳରେ ସୁଧ ପରିଶୋଧର ପରିମାଣ ସରକାରଙ୍କ ଅଣଯୋଜନା ରାଜସ୍ୱ ବ୍ୟୟର ଏକ ବୃହତ୍ ଅଂଶ ହୋଇଥାଏ।

ii) **ପ୍ରତିରକ୍ଷା ସେବା (Defence Services) :** ଜାତୀୟ ନିରାପତ୍ତା ରକ୍ଷା ନିମନ୍ତେ ଜଳ, ସ୍ଥଳ ଓ ଆକାଶ ବାହିନୀରେ ନିଯୁକ୍ତ କର୍ମଚାରୀଙ୍କର ବେତନ, ଭତ୍ତା ଓ ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କର ପେନସନ୍ ଓ ଅନ୍ୟାନ୍ୟ ସୁବିଧା ନିମନ୍ତେ କରାଯାଉଥିବା ଚଳନ୍ତି ବ୍ୟୟ ଅଣଯୋଜନା ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ। ଦେଶରକ୍ଷା ବ୍ୟୟ ଅଣଯୋଜନା ରାଜସ୍ୱ ବ୍ୟୟର ଏକ ପ୍ରମୁଖ ଅଂଶ।

iii) **ସରକାରୀ ସହାୟତା (Subsidy):** ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ କେତେକ ଅତ୍ୟାବଶ୍ୟକ ଦ୍ରବ୍ୟ ଯଥା- କିରୋସିନି, ସାର, ଇନ୍ଧନ ବାଷ୍ପ ଇତ୍ୟାଦି କମ୍ ଦାମରେ ଯୋଗାଇଦେବା ସହାଣେ ସରକାର ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥାନ୍ତି। ଏହି ପ୍ରୋତ୍ସାହନକୁ ଆର୍ଥିକ ସହାୟତା କୁହାଯାଏ। ସରକାରୀ ଆର୍ଥିକ ସହାୟତା ଅଣଯୋଜନା ରାଜସ୍ୱ ବ୍ୟୟର ଅନ୍ୟତମ ପ୍ରଧାନ ଉପାଦାନ।

iv) **ସାଧାରଣ ପ୍ରଶାସନ (General Administration) :** ସାଧାରଣ ପ୍ରଶାସନ ସକାଶେ କରାଯାଉଥିବା ରାଜସ୍ୱ ବ୍ୟୟରେ ନିମ୍ନଲିଖିତ ବ୍ୟୟ ଅନ୍ତର୍ଭୁକ୍ତ ହୋଇଥାଏ।

ସରକାରଙ୍କ ବିଭିନ୍ନ ଅଙ୍ଗ, ଯଥା- ସଂସଦ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ମନ୍ତ୍ରୀମଣ୍ଡଳ ଓ ନ୍ୟାୟପାଳିକା ସମ୍ପର୍କିତ ଚଳନ୍ତି ବ୍ୟୟ।

ବେସାମରିକ ପ୍ରଶାସନ, ଯଥା- ଲୋକସେବା ଆୟୋଗ, ସଚିବାଳୟ, ପୋଲିସ୍ ଓ ଜେଲରେ ନିଯୁକ୍ତ କର୍ମଚାରୀମାନଙ୍କର ଦରମା, ଭତ୍ତା, ପେନସନ୍ ଓ ଅନ୍ୟାନ୍ୟ ଚଳନ୍ତି ଖର୍ଚ୍ଚ।

ରାଜକୋଷୀୟ ସେବା, ଯଥା- ସରକାର ଧାର୍ଯ୍ୟ କରୁଥିବା ବିଭିନ୍ନ କର ଆଦାୟ ପାଇଁ ଏବଂ ମୁଦ୍ରା ଓ ନୋଟ ତିଆରି କରିବା ସକାଶେ କରାଯାଉଥିବା ଚଳନ୍ତି ବ୍ୟୟ।

**(b) ଅଣଯୋଜନା ପୁଞ୍ଜି ବ୍ୟୟ**

ଅଣଯୋଜନା ପୁଞ୍ଜି ବ୍ୟୟରେ ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଉଥିବା ସମସ୍ତ ପୁଞ୍ଜି ବ୍ୟୟକୁ ଅନ୍ତର୍ଭୁକ୍ତ କରାଯାଇଥାଏ।

1. ପ୍ରତିରକ୍ଷା ସେବା ସକାଶେ ପୁଞ୍ଜି ବ୍ୟୟ
2. ସାଧାରଣ ସେବା ସଂକ୍ରାନ୍ତୀୟ ପୁଞ୍ଜି ବ୍ୟୟ
3. ରାଜ୍ୟ ସରକାରଙ୍କୁ ଅଣଯୋଜନା ଋଣ
4. ସରକାରୀ ଉଦ୍ୟୋଗୀମାନଙ୍କୁ ଅଣଯୋଜନା ଋଣ
5. ବିଦେଶ ସରକାରଙ୍କୁ ଅଣଯୋଜନା ଋଣ
6. ସରକାରୀ କର୍ମଚାରୀମାନଙ୍କୁ ଋଣ

ଭାରତରେ ଯୋଜନା ଆୟୋଗର ବିଲୋପ ପରେ ଯୋଜନା ଓ ଅଣଯୋଜନା ବ୍ୟୟ ସମ୍ବନ୍ଧିତ ଆଲୋଚନାର ପ୍ରାସଙ୍ଗିକତା ନାହିଁ।

**(c) ଉନ୍ନୟନ ଓ ଅଣ ଉନ୍ନୟନ ବ୍ୟୟ (Developmental and Non-developmental Expenditure)**

ସରକାରୀ ବ୍ୟୟକୁ ଉନ୍ନୟନ ବ୍ୟୟ ଓ ଅଣଉନ୍ନୟନ ବ୍ୟୟ, ଏହିଭଳି ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଏହି ଦୁଇ ପ୍ରକାର ବ୍ୟୟ ସମ୍ପର୍କରେ ନିମ୍ନରେ ବ୍ୟାଖ୍ୟା କରାଯାଇଅଛି।

**ଉନ୍ନୟନ ବ୍ୟୟ**

ଯେଉଁ ବ୍ୟୟ ଦେଶର ଆର୍ଥନୀତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ, ତାହାକୁ ଉନ୍ନୟନ ବ୍ୟୟ କୁହାଯାଏ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ରୂପାୟନ ସକାଶେ ସରକାର ବିପୁଳ ପରିମାଣରେ ଅର୍ଥବ୍ୟୟ କରିଥାନ୍ତି। ଏହି ପ୍ରକାର ବ୍ୟୟ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସକାଶେ ଅଭିପ୍ରେତ ହୋଇଥିବାରୁ ଏହାକୁ ଉନ୍ନୟନ ବ୍ୟୟ କୁହାଯାଏ।

ଉନ୍ନୟନ ବ୍ୟୟକୁ ମୁଖ୍ୟତଃ ଦୁଇ ଭାଗରେ ଉପବିଭାଜନ କରାଯାଇଥାଏ। ତାହାହେଲା-

(a) ଉନ୍ନୟନମୂଳକ ରାଜସ୍ୱ ବ୍ୟୟ
(b) ଉନ୍ନୟନମୂଳକ ପୁଞ୍ଜି ବ୍ୟୟ

ଏହି ଦୁଇ ପ୍ରକାର ଉନ୍ନୟନ ବ୍ୟୟ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଯାଇଅଛି।

**(a) ଉନ୍ନୟନ ମୂଳକ ରାଜସ୍ୱ ବ୍ୟୟ:** ଉନ୍ନୟନମୂଳକ ରାଜସ୍ୱ ବ୍ୟୟ ଦେଶରେ କୌଣସି ପରିସମ୍ପତ୍ତି ସୃଷ୍ଟି କରି ନ ଥାଏ ବା ପୁଞ୍ଜି ଗଠନରେ ସହାୟକ ହୋଇ ନ ଥାଏ। କିନ୍ତୁ ଏହା ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇଥାଏ। ଉନ୍ନୟନମୂଳକ ରାଜସ୍ୱ ବ୍ୟୟ କର ଓ ଅନ୍ୟାନ୍ୟ ରାଜସ୍ୱ ଆୟରୁ ଭରଣା କରାଯାଇଥାଏ। ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଇଥିବା ବ୍ୟୟକୁ ଉନ୍ନୟନ ମୂଳକ ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

i) **ସାମାଜିକ ଓ ଗୋଷ୍ଠୀସେବା ବାବଦ ବ୍ୟୟ:** ସାମାଜିକ ଓ ଗୋଷ୍ଠୀ ସେବାରେ ଶିକ୍ଷା, କଳା ଓ ସଂସ୍କୃତି, ବିଜ୍ଞାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶ୍ରମ ଓ ନିୟୋଜନ, ହରିଜନ ଓ ଆଦିବାସୀ କଲ୍ୟାଣ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ। ଏହି ସମସ୍ତ ସେବା ବାବଦ ବ୍ୟୟ ଦେଶରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ କରି ଶ୍ରମଶକ୍ତିର ଦକ୍ଷତା ଓ ଉତ୍ପାଦିତା ବୃଦ୍ଧି କରିଥାଏ।

ii) **ଆର୍ଥନୀତିକ ସେବା ବାବଦ ବ୍ୟୟ:** ଆର୍ଥନୀତିକ ସେବାରେ କୃଷି ଓ ଆନୁସଙ୍ଗିକ ସେବା, ଶିଳ୍ପ, ଖଣିଜ ପଦାର୍ଥ, ଶକ୍ତି ପ୍ରକଳ୍ପ, ବୈଦେଶିକ ବାଣିଜ୍ୟ, ରପ୍ତାନୀ ବୃଦ୍ଧି, ଗମନାଗମନ ଓ ପରିବହନ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ। ଏହି ସମସ୍ତ ସେବା ବାବଦ ବ୍ୟୟ ଦେଶର ଆୟ ଓ ନିୟୋଜନ ବୃଦ୍ଧି ତଥା ପ୍ରାକୃତିକ ସମ୍ବଳର ସୁବିନିଯୋଗରେ ସହାୟକ ହୋଇଥାଏ।

iii) ରାଜ୍ୟମାନଙ୍କୁ ବିକାଶମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସକାଶେ ପ୍ରଦତ୍ତ ଅନୁଦାନ

(b) **ଉନ୍ନୟନମୂଳକ ପୁଞ୍ଜିବ୍ୟୟ:** ଉନ୍ନୟନମୂଳକ ପୁଞ୍ଜିବ୍ୟୟ ଦେଶରେ ପରିସମ୍ପତ୍ତି ସୃଷ୍ଟି ତଥା ପୁଞ୍ଜିଗଠନରେ ସହାୟକ ହୋଇଥାଏ। ଏହା ସାଧାରଣତଃ ବଜାର ଋଣ ଓ ବୈଦେଶିକ ଋଣରୁ ଭରଣା କରାଯାଇଥାଏ। ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଉଥିବା ବ୍ୟୟକୁ ଉନ୍ନୟନମୂଳକ ପୁଞ୍ଜି ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

1) ସାମାଜିକ ଓ ଗୋଷ୍ଠୀସେବା ବାବଦ ପୁଞ୍ଜିବ୍ୟୟ

2) ଆର୍ଥନୀତିକ ସେବା ବାବଦ ପୁଞ୍ଜି ବ୍ୟୟ

3) ରାଜ୍ୟମାନଙ୍କରେ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଋଣ ଓ ଅଗ୍ରିମ।

4) ସରକାରୀ ଉଦ୍ୟୋଗ ପାଇଁ ଋଣ ଓ ଅଗ୍ରିମ।

**ଅଣ ଉନ୍ନୟନ ବ୍ୟୟ**

ଯେଉଁ ପ୍ରକାର ସରକାରୀ ବ୍ୟୟ ଦେଶର ଆର୍ଥନୀତିକ ଅଭିବୃଦ୍ଧିରେ ସହାୟକ ହୋଇ ନ ଥାଏ, ତାହାକୁ ଅଣଉନ୍ନୟନ ବ୍ୟୟ କୁହାଯାଏ।

ଅଣ ଉନ୍ନୟନ ବ୍ୟୟକୁ ପୁନଶ୍ଚ ଦୁଇ ଭାଗରେ ଉପବିଭାଜନ କରାଯାଇଅଛି। ତାହାହେଲା-

(a) ଅଣ ଉନ୍ନୟନ ରାଜସ୍ୱ ବ୍ୟୟ

(b) ଅଣ ଉନ୍ନୟନ ପୁଞ୍ଜି ବ୍ୟୟ

(a) **ଅଣ ଉନ୍ନୟନ ରାଜସ୍ୱ ବ୍ୟୟ:** ଯେଉଁ ଅଣଉନ୍ନୟନ ବ୍ୟୟ ଦେଶରେ ପରିସମ୍ପତ୍ତି ସୃଷ୍ଟି ବା ପୁଞ୍ଜିଗଠନରେ ସହାୟକ ହୋଇ ନ ଥାଏ ତାହାକୁ ଅଣଉନ୍ନୟନ ରାଜସ୍ୱ ବ୍ୟୟ କୁହାଯାଏ। ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଇଥିବା ଚଳନ୍ତି ବ୍ୟୟ ଅଣଉନ୍ନୟନ ରାଜସ୍ୱ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

1. ସୁଧ ପରିଶୋଧ
2. ପ୍ରତିରକ୍ଷା ସେବା ସଂକ୍ରାନ୍ତୀୟ ଚଳନ୍ତି ବ୍ୟୟ
3. ସରକାରୀ ସହାୟତା
4. ସାଧାରଣ ପ୍ରଶାସନ ସକାଶେ କରାଯାଇଥିବା ସମସ୍ତ ଚଳନ୍ତି ବ୍ୟୟ
5. ରାଜ୍ୟମାନଙ୍କୁ ଅଣଉନ୍ନୟନ ବ୍ୟୟ ବାବଦରେ ସହାୟତା

(b) **ଅଣ ଉନ୍ନୟନ ପୁଞ୍ଜିବ୍ୟୟ:** ଯେଉଁ ଅଣଉନ୍ନୟନ ବ୍ୟୟ ଦେଶରେ ପରିସମ୍ପତ୍ତି ସୃଷ୍ଟି କରିବାରେ ସହାୟକ ହୋଇଥାଏ, ତାହାକୁ ଅଣଉନ୍ନୟନ ପୁଞ୍ଜିବ୍ୟୟ କୁହାଯାଏ।

ନିମ୍ନଲିଖିତ ପ୍ରଧାନ ବିଷୟରେ କରାଯାଇଥିବା ପୁଞ୍ଜିବ୍ୟୟକୁ ଅଣଉନ୍ନୟନ ପୁଞ୍ଜିବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

1. ପ୍ରତିରକ୍ଷା ସେବା ସକାଶେ ପୁଞ୍ଜି ବ୍ୟୟ, ଯଥା- ଗୋଳାବାରୁଦ କାରଖାନା, ଜାହାଜ ଓ ଉଡ଼ାଜାହାଜ ନିର୍ମାଣ କାରଖାନା, ସୈନ୍ୟମାନଙ୍କ ଶିକ୍ଷା ଓ ତାଲିମ ପାଇଁ ପ୍ରତିଷ୍ଠାନ, ବିମାନଘାଟି, ନୌଘାଟୀ ନିର୍ମାଣ ଇତ୍ୟାଦି।
2. ସାଧାରଣ ସେବା ସଂକ୍ରାନ୍ତୀୟ ପୁଞ୍ଜିବ୍ୟୟ ଯଥା- ମୁଦ୍ରାଶାଳା ନିର୍ମାଣ, ପୋଲିସ୍ ଓ ପ୍ରଶାସନିକ ସେବା ଅଧିକାରୀଙ୍କ ପାଇଁ ପ୍ରତିଷ୍ଠାନ ନିର୍ମାଣ ଇତ୍ୟାଦି।
3. ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅଣ ଉନ୍ନୟନ ବ୍ୟୟ ସକାଶେ ଋଣ।

### 8.3.6 ବଜେଟ୍ (Budget)

'ବଜେଟ' ଶବ୍ଦଟି ଫରାସୀ ଶବ୍ଦ 'ବଜେଟି' (Bougettee)ରୁ ଆନୀତ। 'ବଜେଟି'ର ଅର୍ଥ ହେଲା ଏକ କ୍ଷୁଦ୍ର ଚମଡ଼ା ବ୍ୟାଗ। ଏହି ବ୍ୟାଗ୍ ଅର୍ଥନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱହୀନ କିନ୍ତୁ ଏହି ବ୍ୟାଗରେ ଅର୍ଥମନ୍ତ୍ରୀ ଦେଶର ଯେଉଁ ବାର୍ଷିକ ଆୟବ୍ୟୟ ଅଟକଳର ଦଲିଲ୍ ନେଇ ସଂସଦରେ ଉପସ୍ଥାପନା କରିବାକୁ ଯାଇଥାନ୍ତି ତାହା ହିଁ

ଅର୍ଥନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ବାର୍ଷିକ ପ୍ରସ୍ତାବିତ ଆୟବ୍ୟୟ ସମ୍ବନ୍ଧୀୟ ଦଲିଲକୁ ବଜେଟ୍ କୁହାଯାଏ। ବଜେଟ୍ ଦେଶର ଆର୍ଥିକ ଅବସ୍ଥାର ଏକ ଦର୍ପଣ ସଦୃଶ। ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ସରକାରଙ୍କର ଆର୍ଥନୀତିକ କାର୍ଯ୍ୟକଳାପ ବଜେଟ୍‌ରେ ପ୍ରତିଫଳିତ ହୋଇଥାଏ।

ବଜେଟ୍ କହିଲେ ସରକାରଙ୍କର ଏକ ବାର୍ଷିକ ବିତ୍ତୀୟ ବିବରଣୀକୁ ବୁଝାଏ, ଯେଉଁଥିରୁ ପରବର୍ତ୍ତୀ ଏକ ବର୍ଷରେ ସରକାରଙ୍କର ସମ୍ଭାବ୍ୟ ଆୟ ଓ ପ୍ରସ୍ତାବିତ ବ୍ୟୟ ସମ୍ବନ୍ଧରେ ସୂଚନା ମିଳିଥାଏ।

ଟେଲରଙ୍କ ଭାଷାରେ, "ବଜେଟ୍ ସରକାରଙ୍କର ଏକ ମୁଖ୍ୟ ବିତ୍ତୀୟ ଯୋଜନା ଯାହା ବଜେଟ୍ ବର୍ଷ ପାଇଁ ସମ୍ଭାବ୍ୟ ରାଜସ୍ୱ ଏବଂ ପ୍ରସ୍ତାବିତ ବ୍ୟୟର ପ୍ରାକ୍‌କଳନ ଏକତ୍ର ଉପସ୍ଥାପନ କରିଥାଏ।" (Budget is the master financial plan of the government which brings together estimates of anticpated revenue and proposed expenditure for the budget year)

ଉକ୍ତ ସଂଜ୍ଞାରୁ ବଜେଟ୍‌ର ନିମ୍ନଲିଖିତ ବୈଶିଷ୍ଟ୍ୟ ପରିଦୃଷ୍ଟ ହୋଇଥାଏ।

a. ବଜେଟ୍ ସରକାରଙ୍କର ବାର୍ଷିକ ବିତ୍ତୀୟ ବିବରଣୀ।
b. ଏହା ସରକାରଙ୍କର ସମ୍ଭାବ୍ୟ ଆୟ ଓ ପ୍ରସ୍ତାବିତ ବ୍ୟୟ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥାଏ।
c. ବଜେଟ୍‌ରେ ପ୍ରତିଫଳିତ ପ୍ରସ୍ତାବିତ ଆୟବ୍ୟୟ ବର୍ଷ ଶେଷରେ ପ୍ରକୃତ ଆୟବ୍ୟୟ ଠାରୁ ସାମାନ୍ୟ ବେଶୀ ବା କମ୍ ହୋଇପାରେ।
d. ବଜେଟ୍ ସରକାରଙ୍କର ଆର୍ଥିକନୀତିର ଏକ ସ୍ଥୂଳ ଚିତ୍ର ପ୍ରଦାନ କରିଥାଏ।

### 8.3.6.1 ବଜେଟ୍‌ର ପ୍ରକାରଭେଦ- ସମତୁଲ ବଜେଟ୍ ଓ ଅସମତୁଲ ବଜେଟ୍

ବଜେଟ୍ ମୁଖ୍ୟତଃ ଦୁଇ ପ୍ରକାର। ତାହା ହେଲା-

ସମତୁଲ ବଜେଟ୍ (Balanced budget)
ଅସମତୁଲ ବଜେଟ୍ (Unbalanced budget)

**ସମତୁଲ ବଜେଟ୍**

ଯେଉଁ ବଜେଟ୍‌ରେ ଏକ ବିତ୍ତୀୟ ବର୍ଷରେ ସରକାରଙ୍କ ସମ୍ଭାବ୍ୟ ଆୟ ଓ ପ୍ରସ୍ତାବିତ ବ୍ୟୟ ପରସ୍ପର ସମାନ ହୋଇଥାନ୍ତି ତାହାକୁ ସମତୁଲ ବଜେଟ୍ କୁହାଯାଏ।

ଡାଲଟନ୍‌ଙ୍କ ମତରେ, "ସମତୁଲ ବଜେଟ୍ କହିଲେ ସେହି ବଜେଟକୁ ବୁଝାଏ, ଯେଉଁଠାରେ ଏକ ନିର୍ଦ୍ଦିଷ୍ଟ ସମୟ କାଳରେ ସରକାରୀ ରାଜସ୍ୱ ସରକାରୀ ବ୍ୟୟଠାରୁ କମ୍ ହୁଏ ନାହିଁ"।

ଅର୍ଥାତ୍, ଯେତେବେଳେ ସରକାରଙ୍କର ସମସ୍ତ ସୂତ୍ରରୁ ସଂଗ୍ରହ କରାଯାଉଥିବା ମୋଟ ଆୟ ଓ ବିଭିନ୍ନ ବିଷୟରେ ମୋଟ ବ୍ୟୟ ପରସ୍ପର ସମାନ ହୁଏ, ସେହି ଆୟବ୍ୟୟର ଦଲିଲକୁ ସମତୁଲ ବଜେଟ୍ କୁହାଯାଏ। ଅନ୍ୟଭାଷାରେ ପ୍ରକାଶ କଲେ, ସମତୁଲ ବଜେଟ୍ କ୍ଷେତ୍ରରେ ସରକାରଙ୍କର ମୋଟ ଆୟ ଓ ବ୍ୟୟ ମଧ୍ୟରେ କୌଣସି ତଫାତ୍ ପରିଦୃଷ୍ଟ ହୁଏ ନାହିଁ।

**ଅସମତୁଲ ବଜେଟ୍**

ଯେଉଁ ବଜେଟ୍‌ରେ ସରକାରଙ୍କ ଏକ ବିତ୍ତୀୟ ବର୍ଷରେ ସମ୍ଭାବ୍ୟ ଆୟ ଓ ପ୍ରସ୍ତାବିତ ବ୍ୟୟ ପରସ୍ପର ଅସମାନ ହୋଇଥାନ୍ତି, ତାହାକୁ ଅସମତୁଲ ବଜେଟ୍ କୁହାଯାଏ। ଅସମତୁଲ ବଜେଟ୍ ଦୁଇ ପ୍ରକାର। ଯଥା- ବଳକା ବଜେଟ୍ ଓ ନିଅଣ୍ଟିଆ ବଜେଟ୍। ଯେଉଁ ବଜେଟ୍‌ରେ ସମ୍ଭାବ୍ୟ ଆୟ ପ୍ରସ୍ତାବିତ ବ୍ୟୟଠାରୁ ଅଧିକ ହୋଇଥାଏ, ତାହାକୁ ବଳକା ବଜେଟ୍ କୁହାଯାଏ। ଯେଉଁ ବଜେଟ୍‌ରେ ସମ୍ଭାବ୍ୟ ଆୟ ପ୍ରସ୍ତାବିତ ବ୍ୟୟଠାରୁ କମ୍ ହୋଇଥାଏ ବା ପ୍ରସ୍ତାବିତ ବ୍ୟୟ ସମ୍ଭାବ୍ୟ ଆୟଠାରୁ ଅଧିକ ହୋଇଥାଏ, ତାହାକୁ ନିଅଣ୍ଟିଆ ବଜେଟ୍ କୁହାଯାଏ।

**୪.୨.୬.୨ ବଜେଟ୍‌ର ଲକ୍ଷ୍ୟ**

ଦେଶରେ ଅର୍ଥନୈତିକ ସମୃଦ୍ଧି, ଅର୍ଥନୈତିକ ସ୍ଥିରତା, ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ବୈଷମ୍ୟ ହ୍ରାସ ତଥା ଜନସାଧାରଣଙ୍କର ସର୍ବାଙ୍ଗୀନ କଲ୍ୟାଣ ସାଧନ ନିମିତ୍ତ ସରକାର ବଜେଟ୍‌କୁ ଏକ ମୁଖ୍ୟ ଆୟୁଧ ଭାବରେ ବ୍ୟବହାର କରିଥାନ୍ତି। ବଜେଟ୍‌ର ଲକ୍ଷ୍ୟ ନିମ୍ନରେ ଉପସ୍ଥାପନା କରାଯାଇଛି।

1. **ଅର୍ଥନୈତିକ ସ୍ଥିରତା (Economic Stability) :** ସ୍ଫୀତି ଓ ଅବସ୍ଫୀତି ନିୟନ୍ତ୍ରଣ କରି ଦେଶରେ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ସରକାରଙ୍କର ପ୍ରଧାନ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ସକାଶେ ସରକାର ଦେଶର ବଜେଟ୍‌କୁ ଏକ ପ୍ରଧାନ ଅସ୍ତ୍ରଭାବେ ବ୍ୟବହାର କରିଥାନ୍ତି। ସରକାର ସ୍ଫୀତି ନିୟନ୍ତ୍ରଣ ସକାଶେ ବଳକା ବଜେଟ୍ ଓ ଅବସ୍ଫୀତି ନିୟନ୍ତ୍ରଣ ସକାଶେ ନିଅଣ୍ଟିଆ ବଜେଟ୍ ପ୍ରବର୍ତ୍ତନ କରିଥାନ୍ତି। ବଳକା ବଜେଟ୍ ପ୍ରବର୍ତ୍ତନ ହେଲେ ଆୟ ତୁଳନାରେ ସରକାର ବ୍ୟୟ କମ୍ କରନ୍ତି। ଫଳରେ ଲୋକମାନଙ୍କର ଆୟ ତଥା ଦ୍ରବ୍ୟର ଚାହିଦା ନିମ୍ନମୁଖୀ ହୁଏ ଏବଂ ଦର ହ୍ରାସ ହୁଏ। ସେହିପରି ନିଅଣ୍ଟିଆ ବଜେଟ୍ ପ୍ରବର୍ତ୍ତନ ହେଲେ ଆୟ ତୁଳନାରେ ସରକାର ବ୍ୟୟ ଅଧିକ କରିଥାନ୍ତି। ଫଳରେ ନିୟୋଜନ ପ୍ରସାରଣ ହେବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଆୟ ବୃଦ୍ଧି ହୁଏ ଏବଂ ଦ୍ରବ୍ୟର ଚାହିଦା ତଥା ଦର ବୃଦ୍ଧି ହୁଏ। ସୁତରାଂ ସରକାର ବଳକା ବଜେଟ୍ ଓ ନିଅଣ୍ଟିଆ ବଜେଟ୍ ମାଧ୍ୟମରେ ଦର ନିୟନ୍ତ୍ରଣ କରି ଦେଶରେ ଅର୍ଥନୈତିକ ସ୍ଥିରତା ଆଣିପାରନ୍ତି।

2. **ନିୟୋଜନ ପ୍ରସାରଣ (Expansion of Employment) :** ଦେଶରେ ବେକାରି ସମସ୍ୟାର ସମାଧାନ ନିମନ୍ତେ ନିୟୋଜନ ପ୍ରସାରଣ କରିବା ବା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କର ଅନ୍ୟ ଏକ ମୁଖ୍ୟ ଲକ୍ଷ୍ୟ। ନିୟୋଜନ ସୁଯୋଗ ସୃଷ୍ଟି ନିମନ୍ତେ ସରକାର ଅଧିକ ମଧ୍ୟମ, କ୍ଷୁଦ୍ର ଓ ବୃହତ ଶିଳ୍ପ ତଥା ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା, ରାସ୍ତାଘାଟ ନିର୍ମାଣ, ପରିବହନ ଓ ଯୋଗାଯୋଗ ପ୍ରସାରଣ କରିବା ଆବଶ୍ୟକ। ସୁତରାଂ, ନିଅଣ୍ଟିଆ ବଜେଟ୍ ପ୍ରବର୍ତ୍ତନ ହେଲେ ଏସବୁ ଦିଗରେ ଅଧିକ ବ୍ୟୟ ହୋଇପାରିବ ଏବଂ ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ହେବ।

3. **ଅର୍ଥନୈତିକ ଅଭିବୃଦ୍ଧି (Economic Growth) :** ନିଅଣ୍ଟିଆ ବଜେଟ୍ ମାଧ୍ୟମରେ ସରକାର ଦେଶରେ ନିୟୋଜନ ବୃଦ୍ଧି କରିଥାନ୍ତି। ନିୟୋଜନ ବୃଦ୍ଧି ହେଲେ ଜାତୀୟ ଆୟ ବୃଦ୍ଧି ପାଏ। ସୁତରାଂ ଅର୍ଥନୈତିକ ସମୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ନିଅଣ୍ଟିଆ ବଜେଟ୍ ଏକ ଫଳପ୍ରଦ ଅସ୍ତ୍ରରୂପେ କାର୍ଯ୍ୟ କରିଥାଏ। ବିକାଶୋନ୍ମୁଖୀ ରାଷ୍ଟ୍ରରେ ଅର୍ଥନୈତିକ ପ୍ରଗତି ହାସଲ କରିବା ବଜେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ।

4. **ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ହ୍ରାସ (Reduction of Economic Inequality) :** ସରକାରଙ୍କର ଅନ୍ୟ ଏକ ଲକ୍ଷ୍ୟ ହେଲା ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ଥିବା ବୈଷମ୍ୟ ହ୍ରାସ କରିବା। ଏହି ଲକ୍ଷ୍ୟ ହାସଲ ନିମିତ୍ତ ସରକାର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଅଧିକ ବ୍ୟୟ କରିବା ଓ ଧନୀ ଲୋକଙ୍କ ଉପରେ ଅଧିକ କର ଧାର୍ଯ୍ୟ କରିବା ଆବଶ୍ୟକ ହୋଇଥାଏ। ଅର୍ଥାତ୍ ସରକାର ପ୍ରଗାମୀ ବ୍ୟୟ ଓ ପ୍ରଗାମୀ କର ମାଧ୍ୟମରେ ଧନୀ ଓ ଦରିଦ୍ର ମାନଙ୍କ ମଧ୍ୟରେ ବୈଷମ୍ୟ ହ୍ରାସ କରିଥାଆନ୍ତି। ପ୍ରଗାମୀ ବ୍ୟୟ ଗରିବ ଶ୍ରେଣୀର ଲୋକମାନଙ୍କର ଆୟ ଅଭିବୃଦ୍ଧି କରୁଥିବାବେଳେ ପ୍ରଗାମୀ କର ଧନୀ ଶ୍ରେଣୀ ଲୋକମାନଙ୍କର ଆୟ ହ୍ରାସ କରିଥାଏ। ସୁତରାଂ ନିଅଣ୍ଟିଆ ବଜେଟ୍ ପ୍ରବର୍ତ୍ତନ କରି ସରକାର ଧନୀ ଓ ଦରିଦ୍ର ଶ୍ରେଣୀ ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ହ୍ରାସ ଭଳି ଲକ୍ଷ୍ୟ ହାସଲ କରିଥାନ୍ତି।

5. **ଜନସାଧାରଣଙ୍କ ସର୍ବାଙ୍ଗୀନ କଲ୍ୟାଣ ସାଧନ (Promotion of Overall Public Welfare):** ଆଧୁନିକ ଜନକଲ୍ୟାଣ ରାଷ୍ଟ୍ରରେ ସରକାରଙ୍କର ଅନ୍ୟ ଏକ ଲକ୍ଷ୍ୟ ହେଲା ଜନସାଧାରଣଙ୍କ ସର୍ବାଙ୍ଗୀନ କଲ୍ୟାଣ ସାଧନ। ସରକାରଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସଙ୍ଗେ ସଙ୍ଗେ ବେକାରି ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ସମାଜର ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ଶ୍ରେଣୀର ମଙ୍ଗଳ ନିମନ୍ତେ ବିପୁଳ ପରିମାଣରେ ବ୍ୟୟ କରିବାକୁ ପଡ଼ିଥାଏ। ସୁତରାଂ ନିଅଣ୍ଟିଆ ବଜେଟ୍ ପ୍ରବର୍ତ୍ତନ କରି ସରକାର ସମାଜର ସର୍ବାଙ୍ଗୀନ କଲ୍ୟାଣ ସାଧନ କରିଥାନ୍ତି।

### 8.3.6.3 ସମତୁଲ ଓ ଅସମତୁଲ ବଜେଟ୍ ସପକ୍ଷ ଓ ବିପକ୍ଷରେ ଯୁକ୍ତି

**ସମତୁଲ ବଜେଟ୍ ସପକ୍ଷରେ ଯୁକ୍ତି (Argument " Balanced Budget)**

ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ସମତୁଲ ବଜେଟ୍‌ର ଦୃଢ଼ ସମର୍ଥକ ଥିଲେ। ସେମାନେ ସମତୁଲ ବଜେଟ୍ ସପକ୍ଷରେ ନିମ୍ନଲିଖିତ ଯୁକ୍ତିମାନ ଉପସ୍ଥାପନା କରିଥିଲେ।

1. **ଅପବ୍ୟୟର ଫଳପ୍ରଦ ନିୟନ୍ତ୍ରଣ (Effective Control of Wastefull Expenditure) :** ସଂସ୍ଥାପକ ଅର୍ଥଶାସ୍ତ୍ରୀମାନେ ରାଷ୍ଟ୍ରକୁ ଏକ 'ଶୃଙ୍ଖଳାକାରୀ' ରାଷ୍ଟ୍ରର ଆଖ୍ୟା ଦେଇଥିଲେ। ସେମାନଙ୍କ ମତରେ ସରକାରଙ୍କର କାର୍ଯ୍ୟ ସୀମିତ ହୋଇଥିବାରୁ ସରକାରୀ ବ୍ୟୟ ସ୍ୱଳ୍ପହେବା ଯୁକ୍ତିଯୁକ୍ତ। ଯଦି ସରକାରୀ ବ୍ୟୟ ସରକାରୀ ଆୟ ଠାରୁ ଅଧିକ ହୁଏ ତେବେ ଅପବ୍ୟୟ ହେବାର ଆଶଙ୍କା ଥାଏ। ସମତୁଲ ବଜେଟ୍ ସରକାରଙ୍କୁ ମନମୁଖୀ ତଥା ଅଣଉତ୍ପାଦୀ ବ୍ୟୟ କରିବାକୁ ସୁଯୋଗ ଦେଇ ନ ଥାଏ। ଏହା ସରକାରଙ୍କୁ ବିତ୍ତୀୟ ଶୃଙ୍ଖଳା ଶିକ୍ଷା ଦେଇଥାଏ।

2. **ଅର୍ଥନୈତିକ ଅସ୍ଥିରତା ରୂପକ ବିପଦରୁ ମୁକ୍ତ (Guard against Economic Instability) :** ନିଅଣ୍ଟିଆ ବଜେଟ୍‌ର ମୁଦ୍ରାସ୍ଫୀତି ପ୍ରବଣତା ଥିବାବେଳେ ବଳକା ବଜେଟ୍ ଅବସ୍ଫୀତି ସୃଷ୍ଟି କରିଥାଏ। କିନ୍ତୁ ସନ୍ତୁଳିତ ବଜେଟ୍ ଏହି ପ୍ରକାର ଅର୍ଥନୈତିକ ଅସ୍ଥିରତା ରୂପକ ବିପଦରୁ ଦେଶକୁ ମୁକ୍ତ କରିଥାଏ।

3. **ଋଣଭାର ଜନିତ ସମସ୍ୟାରୁ ମୁକ୍ତ (Free from Debt Burden) :** ସମତୁଲ ବଜେଟ୍‌ରେ ସରକାରଙ୍କର ଆୟ ଓ ବ୍ୟୟ ପରସ୍ପର ସମାନ ହୋଇଥିବାରୁ ଋଣ କରିବାର ଆବଶ୍ୟକତା ନ ଥାଏ। ସୁତରାଂ, ଏହା ଦେଶକୁ ଋଣଭାର ଜନିତ ସମସ୍ୟାରୁ ମୁକ୍ତ କରିଥାଏ।

4. **ଆୟ ବୃଦ୍ଧି (Growth of National Income) :** ସମତୁଲ ବଜେଟ୍ ମଧ୍ୟ ଜାତୀୟ ଆୟ ବୃଦ୍ଧିରେ ସହାୟକ ହୋଇଥାଏ। ଯଦି ସରକାର କିଛି ପରିମାଣରେ ଅତିରିକ୍ତ କର ଆଦାୟ କରି ସେତିକି ପରିମାଣରେ ବ୍ୟୟ ବୃଦ୍ଧି କରନ୍ତି, ଜାତୀୟ ଆୟ ମଧ୍ୟ ସମପରିମାଣରେ ବୃଦ୍ଧି ହୋଇଥାଏ। ଅର୍ଥାତ୍, ସମତୁଲ ବଜେଟ୍ ଗୁଣକର ପରିମାଣ ଏକ ହୋଇଥାଏ।

$$\text{ସମତୁଲ ବଜେଟ୍‌ର ଗୁଣକ} = \frac{\text{ଜାତୀୟ ଆୟ ବୃଦ୍ଧିର ପରିମାଣ}}{\text{ସରକାରୀ ବ୍ୟୟ ବୃଦ୍ଧିର ପରିମାଣ}}$$

ଏଠାରେ ସରକାରୀ ବ୍ୟୟ ବୃଦ୍ଧିର ପରିମାଣ ସରକାରଙ୍କର ଅତିରିକ୍ତ କର ରାଜସ୍ୱ ସହ ସମାନ ହୋଇଥାଏ।

5. **ବିକଶିତ ଦେଶପାଇଁ ଅନୁକୂଳ (Favourable to Developed Countries) :** ବିକଶିତ ଦେଶଗୁଡ଼ିକ ଅର୍ଥନୈତିକ ବିକାଶର ଶୀର୍ଷସ୍ଥାନରେ ପହଞ୍ଚି ସାରିଛନ୍ତି । ସେ ସମସ୍ତ ରାଷ୍ଟ୍ରମାନଙ୍କର ପ୍ରଧାନ ଲକ୍ଷ୍ୟ ହେଲା ପ୍ରଚଳିତ ଅର୍ଥନୈତିକ ସ୍ଥିରତା ସହିତ ପ୍ରଚଳିତ ଆୟକୁ ବଜାୟ ରଖିବା । ଏହି ଲକ୍ଷ୍ୟ ପୂରଣ କରିବାରେ ସନ୍ତୁଳିତ ବଜେଟ୍ ସହାୟକ ହୋଇଥାଏ ।

**ସମତୁଲ ବଜେଟ୍ ବିପକ୍ଷରେ ଯୁକ୍ତି (Arguments against Balanced Budget)**

କ୍ଲାସିକାଲ୍ ଅର୍ଥଶାସ୍ତ୍ରୀମାନେ ସମତୁଲ ବଜେଟ୍ ସପକ୍ଷରେ ଦୃଢ଼ ଯୁକ୍ତି କରୁଥିଲେ ହେଁ, ବର୍ତ୍ତମାନ କାଳରେ ଏହାର ପ୍ରାସଙ୍ଗିକତା ହ୍ରାସ ପାଇଛି । ସମତୁଲ ବଜେଟ୍ ବିପକ୍ଷରେ ନିମ୍ନଲିଖିତ ଯୁକ୍ତିଗୁଡ଼ିକ ଉପସ୍ଥାପନା କରାଯାଇପାରେ ।

1. **ସ୍ଫୀତି ଓ ଅବସ୍ଫୀତି ନିୟନ୍ତ୍ରଣ ସକାଶେ ଅନୁପଯୁକ୍ତ (Unsuitable for Control of Inflation and Deflation) :** ସମତୁଲ ବଜେଟ୍ ଦେଶରେ ସ୍ଫୀତି ଓ ଅବସ୍ଫୀତି ନିୟନ୍ତ୍ରଣ କରିପାରେ ନାହିଁ । ସ୍ଫୀତି ନିୟନ୍ତ୍ରଣ ସକାଶେ ବଳକା ବଜେଟ୍ ଓ ଅବସ୍ଫୀତି ନିୟନ୍ତ୍ରଣ ସକାଶେ ନିअଣ୍ଟିଆ ବଜେଟ୍ ଫଳପ୍ରଦ ହୋଇଥାଏ ।

2. **ଦ୍ରୁତ ଅର୍ଥନୈତିକ ପ୍ରଗତିରେ ସହାୟକ ନୁହେଁ (Does not help in Accelerated Economic Growth) :** ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସକାଶେ ପ୍ରଚୁର ପରିମାଣରେ ପୁଞ୍ଜି ନିବେଶ ଆବଶ୍ୟକ ହୋଇଥାଏ । ନିବେଶ ବୃଦ୍ଧି କରିବାରେ ସରକାର ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ସରକାର ଅଧିକ ବ୍ୟୟ କରି କଳକାରଖାନା ସ୍ଥାପନ କରିବା ସଙ୍ଗେ ସଙ୍ଗେ ବିକାଶର ଭିତ୍ତିଭୂମି ସୃଷ୍ଟି କରି ଘରୋଇ ଉଦ୍ୟୋକ୍ତାମାନଙ୍କୁ ଅଧିକ ପୁଞ୍ଜିନିବେଶ କରିବା ପାଇଁ ପ୍ରୋତ୍ସାହନ ଦେଇଥାନ୍ତି । ଏହି ପରିପ୍ରେକ୍ଷୀରେ ସମତୁଲ ବଜେଟ୍‌ର ପ୍ରାସଙ୍ଗିକତା କମ୍ ।

3. **ବେକାରି ଓ ଦାରିଦ୍ର୍ୟ ମୋଚନ ସକାଶେ ଅନୁପଯୁକ୍ତ (Unsuitable for Alleviating Unemployment and Poverty) :** ଅନୁନ୍ନତ ତଥା ବିକାଶୋନ୍ମୁଖୀ ରାଷ୍ଟ୍ରମାନଙ୍କରେ ଉତ୍କଟ ଦାରିଦ୍ର୍ୟ ଓ ବେକାରି ପରିଲକ୍ଷିତ ହୁଏ । ଏହି ସମସ୍ୟା ସମାଧାନ ସକାଶେ ସରକାରୀ ବ୍ୟୟ ବୃଦ୍ଧିର ଆବଶ୍ୟକ ହୋଇଥାଏ । ସୁତରାଂ ସମତୁଲ ବଜେଟ୍ ବେକାରି ଓ ଦାରିଦ୍ର୍ୟ ମୋଚନ ସକାଶେ ଅନୁପଯୁକ୍ତ ।

4. **ଜନକଲ୍ୟାଣ ରାଷ୍ଟ୍ର ପାଇଁ ଅପ୍ରାସଙ୍ଗିକ (Inappropriate for Welfare State) :** ଆଧୁନିକ ଜନକଲ୍ୟାଣ ରାଷ୍ଟ୍ରରେ ସରକାରଙ୍କର ପ୍ରଧାନ ଲକ୍ଷ୍ୟ ହେଲା ଜନସାଧାରଣଙ୍କ ସର୍ବାଙ୍ଗୀନ କଲ୍ୟାଣ

ସାଧନ। ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସେବା ଯୋଗାଇଦେବା ସଙ୍ଗେ ସଙ୍ଗେ ବେକାରି ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ସମାଜର ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ଶ୍ରେଣୀର ମଙ୍ଗଳ ନିମନ୍ତେ ସରକାରଙ୍କୁ ବିପୁଳ ପରିମାଣର ବ୍ୟୟ କରିବାକୁ ପଡ଼ିଥାଏ। ଏ ପରିସ୍ଥିତିରେ ସମତୁଲ ବଜେଟ୍ ଆଦୌ ଉପଯୁକ୍ତ ନୁହେଁ।

5. **ସରକାରଙ୍କ ସ୍ୱାଧୀନତାର ସଙ୍କୋଚନ (Contraction of Independence of Government) :** ଦେଶର ଅର୍ଥନୈତିକ ସ୍ଥିରତା ତଥା ଅନ୍ୟାନ୍ୟ ବାଞ୍ଛିତ ଲକ୍ଷ୍ୟ ପୂରଣ ସକାଶେ ସରକାର ଉପଯୁକ୍ତ ବିତ୍ତୀୟ ନୀତି ଅବଲମ୍ବନ କରିଥାନ୍ତି। କିନ୍ତୁ ସମତୁଲ ବଜେଟ୍ ସରକାରଙ୍କ ସ୍ୱାଧୀନତାକୁ ସଙ୍କୋଚନ କରିଥାଏ।

**ନିଅଣ୍ଟିଆ ବଜେଟ୍ ସପକ୍ଷରେ ଯୁକ୍ତି (Arguments for Deficit Budget)**

ନିଅଣ୍ଟିଆ ବଜେଟ୍ ସପକ୍ଷରେ ନିମ୍ନଲିଖିତ ଯୁକ୍ତିମାନ ଉପସ୍ଥାପନା କରାଯାଇଅଛି।

1. **ନିଯୋଜନ ଓ ଆୟ ବୃଦ୍ଧି (Growth of Employment and Income) :** ନିଅଣ୍ଟିଆ ବଜେଟ୍ ପ୍ରବର୍ତ୍ତନ କରି ସରକାର ବ୍ୟୟ ବୃଦ୍ଧି କଲେ ନିଯୋଜନ ପ୍ରସାରଣ ସମ୍ଭବ ହୋଇଥାଏ। ଫଳରେ ଲୋକମାନଙ୍କର ଆୟ ବୃଦ୍ଧି ହୁଏ ଏବଂ ଦ୍ରବ୍ୟର ଚାହିଦା ଊର୍ଦ୍ଧ୍ୱମୁଖୀ ହୁଏ। ଦ୍ରବ୍ୟର ଦାମ୍ ବଢ଼ିଲେ ଘରୋଇ ଉଦ୍ୟୋଗୀମାନେ ଉତ୍ସାହିତ ହୋଇ ଅଧିକ ନିବେଶ କରିଥାନ୍ତି। ଫଳରେ ଦେଶରେ ନିଯୋଜନ ଓ ଆୟ ବୃଦ୍ଧି ହୋଇଥାଏ।

2. **ଅବସ୍ଫୀତି ନିୟନ୍ତ୍ରଣ (Control of Deflation) :** ଦ୍ରବ୍ୟର ଚାହିଦା ନିଅଣ୍ଟିଆ ହେଲେ ଦର ହ୍ରାସ ପାଏ। ଫଳରେ ଉଦ୍ୟୋଗୀମାନଙ୍କର ଲାଭର ପରିମାଣ ସଙ୍କୁଚିତ ହୁଏ। ସେମାନେ ବ୍ୟବସାୟରୁ ପୁଞ୍ଜି ପ୍ରତ୍ୟାହାର କରନ୍ତି ଏବଂ ନିଯୋଜନ ହ୍ରାସ ପାଇଥାଏ। ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସରକାର ନିଅଣ୍ଟିଆ ବଜେଟ୍ ପ୍ରବର୍ତ୍ତନ କରିବା ଆବଶ୍ୟକ। ଏହା ଦେଶର ମାନ୍ଦାବସ୍ଥା ବା ଅବସ୍ଫୀତିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

3. **ଅର୍ଥନୈତିକ ଅଭିବୃଦ୍ଧି (Economic Growth) :** ନିଅଣ୍ଟିଆ ବଜେଟ୍ ମାଧ୍ୟମରେ ସରକାର ଦେଶରେ ନିଯୋଜନ ବୃଦ୍ଧି କରିଥାନ୍ତି। ଫଳରେ ଜାତୀୟ ଆୟ ବୃଦ୍ଧି ପାଏ। ସୁତରାଂ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ନିଅଣ୍ଟିଆ ବଜେଟ୍ ଏକ ଫଳପ୍ରଦ ଅସ୍ତ୍ରରୂପେ କାର୍ଯ୍ୟ କରିଥାଏ।

4. **ପ୍ରାକୃତିକ ସମ୍ପଦର ସୁବିନିଯୋଗ (Proper Utilisation of Natural Resoures) :** ସରକାର ନିअଣ୍ଟିଆ ବଜେଟ୍ ପ୍ରବର୍ତ୍ତନ କରି ବ୍ୟୟ ବୃଦ୍ଧି କଲେ ଦେଶର ବିପୁଳ ଶ୍ରମଶକ୍ତି ଓ ପ୍ରାକୃତିକ ସମ୍ପଦର ପୂର୍ଣ୍ଣ ବିନିଯୋଗ ହେବା ସମ୍ଭବ ହୋଇଥାଏ।

5. **ଆୟର ସୁଷମ ବଣ୍ଟନ (Equitable Distribution of Income) :** ଧନୀ ଓ ଦରିଦ୍ରମାନଙ୍କର ଆୟରେ ତାରତମ୍ୟ ହ୍ରାସ କରିବା ସକାଶେ ସରକାର ପ୍ରଗାମୀ ବ୍ୟୟ କରିଥାନ୍ତି। ସନ୍ତୁଳ ବଜେଟ୍‌ରେ ପ୍ରଗାମୀ ବ୍ୟୟର ପରିସର ସଂକୁଚିତ ହୋଇଥାଏ। ପ୍ରଗାମୀ ବ୍ୟୟ ଗରିବଶ୍ରେଣୀ ଲୋକମାନଙ୍କର ଆୟ ବୃଦ୍ଧି କରି ପ୍ରଚଳିତ ତାରତମ୍ୟକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହା କେବଳ ନିଅଣ୍ଟିଆ ବଜେଟ୍ ମାଧ୍ୟମରେ ସମ୍ଭବ ହୋଇଥାଏ।

**ନିଅଣ୍ଟିଆ ବଜେଟ୍ ବିପକ୍ଷରେ ଯୁକ୍ତି (Arguments against Deficit Budget)**

ନିଅଣ୍ଟିଆ ବଜେଟ୍‌ରେ ବହୁତ ସୁବିଧା ଥିବା ସତ୍ତ୍ୱେ ନିମ୍ନଲିଖିତ ଅସୁବିଧାମାନ ପରିଲକ୍ଷିତ ହୋଇଥାଏ।

1. **ଚାହିଦା ସ୍ଫୀତିର ସୂତ୍ରପାତ (Emergence of Demand Inflation) :** ନିଅଣ୍ଟିଆ ବଜେଟ୍‌କୁ ଭରଣା କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ନୂତନ ମୁଦ୍ରା ସୃଷ୍ଟି କରିଥାନ୍ତି। ଏହାଫଳରେ ଚାହିଦାସ୍ଫୀତି (Demand inflation) ବା ସ୍ଫୀତିର ସୂତ୍ରପାତ ହୋଇଥାଏ, ଯାହା ଅର୍ଥନୀତି ପାଇଁ ହାନିକାରକ।

2. **ଆର୍ଥିକ ବିଶୃଙ୍ଖଳା (Economic Indiscipline) :** ନିଅଣ୍ଟିଆ ବଜେଟ୍ ମାଧ୍ୟମରେ ସରକାର ଯେଉଁ ବ୍ୟୟ ବୃଦ୍ଧି କରନ୍ତି ତାହା ଉପଯୁକ୍ତ ଦିଗରେ କରା ନ ଗଲେ ଦେଶରେ ଉତ୍ପାଦନ ବୃଦ୍ଧି ପାଇ ନ ଥାଏ। ଫଳରେ ଦେଶରେ ଘୋର ଆର୍ଥିକ ବିଶୃଙ୍ଖଳା ସୃଷ୍ଟି ହୁଏ।

3. **ଅନାବଶ୍ୟକ ବ୍ୟୟ ବୃଦ୍ଧି (Growth of Wasteful Expenditure) :** ନିଅଣ୍ଟିଆ ବଜେଟ୍ ଯୋଗୁ ସରକାରଙ୍କର ଅନାବଶ୍ୟକ ବ୍ୟୟ ବୃଦ୍ଧି ହେବାର ବହୁତ ସମ୍ଭାବନା ଥାଏ।

4. **ରପ୍ତାନି ହ୍ରାସ (Reduction of Exports) :** ନିଅଣ୍ଟିଆ ବଜେଟ୍ ଯୋଗୁଁ ଦରବୃଦ୍ଧି ଘଟୁଥିବାରୁ ଘରୋଇ ଦ୍ରବ୍ୟର ଚାହିଦା ବିଦେଶ ବଜାରରେ ହ୍ରାସ ପାଏ। ଫଳରେ ରପ୍ତାନି ବାଧାପ୍ରାପ୍ତ ହୁଏ ଏବଂ ବୈଦେଶିକ ମୁଦ୍ରା ଅର୍ଜନ ହ୍ରାସ ପାଏ।

**ବଳକା ବଜେଟ୍‌ର ସୁବିଧା (Merits of Surplus Budget)**

1. ବଳକା ବଜେଟ୍ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ।
2. ଏହା ସର୍ବଦା ସରକାରଙ୍କ ଦେୟତା ହ୍ରାସ କରିଥାଏ।
3. ଏହି ବଜେଟ୍ ପ୍ରଚଳନ ଯୋଗୁ ସରକାରଙ୍କର ଅନାବଶ୍ୟକ ଓ ଅଣଉତ୍ପାଦୀ ବ୍ୟୟ ହେବାର ସମ୍ଭାବନା କମ୍ ଥାଏ।

**ବଳକା ବଜେଟ୍‌ର ଅସୁବିଧା (Demerits of Surplus Budget)**

1. ଏହା ଦେଶର ନିଯୋଜନ ଓ ଆୟ ବୃଦ୍ଧିରେ ସହାୟକ ହୋଇ ନ ଥାଏ।
2. ଏହା ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରେ ନାହିଁ।
3. ଧନୀ ଓ ଗରିବ ମଧ୍ୟରେ ତାରତମ୍ୟ ହ୍ରାସ କରିବାରେ ଏହାର ଭୂମିକା ନ ଥାଏ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ନିଅଣ୍ଟିଆ ବଜେଟ୍ ଦେଶରେ ନିଯୋଜନ, ଆୟ ଓ ଅର୍ଥନୈତିକ ଅଭିବୃଦ୍ଧିର ପ୍ରଧାନ ଅସ୍ତ୍ର ହୋଇଥିବାବେଳେ ବଳକା ବଜେଟ୍ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ବିଶେଷ ସହାୟକ ହୋଇଥାଏ।

❑❑❑

# ସାରାଂଶ

## ମୁଦ୍ରା

1. **ପଣ୍ୟ ବିନିମୟ:** ବିଭିନ୍ନ ଦ୍ରବ୍ୟ ସମୂହ ମଧ୍ୟରେ ପ୍ରତ୍ୟକ୍ଷ ବା ସିଧାସଳଖ ବିନିମୟକୁ ପଣ୍ୟ ବିନିମୟ ବା ପ୍ରତ୍ୟକ୍ଷ ବିନିମୟ କୁହାଯାଏ। ପଣ୍ୟ ବିନିମୟ ପ୍ରଥାର ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ମୁଦ୍ରାର ଉଦ୍ଭାବନ ହୋଇଥିଲା।

2. **ମୁଦ୍ରାର ଅର୍ଥ:** କ୍ରାଉଥରଙ୍କ ମତରେ "ଯେ କୌଣସି ଦ୍ରବ୍ୟ ଯାହା ବିନିମୟର ମାଧ୍ୟମ ରୂପେ (ଅର୍ଥାତ୍ ଋଣ ପରିଶୋଧର ସାଧନ ରୂପେ) ସର୍ବଜନଗ୍ରାହ୍ୟ ହୋଇଥିବା ସଙ୍ଗେ ସଙ୍ଗେ ମୂଲ୍ୟର ପରିମାପକ ଓ ମୂଲ୍ୟର ନିଧାନ ରୂପେ କାର୍ଯ୍ୟ କରେ ତାହାକୁ ମୁଦ୍ରା କୁହାଯାଏ।"

   ରବର୍ଟସନଙ୍କ ମତରେ "ଦ୍ରବ୍ୟର ମୂଲ୍ୟ ପ୍ରଦାନ ଏବଂ ଅନ୍ୟ ପ୍ରକାର ଦାୟମୁକ୍ତ ହେବା ନିମନ୍ତେ ଯେଉଁ ବସ୍ତୁ ବ୍ୟାପକ ଭାବେ ଗ୍ରହଣୀୟ ହୁଏ, ତାହାକୁ ମୁଦ୍ରା କୁହାଯାଏ।"

3. **ମୁଦ୍ରାର କାର୍ଯ୍ୟ:** ମୁଦ୍ରା ବିନିମୟର ମାଧ୍ୟମ, ମୂଲ୍ୟର ପରିମାପକ, ସ୍ଥଗିତ ପ୍ରାପ୍ୟ ପ୍ରଦାନର ମାନ, ମୂଲ୍ୟର ଏକ ନିଧାନ, ମୂଲ୍ୟ ସଞ୍ଚୟର ଧାରକ ଓ ମୂଲ୍ୟ ସ୍ଥାନାନ୍ତରକରଣର ସାଧନ ଭାବେ କାର୍ଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ମୁଦ୍ରା ଋଣ ବ୍ୟବସ୍ଥାର ମୂଳଭିତ୍ତି, ଜାତୀୟ ଉତ୍ପାଦ ବଣ୍ଟନ, ସର୍ବାଧିକ ପରିତୃପ୍ତି ତଥା ସର୍ବାଧିକ ଲାଭ ହାସଲ କରିବାର ସାଧନ ତଥା ସମ୍ପଦର ତରଳତାର ବାହକ ଭାବେ କାର୍ଯ୍ୟ କରିଥାଏ।

4. **ମୁଦ୍ରାର ପ୍ରକାରଭେଦ:** ମୁଦ୍ରା ବିଧିଗ୍ରାହ୍ୟ ମୁଦ୍ରା ଅଥବା ବ୍ୟାଙ୍କ ମୁଦ୍ରା ହୋଇପାରେ।

   **ବିଧିଗ୍ରାହ୍ୟ ମୁଦ୍ରା-** ଯେଉଁ ମୁଦ୍ରା ପଛରେ ସାର୍ବଜନୀନ ସ୍ୱୀକୃତି ଓ ଆଇନର ସମର୍ଥନ ଥାଏ ତାହାକୁ ବିଧିଗ୍ରାହ୍ୟ ମୁଦ୍ରା କୁହାଯାଏ। ଦେଶରେ ପ୍ରଚଳିତ ନୋଟ ଓ ଧାତୁ ମୁଦ୍ରା ବିଧିଗ୍ରାହ୍ୟ ମୁଦ୍ରାର ଉଦାହରଣ। ବିଧିଗ୍ରାହ୍ୟ ମୁଦ୍ରା ଦୁଇ ପ୍ରକାର- ଅସୀମ ବିଧିଗ୍ରାହ୍ୟ ମୁଦ୍ରା ଓ ସୀମିତ ବିଧିଗ୍ରାହ୍ୟ ମୁଦ୍ରା।

   **ବ୍ୟାଙ୍କ ମୁଦ୍ରା-** ବ୍ୟାଙ୍କ ଋଣ ପ୍ରଦାନ କରିବା ସମୟରେ ଋଣକର୍ତ୍ତାଙ୍କ ନାମରେ ଯେଉଁ ଜମା ସୃଷ୍ଟି କରନ୍ତି ତାହାକୁ ବ୍ୟାଙ୍କ ମୁଦ୍ରା କୁହାଯାଏ। ଏହି ମୁଦ୍ରା ଚେକ୍ ମାଧ୍ୟମରେ ଆଦାନ ପ୍ରଦାନ ହୋଇଥାଏ ଏବଂ ମୁଦ୍ରାର କାର୍ଯ୍ୟ କରିଥାଏ।

5. **ନିକଟ ମୁଦ୍ରା:** ଏହା ଅଧିକ ତରଳତା ସମ୍ପନ୍ନ ସେହି ପରିସମ୍ପତ୍ତିକୁ ବୁଝାଏ ଯାହା ମୂଲ୍ୟର ଅପଚୟ ବିନା ସ୍ୱଳ୍ପ ସମୟ ମଧ୍ୟରେ ମୁଦ୍ରାରେ ପରିଣତ କରାଯାଇପାରେ।

## ବ୍ୟାଙ୍କିଙ୍ଗ୍

6. **ବାଣିଜ୍ୟିକ ବ୍ୟାଙ୍କ:** ଯେଉଁ ଅନୁଷ୍ଠାନର ଋଣ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ଋଣ ପରିଶୋଧ ନିମନ୍ତେ ବ୍ୟାପକଭାବେ ଗୃହୀତ ହୁଏ ତାହାକୁ ବ୍ୟାଙ୍କ କୁହାଯାଏ।

7. **ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟାବଳୀ:** ଜମାସଂଗ୍ରହ, ଋଣ ପ୍ରଦାନ, ମୁଦ୍ରା ସୃଷ୍ଟି, ଏଜେଣ୍ଟ ହିସାବରେ ସେବା, ସାଧାରଣ ଉପଯୋଗିତା ମୂଳକ ସେବା ଆଦି ବାଣିଜ୍ୟିକ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ।

8. **କେନ୍ଦ୍ରୀୟ ବ୍ୟାଙ୍କ:** ଯେଉଁ ବ୍ୟାଙ୍କ ଦେଶରେ ମୁଦ୍ରା ଏବଂ ବ୍ୟାଙ୍କ ବ୍ୟବସ୍ଥାର ଶୀର୍ଷରେ ଅବସ୍ଥିତ ଏବଂ ନୋଟ୍ ପ୍ରଚଳନ ସହିତ ସମ୍ପୃକ୍ତ ଦେଶର ଆର୍ଥନୀତିକ ସ୍ୱାର୍ଥସାଧନ ସକାଶେ ନାନା ପ୍ରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରେ ତାହାକୁ କେନ୍ଦ୍ରୀୟ ବ୍ୟାଙ୍କ କୁହାଯାଏ।

9. **କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟାବଳୀ:** ନୋଟ ପ୍ରଚଳନର ଏକାଧିକାର, ସରକାରଙ୍କ ବ୍ୟାଙ୍କ, ବ୍ୟାଙ୍କ ମାନଙ୍କର ବ୍ୟାଙ୍କ, ବୈଦେଶିକ ବିନିମୟ ମୁଦ୍ରାର ତତ୍ତ୍ୱାବଧାରକ, ଅନ୍ତିମ ପର୍ଯ୍ୟାୟର ଋଣଦାତା, କେନ୍ଦ୍ରୀୟ ପରିଶୋଧନ ବ୍ୟାଙ୍କ, ଋଣ ନିୟନ୍ତ୍ରଣ ଓ ବିକାଶର ବାହକ ଭାବେ କେନ୍ଦ୍ରୀୟ ବ୍ୟାଙ୍କ କାର୍ଯ୍ୟ କରିଥାଏ।

## ରାଷ୍ଟ୍ରୀୟ ବିତ୍ତ

10. **ରାଷ୍ଟ୍ରୀୟବିତ୍ତ:** ଏହା ସରକାରଙ୍କ ଆୟ ଓ ବ୍ୟୟ ଏବଂ ଗୋଟିକର ଅନ୍ୟଟି ସହିତ ସମାଯୋଜନ ବିଷୟକ ବିଶ୍ଳେଷଣ।

11. **ସରକାରୀ ରାଜସ୍ୱ:** ସଂକୀର୍ଣ୍ଣ ଅର୍ଥରେ ସରକାରଙ୍କର ଆୟକୁ ସରକାରୀ ରାଜସ୍ୱ କୁହାଯାଏ। ନିଜ ଉପରେ ଦେୟତା ବୃଦ୍ଧି ନ କରି ସରକାର ଯେଉଁ ଆୟ ଗ୍ରହଣ କରିଥାନ୍ତି ତାହାକୁ ସରକାରୀ ରାଜସ୍ୱ କୁହାଯାଏ।

12. **ସରକାରୀ ରାଜସ୍ୱର ଉତ୍ସ:** କର, ପ୍ରଶାସନିକ ରାଜସ୍ୱ, ଫିସ୍, ଲାଇସେନ୍ସ ଫି, ଜୋରିମାନା, ବ୍ୟାଜ୍ୟାପ୍ତି, ବିଶେଷ ନିର୍ଦ୍ଧାରଣ, ବାଣିଜ୍ୟିକ ରାଜସ୍ୱ, ଦାନ ଓ ଅନୁଦାନ ଇତ୍ୟାଦି।

13. **ପ୍ରତ୍ୟକ୍ଷ କର:** ଯେଉଁ କରର ପ୍ରାରମ୍ଭିକ ମୁଦ୍ରାଭାର (କରାପାତ) ଓ ଅନ୍ତିମ ମୁଦ୍ରାଭାର (କରାଘାତ) ଜଣେ ବ୍ୟକ୍ତି ବହନ କରିଥାଏ ତାହାକୁ ପ୍ରତ୍ୟକ୍ଷ କର କୁହାଯାଏ।

14. **ପରୋକ୍ଷ କର:** ଯେଉଁ କରର ପ୍ରାରମ୍ଭିକ ମୁଦ୍ରାଭାର (କରାପାତ) ଓ ଅନ୍ତିମ ମୁଦ୍ରାଭାର (କରାଘାତ) ଭିନ୍ନ ଭିନ୍ନ ବ୍ୟକ୍ତି ବହନ କରିଥାନ୍ତି ତାହାକୁ ପରୋକ୍ଷ କର କୁହାଯାଏ।

15. **ସରକାରୀ ବ୍ୟୟ:** ସରକାର ଲୋକମାନଙ୍କର ସମଷ୍ଟିଗତ ଅଭାବ ପୂରଣ ଓ ଅର୍ଥନୈତିକ କଲ୍ୟାଣ ସାଧନ ନିମିତ୍ତ ଯେଉଁ ବ୍ୟୟ ବହନ କରନ୍ତି ତାହାକୁ ସାଧାରଣ ବ୍ୟୟ ବା ସରକାରୀ ବ୍ୟୟ କୁହାଯାଏ।

16. **ରାଜସ୍ୱ ବ୍ୟୟ:** ଯେଉଁ ପ୍ରକାର ସରକାରୀ ବ୍ୟୟ ସରକାରୀ ବିଭାଗଗୁଡ଼ିକର ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟ ସମ୍ପାଦନ ତଥା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁଦାନ ଆଦି ବହୁବିଧ ସେବା ପ୍ରଦାନ ନିମନ୍ତେ ଆବଶ୍ୟକ ହୋଇଥାଏ ତାହାକୁ ରାଜସ୍ୱ ବ୍ୟୟ କୁହାଯାଏ।

17. **ପୁଞ୍ଜି ବ୍ୟୟ:** ଯେଉଁ ପ୍ରକାର ସରକାରୀ ବ୍ୟୟ ସ୍ଥାୟୀ ସମ୍ପତ୍ତି ନିର୍ମାଣ ତଥା ଆହରଣ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ଋଣ ଓ ଅଗ୍ରିମ ଦେବାରେ ବ୍ୟୟ ହୋଇଥାଏ ତାହାକୁ ପୁଞ୍ଜିବ୍ୟୟ କୁହାଯାଏ।

18. **ଯୋଜନା ବ୍ୟୟ:** କେନ୍ଦ୍ରୀୟ ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟକ୍ରମ ରୂପାୟନ କରିବା ସକାଶେ ବ୍ୟୟ ତଥା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଯୋଜନା ସହାୟତାକୁ ବୁଝାଏ।

19. **ଅଣଯୋଜନା ବ୍ୟୟ:** ଅଣଯୋଜନା ବ୍ୟୟ କହିଲେ କେନ୍ଦ୍ର ସରକାରଙ୍କର ଯୋଜନା ବ୍ୟୟରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ଅନ୍ୟ ସମସ୍ତ ବ୍ୟୟକୁ ବୁଝାଏ।

20. **ଉନ୍ନୟନ ବ୍ୟୟ:** ଯେଉଁ ବ୍ୟୟ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ, ତାହାକୁ ଉନ୍ନୟନ ବ୍ୟୟ-କୁହାଯାଏ।

21. **ଅଣଉନ୍ନୟନ ବ୍ୟୟ:** ଯେଉଁ ପ୍ରକାର ସରକାରୀ ବ୍ୟୟ ଦେଶର ଆର୍ଥନୀତିକ ଅଭିବୃଦ୍ଧିରେ ସହାୟକ ହୋଇ ନ ଥାଏ, ତାହାକୁ ଅଣ ଉନ୍ନୟନ ବ୍ୟୟ କୁହାଯାଏ।

22. **ବଜେଟ୍:** ବଜେଟ୍ କହିଲେ ସରକାରଙ୍କର ଏକ ବାର୍ଷିକ ବିତ୍ତୀୟ ବିବରଣୀକୁ ବୁଝାଯାଏ ଯେଉଁଥିରେ ପରବର୍ତ୍ତୀ ବର୍ଷରେ ସରକାରଙ୍କର ସମ୍ଭାବ୍ୟ ଆୟ ଓ ପ୍ରସ୍ତାବିତ ବ୍ୟୟ ସମ୍ବନ୍ଧରେ ସୂଚନା ମିଳିଥାଏ।

23. **ସମତୁଲ ବଜେଟ୍:** ଯେଉଁ ବଜେଟ୍‌ରେ ସମ୍ଭାବ୍ୟ ଆୟ ଓ ପ୍ରସ୍ତାବିତ ବ୍ୟୟ ପରସ୍ପର ସମାନ ହୋଇଥାନ୍ତି ତାହାକୁ ସମତୁଲ ବଜେଟ୍ କୁହାଯାଏ।

24. **ଅସମତୁଲ ବଜେଟ୍:** ଯେଉଁ ବଜେଟରେ ସରକାରଙ୍କର ସମ୍ଭାବ୍ୟ ଆୟ ଓ ପ୍ରସ୍ତାବିତ ବ୍ୟୟ ଅସମାନ ହୋଇଥାନ୍ତି ତାହାକୁ ଅସମତୁଲ ବଜେଟ୍ କୁହାଯାଏ।

25. **ନିଅଣ୍ଟିଆ ବଜେଟ୍:** ଯେଉଁ ବଜେଟ୍‌ରେ ସମ୍ଭାବ୍ୟ ଆୟ ପ୍ରସ୍ତାବିତ ବ୍ୟୟ ଠାରୁ କମ୍ ହୋଇଥାଏ, ତାହାକୁ ନିଅଣ୍ଟିଆ ବଜେଟ୍ କୁହାଯାଏ।

26. **ବଳକା ବଜେଟ୍:** ଯେଉଁ ବଜେଟ୍‌ରେ ସମ୍ଭାବ୍ୟ ଆୟ ପ୍ରସ୍ତାବିତ ବ୍ୟୟ ଠାରୁ ଅଧିକ ହୋଇଥାଏ, ତାହାକୁ ବଳକା ବଜେଟ୍ କୁହାଯାଏ।

❑❑❑

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ- ବସ୍ତୁନିଷ୍ଠ ପ୍ରଶ୍ନ (ବାଧ୍ୟତାମୂଳକ)

(ପ୍ରତ୍ୟେକର ମୂଲ୍ୟ ଏକ ନମ୍ବର)

1. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ।

(a) ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତରେ ହିସାବର ଏକକ ?

(i) ଦଶ ଟଙ୍କା (ii) ଶହେ ଟଙ୍କା

(iii) ଏକ ଟଙ୍କା (iv) ଟଙ୍କା

(b) ଯେଉଁ ପରିସମ୍ପତ୍ତି ତରଳ ହୋଇଥିଲେ ମଧ୍ୟ ବାସ୍ତବ ମୁଦ୍ରା ପରି ତରଳ ହୋଇ ନ ଥାନ୍ତି, ସେଗୁଡ଼ିକୁ କ'ଣ କୁହନ୍ତି ?

(i) ମୁଦ୍ରା (ii) ବ୍ୟାଙ୍କ ମୁଦ୍ରା

(iii) ପ୍ରାମାଣିକ ମୁଦ୍ରା (iv) ନିକଟ ମୁଦ୍ରା

(c) ନିମ୍ନଲିଖିତ ମଧ୍ୟରୁ କେଉଁଟି ନିକଟ ମୁଦ୍ରାର ଅନ୍ତର୍ଭୁକ୍ତ ନୁହେଁ ?

(i) ଦଶଟଙ୍କିଆ ନୋଟ (ii) ସରକାରୀ ପ୍ରତିଭୂତି

(iii) କମ୍ପାନୀର ଅଂଶ (iv) ବିନିମୟ ପତ୍ର

(d) "ମୁଦ୍ରା ସେହି ବସ୍ତୁ, ଯାହା ମୁଦ୍ରାର କାର୍ଯ୍ୟକରେ"- କିଏ କହିଥିଲେ ?

(i) ରବର୍ଟସନ୍ (ii) କ୍ରାଉଦର

(iii) ସେଲିଗମ୍ୟାନ୍ (iv) ଫ୍ରାନ୍‌ସିସ୍ ୱାକର

(e) ମୁଦ୍ରାର କେଉଁ କାର୍ଯ୍ୟ ଯୋଗୁ ତାହାକୁ 'ହିସାବର ଏକକ' କୁହାଯାଏ ?

(i) ବିନିମୟର ମାଧ୍ୟମ (ii) ମୂଲ୍ୟର ପରିମାପକ

(iii) ମୂଲ୍ୟର ନିଧାନ (iv) ସ୍ଥଗିତ ପ୍ରାପ୍ୟ ପରିଶୋଧର ମାନଦଣ୍ଡ

(f) ବିନିମୟର ମାଧ୍ୟମ ଭାବେ ଯାହା କାର୍ଯ୍ୟ କରେ, ତାହାକୁ କ'ଣ କହନ୍ତି ?

(i) ଦର (ii) ମୂଲ୍ୟ

(iii) ମୁଦ୍ରା (iv) ସୁଧ

(g) ଋଣର ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିବା ବ୍ୟାଙ୍କକୁ କ'ଣ କୁହାଯାଏ ?

(i) ବାଣିଜ୍ୟିକ ବ୍ୟାଙ୍କ (ii) ଗ୍ରାମ୍ୟ ବ୍ୟାଙ୍କ

(iii) କେନ୍ଦ୍ରୀୟ ବ୍ୟାଙ୍କ (iv) ସମବାୟ ବ୍ୟାଙ୍କ

(h) ଯେଉଁ ଜମାରେ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ପରିମାଣର ମୁଦ୍ରା କିଛି ବର୍ଷ ପାଇଁ ଜମା ରଖାଯାଏ, ତାହାକୁ କ'ଣ କୁହାଯାଏ ?

(i) ମିଆଦୀ ଜମା (ii) ସଞ୍ଚୟ ଜମା

(iii) ଚଳନ୍ତି ଜମା (iv) ପୁନଃପୌନିକ ଜମା

(i) ନିମ୍ନଲିଖିତ ମଧ୍ୟରୁ କେଉଁଟି କେନ୍ଦ୍ରୀୟ ବ୍ୟାଙ୍କର ଏକ କାର୍ଯ୍ୟ ?

(i) ଜନସାଧାରଣଙ୍କଠାରୁ ଜମା ଗ୍ରହଣ (ii) ଜନସାଧାରଣଙ୍କୁ ଋଣ ପ୍ରଦାନ

(iii) କାଗଜ ମୁଦ୍ରା ପ୍ରଚଳନ (iv) ସମବାୟ ସମିତିଗୁଡ଼ିକୁ ଋଣ ପ୍ରଦାନ

(j) ଆମ ଦେଶରେ ନିମ୍ନଲିଖିତ ବ୍ୟାଙ୍କ ଗୁଡ଼ିକ ମଧ୍ୟରୁ କେଉଁଟି ଅନ୍ତିମ ପର୍ଯ୍ୟାୟ ଋଣଦାତା ?

(i) ଭାରତୀୟ ଷ୍ଟେଟବ୍ୟାଙ୍କ (ii) ଭାରତୀୟ ରିଜର୍ଭ ବ୍ୟାଙ୍କ

(iii) ଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ (iv) କେନ୍ଦ୍ରୀୟ ସମବାୟ ବ୍ୟାଙ୍କ

(k) ନିମ୍ନଲିଖିତ ମଧ୍ୟରୁ କେଉଁଟି ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟ ନୁହେଁ ?

(i) ଜମା ଗ୍ରହଣ (ii) ଋଣ ପ୍ରଦାନ

(iii) ନୋଟ ପ୍ରଚଳନ (iv) ଋଣ ସୃଷ୍ଟି

(l) ନିମ୍ନଲିଖିତ ମଧ୍ୟରୁ କେଉଁଟି କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟ ନୁହେଁ ?

(i) ନୋଟ ପ୍ରଚଳନ (ii) ଋଣ ସୃଷ୍ଟି

(iii) ଋଣ ନିୟନ୍ତ୍ରଣ (iv) ଅନ୍ତିମ ଋଣଦାତା

(m) ଭାରତୀୟ ରିଜର୍ଭ ବ୍ୟାଙ୍କ୍ କେଉଁ ମସିହାରେ ସ୍ଥାପିତ ହୋଇଥିଲା ?

(i) 1856 (ii) 1949

(iii) 1951 (iv) 1935

(n) କେଉଁ ବ୍ୟାଙ୍କକୁ ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କର ଜନନୀ କୁହାଯାଏ ?

(i) ସ୍ୱିଡେନ୍‌ର ରିକ୍‌ସ ବ୍ୟାଙ୍କ (ii) ବ୍ୟାଙ୍କ ଅଫ୍ ଇଂଲଣ୍ଡ

(iii) ଫେଡ଼େରାଲ ରିଜର୍ଭ ବ୍ୟାଙ୍କ (iv) ବ୍ୟାଙ୍କ ଅଫ୍ ଜାପାନ୍

(o) ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତ ସରକାରଙ୍କର ଆୟର ଉତ୍ସ ନୁହେଁ ?

(i) ଆୟକର (ii) ସୀମା ଶୁଳ୍କ

(iii) ଭୂ-ରାଜସ୍ୱ (iv) ସେବାକର

(p) ପ୍ରତ୍ୟକ୍ଷ ସୁବିଧା ବା ଲାଭର କୌଣସି ଆଶା ନ ରଖି ଯାହା ସରକାରଙ୍କୁ ପ୍ରଦାନ କରାଯାଏ, ତାକୁ କ'ଣ କୁହାଯାଏ ?

(i) କର (ii) ଫିସ୍

(iii) ବିଶେଷ ନିର୍ଦ୍ଧାରଣ (iv) ଦର

(q) ଯୋଜନା ବହିର୍ଭୂତ ସମସ୍ତ ସରକାରୀ ବ୍ୟୟକୁ କ'ଣ କୁହାଯାଏ ?

(i) ଯୋଜନା ବ୍ୟୟ (ii) ସରକାରୀ ବ୍ୟୟ

(iii) ଅଣଯୋଜନା ବ୍ୟୟ (iv) ଉପରଲିଖିତ ମଧ୍ୟରୁ କେଉଁଟି ନୁହେଁ

(r) ସରକାରଙ୍କଠାରୁ ମିଳୁଥିବା ସ୍ୱତନ୍ତ୍ର ସୁବିଧା ପାଇଁ ଯେଉଁ ବାଧ୍ୟତାମୂଳକ ଦେୟ ପ୍ରଦାନ କରାଯାଏ ତାକୁ କ'ଣ କୁହାଯାଏ ?

(i) କର (ii) ଫିସ୍

(iii) ଦର (iv) ବିଶେଷ ନିର୍ଦ୍ଧାରଣ

(s) ରେଳ ପରିବହନରୁ ମିଳୁଥିବା ଆୟକୁ କେଉଁ ରାଜସ୍ୱରେ ଅନ୍ତର୍ଭୁକ୍ତ କରାଯାଇଥାଏ ?

(i) କର ରାଜସ୍ୱ (ii) ପ୍ରଶାସନିକ ରାଜସ୍ୱ

(iii) ବାଣିଜ୍ୟିକ ରାଜସ୍ୱ (iv) ଅନୁଦାନ

(t) ନିମ୍ନଲିଖିତ ବ୍ୟୟ ମଧ୍ୟରୁ କେଉଁଟି ଭାରତ ସରକାରଙ୍କ ଯୋଜନା ବ୍ୟୟରେ ଅନ୍ତର୍ଭୁକ୍ତ ନୁହେଁ ?

(i) ଆର୍ଥନୀତିକ ସେବାରେ ବ୍ୟୟ (ii) ସାମାଜିକ ଓ ଗୋଷ୍ଠୀ ସେବାରେ ବ୍ୟୟ

(iii) ପ୍ରତିରକ୍ଷା ବ୍ୟୟ (iv) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁଦାନ

(u) ସମତୁଲ ବଜେଟ୍ ହେଉଛି ତାହା, ଯେଉଁଥିରେ:

(i) ପ୍ରସ୍ତାବିତ ବ୍ୟୟ ସମ୍ଭାବ୍ୟ ଆୟଠାରୁ ଅଧିକ

(ii) ପ୍ରସ୍ତାବିତ ବ୍ୟୟ ସମ୍ଭାବ୍ୟ ଆୟ ଠାରୁ କମ୍

(iii) ପ୍ରସ୍ତାବିତ ବ୍ୟୟ ଓ ସମ୍ଭାବ୍ୟ ଆୟ ସମାନ

(iv) ଉପରଲିଖିତ ମଧ୍ୟରୁ କେଉଁଟି ନୁହେଁ

(v) ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କେଉଁ ବଜେଟ୍ ଅଧିକ ଫଳପ୍ରଦ ?

(i) ନିଅଣ୍ଟିଆ ବଜେଟ୍ (ii) ବଳକା ବଜେଟ୍

(iii) ସମତୁଲ ବଜେଟ୍ (iv) ଉପରଲିଖିତ ମଧ୍ୟରୁ କେଉଁଟି ନୁହେଁ

(w) ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ କେଉଁ ବଜେଟ୍ ଅଧିକ ସହାୟକ ହୋଇଥାଏ ?

(i) ସମତୁଲ ବଜେଟ୍ (ii) ନିଅଣ୍ଟିଆ ବଜେଟ୍

(iii) ବଳକା ବଜେଟ୍ (iv) ଉପରଲିଖିତ ମଧ୍ୟରୁ କେଉଁଟି ନୁହେଁ

(x) ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଣଯୋଜନା ବ୍ୟୟରେ ଅନ୍ତର୍ଭୁକ୍ତ ?

(i) ସୁଧ ପରିଶୋଧ (ii) ପ୍ରତିରକ୍ଷା ସେବା ବ୍ୟୟ

(iii) ସରକାରୀ ସହାୟତା (iv) ଉପରଲିଖିତ ସମସ୍ତ

2. I. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର।
(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ଏକ ନମ୍ବର)

(a) ମୁଦ୍ରା କହିଲେ କ'ଣ ବୁଝ ?

(b) ନିକଟ ମୁଦ୍ରା କ'ଣ ?

(c) ନିକଟ ମୁଦ୍ରାର ଗୋଟିଏ ଉଦାହରଣ ଦିଅ।

(d) କେଉଁ ବ୍ୟାଙ୍କ ଅନ୍ତିମ ପର୍ଯ୍ୟାୟର ଋଣ ଦାତା ?

(e) କେଉଁ ବ୍ୟାଙ୍କ ପରିଶୋଧନ ଗୃହ ରୂପେ କାର୍ଯ୍ୟ କରେ ?

(f) ନୋଟ ପ୍ରଚଳନର ଏକାଧିକାର ଥିବା ବ୍ୟାଙ୍କର ନାମ କ'ଣ ?

(g) ଭାରତରେ କେନ୍ଦ୍ରୀୟ ବ୍ୟାଙ୍କର ନାମ କ'ଣ ?

(h) କେଉଁ ବ୍ୟାଙ୍କ ଋଣ ନିୟନ୍ତ୍ରଣ କରେ ?

(i) ତରଳତା କହିଲେ କ'ଣ ବୁଝ ?

(j) କେଉଁ ଜମାକୁ ବ୍ୟାଙ୍କର ଯେ କୌଣସି କାର୍ଯ୍ୟ ଦିବସରେ ଉଠାଯାଇପାରିବ ?

(k) ମିଆଦି ଜମା କ'ଣ ?

(l) ଚଳନ୍ତି ଜମା କ'ଣ ?

(m) ଆମ ଦେଶରେ ଦୁଇ ଟଙ୍କିଆ କାଗଜ ମୁଦ୍ରା କାହାଦ୍ୱାରା ପ୍ରଚଳନ ହୁଏ ?

(n) ବାଣିଜ୍ୟିକ ବ୍ୟାଙ୍କର ଯେକୌଣସି ଦୁଇଟି କାର୍ଯ୍ୟ ଉଲ୍ଲେଖ କର।

(o) ରାଷ୍ଟ୍ରବିତ୍ତ କ'ଣ ?

(p) ବଳକା ବଜେଟ୍ କ'ଣ ?

(q) ସମତୁଲ ବଜେଟ୍ କହିଲେ କ'ଣ ବୁଝ ?

(r) ନିଅଣ୍ଟିଆ ବଜେଟ୍ କ'ଣ ?

(s) ଫିସ୍ କ'ଣ ?

(t) କର କ'ଣ ?

(u) କେଉଁ ଶ୍ରେଣୀର ବଜେଟ୍ ବଦଖର୍ଚ୍ଚକୁ ରୋକିଥାଏ ?

(v) ଅଣଯୋଜନା ବ୍ୟୟର ଏକ ଉଦାହରଣ ଦିଅ ।

(x) ରାଜସ୍ୱ ବ୍ୟୟ କ'ଣ ?

(y) ପୁଞ୍ଜି ବ୍ୟୟ କ'ଣ ?

(z) ଅଣଉନ୍ନୟନ ବ୍ୟୟ କ'ଣ ?

II. ନିମ୍ନଲିଖିତ ଉକ୍ତିଗୁଡ଼ିକର ସଠିକତା ପରୀକ୍ଷା କର । ଆବଶ୍ୟକସ୍ଥଳେ ରେଖାଙ୍କିତ ଅଂଶର ପରିବର୍ତ୍ତନ ନ କରି, ସେଗୁଡ଼ିକର ସଂଶୋଧନ କର ? (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ଏକ ନମ୍ବର)

(a) ବାଣିଜ୍ୟିକ ବ୍ୟାଙ୍କର ନୋଟ ପ୍ରଚଳନର ଏକାଧିକାର ଥାଏ ।

(b) ଗୋଟିଏ ଦେଶରେ କେନ୍ଦ୍ରୀୟ ବ୍ୟାଙ୍କ ସର୍ବସାଧାରଣଙ୍କୁ ଋଣ ପ୍ରଦାନ କରେ ।

(c) ଗୋଟିଏ ଦେଶରେ ଅନେକଗୁଡ଼ିଏ ବାଣିଜ୍ୟିକ ବ୍ୟାଙ୍କ ଥାଏ ।

(d) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ହେଉଛି ବ୍ୟାଙ୍କମାନଙ୍କର ବ୍ୟାଙ୍କ ।

(e) ବାଣିଜ୍ୟିକ ବ୍ୟାଙ୍କ ଋଣ ନିୟନ୍ତ୍ରଣ କରେ ।

(f) ଚଳନ୍ତି ଜମାରୁ ସମୟ ପୂରଣ ପୂର୍ବରୁ ଉଠାଣ କରିହୁଏ ନାହିଁ ।

(g) ମନ୍ତ୍ରୀଙ୍କର କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାଜସଜ୍ଜା ପାଇଁ ହୋଇଥିବା ବ୍ୟୟ ଅଣଯୋଜନା ବ୍ୟୟ ।

(h) ବିଶେଷ ସୁବିଧାର ଲବ୍ଧାନୁପାତରେ ଆରୋପିତ ବାଧ୍ୟତାମୂଳକ ଦେୟକୁ କର କୁହାଯାଏ ।

(i) ନୂଆ ରାସ୍ତା ତିଆରି କରିବା ପାଇଁ ହେଉଥିବା ଖର୍ଚ୍ଚ ଅଣଯୋଜନା ଖର୍ଚ୍ଚର ଏକ ଉଦାହରଣ ।

(j) ବଳକା ବଜେଟ୍ ମୁଦ୍ରାସ୍ଫୀତି ଘଟାଏ ।

(k) ଯୁଦ୍ଧ ବାବଦ ଖର୍ଚ୍ଚ ଉନ୍ନୟନ ବ୍ୟୟର ଏକ ଉଦାହରଣ ।

(l) ଦର ଏକ ପ୍ରଶାସନିକ ରାଜସ୍ୱ ।

(m) କର ଏକ ବାଧ୍ୟତାମୂଳକ ଦେୟ ।

(n) ଜିକଟ ମୁଦ୍ରା ବିନିମୟର ମାଧ୍ୟମରୂପେ କାର୍ଯ୍ୟକରେ ।

(o) ସୁଧ ପ୍ରଦାନ ଯୋଜନା ବ୍ୟୟରେ ଅନ୍ତର୍ଭୁକ୍ତ ।

(p) ଯେଉଁ ବଜେଟ୍‌ରେ ଆକାଂକ୍ଷିତ ଆୟ ପ୍ରସ୍ତାବିତ ବ୍ୟୟଠାରୁ ଅଧିକ ହୋଇଥାଏ ତାହାକୁ ନିଅଣ୍ଟିଆ ବଜେଟ୍ କୁହାଯାଏ ।

(q) ନିଅଣ୍ଟିଆ ବଜେଟ୍ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିଥାଏ ।

(r) ରେଜଷ୍ଟିକେଟ୍ ପାଇଁ ପ୍ରଦତ୍ତ ପାଉଣାକୁ କର କୁହାଯାଏ ।

(s) ସରକାରୀ କର୍ମଚାରୀମାନଙ୍କୁ ଅବସର ପରେ ଦିଆଯାଉଥିବା ପେନସନ୍ ଉନ୍ନୟନ ବ୍ୟୟରେ ଅନ୍ତର୍ଭୁକ୍ତ ହୋଇଥାଏ ।

## 'ଖ'- ବିଭାଗ (କ୍ଷୁଦ୍ର ଉତ୍ତର ସାପେକ୍ଷ ପ୍ରଶ୍ନ)

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ଦୁଇ ନମ୍ବର)

**3. ପ୍ରତ୍ୟେକ କ୍ଷେତ୍ରରେ ଦୁଇଟିରୁ ତିନିଟି ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।**

(a) ମୁଦ୍ରା କିପରି ସ୍ଥଗିତ ପ୍ରାପ୍ୟର ଏକ ସାଧାରଣ ମାନ ଭାବରେ କାର୍ଯ୍ୟ କରେ ?

(b) ଅଧିକ ଉଠାଣ କ'ଣ ?

(c) ବାଣିଜ୍ୟିକ ବ୍ୟାଙ୍କର ପ୍ରତିନିଧିମୂଳକ କାର୍ଯ୍ୟଗୁଡ଼ିକ କ'ଣ ?

(d) ରାଜସ୍ୱ ବ୍ୟୟ କାହାକୁ କୁହାଯାଏ ?

(e) ଜିକଟ ମୁଦ୍ରା କ'ଣ ?

(f) ଉନ୍ନୟନ ବ୍ୟୟ କ'ଣ ?

(g) ଫିସ୍ କ'ଣ ?

(h) ବିଶେଷ ନିର୍ଦ୍ଧାରଣ କ'ଣ ?

(i) ନିଅଣ୍ଟିଆ ବଜେଟ୍ କିପରି ଅବସ୍ଫୀତି ନିୟନ୍ତ୍ରଣ କରେ ?

(j) ବଳକା ବଜେଟ୍ କିପରି ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ?

(k) ରାଷ୍ଟ୍ରୀୟ ବିତ୍ତ କାହାକୁ କହନ୍ତି ?

(k) ବାଣିଜ୍ୟିକ ବ୍ୟାଙ୍କର ସାଧାରଣ ଉପଯୋଗିତାମୂଳକ କାର୍ଯ୍ୟଗୁଡ଼ିକ କ'ଣ ?

4. ସଂକ୍ଷିପ୍ତ ଟିପ୍ପଣୀ ଲେଖ: ପ୍ରତ୍ୟେକକୁ ଦୁଇଟି ବା ତିନିଟି ବାକ୍ୟରେ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 2 ନମ୍ବର)

(a) ନିକଟ ମୁଦ୍ରା

(b) ସ୍ଥାୟୀ ଜମା

(c) କର

(d) ବିଶେଷ ନିର୍ଦ୍ଧାରଣ

(e) ଫିସ୍

(f) ସମତୁଲ ବଜେଟ୍

(g) ଉନ୍ନୟନ ବ୍ୟୟ

(h) ରାଜସ୍ୱ ବ୍ୟୟ

(i) ପୁଞ୍ଜି ବ୍ୟୟ

(j) ଅଣଯୋଜନା ବ୍ୟୟ

(k) ନିଅଣ୍ଟିଆ ବଜେଟ୍

(l) ଅଣଉନ୍ନୟନ ବ୍ୟୟ

(m) କେନ୍ଦ୍ରୀୟ ବ୍ୟାଙ୍କର ନୋଟ ପ୍ରଚଳନ କାର୍ଯ୍ୟ।

(n) ଯୋଜନା ବ୍ୟୟ

5. ପାର୍ଥକ୍ୟ ଦର୍ଶାଅ। ପ୍ରତ୍ୟେକ କ୍ଷେତ୍ରରେ ତୁମର ଉତ୍ତର ଛଅଟି ବାକ୍ୟରେ ସୀମିତ ରହିବା ଆବଶ୍ୟକ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 3 ନମ୍ବର)

(a) ମୁଦ୍ରା ଓ ନିକଟ ମୁଦ୍ରା

(b) ଯୋଜନା ବ୍ୟୟ ଓ ଅଣଯୋଜନା ବ୍ୟୟ

(c) ରାଜସ୍ୱ ବ୍ୟୟ ଓ ପୁଞ୍ଜି ବ୍ୟୟ

(d) ଉନ୍ନୟନ ବ୍ୟୟ ଓ ଅଣଉନ୍ନୟନ ବ୍ୟୟ (ଣ)

(e) ସମତୁଲ ବଜେଟ୍ ଓ ନିଅଣ୍ଟିଆ ବଜେଟ୍

(f) ିଅଣ୍ଟିଆ ବଜେଟ୍ ଓ ବଳକା ବଜେଟ୍

(g) କର ଓ ଫିସ୍

(h) ଚଳନ୍ତି ଜମା ଓ ମିଆଦି ଜମା

(i) କେନ୍ଦ୍ରୀୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କ

(j) ଦର ଓ କର

(k) କର ଓ ବିଶେଷ ନିର୍ଦ୍ଧାରଣ

(l) ସମତୁଲ ବଜେଟ୍ ଓ ଅସମତୁଲ ବଜେଟ୍

## 'ଗ' ବିଭାଗ (ଦୀର୍ଘ ଉତ୍ତର ସାପେକ୍ଷ ପ୍ରଶ୍ନ)

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 7½ ନମ୍ବର)

6. ମୁଦ୍ରାର କାର୍ଯ୍ୟାବଳୀ ବର୍ଣ୍ଣନା କର।

7. ଗୋଟିଏ ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟାବଳୀ ବର୍ଣ୍ଣନା କର।

8. କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟାବଳୀ ବର୍ଣ୍ଣନା କର।

9. ନିଅଣ୍ଟିଆ ବଜେଟ୍ କହିଲେ କ'ଣ ବୁଝ ? ଏହାର ସୁବିଧା ଓ ଅସୁବିଧା ଗୁଡ଼ିକ ବୁଝାଇ ଲେଖ।

10. ସରକାରୀ ରାଜସ୍ୱର ବିଭିନ୍ନ ଉତ୍ସ ସମ୍ବନ୍ଧରେ ଆଲୋଚନା କର।

❑❑❑